


ଂଖ୍ୟାରେ ପାଇବେ

ଥାରେ— ମିଠାନାଭ

ର୍ଦ୍ଦିଙ୍କ ଶାସନ ଖସଡ଼ା

ନବି ଭାରେ— ନେତା

ଓ

ଅନ୍ୟାନ୍ୟ ।

ମ ବର୍ଷ ଜ୍ୟେଷ୍ଠ ପ୍ରଥମାର୍ଦ୍ଧ
୧ମ ସଂଖ୍ୟା

## ଜିନାଙ୍କ ପାକିସ୍ଥାନ ।



ଜିନ୍ନା— ଢୋବା ! ଢୋବା । ସବ୍ ଢ୍ୟା ହୋଗୟା ।

odia.org
Digitized by srujanika@gmail.com

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ [illegible] ରୋ-
ନାଶୀ ରୋଗ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରୋଗ୍ଲା ବ୍ୟବହାର କଲେ ଯେ କୌଣସି
ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ବୃକ୍କ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ଯା-
ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଅଧୁନିକ ଜଗତରେ "ପାଇରୋଗ୍ଲା" ( ରେଜି-
ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୧।୵ ( ପ୍ରତି ଶିଶି )

**'ଅନନ୍ତରସ'—ସାଲସା** ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।
ହେଡ୍‌ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍, କଲିକତା ।

ପ୍ରାପ୍ତିସ୍ଥାନ:—ମନମୋହନ ବୁକ୍‌ସପ୍
ନଂ ୧୩୭।୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।

---

# ବ୍ୟାଙ୍କ ଅଫ୍ କାଲ୍‌କାଟା ଲିମିଟେଡ୍

ଭାରତର ଏକ କ୍ରମ-ବର୍ଦ୍ଧିଷ୍ଣୁ ଜାତୀୟ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ
ସରକାରଙ୍କ ଦ୍ୱାରା ସିଡ୍ୟୁଲ୍‌ଡ୍ ବ୍ୟାଙ୍କ ରୂପେ ପରିଗଣିତ

କାର୍ଯ୍ୟକାରୀ ପୁଞ୍ଜି—ପ୍ରାୟ ଦେଢ଼କୋଟି ଟଙ୍କା  ଅଦାୟୀକୃତ ଓ ମହଜୁଦ୍ ତହବିଲ—ପ୍ରାୟ ଆଠଲକ୍ଷ
ଭାରତର ମୁଖ୍ୟ ସ୍ଥାନ ଏବଂ ଓଡ଼ିଶାର ବଣିଜ୍ୟ ସହର କଟକ ପୁରୀ, ବ୍ରହ୍ମପୁର ବାଲେଶ୍ୱର, ପ୍ରଭୃତିରେ ଶାଖା-
ମାନ ରହିଛି ।

ହେଡ୍ ଅଫିସ—୮ ନମ୍ବର ମେଙ୍ଗୋଲେନ୍ କଲିକତା ।

---

# ଘୋଷ ନନ୍ଦୀ ଏଣ୍ଡ କୋ:

କଣ୍ଟ୍ରାକ୍ଟର, କଲକୋଠିର ଅଟ୍ଟାଳିକା ନିର୍ମାତା, କାଠଚିରା କାରଖାନା,
ନାନାବିଧ କାଠ ବ୍ୟବସାୟୀ ଓ ସମସ୍ତ ପ୍ରକାର ଅଙ୍ଗ ସରବରାହକାରୀ ତଥା
ବାସ୍ ଓ ଟ୍ରକ୍‌ର ସଜାମିସ୍ତ୍ରୀ
ବାଲେଶ୍ୱର ।


---


Printed & published by G. C. Mahapatra at the Gopinath Press, Bhadrak. 1945.

ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**; ସହକାରୀ ସମ୍ପାଦକ;—**ଶ୍ରୀ ଗୁଣମୋହନ ଦା**

ବାର୍ଷିକ ତିନିଟଙ୍କା ଆଠଅଣା  ରାଜସଂସ୍କରଣ ବାର୍ଷିକ ପାଞ୍ଚ ଟ


Digitized by srujanika@gmail.com




# ବିଲୁଆ ବିଚାର

...ମ ବର୍ଷ — ପ୍ରଥମ ସଂଖ୍ୟା ଜ୍ୟୈଷ୍ଠ ପ୍ରଥମାଙ୍କ

...ଉରୋପରେ ଯୁଦ୍ଧ ଅବସାନ ହେଲା । ମଟେ ସିପାହୀ ହେଲି ...ବାରଙ୍କ ନାମ । କିନ୍ତୁ ଆମ ହୁଅଲଦାରମାନେ ବି କମ ନୁହନ୍ତି । ...ଇ ବି ଲଢ଼ାଇରେ ଅରମାନ ନମର ଖୁକୁରୁଜଗଡ଼ । ସେଠାରୁ ଯୁଦ୍ଧ ...ଲି ଦେଇ ହଜାର ଟେଟେଗର ଉଠିଛନ୍ତି । ଫଳରେ ଶୃଗାଳ ...ପାଲ । ଗୁଳ ଗୁଳା ହଜାଏ ଦିଶା ପଡ଼ି ଯାଉଛି—ତେଣୁ ଶାଳ ...ଭାଣ ।

...ଯହିଲେ ଭାଣ ଖଣ୍ଡେଲ ଚର୍ଚ୍ଚିଲ୍ । ରାଣୀ ବରୁଡ଼ ତ ଅସ୍ୱସ୍ତାକୁ ...ର । ସେ ଅଛ ବାଡ୍ରାଙ୍କ ବହୁତେ । ଉଣ୍ଟା ବାଡ଼ରେ ଲଗା ପଡ଼ାଇ ... ଅଗ୍ରମ୍ଭ ହେଲେ ଉଟଲେରଙ୍କ ସାଙ୍ଗରେ । ହଟଲେରଙ୍କ ନସେରୁ-...ଡା । ସେ ବି ଖୋଲା ବଂଶାଳ ଟେକଲେ । କିନ୍ତୁ ଶାଳ ଉତ୍ପରରେ ...ନା କେଇ କରି ଦେଖାଇଲେ ନାହିଁ । ଅବେଳରେ ଶାନ୍ତି ଗାନ୍ଧୀ ...ଥା କହି ଚର୍ଚ୍ଚିଲଙ୍କୁ ଭୁଲ କରି ଦେଲେ । ଟେଷ୍ଟ ଟେଲରଙ୍କ ସାଙ୍ଗରେ ...ହିଁ ଚଢ଼ିବାର ନୂଆ ଢୋଲ ଚର୍ଚ୍ଚିଲ୍ ସେଠି ଭୁଲ ପଡ଼ ଗହଳେ ଏବ ...ଲଅ ଭାଣ । କହିଲେ ହିଟଲରର ମଲ କିନ୍ତୁ ଅମେ ଯଦ ତାର ନାଙ୍କର ଗୁଲି କରିବେ ହିଟଲର ମରି ନାହିଁ । ଏ ଭାଣ୍ଟା କିନ୍ତୁ ଗୁପଛ-ଡେଗ ବାଣ । ଜପଡ଼ଲୁ ଦେଖିବାକୁ ଲକ୍ଷ ନାହିଁ । କିନ୍ତୁ ଅଲଲିଭରେ ସେ ତାର ଟିକଣା ଯ ଗାରେ ବସିଗଲା । ଠାକୁର ଘରର ପଣି କଦଳୀ ନ ଖାଇଲା ତାଙ୍କୁ ଣ ଚେହି ତେଣୁ ଷ୍ଟାଲିନ ଭାଗ୍ୟା ଗଞ୍ଜି ଉଠିଲେ—ଧରିଥି ଏ ସବୁ ସହ୍ୟ କରି ପାରିବ ନାହିଁ । ପୋଲାଣ୍ଡର ସବୁ ଅମ ବନ୍ଧୁଙ୍କର ଠିଅ କରାଇ ଫିକର କରନ୍ତି । ସେ ଧମକରେ ଚର୍ଚ୍ଚିଲ ତରବରର ଲଗାଇଲ ...କି ପଟାଇ ଦେଇଲ ।

କେଶ ବସନ ଅସମ୍ଭାଳ,
ଦଶା ଷ୍ଟାଲିନ ହେଲା କାଳ ।

× + + ×

ସାମ୍ୟବାଦୀ ରୁଷର ସୌନ୍ୟ ସାମ୍ୟ ସମ୍ରାଟ ଷ୍ଟାଲିନ ଭାଇ ଏଥର ତାଙ୍କ ସାମ୍ୟନୀତି କ ଢେଙ୍ଗୁର ବାଡ଼େଇ ଘୋଷଣା କରିଦେଲେ । ଜଣା ଯିମିତ୍ତ ପଡ଼ୁଛି ତାଙ୍କ କହିବାଟା ତାଙ୍କ ଦେଶି ନ ପାରିବା ଲୋକଙ୍କୁ ବାଉଳ କରିଥିବ । ସାମ୍ୟବାଦ ପଣରେ ସେ ତାଙ୍କ ବନ୍ଧୁ ଚର୍ଚ୍ଚିଲଙ୍କ ପଛକୁ ପକାଇଥିବେ କମିଶି ! ତାଙ୍କ ସାଙ୍ଗରେ ପଟ ନ ପକାଇଲେ ଟେକେ ବସିବେ । ପୋଲାଣ୍ଡ ସରକାର ଗଠଣ ନେଇ ସେ କହିଲେ—କେଶ୍ ଭଲ କଥା—ସେଠି ସ୍ୱାଧୀନ ସରକାର ହେବ କିନ୍ତୁ ସେ ଅଗ ଅମ ସାଙ୍ଗରେ ବନ୍ଧୁତା ରଖିବ ବୋଲି ଟପସର ନ କଲେ ଅମେ ତାକୁ ମାନିବୁ ନାହିଁ । ଅମ ସାମ୍ୟବାଦ ଶୋଷରେ ଏଇ ପାଠ ଢୋଉରିବାର ରହିଛି । କାଲ ମାର୍କ୍ସଙ୍କ ଗାଡ଼ି କାଟେ ଲେନିନ ଟୀକା କରି ଯାଇଛନ୍ତି । ତାଛଡ଼ା ଯେଉଁ ପୋଲାଣ୍ଡ ନେତା-ମାନଙ୍କୁ ଗିରଫ କରିଛୁ ସେମିତି ଗିରଫ ତ ଚର୍ଚ୍ଚିଲ ନେହେରୁ ଭାରତରେ କରନ୍ତି । ସେଥିରେ ଅନ୍ୟାୟ କ'ଣ ! ଗାନ୍ଧି ନେହେରୁଙ୍କୁ ବନ୍ଦୀ କଲ ବେଳେ ମୂର୍ଖ ଚ୍ୟାଙ୍ଗ କାଇସେକଟା ସିନା ଗଞ୍ଜି ଭଞ୍ଜି ଗର୍ଜ୍ଜି ଫଟେଇଲା କିନ୍ତୁ ଅମେ କ'ଣ କିଛି କହିଥିଲୁ ! ତେବେ କାଲି ତ କଣ ଭୁଲିଗଲ କି ? ସତେ କଥା ଅଜ ନିଜ ସରମ କଣ । ଏଥର ଶତ ଭଲ କରି ମାଜ, ମୁହଁ ଭଲ କରି ମାଜ୍, ସାଇ ତ ଜାଣିଲେ, ପଞ୍ଜା ଜାଣିଲେ ଅଜ କାହିଁ ପାଇଁ ଲାଜ୍ ! ... ... ...

ଅମ ନେତା ଯୁକ୍ତ ହଟଲେରଷ୍ଟ ମହାତ୍ମା ଷ୍ଟାଲିନଙ୍କ ଏଇ ଦେଶଗ୍ରାସ ନୀତିକୁ ଏକ ପ୍ରକାର ସ୍ୱୀକାର କରି ସେଦିନ କହିଛନ୍ତି ରୁଷିଅ ଯେଉଁ ରାଜ୍ୟ ଦଖଲ କରିଛନ୍ତି ସେଟା ଅତ୍ମରକ୍ଷା କରିବା ଜର୍ମାନ ରାଜ୍ୟ ଦଖଲ ସାଙ୍ଗରେ ସମାନ ନୁହେଁ । ଜଣମିଶ ନାମ ଦେଇ ଜଣମିଶ ଅମଲେଟ, ଜଣମିଶ କାଗ୍ରା କାଲିଅ, ଉଡ଼ାଉ ଅଧ ଖିଅ ଯାଇ-ପାରେ । ବକ୍ତାମାନେ ଏଣିକ ଜଣମିଶ ଅଣ୍ଡା ଦେବେ, ଟେକ ଗୃହରେ ଅଦ ପଣ୍ଡୁ ଜଣମିଶ ଗାଦ୍ୟ ଖାଇ ଜଣମିଶ ମାଂସ ଭକ୍ଷି କରିବେ ?

କିନ୍ତୁ ମହାତ୍ମା ଯେତେ କହନ୍ତୁ ଓଡ଼ିଶା ସାମ୍ୟବାଦୀମାନଙ୍କ ଉଜେଇବା ପାଇଁ ଖାଲି କଥା ଯଥେଷ୍ଟ ନୁହେଁ । ମାସିକ ଭତ୍ତା ବନ୍ଦୋବସ୍ତ କରି ପାରିବେ । + + + +

ଶ୍ରୀ ମହତାବ ଅତି ଅଳ୍ପ ସମୟ ମଧ୍ୟରେ ଗୁନ୍ଦବାଙ୍କର ଐତି-ହାସିକ ଦୁର୍ଗ ଭିତରୁ ଅସି ସମ୍ବଲପୁର ଜେଲ ଗୁମ୍ଫା, ସମ୍ବଲପୁର ଜେଲରୁ ଅସି ସେଠାରୁ ଉପକୂଳ ଅଞ୍ଚଳରେ ପହଞ୍ଚି ଯିବାରୁ ତାଙ୍କ କଥାରେ ହଜାଏ ଗୋଳମାଳ ଧରିଲା ପରି ଲାଗୁଛି । କମ୍ୟୁନିଷ୍ଟ ମାନଙ୍କୁ ସେ କହିଲେ ଯେ ମୁସଲିମ୍ ଲିଗ୍ ପ୍ରତିକ୍ରିୟାଶୀଳ ଅନୁଷ୍ଠାନ କଂଗ୍ରେସ ଜାତୀୟ ଅନୁଷ୍ଠାନ । ଦୁହିଙ୍କ ମଧ୍ୟରେ ମିଳନ ଅସମ୍ଭବ । କିନ୍ତୁ କମ୍ୟୁନିଷ୍ଟ ଓ କଂଗ୍ରେସ ଭିତରେ ମିଳନ ସମ୍ଭବ । ତାହାର ଅର୍ଥ କମ୍ୟୁନିଷ୍ଟ ଦଳ ପ୍ରତିକ୍ରିୟାଶୀଳ ନୁହନ୍ତି । ଅଥଚ ମହତାବେ ନିଜେ ତାଙ୍କୁ କଂଗ୍ରେସରୁ ଅଲଗା ରହି ନିଜ ଗୋଡ଼ରେ ଠିଆ ହେବାକୁ ଉପ-ଦେଶ ଦେଇଛନ୍ତି । କିଏ ମାନିଛନ୍ତି ଯେ କମ୍ୟୁନିଷ୍ଟ ...

## ଶୋକସ୍ଥାପ୍ୟା

ଉତ୍କଳ ସାହିତ୍ୟାକାଶର ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ୰ ଗୋପାଳଚନ୍ଦ୍ର ପ୍ରହରାଜ ଅଜ ବ୍ରହ୍ମଧାମରେ ନାହାନ୍ତି ।

Digitized by srujanika@gmail.com

ପ୍ରସ୍ତାବରେ ସମର୍ଥନ କରନ୍ତି । ସାମ୍ରାଜ୍ୟବାଦ ଯୁଦ୍ଧକୁ ଜନଯୁଦ୍ଧ ବୋଲି ଘୋଷଣା କରନ୍ତି ଓ ଜାତୀୟ ଆନ୍ଦୋଳନକୁ ଦବାଇବା ପାଇଁ ଅନେକ ଘୃଣ୍ୟ ଅଦ୍ଭୁତ ନାମ କରନ୍ତି । କଂଗ୍ରେସର ଜାତୀୟ ବାଦ ଭାବ ହିନ୍ଦୁ ମୁସଲମାନ ଏକତା କଥା ଛାଡ଼ି ମାଉଣ୍ଟବାଟନ ମନ୍ତ୍ର ପ୍ରଗତିଶୀଳ ମୁସଲିମ୍ କଂଗ୍ରେସ ଏକ ସ୍ୱତନ୍ତ୍ର ଭାବ ଛାଡ଼ି କଂଗ୍ରେସକୁ ଭଙ୍ଗିବା ପାଇଁ ଚେଷ୍ଟା କରନ୍ତି । କଂଗ୍ରେସ ଭିତରେ ପଶି କଂଗ୍ରେସକୁ ଭାଗ ଭାଗ କରି ଦୁର୍ବଳ କରିବାକୁ ଚେଷ୍ଟା କରନ୍ତି । ଏତେ କଥା ସତ୍ତ୍ୱେ ମହତାବ ଏ ଦଳକୁ ମୋଟେ ବନ୍ଦ ବୋଲି କହିଲେ କେମିତି ? ତ୍ରି ଓଡ଼ିଶାର ମନବୋଧ ପଣ୍ଡାଙ୍କର ଯେତେ ଦଳ ଅଛି ସେମାନଙ୍କ ଅଗରେ ଏମିତି ଦମ୍ଭୋକ୍ତି ମାରୁଥିବା କଥା କହିବାଟା ମୂର୍ଖାମିପଣ ବୋଲି ଯଦି ଶୁଣୁଥିବେ ତେବେ ଅମେ କୌଣସି ସଭାରେ କିଛି ଆପତ୍ତି କରିବାର ନାହିଁ । ବିଶ୍ୱାସ ନୈବ କର୍ତ୍ତବ୍ୟଂ ଇଂରେଜଷ୍ଟ କମ୍ୟୁନିଷ୍ଟକଲେଷ୍ଟୁଚ ।

\+ × + +

ମାଷ୍ଟ ବ୍ରହ୍ମପୁରଠାରୁ ଅହିବା ବେଳକୁ ମହତାବ ବ୍ରହ୍ମଜ୍ଞାନ ପାଇ ଯାଇଥିଲେ । ରାମା ଯେତେ ବୁଝେଇଲେ ମହତାବ ଆଉ ସେ ଓଲଟା ପାଠ ନ ପଢ଼ନ୍ତି । କମ୍ୟୁନିଷ୍ଟବାଲା କହିଲେ—କଂଗ୍ରେସ ତ ଜନଯୁଦ୍ଧ କରୁଛି—ଆମେ କାହିଁ କଣ ହେଲୁ ? ଠିକ୍ କଥା । କଂଗ୍ରେସ ତ ପ୍ରକୃତ ଜନଯୁଦ୍ଧ ସବୁଦିନେ କରି ଆସିଛି । କିନ୍ତୁ ଭାରତର ଉଦାହରଣ ବେବୋଧଙ୍କ ପରି ଯୋଗଯୁକ୍ତ କରିନାହିଁ କେବେ । ମହତାବ ସେ ଧରଣର ଯୁଦ୍ଧରେ ଉତ୍ସାହୀ ନୁହନ୍ତି । ତିଲ ତିଲ ଦେଖି ଅଟେଳର ଜେବା ସୁବିଧା ହେଇପାରେ—କିନ୍ତୁ ଏ ବୁଢ଼ା ଶୁଆକୁ ପାଠ ପଢ଼ାଇବା ମୁସ୍କିଲ ।

ମହତାବଙ୍କ ସମ୍ବନ୍ଧରେ ଆମର କିନ୍ତୁ ଗୋଟିଏ ଆପତ୍ତି । ସେ ବଡ଼ ହନକ୍ୱାରମ ଲଣା ପଡ଼ୁଛନ୍ତି । କମ୍ୟୁନିଷ୍ଟମାନେ 'ନେତା ଛାଡ଼' ଘଣ୍ଟ ବଜେଇ ହିଜା ସେ ଫଲ୍ସ ହେଲେ । ନହେଲେ ଜେଲରେ ପଡ଼ି ସଢ଼ୁ ଥାଆନ୍ତେ । ଏ ଇଣର ଗୁଣ ନଗାଇ ଓଲଟ କହୁଛନ୍ତି ଏଗୁଡ଼ାକ ଶସ୍ତା କଥା—ଜନତାକୁ ଭୁଲେଇବା ପାଇଁ । ଛି ଛି ସତ ହେଲେ ବି ଏମିତି ସଫା ସଫା କହିବା ମହତାବଙ୍କର ଉଚିତ ହେଇନାହିଁ । ସେ କଥା ମାଉଣ୍ଟ୍‌ବେଲ ଯୋଗୀଙ୍କ ଛଡ଼ା ଆଉ କେହି ଜାଣନ୍ତି ନାହିଁ । ମହତାବ ଏମନ୍ତ ଭେଦ କରିବା ଗ୍ରନ୍ଥ ଗରପ । + + ×

ସିଂହଳରେ ବୁଦ୍ଧଙ୍କ ଅସ୍ଥିବାର ହେବା ଦନ୍ତ ରାଜ୍ୟକୁ ଯେତେ ଯେତେ ବିପତ୍ତି ପଡ଼ିଲ ତା' ଭିତରୁ ଶତକଡ଼ା ନଉ ଭାଗ ପଡ଼ିଛି ଜିନାଙ୍କ ଉପରେ । ପାକିସ୍ଥାନ ତାସ ଘର ଗୋଟି ଭେଟ ଭୁଷ୍ଟୁଡ଼ି ପଡ଼ିଲା । ବଙ୍ଗଳା ଗଲା, ଆସାମ ଗଲା, ସୀମାନ୍ତ ଗଲା, ପଞ୍ଜାବ ଗଲା, ସିନ୍ଧ ଯାଏ କି ନଯାଏ । ତାଛଡ଼ା ମେ ମିନ୍ ସିଦ୍ଧା କି ଅଲଗା ହେଇ-ଗଲେ । ଜିନାଙ୍କର ଆଶା ଥିଲା ଯେ ଭାରତର ପାକିସ୍ଥାନ ଗଣ୍ଡେ କାଟି କଟକ ପ୍ରାନ୍ତର ମୁସଲମାନ ରାଜ୍ୟ ସଙ୍ଗରେ ମିଶାଇ ଦେବେ । କିନ୍ତୁ ଏଥର ସିରଥର ପ୍ରଧାନ ମନ୍ତ୍ରୀ ଓ ଇଉଳର ପ୍ରତିନିଧିମାନେ ଯାହା କହନ୍ତି ତା ଶୁଣି ଜିନା ସାହେବ ଖିରଣି ମନାଇ ବସିଛନ୍ତି । ହିନ୍ଦୁଆ ମନ୍ତ୍ରୀ କହିଲେ ମୁସଲମାନ ପକ୍ଷପାତୀ ଭାବ ଅସମ୍ଭବରେ କହୁ ଦିନରୁ ମଲାଣି—ଅଭଦ ପକ୍ଷପାତୀ ଭାବ ରହିଛି । ଭାରତୀୟ ଜାତୀୟ ନେତାମାନେ ଠିକ ବାଟରେ ଚାଲିଛନ୍ତି । ଇଉଳର ନେତାମାନେ

ମଧ୍ୟ କହିଲେ [illegible] ଏକତାହିଁ ସବୁଠୁଁ ଦରକାର । ବାଟେ ଭାଙ୍ଗିବା [illegible] ପଠକ କଏ ଭାଙ୍ଗିବ ? ଏଥର ଜିନା ସାହେବ [illegible] ଖୋଜା ପଦ ଛାଡ଼ ମୋଟା ମୋଟା ଧରୁଥିବେ । ଏଣେ ଆମେରିକା ଶୋଷଣ କରୁଥିବେ ନିଜ ରକ୍ଷଣେ ମୂଳ, ସେ ଦାୟ୍ତ ପାଉନ୍ତୁ କଣିକ । +

ଚର୍ଚ୍ଚିଲ ସାହେବ ଗାଦି ଛାଡ଼ି ପୁଣି ଗାଦି ମାଡ଼ ବସିବାକୁ ଦା ପାଇଁ । ମହିଳା ଆଇଁ ଯୁଦ୍ଧ ଜୟ ଯୋଗ ଶ୍ରମିକ ନେତାମା ସାଧ୍ୟ କରି ପାରିବେ ବୋଲି ଭାବୁଥିବେ ତାଙ୍କର ବାସ କରୁ ଛାଡ଼ ଦେ ନେ । ଆଉ ଏକ ନିର୍ବାଚନ ଜଣାଯାଉନାହିଁ । ଯେତେ ବାତ୍ୟା ଭାଗ୍ୟ ବାରି ଡାଳର ଦାନ୍ଥା ଭାଗ୍ୟରେ କଅଁ ଗଣରା ଦେବ ତା' ମା 'ଟେମ କାଳୀ ଜାଣନ୍ତି । ବାବେବ ଚର୍ଚ୍ଚିଲ ସାହେବଙ୍କଠୁଁ ବେଭିନ ସାହେ ଠିକଣି ମନାସନ୍ଥା ନେଉଛି । ସ୍ୱଏତ ଶ୍ରମିକଦଳ ଜିଣିବେ । ଚର୍ଚ୍ଚିଲ ଗୁଳକ ନେଇ । ଜର୍ମାନକୁ ଜୟ କରିବା ପରେ ପରେ ମାରିବାର ମୁହଁଆଁ ଏକ ମୁଗମୁର ବାମରେ ଲଗାଇ ଦେଇଛି ଶୁଭସ୍ୟ ଶୀଘ୍ରଂ ନାଗଟେ । ତେଣୁ ତାଙ୍କ ଆଶାଟା ବେଶୀ କ ଦେଉଛି । ମହିଳା ଜିତାଇ ମନ୍ତ୍ରୀ ଦଳ ଦଳିଆ ନୁହନ୍ତି କି ଦଳ ଦିଅନ୍ତି ବଳବଳିଆ । କିନ୍ତୁ ଭାରତକୁ ସ୍ୱାଧୀନତା ଦେବା କଥାରେ ସମସ୍ତେ ମୁକ୍ତକଣ୍ଠ—ସମସ୍ତେ ବାଟ ପଣକୁ ବୁଢ଼—ନବା ଦବାକୁ ବାଡ଼ାଏ ନାହିଁ କହିବାକୁ ମଜବୁତ । × + × +

ପଣ୍ଡିତେ [illegible] ମପାଇଁ ବରତ କଲେ । କବେଳ ଦେଇ ପାରୁ ନାହିଁ । [illegible] ଦେବ କାଲି ଦେବ କହେ । ପଣ୍ଡିତ ନବେଇଛ ବଳା । [illegible] ଲଟିଥାନ୍ତି । ଶେଷରେ କହିଲ କହିଲ ପଣ୍ଡିତେ ଖଣ୍ଡମାନେ କରୁଅନ୍ତି ଯେ ତମ ଗବନ ବଳ ଯାନ୍ତା ସେ ଆଉ ଘୋଡ଼ନ୍ତା ନାହିଁ । ମୋଟେ ଖଣ୍ଡେ ଶିଶୁ ପଟା ଦେଇ ପାରିବ ? [illegible] ଗଲେ ଶିଶୁପଟା ଖୋଜିବାକୁ । ଶିଶୁପଟା ମିଳୁଛି ନା [illegible] । କବେଳ ଆସି ପଣ୍ଡିତଙ୍କ ବୁଆରେ ହାଜର । [illegible] ଶିଶୁପଟା । ପଣ୍ଡିତେ ଏବେ କରନ୍ତୁ କ'ଣ । ସେ ଆଉ [illegible] ବି ମାଡ଼ାଇଲେ ନାହିଁ । କବେଳ ପଣ୍ଡିତଙ୍କୁ ଲଟିଥିଲେ, [illegible] ଲଟିଲେ । ବ୍ରିଟିଶ ସରକାରଙ୍କର ଭାରତକୁ ସ୍ୱାଧୀନତା ଦେବା କଥା ଠିକ୍ ସେମିତି ହେଉଛି । କେଉଁଠାରୁ ଯେତେ [illegible] ସ ହେବ ପୁଣି ସେଇ ପୁରୁଣା କଥା କହିଛନ୍ତି- ଅଧ [illegible] ସ୍ୱାଧୀନତା ଦେବୁ । ଜବାବ ଦେଉଛୁ ଯେତେବେଳେ [illegible] ଦେବୁଁ । ସେ ନଦେଲେ କି ଦବୁଁ । ବର୍ତ୍ତମାନର [illegible] ଶ୍ରମିକଦଳମାନେ କି ସେଇ ଟେଢ଼ା ଛାଡ଼ୁଛନ୍ତି । [illegible] ସେଇ କବେଳ ସର୍ତ୍ତ । ସ୍ୱାଧୀନତାଟା [illegible] ନ ହେଉ ଉପଯୁକ୍ତ ହେବା ପାଇଁ ଅମେ କହୁଛୁ [illegible] ମୁସଲମାନ ଏକତାଟା କର ସ୍ୱାଧୀନତାଟା ଆମଠୁଁ [illegible] ଏଣିକ ସ୍ୱାଧୀନତା ନିଅ ନିଅ ବୋଲି ଡାକ ଯେତେ [illegible]—ସ୍ୱାଧୀନତା ନିଅ ନିଅ ବୋଲି ଅକାଶ ପାଟି ପଡ଼ୁଛି । [illegible] ପଣ୍ଡିତ ଶିଶୁପଟା ଦେଲେ କି କବେଳ କହୁଛି—[illegible] ଶିଶୁ ପାଠ ନୁହେଁ—ଏ ଶିଶା ପାଠ ; ଶିଶୁ-ପାଠ ଅଣ ।

Digitized by srujanika@gmail.com

# ମିଠା ନାଡ

ଲେଖକ:—କି: ମ:

“ଜଣେ ଭାରତ-ଭ୍ରମଣକାରୀ ।”

ସମସ୍ତେ ଚାହିଁଲେ । ଯୁବତୀ ସୁନ୍ଦରୀ ଶିକ୍ଷିତା ମହିଳା ଜଣେ । ମୁଁ ଛିଡ଼ାହୋଇ କହିଲି— “କାରଣୀ ବୋଲନ୍ତୁ ।”

“ଅପମାନ ଦେବେ ନାହିଁ, ସାବଧାନ କରଦେଉଛି । ଆମେ ଝିଅ ପୁଅଙ୍କଠାରୁ କୌଣସିଗୁଣରେ ନିକୃଷ୍ଟ ନୋହୁଁ । ଗୋଟାଏ ଲିଙ୍ଗ ଭେଦ ରଖି ଆପଣମାନେ ଆମକୁ ସମାଜରେ ପଛରେ ରଖିବାର ଚିନ୍ତା କରନ୍ତୁ ।”

ସମସ୍ତେ ଚକିତ ହୋଇ ଚାହିଁ ରହିଲେ । ମୁଁ ବସିବାକୁ କହିଲି । ସେ ବସିଲେ ନାହିଁ । କହିଲେ— “ଆମର ଯେଉଁ ଦଳ ଅଛି ସେ ଦଳର ପ୍ରଥମ ନିୟମ ହେଉଛି ଜଣେ ଠିଆ ହେଲେ ‘ନ ବସିବା ।’

“ତେବେ କ’ଣ ସବୁବେଳେ ଠିଆ ହୋଇଥିବେ ?” ଜଣେ ପଚାରିଲେ ।

“ଠିଆହେଉଁ ବା ଚାଲୁଁ ।”

“ଆଉ ଶୁଅନ୍ତି ବି ନାହିଁ ?”

“ହଁ ଦରକାର ମନେ କଲେ ଶୋଉଁ । ଶୋଇବାରେ କୌଣସି ଅସୁବିଧା ନ ଥାଏ । ଯେଉଁଠି ହେଲା ସେଇଠି ଶୋଇଲୁଁ । ବୁଲିଲୁ ପରେ ହେଉ ବା ଭୂଇଁରେ ମଶିଣା ଉପରେ ହେଉ ନଚିବାରରେ—”

“ଖାଇବାରେ ବି ସେମିତି—?” ମୁଁ ପଚାରିଲି ।

“ମାନେ ଖାଇବାରେ ଜାତିପତି ଖାଦ୍ୟ ଅଖାଦ୍ୟର ବିଚାର ରଖୁ ନାହିଁ । କିନ୍ତୁ ମୁଁହକୁ ଦେବା ଉଚିତ ।”

“ତାହେଲେ ଆମ ଘରେ ଆଜି ଖାଇବାଟା ହେଉ । ଆପଣ ଜଣେ ଭାରତ ଭ୍ରମଣକାରିଣୀ ନା ତା କାମ—ଆମର କର୍ତ୍ତବ୍ୟ ହେଉଛି—” ସେକ୍ ଅଜଗର କହିଲେ ।

ମୁଁ କହିଲି—“ଯଦି ଆପତ୍ତି ନଥାଏ—”

“କିନ୍ତୁ ଦେଖନ୍ତୁ ଆମ୍ଭମାନଙ୍କର ଖାଇବା ଶୋଇବାରେ ଗୋଟାଏ ସର୍ତ୍ତ ଅଛି । ଯାହାଘରେ ରହିବୁ ବା ଖାଇବୁଁ ତା’ ଘରେ ମାନେ ଘରଆଡ଼େ ଅବୈତନିକ ଭାବରେ ‘ମିଠା ନାଡର ନଚ୍ଛବାର’ ବ୍ୟାୟାମ ଶିଖାଇବାକୁ ପଡ଼ିବ । ଏଇଟା ତାହାର ମୂଲ୍ୟ ।”

“ସେଇଟା ପୁଣି କି ବ୍ୟାୟାମ ?” ସେକ୍ ଜୀ ପଚାରିଲେ ।

“ମୁଁ ଜଣେ ବ୍ୟାୟାମ ବିଶାରଦ । ସମଗ୍ର ହିନ୍ଦୁସ୍ଥାନ ଅନ୍ତର୍ଗତ ପାକିସ୍ଥାନ ଶିଖିସ୍ଥାନ ଆଉ ଚାନ୍ଦସ୍ଥାନ ମାନଙ୍କରେ ମୋର ‘ମିଠାନାଡ ନଚ୍ଛବାର’ ପ୍ରଥା ପ୍ରଚଳିତ ।”

“ମିଠା ନାଡ ?” ମୁଁ ଆଶ୍ଚର୍ଯ୍ୟ ହେଲି ।

“ହଁ । ହେଉଛି, ମୋର ଶରୀର ଭିତରେ ସବୁଠାରୁ ସୁନ୍ଦର କଉଁ ଅଂଶଟା ଦେଖିଲେ ।”

ମୁଁ ତାଙ୍କଠାରୁ ଚଳପା ପର୍ଯ୍ୟନ୍ତ ଚାହିଁ ଚାହିଁ କହିଲି—“ଆପଣଙ୍କର ମୁଖ ମଣ୍ଡଳ ।”

“ହୁଁ, ମୁଖମଣ୍ଡଳ ! ପୁରୁଷମାନଙ୍କର ଏଇ ମୋହ ଛଡ଼ାଇବା ପାଇଁ ମୋର ମିଠାନାଡ ବ୍ୟାୟାମ ଅଭ୍ୟାସ କରିବା ପ୍ରତ୍ୟେକ ନାରୀର କର୍ତ୍ତବ୍ୟ । ଏ ବିଂଶ ଶତାବ୍ଦୀର ଆମର ଏ ମିଶନ (Mission) ଆମେ ପ୍ରମାଣ କରି ଦେଖେଇ ଦେବାକୁ ଚାହୁଁ ଯେ ନାରୀର ମୁଖ ମଣ୍ଡଳ ସୁନ୍ଦର ନୁହେଁ, ନାରୀର ଗୋଇଠି ସୁନ୍ଦର ଆଉ ଗୋଇଠି ସୁନ୍ଦର । ସେଥିପାଇଁ ଏ ମିଠା ନାଡ ନଚ୍ଛବାର ଆବିଷ୍କାର । ଅର୍ଥାତ୍ ପ୍ରତ୍ୟେକ ସ୍ତ୍ରୀ ଦିନରେ ଅନ୍ତତଃ ବାଇଶି ଥର ନାଡ ନଗାଇବ ।”

“କାହାକୁ ?” ସେକ୍ ସାହେବ ଦାଢ଼ି ଆଉଁସି ଆଉଁସି ପଚାରିଲେ ।

“ସେଇଟା ଆମର ଗୁପ୍ତମନ୍ତ୍ର (secrecy) ସେଇଟା କେବଳ ଗୁରୁ ଶିଷ୍ୟଙ୍କ ଭିତରେ—ନଚେତ୍ ମନ୍ତ୍ରଭେଦ ହୋଇଯାଏ ।”

“ଏ ବ୍ୟାୟାମ କରିବାର ଆଉ କିଛି ନିର୍ଦ୍ଦିଷ୍ଟ ନିୟମ ବା ବିଧାନ ଅଛି ?” ମୁଁ ପଚାରିଲି କାହିଁକି ନା ସେ ଆମର ହିନ୍ଦୁ ନାରୀ ଗୋଷ୍ଠୀ । ତାର ତାଙ୍କର ଖାଦ୍ୟ ସହଜରେ ହୋଇ ପାରିବ । ଏ କଥା ଶୁଣିଲେ ସେ ତ ଦେବି ବସିବେ । ମୁଁ ଆଗରୁ କିଛି ପଥ ଯୋଗାଡ଼ କରି ରଖିଥାଏ ।”

“ଆପଣ ହିନ୍ଦୁ ନାରୀର ସମ୍ପତ୍ତି ଉତ୍ତରାଧିକାର ଆଇନର ପକ୍ଷପାତୀ ତ ?”

“ନା—କାହିଁକି ? ଏ ପ୍ରଶ୍ନ ଏଠି ?”

“ମାନେ, କର୍ତ୍ତାର ମତ ସବୁ ଦେଖି ବ୍ୟାୟାମ କର୍ତ୍ତ୍ରୀଙ୍କୁ କେତେକ ବିଶେଷ ତାଲିମ୍ ଦେବାକୁ ପଡ଼େ । ତେଣୁ ଆପଣଙ୍କ ସ୍ତ୍ରୀ ପାଇଁ ବାଟା ଫ୍ଲେକ୍ସ ବା ହନ୍ନୀର ଲେଡ଼ିଜ୍ ହାଇ ହିଲ୍ ମିଲ୍ ବାର କମ୍ପାନୀ ଚଳିବ ନାହିଁ । ଏକାଦମ୍ କଲିକତା କିଏଲ୍ଭରୁ ଆଣିବାକୁ ହେବ

ଢଙ୍କିବାକୁ ପଡ଼ିବ । ଏ ଯୋଡ଼ାରେ ନାଚଟା ୯୦ ଡିଗ୍ରୀ ଯାଏ ଉଠେ । ଅନ୍ୟାନ୍ୟ ଯୋଡ଼ାରେ ୩୦, ୪୦, ୫୦, ୬୦ ଏଇ ପ୍ରକାର ।”

“ଏମିତି କେତେ ଡିଗ୍ରୀ ଯାଏଁ ଅଛି ?” ମୁଁ ପଚାରିଲି ।

“୧୮୦ ଡିଗ୍ରୀ ଯାଏଁ ।”

“ଅଚ୍ଛା ଅଉ କ’ଣ କ’ଣ ଦରକାର ପୋଷାକ ଛାଡ଼ିବା ଛଡ଼ା କହନ୍ତୁ ।”

“ଅଉ ବିଶେଷ କିଛି ଦରକାର ନାହିଁ । ଟିକିଏ ମୌକା, ମୌକାଟା ପାଇବାକୁ ଚାହିଁବ ନାହିଁ । ସୋଡ଼ିଏର ଅଭାବ ।”

“ଅଉ ପାଉଡ଼ର ଲିପ୍‌ଷ୍ଟିକ୍ ରୁଜ୍ ଅଛି ?”

“ନା ନା ସେ ସବୁର ଦରକାର ନାହିଁ । ଆପଣମାନଙ୍କର ଯେତେବେଳେ ମିଠା ଚୁମ୍ବନର ଯୁଗ ଥିଲା ସେତେବେଳେ ସେସବୁ ଦରକାର ହେଉଥିଲା କିନା । ଏ ମିଠା ନାଚରେ ତାର କୌଣସି ଆବଶ୍ୟକତା ନାହିଁ ।”

“ଚୁମ୍ବନ ତେବେ ଉଠିଯିବ ।”

“ନିଶ୍ଚୟ । ସେଇଟା ଏ ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ ।”

“ତେବେ ତାହେଲେ କବିତା ଲେଖିବେ କାହାକେଇ ?”

“ଦେହ ପଦପଲ୍ଲବରୁ ଆରମ୍ଭ ହବ । ଆମେ କହୁଁ, ହେ କବି, ଏତେଦିନ ଧରି ଲକ୍ଷ ନାରୀର ଚିବୁକ ଧରି ବୁଲିଲ, ଅଧରେ ଅଧର ନୟନେ ନୟନ ରଖି ମଧୁଶଯ୍ୟା ରଚିଲ, ଏଥର ମିଠା ନାଚର ମଧୁରତା, ବଶିଷ୍ଟତା, ସୁନ୍ଦରତା, ଶାଳୀନତା ସମ୍ବନ୍ଧରେ କଲମ ଚଳାଅ, ଦେଖିବ ଏ ଯୁଗ ବଦଳି ଯିବ ।”

“ଯୁଗ ବଦଳି ଯିବ ? କିମିତି ?” ମୁଁ ପଚାରିଲି ।

“ବଦଳି ଯିବନାହିଁ ? ତମେ ପୁରୁଷ ଗୁଡ଼ାକ ଏମିତି ମା'ଉପ ଭାହାଣା ଅଉ ମାଉପ ରକ୍ଷାଣ୍ଡିଆ ହେଉଛ ଯେ ତମର ହୃଦଅଟା ଆମକୁ ବେଦ୍ କରି ଦେଉଛି । ଆମପାଇଁ ତମେ ବାର ଓଳି ଦେହର ହିଂସ୍ରା ହେଉଛ, ଆମ ଗହଣା ଲୁଗା ଯୋଗାଇବାପାଇଁ ତମେ କଣ୍ଠ ଅପିଷରେ ଯୋଡ଼ା ଖାଉଛ, କଟେଷୋର ଖଚ ମିଛ କହି ମାନ ମହତ ବିକୁଛ, ତମ ଲମ୍ପଟ ସଙ୍ଗୀମାନେ ଆମକୁ ନେଇ ଅଘଟ କରିବେ, ଆମେ କହିଲେ ଯାଇଁ ତାଙ୍କ ମୁହଁରୁ ଭଗା ଚାହାଁଇବ । ନାଃ ସାହେବ ସବୁ ତାଙ୍କ ନାରୀକୁ ସାଙ୍ଗରେ ନ ନେଇ ଚାହାଁରିଲେ ସୁଚକାର୍ଯ୍ୟ ଅଚଳ ହୋଇଯିବ । ତମ କବି ଲେଖକ ଆମକୁ ନେଇ କବିତା ନ ଲେଖିଲେ ଲୋକେ ତାଙ୍କ ବହି କିଣିବେ ନାହିଁ । ଏଣ୍ଟିକରେ କି ତମ ମନ ମଳିନାହିଁ । ଆମକୁ ଯେଉଁଠି ଦେଖିବ ସେଇଠି କଣେଇ କଣେଇ ଚାହିଁଲ । ଅଶି ବର୍ଷର ବୁଢ଼ା ବି ଦଣ୍ଡବ ପାଇଁ ନଜରକୁ ଫୋପା ଭଳି ମୂର୍ତ୍ତି ହସଟିଏ ବସି ବଗିଚ ରହି-କତାରେ । ଏ ସବୁ ବର୍ବରତାର ଅବସାନ ହେବା ଉଚିତ ଏବଂ ତାର ଔଷଧ ମିଠା ନାଚ ନଚିବାର ବ୍ୟାୟାମ ପ୍ରଣାଳୀ ।”

ରସିକ ସେନ୍ ସାହେବ ପଚାରିଲେ—“ଅଚ୍ଛା!, ଆପଣ ତ ଭାରତ ଭ୍ରମଣ କରି ଆସିଲେ, କେଉଁ ପ୍ରଦେଶର ନାରୀମାନଙ୍କର ନାଚ ସବୁଠୁ ମିଠା ?”

“ଦେଖନ୍ତୁ, ଯେ ଖାଏ ସେ ସିନା ତାର ସ୍ୱାଦ ଜାଣିବ । ଆମେ ଖାଇ ଦେଖିଛୁ । ଏଟା ଆମର ଏମିତି ଅଭ୍ୟାସ ହୋଇଗଲାଣି ଯେ ଇଂରେଜମାନଙ୍କ ହସ୍ତଶୁ ମୁହଁଶୁ ଥାଙ୍କସ୍ ଦେବା ଭଳି ଆମର ଏଟା ଅଟପ ଅଟପ ବାହାରିପଡ଼େ । ଏଇ ମନେ କରନ୍ତୁ ଆପଣ ମୋତେ ଖାଇବାକୁ ଡାକିଲେ, ସେ କାକୁ ତାଙ୍କ ଘରେ ବିଶ୍ରାମ କରିବାକୁ ଡାକିଲେ, ଏହାର କୃତଜ୍ଞତା ଆମ ଦଳର ଲୋକେ କିମିତି ଜଣାନ୍ତି ଜାଣନ୍ତି ? ସେଇ ଘଣ୍ଟାଏ ଦିଘଣ୍ଟା ମିଠା ନାଚରେ କାମ ଚଳିଯାଏ । ତେଣୁ ଆପଣମାନେ ସବୁ ଦେଖିରୁ ରହିଲେ ବୁଝି ପାରିବେ ।”

“ଅନ୍ତତଃ ସେ ସମ୍ବନ୍ଧରେ ଟିକିଏ ଆଲୋକ—” ମୁଁ ପଚାରିଲି ।

“ଦେଖନ୍ତୁ ଏଟା ନିହାତି ଅଜାଗିଆ କାମ । ସମସ୍ତେ ଜାଣୁଥିବେ ଯେ ସମସ୍ତଙ୍କ ଘରେ ଏ ମିଠା ନାଚ ବ୍ୟାୟାମ ଚାଲିଛି କିନ୍ତୁ ସମସ୍ତେ ମନେ କରୁଥିବେ ଯେ ମୋ ଘର ଛଡ଼ା ଆଉ ସମସ୍ତେ ଏ ରସପାନ କରୁଛନ୍ତି । ସେଥିପାଇଁ କାହାକେ ଖୁସିରେ ଗଳ୍ପ କରନ୍ତି ମଧ୍ୟ ।”

“ଅଚ୍ଛା ଅନ୍ତତଃ ଓଡ଼ିଆ ବଙ୍ଗାଳୀ ତେଲଗୁ ଓ ବିହାରୀଙ୍କ ମାଇପେ କିଏ କେମିତି ନାଚ ଦେଇପାରେ ଆମକୁ ଶୁଣାଇଲେ ମନ୍ଦ ହୁଅନ୍ତା ନାହିଁ । ଏମାନେ ଆମର ପଡ଼ୋଶୀ । ପୁଣି ଦେଶ ମିଶ୍ରଣ ପାଇଁ ଟଣା ଓଟରା ଲାଗିଛି ।”

“ଦେଖନ୍ତୁ କାହା ନାଚ କିମିତି ଲାଗେ ତା' ତ ଆପଣ ଯୁବକ ଲୋକେ କହିବେ । ତେବେ କାହା ନାଚର ଢଙ୍ଗ କେମିତି ମୁଁ ତା କହିପାରେଁ ।”

“ହଁ, ହଁ, ସେଇଟା ତ ଆମର ଦରକାର । ଆମ ଏ ଦେଶରେ ଯେତେ ବଡ଼ ବଡ଼ଆ ହେଉଛନ୍ତି ଦେଖାଯାଉଛି ସମସ୍ତେ ବଙ୍ଗାଳୁଣୀ ବିଭା ହେବାକୁ ମନ କରୁଛନ୍ତି ଓ ହେଉଛନ୍ତି ମଧ୍ୟ । ବୋଧହୁଏ ତାଙ୍କ ନାଚ ଖୁବ ମଜାର ନାଚ ହୋଇଥିବ ।” ମୁଁ କହିଲି ।

“ବଙ୍ଗାଳୁଣୀଙ୍କର ଓଣ୍ଠ ମୋଟା ଓ ପାହୁଲ ଥିଲା । ସେଥିପାଇଁ ତାଙ୍କ ନାଚ ଖୁବ୍ ଅଳପ ଜାଗାରେ ବସେ ଓ ବେଶୀ ମିଠା ଲାଗେ । ଅଳପ ନମ୍ବର ଯୋଡ଼ା ବି ଦରକାର ହୁଏ । କମ୍ ଖର୍ଚ୍ଚରେ ବେଶୀ ଆନନ୍ଦ ।”

“କିନ୍ତୁ ମୁଁ ଶୁଣିଛି ବଙ୍ଗାଳୁଣୀମାନେ ବେଶୀ ଖର୍ଚ୍ଚାନ୍ତିଆ— expensive”

“ହଁ ତା ତ ଜାଣୁଣା କଥା । ଯେତେଦିନଯାଏ ତମେ ବଙ୍ଗାଳୁଣୀଙ୍କ ମୁହଁକୁ ଚାହିଁ ବାହା ହେଉଥିଲ ସେତେଦିନଯାଏ ତମକୁ ସ୍ନୋ, ପାଉଡର, ହେୟାର ଅଏଲ, ରୁଜ୍ ଲିପଷ୍ଟିକ, ପୋମେଡ଼, ଚୁଡ଼ୀ, କାଜଳ ଆଦି କିଣିବାକୁ ପଡ଼ୁଥିଲା; ଏଣିକି ଗୋଡ଼କୁ ଦେଖି, ବାହାହୁଅ ତ ଦେଖିବା କିମିତି ଖର୍ଚ୍ଚରେ କପେଇଛ ନ ହୁଅଛ ।”

“ଅଚ୍ଛା ତେଲଙ୍ଗୀ ନାଚଟା କିମିତି !” ସେନ୍‌ଜ ପଚାରିଲେ ।

“ତେଲଙ୍ଗୀ ଝାଡ଼ା ଦେଖିଛ ? ସେଥିରେ ଯେମିତି ସବୁ ଚେପା ପାଙ୍କିସ୍ ଭାଙ୍ଗ ଗଡ଼େ ଘଡ଼ି ହେଉ ଫେଁ ଫେଁ ଫେଁ ଫେଁ କରୁଥାଏ ତାର ସାଙ୍ଗରେ ତୁଳନା କଲେ ଆପଣ ତେଲଙ୍ଗୀ ନାଚ ବୁଝି ପାରିବେ । ନାଗିଥିବ ନାଗେଥିବ । ନାଚ ଆଉ ଉଠିବ ପଡ଼ିବ ନାହିଁ । ଖାଲି ଘସି

Digitized by srujanika@gmail.com

ହୁଅଁଧର୍ଷ, ଉଗତ ହଉଥିବ । ଚମଡ଼ା ଛଡ଼ାଗଲେ ବି ଜଣା ପଡ଼ିବ ନାହିଁ ନାଚ ବସ୍ତୁଟି କେଉଁ; ବୁଝିଲେ ? ଝାଉଁଆ ଅଉ ସାଉଁଳିଆ ।"

"ବାକୀ ରହିଲା ବିହାରୀ ବା ପଶ୍ଚିମୀ ନାଚ ।"

"ପଶ୍ଚିମୀ ନାଚଟା ହିଁ ଏବେ ଡେରଟେଇବା ବଏସ । ସିଧା ନୃତ୍ୟ । ବାହା ଉପରକୁ ଉଠି, ବାହା ଉପରେ ବସିବା ପୂର୍ବରୁ ଟିକ୍ କରି କହି ହେବନାହିଁ । କେବେମାନେ ଏହାକୁ ଅପାଙ୍ଗନାଚ କହି ପାରନ୍ତି ।"

"ପଞ୍ଜାବୀ ଗୁଜରାଟୀ ମରହଟ୍ଟୀଙ୍କ ସମ୍ବନ୍ଧରେ କିଛି କହି ପାରିବି ନାହିଁ ।"

"ଚୁମ୍ବକରେ କହିବାକୁ ଗଲେ ପଞ୍ଜାବୀ ନାଚ ଘୋଡ଼ା ନାଚ, ଗୁଜରାଟୀ ନାଚ ଛେଳି ନାଚ ଅଉ ମରହଟ୍ଟୀ ନାଚ ଗୋରୁ ନାଚ ।"

"ହିଁ ଓଡ଼ିଆଟା ରହିଗଲା ଯେ ।"

"ଓଡ଼ିଆ ନାଚଟା ତ ନହାତି ଜଣାଶୁଣା ।"

"ଦେବେ ଶୁଣିଥିବା, ଜାଣି ଦେଖିଥିବା ।"

"ସେ ତ ନିଜ ଅଭିଜ୍ଞତାରୁ ଜାଣିବେ । ସେଟାକୁ ସେଇଥିପା କହନ୍ତି ମ ! ଅମ ଓଡ଼ିଆ ଯେଉଁ ଜାଗାରେ ପ୍ରସିଦ୍ଧ ସେଇ ନାଚ ସେ ।"

"ବିଶେଷତ୍ୱ କଣ ?" "ମେଣ୍ଢା ନାଚରେ ବିଶେଷତ୍ୱ ଯାହା ।"

"ମେଣ୍ଢା ତ ମୁଣ୍ଡରେ ମାରେ ।" ମୁଁ କହିଲି ।

"ଅଜ୍ଞ ଓଡ଼ିଆଙ୍କ ଗୋଡ଼ ନାଚଟା ମୁଣ୍ଡରେ ମାରିଲା ପରି ଲାଗେ । ବୁଝିଲେ ?"

ଜଣେ ବନ୍ଧୁ ପଚାରିଲେ—"ଅଚ୍ଛା, ଆପଣଙ୍କର Post war plan ବା ଯାହାକୁ କହୁଛନ୍ତି ଯୁଦ୍ଧୋତ୍ତର ଯୋଜନା ସେ ଧରଣର କିଛି ଅଛି ?"

"ହିଁ ହିଁ ଗୋଟାଏ ସାହେବଙ୍କ ପଚାରିବା ପରେ ନିଶ୍ଚୟ ଆମର ପୋଷ୍ଟୱାର ନାଚର ନମୁନା ଦେଖି ସାରିବେଣି ।"

"ତାର ବିଶେଷତ୍ୱ କ'ଣ ?"

"ବିଶେଷତ୍ୱ ହେଉଛି ଉଠୁଥିବ ମାତ୍ର ନ ଥିବ । ଯେମିତି ବନ୍ଧୁଥିବ କିନ୍ତୁ ବନ୍ଧୁ ନଥିବ । ଏ ନାଚରେ ବାହାଦୁରୀ ଅଛି । ଏଥିପାଇଁ ବିଶେଷ ଅଧ୍ୟବସାୟ ଦରକାର । ବସିବାର ମିଛ କହିଲେ ଯେମିତି କେହି ବିଶ୍ୱାସ କରନ୍ତି ନାହିଁ ଯେମିତି ଡୋରିକବାର ନମାର ଗାଳି ଉଠାଇ ଥିଲେ କମେ କମେ ଡର ଭାଙ୍ଗି ଯିବାର ଭୟ ଅଛି । ସେଥିପାଇଁ ଏ ନାଚବାଲାମାନଙ୍କ ବିଶେଷ କଳା ଓ ନିପୁଣତାର ସହିତ ସବୁବେଳେ ନୂଆ ନୂଆ ଭାବ ନୂଆ ନୂଆ ଭଙ୍ଗୀ ନୂଆ ନୂଆ ଠାଣି ନୂଆ ଉଦ୍ଭାବନି ଅଧି କରିବାକୁ ପଡ଼ିବ । ସ୍ଥାନକାଳପାତ୍ରର ବିବେଚନା କରିବାକୁ ପଡ଼ିବ । ବାହାକୁ କେଉଁଠି କିପରି ସମୟରେ କେମିତି ନାଚ ଉଠାଇବାକୁ ହେବ ସେ କୌଶଳ ଜାଣିବା ଦରକାର । ଆମର ସବୁ ଯୁଦ୍ଧୋତ୍ତର ଯୋଜନା ପାଇଁ ବିଶେଷଜ୍ଞ ଅଛନ୍ତି । ମୁଁ ବି ଜଣେ ବିଶେଷଜ୍ଞ ଆମାଠେ ଡୁଡୁମା ସଂକ୍ରାନ୍ତୀୟ ନାଚ ଆବିଷ୍କାର କରିବା ପାଇଁ ପଠା ଯାଇଛି ।"

"ସତେ ? ଆପଣ ଜଣେ ବିଶେଷଜ୍ଞ ? ନା—ନା କ୍ଷମା କରିବେ ଭୁଲ୍ ହୋଇଗଲା । ଆପଣ ଜଣେ ବିଶେଷଜ୍ଞ ? ତାହେଲେ ତ—"

"ହିଁ—ଦେଖିବେ ?—"

ଏବେ କହ ସେ ୧୯୦ ଡିଗ୍ରୀ ଟେଟ୍ ଗୋଡ଼କୁ ଟେକି ଟର୍ଣ୍ଣ କରିବା ପରେ ଦୁଇ ଦୁଇ ସମାନେ ଛିଡ଼ା ଗୁଞ୍ଜିଗଲେ । ସେ କେଉଁଠିକି ଗଲେ କ'ଣ ହେଲେ କହି ପାରିବି ନାହିଁ । ମୁଁ କେବଳ ଗାଲ ଧରିମି ଥାଏଁ । ଆହାହା, ସତେ ସତେ, କେଡ଼େ ମିଠା, କେଡ଼େ ମଧୁର !

ମୋତେ ଗାଲ ଝ୍ୱମ୍ ପରି ଲାଗୁଥାଏ ।

——※——

## ଗୁଣ ଚିହ୍ନେ ଗୁଣିଆ

( ଗୋଟିଏ ଗୋଟିଏ ବିଶେଷ ଗୁଣ ଲୋକଙ୍କୁ ବଡ଼ କରିଦିଏ । କିନ୍ତୁ ସେ ଗୁଣରେ ଗୋଟିଏ ଅତି ସୂକ୍ଷ୍ମ ଓ ସାମାନ୍ୟ କାରଣ ଥାଏ ଯାହାକି ସାଧାରଣ ଚକ୍ଷୁରେ ପଡ଼େ ନାହିଁ । ସେଥିପାଇଁ ଅନ୍ତର୍ଦୃଷ୍ଟିର ଆବଶ୍ୟକ । ଏ ଲେଖା ସେହିପରି ଅନ୍ତର୍ଦୃଷ୍ଟି ସମ୍ପନ୍ନ ଜଣେ ଲୋକଙ୍କ କଲମରୁ ଝଡ଼ିଛି । —ଡ: ସ:

### (ଗୁଣ ଓ ତାର କାରଣ)

ଗାନ୍ଧିଜୀ ଅହିଂସା ପାଇଛନ୍ତି— ଛେଳି ଦୁଧରୁ ।

ସି—ଅଂ—ଙ୍କୁ ଦୂରଦର୍ଶୀ କହନ୍ତି—ତାଙ୍କ ଚଷମା ।

ମାଲବ୍ୟଙ୍କ ହିନ୍ଦୁତ୍ୱର ଉତ୍ପତ୍ତି—ଗଙ୍ଗାକୂଳ ଓ ଗଙ୍ଗା ଜଳରୁ ।

ଓ୍ୟାଭେଲ ଏକବୁଦ୍ଧିଆ ହେଲେ ଯେହେତୁ—ଚକ୍ଷୁଷ୍ମା—

ସୁଭାଷ ନେତୃତ୍ୱ ପାଇଥିଲେ—ଖାଲି ଭାଷାରେ 'ସୁ' ବୋଲି ।

ବିଜୟଲକ୍ଷ୍ମୀଙ୍କର ପୌରୁଷ— ମୁଣ୍ଡରେ—

ସରୋଜିନୀଙ୍କୁ ସୁବାଗ୍ମୀ ବା ମୁଖର କହନ୍ତି କାହିଁକି ?—ଉ: ନାଇଡୁଙ୍କ ସଙ୍ଗେ କଳିଆ କରିବାକୁ ଅବସରର ଅଭାବ ।

ବି. ଦାସଙ୍କୁ ସୁପାର୍ଲାମେଣ୍ଟେରିଅନ କୁହାଯାଏ—ଗେଣ୍ଟେଇ ଗେଣ୍ଟେଇ କଥା କହନ୍ତି ବୋଲି ।

ଗୋପବନ୍ଧୁ ଆଦର୍ଶ କର୍ମୀ ହେବାକୁ ଭଲ ପାଆନ୍ତି—ପାରୁଆ ପଙ୍କର ସବ କଏ ଶୁଣିବ !

ସରଳାଙ୍କ ଜାତି-ପ୍ରୀତି—ଲଢ଼ିବା ପ୍ରକାଶ ହେବାରୁ !

ଭାଗୀରଥୀଙ୍କୁ ଚତୁର ଚୂଡ଼ାମଣି କହନ୍ତି କାହିଁକି ?—ଯେଉଁ କଳ କୁସ୍ତିଭଙ୍ଗେ ସେ ବଡ଼ ଚତୁର (ବୈଷ୍ଣବୋକ୍ତି)

ଅଗ୍ରଯ୍ୟା କର୍ମର ପ୍ରେରଣା ପାଇଛନ୍ତି—ଗୃହର ଉତ୍ପାତରୁ ।

କଣ୍ଠଙ୍କର ପାଣ୍ଡିତ୍ୟ ଜାତ ହୋଇଛି—ଦ୍ୟୋତନା ଓ ଗୈଦନାରୁ ।

ମହତାବ ଅପ୍ରତିଦ୍ୱନ୍ଦ୍ୱୀ ହେଲେ କାହିଁକି ?— ତାଙ୍କ ଠେଇଁ ଦାଢ଼ିର ଛନ୍ଦ ବା କେଶର ଗନ୍ଧ ନଥିବାରୁ ।

ଲେଖକ:—ଗୁଣୀ ଚୂପ୍ ସନ୍ତାନ

Digitized by srujanika@gmail.com

# କାଳିଆ ବଳଦ ଗଲା ଗଲା........

ସଂଗ୍ରାହକ:—ଶ୍ରୀ ———

ଶରତବାବୁ ଗୃହିଣୀଙ୍କ ହସ୍ତସ୍ଥିତ ଖଣ୍ଡିଏ ଚିଠିର ଶେଷ ଭାଗରେ "ତୁମର ପ୍ରିୟ" ଲେଖାଥିବା ଦେଖି ଅତିଶୟ ଟପା ହୋଇ ପଚାରିଲେ "ମୁଁ ଥାଉଁ ଥାଉଁ ତୁମର ପୁଣି ଗୋଟାଏ ପ୍ରିୟର ଆମଦାନୀ ହେଲା କେଉଁଠାରୁ ?"

ଗୃହିଣୀ—"ନା ନା, ସେ ଆମ ଗୃହରେ ନୂତନ ନିଯୁକ୍ତ ଗୁମାସ୍ତା ପ୍ରିୟ (ପ୍ରିୟନାଥ) ବାବୁ । ଗୃହର ହାଲ ହକିକତ ନେଇ ମଝିରେ ମଝିରେ ଖଣ୍ଡେ ଖଣ୍ଡେ ଚିଠି ଦିଅନ୍ତି ଯାହାକି ତୁମ୍ଭଙ୍କୁ ଦେଖାଇବା ନିହାତି ଦରକାର ହୁଏ ନାହିଁ ।" —କୃଷ୍ଣ

× × ×

ବାପା—କହୋ ! ଶରତ, ତୁମେ ଏବର୍ଷ ପାସ କରିଯିବ ବୋଲି ମୋର ଗୋଟାଏ ବଡ଼ ଆଶା ଥିଲା । ତୁମେତ କଣ ଫେଲ ହୋଇ ବସିଛ ।

ଶରତ୍—ନାହିଁ ବାପା, ମୁଁ କଣ ସତରେ ଫେଲ ହୋଇ ଯାଇଛି ? ହେ: ମାଷ୍ଟରଙ୍କ ସାଥିରେ ଟିକିଏ ଝଗଡ଼ା ହେବାରୁ ହିନା ମୁଁ ଖାଲି ତାଙ୍କର ପରସେଣ୍ଟେଜ କମାଇବା ପାଇଁ ଏମିତି କଲି । —କୃଷ୍ଣ

\+ + +

ସ୍ୱାମୀ—ପ୍ରତି ପ୍ରଶ୍ନର ଦୁଇପାଖ ଥାଏ । ଗୋଟିଏ ଭୁଲ, ଅନ୍ୟଟି ଠିକ ।

ସ୍ତ୍ରୀ—ନିଶ୍ଚୟ ! ଗୋଟିଏ ତୁମର ଏବଂ ଅନ୍ୟଟି ଠିକ ।

\+ × +

"ତୁ ଜାଣୁ (ନୂଆ ଚାକର ପ୍ରତି) ତୁ କି କାମ କରୁଛୁ ଓ କଣ କରୁଛୁ ଏଇଆ ଦେଖିବାକୁ ମୋର ଅଧା ସମୟ ଯାଉଛି ?

"ଆଜ୍ଞା, ମୋର ମଧ୍ୟ ଆପଣ କେଉଁଆଡ଼େ ଯାଉଛନ୍ତି, କଣ କରୁଛନ୍ତି ବୁଝିବା ପାଇଁ ସବୁ ସମୟ ଯାଉଛି ।"—କୃଷ୍ଣ

\+ + +

ମଧୁ ମାରୁଆଡ଼—ପୋଷ୍ଟମାଷ୍ଟର ବାବୁ, ରାମ ରାମ । ଆସନ୍ତୁ ଖବର କଣ ?

ପୋ: ମା:—ଖବର ଆଉ କଣ ? ଶୁଣା ଯାଉଛି ଯେ ପୋଷ୍ଟକାର୍ଡ ଓ ଲଫାପାର ଦାମ ବଢ଼ିଯିବ ।

ମ: ମା:—ଆପଣଙ୍କ ପୋଷ୍ଟ ଅଫିସ୍‌ରେ କେତେ ଟଙ୍କାର ଲଫାପା ଓ ପୋଷ୍ଟକାର୍ଡ ଅଛି ?

ପୋ: ମା:—କାହିଁକି ? ଆପଣଙ୍କର ଏତେ କଣ ଦରକାର କି ?

ମ: ମା:—ଆଜ୍ଞା ଆପଣ କଣ ଜାଣନ୍ତି ନାହିଁ ବ୍ୟବସାୟୀ କାରବାର କଥା ? ଆଗରୁ କିଛି କିଣି ଷ୍ଟକ୍ ରଖିଥିଲେ ଦର ବଢ଼ିଲେ ଅବଶ୍ୟ କିଛିତ ଲାଭ ହେବ ।-ଦେବେନ୍ଦ୍ର

× + ×

ରବିବାବୁ—ଆହେ ଶୁଣିଲଣି ? ବଜାରରେ ମାରୁଆଡ଼ିମାନେ ପଞ୍ଚଠକର୍କ ଟଙ୍କା ଶତକଡ଼ା ଟ ୧୫୦ ବାଟା ଦେଇ ନେଇ ଯାଉଛନ୍ତି ।

ଶାନ୍ତ—ସତେ ନା ? ମୋ ପାଖରେ ସେ ଟଙ୍କା ୫୦ ଟା ଥିଲା । ମୁଁ ତ ତାକୁ କେଉଁଘରରେ ଛାଡ଼ି ଅଟିଲି । ଅଣାଇଲେ ହୁଅନ୍ତା ।

ରବିବାବୁ—ସେଠାରୁ କାଏ ଆଣିବାକୁ ଯାଉଛ ?

ଶାନ୍ତ—ନାଇଁ ମ, କିଏ ଯିବ କାହିଁକି ? ମୁଁ ମାଙ୍କ ପାଖକୁ ଖଣ୍ଡେ ଚିଠି ଆଜି ଲେଖି ଦେଉଛି । ସେ ସେ ଟଙ୍କା ଗୁଡ଼ାକ ମନିଅର୍ଡର କରି ପଠାଇ ଦେବେ ।-ଦେବେନ୍ଦ୍ର

× × ×

—"କାହିଁ, ତମ ସ୍ୱାମୀଙ୍କୁ ତ ଏଇ କେତେଦିନ ହେଲା ଆଉ ଦେଖୁ ନାହିଁ ?"

—"(ଦୁଃଖିତ ହୋଇ) ସଂସାର ସାରା ଲୋକ ଶେଷକୁ ଯେଉଁଠିକି ଯାଉଛନ୍ତି, ସେ ବି ସେଇଠିକି ଚାଲିଗଲେ ।"

—(ଆଶ୍ଚର୍ଯ୍ୟ ହୋଇ) "ଏଁ ! ତେବେ କ'ଣ ତାଙ୍କର ଏ ଅସମୟରେ କାଳ ହୋଇଗଲା ।"

—"ନାଇଁ, ନାଇଁ ସେ ଯୁଦ୍ଧକୁ ଗଲେ ।"—ବସନ୍ତ

× + ×

ଜଣେ ବଡ଼ଲୋକଙ୍କର ଦେହ ଭାରି ଖରାପ ହେବାରୁ ସେ ତାଙ୍କର ଘରୋଇ ଡାକ୍ତର ପାଖକୁ ପରାମର୍ଶ ପାଇଁ ଚିଠି ଲେଖିଲେ । ତାଙ୍କ ଡାକ୍ତର ତାଙ୍କୁ ଚିଠିରେ ଜଣାଇଲେ, "ଆପଣ ଯଦି ଏ ସମୟରେ ଅବହେଳା କରନ୍ତି ତେବେ ବଡ଼ ଖରାପ ହେବ । ତେଣୁ ଆପଣଙ୍କର ଜଣେ ସୁଦକ୍ଷ ଚିକିତ୍ସକଙ୍କର ପରାମର୍ଶ ନେବା ଉଚିତ ।" —ବସନ୍ତ

\+ + +

ଦୁଇଜଣ ସାଇକଲ ବାଲା ସାମନା ସାମନି ଭେଟା ଭେଟି ହୋଇ ଗଲାରୁ ଜଣେ ଆର ଜଣକୁ କହିଲା— "ଏମିତିକା ଲୋକଙ୍କୁ କେବେ ରାସ୍ତା କାଟି ଯିବାକୁ ଦେବନି ।"

ଦ୍ୱିତୀୟ ଜଣକ ତା' ସାଇକେଲ ଘୁଞ୍ଚାଇ ନେଇ କହିଲା "ମୁଁ କିନ୍ତୁ ସବୁବେଳେ ଦିଏଁ ।" —ବସନ୍ତ

× × ×

Digitized by srujanika@gmail.com

# ଅମେଇଷା

ଲେଖକ:—ବସନ୍ତ କୁମାର

ଘୁଣାପୁର ଏତେ ବଡ଼ ଗୃହଟି ଗୁରୁଣ୍ଡି ଗୁରୁଣ୍ଡି ଦେଢ଼େଦିନକେ ଥାଇ ପଡ଼ିଛି ଯେ ହୁଏ। ଜୁଆର ବୁଢ଼ି ବଢ଼ି ଯାଏ। ଭଟ୍ଟା ଆସେ। ପ୍ରତିଦିନ ଗୃହର ଚଟା ମୁହଁଟି ଘୁଞ୍ଚି ଯାଏ। ଶେଷରେ ସେ ଦିନେ ଶୂନ୍ୟରେ କୁଆଡ଼େ ମିଳେଇ ଯାଏ। ପୋଡ଼ ଅନ୍ଧାରକୁ ସେଇ ଅନ୍ଧାର। ଜୀବଜଗତ ଦେଖେ ଛଟପଟ ହୁଏ ସୁନ୍ଦା ତାର ପତ୍ତା ପାଏନା। ସେଦିନ ଅମେଇଷା।

ନୋଳିଆ ଟୋକା ଶନିଆ ଆଉ ପାଞ୍ଚଜଣଙ୍କ ପରି ସୌଖିନଦାର ବାବୁଙ୍କୁ ଗାଧୋଇ ଦେଇ ହୋଟେଲ-ରେ ଗୁଲିର କରି, ପରି ପାଖରେ ହାତ ପତେଇ ପଇସା ଅଣେ। ତା ସୁଅ ସ୍ଥିତିଗାକୁ ସେ ଦେଖେ ନୋଳିଆ ଟୋକା ମେଳରେ ବାବୁମାନଙ୍କ ପାଖରେ ହାତ ହଲେଇ, ଦାନ୍ତ ନିକୁଟି, ନାଟ ଦେଖାଇ ପଇସା ଅଣିବାକୁ ଛାଡ଼େନା। ଆଉ ଯେଉଁ ଦିନ ଗଙ୍ଗା-ମ୍ମା କୁଲିଗିରି କରି ଗୃହଅଣା ମଜୁରି ତା ହାତକୁ ବଢ଼େଇ ଦେଇଥିଲା ସେ ଦିନ ସେ ରାଗରେ ଉପାସ ହୋଇଛି। ପର ପାଖରେ ହାତପାତି ସହଜ ପଇସା ପାଇବାଟା ଯେମିତି ତାର ବୈଶିଷ୍ଟ୍ୟ—ତାଠୁ ବଳି ଝାଙ୍କି ବଣରୁ ଛେଳି, ପଡ଼ର ଆଉ ରାସ୍ତାରୁ ଗୋବର ଗୋଟାଇବା ବେଶୀ ଭଲ। ଗଙ୍ଗା ମ୍ମା ସେଇ ଦିନଠୁ ଆଉ କେବେ ଭୁଲ କରିନି।

× + + +

ଶନିଆ ପାଞ୍ଚବତା ମରଦ। ବଳହେଲା ଦାଳିଆ ଦେହଟି ମୁଗୁନି ପଥର କୁନ୍ଦା ମୂର୍ତ୍ତିଟି ଭଳି। ସାହିପଡ଼ିଶା ମେଳରେ ଜାଲବାନ୍ଧି ମାଛ-ଧରା ପଇସା ଛିଣ୍ଡି ଛିଣ୍ଡି ସେ ନାଆଟିଏ ଘଡ଼େଇଛି। ପ୍ରଥମ ଦିନ ସେ ଗଙ୍ଗା-ମ୍ମା ଆଉ ରାଜଗାଙ୍କୁ ନାଆରେ ବସାଇ ଦରିଆ ଭିତରେ କେତେଆଡ଼େ ବୁଲେଇ ଆଣିଥିଲା। ଆଉ ବୁଲି ଶେଷରେ ରାଜଗା ତାର ସାଙ୍ଗ ସାଥିଙ୍କି ଆଣି ଟକ ଟକ ହାତ ଯୋଡ଼ିକ ବଢ଼ାଇଁ ତାଙ୍କ ନାଆଟି ଶନ୍ତ୍ରିଟ କରି ଦେଇଥିଲା। ସେଦିନ ଗଙ୍ଗା-ମ୍ମା ଛାତି କୁଣ୍ଡେ ମୋଟ। ସେ ବି ନୋଳିଆ ବସ୍ତିର ଆଉ ପାଞ୍ଚଜଣଙ୍କ ସାଙ୍ଗରେ ଜଣେ ହୋଇ ଉଠିଛି।

ଶନିଆ ନିତି ଥୋପ ଦେଇ ସମୁଦ୍ର ଭିତରକୁ ନାଆଟି ଟେଲେଇ ଦିଏ ମାଛ ମାରିବାକୁ। ସେଇ ଯେ ନଉସକାଳୁ ପେଜ ମୁନ୍ଦେ ପିଇ ଯାଏ ଫେରୁ ଫେରୁ ଦିନ ଶେଷ। ଦିଗବାରୁଣୀ କୁଣ୍ଟି ପାଟେ ଗଙ୍ଗା-ମ୍ମା ରାଜଗାକୁ ଦେଇ କପାଳରେ ହାତ ଦେଇ ରହିଁ ରହିଥାଏ। ତା ଫେରନ୍ତା ବାଟକୁ। ଶନିଆ ମାଛ ଦେଇ କୂଳକୁ ଫେରେ। ଆଉ ଗଙ୍ଗା ମ୍ମା ମାଛବିକା ପଇସାତକ ଅଣ୍ଟାରେ ଗୁଞ୍ଜି ଦିଏ। ଦିନକେ ପରର କୁଡ଼ିଆଟିକୁ ଫେରନ୍ତି ମହା ଖୁସିରେ। ଘର ନାହିଁ, ବାଡ଼ିର ନାହିଁ, ବର୍ଷା ନାହିଁ।

ଏ ବର୍ଷ 'ଧଙ୍ଗଡ଼' ପରବରେ ଶନିଆ ତାର ସବୁ ପଣ୍ଡି ସାରି ସଭିଙ୍କ ପାଇଁ ନୂଆ ଲୁଗା କରିଥିଲା। ପୂର୍ତ୍ତିରେ ନିତେ ଆଉ ଗଙ୍ଗା ମ୍ମାକୁ ଟିକିଏ ମଦ ବି ପିଆଇଥିଲା। ଆଶା—ପୁଣି ଦି ଦିନରେ ସେ କଞ୍ଚା କଇଁଚ ଜମେଇ ନବ। ପରେ ପରେ ପାଗଟା ବଡ଼ ଖରାପ ହୋଇ ଉଠିଲା। ପୁରୀ ସମୁଦ୍ରଟା ବିରାଟ ଅଜଗର ସାପଟା ଭଳିଆ ବାହେଇ କଣ୍ଢ଼ ହୋଇ ବସି ଗାଜୁଥାଏ। ନାଆଟି ତାର କେଇଦିନ ହେଲା ଗୁରୁବାଡ଼ ମେଳ ପଡ଼ିଛି। ଅଳିମୁଆ ଦେହାର। ପେଟ ଦାଉରେ ସେ ଗଙ୍ଗା ମ୍ମାର କେତେ ଅଦରର ନାଗୁଲ ଯୋଡ଼ିକ ଗୋଟିକ ପରେ ଗୋଟିଏ ବନ୍ଧା ଦେଇ ସାରିଛି। ପାଣ୍ଠି ସବୁ ଶେଷ। ସହଜ ପଇସା ପାଇବାର ବାଟଟାକୁ ବି ସେ ବନ୍ଧୁସ ସହିତ ସଙ୍ଗେ ପଛକୁ ପକାଇ ଆସିଛି। ଆଜି ସକାଳର ପେଜ ମୁନ୍ଦକ ମୁହଁରେ ଦେଇ ସେ ଥୋପ ଛାଅରି କରି ପକାଇଲା। ମାଛ ମାରିବାକୁ ଯିବ। ସମୁଦ୍ରଟା ବି ଟିକିଏ ଥମ୍ଭି ଆସିଲାଣି। ଦେଖେବି ସାଙ୍ଗ ଟୋକାଏ ମନା କରିଥିଲେ ଦରିଆ ଭିତରକୁ ଯିବାକୁ। ସମସ୍ତଙ୍କ କଥାକୁ ସେ ଅଣଶୁଣା କରି ଦେଇଛି। ଗଙ୍ଗା ମ୍ମା ରାଜଗାକୁ କୋଳରେ ପୁରାଇ କୂଳରେ ଅଣି ଛଡ଼ା ହେଲା। ଶନିଆ ପାଗଳା ଦରିଆ ମଝିକୁ ନାଆ ବାହିନେଲା। ଦୂରରେ—କେତେ ଦୂରରେ ନାଆଟି ତାର ବାଙ୍କି ବୁଦାଟି ଭଳି ଭାସି ଭାସି ଶେଷରେ ଅଦୃଶ୍ୟ ହୋଇଗଲା।

ବାଦଲ ଆକାଶ କ୍ରମେ ଅନ୍ଧାରିଆ ହୋଇ ଆସୁଛି। ଦିନଟାଯାକ ସୂର୍ଯ୍ୟ ଦେଖା ଦେଇ ନାହାନ୍ତି। ଦିନ ସରିଲା ନାହିଁ। ଦିଗବାରୁଣୀ କୁଣ୍ଟି ପାଟେ ଆଜି ବି ଗଙ୍ଗାମ୍ମା ରାଜଗାକୁ କୋଳରେ ଯାକି କପାଳରେ ହାତ ଦେଇ ରହିଁ ରହିଛି। ସମୁଦ୍ରଟା ପୁଣି ଦାମୁଡ଼ା ଘୋଡ଼ା ଭଳି ଅମାନିଆ ହୋଇ ପଡ଼ିଛି ଦି' ପହରରୁ। ଦରିଆ ଭିତରୁ ଫେଳାକୁ ଫେଳା ହାତୀଉଣ୍ଡା ଶୀଘ୍ର ପବନ ଢେଉରେ ଉଠି ଆସୁଛି। ଆଉ ହେନ୍ତାଳୁଡ଼ା ସାପ ପରି ଫଣା ଟେକି କୂଳରେ ଛିନ୍ନ ହୋଇ ଫେରି ଯାଉ-ଛନ୍ତି। ଏ ଦୁର୍ଯୋଗରେ ଏତେ ସୁନ୍ଦର ସମୁଦ୍ର କୂଳଟା ପାଖରୁ ସମସ୍ତେ ଅଡ଼େଇ ପଳେଇଛନ୍ତି। ଯାଇନାହିଁ ଏକା ଗଙ୍ଗା ମ୍ମା। ସେ ଆଜି ଏ ଦୁର୍ଯୋଗକୁ ପଛକୁ ଠେଲି ଦେବା ପାଇଁ ତାକୁ ରହି ମନ ଟିକିଏ ମିଳିଛି। ସଞ୍ଜ ହୋଇ ଆସିଲାଣି। ରାଜଗା ତା ବାପା ପାଇଁ କାନ୍ଦି ଉଠିଲା। ଗଙ୍ଗା ମ୍ମା ତାକୁ କେତେ ସାନ୍ତ୍ୱନା ଦେଲା "ତୋ ବାପା ତୋର ଏଇ ଆସିଲା—ଏଇ ଆସିଲା—" ବୋଲି। ପବନଟା ଅସୁର ବେଗରେ ସାଇଁ ସାଇଁ ଗର୍ଜି ଉଠୁଛି। ରାଜଗାର କାନ୍ଦ ଆଉ ଗଙ୍ଗାମ୍ମାର ଅଶ୍ୱାସନା ସବୁକୁ ଉଡ଼ାଇ ପଶ୍ଚିମ ପଟଟା ଅସୁର ବଳୀ ଧରି ଆସିଲା। ଅନ୍ଧାର କ୍ରମେ ମାଡ଼ି ଆସିଲା ଛପି ଛପି। ଠିକ୍ ଯେଉଁଠି ଏମାନେ ଚରନ୍ତନ ପ୍ରତୀକ୍ଷାରେ ଅପେକ୍ଷା କରିଥିଲେ, ଦକ୍ଷିଣ ଠିଆ ହେଲା—ଦିନ ଯାଇଁ। ତା'ପରେ ତାଙ୍କର ସେ କ୍ରନ୍ଦନ ଗୁଡ଼ାଇ ଗୁଡ଼ାଇ ଅଣ୍ଟିରେ ପୁରାଇ ନିକଟ୍ଟ କରିନେଲା·········। ସ୍ନେହଅତୃପ୍ତ ଅଶୃଙ୍ଖଳ ବିଳାପଇବାର ଅସୀମ ସମାବେଶ।

\+ × + + +

ଆଜି ବି ଅମେଇଷା।

Digitized by srujanika@gmail.com

# ମିଠା—କଡ଼ା

ଲେ:—ବୁଦ୍ଧୁରାମ

ସେଦିନ ଜଣେ ପ୍ରଗତିଶୀଳା ଆଧୁନିକା ମହିଳାଙ୍କ ସାଙ୍ଗରେ 'ନାରୀ ସମସ୍ୟା' ନେଇ କଥାଭାଷା ହେଉଥିଲି । ମହିଳା ନଜରୁଲଙ୍କ ମିଜାଜ ସଫା ଓ ତାଜା ଥିବାରୁ ସେ ଦିଲ ଖୋଲସା କରି ତାଙ୍କର ମନୋଭାବ ବ୍ୟକ୍ତ କରିବାରେ ପଛଘୁଞ୍ଚା ଦେଉ ନ ଥିଲେ ।

ନାରୀ ସ୍ୱାଧୀନତା ସମ୍ବନ୍ଧରେ ସେ କହିଲେ କି—ନାରୀ ଆନ୍ଦୋଳନଟା ଆମର ଖାଲି ଗୋଟାଏ ଅଖି-ସଖେଇ କାମ । ଏଥିପାଇଁ ସଭା, ସମିତି, ଲେଖା, ବକ୍ତୃତାର କିଛି କେବେ ଦରକାର ନ ଥିଲା ବା ନାହିଁ ।

କଥାଟା ଠିକ୍ ପସନ୍ଦ୍ କରି ନପାରି ମୁଁ ପଚାରିଲି—ଆପଣ ଯେ ଦରକାର ନଥିଲା ବୋଲି କହିଲେ, କଥାଟାର ମର୍ମ ମୁଁ ଧରି ପାରୁ ନାହିଁ । ନାରୀମାନେ କଣ, ଦଳିତ, ନିପୀଡ଼ିତ, ଅତ୍ୟାଚାରିତ ଶୃଙ୍ଖଳିତ ଜାତି ନୁହନ୍ତି—ଯାହାର ମୁକ୍ତି ନିହାତି ପ୍ରୟୋଜନ ଓ ଭାରତର କାହିଁକି, ପୃଥିବୀର ମଧ୍ୟ ଗୋଟାଏ ଜ୍ୱଳନ୍ତ ପ୍ରଶ୍ନ ?

ମହିଳା—ଆଦୌ ନୁହେଁ ବୋକ୍ ନୁହେଁ; ବିଲକୁଲ ନୁହେଁ ।

ମୁଁ—କିରକମ ?—ମୁଁ ଅବାକାବା ହୋଇ ପଚାରିଲି ।

ମହିଳା—ଏଇ ଦେଖନ୍ତୁ—ଆପଣ ନାରୀଙ୍କୁ ପୁରୁଷଙ୍କ ସହିତ ସମ-ପର୍ଯ୍ୟାୟରେ ରଖି ତୁଳନା କରିବାକୁ ଯାଉଛନ୍ତି; ସେଥିରୁ ଏ ଭୁଲ ଘଟୁଛି । ନାରୀ ବାହାରକୁ ଯାଇ କୋଡ ହାଣି ନପାରିଲେ, ଘର କଣରେ ବନ୍ଦ ହୋଇ ରହିଲେ ଇତ୍ୟାଦି ଦେଖି ନାରୀ ଭାବୁଛି ମୁଁ ପରାଧୀନ ଆଉ ଅର୍ଦ୍ଧ-ନାରୀଆ ପୁରୁଷବ ସେଥିରେ ଟୁ—ଟୁମାରି କହୁଛି 'ସତକଥା' । କିନ୍ତୁ ଭାବି ଦେଖନ୍ତୁ ତ—ନାରୀକି ସତରେ ପରାଧୀନ ? ଆମ ଜଳିଅ ଶିକ୍ଷିତା କଥା ନାରୀଙ୍କ କଥା ଛାଡ଼ ଦିଅନ୍ତୁ—ଓଡ଼ିଶା ପକେଇ, ତମ ଘର ଭିତରେ ଯେଉଁ ମାଇପେ ରହିଛନ୍ତି, ସେ କଣ ସତରେ ପରାଧୀନା, କ୍ରୀତଦାସୀ ?

ହାଡ଼ୁଆ, ବାଡ଼ୁଆ, ଗୃହୀ, ମୁଳିଆଙ୍କ ଘରେ ଯାଇ ଦେଖନ୍ତୁ, ଘରର ଅସଲ ମାଲିକ କିଏ—କାହାର ହୁକୁମରେ ଇଙ୍ଗିତରେ ସଂସାର ଚଳୁଛି । ଦେଶରେ, ସମାଜରେ ଯେଉଁମାନେ ବଡ଼ ମଣିଷ ବୋଲାଉଛନ୍ତି—ରଜା, ସେଠ, ମହାଜନ, ନେତା, ବକ୍ତା, ସମ୍ପାଦକ, ହାକିମ ଓକିଲ, ଜଜ୍ ମନ୍ତ୍ରୀ, ପୋଲିସ, ପଲଟନ୍ ଇତ୍ୟାଦି—ସେମାନେ ବାହାର ଲୋକଙ୍କ ଉପରେ ସିଂହ ହେଲେ ମଧ୍ୟ ଆପଣା ଘରେ ମେଣ୍ଢା । ସତ ମିଛ ଆପେ ବୁଝି ପାରିବେ ତଦବିର କରି ।

ମୁଁ ତଳକୁ ଆଖିକରି ମୁଣ୍ଡ ଠୁଙ୍କାଇଲି ।

ମହିଳା ଅଳ୍ପ ହସି କହିଲେ—ମାଇପେ ଯେ ପ୍ରକୃତରେ ମାଲିକ, ଓ ପ୍ରଭୁ ଏଥିରେ ସନ୍ଦେହ କିଛି ନାହିଁ । ଆଉ ଏ କଥା ମାଇପେ ମନ ଭିତରେ ବୁଝନ୍ତି ମଧ୍ୟ । କେବଳ ବାହାରେ ସ୍ୱୀକାର କରିବାକୁ ନାରାଜ, ଏତିକି ।

ମୁଁ କହିଲି—ସ୍ୱୀକାର କଲେ କଣ ହୁଅନ୍ତା ?

ସେ—ସେଇଟା ହେଉଛି ପଲିସି । ଏ ପଲିସି ଶିଖିବାକୁ ହୁଏ ନାହିଁ । ଏହା ମାଇପଙ୍କର ସହଜାତ । (instinctive) ସେମାନେ ପୁରୁଷକୁ ଯେପରି ଦାସତ୍ୱ ଶୃଙ୍ଖଳରେ ବାନ୍ଧିରଖି କୋରଡ଼ା ମାରି ଲଗାମ ଧରି ଚଲାନ୍ତି ତାକୁ ଧୋଇବା ପାଇଁ ଅର୍ଥାତ ମନର ଗ୍ଲାନିଟା ଦୂର କରିବା ପାଇଁ ସେ କହି ହୋଇ ଆପଣା ମନ ବହଲାନ୍ତି ଓ Public opinion create କରନ୍ତି । ଆଜିକାଲି Propaganda ଯେଉଁ ଉଦ୍ଦେଶ୍ୟରେ ହୁଏ ।

ଏହାଛଡ଼ା ଆଉ ଗୋଟାଏ ଉଦ୍ଦେଶ୍ୟବ ଅଛି । ଅତ୍ୟାଚାରୀ (tyrant) ମାନେ ସର୍ବଦା ଭୟ କରୁ ଥାଆନ୍ତି, ଅତ୍ୟାଚରିତ କାଳେ କେତେବେଳେ ବିଦ୍ରୋହ କରିବ ବା ଅକଡ଼ ବସିବ ବୋଲି । ନାରୀଙ୍କର ମନୋବୃତ୍ତିଟା ସେହି ପରି । ପୁରୁଷକୁ ବିଦ୍ରୋହ ନକରିବାରୁ ଅଟକାଇ ରଖିବାର କୌଶଳ ( Strategy ) ରୂପେ ଆମର ଏ ନାରୀ ଆନ୍ଦୋଳନ ।

ମହିଳା ପୁଂଗବାଙ୍କ କଥା ଶୁଣି ମୋର ଗୋଟାଏ ବହୁ କାଳର ଭ୍ରମ ଦୂର ହୋଇଗଲା । ଏଥିପାଇଁ କଥାଟା ଲେଖି ପୁରୁଷ ପାଠକଙ୍କ ଅବଧାନ କରାଇଲି ଏହି ଆଶାରେ ଯେ ମୋହର ଭଳି ମାଇଚିଆ ମଣିଷଷଣ୍ଢମାନଙ୍କ ଆଖିକୁ ଏହା ଅମୃତାଞ୍ଜନ ହୋଇବ ।

ମୁଁ ଭାବୁଛି ସତେ, ଆମେ ମରଦ ଗୁଡ଼ାକ 'ପତି, ସ୍ୱାମୀ' ଆଖ୍ୟା ପାଇ ପ୍ରାଦେଶିକ ମନ୍ତ୍ରୀଙ୍କ ଭଳିଆ "କି ହନୁ !" ବୋଲି ମନେ ମନେ ଘିଅ ଖେଚୁଡ଼ି ଖାଇ ବସିଛୁଁ ! ମାଇପେ ଘର ଭିତରେ ଯାହା ହୁକୁମ କରୁଛନ୍ତି ଆମେ ଦିନରାତି ଜିଁ ଜିଁ ତାହା କେବଳ ତାମିଲ କରି ଚାଲିଛୁ । ମନଟା ଖାଲି ଘାଣ୍ଟି ଚକଟି ହେଉଛି—ଏହାର ପ୍ରତିକାର କଣ ! —ଚନ୍ତା—ଚନ୍ତା ।

Digitized by srujanika@gmail.com

# ଅଜଣା ପାଞ୍ଜି

ଲେଖକ—,.

ଓଡ଼ିଶାର ଚତୁର୍ଦ୍ଦିଗରେ ସ୍ୱାତନ୍ତ୍ର୍ୟ ଉତ୍ସବ ପାଳିତ ହୋଇ ଅଛି । ଏ ଉତ୍ସବରେ ନାଟ ତାମସା, ଭୋଜି ବିତରଣ, ନାଚ ଗୀତ, ବାଣ ବମାଣ, ନାମ ସଂକୀର୍ତ୍ତନ ଆଦି ହୋଇଅଛି । ଏମନ୍ତ ନାନା ସ୍ଥାନେ ନାନା ମତର ବ୍ରିଟିଶ ଦେଶଭକ୍ତ ମହାତ୍ମାଙ୍କ ଉଦ୍ୟମର ପଣ ପ୍ରକାଶ ପାଇଲା । ହାକିମମାନେ ବର୍ଷଶେଷରେ ବ୍ୟବସାୟୀମାନଙ୍କଠାରୁ ଚାନ୍ଦା ଅଦାୟରେ ବିଜୟୀ ହୋଇଗଲେ । ବ୍ୟବସାୟୀମାନେ ହାକିମଙ୍କ ନାକ ତଳେ ଗରାଖଙ୍କଠାରୁ ଏକା ପୋଟଳର ଦଶ ଉଠେଇ ଏକା କପ୍ଡ଼ର ଆଠ ଟଙ୍କାରେ ବିଜୟୀ ହୋଇଲେ । ଏ ଉତ୍ସବରେ ମୁଖ୍ୟରେ ଦୁଃଶାସନର ବସ୍ତ୍ରହରଣ କଳଙ୍କ ଦୂର କରିବାକୁ ସରକାରଙ୍କ ବସ୍ତ୍ରମାନ ଗଞ୍ଜା ହୋଇଲା । ଉତ୍କଳର ଜନ୍ମଭୂମି ବାଲେଶ୍ୱର ଜିଲାରେ ଏ ବାସରରେ ବର୍ଣ୍ଣିତ ଅର୍ଘ୍ୟ ସୋମରସର ସଦ୍‌ବ୍ୟବହାର ହୋଇଥିଲା । ଏ ମଧ୍ୟ ବିତରଣରେ ବଡ଼ ବଡ଼ ଦେବତାମାନେ ମତ୍ତ ହୋଇ ପ୍ରଶଂସା ଭଜନ ହୋଇଲେ । କଳ୍କୀ କର୍ଣ୍ଣ ମୋହିନୀ ମୂର୍ତ୍ତି ଧରି ସୁଧା ବଣ୍ଟନ କଲେ । ଏଥି ଅନନ୍ଦ ହୋଇଲା ।

ସଂଯୁକ୍ତ ମନ୍ତ୍ରୀଙ୍କ ବାମନସ୍ଟୀମାନଙ୍କ ସହିତ ବିଶ୍ରମ୍ଭାଳାପ ହୋଇଲେ ଏବଂ ଘଡ଼ି ଦଶ ଲଢ଼୍ୟା କାଳ । ବାମନଷ୍ଟୀ ଗହଣରେ ବିଚାର କରନ୍ତେ ଏବଂ ଟିଫିଟ ପଠାଇବାର ଉଦ୍ୟମ ହୋଇଲା । ଏ ସାଙ୍ଗ ଟିଫିଟର ଗୁପ୍ତ ରହସ୍ୟ ବୁଝିପାରି ବିଚକ୍ଷଣ ମନ୍ତ୍ରୀ ସଙ୍ଗ ଛାଡ଼ି ନିଗଳ ବା ଏକମେବ ଟିଫିଟ ଉଠାଇବାକୁ ଆଦେଶ କରନ୍ତି । ଏମନ୍ତେ ମନ୍ତ୍ରୀଙ୍କୁ ବାମଜନ୍ତ୍ରୀ ବନ୍ଧୁ ବୋଲି ପରିଚୟ ଦେବାର ଉଦ୍ୟମ ପଣ୍ଡ ହୋଇଲା ।

ସିଂହଭୂମରେ ପୁଣି ସିଂହ ଗର୍ଜନ ଛାଡ଼ିଲା । ସମ୍ମିଳନୀ କରି ଓଡ଼ିଆମାନେ ମାତୃଭୂମି ମଙ୍ଗଳ ପାଇଁ ଜାଗ୍ରତ ହୋଇଲେ । ଏ ଅବସରରେ ହୃତଗୌରବ ଗୋଦାବରୀଶ ଆପଣା ଗୌରବକୁ ଫେରାଇ ଆଣିବାକୁ ଅଯଥା ଉଦ୍ୟମ ଲଗାଇଲେ ମାତ୍ର । ଅଙ୍ଗାରକୁ ଧୌତ କରି କେବଳ ଲାଭ ହୋଇଲା ! ଗୋଦାବରୀଶଙ୍କ ପରି ବ୍ୟକ୍ତି ପୁଙ୍ଗବଙ୍କୁ ସିଂହଭୂମବାସୀ ବରଣ କରି ଆପଣା ମହତ୍ତ୍ୱ ଦେଖାଇ ଦେଲେ । ଗୋଦାବରୀଶ ଯଦି ଗୋବଦଣ୍ଟଏ ସଭାପତି କରିଥିଲେ ହେଲେ ସଭାକୁ ମଣ୍ଡିଣି ହୁଅନ୍ତାଇ ।

ଟାଙ୍ଗିଠାରେ ଶିକ୍ଷା ସପ୍ତାହ ହୋଇଗଲା । ସପ୍ତାହରୁ ପରିଚା ସାହେବ ଷଡ଼େଇ କଲେ ବୈଶାଖ ଏତେଦିନେ ଶୁଭ ବେଳାରେ । ଚନ୍ଦ୍ରମା ଭୁଶିବେ, ଆମ୍ଭ କଲେଜ ଶିକ୍ଷାକୁ ଟେକି ଥୋଇଲେ ପର୍ବତ ଉପରେ । ମୂଳଅ ତା ବାପଠାରୁ ଯେଉଁ ଶିକ୍ଷା ଲଭଇ ତାହା କେବଳ ଶିଳ୍ପ । କଲେଜ ଛାତ୍ର ଯାହା ଲଭଇ ତାହା ଶୈକ୍ଷ୍ୟ ପ୍ରୁ । ଏମନ୍ତେ ସେ ଭାଷିବେ ଏ ସ୍ୱୟଂ ଟବନା ଦେବ ବଳିତ ଶିକ୍ଷା ହାସଲ କରନ୍ତି । ସେ ଲକ୍ଷି ବିଶେଷଜ୍ଞ । ତାଙ୍କର ବୈଜ୍ଞାନିକ ଭାଷି । ତଥ୍ୟ ପୋଥିରେ ରହି ଯାଉଛି । ଏକ୍ଲୁ ଗୁପ୍ତ କଲେଜେଜସରିଜ ଲଙ୍ଗଳ ଗୁପ୍ତ ନୁହଇ—କଲମ ଗୁପ୍ତ । ସେଥି ଗୋଲ ଗୋଲ ବିଲାତି ଅଳୁ ଓ ଲମ୍ବା ଲମ୍ବା ଅଚାର୍ଯ୍ୟା ମୂଳା ମିଳିଲେ ଓଡ଼ିଶାରେ ସ୍ୱର୍ଗ ହୋଇବ ।

କଟକ ମୁନିସିପାଲିଟି ଅଜଗ ଦେବ ନବ କଲେବର ନୋହିଲା । ଯୋଡ଼ା ପସୁଣ କାର୍ଯ୍ୟ ଯାଇ ଯୋଡ଼ା ବଇଶାଖ ବିତିଲାଇଁ । ବଇଶାଖ ଜ୍ୟେଷ୍ଠ ଯାଇଁ ଅଷାଢ଼ରେ ହେଲେ ହୋଇବ । କିନ୍ତୁ ଏ ଯୋଡ଼ା ଅଷାଢ଼ ନୁହଇ—ପୋଡ଼ା ଅଷାଢ଼ ତ ପାଖି ବୁଢ଼ା ଅଷାଢ଼ । ତେଣୁ ଅଭିନ୍ନ ମ୍ୟୁନିସିପାଲିଟିରୁ ଭିନ୍ନ ହେବାର ନୁହନ୍ତି । ମୋଡ଼ଲଳ ଲୁଚି ଛାଡ଼ିବାର ନୁହନ୍ତି । ଗଜାଳ ଏବଂ ଭାଲ ଛେଳି—ଗରୁ ଲଏ ଯାଏ ମାଠେ । ଏମନ୍ତେ ପାଲି ଲଗିଛଇ । ନୂଆ ଚେୟରମାନ ହେବା ଆଗରୁ ମିଳିସିପାଲିଟି ଜମି କମିସନରମାନଙ୍କ ଭାଇବନ୍ଧୁଙ୍କୁ ଶସ୍ତାରେ ମିଳିବାର ଅଛି ଏମନ୍ତେ ନୋଟିସ ଏକଦା ଦ୍ରୁତ ସିନେମା ସାଇନ୍ ବୋର୍ଡ଼ରେ ଦେଖି ଚକ୍ଷୁ ପବିତ୍ର ହୋଇବ ।

ବାଲେଶ୍ୱର ମୁନିସିପାଲିଟି ପହିଲି ବୈଠକ ହୋଇ ଚ୍ୟାଅରମ୍ୟାନ ପୁରୁଷ ଚେୟାରମ୍ୟାନ ହୋଇଲେ । ଚେଅରରୁ ପାଦ ମେଦନ୍ ନ ଛଠନ୍ତି । ବାକ୍ୟ ମେଦମ୍ ନ କରନ୍ତି ନାକ ଧରନ୍ତେ କଟରଧୀମାନେ ଯେତେ ଗୁହେଇ ଲୁଚେଇ ପ୍ରଶ୍ନ କଲେ ସବୁ କାନ୍ଥରେ ବାଜି ତାଙ୍କ ଉପରକୁ ଅପ୍ରସନ୍ନ ହୋଇ ଲେଉଟିଲା । ସବଳେ ରଥେ ଗ୍ରଥେ ଭଷି ସଭା ଭଙ୍ଗ କଲା ।

# ମୁକୁଟ ବନାମ କୁକୁଟ ବନ୍ଦନା (ବାଦୀ ପାଲି)

ବାଦୀ ଗାୟକ—ଶ୍ରୀ ଶ୍ରୀ ଶ୍ରୀ ଚର୍ଚ୍ଚିଲ

ପ୍ରତିବାଦୀ ଗାୟକ—ସ୍ୱାଧୀନ ଭାରତ

( ବ୍ରିଟିଶ ରାଜମୁକୁଟ ସମ୍ବନ୍ଧରେ ଚର୍ଚ୍ଚିଲଙ୍କ ଭାଷଣ ଦ୍ରଷ୍ଟବ୍ୟ )

ଗାଦିବାଦୀ—ବନ୍ଦଇ ମୁଁ ଜୟ ଜୟ ଜୟହେ ମୁକୁଟ,
ପ୍ରତିବାଦୀ—ମୁଁ ଏବେ ବନ୍ଦଇ ମୋର ରାଣ୍ଡୀ କୁକୁଟ ।
ବାଦୀ—ବ୍ରହ୍ମା ଖୋଜି ଖୋଜି ଯାର ନପାଏଟି ସୀମା,
ପ୍ରତିବାଦୀ – ତମ ବଦନରେ କା କହିବ ତା ମହିମା ।
ବାଦୀ—ରାଜା ଯୁବ ଉଦ୍ୟମର ସାକ୍ଷାତ ବିଗ୍ରହ,
ପ୍ରତିବାଦୀ—ମୋ କୁକୁଟ ମୋତେ ଏବେ ହେଲି ଗଳଗ୍ରହ ।
ବାଦୀ—ଉପନିବେଶମାନଙ୍କୁ ଯୋଡ଼ାଇବା କଡ଼ା,
ପ୍ରତିବାଦୀ—ମୋ କୁକୁଟ ଯୋଟକ ତ ମାଉସର ଘଡ଼ା ।
ବାଦୀ—ଅଲଗାଇ ରାଜତନ୍ତ୍ରେ ମୁକୁଟର ଦ୍ୟୁତି,
ପ୍ରତିବାଦୀ—ମୋ କୁକୁଟ ଚୂଳ ଖୋଲି ଧୈର୍ଯ୍ୟ କରେ ସ୍ତୁତି ।
ବାଦୀ—ମରିବାକୁ ମାରିବାକୁ ଦିଏ ଏ ପ୍ରେରଣା,
ପ୍ରତିବାଦୀ—ମାନବ ଜନ୍ମରୁ ଥାଏ ମୋ କୁକୁଟ କହ୍ନା ।
ବାଦୀ—ଏ ଶବ୍ଦ ତ ଅନ୍ୟାନ୍ୟରେ ନ ହେବ ପ୍ରୟୋଗ,
ପ୍ରତିବାଦୀ—ମୋ କୁକୁଟ ମାତ୍ର ଲାଗେ ଠାକୁରାଣୀ ଭୋଗ ।
ବାଦୀ—ସବୁଠାରୁ ଶକ୍ତିଶାଳୀ ଆମ ପାର୍ଲିମେଣ୍ଟ,
ପ୍ରତିବାଦୀ—ମୋ କୁକୁଟେ ଉଠେ ମାଆ ମଙ୍ଗଳାଙ୍କ ଘଣ୍ଟ ।
ବାଦୀ—ଏ ଆମ ପୂର୍ବପୁରୁଷ ବୁଦ୍ଧି କାରସାଦି,
ପ୍ରତିବାଦୀ—ମୋ କୁକୁଟ ଭୋଜନରେ ସ୍ୱର୍ଗ ଜଳେ ବାତି ।

Digitized by srujanika@gmail.com

# ଆଧୁନିକ ହିନ୍ଦି କବିତାର ଧାରା

ଆର୍. ସି. ଟାଣ୍ଡନ

ହିନ୍ଦି କବିତାକୁ ଦେଖିଲେ, କବିଙ୍କ ନିଜଭାଷାରେ, ତାର ନାମ ହେବ ପ୍ରଗତିଶୀଳ କବିତା । 'ନୂତନ ଅଲେଖା' (new writing) ମାର୍କ୍ସ ଫ୍ରଏଡ୍ ଏବଂ କେତେକ ପାଶ୍ଚାତ୍ୟ ଲେଖକ କବିତା ପଢ଼ିଛନ୍ତି— ସେଇ ଯୋଗେଇଦେଉଛନ୍ତି ଏ ପ୍ରଗତିଶୀଳ ସାହିତ୍ୟର ନମୁନା ବା ଆଦର୍ଶ । ଏଇ ପ୍ରଗତିବାଦୀଙ୍କର ଗୋଟାଏ ପକ୍କା ଧାରଣା ଯେ ଏଥି ପୂର୍ବରୁ ଯେଉଁ ଲେଖା ଲେଖାଯାଉଥିଲା ତାର ଧରଣ ଛାୟାମୟ— ମାୟାମୟ— ଶୂନ୍ୟମୟ— ନିତାନ୍ତ ଆଦର୍ଶବାଦୀ, ପ୍ରକୃତ ପାରିପାର୍ଶ୍ୱିକ ବାସ୍ତବ ଅବସ୍ଥା ସହିତ ତାର ସଂପର୍କ ରହେନା । ଫଳରେ ସେ ଅବସ୍ଥା ପ୍ରତି ଏକ ଶକ୍ତିଶାଳୀ ଅସ୍ୱୀକୃତି ଦେଖାଦେଲା । ଏବଂ ଏଇ ପ୍ରଗତିବାଦୀ ଲେଖକ ମାନଙ୍କର ଅନଭିଜ୍ଞତା ଓ ଚପଳତା ଯେତେବେଳେ କାଗଜ ଉପରେ ରୂପନେଲା, ତାର ପରିଣାମ ଯାହା ହେବାର କଥା ତହିଁର ଅନ୍ୟଥା ହୋଇନାହିଁ । ଅଧିକାଂଶ ଏହି ଲେଖାର ଅବର୍ଜନା ଭିତରେ ଗୋଟାଏ ଅଗଠନ ଅପରୀକ୍ଷଣୀୟ ପରିଲକ୍ଷିତ ହୁଏ । ତଥାପି ଏ ଲେଖା ଭିତରେ ଫୁଲଙ୍ଗର ଅଭାବ ନାହିଁ । କୋଡ଼ିଏ ବର୍ଷ ତଳେ ଯେତେବେଳେ ଛାୟାବାଦ ଯୁଗର ଆବିର୍ଭାବ ହେଲା ସେତେବେଳେ ହିନ୍ଦି ସାହିତ୍ୟ ଯେପରି ଏକ ଆମୂଳ ପରିବର୍ତ୍ତନର ତଟବର୍ତ୍ତୀ ହୋଇଥିଲା ଆଜି ମଧ୍ୟ ସେଇପରି ଏକ ପରିବର୍ତ୍ତନ ହେବାର ଚିହ୍ନ ଦେଖାଯାଉଛି ସେ କଥା ଅସ୍ୱୀକାର କରିହେବନାହିଁ ।

ଏ ଶତକର ପ୍ରଥମ ଦଶନ୍ଧିରେ 'ସରସ୍ୱତୀ' ସମ୍ପାଦକ ମହାବୀର ପ୍ରସାଦଙ୍କ ନେତୃତ୍ୱରେ ଦଳେ ସାହିତ୍ୟିକ ହିନ୍ଦି କବିତାର ନବଯୁଗ ସଂସ୍କାର କଲେ । ଅତୀତର ଗତାନୁଗତିକତା ଭାଙ୍ଗିଦେଲେ—ପଦ୍ୟ ଓ ଗଦ୍ୟର ଭାଷାର ପାର୍ଥକ୍ୟ ଉଠାଇ ଦେଲେ । ଆଧୁନିକ 'ଖଡ଼ିବୋଲି' ହିନ୍ଦି ଗଦ୍ୟ ପଛରେ ଶହେ ବର୍ଷର ପ୍ରତିଷ୍ଠା ଅଛି । ତଥାପି ହିନ୍ଦି କବିତା ଖଡ଼ିବୋଲିରେ ନହୋଇ ବ୍ରଜଭାଷାରେ ପ୍ରଚଳିତ ଥିଲା । ଏହାକୁ ଧର୍ମଛଡ଼ା କଥାବୋଲି ଲୋକେ କହିଲେ ଏବଂ ଆଜି ମନେ ପଡ଼ୁଛି ପ୍ରତିକ୍ରିୟାଶୀଳ ଚାଂକ୍ରବଙ୍କର ବିରୋଧକୁ ବି ବୀରତାର ସହିତ ସମ୍ମୁଖୀନ ହୋଇଥିଲେ ଏହି ନବୀନ ଉଦ୍ୟମୀମାନେ । କବିତାର ଅଧ୍ୟେୟରେ ମଧ୍ୟ ମୂର୍ତ୍ତି ନବ କଳେବର ଘେନିଥିଲା । କ୍ଷୟିଷ୍ଣୁଶୀଳ ମଧ୍ୟଯୁଗର ଶୃଙ୍ଗାର-ଚରିତ ଅନୁରାଗାତ୍ମକ କବିତାରେ ଏ ନବଯୁଗ ଆଉ ସନ୍ତୋଷ ପାଇ ପାରିଲା ନାହିଁ । ବରଂ ପାଶ୍ଚାତ୍ୟ କବିମାନଙ୍କର ଆଦର୍ଶରେ ତାହା ପ୍ରକୃତିର ବର୍ଣ୍ଣନ ଓ ଦେଶାତ୍ମବୋଧର ଭାବ-ପ୍ରାଣତା ତଥା ପୁରାତନ କଥାନକକୁ ନବ କାବ୍ୟକୁଞ୍ଜରେ ଅଧିଷ୍ଠିତ କରିବାର ପ୍ରୟାସ କଲା । ଅବଶ୍ୟ ଏହି ସତେଜ ବାସ୍ତବତା ଅନେକ ସମୟରେ ମୌଳିକ କଳ୍ପନା ବା ମୌଳିକ ସଙ୍ଗୀତ ସୌନ୍ଦର୍ଯ୍ୟକୁ ବଳି ଦେଇଥିଲା କହିଲେ ଚଳେ । ମୈଥିଳୀ ଶରଣ ଗୁପ୍ତଙ୍କର ଭାରତଭାରତୀ ଏହାର ଏକ ଦୃଷ୍ଟାନ୍ତ । କିନ୍ତୁ କାବ୍ୟ ଏହାଦ୍ୱାରା ବର୍ଣ୍ଣନାତ୍ମକ ବା ଉପଦେଶାତ୍ମକ ସ୍ତରକୁ ଖସିଆସିଲା । ତଥାପି ଏହି ନବୀନ ମାନଙ୍କର ସାଧନାକୁ ଏକ ଅଦ୍ଭୁତ ବୋଲିବା ଛଡ଼ା ନ୍ୟୁନ ଦୃଷ୍ଟିରେ ଦେଖି ହେବନାହିଁ । ଏହି ଦଳର କେନ୍ଦ୍ର ସ୍ୱରୂପ ମୈଥିଳୀ ଶରଣ ଆଜି ମଧ୍ୟ ଆମ୍ଭମାନଙ୍କ ମଧ୍ୟରେ ବିଦ୍ୟମାନ— ଏବଂ ସୁଖର କଥା ତାଙ୍କ ଶକ୍ତି ନିଃଶେଷ ହୋଇନାହିଁ । ସମସାମୟିକ କବିତାର ବିକାଶ ସେନି ଯେତେ ଧାରାବାହିକ ସମସ୍ତ ପ୍ରବୃତ୍ତିକୁ ଉଦ୍‌ବୋଧନ ଅନୁକରଣ କରିବାରେ ହିଁ ତାଙ୍କର ସାମର୍ଥ୍ୟ ପରିସ୍ଫୁଟ । ବେଳେବେଳେ କେବେ ସେ ଉଭୟ ଲେଖିଥାଇ ପାରନ୍ତି କିନ୍ତୁ ସେ ଯାହା କିଛି ଲେଖିଛନ୍ତି ତାହା ସାର୍ଥକ ହୋଇଛି ।

ଆମର କାବ୍ୟର ସନ୍ନିଧିତାର ପରବର୍ତ୍ତୀ ସମୟର କେନ୍ଦ୍ରରେ ଅଛନ୍ତି ସୁମିତ୍ରାନନ୍ଦନ ପନ୍ତ । ସମସ୍ତ ଦୃଷ୍ଟିରୁ ଜୟଶଙ୍କର 'ପ୍ରସାଦ' ବା ସୂର୍ଯ୍ୟକାନ୍ତ ତ୍ରିପାଠୀ 'ନିରାଲା' ତାଙ୍କ ପୂର୍ବର ବୋଲି କୁହାଯାଇ ପାରେ କିନ୍ତୁ ଯେଉଁ କବି ଏହି ଯୁଗକୁ ବିଶେଷ ରୂପେ ଚିହ୍ନିତ କରିଛନ୍ତି ସେ ହେଉଛନ୍ତି ପନ୍ତ । ସମସ୍ତେ ଉପଲବ୍ଧି କରୁଥିଲେ ଯେ ମୈଥିଳୀ ଶରଣ ରାମଚରିତ ଉପାଧ୍ୟାୟ, ସନେହୀ, ଗୋପାଳ ଶରଣ ଏବଂ ଅନ୍ୟାନ୍ୟ ମାନଙ୍କର ରଚନାବଳୀରେ ସୌଷ୍ଠବ ଓ ସ୍ୱଚ୍ଛନ୍ଦତା ଥାଇପାରେ କିନ୍ତୁ ପ୍ରାଣସ୍ପର୍ଶୀ ଉନ୍ମାଦନାର ଅଭାବ ଥିଲା । ପନ୍ତ ରୋମାଣ୍ଟିକ କାଳ ଇଂରାଜୀ କାବ୍ୟ କବିମାନଙ୍କୁ ଅଧ୍ୟୟନ କରିଥିଲେ । ଶେଲି ଓ ରବୀନ୍ଦ୍ରନାଥ ପଢ଼ିଥିଲେ—ଯେତେବେଳେ ରବୀନ୍ଦ୍ରନାଥଙ୍କର ପୃଥିବୀବ୍ୟାପୀ ସୁଖ୍ୟାତି ପ୍ରତ୍ୟେକ ଭାରତୀୟର ଶିରକୁ ଉନ୍ନତ କରିଦେଉଥିଲା ସେତେବେଳେ । ପରିଣାମରେ ଆମେ ପାଇଲୁଁ ଛନ୍ଦ ଛାୟାବାଦୀ ବା ମାୟା-ଆଧ୍ୟାତ୍ମିକ ରୋମାଣ୍ଟିକର ବୈଚିତ୍ର୍ୟମୟ କବିତା ଯାହାର ଗୋଟାଏ ଅନିଶ୍ଚିତ ଅସତ୍ୟ ନାମହେଲା ଛାୟାବାଦ । ପନ୍ତଙ୍କର 'ପଲ୍ଲବ'ର ଆଦର ସମସାମୟିକ କୌଣସି ହିନ୍ଦି ପୁସ୍ତକ ଭାଗ୍ୟରେ ଘଟିନାହିଁ । ଏହା ଏକସମୟରେ ଉନ୍ନତ ସୁଷମା ଲାଳସୀ ପାଠକ ତଥା ତରୁଣ ସାଧକମାନଙ୍କୁ ଉପହାର ଦେଲା ପରି ବୋଧହେଲା । ପନ୍ତ ବହୁ ଅନୁଯାୟୀ ପାଇଲେ । ତାଙ୍କର ପୂର୍ବଗାମୀ ଲେଖାମାନ ଅତି ନୀରସ ଓ ସାଧାରଣ ମନେହେଲା । ପନ୍ତଙ୍କର ପଦ୍ୟ ସ୍ଥାନେ ସ୍ଥାନେ ଅସ୍ପଷ୍ଟତା, କର୍ଣ୍ଣପ୍ରିୟତା ଦ୍ୱାରା ଆକ୍ରାନ୍ତ ହୋଇ ବ୍ୟାକରଣ ଏବଂ ଛନ୍ଦଶୈଳୀକୁ ଲଙ୍ଘନ କଲେ ମଧ୍ୟ ଧର୍ତ୍ତବ୍ୟ ହେଲାନାହିଁ । ଖଡ଼ି ବୋଲି ହିନ୍ଦିଭାଷାରେ ସେ ନିଷ୍ଠିତରୂପ ଏବଂ ନବୀନ ସଂଗୀତଚ୍ଛଟା ଆଣିଦେଲେ ଏବଂ ତାକୁ ଅଧିକତର ସାରଗର୍ଭକ କରିଦେଲେ । ବିଗତ ଦୁଇଦଶନ୍ଧି ପୁରାତନ ପଦ୍ୟରଚନା ବୟସ୍କମାନଙ୍କ ଭିତରେ ଅପରିବର୍ତ୍ତନ-ମନୋବୃତ୍ତି ସୃଷ୍ଟି କରିଥିଲା । ସେଇ ବୃଦ୍ଧ ଯୋବପନ୍ଥୀମାନେ ପନ୍ତଙ୍କୁ ବିସ୍ଫାରିତ ନେତ୍ରରେ ପ୍ରଥମେ ପ୍ରଥମେ ଦେଖିଲେ ମଧ୍ୟ ସେମାନେ ପରିଶେଷରେ ପନ୍ତଙ୍କୁ ସ୍ୱୀକାର କଲେ ଏବଂ ନିଜର ପରିଣତ ଲେଖାରେ ପନ୍ତଙ୍କ ପ୍ରଭାବ ପରିଦୃଷ୍ଟ ହେଲା ।

ପଲ୍ଲବ ପ୍ରକାଶନ ପରେ ଏଇ ଦୁଇ ଦଶକ ମଧ୍ୟରେ ପ୍ରାଚୀନ ଓ ଅର୍ବାଚୀନ ମାନଙ୍କର ବହୁ କବିତା ପ୍ରକାଶ ପାଇଛି । ୬ ଜୟଶଙ୍କର 'ପ୍ରସାଦ', ସୂର୍ଯ୍ୟକାନ୍ତ ତ୍ରିପାଠୀ 'ନିରାଲା', ମୈଥିଳୀ ଶରଣ ଗୁପ୍ତ ଗୋପାଳ ଶରଣ ସିଂ, ମାଖନଲାଲ ଚତୁର୍ବେଦୀ, ସିଅରାମ ଶରଣ ଗୁପ୍ତ ଅନୂପ ଶର୍ମା, ବାଳକୃଷ୍ଣ ଶର୍ମା 'ନବୀନ' ମହାଦେବୀ ବର୍ମା, ବଚନ, ରାମକୁମାର ବର୍ମା, ଭଗବତୀ ଚରଣ ବର୍ମା, ଦିନକର, ଗୁରୁଭକ୍ତ ସିଂ, ଗୋପାଳସିଂ ନେପାଳି, ହରିକୃଷ୍ଣ ପ୍ରେମୀ ଏବଂ ନରେନ୍ଦ୍ରଙ୍କ ନାମ ଲେଖକ ପର୍ଯ୍ୟାୟର ଶେଷ ନୁହେଁ । ଏ ଯୁଗ ଦର୍ଶାଇଦିଏ ରଚନାର ବାହ୍ୟବିଧ ରୂପ ଓ ପଦ୍ୟ ବିନ୍ୟାସର ଦୁଃସାହସିକ ପ୍ରୟୋଗ । ଭାଷା ବହୁ ସାଧନା ପରେ ବଡ ପାଣିଳ ହୋଇଯାଇଛି ଏବଂ ନବ ନବ ପ୍ରକାଶ ଭଙ୍ଗୀଦ୍ୱାରା ପୁଷ୍ଟ ହୋଇଛି । ଏ କବିତାକୁ କୌଣସି ସାଧାରଣ ପର୍ଯ୍ୟାୟରେ ପକାଇବା କଷ୍ଟକର । ତଥାପି ଏହାକୁ ସଂଗୀତମୟ ବା ଗାଥାକାବ୍ୟ ପ୍ରଧାନ ବୋଲି କୁହାଯାଇପାରେ । ଏଠାରେ କବିତା ଅଧିକତର ଗୌଣ ଓ ଆଧ୍ୟାତ୍ମିକ ହୋଇଯାଇଛି ଏବଂ ଦୁଃଖ ହେଉଛି ତାର ପ୍ରଧାନ ବିଶେଷତ୍ୱ । କିନ୍ତୁ ଏ ବିଷାଦ ବା ବିୟୋଗାନ୍ତ ଭାବ ଅନେକ ସମୟରେ ଯେ କୃତ୍ରିମ କଳିତ ହୋଇନଯାଇଛି ତା' ନୁହେଁ । ଯଦି ଯଥାଯଥ ବିବେଚନା କରାଯାଏ ତେବେ କେତେକ ରଚନା ଅସ୍ପଷ୍ଟ ଏବଂ ମାନହୀନ ବୋଲି ପରିଗଣିତ ହେବ । (୧୬ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ନାଗରିକ ଶାସନ ଖସଡ଼ା

ଲେଖକ—**ପ୍ରଧାନ ବିଲୁଆ**

ଭାରତର ଅଇନ୍ଦା ଶାସନ ଖସଡ଼ା ନାନାମୁନି ନାନା ମତ ଗଢ଼ି ଯାଉଛନ୍ତି ଦେଖି ମୋ ମନ ବି ଟିକିଏ ହୁଙ୍କର ହୁଙ୍କର ହେଲା । ତେଣୁ ଭାରତର ଜନସାଧାରଣ ବିଶେଷତଃ ବିଲାତ ଫେରନ୍ତା ଲର୍ଡ୍ ଓ୍ୟାଭେଲଙ୍କ ଜେଗରେଥେଁ ପେନ୍ ଚଳାଇ ଦରବାଧବେଲ ଧର୍ମରେ ଅର୍ପିତ ।

ଶାସନ ଖସଡ଼ାଟା ଗୋଟେ ବିଷମ କଥା । ପାଇଁ ଉପରେ ଏମଧ୍ୟ ଚଢ଼ ଖସଡ଼ା—ଭଳି ଖସଡ଼ା । ନଜାଣି ଉଠିଁ କ ଗୋଡ଼ ବଢ଼େଇଲେ ପଦପଦେକ କଚଡ଼ାରେ ସଙ୍ଗାତ ।

**ବିଶ୍ୱାସ**—ମୋର ବିଶ୍ୱାସ, ଭାରତରେ ବ୍ରିଟିଶ ରାଜତ୍ୱ ଭଗବାନଙ୍କର ଗୋଟାଏ ଲୀଳା । ଶ୍ରୀକୃଷ୍ଣଙ୍କ ଗୋପ ଲୀଳାକୁ ଚାକି ଗୋଟାଏ ରହାସ ଏବେ ନୂଆ ଦିଲ୍ଲୀର ନଗର-କୁଞ୍ଜ ଗଳି ବନରେ ଚାଲିଛି । ଏ ରହାସ ନାମ ଡ଼'ପତ୍ରଧିଆ ରହାସ । ଏ ହେଲା କୃଷ୍ଣ ଭକ୍ତଙ୍କ ମତ । ଏଠି ସଖି ପ୍ରେମ ଚାଲିଛି । ଅର୍ଥାତ୍ ପୁରୁଷ ସଖୀମାନେ ଅସ୍ତ୍ର ବ୍ରତରେ କୃଷ୍ଣଙ୍କୁ ପଦସେବା କରୁଛନ୍ତି । ରାମ ଭକ୍ତଙ୍କ ମତରେ ତ୍ରେତାଯୁଗରେ ହନୁମାନ ରାମଚନ୍ଦ୍ରଙ୍କଠୁଁ ବର ପାଇଥିଲେ, କଳିଯୁଗରେ ତାଙ୍କ ବଂଶଧର ଭାରତର ରାଜା ହେବେ । ସୁତରାଂ କଳିଯୁଗ ନସରିବା ଯାଏ ଭଗବାନଙ୍କ ନିର୍ଦ୍ଦେଶ ଇଂରେଜ ଏ ରାଜ୍ୟରେ ରାଜା ହେବେ । କ୍ୱିଟ୍ ଇଣ୍ଡିଆ ବା ଭାରତ ଛାଡ଼ ପ୍ରସ୍ତାବ କେବଳ ଭଗବାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା ଛଡ଼ା ଅନ୍ୟ କିଛି ନୁହେଁ । ସୁତରାଂ ଏ ଦେଶର ଲୋକଙ୍କ ସହିତ ବ୍ରିଟିଶର ପ୍ରୀତିବନ୍ଧନ ବଢ଼ି ନବନ୍ଧ । ସେହି ଦୃଷ୍ଟିରୁ ଭାରତର ଭବିଷ୍ୟତ ଶାସନ ଖସଡ଼ା ଗଢ଼ାହେବ ।

**ଚୌରଚନ୍ଦ୍ରିକା**—ଖସଡ଼ା ପୂର୍ବରୁ ଭାଇସରାୟ ନିମ୍ନଲିଖିତ କାର୍ଯ୍ୟମାନ କରିବେ । କଂଗ୍ରେସକୁ ଚିରକାଳ ଅର୍ଜ୍ଜିନାନ୍ସରେ ବେଆଇନ କରି ରଖିବେ । ଅଇନକର ଫେଡ଼ରଲ କୋର୍ଟ ମୁଦ୍ରା ବନ୍ଦ କରିଦେବେ । ଅହିମଦନଗରର ଫାଟକରେ ସିଲମାରି ରଖିଅସିବେ । ଯତ ସୁନ୍ଦରୀଙ୍କ ତ୍ରେତାଅସ୍ମା ଅସ୍ୱୀକାର କରନ୍ତୁ ସେଠେ ତେବେ ଅମ ଗାଁ ମଣି ଭୂଷିଅ ଠୁଁ ଡେଇଁ ରଅଟାଏ ନେଇ ଡାହାଣ ହାତରେ ମଙ୍ଗଳ-ବାର ଦନ ବାନ୍ଧିବେ ।

**ସାମୟିକ ସରକାର**—ଖସଡ଼ା କାର୍ଯ୍ୟକାରୀ ହେବା ଆଗରୁ ଗୋଟାଏ ସାମୟିକ ସରକାର ବା provisional Govt ଗଢ଼ାହେବ । ଚର୍ଚ୍ଚିଲଙ୍କ ତାହାର ସର୍ବେସର୍ବା ହେବେ । ତଳେ ମିଲିଟାରୀ ଲାଟର ମଧ୍ୟ ଦରକାର । ଯଦି ମିଲିଟାରୀ ଲାଟ ନମିଳନ୍ତି ତେବେ କର୍ଣ୍ଣେଲଟର ମଧ୍ୟ ଦରକାର । ଯଦି ମିଲିଟାରୀ ଲାଟ ନମିଳନ୍ତି ତେବେ କର୍ଣ୍ଣେ-ମାନ ଲାଟଙ୍କ ନବକଳେବର ଦିଆଯିବ । ସେ ଏକ ଅଶ୍ୱମେଧ ଯଜ୍ଞ କରିବେ । ଅଶ୍ୱର ମୁଖରୁ ଜାତହେବେ ଅର୍ଥ ସଚିବ, ଭୁରୁଡ଼ିରୁ ଜାତ ଯେ ହେବେ ସେ ହେବେ ସ୍ୱରାଷ୍ଟ୍ର ସଚିବ, ଲାଙ୍ଗୁଳରୁ ଜାତ ହେବେ ବୈଦେଶିକ ସଚିବ । ପେଟ ତଳଦେଶରୁ ଜାତହେବେ ଯୋଗାଯୋଗ ସଚିବ । କଦମରୁ ଜାତହେବେ ରେଳବାଇ ସଚିବ । କଣ୍ଠାରୁ ଜାତହେବେ ଯୋଗାଣ ସଚିବ, ମୁଣ୍ଡରୁ ଜାତହେବେ ଶିକ୍ଷା ସଚିବ । ମୂତ୍ରରୁ ଜାତହେବେ ସ୍ୱାସ୍ଥ୍ୟ ସଚିବ । ବାଳରୁ ଜାତହେବେ କୃଷି ସଚିବ । ଲୋମରୁ ଜାତହେବେ ଦେଶୀୟ ରାଜ୍ୟ ସଚିବ, ସାଡ଼ରୁ ଜାତହେବେ ଆଇନ ସଚିବ । ତାର ଉମ୍ବୁ ତା ଅଣ୍ଡାରୁ ଯାହା ବାହାରିବ ତାକୁ ନେବେ ଜନସାଧାରଣ । ଏ ମନ୍ତ୍ରୀମଣ୍ଡଳରେ ରହିବେ ୪୦ ଭାଗ ପୁରୁଷ ୬୦ ଭାଗ ନାରୀ । ତନ୍ମଧ୍ୟରୁ କର-ସ୍ଥାନ ୩, ହିନ୍ଦୁ ୪, ମୁସଲମାନ ୩, ହରିଜନ ୨ ଓ ହିନ୍ଦୁ ୧ । ଭାରତରକ୍ଷା ଆଇନ ଫୌଜଦାରୀ ଆଇନ ବଦଳରେ ପ୍ରଚଳିତ ହେବ । ଅଦାଲତି ଆଇନ ବଦଳରେ କଣ୍ଟ୍ରୋଲ ଅର୍ଡ଼ର ପ୍ରଚଳିତ ହେବ । ସନ୍ଧ୍ୟାରେ ନାରୀ ପୁରୁଷ କଣ୍ଟ୍ରୋଲ ହୋଇ ଗୋଟିଏ ସ୍ତ୍ରୀକୁ ଗୋଟିଏ ପୁରୁଷ ରହିବେ । ଉଦ୍‌ବୃତ୍ତ ବଳକା ବା ଅମେରିକାକୁ ରପ୍ତାନି କରାଯିବ । ଅଭାବ ପଡ଼ିଲେ ପନ୍ନ ସ୍ତ୍ରୀ ବା ଯନ୍ତ୍ର ପୁରୁଷ ଏଦେଶକୁ ଆମଦାନୀ ହେବ ।

ତା ଛଡ଼ା ମିଲିଟାରୀ କଣ୍ଟ୍ରାକ୍ଟରଙ୍କ କେଲ୍ ବନା ଉଦାରକରେ ପାସହେବ । ଜାତୀୟ ଯୁଦ୍ଧ ସାହାଯ୍ୟରେ ଖର୍ଚ୍ଚ ଅଗ୍ରିମଭାବ ଦେବାକୁ ହେବ । ଅସ୍ପୃଶ୍ୟ ହରିଜନକୁ ଅର୍ଦ୍ଧ ପଇ ବାର୍ଷିକ ଅଗ୍ରେଇ ଦେବାକୁ ହେବ । ତୋଷାମଦିଆ କାଗଜମାନଙ୍କୁ ଉତ୍ସାହ ଦେବାକୁ ହେବ ଓ ସ୍ୱାଧୀନ ମତବାଦ କାଗଜମାନଙ୍କୁ ମୂଳରୁ ଉପାଡ଼ି କରି ଦିଆଯିବ ।

**ମାନଚିତ୍ର**—ଭାରତର ମାନଚିତ୍ରର ପାଦସ୍ଥାନ ବା ହୃଦ୍‌ସ୍ଥାନରେ ତାରତମ୍ୟ ହେବନାହିଁ । ପ୍ରତି ଭଉନସୁଦ୍‌ରେ ଚୌକିଦାରୀ ସ୍ଥାନ ହେବ । ଗାନ୍ଧିଜୀଙ୍କର ଗ୍ରାମ ସଂଗଠନର ନୂତନ ଅର୍ଥ କରି ଲୋକଙ୍କୁ ଏହି ଭଳି ସୁଶାସନରେ ରଖିବାକୁ ହେବ । ପୁଲିସ, ଗୋଏନ୍ଦା ବିଭାଗ ହେବେ ଶାସନର ଉଜ୍ଜ୍ୱଳ କଳାର ସ୍ତମ୍ଭଅଙ୍ଗ—ସୁବାହ—ଯେଉଁ ଅନ୍ତକୁ ମୋଡ଼ିବେ ସେଇ ଆଡ଼େ ରହିବ ।

**ସମ୍ପତ୍ତି**—କେହି ଏ ବସ୍ତୁକୁ ହସ୍ତାନ୍ତରିତ କରି ପାରିବେ ନାହିଁ । ଭଗବାନ ଯାହାକୁ ଯେଉଁ ଅବସ୍ଥାରେ ଜନ୍ମ ଦେଇଛନ୍ତି ସେ ସେହି ଅବସ୍ଥାରେ ରହିବାକୁ ବାଧ୍ୟ । ଗରିବ ଲୋକ ବଡ଼ଲୋକ ହେବାକୁ ଚେଷ୍ଟାକଲେ ସେମାନେ ଭଗବାନଙ୍କ ଆଇନକୁ ଅମାନ୍ୟ କରୁଥିବା ଅପରାଧରେ ଦଣ୍ଡିତ ହେବେ । ବଡ଼ଲୋକ ଗରିବ ହୋଇଯାଉଥିଲେ ତାଙ୍କ ସ୍ତ୍ରୀର ଝିଅ ବା ଅନରଶ ମାଜିଷ୍ଟ୍ରେଟ କମ୍ପାନୀଙ୍କ ଜଲବର୍ଡ଼ ଲୋକାଲ ବୋର୍ଡ଼ ଆଦିର ନାଇବ କରି ଦିଆଯିବ । ଚିତ୍ର ଟେଷ୍ଟ ତଦନ୍ତ କଣ୍ଟ୍ରୋଲ ବିଭାଗରେ ରଖିଦିଆଯିବ । ଧର୍ମରାଜ୍ୟ ସ୍ଥାପିତ ହେବ ।

**ଚାକିରୀ**—ଯୁବକ କେବଳ ସେହିମାନଙ୍କୁ ଦିଆଯିବ, ଯେଉଁମାନଙ୍କ ରକ୍ତରେ ୧୦ ପୁରୁଷର ଗୋଲାମୀ ବୀଜ ଭରପୁର ମିଳିବ । ଯେଉଁ ଲୋକ ଅଙ୍ଗରେ ଦେଶୀ ଜଥାଦା ଦୋଷରୁ ଚାପକ ବି ଏତ ଚାପ ନୁହେଁ ବୋଲି ସନ୍ଦେହ କରିପାରିବେ, ନଜେ ଦେଶ ମଧ୍ୟ ଜନ ପୁଅକୁ ବେଯୁବୁଅ ବୋଲି କହିବାକୁ ଦ୍ୱିଧା କରିନ

Digitized by srujanika@gmail.com

ପାରେ, ଯଦି ପିତା ମାତା ସଂଯୋଗରେ ମନୀଷ ଜନ୍ମ ହୁଏ ବୋଲି ନିଃସଂକୋଚରେ କହିପାରେ ତାଙ୍କୁ ଗୋଇନ୍ଦା ବିଭାଗରେ ରଖାଯିବ । ଯେଉଁମାନେ ଦରବାର ପଢ଼ିଲେ ବାପ ବେକରେ ପୁଅ ବେକରେ ଛୁରୀ ଚଳାଇବାକୁ ପଶ୍ଚାତ୍ପଦ ହେବେ ନାହିଁ, ଯେଉଁମାନେ ସ୍ୱଦେଶ ପାଇଁ ସ୍ତ୍ରୀ କନ୍ୟାଙ୍କୁ ସାହେବଙ୍କ ସେବାରେ ଦେବାକୁ କୁଣ୍ଠିତ ହେବେ ନାହିଁ ସେମାନଙ୍କୁ ପୁଲିସ ବିଭାଗ ଦିଆଯିବ । ଯେଉଁମାନେ ମୁହୂର୍ତ୍ତକ ଭିତରେ ସବୁ ଖାଇ ଶେଷ କରି ପାରିବେ ଅଥଚ ଓଠରେ ଦାଗ ଲାଗି ନ ଥିବ, ସେମାନଙ୍କୁ ହାକିମ ଉପାଧି ଦିଆଯିବ । ଯେଉଁମାନେ ଦିନ ଦି'ପହରେ ନିର୍ଭିକରେ ଡକାଇତି କରି ପାରିବେ ସେମାନଙ୍କୁ ପି ଡବ୍ଲିଉ ଡି ବିଭାଗରେ ରଖାଯିବ, ଯେଉଁମାନେ ମଦ ସାଙ୍ଗରେ ଦୁଇ ନାମ ଚଳାଇ ପାରିବେ ସେମାନଙ୍କୁ ଜିଲ୍ଲା ମାଜିଷ୍ଟ୍ରେଟ, ସେକ୍ରେଟେରି ଏଣ୍ଡ୍ ଗାଦି ଅଢ଼ ଦିଆଯିବ, ଯେଉଁମାନେ ଅଫିମ ଖାଇ ଭଲ ଢୁଲେଇ ଚାଲିବେ ଆଉ ବିଜ୍ଞଲେଇ ବେଦ ଗାଇ ପାରିବେ ସେମାନଙ୍କୁ ଗଭର୍ଣ୍ଣର କରାଯିବ । ତା ଛଡ଼ା ନେଗ୍ରୋ, ଅଢ଼ ଗ୍ରହର ହେଲେକୁ କେବଳ ଟିକିଏ ଅସଭ୍ୟ ହୋଇ ପାରିଲେ କାମ ଚଳିବ । ଯେଉଁମାନେ କଥାରେ ଯାହା କହିବେ କାମରେ ତାର ଓଲଟା କରିବେ ସେମାନେ ମାଷ୍ଟର ହେବେ । ଯେଉଁମାନେ ଲୁଅନ୍ସେସ୍ କରି ପାରିବେ ଦଗାବାଜ ହୋଇ ପାରିବେ ସେମାନେ ଓକିଲ ହେବେ, ଯେଉଁମାନେ ନିଜେ ଏଗାଲିମ ହୋଇ ଯୋଗ୍ୟ ସ୍ୱତ୍ୱ ଅନ୍ୟଙ୍କୁ ଯୋଗ୍ୟ ସ୍ୱତ୍ୱକୁ ଶିଖାଇବେ ସେମାନେ ଆଇ, ସି, ଏସ୍ ହେବେ । ଯେଉଁମାନେ ଏକାଲିଷ୍ଟାଂ ପଦ୍ଧତୀରେ ବିଲେଇ ବିଜ୍ଞାନୀ ହୋଇ ପାରିବେ ସେମାନେ ମନ୍ତ୍ରୀ ବା ଅଡ଼ଭାଇଜର ହେବେ ।

**ନିର୍ବାଚନ**—ସାଂପ୍ରଦାୟିକ ନିର୍ବାଚନକୁ ସର୍ବଦା ଘୃଣା କରାଯିବ । ହିନ୍ଦୁ ମୁସଲମାନ ଖ୍ରୀଷ୍ଟାନ ଜାତିବାଚକ ଏମିତି ନାମ ରହିବ ନାହିଁ । କେବଳ ସୁନଥ, ବେସୁନଥ ଦୁଇଟା ଗୋଷ୍ଠି ରହିବେ । ସୁନଥମାନଙ୍କ ଭିତରୁ ଦାଢ଼ୀ ଅଦାଢ଼ୀ, ଲୁଙ୍ଗୀ ବେଲୁଙ୍ଗୀ ଏମିତି ଭାଗ କରାଯାଇପାରେ । ବେସୁନଥବାଲାମାନଙ୍କ ଭିତରେ ପଇତା ବେପଇତା, ଅମିଷ ନିରାମିଷ, ଭାତ ରୋଟି, ଛତୁ ପିଆଜ ଇତ୍ୟାଦି ବର୍ଗରେ ନିର୍ବାଚନ ହୋଇପାରେ କିନ୍ତୁ ଧର୍ମଗତ ସଂପ୍ରଦାୟ ରହିବ ନାହିଁ । ସୁନଥବାଲାଙ୍କୁ ଟିକିଏ ବେଶି ସୁବିଧା ଦିଆଯିବ କାରଣ ସମାଜ ସେମାନଙ୍କ ଉପରେ ଅତ୍ୟାଚାର କରି ଗୋଟିଏ ଅଙ୍ଗ କାଟି ପକାଇଛି ।

**ଧର୍ମ**—ଏ ଦେଶରେ କେବଳ ଏକମାତ୍ର ଧର୍ମ ରହିବ । ସେ ଧର୍ମର କୌଣସି ନାମ ବା ସଂଜ୍ଞା ରହିବ ନାହିଁ । ସେ ଧର୍ମର କୌଣସି ଅନୁଶାସନ ରହିବ ନାହିଁ । ଏ ଧର୍ମ ଅଧୀନରେ ସବୁ କରାଯାଇ ପାରେ । ଯେଉଁଟା ମନ ଇଚ୍ଛା କରି ପାରେ ତା କରିବାକୁ ଦ୍ୱିଧା ମନେକରେ ସେଇଟାଇ ପାପ । ସେଥିପାଇଁ ଜଗତରେ ଶାନ୍ତିର ବିଧାନ ରହିବ ।

**ସମାଜ**—ଅଧମ କାଳରୁ ଏହା ସାମାଜିକ ଜଗତ—ଯୋର ଯାର ମୁଲକ ତାର ନୀତି ରହିବ । ପ୍ରତ୍ୟେକ ଦୁର୍ବଳ ପ୍ରାଣୀ ଉପରେ ସବଳ ପ୍ରାଣୀଙ୍କର ଖାଇବା ହେଲା ସୃଷ୍ଟିର ନିୟମ । ସୃଷ୍ଟି ରକ୍ଷା ପାଇଁ ଏହାହିଁ ସାମାଜିକ ଜଗତ ହେବ ।

**ଶାନ୍ତି ଶୃଙ୍ଖଳା**—ଅର୍ଥ ନ ଥିଲେ ଧର୍ମ ତାହାରେ ନାହିଁ । ଏହି ଜଗତରେ ଶୃଙ୍ଖଳା ନାହିଁ । ଯାହାକୁ ସନ୍ଦେହ ହେବ ତତ୍କ୍ଷଣାତ୍ ତା ବିରୁଦ୍ଧରେ କାମ ନିଆଯିବ । ଫାସି ବା ଜେଲ ଯାତ୍ରୀରେ କୌଣସି ବାଧା ଯେପରି ନ ରହେ ତାର ସୁବ୍ୟବସ୍ଥା କରାଯିବ ।

**ଶିକ୍ଷା**—ଯେଉଁ ବିଦ୍ୟା ପଢ଼ିଲେ ଲୋକମାନଙ୍କୁ ଦୈହିକ ପରିଶ୍ରମ କରିବାକୁ ନ ହେବ, ସେହି ବିଦ୍ୟାକୁ ଶ୍ରେଷ୍ଠ ବିଦ୍ୟା ମାନିବାକୁ ହେବ । ମନୁଷ୍ୟ ପରିଶ୍ରମରୁ ମୁକ୍ତି ପାଇଁ ଅବସାଦ ଅନନ୍ତ ବିଶ୍ରାମ ଲୋଡ଼େ । ସୁଖଶାନ୍ତି ଲୋଡ଼େ । ଦୈହିକ ପରିଶ୍ରମ କରିବା ଗୋଟାଏ ପାଶବିକତା । ସେଥିପାଇଁ କେବଳ ମସ୍ତିଷ୍କଚାଳନା, ଓ କଲମ ବା ଅଙ୍ଗୁଳି ଚଳା ଗଢ଼ା ହେବେ । ଅର୍ଥକାରୀ ଶିକ୍ଷାହିଁ ପ୍ରକୃତ ଶିକ୍ଷା ବୋଲି ଧରିନେବାକୁ ହେବ । ପ୍ରତି ଶିକ୍ଷାର୍ଥୀ ମନ୍ତ୍ର ହେବ—ବିଦ୍ୟା କାର୍ଯ୍ୟ ଯଦି ନାସ୍ତି ସ୍ୱଦେଶ, ସ୍ୱଦେଶ କାର୍ଯ୍ୟ ଯଦି ନାସ୍ତି ଉପୁସ ।

**ସ୍ୱାସ୍ଥ୍ୟ**—ନୂତନ ଅବସ୍ଥାନୁସାରେ ସ୍ୱାଭାବିକ ପ୍ରତିରୋଧ ବିଧାନ (immunity) ସର୍ବୋତ୍କୃଷ୍ଟ ଔଷଧ । ରୋଗ ହେବାହିଁ ରୋଗ ମୁଖରୁ ରକ୍ଷାପାଇବାର ପ୍ରଧାନ ଉପାୟ । ବସନ୍ତ ହୋଇଗଲେ କେବେ ବସନ୍ତ ହୁଏ ନାହିଁ ଯେପରି । ତେଣୁ କୌଣସି ଔଷଧ ଦିଆ ନ ଯାଇ ଲୋକମାନଙ୍କ ଅବସ୍ଥା କେବଳ ପ୍ରକୃତି ଉପରେ ଛାଡ଼ ଦିଆଯିବ ।

**ଖାଦ୍ୟ**—ବର୍ତ୍ତମାନ ଖାଦ୍ୟଦ୍ରବ୍ୟ ବା ଭିଟାମିନ୍ ସନ୍ଧାନରୁ ଜଣାଯାଏ ଯେ ଶାଗପତ୍ରାଦି ଖାଦ୍ୟ ବେଶୀ ପୁଷ୍ଟିକାରକ । ବିଶେଷତଃ କଲମ ଶାଗ ବେଶୀ ଉପାଦେୟ ହୋଇଥିବାରୁ ଜଙ୍ଗୋପଯୋଗରେ ଶାଗ ଓ ଦଳ ରୋପଣ କରାଯିବ । ସେଥିପାଇଁ ପରଜା ସାହେବଙ୍କୁ ଗୋଟାଏ ଚଣିଷ୍ଟ ନକ୍ସ ଦିଆଯିବ ।

**ମୁକ୍ତି**—ଭାରତର ଲୋକେ ଇହଧାମଠାରୁ ପରଧାମକୁ ବେଶୀ ପ୍ରାଧାନ୍ୟ ଦେଇଥାନ୍ତି । ପରଧାମକୁ ଡାକ ଟିକାଇ ଦିଆଯିବ ।

---

## ଡଗର ଚିନ୍ତାମଣି ସ୍ମୃତି ପାଣ୍ଠି

ସ୍ୱର୍ଗତ କବିଶେଖର ସ୍ମୃତି ସ୍ଥାପନା ଦିଗରେ ଯଥାଶକ୍ତି ସାହାଯ୍ୟ କରିବାର ଗୌରବ ନେବା ପାଇଁ ଡଗର ଚିନ୍ତାମଣି ସ୍ମୃତିପାଣ୍ଠି କମିଟିର ଭାଣ୍ଡାର ପୁଷ୍ଟି ନିମନ୍ତେ ସେ ଅଜ ତାର [illegible] ପାଠକ ପାଠିକା ଓ ହିତୈଷୀମାନଙ୍କର ଦ୍ୱାରସ୍ଥ ହେଉଛି ।

ଆଶା, ତାର ପ୍ରାର୍ଥନା ପ୍ରତି ସଦାଶୟ ଭଦ୍ରବ୍ୟକ୍ତିମାନେ ଦାନତା ପ୍ରକାଶ କରିବେ ନାହିଁ ।

ଟଙ୍କା ପଠାଇବା ଠିକଣା
ଡଗର ଚିନ୍ତାମଣି ସ୍ମୃତି
ଡଗର ଅଫିସ　　ପୋ: ଭଦ୍ରକ

Digitized by srujanika@gmail.com

# ନେତା

ଶ୍ରୀ ରସାନନ୍ଦ ସାହୁ

ଚିହ୍ନି ପାରୁଛନା ? ମୁଁ ପକ୍କା ଗୋଟିଏ ନେତା,
ଓଡ଼ିଶା ମୂଲକେ ଅଧା ମୁଁ ଅଇନ ବେତ୍ତା ।
ବିଏ ପାସ କରି ଏବେ ଯାଏଁ ଗଲି ମଢ଼ି,
ପର ବୁଦ୍ଧିରେ କି ଲଭ କହ ଘୋଡ଼ା ଚଢ଼ି !
ଛୁଞ୍ଚାରେ ବାପର ପଇସା ହୋଇଗଲା ଶ୍ରାଦ୍ଧ,
ପାଠ ଘଣ୍ଟି ବଡ଼ ଶାଠକର ହେଲି ଓସ୍ତାଦ ।
ଗ୍ରହବଶ ଦେବତା ହୃଦରେ ନଚଲେ ବାଛି,
ବିଫଳ ଜୀବନ କରିଛୁ ତ ନିଜେ ନିଜେ ।
ଶେଷକୁ ଖଣ୍ଡିଏ ମାଷ୍ଟ୍ରିସି ଗୁଣ୍ଡର କରି,
ମା' କଲସକୁ ଚଞ୍ଚିବେଲେ ଯାଏଁ ଚରି ।
କାମ ଠାରୁ ମୋର କଥା ବଡ଼ ଢେ଼ା ବଡ଼ା,
ଶେଷରେ ମାଷ୍ଟ୍ରିବରଗିରରୁ ଖାଇଲି ତଡ଼ା ।
ମନ ହେଉଥିଲା ଖଦଡ଼ ପିନ୍ଧିଣ ନୂଆ,
ପାଲଟି ଯାଆନ୍ତି ଏଦେଶର ଗାନ୍ଧି ବୁଆ ।
କିନ୍ତୁ ଆମେ ଯେତେ କଲେଜ ପଢ଼ୁଆ ଦଳ,
ପୁରୁଣାକୁ ଛାଡ଼ି ନୂଆଟା ଆମର ବଳ ।
ବୃଦ୍ଧାଙ୍କୁ ଚଟକା ବଣ୍ଟାମିନ କରୁଁ ପୂଜା,
ତେଣୁ ନୂଆବାଟ ଗୃହିଥାଏ ଅପ ଖୋଜା ।
ଶେଷରେ ନିଜକୁ ବୋଲାଇଲି ସାମ୍ୟବାଦୀ ।
ବିଶ୍ୱପ୍ରୀତି ବିଷ୍ଣୁ ମଇତ୍ରୀ ବ୍ରତକୁ ସାଧି ।
ଦୁଇ ଗୋଡ଼େ ଦୁଇ ପିନ୍ଧିଲି ଡକଅ ଖୋଳ,
ନାଭ ଷର ହୋଇ ବେସୁସ କରିଲି ଷୋଳ ।
ବାଲଖ ପିନ୍ଧି ମୁଁ ଧରିଲି ମିଲ୍ ଏ ଦେଶୀ,
ପଞ୍ଜାବୀ ମୋହର ଅଣ୍ଟୁ ତଳିଗଲା ବେଶୀ ।
ଆଖିରେ ଚଷମା ବାଲିଟା ପଛକୁ ଟଣା,
ଚସମା ନ ଥିଲେ ହୁଏ ମୁଁ ଅଲୁଅ-କଣା ।
ମୁଖେ ସିଗାରେଟ୍ ଇଞ୍ଜିନର ଧୂଆଁ ସଂ,
ଚିମିନିରୁ ଯଥା ହେଉଥାଏ ନିର୍ଗମ ।

ଜନ ପ୍ରିୟ ଜନ ଯୁଦ୍ଧ ବୋଲି କଲି ଢେଉ,
ତଥାପି ଶ୍ରୀଧର ଭେଗ ଗଲା ଭ୍ରୀରଗ୍ୟ ପଢ଼ି ।
ଅକର୍ମୀ ଦଶାକୁ ସେ ହେଲା ସ୍ୱଚର ପଦ,
ବ୍ରିଟିଶର ଜୟ ଗାଇଲି ମୁଁ ଗଦ ଗଦ ।
ପଞ୍ଚମ ବାହିନୀ କଂଗ୍ରେସବାଲା ମାନେ,
ଗୁଣ୍ଡାମିରେ ମୁହିଁ କରି ଦେଲି ନିଚ୍ଗାଳି ।
କଙ୍ଗ୍ରେସ ବାଲା ଏ ସବୁ ସେକେଣ୍ଡ୍ ଭେଇ.
ମୋ ଆଖିରେ କେହି ନପାରିଲେ ଧୂଳି ଦେଇ ।
କେତେ ଲୋକଙ୍କୁ ମୁଁ ଗୁଜରା ପ୍ରଲୟ ହାତେ,
ଧରାଇ ଆଜି ମୁଁ ନେତା ହେଲି ଅଚାନ୍ତେ ।
ମାକ୍ସୱେଲ ପେଞ୍ଚ ଦେଇ ଯାଇଥିଲା ମନ୍ତ୍ର,
ସେ ମନ୍ତ୍ର ଘୋଷି ମୁଁ ଚଳାଇଛି ଷଡ଼ଯନ୍ତ୍ର ।
ଲିଗ୍ ଓ କଂଗ୍ରେସ ଏବେ ଦୁଇ ଏକ ହୁଏ,
କହୁ ମୁଁ ହୋଇଛି ସରକାର ସୁନାପୁଅ ।
ଟଙ୍କା ପଇସାର ଅଭାବ ନାହିଁତ ଆଜି,
କଲିତ ଜଗର କଳଟି ପଢ଼ିଛି ଭାଜି ।
ଛପର ଫାଡ଼ିଣି 'ହରି ପେଲି' ଦଏ ଟଙ୍କା,
ବଜାଉଛୁଁ ତେଣୁ ବ୍ରିଟେନର ଜୟ ଡଙ୍କା ।
ଆମେ ସବୁ ଏବେ ଚଢ଼ିଲୁ ଜସ୍ୱ ଦୋଷ,
ରୁସିଆ ଦେବତା କୁଳୀନ ହୋଇବେ ତୋଷ ।
ବ୍ରିଟିଶ୍ କଂଲେଣ୍ଡ ତାହାସଙ୍ଗେ ଅପେରିକା,
ଭାରତବାସୀର ମହତ ସେ ଜୀବନୀକା ।
ବୋଲି ଜୟ ଜୟ ବ୍ରିଟେନର ଜୟ ଜୟ,
ନେତା ମୋତେ ଆଜି କଲେ ସେହି ଦୟାମୟ ।
ତାଙ୍କର କୃପାରୁ ଦେଶେ ମୁଁ ପାଇଛି ସ୍ଥାନ,
ତାଙ୍କ ପ୍ରସାଦରେ ଆଜି ମୁହିଁ ଗଣ୍ୟ ମାନ୍ୟ ।
କାଳା ପରେ ଥାପି ସେହି କଲେ ମୋତେ ନେତା
କେହି ନ ଜାଣନ୍ତୁ ଏମା ସେହି ସବ୍ ଦେବତା ।

Digitized by srujanika@gmail.com

# ବଡ଼ ମୁହଁରୁ—

ବିଜୟଲକ୍ଷ୍ମୀ—ଆମେ ଆପଣାକୁ ଶାସନ କରିବାକୁ ସକ୍ଷମ । ବ୍ରିଟିଶର ଭାରତ ଉପରେ କୌଣସି ନୈତିକ ଅଧିକାର ନାହିଁ । —କେବଳ ପାଶବିକ ଅଧିକାର ଅଛି ।

ମୋଲଟୋଭ—ପରାଧୀନ ଜାତିସମୂହ ଯେତେଶୀଘ୍ର ସମ୍ଭବ ମୁକ୍ତ ହେବେ ।—ତା ପରେ ପୋଲାଣ୍ଡ ନରୱେ ଜର୍ମାନ ଅଧିକୃତ ହେବେ ।

ଚର୍ଚ୍ଚିଲ—ଭେନେଶ ଅମ୍ଭର ଜାମିନ ଅଛି ।

—ତା ଛଡ଼ା ଅଉଜଣେ ସେଠ ଇଙ୍ଗ୍ଲଣ୍ଡ ସୋପରେ ବନ୍ଧ ଅଛି ।

(ଜାପାନଙ୍କର ମିଟସୁ ଚୁକଟାଇଲଙ୍କ ଶୋକବାର୍ତ୍ତା—) ଯେଉଁ ଶାନ୍ତି ଅଧିକତର ଉକ୍ତ ପାତର ପ୍ରାରମ୍ଭିକ ସେ ଶାନ୍ତି ସମାଧାନରେ ପଡ଼ି ହେବାର ଅପମାନଜନକ ଦୃଶ୍ୟରୁ ଅବ୍ୟାହତି ପାଇଚନ୍ତି ତାଙ୍କର ସ୍ୱାମୀ ।—ଭଗବାନ ଷ୍ଟାଲିନ ଓ ଚର୍ଚ୍ଚିଲଙ୍କୁ ସେପରି ଅବ୍ୟାହତି ନ ଦିଅନ୍ତୁ ।

ସରକାର—ଆଜିର ଜନ୍ମ ଆମର ହେବ ।—ଦେଖିଲେ ଏବେ ଦବ୍ୟ ଛୋଟେଲ ।

ମୋଲଟୋଭ—ଆମ ପୂର୍ବ ଭାଗରେ ଜରୁରୀ ଅବସ୍ଥା ପାଇଁ ଆମକୁ ଜାଗ୍ରତ ରହିବାକୁ ହେବ ।—ଏବେ ଯାକେ କେଉଁ ଶୋଇଥିଲେ ।

ମୋଲଟୋଭ—ତ୍ରିଷ୍ଟିଜାତି (ଲଉନ୍ତଅବିର) ଉଠିଯିବ ।—ଦବ ଧର୍ମ ରହିବ ।

ବିଜୟଲକ୍ଷ୍ମୀ—ଗ୍ରୁଚନା ଏସିଆର ନେତା ।—ଆଜ ମିଳିତ ଜାତିର ନେତା ।

ବିଜୟଲକ୍ଷ୍ମୀ—କୌଣସି ସମସ୍ୟାର ସମାଧାନ ଆପେ ଆପେ ହୁଏ ନାହିଁ ।—ବାପେ ଅସି କରନ୍ତୁ ।

ଗାନ୍ଧିଜୀ—ପ୍ରତ୍ୟେକ ଲୋକ ଆପଣାର ନେତା ।—ପରୁ କୋଉ କିଛି ନେତା ନହିଁ ।

ବିଜୟଲକ୍ଷ୍ମୀ—ଆମେ ଫାସିବାଦର ପରାଜୟରେ ହସୁଛୁ କାରଣ ଫାସିବାଦ ଓ ସାମ୍ରାଜ୍ୟ ବାଦର କାରଣକୁ ଭୁଲି ଯାଉଛୁ ।—ଉଦ୍ଦେଇବା ବେଳ ହେଲେ ଶାସ୍ତ୍ର ମନେପକେଇ ଦେବେ ଯେ ।

ବିଜୟଲକ୍ଷ୍ମୀ—ତମେ ଯାହାକୁ ରକ୍ଷା କରିବା ପାଇଁ ଯୁଦ୍ଧ କରୁଛ ଆମେ ତାକୁ ପାଇନୁ । ଆମ ଆଖିରେ ତା ମୂଲ ସେଥିପାଇଁ ଟିକେ ବେଶୀ ।—ସେଥିପାଇଁ ତ ଦୁର୍ମୂଲ୍ୟ—ଦୁର୍ଲଭ୍ୟ ହୋଇଛି ।

ଚର୍ଚ୍ଚିଲ—ମୁଁ ଆଶା କରୁଛି ହିମାଳୟ ଏ ପାରରେ ଧରେ କମ୍ୱା ପର ପାଖରେ ଥିବ ।—ଚର୍ଚ୍ଚିଲ ତାଙ୍କୁ ଜଣେ ରେଷ୍ଟବେ ।

ସେନାପତି ହେ—ଜର୍ମାନ ଅସାମୀମାନେ ତାଙ୍କ ପାପର ଶାସ୍ତି ପାଇବେ ତାଙ୍କ ଜୀବନ, ସ୍ୱାଧୀନତା ଧନ ଓ ରକ୍ତ ଦେଇ ।— ବାକି ରହିଲ ଖାଦ୍ୟା ଓ ପିସାବ ।

ହକ—ମୋର ଜାତିରୁ ଠେଲପା ଯାଏଁ, ଗୋଟିଏ ମୁସଲିମ୍ ନେଟ୍ ବାଲି —ହୁକ୍‌ସୀ ଦୁଇପଦରୁ ବାଟେ ।

ଚର୍ଚ୍ଚିଲ—ଜର୍ମାନକୁ ଶାସନ କରିବାର ଇଚ୍ଛା ଆମର ନାହିଁ । ସେ ଆମ କଥା ମୁତାବକ ଆପେ ଆପଣାକୁ ଶାସନ କରୁ ।— ଯେପରି ଇଚ୍ଛା ଦେଖେଣ ଯା, ମୋର ହୋଇ ପଡ଼ି ଥା ।

ବୈଦ୍ୟନାଥ ଦାସ—ଫ୍ରେଞ୍ଚ ପାଶ୍ଚାତ୍ୟ ସଭ୍ୟତାର କେନ୍ଦ୍ରସ୍ଥଳ ରୂପି ସାମ୍ରାଜ୍ୟବାଦର ଛଦ୍ମାବେଳେ ଅଗ୍ରଭୁ ହେଉଛି ତା ବିରୁଦ୍ଧରେ ଆମର ଶିକ୍ଷା ଯୁଦ୍ଧ କରିବା ଉଚିତ ।—ବା ଚନ୍ଦ୍ରା ମରଣେ ରଣେ ।

ପର୍ଲବକ୍—ଋଷିଆ ପୃଥିବୀର ନେତୃତ୍ୱ ନେବା ପାଇଁ ଦ୍ରୁତ ଅଗ୍ରସର ହେଉଛି ।—ପୃଥିବୀର କର୍ତ୍ତୃତ୍ୱ ଓ ପ୍ରଭୁତ୍ୱ ନେବାପାଇଁ ମଧ୍ୟ ।

ଉଦଦୋନିଷ୍ଟ (ବଳନ୍ତି କାଗଜ)—ବାଲ୍ଟିକ ସାଗରରୁ ଅଭ୍ରିଅ-ସାଗର ଲଗାଏଁତ ଏକ ପ୍ରକାଣ୍ଡ ଅଦୃଶ ବ୍ୟୂହ ରଚନାରେ ରୁଷିଆର ସବୁ ବୃଷମାନ୍ଦ ନଟେଦ୍ୟୋଜିତ ।—ଅଭ ଇଂରାଜ ଜାତିରେ ମଧ୍ୟ ।

ଇଡେନ—ଏଷ୍ଟିକ ତିନ ବଡ଼କତଅ (ଚର୍ଚ୍ଚିଲ, ଷ୍ଟାଲିନ, ଟ୍ରୁମାନ) ଯାକ ଏକମତ ହେବା ଜଟିଣ ।—ନହେଲେ ନଉଅ ତ ଭାଗ ଢ !

ଉଇଲେଲ୍ସ—ଯୁଦ୍ଧର ଦ୍ୱିତୀୟ ପର୍ବ ଆରମ୍ଭ ହେଲା ମାଫ —ସର୍ବନାଶର ସୂଚନା ।

ରୁଷ କାଗଜ ପ୍ରାଭଦା—ଭାରତରେ ହିଁ ଗଣତନ୍ତ୍ର ଧର୍ମ ସବୁଠାରୁ ବେଶୀ ନବ୍ଦ୍ୱୀତ ।—ମୁଖେ ବୋଲ ରାମନାମ, କରନ୍ କଡ଼ା ଥୋଡ଼ା କାମ୍ !

ଚର୍ଚ୍ଚିଲ ଏଟ୍‌ଲିଙ୍କ ପ୍ରତି—ଦୁଇ ଦଳ ମିଳାମିଶି କାମ କରିବା ପାଇଁ ସହଣୀୟ ପରିସ୍ଥିତି ଆଉ ନାହିଁ ।—କହି ହେଉଚ ନା ସହି ହେଉଚ । ମରମେ ମରମେ—

ଶ୍ରମିକ ନେତା ବେଭିନ—ବିଲାତର ଭାରତ ଅଫିସ ଉଠିଯାଇ ଉପନିବେଶ ଅଫିସରେ ମିଶିଯିବ ।—'ଣ' ଜବାବ ଦେଲେ—ରାସ୍ତା ଏପାଖରୁ ସେପାଖ ।

ଗାନ୍ଧିଜୀ—ଭାରତର ଅବସ୍ଥା ବସ୍ତ୍ରହରଣ କାଳରେ ଦ୍ରୌପଦୀ ପରି —ଦୁଃଶାସନର ଅତ୍ୟାଚାର ।

ଭାରତର ନୂଆ ସେକ୍ରେଟେରୀ ଲଷ୍ଟବେଲ (ଗାନ୍ଧିଙ୍କ ବେଲେ) —ଭାରତ ବ୍ରିଟିଶ ସାମ୍ରାଜ୍ୟର ବହୁତମ ଦାୟିତ୍ୱ ।—ମରଣକାଳେ ତାହା ଜାଣି ।

ଏଇଚ ଜି ୱେଲସ—ରୁଷିଆ ସହିତ ଇଂଲଣ୍ଡ ଆମେରିକାର ଯୁଦ୍ଧ ହେବ ବୋଲି ଫୁସ ଫାସ୍ ଚାଲିଛି ।—ପଙ୍କରେ ବୁଡ ପାଣି ଦିଅ ।

ଷ୍ଟାଲିନ—ସରକାରଙ୍କ ଉପରେ ଲୋକଙ୍କର ଆସ୍ଥା ବଜାୟ ରହିବୁ ଅତଃ ।—ଓ୍ୟାଭେଲଙ୍କ ନାଚ ଏଲେଃ ।

ଆମେରି—ବ୍ରିଟିଶ ସାମ୍ରାଜ୍ୟ ତାର ସର୍ବ ବ୍ୟାପକତା ଆଜ ତାକୁ ସୁପ୍ରଧାନ କରିଛି ।—ଆଉ ସର୍ବ ବ୍ୟାପକ ଭଗବାନ ସମ୍ରାଟଙ୍କ ରୂପେ ଭଜେ କରନ୍ତୁ ।

ନ୍ୟୁୟର୍କ ଟାଇମ୍ସ—ଯୁଦ୍ଧରେ ମୃତାହତ ମଧ୍ୟରୁ ଭାରତ ଗୋଟିଏ ।—ହତାଶ ବା ପ୍ରାପ୍ୟରେ ଦୁର୍ଗଂ ।

—※—

Digitized by srujanika@gmail.com



ବେଳେ ।—ଘା—ଳା ଭା ଳା

ବଲଗର୍ଡ ଚଢିଲେ !

# ନାଗବନ୍ଧୁ

ସ୍ନେହର ନାଗ ନାଗୁଣୀମାନେ,

ଅନେକଦିନ ପରେ ଚିଠିଲେଖୁଛି । ଏ ଯୁଦ୍ଧ ମଧ୍ୟରେ ନାଗଦଳ ଛନ୍ନଛତ୍ର ହୋଇ ଯାଇଛନ୍ତି । ଆଗ ଆଗ ନାଗଙ୍କର ଯଉଁ ଜୁଲମ ଥିଲା ସେ ଜୁଲମ ଆଜ ଜଣା ପଡ଼ୁ ନାହିଁ । ଖଟଦାନ୍ତ ଝଡ଼ ପଡ଼ିଲା ପରି ଲାଗୁଛି । ନା—ନା ଏମିତ ଆଉ ବେଶୀ ଦିନ ଚଳିବ ନାହିଁ । ମୁଁ ଠିକ୍ ଏ ଚକାମାନ୍ଡ ବହିଯାଇ ଦେଖୁଥିଲି ଏ ନାଗେ ଅପେ ଅପେ କିଛି କରିବେ କି ନାହିଁ । ଦେଖିଲି ପଦ୍ମତୋଳା ନ ଶୁଣିଲେ ନାଗ ମାନୁ ନାହାନ୍ତି । ଉପରେ ୯ ବର୍ଷ ହେଲା । ସେତେବେଳର କସି କସି ନାଗମାନେ ଏଣିକି ବଡି ବାଘ ଆକାର ଧରିଲେଣି । ନୂଆ ନୂଆ ନାଗ ପୁଣି ବନ୍ଧୋଦନ ପାଇଁ ପୋକ ( ସାଧବାଣୀ ବନ୍ଧୁ ) ପରି ଚକ୍ ଚକ୍ ମାରୁଚନ୍ତି । ସେହି ନୂଆଙ୍କୁ ଡାକି ମୁଁ କହୁଛି—ନାଗବନ୍ଧୁ ତାଲିକାରେ ନାଁ ଲେଖାଇଗଲେ ନାଗ ହେବା ସାର୍ଥକ ହୋଇଗଲା ବୋଲି ଭାବିବ ନାହିଁ । ନାଗ ହୋଇ କ'ଣ କରିବା ଉଚିତ କ'ଣ ନ କରିବା ଉଚିତ ଏ କଥା ମୁଁ ପ୍ରତି ସଂଖ୍ୟାରେ ଏଣିକି ଲେଖିବି । ତମେ ସବୁ ଏଣିକି ତମ ଜୀବନରେ ଯେଉଁଠି ଯେଉଁଠି ସନ୍ଦେହ ସଙ୍କଟ ଉଠିବ ମୋତେ ପଚାରି ପଠାଇବ । ତା ଛଡ଼ା ପ୍ରଥମ କଥା, ଯିଏ ନାଗ ଯେଉଁଠି ଅଛ ସେଠାରେ ନାଗବନ୍ଧୁ ଗଢ଼ ଆଗପରି । ଠାଏ ଠାଏ ନାଗ ସମ୍ମିଳନୀ କର । ସମ୍ମିଳନୀରେ ପୁରୋହିତ ହେବାପାଇଁ ବୁଢ଼ା ଅଜାଙ୍କୁ ଡାକିବ ନାହିଁ ! ବାବାରେ ହାର୍ଟଫେଲ କରିଯିବି ।

ତମର ଅଜା

ଅବସର ବିନୋଦ ପାଇଁ

## ଅଙ୍କର ଇନ୍ଦ୍ରଜାଲ

ପୃଥିବୀର ଛଅଟି ଯୁଦ୍ଧ-ଅଗ୍ରଣୀ ନେତାଙ୍କର ଜନ୍ମ ମସିହା, ବୟସ, ଶାସନଭାର ନେବା ବର୍ଷ ଏବଂ ଯେତେବର୍ଷ ରାଜତ୍ୱ କଲେ, ସେ ସବୁକୁ ପ୍ରତ୍ୟେକଙ୍କ ଅଲଗା ଅଲଗା କରି ଯୋଗକଲେ ଯୋଗଫଳ ସମାନ ହେବ ।

ଚର୍ଚ୍ଚିଲ ହିଟଲର ରୁଜଭେଲଟ୍ ମୁସୋଲିନୀ ଷ୍ଟାଲିନ ତୋଜୋ

| | | | | | | |
|---|---|---|---|---|---|---|
| ଜନ୍ମ | ୧୮୭୪ | ୧୮୮୯ | ୧୮୮୨ | ୧୮୮୩ | ୧୮୭୯ | ୧୮୮୪ |
| ବୟସ | ୭୧ | ୫୬ | ୬୩ | ୬୨ | ୬୬ | ୬୧ |
| ଶାସନସ୍ଥାନ | ୧୯୪୦ | ୧୯୩୩ | ୧୯୩୩ | ୧୯୨୨ | ୧୯୨୪ | ୧୯୪୧ |
| ଶାସନକାଳ | ୫ | ୧୨ | ୧୨ | ୨୩ | ୨୧ | ୪ |
| | ୩୮୯୦ | ୩୮୯୦ | ୩୮୯୦ | ୩୮୯୦ | ୩୮୯୦ | ୩୮୯୦ |

## ନାଗଙ୍କ କଲମରୁ

### ସମର୍ପଣ

ଜୀବନର ସବୁ ଗଉରବ, ମା' ଜନମ ଭୂମି
ସେବା ତୋର ଚରଣ-କମଳ,
ଜନମ ତା' ସାର୍ଥକ ସୁନ୍ଦର, ଯା' ଦୁଃଖେ ଜନମି
ଝରିଛି ତୋ ନୟନର ଜଳ ।
ତୋ' କୋଳର ପବିତ୍ର ଏ ଧୂଳି— ଗରୁଚି ଯୁଗେ ବଦଳ,
କେତେ ଭାଇ ଭଉଣୀ ଏ ଧୂଳିରେ,
ଜୀବନର ମଧୁଲଗ୍ନେ ମେଳ ମୃତ୍ୟୁ-ସ୍ନାନ ପଥେ—
ଚଳିଛନ୍ତି ମାଗି ତାହା ଶିରେ ।

× × ×

ଭୁବନର ସୁନ୍ଦର ଉତ୍ସବ, 'ମୋର ଗଉରବ
ଏଇଧୂଳି-ଭବେ ଶ୍ରେଷ୍ଠଧନ,
ଅଞ୍ଜଳି ମୁ—ନଳାଶେ ତୋ ପୂଜା ଦେବାକର ମାଗେ
ଅରପୁଛି ଏ ମୋ କ୍ଷୁଦ୍ର ମନ ।

କୁମାରୀ ଶୈଳବାଳା ୧୭ ନଂ ନାଗ

### ଦୁଃଖ ଓ ସୁଖ

ଦୁଃଖର ପରେ ଆସଇ ସୁଖ
ଅନ୍ଧାର ପଛେ ଆଲୁଅ ପରି,
ମରଣ ପରେ ଜନମ ଯେମନ୍ତେ
ଆସଇ ସୃଷ୍ଟି ନିୟମ ଧରି । ୧ ।

ବିରହ ପରେ ମିଳନ ଆଣେ
ବିରହୀ ପ୍ରାଣେ ଯେତିକି ଆନନ୍ଦ,

Digitized by srujanika@gmail.com

କାରଣ ସେ ତାହା ନ ଜାଣେ ଆବ
　　ଏଗମ ନୂତନ ବିଚିତ୍ର ଛନ୍ଦ । ୨ ।
କ୍ରନ୍ଦନ ମାନବ କରୁଛି ଜୀବ ।
　　ତୁମ୍ଭ ଭାଗ୍ୟକୁ ଭୁ ଦୋଷ ଦେଇ,
ସହିବା ପାଇଁ ଜନମ ତେର
　　କାପାଇଁ କହ ଲୁହ ଗଡ଼ାଉ । ୩ ।
ଅଜନ୍ତ ଦିନେ ଅଲ୍ପ ଅ ଦୁଃଖ
　　କହିବେ ଅନୁଭବିଛ ପ୍ରାଣେ,
ଦୁଃଖ ନ ଥିଲେ ସୁଖର ସତ୍ତ୍ୱା
　　ଆଁ ଅନୁଭବିଂକି ଏ ଧରାଧାମେ । ୪ ।
ଦୁଃଖ ଓ ସୁଖ ସୁଖ ଓ ଦୁଃଖ
　　ଦୁହେଁ ଅଟନ୍ତ ଯାଆଁଳା ଭାଇ,
ଗୋଟିକ ପରେ ଅନ୍ୟଟି ଆସେ
　　ଜାଣି ଶୁଣି କିମ୍ପା ହେଉଛୁ ବାଇ । ୫ ।
ସୁଖେ ଓ ଦୁଃଖେ ସମାନ ଭାବ
　　ହୃଦୟେ ବହି ସଂସାରେ ଚଳ ।
ବୁଦ୍ଧି ଶକ୍ତିଙ୍କ ଚରଣେ ତଳେ
　　ଅଜାଡିଭରେ ନୁଆଇଁ ଶିର । ୬ ।
　　　ଲେ:—ଶ୍ରୀ ଶୁକଦେବ ବ୍ରହ୍ମା

## ଜାଣ ?

ସେତେବେଳେ ଏହା ୧୮୯୫ ମସିହା । କାଶୀନଗରର ପାଞ୍ଚ ମାଇଲ୍ ଦୂରରେ ପାଣ୍ଡେପୁର ବୋଲି ଗୋଟିଏ ଛୋଟ ଗ୍ରାମ ଅଛି । ଏହି ଗ୍ରାମରୁ ଗୋଟିଏ ବାଳକ ନିତ୍ୟ ସକାଳ ଆଠଟାବେଳେ କହି ପଡ଼ି ଧରି ବାହାରେ । ସେତେବେଳେ ଖାଲି ପାଦରେ, କେବେ ଅବା ଛିଣ୍ଡା ପୁରୁଣା ଯୋତା ପିନ୍ଧି ଚାଲି ଚାଲି ବନାରସ ସହରରେ ପହଞ୍ଚେ । ସ୍କୁଲରୁ ସାଢ଼େ ଛଅଟା ବେଳେ ଛୁଟି ପାଇ ସେଠାରୁ ସିଏ ଅନ୍ୟ ପିଲାକୁ ପଢ଼େଇବାକୁ ଯାଏ । ସନ୍ଧ୍ୟା ଛଅଟା ଯାଏ ଟିଉସନ କରି ପୁଣି ପାଞ୍ଚ ମାଇଲ ବାଟ ଚାଲି ଚାଲି ପ୍ରାୟ ଆଠଟା ବେଳକୁ ଗ୍ରାମରେ ଉପସ୍ଥିତ ହୁଏ । ଖରା, ବର୍ଷା, ଶୀତ ବାରମାସ ଏହି ଭାବରେହିଁ ତାହାର ବିତିଯାଏ । ଏହି ଭାବରେହିଁ ନବ ଯୁଗର ହିନ୍ଦୀ ସାହିତ୍ୟର କଥା ସମ୍ରାଟ ପ୍ରେମଚନ୍ଦଙ୍କର ପ୍ରାଥମିକ ଜୀବନ ଆରମ୍ଭ ହୋଇଥିଲା !

　　　ଶ୍ରୀ ଗୋପୀକାରଞ୍ଜନ ଦାସ

## ନୂଆ ନାଗଙ୍କ ନାମ

୫୯୨ । ଶ୍ରୀମତି ମଧୁଲତା ଦେଈ C/o. ବୈଷ୍ଣବ ଚରଣ ଜେନା, ଲକ୍ଷ୍ମୀ ସେବା ସଦନ, ସ: ଅସ୍ତ୍ରକ ପୋ: କୋଠାର ଜି: ବାଲେଶ୍ୱର । ୫୯୩ । ଶ୍ରୀ ହରେକୃଷ୍ଣ ଦାସ (ଅଞ୍ଚଳ ନ ସଙ୍ଘ) ଗ୍ରା: ଚକଲୋକା ପୋ: ଶ୍ରୀ... ଭଞ୍ଜ ଷ୍ଟେଟ । ୫୯୪ । ଶ୍ରୀମତୀ ଯମୁନା ପଟ୍ଟନାୟକ ... ପୋ: ନାରାୟଣ ପାଟଣା, ଜି: କୋରାପୁଟ ଉଦ୍ଧୃତ ପଦ୍ଧତି

## କବିତା ପ୍ରତିଯୋଗିତା

ଲଟଟତପର ୧ ଛନ୍ଦଗଟ ଦେଇ ଯେଉଁ କବିତା ପ୍ରତିଯୋଗିତା ଆହ୍ୱାନ କରାଯାଇ ଥିଲା ତାର ଫଳ ପ୍ରକାଶ ପାଉଛି ।

ପ୍ରଥମ ପୁରସ୍କାର—

( ୧ ) ଶ୍ରୀମତୀ ପ୍ରେମଲତା ଦାସ C/o. ଶ୍ରୀଯୁକ୍ତ କୃଷ୍ଣବିହାରୀ ଦାସ : Professer Khallikote College Berhampur ୧୦୯

( ୨ ) ଶ୍ରୀଯୁକ୍ତ ଅନୁକୂଳଚନ୍ଦ୍ର ନାଏକ, ବାରିପଦା
　　ଟ ୧୦୯

ଦୁଇଜଣ ପ୍ରଥମ ହୋଇଥିବାରୁ ପୁରସ୍କାର ସମାନ ଦୁଇ ଭାଗରେ ବିଭକ୍ତ କରାଯାଇଅଛି ।

ଶ୍ରୀଯୁକ୍ତ ଭଗୀରଥି ଦାସ—ମଙ୍ଗଳପୁର, ବାଲେଶ୍ୱର । ପୋ: ବସ୍ତା । ଶ୍ରୀଯୁକ୍ତ ବସନ୍ତ କୁମାର ପାଲ—ବାରିପଦା ପୋ: ବାରିପଦା । ଶ୍ରୀଯୁକ୍ତ ସନ୍ତୋଷ କୁମାର କବି B. A. D. Ed.—ବାରିପଦା ପୋ: ବାରିପଦା । ଶ୍ରୀଯୁକ୍ତ ରାଧାଶ୍ୟାମ ନାୟକ—କରଞ୍ଜିଆ ପୋ: କରଞ୍ଜିଆ ।

ଏମାନେ ପ୍ରତ୍ୟେକେ ବର୍ଷକ ପାଇଁ "ଡଗର"ର ଗ୍ରାହକ ହେବେ ଓ ସୋରବରୁଷମ, ପାଷାଣୀ, ଜନ୍ମଭୂମି ପୁସ୍ତକ ଖଣ୍ଡିଏ ଲେଖାଏଁ ପାଇବେ ।

---

( କଳାବନ ୧୦ମ ପୃଷ୍ଠା ଉତ୍ତାରୁ )

ରଙ୍ଗନାଥ ବର୍ତ୍ତମାନ ହିନ୍ଦି କବିତାରେ ଅଭ ଗୋଟିଏ ମୁଖ୍ୟ ପରିବର୍ତ୍ତନ ଆଣିଛ । ଏହା ଏକ ସଙ୍ଗଠନର ଦୃଷ୍ଟି ହୋଇ ନାହିଁ ଏବଂ କବିତାର ପ୍ରବାହରେ ପ୍ରକୃତ ବାସ୍ତବ ଭିତ୍ତି ସଚେତନ ଘଟିଥାଏ ହେଲେ ନବଜନ୍ମ ହିଁ ତାକୁ ଉଦ୍‌ଜୀବିତ କରିବାର ସମ୍ଭବ ଅଛି । ପାଶ୍ଚାତ୍ୟ ପ୍ରଗତିଶୀଳ ସାହିତ୍ୟର ସଂଘାତରେ ଏ ନବଗୀତଭାବ୍‌ଗମଧ ସମ୍ଭାବନା ରହିଛି । ସୁମିତ୍ରାନନ୍ଦନ ଏ ପରିବର୍ତ୍ତନର ମୁଖ୍ୟ ଉପକରଣରୂପେ ଜଣା ହୋଇଛନ୍ତି । ସେ ନୂତନତମ ପାଶ୍ଚାତ୍ୟ କବିତା ଓ ମାର୍କ୍ସବାଦ ଅଧ୍ୟୟନ କରିଚନ୍ତି ଏବଂ ଅଭ ଏକ ନୂଆ ଅବର୍ତ୍ତନ ନାମରେ ନିଷ୍ଟମ୍ଭ କରି ସାରିଚନ୍ତି । ଏହାଦ୍ୱାରା ସେ ନିଜକୁ କ୍ଷୟିଷ୍ଣୁଶୀଳତାରୁ ରକ୍ଷା କରିପାରିଚନ୍ତି ।

ହିନ୍ଦି କବିତା ଅଭ ଏକ ନୂଆ ପ୍ରୟୋଗ ମଧ୍ୟରେ ଗତି କରୁଛି । ଅଜ୍ଞେୟ ଏବଂ ଅଭ ଛଅ ଜଣ ବନ୍ଧୁ ସେମାନଙ୍କ କବିତାର ଗୋଟିଏ ସାର ସଂଗ୍ରହ ସଂକଳନ କରିଚନ୍ତି 'ତା'ର ସପ୍ତକ' ନାମରେ । ଏ ପୁସ୍ତକ ରଚନାର ନାମ ସଂଯୋଜନା ଅବସ୍ଥିତ । ତଥାପି ଏହାର ଅଧ୍ୟୟନ ଦ୍ୱାରା ହିନ୍ଦି ସାହିତ୍ୟ ଯେଉଁ ନବ ପରିଣାମ ଅଭିମୁଖରେ ଗତି କରୁଛି, ସେ ପ୍ରବାହର ମନ୍ଥନ ସମ୍ଭବପର ହେବ ।

( ମୂଳ ଇଂରାଜୀରୁ )

Digitized by srujanika@gmail.com

# ଶୁଣିବାକୁ ସାବଧାନ ହେଉ ହେ

ନାଜିମାନଙ୍କର ଅଟୋଟ୍ ପ୍ରକାଣ୍ଡ ସୁନା, ରୂପା, ମୋତି ମାଣିକର ସିନ୍ଦୁକ ଧରା ପଡ଼ିଛି ।—ଇଂଲଣ୍ଡର ଯୌତୁକ ।

ଶ୍ରୀମତୀ ବିଜୟ ଲକ୍ଷ୍ମୀ ପଣ୍ଡିତ ବ୍ୟବସ୍ଥା ସଭାରେ ଭାଷଣ ଦେଲେ ।—ଭାରତ ବ୍ୟବସ୍ଥା ସଭା ଭାଙ୍ଗିପଡ଼ ଦେବାକୁ । •

ବିଲାତର ଭାରତ ସଖା ସଂଘଙ୍କ ସଜ୍ଜନମଣ୍ଡଳ ଅମେରି ଚର୍ଚ୍ଚିଲଙ୍କୁ ଭେଟିଲେ ।—ଦୟାସାଗର କାହିଁକି ମୋ ବେଳକୁ ଖଲ ଚିପ ।

ଓୟାଭେଲ ଗାନ୍ଧିଜୀଙ୍କୁ ଭେଟିବେ ବୋଲି ଶୁଣାଯାଏ ।—ବାଣିଆ କପିଲା—

ବ୍ରିଟେନ ଓ ଅମେରିକା ଡ୍ରେସ୍ଡେନ୍ ଗଣ୍ଡଗୋଳ ଯେଉଁ ରୁଷିଆ ଶୀତ୍ରାଜ ଝଟାଙ୍କୁ ଚରମପତ୍ର ଦେଇଛନ୍ତି ।—ଗରମ ହୋଇଲେ ନରମ ହୋଇବୁ ସରମେ ଉଠି ଯିବୁ ଚାହିଁ ଯେତେ ପ୍ରାଣସହ !

ଭୂତପୂର୍ବ ଫ୍ରାନ୍ସର ନେତା ଲାଭାଲଙ୍କୁ ସ୍ପେନ ସରକାର ବ୍ରିଟିଶଙ୍କ ହାତରେ ଟେକିଦେବେ ।—ଯୋଗ୍ୟଂ ଯୋଗ୍ୟେନ ଯୁଜ୍ୟତେ

ଇଉକ୍ରେନୀୟ ଲୋକମାନେ ସୋଭିଏଟ୍ ରୁଷ ସହିତ ମିଶି ଯିବାକୁ ସ୍ଥିର କରିଛନ୍ତି ।—ତେଲ ଆଉ ପାଣି ।

ଜାପାନ ଅକ୍ଷଶକ୍ତି ଚୁକ୍ତି ରଦ କଲା ।—ସାଙ୍ଗର ଅନ୍ତ ନାହିଁ ।

ରୁଷିଆ ଜାପାନ ସଙ୍ଗେ ଯୁଝିବ ।—ମୁଣ୍ଡକୁ ହାତ ପାଇଗଲା ।

ଲିଥୁଆନିଆ, ଲାଟଭିଆ ଓ ଏସ୍ତୋନିଆ ରୁଷିଆର ସୁର୍କରାଜ୍ୟ ହେଲେ ହେଁ ମଧ୍ୟ ରୁଷିଆ ବିରୁଦ୍ଧରେ ଆନ୍ଦୋଳନ କରୁଛନ୍ତି ।—ଜର୍ଜର ବାଟସ୍ତା ।

ଜାପାନର ଯାନିଦଳ ଭାଙ୍ଗି ଦିଆଗଲା ।—ଏଥର ଜାଣିଯାଏ କହିବେ ।

ପୁନରଧିକୃତ ବର୍ମାରେ ୩ ବର୍ଷ ପାଇଁ ଗଭର୍ଣ୍ଣରଙ୍କ ଶାସନ ଚାଲିବ ।—ସ୍ୱାଧୀନତାର ସିଦ୍ଧିରସ୍ତୁ ।

ଜାପାନର ଶାନ୍ତି ପ୍ରସ୍ତାବ ମିତ୍ରଦଳ ପ୍ରତ୍ୟାଖ୍ୟାନ କଲେ । କଡ଼ା ସର୍ତ୍ତରେ ଆତ୍ମସମର୍ପଣ ଛଡ଼ା ଶାନ୍ତି ଅସମ୍ଭବ ।—ନଇଁ ପଡ଼ିଥିବ ଯେତିକବେଳେ ।

ଏବକା ମୁସଲମାନଙ୍କ ରକ୍ଷାକର୍ତ୍ତା ବର୍ଟ୍ରେଲ ଓଟନ ଧରା ପଡ଼ିଛନ୍ତି ।—ଅସ୍ମାନଂ ସତତ ରକ୍ଷେତୁ ।

ଅମେରିକା ଜର୍ମାନର ଉପର ଅଂଶ ଫ୍ରାନ୍ସକୁ ଦେବ ।—ଭାଇଚାରା

ଚିଆଂକାଇସେକ୍ ପୁଣି ଥରକ କମିଙ୍ଗଟାନ୍ଙ୍କର ସଭାପତି ନିର୍ବାଚିତ ହେଲେ ।—କମ୍ୟୁନିଷ୍ଟଙ୍କ ଗାଏ ଦାହ ହେଉଛି ।

ନାଜି ଲୁଟ୍ କରିଥିବା ଫ୍ରାନ୍ସର ସମ୍ପତ୍ତି ଧରା ପଡ଼ୁଛି ।—ପାପ ଧନ ପ୍ରାୟଶ୍ଚିତ୍ତରେ ଯାଏ ।

ହିଟଲରଙ୍କ ଉତ୍ତରାଧିକାରୀ ଡୋନିଜ୍ଙ୍କଠାରୁ ଜର୍ମାନ ଶାସନଦଣ୍ଡ ନେଇ ମିତ୍ର ଶକ୍ତି ତାଙ୍କୁ ବନ୍ଦୀଖାନାକୁ ପେଶିଲେ ।—କଳଙ୍କ ପେଷିଲ ପାତାଳେ ।

ଚୀନାସ୍ଥ ତୁର୍କିସ୍ଥାନର ବିଦ୍ରୋହ ଦମନ କରିବା ପାଇଁ ରୁଷିଆ ଚ୍ୟାଙ୍ଗଙ୍କୁ ସାହାଯ୍ୟ କରିବ ।—ଜାହାଣୀ ହେଉ ମାଡ଼ ବସେ ବୁଣିଆ ହେଉ ଖାଇ ଥାଏ ।

ଆସାମ କଂଗ୍ରେସ ଉପରୁ ନିଷେଧ ଉଠିଗଲା ।—ଥୋପ ଗିଳିବାକୁ କେତେ ବାକି ?

ରୁଜଭେଲ୍ଟଙ୍କ ମରଣୋତ୍ତର ସମ୍ମାନ ଦିଆଯାଉଛି ।—ଆତ୍ମା ସ୍ୱର୍ଗରୁ ଓହ୍ଲାଇ ଆସିଥିବ ନେବା ପାଇଁ ।

ଚର୍ଚ୍ଚିଲ ଜାତୀୟ ସରକାର ଭାଙ୍ଗି ନୂଆ ଜାତ ମନ୍ତ୍ରୀମଣ୍ଡଳ ଗଢ଼ିଲେ ।—ମୂଷପୋଷାକଟା ଯୋଡ଼ା ଘରେ ପଡ଼ିଲା ।

ଜାପାନ ଷ୍ଟାଲିନ୍ ଓ ସୋଭିଏଟ୍ ନୀତିରେ ପ୍ରଶଂସା କରୁଛି ।—ଲଙ୍କାରେ ରାମନାମ ।

କଂଗ୍ରେସ କାର୍ଯ୍ୟକାରୀ କମିଟି ସଭ୍ୟ ଆସଫ ଅଲି ମୁକ୍ତ ହେଲେ ।—ସରକାରଙ୍କ ପାଖକୁ ବେଗ ଉଡ଼ିବାର ଭୟ ଥିବାରୁ ।

ଅଭିନେତା ହେଲମ୍ୟାନଙ୍କୁ ଭାରତ ଚିତ୍ରରେ ନିଦ ହେଉ ନାହିଁ ।—ସରୁ ସରଳ୍ ସରୋଜ ପଡ଼ିର ।

ଜାପାନ ନୋଟ୍ ଅଚଳ ହେବାରୁ ବହୁ ବର୍ମା ଲୋକେ ଦୁଃଖିତ ହୋଇଗଲେ ।—ବଡ଼ଯୁଦ୍ଧର ନାଲକାଗଜ ତାଙ୍କୁ ଥିବେ ।

ସରକାର ପଟେଲଙ୍କୁ ତାଙ୍କ ନିଜ ଡାକ୍ତର ଦେଖି ପାରିବେ ନାହିଁ ବୋଲି ସରକାର ହୁକୁମ କଲେ ।—ସେଗଟା କାଳେ ନଜର ହୋଇଯିବ ।

ଅମେରିକାରେ ଗୁଜବ ଯେ ଷ୍ଟାଲିନଙ୍କ ସ୍ଥାନରେ ରୁଷର ବଡ଼ ବଡ଼ ସେନାଧ୍ୟକ୍ଷମାନେ ଶାସକ ହେବେ ।—ଷ୍ଟାଲିନ ପଢ଼ି ନବକଣୀ ପୁଷ୍ପପାଣେ, ଅଥବା ଚଳିବେ ସନ୍ନ୍ୟାସେ ।

ବିଶ୍ୱ ସୁରକ୍ଷା ପରିଷଦରେ ରୁଷିଆ ଅନ୍ତର୍ଗତ ଅନ୍ୟ ୧୬ ପ୍ରଦେଶ ସ୍ୱତନ୍ତ୍ର ସଭ୍ୟପଦ ଦାବି କରୁଛନ୍ତି ।—ଅଙ୍ଗୁଳି ପ୍ରବେଶାତ୍ ।

ଜର୍ମାନ ଗୁପ୍ତଚର ମାଲିକ ହିଟଲରଙ୍କ ଦକ୍ଷିଣବାହୁ ହିମଲର ଧରା ପଡ଼ି ଆତ୍ମହତ୍ୟା କରିଛନ୍ତି ।—ଆତ୍ମା ଥିଲା କି ?

ଅଷ୍ଟ୍ରିଆରେ ଫୌଜ ରହିବା ପାଇଁ ଅଲେକଜାଣ୍ଡାର ଆଦେଶ ଦେଲେ ।—ମଉଜ ଚାଲିବ ।

୧୯୪୭ରେ ବର୍ମା ସ୍ୱରାଜ ଭାରତକୁ ଆସିବ ।—ନମସ୍ତେ କମଳା ମା ଗୋ ବର୍ମାର ତୁଳସୀ ।

ଜୁଲାଇ ୫ ତାରିଖରେ ଇଂଲଣ୍ଡର ନୂଆ ନିର୍ବାଚନ ହେବ ।—ଦ'ଦିନିଆ ରକ୍ଷଣଶୀଳ ସରକାର ଚର୍ଚ୍ଚିଲ ଗଢ଼ିଛନ୍ତି ।

ଟୋକିଓ ଉପରେ ଭୀଷଣ ବୋମାମାଡ଼ ଚାଲିଛି ।—ଟାଙ୍ଗ ବାହାରି ଯାଉଥିବ ।

ଜାପାନୀମାନେ ୩୦ ବର୍ଷ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଉଛନ୍ତି ।—କାଳର ବୀଜ ମଞ୍ଜି ପୋତିଛନ୍ତି ।

ଯୁଗୋସ୍ଲେଭିଆ ନାୟକ ଟିଟୋ ବ୍ରିଟିଶ ଅଧିକୃତ କାରିନ୍ଥିଆର ମୁକ୍ତି ଦାବି କରିଛନ୍ତି ।—ହକ୍ କଥାରେ ଠକ୍ ଠକ୍ କାହିଁ ?

ଲେଭାନ୍ତ—(ସିରିଆ ଓ ଲେବାନନ୍) ଓ ଫରାସୀମାନଙ୍କ ମଧ୍ୟରେ ଗୋଳ ଲାଗିଗଲା ପ୍ରାୟ ।—ମିତ୍ରର ଝିଙ୍କୁର ଏକାଦଶୀ ପାଳନା ।

ପ୍ରେସିଡେଣ୍ଟ ଟ୍ରୁମାନଙ୍କ ବିଶିଷ୍ଟ ଦୂତ ହାରି ହପକିନ୍ସ ଷ୍ଟାଲିନ୍ଙ୍କ ପାଖକୁ ଯାଉଛନ୍ତି ।—ତୁମେ ତ ଗୋ କହିବୁ କହିବୁ,
ନ ହୋଇଲେ ଯିବି ତେବେଳେ ଅତଲାଣ୍ଟିକ ଚିଠି ।

Digitized by srujanika@gmail.com

ଭୂତପୂର୍ବ-ପ୍ରଧାନ ମନ୍ତ୍ରୀଙ୍କର
**ଉଚ୍ଚ ପ୍ରଶଂସା**

ଶ୍ରୀ ପଦ୍ମଚରଣ ପଣ୍ଡା (ପାଟଗ୍ରାମ)ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼କ୍ଟସ୍** ପରିଦର୍ଶନ କରି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

**ସ୍ୱା: ଶ୍ରୀ ବିଶ୍ୱନାଥ ଦାସ**




**ଅଭିନବ ରୂପ ଚର୍ଚ୍ଚା**

**ଶ୍ରେଷ୍ଠ ପ୍ରସାଧନ**

୦ କାଞ୍ଚନ
୦ କାବେରୀ
୦ ସ୍ନୋଓସେଣ୍ଟ
ଇତ୍ୟାଦି

# କୋଣାର୍କ କେମିକ୍ୟାଲ୍ ଏଣ୍ଡ ବିଉଟି ପ୍ରଡକ୍ଟସ୍

ଇଣ୍ଡିଆ ।

---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ୍ ବ୍ୟାଙ୍କ ଲି:—

**ହେଡ୍ ଅଫିସ— କଲିକତା**

**ଶାଖା ଅଫିସମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇନ୍ଦ୍ରରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା,

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା,

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

ନୂଆଦିଲ୍ଲୀ, ନାଗପୁର । **ସ୍ୱା—ପି. ଏନ୍: ରାୟ୍ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୯ ଜମା ଦେଲେ ୪ର୍ଥ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୫ ୬୦ ଟଙ୍କା ପାଇବେ ।


Digitized by srujanika@gmail.com

# ଡଗର



ମୂଲ୍ୟ
ଦୁଇଅଣା

## ଚର୍ଚ୍ଚିଲ୍‌ଙ୍କ ଚିଟାଉ




ଚର୍ଚ୍ଚିଲ—( ଓ୍ୟାଭେଲ ପ୍ରତି )

କୋଇଲି ଭାରତକୁ ଯାଇ କହିବୁ ଲୋ ମୋର
ଦୁବଦେଶୀ ରଙ୍ଗଅ... ନ ଯିବ, ପାଟଣାର ଲୋ କୋଇଲି

ଏ ସଂଖ୍ୟାରେ

( ମଜାକଥା )—ଥୋପ

ସାନଫ୍ରାନ୍‌ସିସ୍କୋରେ

ଗାନଭିଲାସ

ମଜା କବିତା—ଚୈତନ ଚୁଟି

ଓ

ଅନ୍ୟାନ୍ୟ


୯ମ ବର୍ଷ ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ



Digitized by srujanika@gmail.com

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ରୋଗ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରୋଲା ବ୍ୟବହାର କଲେ ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ଶକ୍ତ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଅଧୁନିକ ଜଗତରେ "ପାଇରୋଲା" ( ରେଜିଷ୍ଟାର୍ଡ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୧।୵୵୶ ( ଘୃତ ଶେ )

**'ଅନନ୍ତରସ'—ସାଲସା** ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।
ହେଡ୍‌ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍ କଲିକତା ।

ପ୍ରାପ୍ତିସ୍ଥାନ:—ମନମୋହନ ବୁକ୍‌ସପ୍
ନଂ ୧୩୭ । ୨ ବହୁବଜାର ଷ୍ଟ୍ରିଟ, କଲିକତା, ଓ ମନମୋହନ ପ୍ରେସ, କଟକ ।


## ନୂଆ ନାଗବନ୍ଧୁଙ୍କ ନାମ

୫୯୫ । ଶ୍ରୀମତୀ ଶାନ୍ତିଲତା ସାହୁ, C/o ବଂଶୀଧର ସାହୁ, Clerk Collectorate, ବାଲେଶ୍ୱର । ୫୯୬ । ଶ୍ରୀ ନଟବର ଦାସ, ଅଗରପଡ଼ା ହାଇସ୍କୁଲ, କ୍ଲାସ—X ପୋଃ ବଡହାଟ ବିଲ୍ଲେନପୁର (ଅଜୀବନ) । ୫୯୭ । ଶ୍ରୀ ବାବାଜୀଚରଣ ପଣ୍ଡା, କ୍ଲାସ VII, କୋଠାର ମିଃ ଇଃ ସ୍କୁଲ, ପୋଃ କୋଠାର, ଜିଃ ବାଲେଶ୍ୱର । ୫୯୮ । ଶ୍ରୀ ଦିବାକର ମିଶ୍ର, ଗ୍ରାମ ବାହାର ବିଲ, ପୋଃ କୋଠାର, (ବାଲେଶ୍ୱର) । ୫୯୯ । ଶ୍ରୀ ସୁଦର୍ଶନ ଦାସ, ଗ୍ରାମ ବାହାର ବିଲ, ପୋଃ କୋଠାର ବାଲେଶ୍ୱର । ୬୦୦ । ଶ୍ରୀ ବାରୁଣୀ ବେହେରା, ଗ୍ରାମ ବାହାର ବିଲ, ପୋଃ କୋଠାର, ବାଲେଶ୍ୱର ।୬୦୧। ଶ୍ରୀ ଗଦାଧର ଦାସ, C/o ଆର୍, କ, ଦାସ, ଏମ୍. ଏ. ବି. ଏଲ୍. ପୋଃ ବାରିପଦା, ମୟୂରଭଞ୍ଜ । ୬୦୨ । ଶ୍ରୀ ନନ୍ଦକିଶୋର ପଟେଲ, ପୋଃ ଲଇଡ଼ା, ଜିଃ ସମ୍ବଲପୁର, (ଅଜୀବନ) ।୬୦୩। ଶ୍ରୀ କୃପାସିନ୍ଧୁ କବି, (ଅଜୀବନ) ।୬୦୪। ଶ୍ରୀ ଧରଣୀଧର ଦାଶ, (ଅଜୀବନ) । ୬୦୫ । ଶ୍ରୀ କଞ୍ଜାନନ ବୋଇତି, ( ଅଜୀବନ ) ୬୦୩, ୬୦୪ ଓ ୬୦୫ଙ୍କର ଠିକଣା—C/o ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ, 6 Garstin Place Calcutta. ।୬୦୬। ଶ୍ରୀ ଦୋଲଗୋବିନ୍ଦ ଦାସ, ( ଅଜୀବନ ) C/o Birla Brothers ( Insurance Dept. ) 8 Royal Exchange Place, Calcutta.

## ନାଗବନ୍ଧୁ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟା କରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ $\frac{\text{ବାର୍ଷିକ ଚାନ୍ଦା ଟ ୦ ⁄}}{\text{ଅଜୀବନ ଚାନ୍ଦା ଟ ୬ ୴}}$ ର ଡାକଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ______________________

ଠିକଣା ______________________

ତାରିଖ


ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**; ପରିଚାଳନା ସମ୍ପାଦକ;—**ଶ୍ରୀ ବ୍ରଜମୋହନ ଦାସ**

**ବାର୍ଷିକ ତିନିଟଙ୍କା ଆଠଅଣା** **ରାଜସଂସ୍କରଣ ବାର୍ଷିକ ପାଞ୍ଚ ଟଙ୍କା**


Digitized by srujanika@gmail.com




# ବିଲୁଆ ବିଚାର

୯ମ ବର୍ଷ— ୨ୟ ସଂଖ୍ୟା ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ

ହାତୀ ଚା—ଚା—ଚା— ଅହାହା ଶୁଣ କଥାରେ ଗଗନ୍ଭେଦୀ କରିବ। ହାତୀ ପରି ଜନ୍ତୁ, ଯାହାର ଉଚ୍ଚ ଦୁଇଟା ଏତେ ଏତେ ତାର ପୁଣି ଗଗନ୍ଭେଦୀ ସ୍ୱନ। ଦେଖଣାହାରିଏ ଅଳ୍ପ ହୋଇଗଲେ। ମାଇକ ଯାଏଁ କାମ୍ ଗ୍ଲାସ୍ ସାଙ୍ଗ୍ ହୋଇଗଲା। ଉଚିତ୍ ବୋମା ଠାରୁ ବଳ ଗୋଟାଏ ବଡ଼ କାମ ହବ। ସରକାର ହୁକୁମ ଦେଲେ ବୋମା ଆକ୍ରମଣରୁ ରକ୍ଷା ପାଇଁ ଯାବତ୍ ଉପଦେଶ ପତ୍ର ପ୍ରଚାର କରାଯାଇଥିଲା ତଦନୁଯାୟୀ ସମସ୍ତେ କାର୍ଯ୍ୟ କରିବେ। ଦାନ୍ତରେ ରୁମାଲ କାନରେ ତୁଳା ଦେଇ ଶୋଇ ପଡ଼ିବେ। ଉପରନ୍ତୁ ନାକରେ ମଧ୍ୟ ଗୋଟାଏ ନାକଢାଙ୍କ ଦିଆଯିବ। ଗ୍ୟାସ୍ ମାସ୍କ ବଦଳରେ ନାକଢାଙ୍କ ସରକାରୀ ମାଗଣା ବିତରଣ ହେବ। କାରଣ ବିଷାକ୍ତ ଗ୍ୟାସରୁ ରକ୍ଷା ପାଇବାକୁ ସିନା ଗ୍ୟାସ୍ ମାସ୍କ। ଏ ହାତୀଙ୍କ ଗଗନ୍ଭେଦୀ ସ୍ୱନଟା ବଡ଼ ବାସ ଯୁକ୍ତ। ଅତି ବାସଯୁକ୍ତ ହୋଇଥିବାରୁ ନାକର ବାସବଣା-ବାସ୍ପ ଇନ୍ଦ୍ରିୟ ଶିଥିଳ ହୋଇ ଯିବାର ଭୟ ଅଛି ବୋଲି ମତ ପ୍ରକାଶ କରିଚନ୍ତି ଜଣେ ବଡ଼ ଡାକ୍ତର ସ୍ୱାସ୍ଥ୍ୟନିର୍ଦ୍ଦେଶ। ତେଣୁ ଏଥି ନିମନ୍ତେ ଏ ବ୍ୟବସ୍ଥା କରାଗଲା। ଭାରତଯାକ ଲୋକେ ଡ଼ା କରି ଅନେଇ ରହିଲେ। ଓ୍ୱାଭେଲ ସାହେବ ୪ ତାରିଖ ଜୁନରେ ଅସି ଦଶଦିନ କାଳ ହେଇ ହେଲା ହେଇ ହେଲା ବୋଲି ରହିଲେ। ଶେଷ ତାରିଖ ସନ୍ଧ୍ୟାବେଳେ ଦନ ବାର ଧରାହେଲା। ମାହେନ୍ଦ୍ର ବେଳରେ ତେଣେ ଆମେରି ସାହେବ ମଙ୍ଗଳାଷ୍ଟକ ପଢ଼ିଲେ ଲଣ୍ଡନ ପାର୍ଲିମେଣ୍ଟ ସଭାରେ। ଏଣେ ଦିଲ୍ଲୀ ବେତାର ଯନ୍ତ୍ର ସାମନାରେ ହେଲା ହାତୀଙ୍କ ଗଗନ୍ଭେଦୀ ସ୍ୱନ—ଫୁସ୍।

× + ×

ଓ୍ୱାଭେଲ ସାହେବଙ୍କ ଆଖିରୁ ନେମ୍ବୁରସ ଗଡ଼ି ପଡ଼ୁଛି ଭାରତର ଦୁଃଖ ଦୁର୍ଦ୍ଦଶା ପାଇଁ। ଦେବତ୍ୱର୍ଣ୍ଣ ଡଲେ ସେ ଭାରତ ପାଇଁ ମାନସ ମୁଣ୍ଡି ଆଣିଥିଲେ। ତାକୁ କେହି ଦେଖିପାରି ନଥିଲେ ଅଜଯାଏ। କଥାରେ ଅଛି ଗୁଣୀ ଚିହ୍ନେ ଗୁଣୀକି ମୁଣ୍ଡି ଚିହ୍ନେ ମୁଣ୍ଡିକି। ଭାରତରେ ଗୁଣୀ-ମୁଣ୍ଡି କେହି ନାହାନ୍ତି। କେବଳ ବର୍ତ୍ତମାନ ଏକଜିକ୍ୟୁଟିଭ କାଉନ୍ସିଲରମାନେ ଚିହ୍ନିଥିଲେ। ସେଥିପାଇଁ ଓ୍ୱାଭେଲ ସାହେବ ଧମକ ଦେଉଚନ୍ତି କି ତମେ ଏ ମୁଣ୍ଡିକି ଯଦି ନଚିହ୍ନିବ ତେବେ ମୋର ଏ ପୁରୁଣା ପୋଇଲିଙ୍କୁ ନେଇ କାମ ଚଳେଇବ। କିନ୍ତୁ ଆମେ କହୁଛୁ କଣ୍ଡ, ହେ ସ୍ୱାମୀ! ଜନାଙ୍କ ଉଚ୍ଚ ଥୋଇଲି ମାଇପ କଣକୁ ଉପମାନଙ୍କ ଉଜ ପୋଇଲି ମାଇପ ପଟେଣ ସର ନୁହନ୍ତି।

+ ×

ଯଉଁ 'ଭିଟୋ' ପାଇଁ ଏତେ ଭୂଟ ଭାଟ, ଯେଉଁ ହାତରୁ ପାଞ୍ଚ ପାଇଁ ଏତେ ଚେଷ୍ଟା ପାଞ୍ଚ ବଡ଼ଲାଟ ସେଥିକି ସ୍ୱ କରରେ ଧରି ହାତ ହନୁମାନଙ୍କ ଉଜ ସବୁ ଦାନ କରି ଦେଇଚନ୍ତି। କିନ୍ତୁ ଆଶ୍ୱାସନା ଦେଇଚନ୍ତି ଏଟା କେବଳ ନ୍ୟାଯ୍ୟ ସଙ୍ଗତ ଭାବରେ ବ୍ୟବହୃତ ହେବ। ଅର୍ଥ, ଏଥି ପୂର୍ବରୁ ଅନ୍ୟାଯ୍ୟରେ ମଧ୍ୟ ବ୍ୟବହୃତ ହୋଇଥିଲା। କିନ୍ତୁ ନ୍ୟାଯ୍ୟ ଅନ୍ୟାଯ୍ୟ ବିଚାର କରିବ କିଏ? ଆମ ମନପ ଭାଷାରେ ଯେଉଁଟା କେଳି ଭିଂସା ତମ ଦେବ ବ୍ୟାପାରେ ସେଇଟା ଗୋରୁ ଗାଈ।

× + ×

ଆମେରି ସାହେବ କଥାଟାକୁ ଆଉ ଟିକିଏ ସାଫ କରି କହିଲେ —ଏ ହାତରୁ ପାଞ୍ଚ କେବଳ ଗ୍ରେଟବ୍ରିଟେନ ସ୍ୱାର୍ଥରେ ବ୍ୟବହୃତ ହେବ। କିନ୍ତୁ ଆମ ସ୍ୱାର୍ଥ ତମ ସ୍ୱାର୍ଥ ଭିତରେ ଫରକ୍ ତ ନାହିଁ! ତମର ହେଲେ ଆମର ହେଲା, ଆମର ହେଲେ ତମର ହେଲା। ଆମ ଜୁଆଏ ସେଥିପାଇଁ ଗାଆନ୍ତି—ଅଟକଳ ମଟକଳ ଫୁଟିଗଲା ଭାଇଙ୍କ ତମର ଆମର ନାଲିବଇଙ୍ଗଣ—ନାଲି ଟେଁ ଟେଁ ବାଜିଲା ଫିଟ୍—ଏ କାଟି ଗଲାକି ଭାରତ ବେଷ୍ଟର!

× + ×

ଆମ କଲଥ ସଭାରେ ଜଣେ ପ୍ରସ୍ତାବ କଲେ, ଯଦି ଏଇ ହାତରୁ ପାଞ୍ଚ ନ୍ୟାଯ୍ୟ ଓ ଅନ୍ୟାଯ୍ୟ ବିଷୟରେ ଗୋଳ ଉଠେ ତେବେ ତାର ବିଚାର ଆନ୍ତର୍ଜାତୀୟ ସଭାକୁ ପଠାଇ ଦିଆଯିବ। ସେ ଯଦି ନ୍ୟାଯ୍ୟ ବୋଲି କହିବେ ତ ଆମେ ତାହାକୁ ମାନିନେବା। କଥାଟା ବଡ଼ ଯୁକ୍ତିଯୁକ୍ତ। କିନ୍ତୁ ଶୁଣିବ କିଏ? ଦାଦାଶ୍ରୀ ଇଂରେଜ ସରକାର ଯାହା କରିଚନ୍ତି ସେଥିରୁ ତ କମଳ ଗୋଟି ପୁଣି ସେଇଥି। କ୍ରିପସ୍ ସାହେବଙ୍କ ଦାନ କଥାରେ ଗାଥେଇ ଗଲା—ଲିନଲିଥୋଗୋଙ୍କ ଅଗଷ୍ଟ ପ୍ରସ୍ତାବ ଜଣାପଡ଼ି ଗାଇଗଲା। ଯାହା ଆସିଲା ସେ ନମ୍ବା ଓ ଗୋଲ କେହି ବୁଝି ପାରୁ ନାହାନ୍ତି। ସେଥିରେ ପୁଣି ଆମ ସତ-ଗୋପାଳସ୍ୱାମୀ ଭ୍ରାନ୍ତାଚାରୀଙ୍କ ପରି ଲୋକେ ଶମ୍ଭୁ ଘରେ ଘର କରିବା ପାଇଁ ବାପାକୁ ଯଉତୁକ ମାଗୁଛନ୍ତି—ବାପା ହେ କାଳଗାଈଟିଏ ଦିଅ। ନାଣ୍ଡ ଜନ୍ମ ହେଲେ ଦୁଧ ଖାଉଥିବ ଅଜା ଅଜା ଡାକୁଥିବ!

× + ×

ଓ୍ୱାଭେଲଙ୍କ ପ୍ରସ୍ତାବକୁ ଚିନ ଭିନ କରି ବିଲୁଅମାନେ ବିଚାର କଲେ। ଶହେରୁ ଗୁଳ୍ପ ଜାତିଆ ହିନ୍ଦୁ, ଗୁଳ୍ପ ମୁସଲମାନ ତାଙ୍କ କୋଉଁଏ ଅନ୍ୟାନ୍ୟ ହେବେ ମନ୍ତ୍ରଣା ଦାତା ଇ.ସ। ବଡ଼ଲାଟଙ୍କର ଏ ସଭ୍ୟଙ୍କ ନା ଦବା ପାଇଁ ଯଉଁ ସଭା ବସିବ ସେ ସବୁରେ ଗୁଳ୍ପ ମୁସଲମାନଙ୍କ ପାଇଁ ସବେ ମୁସଲିମ୍ ଲିଗ, ତାଙ୍କ କୋଉଁଏଙ୍କ ପାଇଁ ସବେ ତାଙ୍କବାତ୍ତ (ହରିଜନ) ନେତା, ଇଉରୋପୀୟଙ୍କ ନେତା ଇତ୍ୟାଦି ଇତ୍ୟାଦି। ତାଙ୍କ ଜାତୀୟ ହିନ୍ଦୁଙ୍କ ନାଁ ଦବକୁ କିଏ ଇତ୍ୟାଦି। ତାହାତ ରହିଲେ କଂଗ୍ରେସ ଆଉ କଂଗ୍ରେସ ଦଳର ଗୋଟି ଗଲା? ତାହାତ ରହିଲେ ଜାତୀୟ କାହା ଦଳ? ତେବେ ଏଥି ଭୁଲ ପଡ଼ିଲା କଂଗ୍ରେସ ଜାତୀୟ ହିନ୍ଦୁ ଅନୁଷ୍ଠାନ। ତତ ଲିଟ ସଭାରେ। ପାର୍ଲିମେଣ୍ଟରେ ଆମେରିଙ୍କ ଦଳଙ୍କ ଅର୍ଲ ଉଇଣ୍ଟରଟନ ପ୍ରଶ୍ନ ...

Digitized by srujanika@gmail.com

କଂଗ୍ରେସକୁ ହିନ୍ଦୁ କଂଗ୍ରେସ ବୋଲି ଆଖ୍ୟା ଦେଉଛନ୍ତି । ତେଣୁ ଓ୍ୟାଭେଲ ପ୍ରସ୍ତାବରେ କଂଗ୍ରେସର ଅନ୍ତତଃ ଏତିକି ସଫଳତା ହୋଇଛି । ଜାତୀୟ ଦାବି ମୁସଲମାନ୍ ମାନେ ଲୁଅନ୍ତେ ଅଖଣ୍ଡା ପଠାଇ ଦେଲେ । ହିନ୍ଦୁ ମହାସଭା ବାଟ ଲମ୍ବଣ୍ଡିରେ ମୁହିଁ ମାଡ଼ି ଶୋଇଲେ । କଂଗ୍ରେସ ହେଲେ ହିନ୍ଦୁ ପକ୍ଷୀୟ ଓ ଲିଗ୍‌ହେଲେ ମୁସଲମାନ ପ୍ରତିନିଧି । ମହାତ୍ମା ଗାନ୍ଧି ବ ଜାତୀୟ ହିନ୍ଦୁ କଥାଟାକୁ କହିଲାକୁ ଦେଇଚନ୍ତି । କିନ୍ତୁ ଦୋଷ କାହାର ? ଜିନାଙ୍କ ପାଖକୁ ଅଉ ପାଞ୍ଚ ଥର ଦଉଡ଼ିଲେ ଏଥିର ସମାଧାନ ହେବ ବୋଲି ସେ ଏବେ ହୁଏତ ରାଜଗୋପାଳାଚାରିଙ୍କ କଥାରେ ଲୁହୁଡ଼ ପଦ୍ଦ ପଦ୍ଦ ପଡୁଥିବେ । ଗାନ୍ଧିଙ୍କ ଏ ପ୍ରସ୍ତାବକୁ ଆଶୀର୍ବାଦ ଥାଉ ବା ଯାହା କରନ୍ତୁ କଂଗ୍ରେସ ଯଦି ଜାତୀୟତାକୁ ବକ୍ତମାନ ମାନ ନ ବାମ ହେବ ତେବେ ଦିନେ ଶେଷରେ ପସ୍ତାଇବେ—ଅପଣା ହାତସ୍ତ କହୁଛନ୍ତି, କେ ଅଛି ତାର ପ୍ରତିବାଦ ? + × +

ଏଥର ବରପନ୍ଥୀ ଅଳପନ୍ଥୀ ବ୍ୟବସ୍ଥା । ଇଉରୋପରେ ବହୁତ ବଡ଼ ବଡ଼ ଦୁର୍ନୀତି ଲଢ଼ୁ ଅଛି । ଗତ କଥା, ଯୋଦ୍ଧା ମାତ୍ର ଅଜ ଭୁଲିଯିବାକୁ ଲର୍ଡ ଓ୍ୟାଭେଲ କହିଚନ୍ତି । ଅମ ସମ୍ରାଟ ବି ଅମକୁ ଅବେଦନ ଜଣାଇଚନ୍ତି । ସ୍ୱାଧୀନତା ଦଗରେ ଏ ପ୍ରସ୍ତାବ ଏକ ଅଗ୍ରଗତି ଇତ୍ୟାଦି ଯୁକ୍ତି ରହିଛି । ହୁଏତ କଂଗ୍ରେସ ଏ ପ୍ରସ୍ତାବ ଗ୍ରହଣ କରିବ । କିନ୍ତୁ ସ୍ଥାୟୀ ଜନସ୍ୱାର୍ଥ ମିଳିବ କେବେ ? ଦୁର୍ନୀତି ଲଢ଼ୁ ଉଲଥ ଚେଷ୍ଟା କେବଳ ହାବାଉ ହୋଇ ରହିଯିବ ନାହିଁ ତ ! ଅବହମାନ କାଳରୁ ସେଇ ଷାଠିଏ ମହଣ ଘିଅ ହବ, ହିନ୍ଦୁ ମୁସଲମାନ ଏକ ହେବେ, ରାଧା ନାଚିବ, ସ୍ୱାଧୀନତା ପାଇବ ବୋଲି ଶୁଣି ଅଶୁଚୁ । ଅମେସ ସାହେବ କଥାରେ ଏବେ ଠିକ୍ ସେଇ କାହାଣୀ ରହିଛି । ସେଥିକ ନରୁହି ନବଗ୍ରହ ଯଦି କଂଗ୍ରେସ ଏ ପ୍ରସ୍ତାବକୁ ଗ୍ରହଣ କରେ ତେବେ ଦିନେ ବାପହୀନ ପଣ୍ଡିତ କହିବ କଣ୍ଠସ୍ଥ ଗାଇବେ—

ବାଡ଼ ଅଗଣାରେ ଗୋଗ ପଟାଳିଣ ଥିଲ ସାଗ
ତାହା ଦେଖି ନେଇ ଲୁଚି ହୋଇଲ ଅନାଇଲ ସତଗୁରୁ ।
ଯାଦେ ପଲାଉ କହେ କାକବତୀ
ଅଜ ହେବ ନାହିଁ କାଲି ହେବ ନାହିଁ
ହେଲେ ହେବ ପନ୍ଦରଦିନ ରହି ।

× + ×

ସବୁ ସାପ ବଂଶ ଅଣିଗଲେ । ତମଣା ବଟେରେ ଗଲ ବେଳକୁ ସବୁ ଶେଷ । ହିନ୍ଦୁ ମହାସଭା ଭାରତର କର୍ଣ୍ଣଧାର ବ ହେଇଲ ନାହିଁ । ଧନ ଜନ ପ୍ରାଣ ଦେଇ ବ୍ରିଟିଶ ସାମ୍ରାଜ୍ୟବାଦୀ ଯୁଦ୍ଧରେ ଏହିମାନେ ସାହାଯ୍ୟ କରୁଥିଲେ । ମୁସଲିମ ଲିଗ୍ କଥାରେ ଖାଲି ମୁହଁ ମୋଡ଼ି କାର୍ଯ୍ୟରେ ସବୁ କରୁଥିଲେ । କଂଗ୍ରେସର କଥା କାର୍ଯ୍ୟ ଏକ । ଫଳରେ ହେଲ, କଂଗ୍ରେସ ଓ ମୁସଲିମ୍ ଲିଗ୍ କ୍ଷମତା ପାଇଲେ । ମହାସଭାକୁ କେହି ପଚାରିଲେ ନାହିଁ । ସୁରୁବାର ଧନ ହଜି ପାଇବା କି ଭାଗ୍ୟରେ ନାହିଁ । ଶୀରୁ ସବରକାରଙ୍କ ଅବଶୋଷ—

ଯାଗ ଭାଙ୍ଗିଲି କାନ୍ତକାଟି କଲି ଏବେ ଦେଖେ ମନ ମୋହଲ,
ଛାତିରେ ସାଙ୍ଗରେ ପୀରିତି କଲି ମୋ ଛତ୍ରେଇ କଟେନ ବହଲ—
ଦତ୍ତ ହେଲେ ବସ ନ ରହିଲ—
ପର ରମଣୀ ବି ଧରିଲ ।

× + + ×

ସାପ୍ରୁଙ୍କ ଅବଲାଅ କମିଟି ଏଥର ବନ ଛଡ଼ାଇଥାନ୍ତି । କାହ କାହାରିଗଲାଣି ଅଜଅଲେ । ତାଙ୍କ କଥାକୁ ଶୁଣୁଛି କିଏ ? ଏବେ ତଦନ୍ତ କମିଶନ ଅଦ କରି ବର ଥକତ ହେଲେ । ବ୍ରିଟିଶ ସରକାରଙ୍କ ହାତ ଧରି କ ପଙ୍କରୁ ମିଳିଲ ? ତିଙ୍କି ଯୋଟେଡଲ ଗାତ—ଧରିଥିଲ ସୁନା ଲିଅ ହାତ, ଟେକା ପାଣି ଟେକା ଭାତ । ମୋ ରାମାରେ ।

+ + + +

ଏବେ ବ୍ରହ୍ମାଙ୍କର ଗ୍ରହଲେଣି ପଡ଼ିଛି ତାଙ୍କ ପ୍ରଜାଙ୍କୁ ନେଇ କରିବେ କଣ ! ପ୍ରଜା ସୃଷ୍ଟି କରି ସେ ମହା ଲଟା ଫଟାରେ ପଡ଼ି ଯାଇଛନ୍ତି । ମଣିଷ ଛଅର କରି ମଣିଷର ଜଠର ବୋଲି ଗୋଟାଏ ଜ୍ୱାଳା ଦେଇଥିଲେ ବ୍ରହ୍ମା ଅପଣେ । ଏ ଜଠର ଜ୍ୱାଳାରେ ପଡ଼ି ମଣିଷ ଅଉ ବ୍ରହ୍ମାଙ୍କ ଉପରକୁ ହାତ ବଢ଼ାଇବ ନାହିଁ । କିନ୍ତୁ ଏ ଜଠର ଜ୍ୱାଳାକୁ ମଣିଷ ଏଥର ଏକା ଫଟକେ ପାର କରିଦେଇଛି । ଯୁଦ୍ଧ ବେଳେ ଇଂରେଜମାନେ ଛଡ଼ା ବାହିନୀ ଯେଉଁ ଗୋଟିଏ ବଡ଼ ଖାଇ ଗୃହଦାନ ରହିଯାଇ ଥିଲେ ଏବେ ତାର ନୂଆ ପ୍ରକରଣ ବାହାରିଛି । ଷ୍ଟେରାଟି କଟି ଖାଇ ଦେଲେ ଗୋଟାଏ ପୂରା ଭୂରି ଭୋଜନ ହୋଇ ଯାଉଛି । ତାପରେ ପୁଣି ଗୋଟାଏ ସଂବାଦ ଜଣା ଯାଉଛି ଯେ କଉଠ ଗୁଣ୍ଡକୁ ଜୁଇ ଦେଇ ସେ ଫେଣରୁ ବୁନ୍ଦେ ବୁନ୍ଦେ ଖାଇ ଦେଇ ମଣିଷ ବିନା ଖାଦ୍ୟରେ ରହିଯିବେ । ଏପରି ସୁବିଧା ହେଲେ ମଣିଷ ଖାଦ୍ୟ ଚିନ୍ତାରୁ ରାହା ପାଇ ବ୍ରହ୍ମାଙ୍କ କାମ କରିବାକୁ ହାତ ବଢ଼ାଇବ । ବ୍ରହ୍ମା ଏଥର ବିଷ୍ଣୁଙ୍କ ବୈକୁଣ୍ଠ ଦ୍ୱାରରେ ଜଣାଉ ଛନ୍ତି । ବିଷ୍ଣୁ ଲକ୍ଷ୍ମୀଙ୍କ ସାଙ୍ଗରେ ପଶା ଖେଳ ସାରିଲେ ଗୁହାରି ଶୁଣିବେ । ଯୁଗ ଗୁଳୁଛନ୍ତି ବୋଧହୁଏ ।

× × × ×

ଗୋଟାଏ ମାଇପି ଲେକ—ପୁଣି କଳା ରଙ୍ଗ ମାଇକିନାଟା ଯାଇ ଅମେରିକା ଭଳି ମହାଦେଶରେ ହୁଲମାଦଲ କରି ଦେଉଛି । ଏହାଠୁ ବଳି ଗାନ୍ଧିକ କଥା ଅଉ କଣ ହୋଇପାରେ ! ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ ଏକାକିନୀ ଅବଳା ସାନଫ୍ରାନ୍‌ସିସକୋ ନଗରରେ ଯାହା କଲେଣି ସେଥିକରେ ଭାରତବାସୀଙ୍କ ଅଖିରେ ଚମକ ଲଗାଇ ଦେଇ ଅଛନ୍ତି । ଏପରି ମରଦ ପଣିଆ ମାଇକିନା ତ ମାଇକିନା' କୌଣସି ମାଇକିନାର ବୋପା ବ କେବେ କରି ନଥିଲ ।

ଭାରତର କାଳିଆମାନଙ୍କ ବୁକୁ ଫୁଲି ଉଠି ବଡ଼ ମୋଟ ହୋଇ ଯାଉଛି । ବିଜୟଲକ୍ଷ୍ମୀଙ୍କୁ ମା ବୋଲି ନ କହି ବାବା ବୋଲି ଡାକିବାକୁ ମନ ହୋଇଛି ।

କିନ୍ତୁ କଥା ଯେ ଅଛି—ଡଡଲ ପାଣିରେ ଘର ପୋଡ଼ୁନାହିଁ ବ ଗାଳିରେ ମଣିଷ ମରେନାହିଁ । ପୃଥିବୀ ମତ (world opinion)ରେ ଯଦି ଭାରତ ସ୍ୱାଧୀନ ହୋଇ ପାରନ୍ତା, ତେବେ ତ କଥା ନ ଥିଲ । ମାଇ ପର ବକ୍ତୃତାରେ ଭାରତ ସ୍ୱାଧୀନ ହେବ କି ? କେବଳ ସହାନୁଭୂତି ସୂଚକ ବଚନ ମାତ୍ର ସାର !

Digitized by srujanika@gmail.com






# ଖୋପ୍ର

ଲେଖକ:—ନି: ମ:

"ଝୁଅ, ଝୁଅ !"

ସାଇମନ ପାଟି କରି ଘର ଫଟେଇଦେଲା । ଏଲିଜାବେଥ୍ ଗୋଟିଏ ବୋଲ୍ ଝିଅ । ମା ଛେଉଣ୍ଡ । ବୟସ ୨୪ । ୨୫ ହେବ । ଦେଖିବାକୁ ଟିକିଏ ଭଲ । ଟିକିଏ ବୋଲ ବୋଲିବାର ନିଜର ନ୍ୟୂନତା ବା modesty. ଜାତିରେ ଇହୁ ବା ଧର୍ମରେ ଇହୁ—ଖ୍ରିଷ୍ଟାନ । ଖୁବ୍ ଛୁଟିରେ ବୁଲି ଆସିଛନ୍ତି । ଅଳ୍ପ ବର୍ଷେ ପରେ ବାପ ପେନ୍ସନ୍ ନେବେ ।

ଝିଅ ଯାଇଁ ହାଜର ହେଲା । ବାପା କହିଲେ—ଦେଖ ଝିଅ, ଆମର ଏ ନୂଆ ପଡ଼ୋଶୀ ଜଣଙ୍କର ଅତ୍ୟାଗ୍ରହରେ ମୁଁ ଆଉ ମୁହୂର୍ତ୍ତେ ଏଠି ରହି ପାରିବି ନାହିଁ ।

"କ'ଣ କଲେ ସେ ବାପା ?"

"ଆଉ କ'ଣ କରନ୍ତା । ଦାନବୀଟାଙ୍କ ବସି ବଇଁଶୀ ପକାଉଛନ୍ତି । ପାଣିଗୁଡ଼ାକ ଗୋଳିଆ ହୋଇ ଯାଉଛି । ଆମେ ଆଉ ପାଇବା କଣ ?"

ବାଳିକା ଟିକିଏ ହସିଲା ।

"ହସୁଛୁ କ'ଣ ? ଏ ବଡ଼ ସୁନ୍ଦରର ବ୍ୟାପାର । ଏଠି କଣ ମ୍ୟୁନିସିପାଲିଟି ନାହିଁ । ଏଠି କ'ଣ ମ୍ୟୁନିସିପାଲିଟିର ଆଇନ' ନାହିଁ । ସବୁ ଅରାଜକ ଏଠି ?"

"ବାପା, ବଇଁଶୀ ପକେଇଲେ ତ ପାଣି ଗୋଳିଆ ହୁଏନାହିଁ ।"

"ଏଁ ହୁଏନାହିଁ ? ସତେ ? ସେ ନହେଲ, ମାଛଙ୍କୁ ଝୋପ ଦେଇ ଧରିବା କେଡ଼େ ନୃଶଂସତା କହିଲୁ । ନା-ନା ଆମେ ଏ ପାପ ସହ୍ୟ କରି ପାରିବା ନାହିଁ । ତାଙ୍କ ଉଦ୍ଧାର କରିବାକୁ ହେବ । ତୁ ସେ ଭଦ୍ରଲୋକଙ୍କ ପାଖକୁ ଖଣ୍ଡେ ଚିଠି ଦେଇଯା ।"

"କ'ଣ ଲେଖିବି ?"

"ଏଁ ହଁ, ସତ ତ, କଣ ଲେଖିବା ?"

"ଲେଖନ୍ତୁ, ଆପଣଙ୍କ ବଇଁଶୀ ଫେଙ୍କିବା ଫଳରେ ଏତେ ଗୋଳ ହେଉଛି ଯେ ଆମେ ଏଠି ନିଶ୍ଚିନ୍ତରେ ପଢ଼ାଶୁଣା କରି ପାରୁନାହୁଁ ।"

"ହଁ ଠିକ୍ କଥା । ବାସ୍ତବିକ ମୁଁ ନିଶ୍ଚିନ୍ତରେ ବସି ପଢ଼ି କରି ପାରୁନାହିଁ ।"

"କିନ୍ତୁ ବଇଁଶୀ ପକାଇଲେ ତ ଗୋଳମାଳ ହୁଏନାହିଁ ।"

"ହଁ ସେ ବି ତ ଗୋଟେ କଥା । କିନ୍ତୁ ମୁଁ ନିଶ୍ଚିନ୍ତରେ ବସି ପାରୁନାହିଁ ଏକଥା ସତ ।"

"ତାହେଲେ ଲେଖନ୍ତୁ 'ଆପଣଙ୍କର ସେ ବିକୃତ ମୁଖ ଦେଖି ମୋତେ ଭୟ ଲାଗୁଛି, ଆପଣ ଆମ ଘରର ସାମନାରୁ ହଟି ଯାଇ ଦୂରରେ ବଇଁଶୀ ଖେଳନ୍ତୁ ।"

"ଠିକ୍ କହୁଛୁ । ବାହାରେ ଝୁଅ । ନ ହେଲେ କି ମୋର ଝୁଅ । ନେ' ଭଲ ଭଲ କଲମ କାଗଜ ଆଣ ।"

ଝୁଅ ଦୁଆତ କଲମ କାଗଜ ଆଣିଦେଲା । ବାପ ଲେଖି ଆରମ୍ଭିଲେ । ଝୁଅ କହିଲା, "ବାପା, କଣ ଲେଖୁଛ—ତାଙ୍କ ବିକୃତ ମୁଖ ଦେଖି ?"

"ହଁ ।"

"କିନ୍ତୁ ସେ ବଇଁଶୀ ପକାଇବାବେଳେ ତ ପଛଟା ଦିଶୁଛି ।"

"ସତ ତ ! ତେବେ ଉପାୟ ?"

"ଲେଖନ୍ତୁ, ବଇଁଶୀ ଛାଟିଲେ ଆମ ଦେହରେ ବାଜିବାର ଭୟ ଅଛି ।"

"ଠିକ୍ କହୁଛୁ ।"

"କିନ୍ତୁ ବଇଁଶୀ ଦଉଡ଼ି ତ ଏତେ ଲମ୍ବା ନୁହେଁ ।"

"ସତ ତ । ପୁଣି କ'ଣ କରିବା ?"

"କାହିଁକି, ଏତେ ଭୁଣ୍ଡା ମଶିଣ୍ଟାଏ ସେଠି ବସିଲେ ପବନ ଅଟକି ଯାଉନାହିଁ ?"

"ନିଶ୍ଚୟ ଯାଉଛି । ମୁଁ ସେଇଆ ଲେଖି ଦେଉଛି । ତା ନା' କ'ଣ ଜାଣୁ ?"

"ତାଙ୍କ ନା କଣ ଜାଣେ ନାହିଁ । ତାଙ୍କ ପୁଅ ନା ଅଲଜାଣ୍ ସାହୁ ।"

"ଅରେ ବାପ ନା ବି ସେଇଆ ହୋଇଥିବ । ଦ'ଜଣ ଯାଉ ତ ଏକା ରକମ ଦେଖିବାକୁ ।"

ବାପ ଚିଠି ଲେଖିଲେ । ପଚାରିଲେ—ଚିଠି ନେବ କିଏ ?

"ଡାକରେ ଦେଇ ଦିଅ ।"

"ଡାକରେ ଦେଲେ କାଲି ପାଇବେ । ଆଜି ଏଇ ବଇଁଶୀ ପକାଉ-ଥିବା ବେଳରେ ଚିଠିଟା ପାଇଲେ ମଜା ବୁଝିଯାଆନ୍ତା । କାଲିପାଏ

Digitized by srujanika@gmail.com

କେମିତି ପବନ ନ ପାଇଲେ ମୋ ନିଃଶ୍ୱାସ ବନ୍ଦ ହୋଇଯିବନି ?"

"ତା ହେଲେ ମୋତେ ଦିଅ ।"

"ଅଃ, ମୂର୍ଖ ପୁଅ ! ବାବାଙ୍କର ପୁଅ ।"

ଛଟି ଧରି ଝିଅ ଚାଲିଯାଇ କିଛିକ୍ଷଣ ପରେ ପୁଣି ଫେରି ଆସିଲା ।

"କିରେ, ଛଟି ଦେଲୁ ନାହିଁ ?"

"ସେ ଯେ ବାପା, ପୁଅ ଅଭଡ଼ାକ୍ ।"

"ମୁଁ ପରା କହିଲି ବାପ ପୁଅ ଦୁ' ଭାଇ ସମାନ । ଆଜ ଯଦି ବାପ ଅଭଡ଼ାକ୍ ନାହିଁ ତେବେ ପୁଅ ଅଭଡ଼ାକ୍‌କୁ ଦେଇ ଆ । ଏକା କଥା ।"

"କିନ୍ତୁ ବାପା ସେ ବୁଢ଼ା, ଏ ଟୋକା ।"

"ଆରେ ହେଲାଣି କ'ଣ ହେଲା, ମୁଁ ସିନା ବୁଢ଼ା, ତୁ ତ ବୁଢ଼ୀ ନୋହୁ ।" ଝିଅ ପୁଣି ଗଲା । କିଛିକ୍ଷଣ ପରେ ଖାଲି ହାତରେ ଫେରି ଆସିଲା । "କିରେ ଛଟି ଦେଲୁ ?"

"ନା ବାପା, ତାଙ୍କୁ ଦେଖି ମୋ ହାତରୁ ଛଟି ପାଣିରେ ଖସି ପଡ଼ିଲା ।"

"ଆରେ ଉଜବୁକୀ ଝିଅ, ମୁଁ ଯଦି ତୋ ପରି ଝିଅ ହୋଇଥାନ୍ତି କେବେଁ ଡର ନଥାନ୍ତି ।"

"ସେ ଯେ ଥୋପ ପକେଇଛି ବାପା ?"

"ଆରେ ସେ ମାଛ ପାଇଁ ଥୋପ ପକେଇଛି, କି ମଣିଷ ପାଇଁ !"

ଅଭଡ଼ାକେଇଥ ନୀରବରେ ଚାଲିଲା । କିଛିକ୍ଷଣ ପରେ ଦୂରରେ ଚିତ୍କାର ଶୁଭିଲା—"ଅଃ ।"

ବୁଢ଼ା ସାଇମନ ତରତରକି ଉଠି ବାଡ଼ି ଖଣ୍ଡେ ଧରି ବାହାରକୁ ଯାଇ ଦେଖିଲେ—। ଯାହା ଦେଖିଲେ ସେ ଆଉ ଦେଖିବାର ନୁହେଁ । ସାଙ୍ଗେ ସାଙ୍ଗେ ଯାଇଁ ସିଧା ପୁଲିସ ଥାନାରେ ଇତଲା ଦେଲେ ।—ଅଭଡ଼ାକ୍ ସାନ୍ଧୁ ମୋ ଝିଅ ଉପରେ——

ପୁଲିସ ପଚାରିଲା—ମୋ ଝିଅ ଉପରେ ?

ସାଇମନର ମନେ ପଡ଼ିଗଲା— କଥାଟା ଖରାପ ହୋଇଯିବ । ପୁଲିସରେ ଏତଲା ଦେଲେ ରାଜ୍ୟ ଯାକ ପ୍ରକଟ ହୋଇଯିବ । ପ୍ରକଟ ହେଲେତ ଝିଅକୁ କେହି ବାହା ହେବେ ନାହିଁ । ତେଣୁ ସେ କହିଲେ —"କ'ଣ କଲି ମୁଁ ହଠାଏ ପଚାରି ଅସେଁ ବାବୁ, ଭୁଲିଗଲି ।"

ଘଟଣା! ପୁଲିସ ଫେରି ଦେଖିଲା ପୁଅ ଠିଆ ହୋଇଛି । ବାପ ଅଭଡ଼ାକ ଓ ପୁଅ ଅଭଡ଼ାକ ଭିତରେ କଳି ଲାଗିଛି ।

ବାପ କହୁଛି—ଅଲବତ୍ ଖେସାରତ ଦାବି କରିବି ।

ପୁଅ କହୁଛି—ନା—ସେ ଛଟି ମୁଁ ପାଇଛି ।

ବାପ କହୁଛି—ଟିକେ ମୋ ନାଆଁରେ ଅଛି ।

ପୁଅ କହୁଛି—ମୁଁ ପାଣିରୁ ଆଣି ତମକୁ ନ ଦେଇଥିଲେ ?

ବାପ କହୁଛି—ବୁଢ଼ା ମାଙ୍କଡ଼ ବୋଲି ଗାଳିତ ମୋତେ ଦେଇଛି । ସାଇମନ ଏ କଥା ଶୁଣି ଉଭିଗଲା । ସେ କି ପ୍ରଚ୍ଛନ୍ନ ମତି ସେନ ଝିଅକୁ କହିଲା—ତୁ ଥା ଏଠି, ମୁଁ ଯାଉଛି ପୁଲିସରେ ଏତଲା ଦେବି, ମୋ ଘରୁ ଖଣ୍ଡେ ଛଟି ଚୋରି ହୋଇ ଯାଇଛି ।

ପୁଅ କହିଲା—ନା ବାପା, ଏଥି ଚୋରି ହୋଇଯିବେ ।

ସାଇମନ—ତୁଇ, ଆମର କ'ଣ ଗଲା ? ସେ ଆମର କିଏକି ?

ପୁଅ—ଛଟି ଯେ ମୁଁ ଆଣିଥିଲି ।

ସାଇମନ—ତୁ ତ ଦେଇ ନଥିଲୁ । ତୁ ପାଣି ଭିତରେ ଉଷ ଦେଇଥିଲୁ । ସେ କାହିଁ କି ନେଇଗଲା ? ନା—ନା—ମୁଁ ଶୁଣିବି ନାହିଁ । ମୁଁ ଅଲବତ୍ ପୁଲିସରେ ଖବର ଦେବି ।

ବାପ ପୁଅ ଦୁହିଙ୍କର କଳି ଶୁଣି ବୁଢ଼ା ଅଭଡ଼ାକ୍ ଚଟି ଉଠିଲା । ସାଇମନ ପାଖକୁ ଉଠିଯାଇ କହିଲା—କାହାକୁ ଡରାଉଛ ହୋ ? ମୁଁ ଏଇସାତେ ତମ ଝିଅ ନାଁରେ ଖେସାରତ ଦାବି କରିବି ।

ସାଇମନ ନଷ୍ଟେଡ଼ ବନ୍ଦା । କହିଲା—ତମେ କାହାକୁ ଡରାଉଛ ହୋ ! ତମ ପୁଅ ମୋ ଝିଅକୁ ବେଇଜ୍ଜତ କରିଛି ।

ଅଭଡ଼ାକ୍—ତମ ଝିଅ ଛତ୍ରରୁ ବଇଁଶି କଣ୍ଟା କାଢ଼ିବାକୁ ଯାଇଁ ମୋ ପୁଅର ମାଛଟା ଖସି ପଳେଇଲା ।

ସାଇମନ—ଏଁ କଣ କହିଲ ? ମୋ ଝିଅ ଛତ୍ରରେ ତମ ପୁଅ ବଇଁଶି ଗାଞ୍ଜ ମାରିଛି ।

ପୁଅ କହିଲା—ଛତ୍ରରେ ନୁହେଁ, ଛାତି ପାଖ କହଡ଼ରେ ।

ସାଇମନ—ଆରେ ସେଇ ଏକା କଥା ହେଲା ହୋ । ଝିଅ କ'ଣ ସେ କଣ୍ଟା କାଢ଼ି ପାରୁ ନଥିଲା ? ତମେ ଯାଇ ଯୁବତୀ ଝିଅର ଛତ୍ରରୁ ବଇଁଶି କଣ୍ଟା କାଢ଼ିବ । ମୁଁ ଇଜ୍ଜତହାନିରେ ଦାବି କରିବି ।

ଅଭଡ଼ାକ—ମୁଁ ମାନହାନି ଦାବି କରିବି । ଯଉଁ କଣ୍ଟାରେ ମାଛ ପଡ଼ିଥାନ୍ତା ସେ କଣ୍ଟାରେ ମାଇକିନା ଅଣି ପଡ଼ିବ । କଣ୍ଟା ପ୍ରତି ଏ ଚଢ଼ାର ଅପମାନ ।

ସାଇମନ—ଚାଲିଲ ଉକିଲଙ୍କ ପାଖକୁ ।

ଅଭଡ଼ାକ୍—ଚାଲ । କାହାକୁ ଡରୁଛି ।

ଦୁହେଁଯାକ ଚାଲିଗଲେ । ଟୋକା ଟୋକୀ ଦୁହେଁ ଦୁହିଙ୍କୁ ଚାହିଁ ମୁରୁକି ମୁରୁକି ହସିଲେ ।

ଟୋକା କହିଲା—ଅସଲ ମାଛ ଧରା ପଡ଼ିଛି ।

ଟୋକୀ—କେମିତି ଥୋପ କହିଲ !

"ତମର ମୋର ଅନେକ କଥା ଏକ ?"

"ଯଥା—"

"ତମେ କାଳୀ, ମୁଁ କଳା ?" "ଆଉ ?"

"ତମେ ଡେଙ୍ଗୀ ମୁଁ ଡେଙ୍ଗା ତମେ ଭୁଣ୍ଡୀ ମୁଁ ଭୁଣ୍ଡା । ତମେ ଦରବୁଢ଼ୀ ମୁଁ ଦରବୁଢ଼ା । ଆଉ ତମ ବାପା ଯେମିତି ମୂର୍ଖ ମୋ ବାପାବି ସେମିତି ମୂର୍ଖ । କେବଳ ଗୋଟିଏ କଥା ମୋର ଅଧିକା ।"

"କଣ କଥା"

"ତୋତେ କନିଆଁ ମିଳୁ ନଥିଲେ ।"

"ମୋତେତ ବର ମିଳୁ ନଥିଲେ ।"

"ତା ହେଲେ ରାଜ ଯୋଟକ । ଧନ୍ୟ ସେ ଛାପଛ କରିଲୁ କନିଆଁ ଘଟା ଘଟ ।"

ଏତିକିବେଳେ ଦୁଇ ବାପ ଆସି ପହଞ୍ଚିଗଲେ ।

( ମଜାକଥା ଅବଶିଷ୍ଟାଂଶ ୭୫ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com



# ପରପାରର ବନ୍ଦୀ

ଲେଖକ:—
ଶ୍ରୀ ରାଜକିଶୋର ରାୟ

ଅନାସକ୍ତ ଭାବରେ ମୁଁ ଜୀବନ କଟାଉଥିଲି ବୋଲି ମାଧୁରୀ ଆକ୍ଷେପ କରେ, କହେ "ଧନ ଧନ ଧରି ତୁମ୍ଭେ ଯେପରି ଭାବରେ ଚାଲିଛ, ତା ଦେଖିବା ଅପେକ୍ଷା ଗୋଟାଏ ଛୋଟ ମୁହୂର୍ତ୍ତରେ ଆତ୍ମହତ୍ୟା କରି ମୋର ଆଖି ବୁଜିଦେବା ସବୁଠାରୁ ଭଲ ।"

ଆତ୍ମହତ୍ୟା ? ବହୁବାର ଏହି ଶବ୍ଦଟାକୁ ମନେ ମନେ ଉଚ୍ଚାରଣ କରିଛି । ଉଚ୍ଛନ୍ନ ଜ୍ୟୋତ୍ସ୍ନାର ସମା-ରୋହ ଗବାକ୍ଷ ପଥରେ ଯେତେବେଳେ ମୋର ଦୃଷ୍ଟିକୁ ସୁଷମାସିକ୍ତ କରେ, ଯେତେବେଳେ ଥରେ ଥରେ ଅପଲକ ନେତ୍ରରେ ଏ ମୋହନ ସୃଷ୍ଟି, ଆକାଶ, ଏ ବାୟୁପ୍ରବାହ, ଏ ଦୂର୍ବାବିଚ୍ଛୁରିତ ମୃତ୍ତିକା ଦେଖି ମୁଁ ଉଲ୍ଲସିତ ହୁଏ, ସେତେବେଳେ ମୁଁ ଭାବେ ମାଧୁରୀକୁ ଅସୁଖୀ କରିବାର ସ୍ରଷ୍ଟା ମୁଁ ନୁହେଁ । କିନ୍ତୁ ଆତ୍ମହତ୍ୟା ମୁଁ କରି-ପାରେଁ । ତାକୁ କରିବାକୁ ଦେବିନାହିଁ ।

ଆଜି କିନ୍ତୁ ସେହି ଧରଣୀ, ସେହି କମନୀୟ ସୂର୍ଯ୍ୟୋଦୟ, ସେହି ଚନ୍ଦ୍ରାକାଶ, ସେହି ଆକାଶର ଘନ ନୀଳିମାର ବହୁ ଦୂରରେ ମୁଁ ରହିଯାଇଛି । ଏ ହେଲା କପରି ?

ହେଲା କପରି ? କହିଲେ ହସ ମାଡ଼େ । ଏ ପୃଥିବୀରେ ସବୁ ଘଟିପାରେ । ପୁଣି ମୃତ୍ୟୁ, ନିଜ ଜୀବନ ଉପରେ ହାତ ଉଠାଇବା ତୁଚ୍ଛ ସହଜ । ଧନ ଥିଲା ଯେତେବେଳେ ମୁଁ ଭାବୁଥିଲି ମୁଁ ସମର୍ଥ, ମୋର ଶକ୍ତିର ବାହାରେ କିଛି ନାହିଁ । ଆଜି ଯେଉଁ ଦୁଇ ବାହୁ ମୋର ନିଶ୍ଚଳ ହୋଇଯାଇଛି, ଦିନେ ସେଇ ବାହୁକୁ ଦେଖାଇ ଉର୍ବଶୀକୁ ଅଭୟ ଦେଇ ମୁଁ କହିଥିଲି, "ଉର୍ବଶୀ, ଏ ବାହୁ ଭିତରୁ ତୁମକୁ ବାହାର କରିଦେବା ଭଳି ପୁଅ ଆଜିଯାଏ ଏ ସଂସାରରେ ଜନ୍ମି ନାହାନ୍ତି । ତୁମେ ଯଦି ନିଜେ ମୁକ୍ତି ଖୋଜ, ତେବେ ଏ ବାହୁର ଅର୍ଗଳ ମୁକୁଳିଯିବ ।" ଲୋକେ କହନ୍ତି ଏ ଭଲ ପାଇବାର କଥା । କାମନା-କୁଅର ଭିତରେ ଏଭଳି ବାଣୀ-ତରଙ୍ଗ ସଚରାଚର ଦେଖାଯାଏ । କିନ୍ତୁ ଉର୍ବଶୀ ସହିତ ମୋର ପ୍ରଣୟର ଆଦି ବା ଅନ୍ତ କିଛି ନଥିଲା । ସେ ପ୍ରଣୟର ବ୍ୟାପ୍ତି ନୀଳ ଆକାଶ ସ୍ପର୍ଶ କରୁଥିଲା । ଆଉ ଛୁଇଁଥିଲା ସବୁଜ ଏ ବସୁନ୍ଧରାକୁ ବି ।

ଯେଉଁ କପୋଳ ଉପରେ ଥରେ କାହିଁକି ବହୁବାର ଉର୍ବଶୀ ଚୁମ୍ବନ ଦେଇଛି, ସେ କପୋଳ ଆଜି ନିଶ୍ଚଳ । ହୁଏତ ଗର୍ବୀ ଶିର କ୍ଷଣ ପରେ ଅର୍ଦ୍ଧଦଗ୍ଧ କପାଳଟା ମୋର ରକ୍ତମୟ ହୋଇ ପଡ଼ିବ; ଆଉ ସେହି ରକ୍ତଗୁଡ଼ିକରେ ଅଦ୍ୟ ଆଷାଢ଼ର ବାରି ବହୁଦିନ ରହି-ଯାଇ ପଚିଗଲାଣି । ହୁଏତ ବାହୁ ହାଡ଼ ଦୁଇଟାର ଲୋଭ ସମ୍ଭାଳି ନ ପାରି ଶ୍ମଶାନଗୃଧ୍ର କୁକୁରଟା ଅର୍ଦ୍ଧନିର୍ବାପିତ ଚିତାଗ୍ନିରୁ ସେ ଦୁଇ ଖଣ୍ଡି ଟାଣି ନେଇ କେଉଁଠି କେଉଁଠି ନିରସ୍ତ ହୋଇ ଯାଇଛି ।

ଏବେ ମୁଁ ଛିଡ଼ା ହୋଇଛି ମାଧୁରୀର ଏତେ ପାଖରେ । କିନ୍ତୁ ଛିଡ଼ା ହୋଇନାହିଁ । ତା' କି ଆଉ ହୁଏ ? ସେ ତ ସାମାନ୍ୟ ପାର୍ଥିବ ଶକ୍ତି । ମାଧୁରୀର ଦ୍ୱାର ମୁକୁଳା । ରଜନୀ ଘନ ହୋଇଛି । ତାର ବୈଧବ୍ୟ-ଜର୍ଜରିତ ମୁଖ ଉପରେ ଦୁଇଟି କୁଞ୍ଚିତ କୁନ୍ତଳ ସମୀର ସଂଘାତରେ କ୍ରୀଡ଼ା କରୁଛି । ମୁଁ ବେଶ୍ ଦେଖି ପାରୁଛି । ଚନ୍ଦ୍ର ଏ ମାଧୁରୀ ବୋଲି । ଉର୍ବଶୀ ଅଭାବରେ ମାଧୁରୀ । ହା, ସମାଜ ! ତୋର ଏ ଅଯାଚିତ ଦାନ, ଏ ଅକ୍ଷୁଣ୍ଣ ସଂପ୍ରଦାନ ଦୁର୍ଭାଗ୍ୟକୁ ମୁଁ ରଖି ପାରିଲି ନାହିଁ । ପ୍ରତି ରାତ୍ରିରେ ତା ପାଖକୁ ମୁଁ ଆସିଛି । ଲାବଣ୍ୟର ଛଳ ଛଳ ତରଙ୍ଗ ତାର ଅବୟବରେ ମନ୍ଦ ଚାଲୁଛି । ସେ ବା କେତେଦିନ ? ବୈଧବ୍ୟ ଅଗ୍ନିରେ ଏ ତରଙ୍ଗ କେତେଦିନ ଛଳ ଛଳ ହେଉଥିବ ? ଆଉଟିଏ ପାଖକୁ ଗଲେ ସେ ଚିତ୍କାର କରି ଉଠି ପଡ଼ିବ । ଦେହ ସାରା ତାର କଂପନ ପ୍ରସରି ଯିବ । ମୁଁ ତାକୁ କପରି ବୁଝେଇବି ଯେ ମୁଁ ସେ ପୁରୁଷ ମନୀଷ; ସାମାନ୍ୟ ଛାୟା-ମୂର୍ତ୍ତି !! ଖଳ ଆତ୍ମା ମୁଁ ନୁହେଁ ।

ଯିବା ଆଗେ ବୋଉ ଘର ବାଟେ ଯାଏଁ । ହଁ, ତାର ମୁଖ ଶୀର୍ଣ୍ଣ । ଗର୍ଭଧାରଣୀର କଷ୍ଟ ବୋଧହୁଏ ମାଧୁରୀ ବୁଝିପାରିବନାହିଁ । ତାର ଆଖିରେ ନିଦ ନାହିଁ ମୁଁ ଚାଲିଯିବା ଦିନଠାରୁ । ତଳେ ଘର ଚଟାଣ ଉପରେ ସେ ତଳି ପଡ଼ିଛି । ଏବେ ବି ମୁଁ ଦେଖି ପାରୁଛି ତାର ଅଶ୍ରୁ ଶୁଖିନାହିଁ । ମନ୍ଦଭାଗୀ ନାସ ବୁ ବୋଉ ! ସେ ପୁରୁଷ କେତେଥର ମୁଁ ତତେ ନମସ୍କାର ଜଣାଉଛି ।

ଏକମାତ୍ର ବୁଢ଼ୀ ମାଧୁରୀ ସହିତ ମୋର ବିବାହରୁ ଅନେକ କିଛି ଆଶଙ୍କା କରିଥିଲା । ମାଆ ପୁଅକୁ ଚିହ୍ନିବ ନାହିଁ ତ ଆଉ ଚିହ୍ନିବ କିଏ ? ଉର୍ବଶୀକୁ ମୁଁ ପ୍ରାଣ ଦେଇ ଭଲପାଏ, ଏକଥା ତୋତେ ଅଗୋଚର ନଥିଲା । କେତେଥର ତୁ ବାପାଙ୍କୁ କହିଛୁ ଜାତି ଧର୍ମ

Digitized by srujanika@gmail.com

ଧନରୁ କଣ ମିଳନ୍ତା ? ତୋର ମାଉସି ବୁଝିଲେ ବି ତାଙ୍କୁ ବୁଝେଇଛୁ ପୁଅ ତୋର ଅସୁସ୍ଥ ହେବ ଅନ୍ୟ ସହିତ ବିବାହରେ । କିନ୍ତୁ ଶେଷରେ ହାରିଗଲି । କିନ୍ତୁ ଦେଖ୍, ମୁଁ ହାରିନାହିଁ । ଇଚ୍ଛା କଲେ ମୁଁ ମୁହୂର୍ତ୍ତରେ ଜବଣୀକୁ ଦେଖି ଆସି ପାରେ । ସେ ପୁରରେ କଣ ଅଚିନା ନାହିଁ, କି କେହି ଅଚିହ୍ନା ନୁହନ୍ତି ।

ସେ ସବୁ କଥା ମୋର ବେଶ୍ ମନେ ଅଛି । ବି ଶୁଣିଲେ ମୁଁ ହସାଇ ଦଉଛି । ବାପା କୁହି କୁହି ମାଧବର ମୋ ସହିତ ବିବାହ ପ୍ରସଙ୍ଗରେ ଯୌତୁକର ହିସାବଟା ଦେଉଥିଲେ । ବି କିନ୍ତୁ ହାବଧାନ କରି ଦେଇଥିଲି । ପୁଅକୁ ଗର୍ଭେ, ତାର କଣ୍ଠା ଉହଳିଣି, ଯଦି କିଛି ଉପରେ ଏସ ହାତ ଉଠେଇ ଦଏ, ତେବେ ମୋ ସଂସାର ଉଚ୍ଛନ୍ନ ହୋଇଯିବ ।" ଏବେ ତୋର ସଂସାର ଉଚ୍ଛନ୍ନ ହୋଇ ଯାଉଛି । ଏ ଦେଶରେ କେତେ ଯେ ସଂସାର ଉଚ୍ଛନ୍ନ ହେଉଛି ତାହା ବି ଜାଣି ପାରିବୁ ନାହିଁ ।

ନା—ତୋ ପାଖରୁ ଆଉ ବେଶୀ ଶିଖିନାହିଁ । କବାଟର ଏଇ ଛିଦ୍ର ଏଥିରୁ ତତେ ସଂଭ୍ରମରେ ଜୁହାର କରୁଛି । କିନ୍ତୁ ବି ଅଶ୍ରୁ ମୁଖରେ ମାଧବ ସହିତ ମୋ ହାତ ଛାଡ଼ିଲି; ସେହିଦିନଠୁ ମୋ ହାତ ଛାଡ଼ିଯାଉଛି । ଇଚ୍ଛା ହେଉଛି ଆଉ ଥରେ ତୋ ପାଖରୁ ପୁଣି ଯିବି । କିନ୍ତୁ—ନା—ସ୍ୱପ୍ନରେ ଛୁଟି ଯାଉ ବି ହାତ ବଢ଼େଇ ମଥା ପିଟି 'ମୋ ପୁଅ ଏଇଠି' ବୋଲି ହାକିଲ ତାଇରୁ, ଅଣସଂ ମୁଁ ମନେ କ କଷ୍ଟ ହେବ ।

କିଁ ହୋଇ ଯୋଉଁଏ କଥା । ନବୋଧ ଜବଣୀ ଏତେ କ ଚିଠି ଲେଖୁଛି । ସେହି ନୀଳିଲିପାପା, ତା ଉପରେ ମୁକ୍ତାବନ୍ଦୀ ତାର ଅକ୍ଷର । ମୋ ନାମ । ମୁଁ ଦେଖିଛି ଚିଠି ଅସେ । କହିଲୁ ଭଲ ହୋଇ ଏ କ ଭୁଲ୍ ତୋର ? ଶତାଧିକ ଜବଣୀର ମୋ ପାଖକୁ ଚିଠି ବି ସଂଖ୍ୟାପଟେ ନ ରଖିଛୁ । ଜଣେ ଚାହାଣୀ ହୋଇଥିବୁ ବୋଲି । ସେ ଚିଠିସବୁ ଯଦି ତୋର ଅନୁକ ହେବ । ସେ ଚିଠିସବୁ ଅଚିହ୍ନା ରହେ ମୁଁ ଜାଣେ । ବି କଣ ଭାବୁଛୁ ମୁଁ ଯଦି ଫେରି ଆସିବ ଅଭ ଜବଣୀର ଚିଠି ତୋଷ ପଢ଼ିବ ? ସେ ପୂର୍ବରୁ କେହି ଫେରି ଆସେ ନାହିଁ । ଜବଣୀ ଜାଣିନାହିଁ ମୁଁ ଶୁଖିଗଲିଣି ବୋଲି । କେତେ ନିଜନ୍ତ କରି ଲେଖୁଥିବ ଉତ୍ତର ଦେବା ପାଇଁ । ଆଉ କ ମୁଁ ଉତ୍ତର ଦେଇପାରେ ବୋଲି ? ସେ ଯେ ଶେଷ ଉତ୍ତର !!

ମୃତ୍ୟୁ ମୋ ଭାଗ୍ୟରେ ଥିଲା ବୋଲି ମୁଁ ଚାଲିଯାଉଛି ଏକଥା ଲୋକେ ତୋତେ ସାନ୍ତ୍ୱନା ଦଅନ୍ତି । ଭୁଲ ସେକଥା । ମୋର ବଞ୍ଚିବାର ବାଞ୍ଛା ଅଦମ୍ୟ । କିନ୍ତୁ ସେମାନେ ବଞ୍ଚେଇ ଦେଲେନାହିଁ । କେତେକ ମନେ ଦୋଷ ଦଅନ୍ତି ମୁଁ ବଡ଼ ଭାବପ୍ରବଣ । ତା ବି ଭୁଲ୍ । ମୋ ଅଜ୍ଞ ମୁଁ ଚେଷ୍ଟା କରିଥିଲି ମାଧବ ସହିତ ସଂସାର ବାନ୍ଧିବାପାଇଁ । ହୋଇପାରିଲା ନାହିଁ । ଜବଣୀ ମୋର ହୃଦୟ ଅଧିକାର କରିଥିଲା । ସେଠି ମାଧବର ସ୍ଥାନ ନଥିଲା । ତୋତ୍ ମୁହୁ ଛଇସ୍ତାର ଶୁଣିଥିଲି ମଧୁଶଯ୍ୟା ରାତି । ତା ବି ଜାଣୁ, ମୁଁ ଜାଣେ । ତାପରେ ମୁଁ ଚାଲିଗଲି ।

ଦେଖ୍ ବୋଉ, ସଂସାର ଅଦ୍ଭୁତ । ମନୁଷ୍ୟର ପ୍ରପଞ୍ଚ ଜୀବନରେ ଅଭ ଟୋଟିଏ ଦିନର ବଜାଣ । ଲୋଭ, ହିଂସା, ଦୟା, ମିଥ୍ୟା, ଶଠତା, କୁକର୍ମର ଏ ଏକ ବଡ଼ଟ ଅନୁଷ୍ଠାନ । ଏ ଅନୁଷ୍ଠାନ ଭିତରୁ ମୁଁ ଚାଲିଯାଉଛି, ସେଥିପାଇଁ ମୁଁ ଖୁସି । କେବଳ ଜବଣୀ ରହିଗଲା । ରହୁ; ଜଗତ ଯାଉଛି, ଅନ୍ୟ ରହିଯିବାର କଥା । ଏହାହିଁ ସଂସାର ।

ଆଉ ସମୟ ନାହିଁ । ଉଷାର ପହିଲା ଗୁଞ୍ଜରିବା ମନ୍ଦିରେ ମତେ ଅଦୃଶ୍ୟ ହେବାକୁ ହେବ । କଲ୍ୟାଣ ହେଉ ବୋଉ ।

——*——

( ମହାକଥା ୪ର୍ଥ ପୃଷ୍ଠା ଉତ୍ତାରୁ )

ଅରକାବ କହିଲା—"ପୃଥ ବି ମୋର ସାକ୍ଷୀ ।"

ସାଉମନ କହିଲା—"ସୂର୍ଯ୍ୟ ବି ମୋର ସାକ୍ଷୀ ।"

ପୃଥ ସୂର୍ଯ୍ୟ କହିଲେ—"ତାରା ଅମର ଭଗବାନ ସାକ୍ଷୀ ଅଛେ ଚଳିବୁ ସୁଦ୍ଧା ।"

କହି ଦୁହେଁଯାକ ଚାଲିଗଲେ । ଦୁ'ଜଣଯାକ ପରସ୍ପରକୁ ଚାହିଁ ରହିଲେ । ସାଉମନ କହିଲା—"ରକ୍ଷା ପାଇଲୁ । ଏ ଟୋକାଟା ମୋତେ ଧନସହ ସ୍ତ୍ରୀ ଦୋଡା ବୋଲି ଗାଳି କରୁଥିଲା । ଏଥର ଜଳାରେ ଭୂଷଣ ପଡ଼ିଗଲା । ଭଲେ ବୁଝିବ ।"

ଅରକାବ କହିଲା—"ମୁଁ ବି ରକ୍ଷା ପାଇଗଲି । ସୂର୍ଯ୍ୟଟା ୨୪ । ୨୫ ବର୍ଷ ଯାଏଁ ମୋ ଉପରେ ଚଢ଼ି ଖାଉଥିଲା । ଏଣିକି ନିଶ୍ଚିନ୍ତରେ ଚେନସନ ସମ୍ଭୋଗ ଦେଇ ରହିବ ।"

ସାଉମନ କହିଲା—"ମୁଁ ଏ ଟୋକା ପାଇଁ ଏଠିକି ଆସିବା କଥା । ମୋ ଆସିବା ସାର୍ଥକ ହେଲା ।"

ଅରକାବ କହିଲା—"ମୁଁ ବି ଏଇ ଟୋକା ପାଇଁ ଏଠିକି ଆସିବା କଥା । ମୋ ଆସିବା ସଫଳ ହେଲା ।"

——*——

## କୁତୁକୁତୁ

ଜଣେ ଅଧ୍ୟାପକଙ୍କର ଝିଅ ପିଲାଟିର ଦେହ ଖରାପ ହେବାରୁ ସେ ଡାକ୍ତର ଡାକି ପଠାଇଲେ । ଡାକ୍ତର ବାବୁ ଦେଖିସାରି କହିଲେ, "ଦେଖନ୍ତୁ ! ଆପଣଙ୍କର ପିଲାକୁ ଦିନ ଟିକିଏ ଟିକିଏ ଛଡ଼ା ତେଲ ଖୁଆଇ ଦିଅନ୍ତୁ ।"

ଅଧ୍ୟାପକ—"କିନ୍ତୁ ଡାକ୍ତରବାବୁ ଜହାଜର ପିଲାଙ୍କୁ ଖୁଆଇବାଟା ଭାରି ପୁରୁଣାକାଳିଆ କଥା ।"

ଡାକ୍ତର—ସତ କଥା; ମାତ୍ର ପିଲା ଭଲ ହେବାଟା ତ କିଛି ନୂଆ କଥା ନୁହେଁ । + + + +

ଡାକ୍ତରବାବୁଙ୍କୁ ତାଙ୍କ ବନ୍ଧୁ ପଚାରିଲେ, "ଅଚ୍ଛା ତମେ ସେ ଭଦ୍ର ମହିଳାଙ୍କୁ କଣ ଅଗରୁ କେବେ ଦେଖିଥିଲ ଯେ ତାଙ୍କ ସହିତ ତମର ଏମିତି ଘନିଷ୍ଠତା ହୋଇଯାଉଛି ।"

ଡାକ୍ତର—"ବ୍ୟବସାୟ ସୂତ୍ରରେ ମୁଁ ଅନେକଥର ତାଙ୍କ ପାଖକୁ ଯାଇଛି ।"

ବନ୍ଧୁ—"ତୋହର ସେଇଟା କ'ଣ ତମର ବ୍ୟବସାୟ ନା ତାଙ୍କ ବ୍ୟବସାୟ ପାଇଁ ?"

Digitized by srujanika@gmail.com

# ସାନଫ୍ରାନ୍‌ସିସ୍‌କୋରେ ଖାନତଲ୍ଲାସ୍

ଲେଖକ—ଜ୍ଞାନବୋଧ ଗଣ୍ଡା

## ଉକୁସ୍ଥାନ—ଆମେରିକା

ଷ୍ଟେଟିନସ—ନୂଆ ଜର୍ମାନ ଯୁଦ୍ଧରୁ ଭାରତରେ ଏଏ କଣ ସଂଗ୍ରହ କରଛ ?

ଫିରୋଜଖାଁ—ଗାନ୍ଧି—'କର ବା ମର', କଂଗ୍ରେସ ସଭାପତି—'ଭାରତ ଛାଡ଼', ଜିନ୍ନା—'ପାକିସ୍ଥାନ', ରାଜଗୋପାଳାଚାରୀ—'ମନ୍ଦୀର ମୋହ', ସାପ୍ରୁ—'ଅଦଳା ସମାଧାନ', ଯୋଶୀ—'ଜନଯୁଦ୍ଧ', ଅମ୍ବେଦକାର—'ଅଛୁତରାଜ୍ୟ', ଓ ମଧ୍ୟ ଅମ୍ଭେ ସ୍ୱୟଂ—'ସାର୍ ଉପାଧି।

ମୋଲଟୋ—ଏମାନେ ଭାରତ ପାଇଁ କଣ କରୁଛନ୍ତି କହ ?

ଇଡେନ—ଅନେକ। ଗାନ୍ଧି କେବଳ ଜେଲରେ ବସି ଖୁଆ ଖାଉଛନ୍ତି—ଅଉ ସାଙ୍ଗବାଲା ମାନଙ୍କ ମତରେ ଦେଇ ତାର ରେଳ-ଭଡ଼ା ବଢ଼ାଉଛନ୍ତି। ଜେଲରୁ ଛାଡ଼ ହେବା ଦିନଠୁଁ ଚଢ଼ା ଖାଉ କସ୍ତୁରବା ଫଣ୍ଡ କରଛ ଅଉ ନିଜସ୍ୱ ଲକ୍ଷ୍ମୀଙ୍କପାଇଁ ଅପେକ୍ଷାକରି ଟିକଟ ଖାଉ ଆମ ବଜେଟରେ ଲଗେଇ ଦେଉଛ। କଂଗ୍ରେସ ସଭାପତି ସ୍ୱରାଜ୍ୟ ଖାଇ ଜେଲରେ ବସିଛନ୍ତି ଅଉ ଜିନ୍ନା ସାହେବ ମୁସଲମାନ ହେଲେ ମଧ୍ୟ ନୂଆ ଖାଇ ଖାଇ ସାଫ୍ କରି ଦେଉଛନ୍ତି ଭାରତକୁ ଖାଇ ଦୁଇଖଣ୍ଡ କରିବା ପାଇଁ ଓ ବୁଲୁଛି ଖାଇ ଗାଉଛନ୍ତି। ସରକାରଙ୍କ ଉପରେ ବିଶ୍ୱାସ ନାହିଁ ବୋଲି କହୁଛନ୍ତି କିନ୍ତୁ ତାଙ୍କ କରୁଣରେ ଯିବାକୁ କହିଲେ ଖାଇ ଖାଇ ଦେଇ ଯାଉଛନ୍ତି। ମିଳାମିଶା ହେବାକୁ ବ୍ୟାକୁଳ ବୋଲି କହୁଛନ୍ତି କିନ୍ତୁ ଯେ ମିଳାମିଶାକୁ ଯାଉଛି ତା' କଥା ଖାଇ ଛାଡ଼ି ଦେଉଛନ୍ତି। ରାଜଗୋପାଳ ଅଙ୍ଗ୍ରେଜ ଜାତୀୟ ସରକାର ପାଇଁ ଚାଟ ଚାଟ କରୁଛନ୍ତି। ଯିଏ ସ୍ୱାଧୀନତା ନ ଆଣି ପାରୁଛି ତାକୁ ସେ ମାଟି ଗୋଡ଼ ମନେ କରୁଛନ୍ତି। ସାପ୍ରୁ ମାତା ହେଲେ ମଧ୍ୟ ସ୍ୱାଧୀନତା ପାଇଁ ସାତଥର ଦଳ ବଦଳୁଛନ୍ତି—ଅପାଟ ପାଟ ଗଢ଼ିଛନ୍ତି। ଅଉ ଯୋଶୀ ସାହେବ ଭାରତର ଇଂରେଜ-ଫଉଜ଼ ହେବାର ନାଟି ଛପି ଜାଣିଛନ୍ତି। କମ୍ୟୁନିଷ୍ଟ ହେଲେ ମଧ୍ୟ ସେହି ଆମର ଘନିଷ୍ଠ ବନ୍ଧୁ। ତାଙ୍କର ସହିତ ଆମର ମଧୁର ସଂପର୍କ ଅଛି। ଆମ ମଙ୍ଗଳ ଲକ୍ଷଣ ପାଇଁ ସେ ସବୁବେଳେ ବ୍ୟାକୁଳ। ଦେଶର ଦୁଃଖ ଦେଖିଲେ ସେ ଅଖିରେ ଛେପ ଲଗେଇ ଦିଅନ୍ତି ଅଉ ଆମ ବିପଦରେ ସେ କାନ୍ଦନ୍ତି ଉଠନ୍ତି। ମସ୍କୋ ଓ ଲଣ୍ଡନରେ ବର୍ଷା ଲାଗିଲେ ସେ ନିଜ ମୁଣ୍ଡରେ ଛତା ଟେକି ଦିଅନ୍ତି। ରୁଷିଆ ତଳ ଜର୍ମାନୀରୁ ଭାଙ୍ଗି ଯିବା ଶୁଣିଲେ ସେ ଓଦାଲୁଗା ଟେକି ବୁଲୁଛନ୍ତି। ବାକି ଅମ୍ବେଦକାର। ସେ ଭାରତ ସରକାରରେ ରହିଲେ ଦିନ ସେ ସରକାର ଯୋ କହୁଛି ତା କରନ୍ତି ଅଉ ଯୋ ନହିଁ କହୁଛି ତା' ବି କରନ୍ତି। ତାଙ୍କର ସ୍ୱାଧୀନତା ଆକାଂକ୍ଷାଠାରୁ ବେଳୁ ଆମ ଫିରୋଜଙ୍କ ଆକାଂକ୍ଷା ବେଶୀ। ଯୁବକ ଯୁବତୀଙ୍କ ମିଳନ ଆକାଂକ୍ଷାଠୁଁ ବି ପ୍ରବଳ।

ଚଁ—ଏତେ କରିବି ବି ଏମାନଙ୍କୁ ସ୍ୱାଧୀନତା ଦିଆଯାଉ ନାହିଁ ?

ଫିରୋଜ—ଏଏ କହିଲ ସ୍ୱାଧୀନତା ଦିଆଯାଉ ନାହିଁ ? ଭାରତ ସ୍ୱାଧୀନ ନ ହୋଇଥିଲେ ଆମେ ଏଠି ସ୍ୱାଧୀନ ପ୍ରତିନିଧି ହୋଇ ଆସିଥାନ୍ତୁ କିପରି ?

ଷ୍ଟେଟିନସ୍—ତମେ କାହାର ପ୍ରତିନିଧି ?

ଚଁ—ଏ ମାରବ ଯେ ? ସେ ତାଙ୍କ ସ୍ୱାମୀଙ୍କ ପ୍ରତିନିଧି ହିସାବ ଲବରନ୍ ସରକାର।

ମୋଲଟୋ—ଅଚ୍ଛା ତା ସେକଥା ଉଠାଇ ଲାଭ କଣ ? ପ୍ରତିନିଧି ତ ସେ ପ୍ରତିନିଧି। ସେଥିରେ ପୁଣି ସ୍ୱାମୀର ପ୍ରତିନିଧି କି ନିଜର ପ୍ରତିନିଧି ଏ ଛାର ପ୍ରତିନିଧି ସେକଥା ତୋଳି ଲାଭ ?

ଇଡେନ—କିନ୍ତୁ ଲଣ୍ଡନ ସରକାର ପ୍ରତିନିଧି ଭାରତ ପ୍ରତିନିଧି ଏକା ନୁହନ୍ତି।

ମୋଲଟୋ—ଟୁଥ୍ ଟୁଥ୍ ବେଶୀ ଉଡ୍ ଉଡ୍ କରନା। ସବୁ ଗୁମର ପଦାରେ ପଡ଼ିଯିବ। ଭାରତ ଗୋଲାମ କେତେଜଣଙ୍କୁ ଭଡ଼ା ଦେଇ ଏଠି ଆଣି ଠିଆ କରେଇଛ। ସେତେବେଳେ ଭାବି ହେଲ ଯେ ଆମ ଗୋଟିପିଲା ଲଣ୍ଡନ ସରକାର ଆସିଲେ ତମେ ବଡ଼ ହୋଇଯିବ। ଆମେ ସେଥିପାଇଁ ଏ ମୁଖ ପାଞ୍ଚ ବର୍ଷ ଭିତରେ ଭାରତ କଥା ଲଣ୍ଡରେ ବି ଧରନାହୁଁ। ଆମ ସାମ୍ୟବାଦ, ଅନ୍ତର୍ଜାତୀୟ ବାଦ ସବୁ ବଡ଼ ବଡ଼ କଥାକୁ ଟ୍ରେଲ ମୁଣ୍ଡରେ ଉଠି ଟେରେ ସାଙ୍ଗରେ ଶ୍ୱେର ଭାଇ ହେଲୁଁ। ଆଜି ତମେ ପୁଣି ଆମକୁ ଫନ୍ଦ ଚଢ଼େଇବାକୁ ବାହାରିଛ।

ଇଡେନ—ଏଁ—ଏଁ—ବେଶୀ ବଡ଼ ବଡ଼ କଥା କହନାହିଁ। ଆମେ ଟୁକ୍ ସମାଜଗଲୁଣି। ପୋଲାଣ୍ଡ ଛାଡ଼ିଦେଲୁ, ଯୁଗୋସ୍ଲାଭିଆ ଛାଡ଼ିଦେଲୁ। ରୁମାନିଆ ଛାଡ଼ିଦେଲୁ। ଆମକୁ ମାରି ଧଡ଼ ଦେଲ, ତାକୁ ସହିଲୁ, ଗ୍ରୀସରେ ଯେଉଁ ସ୍ୱପଥ ପେଞ୍ଚ ସହିଲୁ ତାକୁ ସମାଜଲୁଁ, ବର୍ଲିନ ପାଖ ପଶେଇ ଦେଲ ନାହିଁ ସେ କଥାରେ ମାନେ ମାନେ ରହିଲୁ ଅଉ କେଣୀ ପାଟ ଖଣ୍ଡ କଲେ ଭଲ କଥା ହେବ ନାହିଁ।

ଷ୍ଟେଟିନସ—ଆପଣା ଆପଣା ଭିତରେ କଳି ଲାଗି ଲାଭ କ'ଣ ? ଭଗବାଣ୍ଟ କରି ନେବା। ତମେ ଆମ, ଭୂଖଣ୍ଡ କମା ଉଠେଇବ ନାହିଁ। ରୁଷିଆ ତାର ଉଇଟେପ ଖଣ୍ଡ ଦେଇ ଦିଅ। ଏଥିଅଙ୍ଗେ ଯେତିକ ଅଛ ସେତିକ। କ୍ରେଟନର ଯାହା ଅଛି ତାର ଥାଉ।

ଚଁ—ଆମରା ?

ଷ୍ଟେଟିନସ—ଜାପାନଠୁଁ ଛଡ଼େଇଲେ ପାଇବ। ନ ହେଲେ ଯେତିକ ପାଉଛ ସେତିକ।

ମୋଲଟୋ—ହିଟଲରର ଦେଶ ଜର୍ମାନୀ ?

ଇଡେନ—ତମେ ସେତିକୁ ଅଧେଇଠ—ପାଇବ ନାହିଁ।

ମୋଲଟୋ—ତା ଲୁଚା ଯିଏ ଯିଏ ତ ଅଛିବ, ଉଚିତ କ'ଣ କହୁଛ।

ଷ୍ଟେଟିନସ—କେବେଁ ଭାଗ୍ବାଣ୍ଟି କରି ନେବା।

ଫିରୋଜ—ବାବୁ ଯିଏ ଯାହା ନବାକ ନଅ, ମୋ ଭଗବାଣ୍ଟ ଯେମିତି କେହି ନ ନଅ।

ଇଡେନ—ତମେ ଯାବତ୍ ଚନ୍ଦ୍ରାର୍କେ ତାହା ଭୋଗ କରିବ। ତମ ଅନ୍ତେ ନମକହାରାମ ଜାଗିର ତମ ଓୟାରିସମାନେ ପାଇବେ।

(ଶ୍ରୀ ଜନାର୍ଦ୍ଦନ ମିଶ୍ରଙ୍କ ସୌଜନ୍ୟରୁ ଏ ବକଲଣୀ proceedings ପ୍ରାପ୍ତ।)

Digitized by srujanika@gmail.com




ଶତ୍ରୁପକ୍ଷର ପ୍ରଚାରକାରୀ ଇଂରେଜ ନାଗରିକ ଲର୍ଡ ହାଓ ହାଓ ଧରା ପଡ଼ିଲେ—ହାଉ ହାଉ ବନ୍ଦ ହୋଇଗଲା ।

ସ୍ୱାଧୀନତା କେବଳ ଅନୁଶାସିତ ( mandated ) ଦେଶମାନଙ୍କ ପାଇଁ ସବୁଦେଶ ପାଇଁ ନୁହେଁ ବୋଲି ଇଂଲଣ୍ଡ ଆମେରିକାର ଦାବିକୁ ରୁଷିଆ ମାନିନେଲା—ସ୍ୱେର ଠାରୁ ସ୍ୱେର ମା ଜାଣେ ।

ଭାରତ ସରକାରଙ୍କ ୪୦ ଲକ୍ଷ ଟଙ୍କା ମନିଅର୍ଡରରେ ଠକି ନେଇଛନ୍ତି···ଧନ ପ୍ରାପ୍ତି ଓରେ ?

ଯୁଦ୍ଧ ସରିଯିବାରୁ ପାରସ୍ୟ ସରକାର ବ୍ରିଟିଶ ଓ ଆମେରିକା ସୈନ୍ୟଙ୍କୁ ପାରସ୍ୟ ଛାଡ଼ିଯିବା ପାଇଁ ଦାବି କରି ଝାଡ଼ିଦେଇଛନ୍ତି ।—ସେତ ଅଝାଡ଼ ଅପୂର୍ବ ।

ନିକଟ ଭବିଷ୍ୟତରେ ଆଉ ଏକ ସଂଗ୍ରାମ ପାଇଁ ରୁଷ ଷୋଳବର୍ଷ ଉପରେ ଯୁବକଙ୍କୁ ସୈନ୍ୟଶ୍ରେଣୀଭୁକ୍ତ କରୁଛି ।—ଉଦ୍ୟୋଗପର୍ବ !

ଛଟେନାଟ ଝୋଟ କଳ ଟେବାଇଲ ଅଙ୍କବରେ ବନ୍ଦ ହେଲା—ସରକାର କଳରେ ଯାଉଛନ୍ତି ।

ନେପାଳ ସରକାର ମାଞ୍ଚୁରିଆ ସୀମାରେ ସୈନ୍ୟ ସମାବେଶ କରୁଛନ୍ତି—ବୋକାକୋ ବୋ ଉତ୍ପାତ ।

ଆଲଜେରିଆରେ ଅଶାନ୍ତି ହେବାରୁ ରାଜନୈତିକ ନେତାମାନେ ଫ୍ରାନ୍ସ ସରକାର ଦ୍ୱାରା ବନ୍ଦୀ ହୋଇଛନ୍ତି—ଗୁରୁ ଇଂରେଜଙ୍କ ବଢ଼ ଗୃହ ।

—ଚ୍ୟାଙ୍ଗକାଇସେକ୍ ଚୀନର ପ୍ରଧାନ ଜନନାୟକ ପଦରୁ ଇସ୍ତଫା ଦେଲେ—ଶୁ୍ୟାଙ୍ଗ ତତ୍ପରବର୍ତ୍ତୀ ଗାଦି ପାଇଲେ ।—କାଶ ବଦଳରେ ଛିଙ୍କ ।

ଗ୍ରୀସର କୃତପୂର୍ବ ପ୍ରଧାନ ମନ୍ତ୍ରୀଙ୍କ ଫାସି ହେବ—ଭୂତପୂର୍ବ ହେବେ ।

ଚାଇନା ଦୁର୍ଭିକ୍ଷରେ ଲୋକେ କୁଅଙ୍କୁ ମାରି ଖାଉଛନ୍ତି ।—ଭାରତରେ ଇଂରେଜ ଖାଇ ମାରୁଛନ୍ତି ।

ଗୋଟିଏ ରୁଷ ଅଧିକାରୀ ହତ୍ୟା ହେଲେ ତା ବଦଳରେ ୫୦ ଟା ଜର୍ମାନ ହତ୍ୟା ହେବେ ବୋଲି ରୁଷ ଧମକ ଦେଉଛି ।—ସାମ୍ୟବାଦ !

୧୯୪୨ରେ ରାଜପ୍ରାସାଦ ଭିତରେ କମାଣ ମୁହଁ ପୂରେଇ ବ୍ରିଟିଶ ସରକାର ନିଜଇଚ୍ଛାରେ ଶାସନ କରିବାକୁ ମିଶର ରାଜା ଫାରୁକଙ୍କୁ ବାଧ କଲେ ବୋଲି ଖବର ଜଣା ପଡ଼ିଛି ।—ପରତା ମାଇଲା କେବେ ଝଟକ ପଡ଼ିଗଲା ଏବେ ।

ଗୋଟିଏ ଷ୍ଟାଣ୍ଡର୍ଡ ବୋମା ଆକ୍ରମଣରେ ୧୧୦ କୋଟି ଟଙ୍କା ଖର୍ଚ୍ଚ ହୁଏ—ବୋମା ମାଡ଼ ନା ଟଙ୍କା ମାଡ଼ ?

ଶୁଣାଯାଏ ଚୀନର କେତେକ କମ୍ୟୁନିଷ୍ଟ ନେତାଙ୍କୁ ଦେଶଦ୍ରୋହୀ ହେବାରୁ ମାରି ଦିଆଯାଇଛି ।—ଯମର ସାମ୍ୟରାଜ୍ୟରେ ଦ୍ରୋହର ଆବଶ୍ୟକତା ନ ଥାଏ ।

ଆମେରିକାରୁ ୧,୨୦୦୦,୦୦୦ ଡଲାର ମୂଲ୍ୟର ଖାଦ୍ୟ ସାମଗ୍ରୀ ଭାରତକୁ ଆସିବ ।—ଦାନା ଦନା ଛଡ଼ା ଆମକୁ ସବୁ ମିଳୁଛି ।

ଜର୍ମାନରେ ଗୋଲା ବାରୁଦ ଏକାଠି ଥିବା ରଦ୍ଦ କରି କେତେକ ମିଳିତ ଜାତି ଜର୍ମାନଙ୍କୁ ମୁଣ୍ଡି ଦେଉଛନ୍ତି—ଶତ୍ରୁର ଶେଷ ?

ଜାପାନ ଗଗନ ମୁରୁବ୍ବୀ ଆକାଶ ବାହିନୀ ଓ ମିଳିତ ବାହିନୀର ଏକ ସମସ୍ୟା ହୋଇଛି ।—କାରଣ ତାଙ୍କ ସେନା ଜୟ ମରଣ ମୁରୁଛି ।

ଟଙ୍କାର ଷୋଳ ଅଣା ବଦଳରେ ଟଙ୍କାର ଶତେ ଶତୁକା (cent) ହେବ ବୋଲି ଭାରତ ସରକାର ମତ ନେଉଛନ୍ତି ।—ଅଙ୍କର ପରିବର୍ତ୍ତ ।

ଚୀନର ମୁକଂଗ ସେନା କମ୍ୟୁନିଷ୍ଟଙ୍କ ଭିତରେ ସଙ୍ଘର୍ଷ—ଅନ୍ତର୍ଜାତୀୟତାରୁ ଅନ୍ତ ବିବାଦ ।

ଫ୍ରାଙ୍କୋ ୫ ଲକ୍ଷ ସେନା ଫ୍ରାନ୍ସ ସୀମାନ୍ତରେ ଜମା କରିଛନ୍ତି—ବରଯାତ୍ରୀ ।

କେନ୍ଦ୍ର ଆସେମ୍ବ୍ଲିର ଆୟୁକାଳ ବଢ଼ିବ—ଅମର ଲଜ୍ ।

ସିରିଆ ସମାଧାନ ସଂଘରୁ ରୁଷ ଓ ଚୀନାକୁ ବାଦ ଦେବା ପାଇଁ ଇଂଲଣ୍ଡର ଦାବି ।—ଭୂତ ଆଗରେ ଥିବ ପଟେଇ ଦେବେ ।

ଜଣେ ମୂଲିଆଣୀ ୪୫୦ ଟଙ୍କା ଦରର ଶାଢ଼ୀ କିଣିଛି—ଲକ୍ଷ୍ମୀ ଚଣ୍ଡାଳୁଣୀ ?

ଟ୍ରିଏଷ୍ଟ ଗୋଳ ଛୁଟିଲା । ଟିଟୋ ସେନା ଫେରିଲେ—ଇଂରେଜଙ୍କ ତ୍ରିଷ୍ଟିପଦ ରହିବ ।

ଜର୍ମାନକୁ ଖଣ୍ଡ ଖଣ୍ଡ କରିବା ବିରୁଦ୍ଧରେ ଷ୍ଟାଲିନ ଭାଷଣ ଦେଲେ ।—ଶତ୍ରୁରେ ସୁନାମ ।

ଜାପାନରେ ଜର୍ମାନ ଦୂତମାନଙ୍କ କାର୍ଯ୍ୟ ନବାଡ଼ ହେଲା ।—ତାଙ୍କ ମାଣକ ପୂରିଲା ।

ହିଟଲ ଲୁଚିଛନ୍ତି ଜାପାନ ଓ ଇଉରୋପରେ ଗୁଜବ ।—ଲକ୍ଷ୍ମୀଙ୍କ କୋଳରେ ରାଜା ମାନଗୋବିନ୍ଦ ?

ଚେକୋସ୍ଲୋଭାକିଆ ସୁଡେଟାନ ଜର୍ମାନଙ୍କ ବିରୁଦ୍ଧରେ ସୈନ୍ୟ ପଠାଇଛି ।—ସେଟୀ ବରାଡ ଅସରପାକ—

ଆଗାଖାଙ୍କ ଭୃତ୍ୟାମ୍ଭ ପକ୍ଷର, ପରାସୀ ଦେବମଙ୍କ ନାମ ରହିଲା—ଓଁ ହରିବାଃ ।—ଇତି କଲୌ ଚୈନୋପନିଷଦ୍ ।

ବର୍ତ୍ତମାନ ନିକଟରେ ଗୋଟିଏ ଚନ୍ଦ୍ରଗ୍ରହଣ ଓ ଅନ୍ୟଟି ଗୋଲକାର ଏପରି ଯୋଡ଼ିଏ ଜ୍ୟୋତିଷ୍କ ଦେଖା ଦେଇଥିଲେ ।—ଗୋଟିଏ ଓ୍ୟାଭେଲ ଅନ୍ୟଟି ଫିରୋଜଖାଁଙ୍କର ବିଳାତ ଫେରନ୍ତା ଅସ୍ତ ।

ଏପ୍ରିଲ ୨୭ ରେ ବନ୍ଦୀ କରିଥିବା ପୋଲାଣ୍ଡ ନେତାମାନଙ୍କୁ ରୁଷିଆ ଛାଡ଼ ଦେବ ?—କଣ୍ଠରେ ସରସ୍ୱତୀ ବସିଲେ ।

ବଡ଼ ଶକ୍ତିଙ୍କ ଭିଟୋ କ୍ଷମତା ବିପକ୍ଷରେ ଛୋଟ ଶକ୍ତିଏ ଠିଆ ହୋଇଛନ୍ତି ।—ସପକ୍ଷ ପରିପନ୍ଥୀତ ।

Digitized by srujanika@gmail.com



ମଜାକବିତା

# ଚୈତନ ଚୁଟି

ଲେଖକ:— ଶ୍ରୀ ଅପର୍ତ୍ତୀ ଚରଣ ପୃଷ୍ଟି

ବଡ଼ ଖୁସି ମନେ       ବାପାଙ୍କ ବଚନେ
ରଖିଥିଲି ଚଇତନୀ,
ବଣ ଗଛ ପରି       ତେଲ ପାଣି ପାଇ
ବଢ଼େ ଇଞ୍ଚ ପାଞ୍ଚ ଚନି,
ହେ ବନ୍ଧୁ !
ମୋର ଦିନ ଗଲା କାନ୍ଦୁ କାନ୍ଦୁ ।
ସାର୍‌ଙ୍କ କଥାକୁ       ମନ ଗଳାଇ ମୁଁ
ଶୁଣୁଛି ଆଖି ଆଗରେ
ପଛ ଆଡ଼ୁ କିଏ       ଛକି ଛକି ରହି
ଝିଙ୍କିଦିଏ ଥରେ ଥରେ
ସେ ଚୁଟି
ମୁଁ ତ କରି ନପାରଇ ପାଟି ।
ଉପର ମନରେ       ସାର୍‌ଙ୍କ ଆଡ଼କୁ
ଦେଇ ଥାଏଁ ଦୁଇ ଆଖି
ମନଟା ମୋହର       ରହିଗଲା ଯାଇ
ଶ୍ୟାମଲ ଚୁଟିରେ ଲାଗି ।
ହେ ସଖା !
ମୁହିଁ ଛାଡ଼ିଦେଲି ପଢ଼ା ଲେଖା ।
ଦିନୁ ଦିନୁ ଯାର       ପ୍ରଭାବ ବଢ଼ିଲା
ପିଲାଏ ଛାଡ଼ିଲେ ନାହିଁ,
ନିତ ନିତ କେତେ       ଟଣା ଖାଇ ଉଣା
ତଥାପି ସେ ଉଠୁ ନାହିଁ ।
ସେ ଧୃଷ୍ଟ,
ନିତ କରୁଥାଇ କେତେ ନାଟ ।
ବଜାଣ୍ଡ ଟୋକାଏ       କେବେ କେବେ ପୁଣି
ସୂତାରେ ଏଣ୍ଡୁଅ ବାନ୍ଧି,
ବଡ଼ ବଡ଼ ଫୁଲ       ବାସି ହିଗାରେଟ୍
ଏଥିରେ ଦିଅନ୍ତି ଛନ୍ଦ ।
ହେ ସଖା !
ଏତ ମୋହର କରମ ଲେଖା ।

ବନ୍ଧୁମାନଙ୍କର       କଉତୁକ ପାଇଁ
ବେଶୀ କିଛି ଭାବେ ନାହିଁ,
ଫେସନ ପଣକୁ       ଶେଷେ ଏ ବେହୁପ
କି ସ୍ରୁତରେ ଗଲା ଖାଇ ।
ସେ ମୂର୍ଖ ।
ମୂଷା ଲାଂଜ ପରି ନ ସଲଖ ।
କମିଜ କଲର       ଉପରକୁ ଟେକି
ବାନ୍ଧି ମେଲେ ଯିବାବେଳେ,
ପବନ ଧକ୍କାରେ       ଫର ଫର ଉଡ଼ି
'କଲର' ଉପରେ ଖେଳେ ।
ସେ ଚୁଟି,
ନଷ୍ଟ କଲା କମିଜ ବାଉଟି ।
ଏହିପରି ଅଡ୍ (odd)—କଥା ସବୁ ଦେଖି
ନମିଳିଲା ଅଉ ବାଟ,
ନାପିତକୁ ଦିନେ       ଡାକି କହିଲି ଏ
ଚଇତନ ଚୁଟି କାଟ ।
ଏ ଚୁଟି ।
ଯେତେକେ ଅଉ ନପାରିବ ଉଠି ।
ଅଇ ଘରୁ ବାପା       ଗର୍ଜିଲେ ଅରେ
ସେ ଚୁଟି କାଟିବୁ ନାହିଁ,
ସେ ଅଟଇ ପରା       ହିନ୍ଦୁର ଚିହ୍ନାଟ
ଏ କଥା ଭୁଲିଲୁ କାହିଁ ?
ରେ ଟୋକା !
ତୋତେ ନଲାଗଇ ଟିକେ ଶଙ୍କା ।
ଚଇତନ ଚୁଟି       ମୋ ଜୀବନ ସାଥି—
କଳା, ତ ଗୈରିକ ଭଳି,
ପଛେ ରହିଅଛି,       ଆଗକୁ ଆସିଲେ
ପକାନ୍ତି ଏହାକୁ ବଳି;
ସେ ଦଶା,
ନାଅଁଲଗା ଗାଈ ପଶା ।

Digitized by srujanika@gmail.com

# ମିଠା-କଥା

ଲେ:— ବୁଦ୍ଧୁରାମ

ବିରାଟ ସଭା । ସୋରିଷ ପଡ଼ିବାକୁ ଯାଗା ନାହିଁ । ବଡ଼ ବଡ଼ ନେତାମାନେ ଶୋଭା ଦେବେ । ସଭାପତି—ସଭାପତି ? ସଭାପତି କିଏ ? ସଭାପତି ଆସନ ଖାଲି ପଡ଼ିଛି । ସଭାପତି କିଏ ହେବ ? ଜଣେ ଉଠି ପ୍ରସ୍ତାବ କଲେ ମା ଭାରତୀ ଏ ସଭାର ସଭାନେତ୍ରୀ ହୁଅନ୍ତୁ । ଏ ପ୍ରସ୍ତାବକୁ ସମର୍ଥନ କରିବାର ଲୋକ ନାହିଁ । ବାବା ଭୁବନେଶ୍ୱର ହୁଅନ୍ତୁ । ଆଉ ଜଣେ କହିଲା । ତାର ପ୍ରତିବାଦ ଆଉ ଜଣେ କଲା— ବାବା ଲୋକନାଥ କାହିଁକି ନହେବେ ? ଅନ୍ୟ ଜଣେ ଗମ୍ଭୀର ହୋଇ ଉତ୍ତର ଦେଲେ ଯେହେତୁ ସେ ଲୋକଙ୍କ ନାଥ—ସେ ଦେବତା ହୋଇ ନପାରନ୍ତି ।

ଅତଏବ ଏଟା ଦେବତା ସଭା । ମନୁଷ୍ୟ ସଭା ନୁହେଁ । ଅଗତ୍ୟା ଜଗନ୍ନାଥ ସଭାପତି ଆସନରେ ବସି କହିଲେ ମୁଁ ନିଜକୁ ନିଜେ ସଭାପତି ଭାବି ଆସନ ଅଲଂକୃତ କରୁଛି । ଯଦି କାହାର ଆପତ୍ତି ଥାଏ ତେବେ ଜାହିର କରୁ । ମୋତେ ଯେ ପସନ୍ଦ କରିବ ସେ ସଭାପତି ହେବ । ଆଉ ଉପରେ କେହି ପାଟି ଫିଟାଇଲେ ନାହିଁ । ଭାରତରେ ଇଂରାଜ ରାଜା ହେବା ନୀତିରେ, ଓଡ଼ିଶାରେ ୧୭ଥାରୁ ଚଳିବା ଆଇନ ଅନୁସାରେ ଜଗନ୍ନାଥ ସର୍ବସମ୍ମତି କ୍ରମେ ସଭାପତି ମନୋନୀତ ହେଲେ । ତତ୍ପରେ ବିଚାର ଚାଲିଲା ।

ଜଗନ୍ନାଥ ଭାଙ୍ଗିଲେ ଆଜିକାର ଏଜେଣ୍ଡା— ଅର୍ଥାତ୍ କାର୍ଯ୍ୟକ୍ରମ କେବଳ ଗୋଟିଏ— ତତ୍ପୂର୍ବରୁ ଗୋପିନାଥ ପ୍ରାରମ୍ଭିକ ସଂଗୀତ ଗାଇବେ । ଗୋପିନାଥ ଗାଇଲେ—

ଭଲ ହେଲା ଦେବୋତ୍ତର ରେ ସଙ୍ଗାତ ଭଲ ହେଲା ଦେବୋତ୍ତର,
ଠାକୁର ଖାଇବ ଖଟୁଲି ଖାଇଲ ବସିଲେ ଲୋକ ଉପର ।
ରେ ସଙ୍ଗାତ ଭଲ ହେଲା ଦେବୋତ୍ତର ।
ମୋ ବକୁଳ ବନ ବଜାର ସଇଲା ପୁଟବଲ ହେବ ଖେଳ,
ଷୋଡ଼ଶିଙ୍କର ସର୍ଜନା ସ୍ୱଳଚ ନଷ୍ଟ ଅଧରଷ୍ଟ ବେଳରେ
ସଙ୍ଗାତ ଭଲ ହେଲା ଦେବୋତ୍ତର ।

ଲକ୍ଷ୍ମୀନାରାୟଣ ହଠାତ୍ ଉପରଙ୍ଗକରି କହିଲେ— ଅଶ୍ଳୀଳ ହେଉଗଲା— ଶାଳୀନତା ଭଙ୍ଗ ।

ସଭାପତି ସଙ୍ଗୀତକୁ ରୁଲ ଆଉଟ୍ କରି ଦେଲେ । ତହୁଁ ପ୍ରସ୍ତାବ ଆଣିଲେ ଝଙ୍କଡ଼ବାସିନୀ ସାରଳା— ଏ ଦେବୋତ୍ତର ଆଇନ ରଦ୍ଦହେଉ ।

ତାହାର ପ୍ରତିବାଦ କରି ବାଣେଶ୍ୱର କହିଲେ— ନା— ନା ତା ହୋଇପାରିବ ନାହିଁ । ଯେଉଁ ମାନବମାନେ ଏ ଦେବୋତ୍ତର ଆଇନ କରିଥିଲେ ସେମାନଙ୍କ ଉଦ୍ଦେଶ୍ୟ ବୁଝିବାପାଇଁ ଏକ ସାକ୍ଷ୍ୟନାଥ କମିଟି ଗଢ଼ି ତାର ସୁପାରିଶ ଗ୍ରହଣ କରାଯାଉ ।

ଏ ପ୍ରସ୍ତାବରେ ସମସ୍ତେ ତାଳି ମାରିଲେ । କିନ୍ତୁ ମା ଛାଗୁଲେଇ କହିଲେ— ଦେଖ, ଏ ଚଳକର୍ତ୍ତାମାନଙ୍କୁ ଦେବତା କହିଲେ ତାଙ୍କ ସାକ୍ଷ୍ୟ ନେଇ ହେବନାହିଁ । ଦେବତା କହିବାକୁ ହେଲେ ତାଙ୍କୁ ମାନବ ଜନ୍ମରୁ ଉଦ୍ଧାର କରିବାକୁ ହେବ । ମୁଁ ଯମ ମା ସାତଭଉଣୀଙ୍କ ତରଫରୁ କହୁଛି—ମୁଁ ଏଟିକୁ ଅନ୍ୟାନ୍ୟ କରିପାରିବି ନାହିଁ ।

ଚିତ୍ରଗୁପ୍ତ କହିଲେ— ଦେଖନ୍ତୁ ପଣ୍ଡିତ ଗୋଦାବରୀଶ ଏହାକୁ ଆମ ତରଫରୁ ବିହାର କାଉନ୍ସିଲରେ ପଠାଇଥିଲେ । ତାପରେ ସେ ଯାହାହେଲେ ବିଲ୍ ବଜାରରେ ପକାଇ ଲଭନାହିଁ । ବିଶେଷତଃ ସେ ମନ୍ତ୍ରୀ ହେବାପରେ ବସ୍ତୁତ ବଡ଼ଲୋକ ହେଲେଣି । ମାଳତୀଙ୍କ ଶ୍ୱଶୁର ଘରେ ତାଙ୍କର ବନ୍ଧୁତା । ତାଙ୍କୁ କିଛି କହି ହେଉନାହିଁ । କିନ୍ତୁ ବଶିଷ୍ଠ ଦାସ ଆଉ କଂଗ୍ରେସବାଲାଙ୍କୁ ଧରିଆଣ ।

ସଭାପତି ପଚାରିଲେ— ଯେଉଁମାନେ ଆଇନ କରିଥିଲେ ସେମାନଙ୍କ ଉଦ୍ଦେଶ୍ୟ କଣ ଥିଲା ?

କଟକଚଣ୍ଡୀ କହିଲେ— ସାଧୁ-ସାଧୁ । ସେମାନେ ମହନ୍ତଙ୍କ ପେଟକୁ ଖୁଆଇବା ପାଇଁ ଓ ରଜାଙ୍କ ମୋଟକୁ କମେଇବା ପାଇଁ ଏହାର ବ୍ୟବସ୍ଥା କରିଥିଲେ ।

ରଘୁନାଥ କହିଲେ—ମହନ୍ତ କିମ୍ବା ଠାକୁର ରଜାଙ୍କର କୌଣସି ଦୋଷନାହିଁ । ଆପଣ ଠାକୁର ଦେବତାମାନେ ସୋମରସ ମଧୁପାନ କରୁଛନ୍ତି । ମହାଦେବ, ଭାଙ୍ଗ ଭାଙ୍ଗନ୍ତି । ଧରନ୍ତୁ ଆପଣଙ୍କ ଚଳନ୍ତି ପ୍ରତିମା ଯଦି ବି ଏନ୍ ଆର ହୋଟେଲକୁ ଯାଆନ୍ତି କ୍ଷତି କ'ଣ । ଆପଣ ମାହାସ ନାଃ କରି ଦେଉଛନ୍ତି ଏବଂ ହାତ ଗୋଡ଼ ଅଚଳ ହେବାରୁ ସେଥିକରେ ସନ୍ତୋଷ ରହୁଛନ୍ତି । ହାତ ଗୋଡ଼ ଥିବାବାଲା ଆପଣଙ୍କ ସେବକ ପ୍ରତିନିଧିମାନେ ପଢ଼ି ଆଉ ଟିକିଏ ଆଗେଇ ଗଲେ କ୍ଷତି କଣ ? ଯଥାଲବ୍ଧ ଲୀଳା ତ ହେଉଛି, ମହନ୍ତମାନେ ସେଇ ରସ ଆସ୍ୱାଦନପାଇଁ ଗୋଟିଏ ଗୋଟିଏ ସଖି ମାଣ୍ଡ ରଖିବା ପାଇଁ ଆଇନ ବ୍ୟବସ୍ଥା କରିବା ଉଚିତ ।

ମଙ୍ଗଳା କହିଲେ— ସେକଥା ଅବାନ୍ତର । ଏ ସଭା ସେ କଥା ଉପରେ ବିଚାର କରିବନାହିଁ । ସେ ତ ମାନେନା ମୁଁ ମଙ୍ଗଣି ଅବସ୍ଥାରେ । ସେମାନେ ସିନା ଚୋଟା ଥାଳଉଠା ମାଛ ଧରୁଥିଲେ— କିନ୍ତୁ ଏବେ ଦେବୋତ୍ତର କମିସନରଙ୍କ ଅଫିସ ଯେ ଠାକୁର ଖାଇ ଠାକୁର ଖଟୁଲି ଖାଇବସିଛି ।

ଜଗନ୍ନାଥ କହିଲେ— ଦେଖ ଏସବୁ ଛିଦାବାଣ— ସାକ୍ଷୀ ସାବୁତ ପ୍ରମାଣ ନଦେଇ କହିପାରିବ ନାହିଁ ।

ଲୋକନାଥ କହିଲେ—ତାହେଲେ ଆଉ ସଭାକର ଲଭନାହିଁ । ସଭା ମଉଳୁ ।

ଗୋପିନାଥ କହିଲେ— ଦେଖନ୍ତୁ, ଏଟା ସାଧାରଣ ସଭା ନୁହେଁ । ଏଠି ଲଟ ମାଲର ଭଗବାନ୍ ହେଉନାହିଁ । ଆମ ଅସୁବିଧାର ପ୍ରତିକାର ପାଇଁ ଆମେ ଆସିଥାଉଁ । ସବୁଠାରୁ ବେଶୀ ଅସୁବିଧା ପଡ଼ୁଛି, ମୋର ଗୋପାଳଜୀଉଙ୍କର ଓ ଜଗନ୍ନାଥଙ୍କର । ମୋର କହିବାର ଏହିକି ଦେବୋତ୍ତର ଆଇନର ମୂଳ ଉଦ୍ଦେଶ୍ୟରେ ଲେଖା ହୋଇଛି ଯେ ଏହା ହିନ୍ଦୁ ସାଧାରଣ ଧର୍ମକାର୍ଯ୍ୟରେ ଦାନ ସମ୍ପତ୍ତି ଉପରେ ଚାଲୁ ହେବ । ଅର୍ଥାତ୍ ସାଧାରଣ ଲୋକେ ଠାକୁରଙ୍କ ନାଆଁ ପାଇଁ ଯାହା ଦାନ କରିଥିବେ ସେ ସମ୍ପତ୍ତିର ନିୟନ୍ତ୍ରଣ ହେବ ।

Digitized by srujanika@gmail.com




ଶ୍ରୀଯୁକ୍ତ ମହତାବେ ବଜେଟବେଳେ ବୋମାଫୁଟ କହିବରେ । ଲୋକେ ଭାବୁଥିଲେ ଧାନ ଖାଇଲା ଜମା ଦେଶ ଖାଇଲା କମା । ମାତ୍ର ଏବେ ଏଣିକି ମହତାବଙ୍କ ମୁଖରୁ ଲୋକଙ୍କୁ ଦେଖି ସେମାନେ ଅନ୍ୟ ବଚନ ଶୁଣିଲେଣି ଧାନ ଖାଇଲା ଟିକସ, ଦେଶ ଖାଇଲା କଟକଥ । କିନ୍ତୁ ଉଜୁମା ଦେବୀଙ୍କୁ କମା ଖାଇବ କି କଟକଥ ଖାଇବ ଦେଖିବାର ରହିଲା ।

ଓଡ଼ିଶା ସରକାରର ଏକ ପାଠ୍ୟ ପୁସ୍ତକ ପ୍ରବର୍ତ୍ତନ ହୋଇଛି । ତହିଁରେ 'ଏହି ସହକାର ଚଳେ ପ୍ରିୟାର ନୋହର କର କଙ୍କଣ ଭିଡିବାର' ବୋଲି ରହିବାର ଅଶଂକା କରି ଅନେକେ ଗୋଳ କଲେ । ଶ୍ରୀଯୁକ୍ତ ମାୟାଧର ତାର ପ୍ରତିବାଦ କରି କହିଛନ୍ତି କି ସେ ପୁସ୍ତକରୁ ଯେଉଁ ଅର୍ଥ ହେବ ତାହା ସରକାରଙ୍କ କାର୍ଯ୍ୟରେ ଲାଗିବ । ଲକ୍ଷ୍ମୀ ଧମଣୀଙ୍କ ଶବୁକ ଧରିବାରେ ବ୍ୟସ୍ତ ହୋଇବ ।

ଓଡ଼ିଶାର ନରରୂପୀ ନାରାୟଣ ଶ୍ରୀହରିଥିଁ ପଣ୍ଡି କଲେ କାକଟପୁର ମା ମଙ୍ଗଳାଇଙ୍କ ପାଦତଳେ । ମା ମଙ୍ଗଳା ଘଣ୍ଟ ବଜାଇ କଲେ । ନାରାୟଣ ଥାନା ଆପନା କରି ମା ମଙ୍ଗଳାଙ୍କ ପୁଲିସ ହୋଇଛି ରହିବେ । ଏମନ୍ତେ ଅସୁରଙ୍କ ଯାକେ ଲାଟ ସାହେବ ହୋଇଲେ । ସମୁଦ୍ର ଯାକେ ବାକୀ ରହିଲା ଛନ ଅଙ୍ଗୁଳ ଶାସକ ।

ଶ୍ରୀଯୁକ୍ତ ଗୋଖଲେ କଟକର ଶ୍ରେଷ୍ଠ ନାଟକମାନଙ୍କ ନାଟରର ଉଚିତ କାର୍ଯ୍ୟ ଶିକ୍ଷାଦେଲେ । ଉତ୍ତମ ନାଟକ ନୋହିଲେ ତାଙ୍କ କାନ ମୋଡିବେ ଓ ଏବଂ ନାଟକ ସରକାରଙ୍କ ନାଟର ସଜାଇବାର ହୋଇବ । ମୁନସିପାଲଟି ଶେଟେ ସରକାର ହୋଇଛି ।

ଶ୍ରୀଯୁକ୍ତ ଅଶୁତୋଷ ଲାହିଡ଼ି ପୁରୀଧାମକୁ ପଦାର୍ପଣ କଲେ ହିନ୍ଦୁ ମହାସଭାର ପ୍ରଚାର ଅର୍ଥେ । ହିନ୍ଦୁ ସ୍ଥାନରେ ଯେ ବାସ କରନ୍ତି ସେ ହିନ୍ଦୁ ବୋଲନ୍ତି ଏମନ୍ତ ଭାଷିଲେକୁ ଗୋରୁଘାଇ, କୁକୁର, ଶିଆଳ, ସର୍ପ ସମସ୍ତେ ଆପଣାକୁ ହିନ୍ଦୁ ବୋଲାଇବା ନିମନ୍ତେ ଏକ କଥା ଦରଖାସ୍ତ ଦେଇଛନ୍ତି ଓ ଏକ କଥା ଗାନ୍ଧୀଙ୍କଠାକୁ ପଠାନ୍ତି । ଓ୍ୟାଭେଲ ହିନ୍ଦୁ ମହାସଭାକୁ ଅହିନ୍ଦୁ କହି ସ୍ଥାନ ଦିଅନ୍ତି ।

ମୟୂରଭଞ୍ଜର ମହାରାଜା ମୟୂରଭଞ୍ଜକୁ ଉନ୍ନତ କରିବା ମାନସ କରି ଓଡ଼ିଶା ସରକାରକୁ ନେଇ ବଙ୍ଗରେ ମିଶାଇବା ଉପକ୍ରମ କରିଲେ । ତାଙ୍କ ସଚିବ ମୁଖାର୍ଜୀଙ୍କୁ ବଙ୍ଗ ରାଜ୍ୟ ମଙ୍ଗଳ ସଭାକୁ ପ୍ରତିନିଧି ବାଛି ପଠାନ୍ତି ।

ବାଲେଶ୍ୱରରେ ଜଣେ କରଣଙ୍କ ତାର ଓ ଗୋଟିଏ ଷଣ୍ଢ ବେପାର ଖବରରେ ଇନ୍ଦ୍ରଙ୍କ ସିଂହାସନ ଟଳମଳ ହୋଇଲା । ଉପଯୁକ୍ତ ବିରୁଦ୍ଧର ଗୁରୁତରତା ଅନୁମାନ ଘଣ୍ଟା ହେବାର ହୋଇଲା । ତେଣେ ବଡ଼ ବଡ଼ ଦାନ୍ତମମାନେ ଅଗ୍ନିଶର୍ମାଙ୍କଠାରେ ଗୁହାରି ଜଣାଇଲେ ।

ଚଳନ୍ତରେ ପୂର୍ବ ଚରିତ ବଟେ ଅଗ୍ନିଶର୍ମା

ଚଳିବାଟେ ପଛ ପଟେ ରଖିଥିଲୁ ମୂଳ ଶର୍ମା

କୁମ୍ଭ ପ୍ରଭୁ ଦୟା କଲେ ବିପଦ ନ ପଡ଼ି ରହେ

ବାଲେଶ୍ୱର ମଣ୍ଡଳର ବଣ୍ଡପର କଲ ଶର୍ମା ।

ଏ କାଳର ସମ୍ମାର ଅଫିସରଙ୍କ ଚଉଳୀ ରଦ କରିବାକୁ କଲେକ୍ଟରଙ୍କଠାରେ ଅବେଦନକୁ କଲେଟର ଶ୍ରୀନ୍ତ ଦେଇଛନ୍ତି । ଉଦ୍ଦରରେ ଅଧିକ ଖାଦ୍ୟ ଉପୁଜାଇବା ପାଇଁ ଖରଜାନନ୍ଦ ମୋଦକମାନ ବିତରଣ ହେଉଛି ।

---

# ବଡ ମୁହଁରେ—

ଆମେରିକାର ପ୍ରସିଦ୍ଧ କଂଗ୍ରେସ ମହିଳା ଲୁଇସ୍—ଇଉରୋପରେ ନିତାନ୍ତ ଦୁର୍ନୀତି ଢଙ୍ଗର କମିଉନିଜମ୍ ବ୍ୟାପି ଯାଉଛି ।—ଗୁଣ ଗେହ୍ଲା ରୁଷିଆ ।

ଷ୍ଟେଟ୍‌ସମ୍ୟାନ୍—ସମସ୍ତ ଦ୍ୱୈଧ ଦୂର ହୋଇ ସାନଫ୍ରାନ୍ସିସ୍କୋ ସଫଳ ହେବ ।—ଫଳଯାଇ ପ୍ରସବ କରିବ ଅଣ୍ଡା ।

ବିଜୟ ଲକ୍ଷ୍ମୀ—ଏସିଆର ଲୋକଙ୍କୁ ସ୍ୱାଧୀନତାର ଗ୍ୟାରେଣ୍ଟି ନଦେଲେ ବିଦ୍ରୋହ କରି ଉଠିବେ ।⋯ଧମକାଣୀ ନୁହେଁ ତ ?

ସତ୍ୟାନନ୍ଦ—(ବଙ୍ଗ ଛାତ୍ରସଂଘ ସଭାରେ) ସାମ୍ପ୍ରଦାୟିକ ସମାଧାନ ଜାତୀୟ ମୁକ୍ତି ଜାତୀୟ ଏକତାବିନା ଅସମ୍ଭବ । ଏ କେବଳ ବ୍ରିଟିଶ ଶାସକମାନଙ୍କର ଭାରତକୁ ସ୍ୱାଧୀନତା ନ ଦେବାର ବାହାନା—ଅଳି ଫୁଟୁଲୀ ଫିଟିଲା ।

ସତ୍ୟାନନ୍ଦ—( ସେଇଠି )—କଂଗ୍ରେସ ଏକଜାତୀୟ ଅନୁଷ୍ଠାନ—ଶ୍ରେଣୀ ସ୍ୱାର୍ଥକୁ ଦେଖି ପାରିବ ନାହିଁ ।—ଶ୍ରେଣୀଟା ଜାତିରୁ ବାହାର !

ଲୁଟେପନ୍‌ସାନ୍ୟାଲ ( ଅଲଭ୍ୟସେ ଚୀତେଇ )— ସ୍ଥାଳିନୀୟ ରୁଷିଆର ଉଦାର ଆନ୍ତର୍ଜାତୀୟ ଭାବ ଅଛି ବିଷୟ ନୁହେଁ—ପ୍ରଥମେ ଏକ ଦେଶରେ ସାମ୍ୟବାଦ ବୋଲି ଯେଉଁ ବୋଲି ଥିଲା ତାହା ଫଳରେ ରୁଷିଆ ପୃଥିବୀ ଠାରୁ ବିଚ୍ଛିନ୍ନ ହୋଇ ଯାଇଛି ।—୨୧ ଦିନରେ ଅଣ୍ଡା ଫିଟିଲା ?

ସେଇପୁର୍ଣ୍ଣ—କଂଗ୍ରେସ ଭିତରେ ପରସ୍ପରର ମତାନ୍ତର ଏବଂ ଚରଖା ସେ ମତାନ୍ତରର ପ୍ରତୀକ ଚରଖା ପୁଣି ମୁଣ୍ଡ ଟେକିଲାଣି ।—ସାବଧାନ—ପଣ୍ଡିତଜୀଙ୍କ !

ଡ଼ଗଲ—ହିଟଲରରେ ଆମ ବାରସାତକୁ ସାହାଯ୍ୟ କରିବାକୁ ରୁଷିଆ ଆମ ପକ୍ଷରେ ଅଛି ଏହା ନିଶ୍ଚିତରୂପେ କୁହାଯାଇ ପାରେ ।—ଏକ ଗୋଠର ଗାଈ ।

ଆମେରିକା ସେକ୍ରେଟେରି ଅଫ୍ ଷ୍ଟେଟ—ରୁଷିଆ ଓ ଆମ ଭିତରେ କେଉଁଠି ଦ୍ୱୈଧ ମତ ନାହିଁ ।—ଦ୍ୱିବିଧ ମତ ମଧ୍ୟ ନାହିଁ ।

ରୁସ୍ କାଗଜ ଇଜ୍‌ଭେଷ୍ଟିଆ—ଆମେରିକାର ସବୁ ଜାତି ପ୍ରଶାନ୍ତ ସାଗରରେ ଉପନିବେଶ ସ୍ଥାପନା କରିବା ଉପରେ ନିର୍ଭର ।—ନିଜ ଅଣ୍ଟାକୁ ଅଙ୍ଗୁଳି ଯାଏ ନାହିଁ !

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଡଗର'ର ମାଧ୍ୟମରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା, ସାହସ ଓ ଅହିଂସା ଆଦର୍ଶରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

ସ୍ନେହର ନାତି ନାତୁଣୀଏ,

ହାତକାମ ବୋଲି ଗୋଟେ କଥା । ଆମ ପାଠୁଆ ଭାଇଏ ଭୁଲିଯାଆନ୍ତି । ଏବେ ବଡ଼ ବଡ଼ ମନୋବୈଜ୍ଞାନିକମାନେ କହନ୍ତି ହାତକାମ କଲେ ବୁଦ୍ଧି ବି ପଚା ଘସା ହୁଏ । ସେଥିପାଇଁ ତମସ୍ତେ କିଛି କିଛି ହାତ କାମ କରିବ । ମୋ ମତରେ ସୁନ୍ଦର ହସ୍ତାକ୍ଷର ଲେଖିବା ବି ଗୋଟେ ଶ୍ରେଷ୍ଠ ଧରଣର ହାତକାମ । ସମସ୍ତେ ନିତି ହସ୍ତାକ୍ଷର ଲେଖ । ବାର ବରଷଯାଏ ପୃଷ୍ଠାଏ । ୧୬ ବର୍ଷଯାଏ ଅଧପୃଷ୍ଠାଏ ଓ ଅଠରବର୍ଷ ଯାଏଁ ଚଉଥ ପୃଷ୍ଠା କରି ପ୍ରତି ନାତିବର୍ଗ ହସ୍ତାକ୍ଷର ଲେଖିବେ । ଆମର ଯେତେ ନାତିବର୍ଗ ଅଛି ତାଙ୍କ ଭିତରେ ଯାହା ହସ୍ତାକ୍ଷର ସବୁଠୁ ସୁନ୍ଦର ହେଉଥିବ ତାଙ୍କୁ ଟ ୨ ୮ ପୁରସ୍କାର ମିଳିବ । ସମସ୍ତେ ମୋ ପାଖକୁ ପଠି ଦେବ । ଏକା ସ୍ଥାନର ଦଳେ ନାତିବର୍ଗ ଗୋଟିଏ ଲଫାପାରେ ପଠାଇ ପାର । ଖାଲି ହସ୍ତାକ୍ଷରଟା—ବୁକ୍ ପୋଷ୍ଟରେ ।

ତମର— ଅଜା

## ଅବସର ବିନୋଦନ

ଘିଅ ଢଡ଼ିଏ ଅଠସେର । ମାପ ଠେକି ଦୁଇଟି ଗୋଟିଏ ଛ ସେରିଆ, ଗୋଟିଏ ଦୁଇ ସେରିଆ । ଦୁଇଜଣ ଲୋକ ସମାନ ସମାନ ବାଣ୍ଟି ନେବେ । ଅନ୍ୟ ମାପ ଠେକି ନ ଆଣି କିମିତି ଚାରି ଚାରି ସେର ଓଜନ କରିବେ କହିଲ ?

---

୮ମ ବର୍ଷ 'ଡଗର'ରେ ଯେଉଁ ପ୍ରବନ୍ଧ "ବଡ଼ ହେଲେ ମୁଁ କ'ଣ ହେବି" ପ୍ରତିଯୋଗିତା ବାହାରିଥିଲା ତାର ଫଳାଫଳ ଜଣାଇ ଦିଆ ଯାଇଥିଲା । ତାହା ସ୍ଥାନାଭାବରୁ ପ୍ରକାଶ ପାଇ ନଥିଲା । ବର୍ତ୍ତମାନ ଉତ୍କୃଷ୍ଟ ପ୍ରବନ୍ଧ ଗୋଟିଏ ପ୍ରକାଶ କରୁଛୁ ।

ସଂ 'ଡଗର'

## ବଡ଼ ହେଲେ ମୁଁ କ'ଣ ହେବି ?

ଆଜି ଆମ୍ଭେମାନେ ଧର୍ମାନ୍ଧ ଜ୍ଞାନଶୂନ୍ୟ ହୋଇ କେବଳ ଅର୍ଥୋପାର୍ଜ୍ଜନ ପ୍ରତି ଲକ୍ଷ ରଖି ନିଜ ନିଜ ଶିକ୍ଷଣୀୟ ବିଷୟ ବାଛି ନେଉ, କିନ୍ତୁ କେଉଁ ବିଷୟ ଆମ୍ଭ ପକ୍ଷରେ ଉପଯୋଗୀ ତାହା ବିଚାର କରି ଦେଖୁନାହିଁ । ଧନବାନ ଅଭିଭାବକ ତାଙ୍କର ଐଶ୍ୱର୍ଯ୍ୟ ଓ ବିଳାସିତା ମଧ୍ୟରେ ଲାଳିତ ଅଯ୍ୟାସାନ୍ୱେଷୀ ପୁଅକୁ ଇଞ୍ଜିନିୟରିଂ କଲେଜରେ ଭର୍ତ୍ତି କରନ୍ତି । ଯେଉଁ ଲୋକ ଛେଳି କଟା ରକ୍ତ ଦେଖି ମୂର୍ଚ୍ଛିତ ହୁଅନ୍ତି, ସେ ଡାକ୍ତରୀ କରିବାକୁ ବ୍ୟଗ୍ର, ଆଉ ଯେଉଁ ଲାଜୁକ କୋଣପଶା 'ମାଇଚିଆ' ଛନ୍ଦରେ କଥା ପଦେ କାହାରି ସହିତ କହିବାକୁ ଅପାରଗ, ସେ ବ୍ୟବହାରଜୀବୀ ହେବାଲାଗି ଆଇନଶାସ୍ତ୍ର ପାଠ କରନ୍ତି ।

ଏହି ନିଦାରୁଣ ଭାଗ୍ୟବିପର୍ଯ୍ୟୟ ମଧ୍ୟରେ ବି ମାନବମନର ସ୍ୱାଭାବିକ ବୃତ୍ତି ଏକେବାରେ ବିଲୁପ୍ତ ହୋଇ ପାରେନା । ସେଥିଯୋଗୁ ଆମ୍ଭମାନଙ୍କର ଭାବପ୍ରବଣ ତରୁଣ ଚିତ୍ତରେ ଚିତ୍ତର ନିଭୃତ ଅନ୍ତସ୍ଥଳରେ ନବ ନବ କେତେ ଉଚ୍ଚାଶା କେତେ ଶୁଭ ସଂକଳ୍ପ ଉଦିତ ହୁଏ । ଯେତେବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଉପେନ୍ଦ୍ର ଭଞ୍ଜ ବା ଦୀନକୃଷ୍ଣ ପ୍ରମୁଖ କବିଙ୍କର ସଙ୍ଗୀତମାଳା ମୋର ମନପ୍ରାଣ ଭାବ ପୁଲକରେ ଅଭିଭୂତ କରିପକାଏ, ସେ ସମୟରେ ମନେ ହୁଏ ଏହି ଶୋକ ତାପ-ଜରା-ମରଣ-ଜର୍ଜ୍ଜରିତ ମାନବ-ସଂସାରରେ କବିର ଜୀବନହିଁ ଧନ୍ୟ ! କାବ୍ୟ ସାଧନାହିଁ ମୋର ଜୀବନର ଚରମ ଲକ୍ଷ୍ୟ । ପୁଣି ଯେତେବେଳେ ମହାପ୍ରାଣ ଜଗଦୀଶଚନ୍ଦ୍ର, ନିଉଟନ ପ୍ରଭୃତି ବୈଜ୍ଞାନିକମାନଙ୍କର ବିଜ୍ଞାନର ନିଗୂଢ଼ ରହସ୍ୟ ଉଦ୍‌ଘାଟନେଚ୍ଛୁ, ଧ୍ୟାନମଗ୍ନ ଋଷିମୂର୍ତ୍ତି ପ୍ରତି ଦୃଷ୍ଟିପାତ କରେ, ସେତେବେଳେ ବିଶ୍ୱରହସ୍ୟର ଗୁପ୍ତପଥରେ ବିଶ୍ୱପତିଙ୍କର ରାତୁଲ ଚରଣ ପ୍ରାନ୍ତରେ ଉପନୀତ ହେବାକୁ ମୋର ଚିତ୍ତ ଚଞ୍ଚଳ ହୋଇଉଠେ । କର୍ମବୀର ଦେଶବନ୍ଧୁ ଚିତ୍ତରଞ୍ଜନଙ୍କର, ଉତ୍କଳମଣି ଗୋପବନ୍ଧୁଙ୍କର ଅତୁଳନୀୟ ସ୍ୱଦେଶ-ପ୍ରେମ, ଅକୁଣ୍ଠିତ ଆତ୍ମତ୍ୟାଗ, ଦେଶମାତୃକାର ସେବାରେ ଅକାତରେ ଜୀବନ ବିସର୍ଜ୍ଜନ ଦେବା ବିଷୟରେ ଯେଉଁ ସମୟରେ ଚିନ୍ତା କରେ ସେତେବେଳେ ସ୍ୱଦେଶର କଲ୍ୟାଣାର୍ଥ ଜୀବନ ଉତ୍ସର୍ଗ କରିବାକୁ ମନପ୍ରାଣ ବ୍ୟାକୁଳ ହୋଇଉଠେ । ପୁଣି ଆତ୍ମୀୟ ସ୍ୱଜନମାନଙ୍କର ଦୁଃଖ ଦୈନ୍ୟ ଦେଖିଲେ ମନେ ହୁଏ— ମୋର ସମସ୍ତ ସାଧନା ବାସନା ରସାତଳ ଯାଉ, ମୁଁ ଯେ କୌଣସି ଉପାୟରେ ଅର୍ଥୋପାର୍ଜ୍ଜନ କରି ଏହି ନିଦାରୁଣ ଦୁଃଖ ଦୂର କରିବି କିନ୍ତୁ ଉପାୟ କାହିଁ ? ସମୟ ସମୟରେ ମନେହୁଏ କୌଣସି ବଡ଼ ବ୍ୟବସାୟ ବା କଳକାରଖାନା କରି ବିପୁଳ ଅର୍ଥସମାଗମର ରାସ୍ତା ପରିଷ୍କାର କରିବି । ପୁଣି କେତେବେଳେ ବା କୌଣସି କୃତକର୍ମୀ ଓକିଲ ବାରିଷ୍ଟର

Digitized by srujanika@gmail.com

ଅଥବା ଡାକ୍ତରର ଅତୁଳ ଐଶ୍ୱର୍ଯ୍ୟ ପ୍ରତି ଲକ୍ଷ୍ୟପାତ କରି ସେହିଥିପାଇଁ ଯେ କୌଣସି ଗୋଟାଏ ବ୍ୟବସାୟ ଅବଲମ୍ବନ କରି ମୋର ଜୀବନ ସାର୍ଥକ କରିବା ଲାଗି ବ୍ୟାକୁଳ ହୋଇପଡେ । ଏହିମତ ଶତଶତ ବାସନା, ଇଚ୍ଛାକାଂକ୍ଷା ମୋର ତରୁଣ ଚିତ୍ତକୁ ସର୍ବଦା ଉଦ୍‌ଭ୍ରାନ୍ତ କରିରଖେ । କିନ୍ତୁ କେଉଁଟା ଯେ ମୋର ପ୍ରକୃତ ଅନ୍ତରର ବାସନା । କେବେହେଲେ ମୁଁ ତାହାର ସନ୍ଧାନ କରିନାହିଁ ।

× × × ×

ପ୍ରତିବର୍ଷ ଗ୍ରୀଷ୍ମ ବନ୍ଧାଣରେ ଜଣେ ଧନୀ ସହପାଠୀର ସହଚରରୂପେ ପଶ୍ଚିମାଞ୍ଚଳର ସ୍ୱାସ୍ଥ୍ୟପ୍ରଦ ସ୍ଥାନକୁ ଅଥବା ଦାର୍ଜିଲିଂ ଠାକୁ ଭ୍ରମଣ କରିବାକୁ ଯାଉଥିଲି । ସେଥର ଜାଣେ ନା ଅଜ୍ଞାତ ଆକର୍ଷଣରେ ବହୁଦିନ ପରେ ଦୁଃଖିନୀ ପଲ୍ଲୀଜନନୀର ଶାନ୍ତ-ଶୀତଳ ଅଙ୍କକୁ ଫେରିଯିବାର ସୌଭାଗ୍ୟ ହୋଇଥିଲା । 'ସୌଭାଗ୍ୟ ହୋଇଥିଲା' ବୋଲି କହିଲି କାରଣ ସେଥର ଗ୍ରାମରେ ଯେଉଁ ଘଟଣା ଘଟିଥିଲା ସେଥିରେ ମୋର ଜୀବନର ଗତି ସମ୍ପୂର୍ଣ୍ଣ ଭିନ୍ନ ଧାରାରେ ଶୁଭ ମୁହୂର୍ତ୍ତରେ ପ୍ରବାହିତ ହୋଇଥିଲା । ସେହିଦିନ ନୂଆ କରି ମୋର ଜୀବନର ଶୁଭ ଉଦ୍‌ବୋଧନ । ସେହିଦିନଠାରୁ ମୋର ଭବିଷ୍ୟତ ଜୀବନର କର୍ମପନ୍ଥା ସ୍ଥିରକୃତ ହୋଇଥିଲା । 'ବଡ ହେଲେ ମୁଁ କ'ଣ କରିବି' ତାହା ସେଦିନହିଁ ନିର୍ଣ୍ଣିତ ହୋଇଥିଲା । ସୁତରାଂ ଏହା ମୋର ସୌଭାଗ୍ୟ ନୁହେଁ ଆଉ କଣ ?

କୌଣସି କାରଣବଶତଃ ସେଦିନ ଜମିଦାରଙ୍କ ଗୃହର ସୁବୃହତ୍ ପ୍ରାଙ୍ଗଣରେ 'ଅଷ୍ଟପ୍ରହରୀ' କିମ୍ବା ସମାଦୃତ ହେଉଥିଲା । ସେତେବେଳକୁ ଅସ୍ତରବିର ରଶ୍ମିଜାଳ ଘର ଚୂଳ ଉପରୁ ମିଳାଇ ଯାଇନାହିଁ । କନାକୀର୍ଣ୍ଣ ଉତ୍ସବ ପ୍ରାଙ୍ଗଣ ସୁଗମ୍ଭୀର ବାଦ୍ୟଧ୍ୱନିରେ ମୁଖରିତ ହୋଇ ଉଠିଛି । ଏମନ୍ତ ସମୟରେ ଆମ ପ୍ରତିବେଶୀ ଜଣୋନାୟକ ସେଠାକୁ ଆସି ଅତି ବ୍ୟାକୁଳ ଭାବରେ କ୍ରନ୍ଦନ କରିବାକୁ ଲାଗିଲା—ତାର ଏକମାତ୍ର ପୁତ୍ର ଶଙ୍କର ମୁମୂର୍ଷୁ । ମନେ ପଡ଼ିଗଲା —ଏହି ପିଲାଟି ଦିନେ ମୋର ପ୍ରିୟ ବାଲ୍ୟ ସହଚର ଥିଲା ।

ଉତ୍ସବରତ ପଲ୍ଲୀବାସୀ ସେଦିଗକୁ ବଡ଼ ଦୃଷ୍ଟିପାତ କଲେ ନାହିଁ । ମୁଁ ଦିନା ନାୟକ ସଙ୍ଗରେ ବାହାରି ପଡିଲି । ବାଟରେ ଶୁଣିଲି ଆଜି ୪ ଦିନ ହେବ ତା' ପୁଅ କଲେରା ରୋଗରେ ଭୋଗୁଛି । ସେ ସାହିର ନଗେନ ଡାକ୍ତରର ଚିକିତ୍ସାଧୀନରେ ରୋଗୀ ଅଛି । ଗତ ୨ ଦିନ ଧରି ସଜନିକାନ୍ତ ଥିଏଟରର ଅଭିନୟ ବିଷୟରେ ବ୍ୟସ୍ତ ଥିବାରୁ ସେ ରୋଗୀ ଦେଖିପାରି ଅଉ ସର କରି ପାରି ନାହାନ୍ତି । ଆଜି ସେ ଅର୍ଜୁନର ଭୂମିକାରେ 'Stage' ଅବତରଣ କରିବେ । ସୁତରାଂ ତାଙ୍କୁ ଦୋଷ ଦିଆ ଯାଇ ପାରେନା । ରୋଗୀର ଜୀବନ ରକ୍ଷା କରିବା ନିମିତ୍ତ ସେ ତ ଅଜ୍ଞ, ତେଣୁ ବଡ ଭୂମିକାଟାକୁ 'murder' କରି ପାରିବେ ନାହିଁ । ଅଳ୍ପ ଶିକ୍ଷିତ ବିଦ୍ୟହୀନ ଅନନ୍ୟୋପାୟ ହୋଇ ଗ୍ରାମରେ ମାନ ମର୍ଯ୍ୟାଦା ଆଉ ପ୍ରାଣରକ୍ଷାର ଭାର ନେଇ କୌଣସିମତେ ବେକାର ସମସ୍ୟାର ସମାଧାନ କରିଅଛନ୍ତି ମାତ୍ର ।

ରୋଗୀର ଗୃହମଧ୍ୟରେ ପ୍ରବିଷ୍ଟ ହୋଇ ଯେଉଁ ମର୍ମଭେଦୀ ଦୃଶ୍ୟ ମୋର ଦୃଷ୍ଟିପଥରେ ପତିତ ହେଲା, ତଦପେକ୍ଷା କରୁଣ, ହୃଦୟବିଦାରକ ଚିତ୍ର ବୋଧହୁଏ ଜଗତର କୌଣସି ଚିତ୍ରକର ସାହିତ୍ୟକାର ସୃଷ୍ଟି କରି ପାରି ନାହାନ୍ତି । ଜାଣେନାହିଁ ମୁଁ ତାହା କେବେହେଲେ ଭୁଲି ପାରିବି କି ନା । ପ୍ରସ୍ତରପ୍ରତିମା ପରି ହତଭାଗିନୀ ଜନନୀ ମୁମୂର୍ଷୁ ସନ୍ତାନର ଶିୟରରେ ଉପବିଷ୍ଟ; ଅପଲକ ଦୃଷ୍ଟିରେ ଦୁର୍ଭାଗିନୀ ତାଙ୍କର ପ୍ରାଣାଧିକ ନନ୍ଦନର ମୃତ୍ୟୁର କବଳ ଛାୟାଚ୍ଛନ୍ନ ମୁଖ ଆଡ଼କୁ ଅନାଇ ଅଛନ୍ତି । ଏପରି କରୁଣ ମୂର୍ତ୍ତି ମୁଁ ଜୀବନରେ କଦାପି ଦେଖିନାହିଁ । ସ୍ୱପ୍ନାବିଷ୍ଟ ପରି ମୋ ଆଡ଼କୁ ଗୃହିଁ ସେ ଅକମ୍ପିତ ଶୁଷ୍କ କଣ୍ଠରେ କହିଲେ, "ଭଲ ଅଛତ ସୁବୋଧ ?"—ସେହି ସହଜ ସରଳ କୁଶଳ ପ୍ରଶ୍ନମଧ୍ୟରେ ସ୍ପଷ୍ଟ ହେଲା ଜନନୀର ଯେ ଅସହାୟ ଅନ୍ତର୍ବ୍ୟଥା ଧ୍ୱନିତ ହୋଇ ଉଠିଲା ତାହା ଶୁଣିବାମାତ୍ରେ ସିହରି ମୁଁ ଉଠିଲି ।

ପ୍ରାୟ ଏକକୋଶ ଦୂରରେ ସରକାରୀ ଡାକ୍ତରଖାନା । ଏକାକୀ ଊର୍ଦ୍ଧ୍ୱଶ୍ୱାସରେ ସେହି ଦଗକୁ ଦୌଡ଼ିଲି । କିନ୍ତୁ ସେଠାରେ ଡାକ୍ତର ବାବୁଙ୍କର ଦେଖା ପାଇଲି ନାହିଁ । ଅଗତ୍ୟା ଘରକୁ ଆସି ଖଣ୍ଡିଏ ହୋମିଓପ୍ୟାଥି ଚିକିତ୍ସା ପୁସ୍ତକ ଓ ଔଷଧ ବାକ୍ସଟି ସଙ୍ଗରେ ନେଇ ରୋଗୀ ନିକଟକୁ ଗଲି । ଜଗଜ୍ଜନନୀ ଆଦ୍ୟାଶକ୍ତିଙ୍କୁ ସ୍ମରଣ କରି ପୁସ୍ତକର ନିର୍ଦ୍ଦେଶାନୁଯାୟୀ ମୁଁ ତାକୁ ପାନେ ଔଷଧ ଦେଲି ଓ ଆଉ ଏକ ପାନ ଔଷଧ ନିର୍ଦ୍ଦିଷ୍ଟ ସମୟରେ ଦେବାକୁ କହି ଆସିଲି ।

ଦୁଇଦିନ ପରେ ରୋଗୀର ଅବସ୍ଥା ବଦଳିଗଲା ଓ ଡାକ୍ତବାବୁ କହିଲେ, ( ଇତି ମଧ୍ୟରେ ମୁଁ ଆଉଥରେ ଯାଇ ସରକାରୀ ଡାକ୍ତରଖାନାର ଡାକ୍ତର ବାବୁଙ୍କୁ ଡାକି ଆଣିଥିଲି) ଯେ କୌଣସି ଭୟ ନାହିଁ । ସେହିଦିନ ମୋର ନବଜୀବନର ଶୁଭ ଉଦ୍‌ବୋଧନ ! ମୁଁ ଏକାନ୍ତ ମନରେ ଜଗଦୀଶ୍ୱରଙ୍କର ଚରଣେ ପ୍ରାର୍ଥନା କଲି—"ପ୍ରଭୋ ! ମୁଁ ଅର୍ଥ ଚାହେଁନା, ଖ୍ୟାତି ପ୍ରତିପତ୍ତି, ସୁଖ ସମ୍ମାନ ଚାହେଁନା, କେବଳ ଏହି ମାତ୍ର ମୋର କାମନା—ଯେପରି ଏହି ଅସହାୟ ପଲ୍ଲୀବାସୀର ସେବାରେ ମୋର ଏହି ନଶ୍ୱର ଜୀବନ ଉତ୍ସର୍ଗ କରିପାରେ । ଏହାହିଁ ଯେପରି ମୋର ଜୀବନର ଶ୍ରେଷ୍ଠ ବ୍ରତ ହୁଏ ।

—ଶ୍ରୀ ଲଲାଟେନ୍ଦୁମୋହନ ଦାସ

( ନୂଆନ ଗଳ୍ପ ନାମ ପ୍ରତିଯୋଗିତାର ୨ୟ ପୃଷ୍ଠାରେ ବାହାରିଛି )

Digitized by srujanika@gmail.com

ଭୂତପୂର୍ବ-ପ୍ରଧାନ ମନ୍ତ୍ରୀଙ୍କର
**ଉଚ୍ଚ ପ୍ରଶଂସା**

ଶ୍ରୀ ଚନ୍ଦ୍ରମଣି ପଣ୍ଡିତ (ପାଣ୍ଡାଗଡ଼)ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼ାକ୍ଟସ୍** ପରିଦର୍ଶନ କରି ସେଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି। ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ।

**ସ୍ୱାଃ ଶ୍ରୀ ବିଶ୍ୱନାଥ ଦାସ**




**ଅତୁଳନୀୟ ରୂପ ଚର୍ଚ୍ଚାର ଶ୍ରେଷ୍ଠ ପ୍ରସାଧନ**

- କାଥିନ
- କାବେରୀ
- ସ୍ନୋଓସେଣ୍ଟ

ଇତ୍ୟାଦି

# କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡକ୍ଟସ୍

ଇଣ୍ଡିଆ।

---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ୍ ବ୍ୟାଙ୍କ ଲିଃ—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ।

ନୂଆଦିଲ୍ଲୀ, ନାଗପୁର। — ସ୍ୱା—ପି. ଏନ୍: ରାୟ ଚଉଧୁରୀ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୯ ଜମା ଦେଲେ ୫ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୫ ୬୭୦ ଟଙ୍କା ପାଇବେ


---

Printed & published by G. C. Mahapatra at the Gopinath Press, Bhadrak. 1945.

Digitized by srujanika@gmail.com




ଏ ସଂଖ୍ୟାରେ

( ମଜାକଥା ) ଫେରା ବଜାର

( କାହାଣୀ ) — ଆଜି ବି ଅଛି

ମଜା କବିତା — କିରାଣୀ-ବିଳାପ

ଓ

ଅନ୍ୟାନ୍ୟ

୯ମ ବର୍ଷ ଆଷାଢ଼ ପ୍ରଥମାର୍ଦ୍ଧ

ସେଦିନ ଯାଙ୍କୁ

ଆପଣାର ଅଜଣାରେ

ହସାଇଥିଲେ

ଆଜି ତାଙ୍କୁ ଆପଣଙ୍କ

'ମରମ'ରେ

ପାଇବେ ।

ଉତ୍କଳର ଶ୍ରେଷ୍ଠ ମର୍ମଦାହୀ କବିତା

ମୂଲ୍ୟ — ୮ ୦ ୟ

ପ୍ରାପ୍ତିସ୍ଥାନ:—ଗୋପୀନାଥ ପ୍ରେସ, ଭଦ୍ରକ

ଓ

ଉତ୍କଳ ପ୍ରସିଦ୍ଧ ବହି ଦୋକାନମାନେ

Digitized by srujanika@gmail.com

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ରୋଗ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରେକ୍ସ ବ୍ୟବହାର କଲେ ଯେ କୌଣସି ପ୍ରକାର ପାଲିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ଶକ୍ତ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଅଧୁନିକ ଜଗତରେ "ପାଇରେକ୍ସା" (ରେଜିଷ୍ଟାର୍ଡ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୨।୵ (ପ୍ରତି ଶିଶି)

**'ଅନନ୍ତରସ'—ସାଲସା** ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।
ହେଡ୍ ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍ କଲିକତା ।

ପ୍ରାପ୍ତିସ୍ଥାନ:—ମନମୋହନ ବୁକ୍‌ସପ୍
ନଂ ୧୩୭।୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।

---

## ବ୍ୟାଙ୍କ ଅବ୍ କାଲ୍‌କାଟା ଲିମିଟେଡ୍

ଭାରତର ଏକ କ୍ରମ-ବର୍ଦ୍ଧିଷ୍ଣୁ ଜାତୀୟ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ
ସରକାରଙ୍କ ଦ୍ୱାରା ସିଡ଼ୁଲ୍‌ଡ୍ ବ୍ୟାଙ୍କରୂପେ ପରିଗଣିତ

କାର୍ଯ୍ୟକାରୀ ପାଣ୍ଠି—ପ୍ରାୟ ଦେଢ଼କୋଟି ଟଙ୍କା    ଅଦାୟୀକୃତ ଓ ମଞ୍ଜୁରୀକୃତ ତହବିଲ- ପ୍ରାୟ ଅଠଲକ୍ଷ ଟଙ୍କା

ଭାରତର ମୁଖ୍ୟ ସ୍ଥାନ ଏବଂ ଓଡ଼ିଶାର ବିଶିଷ୍ଟ ସହର କଟକ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ପ୍ରଭୃତିରେ ଶାଖାମାନ ରହିଛି ।

**ହେଡ୍ ଅଫିସ**—୮ନମ୍ବର ମେଙ୍ଗୋଲେନ୍ କଲିକତା

---

## ଘୋଷ ନନ୍ଦୀ ଏଣ୍ଡ କୋ:

କଂଟ୍ରାକ୍ଟର, ଉଇଟବୋଟିର ଅସବାବ୍‌ନିର୍ମାତା, କାବିନାଟ ଡାକଘର,
ନାନାବିଧ କାଠ ବ୍ୟବସାୟୀ ଓ ସମସ୍ତ ପ୍ରକାର ଅଜର ସରବରାହକାରୀ ତଥା
ବାସ୍ ଓ ଟ୍ରକ୍‌ର ସର୍ଭିସ୍ତ୍ରିସ
ବାଲେଶ୍ୱର ।

---

ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**;    ପରିଚାଳନା ସମ୍ପାଦକ;—**ଶ୍ରୀ ବ୍ରଜମୋହନ ଦାସ**

ବାର୍ଷିକ ତିନିଟଙ୍କା ଆଠଅଣା    ରାଜସଂସ୍କରଣ ବାର୍ଷିକ ପାଞ୍ଚ ଟଙ୍କା

Digitized by srujanika@gmail.com




# ବିଲୁଆ ବିଚାର

୯ମ ବର୍ଷ— ୩ୟ ସଂଖ୍ୟା ଆଷାଢ଼ ପ୍ରଥମାର୍ଦ୍ଧ

ସାନଫ୍ରାନ୍‌ସିସ୍‌କୋରେ ଏତେଦିନ ଧରି ପଚାଶ ଦେଶର ପର୍ଯ୍ୟା-ଲୋଚନା ହେଲା। ନାନା ଦେଶର ଲୋକେ ଯାଇ ଜୁଟି ଥିଲେ। ଏତେଦିନ ପରେ ଏତେ ଆଲୋଚନା ପରେ ଯାହାକୁ ଆଶା କରି ଅନେଇଥିଲୁଁ, ସିଏ ବିଶ୍ୱଶାନ୍ତି ସ୍ଥାପନ କରିବ ବୋଲି ଯେଉଁ ପ୍ରାଚ୍ୟ ସ୍ୱପ୍ନ ରହିଲା ଏଥର ସେ ବାସ୍ତବରେ ଦେଖି ମନପ୍ରାଣ ଶାନ୍ତି ତୃପ୍ତି ହେଉଛି। ଆମର ଏ ଆନନ୍ଦରେ ଭାଗ ନେବ କିଏ? ଆମେ ଯେ ସମ୍ଭାଳି ପାରୁନାହୁଁ। ହେ ଜଗତବାସୀ, ହେ ଦେବେ, ନର ନାରୀ, ହେ ଦଶ ଦିଗପାଳ, ହେ ଇନ୍ଦ୍ର ସୂର୍ଯ୍ୟ ଚନ୍ଦ୍ର ଧର୍ମଦେବତା ଏ ଆନନ୍ଦର ଭାଗ ନେଣି ହୋଇଯାଅ, ଏ ପର୍ବର ମୂହିଁକ ସମ୍ଭାଳ ପାଇଁ ଆମେ ଏଇ ଆନନ୍ଦକୁ ପେଟ ଭିତରେ ସମାଳି ରଖି ପାରୁନାହୁଁ। ଧର ଧର, ନହେଲେ ଆମେ ବା କଛ ସୋଟାଏ ପ୍ରସବ କରି ଦେବୁ।

\+ × +

ଶ୍ରୀଯୁକ୍ତ ଫିରୋଜ ଖାଁ ଫେରି ଆସିଛନ୍ତି ସାନଫ୍ରାନ୍‌ସିସ୍‌କୋରୁ। ଏଥର ତାଙ୍କ କଣ୍ଠରେ ମାଳ, ହାତରେ ଫୁଲ ଓ ମୁଣ୍ଡରେ ଟୋପି ଲାଗିଥିବ। ପୃଥିବୀର ସବୁ ଜାତିର ଲୋକେ ସେଠିକି ଯାଇଥିଲେ। ସମସ୍ତେ ଗୁରୁଙ୍କ ପାଖରୁ କ'ଣ ସବୁ ନେଇ ଆସିଛନ୍ତି। ସେଠି ତିନୋଟି ପ୍ରଧାନ ଗୁରୁ ଥିଲେ।—ଦୀକ୍ଷା ଗୁରୁ, ଶିକ୍ଷାଗୁରୁ ଓ ଭିକ୍ଷାଗୁରୁ। ରୁଷିଆ ଦୀକ୍ଷାଗୁରୁ, ସେ ଦେଲେ ଟିକା ଚଇତନ-କାଠି; ଆମେରିକା-ଶିକ୍ଷାଗୁରୁ, ସେ ଦେଲେ ଗଳାକୁ କଣ୍ଠି; ଆଉ ଭିକ୍ଷାଗୁରୁ ଇଂରେଜ ଧରେଇ-ଦେଲେ ଫୁଲ—ଏଣିକି ମାରୁଥା। ମାଳ ଝପ୍ ଝପ୍ କରୁଥା। ଏ ଶକ୍ତି ପୁଣି ପଞ୍ଚଶକ୍ତି ବି ହେଲେ। କିନ୍ତୁ ସ୍ୱପ୍ନ କେଉଁଠୁ କେଉଁ ବାଟେ ଆସିବ କିଏ ଜାଣି! ଫିରୋଜ ଖାଁ ତ ଟିକାଟା ନେଇ ଆସିଲେ। ତୁଳସୀ ଦାସେ ଗାଇଥିଲେ—

ମନ୍ଦିରା ଫେଲୁଚ ଭଜନମଗନ ଗଇ ମନମନ୍ଦିରା ଫେର,
କରୁଆ ମନ୍ଦିରା ମହଫେରକୁ ମନକା ମନ୍ଦିରା ଫେର।
ମନକୁ ତ ବଦଳାଇ ପାରୁନାହିଁ ମାଳ ଜପି ଲଭ କ'ଣ?

\+ + +

ସ୍ୱାଧୀନତା ଶବ୍ଦଟା ଏବେ ସହଜିଲା। ସ୍ୱାୟତ୍ତ ଶାସନ ଦିଆଯିବ। କାହାକୁ? ଯେଉଁ ଦେଶ ସବୁ ବଡ଼ ବଡ଼ ଦେଶ ହାତରେ ମଣି ହୋଇ-ଛନ୍ତି। ଏ କଥାରେ ରୁଷିଆ ପରି ସାମ୍ୟବାଦୀ ଦେଶ ବି ହାତ ଟେକି ଦେଲେ। କାହାର ହୃଦୟରେ ଦୟା ଥିବ। ପରମାତ୍ମା ନାରାୟଣଙ୍କୁ ଅଜଣା।

ମନକି ବ୍ରହ୍ମ ଜାଲରେ ଅଛିଇ,
ମନର କଥା ନଜାଣନ୍ତି କେହି।

× + × +

ସବୁଠୁ ମଜା କଥା ହେଲା ରୁଷିଆର ସାମ୍ୟବାଦ ବାଦ। ସାମ୍ୟ-ବାଦଟା ଏଶିଆକୁ ବା ପଶ୍ଚିମକୁ ଆମ ଦେଶରେ ପଶିଲା ନାହିଁ। ପାଞ୍ଚଶକ୍ତି ସାଙ୍ଗରେ ଆଉ ଯେ ଛ' ମୁଣ୍ଡ ସୃଷ୍ଟି ସଭାରୁ ସୃଷ୍ଟି ମଣ୍ଡପରୁ ବଳି ହେବେ; ସେମାନେ ସମସ୍ତେ ମିଶି ଯଉଁ ସମାଧାନ କରିବେ ତାକୁ ଏ ପାଞ୍ଚଶକ୍ତି ଭିତରୁ ଯେ ଇଚ୍ଛା କରିବ ସେ କାଟିଦେବ। ଫଳରେ ସମସ୍ତେ ସମ୍ମତ ନୋହିଲେ କାମ ଅଟକ। ଘାଟିଏ ମହୁଣ ଘିଅ ହବ। ବାଳଗାଇ ଘିଅ ହବ। ସେ ବାଳଗାଇ ପୁଣି ଗାଈ କର୍ଣ୍ଣଳ ଘାସ ଖାଇଥିବ, ସେ କର୍ଣ୍ଣଳ ଘାସ ପୁଣି ନନ୍ଦନକାନନରେ ଉଠିଥିବ, ତେବେ ଯାଇଁ ସୁଧା ନାଚିବ ଲୋ!

\+ + × ×

ଗୋପାଳ ଭାଇ ନିତ ମହାଭାରତ ଲେଖୁଥିଲେ। ମାସ ମାସ ଗଡ଼ିଗଲା ମହାଭାରତ ସରୁନାହିଁ। ବାଦଣା ମଜା ଗପ। ଶେଷରେ ଗୋପାଳ ଭାଇ ପଚାରିଲେ; "ନବାବ, ଦ୍ରୌପଦୀଙ୍କର ତ ପାଞ୍ଚସ୍ୱାମୀ ଥିଲେ। ଆପଣଙ୍କ ମହାଭାରତ ସେଇ ଦ୍ରୌପଦୀ ପର୍ବରେ ଯାଇଁ ଅଟକି ପାଇଛି। ଆପଣଙ୍କ ନବାବ୍‌ଜାଦୀଙ୍କର କେତୋଟି ମୋଟେ କହି ଦେଲେ କାମଟି ଶେଷ ହୋଇଯିବ। ସେତେବେଳେ ନବାବ୍ ପାଞ୍ଚୋଟି ନାମ ଦେବା ଭଳି ଦେହଯାପଣ କରି ପାରିଲେ ନାହିଁ। କିନ୍ତୁ ମିଳିତ ଜାତିମାନେ ସାନଫ୍ରାନ୍‌ସିସ୍‌କୋ ମହାଭାରତରେ ପଞ୍ଚସ୍ୱାମୀଙ୍କ ନାମ ଦେଇଛନ୍ତି—ରୁଷିଆ, ଆମେରିକା, ଇଂଲଣ୍ଡ, ଫ୍ରାନ୍ସ ଓ ଚାଇନା।

\+ + × ×

ସାନଫ୍ରାନ୍‌ସିସ୍‌କୋର ଭାରତ କଥା ପଢ଼ିବାରୁ କେହି କେହି ଆଶା କରୁଛନ୍ତି ଭାରତର ଭାଗ୍ୟ ଫିଟିଯିବ। ଭାରତ ପୃଥିବୀର ସ୍ୱାଧୀନ ଜାତିଙ୍କ ସାଙ୍ଗରେ ସମାନ ଆସନ ପାଇବ। ନପାଇବ କାହିଁ? ଭାରତ ତ ଅଶୋକଙ୍କ ଦେଶ। କାଳେ ବରି ବଡ଼ ବଡ଼ଙ୍କ ସମାହକ ହେବ। ଉଧ ସାଙ୍ଗରେ ଦ୍ରୁପ ଦେଉଛ ବି ତାଇ ହବ। କିନ୍ତୁ ଆମେ କହୁଁ—

ସପନ କଥାକୁ ସତ କରୁଅଛ ବାପକୁ କରୁଛ ଦାସୀ,
ଅକାଶ ତରକୁ ଆଶା କରୁଅଛ ନପୁଣ ପଡ଼ିଇ ଖସି।

– × × ×

ଯେଉଁ ଭଦ୍ରଲୋକ ଟେକ ନେଇ ଚର୍ଚ୍ଚିଲ ପାର୍ଲାମେଣ୍ଟରେ ବଡ଼ା କରି-ଥିଲେ ସେଇ ଏବେ ଇଂରେଜ ନାଁରେ ନାକ ଟେକୁଛନ୍ତି। ଚର୍ଚ୍ଚିଲ କେବଳ ତାଙ୍କ। ଭାବୁଥିବେ ସବୁ ଦଳ ଲଢେଇର ମଣିଷ ଦଳ ଲଢେଇର ନାହିଁ। ତଳକୁ ଭାବୁଥିବେ—ଶତ୍ରୁ ଛାଡ଼ି ସମାବେଶରୁ ଲଢେଇର ଚର୍ଚ୍ଚିଲ କିନ୍ତୁ ଭଦ୍ରଲୋକଙ୍କୁ ନହାତ ତଳେ ପଡ଼େଇ ଦେଇ ନାହାନ୍ତି। ଏବେ ବି ଆଶା ପୋଷିଛନ୍ତି। କେବଳ କେଉଁ ହେଲେ ଅବଶୋଷରେ କହୁଛନ୍ତି—

Digitized by srujanika@gmail.com

ବୃଷ୍ଟି ଗାଉଥିଲ          ଅଙ୍ଗଣା ପଡ଼ରେ
ଚିଠି ଗାଉଥିଲ ଘର,
ଚାଲି ବୁଲୁଥିଲ          ମୋହର ବୁକରେ
ଏତେ ଦର୍ପ କେଉଁ ପର !

\+ \+ \+ \+

ପଣ୍ଡିତ ଜହର ଲାଲ ବୁଢ଼ା ହୋଇଗଲେ ବୋଲି କେଲରୁ ଅତି ଅଫସୋସ କରୁଛନ୍ତି । ଆଉ କହୁଛନ୍ତି, ଯୌବନ ଅଛି କମ୍ୟୁନିଷ୍ଟ ମାନଙ୍କର । ଏମାନେ ଜହରଲାଲ ଯେତେ କଥା କହୁଛନ୍ତି—ଏମିତି ନଟେଃ ଓ ଜଲଠା ସତ କେବେ କହୁନାହାନ୍ତି । ଯୌବନ ନ ଥିଲେ କଲିକତାର ହାଙ୍ଗାମା ଅବସରରେ ଅନେକ ଲୋକଙ୍କ ଜୀବ ନେଇ ପୋଷି ପାରନ୍ତେ ନାହିଁ । ସେମିତି ଯୌବନ କମ୍ୟୁନିଷ୍ଟ ମାନଙ୍କର ସବୁବେଳେ କାମ୍ୟ । କେବଳ ଜବାହରଲାଲ, ମାଉଣ୍ଟଏଲ, ରେମେନ, ହେରଫଲ୍ଡଙ୍କ ପରି ଦାଢ଼ା ଓ ଟଣ୍ଡନ ଗ୍ରାହକ ଯୋଗେଇ ଦେଇ ପାରିଲେ ହେଲା ।

\+ \+ × ×

ଆମର କେବଳ ଏତିକି ଦୁଃଖ ହେଲା ଯେ ଗ୍ରେଟଯାକ ଜବାହରଙ୍କୁ ଯୁବକ ନେତା କହିଲାବେଳେ ସେ କହୁଛନ୍ତି—ମୋ ବୟସ ମୋର ନାହିଁ; ପାରିବ ଫଳ ଉପୁଜାଇ । ଆମେ ଆଶା କରୁଛୁ, ଜବାହର ଯଦି ବୁଢ଼ା ହେଲେ ତେବେ ତାଙ୍କର, 'ବୃଦ୍ଧସ୍ୟ ତରୁଣ ଚଳ' ମତରେ କାର୍ଯ୍ୟ ଆସିବା ଉଚିତ । ନ ହେଲେ ଇନ୍ଦ୍ରସଂବେଶୀ ପିଗେଲ ପାଶେ—ଅଥବା ଚଳନ୍ତେ ସନ୍ୟାସେ ।

× \+ × \+

ହଁ କଥାରେ ଜବାହରଙ୍କର ଠିକ ଠିକ ନଥାଏ । ଗଲ ଅଗଷ୍ଟ ସ୍ୱାଧୀନତା ଆନ୍ଦୋଳନରେ ଯେଉଁ ଦେଶଦ୍ରୋହୀମାନେ ଜନଯୁଦ୍ଧ ଚିତ୍କାର କଲେ, ବ୍ରିଟିଶ ଗୁଇନ୍ଦା ପୁଲିସ ସାଙ୍ଗରେ ପରାମର୍ଶ କରି କଂଗ୍ରେସବାଲାଙ୍କୁ କଂଗ୍ରେସ କାମ କରିବା ପାଇଁ ପଇସା ଦେଇ କଂଗ୍ରେସ ବିରୁଦ୍ଧରେ ପ୍ରଚାର କଲେ ସେମାନଙ୍କୁ ଟିକିଏ ଦେଖା କରି କହିଲ ଦୁଧ କାହିଁକି ଜବାହର ନ ବୁଝିଲେ ସେଥିପାଇଁ କମ୍ୟୁନିଷ୍ଟ ନେତା ଯୋଶୀ (ଯୋଶୀ ନୁହନ୍ତି) ଭାରି ଦୁଃଖ କରୁଛନ୍ତି ଏବଂ ଜବାହରଙ୍କୁ ପ୍ରକାଶ୍ୟରେ ଫାସିଷ୍ଟ ବୋଲି ଗାଳି କରୁଛନ୍ତି । ଏହା କହିବା ଦ୍ୱାରା ଯୋଶୀ ଯେ କଡ଼ଲଟଙ୍କ ପ୍ରିୟ ହୋଇଯିବେ ତା' ଭାବିବା ତାଙ୍କର ମୂର୍ଖପଣିଆ । କଂଗ୍ରେସ ଲିଗ୍ ମେଣ୍ଟ ଦୁଧ ଧୁଆ ଧରି ମଧ୍ୟ ପାରି ନାହାନ୍ତି । କଂଗ୍ରେସକୁ ଗାଳି ଦେଇ ମଧ୍ୟ ଖାଇବେ ନାହିଁ । ବ୍ରିଟିଶ ସରକାର ମାମଲତ କରି ନେଇଛନ୍ତି । ଯୋଶୀଙ୍କର ବୁଝିବା ଉଚିତ ଯେ ଭୂଆ ବୁଦ ଓ ପୋଷାପୁଅଙ୍କ ଦେଇ ଏତ କାମ ହୁଏନାହିଁ । \+ × × ×

କହାରେ ଟ୍ରେନ ଲାଇନ ଭଙ୍ଗା ମକଦମାରେ ଯେଉଁ ଯେଉଁ ଇନସ୍ପେକ୍ଟର ଉତ୍ସାହିତ ହେଉଛି ତା ଯଦି ସତ ହେଉଥାଏ ସେଥିରୁ ଜଣେକ ଲୋକ ଏପରି କାମ କରିବାକୁ ଡରିବେ ନ ଅଧିକ ଉତ୍ସାହ ପାଇବେ ତା ସରକାର ଟିକିଏ ବୁଝନ୍ତୁ ! ଜଣେ ସରକାରୀ ସାକ୍ଷୀ କହୁଛନ୍ତି—ତାଙ୍କୁ ସତ କହେଇବା ପାଇଁ ପୁଲିସ ମାଇକିନା ମଧ୍ୟ ଯୋଗାଇବାକୁ ପ୍ରସ୍ତୁତ ଥିଲେ । କିନ୍ତୁ ସେ ସତ ନ ହେବାରୁ ତାଙ୍କ

ଗୋଡ଼ ତଳେ କଣ୍ଟା ଫୋଡ଼ା ହେଲା—ତାଙ୍କୁ ଗୋଟିଏ ଅନ୍ଧାର ଭିତରେ ବନ୍ଦ କରି ରଖାଗଲା—ଇତ୍ୟାଦି ଇତ୍ୟାଦି ନାନା ଯନ୍ତ୍ରଣା ସେ ଭୋଗ କରି ଶେଷକୁ ସେ ରାଜି ହେଉଥିଲେ । କିନ୍ତୁ ସେ ଯଦି ହୋଟାମି ନ କରି ପହିଲୁ କଥାଟାରେ ରାଜି ହେଇ ଯାଇଥାନ୍ତେ—ତେବେ ପୁଲିସଙ୍କ ସେ ସ୍ତ୍ରୀ ଲୋକର ଭାଇ କା ବାପ ହିସାବ କରିବାରେ ଅସୁବିଧା ହେଉ ନଥାନ୍ତା ।

\+ \+ × ×

ଆମେ ପୂର୍ବରୁ ଶୁଣିଥିଲୁ ସୁବର ବା ତଳ ଶ୍ରେଣୀର ଲୋକେ ତାଙ୍କ ଉପର ଶ୍ରେଣୀର ଲୋକ ବା ହାକମ ହୁକୁମାଙ୍କଠାରୁ ସାର୍ଟିଫିକେଟ ହାସଲ କରନ୍ତି । କିନ୍ତୁ ଯୁଗ ତ ଓଲଟି ଯାଉଛି । କେତେ-କେତେ ନାଆଁ ଉପରେ ଗାଡ଼ି ଚଢ଼େ ପୁଣି କେତେବେଳେ ଗାଡ଼ି ଉପରେ ନାଆଁ ଚଢ଼େ । ଏଥିରେ ଲଜ୍ଜା କରିବାର କିଛି କଥା ନାହିଁ । ଭଗବାନ ଯୁକ୍ତ ହେଲେ ଭଗବାନ ନିଜେ ଭକ୍ତ ପାଦ ଧରିଥିଲେ । ତେଣୁ ଆମେରି ସାହେବ ଯଦି ଜାପାନୀ ଯୁଦ୍ଧ ଓ ତାଙ୍କ ନିର୍ବାଚନ ଯୁଦ୍ଧ ବେଳେ ତାଙ୍କ ଦଳର ଲୋକ ରାଜଗୋପାଳଚାରୀ ଓ ଶ୍ରୀନିବାସଙ୍କ ପାଦ ଧରି ସାର୍ଟିଫିକେଟ ପାଆନ୍ତି ତେବେ କ୍ଷତିଟା କଅଣ ହେଲା—କାହାର ହେଲା ? \+ × \+ ×

ଆମେରିଙ୍କ ସମ୍ବନ୍ଧରେ ରାଜଗୋପାଳ ସାର୍ଟିଫିକେଟ ଦେଇଛନ୍ତି—ମୋ ସ୍ୱାମୀ (ସେକ୍ରେଟେରି ଅଫ୍ ଷ୍ଟେଟ୍)ଙ୍କ ଭଳି ଖୋଲସା ଓ ସାହସୀ ଆଉ କାହାରିକି ଦେଖିନାହିଁ । ଏତେ ଖୋଲସା ଯେ ପର ଗେଟରେ ବା କହେରଙ୍କଠାରୁ ବି ବେଶୀ । ଏତେ ଉଦାର ଯେ, ତାଙ୍କ କଥାରେ କେବଳ ଶାଗ ଛଡ଼ା ଆଉ କିଛି ସିଝିବ ନାହିଁ ।

× \+ \+ \+

ପୁଣି ତାଙ୍କ ଦଳର ନଉକର ଶ୍ରୀନିବାସ ମଧ୍ୟ ଏକ ଲମ୍ବା ଚଉଡ଼ା ସାର୍ଟିଫିକେଟରେ କହୁଛନ୍ତି ଯେ ବଙ୍ଗ ଦୁର୍ଭିକ୍ଷ ପାଇଁ ଆମେରି ସାହେବ ଦାୟୀ ନୁହନ୍ତି । ସେ ନ ଥିଲେ ଅବସ୍ଥା ଅଧିକ ସାଙ୍ଘାତିକ ହୋଇଥାନ୍ତା । ଆମର ବିଶ୍ୱାସ ଶେଷ ବିଚାର ଦିନ ଭଗବାନ ଖ୍ରୀଷ୍ଟଙ୍କ ପାଖରେ ମଧ୍ୟ ଆମେରି ସାହେବ ଏହି ସାର୍ଟିଫିକେଟ ଦୁଇ ଖଣ୍ଡ ଧରି ପାପମୁକ୍ତ ହୋଇଯିବେ । \+ \+ \+

ମାଉସେ ଗାଳି ଦେଲେ ଆମେ କହୁଁ ବନଦୁର୍ଗା । ମିଶିସେ ଯେତେବେଳେ ମାଉସଙ୍କର ସେ କଥା ବଡ଼ା କାମଟା ନେଇ ସଭାରେ ନା ପକାନ୍ତି ସେତେବେଳେ ତାଙ୍କୁ ଆମେ କହୁଁ ବଡ଼ାଳିଆ । ବଡ଼ା-ଳିଆଙ୍କ ଭିତରେ କେତେ ପ୍ରକାର ଆଅନ୍ତି । ଯଥା—ଗୋପା, ସପା, ରୂପା ଓ ରକ୍ଷାକର ବାପା । ଯିଏ ସପା ସପା କହନ୍ତି ସେ ସପା ବଡ଼ାଳିଆ । ଯେ ଟେଁ ଟେଁ କରି କହନ୍ତି ସେ ରୂପାବଡ଼ାଳିଆ । ଯାହାଙ୍କ ପାଟି ଖଣ୍ଡ କାଟିଯାଏ ସେ ରକ୍ଷାକର ବାପା ବଡ଼ାଳିଆ । ଆଉ କାଣ ଗୋପା କାହାକୁ କହନ୍ତି, ଚର୍ଚ୍ଚିଲ ସାହେବ ତାଙ୍କ ନିର୍ବାଚନ ଭାଷଣ ପରେ ପରେ ଆଉ ଆମକୁ ତାର ବ୍ୟାଖ୍ୟା କରିବାର ପରିଶ୍ରମ କରିବାକୁ ପଡ଼ିବ ନାହିଁ । ସମାଜବାଦକୁ ସେ ଯେପରି ଗାଳି ଦେଉଛନ୍ତି ଏମିତି ଗାଳି କେବେ କେହି ଦେଇ ପାରି ନ ଥିଲେ । ଏହି ସମା-ଜବାଦ ବୁଝିବାକୁ ଦିନେ ସେ ମୁଣ୍ଡରେ ବସାଉଥିଲେ । ତାଙ୍କ ଦେଶର ସମାଜବାଦୀଙ୍କ ହାତରେ ହାତ ପକେଇ ସରକାର ଗଢ଼ିଥିଲେ

( ଅବଶିଷ୍ଟାଂଶ ୧୬ ପୃଷ୍ଠା ଶେଷ ଦେଖନ୍ତୁ

Digitized by srujanika@gmail.com

ମଜାକଥା




# ଚୋରା ବଜାର

ଲେଖକ:— କି: ମ:

ବନ୍ଧୁ, ମୋର ଏଥର ବିବାହ ନିମନ୍ତ୍ରଣ । ଅଜ ତୋ ଭଣଜାର ଏକୋଇଶା ନିମନ୍ତ୍ରଣ ବି । ମିଠେଇ ନେଇ ଆସିବୁ ।

ତୁ ନିଶ୍ଚୟ ଆଶ୍ଚର୍ଯ୍ୟ ହେବୁ ମୁଁ ପୁଣି ବାହା ହେଉଛି—ମୋ' ପରି ଲୋକକୁ ପୁଣି କନିଆ ମିଳନ୍ତା । ଅଧିକ ଆଶ୍ଚର୍ଯ୍ୟ କରିବାକୁ ଇଚ୍ଛା ହେଉଛି କିନ୍ତୁ ଏବେ ହଠାତ୍ ନୁହେଁ । ରସ ଭାଙ୍ଗିଯିବ ।

ଚଷ୍ଟାମାରେ ଡୋରି ବାନ୍ଧି ମାଟ୍ରିକୁଲେସନ ଥାର୍ଡ଼ କ୍ଳାସରୁ ଯେଉଁଦିନ ମୁଁ ପ୍ରଣିପାତ କରି ଫେଲେଇ ଆସିଥିଲି; ତା ଦୁଇମାସ ଆଗରୁ ମାଁ ମୋର ବଂଶଧର ଜନ୍ମ ଲଗ୍ନରେ ଭଦ୍ରକୀ ପାଲିଆ ଲକ୍ଷ୍ମୀ ଗୁଣ୍ଡିଏ ସମେତ ପଞ୍ଚବର୍ଣ୍ଣୀ ଭୋଗ କରିଥିଲେ ସିଦ୍ଧି ଦାତା ଗଣେଶଙ୍କ ନିକଟରେ । ମୋ ଘରର ଯେଉଁ ସରସ୍ୱତୀ ଫଟ ପ୍ରତି ପରୀକ୍ଷା ପଦାର୍ପଣ ପୂର୍ବରୁ ପୂଜା ପାଆନ୍ତି, ନୂଆଲୁଗା ପିନ୍ଧି ତାଙ୍କୁ ଗୋଟିଏ ଜୁହାର ହେଉଥିଲି—ଅଜ ବିଦ୍ୟାଂ ଦେହି କହି ନୁହେଁ—ଯାହା ଦେହି ବୋଲି କହୁଥିଲି ଆଜି ତା' ପାଇଛି ।

ମୋର ଏ ଚିରଜୀବନ ବିଫଳତା ମୂର୍ତ୍ତି ଜୀବନ ପୁଣି ସଫଳ କିପରି ହେଲା ସେ କଥା ଶୁଣିବାକୁ ତୋର ଉତ୍ସାହ ହେବଣି ନିଶ୍ଚୟ । କାନ୍ତ କବିଙ୍କର 'ବିଫଳତା ମୋର ସ୍ୱାନ୍ତ୍ୱନା ପ୍ରାଣେ ସନ୍ତାପ ଚିର ଶାନ୍ତି ହେ—ସଫଳତା ମହାଭ୍ରାନ୍ତି ମହାଭ୍ରାନ୍ତି— ମହାଭ୍ରାନ୍ତି ହେ' ତୋର ମନେଥିବ ମୁଁ ଦିନେ ବଡ଼ ଜୋରରେ ଗାଉଥିଲି । ଆଜ ଗାଏଁ 'କାଲିକାଲି ମେ ମୈ ଫସ ଗୟା ହୋ—' ।

ହଁ, ଏ ଜୀବନର ସଫଳତାର କାରଣ—ମୂଳମନ୍ତ୍ର—ହେଉଛି ଭାରତ ସରକାରଙ୍କର ଯୁଦ୍ଧ କାଳୀନ ବିଜ୍ଞାପନ—ହଁ ପ୍ରକୃତରେ ଏଇ ବିଜ୍ଞାପନ ମୋ ଭାଗ୍ୟକୁ ବଦଳାଇ ଦେଲା । ଏ ବିଜ୍ଞାପନ ଅନେକ ଲୋକଙ୍କର ଭାଗ୍ୟ ବଦଳାଇଛି । ଅନେକ ଖବର କାଗଜବାଲାଙ୍କ ଜୀବନ ରକ୍ଷା କରିଛି । ଯେଉଁମାନେ ଯୁଦ୍ଧକୁ ସାହାଯ୍ୟ କରିବାକୁ କହି ସରକାରଙ୍କଠୁଁ ଭତ୍ତା ପାଉଥିଲେ ସେଭଳି 'ନବଭାରତଅ' ଅନେକ କାଗଜଙ୍କ କଥା ଛାଡ଼ିଦିଅ, ଯୁଦ୍ଧକୁ ସାହାଯ୍ୟ କରନାହିଁ ବୋଲି କହି ଯେଉଁମାନେ ଜେଲ ଯାଉଥିଲେ, ପ୍ରତିବାଦରେ କାଗଜ ବନ୍ଦ କରୁଥିଲେ ସେମାନେ ମଧ ଏଇ ଯୁଦ୍ଧ ବିଜ୍ଞାପନ ଛାପେଇ ତାଙ୍କ ନିର୍ଦ୍ଦୋଷତ୍ୱ ପ୍ରମାଣ କରିଚନ୍ତି । ସମ୍ପାଦକମାନେ ମୁହଁରେ ବଡ଼ ବଡ଼ କଥା କହନ୍ତି—ଏ ଯୁଦ୍ଧ ସାମ୍ରାଜ୍ୟବାଦୀ ଯୁଦ୍ଧ—ଏଥିରେ ଭାରତର କିଛି ସ୍ୱାର୍ଥ ନାହିଁ, କିନ୍ତୁ ବିଜ୍ଞାପନ ଛାପିଲା ବେଳକୁ ଓଲଟା । ତାର ମୂଳ କାରଣ ଅର୍ଥ ଓ ସ୍ୱାର୍ଥ । ମୁଁ କିନ୍ତୁ ଏଭଳି କୌଣସି ଅନ୍ୟାୟ ନ କରି କାହାରିକି ଖୋସାମତ ବା ଈଶ୍ୱରଭଜନ ନ କରି, ମୋର ଦୁର୍ଭାଗ୍ୟକୁ ସୌଭାଗ୍ୟରେ ପରିଣତ କରି ପାରିଛି ।

ରଏଲ ଇଣ୍ଡିଅନ ଏୟାରଫୋର୍ସ, ନେଭି, ଲ୍ୟାଣ୍ଡ ଫୋର୍ସ ଆଦିରେ ଯୋଗ ଦେବାପାଇଁ ଯେତେ ଯେତେ ପ୍ରଲୋଭନ ବିଜ୍ଞାପନ ଦେଖାଇଛି ମୁଁ ସେଥିରେ ଭୁଲି ଯାଇନାହିଁ । ଏଇ ବିଜ୍ଞାପନ ପୁଣି ଏତେ ଦଗାବାଜ । ଯିଏ ଯେ ନ ଦେଖିଛି ସେ ତା ସାର ବାପକୁ ଚିହ୍ନି ନାହିଁ । ମୁଁ ଦେଖିଥିଲି ବୋଲି ଏ ବିଜ୍ଞାପନର ଖସଡ଼ା ଚାଟିକି ଏତ ଉଳ ଚାଟରେ ଲକ୍ଷ ସ୍ଥଳରେ ପଡ଼ିଛି । ସେ ସବୁ ରାସ୍ତାରେ ଯାଉଥିଲେ ଆଜ ମୁଁ କେଉଁଠି ଥାଆନ୍ତି କେଜାଣି ! ମରିଥିଲେ ତ ଭଲ ଥାନ୍ତା କିନ୍ତୁ ତା ନହୋଇ ଯଦି ଜାପାନୀ ହାତରେ ପଡ଼ିଥାନ୍ତି—ହେ ଦୟାନିଧି ! ଗୁଣ ସାଗର ଶାହବର ହେ ! ମୋର ବାଇଗଣଗଛ ସିଡ଼ିର ଉଚ୍ଚତା ଓ ଅଣଓସାର ଛାତିର ମୋତେ ଶାହ କରିଛି ।

କିନ୍ତୁ ସେଇ ବିଜ୍ଞାପନକୁ ମୁଁ କେମିତି କାମରେ ଲଗେଇଛି ଶୁଣ ! ବେକାର ମୁଁ—ଏଣେ ତେଣେ ବୁଲୁଥାଏଁ । କଲେଜ ବି ଯାଉଛି । ଉଅଢନ ଅଫିସଘଟାଏ ହେଉ ବା ପୁରୁଣା ନାଟକରୁ ନେଇ କଳାହାଣ୍ଡି ପୁରସ୍କାରଟାଏ ହେଉ ଗୋଟାଏ କାଉଁରେ ହାତ ଲଗିଯିବା ଭିତରରେ ଥାଏଁ । କାହାରି କାମ ଦିନି ଲୋକର ରେସନ-କାର୍ଡ଼ ଆଣିବା ଦରକାର ଥିଲେ କାଉଁରେ ଯାଇ ଠିଆ ହୋଇ ତାର ସେବା କରିଦେବା ଥାଏ ମୋର ପ୍ରଧାନ କାମ । ସେଥିରୁ ଯାହା-କିଛି ମିଳେ, ବେଶ୍ ଆରାମରେ ଦିନ କଟିଯାଏ । କାଉଁରେ ଠିଆ ହୋଇ ହୋଇ ଏମିତି ଗୋଟେ ଅଭ୍ୟାସ ପଡ଼ିଯାଇ ଥିଲା ଯେ ବାଟରେ ଯାଉ ଯାଉ ଯଦି କେଉଁଠି ଲୋକେ ଧାଡ଼ିଧରି ଠିଆ ହୋଇ-ଛନ୍ତି ତ ମୁଁ ମୋର ଅଲକ୍ଷିତରେ ଯାଇଁ ସେଠି ଠିଆହୋଇ ଯାଉଥିବି । ଏଇମିତି ଦିନକରେ ମୁଁ ଗୋଟିଏ ଧାଡ଼ିଧରି ଥିଲା କାଉଁ ବା ଧାଡ଼ିରେ ଧାଡ଼ି ଦେଇ ଯାଇ । ମୋ ଆଗରେ ୫୦ ଜଣ । ମୋ ପଛରେ ବି ପାଞ୍ଚ ମିନିଟ ଭିତରେ ୧୫।୨୦ ହେବେ । ସମସ୍ତେ ପଛକୁ ପଛକୁ ଠିଆ ହେଉଛନ୍ତି । ମୋ ପାଳି ପଡ଼ିଲା । ଘର ଭିତରକୁ ଗଲି । ଜଣେ ମେମ୍ ଚେଆର ବାବୁ ବସିବାକୁ କହିଲେ । ମୁଁ ବସିଲି । ସେ ହଠାତ୍ ପ୍ରଶ୍ନ କଲେ—ଆପଣଙ୍କର କିଛି ବୋଧହୁଏ ? ଯାହାକି

Digitized by srujanika@gmail.com

ସୁନ୍ଦର ତ ! ମୁଁ ଅସ୍ଥିର ହୋଇଗଲି । ଏତେବେଳେ ମୋର ମନେ ପଡ଼ିଲା ମୁଁ କାହିଁପାଇଁ ଏଠିକି ଆସିଛି—ଏ ତ ଜେଲ ! ସ୍ୱରଅଡ଼ିକୁ ଛୁଇଁ ମଧ୍ୟ କେହି ପଢ଼ା ପାଉଛି ନାହିଁ । ନଳ ଦମୟନ୍ତୀଙ୍କ ଛବି, ରାମ ସୀତାଙ୍କ ଛବି ପ୍ରଜାପତିଙ୍କ ମୂର୍ତ୍ତିରୁ ମୁଁ କିଛି ଠଉରାଇ ପାରିଲି ନାହିଁ । ଭାବିଲି, ଗୋଟେ ଅର୍ଦ୍ଧ ସ୍କୁଲ କି ! ଭଦ୍ରଲୋକ ପଚାରିଲେ—ହେଁ ହେଁ, ଏଥିରେ ଲଜ୍ଜା କରିବାର କ'ଣ ଅଛି ? କାହାର ବା ଝିଅ ଭଉଣୀ ନାହିଁ ! କିଏ ବା କନ୍ୟାଦାୟଗ୍ରସ୍ତ ନ ହୋଇଛି ସଂସାରରେ ? ଏତିକିବେଳେ ମୁଁ ବାଧ୍ୟ ହୋଇ ଜବାବ ଦେଲି—'ମୁଁ ତ କନ୍ୟାଦାୟଗ୍ରସ୍ତ ହୋଇନାହିଁ ।' ତହୁଁ ଭଦ୍ରଲୋକ ହଠାତ୍ ଜବାବ ଦେଲେ, "ଓ ତାହେଲେ ଆପଣଙ୍କର ପାତ୍ରୀ ଲୋଡ଼ା ? ଆପଣ ଭ୍ରମ ବଶରେ ଠିଆ ହୋଇ ଯାଇଥିଲେ ?" ମୁଁ ତାର ପ୍ରତିବାଦ କରିବାକୁ ଯାଉଥିଲି, କିନ୍ତୁ ସେ ମୋତେ ପ୍ରତିବାଦ କରିବାର ଅବସର ଦେଲେ ନାହିଁ । ଉଚ୍ଚ କରି ଡାକିଲେ—"ଏ ରଖାଲ—ରଖାଲ—ଭଦ୍ରଲୋକଙ୍କୁ ତିନି ନମ୍ବରକୁ ନେଇଯାଅ । ଯାଆନ୍ତୁ, ଯାଆନ୍ତୁ । ମୋର ସମୟ ନଷ୍ଟ କରନ୍ତୁ ନାହିଁ ଦୟା କରି ।" ମୁଁ ସିଧା ମୋ ବାଟ ଦେଖୁଥିଲି । କିନ୍ତୁ ରଖାଲ ଜବରଦସ୍ତି ଅନ୍ୟ ବାଟେ ମୋତେ ପଛରୁ ଗୋଡ଼େଇ ନେଲା । ଆଉ ସେ ଭଦ୍ରଲୋକ ମଧ୍ୟ ଚିତ୍କାର କରୁଥାନ୍ତି—"ଲଜ୍ଜାର ପ୍ରୟୋଜନ କ'ଣ । ଦୁନିଆରେ କିଏ ବିଭା ନ ହେଉଛି । ଶ୍ରୀକୃଷ୍ଣ ରାମଚନ୍ଦ୍ର ବି ବିବାହ କରିଥିଲେ । ବିବାହ କରିବା ପୁଣ୍ୟକର୍ମ । ଯାଆନ୍ତୁ ଯାଆନ୍ତୁ, ଯେଉଁମାନେ ବ୍ୟୟକୁ ଡରି ବିବାହ ଓ ସ୍ତ୍ରୀ ପୁତ୍ରଙ୍କ ଭାର ବହନ କରିବାକୁ ଭୟ କରନ୍ତି ସେମାନେ ଭୀରୁ । ଆପଣ ବୀର । ବୀର ପରି ଯାଆନ୍ତୁ । ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ ।" ମନେ ହେଲା ଜ୍ୟୋତିଷ ଯେମିତି ମଙ୍ଗଳାଷ୍ଟକ ବୋଲୁଛି ଆଉ ମୁଁ ସତ ସତ ବେଦୀ ଉପରକୁ ଯାଉଛି ।

ଗୋଟିଏ ଘରେ ଟେବୁଲ ଚଉକି ସଜା ହୋଇଛି । ପାଖ ବାଥ୍‌ରୁମ୍‌ରେ ସାବୁନ, ହେୟାର କ୍ରିମ୍, ସେଫ୍ଟିରେଜର, ପୋମେଡ଼ ଆଦି ଅଛି । ରଖାଲ ଆଦେଶରେ ଛିଡ଼ା ହୋଇ, ଦର୍ପଣ ସ୍ନାନଟାଏ କରି ମୁହଁରେ ପୋମେଟମ୍ ମାରି ହେୟାର କ୍ରିମ ଲଗେଇ ଫିରେଇ କାଟି ସାରିଲାରୁ ରଖାଲ ଟ୍ରୁଙ୍କ ଧୋବଘରରେ ଧୋଇ ପଞ୍ଜାବୀ ଆଣି ଦେଲା । ତାକୁ ପିନ୍ଧି ସେ ଘର ଚଉକିରେ ବସିଲି । ଭିତରୁ ଡାକ ଆସିଲା—"ରେଡ଼ି ୩ ନମ୍ବର ?" ରଖାଲ ଜବାବ ଦେଲା 'ରେଡ଼ି' । ମୁଁ କିଛି ବୁଝି ପାରିଲି ନାହିଁ । ରଖାଲ ଗୋଟିଏ ଇଂରାଜୀ ପତ୍ରିକା ଆଣି ଗୋଟାଏ ପୃଷ୍ଠା ମେଲାଇ ମୋ ଆଗରେ ପକେଇ ଦେଲା ଏବଂ କହିଲା, "ଆପଣଙ୍କୁ ଯିଏ ଯାହା ପଚାରିବ ଆପଣ ଟିକିଏ ଲାଜ ଲାଜ କରି ମୁହଁରେ କେବେ ଘଣ୍ଟେ ହସ ପକେଇ ମୋତେ ଚାହିଁବେ । ବାକି ସବୁ ମୋ ଉପର ।"

ମୁଁ ବାଧ୍ୟ ହୋଇକି ଭଲ ରଖାଲ କଥା ମାନିଲି । ଜଣେ ବୟସ୍କ ଭଦ୍ରଲୋକ ଆସିଲେ । ରଖାଲ ମୋତେ ଠିଆ ହୋଇ ନମସ୍କାର କରିବାକୁ ଠାରି ଦେଲା । ମୁଁ ତଦ୍‌ବତ୍ କଲି । ଉଭୟେ ବସିଲୁ । ସେ ପଚାରିଲେ, "ବାବା ତମ ନାମ ?"—ରଖାଲକୁ ଚାହିଁଲି । ରଖାଲ ସିଧା ସଟାପଟ କହିଲା—"ଶ୍ରୀ କାନ୍ତିଲାଲ ଘୋଷ, ପିତାର ନାମ, ମାଣିକଲାଲ ଘୋଷ—ଗ୍ରାମ ଅଦୁରପଡ଼ା—ଇତ୍ୟାଦି ଇତ୍ୟାଦି ।"

ଭଦ୍ରଲୋକ ମୋତେ ଦେଖି ଖୁସି ହୋଇଗଲେ ପରି ଲାଗିଲା । କହିଲେ "ତା ବେଶ ବାବା, ଦେଖି ଖୁସି ହେଲି—ଆଜି ସନ୍ଧ୍ୟାରେ ମୋ ଘରେ ଟିକିଏ ଯଦି ଜଳଯୋଗ କରନ୍ତେ ବଡ଼ ଖୁସି ହୁଅନ୍ତି । ମୋର ଝିଅଟି ବଡ଼ ଭଲ ବାବା । ଏବେ ଅତିଥିପରାୟଣା ମା ମୋର । ଦେଖିଲେ ବୁଝି ପାରିବ ।"

ଭଦ୍ରଲୋକ ଠିକଣା ଦେଇ ଚାଲି ଯାଉଥିଲେ, ରଖାଲ ହଠାତ୍ ସେ ପତ୍ରିକାଟା ଟାଣିଆଣି ସେଇ ବିଜ୍ଞାପନଟା ଦେଖେଇ ଦେଇ ଆଖି ଠାରି ମାରିଦେଲା, ଯେଉଁଠି ଲେଖା ହୋଇଥିଲା—"ଦୁଃସାହସିକତାହିଁ ଯୌବନର ଉଦ୍ଦୀପନ ଏଥର ଫୌଜର ମୂଳ ମନ୍ତ୍ର—ଯୁଦ୍ଧ ପରେ କ'ଣ କରିବ ଠିକ କରିବାର ସମୟ ଏଇ । R. I. A. F. ଅଫିସରମାନେ ଯେଉଁ ଶିକ୍ଷା ଓ ଟ୍ରେନିଂ ପାଆନ୍ତି ତା ସାହାଯ୍ୟରେ ବେସାମରିକ ଜୀବନରେ ଭଲ କାମ ଭବିଷ୍ୟତରେ ପାଇବେ ।"

ଭଦ୍ରଲୋକ ତାକୁ ଦେଖି ମୁଣ୍ଡ ହଲେଇଲେ । ରଖାଲ କିନ୍ତୁ ବଡ଼ ଚତୁର । କହିଲା—"ବୁଝିନାହାନ୍ତି, ତାଙ୍କ ପରି ସିଭିଲିଅନ ପୋଷ୍ଟ ଗୋଟେ ମିଳୁଛି । ସେ ସେଥିପାଇଁ ଆସିଛନ୍ତି ।"

ତହୁଁ ଭଦ୍ରଲୋକ ଖୁସି ହୋଇ ଚାଲିଗଲେ ।

ଦ' ଚାରି ମିନିଟ ପରେ ଦୁଇ ନମ୍ବର ଭଦ୍ରଲୋକ ଆସିଲେ । ରଖାଲର ପୂର୍ବ ଉପଦେଶ ଅନୁଯାୟୀ ମୁଁ କାମ କରୁଥାଏଁ । ଭଦ୍ରଲୋକଙ୍କ କଳା । ଅସୁନ୍ଦର । ରଖାଲର ମନ ମାନିଲା ନାହିଁ । ତା' ଝିଅ କାଳେ ସେମିତି ହୋଇଥିବ । ସେ ଏଥର ଆଉ ଏକ ବିଜ୍ଞାପନ ପୃଷ୍ଠା କାଢ଼ି ତାଙ୍କ ଆଗକୁ ପକେଇଦେଲା—ସେଥିରେ ଲେଖାଥିଲା—"ଆଜି ଶିଖାଳି, କାଲି କୌଶଳୀ କାରିଗର"—ଇଲେକ୍ଟ୍ରିସିଆନ୍, ମିଲ୍‌ରାଇଟ୍, ଟ୍ରେଲ ମେକାର, ଇଞ୍ଜିନ ଅଟିଫିସର, ଫିଟର ଇତ୍ୟାଦି ଇତ୍ୟାଦି । ତାକୁ ଦେଖି ଭଦ୍ରଲୋକ କହିଲେ—"ଓ—ଅଚ୍ଛା ବାବା, ବେଶ୍ ବେଶ୍, ଭଲ ତ ? ମୁଁ ଆସେଁ ।"

ରଖାଲ କିନ୍ତୁ ନଛୋଡ଼ବନ୍ଦା । ମୁଁ ତାକୁ କାବା ହୋଇ ଚାହିଁଥାଏଁ । ଏଭଳି ହରକତ୍ ହେଉଥିବାର ଉଦ୍ଦେଶ୍ୟ କ'ଣ ? ଭଦ୍ରଲୋକଙ୍କୁ ଯିବାର ଦେଖି ସେ କହିଲା—"ଆଜ୍ଞା, ବାବୁଙ୍କର ବଡ଼ ଭାଇଟି କିଛି ସିମିତି ପଢ଼ାଶୁଣା କରିନାହାନ୍ତି—ସେଥିପାଇଁ ତାଙ୍କୁ ଏ ମିଷ୍ଟି କାମରେ ପଠାଇଛନ୍ତି । କ'ଣ କରିବେ, ପେଟ ପୋଷ ନାହିଁ ଦୋଷ । ଆଜ୍ଞା ଏ ହଉଚି ସେ ବାହା ନ ହେଲେ ବାବୁଙ୍କର ଲାଇନ୍ କ୍ଲିୟର ହଉନାହିଁ । ଆପଣଙ୍କ ଅଡ଼େ ଯଦି ତାଙ୍କ ପାଇଁ ଗୋଟିଏ ପାତ୍ରୀ—"

'ଓ !" ବାବୁ ଏଥର ନିଶ୍ୱାସ ନେଇ ଆରମ୍ଭ କଲେ—"ତା ମୁଁ ପରେ ଦେଖିବି । ବର୍ତ୍ତମାନ ବାବା ତମର ଯଦି ସମୟ ଥାଏ—"

"କାଲି ସନ୍ଧ୍ୟା ?" 'ତା ବେଶ୍ । ଅଚ୍ଛା ବାବା ଯିବ—ନିଶ୍ଚୟ ଯିବ । ନଗଲେ ମୋର ନନ୍ଦିତା କିନ୍ତୁ ବଡ଼ ମନ କଷ୍ଟ କରିବ । ବଡ଼ ଭାବପ୍ରବଣା ଝିଅ ।"

ତାପରେ ତିନି ନମ୍ବର ଚାରି ନମ୍ବର ଆଦି ଚାଲିଲା । ମୁଁ କ୍ଲାନ୍ତ ହୋଇ ପଡ଼ିଲି । ରଖାଲକୁ କହିଲି—"ରଖାଲ୍ ଏଥର ରକ୍ଷା କର ।" ରଖାଲ ନଶୁଣେ । କହେ, "ବାବୁ, ଭାରତରେ ବିଶେଷରେ ବଙ୍ଗରେ କନ୍ୟାଙ୍କ ପିତାର ଯେ କି କଷ୍ଟ ତମେ ତା' ବୁଝି ପାରିବ ନାହିଁ । ସେ ତୁଳନାରେ ତମ କଷ୍ଟ କିଛି ନୁହେଁ ।"

Digitized by srujanika@gmail.com

ମୁଁ କହିଲି, "କିନ୍ତୁ ମୁଁ ତ ଆଉ ଏ ସମସ୍ୟାକୁ ଏଡ଼ା ହେବନାହିଁ।" ରଖାଲ କହିଲା—"ଆମର ଏ ବିବାହ କଣ୍ଟ୍ରୋଲ ଅଫିସରେ ରେଶନ କାର୍ଡ଼ ନାହିଁ। ଏଠି ଫ୍ରି ସେଲ୍। ତମେ ଯେତେ ଇଚ୍ଛା ସେତେ ନେଇ ପାର। ଆମର ଆପତ୍ତି ନାହିଁ। କେବଳ ସମ୍ଭାଳି ପାରିଲେ ହେଲା। ଆଜିକାଲି ଦେଶରେ ପାଠପଢ଼ି ଭଲ ପାଇବା ଟୋକାଏ ଅତ୍ରାଣା ଦର ଏତେ ବଢ଼ାଇ ଦେଇଛନ୍ତି ଯେ କନ୍ୟାର ପିତା ବେହାଲ। ତାଙ୍କୁ ଉଦ୍ଧାର କରିବା ଆମ ଅନୁଷ୍ଠାନର କାର୍ଯ୍ୟ।

ମୁଁ କହିଲି, "କନ୍ୟା ପିତାମାନେ ଟେସ୍ ପାଠ ପଢ଼ାଙ୍କ ପଛରେ ପଡ଼ନ୍ତି କାହିଁ! ପାଠ ନ ପଢ଼ି ବି ତ ମୋଭଳି ଯୋଗ୍ୟ ଟୋକା ଦୁନିଆରେ ଅଛନ୍ତି।"

ରଖାଲ ହସି ହସି କହିଲା—"କନ୍ୟା ପିତାଙ୍କର ସେଇ ମୋହ ତୁଟାଇବା ପାଇଁ ତ ଆମର ଏ ସ୍ପେସ୍ ବଜାର।"

ଏଥିଉତ୍ତାରୁ ଯେଉଁ ସବୁ ଘଟଣା ଘଟିଲା ଅଳ୍ପ ଅଛି ବିସ୍ତାରରେ। ସବୁ କନ୍ୟା ଘରକୁ ଯାଇ ଖାଇଛି। ସମସ୍ତଙ୍କ ସାଙ୍ଗରେ ମିଶିଛି। ସବୁ କନ୍ୟାଙ୍କ ପିତାଙ୍କୁ ମଉସା ମାତାଙ୍କୁ ମାଉସୀ କରିଛି। କିନ୍ତୁ ବିବାହଟା ସେ ଜାଗାରୁ ଗୋଟାଏ ବେଳଅଠି ହେଲନାହିଁ। ହେଇଥିଲେ ସେ ବିବାହ କଂଟ୍ରୋଲ ଅଫିସକୁ ଶହେ ଟଙ୍କା ଦେଇଥାନ୍ତି। ସେଥିରୁ ବଞ୍ଚିଛି।

ଦିନେ ଜଣେ ହେଇ ଥାଆନ୍ତେ ବା ହେଇ ପାରନ୍ତେ ବା ହ ହ ଶ୍ୱଶୁରଙ୍କ ଘରୁ ନମିତା ଖାଇ ଫେରୁଛି ହଠାତ୍ ଜଣେ ଲାଲ ଶାଢ଼ୀ ପିନ୍ଧା ବାଳିକା ମୋତେ ହାରୁଡ଼ି ପଡ଼ିବା ଉପରେ।

'ଓ ଶସ' (ମାନେ—ଦୁଃଖିତ) କହି ସେ ଠିଆ ହୋଇଗଲେ। ମୁଁ ତାଙ୍କୁ ଚାହିଁଲି, ସେ ବି ମୋତେ ଚାହିଁଲେ।

"ଆପଣଙ୍କୁ କେଉଁଠି ଦେଖିଛି ମନେ ହେଉଛି।"

ଏ କଥା ସତ ଯେ ସେଦିନ ସେ ବିବାହ ନିମନ୍ତ୍ରଣ ନ ଖାଇ-ଥିଲେ ଏ ରମଣୀଙ୍କର ଦେଖା ହୋଇ ନ ଥାନ୍ତା। ସେଦିନ ବିବାହ ବ୍ୟୁରୋର ବିଶେଷତ୍ୱ ଯେ କନ୍ୟା ଆଉ ଆଗକୁ ଆସିଲେ ନାହିଁ। ବାପ ମା ଯେତେ କହିଲେ ସେ ଲୁଚିଲେ। ମୁଁ ଦୁଃଖରେ ଫେରି ଆସିବା ବେଳେ ହଠାତ୍ ଏ ଘଟଣା ଘଟିଥିଲେ।

ମୁଁ କହିଲି—"ଦେଖିଥିବେ।" ତାପରେ ସେ ମୋତେ 'ଦୟାକରି ଲିପା କରି ଆଉ ଅନୁରୋଧ ସୂଚକ ବାକ୍ୟରେ ତାଙ୍କର ଲାଲ ଅଫିସକୁ ଡାକି ନେଲେ। ମହିଳା ଜଣକ ଲାଲ ଅଫିସର ସେକ୍ରେଟେରୀ। ସେ ଅଫିସ ଭିତରେ ସବୁ ଯୁବ ବିଜ୍ଞାପନ ଝୁଲି ହୋଇଛି। ସେକ୍ରେଟେରୀଙ୍କ ଗୋଟାଏ ଛୋଟ କୋଠରୀ। ଆମେ ଦୁହେଁ ସେଠି ଯାଇ ବସିଲୁ। ସେଠି କେବଳ ବାନ୍ଧିଯିବ ସ୍ପେସ ବଜାର ବିରୁଦ୍ଧରେ ପ୍ରଚାର ପତ୍ର।

ମହିଳା ଜଣକ ଆରମ୍ଭ କଲେ—"ବ୍ଲାକ୍ ମାର୍କେଟ ବିରୁଦ୍ଧରେ ଆମେ ପ୍ରବଳ ବିଦ୍ରୋହ ଆରମ୍ଭ କରିଛୁଁ। ହେଇଟି ଦେଖୁଛନ୍ତି କଣ ଲେଖାଅଛି—ବ୍ଲାକ୍ ମାର୍କେଟ ବରଦାସ୍ତ କରିବେ— ତାଙ୍କ ଗଳାକୁ ଧରି ଫିଙ୍ଗାନ୍ତୁ—ତାକୁ ପରାସ୍ତ କରନ୍ତୁ।"

ମୁଁ ପଚାରିଲି, "ତାର ଉପାୟ କଣ?" ସେ କହିଲେ, "ସ୍ପେସ ବଜାର ଚାଲୁଛି କାହିଁକି? କନ୍ୟା ଦେଖିବା ପଢ଼ିବାରୁ। କନ୍ୟା ଦେଖା ପଡ଼ୁଛି କାହିଁକି, ହୋର୍ଡିଂ ହେବାରୁ। ଆମ ଦେଶରେ ବର୍ତ୍ତମାନ ସବୁଠୁ ବେଶୀ ସ୍ପେସ ବାରବାର ବ୍ଲାକ ବରପାଇଁ ବଜାର ନେଇ। ପାଠଥି ବରଙ୍କ ବାପେ ସବୁ ବରଙ୍କୁ ହୋର୍ଡିଂ କରି ଗୋଟିଏ ଗୋଟିଏ ରଖିଛନ୍ତି। ଯେଉଁଠି ବେଶୀ ମିଳୁଛି—ସେଇଠି ବିକୁଛନ୍ତି। ଆମେ ବର ଡାକଜଗ ସେ ହୋର୍ଡିଂକୁ ଲୁଟ କରି ଫ୍ରି ବଜାର ଫ୍ରି ସେଲ କରିଦେବା। ଯଦି ଆପଣ ଜଣେ ଯୋଦ୍ଧା ବା ହୋର୍ଡିଂ ମାଲ। ଆପଣ ଆପଣଙ୍କ ପିତାଙ୍କ କବଳରୁ ଖସି ଆସିବାକୁ ରାଜି ଅଛନ୍ତି ତ?"

ମୁଁ ଟିକିଏ ଇତସ୍ତତ ହେଲି। ସେ ଆଉ ଗୋଟାଏ ବିଜ୍ଞାପନ ଆଡ଼କୁ ଆଙ୍ଗୁଳି ଦେଖାଇ କହିଲେ—"ଦେଖନ୍ତୁ—ସ୍ପେସ ବଜାରକୁ ନାସ୍ତି କରିଦିଅ—ଆଉ ସ୍ପେସ ବଜାର ରହିବ ନାହିଁ—ତାଙ୍କ କୌଶଳ ଜାଣି ତାଙ୍କୁ ପରାସ୍ତ କର।"

ମୁଁ ମୃଦୁ ହସି ହେଲି। ସେ ଆଉ ଗୋଟାଏ ଛୋଟ ବିଜ୍ଞାପନ ଆଡ଼କୁ ହାତ ଦେଖାଇ କହିଲେ "ନୂଆ ସ୍ପେସ ବଜାର ସୃଷ୍ଟି କରିବାରେ ସାହାଯ୍ୟ କରନ୍ତୁ।" ଆପଣ ତାଙ୍କ କୌଶଳରେ ଗୌରବାନ୍ୱିତ ହେବେ ନାହିଁ।"

ମୁଁ ଆଉ ଅସ୍ୱୀକାର କରି ପାରିଲି ନାହିଁ। ସେ ହଠାତ୍ ଚେୟାରରୁ ଉଠି କହିଲେ, "ତେବେ ଦସ୍ତଖତ କରନ୍ତୁ, କାଲି ସକାଳେ ଆମ ଦୁହିଙ୍କ ବିବାହ ରେଜିଷ୍ଟ୍ରି ହେବ।" ମୁଁ କଲମ ଧରିଲି। ହାତଟା ଥରିଲା! ସେ ଠିକ୍ ସେଇ ସମୟରେ ଥରେ କାନ୍ଥରେ ଆଉ ଗୋଟାଏ ସରକାରୀ ବିଜ୍ଞାପନ ଦେଖାଇ ଦେଲେ। ସେଥିରେ ଲେଖା ଥିଲା—"ବଢ଼େ ଚଲୋ—ଜୟ ହିନ୍ଦ୍।" ମୋ ଭିତରେ ସେ ବର୍ମା ଯୁଦ୍ଧଭୂମିର ଛବି ଦେଖି ଏତେ ଅଦମ୍ୟ ସାହସ ହେଲା ଯେ ଏ ଜୀବନ ସଂଗ୍ରାମ ପାଇଁ ପ୍ରସ୍ତୁତ ହେଇ ସଙ୍ଗେ ସଙ୍ଗେ ସହି କରି ଦେଲି। ଲାଲ୍ ବାଳିକା ମୋତେ ଟ୍ରାମ୍ପରେ ଅଭିବାଦନ କଲା।

ତାପରେ ହଠାତ୍ ମୋର ଘରକରଣା ବୁଦ୍ଧି ମନେ ପଡ଼ିଲା। ମୁଁ କହିଲି—"ମୋର ଏଠି ଘର ନାହିଁ।" ସେ କହିଲେ, "ଘର ଭଡ଼ା ନେବା।" ମୁଁ ପୁଣି ଆପତ୍ତି କରି କହିଲି, "ଆସବାବ ପତ୍ର—" ସେ ଭାରତ ସରକାରଙ୍କର ଆଉ ଏକ ବିଜ୍ଞାପନ ଦେଖାଇ ଦେଲେ— "ଶାନ୍ତି ନହେବା ଯାଏଁ ଆସବାବ ପତ୍ର କିଣିବେ ନାହିଁ।" ମୁଁ ଏଥର ସଫା ସଫା କଥା କହିଦେଲି—ମୁଁ ବେକାର। ଭାବିଥିଲି ଏକଥା ଶୁଣି ସେ ମୁହଁ ମୋଡ଼ି ଦେବେ। କିନ୍ତୁ ସେ ଅଧିକ ଉତ୍ସାହିତ ହୋଇ କହିଲେ—"ମୋର ତ ତମରି ପରି ବର ଲୋଡ଼ାଥିଲା—ମୁଁ ସେକ୍ରେଟାରୀ ପାଇଁ ଓ୍ୟାକାଇରେ ଯୋଗଦେଲି। ତମେ କାହିଁକି 'ବ' ଗ୍ରୁପ୍ ବ୍ଲକ୍ ଲେବର ବା ଇଷ୍ଟାପକାଲୀ (ଅପାଠୁଆ ଲୋକଙ୍କ ପାଇଁ) କାମରେ ବାହାରି ଯାଅ।" ମୁଁ ନାଚିଲି।

କହିବା ବାହୁଲ୍ୟ ଯେ ତହିଁ ଆରଦିନ ବିବାହ ହୋଇଗଲା। ବିବାହ ପରେ ପରେ ସେ ଓ୍ୟାକାଇରେ ଯୋଗଦେଲେ। ଜନସ୍ୱଦେଶରେ ମନ ଧନ ପ୍ରାଣ ଦେଇ ସାହାଯ୍ୟ କରିବା ହେଲା ଆମର ଧର୍ମ। ସେଇ ଦୃଷ୍ଟିରୁ ଲାଲ ବାଳିକା ଗୋଟାଏ ସନ୍ତାନ ପ୍ରସବ କରିବାକୁ ଫେରି ଏବେ ଗୋଟାଏ ପୁଅ ଜନ୍ମ କରିଛନ୍ତି। ବର୍ତ୍ତମାନ ଭାରତ ସରକାରଙ୍କ 'ଅଧିକ ଦ୍ରବ୍ୟ ସଂଚୟ କରନ୍ତୁ।' ବିଜ୍ଞାପନଟା ଅଗଣାରେ ଟଙ୍ଗାଇ ଦେଇ ଯାକ ପଢ଼ୁଛୁଁ। ସାବନ ବୋଇଲ ଅଧ ଜମିତ ବୃତ୍ତ ତାଙ୍କ ଚେଷ୍ଟା।

ଭବିଷ୍ୟତରେ ଏଭଳି ଆକସ୍ମିକ ପରିବର୍ତ୍ତନ ଶୁଣି ତୁ ଆଶ୍ଚର୍ଯ୍ୟ ହେବୁ। ସବୁଠୁ ଆଶ୍ଚର୍ଯ୍ୟ କଥା ତୋତେ କହିବି ବୋଲି କହୁନାହିଁ। ଲାଲ ବାଳିକା ଏମ୍, ଏ, ପାଶ କରିଛନ୍ତି। ଯଉ ତୁ ତ ଜାଣୁ ମୁଁ ଏମ୍, ଇ,। ଏ ପରେ ବି, ବି ପରେ ସି, ତ, ତାପରେ ଯାଇଁ ଇ। ତେଣୁ ମୁଁ ତାଙ୍କଠୁଁ ବେଶୀ ପଢ଼ିଛି ବୋଲିଲେ ଅନ୍ୟାୟ ହେବ ନାହିଁ।

—ତୋର ବନ୍ଧୁ

Digitized by srujanika@gmail.com

କାହାଣୀ




# ଆଜି ବି ଅଛି

ଲେଖକ:—

ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି

—ଏକ—

ବୌଦ୍ଧ-ଧର୍ମ ପ୍ରସାର ଲଭୁଥିଲା । ସଂସାରରେ ଦୁଃଖ ଅଛି ଓ ସେଥିରୁ ନିବୃତ୍ତି ଲାଭ କରିବାର ମୂଳ-ମନ୍ତ୍ର ବତାଇ ଦିଆ ଯାଉଥିଲା । ଯୁବକ ଆନନ୍ଦ ଭାରତବର୍ଷ ପର୍ଯ୍ୟଟନ କରୁଁ କରୁଁ ଅଜନ୍ତାର ଭିକ୍ଷୁ ସାଙ୍ଗରେ ଆସି ଉପସ୍ଥିତ ହେଲା ।

ଯୁବକ ଆନନ୍ଦ ଭାବ-ପ୍ରବଣ ଓ କଳା-ପ୍ରିୟ । ଅଜନ୍ତାର କଳା-ନୈପୁଣ୍ୟ ତାକୁ ଅତ୍ୟଧିକ ପ୍ରଭାବିତ କରିଦେଲା ।

ସେ ସମୟରେ ଜୀବନର ପ୍ରବାହ ସ୍ୱଚ୍ଛନ୍ଦ ଓ ପ୍ରାକୃତିକ ଧାରଣାର ଅନୁକୂଳ ଥିଲା । ଲୋକମାନେ ନିଜ ନିଜ ପ୍ରବୃତ୍ତିର ଅନୁକୂଳ ଜୀବନ ଯାପନ କରୁଥିଲେ । ଭାରତୀୟ ଇତିହାସର ପ୍ରାଚୀନ କଥା-ଶୁଣି ଯୁବକ ଆନନ୍ଦ ଭିତରେ ଏକ ନବ ଶକ୍ତିର ଜାଗରଣ ଅନୁଭବ କଲା ।

ସେ ଅନୁଭବ କଲା—ସଂସାରରେ ଦୁଃଖହିଁ ଦୁଃଖ । ଯଦି କେଉଁଠି ସୁଖ ଥାଏ ତ ତାର ନିବାସ-ସ୍ଥଳୀ ପ୍ରାଣୀ ମାତ୍ରର ଭିତରେ ବିଦ୍ୟମାନ । ଦୁନିଆର ମୋହ, ମାୟା, ତ୍ୟାଗ ଏବଂ ଜଞ୍ଜାଳରୁ ମୁକ୍ତ ହୋଇ, ସେ ଭଗବାନ ବୁଦ୍ଧଙ୍କ ଶରଣ ନେଲା ।

ଆନନ୍ଦ ଥିଲା ଜଣେ ସୁନିପୁଣ ଶିଳ୍ପୀ । ଅଜନ୍ତାର ପବିତ୍ର ଭୂମିରେ ସେ ଦୟା, ମମତା, ସହାନୁଭୂତି ଓ ପ୍ରେମର ବିଦ୍ୟା ଅଧ୍ୟୟନ କଲା । ଆନନ୍ଦର ସୌନ୍ଦର୍ଯ୍ୟ ଓ କଳାର ବୋଧଶକ୍ତି ଥିଲା । ଅର୍ଦ୍ଧ ବିକଶିତ ପୁଷ୍ପ ଉପରେ ଭ୍ରମରର ଗୁଞ୍ଜରଣ, ମୃଦୁମନ୍ଦ ବାୟୁର ପରଶରେ ଆନ୍ଦୋଳିତ ପତ୍ର, ଶିଶିର-ବିନ୍ଦୁରେ ସିକ୍ତ ଲତା, ନିର୍ଝରିଣୀର କଳକଳ ଶବ୍ଦ ଓ ନୀଳ ଆକାଶରେ ସ୍ଥିରକି ପରି ଝଟକୁଥିବା ତାରକାର ସୁଦୃଶ୍ୟ ସନ୍ଦର୍ଶନ କରି ସେ ମୁଗ୍ଧ ହୋଇଗଲା, ତା ଆତ୍ମା ଚୈତନ୍ୟ ଲାଭ କଲା ।

ଦିନ ସାରା ବୁଲେ—ଜଙ୍ଗଲ ଓ ପାହାଡ଼ ଉପରେ । ଖାଇଲେ ଖାଏ ନହେଲେ ନାହିଁ । ରାତିରେ ନିଜ କୁଡ଼ିଆରେ ବସି ବସି ମୂର୍ତ୍ତି ନିର୍ମାଣ କରେ ।

ସେ ପଥରର ପ୍ରତିମୂର୍ତ୍ତିରେ ପ୍ରାଣ ଢାଳିଦିଏ, ସଜୀବ ଓ ସରସ ହୋଇଉଠେ । ତା ମୂର୍ତ୍ତି ସାକ୍ଷାତ ଜୀବନ୍ତ, ସୁନ୍ଦର ଓ ସୁଗନ୍ଧିତ ପୁଷ୍ପ ସଦୃଶ କୋମଳ ଓ ସଜୀବ ।

ଭଗବାନ ବୁଦ୍ଧଙ୍କର ସେ ମୂର୍ତ୍ତିଟି ଅସାଧାରଣ । ଆନନ୍ଦ ଅପୂର୍ବ ନୈପୁଣ୍ୟ ସହକାରେ ମୂର୍ତ୍ତିର ମୁଖମଣ୍ଡଳରେ ଯେଉଁ ଭାବାବେଶ ପ୍ରଦର୍ଶିତ କରିଥିଲା, ସେଥିରୁ ସ୍ନିଗ୍ଧ ପବିତ୍ରତା, ଆନ୍ତରିକ ନିଷ୍ଠା ଓ ନିର୍ମମ ସ୍ନେହର ରେଖା ଫୁଟି ଉଠୁଥିଲା । ଆନନ୍ଦର ଭଗବାନ ବୁଦ୍ଧଙ୍କ ସହିତ ସେତେବେଳେ ପ୍ରଥମ ସାକ୍ଷାତ ଘଟିଥିଲା ।

ମଧ୍ୟରାତ୍ରି ସମୟରେ ଭଗବାନ ବୁଦ୍ଧଙ୍କ ମୂର୍ତ୍ତି ସେ ଗୁମ୍ଫାରେ ରଖିଦେଲା । ପ୍ରାତଃକାଳରେ ଭିକ୍ଷୁ-ସଂଘ ଭିତରେ ସେ ମୂର୍ତ୍ତି ଉପରେ ଚର୍ଚ୍ଚା ଚାଲିଲା । ମୂର୍ତ୍ତିକାରର ତଲାସ ହେଲା । କିନ୍ତୁ କେହି ଜାଣି ପାରିଲେ ନାହିଁ କାହାର ସୁନିପୁଣ ହାତରେ ସେ ମୂର୍ତ୍ତିଟି ନିର୍ମିତ ହୋଇଥିଲା ।

ଦଶବର୍ଷ ପର୍ଯ୍ୟନ୍ତ ଶିଳ୍ପୀ ଆନନ୍ଦ ମୂର୍ତ୍ତି ଗଢ଼ି ଗୁମ୍ଫାରେ ରଖିଲା । ସେ ନିଜକୁ ପ୍ରକଟିତ କରିବାକୁ ଦେଲାନାହିଁ କି ମୂର୍ତ୍ତିର ଗଠନ ସମ୍ପର୍କରେ କୌଣସି ମନ୍ତବ୍ୟ ଜାଣିବାକୁ ଆଗ୍ରହ ପ୍ରକାଶ କଲାନାହିଁ ।

—ଦୁଇ—

ମଧ୍ୟରାତ୍ରିରେ ସେ ନିଜ କୁଡ଼ିଆରେ ପଥର-ଶିଳା ଉପରେ କୌଣସି ମୂର୍ତ୍ତି ନିର୍ମାଣ କରୁଥିଲା । କୁଟୀରର ଦ୍ୱାର ଉନ୍ମୁକ୍ତ ଥିଲା । ସମ୍ମୁଖରେ ଝୀରା ନଦୀ ପ୍ରବଳ ବେଗରେ ବହୁଥିଲା, ଶୀତଳ ଓ ସ୍ନିଗ୍ଧ ଜ୍ୟୋତ୍ସ୍ନା ଧରଣୀରେ ବିଚ୍ଛୁରିତ ହୋଇ ପଡ଼ୁଥିଲା ଓ ମନ୍ଦ ମନ୍ଦ ପବନରେ ଗଛରୁ ଅସ୍ପଷ୍ଟ ଅସ୍ପଷ୍ଟ ପତର ଝଡ଼ୁଥିଲା । ଶିଳ୍ପୀ ମୂର୍ତ୍ତି-ନିର୍ମାଣରେ ଲୀନ !

କିଛିଟା ଦୂରରୁ ସୁକଣ୍ଠ-ଧ୍ୱନି ଭାସି ଆସି ତା କର୍ଣ୍ଣ-କୁହରରେ ସଂଚାର କରୁଥାଏ । ସେ ଧ୍ୟାନ ଦେଲା ନାହିଁ । ସେ ଜାଣେନାହିଁ ଏମିତି ରାଗିଣୀର ଆଲାପ କେଉଁ କଣ୍ଠ-କୁଞ୍ଜରେ ଅଛି ।

ଧ୍ୱନି ଅନ୍ତିର ନିକଟ ଆସିଲା । ଶିଳ୍ପୀର ।ନ .

Digitized by srujanika@gmail.com

# ଆପଣ କେବେ ଗପ ଲେଖିଛନ୍ତି ?

—ପରିଚାଳନା ସମ୍ପାଦକ

ଆପଣ ଯେଉଁ ଗପଟା-ଲେଖି ଆମ ପାଖକୁ ପଠେଇଥିଲ, ସେଇଟା ଛପା ହେଲାନି, ଆପଣ ହତାଶ ହେଲେ, ରାଗିଲେ, ମନେ ମନେ ଆମକୁ ଗାଳିଦେଲେ, ଆପଣ କହିଲେ ସମ୍ପାଦକ ଭାରି ପକ୍ଷପାତୀ । ଆପଣ ନିନ୍ଦା ସେତିକି କହି ଚୁପ ହେଲେ; ସମସ୍ତେ ତ ଆପଣଙ୍କ ପରି ହୋଇଛନ୍ତି ! ଅନେକ ଏଭଳି ଗାଳି ଶୁଣି ଶୁଣି ବିରକ୍ତ ହେଲଣି—କିଏ ରାଗିକରି ଚିଠି ଲେଖୁଛି କିଏ ନାଲି ଆଖି ଦେଖାଉଛି; କିଏ ଆମକୁ ଖୋସାମଦ କରୁଛି ତ କିଏ ଧମକେଇବାର ଲୋଭ ଦେଖାଉଛି; କିଏ ପୁଣି ଆମକୁ ଆମ ଚୌଦପୁରୁଷଙ୍କ ଉଦ୍ଧାର କରୁଛି ଯାଉଛନ୍ତି । ଆମେ ଶୁଣୁଚୁ, ଖୋସାମଦ ଗାଳି ମନ୍ଦ ସବୁ ଶୁଣୁଚୁ, ହଜମ କରୁଚୁ ଚୁପ ରହୁଚୁ—ସହୁଚୁ । ଏ କାଗଜ ମହାରଥ କାଳକୁ ନୂଆ ହାତର କଞ୍ଚା ଲେଖା ଛାପି ପୁଣି ପାଠକ ପାଠିକାଙ୍କଠାରୁ ଗାଳି ଖାଇବା ପାଇଁ ସାହସ କରୁନାହୁଁ ।

ଆମ ପାଖକୁ ଜଣେ ଲେଖକ ଲେଖିଚନ୍ତି—"ଜଣେ ଶିଳ୍ପୀର ପ୍ରାଣ ନେଇ ଜନ୍ମିଥିଲେ ଆପଣ ଆଜ ମୋ ପ୍ରତି ଏମିତି ଅବିଚାର କର ନ ଥାନ୍ତେ ।" ଆମେ ଶିଳ୍ପୀର ପ୍ରାଣ ନେଇ ଜନ୍ମିନାହୁଁ ମାନୁଚୁ । ଆମେ କବିତ୍ୱ ଭଳିଆ ଅଶ୍ରୁ ଦେଇ ପାରୁନୁ ସତ ମାତ୍ର ତୋଳି ଆମକୁ ଗୋଟାଏ ଖରାପ ଅଣ୍ଡା ଖାଇବାକୁ ଦିଅନ୍ତେ, ସେଇଟା ଖରାପ ବୋଲି କହି ଯଦି ଆମେ ଫେରେଇ ଦେଉଁ ତାକୁ କଣ ଅଶିଳ୍ପୀ କହିବେ ?

ଆଉ ଜଣେ ଲେଖିଥିଲେ "ମୋର ଏ ଗପଟି ନିଶ୍ଚୟ ଛାପିବେ—ତା ନ ହେଲେ ମୁଁ ସ୍କୁଲରେ ମୋ ସାଙ୍ଗ ମହଲରେ ମୁହଁ ଦେଖାଇ ପାରିବି ନାହିଁ । ମୁଁ ଯେଉଁ ଉଦ୍ଦେଶ୍ୟରେ ଏ ଗପଟି ଲେଖିଛି ତାକୁ ସିଦ୍ଧ କରିବାର ଏକମାତ୍ର ଉପାୟ । ଆପଣ ଯଦି ଟଙ୍କା ଗୁହାରି ମୋତେ ଲେଖିଲେ ମୁଁ ପଠେଇ ଦେବି ।" ଇତ୍ୟାଦି ଇତ୍ୟାଦି । ଏମିତିଆ ପ୍ରଲୋଭନ ଦେଖାଇ ଯେଉଁମାନେ ଲେଖନ୍ତି ସେମାନଙ୍କର ମନେ ରଖିବା ଉଚିତ ଯେ 'ଝଙ୍କାର' କାହାର ନିଜସ୍ୱ ନୁହେଁ । ଦେଶ ବା ଜାତିର ଚିନ୍ତାଧାରାର ବିକାଶ ପାଇଁ ତା'ର ଜନ୍ମ ଓ ଜୀବନ ଧାରଣ ।

କେହି କେହି ଲେଖକ ଓ ଲେଖିକା ଲେଖନ୍ତି ଯେ "ଆପଣ ଆମ ଗପ ଛାପିଲେ ନାହିଁ ସତ, କିନ୍ତୁ ଅମୁକ ପତ୍ରିକାରେ ତାହା ପ୍ରକାଶ

---

( କାହାଣୀ ପୂର୍ବପୃଷ୍ଠା ଉତ୍ତାରୁ )

ତା କୁଟୀରର ଦ୍ୱାର ସମ୍ମୁଖରେ ଯୌବନ ଓ କଳା ସାଥିରେ ଏକ ନଗ୍ନ-ରୂପ । ସୌନ୍ଦର୍ଯ୍ୟର ଅଗ୍ନି ଫୁଟି ଉଠୁଥିଲା—ଗୌର ବର୍ଣ୍ଣ, ଅସ୍ତବ୍ୟସ୍ତ କେଶ !

ଝଲକାଏ ବାୟୁ ଆସି ତା ଅସ୍ତବ୍ୟସ୍ତ କେଶରୁ ଗୁଛାଏ କପାଳ ଉପରକୁ ଟାଣି ଆଣିଲା । କୋମଳ ଅଙ୍ଗୁଳିର ଯେଉଁ ଭାବଭଙ୍ଗୀରେ ସେ ସେତିକ ପଛକୁ ପକାଇଦେଲା ତାହା ଦେଖି ଶିଳ୍ପୀ ଅସ୍ଥ-ବ୍ୟସ୍ତ ହୋଇଗଲା ।

ଚକ୍ଷୁର ତୋଳା ଛଳ ଛଳ ।

ଶିଳ୍ପୀ କହିଲା—'ଦେବ ।'

ଏକ ମଧୁର ହାସ୍ୟ ଖେଳ ଯାଇ ବାୟୁମଣ୍ଡଳକୁ ବିମୁଗ୍ଧ କରିଦେଲା ।

'ମୁଁ ମୋକ୍ଷଦା । ତୁ ନିଜ କଳାରେ ଭଗବାନଙ୍କୁ ପ୍ରସନ୍ନ କରିଦେଇଛୁ । ତୋର ପ୍ରତ୍ୟେକ ମୂର୍ତ୍ତିରେ ଭଗବାନଙ୍କ ଆତ୍ମା ନିହିତ । ଅଜନ୍ତାର ଗୁମ୍ଫାରେ ତୁ ଗଢ଼ିଥିବା ମୂର୍ତ୍ତି ପୃଥିବୀ, ସୂର୍ଯ୍ୟ ଓ ଚନ୍ଦ୍ର ଥିବାଯାଏ ସୁରକ୍ଷିତ ହୋଇ ରହିବ । ଏହା ଭଗବାନଙ୍କ ସନ୍ଦେଶ । ଯେଉଁଦିନ ତୁ ମୋର ପ୍ରତିମୂର୍ତ୍ତି ନିର୍ମାଣ କରି ପାରିବୁ, ସେଦିନ ତୁ ଜୀବନ-ମୁକ୍ତ ହେବୁ ।'

ଏହା କହି ସେ ଅନ୍ତର୍ଦ୍ଧାନ ହୋଇଗଲା । ଶିଳ୍ପୀର ଦୃଷ୍ଟି କ୍ଷିତିଜ ଉପରେ ପଡ଼ିଲା । ସେ ଅଚେତନ ହୋଇ ସେହିପରି ପଡ଼ି ରହିଲା ।

ତା ପରଦିନ ସକାଳେ ସେ ଚୈତନ୍ୟ ଲାଭ କଲା ମାତ୍ର ଅନୁଭବ କଲା ଯେମିତି ସେ ସବୁ କିଛି ପାଇ ଯାଇଛି ।

ପ୍ରଦୀପର କ୍ଷୀଣ ଆଲୋକରେ ନିରନ୍ତର ମୂର୍ତ୍ତି ଗଠନରେ ଲିପ୍ତ ରହି, ଶିଳ୍ପୀର ଆଖିର ଜ୍ୟୋତି କମି ଆସିଲା । ଅସହ୍ୟ ପରିଶ୍ରମ ଫଳରେ ତାର ସ୍ୱାସ୍ଥ୍ୟର ବ୍ୟତିକ୍ରମ ଘଟିଲା । କିନ୍ତୁ ନବୀନ ପ୍ରେରଣା ଲାଭ କରି ଶିଳ୍ପୀ ମୋକ୍ଷଦାର ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ଅଗ୍ରସର ହେଲା ।

ଅନନ୍ତର କୁଟୀରଟିର ଚାରିପଟେ ପଥରର ଛୋଟ ଛୋଟ ଖଣ୍ଡ ବିକ୍ଷିପ୍ତ ହୋଇ ପଡ଼ିଥିଲା ।

—ତିନି—

ବର୍ଷକ ପରେ ।

ରାତ୍ରି ଅଧିକରୁ ବେଶୀ ହେଲାଣି । ତଥାପି ଶିଳ୍ପୀ ମୂର୍ତ୍ତି ନିର୍ମାଣରେ ତନ୍ମୟ । ଆଜ ମୋକ୍ଷଦାର ମୂର୍ତ୍ତି ଗଢ଼ା ସରିଲାଣି । ଶିଳ୍ପୀ ଧ୍ୟାନ ପୂର୍ବକ ଦେଖିଲା । ଭଗ୍ନ-ସ୍ୱାସ୍ଥ୍ୟ ହେତୁ ତା ହାତ କମ୍ପୁଥିଲା । ଉତ୍ତେଜନା-ପୂର୍ଣ୍ଣ ଶରୀର ତାର ଅବସାଦିତ ହୋଇ ଉଠିଲା । ହୃଦୟର ଲୋତକ ତା ଆଖିରେ ଦେଖାଦେଲା । ଶିଳ୍ପୀ ନିଜକୁ ସମ୍ଭାଳି ପାରିଲା ନାହିଁ । ଅସ୍ଥିର କଙ୍କାଳଟିଏ ମୂର୍ତ୍ତିର ଚରଣ ତଳେ ପଡ଼ିଗଲା

ସକାଳେ ଲୋକମାନେ ଅନନ୍ତକୁ ତା କୁଡ଼ିଆରେ ଦେଖିଲେ । ତାର ନଶ୍ୱର ଶରୀର ଗୋଟିଏ ପାଷାଣ ପ୍ରତିମାର ମସ୍ତକ ଉପରେ ହାତ ରଖି କେଉଁ ମଧୁର ସ୍ୱପ୍ନରେ ବିଭୋର !

ଚାରିପଟେ ନୀରବତା । ପ୍ରକୃତି କାନ୍ଦୁଥିଲା । ସାରା ଜଗତ ସେଇ କରୁଣ କ୍ରନ୍ଦନରେ ମୁଖରିତ ହୋଇ ଉଠୁଥିଲା । ମୋକ୍ଷଦାର ସେହି ବିଶାଳ ଓ ସୁନ୍ଦର ମୂର୍ତ୍ତିରେ ଶିଳ୍ପୀ ନିଜର ସମ୍ପୂର୍ଣ୍ଣ କଳା ଅଜାଡ଼ି ଦେଇଥିଲା ।

ଅନନ୍ତ ବୈରାଗୀର ମୁକ୍ତି ହେଲା । କିନ୍ତୁ ଶିଳ୍ପୀ-କଳାକାର ଅନନ୍ତ ଆଜି ବି ଜୀବିତ ଅଛି—ଅଜନ୍ତାର ଅରଣ୍ୟ ଭୂମିରେ !

( ଅନୁସରଣ )

Digitized by srujanika@gmail.com

ପାଉଛି ।" ଆମେ କହୁଁ, ଲେଖା ବାଛିବାରେ ମତର ପାର୍ଥକ୍ୟ ଦେଖାଯାଏ । ଅନ୍ୟ କାଗଜକୁ ଯେଉଁଟା ଭଲ ଲାଗିଲା ଆମକୁ ସେଇଟା ଭଲ ଲାଗି ନପାରେ । ଏମିତି ବି ହୋଇ ପାରେ ଯେଉଁ କାଗଜ ସବୁ ଚାଟକ ଲେଖା ଛାପନ୍ତି ସେମାନଙ୍କର ସାହିତ୍ୟ ସାଧନା ଉଦ୍ଦେଶ୍ୟ ହୋଇ ନ ପାରେ—କେବଳ ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗୋଟାଏ ଅଧେ କବିତା ବା ଗପ ଛାପି ଦିଅନ୍ତି । ଆଉ ଯା' କି ହୋଇପାରେ ସେ କାଗଜ ସବୁକୁ ଗଳ୍ପ ଦୁର୍ଭିକ୍ଷ ପଡ଼ୁଛି—ଯା' ତା ଗପ ଛାପି ଦିଅନ୍ତି ।

ଆଉ ଜଣେ ଜଣ ଆମକୁ ଗାଳି ଦେଇ ଲେଖନ୍ତି—'ଅମୁକ ଲେଖକ 'ଝଙ୍କାର'ର ବୋଠ ପୁଅ । ତାଙ୍କର ଗପ ବରାବର ଛପୁଛନ୍ତି ।' ହୁଏତ ଟେଲ୍ରାବର ଦେଖିଲେ ବୁଝି ପାରିବେ ଯେଉଁ ଲେଖକଙ୍କର ଗପ ଅଧିକାଂଶ ସମୟରେ ପ୍ରକାଶ ପାଉଛି, ତାଙ୍କ ଲେଖାରେ ସେମିତି କଣ ବାହାଦୁରି ଅଛି କି ନାହିଁ—ତାଙ୍କ ମନକୁ ପଚାରନ୍ତୁ । ସେ ଲେଖାଟି ତାଙ୍କୁ ଭଲ ଲାଗିଛି କି ନାହିଁ । ଆମେ ତାଙ୍କ ଲେଖା ଛାପିବାରେ ପକ୍ଷପାତିତା କରୁନାହିଁ—ଛାପାରୁ କେବଳ ତାଙ୍କ ଲେଖା ଗୁରୁତ୍ୱରେ ଆଦର ପାଉଛି ବୋଲି ଛାପୁଁ ।

ଆମେ ଅନୁରୋଧ କରୁଚୁ ଯେ ଆମର ନୂଆ ଲେଖକ ଲେଖିକାମାନେ ପହିଲେ ନିଜେ ଜାଣନ୍ତୁ କୋଉଟା ଭଲ କୋଉଟା ଖରାପ । ନିଜେ ବୁଝନ୍ତୁ ଗପ ଲେଖା କଣ ! କାହିଁକି ଗପ ଲେଖିବେ ? କୋଉଥି ପାଇଁ ଲେଖିବାକୁ ଯାଉଚନ୍ତି ! ପାଠକ ପାଠିକାଙ୍କୁ କହିଲା ଭଳିଆ ତା ଭିତରେ ବଡ଼ କଥା କଣ ରହିଚି ?

ଆପଣ ନିଶ୍ଚୟ ମାନିବେ ଯେ ଆପଣ ଯେତିକି ପାଠ ପଢ଼ିଚନ୍ତି ବା ଯେତିକି ବହି ପଢ଼ି ଆପଣଙ୍କର ଯେତିକି ଜ୍ଞାନ ହୋଇଚି, ପାଠକ ପାଠିକାଙ୍କ ଭିତରେ ସେମିତିଆ ଅନେକ ଅଛନ୍ତି କିମ୍ବା ଆପଣଙ୍କଠୁଁ ବେଶୀ ପାଠ ପଢ଼ିଚନ୍ତି, ବେଶୀ ଜ୍ଞାନୀ ଲୋକ ମଧ୍ୟ ଢେର ଅଛନ୍ତି । ଆପଣ ଯେ ଗପ ଲେଖିବାକୁ ଯାଉଚନ୍ତି ତାଙ୍କୁ ଆପଣ କୋଉ ନୂଆ କଥା ଶୁଣେଇବାକୁ ଯାଉଚନ୍ତି ପହିଲେ ଭାବନ୍ତୁ । ନିହାତି ଗୋଟାଏ ମାମୁଲି ସାଧାରଣ କଥା ଯୋଉ ବହୁଦିନରେ ବହୁତ ଲେଖା ବାହାରି ସାରିଲାଣି, ଗୋଟାଏ ମାମୁଲି ପ୍ଲଟ ଯାହାକି ବିଭିନ୍ନ ଭାବରେ ବହୁ ପରି ଦିନୁ ଲେଖାହୋଇ ଆସୁଚି ସେମିତି ଗୋଟାଏ ଗପ କହିବାର ଆବଶ୍ୟକତା କଣ ? କେତେକ ଲେଖକ କହନ୍ତି ଆମେ ଅମୁକ ନାମଜାଦା ବିଦେଶୀ ଲେଖକଙ୍କ ଅନୁସରଣରେ ଲେଖିଚୁ । ବେଶ୍ କରିଚ; ସେ ବିଦେଶୀ ଲେଖକଙ୍କର ଲେଖା ଛପା ହେବା ବେଳକୁ ସାଧାରଣ ପାଠକଙ୍କୁ ନୂଆ ଲାଗୁଥିଲା; ଅଥବା ଆପଣ ଯେମିତି ତାଙ୍କ ଲେଖା ପଢ଼ିଚନ୍ତି ଆଉ ଆଉ ପାଠକ ପାଠିକାମାନେ ମଧ୍ୟ ତାଙ୍କର ସେଇ ଲେଖା ପଢ଼ିଚନ୍ତି । ଆପଣ କିଛି ନୂଆ ତଥ୍ୟ କହିବାକୁ ଯାଉ ନାହାନ୍ତି ସେଇ ଯୋଉ ପୁରୁଣା କଥାଟା ଆପଣଙ୍କ ମୁହଁରୁ ଶୁଣିବାକୁ କାହାର ସ୍ପୃହା ନାହିଁ । ପଚିଶ ବର୍ଷ ତଳର ବିଦେଶୀ ଲେଖକଙ୍କର ଲେଖା ସେତେବେଳକୁ ସମୟୋପଯୋଗୀ ହୋଇଥିଲା, ଅଥବା ସେ ଗପ ମଧ୍ୟ ପସନ୍ଦ ନହୋଇ ପାରେ । ପଚିଶ ବର୍ଷ ପୂର୍ବେ ଯୋଉଟା ଉପଯୁକ୍ତ ବିବେଚିତ ହେଉଥିଲା ଅବା ଯାହା ଅନୁପଯୁକ୍ତ ହୁଏ ଏଥିରେ ଆଶ୍ଚର୍ଯ୍ୟ ହେବାର କଅଣ ଅଛି ! ଆପଣ ଯାହା ଅନୁଭବ ସମସ୍ତଙ୍କୁ ଗୁହଁ, ଅଥବା ପାଠକ ପାଠିକାଙ୍କର ମନର ଗତି କୋଉ ଆଡ଼କୁ ସେ କଥା ଯଦି ଲେଖି ବସନ୍ତି, ତା ହେଲେ ବା କେହି ମନ ଦେଇ ଆପଣଙ୍କ ଗପ ପଢ଼ି ବସନ୍ତା କିନା ।

କେତେ ଲେଖକ ପୁଣି କହନ୍ତି ଯେ ମୋ ଲେଖା ଅମୁକ ବାବୁଙ୍କ ଲେଖା ଭଳିଆ ହୋଇଚି । ତାଙ୍କଟା କାହିଁକି ଛପା ହୋଇଥିଲା ମୋରଟା ଛପା ହେଲା ନ କଅଁ ? ତମ ଲେଖା ଯେ ତାଙ୍କ ଲେଖା ଭଳିଆ ହୋଇଚି ସେଥିରେ କିଛି ସନ୍ଦେହ ନାହିଁ । କିନ୍ତୁ ତାଙ୍କର ଥାର୍ଡକ୍ଲାସ ଲେଖାଟା ଦୁର୍ଭାଗ୍ୟ ବଶତଃ ଛପା ହେଲା ବୋଲି ଆପଣ କାହିଁକି ଭାବୁ ନାହାନ୍ତି ଯେ ଆପଣଙ୍କର ଛପା ନ ହୋଇଚି ଭଲ ହୋଇଚି—ଆପଣଙ୍କର ଭାଗ୍ୟ ।

ଆପଣ ଗପ ଲେଖନ୍ତିମାନେ କଥାଟିଏ ଶୁଣେଇବାକୁ ଯାଉଚନ୍ତି । ଆପଣଙ୍କ କଥା ଯଦି ମନକୁ ନ ପାଇବ କିଏ କାହିଁକି ଶୁଣିବ ଭଲା ! ଆଉ ଆପଣ ଗୋଟିଏ କଥା କହିବେ ଆପଣଙ୍କ କଥା ସରିବା ଆଗରୁ ଯଦି ପାଠକ ପାଠିକାମାନେ କହିବେ ଆମେ ଜାଣୁ ଆମେ ଜାଣିଚୁ କଣ ହେବ ଶେଷରେ କିମ୍ବା ମୁଁ ସେମିତିଆ ଗପଟାଏ ପଢ଼ିଥିଲି ଅମୁକ ପତ୍ରିକାରେ; ତେବେ ସେମିତି ଗପଟାଏ ଲେଖି ଲାଭ କଣ ! ପୁରୁଣା କଥାଟା କୋହଳେଇ ତେଲେଇ କହିଲେ ଲୋକେ କହିବେ, "କାହିଁକି ଏଥିରୁ ଗୁଡ଼ାଏ ମିଛଟାରେ ବଢ଼େଇ ବଢ଼େଇ ହଉଚ !" ଠିକ ସେଇ ଭଳି ଆପଣ ଯଦି ଗୋଟାଏ କଥା ଆରମ୍ଭ କରନ୍ତି ଯାହା ଶୁଣିବାକୁ ବା ଜାଣିବାକୁ କାହାର ସ୍ପୃହା ନାହିଁ, ପାଠକ ପାଠିକାଙ୍କର ଜୀବନ ସହିତରେ ସେ ଗପର କୌଣସି ସମ୍ପର୍କ ନାହିଁ, ତେବେ ଯେତେ ଭଲକର ଲେଖି ଥାଆନ୍ତୁ ପଛକେ କେହି କଷ୍ଟକର ପଢ଼ିବେନି—ପୃଷ୍ଠା ଓଲଟେଇ ଯିବେ ।

ପାଠକ ପାଠିକାମାନେ ସବୁବେଳେ ଖୋଜନ୍ତି ଏମିତିକିଛି କଥା ଯାହା ତାଙ୍କ ନିଜ ଜୀବନରେ ଘଟୁଚି । ତାଙ୍କ ଅଣ୍ଟାରେ ଯୋଉ ଶଇଦ ନସମ ଯୋଷ୍ଟ ଯାଉଚି ତା ପେଇଁ ଯଦି ଆପଣ କିଛି ଔଷଧ ଜାଣନ୍ତି କହନ୍ତୁ ! ସ୍ୱଇନା ଜାପାନକୁ ନେଲେ କିମ୍ବା ଜାପାନ ସ୍ୱଇନାକୁ ନେଲେ ତାଙ୍କର କିଛି ଆସିଯିବନି ।

ପାଠକ ପାଠିକାମାନେ ଯୋଉ କଥା ଭାବନ୍ତି ବା ଜାଣିବାକୁ ଚାହାନ୍ତି ସେଇଆ ଲେଖ । କୋଉ କଥା ପଢ଼େଇଲେ ସେମାନେ ମନଦେଇ ଶୁଣିବେ ତାଙ୍କର ମନର ଗତି କୋଉ ଆଡ଼କୁ ସେମିତି କିଛି ଲେଖ ଯାହା ପଢ଼ିବାକୁ ତାଙ୍କର ଇଚ୍ଛା ହେବ, ତାଙ୍କୁ ଭଲ ଲାଗିବ । ଅନେକ ପାଠକ ପାଠିକାମାନେ ପ୍ରେମ କଥା ଶୁଣିବାକୁ ଭଲ ପାଆନ୍ତି; ସ୍ତ୍ରୀ ବୋଲି ଆମେ ଯଦି ସେଇ ପୁରୁଣା ମରହଟ୍ଟି ଧରଣର "ପ୍ରେମ ସାଗରରେ ଡଙ୍ଗା ଆମର ଭସୁଥିଲା, ହୃଦୟ ହୃଦୟରେ ମିଶି ଯାଇଥିଲା, ଆତ୍ମା ଆତ୍ମା ସାଙ୍ଗରେ ଏକାକାର ହୋଇ ଯାଇଥିଲା" ଇତ୍ୟାଦି ଇତ୍ୟାଦି ଆରମ୍ଭ କରୁ, ଗପଟା ନଷ୍ଟ ହୋଇଯିବ ମଜା ରହିବନି । କିନ୍ତୁ ଆମେ ସେଇ ପ୍ରେମ କଥାରେ ଆଧୁନିକ ଭାବରେ ମନ ଖୋଲି ଖୋଲି ବିସ୍ତୃତପଦ କଥା ଲେଖିଥିଲେ ଆମର ଏବେକାର ପାଠକ ପାଠିକାଙ୍କୁ ପଢ଼ିବାକୁ ବେଶ୍ ଲାଗିବ ।

Digitized by srujanika@gmail.com

ମୁଁ କାରଣ ଶିଳ୍ପୀ ବା ଶିଳ୍ପୀର ପ୍ରାଣ ନେଇ ଜନ୍ମ ହୋଇଚ ବହୁବର୍ଷା ଯେମିତି ମରହଟ୍ଟ ଧରଣର, ବହିବର ବେଢେଇ ଭାଜେ ପୁରୁଣା କଥା ଲେଖି ପାଠକ ପାଠିକାଙ୍କ ଉପରେ ବର୍ଷିବା ସେମିତି ଅନୁଚିତ । ଆପଣ ଶିଳ୍ପୀ, ଆନନ୍ଦର କଥା, ଗୌରବର କଥା; ତେବେ ଆପଣ ଏମିତି କିଛି ଲେଖନ୍ତୁ ଯାହା ଭିତରେ କିଛି ନୂଆ ଜିନିଷ ଅଛି—ପ୍ରତି ଗଳ୍ପ ଲେଖିବାରେ କିଛି ଗୋଟାଏ ଉଦ୍ଦେଶ୍ୟ ସବୁବେଳେ ଥିବା ଦରକାର । ଆମେ ଗଳ୍ପ ଭିତର ଦେଇ କୌଣସି ସମସ୍ୟା ପାଠକ ପାଠିକାଙ୍କ ନଜରକୁ ନେଇ ଆସି ପାରିବୁ ସେ ସମସ୍ୟା ସମାଧାନର ଯଦି କିଛି ଇଙ୍ଗିତ ଆମେ ଦେଇଥାଉ ତେବେ ଆମର ବାହାଦୁରି ।

ଅନେକ ଲେଖକ ଅଛନ୍ତି ଯିଏ ଏମିତି ବେଢଙ୍ଗ କଥା ଲେଖନ୍ତି ଯୋଉଥିରେ ଲେଖିଲା ଭଳିଆ ବେଶୀ କିଛି ନଥାଏ କିନ୍ତୁ ତାଙ୍କର ଲେଖାର ଢଙ୍ଗରେ ପୁରୁଣା କଥାଟାକୁ ନୂଆ କରିଦିଅନ୍ତି—ତାଙ୍କର ଷ୍ଟାଇଲଟା ଆମକୁ ବେଶ୍ ଲାଗେ; ସେ ଜାଗାରେ ଲେଖାର ଉଦ୍ଦେଶ୍ୟ ହେଲା ଏଇ ନୂଆ ଷ୍ଟାଇଲ । ସେମିତି ନୂଆ ରକମ ଚରିତ୍ର ଚିତ୍ରଣ ନୂଆ ଧରଣର ପ୍ଲଟ ନୂଆ ଟିକିନିଖି ପ୍ରଭୃତି ଅନେକ କଥା ଅଛି ଲେଖିଲା ଭଳିଆ—ଗଳ୍ପ ଲେଖିବା ପୂର୍ବରୁ ଲେଖକର ନିଜେ ଜାଣିବା ଦରକାର କେଉଁଥିପାଇଁ ସେ ଏ ଗଳ୍ପଟା ଲେଖିବାକୁ ଯାଉଚି—ଗଳ୍ପର ଉଦ୍ଦେଶ୍ୟ କଣ ? କେଉଁ ନୂଆ କଥା ସେ ଲେଖିବାକୁ ଯାଉଛନ୍ତି ଯାହା ପଢ଼ି ପାଠକ ପାଠିକାମାନେ ଆନନ୍ଦ ପାଇବେ କିମ୍ବା କାମରେ ଲଗେଇ ପାରିବେ ।

ଆଉ ଗୋଟାଏ କଥା ବ୍ୟାକରଣ ଜ୍ଞାନ— ଲେଖକଙ୍କର ପ୍ରଥମେ ବ୍ୟାକରଣରେ ଜ୍ଞାନ ଭଲ ଥିବା ଦରକାର । ରଚନା ଲେଖିବାରେ ଦକ୍ଷତା ଥିବା ଆବଶ୍ୟକ—ନିଜର ମନକଥାଟା ବେଶ ସହଜରେ ବ୍ୟକ୍ତ କରି ପାରୁଥିବ । ଯେଉଁ ଭାଷାରେ ମୁଁ ମୋ ମନ କଥା ସହଜରେ ଆପଣଙ୍କୁ ବୁଝେଇ ପାରିଲି ସେଇଟା ମୋ ପକ୍ଷରେ ସବୁଠୁ ଭଲ ଭାଷା—ମୁଁ ଅନ୍ୟଜଣଙ୍କୁ କପି କରି ତାର ଷ୍ଟାଇଲରେ ଲେଖିଲେ ମୋର ନାଆଁ ହେବନି—ଯାହାଙ୍କର ଭାଷା ଉପରେ ଦଖଲ ନାହିଁ କିନ୍ତୁ ଅଥା ଶୁଦ୍ଧ ଅଶୁଦ୍ଧ ମିଶେଇ ଏପାଖ ସେପାଖ ହୁଅନ୍ତି ତାଙ୍କ ଲେଖା ପଢ଼ିଲେ ମନେ ହୁଏ ଯେ ଲେଖକ ନିଜକୁ ଚିନ ସଫେଇ କରି ଯାହା ଦେଖାଇବାକୁ ଚେଷ୍ଟା କରୁଚନ୍ତି ପ୍ରକୃତରେ ନିଜେ ତା ନୁହନ୍ତି ।

ଆମେ ତ ପାଠକ ପାଠିକାଙ୍କ ଠକିବାକୁ ଯାଉନୁ—ଆମ ମୁଣ୍ଡ ଭିତରେ ଗୋଟାଏ ଅଭିଜ୍ଞତା ଦେଖାଦେଲା । ଆମେ ଭାବିଲୁ ଯେ ଏଇ ଅଭିଜ୍ଞତାଟା ତ ବେଶ ଭଲ, ଯାହାକୁ ଯଦି ଆମେ କାଗଜରେ ଫୁଟେଇ ପାରିବୁ ତେବେ ପାଠକ ପାଠିକାଙ୍କର ଉପକାର ହେବ କିମ୍ବା ସେମାନେ ଆନନ୍ଦ ପାଇବେ—ତାହେଲେ ଯେତିକି ସହଜରେ ଆମେ ସେ କଥା ବୁଝେଇବା ଆମ ଭାଷାରେ ତା ପକ୍ଷେ ସେତିକି ସୁନ୍ଦର ହେବ; ଅଡ଼ୁଆ ଭାଷାର ବାହାଦୁରି କରି ଆମ ଲେଖା ଭିତରେ ରାମାୟଣ, ଭଗବଦ୍‌ଗୀତା, ବିଦଗ୍ଧଚିନ୍ତାମଣି ପୁରେଇ, ପଲ୍ଲୀଗୀତ ଚିହ୍ନ ଯାହାକୁ ଯାଇ ନିଜକୁ ଅବୋଧ ଦୁର୍ବୋଧ ଅଙ୍କେନ୍ଦ୍ର କରିବାରେ କଣ ଲାଭ—ଯାହାର ମନରେ inferiority Complex ରହିଥାଏ ସେ ଗୋଟାଏ ମୁଖା ପିନ୍ଧି ତାର ଦୁର୍ବଳତା ଘୋଡ଼େଇ Superior ହେବାକୁ ଯତ୍ନ କରୁଥାଏ— ଲେଖା ପଢ଼ି ଯଦି ଶିକ୍ଷିତ ଅଶିକ୍ଷିତା ପାଠକ ପାଠିକାମାନେ କହିବେ—"କିଛି ବୁଝି ହେଉନି" କିମ୍ବା ବହୁତ ପରିଶ୍ରମ ପରେ ସଫଳ ହୋଇ ଲେଖକଙ୍କର ମାନ ରଖି କହିବେ, "ବୁଝି ହୁଏନି, ଲେଖକଙ୍କର ବହୁତ ଗଭୀରରେ ଯାଏ, କଣ୍ଟକ କିଛି ମଉଳ ରହସ୍ୟ ।" ପ୍ରକୃତରେ ସେ ଲେଖାରେ ମଉଳ କିଛି ନାହିଁ, କେବଳ କହିବ ଫାଙ୍କି—ଫାଙ୍କି ଦବା ଅର୍ଥରେ ଲେଖକଙ୍କର ହାତ ଅଛି ।

ଗଦ୍ୟ ସାହିତ୍ୟରେ ଭାଷାର ବହୁତ ଦେଖାଇବାର ଯୁଗ ଅନେକ ଦିନରୁ ଚାଲି ଗଲାଣି । ଆଜିକାଲିର ସାହିତ୍ୟ ଚାହେଁ ଯାହା ସରଳ ସହଜ ସୁନ୍ଦର । ଆମେ ପଢ଼ିବା ଗଳ୍ପଟିଏ କଣୁ, ପଢ଼ି କିଛି ଜାଣିବା ପାଇଁ, ବୁଝିବା ପାଇଁ, ଶିଖିବା ପାଇଁ, ଆନନ୍ଦ ପାଇବା ପାଇଁ—ଆମେ ନ ବୁଝିବା ପାଇଁ କଣ୍ଡନ, ତାହେଲେ ଲେଖା ପଢ଼ି ସମୟ ନଷ୍ଟ କରିବାକୁ କଣୁ ନ, ଲେଖକଙ୍କର ପାଣ୍ଡିତ୍ୟକୁ ଛପା ଅକ୍ଷରରେ ଝଲ ଝଲ କରି ସ୍ତୂପ ଥିବା ଅନେକ ପଦବୀକୁ ନେଇ ପ୍ରଶଂସା ବାନ୍ଧିବାକୁ କଣୁ ନ, ଯେପରି ବାଟେ ବାଟେ ମୋଡ଼ମାଡ଼ ଖାଇ ପଢ଼ିବାକୁ କଣୁ ନ ।

ଆମର ନୂଆ ଲେଖକ ଲେଖିକାମାନେ ! ଆପଣମାନଙ୍କର ଗଳ୍ପ ଛପା ହେଉନି ବୋଲି ଦୁଃଖ କରନ୍ତୁ ନାହିଁ । ଆପଣ ଯଦି ମୋ କଥା ଭଲ କରି ବୁଝି ଏଥର ଗଳ୍ପ ଲେଖିବେ ନିଶ୍ଚୟ ଆପଣଙ୍କର ଗଳ୍ପ ଛପାହେବ—ଆପଣ ଯଦି ସୁବିଧା ପାଆନ୍ତି ତେବେ "Journalism, Short Story writing ପ୍ରଭୃତି ବିଷୟରେ ବହି ମଗାଇ ପଢ଼ନ୍ତୁ । ନିଜକୁ ବୁଝନ୍ତୁ, ନିଜର ଗୁଣ, ଦୋଷ ଜାଣିଗଲେ । ଦୁନିଆକୁ ବୁଝିବାକୁ ଚେଷ୍ଟା କରନ୍ତୁ—ଅନ୍ୟ ମଣିଷମାନଙ୍କ ବୁଝିବାକୁ ଯତ୍ନ କରନ୍ତୁ—ତାଙ୍କର ଭଲଗୁଣ କଅଣ, ତାଙ୍କର ଜୀବନର ଭିତରକଥା କଅଣ—ମଣିଷ ଜୀବନ ବିଷୟରେ ଗୋଟାଏ ମୋଟାମୋଟି ଧାରଣା କରି ରଖନ୍ତୁ । ଆମେ କିଏ ? ଜନ୍ମ ମୃତ୍ୟୁ କଣ ! ଈଶ୍ୱର କିଏ ? ଆମ ଜୀବନର ଅର୍ଥ କଣ ? ଉଦ୍ଦେଶ୍ୟ କଣ ? ଆମର କଣ ଜାଣିବା ଦରକାର ? କଣ ନଜାଣିବା ଦରକାର ? ଇତ୍ୟାଦି ଇତ୍ୟାଦି ବିଷୟରେ ଆପଣଙ୍କର ଭଲ ଧାରଣା ଯଦି ଥାଏ ତେବେ ଖୁବ୍ ଭଲ ହେବ । ତା ହେଲେ ମଣିଷର ଚରିତ୍ର ବିଷୟରେ କିଛି ଲେଖିଲେ ବେଳକୁ ଏଇ ସତ୍ୟ ଉପରେ ନିର୍ଭର କରି ଆପଣ ମନ୍ତବ୍ୟ ଦେଇ ପାରିବେ—ଆପଣ ଏ ସବୁ ସତ୍ୟ ନିଜେ ଯେତେ ସ୍ପଷ୍ଟ ଭାବରେ ଜାଣି ପାରିବେ ପାଠକ ପାଠିକାଙ୍କୁ ସେମିତି ସ୍ପଷ୍ଟ ଭାବରେ ବୁଝେଇ ପାରିବେ —ଆପଣଙ୍କର ମତାମତରୁ ପାଠକ ପାଠିକାମାନେ ଆପଣଙ୍କର ଚରିତ୍ରର ଦୃଢ଼ତା ମଧ୍ୟ ଦେଖି ନେଇ ପାରିବେ ।

ଏଥରକ ଗଳ୍ପ ପଠେଇବା ପୂର୍ବରୁ ଆପଣ ପଢ଼ିଲେ ଦେଖିବେ ଗଳ୍ପଟି ଲେଖୁଛନ୍ତି କାହିଁକି ? ନୂଆ କଥା କଣ ଲେଖୁଚନ୍ତି, ଯାହା ପାଠକ ପାଠିକାଙ୍କୁ ନୂଆ ଲାଗିବ । ଆପଣ ଗଳ୍ପର ସେଇ ଉଦ୍ଦେଶ୍ୟଟା ଭଲ ରକମ ଫୁଟି ପାରିଛି କି ନା ! ଆପଣଙ୍କ ପାଠକ ପାଠିକାମାନଙ୍କ ନଜରରେ ଆପଣଙ୍କର ଲକ୍ଷ୍ୟଟା ଫୁଟି ଦିଶିବ ତ ? ସେମାନେ ଆପଣଙ୍କର ଭାବ ସହଜରେ ଗ୍ରହଣ କରି ପାରିବେ ତ ? ଆପଣ ନିଜକୁ ତା ଭିତରେ ଫୁଟେଇଚନ୍ତି ନା ନିଜକୁ ଚିନ ସଫେଇ କରି କାହାରି ନା କାହାରିଙ୍କ ହେବାକୁ ଚେଷ୍ଟା କରିଚନ୍ତି । ଆପଣଙ୍କ ପାଠକ ପାଠିକାମାନେ ମନଦେଇ ଆପଣ ଗଳ୍ପ ପଢ଼ିବେ ତ ! ତାଙ୍କ ମନକୁ ପାଇବେ ତ !

ଆପଣ ଯଦି ଭାବୁ ଥାଆନ୍ତି ସବୁ ଠିକ ଅଛି କୌଣସି ଏ ହିଁ ନାହିଁ, ତେବେ ଗଳ୍ପଟି ପଠାନ୍ତୁ—ଆମେ ନିଶ୍ଚୟ ଛାପିବୁ !

Digitized by srujanika@gmail.com

# ସତ ଘେନ ବା ନ ଘେନ

ସେନଫ୍ରାନ୍ସିସ୍କୋରେ ବିଜୟଲକ୍ଷ୍ମୀ ପ୍ରେସ ସମ୍ମିଳନୀ ଡାକିବା ବେଳେ ଜଣେ ଯୋଡିବାଲା ମିଆଁ ତାଙ୍କୁ ଘୁଡ଼େଇ ଘୁଡ଼େଇ ପ୍ରଶ୍ନ ପଚାରିଲେ । ହଠାତ୍ ତାଙ୍କ ପାଞ୍ଚ ଜଣ ଡାକିବାରୁ ଲୋକେ ତାଙ୍କୁ ପଚାରିଲେ, ତୁମେ କେଉଁ ପ୍ରେସର ପ୍ରତିନିଧି ? ସେ କିଛି ଉତ୍ତର ନଦେଇ ଉଠି ଅପିଲେ । ଜଣା ପଡିଲା ଯେ ସେ ହାରୁ ଫିରୋଜଖାଁଙ୍କ ଘରୋଇ ପ୍ରେସ ପ୍ରତିନିଧି । ତାହାରିକି ଅହି ଫିରୋଜଙ୍କୁ ଦେଖା କରିବାରେ ଫିରୋଜ ତାଙ୍କୁ ଦାଢ଼ି କାଟିପକାଇବାକୁ କହିଥିଲେ । କାରଣ ସେ ବ୍ୟକ୍ତି ମଧ୍ୟ ଜଣେ ଖାଁ ଥିଲେ । ବ୍ୟକ୍ତି ଦାଢ଼ି କାଟିବା ପରେ ମଧ୍ୟ ଯେତେବେଳେ ଲୋକେ ତାଙ୍କୁ ତଥାପି ଚିହ୍ନି ପକେଇଲେ ସେ ପୁଣି ଛଦ୍ମ ଦାଢ଼ି ଲଗେଇଲେ । ଏ ଦାଢ଼ି ଲଗା ଓ କଟାରେ କେତେ ଟଙ୍କା ଖରଚ ହୋଇଛି, ସାରୁ ହେମେନଙ୍କୁ ପଚାରିଲେ ଜଣାଯିବ ।

\+ \+ ×

ନେଫକୋଣାଠାରେ ହୋଇଥିବା କୃଷକ ସମ୍ମେଳନୀରେ ନିମ୍ନ ଲିଖିତ ଜିନିଷମାନ ଖରଚ ହୋଇଥିଲା ।

| | |
|---|---|
| ଚକୋଲେଟ୍—୩୫୦ ମହଣ, | ଡକ୍ ଲଣ୍ଠନ—୩୦୦୦ |
| ହ୍ଵାକ୍‌ବସ୍ତି —୨୦୦ | ପେଟ୍ରୋଲ— ୩୦୦ ଗେଲନ |
| ଲଉଡ ସ୍ପିକର— ୪ | ସିଗାରେଟ୍— ୨୦୦ ଗ୍ରୋସ ଟିନ୍ |

ସରକାର ଏ ସମସ୍ତ ପଦାର୍ଥ ସରବରାହ କରିବା ଛଡ଼ା ୮୦୦,୦୦୦ ଧବଧବଳୀଅ କୃଷକମାନଙ୍କୁ ମୋହନଗଞ୍ଜଠାରୁ ମୋଟର ଯାନରେ ବସାଇ ନେବାର ସୁବ୍ୟବସ୍ଥା କରିଥିଲେ ।

× × ×

ଆମେରିକାର କଂଗ୍ରେସ ସଭ୍ୟ ସିନେଟ ସଭ୍ୟ ରେସନ ଅଫିସର ମାନେ ତାଙ୍କର ସବୁ କାମ ଜାତକ ଦେଖି ଜ୍ୟୋତିଷ ପରାମର୍ଶ ନେଇ ଆରମ୍ଭ କରନ୍ତି । ଶୁଣାଯାଏ ହିଟଲର ମଧ୍ୟ ଏହିପରି କରୁଥିଲେ । ଆମେରିକାରେ ସସ୍ତା ପାଁଚ ଟ୍ରାମ୍ ବାସ୍‌ରେ ମଧ୍ୟ ଜ୍ୟୋତିଷୀ ଘୁଲୁଛି । ସାଧାରଣ ପ୍ରଶ୍ନମାନଙ୍କର ଦର ନିମ୍ନ ମତେ—

ଏକ ଡଲାର ମୂଲ୍ୟର ପ୍ରଶ୍ନ ।

୧ । ସେ ଅନ୍ୟ କନ୍ୟାକୁ କାହିଁକି ବିବାହ କଲା ?

୨ । ଆମେରିକାର ଲୁହା ବ୍ୟବସାୟରେ ମୁଁ ଟଙ୍କା ଦେବିକି ?

୩ । ମୋର ବିଭା କେବେ ହେବ ?

ଦଶ ଡଲାର ମୂଲ୍ୟର ପ୍ରଶ୍ନ—

୧ । ମୁଁ ପୁଣି ନବାବ ହେବିକି ?

ଜାପାନୀମାନେ କେବେ ହାରିବେ ?

ମୁଁ କେଉଁଠୁ ଅଧିକ ପେଟ୍ରୋଲ ପାଇବି ଇତ୍ୟାଦି ?

ଏ ସଂବାଦ ଆମେ ଆମେରି ସାହେବଙ୍କ ଆଗେ ପେସ୍ କଲୁଁ ।

\+ × +

ବ୍ରୁକଲିନ ବଗଲସ୍ ନାମକ ସ୍ଥାନର ୧୭୦ ଜଣ ଗୃହିଣୀ ସ୍ୱାମୀ-ମାନଙ୍କ ଉପରେ ରଖିବାକୁ ହେବ ତାର ଏକ ତାଲିକା କରିଛନ୍ତି । (୧) ସ୍ୱାମୀଙ୍କୁ ଯଥେଷ୍ଟ ଖୋଇବ । ୨ । ତାଙ୍କ ଯୋତା କେବେହେଁ ସଫା କରିବ ନାହିଁ ଏବଂ ତାଙ୍କୁ କ୍ଷୌର କରିବାକୁ ଦେବନାହିଁ । ୩ । ତାଙ୍କୁ କଞ୍ଚା ଫୁଲ ଫଳର 'ସଲାଡ' ବେଶୀ ଦେବ ନାହିଁ । ୪ । ଏକାଟି ଚିହ୍ନିଥିବ । ୫ । ଉଧାର ବଦଳକୁ ପ୍ରସ୍ତୁତ ଥିବ । ୬ । କେବେ ହେଲେ ତାଙ୍କ ସଙ୍ଗରେ ତର୍କ କରିବ ନାହିଁ । ୭ । ସେ ଯେମିତି ସବୁବେଳେ ଗ୍ରାହୁଥିବେ ଯେ ସେ ଆମର ଆଦର୍ଶ ମନୁଷ୍ୟ । ୮ । ବହୁ କରି ଖଣ୍ଡ ସହ୍ୟଶକ୍ତି, ତାଠୁଁ ବଡ଼ କରି ଖଣ୍ଡ ପ୍ରେମ, ଧୈର୍ଯ୍ୟର ଯନ୍ତ୍ରାଯନ୍ତ୍ରି, ଏବଂ ରସ ଓ ହାସ୍ୟର ଭଲ ପିଚକାରୀ । ୯ । ଏବଂ ନିଜକୁ ଭଲରୂପେ ସଜାଇବ କିନ୍ତୁ ହଲିଉଡ଼ର ଭାବପ୍ରବଣ ବ୍ୟବସାୟୀ ବଦଙ୍ଗି କରିବ ନାହିଁ । ସେଠି ସ୍ୱାମୀ ପାଳିତ ହୁଅନ୍ତି ନାହିଁ ଅଯାଚ୍ଛ ଦିଅଯାନ୍ତି ବଦଳିବ ହୁଅନ୍ତି । ଏ ଦେଶର କନିଆଁମାଇପଙ୍କୁ ଆମେ ଏହା ଉପହାର ଦେଲୁଁ । + × ×

ବିଲାତରେ ଇଣ୍ଡିଆ ଅଫିସ ଦୁଆର ମୁହଁରେ ଜଣେ ବାଣୁଆ ଅଣୁଆ ଗୋପାଳ ନଅର ଚଅର ହେଉ ଥିଲେ ଭିତରକୁ ଯିବା ପାଇଁ । ଦୁଆରି କିନ୍ତୁ ଅଚିହ୍ନା ଲୋକଙ୍କୁ ବେଁକିଣ୍ଡ ଭିତରକୁ ନଛାଡ଼େ । ଦୁଆରୀ ଛଡ଼ାବାବାଲା ନୁହନ୍ତି— ଅଲବତ୍ ଯିବ । ଦୁଆରି ବୋଇଲା—ତମ ଟିକେଟ୍ କାର୍ଡ଼ କାହିଁ ? ଆଗନ୍ତୁକ ବୋଇଲେ—ଚିହ୍ନା ବ୍ରାହ୍ମଣର ପଇତା କ'ଣ—ମୁଁ ତ ସବୁଦିନେ ଆସୁଛି ! ତଥାପି ଦ୍ୱାରପାଳ ନଛୋଡ଼ବନ୍ଧା । ଆଣୁଆ ଗୋପାଳ କହିଲେ—ଚିହ୍ନି ନାହିଁ କରେ ବାଘକୁ—ଭାରତରେ ଛେଳି ନ ଆସେ ମୋ ଆଗକୁ । ତଥାପି ପ୍ରବେଶ ମିଳିଲା ନାହିଁ । ଉକ୍ତ ବ୍ୟକ୍ତି କିଏ ନର୍ଡ଼ ଓ୍ୟାଭେଲଙ୍କୁ ପଚାରିଲେ ଜଣାଯିବ ।

× + ×

ସିଂହଳର ଜଣେ ସ୍କୁଲ ମାଷ୍ଟର ବଡ଼ ବଡ଼ ନିଶ ରଖିଥିଲେ । ତାଙ୍କ ପିଲମାନେ ଷ୍ଟାଲିନ ଷ୍ଟାଲିନ ବୋଲି ଚିଡ଼ାଇବାରୁ ସେ ନିଶ କର୍ତ୍ତନ କରି ନାସାଗ୍ର ମାଜି କରିଦେଲେ । ପୁଣି ପିଲାଏ ଚିଡ଼ାଇ-ବାକୁ ଲାଗିଲେ ହିଟଲର । ମାଷ୍ଟରେ ତହୁଁ ବାଉଁଳ ଉଡ଼ାଇ ନିଶକୁ ମୂଳପୋଛି କରିଦେଲେ । ତଥାପି ତାଙ୍କ ଦୁଃଖ ଗଲା ନାହିଁ । ପିଲାଏ ପୁଣି କହି ଲାଗିଲେ—ମୁସୋଲିନୀ । ତହୁଁ ମାଷ୍ଟର ସାହେବ ଉପାୟାନ୍ତର ନ ଦେଖି ବେକରେ ଦଉଡ଼ି ଲଗାଇ ଦେଇ ସବୁ ଜ୍ୱାଳାରୁ ମୁକ୍ତ ହେଲେ ।

ଆମ ମତେ ହୁଏ 'ମୁସୋଲିନୀ' ଅଖ୍ୟାଟା ମାଷ୍ଟରଙ୍କୁ ଏପରି ଅପମାନ ଦେଲା ଯେ ସେ ତାହା ସହି ପାରିଲେ ନାହିଁ । ସେ ଯଦି ପୁଣି ଲମ୍ବ ନିଶ ରଖି ଷ୍ଟାଲିନ ହୋଇପାରି ଥାଆନ୍ତେ, ତେବେ ନିଜକୁ ଗୌରବର ବର୍ଦ୍ଧିଯାଇ ଥାଆନ୍ତେ ପରା !

\+ + +

Digitized by srujanika@gmail.com



# କିରାଣୀ-ବିଳାପ

ଲେଖକ:— 'ଝସ୍ପଫୁଲ'

( ୧ )

ମୁଁ ଯେ ଗଡ଼ର କିରାଣୀଟିଏ ହୋ
କଲମ ପେଷା ମୋ' କରଣୀ,
ଦିନ ଦଶଟାରୁ ସଞ୍ଜ ପହରଯନ୍ତ
ଖଟୁଥାଏଁ ଗଧ-ଗୁରଣୀ ।
ବାବୁ ବୋଲି ମୋତେ ବୋଲନ୍ତି ସଭିଏଁ,
ଶୁଣି ଛାତି ମୋଟ ଫୁଲିଏ,
କେହି କି ବୁଝିଛି ଦୁନିଆ ଅଖିରେ
ପୋଡ଼ା ମୁଁ ଅଙ୍ଗାର ମୁଣ୍ଡିଏ ?
ଡେମ୍, ନନ୍‌ସେନ୍‌ସ, ଷ୍ଟୁପିଡ୍ ଗାଲିତ
ଶୁଣା ଅବା ଭଜିଁ ଦିନଟା,
ପେଟ ଜ୍ୱାଳାରେକି ପଉରୁଷ ଭୁଲି
ନାଚୁଥାଏଁ ଧିନ ଧିନତା ।
ତିରିଶି ଟଙ୍କାରେ ମୁଣ୍ଡ ବିକିଛଇଁ
ମହତଙ୍କୁ ଅଜ କି ଅଣ,
ସେତିକିରେ ସିନା ମୁଁଅଁସ ରଖିମୁଁ
ଗଢ଼ିଛି ମୋହର ଭଉସ !
ମାସ ପହିଲକୁ ଗୃହିଣୀ ପଥଚେୟେ
ଅକୁଳେ ଥାଏଁଟି ଅନାଇଁ,
ଦରମା ଗଣ୍ଡାକ ହାତରେ ପଡ଼ିଲେ
ସବୁ ଦୁଃଖ ଭୁଲେ କହାଇ ।
ରୋଗ-ବାଉଅରେ ନହଙ୍କା ଦହେ ମୋ
ଅଇସବତର ଶକତ,
ନରମା ମୁଠାରେ ଶାସନ-ବଳକୁ
ରଖିଛୁ ଜବରେ ରକତି ।

( ୨ )

ଷଠୀ-ମାଡାଙ୍କର ଅପାର କରୁଣା—
ଲକ୍ଷ୍ମୁ ମୋ'ଲ କର ପାଣିଅ,
ଧୂଳି-ସରସର, ସିଙ୍ଘାଣି-ସେମଡ଼ା
ଚାଲିଚଗୁ କେତେ ଗଣିଅ ।
କାଠ ଲେଡ଼ା ଦୁଧ, ସାଗୁ, ଶଗ, ପଥି—
ରୋଗ ଅପି ଘର ଭଳିଣୀ,
ତେଲ, ବଳ କାହିଁ ବଇଦ ଡାକିବ,
ପିହୁଲି ଦେବେଠୁଁ ଗଲିଣି ।
ନାଠ ମୋ'ର ଘରେ ଯାତର ଲାଗିଛି
ମହୁଁ ସାସୁର କି ମୁଁ ସତେ
ରଣଚଣ୍ଡୀ ବେଶେ ଚୁଠୀ ଓଟାରନ୍ତି
ଘରଣୀ ମୋ ପ୍ରେମ-ଜପତେ ।
ଝିଙ୍ଗ-ଖେଚଡ଼ୀର ସୁଆଦ ଭୁଲିଲିଣି,
ଖାଗ-ପିଠା କହିଁ ପରବା,
ଅହାର ନ ଥାଇ ପାହାର ସହୁଛି—
ଗୃହର କିଅନ୍ତା ମରବା !
'କେଉଠ' ବୋଲିତ ନାହିଁ ଲଢ଼ାକର
ଦିଷ୍ଟାସଟା ରଜଂଷିଅ,
ହାକିମଙ୍କ ପାଖଲଗା ଲୋକ ବୋଲି
ହେବି ପୁଣି ରସ ରସିଅ ।
କିରାଣୀ ହେବାର ସୁଖ ମୋ ଏତିକି
ସଂଚଯ୍ୟ ଦରଟି ଶୁନଅ,
ମରନ୍ତେ କେମନ୍ତେ ଦାହ ହେବ ବୋଲି
ଭାଳି ହେଉଥାଏଁ ମୁନଅ ।

Digitized by srujanika@gmail.com



କଟକ ନଗର ଏକ ବିଶାଳ ନଗର ହୋଇବ । ଗତ ଚୌଦ୍ୱାର ଠାରୁ ଭୁବନେଶ୍ୱର ଯାଏ ବ୍ୟାପିବ । ଏଥି ମଧ୍ୟେ ଖର୍ଚ୍ଚ ହେବ ପଚାଶ କୋଟି । ଏ ଯୋଜନାର ସମସ୍ତ ଯୋଗାଣ କରିବେ ଓଡ଼ିଶାର ଉନ୍ନୟନ ବୋର୍ଡ । ଏ ଯୋଜନାରେ ସର୍ବ ଖାଇବେ ଓଡ଼ିଶା ରାଜଧାନୀ କଟକର ବର୍ତ୍ତମାନ କରଣ ଓ ବ୍ରାହ୍ମଣ ବାଳ ବଳା ଜରବାସି ଅମଲ ବର୍ଗ । ଏମନ୍ତେ ନଗର ବିସ୍ତାର ହୋଇବ ପଚିଶ ମାଇଲ ଦୀର୍ଘ । ଖରଣ କବାଟ ଉପରେ ପ୍ରସ୍ତର ପ୍ରାସାଦ ନିର୍ମାଣ ହୋଇବ । ମା ଚଣ୍ଡୀ ଭୋଗ ଖାଇବେ କଟକରେ ରହି ।

ଶ୍ରୀଯୁକ୍ତ ବି ପାଠୀ ଜନ୍ମ ସୂତ୍ରରେ ବ୍ରାହ୍ମଣ ହୋଇଥିଲେ ଏଣିକି ବେଦପାଠ ପଢ଼ି ମହା ବ୍ରାହ୍ମଣ ହୋଇ ବ୍ରାହ୍ମଣ ବଳବର୍ଦ୍ଧି କରୁଛନ୍ତି । ସ୍ତ୍ରୀଲୋକ ପରୀକ୍ଷା କରଣ ବଡ଼ ସାହସ ଦେଖିଲେ । ତାହାଙ୍କ ବି ପାଠୀ ମୟୂରଭଞ୍ଜ ଦେବାନ ହେବାର୍ଥେ ପ୍ରାର୍ଥନା କରୁଥିବାର ସମ୍ବାଦ ଆସିଲା । ରେଭେନ୍ସା କଲେଜରେ ଜଣେ ଅର୍ଥ ଶାସ୍ତ୍ରଜ୍ଞ ବ୍ରାହ୍ମଣ ହୋଇବାର ଠିକ ହୋଇଲା ବ୍ରାହ୍ମଣ ବି ପାଠୀଙ୍କ ଅନୁଗ୍ରହରୁ ।

ଶ୍ରୀଯୁକ୍ତ ଗିରିଜାଶଙ୍କର ଦାସ ମହାପାତ୍ର ଶଲ୍ୟ ଚିକିତ୍ସା ଧୁରନ୍ଧର ( Master of Surgery ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଥମ ଓଡ଼ିଆ ଏ ବିଦ୍ୟାଳୟରେ ହୋଇଲେ । ଶଙ୍କର ପାର୍ବତୀ ଉଭୟେ ନିଜ ଲୋକଙ୍କର ମଙ୍ଗଳ ସାଧନ କରିବେ ।

ଶ୍ରୀ ଜୀବ ନଗେନ୍ଦ୍ର ରାୟ ଯେ କି 'ଲେଖା ଲେଖି କରନ୍ତି', ଯେ କି ଭୂଅଭଳ ( ଖରାପ ଅର୍ଥରେ ନୁହେଁ ) ନାମ କଲମୃତାରେ କରନ୍ତି ସେ ମହାଶୟ କଳାହାଣ୍ଡି ର ଏକ ହଜାର ଟଙ୍କା ତାଙ୍କ ନାଟକ ଲେଖା କଲା ପଣରୁ ପ୍ରାପ୍ତ ହୋଇଲେ । ପୁରୁଣା ନାଟକରୁ ନୂତନ ନାଟକ କରିବାରେ ମହାଶୟ ସିଦ୍ଧ ହସ୍ତ ହୁଅନ୍ତେ କଳାହାଣ୍ଡି ଶ୍ରୀ ଶ୍ରୀ ମହାରାଜା ଶ୍ରୀ ଶ୍ରୀଙ୍କ ଶ୍ରୀହସ୍ତରୁ ଆଉ ଶ ଏକ ହଜାର ମିଳିବ ଏମନ୍ତ ସମ୍ବାଦ ମିଳିଲା ।

ଶ୍ରୀଯୁକ୍ତ ବୀରକିଶୋର ରାୟ ପହିଲ ଓଡ଼ିଆ ଜଜ ହୋଇଲେ । ଏହାଙ୍କୁ ସାର ଆଶୁତୋଷ ସାର୍ଟିଫିକେଟ ଦେଇଥିଲେ । ଶ୍ରୀ ମଧୁସୂଦନ ଉକ୍ତି ଉତ୍କଳ ହେବ ବୋଲି ଶୁଣିଗଲେ ଭବିଷ୍ୟ ବାଣୀ । ତାହା ଏବେ ସତ୍ୟ ହୋଇଲା । ନିଃସନ୍ଦେହରେ ରାୟ ମହାଶୟ ଉତ୍କଳର ସର୍ବଶ୍ରେଷ୍ଠ ଓକିଲ । ଏଣୁ ଏହାଙ୍କ ନିର୍ବାଚନରେ ସମସ୍ତେ ଆନନ୍ଦ କରୁଛନ୍ତି । ଚନ୍ଦ୍ରର କଳଙ୍କ ମୁନରେ ଦିଶିବାରୁ ରହିଲା ।

ଶ୍ରୀଯୁକ୍ତ ପାରଳାଧୀଶ ଲର୍ଡ଼ ଓ୍ୱାଟେଲଙ୍କ ସଙ୍ଗରୁ ନିମନ୍ତ୍ରଣ ପାଇଲେ । ଶ୍ରୀ ଗୋଦାବରୀଶଙ୍କ କୃପାରେ ଅଭିଷେକରେ ମହାରାଜା ଅଜ ଏ ସମ୍ମାନ ପାଇ ନ ଥାନ୍ତେ । ସିମଳା ଶିଖରରେ ସବୁ ନେତାମାନେ ଗହଣ କରନ୍ତେ ଶ୍ରୀ ମହାରାଜ ସର୍ବ ଶେଷରେ ପ୍ରବେଶ କଲେ । ଏମନ୍ତ ଓଡ଼ିଆଙ୍କ ପଛ ବୁଦ୍ଧି ଆ, ପଛ ପଦଥ ନାମରୁ ଭାରତରେ ଚତୁର୍ଦ୍ଦିଗରେ ଘୋଷିତ ହୋଇଲା । ଏକଦା କଂଗ୍ରେସରେ ଥିବା ଗୋଦାବରୀଶ ନ କଲି କି କଲ, ବିଷ୍ଣୁ ପଦ୍ମମାନ ତଳେ ଥୋଇଲି ବୋଲି ଭାବିଲେ । ଶ୍ରୀ ବିଶ୍ୱନାଥଙ୍କ ପାଖେ ନିବେଦନ କରିବାକୁ ଟିକଟ କାଟିବାକୁ ଅଧିକନ୍ତୁ ବୋଲି ଏକ ବାକ୍ସପତ୍ରା ସମ୍ବାଦ ମିଳିଲା ।

ହିନ୍ଦୁ ମହାସଭାର ପଣ୍ଡିତ ନୀଳକଣ୍ଠ କାଲି ଓ୍ୱାଟେଲ ବନ୍ଦନା କଲେ । ଏମନ୍ତେ ଭାରତର ଚତୁର୍ଦ୍ଦିଗରେ ହିନ୍ଦୁ ମହାସଭା ଏହା କରୁଥିବାରେ ରହି ଗଡ଼ିଲବେଳେ ପଣ୍ଡିତେ ବାଟି ମୋଡ଼ିବାର ଅଭ୍ୟାସରୁ ପାଇଲାଇଛନ୍ତି । ପୁଣି ଥରେ କଂଗ୍ରେସ ଅଡ଼କୁ ମୁହାଁଇବାର ସମ୍ବାଦ ଆସିଲା ।

---

## କୁଡ଼ୁକୁଡ଼ୁ

"ମୁଁ ମୋ ସ୍ତ୍ରୀ ସହିତ କଳି କରେ ନାହିଁ ।"

"କଳି ନ କରି ଚଳୁ କେମିତି ?"

"କାହିଁକି ? ସେ ତା ନିଜ ବାଟରେ ଯାଏ, ମୁଁ ମୋର ବାଟରେ ଯାଏଁ ।"

× + ×

କାଳିଘର ରେଜା ବହୁତ ରାତିରେ ଘରକୁ ଫେରିଲା । ଘରଣୀ କବାଟ ନଖୋଲି ଝରକାରୁ ପଚାରିଲା—"ଏତେ ରାତିଯାଏ ଥିଲ କୁଆଡ଼େ ।"

"ସମସ୍ତଙ୍କୁ ଷ୍ଟ୍ରାଇକରେ କାମବନ୍ଦ କରିବା କଥା ବୁଝାଉ ଥିଲି ।"

"ଏବେ ଘର ବନ୍ଦ କଥା ବୁଝାଇ ଆସିବୁ ଯା ।"

× + ×

ଚିତ୍ରକର ଚିତ୍ର ଅଙ୍କି ସ୍ତ୍ରୀକୁ ପଚାରିଲେ—ଏ ଛବିଟିର କି ନାମ ଦେବା ?

ସ୍ତ୍ରୀ—ତମର ନାମ ଦିଅ !

'କାହିଁକି ?'

'ତମପରି ଆଉ କେହି ଦିଶନ୍ତି ନାହିଁ ।"

+ × +

ପୁଅ ବସି ସନ୍ଧ୍ୟା ପ୍ରାର୍ଥନା କରୁଛି ।

ମା—କିରେ ପ୍ରାର୍ଥନା ଶୁଭୁ ନାହିଁ ।

ପୁଅ—ମୁଁ ଭଗବାନଙ୍କୁ କହୁଛି ତୋତେ ନୁହେଁ ।

× × +

ଆମେ ଭୁଲ କଲାବେଳେ ଯେଉଁ ସଙ୍କେତ ଇନ୍ଦ୍ରିୟ ଆମକୁ ଧରି ପଡ଼ିବାର ସୂଚନା ଦିଏ—ତାହାରି ନାମ ବିବେକ ।

× ×

ଗୋଟିଏ ଜାପାନୀ ସୈନ୍ୟକୁ ପଚାରିଗଲା— ଜଙ୍ଗଲ ଯୋଦ୍ଧା କିଏ ଭଲ ? ସେ ଉତ୍ତର ଦେଲା—ଅଷ୍ଟ୍ରେଲିଆବାସୀ ।

"ଆମେରିକାନ୍ ନୁହନ୍ତି ?"

"ଆମେରିକାମାନେ ଜଙ୍ଗଲ ସଫା କଲାବାଲା ।"

+ × +

Digitized by srujanika@gmail.com

# ମିଠା-କଥା

ଲେ:— ବୁଦ୍ଧୁରାମ

ବ୍ରାହ୍ମଣର ବାଇଗଣ ବାଡ଼ି । ବଣିକ ତ ଉତ୍ତମ ଅଭ୍ୟାସ ହେଲା । ବ୍ରାହ୍ମଣ ମଣିଷଟା । ଅଇଜନ କରି ପେଟ ପୋଷେ । ଅଇଜନ ଯାଇ ଯେଉଁ ଦିନ ବେଶୀ ପଡ଼େଇ ଅଟେ ତା ପରେ ଦୁଇଦିନ ଶୋଇପଡ଼େ କଣ୍ଟି ଉପରେ । ଯାହା ବାଡ଼ିରେ ଗଛେ ଅଣିଥାଏ ସେଥିରେ ଟିକେ ଘରଣୀ ବ୍ରାହ୍ମଣୀ, ତାର ଦୁଇଟି ପୁଅଙ୍କ ଚଳନ୍ତି ଚଳିଯାଆନ୍ତି । ତାପରେ ବ୍ରାହ୍ମଣ ପୁଣି କଉଟି ବାଇ କଏ ମଲା ଖୋଜିବୁଲେ । କିନ୍ତୁ ଭାଗ୍ୟର କଥାଗଳ ଗୁଡ଼ାକ ତା ବାଟରେ ବନ୍ଧା ହୁଅନ୍ତି । ବ୍ରାହ୍ମଣ ନାଗର ହେଇ କଲା ବାଇଗଣ ବାଡ଼ି ।

ବ୍ରାହ୍ମଣର ନିଦ ଟିକଏ ଟାଣ । ଶୋଇ ପଡ଼ିଲା ତ ଉପରେ ବଜେଇ ଢୋଲ ନାଚ ବାଦ ଚାଲିଯିବେ—ବୁଢ଼ାର ହୋସ୍ ନ ଥିବ । ବୁଢ଼ା ରାତି ଦିନକ ବାଇଗଣ ବାଡ଼ି ଜଗିଥାଏ । ଜଗୁ ଜଗୁ ଢୁଳେଇ ପଡ଼େ । ଢୁଳେଇ ପଡ଼ିଲାକ୍ଷଣି ଅଟେଚ । ବଟେଇ କ ଅଣପୁରୁଷା ଦେଖି ମୂଷା କରମ କରନ୍ତି ବସି । ଛେଳି ଗୋରୁ ଚୋର ଚଷାଙ୍କ ପାଳି ପଡ଼େ । ବ୍ରାହ୍ମଣ ନିଦରୁ ଉଠି ଦେଖିଲା ବେଳକୁ ସବୁ ଶେଷ । କସି ଖାଇବ କି ଟିକଏ ବ ନାହିଁ । ବ୍ରାହ୍ମଣ କାନ୍ଦେ । ବ୍ରାହ୍ମଣୀ ଭୁନ କରେ । ବ୍ରାହ୍ମଣ ଭୁନ ନ ହୁଏ । ବ୍ରାହ୍ମଣୀ ବ୍ରାହ୍ମଣର ଦୁଃଖ ସହି ନ ପାରି ନିଜେ କାନ୍ଦେ । ସଂସାର ଯାତନା । ତା ଲୁହ ତଳେ ପଡ଼ିଲାକ୍ଷଣି ଧରଣୀମାତା ଥରି ଉଠନ୍ତି । ଅଉ ବସୁଧା ଧରି ପାରିବ ନାହିଁ ବୋଲି ବାସୁକୀ ରଡ଼ି ଛାଡ଼େ । ଈଶ୍ୱର ପାର୍ବତୀ ମାଇପିଙ୍କାଙ୍କର ଦୁଃଖ ସହି ନ ପାରି ମହାଦେବଙ୍କୁ ଲଗାନ୍ତି । ମହାଦେବ ବ୍ରାହ୍ମଣ ପାଖକୁ ଯାଇ ଭୁନ କରନ୍ତି ।

ବ୍ରାହ୍ମଣ କହେ—"ସତେ ଯେବେ ଈଶ୍ୱର ହୋଇଥିବ ମୋତେ ବର ଦେବ ।" ଈଶ୍ୱର କହନ୍ତି—ତଥାସ୍ତୁ । ବ୍ରାହ୍ମଣ କହେ—ମହାପ୍ରଭୁ, ମୁଁ ଶୋଇଥିବାବେଳେ ମୋ ପାଖରେ କେହି ବାଇଗଣ ବାଡ଼ିରେ ପଶନ୍ତୁ ନାହିଁ । ମୋ ଶୋଇଥିଲାବେଳେ ପାଟିଟା ବନ୍ଦ ହୋଇ ଥିବାରୁ "କିଏରେ କିଏରେ" ଧ୍ୱନି ବାହାରେ ନାହିଁ । ତେଣୁ ବାଇଗଣ ଚୋର ନେଇଯାଏ । ଏମିତି କରିଦେ ଯେ ମୋ ଶୋଇଥିବାବେଳେ ବି ମୁହଁଟା କିଏରେ କିଏରେ କହୁଥିବ ।" ମହାଦେବ ତଥାସ୍ତୁ କରି କହିଲେ—"ମୁହଁ ତ ତଳେ ତଳେ କିଏରେ କିଏରେ କହୁଛି । ମୁହଁ ଯେତେବେଳେ ବନ୍ଦ ହେବ ସେତେବେଳେ ପଛପଟ କିଏରେ କିଏରେ କହିବ ।"

ଈଶ୍ୱର ପାର୍ବତୀ ବର ଦେଇ ଚାଲିଗଲେ । ରାତିରେ ବ୍ରାହ୍ମଣ ଶୋଇଲେ ପଛପଟେ କିଏରେ କିଏରେ ଡାକ । ବାଡ଼ିରେ ଉଡ଼ିରେ କେହି ପଶି ପାରନ୍ତି ନାହିଁ । ଅଲ୍ପେ ଅଲ୍ପେ ଚୋର ତାର ଠଉର ପାଇଗଲେ । ପଛପଟ ତାର କିଏରେ କିଏରେ ହେଉଥାଏ ସବୁ ଚୋର ହୋଇଯାଏ । ବ୍ରାହ୍ମଣ ନିରସ୍ତ ହୋଇ ଚୋରଙ୍କ ସାଙ୍ଗରେ ସଲା କରି ଚୋରି ଆରମ୍ଭ କଲା । କିନ୍ତୁ ତା କିଏରେ କିଏରେ ହେଲା କାଳ । ତହୁଁ ଚୋର ଗୋଡ଼ାଏ ବଣ୍ଡା ମାରି ଦିଅନ୍ତି । ଅରେ ଗୃହସ୍ୱାମୀ ଉଠିବାରୁ ବ୍ରାହ୍ମଣ ଗୁହାଳ ଭିତରେ ପଶି ଝୁଣ୍ଟରେ ହେଲା । ଏତେବେଳେ ଛ'ଣ ପାଇ ଗାଈ ବଣ୍ଡାଟାକୁ ଟାଣି ଦେବାରୁ ପଛ ପଟଟା କିଏରେ କିଏରେ କଲା । ଗୃହସ୍ୱାମୀ ଧାଇଁ ଛେଚିଲେ ତାଙ୍କୁ ।

ସେଇ ବ୍ରାହ୍ମଣ ବଂଶ ଅମ ଓଡ଼ିଶା ସମ୍ଭ୍ରାନ୍ତ ବଂଶରେ ଲଗା ବନ୍ଧା ଲୋକଙ୍କ ଘରେ । ଭାଗ୍ୟ ହେଉ ପିଲା ବାଳରେ ନାମ ପଡ଼ିଥିବା ମହାପାପ ହୋଇଛନ୍ତି ଏ ସିଣ୍ଡିକେଟର ସେକ୍ରେଟେରୀ । ସିଣ୍ଡିକେଟରେ ମାରୁଆଡ଼ିଙ୍କ ପ୍ରାଧାନ୍ୟ । ଓଡ଼ିଆ ଯେ ଜଣେ ଦୁଇଜଣ ତାଙ୍କ କଥା ଉଠୁନାହିଁ । ମାରୁଆଡ଼ି ପାମ୍ପଡ଼ ଓ ଅସୁର ପଟୁଆ ବଡ଼ ମିଠା । ତେଣୁ ସେମାନେ କମ୍ପେନୀରୁ ଲଗା କଣିବେ ବୋଲି ଏଜେଣ୍ଟ ଘଣ୍ଟ ଏଜେଣ୍ଟ ଜଇଅଟର ମହାଜନୀ କେଉଁଷା ଚଳେଇଛନ୍ତି । ଅଥଚ ଟଙ୍କା ନାହିଁ ବୋଲି ସିଣ୍ଡିକେଟ ତାଙ୍କ କୋଟା ଲଗା ଅଣି ପାରୁନାହିଁ । ଅଫିସରଙ୍କ ପଛପଟେ "କିଏରେ କିଏରେ"—କିନ୍ତୁ କେହି ନ ଶୁଣିଲେ ଗଲା । ବଣ୍ଡା ବି ମରି ହୁଏ । କେବେ କେବେ କଂଗ୍ରେସ ବା ଲୋକ ଗୁଡ଼ାକ ଗୋରୁ ହୋଇ ସେ ବଣ୍ଡା ଟାଣି ନେବା ବେଳକୁ ପୁଣି 'କିଏରେ କିଏରେ !

ହୋଲସେଲ ଡିପୋଙ୍କୁ ଅଚଳ ହୋଇଛି ସେ ତାଙ୍କ ଖୁବ୍ ଗରଗ ଓ ରିଟେଲରଙ୍କୁ କେବଳ ଲଗା ଦେବେ । କାହାକୁ କେତେ ଦେବେ ଠିକ ନାହିଁ । ରିଟେଲରମାନେ ଲଗା ଖୁଚି ଉଣା ବ୍ୟାଗ-ଡେମମୋ କାଟୁଛନ୍ତି । ହୋଲସେଲରମାନେ ମିଛରେ ହିସାବ ପକେଇ ଲଗା ବିକ୍ରି ହୋଇଗଲା ବୋଲି ଦେଖଉଛନ୍ତି । ସ୍ୱରଅଟେ 'କିଏରେ କିଏରେ' ଧ୍ୱନି । ସେ ଅଉ ବନ୍ଦ ନହୁଏ । ଧରିବାକୁ କିନ୍ତୁ କେହି ନାହିଁ । ଯେ ଚୋର ସେଇତ ବଗୁଲ । କାହାକୁ କହିବା !

ଏବେ ଫ୍ରି ସେଲର ବଗଦ ହୋଇଛି । ଖଡ୍ଗାଟ କଥା କହିଲେ ନସରେ । ବ୍ରାହ୍ମଣର ଅଗ ପଛ ସବୁ କିଏରେ କିଏରେ କରୁଛନ୍ତି । ବ୍ରାହ୍ମଣ କିନ୍ତୁ ନଛାଡ଼ ଗଣ୍ଡଦେହଅ ହୋଇଗଲଣି । ତଥ ହେଲେ ତାକୁ ଖଇ ବୋଲି ବୋଲୁଛ । ଅନ୍ତତଃ ସେଇ ଦୃଷ୍ଟିରୁ ସିଣ୍ଡିକେଟର ସେକ୍ରେଟେରୀ ଜଣେ ବ୍ରାହ୍ମଣ ହେବାର ଫାଇଦା । ତାଙ୍କୁ ଈଶ୍ୱର ପାର୍ବତୀ ବର ଦିଅନ୍ତୁ ।

---

## କୁତୁକୁତୁ

"ନରୁ, ତାଲ ଯେଉଁ ଦୁଷ୍ଟାମି କରିଥିଲ ସେଥିପାଇଁ ଭଗବାନଙ୍କ ନିକଟରେ ଅନୁତାପ କରିଛୁ ?"

'ହଁ ମା, ସବୁକଥା ବାପାଙ୍କୁ ଖୋଲିବାକୁ ମନା କରିଥିଲି ଯେ ।'

× + × ×

"ତୋ ଗୋଡ଼ ଭାଙ୍ଗିଲା କେମିତି ?"

"ବାଲ୍ ରୁମରେ ପଡ଼ିଗଲି ।"

"କେମିତି ପଡ଼ିଲି ?"

"ମୋ ମାଇପ କହିଲା ଛିଡ଼ିବାକୁ ପା । ମୁଁ ପ୍ରତିଜ୍ଞା କରିଥିଲି ତା କଥାରେ କେବେ ରହିବ ନାହିଁ ।"

+ + + +

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ତରୁଣମାନଙ୍କର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଜଗର'ର ମାଧ୍ୟମରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଆଗ୍ରହ ବଢ଼ାଇବା । ୪ । ସତ୍ୟ, ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ଉଣା ବାଳକ ବାଳିକାମାନଙ୍କ ପାଇଁ)

ସ୍ନେହର ନାତି ନାତୁଣୀଏ,

ସ୍କୁଲ କଲେଜ ଖୋଲିଲା । ସମସ୍ତେ ପାଠ ପଢ଼ାରେ ମନ ଲଗେଇ ଦିଅ । କିନ୍ତୁ ସମସ୍ତଙ୍କୁ ଅନୁରୋଧ କରିବି ଯେମିତି ସମସ୍ତେ ପ୍ରତିଦିନ କିଛିନା କିଛି ଭଲ କାମ କର । ସେ କଥାଟିକୁ ଟିପା ଖାତାରେ ଲେଖିରଖ । ଆଉ ଯେଉଁ କାମ କରି ପକାଇ ତମେ ଦୁଃଖ କରିଚ ତାକୁ ବି ଲେଖିରଖ । ଏ ଟିପା ଖାତା ଉପରେ ବଡ଼ ବଡ଼ ଅକ୍ଷରରେ ଲେଖ— 'ଭଲ ମନ୍ଦ' । ତା ତଳେ ତମ ନାମ ଲେଖ । ସୁନ୍ଦର ସୁନ୍ଦର ଅକ୍ଷର କରି ଲେଖିବ— .

ତମର—ଅଜା

## ଅଜାଙ୍କ ଜବାବ

ଭରଦ୍ୱାଜ—ତମ ନାଗ ନମ୍ବର ୫୪୧

ସଦାଶିବ—ତମ ନାଗ ନମ୍ବର ୫୪୦ ।

ଗୋପୀନାଥ—ପୁରୁଣା ନାଗ ତାଲିକା ଜଗରରେ ପ୍ରକାଶ କରିବା ଅସମ୍ଭବ । ନୂଆଙ୍କ ପାଇଁ ସ୍ଥାନ ନାହିଁ । ଡାକରେ ପଠାଇବାର ଚେଷ୍ଟା କରିବି ।

## ନାଗଙ୍କ ଚିଠି

ପ୍ରିୟ ଅଜା,

ପ୍ରଣାମ । ନବମ ବର୍ଷ ପ୍ରଥମ ସଂଖ୍ୟା ଜଗରର ୧୬ ପୃଷ୍ଠାର ପ୍ରଥମ ସ୍ତମ୍ଭରେ ଗୋପୀକାନ୍ତ ଦାସଙ୍କ ଲିଖିତ 'କାଣ ?' ବିଷୟଟି 'ସାହିତ୍ୟ-ସମାଚାର' ପୁସ୍ତକର 'ହିନ୍ଦି ସାହିତ୍ୟର କଥା ସମ୍ରାଟ ପ୍ରେମଚାନ୍ଦ' ନାମକ ପ୍ରବନ୍ଧର ପ୍ରଥମ ପାରାରୁ ଅବିକଳ କପି ( copy ) କରି ହୋଇଛି ।

ନାଗଭାଇମାନେ ମନରୁ ଭାବି ଲେଖିବା ଉଚିତ । ମୋ ମତରେ ସେମାନଙ୍କ ପକ୍ଷରେ ଏପରି କରିବା ଅନ୍ୟାୟ ।

ଶ୍ରୀ ପାର୍ଥସାରଥି ମହାପାତ୍ର

୩୬୧ ନମ୍ବର ନାଗ

ଏହିଭଳି ଚୋରମାନଙ୍କୁ ନାଗ ପଣିଆ ଚଳେ ନାହିଁ—ଅଜା ।

### ଅବସର ବିନୋଦନ

ଉନୋଟି ଅକ୍ଷରେ ନାମ ସେ ସ୍ଥାନ,
ଖରାଦିନେ ଅଟେ ସ୍ୱର୍ଗ ସମାନ ।
ଜଗଦୀଶ୍ୱରଙ୍କ ଗ୍ରୀଷ୍ମାବାସ,
କେତେ ଲୋକ କେତେ କ ଅବକାଶ ।
ଶେଷ ଦୁଇ ବର୍ଣ୍ଣ ମୃତ ଉପମ,
ତୃତୀୟ ପ୍ରଥମ ମିଳାଇ ସମ ।
ସଭିଏଁ ତହିଁରେ ହେଲେଣି ଯୁକ୍ତ,
ହୁଏ ସ୍ୱାଧୀନତା କ ହରିଲିଟ ।

## ନୂଆ ନାଗବଚାଙ୍କ ନାମ

୬୦୭ । ଶ୍ରୀମତୀ କମଳା ଦେଈ C/o ଶ୍ରୀ ଗଙ୍ଗାଧର ଦାସ ଗ୍ରାମ ଟୁଙ୍ଗା—ପୋ: ଅଲ, କଟକ । ୬୦୮ । ଶ୍ରୀମତୀ ଯଶୋଦା ଦେଈ C/o ଶ୍ରୀ ହରିବନ୍ଧୁ ଦାଶ ଗ୍ରାମ—ଟୁଙ୍ଗା, ପୋ: ଅଲ, କଟକ । ୬୦୯ ଶ୍ରୀମତୀ କମଳ କୁମାରୀ ଦେବୀ C/o. ଶ୍ରୀ ଗୋବିନ୍ଦ ଚନ୍ଦ୍ର ପରିଡ଼ା . କରପଡ଼ା— ପୋ. ରାଜ କନିକା କଟକ ।

## ନାଗବଚ୍ଚା କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବଚ୍ଚା ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ ବାର୍ଷିକ ଚାନ୍ଦା ଟ ୦ / ଅଜୀବନ ଚାନ୍ଦା ଟ ୦ ୫ ର ଡାକଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ..................................

ଠିକଣା ..................................

ତାରିଖ

Digitized by srujanika@gmail.com




ନାଜି ବୈଦେଶିକ ମନ୍ତ୍ରୀ ରିବେଣ୍ଟ୍ରପ ଧରା ପଡିଲେ ।—ଯଥାର୍ଥ ।

ଶୁଣାଯାଏ ହିଟଲର ଚର୍ଚ୍ଚିଲ ଓ ଇଡେନଙ୍କଠାକୁ ଏକ ଅନ୍ତିମ ଆଶା ଲେଖି ରିବେଣ୍ଟ୍ରପଙ୍କ ହାତରେ ଦେଇଛନ୍ତି ।—ମରଣକାଳେ ତାହା ଜାଣି ।

ପଞ୍ଜାବ ମେଲ ଦୁର୍ଘଟଣାରେ ଦୁଇଜଣ ସାକ୍ଷୀ ପୂର୍ବରୁ ଯାହା କହିଥିଲେ ତାହା ପୁଲିସ ଶିଖାଇବାରେ କହିଛନ୍ତି ବୋଲି ଆବେଦନ କଲେ ।—ଗୁରୁଦ୍ରୋହୀ ।

ଗୋଏବଲ୍ସ କାହାନ୍ତି ?—ଗୌରାଙ୍ଗଙ୍କୁ ଭଜୁଥିବେ ।

ଇଟାଲିରେ ଫେସିଷ୍ଟମାନଙ୍କୁ ଧରି ଗୁଳି କରି ଦିଆ ଯାଉଛି ।—......ଗୁଳିଖୋର ।

ଲଙ୍କା ଅଞ୍ଚଳରେ ଲୋକେ ଆତ୍ମହତ୍ୟା କରୁଛନ୍ତି ।—ମିଥ୍ୟା କଥା । ନଟୈବ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ଇତି ସରକାରଃ !

ଜଣେ ସ୍ତ୍ରୀ ଲୋକ ଲଙ୍କା ଅଞ୍ଚଳରେ ଆତ୍ମହତ୍ୟା କରୁଥିବା ଅବସ୍ଥାରେ ଧରାପଡିବାରୁ ସରକାର ଶାଢ଼ୀ ଖଣ୍ଡେ ଦେଇଛନ୍ତି ।—ପାଞ୍ଚାଳୀର ଦୁଃଶାସନ ଲଙ୍ଗଳା କରାଇଲେ ବାସ ଦେଇଛ ! ପ୍ରଭୁ କାଳଯାକ ଗଳ୍ପ ସତ !

ବଙ୍ଗଳାର ଜନୀବର କହିଲ ।—ମୃତ୍ୟୁ ତ ଡାକୁଛି ।

ଯୁକ୍ତ ପ୍ରଦେଶର ସରକାରରେ ଜଳ କାରଖାନା ବସାଇବା ପାଇଁ ଆମେରିକା ପୂଜାରେ ଓ୍ୱାଶିଂଟନ ପଠାଇଲେ ।—ଅଲ୍ଲାଦିନ ଓ ଆଶ୍ଚର୍ଯ୍ୟ ପ୍ରଦୀପ ।

ଫରାସୀ ବ୍ୟବସ୍ଥାପକ ଲେବାନନର ପୂର୍ଣ୍ଣ ସ୍ୱାଧୀନତା ଘୋଷଣା କଲେ :—ଚରଣେ ବା ଦାସତ୍ୱତା ।

ସ୍ୱାଧୀନ ଆମେରିକାର କମ୍ୟୁନିଷ୍ଟମାନେ ଓ୍ୱାଲେସଙ୍କ ପ୍ରସ୍ତାବକୁ ବ୍ୟର୍ଥ ବୋଲି ଘୋଷିଛନ୍ତି ।—ଆମ ପରାଧୀନ କମ୍ୟୁନିଷ୍ଟମାନେ ସ୍ୱାର୍ଥ ବୋଲି ଆଶା ପୋଷିଛନ୍ତି ।

ବଙ୍ଗଳାର ସମସ୍ତ କଂଗ୍ରେସ କମିଟି ଉପରୁ ନିଷେଧ ଆଜ୍ଞା ଉଠି ଯାଉଛି ।—ଉଠି ଯିବ ବୋଲି କାହାର ଆଜ୍ଞା ? ବଙ୍ଗ ସରକାରଙ୍କର କୋଟି କୋଟି ଆଜ୍ଞା ।

ଗାନ୍ଧିଙ୍କ ଭାରତରେ ଧର୍ମରାଜ୍ୟ ବା ସ୍ୱର୍ଗ ରାଜ୍ୟ ସ୍ଥାପନ କରିବାକୁ ଚାହାନ୍ତି । ଭାରତର ପ୍ରତ୍ୟେକ କ୍ଷେତ୍ରରେ ସତ୍ୟ ଏବଂ ଅହିଂସା ପ୍ରତିଷ୍ଠା କରିବ ।—ଅମେରି ସତ୍ୟ ଓ ଓ୍ୱାଭେଲ ଅହିଂସା ତଥା ଇଂରେଜ ସ୍ୱର୍ଗ ।

କଂଗ୍ରେସ କାର୍ଯ୍ୟକାରୀ କମିଟି ଆଜାଦଙ୍କ ଚଢ଼ାଇଙ୍କ ସନ୍ନିଧାନରେ ଯାହା ସ୍ଥିର ତାହା କବଗାର ସ୍ୱାଧୀନତା ମୂଳ କ୍ଷମତା ଦେଲେ ।—ବନା ଶିରପାରେ ।

ଓଡ଼ିଶାରେ ଅନ୍ତତଃ ୩୧ ଜଣ ଅଟକ ବନ୍ଦୀ ଅଛନ୍ତି ।—ମୁକ୍ତ ହୋଇବେ ନେ ଶବ ।

ଓଡ଼ିଶା ସରକାର ଯୁଦ୍ଧୋତ୍ତର ଗଠନର ପରିକଳ୍ପନା କରୁଛନ୍ତି ।—ଯୁଦ୍ଧୋତ୍ତର ବୋଝର ଦରକାର ।

ବନ୍ଦୀ ଯୋଦ୍ଧାମାନଙ୍କ ମଧ୍ୟରୁ କେହିରରେ ଦଣ୍ଡ ଦିଆଗଲା ।—ଚୋର ଯାଉ ମୂଷା ଥାଉ ।

ସ୍ୱିଡେନର କମ୍ୟୁନିଷ୍ଟମାନେ ଗଣ ସଙ୍ଘରେ ଯୋଗ ଦେବାକୁ ନାସ୍ତି କରିଛନ୍ତି ।—ଏକୁଟିଆ ପାଣ ।

ଚର୍ଚ୍ଚିଲ ସମାଜବାଦୀମାନଙ୍କୁ ଭାରସ୍ୱାର ଗାଳି କରୁଛନ୍ତି ।—ଯାହାକୁ ଯେ ଦେଖି ନ ପାରେ ସେ ଅଧରେ ଉଠି ମାରେ ।

ଫରାସୀ ସୈନ୍ୟମାନଙ୍କୁ ବ୍ରିଟିଶ ପୁରସ୍କାର ଗ୍ରହଣ କରିବାକୁ ତାଙ୍କ ସରକାର ମନା କରିଛନ୍ତି ।—ଲକ୍ଷ୍ମୀନାମ ଅଜଠାରୁ ଘୋ ସକଳ, ଦକ୍ଷିଣାଇଲଙ୍କ ଦେହ—

ବ୍ରିଟିଶ ଶିଳ୍ପ ଧ୍ୱଂସ ଓ ଭାରତୀୟ ମଜୁରିଆମାନଙ୍କ ମଧ୍ୟରେ ଅଦଳ ବଦଳ କରିବା ବିଷୟରେ ଶିକ୍ଷା ଅନୁଷ୍ଠାନର ବିରଳାଙ୍କ ସହିତ ଲଣ୍ଡନରେ ସାର ହୋଇଛି ।—ଗୁରୁ ଶିଷ୍ୟ ।

ଫ୍ରାଙ୍କୋ ସ୍ପେନର ଗଦିରୁ ଖସୁଛନ୍ତି ।—ଖବର ଫାଙ୍କି ।

ସୁଭାଷ ଡକ୍ଟରର କ୍ଷମତା ହାତରୁ ନେଲେ ।—ମରଣକାଳେ ବିପରୀତ ବୁଦ୍ଧି ।

ସିମଲା ସଭାର କାର୍ଯ୍ୟ ଗାନ୍ଧିଙ୍କ ଉପରେ ଆରମ୍ଭ ହେଲା ।—ବର କନିଆ ଥାଉ ସେହି, ତାଙ୍କୁ ଆନ ଗତି ନାହିଁ ।

ଲୁଟିବା ଲଣ୍ଡନର ସମ୍ମାନ ନେଲେ ।—ଭୁଷେଇ ସର୍ବ ମନ ଦେବ ଦେବ ।

ସୋଭିଏଟ ଲେଖକ ମିଶନ ଭାରତ ପରିଦର୍ଶନ କରି ଲେଖିଛନ୍ତି—ବଙ୍ଗଳା କଳା ଲୋକଙ୍କୁ ଟ୍ରେନର ଶିଡ଼ି ଉପରେ ସଂକେତ ଦେଇ ଗୋରାମାନେ ନିଜ ପାଇଁ କାଚ ଶୀତଳ କାମରା ଓ ଖାଦ୍ୟାଗାର ବ୍ୟବସ୍ଥା କରିଛନ୍ତି ।—କାହିଁ ରାଣୀ, କାହିଁ ଚନ୍ଦନ ଦାସୀ ।

ବିଲାତ ଶ୍ରମିକ ଦଳ ଓ୍ୱାଭେଲ ଯୋଜନାକୁ ସର୍ବୋତ୍ତମ ପନ୍ଥା ଯୋଜନା ବୋଲି କହିଛନ୍ତି ।—ତଳାରୁ ଯେତେକ ତାହାର ସମସ୍ତେ ଅପୂର ଅକାର ।

ଯୁକ୍ତ ପ୍ରଦେଶ ଗୋପାଳାଚାରୀଙ୍କ ଉପରକୁ ଜଣେ ବାଡି ଫିଙ୍ଗିଦେଲା ।—ତାଙ୍କ ନାଡ଼ ସୁକ୍ତ ।

ବମ୍ବେ ସହରର ପଦ ବ୍ୟାପୀ ଏକ ସ୍ୱାସ୍ଥ୍ୟ ଯୋଜନା ସାଉଥ୍‌ବୋରେ ଦ୍ରୁତ ପାଇଲା ।—ଗୋପାଳଗୁଣ୍ଡଙ୍କ ଭାରତ ଲେଖା ।

କଲିକତାରେ ଦୁର୍ଭିକ୍ଷ ଯୋଗ ପଡିଛି ।—ଦିଲ୍ଲୀରେ ଦୁର୍ଭିକ୍ଷ ଯୋଗ ପଡିବ ।

ଜର୍ମାନର କମ୍ୟୁନିଷ୍ଟମାନେ ସୋଭିଏଟ ସରକାର ପ୍ରଥାକୁ ପସନ୍ଦ କରୁ ନାହାନ୍ତି ।—ଅନାସକ୍ତ ସାମ୍ୟବାଦ ।

ଆମେରିକା ବୈଦେଶିକ ମନ୍ତ୍ରୀ ଷ୍ଟେଟିନସ ଇସ୍ତଫା ଦେଲେ ।—ଷ୍ଟ୍ରୀଙ୍ଗ ସାଫ୍ ହ ଗଏ ।

Digitized by srujanika@gmail.com

# ବଡ ମୁହଁରେ

ନେହେରୁ—କଂଗ୍ରେସ ମୃତ ନୁହେଁ ।—କେବଳ ସରକାରଙ୍କ ଅଫିସରେ ଭୂତ ।

ପାରଳାଧୀଶ—ଓ୍ୟାଭେଲ ପ୍ରସ୍ତାବ ସ୍ୱାଧୀନତା ଦିଗରେ ଏକ ପଦ ଅଗ୍ରସର ।—ପାଦମେକଂ ନ ଗଚ୍ଛତି !

ବର୍ମାଲାଟ—ବର୍ମାରେ ପୁନରାୟ ଶାସନ ଭାର ବହିବାର ଅଭି-ପ୍ରାୟ ବ୍ରିଟେନର ନାହିଁ ।—ନୂତନ ଶାସନ ଭାର ବହିବା ପାଇଁ ତ ଅଛି !

ସେଇ—ବର୍ମାର ସ୍ୱାଧୀନତା ଅତି ଅଗରେ ।—ଜଳା ଭ୍ରମରର ଜଣି ନାକମାନର ଦଶେ ମୃଗତୃଷ୍ଣା ଜଳ ।

ଡାକ୍ତାରଖରେ—ସିମିଲା ସମ୍ମେଳନୀ ସଫଳ ହୋଇପାରେ ।—ଅମ୍ବ ଗଛରେ ମେଓ୍ୟା ଫଳିବ ।

କମ୍ୟୁନିଷ୍ଟ ପି, ସି, ଯୋଶୀ—ବୁଲଭାଇ ଜାପାନ ଟ୍ରେକ୍ ଅନ୍ତର ହୋଇଥାଉ କରିବା ।—ବ୍ରିଟିଶ ସାମ୍ରାଜ୍ୟବାଦ ବଞ୍ଚିବାକୁ ଅନ୍ତର ହୋଇରେ ୨ଃକ ଧରିବା ।

ସେଇ—କଂଗ୍ରେସ ଲିଗ୍ ସମ୍ମିଳିତ ସରକାର ହାତକୁ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ହାତରେ ଥିବା କ୍ଷମତାଠାରୁ ଅଧିକ ପାଇବ ।—ମନେ ମନେ ଗିଅ ଖେଉଛ ।

ସେଇ—ବ୍ରିଟିଶ ସରକାର ଆମ ହାତରେ ପ୍ରକୃତ କ୍ଷମତା ଛାଡ଼ି ଦେଉଛନ୍ତି ନାହିଁ ତାହାର ବଦଳ ଏହି ଦଳକୁ ଷେୟର ଦଲେ ଭୁଲ ହେବ ।—ଅନ୍ୟ ଉପାୟର ବଦଳ ପାଇଁ ଏହି ଗୋଟିଏ ଦଶନ୍ତୁ ।

ଅମେରି—ଓ୍ୟାଭେଲ ପ୍ରସ୍ତାବ ଭାରତକୁ ଏକ ଭାଗ୍ୟ ଦାନ ।—ଭଲହଣୀ ବହି ।

ସେଇ—ଯେଉଁ ବୌଦ୍ଧଧର୍ମାବଲମ୍ବୀମାନେ ଧର୍ମକୁ ନିଶା ବୋଲି କହି-ଛନ୍ତି ସେମାନେ କେଳେସେନ ଭାଗାନ ତେଲ ଛାଟିର କରନ୍ତି ।—ମଦ କଣ ? ସେଟା ଭୂତଙ୍କ ହେଲେ ହେଉଥିବ ।

ସହାଗ—ସବୁ କଥାକୁ ପିଟି ଦେବା ଆମ ଅଭ୍ୟାସ ହେଇ ଗଲଣି ।—କ୍ଷମତାର ଅଟେ ଯେତେ କହିଲେ !

ସେପୁଣି—ଯା ମିଳୁଛି ନିଅ, ଯାହା ମିଳୁନାହିଁ ତା’ ଦାବି କର ।—ଭାତ ବଦଳରେ ଜାଉ ମିଳିଲେ ନିଅ, ଓ ଗାଡ ପାଇଁ ଦାବି କର ।

ପରାଧୀନ ଜାତିମାନଙ୍କର ଲଣ୍ଡନ ସଭାରେ ଦାବି—ଉପନିବେଶ ଲୋପ ହେଉ !—ଅରଣ୍ୟ ରୋଦନ ବିଂସେଇଙ୍କ ବନ୍ଧୁତା ଘୃଣାବ ।

ଗାନ୍ଧିଜି—ନିହତ ଶତ୍ରୁଙ୍କ ଜୟ ଅସତ୍ୟ ଉପରେ ସତ୍ୟର ଜୟ ନୁହେଁ ।—ଭାବ ଉପରେ ଦୈବିକ ଜଗତର ଜୟ ?

ଗାନ୍ଧିଜି—ଅକ୍ଷଶକ୍ତିରେ ବଡଲୋକ ଅନ୍ତର ଅନିଷ୍ଟକର ହୋଇଥାନ୍ତି ।—ମହାରଥୀଙ୍କୁ ଯାଇ କାହାର ତ !

ଗାନ୍ଧିଜି—ନିଜର ଶତ୍ରୁ ଅନ୍ତତଃ ମୁହଁରେ, ଅହିଂସା ସତ୍ୟ ଇତ୍ୟାଦି କହୁଥିଲେ ।—ମୁହଁ ନଥିଲେ ଡିଟି ଅରକ୍ଷିତ ।

ଚର୍ଚ୍ଚିଲ୍—ଫ୍ରାନ୍ସ ସହାୟତା ବିନା ଶାନ୍ତି ନାହିଁ ।—ମୁହଁ ଟାଣ ।

ଗାନ୍ଧିଜି—ହିମଗିରି ଯେ ପୂର୍ଣ୍ଣ ସଭଗଣ ।—ବ୍ରିଟିଶ ସଭ୍ୟ ଯେ ପୂର୍ଣ୍ଣ ଜଣଗଣ !

ଗାନ୍ଧିଜି—‘ଭାରତ ହିନ୍ଦ’ କଥାଟା ମୋତେ ବାଧୁଛି ।—ବିଶ୍ୱାସନୈତିକ ବର୍ଣ୍ଣବୀ—

ଉଚ୍ଚାଧିକାରୀ—ବ୍ରିଟିଶ ଶାସନ ସମ୍ବନ୍ଧରେ ଶେଷ ସମ୍ମ—ବଙ୍ଗ ଦୁର୍ଭିକ୍ଷ ।—ପୁଣି କଷ୍ଟ ଦୂରଣ ।

ଉତ୍ତାଧିକ—ମୁଁ ଗୋଟିଏ ପଦଙ୍କ ମାରେନାହିଁ କେବଳ ଯଦି ସବୁ ମୁନାଫା ଖୋରଙ୍କୁ ଫାସିରେ ଝୁଲାଇ ମାରିବାଅ ଯା’ଏ ତେବେ ମୋତେ ତାହା ସବୁଠାରୁ ଅଧିକ ଆନନ୍ଦ ଦେବ ।—ଭାରତ ସରକାର ତାହା ଯେଉଁ ପରି କରିବେ ?

ରାଜଗୋପାଳାଚାରୀ—କଂଗ୍ରେସ ନେତା ହେବା ବାଟରେ ମୋର ଏ ହିମଳା ସମ୍ମିଳନୀରେ ସ୍ଥାନ ନାହିଁ ।—ଯେତେବେଳକୁ ଯେଉଁ କଥାରେ ସଙ୍ଗାତ, ଯେତେବେଳକୁ ଯେଉଁ କଥା ।

ଚର୍ଚ୍ଚ୍ଲିଲ—ଚର୍ଚ୍ଚିଲ ନିତାନ୍ତ ଖେମାଳ ପ୍ରିୟ ଲୋକ ପିଲଙ୍କ ଭାଷାରେ ନିର୍ବାଚନ ବକ୍ତୃତା ଆରମ୍ଭ କରିଛନ୍ତି ।—ପ୍ରେମିକା କିଏ ?

ଲୁଟେଭାଲୁ—ଜୟ ତାହିଜା ପୃଥିବୀର, ସର୍ବଶ୍ରେଷ୍ଠ ଶକ୍ତି ।—ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।

ମୁର୍ଖଜୀ—ହିନ୍ଦୁଙ୍କ ଦାବିବା ଓ୍ୟାଭେଲ୍ ଯୋଜନା ଏକ ଷଡ଼ଯନ୍ତ୍ର ।—ହିନ୍ଦୁମାନେ ‘ଜାତ୍ୟାନି ଯନ୍ତ୍ର’ ହାତରେ ବାନ୍ଧନ୍ତୁ ।

ଭବାନ୍ଦର—ପୃଥିବୀ ସମାଜବାଦ ଉପରେ ଠିଆ ହେବ—କେବଳ ସାମ୍ରାଜ୍ୟବାଦ ଉପରେ ନୁହେଁ ।

ନେହେରୁ—ପୁରୁଣା ବୋଲି ଛାଡ଼ିଦିଅ ।—ଏଡ଼ିଅମାନେ ବଡ଼ାର ବୋଲିତ ଧରିଛନ୍ତି କେବଳ ।

---

(ତଲିଅ ବସ୍ତର ୨ୟ ପୃଷ୍ଠା ଉତ୍ତରୁ)

ଏକାସାଙ୍ଗରେ ବସା ଉଠା—ପାଣି ଗଣ୍ଡୁ ନଥିଲା । କେବଳ ସବୁଦିନେ ବାହିଁ—କ୍ଷତ ପୀରତ୍ତି ନା ସବୁଦିନେ ବାହିଁ ସ୍ୱଦନା ଗଛ । ଚର୍ଚ୍ଚିଲଙ୍କ ହ୍ରେପାମି ସାଙ୍ଗକୁ ଏ ଟପାମି ତ ଏକ ମଜାର ରଜନୀତି ସ୍ଥଳ । ଦେଖାଯାଉ କିଏ କାହାକୁ ଟପୁଛି । + × ×

କାଶ୍ମୀର ବସର ଅର୍ଦ୍ଧ ବିଶପ ସାମ୍ୟବାଦ (କମ୍ୟୁନିଜମ)କୁ ବନ୍ଧୁତ ଭାବ ସ୍ୱୀକାର କରିଛନ୍ତି । ନିଜେ ଦୋଷ ବାଢ଼ିବାକୁ ସାହସ ନପାଇ ଶେଷେ ଭଗବାନଙ୍କୁ ତାଙ୍କ ଭଗବାନଙ୍କ ନାମରେ ଗାଳି ଦେଉଛନ୍ତି । ନିଜ ପଛରେ ଯେତେ ଘୃଣା, ପରକୁ ଦୋଷ ଦିଅନ୍ତେ କମିଛି । ତେଣୁ ଏଇ ଭଗବାନ ସବୁଦିନେ ଠକ ଧର୍ମ ଦଳ । ପଣ୍ଡା ପୁରୋହିତମାନଙ୍କ ଘୃଣ ପୋଷି କାମ କରି ଆସିଛନ୍ତି । ତାଙ୍କ ଲକ୍ଷ୍ୟ ସେ ସବୁଦିନେ ନିବାରଣ କରିଛନ୍ତି—ମାନବକାରଣ ନାମ କହିଛନ୍ତି । ସାମ୍ୟବାଦୀ-ମାନେ ଏଇ ଭଗବାନଙ୍କ ସତ୍ତା ଫଳରେ ଅବଶ୍ୟ ସେତିକ ଅସୁ-ବିଧା ହେଉଛି । ତାଙ୍କ ମୁହଁକୁ ପୋଛିବାକୁ କେହିନାହିଁ । କେବଳ ତାଙ୍କର ଅଭ ଗୋଟାଏ ବଡ଼ ଗୁଣ ଯେ—ସେ ହଟିଲେ ବି ତାକୁ ଘୃଣ ବୋଲି କହନ୍ତି ନାହିଁ । ତାଙ୍କ ଘୃଣ ଘୃଣାବ ସବୁ ହାଲିଅ ।

ଅର୍ଦ୍ଧ ବିଶପ ସେ ହାଲିଅର ସନ୍ଧାନ ପାଇ ନାହାନ୍ତି ବୋଲି ଗାଳି ଦେଉଛନ୍ତି । ଯଦି ପାଆନ୍ତେ ତେବେ ମୁହଁରେ ହେ ବଡ଼ କଥା କହି ରଣ୍ଡି ଦାଉ ଅଧିକ ସୁବିଧା ଉପାୟଟାକୁ ସେ ଗଢ଼ନ୍ତେ ନାହିଁ । ତାଙ୍କ ପାଦ୍ରୀ ପୋଷାକ ଓଲ୍ଟାଇ ସେ ସଙ୍ଗେ ସଙ୍ଗେ ନିଶ ଉଷ ଲଲ୍ ୯ ଣ୍ଡା ଉଡ଼ାନ୍ତେ ।

Digitized by srujanika@gmail.com

# MATRIC MANUAL.

A Series in four parts, presenting **six years University Questions** (Final & Supplimentary) with answers Easy Inteligent and Convincing.

PART I—Mathematics :—Best help in absence of qualified experienced teachers. Methods easy and attractive to overcome difficulties. Price—**Rs. 1-8**

PART II—Geography :—Both physical and political portions represented in details with the help of diagrams wherever necessary. One of the greatest, useful and attractive features of the book is the **systematic arrangement of facts.**

PART III—English :—Up-to-date and lively answerss in simple **idiomatic English.** Best help to learn and write English. **Originality**—highest factor, plays an important part in **Essays and grammatical** portions. Price—1-8

PART IV—History :—Under preparation.

---

## NOTES ON A WAY to ENGLISH

Book IV & Book V

Price Rs 1/2 & Rs 2/- respectively

A modern help book. Word notes in simple English as well as in Oriya. Peculiar grammatical uses with the word notes are interesting for easy and better understanding of the "Grammatical Complexities." Complete Oriya renderings of all the passages and the explanations of all the difficult sets are valuable additions to the feature of the book.

## ବାଳ ନୀତି ମଞ୍ଜରୀ ପ୍ରକାଶିକା
## ପ୍ରଥମ ଓ ଦ୍ୱିତୀୟ ଭାଗ

ମୂଲ୍ୟ ଯଥାକ୍ରମେ ୪୦୯୵ ଓ ୪୦୫ ମାତ୍ର

ସଂସ୍କୃତ ଶିକ୍ଷାର ପ୍ରଥମ ସୋପାନରେ ଶିକ୍ଷାର୍ଥୀମାନଙ୍କର ସାଧାରଣତଃ କ୍ଲେଶ ଜନକ ଆଶଙ୍କା ଜନ୍ମିଥାଏ । ତାର କାରଣ ସଂସ୍କୃତ ସାହିତ୍ୟର ବ୍ୟାକରଣ ଆୟତ୍ତ କରିବା ଅତି ଦୁରୂହ ।

ଛାତ୍ରମାନଙ୍କ ପକ୍ଷରେ ଟୀକାହିଁ ଏହା ଦୂରୀକରଣର ଉପାୟ । ଯେହେତୁ କଥିତ ଅଛି—

"ଟୀକା ଗୁରୁଣାଂ ଗୁରୁଃ"

---

N. B. Please ask for the books first to your nearest bookseller and then if necessary place orders with some advance.

Published at
**KRUSHNA BHANDAR**
Chaudhury Bazar
CUTTACK.


Digitized by srujanika@gmail.com

ଭୂତପୂର୍ବ-ପ୍ରଧାନ ମନ୍ତ୍ରୀଙ୍କର
**ଉଚ୍ଚ ପ୍ରଶଂସା**

ଶ୍ରୀ ପଦ୍ମଚରଣ ପରିଡ଼ା (ପାତ୍ରାଗ୍ରାମ)ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼ାକ୍ଟସ୍** ପରିଦର୍ଶନ କରି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

**ସ୍ବାଃ ଶ୍ରୀ ବିଶ୍ୱନାଥ ଦାସ**




# କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡକ୍ଟସ୍
ଇଣ୍ଡିଆ ।

---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ୍ ବ୍ୟାଙ୍କ ଲି:—

ହେଡ୍ ଅଫିସ— କଲିକତା

**ଶାଖା ଅଫିସ୍ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡ଼ି, ଜୟନଗର, ମଜଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନୟାଦିଲ୍ଲୀ, ନାଗପୁର । ମ୍ୟା—ପି. ଏନ୍: ରାୟ ଚୌଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୯ ଜମା ଦେଲେ ୪ର୍ଥ ପରେ ଓ ୫ମ ବର୍ଷ ଶେଷରେ ୫୧୭୦ ଟଙ୍କା ପାଇବେ


Printed & published by G, C, Mahapatra at the Gopinath Press, Bhadrak, 1945.

Digitized by srujanika@gmail.com




**ନୂଆ ଆକର୍ଷଣ—**

**କଳି ମହାଭାରତ**

ଲେଖକ

**ଶ୍ୱେତଦ୍ୱୈପାୟନବ୍ୟାସ**

ପୁଣି ଦେଖନ୍ତୁ—

**ବାନ୍ଧବଙ୍କର**

ଦାମ୍ପତ୍ୟ କଳହେ ଚୈବ

ତଥା

**ମଜା କବିତାରେ**

ଫଟାବୁକ୍

ଉତ୍କଳ ମଣିଙ୍କର

**ସପ୍ତଦଶ ବାର୍ଷିକୀ ଉପଲକ୍ଷେ—**

**'ଡଗର'**

ଶ୍ରଦ୍ଧା

**ଅର୍ପଣ କରୁଛି ।**

**ମନ୍ତ୍ରଃ—**

ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।

୯ମ ବର୍ଷ—୪ର୍ଥ ସଂଖ୍ୟା ଆଷାଢ଼ ଦ୍ୱିତୀୟାର୍ଦ୍ଧ

Digitized by srujanika@gmail.com

# MATRIC MANUAL.

A Series in four parts, presenting **six years University Questions** (Final & Supplimentary) with answers Easy Inteligent and Convincing.

PART I—Mathematics :—Best help in absence of qualified experienced teachers. Methods easy and attractive to overcome difficulties. Price—Rs. 1-8

PART II—Geography :—Both physical and political portions represented in details with the help of diagrams wherever necessary. One of the greatest, useful and attractive features of the book is the **systemetic arrangement of facts**.

PART III—English :—Up-to-date and lively answers in simple **idiomatic English.** Best help to learn and write English. **Originality**—highest factor, plays an important part in **Essays and grammatical** portions. Price—1-8

PART IV—History :—Under preparation.

---

## NOTES
### ON
## A WAY to ENGLISH

Book IV & Book V

Price Rs 1/2 & Rs 2/- respectively

A modern help book. Word notes in simple English as well as in Oriya. Peculiar grammatical uses with the word notes are interesting for easy and better understanding of the "Grammatical Complexities." Complete Oriya renderings of all the passages and the explanations of all the difficult sets are valuable additions to the feature of the book.

## ବାଳ ପାଠ ମଞ୍ଜରୀ ପ୍ରକାଶିକା
## ପ୍ରଥମ ଓ ଦ୍ୱିତୀୟ ଭାଗ

ମୂଲ୍ୟ ଯଥାକ୍ରମେ ।୦୵୦ ଓ ।୦୵ ମାତ୍ର

ସଂସ୍କୃତ ଶିକ୍ଷାର ପ୍ରଥମ ସୋପାନରେ ଶିକ୍ଷାର୍ଥୀମାନଙ୍କର ସାଧାରଣତଃ କ୍ଲେଶ ଜନିତ ଅଶ୍ରଦ୍ଧା ଜନ୍ମିଥାଏ । ତାର କାରଣ ସଂସ୍କୃତ ସାହିତ୍ୟର ବ୍ୟାକରଣ ଆବୃତ୍ତି କରିବା ଅତି ଦୁରୂହ ।

ଛାତ୍ରମାନଙ୍କ ପକ୍ଷରେ ଟୀକାଟି ଏହା ଦୂରୀକରଣର ଉପାୟ । ଯେହେତୁ କଥିତ ଅଛି—

"ଟୀକା ଗୁରୁଣାଂ ଗୁରୁଃ"

---

N. B. Please ask for the books first to your nearest bookseller and then if necessary place orders with some advance.

Published at
**KRUSHNA BHANDAR**
Chaudhury Bazar
CUTTACK.


Digitized by srujanika@gmail.com




# ବିଲୁଆ ବିଚାର

୯ମ ବର୍ଷ— ୪ର୍ଥ ସଂଖ୍ୟା ଆଷାଢ଼ ଦ୍ୱିତୀୟାର୍ଦ୍ଧ

"ସରଗଲରେ—ଟପ ଟେଷ୍ଟ ମାଲ—ଧଅଡ଼ ଅସ—ଧଅଡ଼ ଅସ—ଏବେ ଲଡ଼ରେ ଟପ ଟେଷ୍ଟ ମାଲ—ବିଲାତି ମାଲ—ଚର୍ଚ୍ଚିଲଙ୍କ ଘୋଡ଼ାଶାଳରୁ ଆସିଛି—ତାଜା—ତାଜା—ଲଗାଅ ଲଗାଅ—ଯା—ଲେଇଯା—" ବୋଲି ଚିତ୍କାର ଉଠିଲା। ଦିଲ୍ଲୀଠାରୁ ସିମଲାଠାରୁ କୁମାରିକାଯାଏ କମ୍ପିଗଲା। ମାଳବାର ପାହାଡ଼ଠାରୁ, ସୁନ୍ଦରବନ ଗୁମ୍ଫା ଭିତରୁ ଓଡ଼ିଶାର ବନ୍ୟା ଅଞ୍ଚଳରୁ ମଧ୍ୟ ଲୋକ ଦଉଡ଼ିଲେ। ଏ ଜିନିଷ କି ଜିନିଷ ବୋଲି ରଡ଼ି ପଡ଼ିଲା। ସମସ୍ତେ ଯାଇ କୈଳାସ ବାଟ ହିମିଳା ଶିଖରରେ ଧାରଣା ଦେଲେ—ହେ ଶିବ ଶମ୍ଭୋ—ଦୟା କର ଦୟା କର। ଶେଷରେ ଶିବ ଶମ୍ଭୁଙ୍କ ନନ୍ଦୀ ଓ୍ୱାଭେଲ ସାହେବ ଆଣି ଗତ ଚଉଦ ତାରିଖ ଦିନ ବଡ଼ା ପଇସାରେ, ବଡ଼ା ଖରଚରେ, ବଡ଼ା ଉଡ଼ାଜାହାଜ ଉଡ଼ାରେ ଆଣିଥିବା ବିଲାତିମାଲ୍ ସମସ୍ତଙ୍କ ଆଗରେ ଥୋଇଦେଲେ।

—ଉପରେ ବଡ଼ ବଡ଼ ହରଫରେ ଲେଖା ହୋଇଛି—

'ଘୋଡ଼ା ଡିମ୍ବ'

× × × +

ଗାନ୍ଧି ବୁଢ଼ା ମୁଣ୍ଡ ଆଉଁସି ଆଉଁସି, ଆଜାଦ ସାହେବ ଦାଢ଼ି ଆଉଁସି ଆଉଁସି, ଜିନ୍ନା ସାହେବ ଟ୍ରାଉଜରର ଟେକ, ପାରଳା ରାଜା ନେଡ଼ ମୁଣ୍ଡ, ଫେରି ଆସିଲେ। ସମ୍ବାଦଦାତାମାନେ ପଚାରିଲେ, ଘୋଡ଼ା ଡିମ୍ବଟା କେମିତିକା? କିଏ କହୁଛି ଗୋଲ, କିଏ କହୁଛି ଲମ୍ବା, କିଏ କହୁଛି, ଚେପ୍ଟା, କିଏ କହୁଛି ଅଣ୍ଡାଳିଆ, କିଏ କହୁଛି ଆମେରିକା ପୁଅ ନୁହଁ ଭଳିଆ, କିଏ କହୁଛି ଚର୍ଚ୍ଚିଲଙ୍କ କଥା ଭଳିଆ, ପୁଣି ଅନେକ କହୁଛନ୍ତି, ଲର୍ଡ ୱାଭେଲଙ୍କ ମଥା ଭଳିଆ, ଆମେ କିନ୍ତୁ ଆଗରୁ କହୁଛୁ—ହାତୀର 'ହାଉଆଇ' ଭଳିଆ।

\+ + × ×

ଲର୍ଡ ଓ୍ୱାଭେଲ ସିମଳା ସମ୍ମିଳନୀ ଡକାଇ ନିଜେ କହିଲେ ଯେ ଏଥର ଯେତେଦୂର ସମ୍ଭବ ଅଧିକ ପ୍ରତିନିଧିମୂଳକ ଏକ୍‌ଜିକ୍ୟୁଟିଭର ସଭ୍ୟ ନିଆଯିବେ। ସେଥିରୁ ଲୋକେ ବୁଝୁଥିଲେ ଯେ କୌଣସି ଦଳ ଅଟକ ଧରିଲେ ରାଜି ଥିବା ଦଳକୁ ନେଇ ଗୋଟିଏ ନୂଆ କିଛି କରିବେ। ଯେତେବେଳେ ବଡ଼ଲାଟ ଭଳି ଲୋକ—'ଗଲାଣି ତ ଗଲା କଥାରେ ସଙ୍ଗାତ—'କହି ଖମା ମାଗିଲେ ସେତେବେଳେ କଳା ଲୋକଙ୍କ ମଗଜ ଟିକିଏ ଟେଢ଼ି ଗଲା। ସମସ୍ତେ ଦଉଡ଼ଗଲେ ସିମଳା ଥଣ୍ଡା ହାଉଆ ଖାଇବାକୁ। ଶେଷରେ ବଡ଼ଲାଟ ନିଜେ କହିଲେ—"ବାବୁ ମୁଁ କ'ଣ କରିବି, ଆପଣମାନେ ତ ଏ ଜିନିଷ ନେଉ ନାହାନ୍ତି। ଅଛା ନ ନେଲେ ନାହିଁ—ମୋର ଦୋଷରୁ ଆପଣମାନେ ସିନା ନଉ ନାହାନ୍ତି—ଆପଣମାନଙ୍କର କି ଦୋଷ। ଆପଣମାନେ ନେଇଥିଲେ ମୋର ପୁଣ୍ୟ ହୋଇଥାନ୍ତା—ନ ନେଲେ ମୋର ପାପର ଫଳ—ଭାଗ୍ୟର ଫଳ।' ଅହାହା—କି ମହାନୁଭବତା!

× × × +

ଜଣେ ସଭ୍ୟଙ୍କୁ ଜଣେ ସାମ୍ବାଦିକ ପଚାରିଲେ, "ଲର୍ଡ ଓ୍ୱାଭେଲ କ'ଣ ଦେଲେ?" ସେ ଆପଣା ଗାଲ ଆଉଁସି ଆଉଁସି କହିଲେ—'ଆଃ କ୍ଷୀର ମିଠା, କ୍ଷୀର ମୁଲାଏମ୍।' ଲର୍ଡ ଓ୍ୱାଭେଲଙ୍କ କଥାଟି ଅଧିକ ମୁଲାଏମ। ବଡ଼ଲାଟ ବଡ଼ ଧୀରେ ଧୀରେ, ଗୋଡ଼ ସାବୁନଲେଇ ପାଉ-ଡେଇ, ପ୍ରଥମେ ତେଲ ମାରି, ତାପରେ ପାଉଡର ମାରି, ତାପରେ ବ୍ରୁସ ଘଷି, ତାପରେ ହାତରେ ସାଙ୍ଗିନେଇ, ଅତ୍ୟନ୍ତ ଅତ୍ୟନ୍ତ ଚିକ୍କଣ କରି କ୍ଷୁର ଧରି ଲଗେଇଛନ୍ତି—ଦେଖଣି ନୁହେଁ। ଦେଖନ୍ତୁ, ଗାଲରେ ଟିକିଏ ଚିହ୍ନ ବି ନାହିଁ। ଯଦି ଥାଏ ତ ସେ ପ୍ରେମିକାର ଚୁମ୍ବନ ଚିହ୍ନ ହୋଇଥିବ—ଲିପଷ୍ଟିକ୍‌ର ଦାଗ କିମ୍ବା ତାମ୍ବୁଲ ବୋଲି ପର। ଯଦି ଘଣ୍ଟିଆ ହୋଇଥାଏ ତେବେ କହିବ—ଶୁକ ପକ୍ଷୀକୁ ଅତି ଖରଧାରେ ଚୁମ୍ବି ଦେଇଁ, ଦେଇଁ ସେ ଟିକିଏ ଥଣ୍ଟ ମାରି ଦେଇଛି।

× + + ×

ଆଉ ଜଣେ କହିଲେ ଲର୍ଡ ଓ୍ୱାଭେଲ ଯାହା ଦେଇଥିଲେ ସେ କ'ଣ ନାକର ବେଳ କି? ଆମ କପାଳଟା କଣା; ସେଥିପାଇଁ ସୁନା ବୋଲି ଯା'କୁ ଗଣ୍ଠିରେ ବାନ୍ଧିଲୁଁ ସେଟା ଘରକୁ କଣମଞ୍ଜି ହୋଇଗଲା।

× × × +

କଲିକତାର ଖେଳ ଆରମ୍ଭରେ ଏ ଗ୍ରେଟ୍ ହଟ୍ ଆରମ୍ଭ ହେଲା। ଗ୍ରେଟ ସହରରୁ ସିମଳା ଗ୍ରେଟ ସହର। କଂଗ୍ରେସ ଏତକ ବୁଝିମୁଝି ମଧ୍ୟ ସିମଳାକୁ ଗଲେ। ଏଥର ଗାଇ ହେବେ—

ନରହରି ଗଡ଼ବି ବୁଝିଲ ଯୋଉଛି
ମାଉଲି ମୁଣ୍ଡା ଗାଗରି,
ମାଥାକୁ କହିବ କାହିଁକି ନାହିଁ ଲୋ,
ତା' ଯୋଗୁଁ ତ ଗୁଣସାଗର।

\+ + × +

ଜିନ୍ନା ସାହେବଙ୍କ ସିରଣି ବାଟେ ଅଛିଲି। ତାଙ୍କ ମାନସିକ ମୁତାବକ କାମ ହେଲା। ଭାରତ ସ୍ୱାଧୀନ ହେଲେ ତାଙ୍କ ନେତୃତ୍ୱ ରହିବ ନାହିଁ କି ଲର୍ଡ ଓ୍ୱାଭେଲଙ୍କ ଦେୱାନି ରହିବ ନାହିଁ। ତେଣୁ ଜିନ୍ନାଙ୍କୁ ଛାଡ଼ି ବଡ଼ଲାଟଙ୍କ ଗତି ନାହିଁ କି ବଡ଼ଲାଟଙ୍କୁ ଛାଡ଼ି

Digitized by srujanika@gmail.com

କଲାଙ୍କ ଗଣ୍ଡ ନାହିଁ । ଯଦି ବୁଡ଼ିବେ ତ ସାଙ୍ଗ ହୋଇ ବୁଡ଼ିବେ, ଉଠିବେ ତ ସାଙ୍ଗ ହୋଇ ଉଠିବେ । ବ୍ରିଟିଶ ସରକାର ତ ବାସ୍ତୁ ବଳରେ ଉଠିଛନ୍ତି । ବୁଢ଼ା ହଡ଼ା କଳା ବରେଲ୍ ପଞ୍ଚଅଙ୍କ ମଞ୍ଚ ହୋଇ ଚିର ଦେଇ ଟେକ ଧରିଚନ୍ତି । ତାଙ୍କ ସାଙ୍ଗକୁ ପୁଣି ଅମ୍ବେଦକାର । ଏ ଦୁହିଙ୍କ ସାଙ୍ଗରେ ଇଂରାଜ ସରକାରଙ୍କ ପ୍ରତିନିଧି ସତେ ଯିମିତି—ଯୋଡ଼ା ମଳିକ, ସାନ୍ଧୁ ପଞ୍ଚଅଗ ଝିଅ ହଳକ ।

\+ \+ \+ \+

ଠାକୁର ନାହାନ୍ତି ବୋଲି ଯେଉଁମାନେ କହନ୍ତି ସେମାନେ ବଡ଼ ମୂର୍ଖ । ଜବାହରଲାଲ—ଲାଟ ନିଜ ମୁଦାଫା ଲୋକଙ୍କୁ ଫାଶି ଦେବେ ବୋଲି ଧମକାଇଲେ, ସାନ ଜବାହର ମହତାବେ ଅଇ, ସି, ଏସ୍ ଦ୍ୱୟ ଲୋକଙ୍କୁ ବେତ ବାଡ଼େଇବେ ବୋଲି କହିଲେ । ଠାକୁର ଥିବାରୁ ଛିଦା ଯାଙ୍କ ଦର୍ପକୁ ଭଙ୍ଗି ଲାଟ ନିଜ ଘୁସ ଲୋକ ସାନ୍ଧୁ ମହାଜନ ଓ ସରକାରୀ ଅମଲାଙ୍କ ଟେକ ରଖିଲେ । ଅବଶ୍ୟ କଏ କେତେ ଛେଳି ଘୁଞ୍ଚ, ଛେଳି ଲୁଙ୍ଗା ମାନସିକ କରିଥିବେ ତା ଜାଣିବାର ଉପାୟ ନାହିଁ । ଏବର୍ଷ ଜଗନ୍ନାଥଙ୍କ ନୀଳଚକ୍ର ଉପରେ କେତେ ଫାଟ ପତାକା ବନ୍ଧା ହବ ତାର ଗୋଟେ ହିସାବ ରଖିଲେ ସୁଅନ୍ତା । ଏଥର ବଡ଼ ବଡ଼ ଅଫିସରମାନେ ଦେବାଳୟକୁ, ଗିରିଜାକୁ ବା ଚର୍ଚ୍ଚକୁ ଦଉଡ଼ିବେ ନିଶ୍ଚୟ ।

ଯାହାକୁ ରଖିବେ ଅନନ୍ତ,
କ କରିପାରେ କଳକନ୍ତ
ଯାହାକୁ ରଖନ୍ତି ଅମେରି,
କଂଗ୍ରେସ କସ ପାରେ କରି ।

\+ \+ × \+

ଓଡ଼ିଶା ଅସେମ୍ବ୍ଲି କଂଗ୍ରେସ ସଭ୍ୟମାନଙ୍କ ବଇଠି ହେଲବେଳକୁ ଜଣେ ସିମଳା ଉପରେ ଥାଇ ଟେଲିଗ୍ରାମ କରିଦେଲେ—'ଅ ଛିଁ !' ସବୁ ଫସରଫାଟ ଗଲା । ଜଣେ ଜବାହରଲାଲ ଜୀ କହିଲେ—ପ୍ରଦେଶରେ ମନ୍ତ୍ରୀମଣ୍ଡଳ ନୋହିବ—ଅଜାଦ କହିଲେ—ପ୍ରଦେଶରେ ମନ୍ତ୍ରୀମଣ୍ଡଳ ହେବା ପରିସ୍ଥିତି ନାହିଁ । ଅତଏବ କ ଦୁଧ ପାଣି ଫାଟି ଗଲା । ଯେଉଁମାନେ ଗଲା ଇଲେକ୍ସନ ଭିତରେ ମନ୍ତ୍ରୀ ଗାଦି ପାଇବା ପାଇଁ ମ୍ୟା ଓଳି ତା' ପିଣ୍ଡା ହେଉଥିଲେ ଅଉ ଅନ୍ତ ଅସି ଅସେମ୍ବ୍ଲି କଂଗ୍ରେସ ଦଳ ଆଗରେ କହିଲେ—ନୀଳଚକ୍ରକୁ ଚାହିଁ କହୁଛି—ମୁଁ ଗୋଟିକିଯାକ ବୁଲହୀ; ସେମାନଙ୍କ ଅବସ୍ଥା ଦଗଣ୍ଡା ଦବଡ଼ା ହେଇଗଲା । ସଂଯୁକ୍ତ ମହତାବ ସମସ୍ତଙ୍କୁ ଏକଜୁଟ କରି ଓଡ଼ିଶା କଂଗ୍ରେସ ଏସେମ୍ବ୍ଲି ଦଳକୁ ପୁଣି ବଳୀୟାନ କରିବାକୁ ଯାଉଛନ୍ତି ବୋଲି ଅବଶ୍ୟ ଧନ୍ୟବାଦ ପାଇବେ । କିନ୍ତୁ ସ୍ଟାର୍ଟ ସଉ ହେବ । ମହତାବ ପୁରୁଣା କଥାକୁ ମନେ ରଖିଥାନ୍ତୁ—'କାବୁଲିଏ—ଗଞ୍ଜ ଇଣ୍ଡ଼ ଥାନ୍ତି ସଉଦେ, ବେଳ ପଡ଼ିଗଲେ ଚଟା କାଟି ଦେଇ ଲେଫା ମାରି ନେବେ ଭାବ ଏ !'

\+ × \+ \+

ଜଗନ୍ନାଥ ମିଶ୍ର ଧର୍ମାତ୍ମା ଲୋକ । ଅଜ୍ଞାତରେ କାହୁତ ବୁଦ୍ଧିରେ ଭୁଲ କରି ପଛାଇ ପଶ୍ଚାତାପ କଲେ । ତାଙ୍କୁ କଂଗ୍ରେସ ଭିତରକୁ ନେବାର ଆପତ୍ତି ନାହିଁ । କିନ୍ତୁ ଯେଉଁମାନେ ଅଗଷ୍ଟ ଆନ୍ଦୋଳନକୁ ପଞ୍ଚମ ବାହିନୀ କାର୍ଯ୍ୟ ବୋଲି କହିଥିଲେ, ବ୍ରିଟିଶ ସରକାରକୁ ଯୁଦ୍ଧରେ ସାହାଯ୍ୟ ଦେଇ ମନ୍ତ୍ରୀତ୍ୱ କରିବେ ବୋଲି ଚାହୁଁଥିଲେ, ଏବଂ ଅଜ ବି ଖବର କାଗଜରେ ଅଗଷ୍ଟ ମଧ୍ୟକୁ ଦୃଢ଼ ଭାବରେ ବାତ୍ୟତାରଣ କରୁଛି ବୋଲି କହି ହେଉଛନ୍ତି ତାଙ୍କୁ କେଉଁ ସୁଖରେ କଂଗ୍ରେସ ଭିତରକୁ ନିଆଗଲା ତା ବ୍ରହ୍ମା ଅବା ଜାଣିଥିଲେ ଜାଣିଥିବେ । ପଣ୍ଡିତ ଗୋଦାବରୀଶ, ଯଦୁମଣି ଇମିତି ଅଜ କେଉଁ ନର୍କରେ ହଗିଥିଲେ କି ? ଅଶ୍ଚର୍ଯ୍ୟ ଅଟଳଙ୍କ କଥା କାହିଁକି ପଚାରୁ ପଡ଼ିଗଲା—କଏ ସାତ, କଏ ସତର କଏ ଶିଳା କଏ ପଥର । ସାହାଣ ମେଳା କରି ସମସ୍ତଙ୍କୁ ଏ ବେଳରେ କାଙ୍ଗାଳ ଛଡ଼ କରି ଦେଲେ କଂଗ୍ରେସ ତ ଅସ୍ତୁର ମହତ ଅନୁଷ୍ଠାନ ହୋଇଯାନ୍ତା । ଶେଷରେ ଲର୍ଡ ଓ୍ୟାଭେଲ ବି କଂଗ୍ରେସବାଲା ବନିଯାନ୍ତେ ।

\+ \+ \+ ×

ସଂଯୁକ୍ତ ଜନା ନେଇଦ ପରଶୁ ଦାନ କରି ହଠାତ୍ ଅତଳ ପାତାଳରୁ ଅସି ସ୍ୱର୍ଗରେ ପହଞ୍ଚି ଯାଇଥିଲେ—ଅଜ୍ଞାତ କୁଳଶୀଳ ଅବସ୍ଥାରୁ କ୍ୟାପ୍ଟେନ ଅଭାମ ହୋଇ ପାରିଥିଲେ । ତା ଦେଖା ଦେଖି ଅଛବ ସ୍ଥାନ ଅମ୍ବେଦକାର ନେଇଦନ୍ତ ପ୍ରଶ୍ନ ଗାନ୍ଧିଜୀଙ୍କୁ ପଚାରିଛନ୍ତି । ଗାନ୍ଧିଜୀ ଏ ପ୍ରଶ୍ନର ଉତ୍ତର ନ ଦେଇ ପାରିଲେ ବାଜି ପାଲରେ ହାରିଯିବେ ଓ ଭାରତ ସରକାର ଓ୍ୟାଭେଲ ତାଙ୍କୁ ମା ସାରଲାଙ୍କ କର ପୁଣ୍ୟ କମ୍ମ ଚର୍ଚ୍ଚିଲଙ୍କ କନ୍ୟାପୁତ୍ର ବୋଲି ଗୋଟାଏ କଣ୍ଠ ଉପାଧି ଦେଇ ତାଙ୍କ ମୁଣ୍ଡରେ ଫାଟ ଶିରପା ବାନ୍ଧି ଦେବେ ।

ଧନ୍ୟ ଭାରତ ମାତା, ବୁଦ୍ଧିମାନ୍ ନିମକହାରାମ ଓ ମୂର୍ଖ ନିମକ ସଚ୍ଚା ଉଭୟ ଗୁଣ ଏକ ସାଙ୍ଗରେ କ୍ୟାଥ କରି ମଗଜରେ ଭରଣ କରି ସନ୍ତାନ ଜନମ ବୋଧହୁଏ ତୋ ଛଡ଼ା ଅଉ କେହି କରିନଥିବେ ।

\+ × × \+

ସିମଳା ସମ୍ମିଳନୀ କାହାଯୋଗୁ ଭାଙ୍ଗିଲା—କିଏ ଭାଙ୍ଗିଲା, ତା ନେଇ ଅନେକ ଲୋକ ଅନେକ କଥା କହିଲେ । କିନ୍ତୁ ଭାରତରେ ଥିବା ଇଂରାଜ ସରକାରଙ୍କ ମତଟା ଜାଣିବା ପାଇଁ ମନ କାଲୁବାଲୁ ହେଲେ ବି କୌଣସି ସରକାରୀ ଇସ୍ତାହାର ମିଳିଲା ନାହିଁ । ମାତ୍ର ଏବେ ବ୍ରିଟିଶ ସରକାରଙ୍କ ଖଣ୍ଡା 'ଜନଯୁଦ୍ଧ' କାଗଜ ନେତା ପି, ସି, (ପିସା ନୁହନ୍ତି) ଯୋଶୀ (ଯୋଷା ନୁହନ୍ତି) ତାଙ୍କ ମିତ୍ର ଇଂରାଜ ସରକାରଙ୍କ ତରଫରୁ କହିଲେ ଉଚ୍ଚ କଥା କହିଛନ୍ତି । ଲୀଗ୍ରେ କଂଗ୍ରେସ ଓ ଲିଗ ନିଜ ନିଜ ଦାବିକୁ ଟାଣି ଧରି ଅନ୍ୟ ପକ୍ଷଠାରୁ କିଏ କେତେ ମାରି ନେଇ ପାରିବ ସେଇ ଚେଷ୍ଟାରେ ରହିଲାରୁ ଏ ସମ୍ମିଳନୀ ଭାଙ୍ଗିଗଲା । ଯାହାହେଉ, ବ୍ରିଟିଶ ସରକାର କଳା ପଇସାରେ ଏମିତି ନେତାର ଜନ୍ମ ପାଇବାର ସୌଭାଗ୍ୟ ଲାଭ କରି ଥିବାରୁ ଆମେ ତାଙ୍କ କେସମତିକୁ ତାରିଫ୍ କରୁଛୁ ।

× \+ \+ \+

Digitized by srujanika@gmail.com




# ଦାମ୍ପତ୍ୟ କଳହେ ଚୈବ

ଲେଖକ:— ଯଃ ତିଷ୍ଠତି ସ ବାନ୍ଧବଃ

ଆମାର ବାରମ୍ବାର ତାଗିଦା ଓ ଅନୁରୋଧରେ ଶଙ୍କର ଘରକୁ ନ ଯାଇ ମୁଁ ରହି ପାରିଲି ନାହିଁ। ତାଙ୍କ ଘରକୁ ଗଲେ ନାନାପ୍ରକାର ମୁଖ ରୁଚିକର ଖାଦ୍ୟପେୟର ବ୍ୟବସ୍ଥା କରିବାର ହୋଇଥାଏ। ବଣଚାରର ଉଦୁଉଦଅ ଦ୍ୱିପହରଷ୍ଟାଟେର ସେଠାକୁ ଯିବାରେ ସେ ଥିଲେ ଲୋଭ ଯେ ମୋ ଗୋଡ଼ ଦୁଇଟାକୁ ହାଣି ନେଇ ନ ଥିଲି, ଏହା ସ୍ୱୀକାର ନ କଲେ ମିଛୁଆ ହୋଇଯିବି।

ଶଙ୍କର ସହିତ ମୋର ବନ୍ଧୁତା ବହୁ ଦିନରୁ। ତାହା ପ୍ରଣି ଘଡି ମାଲ ଦୋବସ୍ତ ହୋଇଯାଇଛି ଏବେ ଛଅବର୍ଷ ତଳେ—ମୋର ଗୃହିଣୀଙ୍କ ଦୂର ସଂପର୍କୀୟା କୌଣସି ଭଉଣୀ ଲକ୍ଷ୍ମୀଙ୍କୁ ବିବାହ କରିବା ଫଳରେ। ଅବଶ୍ୟ ବିଭାଘର ପରେ ମୁଁ ଲକ୍ଷ୍ମୀ ଦେବୀଙ୍କ ପରିଚୟ ପାଇଲି; ତଥାପି ଶଙ୍କର ଓ ଲକ୍ଷ୍ମୀ ଉଭୟଙ୍କର ବିଶ୍ୱାସ ଯେ ଏ ବିଭାଘରରେ ମୋର ହାତ ଥିଲା ଷୋଳପଣ। କାରଣ ଶଙ୍କର ମୋର ବାଲ୍ୟବନ୍ଧୁ, ଲକ୍ଷ୍ମୀ ମୋର…

ତାଙ୍କର ଏ ଅଗାଧ ବିଶ୍ୱାସ ଫଳରେ ମୋର କୌଣସି କ୍ଷତି ହୋଇନାହିଁ; ବରଂ ଲାଭ ହୋଇଛି ଢେର୍ ବେଶି। ଦୁହିଙ୍କ ପାଖରେ ମୋର ଆଦର ଦୁଇ ବଢ଼ି ଯାଇଛି। ସପ୍ତାହରେ ଅନ୍ତତଃ ଦୁଇ ଦିନ ଅଧ ତାଙ୍କ ଘରକୁ ମୋତେ ନିମନ୍ତ୍ରଣ ରକ୍ଷା କରିବାକୁ ଯିବାକୁ ହେଉଛି। ଏପରିକି ପ୍ରତିଯୋଗିତା କରି ଉଭୟେ ମୋତେ ଭଲ ଭଲ ଖାଦ୍ୟ ଦିଅଇଛନ୍ତି। କେହୁଟା ଦାମିକା ସୌଖିନ ଜିନିଷ ଯେ ଉପହାର ନ ପାଉଛି ତା ନୁହେଁ।

ବିବାହ ପରେ ଶଙ୍କର ସ୍ତ୍ରୀ ଲକ୍ଷ୍ମୀଙ୍କୁ ଆଣି କଟକରେ ରହିଛି। ସିଭିଲ୍ ସପ୍ଲାଇଜ୍ ଅଫିସରେ ସେ ଜଣେ ବଡ଼ ହାକିମ, ମୋଟା ଦରମା ପାଏ, ଖାଟର ମଧ୍ୟ ତାର ପଦାରେ ବେଶ୍। ଘରେ ଲକ୍ଷ୍ମୀ ଦେବୀ ଓ ରମା ଝିଅର ବ୍ୟତୀତ ଆଉ କେହି ନାହାନ୍ତି—କାରଣ ଦର୍ଶନ ଶାସ୍ତ୍ରରେ ଏମ୍‌ଏ ଶଙ୍କର ସବଦା ଗୃହେ ନିର୍ଜନତା।

ମୁଁ ଏତେ ବଡ଼ ହାକିମଙ୍କ ବନ୍ଧୁ ହେଲେ ମଧ୍ୟ ଷରଣ ଟଙ୍କିଆ କିରାଣୀ; ତେଣୁ ହୋଟେଲହିଁ ମୋର ଆଶ୍ରୟସ୍ଥଳ। ହୋଟେଲର ପେଜମିଶା ଡାଲି, ଭାତ ମିଶା ଡାଲି ଖାଇ ଖାଇ ଅରୁଚି ଧରିଥିବା ପାଟିକୁ ଟିକିଏ ବଦଳାଇ ଆଣିବା ପାଇଁ ମୁଁ ଶଙ୍କର ଆଉ ଲକ୍ଷ୍ମୀଙ୍କ ନିମନ୍ତ୍ରଣକୁ ଆଗ୍ରହର ସହିତ ଗ୍ରହଣ କରିଥାଏଁ।

ଆଜ ସେହିପରି କିଛି ଖାଦ୍ୟପେୟର ବ୍ୟବସ୍ଥା ହୋଇଛି—ଏଇ ଆଶା କରି ଜରୁରୁ ବୋହି ପଡ଼ିଥିବା ତରଳ ପଦାର୍ଥ ବିଶେଷକୁ ଚୋବାଇ ଚୋବାଇ ତାଙ୍କ ଘରକୁ ଗଲି।

ଯାଇ ଦେଖିଲି, ଖାଇବା ପିଇବାର ବ୍ୟବସ୍ଥା ତ କିଛି ନାହିଁ; ବରଂ ଗୋଟାଏ କିଛି ଗଣ୍ଡ ଗୋଳିଆ ଭାବ ଘରଅଡ଼େ ଖେଳି ବୁଲୁଛି—ପ୍ରବଳ ଝଡ଼ ଘରଦ୍ୱାର ଓଲଟପାଲଟ କରି ବହିଗଲା ପରେ ଯେ ଅବସ୍ଥା ହୋଇଥାଏ।

ଶଙ୍କର ମୁହଁଟାକୁ ଅଧାର ହାଣ୍ଡି ପରି କରି ବସି ସିଗାରେଟ ଲଗାଉଛି। ମୋତେ ଦେଖି ପଦାଇଲପଣି କହିଲା, "ବସ୍, ବସ୍, ଗୁ' ହୋଇଯିବା ଉପରେ। ଗୋଟାଏ କପ୍ ଅନ୍ତତଃ ଚା ଖାଇ ଯା।"

ମୁଁ ଶଙ୍କର ପାଖରେ ତଳେ ବସି ପଡ଼ିଲି; ସେପଟରୁ ଲକ୍ଷ୍ମୀ ଦେବୀ ଦମ୍ ଦମ୍ ହୋଇ ଆସି ଅଧି କହିଲେ, 'ନା ଏ ଘରେ ଚଳେ ତୁମେ ଚା ପା ଖାଅନାହିଁ। ମୁଁ ସରବତ୍ ଏଇଲାଗେ କରି ଦେଉଛି।"

ମୁଁ ଦୁହିଙ୍କ ମୁହଁକୁ ଥରେ ଲେଖାଏଁ ଚାହିଁ ଶୁଖିଲା ହସ ମୁହଁରେ ଫୁଟାଇ କହିଲି, "ମୋତେ ଦୁଇଟାଯାକ ଭାରି ଭଲ ଲାଗେ। ଗରମ ଚା ସାଙ୍ଗରେ ଥଣ୍ଡା ସରବତ ମିଶାଇ ଖାଇଲେ ଢେର୍ ଉପକାର ହୁଏ—ଯେପରି ନେଗେଟିଭ ଆଉ ପଜିଟିଭ। ହୋମିଓପାଥିର ମୂଳମନ୍ତ୍ର ତ ଯାଇ ସେଇଟି।

ଠଉରାଇ ନେଲି ଯେ ଦୁହିଙ୍କ ଭିତରେ ଗୋଟାଏ ମସ୍ତବଡ଼ କନ୍ଦଳ ସୃଷ୍ଟି ହୋଇଛି। ତେଣୁ ଶଙ୍କରର ଚା'ଟା ଲକ୍ଷ୍ମୀଙ୍କ ପକ୍ଷରେ ବିଷ; ଲକ୍ଷ୍ମୀଙ୍କ ଦିହ ସରବତ ଶଙ୍କର ପକ୍ଷରେ ହଳାହଳ।

ମୁଁ ଆଗରୁ ଜାଣିଥିଲି, ଲକ୍ଷ୍ମୀ ଆଉ ଶଙ୍କର ଭିତରେ ମଝିରେ ମଝିରେ ମନ ଅମେଳ ହୁଏ; ଦିନେ ଦୁଇଦିନ କଥାବାର୍ତ୍ତା ବନ୍ଦ ହୁଏ। ଅନେକ ସମୟରେ ମୋତେହିଁ ଯାଇ ମଧ୍ୟସ୍ଥତା କରିବାକୁ ପଡ଼େ। ଶଙ୍କରକୁ ଲକ୍ଷ୍ମୀ ଦେବୀଙ୍କ ଶପଥ ଦେଇ, ଲକ୍ଷ୍ମୀଙ୍କୁ ଶଙ୍କରର ରଣ ପକାଇ ମୁଁ ତାଙ୍କୁ ଶୁଝାଏଁ, କଳିଗୋଳ ତୁଟାଏଁ।

ମାଡ ଆଜିର କଳି ସେ ସବୁକୁ ଟପି ଯାଇଛି। ଶଙ୍କର ମୋତେ ଚାହିଁ କହିଲା, "ଜାଣିଲୁ ଭାଇ, ମଣିଷ ବାହା ହୋଇ ଏମିତି ଝକ-ମାରି କରେ; ତା ମୁଁ ଜାଣି ନଥିଲି। ମୁଁ କାନ ମୋଡ଼ି ହେଉଛି, ଆଉ ଥରେ ହେଲେ ମୁଁ ଯେପରି ସେ ଭୁଲ ନ କରେଁ।"

ଲକ୍ଷ୍ମୀ ବୋଧହୁଏ ଦୁଆରମୁହଁ ପାଖରେ ଠିଆ ହୋଇଥିଲେ, ସେ ଘମ ଘମ ହୋଇ ଘର ଭିତରକୁ ପଶି ଆସି କହିଲେ, "ତୁମ ପରି ପୁରୁଷକୁ ମଣିଷ ପୁଣି ବାହା ହେବ? ପୁରୁଷ ନୁହଁ ତ ରାକ୍ଷସ ତୁମେ, ମଣିଷଖିଆ ରାକ୍ଷସ; ମୁଁ ନିୟମ କରୁଛି, ଆଉ ଦିନେ ତୁମ ପରି ପୁରୁଷର ହାତ ଧରିବି ନାହିଁ।"

Digitized by srujanika@gmail.com

ମୁଁ ଘର ପାଗ ସମ୍ଭାଳି ନେବା ପାଇଁ କହିଲି—"ଅଚ୍ଛା ଥୟ ଧର, ଶଙ୍କର ହୁଏତ ଏକଚାଟିଆ ନେବ। ତେବେ କଥାଟା କଣ କହ!"

ଦୁହିଁଙ୍କ ଅନ୍ତର୍ଦ୍ୱନ୍ଦ୍ୱର କାରଣ ଠିକ କରି ଏତେବେଳକେ ମୁଁ କଳରେ ଯେଉଁ ତଥ୍ୟ ଆବିଷ୍କାର କଲି, ତାର ସାର କଥା ହେଉଛି, କାଲି ଦୁହେଁ ସିନେମା ଦେଖି ଯାଇ ଏ ଗଣ୍ଡଗୋଳରେ ପଡ଼ିଛନ୍ତି। ଲକ୍ଷ୍ମୀଙ୍କ ମତରେ ଅଶୋକକୁମାରର ଅଭିନୟ ସର୍ବଶ୍ରେଷ୍ଠ, ଶଙ୍କରଙ୍କ ମତରେ ମମତାଜହିଁ ନାଟକର ଶ୍ରେଷ୍ଠ ଅଭିନେତ୍ରୀ।

ବାସ୍ତବିକ ଏଥିରେ ଲଢ଼ୁଟେଇ ବାଧିବାର କଥା। ନିଜ ମତ ପ୍ରମାଣ କରୁ କରୁ ଶଙ୍କର ଗର୍ଜି ଉଠି କହିଲେ, "ମୁଁ କଣ ଲଣ୍ଡା ହୋଇ ଏମ୍‌, ଏ, ପଢ଼ିଥିଲି, ମୋର କଣ ଏତିକି ବୁଝିବାର କ୍ଷମତା ନାହିଁ?"

ଏ ପାଖରୁ ଲକ୍ଷ୍ମୀଙ୍କ ସ୍ୱର ଶଙ୍କର ସ୍ୱରକୁ ଟପିଗଲା, "ନାଇଁ, ମୁଇଁ ତ କେବଳ ଭୁଷି ହୋଇ ଏମ୍‌, ଇ, ପଢ଼ିଥିଲି।"

ଲକ୍ଷ୍ମୀ ଏମ୍‌, ଇ, ପରେ ଆଉ ସ୍ୱରବର୍ଣ୍ଣ ପାର୍ଲିଷ୍କୁଲକୁ ଦଉଡ଼ିଛନ୍ତି ତା ମୁଁ ଜାଣେ। ତେବେ ଏପରି ଛଳେଇ କହିବାର ଉଦ୍ଦେଶ୍ୟ ହେଉଛି, ଶଙ୍କର ଏମ୍‌, ଏ, ଠାରେହିଁ ରହିଛନ୍ତି; ଆଉ ଆଗକୁ ଯାଇ ନାହାନ୍ତି। ମାତ୍ର ଲକ୍ଷ୍ମୀ ଏମ୍‌, ଇ, ପରେ ଆଉ ସ୍ୱରବର୍ଣ୍ଣର ପାଠ ଉଦଘସାଡ଼ି କରିଛନ୍ତି।

ମୋତେ ଶିଙ୍ଗଣ୍ଡି କରି ଦୁହିଁଙ୍କ ମଧ୍ୟରେ ଅଚ୍ଛା ରକମ ଲଢ଼ୁଝେଇ ବାଧିଗଲା। ଶେଷକୁ ରାଗରେ ଲକ୍ଷ୍ମୀ କହି ଉଠିଲେ, "ମୁଁ ଆଜ ଭାଇଙ୍କ ଘରକୁ ଚାଲି ଯାଉଛି। ଏପରି ପୁରୁଷର ମୁହଁ ଚାହେଁ ନାହିଁ। ମୁଁ ଯେବେ ଆଉ ତୁମ ଘରକୁ ଆସେ, ତେବେ ମୁଁ ସ୍ତ୍ରୀ ନୁହେଁ।"

ଶଙ୍କର ମଧ୍ୟ ଛାଡ଼ିବାର ନୁହେଁ। ସେ ସମାନ ଭାବରେ କହିଗଲେ, "ମୁଁ ଯଦି ତୁମକୁ ଆଣିବାକୁ ଯାଏଁ, ତେବେ ମୁଁ ପୁରୁଷ ନୁହେଁ।"

ଲକ୍ଷ୍ମୀଙ୍କ ଭାଇ ପୁରୀର ବଡ଼ ଡାକ୍ତରମାନଙ୍କ ଭିତରୁ ଜଣେ; ମୋର ସବୁ ପ୍ରକାର କାକୁତି ମିନତି ବାଧା ସତ୍ତ୍ୱେ ଲକ୍ଷ୍ମୀ ଦେବୀ ସାମାନ ସାଥିରେ ଧରି ଷ୍ଟେସନ ଅଭିମୁଖରେ ଗାଡ଼ି କଲେ।

ମୋ ମନ ବଡ଼ ଖରାପ ହୋଇଗଲା। କାରଣ ହୃଦୟରେ ସୁ ଚ ସର୍ବଦା ବଢ଼ ନ ପିଇ ମୁଁ ହୋଟେଲକୁ ଫେରିଲି। ଘଟଣାଟା ଏତେ ଦୂରକୁ ଗଡ଼ିଯିବ ବୋଲି ମୁଁ କଦାପି ଭାବି ନ ଥିଲି।

ଶଙ୍କର ବର୍ତ୍ତମାନ ତା ବସାରେ ଏକା। ନତ ଶୁଖିଲା ଗାଲରେ ତାର ଜଙ୍ଗଲ ପରି ଦାଢ଼ି। ଅନେକ ସମୟରେ ତା ସହିତ ଦେଖା ସାକ୍ଷାତ ହୁଏ, ଏଣୁ ତେଣୁ କଥା ମଧ୍ୟ ପଡ଼େ। କିନ୍ତୁ ଭୁଲରେ ସୁଦ୍ଧା ସେ ଲକ୍ଷ୍ମୀଙ୍କ କଥା କେବେ ପକାଏ ନାହିଁ। ମୁଁ ସେ କଥା ଉଠାଇଲାବେଳକୁ ସେ କଥାଟି ମୋଡ଼ି ବୁଲେଇ ଦିଏ। ଦୁନିଆପ୍ରତି ସେ ବର୍ତ୍ତମାନ ବୀତଶ୍ରଦ୍ଧ। ଉପଯୁକ୍ତ ଗୁରୁ ପାଇଲେ ସେ ବାବାଜି ହୋଇଯିବ ବୋଲି ଦୃଢ଼ସଂକଳ୍ପ କରିଛି।

ମାସକ ପରେ ପୁଣି ଏକ ରବିବାର। ଉତୁରଦଥ ଦି'ପହରରେ ଘୁମା ଭାଙ୍ଗିବାକୁ ଆସିଲି। ତା ସାଙ୍ଗେ ସାଙ୍ଗେ ଶଙ୍କର ଘରେ ଯାଇ ପହଞ୍ଚି ଦେଖିଲି, ଶଙ୍କର ଘରେ ନାହିଁ। ଲକ୍ଷ୍ମୀ ଦେବୀ ସେହିକ୍ଷଣି ବା ଷ୍ଟେସନରୁ ଆସି ଘରେ ପାଦ ଦେଉଛନ୍ତି। ମୋତେ ଦେଖିଲାକ୍ଷଣି କହିଲେ, "ତୁମ ପୁରୁଷ ଜାତିଟା ଏତେ ନିଷ୍ଠୁର? ତୁମଙ୍କୁ ମଣିଷ କରି ବିଧାତା କାହିଁକି ଜନ୍ମ ଦେଇଥିଲା? ଦୟାମାୟା କଣ ତୁମଠାରେ ଟିକେ ହେଲେ ନାହିଁ?"

ହଠାତ୍ ଏତେଗୁଡ଼ାଏ ଗୁରୁତର ଅଭିଯୋଗର କାରଣ ମୁଁ କିଛି ଖୋଜି ପାଇଲି ନାହିଁ। ପୁଣି ସେ କହିଲେ, "ମୁଁ ଖବର ପାଇଲି, ତାଙ୍କ ମନ ଭାରି ଖରାପ। ତୁମେ ମୋତେ ଏକଥା ହୁଏତ କହିଲେ ତ ଜଣାଇ ନାହଁ। ସେ ତୁମର ବନ୍ଧୁ ପରା କି ଅଛନ୍ତି? ମନେକର ସେହି ମନ ଖରାପ ହେବାରୁ ସେ ଯଦି ନଈକୁ ଡେଇଁ ପଡ଼ିଥାନ୍ତେ କି ଅଫିମ ଖାଇ ଦେଇଥାନ୍ତେ? ନାହିଁ ଯଦି ଭାବି ଭାବି ତାଙ୍କୁ ଜର ହୋଇଥାନ୍ତା। ଆଜିକାଲି ପୁଣି ଯେମିତି ବସନ୍ତ, ଜର ହେଲେ ବସନ୍ତ ହେବାକୁ କେତେ ଡେରି। ସେତେବେଳେ ତାଙ୍କ ପାଖରେ କିଏ ଥାନ୍ତା କହ? ତୁମେ ଖବର ଦେଇଥିଲେ ମୁଁ ତ କେଉଁଦିନୁ ଆସି ତାଙ୍କର ସେବା ଶୁଶ୍ରୂଷା କରିଥାନ୍ତି। ଏଇ ବୁଦ୍ଧିରେ ତୁମେ ପୁରୁଷ ଜାତି ସ୍ତ୍ରୀଙ୍କୁ ଜାଳ ପରା!"

ମୁଁ ଦୋଷୀଙ୍କ ପରି ଅପ୍ରତିଭ ସ୍ୱରରେ କହିଲି, "ମୁଁ କଣ ଜାଣିଥିଲି ଯେ, ସ୍ତ୍ରୀ ଲୋକେ ଯାହା 'ନାହିଁ' ବୋଲି କହନ୍ତି ତାର ଅର୍ଥ ହେବ 'ହଁ'।"

ସାଙ୍ଗେ ସାଙ୍ଗେ ଉତ୍ତର ମିଳିଲା, "ହେଲେ, ତୁମ ପୁରୁଷ ଜାତି ପରି ଅବିଶ୍ୱାସୀ ସ୍ତ୍ରୀ ଜାତି ନୁହନ୍ତି। ତୁମେ ଯାହା 'ହଁ' ବୋଲି କହିବ, ତାର ଅର୍ଥ ହେବ ଯେ 'ନାହିଁ'।"

ଆଜିକାଲି ସିନେମା ଦେଖା ବନ୍ଦ; କିନ୍ତୁ ମୋର ଗୁ' ଜ ସରବତ ଖିଆ ବନ୍ଦ ହୋଇନାହିଁ।

(ଶ୍ରୀ ଉଦୟନାଥ ଷଡ଼ଙ୍ଗୀ)

—✻—

## ନିବେଦନ

ଭାରତ ସେବକ ସମିତିର ସଭ୍ୟ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଓ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମିଶ୍ର ଓଡ଼ିଶାରେ ସମିତିର ଏକ ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଅନୁମାନିକ ଖର୍ଚ୍ଚ ଟ ୬୫୦୦୦୍ ସଂଗ୍ରହ କରିବାକୁ ସ୍ଥିର କରି ସମିତିର ବନ୍ଧୁ ଓ ବଦାନ୍ୟ ଦେଶବାସୀମାନଙ୍କୁ ଯଥାଶକ୍ତି ସାହାଯ୍ୟ ଦେବାକୁ ନିବେଦନ କରିଛନ୍ତି। ଉତ୍କଳ ଭାରତ ସେବକ ସମିତିଠାରେ ନାନା ଦିଗରେ ଋଣୀ। ଠକ୍କର ବାପା ଓ ଶ୍ରୀଯୁକ୍ତ ସାହୁ ସେଇ ମହତ୍ ଅନୁଷ୍ଠାନର ଜୀବନ୍ତ ସ୍ତମ୍ଭ। ଆମ୍ଭେମାନେ ଆଶା କରୁଁ ଶ୍ରୀଯୁକ୍ତ ସାହୁଙ୍କର ନିବେଦନ ଗୃହୀତ ହେବ।

—ସମ୍ପାଦକ

Digitized by srujanika@gmail.com

# ଗୋପବଂଧୁ

ଲେଖକ—ଶଚି ରାଉତରାୟ

ମର୍ତ୍ତ୍ୟରୁ ଯାଇ ସ୍ୱର୍ଗେ ରହିବା  ତାହାର ପନ୍ଥା ନୁହେଁ,
ମଣିଷ ବୋଲି କେ କୁହେ ?
ଧରଣୀରେ ନବ ସ୍ୱର୍ଗ ଗଢ଼ିବା  କାମ୍ୟ ଯାହାର ଥିଲା
ସାମ୍ୟର ବାନା ହସ୍ତେ ଯାର ଏଥି  ଫର ଫର ଉଡ଼ୁଥିଲା,
ଧରଣୀର ମାଟି ଚନ୍ଦନ ଯେ କଲା,  ଉପବୀତ କଲା ଲୁହ,
ଲାଞ୍ଛିତ ସେତୁ ସମ ଯେ ଘେରିଲା  ଖଳ ବନ୍ୟାର ସୁଅ,
ମଡ଼କର ଶିରେ ଚଡ଼କ ସମ ଯେ  ଦଂଭେ ପଶିଲା ଯାଜି
ମୃତକ ସଡ଼କେ ଗୋଡ଼ଯାକ ଯା'ର  ହାଡ଼ରେ ତୋଳିଲା ବୁଜି,
ବଢ଼ି, ବାଡ଼ ଧୁଆ ଏ ଦେଶ ଛାଡ଼ି ସେ  ବୈକୁଣ୍ଠକୁ ଯାବେ ଯାଇ
କୋଟି ପ୍ରାଣେ ତାର ମୂର୍ତ୍ତି ରାଜଇ  ମୃତ୍ୟୁ ଯେ ତାର ନାହିଁ !!

ଧୂଳି, ମଳି, କାଳି ଝଂଜଲ ଭର  ଏ ଦେଶେ ଭଲ ଯେ ବଜ
ସରଗ ପୁରର ନନ୍ଦନ ବନେ  ରଚି କି ପାରେ ସେ ଗଡ଼ ?
ଶତ ସ୍ୱରଧୁନୀ କଲ ସ୍ୱନନ  ଭୁଲାଇ କି ତାକୁ ପାରେ
କାଠଯୋଡ଼ି ନଈ ବଢ଼ିରେ ଭାସିଲା  ପଲ୍ଲୀର କଙ୍କାଳେ ?
ସ୍ୱର୍ଗ ମହଲ ଅପ୍ସରୀ ନାଚ  ପୋଛି କି ପାରେ ତା ମନୁ
ଏ ଦେଶର ଶତ ଭୋକିଲା ନାରୀର  ଶୀର୍ଣ୍ଣ, ଶିଥିଳ ତନୁ ?
ଅନ୍ନ ବିହୁନେ ଯେ ଅନୂଢ଼ା ଦେହେ  ଯଉବନ ଗଲା ଦବି
ଉର୍ବଶୀ ହସେ ଭୁଲି କି ପାରେ ସେ  ତାହାର କରୁଣ ଛବି ?
ଏ ଦେଶ ମଶାଣି ବୁକୁରେ ଯେ ମଡ଼ା  ଗଂଧ ବମନ କରେ,
ପାରିଜାତ ଫୁଲ ଲଭୁ ସୌରଭେ  ଭୁଲି ସେ କି ତାକୁ ପାରେ ?

ଭଦ୍ରଖ ବଢ଼ି, ଖୋରଧାର ରଡ଼ି  ଆଜି ବି ତାହାକୁ ଡାକେ
ଆଜି ଝରିଫୁଲ ସତ୍ୟବାଦୀର  ଗୁରୁ ଲୁହଅନା ଶାଖେ—
ତାହାର ବେଣ୍ଡିକି ଅପେକ୍ଷା ରଖେ  ରହି କି ପାରେ ସେ ଦୂରେ
ମାଟିର ବନ୍ଦୀ ରହିବ କେସନେ  ସରଗ ଅନ୍ତଃପୁରେ ?
ମାଟିର ଧରିତ୍ରେ ସ୍ୱର୍ଗ ରଚିବା  ପାଇଁ ଯେତୁ ଥିଲା ଆସି
ଚିରଦିନ ସେ ତ ରହିବ ଏଠାରେ  ନୁହେଁ, ନୁହେଁ ପରବାସୀ ।
ମଣିଷ ବୋଲି କେ କୁହେ ?
ସ୍ୱର୍ଗର ସୋମ ପିଇବା ପନ୍ଥା  ଗୋପବନ୍ଧୁର ନୁହେଁ ।

Digitized by srujanika@gmail.com

କାହାଣୀ



# ସାଥିହରା

ଲେଖିକା:—
**ଶ୍ରୀମତୀ ଶୈଳବାଳା ମହାନ୍ତ**

ଏଇ ତାରା—ଏଇ ଶଶୀ—ଏଇ ଅଲଙ୍ଘ୍ୟ ଅନ୍ଧାର—ସବୁ ସେମିତି—ଅବିକଳ ସେମିତି ସବୁ ଅଛି । ଗୁଳଞ୍ଚ ବୃକ୍ଷ ତଳେ ସେମିତି ଥିଲେ—ସେମିତି ଠିକ୍ । ତାରା ସେମିତି ହସେ—ପବନ ସେମିତି ବହେ—ତଟିନୀ ସେମିତି ଗାଏ—

ବସିଥିବ ଦଦରା ବୃକ୍ଷଟିର କଷାଦର କୋଣ୍ଡ ସହି ହୁଏନା । ଯେତେବେଳେ ଅତୀତର ମଧୁରିମା ଅଦ ମାନସ ପଟରେ ତା'ର ଖେଳିଯାଏ—ମ୍ଲାନ ନୟନ ଦୁଇଟି ତା'ର ସଜଳ ହୋଇଉଠେ । ଦୁର୍ବଳ ବୃକ୍ଷଟି ତାର ବୋହିଲାର ଦୀର୍ଘ ନିଶ୍ୱାସ ବହିଯାଏ ।

ଭାବେ ସେ—ଖାଲି କାନ୍ଦିବାକୁ କି ଭଗବାନ ମୋତେ ଜନ୍ମ ଦେଇଥିଲେ ! ସେ ଭାବିଥିଲା—ଯେତେ-ବେଳେ ତରୁଣ ପ୍ରାଣରେ ତା'ର ଉତ୍ସାହର ତେଜ ଖେଳୁଥିଲା । ସେତେବେଳେ ତା'ର ରୂପରେ ଦୀପ୍ତି ଥିଲା—ଦେହରେ ବଳ ଥିଲା ।

ଏଇ ସେ ଦୟାନଦୀ ଅଛି—ଏଇ ସେ ନଉକା ଖଣ୍ଡିକ ଅଛି—ଜୀବନର ପ୍ରିୟ ସାଥୀ ନିର୍ଜୀବ ନଉକା ଖଣ୍ଡିକ । ଯାତ୍ରୀଙ୍କୁ ପାର କରିବା ଦିନ ସେ ଦଶ, ବାର ଅଣାରୁ କମ୍ ପାଉ ନ ଥିଲା ।—ସେତେବେଳେ ଚାଉଳ ସେର ଅଧ ପଇ ଛ' ଅଣା ନ ଥିଲା—ଟଙ୍କାକୁ ଏଗାର, ବାର ସେର ଚାଉଳ । ଖାଇବାକୁ ମା' ପୁଅ ଦୁଇ ଜଣ । ଅଭାବ ନଥିଲା କିଛି ତା'ର କ୍ଷୁଦ୍ର ସଂସାରଟିରେ ।

ପିଲାଦିନୁ ତା'ର ବାପ ମରିଥିଲେ—ଯେତେବେଳେ ତା'ର ବୟସ ଖବ ତ ପାଞ୍ଚ ମା ସବୁବେଳେ "ଦୁଃଖ ପାଶୋରି" ବୋଲି ଭାବୁଥିଲେ । କେତେଦିନ ଦେବତାଙ୍କଠି କେତେ ମାନସିକ କରି ପୁଅଟିଏ ପାଇଥିଲେ ବୋଲି ।

ସ୍ୱାମୀମଲା ପରେ—ଶେଷପର୍ଯ୍ୟନ୍ତ ତା'ର ଧନ୍ଦାରେ ଅସ୍ଥିର ହୋଇ ସେ ଅଣ୍ଟିବୁଜିଲେ—ସେତେବେଳେ ଲକ୍ଷ୍ମୀ ସାଥେ ତା'ର ହାତଗଣ୍ଠି-ପଡ଼ିବାର କଥା ହେଉଥିଲା ।

—କେଜାଣି କେତେବେଳେ ତା'ର ହତାଶରସ ଜୀବନରେ ଟିକିଏ ଶାନ୍ତି ଆସିଥାନ୍ତା—ଯଦି ଲକ୍ଷ୍ମୀକୁ ତା ଜୀବନର ସାଥୀ କରି ପାଇଥାନ୍ତା ।

କିନ୍ତୁ ତା' ବି ହେଲା ନାହିଁ । ମାପରି ଲକ୍ଷ୍ମୀ ତାର ସାରା ଜୀବନଟା ଉପରେ ବୀଥାର ଘୋର ଦାଗ ଦେଇ ଚାଲିଗଲା—ସେ ଅନେକ ଦାଇଣି ବର୍ଷ ତଳର କଥା—ତାପରେ କେତେଦିନ ଯାଇଛି—ଆସିଛି ।

ଏଇ ଦମ୍ପାବୃକ୍ଷରେ ଲକ୍ଷ୍ମୀ ଗାଧୋଇ ଗାଧୋଇ ତା ଯୋଡ଼ି ଛାଡ଼ିଗଲା—ଗଭୀର ଗର୍ଭକୁ । ସଂସାରର ଲୀଳା ତା'ର ସରିଗଲା—ସେଇଠି—ଏଇ ଦମ୍ପା କୂଳରେ ତା' ଜୀବନସାଥୀର ଜୀବନ ଏଇ ଜଳ ଦେହରେ ହଜି ଯାଇଛି । ଲକ୍ଷ୍ମୀ କେତେ ତାକୁ ଭଲ ପାଉଥିଲା—!! ତା'ପରେ କେତେ ଯାଚାରୁ ତା'ପାଇଁ ସମ୍ବନ୍ଧ ଆସିଥିଲା—କିଏ କେତେ ବୁଝାଇଲେ—। ରସିଆ କାହାକୁ ବି ତା'ମନକୁ କେତେ ବୁଝାଇଲା ! କିନ୍ତୁ ନା ! ସେଇ ଲକ୍ଷ୍ମୀ ଛଡ଼ା ସେଠି ଯେ ଆଉ କାହାର ସ୍ଥାନ ନାହିଁ—। ମରଣ ବିଚ୍ଛେଦ—ସେ ବନ୍ଧନ—ସେ ପ୍ରୀତି ଉପରେ ମୋହର କାଳିମା ଲେପି ପାରିଲାନି ।—ତା'ର ସ୍ମୃତିକୁ ସମ୍ବଳ କରି—ଜୀବନର ଶ୍ରେଷ୍ଠ ପାଥେୟ କରି ରସିଆ କାଟିଲା ତା'ର ଜୀବନ ଦଶଟିକୁ ।

ବରଷ ବରଷ ହୋଇ ଏଭିତରେ ଅଠର ବରଷ କଟିଯାଇଛି, ଏଇ ଅଠର ବରଷ ଭିତରେ ଦୁନିଆରେ କେତେ କଅଣ ପରିବର୍ତ୍ତନ-ଘଟିଛି—ଆଉ ରସିଆ ରୂପଟି ଜରା—ବାଉରେ ବଦଳି ଯାଇଥିଲେ ବି ତା ମନରେ ତା'ର ପ୍ରିୟତମ ସ୍ମୃତି—ସେମିତି—ଠିକ୍ ସେମିତି ସଜୀବ—ସୁନ୍ଦର— ଅମ୍ଳାନ ହୋଇ ରହିଛି ।

ପବନରେ ଅଥୟ ହୋଇ—ସ୍ରୋତ ଯେତେବେଳେ ତା' ନଉକାରେ ଆସି ପିଟି ହୋଇଯାଏ—ରସିଆ ଭାବେ—ତା'ର ଦୁଃଖରେ ଲକ୍ଷ୍ମୀର ଅଦୃଶ୍ୟ ଆତ୍ମା ସହାନୁଭୂତି ଜଣାଇ ମୁଣ୍ଡ ପିଟି ଦଉଛି କି !

ତା'ର ହୃଦୟକୁ କୋହ ଉଠେ—ନୟନରୁ ଅଶ୍ରୁ ବହିଯାଏ

—*—

Digitized by srujanika@gmail.com

# କଳି ମହାଭାରତ

## ୨ୟ ପର୍ବ

### ( ୨ୟ ମହାସମର ବୃତ୍ତାନ୍ତ )

ଲେଖକ—ଶ୍ରୀକୃଷ୍ଣଦ୍ୱୈପାୟନ ବ୍ୟାସ

ହରି ହରି ବୋଲ ହେ ସକଳ ସଜ୍ଜନ,
ହରିନାମ ନ ଧରିଲେ ଦଣ୍ଡିବ ଶମନ ।
ମାଅ ମାଈକିମାନେ ଯେ ହୁଳହୁଳି ଦେବ,
ହୁଳହୁଳି ନ ଦେଲେଟି ଅଣ୍ଟ ଭୋଡ଼ ହେବ ।
ଯେଉଁ ମାଅ ମାଈକିଲେ ଦେବେ ହୁଳହୁଳି,
ମୋ ପରି ପୁଅ ପାଇବେ ବୋଲ ଧର ଚୂଳି ।
ଶୁଣ ଶୁଣ ସଜ୍ଜନେ ଦେଇ ମନକର୍ଣ୍ଣ,
ଦ୍ୱିତୀୟ ସମର ଏବେ କରିବି ଗାୟନ ।
ଉଣେଇଶ ଅଣଚାଳିଶ ସେପ୍‌ଟେମ୍ବର ଏକ,
ଜର୍ମାନ ଭୁଜଙ୍ଗ ତୋଳି ଦେଖାଇଲା ବେକ ।
ପୋଲଣ୍ଡର ଡାନଜିଗ୍ ଉପର ଅଧିକାର,
ଜର୍ମାନ ହିଟଲର ଏବେ ଛାଡ଼ି ରେରେକାର ।
ଏହା ଦେଖି ବ୍ରିଟେନଅ ଫରାସି ଟାଙ୍ଗା,
ମଝି ଦରିଆରେ ଅଟା ବୁଡ଼ିଗଲା ଜଙ୍ଗା ।
ହିଟ୍‌ଲରକୁ ତୋଷ ଦେଉଥିଲେ ତ ଦୋହାଇ,
ଅସଲ ବେଳରେ ଦେଲା ପଟ୍ଟ ସେ ଦୋହାଇ ।
ଇଂଲଣ୍ଡ ଫରାସୀଙ୍କର ପାଟି ଅଫା ଅଫା,
ରକ୍ଷାକର ରକ୍ଷାକର ଦୟାକର ବାପା ।
ମାନ ମହତ ସବୁ ତ ଯାଇଥିଲା ଭାଙ୍ଗି,
ଏବେ ତ ଜୀବନଯାଏ ରଖ ଦେହ ଅସି ।
ଥଇ ବୁଦ୍ଧି ନ ଦଶିଲା ମଝି ଦରିଆରେ,
ଭୁରୁଡ଼ି ଝମ୍ପଣ ଭଡ଼ ଦେଲେ ଥରେ ଥରେ ।
ସମାଳ ସମାଳ ଏବେ ଜର୍ମାନର ବଳା,
ହରଣ ବୁ କରି ନେଇ ପୋଲଣ୍ଡ ଅବଳା ।
ତାହୁଁ ଚୋର ଛାଉଣୀକୁ ନ ଦେଲେ ଉଠାଇ,
ଫୁଟିବ କମାଣ ଠୋ’ ଠା’ ଥାଇ ଥାଇ ।
ସେ କଥାକୁ ଜର୍ମାନ ଯେ ନ ଦେଲେଟି କର୍ଣ୍ଣ,
ଓଲଟି କରିଲା ବୁକ ଅଗ୍ନି ବର୍ଷଣ ।
ନାଗର ହୋଇଣ ତେଣୁ ଫ୍ରାନ୍‌ସ ଇଂଲଣ୍ଡ,
ଦେଖିଲେ ଯୁଦ୍ଧ ନ କଲେ ହେବେ ଲଣ୍ଡଭଣ୍ଡ ।
ଏମନ୍ତେ ଜାବନ ଶିତ ହେମନ୍ତେଇ ଯାଇ,
ନଜ ଖୋଳା ଗାତେ ପଡ଼ କଥା ଧରିଥାଇ ।
ସିତମ୍ବର ତିନଦିନ କଲେକ ଘୋଷଣା,
ଜର୍ମାନ ସଙ୍ଗତେ ଯୁଦ୍ଧ ଲାଗିଲା ଧାରଣା ।
ସାତ ଦିନ ସାତ ରାତି ଯୁଦ୍ଧ ଘନାଘୋଟ,
ପୋଲଣ୍ଡ ସଇତାନ ମାଡ଼ ଖାଇଲେ କପଟ ।

ତେବେଣ ସିତମ୍ବର ମାସ ହୋଇଲା ସତର,
ପୋଲଣ୍ଡର ପୂର୍ବଭାଗ ହେଲା ଥରହର ।
ଜଟିବେଢ଼ିଥିଲା ଭାଇ ଷ୍ଟାଲିନ ଛକିଆଣ,
ଅଡ଼ମ୍ଭିଲେ ଖାଣ୍ଡି କିରମିଶ ଭଳଗାନ ।
ମାଡ଼ିସେ ଆସିଲେ କ୍ଷଣେ ଅଧେକ ପୋଲଣ୍ଡ,
ରୁଷିଆ ପୋଲଣ୍ଡ ମଧ୍ୟେ ଲାଗିଗଲା କାଣ୍ଡ ।
ଏଣୁ ଜରମାନ ଚୁକ୍ତି ପରେ ହେଲା ଠିକ,
ତେଣୁ ପୋଲଣ୍ଡରେ ଭୂମି ଅସିଲା ରୁଷିଆ ।
ଦୁଇ ଡିକ୍‌ଟେଟର ବଳ ହୋଇଲା ପ୍ରଚଣ୍ଡ,
ପୋଲଣ୍ଡକୁ ଭାଗବାଣ୍ଟି କଲେ ଦୁଇଖଣ୍ଡ ।
ଅଣତିରିଶ ସିତମ୍ବର ହୋଇଲା ଅନ୍ତତ,
ଫିନଲଣ୍ଡର ବିପତ୍ତି ହେଲା ଉପସ୍ଥିତ ।
ପୋଲଣ୍ଡ ଭୋଜନ ସାରି ରୁଷ ବକଧର୍ମୀ,
‘ବାଲ୍‌ଟିକ’-ବାରାଣସୀ ଗଲେ ତୀର୍ଥ ଭ୍ରମି ।
ଏସ୍ଥୋନିଆ, ଲାଟଭିଆ, ଲିଥୁଆନିଆ ଆଦି,
ବଲଟିକ ରାଜ୍ୟପରେ ଗଲା ଦାଉ ସାଧି ।
ଏହି ତିନି ରାଜ୍ୟଙ୍କର ପୋତାଶ୍ରୟମାନ,
ଅସ୍ତ୍ରରକ୍ଷା ସୂତ୍ରେ କଲେ ଗଳବକରଣ ।
ତେଣୁ ରୁଷ ଶେଷେ ଭାଲୁ ଗଲା ବେଗେ ଚଳି,
ଫିନଲଣ୍ଡ ପାଖେ ଯାଇଁ କହିଲା ଅଶ୍ଳୀଳ ।
ଅହେ ଫିନଲଣ୍ଡ ଏବେ ଶୁଣ ମୋ ବଚନ,
ତୁମାରେ ଗ୍ରାସ କରିବେ ବାଞ୍ଛିତ ଭୋଜନ ।
ବାଲ୍‌ଟିକର ଦ୍ୱୀପ କେତେ ଦେବ ମୋତେ ଛାଡ଼ି,
ଅବର ଭୂମି ରାଜ୍ୟରୁ ଏକ ଅଂଶ କାଢ଼ି ।
ଫିନଲଣ୍ଡ କେଡ଼େ ଦେଶ ଏକ ଗଣ୍ଡେ ଜାତ,
ମନା କରି ରୁଷିଆକୁ କାହୁଁ ସମ୍ଭାଳିତ ।
ତଥାପି ସେ ସାହସରେ କରିଦେଲା ନାସ୍ତି,
ତେଣୁ ସେ ଶେଷରେ ପାଇଗଲା ମହା ଶାସ୍ତି ।
ସାଢ଼େ ତିନମାସ ଯୁଦ୍ଧ ଲାଗିଲା ଭୁମୁଳ,
ଫିନ୍‌ଲଣ୍ଡର ଶାସନତ ହେଲା ଟଳମଳ ।
ସତର ଯେ ମାର୍ଚ୍ଚ ମାସ ଚାଳିଶ ସାଲରେ,
ଇତ୍ୟନ୍ତ ସନ୍ଧି କଲା ଫିନ୍ ରୁଷ ସଙ୍ଗତରେ ।
କେରେଲିଆନ ଯୋଜକଠାରୁ ଲଗାଏତ,
ଲେଡେଗା ହ୍ରଦ ସମେତ ଯେ ସ୍ଥାନ ସମସ୍ତ ।
ରୁଷ ପଦେ ଫିନଲଣ୍ଡ ଦେଲା ଏବେ ଭେଟି,
ଯୁଦ୍ଧ କରିଣ ମେଣ୍ଟରେ ସକଳ ଦୁହେଁ ମେଣ୍ଟି ।

ଏଥି ଅନନ୍ତରେ ଶୁଣ ନବମ ଏପ୍ରିଲେ,
ଜର୍ମାନର ଧାଡ଼ି ପାଳ ଅଚଳ କମ୍ପିଲେ ।
ନରୱେ ଡେନମାର୍କ ମଧ୍ୟେ ଅଭିଯାନ,
କରି ଅଧିକାର ନେଲା କ୍ଷଣେ ନାନା ସ୍ଥାନ ।
ନରୱେ ରାଜଧାନୀ ଅସଲୋ ଦଖଲେ,
କରି ଡେନମାର୍କ ଅସ୍ତ୍ର ସମର୍ପଣ କଲେ ।
ପନର ଏପ୍ରିଲ ମାସେ ବ୍ରିଟିଶ ସଇନ,
ନରୱେର ସ୍ଥାନେ ସ୍ଥାନେ ହେଲେ ସମାସୀନ
ତହୁଁ ଲାଗିଲା ସମର ଭୟାବହ ଅତି,
ବ୍ରିଟିଶ ବାହିନୀ ପଛେ ଘୁଞ୍ଚିଲେ ସଂପ୍ରତି ।
ଆଣ୍ଡାଲସନସ୍ ନାମସୋସ୍ ଦୁଇଟି ବନ୍ଦର,
ଛାଡ଼ି ବ୍ରିଟିଶ ପଳାଇଲେ ତତ୍ପର ।
ନରୱେର ରାଜା ତାଙ୍କ ନାମ ହାଅକନ,
ଇଂଲଣ୍ଡ ଆଶ୍ରୟ ନେଲେ ପଶିଣ ଶରଣ ।
ଏଥିଅନ୍ତେ ମଇମାସ ଦଶମ ଦିବସେ,
ଜରମାନୀ ହଲଣ୍ଡ ମାଡ଼ିଲ କଢ଼ ବଶେ ।
ଲ୍ୟବକ୍ସ ଦୁର୍ଗ ଆକ୍ରମଣ ହେଲା ତାହା ସନେ,
ଆତ୍ମସମର୍ପଣ ସେହି କରିଦେଲା କ୍ଷଣେ ।
ହଲଣ୍ଡ ରାଜ ଦଚେସ ସ୍ୱର ରହି ଯୁଟି,
ଯୁଦ୍ଧ ବିରତି ପ୍ରାର୍ଥନା କଲା ଶେଷେ ଲୁଟି ।
ତେବେଣ ବେଲଜିୟମ୍ ଆକ୍ରମିତ ହେବା ଜାଣି,
ପଶିଲେ ତହିଁ ଇଂରାଜ ଫରାସୀ ବାହିନୀ ।
ଏକ ପକ୍ଷ ଇଂଲଣ୍ଡ ଫରାସୀ ଦୁଇ ସେନା,
ପକ୍ଷାନ୍ତରେ ଏକା ଜରମାନ ବଜ୍ରସେନା ।
ବ୍ରିଟିଶ ପକ୍ଷରେ ଲର୍ଡ ଗୋର୍ଟ ସେନାପତି,
ତାଙ୍କ ସଙ୍ଗେ ଫରାସୀ ଦୁଇ ଦଳ ସେନାଛନ୍ତି ।
ଯୁଝୁଁ ଯୁଝୁଁ ଛାଉଣୀରୁ ହୋଇଲେ ବିକଳ,
ମୁକ୍ତି ଛଡ଼ା ପଥ ଆଉ ନ ଥିଲ ତ ଭିନ୍ନ ।
ଫ୍ଲାଣ୍ଡର୍ସ ବୋଲିଣ ଏହି ରଣାଙ୍ଗନ ନାମ,
ହୋଇଲା ଇଂରାଜ ଫରାସୀଙ୍କ ଭୁବି ଧାମ ।
ବାର ପର ପଛଘୁଞ୍ଚା ଦେଇ ସୈନ୍ୟଗଣେ,
ଅଟକିଲେ ଶୁନାମ ମହା ଦଳଗଳୀ ପଣେ ।
ବେଲଜିୟମ ରାଜା ତାଙ୍କ ନାମ ଲିଓପୋଲ୍ଡ,
ଆତ୍ମସମର୍ପଣ କଲେ ଖାଇ ଗାଇ ମାଡ଼ ।

( କ୍ରମଶଃ )

Digitized by srujanika@gmail.com




ଶେଷରେ ଶ୍ରୀ ଉତ୍କଳ ସମ୍ମିଳନୀର ଅଧିବେଶନ ହୋଇଲା । ମଞ୍ଚ ଦ୍ୱାର ଶ୍ରୀମନ୍ମହାରାଜ ପୁରୋଧା ହୋଇଲେ । ମହୋଦଧିର ଗର୍ଜନ ବହୁ ଦେଉଳରେ ନ ପଶିଲା ପ୍ରାୟ ବହୁ ଗର୍ଜନ ତର୍ଜନ ହୋଇଲା । ବହୁ ପ୍ରସ୍ତାବମାନ ପାସ୍ ହୋଇଲା । ମାର୍ଚ୍ଚର ଗୀତାରେ ଅଙ୍କୁରିଲ. ତାଳତାଳ ମୁକ୍ତିବୀରମାନେ ପଣ କଲେ । ଜନ୍ମଭୂମି ଉତ୍କଳ ଦୁଃଖିନୀ ଅଟେ । ମିଳିଲା । ଏ ଜନ୍ମଭୂମି ଉତ୍କଳୀ ହୋଇଲେ ଉତ୍କଳ ଏ ଦୁର୍ଦ୍ଦିନ କେବେ ଉନ୍ମୁକ୍ତ ହୋଇବ । ସେ ଉନ୍ମୁକ୍ତରେ ରାଜା ହୋଇବେ ଶ୍ରୀ ଶ୍ରୀ ବୀରଶ୍ରୀବୀରବର ପ୍ରତାପୀ ଭୂତ ଏକବୋଟି ଉତ୍କଳ ବର୍ତ୍ତେଶ୍ୱର ଶ୍ରୀ ଶ୍ରୀ ଶ୍ରୀ ପାରଳାଧିପତି । ଏମନ୍ତେ ଏକଦା କଂଗ୍ରେସପନ୍ଥୀ ସମ୍ମେଳନୀର ଅଭ୍ୟର୍ଥନ ଗୀତାଲେଖକ ଶ୍ରୀ ଜଗବନ୍ଧୁ ସିଂହ ସିଂହର ଲାଙ୍ଗୁଳ ତୁଲ୍ୟ ପଶ୍ଚାତ୍ ଦନ୍ତରୁ ଭୂଷଣ ଖସିଗଲା । ପାରଳାଧୀଶ ଉଦ୍ବେଗରେ ଏହାଙ୍କୁ ଶୁଣିମନ୍ତ୍ରୀ ଅସନ ଦେବାର ଆଶା ତୋଡ଼ିଲେ । ଦେଶନିର୍ଣ୍ଣୟ ନମନ୍ତେ ବର୍ତ୍ତମାନ ଅଞ୍ଚଳକୁ କର୍ମୀ ଯିବାର ସ୍ଥିର ହୋଇଲା । ମାତ୍ର କର୍ମୀ ନଯାଇ ପାସ ପଠାଇଲେ ବଳ୍ପିଲା ଭୟ ତଥା ଅଛି ଲୋଭ଼ଅଙ୍କ ସଂଖ୍ୟା ଅଧିକ ପକ୍ଷକୁ ନେବା ପ୍ରସଙ୍ଗ ତାହାର ଅଙ୍ଗିକ ଦଣ୍ଡିଲା ନାହିଁ । ଏଣୁ ଅସନ୍ତା ବୈଠକରେ ଜଣେ ପ୍ରସିଦ୍ଧ ଲେଖକ ପ୍ରସ୍ତାବ କରିବେ ଯେ ଉତ୍କଳ ସମ୍ମିଳନୀ ଦ୍ରୋପଦୀ ବା ଘଟକ ପଦ ଗ୍ରହଣ ହୋଇ ଏ କାର୍ଯ୍ୟରେ ଅଗ୍ରସର ହୋଇଲେ ଅଧିକ ଶୀଘ୍ର ଲକ୍ଷ୍ୟରେ ଉପନୀତ ହୋଇପାରିବ । ଏମନ୍ତେ ମେଦିନୀପୁରର ବୈତରଣୀ 'ବେଜାଇ' ତଥା 'ଡ୍ରେଲ'ଙ୍କ ଘଟକର ବ୍ରାହ୍ମଣମାନଙ୍କ ସହିତ, ସିଂହଭୂମିର ହୋ ମାନଙ୍କ ଘଟକର କରଣଙ୍କ ସହିତ ବୈବାହିକ ସମ୍ପର୍କ ପ୍ରତିଷ୍ଠିତ ହୋଇବ ଏବଂ ତଥ ଜାତ୍ ବିଭ୍ରାଟର ଜାତ ସକଳ ମୁକ୍ତ ହୋଇବାର ଆଶା ପୋଷଣ କରିହିବାର କଥାକୁ ଅନ୍ୟାୟ୍ୟ ନ ବୋଲିବା ।

ଘଟକ ସାରଳା ପୀଠରେ ଉତ୍କଳ ବିଶ୍ୱବିଦ୍ୟାଳୟର ବୈଠକ ବସିଲା । ମାତା ବୀଣାପାଣି କରଣ କି ବ୍ରାହ୍ମଣ ଏ ତଥ୍ୟ ସ୍ଥିର ହୋଇଲା ବନ୍ଧୁଗଣ ଅବଧି । କରଣ ବ୍ରାହ୍ମଣ ଉଭୟଙ୍କ ଦାଉରେ ମାତ ବୀଣାପାଣି ଯଥାନ୍ତ୍ର ପ୍ରତାପଙ୍କ ଆଶ୍ରା ନ ପାଇ ଗ୍ରହିବାକୁ ନଭିଲେ ସବାତରେ ଏକ'ଅଟର ଅବଲ୍ଲରେ ଅବଲ୍ଲରେ । ଏବାଡେମି ବାଉନ୍ସିଲ ଉପରେ ପଡ଼ିଲ ବଜ୍ର । ଏ ବଜ୍ର ବ୍ରାହ୍ମଣର ବ୍ରହ୍ମାସ୍ତ୍ର ନାମ ଧରି କରଣଙ୍କ ଅଭ୍ରଣ ଅସ୍ତ୍ରକୁ ଉଡ଼ାଇ ନେଲା ଖଣ୍ଡ ବିଖଣ୍ଡ ଲଣ୍ଡଭଣ୍ଡ ଛନ୍ନଭିନ୍ନ । ବ୍ରାହ୍ମଣ ଗୋଦାବରୀଶ ବି ଜୟୀ ହୋଇଲେ । କରଣ ପରାଜୟ ହେତୁ ଅଙ୍ଗ ଭୂମିରେ ପଡ଼ିଲେ । ଛାଡ଼ିଲେ ରାଧେ ଶ୍ୟାମ ରାଧେ ଶ୍ୟାମ ଧ୍ୱନି ।

ତହୁଁ ବୀଣାପାଣୀଙ୍କ ବନ୍ଦନା ହୋଇଲା । କେଣ୍ଟୁ କହିଲେ ନବ ଯୁଗର ରାଧାନାଥ କବିତା ଲେଖିଲେ—

ମାତ ବୀଣାପାଣି କେଉଁ ପାପ ଫଳେ,
ବ୍ରାହ୍ମଣ କପାଳେ ଚାଉଳଣ ଫଳେ,
ଅମ ଚାଉଳଣ ଖାଇବଲୁ ପୋକ,
ଦେଖ ବନ୍ଧୁଜନ୍ମ ଗାଅଁ ଯାକ ଲୋକ ।

ତହୁଁ ଚକ୍ରପାଣି ତହିଁର ପଦ ପୂରଣ କଲେ—

ମାତ ବୀଣାପାଣି କର୍ମ ଫଳେ ଫଳେ,
କରୁଣା ତୋହର ଏ କରଣ ଦଳେ
ସେଦେନ୍‌ଟେରଏଟ ଭରିଲ ପାଇଲ,
ତଥାପି ବ୍ରାହ୍ମଣ ପାଶେ ନ ଅଇଲ
ରାଜାଙ୍କ କଲ୍ଲ ମୁଁ ପ୍ରିବିଦ୍ୟା ବାଗୀଶ
ଲକ୍ଷ୍ମୀ ସରସ୍ୱତୀ ଉଭୟଙ୍କ ଶିଷ୍ୟ;
ତଥାପି ମୋହର ଲେଖ ଅପବାଦ,
କର କେବେ ମାତ ମେଣ୍ଟିବ ଟୋ ସାଧ ।

ଏ କବିତା ପାଠକ ଲାଇବ୍ରେରୀ ଆଠ୍ୟ ପୁସ୍ତକକୁ ଦିବାର ସ୍ଥିର ହୋଇଲା । ଏବଂ ପ୍ରଥମ କବିତାକୁ ପଢ଼ି ଟେଗୋ-ମୋର ପୂଜ ମୂଳରେ ଜଳ ସେଚନ କଲେ ଅଧିକ ଶସ୍ୟ ଉପୁଜିବାର ପ୍ରମାଣ ମିଳିବାରି ବାକୀ ରହିଛି ।

ଶ୍ରୀଯୁକ୍ତ ମହତାବଙ୍କୁ ଉତ୍କଳ କେଶରୀ ଅଖ୍ୟା ମିଳିଲା । ମହତାବଙ୍କ ଭଳି ଉତ୍କଳ ସେବକ ପକ୍ଷରେ ଏହା ଅତି ତୁଚ୍ଛ ହୋଇଲା । ଉତ୍କଳର ପ୍ରତି ଜିଲ୍ଲା ଏକ ବିଶେଷ ବିଶେଷ ନାମ ଦେବାର ପ୍ରସ୍ତାବ ହେଉ । କୋରାପୁଟ ଦେଉ—ଉତ୍କଳ ଜନ୍ମଭୂମା, ଗଞ୍ଜାମ ଦେଉ—ଉତ୍କଳ ବମା, ପୁରୀ ଦେଉ—ଉତ୍କଳ ମହନ୍ତ, କଟକ ଦେଉ—ଉତ୍କଳ ହୋବଗ, ବାଲେଶ୍ୱର ଦେଉ—ଉତ୍କଳ ମଣିକ; ସମ୍ବଲପୁର ଦେଉ—ଉତ୍କଳ ହେନା, କଲିକତା ଦେଉ—ଉତ୍କଳ କୁଲି; ଜାମସେଦପୁର ଦେଉ—ଉତ୍କଳ ମେଣ୍ଢା । ତଥାପି ମହତାବଙ୍କର ଅଶେଷ ସେବାକୁ ଏ ଯଥେଷ୍ଟ ହୋଇବ କି ? ଏମନ୍ତେ ଜିଲ୍ଲାବାସୀମାନେ ସ୍ୱ ସ୍ୱ ଗୁଣ-କର୍ମାନୁସାରେ ନାମ ଧରି, ଉପାଧି ଧରି, ଶ୍ରୀ ମହତାବଙ୍କୁ ଦେଇ, ଅପଣାର ନାମକୁ ଧନ୍ୟ କରିବେ ।

ଶ୍ରୀ ଉଗର ଏ ଅବସରରେ ଉତ୍କଳରେ କେଶରୀ ନ ଥିବାରୁ ଶ୍ରୀ ମହତାବଙ୍କୁ ଉତ୍କଳ ହାତୀ ଉପାଧି ପ୍ରଦାନ କରିବାର ଅନ୍ତରର ଅଗ୍ରହ ଜଣାଇଲା । ମହତାବ କିନ୍ତୁ ଏ ବୋଝ ବୋହିବାକୁ ନାରାଜ ।

ବାଲେଶ୍ୱର ଜିଲ୍ଲା କଂଗ୍ରେସ କର୍ମୀ ସମ୍ମିଳନୀ ହୋଇଲା । ଶ୍ରୀଯୁକ୍ତ ମହତାବ ସଭାପତି ହୋଇଲେ । କର୍ମୀମାନେ ଗଭୀର ଗବେଷଣା କରି ଲକ୍ଷ ମିଛ ଘର ଅନ୍ଧାର କାରବାରକୁ ହଟାଇବା ପାଇଁ ପଣ କରି ମେଣ୍ଟ ଭାଙ୍ଗିଲେ । ଏକ ସାଧାରଣ ସଭାରେ ମହତାବ ବେତ ଉଠାଇ କହିଲେ, "ଏ ରାଜ୍ୟରେ ପେନ୍‌ସନ୍‌ରୁ ଅଇ, ସି, ଏସ୍, ଅଫିସର ଦସ ଖାଉଛନ୍ତି; ମଦ ପିଉଛନ୍ତି, ବେଶ୍ୟାହାନିତା ଅବରୁଛନ୍ତି ତାଙ୍କୁ ସେଇ ବେତରେ ବାଡ଼େଇବେ ।" ଶ୍ରୀଯୁକ୍ତ ମହତାବ ପଢ଼ିଥିଲେ ପିଲାଦିନର ପାଠ ମାଷ୍ଟ ବଣ ଓଷ୍ଟା ଅବଧାନ ପାଖେ । ଏବେ ତାଙ୍କର ତାହା ମନେ ଥିବ । ମହତାବ ଓଡ଼ିଶାରେ ଅଉ ଯେଉଁଠାରେ ବେତ ଧରନ୍ତୁ ମାତ୍ର ବାଲେଶ୍ୱରଠାରେ ତାଙ୍କଠାରୁ ବଡ଼ ଓଷ୍ଟାଏ ଅଛନ୍ତି । ସାଧୁ ସାବଧାନ ହେଲିବା ।

କିନ୍ତୁ ଶୁଣାଗଲା ତହିଁ ପରଦିନ ବାଲେଶ୍ୱରର ଜିଲ୍ଲାକର୍ତ୍ତା ଶ୍ରୀ ମହତାବଙ୍କୁ ଦାବତ ବା ନମନ୍ତ ଦେଇ କଥାକୁ ଜଣାଇଲେ ।

Digitized by srujanika@gmail.com



# ଫଟୋ ବୁକୁ

ଲେଖକ:—ଶ୍ରୀ ଶରତକାନ୍ତ ଭୂୟାଁ

ଶୁଣ ପ୍ରିୟ ସହଚର,
ଆଣି ଦିଅ ମୋର ପରାଣେଶ୍ୱରୀ
ଫୋଟୋ ବହୁଟ ମୁଁ ଅଣ୍ଟ ଧର, ସଜନୀ ଗୋ—

ପ୍ରେମର ଗଂଠାଉ ନିଅ
ଢାଲୀଲୁଳୁସ୍କ ପାଟେଗଇ ବନ୍ଧ ଗୋ
ମନୁ ଫେଜ୍ ସବୁ ସନ୍ଦେହ ସଜନୀ ଗୋ—

ବଗମର ଛା'ର ଗୁଲ
ଫଟୋ ଛୁଂଦେ ଝାଡ଼ ଦେଇଛି ବାଲ
ଯେ ତ ରଚ ଚଚ କରେ ଖାଲ ସଜନୀ ଗୋ—

କଥା incendiary ମାଡ଼
ମଧୁର ପଣରେ ନିମ୍ବକୁ ଛାଡ଼ ଗୋ
ପ୍ରେମ ଭାଙ୍ଗି ଦେଲା ମେରୁଦଣ୍ଡ ସଜନୀ ଗୋ —

ରୂପ ଖ୍ୟାତିର ନାରୀ
ଡାମ ଛାଲ ଭିଡ଼ା ହୋଇଲା ପର
ଦେଖି ଯୋଦ୍ଧାମନ ଯିବେ ଥର ସଜନୀଗୋ

ଅପରୂପ ଛାର ସଜ
ଖାଣ୍ଡ ଦଣେ ଯେଉଁଠି ଜଉଳା ବାଜ
ଛାଡ଼ ଦେଇଛି ସେ କୁଳ ଲାଜ ସଜନୀ ଗୋ ।

ମାମୁଁ ବାଛୁଥିଲେ ବୋହୂ
କେନ୍ଦୁ ବଣେ ଅଛା ଚନ୍ଦ୍ରମା ସେହୁ ଗୋ
ମନ କୃଷ୍ଣ ନାମ ଧ୍ୟାଇ ଥାଇ ସଜନୀ ଗୋ

କେତେ ଅଶା ଥିଲା ମନେ
।

ଅଧୁନିକା ବୋହୂ ଅମିବ କଣେ ଗୋ
ଅସି ଗ୍ରାସିଛୁ ନେସ ଗୋଷ୍ଠି ପଣେ ସଜନୀ ଗୋ ।

ସୂଚନାଲି ଯେତେ ଗୋ 'ଅଣା
ଘୋଡ଼ାଇ ରଖିଛୁ ପୃଷ୍ଠ 'କ୍ରୁଷ୍ଣା' ଗୋ
କେବେ ସରବ ଏ ସର୍ବନାଶା ସଜନୀ ଗୋ ।

ଦରମା ଉପରଣ୍ଠାଙ୍କା
D. A. ମିଳାଯାଏ ନଅଟି ଟଙ୍କା ଗୋ
ମାସ ଦୁଇ ତାରିଖରେ ଫାଙ୍କା ସଜନୀ ଗୋ—

ଲେଖନ୍ତି ସେ ବାପ ଘରୁ
ସ୍ନୋ ପାଉଡର ଶାଢ଼ୀ ଅଗ୍ରୁ ଗୋ
ଖସିପଡ଼େଁ ମେଘାସନ ଶିରୁଁ ସଜନୀ ଗୋ—

ନ ଦେଲେ ଯିବେ ସେ ଗୁଲ
ଫେଡ଼ ଫେସ୍ ଡାମ ପଡ଼ିଛି ଖାଲ ଗୋ
ଛାଡ଼ ଛାଡ଼ ଅଖି ଦେଲା ନାଲି, ସଜନୀ ଗୋ ।

ମାଗନ୍ତି ହଲେ ଯୁତା
ଡର ଲାଗେ ପଛ ଫଣ୍ଡ୍ ଉଠା ଗୋ
ବାଟେ ଲାଗିଯିବ ଗାଲେ ଗୁଡ଼ା ସଜନୀ ଗୋ ।

ଏ ରୂପେ ଏ ଶଙ୍କ କଥାଁ
କେଉଁ ବାହାକୁ ଏ ଅଲଗା ଦିଅ
ଛାଡ଼ ଭିତରେ ଲାଗୁଛି ନିଅଁ ସଜନୀ ଗୋ ।

ମିନତି ଏତିକି ଥାଉ
ନଅପେ ସେ ଯେବେ ନ ଅସି ଥାଉ
ତୋମା ମାଉରେ ମୋ ପ୍ରାଣ ଯାଉ ସଜନୀ ଗୋ—

Digitized by srujanika@gmail.com

# ମିଠା-କଡ଼ା

ଲେ:— ବୁଦ୍ଧୁରାମ

ଗୋଟିଏ ପତ୍ର ପାଇଛି । ପତ୍ରଟି ଏହିରୂପ ।

ବୁଦ୍ଧୁରାମଜୀ,

ଥରେ ଡଗରରେ ଆପଣ ମିଠା କଡ଼ାରେ ଯାହା ଲେଖିଛନ୍ତି ତାହା ପାଠ କରି ମୋର ଆଖି ଖୋଲି ଯାଇଛି । ଅତ୍ୟାଚାରିତ ଅବଳା ଜାତିର ମଙ୍ଗଳ ପାଇଁ ମୁଁ ଆଜୀବନ କର୍ମ କରି ଆସିଛି । କେତେ 'ନାରୀ ମଙ୍ଗଳ ସମିତି', 'ନାରୀରକ୍ଷା ସଂଘ' ',"ମହିଳା ମୁକ୍ତି ସଙ୍ଘ" ପ୍ରଭୃତି ଗଢ଼ି ତହିଁରେ କାମ କରିଛି । କିନ୍ତୁ ଆପଣଙ୍କ ଲେଖାଟି ପଢ଼ି ମୋର ମନେ ହେଉଛି, ଏତେଦିନ ଯାହା କରି ଆସିଲି, ତାହା ସମସ୍ତ ବେକାର । ବରଂ ମୁଁ ପୁରୁଷ ଜାତିର ବନ୍ଧନ ଓ ଦାସତ୍ୱକୁ ଦୃଢ଼ତର କରିଛି । ମହିଳାଙ୍କର ମନ କଥା ଜାଣିବା ଦୁଷ୍କର । "ଦେବାଃ ନ ଜାନନ୍ତି କୁତଃ ମନୁଷ୍ୟାଃ ।" ଯେଉଁ ମହିଳା ଆପଣଙ୍କୁ ଏତେ ମନ ଖୋଲି କଥା କହିଦେଲେ ସେ ପ୍ରକୃତରେ ଜଣେ ବୀରାଙ୍ଗନା । ତାଙ୍କ ସହିତ ଏ ଯୁଗରେ ଏକା ଚର୍ଚ୍ଚିଲ ସାହେବଙ୍କର ତୁଳନା ହୋଇପାରେ ।

ସଂଖ୍ୟାରେ ପୁରୁଷ ଜାତି ନ୍ୟୂନ । କ୍ଷମତାରେ ଊଣା । ଏପରି ସ୍ଥଳେ ପୁରୁଷ ଜାତିର ସ୍ୱାର୍ଥ କିପରି ରକ୍ଷା ହେବ ଓ ପୁରୁଷମାନେ ନାରୀର ଶୋଷଣ (exploi tation)ରୁ କିପରି ମୁକ୍ତି ପାଇବେ ସେହି ଚିନ୍ତା ମୋତେ ଘେରି ଓ ଘାରି ବସିଲାଣି । ବାସ୍ତବିକ ପୁରୁଷର ଦଶା [illegible] ହୀନ, କି ଦୟନୀୟ । ମୁକ୍ତିର ପଥ କାହିଁ ?

ଆପଣଙ୍କର
ଶ୍ରୀ............ପଣ୍ଡା

ଆଉ ଗୋଟିଏ ପତ୍ର ।

ପ୍ରିୟ ବୁଦ୍ଧୁରାମ ବାବୁ,

ଗତ ସଂଖ୍ୟା ଡଗରରେ ଆପଣ ଲେଖିଥିବା ମହିଳାଙ୍କ କଥା ପଢ଼ି ମୋର ବୁକ ଶୁଖିଲାଣି । ପୁରୁଷ ଜାତି କିପରି ଉଦ୍ଧାର ପାଇବେ ? ଏଥିପାଇଁ ଆପଣ ଓ ଆପଣଙ୍କ ଭଳି ମାଇଚିଆ ପୁରୁଷ ଷଣ୍ଢମାନଙ୍କୁ ନେଇ ଏକ "ନରରକ୍ଷା" ବା "ମର୍ଦ୍ଦ ମୁକ୍ତି" ସମିତି ଗଠନ କରନ୍ତୁ । ନାରୀଙ୍କ ଅତ୍ୟାଚାରରୁ କିପରି ପୁରୁଷ ରକ୍ଷା ପାଇବେ ଏହା ହେବ ସମିତିର ଲକ୍ଷ୍ୟ । କିନ୍ତୁ ଏହା ଆପଣଙ୍କୁ ଗୋପନରେ କରିବାକୁ ହେବ । କାରଣ ପ୍ରକାଶ ପାଇଲେ ରକ୍ଷା ନାହିଁ । Concentration Camp ର କବାଟ ତାର ଠିକଣା ନାହିଁ । ଯାହା କରିବାର ଶୀଘ୍ର କରନ୍ତୁ; ଅନ୍ତତଃ ସାନଫ୍ରାନ୍‌ସିସ୍କୋ ଶାନ୍ତି ସଂଗଠନ ନ ସରୁଣୁ ! ଏତିକି [illegible]

ଶ୍ରୀ............ମହାପାତ୍ର

ପୁଣି ଗୋଟିଏ ।

ମହାଶୟ,

ଯେଉଁ ମହିଳାଟି ଆପଣଙ୍କୁ ଏପରି ମନଖୋଲି କଥା କହି ନାରୀ ସମାଜର ଗୁପ୍ତ ରହସ୍ୟ ପ୍ରକାଶ କରିଦେଲେ, ସେ କିଏ ? ଯେ ହୁଅନ୍ତୁ, ସେ prof. Laski କିମ୍ବା Sorensenଙ୍କ ଭଳି ଜଣେ ଲଙ୍କାର ବିଭୀଷଣ । ଉଦାର ହୃଦୟା ସେ ମନସ୍ୱିନୀ ମହିଳା ପୁରୁଷ ଜାତିର ଯେ ଉପକାର କରି ଗଲେ ତାହା କହି ହେଉନାହିଁ । ନର—ମୁକ୍ତି ଆନ୍ଦୋଳନର ଇତିହାସରେ ତାଙ୍କର ନାମ ଉଜ୍ଜ୍ୱଳ ଅକ୍ଷରରେ ମୁଦ୍ରିତ ହୋଇ ରହିବ ।

ନାରୀ ଜାତି ଆମକୁ ଖଟାଇ ନାକରେ ଦଉଡ଼ି ଦେଇ ଅଡ଼ାଇ କି ଅବସ୍ଥାରେ ଚିରଦାସ କରି ରଖିଛନ୍ତି ମ ! ସବୁ କାମ ଆମର ହାତରେ ବସାଇ ଦେଇ ଘରେ ବସି ଅଧିକ ଲଭ୍ୟାଂଶ ଭୋଗ କରି ତାହା ଉପରେ ପୁଣି ହୁକୁମ ଚଳାଇ ବୋଲାଉଛନ୍ତି ଦାଧାରାମ । ଏଯାକେ ଯେ ରନ୍ଧନ ଓ ସନ୍ତାନ ପାଳନଟା ଆମକୁ ଦେଇ ନାହାନ୍ତି ଏତିକି ଆମର ଭାଗ୍ୟ । ମୋର ଡର ହେଉଛି, ଯଦି ତାହା ବି ଆମର ମୁଣ୍ଡରେ ଲଦନ୍ତି, ଆମେ କଣ କରିବୁ । ମୋତେ ଉପାୟ କହନ୍ତୁ । ଇତି ।

ଆପଣଙ୍କର
ଶ୍ରୀ............ଦାସ

୩ୟ ପତ୍ରର ଉତ୍ତର:—

ଏ ଭୟ କରିବାର ଆବଶ୍ୟକ ନାହିଁ । ରନ୍ଧନଟାକୁ ମାଇପେ ହାତରୁ ଛାଡ଼ିବେ ନାହିଁ । କାରଣ ପୁରୁଷଙ୍କୁ ଜବଦରେ ରଖିବାର ତାହା ଗୋଟିଏ ଅମୋଘ ଅସ୍ତ୍ର । ('V-2'secret weapon) ଆଉ ସନ୍ତାନ ପାଳନଟା ସେ ପୁରୁଷଙ୍କୁ ଦେବେ ନାହିଁ । କାରଣ ତାହା ହେଲେ ପୁରୁଷ ସେହି ବାହାନାରେ ଘରେ ବସି ମିଳି କାଟେଇବେ ଓ ବାହାର ପାଇଟିକୁ ଯାଇ ପାରିବେ ନାହିଁ । ନାରୀ ଏତେ ବୋକା ନୁହନ୍ତି ।

କେବଳ ଗୋଟାଏ ଭୟ ଅଛି । ନାରୀମାନେ ଗର୍ଭ-ବହନ ଓ ପ୍ରସବ କାର୍ଯ୍ୟଟା ପାଇଁ ବଡ଼ ବିରକ୍ତ । କେବଳ ନିରୁପାୟ ହୋଇ ସେ କାର୍ଯ୍ୟ ପୁରୁଷ ମୁଣ୍ଡରେ ଲଦି ପାରୁ ନାହାନ୍ତି । ମାତ୍ର ଅସ୍ତ୍ରୋପ-ଚାରର ଯେପରି ଉନ୍ନତି ଦେଖାଯାଉଛି, ଦିନେ ଯେ ସେ ଭାର ପୁରୁଷ ଉପରେ ନ ପଡ଼ିବ ତାହା କିଏ କହିପାରେ !

ପ୍ରଥମ ପତ୍ରର ଉତ୍ତର—

ପୁରୁଷ ଯେତେଦିନଯାଏ ତାହା ଉପରେ ନାରୀ ଜାତିର ଅତ୍ୟାଚାରଟାକୁ ବୁଝି ପାରି ନଥିଲା ସେତେଦିନ ତ ଆପଣାକୁ ମାଲିକ ମଣି ଭ୍ରମରେ ପଡ଼ିରହି ଥିଲା । ଯେତେବେଳେ ଜାଣିଲାଣି—ଜାଗ୍ରତ ଆସିବ ଏଣିକି ଆପେ ଆପେ । ପୁରୁଷ କେବେ ଚିରଦାସ ହୋଇ ରହିବ ନାହିଁ । ତାର ଜନ୍ମଗତ ଦାବି (birth right) ସେ ନିଶ୍ଚିତ ହେଲେ ହାସଲ କରିନେବ ଦିନେ । ସବୁର କରନ୍ତୁ ।

ଦ୍ୱିତୀୟ ପତ୍ରର ଉତ୍ତର—

ନରରକ୍ଷା ସମିତି ଗଢ଼ିବା ଖୁବ ଦରକାର । ଏହା ଆରମ୍ଭ କରିଦେଲେ ପୃଥିବୀଯାକ ଏହାର ଶାଖା ମେଲିଯିବ । କିନ୍ତୁ ଖବର କାଗଜରେ ଯେପରି ପ୍ରକାଶ ନପାଏ । ଆମର ଶତ୍ରୁ ବଢ଼ିଗଲେ ଟେଣିକି ପଟେ ଜଣାପଡ଼ୁ । ହିଟଲରଙ୍କ ପରି Underground କାମ କରିବାକୁ ହେବ । ଆପଣ ପ୍ରଥମେ ସଙ୍ଗଠନରେ ପ୍ରପୀଡିତ ଓ ସେଥିପାଇଁ ବ୍ୟସ୍ତ । ନରଙ୍କର ଗୋଟାଏ Statistic ସଂଗ୍ରହ କରନ୍ତୁ । ତାଲିକାଟି ମୁଁ ପାଇଲେ କାମ ଆରମ୍ଭ କରିବ ।

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଜଗର'ର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା, ସାହସ ଓ ଅହିଂସା ଆଦର୍ଶରେ ସେମାନଙ୍କ ଉଦ୍ବୁଦ୍ଧ କରିବା ।

(୧୮ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

---

ସ୍ନେହର ନାତିନାତୁଣୀଏ

ଏଣିକି ମଝିରେ ମଝିରେ ପ୍ରତିଯୋଗିତା ହେବ । ପ୍ରତିଯୋଗିତାରେ ଖାଲି ୧୮ ବରଷରୁ ଊଣା ନାଗମାନେ ଯୋଗ ଦେବେ । କେଉଁ ନାଗ ବୟସ କେତେ ମୋର ଜାଣିବାର ଉପାୟ ନାହିଁ । ସେଥିପାଇଁ ଏଣିକି ନୂଆନାଗ ହେବା ବେଳେ ସମସ୍ତେ ଜନମ ତାରିଖ ଦେବେ । ଯେଉଁ ପୁରୁଣା ୧୮ ବର୍ଷରୁ କମ୍ ବୟସର ନାଗ ଅଛନ୍ତି, ସେମାନେ ମଧ୍ୟ ତାଙ୍କ ଜନ୍ମ ତାରିଖ ଜଣେଇ ଦିଅନ୍ତୁ । ଅଠର ବରଷରୁ ବେଶୀ ଯେଉଁ ନାଗଙ୍କର ହୋଇଗଲାଣି ସେମାନେ କେବଳ ଲେଖା ଆଦି ପଠାଇ ପାରନ୍ତି । କିନ୍ତୁ ନାମ ତଳେ ପୁରାତନ ନାଗ ବୋଲି ଲେଖି ଦେବେ ।

ତମର ଅଜା

## ହସ୍ତାକ୍ଷର ପୁରସ୍କାର

୧ । କର୍ଣ୍ଣୁରି ଚରଣ ଦାସ (୪୫୬) } ପ୍ରତ୍ୟେକ ୫।୧୮ କରି
୨ । ରାମଚନ୍ଦ୍ର ପାଢ଼ୀ (୫୧୨)

## ଅବସର ବିନୋଦନ ଉତ୍ତର

୬୦୫, ୬୦୩, ୫୮୪, ୬୦୪, ୫୮୭, ୪୫୬ ଓ ଶଙ୍କର ଙ୍କର ଉତ୍ତର ଠିକ ।)

ଅଠସେରିଆରୁ ଛ'ସେରିଆରେ ଢାଳ । ଛ'ସେରିଆରୁ ପୁଣି ୨ ସେରିଆକୁ ଢାଳ । ବର୍ତ୍ତମାନ ଅଠ ସେରିଆରେ ୨ ସେର, ୨ ସେରିଆରେ ୨ ସେର ଓ ୬ ସେରିଆରେ ଚାରି ସେର ରହିଲା । ଦୁଇଜଣ ସମାନ ଚାରି ଚାରି ସେର ପାଇବେ ।

## ଅଜାଙ୍କ ଉତ୍ତର

ଶ୍ୟାମସୁନ୍ଦର ପଣ୍ଡା, (୪୦୪)—ସମସ୍ତେ ଆଜୀବନ ନାଗ ହେବା ଉଚିତ ।

ରାମଚନ୍ଦ୍ର ପାଢ଼ୀ (୫୨୨)—ଜଗର ୮ମ ବର୍ଷ ୭ମ ବର୍ଷ ଯେତେ ଇଚ୍ଛା ସେତେ ପାଇବ । ୮ମ ବର୍ଷ ୫।୫୮, ୭ମ ବର୍ଷ ୫।୧୦୮ ।

କୃପାସିନ୍ଧୁ କର (୬୦୩)—ଏଣିକି 'ଜଗର'ର ପ୍ରତି ସଂଖ୍ୟାରେ ଅବସର ବିନୋଦନ ପାଇଁ ବାହାର କରିବାକୁ ଚେଷ୍ଟା କରିବ ।

## ନାଗଙ୍କ ପ୍ରଶ୍ନ

୪୦୪ ନମ୍ବର ନାଗ ପଚାରିଛନ୍ତି । ଅନ୍ୟାନ୍ୟ ନାଗ ଭାଇମାନେ ଉତ୍ତର ପଠାଇବେ ।

୧ । ଭାରତରେ କେତେଜଣ ଓଡ଼ିଆ ଆଇ: ସି: ଏସ: ?
୨ । ଇମ୍ପରିଅଲ ଗ୍ରେଡ଼ର ବୃତ୍ତି ପାଇଥିବା ଓଡ଼ିଆଙ୍କ ନାମ ଓ ଠିକଣା କଣ ?
୩ । ଓଡ଼ିଶାରେ ସବୁଠୁ ଧନୀ ଲୋକ କିଏ ?
୪ । ଉତ୍କଳର ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀଙ୍କ ନାମ କଣ ?
୫ । ନୂଆଖୁଣ୍ଟି କେଉଁ ଦଳର ମୁଖପତ୍ର ।

## ଅବସର ବିନୋଦନ ପାଇଁ

( ୧ )

ରହିବା ସ୍ଥାନକୁ କିବା ହୋଇଥାଏ
ବୋଲନ୍ତି କିସ ଯୁଦ୍ଧର ଶେଷ

ଏ ଦୁଇ ଶବଦ,
ଶେଷ ଦୁଇବର୍ଣ୍ଣ କରିବ ପଦ ।

( ୨ )

ନାଲି ଫୁଲ ନାମ ଦୁଇ ଅକ୍ଷରେ,
ସେ ଦୁଇକି ନେଇ ଥୁଅ ଆଗରେ,
ତିନି ଅକ୍ଷରରେ ମଣିଏ ଥାଇ,
ଶେଷାକ୍ଷର ଉଡ଼ି ଯାଇଛି କାହିଁ;
ବ୍ୟଞ୍ଜନ ପ୍ରଥମ ବର୍ଣ୍ଣ ସେ ଶେଷ,
ବାକି ଦୁଇବର୍ଣ୍ଣ ଦେଖି ବିଶେଷ;
ଫୁଲରୁ ଯେ ଥିଲି ଦୁଇ ଅକ୍ଷର,
ତା ପାଖେ ଏହାକୁ ସଂଯୋଗ କର;
ହେବ ସେ ନେତା,
କହିଦେବ ଥିବ ଯେ ବୁଦ୍ଧିମତା ।

---

## ନାଗଙ୍କ କଲମରୁ

### ଆଷାଢ଼ ସଞ୍ଜ

ଝିପି ଝିପି ଝିପି ବର୍ଷୁଛି ବାଦ
ଦିବା କଟି ହୁଏନାହିଁ ଦିନଟି,

Digitized by srujanika@gmail.com

ଆଷାଢ଼ ବଧୂ ଙ୍କ ଝରଏ ଲୋତକ
ଅଣ୍ଠା ଅଶ୍ୱିନରେ ଆସେ ଶରତ ।
ନୀଳାକାଶ ଦେବ ଝରଏ ଟି ଅବା
ସ୍ୱର୍ଗର ସୁଧା ମରତ ଧାମେ,
ପିଅନ୍ତେ ମରତବାସୀ ହରଷେ
ଆଶିଷ ବରଷେ ନଗର ଗ୍ରାମେ ।
ଚକ ଚକ ଚକ ଖେଳଇ ଚପଳା
ଝଲସାଇ ଦଏ ନୟନ କ୍ଷଣେ,
ଦୁଃଖ ଅନ୍ଧାରରେ ଅଶାର ଅଲୋକ
ବନ୍ଧୁ ଦୂର ଦେଶୀ ପଥିକ ମନେ ।
ଚଡ଼, ଚଡ଼. ରଡ, ଡମ, ଡମ, ଡମ
ସ୍ୱର୍ଗ ଦେବତା ବାଇଦ ବାଜି,
ବରଷା ପଟ୍ଟଣେ ଉଡାଇ ଦଅଇ
ବଗତ ମିଳନ ସପନ ରାଜି ।
ଛପି ଛପି ଦବା ଅପସର ଯାଏ
ସଞ୍ଜ ଭୂଅସୁଣୀ ପ୍ରଦୀପ ଜାଳି,
ଶଙ୍ଖ ହୁଳହୁଳି କୁଟୀରେ କୁଟୀରେ
ଦେବାଳୟେ ବାଜେ ଘଣ୍ଟା କାହାଳୀ ।
ଗାଁଅଶେଷ ବଲ ଖେଳ ପଟେ ଗାଈ
ବାହୁଡ଼ାଇ ଦଲ ହରଷେ ଛୁଆ,
ଫେରଅସି ଘରେ ଗାଈଆଳ ଟୋକା
ପକାଇ ଦେଇଛି ଘାସ ଦ' ବୁଢ଼ା ।
ଗାଁ ସେ ମୁଣ୍ଡର ପଧାନ ଗୁଳାରୁ
ଧୂଆଁର ହେନ୍ତାଳ ଉଠିଲା ଖରେ,
ଘରେ ଘରେ ବଧୂ ସଞ୍ଜ ହେଲେ ବେଗେ,
ଚୂଲି ମୁଣ୍ଡ ପାଖେ ହରଷ ଭରେ ।
କେହୁ ଶାଶୁ ବୁଢୀ ମଠ ଦେଖି କହେ,
ବୋହୂକୁ ଅକଟ ଲୋ ଦୀପ ଝିଅ,
ସଞ୍ଜର ବଳନ୍ତା ସଜ କର ବେଗି
ଚଣ୍ଡିର ମୁଣ୍ଡରେ ଦଅଲୋ ଦିଅ ।
କୁଳ ଭୂଅସୁଣୀ ନୂଆବୋହୂ ତମେ
ଏ କି କଥା ସବୁ ଲକ୍ଷ୍ମୀ ଛଡ଼ା,
ନଇଛ ନଇଛ ସେହି କଥାକୁ
ଛଡ଼ିବାକୁ କାନ୍ଥୁ ପଡେ ଅଡ଼ଡ଼ା ।
ଅନ ଘରେ ଶାଶୁ ବୋହୂକୁ କହଇ
ଛିଇଲେ ଛତର ଖାଇବୁ କିଆଁ,
ଭାଉଆଣୀ ପାଣି ନ ଚଢ଼ାଇ ବେଗେ
କେତେ ଘଡି ହେଲେ ହୋଇବ ଝିଅ ?

ଏତେ ବଡ ଲୋକ ବାପ କିଲୋ ତୋର
ପିଢାରେ ବସାଇ କଇଛ ତୋତେ,
ଖୋଇଥିଲୁ ଅଲେ ଅଲକୁକି ଏଠି
ଗୃହର ଦେଖାଇ କିଆଁ ମ ମୋତେ ।
ଛକଡ ଦାଣ ତ ବାଘ ତୋର ତାହା
ମୋତେ କି ନୁହଇ ଏ ସବୁ ଜଣା,
ଦିନେ ଖାଏ ଦିନେ ପେଟେ ଓଦା କନା,
କହୁଥିଲୁ ପଢ ରାଜତ ସନା ?
ଗେରସ୍ତ ପୁଅ ତୋ ହଳକୁ ଯାଇଛି
ଅସିବ ହାଳିଆ ହୋଇ ଇଲ୍ଗେ,
ଖାଇବାକୁ ଯେବେ ମାଗିବ କି ଦେବୁ,
ଅଲେ ଅଲଚ୍ଛୁଁଲି ଲାଜ କି ଲାଗେ ।
ଗାଁଅ ଗୋଠାକରେ କାହାଁ ନ ଦେଖିଲି
ତେ ପରି ଅଲସୀ ଗୋଟିଏ ଝିଅ,
ବସି ବସି ଦିନ କଟାଉଛୁ ଦେଖି
ସହିବ କିପରି କହନା ଧିଅ ?

ଶ୍ରୀ ଗୋପୀନାଥ ବେହେରା
ନଂ ୬୭ ମ୍ବର ନାଗ

## ନାଗବନ୍ଧୁ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ଜନ୍ମ—ତା । । ମସିହା । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟା କରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ ବାର୍ଷିକ ଚାନ୍ଦା ୮ ୦ / ଅଜୀବନ ଚାନ୍ଦା ୫ ୦ ୯ ର ଡାକଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ____________________

ଠିକଣା ____________________

ତାରିଖ

## ନୂଆ ନାଗଙ୍କ ନାମ

୭୦୯ । ଶ୍ରୀମତୀ କମଳ କୁମାରୀ ଦେଈ (ଅଜୀବନ) C/o ଶ୍ରୀ ଗୋବିନ୍ଦଚନ୍ଦ୍ର ପରିଡ଼ା, ଜରସାହି—ପୋଃ ରାଜକନିକା, କଟକ । ୭୧୦ । ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଛାତ୍ର, ସମ୍ବଲପୁର ଜିଲ୍ଲାସ୍କୁଲ, ଏକାଦଶ ଶ୍ରେଣୀ, ସମ୍ବଲପୁର । ୭୧୧ । ଶ୍ରୀ କାଳନ୍ଦୀ ଚରଣ ନାୟକ ଯାଦବ, ଗ୍ରା. ଠାକୁର ପାଟଣା, ପୋ: ନୂଆପଡ଼ା, ଜ: କଟକ ।

Digitized by srujanika@gmail.com

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ଜୀବନ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରୋଲା ବ୍ୟବହାର କଲେ ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ଛୋଟ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିର୍ମୂଳ କରିବାକୁ ଅଧୁନାତନ ଜଗତରେ "ପାଇରୋଲା" ( ରେଜିଷ୍ଟାର୍ଡ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୧।୵ ( ପ୍ରତି ଶିଶି )

'ଅନନ୍ତରସ'—ସାଲସା ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।
ହେଡ୍‌ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍, କଲିକତା ।

ପ୍ରାପ୍ତିସ୍ଥାନ:— ମନମୋହନ ବୁକ୍‌ଷପ୍
ନଂ ୧୩୭।୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।

---

# ଉତ୍କଳ ଯାଦବ ଛାତ୍ରାବାସ

## ଭଦ୍ରକ ।

ଉତ୍କଳୀୟ ଯାଦବ ଛାତ୍ରମାନଙ୍କର ବହୁବିଧ ଅଭାବ ଅସୁବିଧା ଦୃଷ୍ଟେ ଓ ସେମାନଙ୍କର ସୁବିଧା ନିମନ୍ତେ ଭଦ୍ରକରେ ଗୋଟିଏ ଯାଦବ ଛାତ୍ରାବାସର ଏକାନ୍ତ ଆବଶ୍ୟକତା ଉପଲବ୍ଧି କରି ଚଳିତ ସନ ୧୯୪୫ ମସିହା ଠାରୁ ଗୋଟିଏ ସ୍ଥାୟୀ "ଯାଦବ ଛାତ୍ରାବାସ" ପ୍ରତିଷ୍ଠା କରିବା ପାଇଁ ସ୍ଥାନୀୟ ଯାଦବମାନେ ଉଦ୍ୟମ କରୁଅଛନ୍ତି । ଆବଶ୍ୟକ ପରିମାଣରେ ଅର୍ଥ ସାହାଯ୍ୟ ମିଳିଲେ ତୁରନ୍ତ ଉକ୍ତ "ଯାଦବ ଛାତ୍ରାବାସ" ଖୋଲିବାର ବ୍ୟବସ୍ଥା କରାଯିବ । ଏଥିନିମନ୍ତେ ସର୍ବସାଧାରଣଙ୍କର ସୁଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଦାତାମାନଙ୍କୁ ସବିନୟ ପ୍ରାର୍ଥନା ଯେ, ଯଥା ସମ୍ଭବ ଶୀଘ୍ର ଅର୍ଥ ସାହାଯ୍ୟ ଦ୍ୱାରା ଏହି ସଦୁଦ୍ୟମକୁ ଉତ୍ସାହିତ କରି ବିଦ୍ୟାଦାନରୂପ ମହତ୍ ଧର୍ମ ଅର୍ଜ୍ଜନ କରନ୍ତୁ । ଯେଉଁମାନେ ବିଦେଶରୁ ମନିଅର୍ଡ଼ର ଦ୍ୱାରା ଅର୍ଥ ସାହାଯ୍ୟ ଦେଇବେ, ସେମାନେ ଦୟାକରି ନିଜର ପୁରା ନାମ ଓ ଠିକଣା କୁପନର ସ୍ଥାନାଭାବରେ ଉଲ୍ଲେଖ କରି ଶ୍ରୀଯୁକ୍ତ ବାବୁ ରାମଚନ୍ଦ୍ର ପଲାଇ ।ସା। ଚରମ୍ପା ମଟର ଅଫିସ, ।ପୋ। ଚରମ୍ପା, ।ଜି। ବାଲେଶ୍ୱରଙ୍କ ଠିକଣାରେ ପଠାଇଲେ ତୁରନ୍ତ ଛାପା ରସିଦ ଦ୍ୱାରା ପ୍ରାପ୍ତି ସ୍ୱୀକାର କରାଯିବ । ଇତି ।

ନିବେଦକ
**ଶ୍ରୀ କୃଷ୍ଣଚନ୍ଦ୍ର ପରିଡା**
ଛାତ୍ର—ସ୍ୱେଚ୍ଛା ସେବକ (ଭଦ୍ରକ ହାଇସ୍କୁଲ)

---

ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର; ପରିଚାଳନା ସମ୍ପାଦକ;—ଶ୍ରୀ ବ୍ରଜମୋହନ ଦାସ
ବାର୍ଷିକ ତିନିଟଙ୍କା ଆଠଅଣା ଗ୍ରାହକ ସଂସ୍କରଣ ବାର୍ଷିକ ପାଞ୍ଚ ଟଙ୍କା

Digitized by srujanika@gmail.com

ଭୂତପୂର୍ବ-ପ୍ରଧାନ ମନ୍ତ୍ରୀଙ୍କର
**ଉଚ୍ଚ ପ୍ରଶଂସା**

ଶ୍ରୀ ପଦ୍ମଚରଣ ପରିଜା (ପାଟାୟତ)ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼ାକ୍ଟସ୍** ପରିଦର୍ଶନ କରି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

**ସ୍ୱାଃ ଶ୍ରୀ ବିଶ୍ୱନାଥ ଦାସ**




# କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡକ୍ଟସ୍

ଇଣ୍ଡିୟା ।

---

**ବ୍ୟବସାୟ ଓ ସଞ୍ଚୟର ସୁଯୋଗ**

## ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲିଃ—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ—** ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନୂଆଦିଲ୍ଲି, ନାଗପୁର ।

**ସ୍ୱା—ପି. ଏନ୍‌ ରାୟ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୲୦ ଜମା ଦେଲେ ୩ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୫ ୨୭୦ ଟଙ୍କା ପାଇବେ

---

Printed & published by G. C, Mahapatra at the Gopinath Press, Bhadrak, 1945.

Digitized by srujanika@gmail.com




**ପୁଣି ବାହାରିଲା—**

କଳି ଭାରତ

**୨ୟ ମହାସମର ବୃତ୍ତାନ୍ତ**

\+ + +

**ମଜା କଥାରେ**

ଇସ୍କାପାନ ବିବି

କୁଳବଧୂ କାଳ ହୋଇମଧ୍ୟ
କପଟ ସୁନ୍ଦର – ଦେଖନ୍ତୁ ।

---

**ସିଗାରେଟ୍ ଖାଉଛନ୍ତି ତ ?**

**ପଢ଼ନ୍ତୁ—**

ସିଗାରେଟ ପ୍ରିୟା

**( ମଜା କବିତା )**

ସେଦିନ ଯା'କୁ

ଆପଣାର ଅଜଣାରେ

ହରାଇଥିଲେ

ଆଜି ତାକୁ 'ଆପଣଙ୍କ'

**'ମରମ'ରେ**

ପାଇବେ ।

**ଉତ୍କଳର ଶ୍ରେଷ୍ଠ ମର୍ମଦାହୀ କବିତା**

ପ୍ରାପ୍ତିସ୍ଥାନ:—**ଗୋପିନାଥ ପ୍ରେସ, ଭଦ୍ରକ**

**ଓ**

**ଉତ୍କଳ ପ୍ରସିଦ୍ଧ ବହି ଦୋକାନମାନ**

**୯ମ ବର୍ଷ ୫ମ ସଂଖ୍ୟା ଶ୍ରାବଣ ପ୍ରଥମାର୍ଦ୍ଧ**

Digitized by srujanika@gmail.com

# MATRIC MANUAL.

A Series in four parts, presenting **six years University Questions** (Final & Supplimentary) with answers Easy Inteligent and Convincing.

PART I—Mathematics :—Best help in absence of qualified experienced teachers. Methods easy and attractive to overcome difficulties. Price—Rs. 1-8

PART II—Geography :—Both physical and political portions represented in details with the help of diagrams wherever necessary. One of the greatest, useful and attractive features of the book is the **systemetic arrangement of facts**.

PART III—English :—Up-to-date and lively answers in simple **idiomatic English.** Best help to learn and write English. **Originality**—highest factor, plays an important part in **Essays and grammatical** portions. Price—1-8

PART IV—History :—Under preparation.

---

## NOTES
### ON
## A WAY to ENGLISH

Book IV & Book V

Price Rs 1/2 & Rs 2/- respectively

A modern help book. Word notes in simple English as well as in Oriya. Peculiar grammatical uses with the word notes are interesting for easy and better understanding of the "Grammatical Complexities." Complete Oriya renderings of all the passages and the explanations of all the difficult sets are valuable additions to the feature of the book.

## ବାଲ ନୀତି ମଞ୍ଜରୀ ପ୍ରକାଶିକା
## ପ୍ରଥମ ଓ ଦ୍ୱିତୀୟ ଭାଗ

ମୂଲ୍ୟ ଯଥାକ୍ରମେ ଠ୦୪୬ ଓ ଠ୦୫ ମାତ୍ର

ସଂସ୍କୃତ ଶିକ୍ଷାର ପ୍ରଥମ ସୋପାନରେ ଶିକ୍ଷାର୍ଥୀ-ମାନଙ୍କର ସାଧାରଣତଃ କ୍ଲେଶ ଜନକ ଅଶଙ୍କା ଜନ୍ମିଥାଏ । ତାର କାରଣ ସଂସ୍କୃତ ସାହିତ୍ୟର ବ୍ୟାକରଣ ଆୟତ୍ତ କରିବା ଅତି ଦୁରୂହ ।

ଛାତ୍ରମାନଙ୍କ ପକ୍ଷରେ ଟୀକାହିଁ ଏହା ଦୂରୀକରଣର ଉପାୟ । ଯେହେତୁ କଥିତ ଅଛି—

"ଟୀକା ଗୁରୁଣାଂ ଗୁରୁଃ"

---

N. B. Please ask for the books first to your nearest bookseller and then if necessary place orders with some advance.

Published at
**KRUSHNA BHANDAR**
Chaudhury Bazar
CUTTACK.


Digitized by srujanika@gmail.com




# ବିଲୁଆ ବିଚାର

୯ମ ବର୍ଷ— ୬ମ ସଂଖ୍ୟା ଶ୍ରାବଣ ପ୍ରଥମାର୍ଦ୍ଧ

ଆଜି ଯେ ଗଣତନ୍ତ୍ରାୟନେ କାଲି ସେ ପଙ୍କର କଥାଟାର ଅର୍ଥ ଯଦି କାହାର ବୁଝିବାକୁ ଥାଏ ତେବେ ଚର୍ଚ୍ଚିଲଙ୍କ ହଉସନ ମାଷ୍ଟର କଲେ ଭଲ ବୁଝି ପାରିବେ । ପୋଟସ ଡାମରୁ ଦଉଡ ଦଉଡ ଆସି ଦେଖିଲ ବେଳକୁ ଘର ବୁଡ ପାଣି ଅଣ୍ଟିଏ । ସମାଜବାଦକୁ ଯେତେ ଗାଳି ଗୁଲଜ କରୁଥିଲେ ସବୁଯାକ ଓଲଟି ଆସି ଆପଣା ଉପରେ ବସିଲ । ତଥାପି ଚର୍ଚ୍ଚିଲ ଛଡବାବାଲା ନୁହନ୍ତି । ଖାଇ ପୁଙ୍ଗବ ଯେତେବେଳେ । ପିଠି ଅବନମିତ, ମୁହଁ ନତରନ୍ଧ୍ର କରି କ୍ଷୀଣ ଭାଷାରେ ଧନ୍ୟବାଦଟାଏ ବି ଦେଇଦେଲେ । ଯିବା ଆସିବାବେଳେ ଏହି କଥା ପଦକ ତ ଲକ୍ଷେ ଟଙ୍କା ।

\+ \+ \+ \+

ଆମେରି ସାହେବ—ଅଃ ମେରି ଜାନ୍—କହି ଚେହ୍ମଟାଙ୍ଗ ହେଇଗଲେ । ଏବେ ବି ସେ ବେଳେ ବେଳେ ସପନରେ ଭାରତକୁ ଦେଖି କଳବଳେଇ ଉଠୁଥିବେ । ତେଣୁ ବେଚା ଆମେରିଙ୍କ ସ୍ୱର୍ଗ ସୁଲଭ । ଆମେରିଙ୍କ ଆତ୍ମାର ଶାନ୍ତି ପାଇଁ ଭାରତରେ କିଛି କେଉଁ କଦଳୀ ଘୃତ ମଧୁ ନେଇ କୌଣସି ମହାଦେବ ଶିରରେ ଅର୍ପଣ କଲେ ଫଳଟା କ'ଣ ହୁଅନ୍ତା । କହାଣି ନ ହେଲେ ଚର୍ଚ୍ଚିଲଙ୍କ ପାଖକୁ ଯାଇ କହନ୍ତୁ—କି ହେଲରେ, କହତ ନୂଆ ଭାରତରେ ।

\+ × × \+

କଥାରେ ଅଛି—ଆଶା ବୈତରଣୀ ନଦୀ । ଅର୍ଥାତ୍ ବୈତରଣୀ ନଦୀର ଯେତେ ମାହାତ୍ମ୍ୟ ଥିଲେ ବି ଯେପରି ତାର ସ୍ୱର୍ଗ ମଧ୍ୟରେ ନାହିଁ, ସେହିପରି ଆଶାର କଥା ଯେତେ ଭାଙ୍ଗିଲେ ବି ସେ ବଢ଼ି ବଢ଼ି ଚାଲିଥାଏ ।

ଭାରତ-ବାସୀ ଲୋକେ ସ୍ୱରାଜ ଲାଭ ପାଇବା ପାଇଁ ଲାହୋର ସିଂହଦରଜାରେ ଛେଚକୁ ଛେଚ ମୁଣ୍ଡ ବାଡ଼େଇ ହାତ ପତାଇ ଯେତେଥର ଗଦା ଖାଇଲେ ତ ସ୍ୱରାଜ୍ୟ ପାଇବାର ମାୟା ମୋହଟା ଛଡ଼ିପାରୁ ନାହାନ୍ତି କେବେ ହେଲେ । ସ୍ୱରାଜ ପରେ ତାଙ୍କ "ଜନ୍ମଗତ ଦାବୀ !" ଶୁଣିବେ କେତେବେ !

ଏଇ ଦିନ କେତୁଟା ଆଗେ ସିମଲା-ଦରଜା ଓ ଓ୍ୱାଭେଲ-ସଭାର ଅଣ୍ଟ ପିଠି କଥା ଦେହରୁ ନ ମରୁଣୁ, ପୁଣି ତାଙ୍କର ଟରକ ନାଚ ଉଠିଲାଣି । କଲଠା ଦେହଯା ଅଉ କାହାକୁ କହନ୍ତି ?

\+ \+ × ×

ଚର୍ଚ୍ଚିଲଙ୍କ ଭାଠ ଦଳ ବିଲାତରେ ଗ୍ରେଟ ହାରିଗଲେ, ଆମେରି ଚେହ୍ମଟାଙ୍ଗ ହେଲେ । ଭାରତ-ବନ୍ଧୁ ମଜୁର ଦଳ କ୍ଷମତାପନ୍ନ ହୋଇ ବିଲାତ ସରକାରର କର୍ଣ୍ଣଧାର ଭାଗ୍ୟବିଧାତା ହେଲେ—ଏ ଘଟଣାରେ ଦ୍ୱିମତ ଖବର ସନ୍ଦେହ ନାହିଁ । କିନ୍ତୁ ଯେଉଁମାନେ ଏହାର ଭିତରେ ଭାରତୀୟ ଦୁର୍ଦ୍ଦଶା ଅବସାନର ସ୍ୱପ୍ନ ଦେଖୁଛନ୍ତି, ତାଙ୍କୁ କହନ୍ତି—ନାଇଁ ରେ ବାବୁ । ତୋହଲେ ବେହଲେ କଣ ବଦଳି ଯାଉଛି ? ବ୍ରିଟିଶ ସାମ୍ରାଜ୍ୟର ଭଙ୍ଗି ଗୋଟେଇ ନେବାକୁ ଚର୍ଚ୍ଚିଲଙ୍କର ଶ୍ରଦ୍ଧା ନ ଥିଲା ବୋଲି, ଯଦି କେହି ଭାବିଥାଏ ଯେ ଏଟଲିଙ୍କର ତାହାରେ ଶ୍ରଦ୍ଧା ଥିବ, ତେବେ ସେଇ ହେଉଛି ଭୁଲ୍ ନମ୍ବର ଏକ ।

\+ \+ ×

ଆମେ କେବଳ ଏତିକିରେ ଖୁସି ଯେ ଯେଉଁ ଜାତୀୟତାବାଦୀମାନଙ୍କ ତିନି ବର୍ଷ ଧରି କିଛି ନ ଥିଲା ବୋଲି ବାୟୁ ପରିବର୍ତ୍ତନ ନାମରେ ଦେଶ ଭ୍ରମଣରେ ଚାଲି ଯାଇ ଥିଲେ ଏବଂ Wait and see ମନ୍ତ୍ରରେ ମନ ବହଲାଉଥିଲେ, ତାଙ୍କ ଗୋଟାଏ ମୁକ୍ତିର ପାଇସ୍‌ ମିଳିଗଲା । ଜେଲଖାନା ରାଜବନ୍ଦୀଙ୍କ ମୁକ୍ତି ଶୀଘ୍ର କରିଦେଇ ଦେଶ ସରକାର ଗୋଟାଏ ଅପିଠିରଣା, ତହିଁ ତରଙ୍ଗ ଦୃଷ୍ଟି ଦେଖାଇ ଦେଇବାର ଖୁବ ସମ୍ଭବ । ତାହା ନୋହିଲେ ଯଥା ଗ୍ରେଟ ... ହାତୁଆ ନଅଣ୍ଣ ପଡ଼ିଯିବେ ଯେ ! ଯାହାହେଉ ଘରର ପୁଅ ... ଆସନ୍ତୁ—ଦଶବାଳ ଅଙ୍କ ଆଉ ଗୋଡ଼ ହାତ ବଢ଼ି ଯାଇଥିବ, ତାକୁ ଆରେ ଝୁମର ନାଚ ନାଚ ଖେଳାଇ ନଅନ୍ତୁ—ଆମେ ସେତେବେଳେ ଦେଖି ଆନନ୍ଦରେ ତାଳି ମାରୁଁ !

\+ \+ \+ \+

ସମୁଦ୍ର ମନ୍ଥନରୁ ଯେଉଁ ଅମୃତ ବାହାରିଲା, ସେ ଭାଗ୍ୟକୁ ଧରି ବିଷ୍ଣୁ ମୋହିନୀ କନ୍ୟା ରୂପ ଧରି ଯାଉଁ ଥାଇଁଲେ, ତାଙ୍କ ପଛରେ ଅଣମଙ୍ଗଳ ବହାଇ ଗୋଡ଼ାଇଲେ ଯେତେ ଦେବତା ଓ ଅସୁର । ବର୍ତ୍ତମାନ ସାତ ସମୁଦ୍ରର ଅରପାରିରୁ ସ୍ୱରାଜ୍ୟ ସୁଧା ଆସୁଥିବାର ଖବର ମିଳୁଥିବାରୁ, ଅତି ଗ୍ରେଟ ଓ ସ୍ୱଚ୍ଛିଆର ଦେବାସୁରଗଣ ଏତିକିବେଳୁଁ ମୋହିନୀ କନ୍ୟାଙ୍କ ପଛ ଧରିଲେଣି ।

ଓଡ଼ିଶା ବାଣ୍ଟରେ ଯେତିକି ଅମୃତ ପଡ଼ିବ, ତାକୁ ବାଣ୍ଟିବାର ଭାର ମହତାବଙ୍କ ଉପରେ ପଡ଼ିବାର ଅନୁମାନରେ ଦଳକୁ ଦଳ ଆଶାୟୀ ତାଙ୍କ ଲଗାମ ଏପରି ଭିଡ ଧରିଲେଣି ଯେ ମହତାବ ଆପଣଙ୍କର ଦେଉଳନ ଶଯ୍ୟନ ଭୁଲିଯାଇ, 'ଏବ', 'ହୁଅ'କୁ ପ୍ରଶ୍ରୟ ଦେବାରେ । ମହତାବଙ୍କ ଏ ଭୁଲ ହାଲତରେ ଆମେ ତାଙ୍କୁ ସମବେଦନା ଜଣାଉ ଅଛୁଁ ।

× × \+ ×

ଆଉ ଗୋଟିଏ ରହସ୍ୟ ଏହି ଯେ, କେତେ ଜଣ ନାମଧାରୀ କଂଗ୍ରେସ ନେତା, ଯେଉଁମାନେ କଂଗ୍ରେସର ଦଷ ବିରୋଧୀ ହୋଇଥିଲେ, ସେମାନେ ଆପଣା ଆପଣା ସପକ୍ଷେ ବୈଚିତ୍ର୍ୟ ଧରି ପୁନଃ ପ୍ରବେଶ ଫରିଆଦ କରି ସଭାରେ ହାଜର ହୋଇଗଲେଣି ।

Digitized by srujanika@gmail.com

ବାସ୍ତବିକ ସେମାନେ ଦେଶ ହିତ ଦେଶ ଲୋକସେବାର୍ଥେ ଯେଉଁ ନିଃସ୍ୱାର୍ଥ କାମ କରିଥାଆନ୍ତି ଓ ଅଳ୍ପ ଅଳଙ୍କ ପଣରେ ପକାଇଥିବା ଛେଳ ବୁଣ୍ଡରେ ରହନ୍ତି ତେବେ ସେମାନେ କହିବାର ପାଏ ସନ୍ଦେହ ନାହିଁ । 'ତ୍ୟାଗ' ର କହିଛନ୍ତି ଯୋଗେଶ୍ୱରେ । "ତଥା ମାନାପମାନୟୋ" ସ ମେ ପ୍ରିୟଃ । ନଚେତ୍—ପଣ୍ଡିତାଃ ସମଦର୍ଶିନଃ ।

× × + ×

ଓଡ଼ିଆ ସରକାର ଉଦାର, ଓ ମହତ ବୋଲି ତାର ବଡ଼ ପରିଚୟ ଜଣାଯାଏ । ଯେତେବେଳେ ଓଡ଼ିଆ ଜାତିର ସଂରକ୍ଷଣ ଓ ଉନ୍ନତି ପାଇଁ ମଧୁବାବୁଙ୍କ ଉତ୍କଳ ସମ୍ମିଳନୀ ଚାଲିଥିଲା, ସେତେବେଳେ କେତେକ ଓଡ଼ିଆ ନେତା ମହାଭାରତୀୟ ଭାବ ଉଦ୍‌ବୁଦ୍ଧ ହୋଇ ଏହି କ୍ଷୁଦ୍ର ଜାତ ପ୍ରାଦେଶିକତା ମୂଳ ସମ୍ମିଳନୀକୁ ଭାଙ୍ଗି ଦେଇଥିଲେ । ଏ କଥା ଅନେକଙ୍କର ମନେ ଅଛି ।

ପୁଣି ଯେତେବେଳେ ସିଂହଭୂମ କଥାରେ ଗାଙ୍ଗପୁର, ପ୍ରଶ୍ନ ଉଠିଥିଲା ସେତେବେଳେ ତ ଓଡ଼ିଆ ମନ୍ତ୍ରୀମଣ୍ଡଳ ଓ ଓଡ଼ିଶା କଂଗ୍ରେସ ନେତାଗଣ ଭୁଲିଯାଇ ରହି ଆପଣାର କ୍ଳୈବ୍ୟକୁ ସେହି ମହାଭାରତୀୟ ଭାବ ଭାଙ୍ଗଣୀ ଦେଇ ଘୋଡ଼ାଇ ରଖିଥିଲେ । ଏହା ସେଦିନର କଥା, ପାସୋରି ଯାଇନାହିଁ ।

ଆଜି ପୁଣି ଅନ୍ଧ୍ର ନେତା ପଟ୍ଟାଭି ସୀତାରାମୟା ଯେଉଁ କହିଲେ କି ବହୁତ ଅନ୍ଧ୍ର-ବହୁଳ ଅଞ୍ଚଳ ଓଡ଼ିଶାରେ ରହି ଯାଇଛି ବୋଲି, ଆମ ମହତାବ ସେଥି ଜବାବ ଦେଇଛନ୍ତି କି ତାଙ୍କର ମତରେ ଏକଥା ଠିକ୍ ନୁହେଁ—ବରଂ ବହୁତ ଓଡ଼ିଆ-ବହୁଳ ଅଞ୍ଚଳ ମାନ୍ଦ୍ରାଜରେ ରହି ଯାଇଛି ।

ଏହି କମ୍, ଏହି ସତ ସାହସ ଯେ ଓଡ଼ିଆ ନେତାଙ୍କର ଅଛି, ସ୍ୱର ହୀନ ମନୋବୃତ୍ତି (Inferiority complex) ଯେ ସେମାନେ ଠେଲି ଦେଇ ପାରିଛନ୍ତି ଓ ନିର୍ଭୀକ ଭାବରେ ସତ୍ୟକୁ ସତ୍ୟ ବୋଲି କହିବାର ହିମ୍ମତ ବାନ୍ଧିଛନ୍ତି, ଏହା ଓଡ଼ିଶା ପକ୍ଷରେ ଏକ ଶୁଭ ଲକ୍ଷଣ ସନ୍ଦେହ ନାହିଁ । ତେବେ ସାମାନ୍ୟ ଗୋଟାଏ ଅଧେ ଗୁଜବ ବା ଜଳପାନ ପରି ଚଟ କଥା ନହେଉ ।

+ × +

କଟକର କେତେକ ସାହିତ୍ୟିକ ସେଦିନ ଟାଉନ ହଲରେ ଏକ ସଭାକରି ଆପଣାର ନିର୍ଦ୍ଧନତାର ବିଷୟ ସାଧାରଣରେ ପ୍ରକାଶ କରିଅଛନ୍ତି ।

ଏହା ସତକଥା ଯେ ଆମ ଦେଶରେ ବର୍ତ୍ତମାନ ଲେଖକର ପଇସା ବା ସମ୍ମାନ ବୁଝିବା ଯାକ ନାହିଁ । କିନ୍ତୁ ସେ କଥାଟା ଧାରି ଗୁହାରି କରି ମିଳିବାର ପ୍ରତ୍ୟାଶା ଯେ କରନ୍ତି, ତାହା ତୋଷାମୋଦ ହୋଇ ଆପଣାର ଦୈନ୍ୟ ଯେ ଦେଖାଇ ହୁଅନ୍ତି, ସେପରି ସାହିତ୍ୟିକଙ୍କ ସହିତ ଆମେ ଏକମତ ନୋହୁଁ ।

ଆଗକାଳରେ ରାଜା ଜମିଦାରମାନେ ସାହିତ୍ୟର ଆଦର ବୁଝୁଥିଲେ ଓ ସାହିତ୍ୟିକଙ୍କୁ ସମ୍ମାନ ଦେଉଥିଲେ । ତାଙ୍କ ଦେଖା ଦେଖି ଲୋକେ ବି ମାନ୍ୟ ଭକ୍ତି କରୁଥିଲେ । ଏବେ ଶ୍ଳେଷ ସ୍ୱଦେଶୀ, ରାଜା ଜମିଦାର ମୃତପ୍ରାୟ, ଧନୀ ଲୋକେ ଅନ୍ୟରୁଚି ସମ୍ପନ୍ନ । ଆଉ ଜନ ସାଧାରଣ ନିର୍ଦ୍ଧନ ଓ ଅରୁଚି-ପ୍ରବଣ । ଏ ଅବସ୍ଥାରେ ସାହିତ୍ୟିକ ଯେଉଁ ଅବହେଳିତ ହୁଅନ୍ତି, ତାହା ଆଉ କାହାର ଦୋଷ ନୁହେଁ—ଦୋଷ ସାହିତ୍ୟିକର । କାରଣ ସାହିତ୍ୟିକ ସମାଜର ନେତା, ଋଷି, ଗୁରୁ, ପଥପ୍ରଦର୍ଶକ । ଅବସ୍ଥାକୁ ସୁଧାରିବା ସାହିତ୍ୟିକର କର୍ତ୍ତବ୍ୟ । ଯେ ସବୁ ସାହିତ୍ୟିକ ହୋଇଥିବ ସେ ଧନ ବା ମର୍ଯ୍ୟାଦାର ଆଶା ନ ରଖି ଅନ୍ତରର ପ୍ରେରଣା ବଳରେ ସାହିତ୍ୟ ସୃଷ୍ଟି କରିଯିବ । କଳା ସୃଷ୍ଟିର ଆନନ୍ଦ ନ ହୋଇ ଧନ, ମାନ ଯଦି ସାହିତ୍ୟିକର ଚରମ ଲକ୍ଷ୍ୟ ହୁଏ, ତେବେ ସେ ସାହିତ୍ୟ ଦେଶର କଲ୍ୟାଣକର ହୋଇ ପାରେ ନାହିଁ ।

ପ୍ରକାଶକମାନଙ୍କ ଦୋକାନ ଆଗରେ ଧାରଣା ଦେଇ ଆତ୍ମ ସମ୍ମାନ ହରାଇବା ଠାରୁ ବରଂ N. W. F. ବା A. R. P. ରେ ଢୁକିବା ଶ୍ରେୟସ୍କର ।

ତେବେ ଆପଣାର ସ୍ୱାର୍ଥ ଓ ସମ୍ମାନରକ୍ଷା ସକାଶେ କିମ୍ବା ସାହିତ୍ୟ-ଧାରାକୁ ନିର୍ଦ୍ଦେଶ ଦେବା ସକାଶେ ଲେଖକଗଣ ସଂଘବଦ୍ଧ ହେବା ସର୍ବାଦୌ ପ୍ରୟୋଜନ ବୋଲି ଆମର ମତ ।

\+ + + +

ଶ୍ରୀଯୁକ୍ତ ମହତାବ ଗତ କେତେଦିନ ହେଲା ତାଙ୍କର ଯେତେ ଲେଖନ ଓ ଭାଷଣରେ ମୁନାଫା ଖୋର ଓ ଲାଞ୍ଚୁଆଙ୍କ ଉପରେ ଏକ ବ୍ୟାପକ ଆକ୍ରମଣ ଚଳାଇଥିବାର ଜଣା ପଡ଼ୁଛି । ଏହି କଳା ବଜାରର ମୁନାଫା ଖୋର ଓ ଧଳା ବଜାରର ଲାଞ୍ଚୁଆମାନେ ଦେଶର ବର୍ତ୍ତମାନ ଦୁର୍ଗତିର କାରଣ ବୋଲି ସେମାନଙ୍କ ପାଇଁ ମହତାପ ଆପଣ ଏପରି ଏକ ଦଣ୍ଡର ବ୍ୟବସ୍ଥା କରୁ ଅଛନ୍ତି ଯାହା ଆଜିକାଲିକା ଦଣ୍ଡ ବିଧାନ ଆଇନର ବହିର୍ଗତ । ଯାହା ଥାଏ ତ କେବଳ ଇସ୍କୁଲ ମାଷ୍ଟର ବା ଗୁହାଳ ଅବଧାନଙ୍କ ହାତରେ କଞ୍ଚ କଞ୍ଚ ଓ ଗ୍ରାମ ଦେବତୀଙ୍କ ଚାଳିଶୀ ହାତରେ କଞ୍ଚ କଞ୍ଚ ରହିଛି । ସେ ବାରମ୍ବାର କହିବାରେ ଲଗିଛନ୍ତି କି "ଏହି ଦେଶ ଦ୍ରୋହୀ ଅସାଧୁ ଲୋକ ଗୁଡ଼ାକୁ ପ୍ରକାଶ୍ୟ ସ୍ଥାନରେ ବେତ୍ରାଘାତ କରିବା ଉଚିତ୍ ।"

ମହତାବ ମହୋଦୟଙ୍କ ଏହି ଉକ୍ତିକୁ ମୂଳକରି ଆମ୍ଭେମାନେ ତାର ଯାହା ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରିଛୁଁ, ତାହା ପାଠକମାନଙ୍କ ଅବଗତାର୍ଥେ ଏଠାରେ ପ୍ରକାଶ କଲୁଁ ।

ଦଣ୍ଡ ନାନା ପ୍ରକାର ଅଛି: ଶୂଳୀ, ଫାସି ଠାରୁ ଆରମ୍ଭ କରି ବେତ୍ରାଘାତ, କାନମୋଡ଼ା ପର୍ଯ୍ୟନ୍ତ । କିନ୍ତୁ ଦଣ୍ଡଦାତାର ସ୍ୱଭାବ ଓ ସଂସ୍କାର ଅନୁସାରେ ମଧ୍ୟ ଦଣ୍ଡର ତାରତମ୍ୟ ହୋଇଥାଏ—ଯଥା ପୁରୀଆ କଟଣ ସରିଗଲେ "ମୁଥାଏ" ଦେଇଦେବାକୁ କହେ । ସମ୍ବଲପୁରିଆ "ଚପେଟ" ଲଗାଇ ଦଏ । ବାଲେଶ୍ୱରିଆ କହେ "ଯୋଡା ମାରିବି" । କଟକିଆ କହେ "ଥୋପି ଲଗାଇ ଦେବି" । ମୁସଲମାନ ଦଏ "ଗର୍ଦ୍ଦନ ତୋଡ଼", ରଜା କହେ "ମୁଣ୍ଡକାଟ ।"

ମାତ୍ର ମହତାବ ଆପଣ ଦେବାକୁ ଚାହାନ୍ତି "ବେତ ।" ଠେଙ୍ଗା ନୁହେଁ, ବାଡ଼ି ନୁହେଁ, ଚାବୁକ ନୁହେଁ—ବେତ । ଏଥିରୁ ଜଣାପଡ଼ୁଛି ମହତାବ ମହାଶୟଙ୍କର ମନୋବୃତ୍ତିଟା 'ଅବଧାନିଆ' ପର !

Digitized by srujanika@gmail.com




# ଇସ୍କାପାନ ବିବି

ଲେଖକ—ପ୍ରିୟଦର୍ଶୀ

ଆଜ କାଲିରୁ ଇସ୍କାପାନ ବା ଚଉପାନ ବିବିକୁ ଚିହ୍ନି ନାହାନ୍ତି ଏମିତି ଲୋକ ନଥିବେ । ଯେଉଁମାନେ ତାସ ଖେଳ ଜାଣନ୍ତି ବା ତାସ ଚିହ୍ନିଛନ୍ତି ସେମାନେ ସମସ୍ତେ ଏହି ବିବିଟିକୁ ଭଲ ଭାବରେ ଚିହ୍ନିଥିବେ । ଯେଉଁମାନେ 'ବ୍ରେ' ଖେଳନ୍ତି ସେମାନେ ଏହି ବିବିଟି ସାଙ୍ଗରେ ବିଶେଷ ପରିଚିତ । ଖେଳ ପଡ଼ିଲେ ନାହିଁ ନାହିଁ, ସମସ୍ତଙ୍କ ମନରେ ଗୋଟିଏ ଆତଙ୍କ ଥାଏ, ଏ କାହା କପାଳକୁ ଯିବ ! ଆମ କ୍ଳବ୍‌ରେ ଯେତେବେଳେ 'ବ୍ରେ' ଖେଳ ହୁଏ, ସମସ୍ତେ ଛଟପଟ ହୋଇଥାନ୍ତି, କିଏ କାହା ଉପରେ ଫିଙ୍ଗିଦେଇ ଲଦି ଦେବ । ଆମ ତହସିଲଦାର ବାବୁ କାହିଁକି ବେଳେ ହୋଇ ତାକୁ ନିଅନ୍ତି—ଜାଣେନା ତାଙ୍କ ନିଜ ବିବିଟି ସାଙ୍ଗରେ କିଛି ସାମଞ୍ଜସ୍ୟ ଅଛି କି ନା ! ସେଇଥିପାଇଁ ସମସ୍ତେ ଟେକା ଖେଳି ହୋଇ ତାଙ୍କରି ଉପରେ ଅଧିକାଂଶ ସମୟରେ ଲଦି ଦିଅନ୍ତି ।

ମୋର କାହିଁକି ପିଲାଟି ଦିନରୁ ଇସ୍କାପାନ ବିବି ପ୍ରତି ଭାରି ଘୃଣା—ମୋର ମନେ ହୁଏ ତାସ ଯିଏ ଉଦ୍ଭାବନ କଲା ସେ କ'ଣ ଆଉ କିଛି ରଙ୍ଗର ବିବି ତିଆରି କରି ପାରିଲା ନାହିଁ କି ? ଇସ୍କାପାନ ବିବି ଯେ କି ବିଦଘୁଟା, ଆପଣ ସେଇ ତାସ ଖଣ୍ଡ ହାତରେ ନ ଧରିଲେ ଠିକ୍ ବର୍ଣ୍ଣନା କରି ପାରିବେ ନାହିଁ । ମୋର ଏମିତି ଗୋଟିଏ ଘୃଣା ଆସି ଯାଇଛି ଯେ ସେଇ ରଙ୍ଗର ବା ସେଇ ଚେହେରାର କୌଣସି ଝିଅକୁ ଦେଖିଲେ ମୋତେ କାହିଁକି ବାନ୍ତି ମାଡ଼େ—ମୁଁ ସେଠୁ ନ ପଳେଇବା ଯାଏ କିଛି ଦେଖେନାହିଁ ।

ଶୁଣିବେ—ଥରେ ଜଣେ ବନ୍ଧୁ ନିମନ୍ତ୍ରଣ କରିଥିଲେ ତାଙ୍କ ନବବିବାହିତ ପତ୍ନୀର ହାତ ପରଷା ଖୁଆଇବେ ବୋଲି । ସେଦିନ ଥାଏ ରବିବାର, ବନ୍ଧୁଟି ମୋତେ ଓ କାଳୁକୁ ଡାକିଥାନ୍ତି । ଆମେ ଦି' ଜଣ ଖୁବ୍ ଚଞ୍ଚଳ ଚିକ୍କଣ ହୋଇ ଯାଇଥାଉଁ—ଆମର ମନର ଭାବ ବୁଝି ପାରୁଥିବେ । ବନ୍ଧୁ ପତ୍ନୀ ଦର୍ଶନ ! ଆମେ ଯାଇ ଠିକ୍ ସମୟରେ ପହଞ୍ଚିଲୁଁ । କିଛି ସମୟ ଗପ ସପ ହେଲା ପରେ ଜାଗା ହେଲାଣି ବୋଲି ଖବର ଆସିଲା—ଆମେ ଦି'ଜଣ ଜିଦ୍ ଧରି ବସିଲୁ ଯେ ଭାଉଜ ଅର୍ଥାତ୍ ବନ୍ଧୁପତ୍ନୀ ନ ପରଷିଲେ ଆମେ ଖାଇବୁ ନାହିଁ । ବନ୍ଧୁଟି ଆମର ଅଧୀନରେ । ତାଙ୍କର କିଛି ଆପତ୍ତି ନଥିଲା କେବଳ ସେଥିରୁ ଟିକିଏ ଆପତ୍ତି ଉଠିଥିଲା । ବନ୍ଧୁଟି ଯାଇ ଅନେକ ବୁଝାସୁଝା କରି ରାଜି କରେଇଲେ । ଜାଗା ହୋଇ ବହୁତ ସରିଥିଲା, ଆମେ ଯାଇ ଖାଇ ବସିଲୁଁ । ମୁଁ ବନ୍ଧୁପତ୍ନୀଙ୍କର ମୁହଁଖଣ୍ଡି ଦେଖିବା ଉଦ୍ଦେଶ୍ୟରେ ଆଗ କରି ଡାଲି ତରକାରି ଉପରେ ଚଟାପଟ ମାରିଦେଲି । ଭାତ ମୋର ଅଧାଅଧି ସରି ନଥାଏ । କାଳୁଟା କିନ୍ତୁ ଧୀରେ ସୁସ୍ଥେ ବସି ଖାଉଥାଏ । ବନ୍ଧୁ ଡାକ ପକେଇଲେ ଡାଲି ତରକାରି ଦେଇଯିବାକୁ । ମୋର ମନର ଉଦ୍ଦେଶ୍ୟ ପାଠକେ ବେଶ୍ ବୁଝି ପାରୁଥିବେ । ବନ୍ଧୁପତ୍ନୀ ଖଣ୍ଡିଏ ରଙ୍ଗିନ ଶାଢ଼ୀ ପରିହିତା ହୋଇ ଅଳସ ପଦ ବିକ୍ଷେପରେ ଖଣ୍ଡିଏ ଥାଳିରେ ତରକାରି ଓ ଡାଲି ଧରି ଆସି ପହଞ୍ଚିଲେ । ମୁହଁଟି କିନ୍ତୁ ଓଢ଼ଣାର ଅନ୍ତରାଳରେ ଅଧା ଲୁଚିଥାଏ । ସେ ମୁହଁଟାକୁ ଯଥାସମ୍ଭବ ଗୋଟିଏ ପାଖକୁ ବୁଲେଇ ମୋ ଥାଳିରେ ତରକାରି ଓ ଡାଲିରୁ କିଛି କିଛି ଅଜାଡ଼ି ଦେଲେ । କାଳୁ ମୋର ଗୋଟିଏ ପାଖରେ ଟିକିଏ ଦୂରେଇକି ବସିଥାଏ । ତା ଥାଳିରେ ତରକାରି ଦେଲାବେଳକୁ ସେ ହାତ ହୋଇ ମୁହଁଟାକୁ ବୁଲେଇଲେ । ମୋର ଦୃଷ୍ଟି ପଡ଼ିଗଲା ତାଙ୍କ ମୁହଁ ଉପରେ । ଆଉ ଯାଏଁ କୁଆଡ଼େ । ଭାତଗିଅ ବମି । କେମିତି ଉଠିବି ସେଠାରୁ ଗୋଟିଏ ବାହାନା ଖୋଜୁଥାଏ । ମୁଁ ଖାଲି ମିଛରେ ଗୋଟିଏ ଯାଗାରେ ହାତ ଲଗେଇ ଦେଇ କହିଲି ମାଛି ପଡ଼ିଗଲା । ବନ୍ଧୁ ପଚାରିଲେ, ଆଉ କିଛି ତରକାରି ଦେଇଯାଉ । ମୁଁ କହିଲି, ନା, ଆଉ ଖାଇବି ନାହିଁ । ଏମିତି ବନ୍ଧୁପତ୍ନୀ ଦତ୍ତ ପାନ ମୁହଁରେ ନ ଖାଇ ସିଗାରେଟ୍ ଖଣ୍ଡେ ଲଗେଇ ସେଠୁ ଦେଲି ଚମ୍ପଟ । ବାଟରେ ଆସୁ ଆସୁ କାଳୁ ପଚାରିଲା, "କିରେ ଖାଇଲୁ ନାହିଁ କାହିଁକି ? ଭାଉଜ ଯେତେ ତରକାରି ରାନ୍ଧିଥିଲେ ?" ମୁଁ କହିଲି, "ଦେଖିଲୁ ନାହିଁ ଇସ୍କାପାନ ବିବି ।" ସେ ଖୁବ୍ ହସିଲା ଓ କହିଲା—"ତୋର ଗୋଟିଏ କୁଇନ ଅଫ ସ୍ପେଡ୍‌ସ୍ କମ୍ପ୍ଲେକ୍ସ ହୋଇ ଗଲାଣି ।" ଘରେ ପହଞ୍ଚି ଦେଖିଲି ଯେ ସାଙ୍ଗସାଥୀ ଖାଇ ବସିଛନ୍ତି । ମୁହଁଟା ଧୋଇ ପକେଇ ତା' ସାଙ୍ଗରେ ବସିଗଲି । ସେ ପଚାରୁଛି, "କିରେ ନିମନ୍ତ୍ରଣ ଖାଇ ଯାଇଥିଲୁ ପରା ?" ମୁଁ କିଛି ନ କହି ଖାଲି କହିଲି, "ଇସ୍କାପାନ ବିବି ।" ପରେ ସବୁ ବୁଝେଇ ଦେଲାରୁ ସମସ୍ତେ ହୋ ହୋ ହୋଇ ହସିଲେ ।

ଆଉ ଗୋଟାଏ ଘଟଣା ଶୁଣିବେ ? ମୁଁ କଟକ ଯାଇଥାଏଁ । ମୋର ଜଣେ ବନ୍ଧୁଙ୍କ ଘରେ ଅତିଥି ହୋଇଥାଏଁ । ବନ୍ଧୁଟି ମୋତେ ଟା ବେଳେ ରାଭେନ୍‌ସା ଗାର୍ଲସ କଲେଜ ହଷ୍ଟେଲକୁ ନେବାକୁ । ତାଙ୍କ ଭଉଣୀ ସେଠାରେ ପଢ଼ନ୍ତି । ମୁଁ ଅତି ଆଗ୍ରହରେ 'ହଁ' ଭରି ଦେଲି । ସେତେବେଳେ ମୁଁ ଗୋଟିଏ prospective groom. ମୋର ମନେ ହେଉଥାଏ ଗାର୍ଲସ କଲେଜରେ ଯେତେ ଝିଅ ଅଛନ୍ତି—ଯଦି କେହି ରୂପବତୀ ଲଲନା ସହିତ ସାକ୍ଷାତ ହୋଇଯାଏ—ଆଉ ଯଦି ଆମର ପ୍ରଥମ ଦର୍ଶନରେ—ଅର୍ଥାତ୍ Love at the first sight ଜାତ ହୁଏ । ଏହି ଆଶା ପୋଷଣ କରି ବନ୍ଧୁଙ୍କ ସହିତ ଫିଟ୍‌ଫାଟ୍ ହୋଇ ବାହାରିଲି .

Digitized by srujanika@gmail.com

ଆମେ ଯାଇ ଡ୍ରଇଂରୁମ୍‌ରେ ପହଞ୍ଚିଲୁ । ସେ ଘରେଟି ଝିଅ ମେଳ ଚାରଣ୍ଡାରେ ବୁଲୁଥିଲେ । ସେମାନେ ସମସ୍ତେ ମୋର ବନ୍ଧୁଙ୍କ ନମସ୍କାରଟମାନ ପକେଇ ସ୍ମିତ ହାସ୍ୟ ହସି କହିଲେ, "ଆପଣ ଟେନିସ୍ ଖେଳୁଛନ୍ତି—ଅଚ୍ଛା, ଆମେ ଭାବ କରୁଛୁ" କହି ଟେର ମର୍ମର ଶବ୍ଦରେ ମିଳେଇଗଲେ । ଦୁଇ ତିନି ମିନିଟ୍ ପରେ ଶୈଳ ଆଉ ତାଙ୍କ ସାଙ୍ଗରେ ପୁଣି ଝିଅ ଅତ୍ୟନ୍ତ ଗର୍ବରେ ଡବଲ ଚଲାଣ୍ଟ ଚଲାଣ୍ଟ ଆସି ପହଞ୍ଚିଲେ । ତାଙ୍କ ଭିତରୁ ଗୋଟିଏ ସ୍ଲିମ ଓ ଲମ୍ବା ଝିଅ ଦେଖି ମନେ ହେଲା ଏ ବୋଧହୁଏ ମୋର ବନ୍ଧୁଙ୍କ ଭଉଣୀ । ମୋର ନଜର ପଡ଼ି ନଥିଲା ସୁଳକ୍ଷଣାଙ୍କ ଉପରେ । ଯେତେବେଳେ ସେ ଆଡ଼କୁ ଭଲ ଭାବ ଆସିଲା ମୋର ମୋତେ ଲାଗିଗଲା । ଯେତେବେଳେ ସମସ୍ତଙ୍କୁ ନିରେଖେଇ ଦେଖିଲି, ତା ଭିତରୁ ସେ ଯେ ନଥିଲେ ଏମିତି ନୁହେଁ । ତାପରେ ଆରମ୍ଭ ହେଲା ପରିଚୟ । ବନ୍ଧୁ ମୋର ପରିଚୟ କରେଇ ଦେଲେ । ବିଶେଷ ଭାବରେ ତାଙ୍କ ଭଉଣୀଙ୍କ ସାଙ୍ଗରେ । ତାଙ୍କୁ ଦେଖି ମୋର ସେତେବେଳକୁ ଇସ୍ପାହାନ ବିବି କମପ୍ଲେକ୍ସ ଆସିଗଲା । ସବୁ ଝିଅ-ମାନେ ଖୁବ୍ ନମ୍ରତାର ସହିତ ନମସ୍କାର କଲେ କିନ୍ତୁ ଶୈଳ ଖୁବ୍ ଆଗ୍ରହର ସହିତ ନମସ୍କାର ଜଣାଇଲା—ମୁଁ ସମସ୍ତଙ୍କୁ ପ୍ରତି ନମସ୍କାର ଜଣାଇଲି । କିନ୍ତୁ ମୋତେ ସେତେବେଳକୁ ୧୦୩ ଡିଗ୍ରୀ ଜ୍ୱର ଆସିଗଲାଣି । ମୋତେ ଯଦି ସେଇକ୍ଷଣି ୱେଜନ କରା ହୋଇଥାନ୍ତା ମୋର ୱେଜନ ଅନ୍ତତଃ ଦଶ ପାଉଣ୍ଡ କମି ଯାଇଛି ବୋଲି ଜଣା ପଡ଼ନ୍ତା । ସେ ଦୁଇ ଭଉଣୀ ବସି ଗପ କରୁଥାନ୍ତି । ଅବଶ୍ୟ ମୋର ଉପସ୍ଥିତି ଯୋଗୁଁ । ଶୈଳ ଟିକିଏ ଲାଜେଇ ଲାଜେଇ ଗପ କରୁଥାଏ ଓ ମୋ ଆଡ଼କୁ ସମୟ ସମୟରେ ଅନାଉଥାଏ । କିନ୍ତୁ ମୋର ଲକ୍ଷ ଥାଏ—ଘରର କମ୍‌ପୋଜିସନ ଉପରେ । ଉଇଲଫ୍ରେଡ୍ ଫାଲନର ପୋଷ୍ଟର ଉପରେ । କାନ୍ଥରେ ମରା ହୋଇଥିବା Join the WAC (I)ର ବିଜ୍ଞାପନ ଉପରେ । ମୋର ଏଇ ଅନ୍ୟମନସ୍କ ଭାବ ଦେଖି ଶୈଳ କହିଲା, "ଆପଣଙ୍କୁ ଭଲ ଲାଗୁନି ବୋଧହୁଏ ?"

ମୁଁ ନିହାତି ଉଦ୍ଧତ ଭାବରେ କହିଲି, "ନା, ମାନେ ମୋ ମୁଣ୍ଡଟା ଅଳ୍ପ ଟିକିଏ ଧରିଛି ।"

"ମୋ ପାଖରେ 'ଆସପ୍ରୋ' ଅଛି ଆଣିଦେବି ? ଆମେ ପରୀକ୍ଷା ସମୟରେ ବେଶୀ ରାତିଯାଏ ପଢ଼ୁ ନା—ସବୁଦିନ ମୁଣ୍ଡ ବିନ୍ଧେ—ଗୋଟେ ଦିଟା ଆସପ୍ରୋ ଖାଇଦେଲେ ବେଶ୍ ରିଲିଫ୍ ବୋଧହୁଏ ।"

ମୁଁ କହିଲି—"ଏଣୁ ଦରକାର ନାହିଁ—ଚାହାପିଇ ଗଲେ ଟିକିଏ ଫ୍ରେସ ଏୟାର ଲାଗିଲେ ଭଲ ହୋଇଯିବ ।"

ମୁଁ ଖାଲି ଇସ୍ପାହାନକୁ ଭାବୁଥାଏଁ କେମିତି ଏଠୁ ଖସିବି । ମୋର ଭୟ ହେଉଥାଏ, ସେ ଯଦି ଆସପ୍ରୋ ଆଣି ପହଞ୍ଚାଏ—ତା' ହେଲେ ଏଇ ଇସ୍ପାହାନ ବିବି ହାତରୁ ଖାଇବାକୁ ହେବ । ଏଇ କଥା ଭାବିଲା ବେଳକୁ ଚାନ୍ତ୍ର ମାଡ଼ି ଥାଏ ।

ମୁଁ ହଠାତ୍ ବନ୍ଧୁଙ୍କୁ କହିଲି—"ମୁଁ ଆଜ ରାତି ଗାଡ଼ୀରେ ଯିବି ମୋର ମାର୍କେଟିଂ ହୋଇନାହିଁ । ଅନ୍ୟ ଦିନେ ଦୁଇଜଣ ଭଦ୍ର-ଲୋକଙ୍କ ସାଙ୍ଗରେ ଦେଖା କରିବାକୁ ହେବ—ଚାଲ ଯିବା ।" ଏତିକି କହି ଉଠି ପଡ଼ିଲି । ବନ୍ଧୁ ମଧ୍ୟ ଉଠିଲେ । ବିଦାୟ ନେଇ ଆସିଲୁ । ବାଟରେ ବନ୍ଧୁ ପଚାରିଲେ—"କେମିତି ଦେଖିଲ ?"

ମୁଁ କହିଲି—"କଣ ?"

"ଏଇ ସବୁ କଲେଜ ପଢ଼ୁଆ ଝିଅଙ୍କୁ ।"

"Oh, they are perfect in their manners"

× + × ×

କଟକରୁ ଫେରି ଘରେ ପହଞ୍ଚିବାର ଦୁଇ ତିନି ଦିନ ପରେ ବଡ଼ ସାନଅପା ଆସି ମୋତେ ପଚାରିଲା ଚନ୍ଦ୍ରଭୂଷଣ ଚକ୍ରବର୍ତ୍ତୀଙ୍କ ଘର ଦେଖିବା ଲାଗି ତାଙ୍କ କଲେଜ ଯାଇଥିଲୁ ? ତାଙ୍କ ସ୍ତ୍ରୀ ଲେଖିଛନ୍ତି—ଝିଅଟି ବେଶ୍ ଗଢ଼ଣର । ରଙ୍ଗ ଟିକିଏ ସିନା ଶ୍ୟାମଳ ବର୍ଣ୍ଣ—ଆମର ତାକୁ ବହୁ କରିବା—ଝିଅଟିର ସ୍ୱଭାବ ଖୁବ ଭଲ ।"

ମୁଁ କହିଲି—"ହଁ, ଦେଖିବାକୁ ଠିକ୍ ଇସ୍ପାହାନ ବିବିଟି ଭଳିଆ ସୁନ୍ଦର ।"

ଅପା କହିଲା—"ତୋର ସବୁଥିରେ ଖାଲି ବାହାନା । ତୋ'ପରି ଶେଷରେ ଜୁଟିବ ଯେ ସେଇରକମ ଗୋଟେ ।"

ମୁଁ ବର୍ତ୍ତମାନ ବୁଝିଲି ଯେ ବନ୍ଧୁ କାହିଁକି ମୋତେ ଭାବ ଦେଇଥିଲା ତା ଭଉଣୀକୁ ଦେଖେଇବାକୁ ଓ ମୋତେ କାହିଁକି ସେ ପ୍ରଶ୍ନ ପଚାରିଥିଲା ବାଟରେ ।

\+ + + +

ମୁଁ ପାଟନା ଆସିଲି ଏମ୍: ଏ: ପଢ଼ିବାକୁ । ବାପା ମା ଭିତରେ ଚିଠିରେ ବାପାଙ୍କ ସାଙ୍ଗରେ ଜବାବ ଦେଇ କଥା ଠିକ୍ କରି ସାରି-ଲେଣି ମୋତେ ମାଲୁମ୍ ନାହିଁ । ମୋଟାମୋଟି ଖାଲି ଘଟେଣ ଚିଠି ମିଳିଲା ଅମୁକ ତାରିଖରେ ବାହାଘର ତୁ ଶୀଘ୍ର ଆ । ଘରେ ମୁଁ ମଙ୍ଗଳ ଦିନ ପହଞ୍ଚି ଶୁଣିଲି ଯେ ସେଇ ଶୈଳ ସାଙ୍ଗରେ ମୋର ବାହାଘର—ମୋ ମୁଣ୍ଡ ଗରମ ହୋଇଗଲା—ବୋଉକୁ ଯାଇ କହିଲି, ମୁଁ ସେଠି ବାହା ହେବି ନାହିଁ । ବାପା ଶୁଣି କହିଲେ, ତାଙ୍କ ମୁଣ୍ଡ କଟିଯିବ ପଛକେ ସେ ଜବାବ ଦେଇ ସାରିଛନ୍ତି—ଆଉ ମନା କରି ପାରିବେ ନାହିଁ । ବୋଉ ମତେ ଟେର ବୁଝେଇ ସୁଝେଇ କହିଲା—'ଭଲ ବଂଶ ଦାଳ ହେଉ, ତୀର୍ଥ ଜଳ ଗୋଳିଆ ହେଉ" ପଛକେ ତାହା ଅବହେଳା କରିବାର ନୁହେଁ । ସେମାନେ କୁଳୀନ ବଂଶ—ଚାଣକ୍ୟ ପାଠ ପଢ଼ିଛୁ—"ଏମିତି କେତେ କଣ ।

ମୁଁ ମନେ ମନେ ଠିକ୍ କଲି ବାହା ହୋଇ ଘର ଛାଡ଼ି ଦେବି—ତେବେ ଯାଇ ବାପା ବୋଉଙ୍କୁ ଉଚିତ ଶିକ୍ଷା ହେବ ।

ମୋର ବାହାଘର ହୋଇଗଲା । ମଧୁଶଯ୍ୟା ରାତିରେ ମୁଁ ଯାଇ ଟୁପ୍ ସ୍ପ୍ ସୋଫାରେ ବସି କାନ୍ଥରେ ଟଙ୍ଗା ହୋଇଥିବା ନାସିମ୍, ହେଡ଼ି ହୋମାର ଓ ଅନ୍ୟାନ୍ୟ ଫିଲ୍ମ ଷ୍ଟାରଙ୍କର ଛବିଗୁଡ଼ାକ ଅନାଉଁ ଥାଏଁ ଓ ଭାବୁଥାଏଁ । ମୋ ଟେବୁଲ ଉପରେ ଧୂପ ଦାନ ପଡ଼ିଥିଲା, ତାକୁ ଆଣି ସେଥିରୁ ଇସ୍ପାହାନ ବିବି ବାଛ-ହାତରେ ଧରି ଯେତେ-ବେଳେ ସେ ଫିଲ୍ମ ଷ୍ଟାରଗୁଡ଼ାକ ଛବି ଆଡ଼କୁ ଅନାଉଁ ଥାଏଁ ମୋ ଅନ୍ତର ଅସ୍ଥିର ହୋଇ ଉଠୁଥାଏ ଓ ମନେ ହେଉଥାଏ ମୁଁ ଆତ୍ମହତ୍ୟା କରିବି କି ? ଏମିତି ଭାବୁ ଭାବୁ କେତେବେଳେ

( ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

ମୋତେ ଲବ ହୋଇ ଯାଉଛି—ହାତରେ ସେମିତି ସେ ତାସ ଖଣ୍ଡ ଧରି ନୈଷଧ ଖୋପା ଉପରେ ଖୋଷି ପକାଉଛି ।

ଅଷ୍ଟମଙ୍ଗଳା ପରେ ପରେ ମୁଁ ପାଞ୍ଚଟା ପଠେଇଲି ଅଭିଜ୍ଞ ପଢ଼ିବା ବାହାନାରେ । କେତେଦିନ ପରେ ଗଣ୍ଡେ ଚିଠି ପାଇଲି ସବୁ— ଲେଖାଥିଲା—

ଶ୍ରୀ ଚରଣ କମଳେଷୁ—

କଣ ସମ୍ବୋଧନ କରିବି ଏହା ଠିକ୍ କରି ପାରିଲି ନାହିଁ । 'ପ୍ରିୟ' ବା 'ପ୍ରିୟତମ' ସମ୍ବୋଧନ କରିବାର ଅଧିକାର ମୋତେ ଦେଇ ନାହାନ୍ତି ଅଉ ମୁଁ ମଧ୍ୟ ଯୋଗ୍ୟା ନୁହେଁ—ଅନେକ ଏ ଉତ୍ପାତଟା ଗୋଟେ ଟ୍ରାଜେଡ଼ି । ଆପଣ କହିବେ ଆପଣଙ୍କ ନାମ ନା' ଜାଣି—ମୁଁ କହିବି ମୋ ଇଚ୍ଛା । ମୋର ତ ଭୁଲ ହୋଇଛି—ଅମ୍ବରର ତ୍ରିଅଙ୍କର ସୁନ୍ଦରଙ୍କୁ ଭଲ ପାଇବାର ଅଧିକାର ନାହିଁ ମୋର ଏଇମ୍ବା ଭରସା-ତାର ଥିଲା । ଆପଣ ଅନ୍ୟ କୌଣସି ସୁନ୍ଦରୀଙ୍କୁ ବିବାହ କଲେ ମୁଁ ଖୁସି ହେବି । ଇତି ।

ଆପଣଙ୍କର

ଇସ୍କାପାନ ବିବି ଶୈଳ

ଚିଠି ପଢ଼ି ମୋର ମନ ଭିତରେ ଟିକିଏ ପରିବର୍ତ୍ତନ ଆସିଲା— ସମସ୍ତ ମଧ୍ୟ ପରିବର୍ତ୍ତନ କରନ୍ତି । କେତେ ପରିବର୍ତ୍ତନ—୧୯୪୬ ସାଲ ୧୯୪୫ ସାଲ ନୁହେଁ—ଗାନ୍ଧୀ କହିଲେ କହିଲେ । ଲୋକେ ତ ଗ୍ରେ-ମୋଉ-ପ୍ରୂଫ କରୁଛନ୍ତି—ଏ: ଆର: ପି: ସ୍ୱଦେଶ—ସଗ୍ରାଉ ଦ୍ୱୈର—ଏସବୁ କରି ପାରୁଛନ୍ତି, ମୁଁ କେବଳ ଜଳର ବର୍ଷାହତା ସ୍ଥିର କରି ପାରିବ । ତହିଁ ଆରଦିନ ଲଗାପଟା ତାଙ୍କ ଘରେ ହାଜର । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଆଗ ଦୌଡ଼ିଲି ତହସିଲଦାରଙ୍କ ପାଖକୁ । ତାଙ୍କ ପଚାରିଲି—"ଅଚ୍ଛା, ମୋତେ କହିଲେ ଦଅନ୍ତୁ କେମିତି ଆପଣ ଇସ୍କାପାନ ବିବିକି ଏତେ ଆଦର କରନ୍ତି ?"

ମୋତେ ସେ Secretଟି କହିଦେଲେ କହିଲେ—"ତମେ ସବୁବେଳେ ସେ କାର୍ଡ ଗଣ୍ଡ ହାତରେ ଧରି ଦେଖ—ପକେଟରେ ପକେଇଥିବ । ଯେତେବେଳେ ସୁବିଧା ପାଇବ—ଟିକିଏ ଦେଖି ନେବ । ଅଉ 'ବ୍ରେ' ଖେଳରେ ସବୁବେଳେ ତାକୁ ନେବାକୁ ଚେଷ୍ଟା କରିବ । ଦେଖିବ ତମ ମନରେ ତା' ପ୍ରତି ଗୋଟାଏ ମମତା ଆସିଯିବ । ମୁଁ ଠିକ୍ ସେଇମିତା କଲି—ମୋର ମଧ୍ୟ ମମତା ଆସିଲା— ତା ପରେ ପ୍ରେମ—ତାପରେ—ଅଉ ସବୁ ।

ଏମିତିକ ଦିନେ ଗୋଟେ କବିତା ଲେଖି ପକେଇଲି—

ଇସ୍କାପାନ ବିବି
ତୋହର ରୂପ ଛବି
ସକାଳ ସନ୍ଧ୍ୟା ଭାବି
ପାଇଛି ଗଲି ଦବି
ଉଠିଲି ଯେତେ ଶବି
ଯେସନେ ନବ ଗାଭି
ଇସ୍କାପାନ ବିବି !
(ତମ) ପ୍ରେମେ ମୁଁ ଗଲି ଦବି ।

ଶୈଳକୁ ନେଇ କବିତାଟି ଦେଖେଇଲି—ସେ ଖୁବ ହସି କହିଲା—"ଯାଃ, ଖୁବ ଦୁଷ୍ଟ !"

—❋—



ପ୍ରଥମ ନୃତ୍ୟକତ୍ରୀ—ତୋ ସ୍ୱାମୀ କଦବେର ଘଙ୍ଗୁଡ଼ି ଫୁଟାଏ ନା ?

ଦ୍ୱିତୀୟ ନୃତ୍ୟକତ୍ରୀ—ମୁଁ ଜାଣିବ କେମିତି ?

ପ୍ରଥମ—ସେ ଶୋଉଥିଲାବେଳେ ଦେଖି ନଥିଲୁ ।

ଦ୍ୱିତୀୟ—ଆମେ ମୋଟେ ସାତଦିନ ହେଲା ବାହା ହୋଇଛୁଁ ।

× + + ×

"ମୁଁ ତମକୁ ଚାହିଁବ କେମିତି । ତମେ ତ ଦରପଟେ ଦୁଇଥର ଦାଢ଼ି ରଖି ଦୁଇଥର କାଟିଲଣି ।"

"ମୁଁ କାଟେନାହିଁ । ମୁଁ ରଖିବାକୁ ଭଲପାଏଁ । କିନ୍ତୁ ତାଙ୍କର ବ୍ରୁକ୍ସ୍ କରିବାର ହୁଏ ନାହିଁ ।"

× + × +

ଓକିଲ ସାକ୍ଷୀକି ଜେରା କଲେ—ମୁଦାଲ ଅଶ୍ଳୀଳ କଥା କହିଥିଲେ ?

ସାକ୍ଷୀ—ନା ସେ ପାଞ୍ଚ କଣ ଶିଳ ଚିଡ଼ିଲି ପରି କଥା କହୁଥିଲେ ।

ଓକିଲ—ମୁଁ ପଚାରୁଛି, ସେ କ'ଣ ଏମିତି ଭାଷା କହିଥିଲେ କି, ଯେଉଁ ଭାଷା ଓଡ଼ିଶା ଆସେମ୍ବ୍ଲିର ଜଣେ ଗୋଷ୍ଠି ଛଡ଼ା ଅର୍ଥ ମନ୍ତ୍ରୀଙ୍କ ମୁହଁରେ ଶୋଭା ପାଉଥାଏ ?

ସାକ୍ଷୀ—କହି ପାରିବି ନାହିଁ ଆଜ୍ଞା, କିନ୍ତୁ ଅଳକାର 'ଉପର' ବେଳେ ବେଳେ ଯେଉଁ ଭାଷା ପ୍ରୟୋଗ କରୁଛି ସେଇଭଳି ।

( ଲେଖକଙ୍କର ଏ ସମାଲୋଚନାକୁ ଉପର ଅନୁଛେଦବାର ସତ୍ ଗ୍ରହଣ କରନ୍ତୁ ଏବଂ ଭବିଷ୍ୟତ ପାଇଁ ସାବଧାନ ରହନ୍ତୁ ।—ସମ୍ପାଦକ)

+ + + +

ଅଫିସର ଜଣେ କେରାଣୀର ଏଟେଣ୍ଡ ଆଦେଶ ପାଳନରେ ଏତୁଟି କରୁଥିବାରୁ ରାଗ ଖାଉଥିଲେ । ଦିନେ ସେ ହେଡ ଅଫିସକୁ ତାର କଲେ—ଭିଂକ, ପରଶୁରାମ୍ୟାଳକୁ ଧରି ଗାଇ ଯାଉଛି । ଆଦେଶ ଦେବେ ପାଳନ କରିବ ।

× × + +

ଏଣ୍ଟ୍ରି କମିସନ ଖାଇବା ପାଇଁ ଜଣେ ଉଦ୍ଭଲୋକ ଋଇଚ୍ଛି ଅଫିସରଙ୍କ ସହ ସାକ୍ଷାତ କଲେ ।

ଅଫିସର—ତମେ କମିଶନ ଖୁହଁ ?

ପ୍ରାର୍ଥୀ—ନା, ମୁଁ କଲ୍ଲ ଗରିବ—କମିଶନ ମୋତେ ପୋଷେଇବ ନାହିଁ । ଆପଣ ମାସିକ ଦରମା ଠିକ୍ କରିଦଅନ୍ତୁ ।

× + × +

Digitized by srujanika@gmail.com



କାହାଣୀ

# ଭିକାରୁଣୀର ଦାନ

( ଅନୁବାଦ )

ଲେଖକ:—ତୁର୍ଗେନେଭ

ମୁଁ ସଡ଼କ ଉପରେ ଚାଲି ଯାଉଥିଲି । ଦୁର୍ବଳ, କ୍ଷୀଣ, ବିକଟ ଆକୃତି ଧରି ଭିକାରୁଣୀଟିଏ ମୋ ଆଗରେ ଆସି ଠିଆ ହେଲା ।

ବାର୍ଦ୍ଧକ୍ୟ ତାର କପାଳ ଓ ଶରୀରକୁ କୁଞ୍ଚିତ କରିଥିଲା—କ୍ଷୁଧାରେ ତାର ସାରା ଦେହ କଂପୁଥିଲା । ଆଖି କୋଟର ଭିତରକୁ ପଶି ଯାଇଛି—ତା' ମଧ୍ୟ ମୃତ, ଜ୍ୟୋତିହୀନ । ତାର ଦେହ ନିଷ୍ପ୍ରଭ ଚମୁଆଡ଼କୁ ଚାହିଁ ହେଉ ନ ଥାଏ । ମଇଳା ଶାଢ଼ୀଟି—ଛି ଚିରା ସେ—ସେଥିରେ ମହତ ରହିବା ଅସମ୍ଭବ । ବାଡ଼ି ଉପରେ ଭର ଦେଇ ଦୀର୍ଘ ନିଶ୍ୱାସଟାଏ ନେଇ ସେ ମୋ ଆଗରେ ଠିଆ ହୋଇଗଲା ।

ବେକଟିକି ବଡ଼ କଷ୍ଟରେ ଥରାଇ ଥରାଇ ସେ ଟିକିଏ ଚାହିଁଲା ମୋତେ—ତାର ସେଇ ନିଷ୍ପ୍ରଭ ନୟନରେ । ତାପରେ କ୍ଷୀଣ, କୁଞ୍ଚିତ, ଚର୍ମସାର ହାତଟିକି ବଢ଼ାଇ ଦେଇ କାତର ସ୍ୱରରେ କହିଲା—"ବାପ, ଗୋଟିଏ ପଇସା !"

ତାର ସେଇ କରୁଣ ସ୍ୱର ମୋ ହୃଦୟରେ ଯାଇ ଶବ ହେବାକୁ ଲାଗିଲା ।

ମୁଁ ପକେଟ ଅଣ୍ଡାଳିଲି । କିନ୍ତୁ କିଛି ତ ନାହିଁ ! କଣ କରିବି !

ସେ ପୁଣି କହିଲା—"ବାପ, ଗୋଟିଏ ପଇସା !"

ବୁଝି ନ ପାରି—ବିହ୍ୱଳିତ ହୋଇ ମୁଁ ତାର ସେଇ ଲୋଳଚର୍ମ ପାତଳା ହାତଟିକୁ ଆପଣା ମୁଠାରେ ଚିପି ଧରି କହିଲି—'ମା—'

ମୋ ପାଖରେ ଆଜି ଟଙ୍କା ନଥିଲା ।

"ଭଗବାନ ତୋର ମଙ୍ଗଳ କରନ୍ତୁ ।"

ବୁଢ଼ୀର କଣ୍ଠ ବସିଗଲା । ସେଇ ମଳିନ ଓଠରେ ତାର କ୍ଷଣକ ପାଇଁ ଜୀବନର ଜ୍ୟୋତି ଚମକି ଉଠିଲା । ପୁଣି ତାର ସେଇ ଥର ଥର ହାତକୁ ନେଇ ମୋ ମୁଣ୍ଡ ଉପରେ ରଖି ଗଦ୍‌ଗଦ୍ ସ୍ୱରରେ କହିଲା—"ଭଗବାନ ତୋର ମଙ୍ଗଳ କରନ୍ତୁ !"

ମନେହେଲା ଯେପରି କୌଣସି ଦେବୀଙ୍କର ସମ୍ପୂର୍ଣ୍ଣ ଶୁଭ କାମନା ଏବଂ ସ୍ପର୍ଶରେ ମୋର ଜୀବନ ସଫଳ ହୋଇଗଲା ।

ମୁଁ ତାକୁ କିଛି ଦେଇ ପାରି ନ ଥିଲି । କିନ୍ତୁ ସେ ଭିକାରୁଣୀ ମୋତେ ଅନେକ ଜିନିଷ ଦେଇ ଯାଇଛି ।

———*———

# ସତ ଘେନ ବା ନ ଘେନ

ବଙ୍ଗଳାରେ ଲୁଗା ଅଭାବରେ କୌଣସି ମାନବ ସନ୍ତାନ ରୁମାଲ ସିଲାଇ କରି ଲଜ୍ଜା ନିବାରଣ କରୁଛନ୍ତି । ସମ୍ଭବତଃ ପ୍ରେମିକ ପ୍ରେମିକା ବଜାରରେ ତାର ପ୍ରତିବାଦ ସଭା ବସି ପାରେ । କଲେଜ ଛାତ୍ର ଛାତ୍ରୀଙ୍କର ଯୋଗ ଦେବା ବାଞ୍ଛନୀୟ ।

× + +

ଇଣ୍ଡିଆନାର ଗୋଟିଏ ମାଈ କୁକୁଡ଼ା ୩୬୫ ଦିନରେ ୩୩୬ଟି ଅଣ୍ଡା ଦେଇ ରେକର୍ଡ଼ ଟପି ଯାଇଛି । ଓଡ଼ିଶା ସରକାରଙ୍କର ବୃହତ୍ତର କଟକ ଯୋଜନା ୩୬୫ ଦିନରେ ୩୬୫ଟି ଅଣ୍ଡ ଡିମ୍ବ ପ୍ରସବ କରି ସେ ରେକର୍ଡ଼ ଭାଙ୍ଗିବାର ପ୍ରୟାସ ଘୋଷଲେ ସାହେବଙ୍କ ପାଇଲେ ଖୋଜିଲେ ମିଳିପାରେ । + × ×

ଅମେରିକାର ମହିଳାମାନେ ଶାଢ଼ୀ ପିନ୍ଧିବାକୁ ଆରମ୍ଭ କରିଛନ୍ତି । ମହିଳାମାନେ କିନ୍ତୁ ବାଗ ପାଇ ନ ଥିବାରୁ କେତେକ ଭାରତୀୟ ପୁରୁଷ ସେ ଦେଶକୁ ଯିବାର ପନ୍ଥା ଯୋଜନା କ୍ରମେ ଉଠାଯାଇ ପାରନ୍ତି ବୋଲି ଦିଲ୍ଲୀ ସରକାରୀ ମହଲର ଜନରବ ।

× + × +

ଧୀର ସହରର ପ୍ରାୟ ପଚିଶ ହଜାର ଗୃହିଣୀ ସ୍ୱେଚ୍ଛା କଳହ ଦମନ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି । ଏ ସମ୍ବାଦରେ ଓଡ଼ିଶା ସହରର ବଜାରର ବଡ଼ ବର୍ଣ୍ଣମାନଙ୍କଠାରୁ ଛୋଟ ଛୋଟ ଦୋକାନୀମାନେ ମଧ୍ୟ ଗଣ୍ଡେ ଗଣ୍ଡେ ଉତ୍ତମ ମୁଣ୍ଡରେ ଦେଇ ଅଫିସ ଆସିବେ ବୋଲି ସ୍ଥିର କରିବାର ଅବକାଶ ସମ୍ବାଦ ମିଳିଛି ।

Digitized by srujanika@gmail.com

# କଡ଼ା ମିଠା

ସେତେବେଳେ ବାବୁ ଜଣେ ସାପ୍ତାହିକ କାଗଜର ସମ୍ପାଦକ । ପ୍ରାଦେଶିକ କଂଗ୍ରେସ କମିଟିର ସଭ୍ୟ । ସଭାରେ ବସିଥାନ୍ତି, ମୁଁ ତାଙ୍କ ପାଖରେ ବସିଥାଏଁ । ପରିଚୟ ଦେଲି—'ମୁଁ ଅମୁକଙ୍କ ପୁଅ ।' ସେ ବାପାଙ୍କୁ ନଚିହ୍ନିଲା ପରି ଚାହିଁଲେ । କପାଳରେ ରେଖା । ଆଖି ଯୋଡ଼ିକ ଛୋଟ ହୋଇଗଲା । ଓଠ ଦୁଇଟି ଟେଢ଼ା ହୋଇଗଲା । ନାକରେ ଗନ୍ଧ ବାଜିଲା ପରି । ମୁଁ ବଡ଼ ଲଜ୍ଜିତ ହେଲି । ମୋ ବାପା ଜଣେ ପ୍ରସିଦ୍ଧ ଲେଖକ । ଭାବିଥିଲି, ଓଡ଼ିଶାର ଶିକ୍ଷିତ ସମାଜ ତାଙ୍କୁ ଚିହ୍ନିଥିବେ । ମୁଁ ବଡ଼ ଦୁଃଖରେ ଘର, ଦ୍ୱାର, ଥାନା, ଜିଲ୍ଲା ଆଦି କହିଲାରୁ ସେ ଅନେକ ବେଳକେ ନିହାତି ଚେଷ୍ଟା କରି କହିଲେ—"ଓ ସେଇ ଯେ କେଉଁଠି ଲେଖାଲେଖି କରନ୍ତି । ହଁ ।" ଏତିକି କହି ସେ ମୁହଁ ସେଣିକି କରି ନେଇଗଲେ । ସେଦିନ ପାଖରୁ ମୋର ସାହିତ୍ୟିକର ପୁଅ ହେବାର ସାଧ ମେଣ୍ଟି ଯାଇଛି । ମୁଁ ଆଜିକାଲି ସାହିତ୍ୟିକର ପୁଅ ବୋଲି କେଉଁଠି ପରିଚୟ ଦିଏନାହିଁ । ଇତି ।

ଜଣେ ଜମିଦାର । ଟଙ୍କା ଦଶ ବାର ହଜାର ବର୍ଷକୁ ଆୟ । ତାଙ୍କ ସାଙ୍ଗରେ ସାମାନ୍ୟ ଆଳାପ । ସେ ଜାଣନ୍ତି ମୁଁ କିଛିଏ ଲେଖାଲେଖି କରେଁ । ଥରେ ତାଙ୍କ ପୁଅର ଅନ୍ନପ୍ରାଶନରେ ଚିଠି ଆସିଲା—ଗୋଟାଏ ଆଶୀର୍ବଚନ କବିତା ଲେଖି ପଠାଇବ । ପଠାଇଲି । ପୁଣି ଉପନୟନକୁ ସେଇ ପତ୍ର—ବିବାହକୁ ବି ସେଇ ପତ୍ର । ଖାଲି ଏତିକି ନୁହେଁ—ଗାଁଯାକ ଯେତେ ବିବାହ ହେବ ସବୁରିପାଇଁ ମୁଁ ଲେଖିବି ବିବାହ ସଙ୍ଗୀତ । ମୁଁ ହେବି କନ୍ୟାର ପିତା ମାତା, ଭାଇ, ଭଉଣୀ, ଗ୍ରାମର ଶାଳୀ ତଥା ବରର ବନ୍ଧୁ, ବାନ୍ଧବୀ ଇତ୍ୟାଦି ସବୁ । କେଉଁ ସ୍କୁଲରେ ପ୍ରାଇଜ ହେଲା, ସେଥିପାଇଁ ନାଟକ, କଥୋପକଥନ ଲେଖିଦିଅ; କେଉଁଠି ସଭା ହେଲା, ସେଥିପାଇଁ ପ୍ରାରମ୍ଭିକ ସଙ୍ଗୀତ ସ୍ୱାଗତ ସଙ୍ଗୀତ ଲେଖିଦିଅ; ହାକିମହୁକୁମାଙ୍କ ବଦଳି ହେଲା, ତାଙ୍କ ପ୍ରଶସ୍ତି ଲେଖିଦିଅ; କିଏ ଉପାଧି ପାଇଲା, ତାଙ୍କ ଅଭିନନ୍ଦନ ଗୀତିକା ଲେଖ—ଏଇଆ କରି କରି ବିରକ୍ତ ଲାଗୁଛି । ପଇସା ପାଇ ନାହିଁ ବୋଲି ନୁହେଁ—ଲେଖକର ଯଉଁ ଆବେଗ, କୌଣସି ସ୍ଥାନ ଉଦ୍ଦୀପକକୁ ଏଇଭଳି ଆଦେଶ କରିବାକୁ ଯେ କେହି ଭଦ୍ରଲୋକ ସଙ୍କୁଚିତ ହୁଅନ୍ତା । କିନ୍ତୁ କବିର ମାନ ଅପମାନବୋଧ ଭୁଲ । ତେଣୁ ଏସବୁ ଭାବି ସହିଯିବାକୁ ହୁଏ । ଆଜି ସମାଜରେ ଆମର ସ୍ଥାନ ଦେଖି ମୁଁ ବଡ଼ ଭାବନାରେ ଅଛି । ଏହାର ପ୍ରତିକାର କ'ଣ ? ଇତି ।

\+ \+ \+

ବୁଦ୍ଧୁରାମ ଏ ଚିଠି ଦୁଇଖଣ୍ଡି ପାଇଲେ । ସେଦିନ ଓଡ଼ିଶା ରାଜଧାନୀ କଟକରେ ସଭା କରି ଯେଉଁ ଲେଖକମାନେ ଲେଖକମାନଙ୍କୁ ପଇସା ଦିଅ, ପଇସା ଦିଅ ବୋଲି ଚିଲ୍ଲାଉଥିଲେ ବୁଦ୍ଧିରାମ ଏ ଚିଠିକି ତାଙ୍କ ସମ୍ମୁଖରେ ପେସ୍ କରୁଛନ୍ତି । ଲେଖକର ପ୍ରକୃତରେ ଦରକାର କ'ଣ ? ପଇସା ନା ସମ୍ମାନ ? ଏ ଚିଠିରୁ ତ ମନେ ହେଉଛି ପଇସାଠାରୁ ସମ୍ମାନର ଆବଶ୍ୟକ ବେଶୀ । ତେବେ, ଆଜିକାଲି ଯୁଗରେ ପଇସାହିଁ ସମ୍ମାନ ବୋଲି ଯଦି କୁହାଯାଏ ତେବେ କଥାଟା ସତ ହେବ କିନା ! କିନ୍ତୁ ଉଚିତ ବୋଲି କେହି କହିବ ନାହିଁ । ଏଥିପାଇଁ ସମାଜ ଦାୟୀ । ନିଜେ ଲେଖକମାନେ ବି ଦାୟୀ । କିନ୍ତୁ ପଇସା ନେଇ ଯଦି ଲେଖକମାନେ ତାଙ୍କ ଲେଖାର ମୂଲ୍ୟ କରି ବସନ୍ତି ତେବେ ଅବସ୍ଥାଟା କେଉଁଠିକି ଗତି କରିବ ତା ଭାବିବା ଉଚିତ । ଷ୍ଟାର ମିନର୍ଭାରେ ନର୍ତ୍ତକୀ ବେଶ୍ୟା ବା ଦକ୍ଷିଣୀ ଗୋଟିପୁଅଙ୍କର ସମ୍ମାନ କବିଙ୍କ ସମ୍ମାନଠାରୁ ଅଧିକ ହେବ ବୋଲି ମନେ ହେଉନାହିଁ । ଯେଉଁଠି ଲେଖାର ଚଟକତା ଲେଖାର ଉତ୍କର୍ଷ ତାଙ୍କ ଦର ଉପରେ ନିର୍ଭର କରେ ସେଠି ବେଶ୍ୟା ଗୋଟିପୁଅମାନେ ବି ଘର ଭିତରେ ପ୍ରଭୁ ଯିଶୁ, ଗୌତମ ବୁଦ୍ଧ ବା ଶ୍ରୀକୃଷ୍ଣଙ୍କଠାରୁ ବେଶୀ ସମ୍ମାନ ପାଉଥାନ୍ତି । ମାଇପି ପଣ୍ଟ ଦେଖିବାର ସଉକଟାକୁ ମିଶିପମାନେ ଏବଂ ମିଶିପ ପଣ୍ଟ ଦେଖିବାର ସଉକକୁ ମାଇପିମାନେ—ଆଧୁନିକ ତଥା କଥିତ ଶିକ୍ଷିତ ଶିକ୍ଷିତାମାନେ କଳାଶ୍ରୀ, ସୁରୁଚିରେ ପରିଚୟ ନାମରେ ଉତ୍ସାହ ଦେଇ ପାରନ୍ତି, କିନ୍ତୁ ସେଟା ନିଜକୁ ଠକିବା କଥା । ଦେଶ ଦୁର୍ବଳତାକୁ ପ୍ରଶ୍ରୟ ଦେବା ପାଇଁ ତାକୁ ଗୋଟାଏ ଭଲ ରୁଚି ସଙ୍ଗତ ନାମରେ 'ଡାକି ଲାଭ ନାହିଁ । କିନ୍ତୁ ଯଦି ପଇସା ଚାହେଁ ତେବେ ଲୋକଙ୍କର ଦେହ ରୁଚିର ଅନୁମୋଦନ କରି କହି ଲେଖୁ, ପଇସା ମିଳିବ । ଏ ଦେଶରେ ଡିଟେକ୍ଟିଭ ପ୍ରକାଶକ ପଇସା ପାଆନ୍ତି, ହାଇସେନ ପଇସା ମାରଣ କରି ଆଣେ, ଯୁପ ଉକିଲମାନଙ୍କ କପାଳରେ କପାଳ ଲଗେଇ ଟଙ୍କା ଅଧୁଲି ସିକି ନେଇପାରେ—ପଇସା ନମିଳିବ କାହିଁକି ? ଲେଖକଙ୍କ ଭିତରୁ କେତେ ଟ୍ରେଡିଂର ଅନିଲ ମିଶ୍ର ବା ପବ୍ଲିଶିଂ ହାଉସ ଉମାଚରଣଙ୍କ ପାଦ ଧରି ନମସ୍କାର ହେବାଟାକୁ ଯେତେବେଳେ ବଡ଼ ମନେ କରିବେ, ଏ ଦୁଇ ଜଣଙ୍କଠି ମନ ଲାଗିଗଲେ ପୁଣି ଜଗନ୍ନାଥ ସ୍ୱାମୀ ଷ୍ଟୁଡେଣ୍ଟସ୍ ଷ୍ଟୋର ପାଦ ଧରିବେ ଯେଉଁମାନେ, ସେମାନେ ସମ୍ମାନଟାକୁ ବା ଏତେ ବଡ଼ ସ୍ଥାନ ଦେବେ କାହିଁକି ! ଯିଏ ପଇସା ଦେଲା, ସେ ହେଲା ସାହିତ୍ୟ—ଯିଏ ପଇସା ନଦେଲା ସେ ଅସାହିତ୍ୟ । ଆମ ଦେଶରେ କେତେ ପ୍ରାଇମେରୀ ବହି ଛପା କମ୍ପାନୀ ବାହାରିଛନ୍ତି । ସେଥିରୁ କେଣ୍ଟ ପଇସା ମିଳୁଛି । କଷ୍ଟ ଭଣ୍ଡାର ପରୀକ୍ଷା ପ୍ରଶ୍ନ ଛପାଇ କେଣ୍ଟ ଲାଭ କରୁଛନ୍ତି । ଏସବୁ ସାହିତ୍ୟ । ସମାଜ କହିବେ—ଭାରତ ସରକାରଙ୍କ ଯୁଦ୍ଧ ବିଜ୍ଞାପନର ସାହିତ୍ୟ । ଆଉ କହିବେ—ନିଲାମ ଇସ୍ତାହାରହିଁ ସାହିତ୍ୟ । ସୁତରାଂ ହେ ସାହିତ୍ୟିକ ବନ୍ଧୁ, ଟଙ୍କା—ଟଙ୍କା—ଟଙ୍କା—ବୋଲି କବିତା ଲେଖ ।

ସୁନାର ହେଲଣି ଗୋଲ କଳେବର
ଟଙ୍କମିଶ ତନୁ ଜନ୍ମ ଟଙ୍କା ।

ପ୍ରକୃତ ସାହିତ୍ୟ ଟଙ୍କା । ଏଥିରୁ ଯଉଁ ମଧୁ କ୍ଷରିବ ସେହି ହେବ ସାହିତ୍ୟ । ଟଙ୍କା ମିଳିଲେ ସମ୍ମାନ ଆପେ ଆପେ ଆସିବ । ସମ୍ମାନର ଶିର ଉପରେ ଗୋଇଠା ମାରି ଟଙ୍କା ସାହିତ୍ୟକୁ ଦୁର୍ଗବାସ କରାଇ ଦେଇ ପାରିବ ।

ଅତଏବ ବୁଦ୍ଧୁରାମଙ୍କ ମତରେ ପତ୍ରପ୍ରେରକ ଦୁହେଁ ସମ୍ମାନ ଉପରେ ନଜର ନ ରଖି ଟଙ୍କାରୁଣ ଦିଗ କବରେ ଅଗ୍ରସ୍ର ହେଲେ ସେ ଦୁଃଖ ମୋଚନ ହେବ । ପୁଣି ଲେଖା ଲେଖିବରେ ଗୋଟାଏ ସମ୍ମାନ କ'ଣ ? ପାଠ ପଢ଼ି ଥିଲେ ଗୀତ ଗାଉଥାଏ ବାଉର କଣ୍ଠର ପୁଅ ।

Digitized by srujanika@gmail.com




ଏ ସମ୍ବାଦରେ ଅଭିନନ୍ଦନ ବୃଷ୍ଟି ଓ ତାଳିର ମେଘ ଥିବାର ପ୍ରମାଣ ମିଳା ପଡ଼ୁଛି ଯାସ-ଶ୍ରୀଚରଣର ଉଦବ ଲଗାଣରେ ।

ଯଥାସମୟରେ ମନ୍ବନ୍ତର ହୋଇଲା । ଅମରାବତୀର ଇନ୍ଦ୍ର ସିଂହାସନ ଟଳିଲା । ବନ୍ଦ ଚର୍ଚ୍ଚିଲ ଦଳ ତଡ଼ା ଖାଇଥିବାର ବାରତା ଜମ୍ବୁ ଦ୍ୱୀପେ ପ୍ରବେଶ ହୋଇଲା । ଲେବରମାନଙ୍କ ହାତରେ ଶାସନ ଭାର ସମର୍ପିଲା । ନୂଆ ଇନ୍ଦ୍ରପଦ ପାଇଥିବା ଆଟ୍ଲିଙ୍କ ନାମ ମୁଣ୍ଡରେ ଶିରୋପା ଲଗି ହୋଇଲାରୁ ଭାରତ ଖଣ୍ଡରେ ଆଶା ଓ ଆହ୍ଲାଦ ଦୌଡ଼ିବାକୁ ଲାଗିଲେ । ଆଗାମୀ ବୈଠକ ତଳେ ଜମନ୍ତେ ଦଳପତି ସିଂହ, ମହାବଳେନ୍ଦ୍ର ପଦ ଯୋଗ୍ୟଗଣ ପଞ୍ଚ ଦଳପତିର ଶାଣ ଦେବାରେ ମନ ବଳାଇଲେ । କେହି କେହି ସଜବାଜ ହୋଇ ଲଲାଟରେ ସିନ୍ଦୂର ଚଢ଼ାଇଲେ । କେବଳ ମହାତ୍ମାଜୀ ସେନାପତିଙ୍କ ପଛେ ଘୋଡ଼ାଇଲେ ।

ଏମନ୍ତ କାଳରେ ଉତ୍କଳ ମୂଳକରେ ନଥ ମନ୍ବନ୍ତରର ଲକ୍ଷଣ ଅନୁଭବକୁ ଆଇଲା । ଉତ୍କଳର ଦିଗପାଳ ନୈଋତ କୋଣକୁ ଦ୍ରୁତର ଗତି କଲେ । ନୂତନ ଦିଗପାଳ ଗାଦି ନସିନ ହୋଇଲେ । ସ୍ୱର୍ଗ ସଭା ଦେବ ଦେବତାଙ୍କ ଶିରରେ ପୁଷ୍ପବୃଷ୍ଟି ଓ ଶୁଭଦୃଷ୍ଟି ନିକ୍ଷେପିଲେ । ସ୍ୱର୍ଗ ସଭା ମଙ୍ଗଳାଷ୍ଟକ ପଢ଼ିଲେ କି ସେମାନେ ପ୍ରଜାବୃନ୍ଦର ମଙ୍ଗଳ ବିଧାନ କରନ୍ତୁ । ତାଙ୍କର ଯଶ କୀରତି ବଢ଼ନ୍ତୁ ଥାଉ ।

ବ୍ରହ୍ମପୁରରୁ ବ୍ରାହ୍ମଣ ଜଣେ ଓଡ଼ିଶା ସରକାରଙ୍କ ପ୍ରଧାନ ବିଧାନବାଗୀଶ ହୋଇ କଟକ ନଗରକୁ ଅନୁକୂଳ କରନ୍ତେ କଟକର ଅସଂଖ୍ୟ ବିଧାନ-କେନ୍ଦ୍ର ଓ ଅଇନ-ଲୁହାଙ୍କ ଅମାନଙ୍କୁ ଶବ ହୋଇଲା । ସେ ଗଣପଣ୍ଡ ଉପରେ ଭକ୍ତ ବସ୍ତିରେ କଥା ଭଙ୍ଗାଇଲେ । କେହି ଜଣେ ତରୁଣ ବାର୍ଷ-କେନ୍ଦ୍ର ଏଥିରେ ତର୍କ କରନ୍ତେ ତାଙ୍କ ମୁଣ୍ଡ ଦେଶରେ ପ୍ରବୀଣ ସହକର୍ମୀଙ୍କର କୋଠା ବୃଷ୍ଟିର ଉପକ୍ରମ ହୋଇଲା । ତରୁଣ ମଣ୍ଡଳର ତାହା ଧୀର ହୋଇ ସ୍ଥିର ବୁଦ୍ଧି ଜନା କଳାହାର କୃଷିଶାଳରେ ତାହା ସକଳ ଓ ବର୍ଜନ କରି ଏକାକୀ ଆପଣା ମତରୁ ବାହାର ହୋଇଲେ । ଦେବଗଣ ତାହାଙ୍କର ଧୈର୍ଯ୍ୟ, ଦମ୍ଭ, ନ୍ୟାୟ ଓ ସତ୍ସାହସ ଦେଖି ତାଙ୍କୁ ଧନ୍ୟ ଧନ୍ୟ କୋଇଲେ ।

ବ୍ରହ୍ମପୁର ନଗରରେ ପଢ଼ୁଆମାନଙ୍କର ସଭା ହୋଇଲା । ମହାମହିମ ମନ୍ତ୍ରୀ ତାଙ୍କ ପୁରୋହିତ ହୋଇଲେ । ଭୂତ ମନ୍ତ୍ରୀ ଶିକ୍ଷାଙ୍କୁ ବ୍ରହ୍ମା କରଣି ମିଳିଲା । ଶ୍ରୀମନ୍ ଯଜ୍ଞ ଆରମ୍ଭ ହୁଅନ୍ତେ ଓଡ଼ିଆ ଉମାଚରଣ ପୁରୋହିତସ୍ୱର୍ଯ୍ୟ ରୂପରେ ବେଦପାଠ କଲେ । ଏମନ୍ତ କାଳରେ କମ୍ୟୁନିଷ୍ଟ ନାମକ ଅସୁରଗଣ ଯଜ୍ଞସ୍ଥଳକୁ ଧାଇଁ ଦେଲେ । ଉଦ୍‌ଗାତାଙ୍କ ଉପରେ ବଜ୍ରମୁଷ୍ଟିର ଉପକ୍ରମ ହୁଅନ୍ତେ ଅହିଂସାବାଦ ବିଶ୍ୱନାଥ ମୂର୍ଚ୍ଛିତ ହୋଇ ଦେଲେ । ଉତ୍କଳ ଦେଶର ମହାତାପେ ବିଶାଳ ବପୁ ଆଡ଼ କରି ଉମାଙ୍କ ପୃଷ୍ଠର ମହତ୍ତ୍ୱ ରକ୍ଷା କଲେ । ଯଜ୍ଞଭଙ୍ଗକାରୀ ଅସୁରଗଣ ବିଫଳ ମନୋରଥରେ ସ୍ୱରୂପାନ ଦ୍ୱାରା ବଳ ସଞ୍ଚୟ ନିମନ୍ତେ କାହାକୁ ଯାହା ରଖିଲେ ।

ଜାପାନ ଦେଶର ସମ୍ରାଟଙ୍କୁ ବୃହସ୍ପତି ଅଷ୍ଟମ ଓ ଶନି ପଞ୍ଚମ ହୋଇଲା । ଇଂଲଣ୍ଡ, ଆମେରିକା ଓ ଚୀନ ଏକସଙ୍ଗରେ ଗଡ଼ଗଡ଼ି ଲଗି ଦେଲେ । ଶେଷରେ ପାଶ୍ଚିମ ଦୁନିଆର ନୂଆ ଜାପାନ ଏଟମ ବମ୍ବ ଦେଖାଇଛୁ କହେବୁ । ଆମ୍ଭେ ତୋତେ ନାଶିବାର ବଧ ଜଅଇବୁଁ । ତୋତେ ମନ୍ଦ ଦଶା ପଡ଼ିଲା । ଭଲ ଗଲା ଅଟ ତ ଆମ୍ଭର ପାଦ ତଳେ ଶରଣ ପଶ । ଆମ୍ଭେ ତୋର ରକ୍ଷାକର୍ତ୍ତା ଅଟୁ । × × × ଏମନ୍ତ ଶୁଣି ଜାପାନର ପାଞ୍ଚ ମନ୍ତ୍ରୀଙ୍କୁ ଭ୍ରମ ହୋଇଲା । ତାଙ୍କ ସବୁଠାରୁ ଦୁର୍ବୁଦ୍ଧି ଘୋଟାଇଲା । ସେ କୋପରେ ହୋଇ ଏମନ୍ତ ଉତ୍ତର ଦେଇଲେ । ଅଟକ ବଡ଼ ବଳଶାଳୀ ଗଣ, ଆମ୍ଭେ ବେଙ୍ଗ ବୋଲି ହୋଇ ମରିବୁ ପଛକେ ତୁମ୍ଭ ଗୋଡ଼ ଧରିବୁ ନାହିଁ । ଶେଷଯାଏ ଲଢ଼ି ନିର୍ମୂଳ ହୋଇଯିବୁଁ । + + + ଅମୃତ ବଜାରରେ ଏହା ଜାପାନର ଦୋଷ କହଇ — ଶନି ଦୃଷ୍ଟିରେ ଏହି ଦୁରନ୍ତ ଫଳ ଅଟଇ । ଏଥିରୁ ଗ୍ରହଶାନ୍ତି ତାଲିକା କରିଇବାର ପାଠ ଆମ୍ଭ ପାଞ୍ଜିରେ ଲେଖାଅଛଇ । ମନ୍ଦ ଦଶା ହେବୁ ତଥିରୁ ଦୃଷ୍ଟି ନ ପଡ଼ିଲା ।

ଜବାହାରଲାଲ ଏବଂ ମୌଲାନା ଆଜାଦ ସିମଳା ଗଣ ଅନ୍ତେ କାଶ୍ମିର ଗମନ କଲେ । ସେଠାକ ଭୂସ୍ୱର୍ଗ ଅଟଇ । ତଥି ଅପ୍ସରାଗଣ କ୍ରୀଡ଼ାସ୍ଥଳୀ ଅଛଇ । ତହିଁ ସୋମରସ ଉତପତ୍ତି ହୁଅଇ । ପୁଣି ପାରିଜାତ ଫୁଟଇ । ମଧ୍ୟପାନ କରି ନୃତ୍ୟରେ ବଳ ସଞ୍ଚୟ କରି ଆସିଲେ ବିତଣ୍ଡା ସମର କରିବାରେ ନିପୁଣ ଓ ଅଗଭର ହୋଇବେ ।

ସୁଭାଷର ଗଣ ଜାହାଜ ଦେଇ ଦେଶଠାରେ ଅଦୃଶ୍ୟ ହୋଇଲେ — ଦେଖି ଦ୍ୟସ ସରେଲଇରେ ଲୁଚି ରହିଲେ କମ୍ପା ଯମପୁରକୁ ଗତି କଲେ ଏହା କେନ ପାଞ୍ଜିକାରମାନେ ଗଣି ଗଣି ଅବଧ ହୋଇଲେ । କେବଳ ଗଣିବାର ଥନ୍ତ କରି ନପାରିଲେ । ଏ ପାଠ ଗଣିକାରଙ୍କ ପୋଥିରେ ନ ଥିବାରୁ ବୃଥାରେ ଘାଣ୍ଟି ହୋଇଲେ । ଏଣୁ ଆମ୍ଭେ ଅମୃତ ଗୋସେଇବାପାଙ୍କ ଗାଦି ଦରଣ୍ଡି ଏ ବିଦ୍ୟା ଚାତୁର୍ଯ୍ୟ କଲୁଁ । ଏହି ଗୁପ୍ତବିଦ୍ୟା ଅତି ଗହନ ଅଟଇ । ଆମ୍ଭେ ଗଣନା କରି ନନ୍ଦୀମାନଙ୍କ କୃପାରୁ ଯେମନ୍ତ ତନ୍ତ୍ରରେ ଅଛିଲ ତେମନ୍ତ ଏଥି ବଖାଣ କଲୁଁ । × × × ବୋମା, ବିମାନ, ନର୍ଘ ଧୂଆଁରେ ସୁଭାଷଙ୍କ ଶରୀରରେ ତାପ ଲାଗିଲାରୁ ସେ ଦକ୍ଷିଣ ମେରୁମଣ୍ଡଳର ଏକ ନିର୍ଜନ ଦ୍ୱୀପରେ ବାସ କରି ଅଛନ୍ତି । ତହିଁ ବରଫ ଦ୍ୱାରା ଅଙ୍ଗକୁ ଶୀତଳାଉଛନ୍ତି । ସେଠାରେ ପୁଣି ଶ୍ୱେତ ଭାଲୁ ଓ ଭାଲୁ ପକ୍ଷୀକୁ ବେଳାର ରଣବିଦ୍ୟା ଶିଖାଇବାରେ ଲାଗି ଅଛନ୍ତି । କାର୍ଯ୍ୟ ସମାଧା ହେଲେ ଭକ୍ତ ପଶୁ-ପକ୍ଷୀ ବାହିନୀ ନେଇ ପୁଣି ରଙ୍ଗ-ବିଜୟରେ ଗତି କରିବେ ।

ବାଲେଶ୍ୱରର ଗୁପ୍ତ କର୍ମର ଉତ୍ପନ୍ନ ଶକ୍ତି ଧ୍ୱଂସନ ବର୍ଷ ଭିତରେ ୨୨ ଶତକଡ଼ା ହ୍ରାସ ପାଇବାରୁ ଗୋ-ମୋଇ-ସୁକ୍ ଏମୋନଅ ମାନଙ୍କର ଦର ବେସରକାରୀ ଦୃଷ୍ଟିରେ ଥାଉଛି । ଜଳା ଗଡ଼ାଇବା ଧଳା କରିବା ପାଇଁ ସିଭିଲ ସପ୍ଲାଇର ବର୍ଗରେ ଜଣେ ଧଳା ସାହେବ ବସେ କଲେ ବାଲେଶ୍ୱର ଅନାହାର ଇଲାକାରେ । କାଳାଧ ସଭ୍ୟ ଶିକ୍ଷକମାନେ କଂଗ୍ରେସ ନେତାଙ୍କଠାରେ ଶିଖଣୀ ମାନ ମାନ ଏକରୁ ସରକାରୀ ଅମଳରେ ମାସିକ ବେତନ ପରେ ବସି ଅଲ୍ଲାଙ୍କ ଉପର ଫାଙ୍କ ମାଗରେ ପାଇବାର ସ୍ଥିର ହୋଇଲା । କଲ୍ଲାରେ ତୃପ୍ତମାନ ଗଠନ ହୋଇଲା । ତନ୍ୟା ପ୍ରତିକାର ପାଇଁ ସରକାରୀ ଅଫିସରମାନଙ୍କୁ ଅଧିକତର କ୍ଷମତା ଦଣ୍ଡ ହୋଇଲା ।

Digitized by srujanika@gmail.com

# କଳି ମହାଭାରତ

## ୨ୟ ପର୍ବ

### ( ୨ୟ ମହାସମର ବୃତ୍ତାନ୍ତ )

ଲେଖକ—ଶ୍ୱେତଦ୍ୱୈପାୟନ ବ୍ୟାସ

( ପୂର୍ବପ୍ରକାଶିତ ଅଂଶରୁ )

ଡନକ'ର୍କଠାରୁ ତିନି ଲକ୍ଷ ଚାଳିଶ—
ହଜାର ସେନା ଫେରିଲେ ଫରାସୀ ବ୍ରିଟିଶ
ଏହି ପଳାୟନ ହେଲା ପୃଥିବୀ ପ୍ରସିଦ୍ଧ,
ଏ କୌଶଳେ ଇଂଲଣ୍ଡକୁ ବଳ କଏ ସିଦ୍ଧ ।
ତେଣେ ଫରାସୀ ଯେ ଲଢୁଥିଲ ଏକ ବ୍ୟୂହେ
ସହଜରେ ଭେଦିବାକୁ ସମର୍ଥ କେ ନୁହେଁ ।
ଜରମାନୀ ଫରାସୀର ସୀମାରେ ଯେ ଦୁର୍ଗ,
ମେଜିନୋ ଲାଇନ ନାମେ ପାଉଥିଲ ଶୋଭା ।
ପନ୍ଦର ତାରିଖ ମଇ ପାହିଲାକ ରାତି,
ଜର୍ମାନ ଟ୍ୟାଙ୍କ ବାହିନୀ ଗଲେ ତହିଁ ମାଡି ।
ମେଜିନୋ ଲାଇନ କାଟି ହେଲେ ଅଗ୍ରସର,
ମିଉଜ ସୋମ ଆଇନେ ନଦୀ ହେଲେ ପାର ।
ତେଣେ ଅବସର ଦେଖି ବୀର ମୁସୋଲିନୀ,
କଟକର ବାହୁବଳେ ନେବା ପାଇଁ ଜିଣି ।
ବ୍ରିଟେନ ଫରାସୀ ସଙ୍ଗେ ସମର ଘୋଷଣା,
କରି ଚିଣ୍ଡାଇଲେ ଫରାସୀଙ୍କ ତେଲ ଘଣା ।
ଦକ୍ଷିଣରୁ ମାଡ ସେଇ ଆସିଲେକ ଘରେ,
ଫରାସୀର ପାକାସ ଦେଯ ଉଡିଲ ସତ୍ୱରେ ।
ରେନୋ ମନ୍ତ୍ରୀ ସଭା କରିଦେଲ ପଦତ୍ୟାଗ,
ପ୍ୟାରି ସହରକୁ ନେଲ ଜରମାନ ଅଗ ।
ପେଁଟେଁ ନାମେ ଖୋସାମତ କାରି ସେନାପତି,
ଶରଣ ପଶିଲ ଯାଇଁ ଜରମାନ କତି ।
ସତାଇଶ ଜୁନ ଦିନ ଏହି ସନ୍ଧି ସର୍ତ୍ତ,
ଫରାସୀ ହୋଇଲ ତହିଁ ଯୁଦ୍ଧରୁ ବିରତ ।
ସମୁଦ୍ରର ଉପକୂଳ ନେଲ ଜରମାନୀ,
ଯୁଦ୍ଧକାଳ ପାଇଁ ତା ଫରାସୀ ଗଲ ମାନି ।
ତେଣେ ରୁମାନିଆ ତେଲଖଣି ପରେ ଆଖି,
ପକାଇଣ ଜରମାନ ରହିଥିଲ ଟାକି ।
ଭ୍ରମଣକାରୀର ବେଶେ ସେନା ଦଳେ ଦଳେ
ପଠାଇଲ ରୁମାନିଆ ଛଳେ କଉଶଳେ ।
ଲୌହରକ୍ଷୀ ଦଳେ ତହିଁ କଲେକ ବିଦ୍ରୋହ,
ତାହା ଦେଖି ରୁଷିଆର ବଢ଼ିଗଲ ମୋହ ।
ରୁମାନିଆ ରାଜ୍ୟ ବେସରବିଆ ବୁକୋଭିନା,
ରୁଷିଆ କହେ, ନହେବ ମୋର ତାହା ବିନା
ପଚିଶ ଜୁନରେ ଏହି ଦୁଇ ଦେଶ ଦାବି,
କରିବାକୁ ରୁମାନିଆ ମନେ ଗଲ ଦବି
ଶେଷେ ମାନିନେଲ ରୁଷ ଦାବି ସେ ନାଚାର
ଯୋଗୁ ଯାର ମୁଲକଟି ହୋଇଲ ତାହାର ।
ଗରବ ମାଇପ ହେଲ ସମସ୍ତଙ୍କ ଶାଳୀ,
ପଡିଗଲ ବୁଲ୍‌ଗେରିଆ ହଙ୍ଗେରୀର ପାଳି ।
ବୁଲ୍‌ଗେରିଆ ଦାବି କଲ ଦକ୍ଷିଣ ଡୋବ୍ରୁଜା,
ଟ୍ରାନ୍ସିଲଭେନିଆ ଅର୍ଦ୍ଧାଂଶ ହଙ୍ଗେରୀର ଖୋଜା ।
ଉଭୟଙ୍କୁ ରୁମାନିଆ ଦେଲ ଅଙ୍ଗ କାଟି,
ରାଜନୈତିକ ଚାପରେ ନଫିଟଇ ପାଟି ।
ରାଜା କେରଲ ଯେ ଛାଡ଼ି ଗଲେ ସିଂହାସନ,
ପ୍ରଧାନ ମନ୍ତ୍ରୀ ନେଲେକ ତାହାଙ୍କ ଆସନ ।
ଆଣ୍ଟୋନେସ୍କୁ ନାମ ତାଙ୍କ ସେହୁ କେତେକାଳ
ସମାଳିଲେ ରାଜ୍ୟ ଯେତେ ଉପୁଜେ ଜଞ୍ଜାଳ
ତାହାପରେ ମାଇକେଲ ନାମ ଯୁବରାଜ,
ସିଂହାସନେ ବସି ଚଳାଇଲେ ରାଜକାର୍ଯ୍ୟ ।

ରାଜା କେରଲ ଚଳିଲେ ଦକ୍ଷିଣ ଅଫ୍ରିକା,
ମାଦାମ ଲୁପେକ୍‌ସୁ ସଙ୍ଗେ ଯେମନ୍ତ ଗୋପିକା
ଏଣିକରେ ରୁମାନିଆ ଦୁଃଖ ନୋହେ ଶେଷ,
ଜରମାନ ନେଲ ଥିଲ ଯାହା ଅବଶେଷ ।
ବଳବାନ ରାଜ୍ୟ ଶାନ୍ତି ଶୃଙ୍ଖଳା ସ୍ଥାପନା,
ଛଳେ ଜରମାନ ସେନା ପଶିଲେ ଅରଣା ।
ଅସ୍ତ୍ର ଅସ୍ତ୍ର ଘାଟିମାନ କସିଲେକ ମାଡ,
ତେଲ ଖଣି ପାଶେ ପୁଣି ଦେଲ ଯାଇ ଧାଡ ।
ନଭେମ୍ବର ତେଇଶ ତାରିଖ ଆସି ହେଲ,
ହଙ୍ଗେରୀ ଅକ୍ଷଶକ୍ତିର ସଙ୍ଗେ ଯୋଗ ଦେଲ ।
ବୁଲ୍‌ଗେରିଆରେ ଜର୍ମାନୀ ସେନା ପରବେଶ,
ନାବାଳକ ରାଜା ଯେଣ ଚଳେ ସେହି ଦେଶ
ମନ୍ତ୍ରୀମାନେ ଡରେ କଲେ ଆତ୍ମସମର୍ପଣ,
ବିଦ୍ରୋହ କଲେକ ତେଣେ ରାଜ୍ୟ ସୈନ୍ୟଗଣ
ବାଳକ ପିଟର ତହିଁ ଧରି ରାଜଦଣ୍ଡ,
ସ୍ୱାଧୀନତା ଭାବେ ଜଳି ଉଠିଲେ ପ୍ରଚଣ୍ଡ ।
ଅକ୍ଷଶକ୍ତି ପକ୍ଷେ ଯେତେ ଥିଲେ ମନ୍ତ୍ରୀଦଳ,
ସମସ୍ତଙ୍କୁ ବନ୍ଦୀ କରି କଲେକ ବିକଳ ।
ରିଜେଣ୍ଟ ଯେ ପ୍ରିନ୍ସ୍ ପଲ୍ କଲେ ପଳାୟନ,
ତେଣୁ ଆକ୍ରମିଲେ ଜରମାନ ସୈନ୍ୟଗଣ ।
ରାଜଧାନୀ ବେଲଗ୍ରେଡ଼ ପରେ ବୋମାମାନ,
ଟିକି ମ ବର୍ଷି କଲେ ଛାରଖାର ଜନମାନ ।
ସାତଦିନ ଯାଇନାହିଁ ପନ୍ଦର ଏପ୍ରିଲେ,
ବୁଲ୍‌ଗେରିଆ ଆତ୍ମସମର୍ପଣ କରିଦେଲେ ।
ଏଥିଅନନ୍ତରେ ଶୁଣ ହୋଇଲକ କସ,
ଆଉ ଏକ ବଳବାନ ରାଜ୍ୟ ଥିଲ ଗ୍ରୀସ ।
ଫାସିଷ୍ଟ ଚକ୍ରରେ ସେହି ନ ହୋଇଲ ରାଜି,
ତେଣୁଟି ଇଟାଲି ଉଠିଲେକ ଗଳଗାଜ ।
ଅଠାଇଶ ଅକ୍ଟୋବରେ କଲ ଆକ୍ରମଣ,
ତାହାପରେ ଏପ୍ରିଲରେ ଜରମାନଗଣ ।
ଏଣୁ ଜରମାନ ତେଣୁ ଆସିଲ ଇଟାଲି,
ଉଭୟରେ ଗ୍ରୀସ ଦେଶ ହୋଇଲକ ନାଲି ।
ତେଣେ ବ୍ରିଟିଶ ସଇନ ଆସି ମହାଗରୁ,
ଜଗି ବସିଥିଲେ ଗ୍ରୀସ ଦେଶେ ପୂରବରୁ ।
ଏକ ପକ୍ଷେ ଜରମାନ ଆଉରି ଇଟାଲି,
ଅନ୍ୟ ପକ୍ଷେ ବ୍ରିଟିଶ ଯେ ଗ୍ରୀସ ସେନାଆଳି ।
ଭୂମୂଳ ସଂଗ୍ରାମ ହେଲ କଡା ଦଡା ରତି,
ଏକୁଇଶ ତେଇଶ ଅପ୍ରେଲ ପାହାନ୍ତି ।
ମେସିଡୋନିଆ ଆଉରି ଏପିରସେ ରଣ
କରି ଗ୍ରୀସ ସେନା କଲେ ଅସ୍ତ୍ର ସମ୍ବରଣ ।
ରାଜା ଅବା ମନ୍ତ୍ରୀ ସଭା ନଜାଣିଲେ କେହି,
ଯୁଦ୍ଧ ବିରତି ପ୍ରସ୍ତାବ ଗଲ ତହିଁ ହୋଇ ।
ଯେ ବ୍ରିଟିଶ ସେନା ତହିଁ କରୁଥିଲେ ରଣ,
ପୁଚ୍ଛ ପ୍ରଦର୍ଶନ କରି କଲେ ପଳାୟନ ।
କ୍ରୀଟ୍ ଦ୍ୱୀପେ ରାଜା ଆସି ନେଲେ ଆଶ୍ରୟ,
ତହିଁ ପୁଣି ଜର୍ମାନ କରୁଅ ହେଲ ଜୟ ।
ଉପରୁ ଜର୍ମାନ ସେନା ଧଇ କଳ ଛତା,
ଖସିଲେ ଅବର ହାତେ ଯୁଦ୍ଧ ମାଲମତା ।
କୋଡ଼ିଏ ମଇରୁ ପାଞ୍ଚଦିନ ହେଲ ଯୁଦ୍ଧ,
ପଳାୟନେ ଗ୍ରୀସ ରାଜା ଯେସନେ ବୁଦ୍ଧୁ ।
ମିଶର ରାଜ୍ୟରେ ଯାଇଁ ପଶିଲେ ଶରଣ,
ଏହିରୂପେ ଅକ୍ଷଶକ୍ତି ଜୟ କଲେ ରଣ ।
ଯେଣୁ ବଳବାନ ଦାନବୁବ୍ ସମ୍ରାଟଙ୍କ,
ମହା ଉଲ୍ଲାସେ ନାଚିଲେ ବରଣ ଭକତ ।

( କ୍ରମଶଃ )

Digitized by srujanika@gmail.com



# ସିଗାରେଟ ପ୍ରେମ

ଲେଖକ:—ଶ୍ରୀ ନାରାୟଣ ଚନ୍ଦ୍ର ନାୟକ

ସିଗାରେଟ୍ ପ୍ରିୟା ମୋର,
ଏକାନ୍ତେ ତୋ ସନେ ହେଉଛି ମୁଁ
ସପନେ ସରଗ ପୁର ।
ସିଗାରେଟ୍ ପ୍ରିୟା ମୋର !
ସବଳାଙ୍ଗ ତୋର ଧବଳ ଗାତ୍ରର,
ଓଠ ପୁଟେ ନିଅଁ ନାଲି ରଙ୍ଗର;
ଧୂମାୟିତ ରସ ନିଗିଡ଼ି ପଡ଼ଇ
ଚପଳ ଚୁମ୍ବନେ ତୋର ।
ସିଗାରେଟ୍ ପ୍ରିୟା ମୋର !

ଅଗୋ ସିଗାରେଟ୍ ପ୍ରିୟା,
ଯୁଦ୍ଧ ବଜାରେ ଶୁଦ୍ଧ ପୀରତି
ଚହଲିଲ ମୋର ହିଆ;
ଗାଡ଼ିବାଲାଠାରୁ ଗାଡ଼ିବାଲା ଯାଏ,
ହବୁର ମୁଖରେ ତୋ ଚରଣି ଲଗେ;
ଏ: ଆର: ପି: ପୁଣି ଗ୍ରୋ' ମୋର୍ ଫୁଡ୍—
ବାଲ୍ୟ ଖୁଡ଼ିରେ କାହିଁ ।
ଅଗୋ ସିଗାରେଟ୍ ପ୍ରିୟା !

ଅଗୋ ପ୍ରିୟା ସିଗାରେଟ୍,
ଭଲାଙ୍କ ପ୍ରେମରେ ପଡ଼ିବା ଦିନରୁ
ଗୋରୁଏ ହେଲେଣି ହେଟ;
ଗୋର ଭଲା ଛିଦ୍ର କିଛୁ ନାହୁ ଧର,
ଭଲାଙ୍କୁ ବସାଇ ଦେଇ ଗୋରା କର;
ସାହେବ ବୋଲନ୍ତି ନେଟିଭ୍ ଯେତେକ
ନ ମରୁ ପଡ଼ିବେ ପେଟ;
ଅଗୋ ପ୍ରିୟା ସିଗାରେଟ୍ !

ଅଗୋ ସିଗାରେଟ୍ ରାଣି,
ତୋ ପ୍ରେମେ ମୁଁ ଆହା ପଡ଼ିଗା ଦିନରୁ
ଘର ଉଠେ ମୋ ଉଜାଣି;
ମନ ହଗ ହଗ ହୁଅ ଉଦବେଗ
ଅଣ୍ଟାଳ ହୁଏଁ ଲହିଁ ମନୋବେଗ !
ଝାଏ ଦେବ ଅଣି ତେଣେ ମାନି ହେଲା—
ହେଲ ମୋ ପାଖରୁ ପାଣି;
ଅଗୋ ସିଗାରେଟ୍ ରାଣି !

ଅଗୋ ସିଗାରେଟ୍ ମଣି,
ଭେଡ଼େ ଯଉବନରେ ଗୋ ମୋର ପ୍ରେମୂମି
ତୋତେ ଥାଏଁ ମୁହିଁ ରଖି;
ପିଇଁ ପିଇଁ ମୁଖ ଯେତେ ଅଣି ଛାଡ଼ି,
ଅଙ୍ଗୁଳି ଅଗେ ଧଏଁ ତୋତେ ଝାଡ଼ି;
ରବାବକୁ ମୋର ନବାବଙ୍କ ନାତ
ସର ଭାଗ୍ୟ ହୋଇବ କି ?
ଅଗୋ ସିଗାରେଟ୍ ସଖି !

ଅଗୋ ସିଗାରେଟ୍ ଲେଡି,
ଭୋଜନ ଶେଷରେ ତୋ ନାମ ଭଜନ
ପାଇଁ ଥାଏ ସଦା ରେଡି;
ପ୍ରେମିକ ପ୍ରେମିକା ହେଲେ ଏକଯୋଟ,
ତୁମ୍ଭ ଏକା ଦୂତୀ ପ୍ରେମ ପାସପୋର୍ଟ;
ବାଧା ନାହିଁ କାହିଁ ପ୍ରୀତି ଆଳାପରେ
ଯେତେ ଲୋକ ଥିଲେ ବେଢ଼ି,
ଅଗୋ ସିଗାରେଟ୍ ଲେଡି !

ସିଗାରେଟ୍ ପ୍ରିୟା ମୋର,
ମୋ ପାଶୁ ତୁ କ୍ଷଣେ ହେବଲ ଅନ୍ତର
ଘାରେ ବିଚ୍ଛେଦ ଜ୍ୱର,
ଧର ମୁଁ କହୁଛି ତୋର ଗୁରୁ ଓଠ,
ଶସ୍ତା ହେଉ ଏ କାଗଜର ନୋଟ;
ଯୁଦ୍ଧ ପଛରେ ଥାଉ ଶତଦିନ
ନ ଛାଡ଼ୁ ମୋତେ ତୋ ଜୋର;
ସିଗାରେଟ୍ ପ୍ରିୟା ମୋର !

Digitized by srujanika@gmail.com




## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜୀବନ ପଥରେ ଆଗେଇବା ନିମନ୍ତେ ଚରିତ୍ର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଡଗର'ର ମାଧ୍ୟମରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭିତରେ ଅବାଧ ଭାବ ବିନିମୟ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ନ୍ୟୂନ ବାଳକ ବାଳିକାମାନଙ୍କ ପାଇଁ)

ନାଗନାଗୁଣୀଗଣ,

ଗୋଟିଏ କଥା । ଖୁବ୍ ଅଳ୍ପ ଦିନ ତଳେ ଯେଉଁ ଅଜଗର ନାଗଙ୍କ କଥା ଥିଲା ଅଛ ତାର ମାନେ କଣ ବୁଝନାହିଁ । ଏଣେ ଅଠର ବର୍ଷ ଯାଏଁ ନାଗ ରହିବ ପୁଣି ଅଜଗର କିପରି ହେବ ? କିନ୍ତୁ ଅଜଗରର କଥା ଲେଖିଲାବେଳେ ମୋ ମନରେ ଥିଲା, ସେଇ ଅଠର ବର୍ଷ ଯାଏ ନାଗ ରହିବା ପାଇଁ ଯେ କେହି ଅଜଗର ନାଗ ହୋଇ ପାରିବ । ଏଥିରେ ନାଗ ନାଗୁଣୀଙ୍କ ମନ ଦୁଃଖ । ସେ କଣ ଅଠର ବର୍ଷ ପରମାୟୁ ନେବେ ଏ ସନ୍ଦେହ ହେଲା ? କିନ୍ତୁ ଅଠର ବର୍ଷରୁ ଅଜଗର କରି ଦେବେ ନାଗ ଏବେ ଗଲା ଶ୍ରେଣୀର ହେଉ ଅଣୀ ଶହେ ବର୍ଷ ବଞ୍ଚି ଦେଶର ସେବା କରିବାକୁ ଆମର ବାଞ୍ଛିଲଣି । ସେ ଯାହାହେଉ, ଏ ଅଜଗର କଥାଟା ଉଠାଇ ଆଉ ଗୋଟିଏ ନାମ ଦେବା । ତମ ସମସ୍ତଙ୍କୁ ପଚାରୁଛି, ଅଜଗର ଜାଗାରେ ଆଉ କି ନାମ ରଖାଯାଇ ପାରେ ?

ତାଛଡ଼ା ଯେଉଁମାନେ କି ୫୦/ ପଇସା ଦେଇ ଚିରସ୍ଥାୟୀ ନାଗ ହୋଇଛନ୍ତି ସେମାନେ ପ୍ରତି ବର୍ଷ ୫୦/ କରି ଦେଉନାହାନ୍ତି । ନାଗଙ୍କ ମନ ଖରାପ ହେବ ବୋଲି ଆମେ ଅନ୍ୟଥା କିଛି କହି ଦେଉନୁ । କେହି କେହି କହୁଛନ୍ତି ଏ ଅଣୀକାଅ ପେଷା ଛାଡ଼ି ଦେଇ ସବୁ ସେଇ ଅଠର ବର୍ଷିଆ ନାଗ ଖାତାକୁ ସର୍ବ କରିଦିଅ । ଅଣୀକାଅ ସଙ୍ଗ ଆଉ ରହିବେ ନାହିଁ । ଏଥିରେ ତମର ମତ କ'ଣ ? ମତାମତ ଲେଖିବ ।

ଏଥର ନାଗୁଣୀଙ୍କ ପାଇଁ ଗୋଟିଏ ପୁରସ୍କାର ଘୋଷିବ । ୧୬ ବର୍ଗ ଇଞ୍ଚ ଖଣ୍ଡେ କନା ଉପରେ ଗୋଟିଏ ନାଗ ଏମ୍ବ୍ରଏଡରି କରି ତା ତଳେ ନାଗଙ୍କ ଦଳ, 'ଡଗର', ଅକ୍ଷରରେ ଲେଖି ଲଫାପା ଭିତରେ ଭରି ପଠାଇବ । ସବୁଠୁ ଭଲ ଯେ କରି ଦେବ ସେ ୫୨ ପୁରସ୍କାର ପାଇବ ।

—ତମର ଅଜା

## ନାଗଙ୍କୁ ଉତ୍ତର

ମହେନ୍ଦ୍ର—( ୪୧୧ ) ୧୮ ବର୍ଷ ପାରହେଲେ ନାଗଙ୍କୁଅମାନେ ମାନେମାନେ ଏ ଦଳରୁ ବିଦାୟ ନେବା ଉଚିତ । ତମେ ଅଜଙ୍କ ସ୍ନେହ ନପାଇଲ ନାହିଁ ଅଜା ତ ନାତୁଣୀ ବନ୍ଧୁ ପରଶା ପାଇବେ । ତମ ପରି ନାଗଙ୍କୁଅ ଓ ନାଗମାନେ ରିଲିଫ୍ କାମ କରି ପାରିଲେ ମୁଁ ସୁଖୀ ହେବ । ନାଗ ସମ୍ମିଳନୀ ବିନା ନାଗମାନେ କହିବେ, ମୁଁ କେବଳ ନାଗପତ୍ର ହେବ ।

ରାମଚନ୍ଦ୍ର—(୪୧୨) ତମ ସହିତ ଏକମତ । ଡଗର ବର୍ତ୍ତମାନ ଓଡ଼ିଶାର ଏକମାତ୍ର ଶିଶୁ ପତ୍ରିକା । ନାଗଙ୍କ ଦଳ ତରୁଣମାନଙ୍କର ଏକମାତ୍ର ସଂଗଠନ । ଡଗର ଓ ନାଗଙ୍କ ଦଳର ପ୍ରସାର ପାଇଁ ପ୍ରତ୍ୟେକ ସ୍ଥାନରେ ସ୍ୱତଃ ପ୍ରବୃତ୍ତ ହୋଇ ତମ ଭଳି ଯୁବକ ମାନେ ନ ବାହାରିଲେ ବୁଝିବାକୁ ହବ ଯେ ଏ ଦେଶଟା ମଲା । ନାଗଙ୍କ କୁପନରେ ଯେଉଁ ପରିବର୍ତ୍ତନ କରିବାକୁ ଲେଖିଛ ତାହା ଭଲ କିନ୍ତୁ ପରିବର୍ତ୍ତନ ନ କଲେ ମଧ୍ୟ ତା ହୋଇପାରେ । ଖାଲି ପନ୍ଦର ନାଗ ଏକସଙ୍ଗରେ ମିଳି ଚାନ୍ଦା ପଠାଇଦେଇ ପାରନ୍ତି । ଖାଲି ଜଣଯାକ ଗୋଟିଏ ସ୍ଥାନରେ ତା ନକ୍ସାରେ ହେଲେ ସେଠି ଗୋଟିଏ ନାଗ ସମ୍ମିଳନୀ ଡାକିବା ଉଚିତ । ନାଗମାନେ ନିଜ ନିଜ ସ୍ଥାନରେ ତମର 'ପ୍ରଗତି' ପରି ହାତଲେଖା ପତ୍ରିକା ପ୍ରକାଶ କରନ୍ତୁ । ତମ ପ୍ରଗତି ପଠାଇବ । ତମ ଲେଖା ମନୋନୀତ ହେଲେ ପ୍ରକାଶ ପାଇବ । ସେଥିପାଇଁ ଲଜ୍ଜିତ ହୁଅ ନାହିଁ—ଲେଖିଯାଅ । ତମର ମଧ୍ୟ ସଂପର୍କୀୟଙ୍କ ପତ୍ର ବଡ଼ ଆନନ୍ଦ ଦେଲା ।

କଣ୍ଠୁରୀ (୪୫୬)—ନାଗଙ୍କ ସଙ୍ଗୀତ ପାଇଁ ତମର କଳ୍ପନା ମୋତେ ବଡ଼ ଉତ୍ସାହ ଦେଉଛି । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ତା ଅସମ୍ଭବ । ଡଗରର ନାଗଙ୍କ ଗୋଟିଏ ସଙ୍ଗୀତ । ତମେ ଡଗରକୁ ଏକାବେଳେ ଶିଳ୍ପ ପତ୍ରିକା କରିଦେବାକୁ ଚାହୁଁଛ ଯେ । ପୁରସ୍କାର ଘୋଷଣାରେ ଭୁଲ ଏମେ ତମର ନମ୍ବର ୪୫୬ ହେଉଛି । ତମର ପୁରସ୍କାର ଟଙ୍କା ତମର ଇଚ୍ଛାମତେ ଆସନ୍ତା ପୁରସ୍କାରରେ ଦଆଯିବ । ତମ ଲେଖା ମୁଁ ଦେଖିବାର ସମୟ ପାଇନାହିଁ ।

ନନ୍ଦକିଶୋର (୭୦୨)—ଲେଖା ମନୋନୀତ ହେଲେ ପ୍ରକାଶ ପାଇବ । ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ ଅବସର ବିନୋଦନରେ ତମ ଉତ୍ତର ବଡ଼ ରୁଚିର ପରିଚୟ ଦେଉଛି । ତମେ ଏପରି ଅବସର ବିନୋଦନ ଦେବାକୁ ଚାହୁଁଛ ଖଣ୍ଡେ ଲେଖି ପଠାଅ ।

ଗଦାଧର (୭୦୧)—ତମ ଲେଖା ବେଶ୍ ଉତ୍ସାହଜନକ । କିନ୍ତୁ ଡଗରରେ ପ୍ରକାଶ ଉପଯୋଗୀ ହେବାକୁ ହେଲେ ତମକୁ ଆହୁରି ଅନେକ ଦିନ ସାଧନା କରିବାକୁ ପଡ଼ିବ । ଦୁଃଖ କରନାହିଁ । ଲେଖି ଯାଅ । ତମ ଉଦ୍ୟୋଗ ଉତ୍ତମ । ଲେଖାଟିକୁ କୌଣସି ସ୍ଥାନୀୟ ପତ୍ରିକାରେ ପ୍ରକାଶ କର ।

## ୩୦୪ ନମ୍ବର ନାଗଙ୍କ ପ୍ରଶ୍ନର ଉତ୍ତର

୧ । ନୀଳମଣି ସେନାପତି, ଅବଧାନଙ୍କର ରଘୁ ଓ ରୂପାଛିଣ୍ଡି ମିଶ୍ର ।

୨ । ପ୍ରାଣକୃଷ୍ଣ ପରିଜା, (Director of Orissa agricultural and increased food production, Cuttack.)

ଶ୍ୟାମସୁନ୍ଦର କର୍ପାଠୀ (Director of public instruction, Cuttack.)

Digitized by srujanika@gmail.com

ଜଗମଣି ସେନାପତି (Patna secratariate, Bihar)
ଚନ୍ଦ୍ରଭୂଷଣ ବେହେରା (Account audit Officer, Bombay)
ନିମାଇଁ ଚରଣ ଦାସ (Deputy P. M. G. Patna)
ଓ୍ୱାର, ଉତ୍କଳଦୂତ,
ରାମଚନ୍ଦ୍ର ପାଢ଼ୀ (I. P. Bihar Government)
ନୃପତିକୃଷ୍ଣ ମିଶ୍ର (I. P. Orissa)
ନବକୃଷ୍ଣ ରଥ ରାୟ (I. P. Koraput)
ସଂଗ୍ରାମକେଶରୀ ରାୟ (Lecturer of Deberdun College)
ବୈକୁଣ୍ଠ ଚରଣ ଦାସ (Superindent, Police Puri)

୩। ସାଧାରଣ ଲୋକ ହିସାବରେ ନେଲେ ଏମାର ମଠ ମହନ୍ତ ଓଡ଼ିଶାର ଧନୀ ଲୋକ। କିନ୍ତୁ ରାଜା ମହାରାଜାମାନଙ୍କୁ ନେଲେ ମୟୂରଭଞ୍ଜ ରାଜା ଓଡ଼ିଶାର ସବାଠାରୁ ଧନୀ ଲୋକ।

୪। ବର୍ତ୍ତମାନ କାଳର ଚାନାଞ୍ଜି ଓ ରାଧାରାଣୀ ଦେବୀ ଓଡ଼ିଶାର ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ।

୫। ନର୍ଥ ଗ୍ରୁପ୍ ଫୁଟବଲ ଦଳର ମୁଖପତ୍ର।
ସରସ୍ୱତୀ (୫୮୬) ଓ ନନ୍ଦକିଶୋର (୬୦୨)

ସଂଯୁକ୍ତ ନାଗଦ୍ୱୟ ନିମ୍ନଲିଖିତ ଉତ୍ତର ଦେଇଛନ୍ତି—

୧। ଭାରତରେ କେତେଜଣ ଓଡ଼ିଆ ଅଛନ୍ତି, ସି, ଏସ୍,—ଛଟାଙ୍ଗ୍ରୀଲାଲ ଓ ମହତାବ।

୨। ଇମ୍ପିରିଏଲ ସେକ୍ରେଟରେ ଗ୍ରୁପର ଫାଉ- | ଥିବା ଓଡ଼ିଆଙ୍କ ନାମ ଓ ଠିକଣା— } ସତିବୁଲରେ, କଲିକତା

୩। ଓଡ଼ିଶାରେ ସବୁଠୁଁ ଧନୀ ଲୋକ କିଏ?—କଟକର ଦଲାଲ।

୪। ଜଙ୍ଗଲର ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀଙ୍କ ନାମ—ନୀଳକଣ୍ଠ ଓ ସରଳା ଦେବୀ।

୫। ନର୍ଥ ଖୁର୍ଦ୍ଧା ବେଙ୍ଗ ଦଳର ମୁଖପତ୍ର?—ମଣ୍ଡୁକଶ୍ରେଣୀ ଦଳର।

---

## ୩ୟ ଓ ୪ର୍ଥ ସଂଖ୍ୟା ଅବସର ବିନୋଦନର ଉତ୍ତର

## ସିମଲା, ଗାନ୍ଧି ଓ ସନ୍ଧି, ଜବାହିର

ନିମ୍ନଲିଖିତ ବନ୍ଧୁମାନଙ୍କ ଉତ୍ତର ଠିକ୍—୫୬୧, ୪୫୭, ୫୮୪, ୫୮୭, ୬୦୩, ୬୦୪, ୬୦୫।

## ଅବସର ବିନୋଦନ

୧। ଅ * * ଫ * ବା * ତ * —ବହେଳେ ବନ୍ଧନ କାର୍ଯ୍ୟ
୨। * ନ * ନ୍ * ନ୍ * —ଶାନ୍ତ ଧାମ।
୩। * ମ୍ଭ * ଅ * ଲ —ଚଉ ଗ୍ରାମଖଣ୍ଡ।
( ତାଲି ସ୍ଥାନ ପୂରଣ କର )

—*—

## ନାଗବର୍ଗଙ୍କ କଲମରୁ

## ମୂଲିଆ

ଖଟେ ଘନ ଘରେ କାଠ କଟି
ଶ୍ରମଜ ସେ ଧନାର ମୂଲିଆ,
ସମ୍ବଳ ତା ଲଙ୍ଗଳ ଯୁଆଳି
ଦାଆ ଖଣ୍ଡେ ଅଣ୍ଟା ଗୁଞ୍ଜା ଦଆ।
ସାଥି ତାର ଅଧାଡ଼ିଆ ପେଟ
ସାଥି ତାର ଚିକ୍କଣ ଛିନଙ୍କା,
ସାଥି ତାର ଧୂଳି ଧୂଳି ଗାଆ
ସାଥି ତାର ଅଣ୍ଟାଳ କରଙ୍କା।
ସାଥି ତାର ବକ୍ର ଘଡ଼ଘଡ଼ି
ସାଥି ତାର ଗ୍ରୀଷ୍ମର ତାତ,
ସାଥି ତାର ବଦଳା କଷଣ
ସାଥି ତାର କାଟି ପେଟ ଭାତ।
ପରସରା ଶୀତେ କାଟେ ଧାନ
ଚରଚରେ ଦାଆ ଧରି ହଳେ,
ଗରବ ସେ ମୂଲିଆ ବାପୁଡ଼ା
ଖାଇବାକୁ ମୁଠାଏ ହିଁ ମିଳେ।
ମାଟି ତାଡ଼ ପୋଷେ ତାର ପେଟ
ପୋଷେ ପୁଣି ଦୁନିଆଁ ପଟ୍ଟଣି,
ମାଟି ଦେଉଁ ସୁନା ଫଳ ସେ ଯେ
ହାତେ ତାର କରେ ଅମଦାନୀ।
ଗରବ ସେ ଗରବ କରଇ
ନାହିଁ ତାର ଦାସ ଦାସୀ ଘୋଡ଼ା,
ନାହିଁ ତାର ନବ ତଳ କୋଠା
ନାହିଁ ତାର ବଜାରର ଲୋଡ଼ା।
ମାଟିର ସେ ପଣ୍ଡିତ ତୋଟିଏ
ମାଟି ଭାଙ୍ଗି ପୋଷିବ ଉଦର,
ଲୋଡ଼ାନାହିଁ ଦୁନିଆଁର ସ୍ନେହ
ତୋ ତାର ହେବା ନାହିଁ ଦର।
ଶେଷେ ଏହି ମାଟି କୋଳେ ତାର
ମରିବ ସେ ମାଟି ମାଟି ଡାକି,
ସେହି ମାଟି କରିବ ତା ସାଥି
ଜୀବନର ଶେଷ ଯାହା ବାକି।

ଶ୍ରୀ ଗୋପୀନାଥ ବେହେରା (୩୭୭ ନାଗ)

—*—

## ନୂଆନାଗବର୍ଗଙ୍କ ନାମ

୬୧୨। ଶ୍ରୀ ଉତ୍କଳରଞ୍ଜନ ଦାସ C/o B. Das Esq. M. L. A. P. O. Chandnichauk, Cuttack. ୬୧୩। ଶ୍ରୀ ଯତୀନ୍ଦ୍ର କୁମାର ଦାସ, C/o ଶ୍ରୀ ଗଗନ ବିହାରୀ ମହାନ୍ତି Revenue Commissioner's Office, Cuttack. ୬୧୪। ଶ୍ରୀ ନଗେନ୍ଦ୍ର ନାଥ ଚନ୍ଦ, କଲେକ୍ଟର ପୁର ହାଇସ୍କୁଲ; ।ପୋ। ଦେହୁର୍ଦା, ।ଜି। ବାଲେଶ୍ୱର ।୬୧୫। ସାମନ୍ତ ଶ୍ରୀ ଚନ୍ଦ୍ରଶେଖର ଧୀର, କେନ୍ଦ୍ରାପଡ଼ା ମିଃ ଇଃ ସ୍କୁଲ ୭ମ ଶ୍ରେଣୀ, ।ପୋ। କେନ୍ଦ୍ରାପଡ଼ା କଟକ। ୬୧୬। ଶ୍ରୀ ଧନେଶ୍ୱର ମହାନ୍ତି, ୭ମ ଶ୍ରେଣୀ କେନ୍ଦ୍ରାପଡ଼ା ମିଃ ଇଃ ସ୍କୁଲ, ।ପୋ। କେନ୍ଦ୍ରାପଡ଼ା, ।ଜି। କଟକ। ୬୧୭। ଶ୍ରୀ ଗୌରାଙ୍ଗ ଚରଣ ମହାନ୍ତି, ଅନୁଗୁଳ ହାଇସ୍କୁଲ ଦଶମ ଶ୍ରେଣୀ, ପୋ। ଅନୁଗୁଳ ।୬୧୮। ଶ୍ରୀ ନାରାୟଣ ଅଗ୍ରୱାଲ, (ଅଗରବାଲ) ବିରଜା ହାଇସ୍କୁଲ, ପୋଃ ଦେବୀଦ୍ୱାର, ଯାଜପୁର, କଟକ।

Digitized by srujanika@gmail.com

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ରୋଜ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରୋଲା ବ୍ୟବହାର କଲେ ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବର୍ଦ୍ଧିତ୍ ଓ ଶକ୍ତ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଅତୁଳନୀୟ ଜଗତରେ "**ପାଇରୋଲା**" ( ରେଜିଷ୍ଟାର୍ଡ଼ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୧୵୲୰ ( ପ୍ରତି ଶିଶି )

'**ଅନନ୍ତରସ**'—**ସାଲସା** ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।
ହେଡ୍‌ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍ କଲିକତା ।

ପ୍ରାପ୍ତିସ୍ଥାନ: —ମନମୋହନ ବୁକ୍‌ସପ୍
ନଂ ୧୩୭ । ୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।

---

# ବ୍ୟାଙ୍କ ଅଫ୍ କାଲ୍‌କାଟା ଲିମିଟେଡ୍

ଭାରତର ଏକ କ୍ରମ-ବର୍ଦ୍ଧିଷ୍ଣୁ ଜାତୀୟ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ
ସରକାରଙ୍କ ଦ୍ୱାରା ସିଡ଼ୁଲ୍‌ଡ୍ ବ୍ୟାଙ୍କରୂପେ ପରିଗଣିତ

କାର୍ଯ୍ୟକାରୀ ପାଣ୍ଠି—ପ୍ରାୟ ଦେଢ଼କୋଟି ଟଙ୍କା    ଅଦାୟୀକୃତ ଓ ମହଜୁତ ତହବିଲ—ପ୍ରାୟ ଆଠଲକ୍ଷ ଟଙ୍କା

ଭାରତର ମୁଖ୍ୟ ସ୍ଥାନ ଏବଂ ଓଡ଼ିଶାର ବିଶିଷ୍ଟ ସହର କଟକ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ପ୍ରଭୃତିରେ ଶାଖାମାନ ରହିଛି ।

**ହେଡ୍ ଅଫିସ**—ନମ୍ବର ମେଙ୍ଗୋଲେନ୍ କଲିକତା

---

# ଘୋଷ ନନ୍ଦୀ ଏଣ୍ଡ କୋ:

କଂଟ୍ରାକ୍ଟର, ଉଇଟୋଟିର ଅସବାବ୍‌ନିର୍ମାତା, କାଚନାଟ କାରିଗର,
ନାନାବିଧ କାଠ ବ୍ୟବସାୟୀ ଓ ସମସ୍ତ ପ୍ରକାର ଅର୍ଡର ସରବରାହକାରୀ ତଥା
ବାସ୍ ଓ ଟ୍ରକ୍‌ର ସବାଗ୍ମିସ୍ତ୍ରୀ
ବାଲେଶ୍ୱର ।


---


ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**;    ପରିଚାଳନା ସମ୍ପାଦକ; —**ଶ୍ରୀ ବ୍ରଜମୋହନ ଦାସ**

**ବାର୍ଷିକ ତିନିଟଙ୍କା ଆଠଅଣା**    **ରାଜସଂସ୍କରଣ ବାର୍ଷିକ ପାଞ୍ଚ ଟଙ୍କା**


Digitized by srujanika@gmail.com

ଭୂତପୂର୍ବ-ପ୍ରଧାନ ମନ୍ତ୍ରୀଙ୍କର

**ଉଚ୍ଚ ପ୍ରଶଂସା**

ଶ୍ରୀ ପଟ୍ଟନାୟକ ପରଳା (ପାଣ୍ଡୀଚ୍ଚମ)ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼ାକ୍ଟସ୍** ପରିଦର୍ଶନ କରି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

ସ୍ୱାଃ **ଶ୍ରୀ ବିଶ୍ୱନାଥ ଦାସ**




# କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡକ୍ଟସ୍

ଇଣ୍ଡିଆ ।

---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାଓ୍ୱନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ—** ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମୈତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, କାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନଜଦକ୍ଷି, ନାଗପୁର । ସ୍ୱା—ପି. ଏନ୍: ରାୟ୍ ଚଉଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୲ ଜମା ଦେଲେ ୪ର୍ଥ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୩୨୦୲ ଟଙ୍କା ପାଇବେ


Printed & published by G. C. Mahapatra at the Gopinath Press, Bhadrak. 1945.

Digitized by srujanika@gmail.com





**ପୁଣି ବାହାରିଲା—**

କଳି ଭାରତ

**୨ୟ ମହାସମର ବୃତ୍ତାନ୍ତ**

\+ + +

**ମଜା କଥାରେ**

'ପ୍ରେମ ପଥର ଅନ୍ଧ ଗଳି'

---

**କାହାଣୀରେ -**

'କଥା ଶିଳ୍ପୀ'

**ପଢ଼ନ୍ତୁ—**

**ମଜା କବିତାରେ**

କଲେଜ ଫେରନ୍ତା ଯୁବକର ବିଳାପ

ସେଦିନ ଯା'କୁ

**ଆପଣାର ଅଜଣାରେ**

ହସାଇଥିଲେ

ଆଜି ତାକୁ 'ଆପଣଙ୍କ'

**'ମରମ'ରେ**

ପାଇବେ ।

**ଉତ୍କଳର ଶ୍ରେଷ୍ଠ ମର୍ମଦାହୀ କବିତା**

ପ୍ରାପ୍ତିସ୍ଥାନ:—**ଗୋପିନାଥ ପ୍ରେସ, ଭଦ୍ରକ**

**ଓ**

**ଉତ୍କଳ ପ୍ରସିଦ୍ଧ ବହି ଦୋକାନମାନ**

ବାର୍ଷିକ— ତିନିଟଙ୍କା ଆଠଅଣା    ଷାଣ୍ମାସିକ ଦୁଇ ଟଙ୍କା


Digitized by srujanika@gmail.com

# MATRIC MANUAL.

A Series in four parts, presenting **six years University Questions** ( Final & Supplimentary ) with answers Easy Intelligent and Convincing.

PART I—Mathematics :—Best help in absence of qualified experienced teachers. Methods easy and attractive to overcome difficulties. Price—Rs. 1-8

PART II—Geography :—Both physical and political portions represented in details with the help of diagrams wherever necessary. One of the greatest, useful and attractive features of the book is the **systemetic arrangement of facts**.

PART III—English :—Up-to-date and lively answers in simple **idiomatic English.** Best help to learn and write English. **Originality**—highest factor, plays an important part in **Essays and grammatical** portions. Price—1-8

PART IV—History :—Under preparation.

ଗଳ୍ପର ଢଙ୍ଗ ଭଙ୍ଗୀରେ
ସହସ୍ର ରଙ୍ଗିନ ଛବି
**ଅଧ୍ୟାପକ ରାଜକିଶୋର ରାୟଙ୍କର**

## ନୀଳ ଲହରୀ

**ପଢ଼ନ୍ତୁ !**

କ୍ଷୁଦ୍ର ଗଳ୍ପର ନୂଆ ଶୈଳୀ
ଭାବ ଧାରାର ନବ ପ୍ରସ୍ରବଣ
**ମୂଲ୍ୟ—ଟ ୧ ୳**

ଖାଦ୍ୟ ଖାଦ୍ୟ ଚିତ୍କାର କଲେ କ'ଣ ଖାଦ୍ୟ ମିଳିବ ?
ଆମେ ଖାଦ୍ୟ ଖାଇ ମଧ୍ୟ ଉପବାସ କରୁଁ
ଡାକ୍ତର **ଗୋପାଳ ପଟ୍ଟନାୟକଙ୍କର**

## ଜାତୀୟ ଖାଦ୍ୟ

କହେ —
ଆପଣ ତୁଚ୍ଛ ବୋଲି କହି ଯାହା ଛାଡ଼ୁଛନ୍ତି
**ତା'ର ମୂଲ୍ୟ ଅକଳନ୍ତ।**
ଆପଣ ଭଲ ବୋଲି ଯାହାକୁ ଆଦରନ୍ତି
ସେ ଅପଦାର୍ଥ ।
**ମୂଲ୍ୟ - ଟ ୧ ।**

N. B. Please ask for the books first to your nearest bookseller and then if necessary place orders with some advance.

Published at
**KRUSHNA BHANDAR**
Chaudhury Bazar
CUTTACK.


ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର;** ପରିଚାଳନା ସମ୍ପାଦକ; — **ଶ୍ରୀ ରାଇମୋହନ ଦାସ**

Digitized by srujanika@gmail.com




# ବିଲୁଆ ବିଚାର

୯ମ ବର୍ଷ— ୬ଷ୍ଠ ସଂଖ୍ୟା ଶ୍ରାବଣ ଦ୍ୱିତୀୟାଙ୍କ

ଏ ବିଜ୍ଞାନ ଯୁଗଟା ଯୁଦ୍ଧର ଅବସ୍ଥାକୁ ଏପରି ବଦଳାଇ ଦେଇଛି ଯେ ଏଥିରେ ପୂର୍ବ କାଳର ବୀରତ୍ୱ ବା ସାହସ ଅକାମିକା ହୋଇ ପଡ଼ିଲା । ଜାପାନ ଭଳିଆ ବିଷମ ସାହସୀ ଯୁଦ୍ଧପ୍ରିୟ ଜାତି ମଧ୍ୟ ଏହି ନୂତନ ଅଣୁ ବୋମାର ଚାପଟରେ ଲଫଟ ପଡ଼ିଲା । ଏହି ସମୂହ ମାରଣାସ୍ତ୍ରର ପ୍ରୟୋଗକୁ ଯେଉଁମାନେ ନୃଶଂସ ବୋଲି କହୁଅଛନ୍ତି, ପ୍ରୟୋଗକାରୀମାନେ ତାଙ୍କୁ ଏହି ଜବାବ ଦେଉଛନ୍ତି କି—ଜଗତକୁ ତୁରନ୍ତ ଶାନ୍ତି ଓ ମୁକ୍ତି ଦେବା ନିମନ୍ତେ ଏହାର ବିନିଯୋଗ ନ୍ୟାୟ ସଙ୍ଗତ । ଆମ ବିଶ୍ୱରେ ‘ନ୍ୟାୟ’ ଶବ୍ଦଟାର ରବର ଭଳି ଏପରି ଗୋଟାଏ ପ୍ରସାରଣକ୍ଷମତା ଅଛି ଯେ ତାକୁ ଟାଣି, ମୋଡ଼ି ଯେଉଁଠି ଇଚ୍ଛା ସେଇଠି ଖଟେଇ ଦେଇ ହେବ ।

\+ \+ \+ \+

ଏତେଦିନକେ ଯୁଦ୍ଧଟା ଯେ ଅଶେଷ ହେଲା, ଏଥିରେ ସମସ୍ତ ବିଶ୍ୱବାସୀଙ୍କର ଆନନ୍ଦ—ବିଶ୍ୱରେ ପୁଣି ଶାନ୍ତି ଓ ସୁଖର ସାମ୍ରାଜ୍ୟ ଫେରି ଆସିବ । ଆମର ଜାଣୁ ଏଥରକରେ ସୁଖ ଯେ ବର୍ମାରୁ ଚାଉଳ କିରାସିନ ଓ ବିଲାତରୁ ଲୁଗା ଆସିବ । ସଉକୀ ଲୋକଙ୍କ କଥା ଛାଡ଼ । ଘଡ଼ି, ସାଇକଲ, ଝରକଲମର ଦୁର୍ଭିକ୍ଷ ବଡ଼ ବାଧିଲାଣି ସେ ବିଚରାଙ୍କୁ ! ଅଉ ମାଇପଙ୍କ ସ୍ନୋ ପାଉଡର ରୁଜ ବି !

\+ \+ \+ \+

ରଣରେ ହାରିବା କଥଟେ ଜାପାନୀ ଜାତିର ଜାତକରେ ନ ଥିଲା । କାରଣ ସେମାନେ ଦେବଅଂଶୀ ଜାତି ଓ ତାଙ୍କ ରଜା ସ୍ୱୟଂ ଦେବତା । ଏଇଥର ଅଣୁ ବୋମା ଏବା ତାଙ୍କ ଏଇ ବିଶ୍ୱାସ ମୂଳରେ କୁରାଢ଼ି ଚୋଟ ମାରି ଦେଲା । ରଜାଙ୍କ ଦେବତ୍ୱ ସାଙ୍ଗରେ ନିଜର ଅଜେୟତ୍ୱ ଧାରଣା ଯେ ଟଳି ନଯିବ ଏହା କିଏ କହିବ ! ଅନୁମାନ ହୁଏ ଏହି ଦମ୍ଭ ଭାଙ୍ଗିବାର ଅପଶୋଷରୁ ବହୁ ସଂଖ୍ୟାରେ ଜାପ ବୀରଗଣ "ହାରିକାରି" ବା ଆତ୍ମହତ୍ୟା କରି ସ୍ୱର୍ଗକୁ ସିଧା ବାଟ ପକାଇବେ । ମାନୀ ପୁରୁଷର ଏହା ଛଡ଼ା ଉପାୟ କଣ !

\+ \+ \+ \+

ମାତ୍ର ଆମକୁ ଭାବନା ପଡ଼ୁଛି ଆମ ସୁଭାଷବୋ'ଙ୍କ କଥା । ଧରା ଧାମରେ ତାଙ୍କର ଆଉ ସ୍ଥାନ ନ ରହିଲା । ଯେଉଁଠିକି ଯାଆନ୍ତୁ ତାଙ୍କର ଆଉ ଥାଇ ନାହିଁ । ତାଙ୍କ ଭଳି ଜଣେ ମେଧାବୀ, ଦେଶପ୍ରାଣ, ତ୍ୟାଗୀ ପୁରୁଷର ଏଭଳି ଭୁଲ୍ ହେବା ଗୋଟାଏ ଘୋର ବେଦନା । ସେ କଣ ମଧ୍ୟ ହାରିକାରି କରିବେ ନା ହିଟଲରଙ୍କ ଭଳି ଶୂନ୍ୟହରଣ ହେବେ ଏହି କଥା ଦେଖିବାକୁ ରହିଲା । ବିଧି ରହୋ ବଳବାନ !

× × × ×

ଅଣୁ ବୋମାର ଯେଉଁ ଅସୀମ ଶକ୍ତି ଦେଖା ପଡ଼ିଲା ଲୋକ ମାରଣରେ, ସେହି ଶକ୍ତିକୁ ଯେବେ ଲୋକ-ତାରଣରେ ଲଗାଯାଇ ପାରେ, ତେବେ ଦୁନିଆରେ ସଭ୍ୟତା, ସୁଖ ଓ ସମୃଦ୍ଧି ଚନ୍ଦ୍ର ଗୁଣରେ ବଢ଼ିଯିବ ବୋଲି ଜ୍ଞାନୀମାନଙ୍କ ମତ । ମତେ ହୁଏ, ଧରଣୀକୁ ସ୍ୱର୍ଗ ପାଲଟାଇବାର ଯେଉଁ ୟୁଟୋପିଆର ପରିକଳ୍ପନାମାନ ତିଆରି ହେଉଛି, ତହିଁରେ ଏହି ଅଣୁ ଶକ୍ତି ବହୁତ କାମରେ ଆସିବ । ପୃଥିବୀରୁ ଯୁଦ୍ଧ ଉଠିଯିବ । ସମଗ୍ର ଧରାବାସୀ ମାନବଜାତି ଏକ ଜାତି ହୋଇଯିବେ । ଏଣିକି ଆମର ରଣତୃଷ୍ଣା ପରିତୃପ୍ତ କରିବାକୁ ହେଲେ ଯିବାକୁ ପଡ଼ିବ ଚନ୍ଦ୍ର ବା ମଙ୍ଗଳ ଗ୍ରହକୁ । ଗ୍ରହ ଗ୍ରହ ମଧ୍ୟରେ ଲଢ଼ିବ ଲଢ଼େଇ !

\+ \+ \+ \+

ଭାରତର ଚିରବନ୍ଧୁ ଓ ହିତାକାଂକ୍ଷୀ ବିଲାତର ଶ୍ରମିକ ଦଳ ସେଠା ସରକାର ହୋଇ ଯିବାରୁ ମନେ ହୁଏ ଆମ ଭାଗ୍ୟ ଲେଉଟିଲା ଏଥର । ନ ଲେଉଟିବ ବା କାହିଁକି ? କଥାରେ ଅଛି ପରା— "ପୁରୁଷ ଭାଗ୍ୟ ପତର ତଳେ ।"

ଆପଣାର ଭାଗ୍ୟ ଆପେ ତିଆରି କରିବାକୁ ହୁଏ ବୋଲି କହି ଯେଉଁ ନେତାମାନେ ଆମକୁ ତିଆରି ଆସୁଛନ୍ତି କାମ କରିବା ପାଇଁ— ତାଙ୍କୁ ଏବେ ଆମେ ଏମିତି କହିବୁ— "ଆଉ ଚେଷ୍ଟା କଣ ହୋ !— ଆମେ ପାଦ ଭୁଣ୍ଡ ନ କରି, ନାକରେ ସୋରିଷ ତେଲ ଦେଇ ଶୋଇ ପଡ଼ିଲେ ବି ସ୍ୱରାଜ ନ ଆସି ରହି ପାରିବ ନାହିଁ । ଆସିବ, ଆସିବ— ଅଲବତ ଆସିବ—ବଳେ ବଳେ ଆସିବ—ଆପେ ଆପେ ଆସିବ— ପେଲି ପଶି ଆସିବ । ଏଣୁ ଏଣିକିଠୁ ସଜବାଜ ହୋଇ ରହିଥା ।"

× \+ \+ \+

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କୁ କଲିକତା ପ୍ରବାସୀ ଓଡ଼ିଆଗଣ ସଭା କରି "ଉତ୍କଳ କେଶରୀ" ଉପାଧି ଦେଇଛନ୍ତି । ଏ ଖବରଟା ପାଇଁ ଆମ ମନରେ କେତେଗୁଡ଼ାଏ ପ୍ରବଳ ଜିଜ୍ଞାସାର ଉତ୍ପତ୍ତି ହୋଇଥିବାରୁ ତାହା ଉପର ପାଠକ ପାଠିକାଙ୍କ ସମ୍ମୁଖରେ ବିଚାର ସକାଶେ ପେଶ୍ କରୁଛୁ ।

ଶ୍ରୀଯୁକ୍ତ ମହତାବ ଯେ ଉତ୍କଳର ଜଣେ କୃତୀ ଓ ନାମଧନ୍ୟ ପୁରୁଷ, ତାଙ୍କୁ ସମ୍ମାନ ଦେଖାଇବା ପ୍ରତ୍ୟେକ ଦେଶବାସୀର କର୍ତ୍ତବ୍ୟ । ଏ କଥା ସ୍ୱୀକାର ଆମେ ମାନିବାକୁ ବାଧ୍ୟ । ଦେଶବାସୀଙ୍କଠାରୁ ଗୋଟାଏ ଉପାଧି ପାଇବା ତାଙ୍କର ହକ୍ ପାଉ ଗଲାଣି ମଧ୍ୟ । ଆମ ଦେଶରେ ପୂର୍ବକାଳେ ଗୁଣୀର ପୂଜା କରି ହେଉଥିଲା ମଧ୍ୟ । ଗୁଣୀଙ୍କର ଖାସ୍ ଗୁଣାନୁଯାୟୀ ଉପାଧିମାନ ଦେଇ; ଯଥା—ଟୈରେ-

Digitized by srujanika@gmail.com

ଗଞ୍ଜନ, ବଳବନ୍ତ ରାଓ, ବାଘା ବଲେନ୍ଦ୍ର, ଭୂପାଳସିଂହ, ଦାଡ଼ାଫଣ୍ଟ, ରଣଛୋଡ଼ଲାଲ ଇତ୍ୟାଦି ଇତ୍ୟାଦି । ଇଂରେଜ ଅମଳରେ ତାର ସ୍ଥାନ ନେଲା ରାଓ ବାହାଦୁର, ରାଓ ସାହେବ ପ୍ରଭୃତି ନବେହ୍ଲେଗୁଡ଼ାଏ ମାମୁଲି ଉପାଧି । ଏବକାଳରେ ଲୋକମାନ୍ୟ, ଦେଶବନ୍ଧୁ, ଉତ୍କଳର ମଣି, ଦେଶପ୍ରାଣ ପ୍ରଭୃତି ପଦ ନେତାମାନଙ୍କୁ ଦେବାର ଲଗ ବାହାରିଛି ।

ଅମର କହିବାର କଥା ଏତିକି ଯେ ଶ୍ରୀଯୁକ୍ତ ମହତାବଙ୍କୁ ଯେଉଁ "କେଶରୀ" ପଦ ଦିଆଗଲା ତାଙ୍କଠାରେ 'କେଶରୀ'ର କେଉଁ ଲକ୍ଷଣ ଦେଖି ? କେଶର ଥାଏ ବୋଲି ସିଂହର ନାମ କେଶରୀ । ମହତାବ ମହାଶୟଙ୍କ କଳକଳ ମାଥିନା ଥିବାରୁ ଏ ପଦ ତାଙ୍କଠାରେ ପ୍ରଣତ ଅଶୁଦ୍ଧ ହେଲାପରି ଲାଗୁଛି । ଦ୍ୱିତୀୟତଃ କେଶରୀର କ୍ଷୀଣ କଟି ଗୋଟାଏ ପ୍ରଧାନ ଲକ୍ଷଣ । ମାତ୍ର ମହତାବ ଅତେଶେ ଜଣେ ବିଶାଳ ତନୁ ପୁରୁଷ ଥିବାରୁ ଏହା ତାଙ୍କଠାରେ ଖାପ ଖାଉ ନାହିଁ । ପୁଣି, ସିଂହ ନିଜେ ପଶୁ ଥାଇ ଅନ୍ୟ ପଶୁମାନଙ୍କୁ ବା ମୃଗଗୁଳଙ୍କୁ ବିନାଶ ଓ ଭକ୍ଷଣ କରେ । ମାତ୍ର ମହତାବ ଅପଣା ସ୍ୱଜାତୀୟ ଲୋକଙ୍କୁ ଭକ୍ଷଣ କରୁଥିବାର କୌଣସି ପ୍ରମାଣ ନାହିଁ । ବରଂ ତାଙ୍କୁ ରକ୍ଷା କରିବାରେ ସେ ପ୍ରାଣ ନିୟୋଗ କରିଛନ୍ତି ।

ଏସମସ୍ତ କାରଣରୁ 'କେଶରୀ' ପଦ ତାଙ୍କଠାରେ ପ୍ରଯୁଜ୍ୟ ହେଉ ନାହିଁ ବୋଲି ଅମ୍ଭମାନଙ୍କର ଉଚ୍ଚବିଚାରର ସାବ୍ୟସ୍ତ ହେଲା । ଓଡ଼ିଆ ଲୋକଙ୍କୁ କେହି କେହି "ମାକଡ଼" ଓ କେହି "ମେଣ୍ଢା" ଆଖ୍ୟା ଦେଇ ଥାଆନ୍ତି; ଏହା ପ୍ରସିଦ୍ଧ । ଯଦି ମହତାବଙ୍କୁ ଉତ୍କଳୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଓ ବୀର ପୁରୁଷ ବୋଲି ମଣି ଉପାଧି ଭୂଷିତ କରି ବଢ଼ାଇଥାଏ, ତେବେ ତାଙ୍କୁ ପ୍ରଥମ ପର୍ଯ୍ୟାୟ ଅନୁସାରେ 'ମେଷ' ବା "ଅନନ୍ତା" ପଦ ଦେଲେ ବରଂ ଉପଯୋଗୀ ହୁଅନ୍ତା । ଯଦି ଓଡ଼ିଆ "ମେଣ୍ଢା" ବୋଲି ସ୍ଥିର କରାଯାଏ ତେବେ ତାଙ୍କୁ ଉତ୍କଳ-"ଗାରଡ଼" ଉପାଧି ଦେଲେ ଅଧିକ ସୁନ୍ଦର ଓ ସମୀଚୀନ ହେବ ବୋଲି ଅମ୍ଭର ମତ । ଯାହାହେଉ ସମ୍ୟକ୍ ବିଚାରାର୍ଥେ ଏ ସମସ୍ତ ସଓ୍ୱାଲ ଆଗରେ ବାଢ଼ିବାକୁ ପ୍ରୟାସୀ ହେଉଁ ।

× × × ×

ବ୍ରହ୍ମପୁର ସରକାରୀ ଉକିଲ ନିଯୁକ୍ତି ନେଇ ବ୍ରହ୍ମପୁର ଓଡ଼ିଆ ମହଲରେ ଯେଉଁ ଅକ୍ଷେପ ଓ ବିକ୍ଷୋଭ ଘଟଣା ଉଠିଥିଲା ତାହା ଏଯାବତ୍ ଜାଗ୍ରତ ହୋଇଥିବାର ଶୁଣାଯାଉଛି । 'ଓଡ଼ିଆ ସେ ଦାଢ଼ା ନେହି' ବୋଲି ଯେଉଁ ମୂଳାମନ୍ତ୍ର ଏତେକାଳ ରହିଛି, ତାକୁ ବ୍ରହ୍ମପୁରର ଭାଇମାନେ ଏହାଦ୍ୱାରା ନଷ୍ଟ କରି ଦେବାରେ ଲାଗିଛନ୍ତି ଦେଖି କେଉଁ ଓଡ଼ିଆକୁ ବାଧା ନ ହେବ ? ଓଡ଼ିଆ ଯଦି ଅପଣା ପେଟରେ ଓଦାକନା ଦେଇ, ଅନ୍ୟ ମର ପର ପେଟକୁ ଦାନା ଯୋଗାଇ ପାରେ, ଏଇ ସାମାନ୍ୟ ଗୋଟାଏ ନଉକରି ପାଇଁ ଏତେ ଉଦ୍ଧୃତି କାହିଁକି ? ପର ପୋଷିବା ପାଇଁ ତ ଓଡ଼ିଶା ପ୍ରଦେଶ ଗଢ଼ା ହୋଇଛି । ବଙ୍ଗଳା କବି ଜଣେ ଦୁଃଖେ ଗାଉଛନ୍ତି—"ନିଜ ବାସଭୂମେ ପରବାସୀ ହଲେ !" ଅତଏବ ହେ ବଦାନ୍ୟ, ସର୍ବସହିଷ୍ଣୁ, ଉଦାର ଚେତା ଓଡ଼ିଆ, ଏଥି ସବୁ ତୁଚ୍ଛ କଥାକୁ ଆଖି ବୁଜି ଦେଇ ତ୍ୟାଗର ଆଦର୍ଶ ଦେଖାଇ ଦରବାରରେ ନିଜର ମହତ ପଣିଆ ଜାହିର କର ।

## ଅମର ସହୀଦ୍

ଯେଉଁମାନେ ନିଜ ରକ୍ତରେ ଭାରତର ନନ୍ଦନ କାନନକୁ ପ୍ଲାବିତ କରିଛନ୍ତି, ଅଗଷ୍ଟର ମୁକ୍ତି ସଂଗ୍ରାମରେ ସେମାନଙ୍କର ସ୍ମୃତି ତର୍ପଣ କଲାବେଳେ ଲହାରର ୰ ମହେନ୍ଦ୍ର ଚୌଧୁରୀ ଓ ସମ୍ବଲପୁରର ୰ ଦୁର୍ଗାପ୍ରସାଦ ଗୁରୁ ଅମ୍ଭମାନଙ୍କର ଶ୍ରଦ୍ଧାଞ୍ଜଳି ଘେନି ସେଇ ଅମର ସହୀଦଙ୍କ ନିକଟକୁ ଚାଲିଗଲେ ।

— ସମ୍ପାଦକ

## ହେଙ୍ଗଳା ପାଞ୍ଜି

ବୃଷ୍ଟି ନୋହିବାରୁ ଲୋକେ ବ୍ୟାକୁଳିତ ହୋଇଲେ । ଏଥିକୁ ଏମନ୍ତ ପ୍ରମାଣ ଯେ ଏ ସମୟରେ ମେଘର ଘର ପୂର୍ବଦିଗରେ ଅଟଇ । ପୂର୍ବ ଦିଗସ୍ଥ ଜାପ ନାମ ଦ୍ୱୀପରେ ଉତ୍ପାତ ହୁଅନ୍ତେ ଅଗ୍ନି ଅଣୁଗଣ ମେଘର ଜଳ ଅଣୁମାନଙ୍କୁ ଶୋଷଣ କରିପକାଇଲେ । ତେଣୁ ମେଘମାନେ ଜଳହୀନ ହୋଇଗଲେ । ବୃଷ୍ଟି ବିତରଣକୁ ଶକ୍ତି ନୋହିଲା ।

ଲୋକେ ହତାଶ ନ ହୁଅ ନ ହୁଅ । ଶନିଗ୍ରହ ନକ୍ଷତ୍ରରେ କବଡ଼ା ରାଶିରେ ପ୍ରବେଶ କଲେ ପ୍ରବଳ ବୃଷ୍ଟି ହୋଇବ । ନଦୀଗଣ କୂଳ ଲଙ୍ଘିବେ । ଜଳର ଅଭାବ ବି ମେଣ୍ଟିଣ ହୋଇବ ।

\+ × +

ଅଣୁ ବୋମ୍ବା କେମନ୍ତ ପ୍ରକାର ଅଟଇ । ତାହାର ଶକ୍ତି କେଉଁଠାରୁ ଜାତ ହୁଅଇ । ଏହି ତଥ୍ୟ ଅମ୍ଭେ ଏମନ୍ତ ଜଣାଣ କରୁଁ ଯା ଦେବୀ ଅଣୁ ପରମାଣୁଠାରେ ଶକ୍ତି ରୂପେଣ ସଂସ୍ଥିତା—ତାଙ୍କୁ ଯୋଗବଳ ଦ୍ୱାରା ଜାଗ୍ରତ କରିବାରୁ ଏମନ୍ତ ହୋଇ ଅଛଇ । ଏଥିର ବାରେଣୀ ମନ୍ତ୍ର ଶୀଘ୍ର ବାହାରିବ । ସେଇଲାଗି ତାନ୍ତ୍ରିକ, ନାଗାନ୍ତ୍ରୀଗଣ ସାଧନରେ ଲାଗି ଅଛନ୍ତି । ଏହି ଗୋପ୍ୟ ବାରତା ଅମ୍ଭେ ଜଣାଇଲୁଁ । ଏହା କେହି କାହାରିଠାରେ ପ୍ରକାଶ ନ କରିବ । ଯଦି କରିବତ ପଞ୍ଚ କର୍ଣ୍ଣ କରିବ । ଷଡ଼କର୍ଣ୍ଣ ନ କରିବ । ତହିଁରେ ମନ୍ତ୍ରଭେଦ ହୁଅଇ ।

\+ × ×

କଟକ ନଗରରେ ଉତ୍କଳ ଅସେମ୍ବ୍ଲି କଂଗ୍ରେସ ଦଳର ବୈଠକ ହୋଇଲା । ଅସେମ୍ବ୍ଲି ମୃତ ହୋଇଲେ କି ହୋଇବ, ଦଳଟା ପ୍ରାଣବନ୍ତ ଅଛଇ । ମଶାଣିରେ ଚଣ୍ଡୀ ନାଚିବାର ସତ୍ୟ ପ୍ରମାଣ ଘଟଇ । ବିଶ୍ୱନାଥ, ଜଗନ୍ନାଥ, ଦ୍ୱାରକାନାଥ ଏ ତ୍ରୟ ନାଥ ଏଥିର ଚାଳକ, ଉପଚାଳକ ଓ ସଂଚାଳକ ହୋଇଲେ । ସ୍ୱାମୀଜୀଙ୍କ ଯୋଗ୍ୟତା ପ୍ରମାଣେ ତାଙ୍କ କରରେ କୋଷର ପରିଚାଳନା ଭାର ନ୍ୟସ୍ତ ହୋଇଲା ।

× × ×

ଚୌଦ୍ୱାରରେ ନାନା ସମ୍ମିଳନୀମାନ ହୋଇଲା । ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କ ଭୂତ କାଳରେ ଏ ଦକ୍ଷତାକୁ ଧନ୍ୟ ଧନ୍ୟ ବୋଲିବା ।

Digitized by srujanika@gmail.com




# ପ୍ରେମ ପଥର ଅନ୍ଧ ଗଳି

ଲେଖକ— ନି: ମ:

ହେମାଙ୍ଗିନୀ ଦେଖିବାକୁ ସୁନ୍ଦର ହେଲେ ବି ଆଧୁନିକ ଯୁବକ ମିଷ୍ଟର ରତନ୍ (ଇଞ୍ଜିନିୟର)ର ବିଭା ହୋଇଥିଲା ତାର ସୌନ୍ଦର୍ଯ୍ୟ ଦେଖି ନୁହେଁ । ତାଙ୍କୁ ବନ୍ଧୁମାନେ ଯେତେବେଳେ କହନ୍ତି, ଏମିତି ସୁନ୍ଦରୀ ସ୍ତ୍ରୀ ପାଇ ତୁ ଭାଗ୍ୟବାନ । ସେ ଉପହାସ କରେ ଆଉ ହସେ । ହେମାଙ୍ଗିନୀ ନବ୍ୟା ସଭ୍ୟା, ବି. ଏ. ପାସ୍ କରିଛି । ତା ପ୍ରେମରେ ପଡି ମାଷ୍ଟର ରତନ୍ ମିଷ୍ଟର ରତନ୍ ହେଲେ । ଖାଲି କ'ଣ ରୂପ ଦେଖି ରତନ୍ ସାହେବ ତାଙ୍କୁ ବିଭା କରିଥିଲେ ? ସେଥିପାଇଁ ସେ ହସେ । ଆଉ ଯଦି କେହି କହେ—ତୋ ସ୍ତ୍ରୀ ବଡ ଯୋଗ୍ୟା—ସେତେବେଳେ ଗର୍ବରେ ତା ଛାତି ଫୁଲି ଉଠେ ।

ଅଇ: ସି: ଏସ୍ ପାଇବାର ଅଳ୍ପ କେତେଦିନ ପରେ ମିଷ୍ଟର ରତନଙ୍କର ପରିଚୟ ହେଲା ମିସେସ୍ ଓ ମିଷ୍ଟର ଘୋଷଙ୍କ ସାଙ୍ଗରେ । ଘୋଷ ଜଣେ ବଡ଼ ଅଫିସର । ବୟସ ଅଳ୍ପ । ରତନ ଘୋଷ ସମବୟସୀ । କଲେଜରେ ମିସେସ ଓ ହେମାଙ୍ଗିନୀ ଏକଦା ସହପାଠୀ ଥିଲେ । ତେଣୁ ବନ୍ଧୁତା ଜମିଗଲା । ମିସେସ ଘୋଷ ଅତି ଅଳାପୀ ଲୋକ । ଅନେକ ସମୟ ଆସି ମିଷ୍ଟର ରତନଙ୍କ ଘରେ କଟେଇ ଦିଅନ୍ତି । ମିଷ୍ଟର ରତନ ମିସେସ୍ ଘୋଷଙ୍କର ପ୍ରଶଂସା କରନ୍ତି ତାଙ୍କର ଏଇ ଅମାୟିକ ପ୍ରକୃତି ଯୋଗୁଁ ।

ମିଷ୍ଟର ରତନ୍ ମନକୁ ମନ କହିଲେ ମନ୍ଦ ନୁହେଁ ତ ? ଅନ୍ୟାୟ କ'ଣ ? ମିସେସ୍ ଘୋଷ ତ ବେଶୀ ସମୟ ଏଠିକି ଆସୁଛନ୍ତି । ସେ ଯଦି ମୋତେ ଚାହୁଁଛନ୍ତି ମୁଁ କାହିଁକି ତାଙ୍କୁ ନଚାହିଁବି ?

ସେଦିନ ମିସେସ ଘୋଷ ଡ୍ରଇଂ ରୁମରେ ଥାନ୍ତି । ରତନ ମଧ୍ୟ । ହେମାଙ୍ଗିନୀ କାର୍ଯ୍ୟ ବ୍ୟସ୍ତରେ ଚାଲିଗଲେ ଘରକୁ । ମିଷ୍ଟର ରତନ ଆରମ୍ଭ କଲେ—ମିସେସ ଘୋଷ, ମୁଁ ଭାବେ, ଆମ୍ଭେମାନେ ଆଧୁନିକ ବୋଲି ଆପଣାକୁ ଗର୍ବ କରୁଁ—ଉଦାର ବୋଲି ଗୌରବ ଅନୁଭବ କରୁଁ । କିନ୍ତୁ ମୁଁ ଦେଖୁଛି ଆମ ଏହି ଶିକ୍ଷିତ ସମାଜରେ ରକ୍ଷଣଶୀଳତା Conservativesm ବେଶୀ । କେବଳ ଧର୍ମ ବଦଳ ଭଳି ଆଧୁନିକ ପୋଷାକ, ଆଧୁନିକ ଭାବରେ ମିଳାମିଶା ଚାଲିଛି, କିନ୍ତୁ ଅନ୍ତରର ଆଧୁନିକତା କାହିଁ ?"

"ଅନ୍ତରର ଆଧୁନିକତା କାହାକୁ କହନ୍ତି ?" ମିସେସ ଘୋଷ ପଚାରିଲେ ।

"ହୃଦୟର ମୁକ୍ତି କରିଦେବା— ହୃଦୟକୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଦୀ ନ କରିବାହିଁ ଆଧୁନିକତା ।"

"ବାସ୍ତବିକ, ଆପଣ ଜଣେ ବଡ଼ ସଂସ୍କୃତ ବ୍ୟକ୍ତି । ଆପଣଙ୍କର ଏଭଳି ଚମତ୍କାର କଥା ମୋତେ ଭଲ ଲାଗେ ।"

"ସ୍ରଷ୍ଟା ଓ ସୃଷ୍ଟିରେ ତଫାତ୍ ନଥାଏ । ମୁଁ ଯଦି କହେଁ ଯେ ମୋର କଥାକୁ ଭଲ ପାଇବାର ଅର୍ଥ—"

ମିସେସ୍ ଘୋଷ ଲଜ୍ଜାରେ ଲାଲ ହୋଇ ଉଠିଲେ ।

ମିଷ୍ଟର ରତନ କହିଲେ—"ମୁଁ ବାସ୍ତବିକ ଆପଣଙ୍କ ପରି ମହିଳା ପୃଥିବୀରେ ଦେଖିନାହିଁ । ଆପଣଙ୍କର ସାନିଧ୍ୟ ମୁଁ ସବୁବେଳେ କାମନା କରେ । ଆପଣଙ୍କର ଯଦି ଆପତ୍ତି ନଥାଏ ତେବେ ଆଜି ସିନେମା ଦେଖି ଯାନ୍ତେ—"

ମିସେସ୍ ଘୋଷ ଏଥର ଟିକିଏ ଧୈର୍ଯ୍ୟ ଧରି କହିଲେ—"କିନ୍ତୁ ସାଙ୍ଗରେ ହେମାଙ୍ଗିନୀ—"

"ଆପଣ ଯଦି ଚାହାନ୍ତି ଆମେ ତାଙ୍କୁ ବାଦ ଦେଇ ପାରିବା । ଆପଣ ପାର୍କର ନୈଋତ କୋଣରେ ମୋତେ ଆଜି ସନ୍ଧ୍ୟାରେ ଅପେକ୍ଷା କରିଥିବେ ? ସେକଣ୍ଡ ଶୋ ? ହେଲା ।"

"ଚେଷ୍ଟା କରିବି ।"

"ମୁଁ ଆପଣଙ୍କଠାରେ ଚିର ଋଣୀ ।"

× × × +

ସେଦିନ ସନ୍ଧ୍ୟା । ପାର୍କର ନୈଋତ କୋଣ । ଅନ୍ଧକାରମୟ ଧରଣୀ । ମିଷ୍ଟର ରତନ ଦ୍ୱିଧା କେଲିନାରୁ ପ୍ରବେଶ କଲେ । ଗଛ ମୂଳରେ ଅର୍ଦ୍ଧ ଅର୍ଦ୍ଧ ଅବଗୁଣ୍ଠନବତୀ ଜଣେ ନାରୀ । ଅନ୍ଧାରରେ ଚିହ୍ନିବା ଅସମ୍ଭବ । ମିଷ୍ଟର ରତନଙ୍କର ଛାତି ନାଚି ଉଠିଲା । ପାଖରେ କେହି ନାହାନ୍ତି—ଚାରିଆଡ଼କୁ ଚାହିଁ ଦେଖିଲେ । ଲୋକ ଯେ ଅଛନ୍ତି ସେ ଅନେକ ଦୂରରେ । ଧୀରେ ଧୀରେ ସେ ନାରୀର ନିକଟବର୍ତ୍ତୀ ହେଲେ ।

—"ମିସେସ୍ ଘୋଷ—ଆପଣ ସତ ସତ ଆସିଛନ୍ତି—ମୋର ଜୀବନ ଧନ୍ୟ କଲେ ଆଜି—ମୁଁ ଆଜି ଦୁର୍ଲଭ ସମ୍ପଦ ପାଇଛି । ହେମାଙ୍ଗିନୀ ବଡ଼ ମରହଟ୍ଟୀ—ବଡ଼—ମାନେ—ବୁଝି ପାରୁଛନ୍ତି ।"

ସ୍ତ୍ରୀ ମୂର୍ତ୍ତି କୌଣସି ଉତ୍ତର ଦେଲାନାହିଁ । ମିଷ୍ଟର ରତନ ପାଖକୁ ଯାଇ ହାତ ଧରି ପଚାରି କହିଲେ, "ତମେ ଲାଜ କରୁଛ ପ୍ରିୟେ ?"

ସ୍ତ୍ରୀ ମୂର୍ତ୍ତି ଉତ୍ତର ଦେଲା—"ମୁଁ ମିସେସ୍ ଘୋଷ ନୁହେଁ । ମୁଁ ହେମାଙ୍ଗିନୀ, ମିସେସ୍ ଘୋଷ ଆସି ପାରିଲେ ନାହିଁ—ଏଇ ଚିଠି ଖଣ୍ଡ ଦେଇଛନ୍ତି—"

—•—

Digitized by srujanika@gmail.com

କଲାକମ—

# ଆମେରି

ଲେଖକ:—ସଚି ରାଉତରା

ଭାରତର କୃଦ୍ଧ ଆତ୍ମା ଡାକି କହେ—"ଶୁଣ ହେ ଅମେରି !
ଦେଖିଅଛ ଭାରତର ମାନଚିତ୍ର, ଦେଖିନ ତ ଫେରି......
ଏ ଦେଶର କୋଟି ବୁକେ ଜାଗିଅଛି କି ମହା ସ୍ପନ୍ଦନ
ଅତୀତର ପ୍ରତିହିଂସା ଶିର ଦଳ ଲହୁର ସ୍ୟନ୍ଦନ
ଛୁଟିଅଛି ପ୍ରଗତିର ; ଦେଖିନାହିଁ ହେ ରକ୍ଷଣଶୀଳ !
ନ୍ୟସ୍ତ-ସ୍ୱାର୍ଥ ଶୋଷଣର, ବଣିକର ଇତର, ଅଶ୍ଳୀଳ
ବ୍ୟଭିଚାରୀ ମନୋବୃତ୍ତି, ପରଭୋଜୀ ଲମ୍ପଟ ସଭ୍ୟତା
ପଦେ ଦଳି ଛୁଟିଅଛି ଅଗ୍ରଗାମୀ ବିଶ୍ୱର ଜନତା— ।
ଏ ସଂବାଦ ତୁମ କାନେ ପହଂଚିନ ଅଛି କି ହେ ସ୍ଥାଣୁ ?
ଦୈନିକ ପତ୍ରିକା ତମ ଧରଣୀରୁ ଯେ ବାରତା ଅଣୁ—
ଦେଇନ ତା ଗୋଟିଏ ସନ୍ଦେଶ—
ବିଶାଳ ଭାରତ ନୁହେ ଖାଲି ଭୂମି, ଜାଗ୍ରତର ଦେଶ ।

ଦେଖି ତୁମେ ଦେଖିନ ଅମେରି
ଗତ କାଳ ମରିଯାଏ, ଲଭେ "ଅଦ୍ଭ" ଫଳ-ପାପ ପରି
ଅଗାମୀର ଶୁଭ୍ର ମହୋତ୍ସବେ,
ତୁମର ବଧୀର କାନ ଶୁଣିନ କି ବିପୁଳ ଗୌରବେ—
ଅନାଗତ ମଣିଷର ପଦଧ୍ୱନି, ଭବୀ ପ୍ରଭାତର,
ଶୁଣିଚ ପିଶାଚ ହସ ପ୍ରେତାତ୍ମିତ ଅଂଧ ତାମସର
( ଅତୀତର ଶବଭୁକ୍ ହେ ସ୍ୱଳ୍ପାୟୁ ଧାନ ନିଶାଚର ! )

ତୁମର ଭାରତ
ଅମଲର ସ୍ୱର୍ଗଭୂମି ନୌବଣର ସେ ଯେ ମହା ତୀରଥ !
ଜିଗ୍ନାର ସିରସ୍ତାରେ, ଫିରଙ୍ଗିର ନର୍ଜୀବ ଦପ୍ତରେ
ଲେଖାଅଛି ନାମ ତାର କାଳ କାଳ ଅଂଗାର ଅକ୍ଷରେ ।
ନୁହେ ତାହା ଦେଶ ମୋର, ପ୍ରେତାତ୍ମା ସେ ମହାଭାରତର
ତାହାରି କଂକାଳେ ହସେ ହେ ଅମେରି ! ଦସ୍ୟୁର ସ୍ୱାକ୍ଷର ।
ସୌଦାଗରୀ ଶୋଷଣର ହାଟେ
ମୋ ଦେଶ ଭାରତ ଅଛି ମରିଅଛି ଶମଶାନ ଘାଟେ ।
ପଚମାନ ଶବଦେହ ତାର
ହେ ଅମେରି ! ଦେଖ, ଦେଖ କାର ନଖ, କାହାର ଶୀକାର ?

ହେ ଅମେରି !
ପଢ଼ିଥିବ ପିଲାଦିନେ ଇତିହାସେ ସପ୍ରସିଦ୍ଧ ଦେଶ
ଗଢ଼ିଥିଲେ ଦେଶ ଏକ, ଧାତ୍ରୀ ସମ ଦେଇ ନିଜ ସ୍ତନ
ସେ ଦେଶରେ ଫୁଟିଥିଲା ପୃଥିବୀର ସମସ୍ତ ଯୌବନ ।
ସାତ ତାଳ ପାଣି ଡେଇଁ ଦରିଆର ଦିନେ ମତ୍ସ୍ୟ-ଦ୍ୱୀପେ
ଅଲୁଅର ତେଜ ଯେବେ ଖେଳାଇଲା ପ୍ରୀତିର ପ୍ରଦୀପେ,
ସୁଦୂର ଲବଙ୍ଗ ଦେଶ, ଦାରୁଚିନି ଦ୍ୱୀପର ବନ୍ଦରେ
ମସଲାବୋଝାଇ ତରୀ ଦିନେ ଯାଉ ଲବଣ ସାଗରେ
ବୁଦ୍ଧର ବାରତା ଘେନି ପଣ୍ୟ କଲା ପ୍ରେମ-ବିନିମୟ,
ସେହି ଦେଶ ଭାଗ୍ୟେ ତୁମେ ପାଦୁକାର ସ୍ଥାନ ଅପଚୟ
ଲେଖିଅଛ କ୍ରୁର ହାତେ, ଖେଳାଇଛ ନେଇ ତାଙ୍କୁ ଜୁଆ,
ମଣିଷର ହାଡ଼େ ଗଢ଼ା ସେ ଦେଶର ପଶା କାଠି ଧୂଆ—
ଶକୁନିର ବିଷ ବାଷ୍ପେ, ସାବଧାନ ଖେଳଓ୍ୱାଡ଼ ଅନ୍ଧ !
କଂକାଳର ଅଭିଶାପ ଗର୍ଜି ପଡ଼େ ବଜ୍ର ପରି ଭଙ୍ଗ ।
ଜନତାର ଶାଣିତ ଶପଥ......
ଜାଳ ଦିଏ ଅମେରିର କିଗ୍ରମୀ ଓ ଦାସର ଭାରତ ।
ଜନ୍ମ ଲଭେ ସ୍ୱାଧୀନ ସ୍ୱଦେଶ......
ଭବୀ ପ୍ରଭାତର ବଧୂ, ସେହି ମୋର, ସେହି ମୋର ଦେଶ ।

Digitized by srujanika@gmail.com



# କଥା-ଶିଳ୍ପୀ

ଲେଖକ:—
କୁମାର ଶ୍ରୀବତ୍ସ ନାୟକ

ବାହାରେ ଚନ୍ଦ୍ର ଗ୍ରହଣର ରାତି ।

ମୁମୂର୍ଷୁ ମେଘଲହରୀ ବେଗୀର ଧାଡ଼ି ସ୍ଫୁଟ ପରି ରାହୁଗ୍ରସ୍ତ ଚନ୍ଦ୍ରର ଧୂସର ଅନ୍ତରାଳକୁ ଚତୁର୍ଦ୍ଦିଗରେ ଅଳସ ଭ୍ରୂକ୍ଷେପ କରି କୁହୁଡ଼ିର ଏକ କରୁଣ ଅଧ୍ୟାୟ ରଚୁଛି । ଝିଁପ୍ନା ରାତିର ଲୁପ୍ତ ଅସ୍ଥି ତଳେ ଲକ୍ଷ ବକ୍ଷାକ୍ତ କୀଟର ତୀବ୍ର ଦଂଶନ ।…ଦୂରରେ ବନାନୀର ସ୍ଥିରପଲ୍ଲବ ଅର୍ଦ୍ଧ ଭଳିଗଲା ।

ଘର ଭିତରେ ବସି ସେ ଲେଖୁଥିଲି, ଲେଖନୀ ମୂନ ଦେଇ ଯୌବନଦୂତ ପାଟର ସେଉଁଳିକରେ ମୁଁ ଅଗାମୀ ପ୍ରାତକୁ ସ୍ମରଣୀୟ କରି ରଖିବାଲାଗି ନବବର୍ଷ ଶତ୍ରୁରେ ଅଦ୍ୟ ଆଷାଢ଼ର ସ୍ୱାଗତ-ବନ୍ଦନା କରୁଥିଲି ।

ଟେବୁଲ ଲ୍ୟାମ୍ପର ନୀଳାଲୋକରେ ଘର ଭିତର ଏକ ଅପୂର୍ବ କୋମଳଶ୍ରୀ ଧାରଣ କରିଛି । ଜ୍ୟେଷ୍ଠ ପୂର୍ଣ୍ଣିମାର ରାତି—ଲୋମକୂପର ଦ୍ରୁତ ରନ୍ଧ୍ରେ ରନ୍ଧ୍ରେ ସ୍ୱେଦ ବିନ୍ଦୁ ଜମି ଆସୁଥିବାରୁ ମୁଁ ସ୍ପଷ୍ଟ ଅନୁଭବ କରି ପାରୁଥିଲି ।

ଏକ ମନ—ଏକ ଧ୍ୟାନରେ ମୁଁ ଲେଖୁଥିଲି ।

ଟେବୁଲ ଉପରେ କାନ୍ଥରେ ଖଞ୍ଜା ହୋଇଥିବା ବଡ଼ ଦର୍ପଣଟା ଉପରେ କାହାର ଛାଇ ପଡ଼ିଲା ଭଳି ଜଣାଗଲା । ଧୀର ଆଖି ଟେକି ଚାହିଁଲି—ବାସନ୍ତୀ । ଦେଖି ନ ଦେଖିବାର ଛଳନା କରି ଦୂର୍ବଳ ଗମ୍ଭୀର ଭାବରେ ବସି ଲେଖନୀ ଚାଳନାର ବ୍ୟର୍ଥ ଚେଷ୍ଟା କଲି ।

ବାସନ୍ତୀ ଆଗରେ ସ୍ୱଳ୍ପ ରେଖା ମୂର୍ତ୍ତି ବଳମାନ । ଦିନ ଦିନ ଧରି ବାସ୍ନାର ଛନ୍ଦା ଭଳି ଯେ ମୋ'ର ମନସ୍ତତ୍ତ୍ୱକୁ ଛିନ୍ନ ଭିନ୍ନ କରି ପଢ଼ି ପାରିଛି…ତା' ଆଗରେ—

ବାସନ୍ତୀ ଦୁଷ୍ଟାମି କରି ମୋର ଆଖି ବୁଜି ଧରିଲା ।

କର୍ପୂର ପାପୁଲିର ସ୍ନିଗ୍ଧ ପରଶରେ ପ୍ରାଣ ମନ ପୁଲକ ଉଠିଲା । ବାସର କବରୀର ଅଗୁରୁ ଗନ୍ଧ ମନ୍ଥର ହୋଇ ଉଡ଼ି ବୁଲିଲା । ଆଖିର ଭ୍ରୂଲତା ଉପରେ ବାସ ଅଂଗୁଠିର ସ୍ନେହାନୁଭବଟା ଏକାବେଳକେ ଜାପି ହୋଇ ଯାଇଛି ।

କଲମ ପଛକଡ଼େ ବାସର ଅଂଗୁଠି ଗୁଡ଼ାକୁ ଟେଙ୍କି ଦେଇ ଦେଇ କହିଲି—"ଛାଡ଼ !"

"ଛାଡ଼୍ ତ—ଛାଡ଼୍ ତ—ଉଃ—" ବାସନ୍ତୀ କୃତ୍ରିମ ବ୍ୟଥାର ସୁରରେ ହସି ହସି ହାତ ଛାଡ଼ିଦେଲା । ଦୁଷ୍ଟାମିରେ କଲମଟା ଥରେ ଘୁରେଇ ନେଇ ତା' ଉପରକୁ ଛାଟି ଦେଲି ।

"ଦେଖିଲ ! ଇଁ…ବଡ଼ ଦୁଷ୍ଟ…କ'ଣ ହେଲା ?" ଅନୁଯୋଗ କଣ୍ଠରେ ବାସନ୍ତୀ ଲୁଗାର ସ୍ୟାହି ପଡ଼ିଯିବା ଜାଗାଟାକୁ ଦେଖି ଦେଖି କହିଲା ।

ହସି ଉଠିଲି ।

"ଦେଖିବ !" ବାସନ୍ତୀ ଲୁଗାର ସେଇ ଜାଗାଟାକୁ ଆଣି ମୋର ଚେୟାର ପଛକଡ଼କୁ ମନେ ଗୋଟାଏ ହାତରେ ଲଣ୍ଠନ ଧରି ଲଗା କାନଟାକୁ ମୋ' ମୁହଁରେ ଘଷି ଦେବାକୁ ବଢ଼ିଲା । ଛଟପଟ କରୁ କରୁ ଲୁଗାଟାରୁ ମୁହଁଟାକୁ ବଞ୍ଚେଇବାର ଯଥାସାଧ୍ୟ ଚେଷ୍ଟା କରୁ କରୁ କହି ଉଠିଲି—"ଛି ବାସ, ମୁହଁଟା କାଳି ହବ—ଛାଡ଼ଟା—" କଲମଟା ଛାଡ଼ି ଦେଇ ତା'ର ପାପୁଲିଟାକୁ ଜୋରରେ ଚିପି ଧରିଲି । ବ୍ୟଥାରେ ବାସ "ଉଃ…ଉଃ" କରି ଉଠିଲା ।

"ଛାଡ଼, ଛାଡ଼" ସ୍ନିଗ୍ଧ ହସି ପରିହାସର କଣ୍ଠରେ ବାସ କହିଲା ।

ହାତ ଛାଡ଼ି ଆସ୍ତେ ତା'ର କଟୀକୁ ଗୁଡ଼େଇ ଧରି ପାଖ ଚେୟାରଟାରେ ବସେଇ ଦେଇ କହିଲି—"ବେଶ୍ ଶୁଣାଇଲ ପରି ବସି ପଡ଼ ।"

ବାସନ୍ତୀ ବସିଲା । ତା'ର ଆଖିକୁ ଚାହିଁ ହସିଲି । ତାର ଆଖିରେ ଆଉ କୌଣସି ଗୋଟାଏ ନୂତନ ଦୁଷ୍ଟାମି ଉଦ୍ଭାବନ କରିବାର ସୂଚନା—

ଛଳନା କରି କାଗଜରେ କଲମ ଚଳେଇଲି ।

—କିଛି ସମୟ ଶୁଣାଣି ଭଳି ନୀରବ ହୋଇ ବସି ରହିଲା ସେ । ମୋର ବ ମନଟା ହଠାତ୍ ଉତ୍ତେଜିତ ହୋଇ ଆସିଲା । ହୃଦୟର ରାଗିଣୀ ଗୋପନ ଗୁଞ୍ଜରଣ । ଲେଖି ଚାଲିଲି ମୁଁ…

"ହେ ଆଷାଢ଼, ନବ ଦୂର୍ବାଶ୍ୟାମ ହେ ଆଷାଢ଼, ମୁଁ ତୁମକୁ ସ୍ୱାଗତ କରେ । ଶ୍ୟାମଳ—ସବୁଜ—ନମ୍ର ହେ ଆଷାଢ଼, ହେ ସାଥୀ, ମୁଁ ତୁମକୁ ଅଭିନନ୍ଦନ କରେ ।…

କାନ୍ତ—କୋମଳ—ମେଘାଞ୍ଜନ ଲିପ୍ତ ହେ ଆଷାଢ଼, ଶାନ୍ତ-ଶ୍ୟାମଳ ହେ ଅଦ୍ୟ ଆଷାଢ଼,…ତୁମର ପ୍ରଥମ ଦିନ୍ନର ଶିଂହନକୁ ମୁଁ ସ୍ୱାଗତ କରେ—

ପ୍ରଣୟୀ ଜନ ମନୋରଞ୍ଜନ ହେ ଆଷାଢ଼—ତମେ ଆସ, ତମେ ଆସ ଆଖିର ସ୍ନିଗ୍ଧ ଜ୍ୟୋତିରେ…"

Digitized by srujanika@gmail.com

ସ୍ନିଗ୍ଧ ଲେଡବରେ ହଠାତ୍ କଷ୍ଟ ହେଇଗଲା ମୋର ଚୋରଚ—ଅଛ ତାର ଉଳେ ନବଗଜ ମୋର କଲ୍ପନା ପ୍ରସୁନ ଓ ସ୍ୱପ୍ନର ଭଞ୍ଜନ ଜଣି ଉଷ ଅଙ୍କା ବଶତାର ମାଧୁର୍ଯ୍ୟ ।

ଚମକ ପଡ଼ିଲି—ଦୁଷ୍ଟ ହସ ହସି ବାସନ୍ତୀ କେତେବେଳେ ଉଠି ଯାଇ ଦ୍ୱାର ବନ୍ଦ ଉପରେ । କହିତ ହେଲ—ଏତେ କଥା ଭାବରେ ପୁଣି ଯେ କେତେବେଳେ ବାସନ୍ତୀର ଅସ୍ତିତ୍ୱ ଏକା-ବେଳକେ ଭୁଲ ଯାଇ କବିତାରେ ମନ ଦେଲି ବୁଝି ପାରିଲିନି । ଭାଷାର ସୁରରେ କାଗଜ କଲମ ଠେଲି ଦେଇ କହିଲି—"କ'ଣ ହେଲା ଇଏ ?"

ଅବଚେତନ ଚିତ୍ତରେ ମୁଖ ଝାପି ହୁମ୍ ହୁମ୍ ଦୁଷ୍ଟ ଅଶିର ଚଞ୍ଚଳ ପ୍ରହାଣୀ ହାଣି ହାସ ତାର ନାଳ ଶାଢ଼ୀଟାର କାନଟା ପଡ଼ିଥିବା ଯାଗାଟାକୁ ଦେଖେଇ—ଠିକ୍ ମୋର କଥାର ପୁନରାବୃତ୍ତି କରି କହିଲା ସ୍ୱରରେ କହିଲା—"ହୁଁ—ହୁଁ—ଟିକ୍ ତ—କଅଣ ହେଲା ଇଏ ?"

ଅନିଚ୍ଛା ସତ୍ତ୍ୱେ ହସି ପକେଇଲି । ବାସର ମଦର ସ୍ନିଗ୍ଧ ରୂପ—ଶ୍ୟାମର ନାଳ ଅଳେକରେ ଅଶ୍ରୁର ସ୍ନିଗ୍ଧ—ଅଶ୍ରୁର ମଦସକ୍ତ ହେଇ ଉଠୁଥାଏ । ନିଷ୍ପନ୍ଦ ଭାବରେ ଅନେଇ ରହିଲି । ବାସନ୍ତୀ ହସିଲି ।

ଉଦାସ କଣ୍ଠରେ କହିଲି—"କଥା ବସ ଝଡ଼ଏ ।"

କଛ ନ କହ ମୋ ପାଖକୁ ଲାଗି ବସିପଡ଼ ତଳ ପଡ଼ିଥିବା ବାଳ ଗୁଚ୍ଛଟାକୁ ଯଥାସ୍ଥାନରେ ରଖି ଦେଇ କାଗଜ କଲମ ଗୁଡ଼ାକ କଣକୁ ଭଞ୍ଜି ଦ୍ୱିଧା ହେଇ ବସୁ ବସୁ ହାସ କହିଲା—"କେଣ୍—ଏ ଯେ ହେଲା ଗୋଟେ କଥା ! ଝଡ଼ଏ ତୁନ ହେଇ ବସ; କ ଝଡ଼ଏ କଥାବାର୍ତ୍ତା କର—କ ଅସ ଝଡ଼ଏ ପଦାରେ ଚନ୍ଦ୍ରଗ୍ରହଣ ଦେଖ—ନାଁ ନାଇଁ, ଘରେ ବସି ଲେଖା ଗୁଣିଲି—ଅବ୍ୟ ଅପାଡ଼ର ସ୍ୱାଗତ—ବାଃରେ !"

କଛ ନ କହ ନୀରବରେ ତାର ମୁହଁକୁ ଅନେଇ ବସି ରହିଲି—ପାନରେ ପାପୁଲି ରଖି—ଟେବୁଲ ଉପରେ କହୁଣୀ ଭର ଦେଇ ।

ମୋ ଅଡ଼୍ କୌଣସି ଯୁବର ସୂଚନା ନ ପାଇ ବାସ ପୁଣି ଆରମ୍ଭ କଲା—"ଅଚ୍ଛା କଣ ବା ଲେଖୁଥ ମଁଳେ ? କ ରସ ପାଅ ସେଥିରୁ ? ସବୁବେଳେ—"

ନୀରବତା ।

"ଅଚ୍ଛା—ଏଇ ମୃତ କଳ୍ପିତ ବସ୍ତୁ କଣ ଜୀବନ୍ତଠୁଁ ବେଶୀ ସୁଖ ଦିଏ ? ଜୀବନର ମର୍ଯ୍ୟାଦା ଯେ ରଖି ଜାଣେନା—ମୃତର ମର୍ଯ୍ୟାଦା ରକ୍ଷିବା ତା' ପକ୍ଷରେ ଗୋଟାଏ ପାଗଳାମି—ଗୋଟାଏ ଦୁର୍ବଳତା—ଗୋଟାଏ ବର୍ଚ୍ଚାରି ଅଶା—ପାଗଳା—ଅଭାବ ।" ମୁହଁ ତଳକୁ ପୋତ ବଡ଼ ଗମ୍ଭୀର ଭାବରେ ବାସନ୍ତୀ ଲେବୁଚର ଝାଡ଼ୁଥିଲା !

ଶାନ୍ତ ଭାବରେ ବସି ରହିଲି ।

"ଏଇ ବଡ଼ାପୀ—ଅବାଶୀ କଳ୍ପନାର କାହ୍ନରେ ବୁଢ଼ ରହି ମଣିଷ ସ୍ୱଏ ଅବାସ୍ତବତାର ବ୍ୟର୍ଥ ପୂଜାସ—ଯାହା ସେ ପାଇ ପାଇନ୍ତା—ପାଖରେ, ଶୁଦ୍ଧ ପାଟେରେ—ନବଢ଼ ଭାବରେ—ତାକୁ ସେ ସ୍ୱହେନା; ହୁଏତ ଅବହେଳା କରି ଚାଲିଯାଏ—କିନ୍ତୁ ଯାହାକୁ ସେ ପାଇନାହିଁ—ପାଏ ନାହିଁ କ ପାଇବ ନାହିଁ—ତାର ପଛରେ କଣି କଣି ପାଗଳ ହେଇ ଛୁଟେ—ବାନେ—ଚିନ୍ତି ହୁଏ । ଅଶ ଅଗରେ ଟଡ଼୍ ମଦସର ତାବ ଛଳ ଛଳ କରି ଉଠୁଚ—କିନ୍ତୁ ମୂର୍ଖ ସେ ସ୍ୱହେନା ତାକୁ—ହୁଏତ ଧାଇଁ ବୁଲେ ଦୂରସ୍ଥ—ହୁଏତ କଳ୍ପନାକର ଦେଖି କାହ୍ନକା ଚିହ୍ନଲର ପଛରେ ।" ବାସନ୍ତୀ ଉପରକୁ ଅଚେତ ପୁଣି କହିଲା—"କିନ୍ତୁ ଦୂରନ୍ତ ତୃଷା ତା'ର ମେଣ୍ଟିବ କେବେ ? କହ ପାରିବ ?"

ବାସନ୍ତୀ ଉତ୍ତର ପ୍ରତୀକ୍ଷାରେ ମୋ'ର ମୁହଁକୁ ଚାହିଁ ରହିଲା । ତା'ର କଣ୍ଠୁତାର ପ୍ରତ୍ୟେକ ଯୁକ୍ତରେ ଯେ ତାବ୍ ସତ୍ୟ ଥିଲା, ସେଇଟା ମୁଁ ଅନୁଭବ କରୁଥିଲି । ବାସର ମୁହଁ ଅସ୍ୱାଭାବିକ ଗମ୍ଭୀର ହେଇ ଉଠିଥିଲା । ତା'ର କଥାରେ ଯୁକ୍ତ ଥିଲେହେଁ ପରିସ୍ଥିତିଟାକୁ ଏତେ ଚଡ଼ ଓଜନଅ କରି ଦେବାକୁ ମୋଟେ ଇଚ୍ଛା ନ ଥିଲା ମୋ'ର । ହାଲକା ଭାବରେ ଦୁଷ୍ଟ ହସ ଫୁଟେଇ ଗମ୍ଭୀର କଣ୍ଠରେ କହିଲି—"ତା'ପରେ...... ?"

ମୋର କଥାର ଭଙ୍ଗୀ ଓ ସ୍ୱରର ଢଙ୍ଗ ଦେଖି ଖପା ହୋଇ ବାସନ୍ତୀ କହିଲା—"ତା'ପରେ...? ତାପରେ ଏଇ ଦୁଃଖର ସଙ୍ଗ ତମ ମୁଣ୍ଡ...।" ସେ ଦୁଃଖଟାକୁ ଟେକ ଧରିଲା ।

ଧୀରେ ହସି ତା'ର ହାତଟାକୁ ତଳକୁ ନୁଆଇଁ ଦୁଃଖଟା ରଖି ରଖି କହିଲି—"ଏଇଟା ହେଲା ନାରୀର ଦୁର୍ବଳତା !"

ବାସନ୍ତୀ ମୋ'ର ହାତରୁ ହାତ ନେଇ ବସି ରହିଲା । ଘରେ ବାହାରେ ଗମ୍ଭୀର ସ୍ତବ୍ଧତା । କୃଷ୍ଣା ରାତ୍ରିର ଫାଙ୍କେ ଫାଙ୍କେ ଅନ୍ଧ-କାରର ଉତ୍ସାହର କମ୍ପନ—ଦୂରରେ ଜନଶୂନ୍ୟ ଧରଣୀର ବକ୍ଷ ଛିଣ୍ଡି ଝିଲ୍ଲୀର ମୂର୍ଚ୍ଛି ସ୍ତବ୍ଧ—ନିସ୍ତରଙ୍ଗ ପ୍ରକୃତିର ଶିରାରେ ଶିରାରେ ଭାସି ଆସୁଚି—ଝଂକୃତର କରୁଣ ବଂଶୀସ୍ୱନ ।

ବାସନ୍ତୀ ନିଃଶ୍ୱାସ ମାରିଲା ।

ଟେବୁଲ ଉପରର ଶ୍ୟାମ ଅବଶ୍ରାନ୍ତ ଜଳ ଗୁଳଚି । ଶୁଭ୍ର, କମ୍ର ଅଂଗୁଳିର ପାଲିସ ନଖ ଦେଇ ବାସନ୍ତୀ ଟେବୁଲର ଧାରଟା ଉପରେ ଘାର ଟାଣୁଚି । ତାର କୋମଳ ମୁଖ ଅନାବୃତ—କପାଳ ଉପରର ଅଳକରୁ ଦଟା ବାଳ ଉଡ଼ି ଲଟା ଉପରେ ପଡ଼ୁଚି । ଗଣ୍ଡ ଦେଶରେ ସ୍ୱର୍ଣ୍ଣବିନ୍ଦୁ ଜମି ଅସିବାର ଉପକ୍ରମ କରୁଚି ।

ପରିସ୍ଥିତିଟା ଏମିତି ହେଇଉଠ୍—ଏଥିଲାଗି ଅବୌ ପ୍ରସ୍ତୁତ ନ ଥିଲି ମୁଁ । ବାସର କୋମଳ ହାସ ପରିହାସ ଓ ହାଲ୍କା ଉଦ୍ଧର୍ଷଣରେ ମାଦକତା ଛଡ଼ା କଛ ଗ୍ରହଁ ନଥିଲି ମୁଁ । ଅଗତ୍ୟା ନୀରବତା ଭାଙ୍ଗି ପ୍ରଥମେ ମୁଁ କଥା ଆରମ୍ଭ କଲି ।

"ମଣିଷର ଅକାଂକ୍ଷା—ଅସର ଅଖଣ୍ଡ ବାସ !—ପୂର୍ଣ୍ଣତାରେ ତା'ର ସମାଧି, କିନ୍ତୁ ଏଇ ପୂର୍ଣ୍ଣତାରେ ପ୍ରକୃତ ସୁଖ ସେ ପାଏନ । ତେଣୁ ସେ ଧାଇଁ ବୁଲେ କରିଃ ନ୍ୟେତା ପଛରେ ବରିଃ କାହ୍ନତର ପଛରେ; ଏଇ ଧାଇଁ ବୁଲିବାରେ ତା'ର ଆନନ୍ଦ—ଏଇ ନପାଇବାର ଅପରିତୃପ୍ତିରେ ତା'ର ପାଇବାର ପରିତୃପ୍ତି—ଯୁଗଯୁଗର ଅଖଣ୍ଡ ନୈରାଶ୍ୟ ଭିତରେ ତା'ର ପାଇବାର ରକ୍ଷସୀ ତୃଷା !

"ଦୂରନ୍ତ ଭୁଲ ତଳର ଏଇ ଜମାଟ ବନ୍ଧା ମେଘ ଅଶା ଗୁଡ଼ାକୁ ତରଳେଇ ଦେବାର ଚେଷ୍ଟାହିଁ ମଣିଷକୁ କଲମ ଧରାଏ । ସେ ଜାଣେ ତା'ର ପାଇଁ—"ହଜେ ଯା' ତା'ର ହେଇ ପାରଥାନ୍ତା...ଅନେକ କଟ; କିନ୍ତୁ କଛ ହେଇ ପାରିଲା ନାହିଁ—ବା ପାରିବ ନାହିଁ !" ଯାହା ସେ ପାଇଚି—ସେ ତା'ର—ତଥାପି ସେ ନ ପାଇବାର କନସ

Digitized by srujanika@gmail.com

ଲାଗି ଥାଏ; ପାଇବାର କାମନା ତ ଥାଏରେ—ଏଇ ଅବହେଳା ଲାଗି ତା'ର ଦୁଃଖିତ ହେବାର କଥା ନାହିଁ—କାରଣ ଏଇ ଅବହେଳାର ଭିତର ଦେଇ ସେ ତା'ର ପ୍ରିୟର ସାଥୀ ନୂତନ ସଙ୍ଗ ଲାଭ କଲେ—ତା'ର ପ୍ରିୟର ପ୍ରତ୍ୟେକ ନୂତନ ମଧ୍ୟରେ ସେ ଜୀବନ୍ତ ହୋଇ ରହେ।"

"ଲେକ୍ଚର ଶୁଣିବାକୁ ମୁଁ ଆସିନାହିଁ!" ବାସନ୍ତୀ କଡ଼ା ଉତ୍ତର ଦେଇ ଉଠିବାକୁ ଚାହିଁଲା।

ବାସନ୍ତୀର ହାତକୁ ଜୋରରେ ଧରି ବସେଇ ଦେଇ ମୁଁ କହିଲି, "ଶୁଣ, ବାସ। ଲେକ୍ଚର ମୁଁ ଦେଉନାହିଁ—ତମେ ବସତ। ଶୁଣ, ସେଦିନ ଲକ୍ଷ୍ମଣ ବାବୁଙ୍କର କି ଚମତ୍କାର ଲେଖା—ମନେ ପଡ଼ୁନାହିଁ, ସେଇ 'ନବ ଭାରତ'ରେ ତମକୁ ପଢ଼ି ମୁଁ ଶୁଣେଇ ଦେଇଥିଲି— "ମଣିଷ ମନର (Sex tendency) ବା ଯୌନ ଇଚ୍ଛାକୁ ଦେହ ଦେଇ ତୃପ୍ତ କରେ ନିଜର ପ୍ରତିମୂର୍ତ୍ତି ଗଢ଼ିବାକୁ—କିନ୍ତୁ ଏଇ Sex instinct କୁ sublimate କରି ଯୌନାଶାର ମାନସିକ ସମ୍ଭୋଗରେ ସେ art ବା କଳାର ସୃଷ୍ଟି କରେ।" ଏଇଥିରୁ ହେଲା ଲେଖକ ବା କବିର ସୃଷ୍ଟି…ଏଥିରେ ବରଂ ସମାଜର ଲାଭ। ମଣିଷ ମନର ଚିରନ୍ତନ ଆଶା ଆକାଂକ୍ଷା—ଅତୃପ୍ତ ବେଦନା ସବୁ ସେଇଥିରେ ରୂପ ପାଆନ୍ତି—ନିର୍ଜୀବ କଳ୍ପନା ଭିତରୁ ତା'ର ଅରୂପର ମାନସୀ ମୂର୍ତ୍ତି ସୃଷ୍ଟି ହୁଏ—ଯୁଗ ଯୁଗାନ୍ତର ଗୋପନ ବାର୍ତ୍ତାବହ ରୂପେ—ମଣିଷ ମନର ଲକ୍ଷ ବେଦନାକୁ ତୃପ୍ତ କରିବାର ଉତ୍ସ ଭଳି ରୂପେ।"

ବାସନ୍ତୀ ଯେଉଁ ବ୍ୟକ୍ତିଗତ ଅନୁଭୂତି ନେଇ ଯୁକ୍ତି ଆରମ୍ଭ କରିଥିଲା—ତା'ର ସୁର ବଦଳେଇବାକୁ ଯାଇ କହିଲି—"କିନ୍ତୁ ତା' ବୋଲି—ମଣିଷର ସହଜ ଅନୁଭୂତି—ବାସ୍ତବ ଜୀବନର ଦଙ୍ଗା ହାଙ୍ଗାମା—ଜୀବନ ଅତି କଡ଼ା ନିଷ୍ଠୁର ସତ୍ୟକୁ ଏଡ଼ି କଳ୍ପନାର ରଙ୍ଗିନ୍ ପରଦା ତଳେ ଲୁଚିବା ବା' ମଜୁଦୁରର ଅର୍ଥ ନେବାର ତଳେ ନନ୍ଦନର ମଧୁ ଗୁଞ୍ଜ ଶୁଣିବାଟାକୁ ମୁଁ ମନ୍ଦଯୋଗ୍ୟ ବୋଲି ମନେ କରେ ନାହିଁ।"

ଯେଉଁ ବ୍ୟକ୍ତିଗତ ଆକ୍ଷେପ କରି ବାସନ୍ତୀ ଏତକ କହିଲା—"ମୁଁ ବୁଝିଲି। ନୂଆ ଧରଣର ଗଳ୍ପ, କବିତା—ଯାହାକୁ କି ଅତି ଆଧୁନିକତାର ଶସ୍ତା ନାଁ ଦିଅ ଫେସନରେ—ଆମ ଦେଶର ସ୍କୁଲରେ ଯେ କେହି ଲେଖି ଦେଉଛନ୍ତି—ଆଉ ତାଙ୍କରି ବଡ଼ ବଡ଼ କଥା ଅନେକେ କହି ଛାଡ଼ୁଛନ୍ତି—ତା'ର ସପକ୍ଷ ନେଇ ଓ ମୋର ଗଳ୍ପ କବିତାର ଅତିରିକ୍ତ ରୋମାଣ୍ଟିସିଜମ୍‌କୁ ଆକ୍ଷେପ କରି ଏତକ କହିଲା ସେ।

ଟେବୁଲ କୋଣରୁ କଲମଟା ଆଣି କାଗଜଟା ଉପରେ ଟାଣୁ ଟାଣୁ କହିଲି—"ଶୁଣ ବାସ, ମଣିଷ ଜୀବନର ଏ ଅତି କଡ଼ା ବାସ୍ତବତା ଓ ନିଷ୍ଠୁର ସତ କଥାଟାକୁ ମୁଁ ଉପେକ୍ଷା କରିବାକୁ କେବେ କହୁନାହିଁ—ଏବେ ବି କହୁନାହିଁ। କିନ୍ତୁ ମଣିଷର—ଅର୍ଥାତ୍ ସେଇ ମଜୁଦୁର—ଶ୍ରମିକ—ବନ୍ଦୀର ଗହ୍ୱର ଅବଚେତନ ତଳେ ଯେ ଗୋଟାଏ ସୁପ୍ତ କରୁଣ ଭାବ ଅଛି—ଏଇଟା ଭୁଲି ଯାଉଛ ତମେ! ମଣିଷର ଜୀବନର କେବଳ ଗୋଟାଏ ଅଧ୍ୟାୟ ଦେଖି ତମେ ଅସ୍ଥିର ହୋଇ ଉଠୁଛ—ପାଠ କରି ଉଠୁଛ। କିନ୍ତୁ ସେଇ ପରିଚ୍ଛିନ୍ନ ବନ୍ଦୀ—ସେଇ ଘର୍ମାକ୍ତ ଶ୍ରମିକ—ମଜଦୁର ଯେ କାମରୁ ଟିକିଏ ଅବସର ପାଇଲେ ବିଡ଼ିଟାଏ ବା ସିଗାରେଟଟାଏ ମୁହଁରେ ଧରି ସେଇ ହାଲିଆ ଧୂମ୍ର କୁଣ୍ଡଳୀର କୁଞ୍ଚିତ ଛନ୍ଦ ପ୍ରତି ଦୃଷ୍ଟିପାତ କରିବାର ସମୟ ପାଇଲେ—ସେ କଅଣ ଭାବେନା—ସେ କାମକୁ ଆସିଲାବେଳେ ତା ଘରକୁ ଆସିବା ପୂର୍ବରୁ ଯେଉଁ ନିସ୍ତବ୍ଧା ଲଜ୍ଜାବତୀ ନବବଧୂଟି ତାର କଅଁଳ କଅଁଳ ରଙ୍ଗ ଓଠ ଦୁଇଟି ଥରେଇ ଥରେଇ କମ୍ପିତ ଅଶ୍ରୁସିକ୍ତ ମୁହଁରେ ଅନେଇ ରହିଥିଲା—ଯେଉଁ ସୁପ୍ତ ଭାବାମ୍ବୁଧିର ଗୋପନ ଭାଷା ଦେଇ? ଦୁଃଖୀର କଠୋର ଜଳନ୍ତବେଳେ ହିଁ ମୁଠେ ପାଇଲେ… ଅତି ବଡ଼ ହୀନ ବର୍ଷର ଛୋଟା—ସେ କ'ଣ ଭାବେନି ତା'ର ସାଥୀ… ସେ ଯେଉଁ ଅପରିଚିତା ଝିଅଟିଏ ନୂଆ କିଅଟି ତା'ର ପାଦ ତଳେ ମୂଳେ ପଡ଼ିଛି ତାକୁ ମୁହଁରେ ସେଥିରୁ କିଛି ଭାବ ଦେବାକୁ।"

ବାସନ୍ତୀ ନିଜର ଯୁକ୍ତିର ପରାଜୟରେ ଟିକିଏ ଦବି ଯାଇ କହିଲା, "ହଁ, ସେ କଥା ମୁଁ ମାନୁଛି—'ରାଉତରାୟ'ଙ୍କ କବିତାକୁ ତମେ ଆକ୍ଷେପ କରୁଛ, କିନ୍ତୁ 'ରାଜ ରାୟ'ଙ୍କ ଗଳ୍ପ ବିଷୟରେ ତମର ମତ କଅଣ? ତାଙ୍କ ନିର୍ମାଲ୍ୟ, ନଖିପଦ୍ମ ପଢ଼ିଛ ତ? ତାଙ୍କ ଦୋଷ କହ?" ବାସ କହୁ କହୁ ପାଖରେ ପଡ଼ିଥିବା ନବମ ସଂଖ୍ୟା ଝଙ୍କାରଟା ଧରି ଓଲଟେଇବାକୁ ଲାଗିଲା।

ଲଣ୍ଠନଟାର ମ୍ଳାନ ବର୍ତ୍ତିଟାକୁ ଆଉ ଟିକିଏ ଉସକେଇ ମୋଡ଼ ଦେଇ ଦେଇ କହିଲି, "ଶୁଣ, ରାଉତରାୟ ବା ରାଜ୍‌ବାବୁ କାହାରିକୁ ମୁଁ କେବେ ଦୋଷ ଦେଉନାହିଁ। ବ୍ୟକ୍ତିଗତ ଭାବରେ ସେମାନଙ୍କ ପ୍ରତି ମୋ'ର ଗଭୀର ସମ୍ମାନ ଅଛି। କିନ୍ତୁ ରାଉତରାୟ ଯେଉଁଦିନୁ 'ପଞ୍ଚାଶ' 'ଶ୍ରୀମିମା' ସହ 'ଅଭିଯାନ' ଧରିଛନ୍ତି—ମାନସିଂ ଯେଉଁଦିନୁ 'ଧୂପ' ସହ 'ଜଳଜ ଭିତର ବିଳାପ' ଗାଇଛନ୍ତି—ରାୟ ଯେଉଁଦିନୁ 'ହିନ୍ଦବାଟି' ବା 'ଦଶହରା ଭେଟି'ର ସହଜ ସ୍ୱାଭାବିକ ସାବଲୀଳ ଭଙ୍ଗୀ ଛାଡ଼ି ନିର୍ମାଲ୍ୟ ଓ ନଖିପଦର ମାଧୁରୀ ଭୁଲିଛନ୍ତି—ସେଇଦିନୁ…ସେମାନେ କଳାର ଆତ୍ମହତ୍ୟା କରିଛନ୍ତି। ଅବଶ୍ୟ ରାୟଙ୍କ ଲେଖାର କଳା ବର୍ତ୍ତମାନ ବି ମତେ ଆନନ୍ଦ ଦିଏ—ରାଉତରାୟଙ୍କ ଲେଖାରେ ବି ପ୍ରଚ୍ଛନ୍ନ କଳାର ସ୍ୱାଦ ଅଛି…କିନ୍ତୁ ମାନସିଂ ରାଉତରାୟଙ୍କର ବ୍ୟର୍ଥ ଅନୁକରଣ କରି କଳାର, ସାହିତ୍ୟର ଅମର୍ଯ୍ୟାଦା କଲେ କାହିଁକି? ତାଙ୍କର ସେ 'ଜଳଜ ଭିତର ବିଳାପ'ରେ ନାଁ ଅଛି ଭାବ—ନାଁ ଅଛି ଭାଷା। କହିଲ, 'ଧୂପ' ଯେଉଁ ମୁଣ୍ଡରୁ ବାହାରିଥିଲା ସେଇ ମୁଣ୍ଡରୁ ଏଇ କବିତା ବାହାରିଲେ କଳା ଜଗତରେ କେତେ ବଡ଼ ନୈରାଶ୍ୟ ମୂର୍ଚ୍ଛେଇବାକୁ ପଡ଼େ? ନିଜର ବ୍ୟକ୍ତିତ୍ୱକୁ ଜାଣି ଜାଣି ବଳି ଦେବା ନୁହେଁ କି?"

କଲମଟାକୁ ଠକ୍ କରି ଟେବୁଲ ଉପରେ ପକେଇ ଦେଲି। ବାସନ୍ତୀ ସେଇଟାକୁ ଗୋଟେଇ ନେଇ ନିଜର କେଶ ମଧ୍ୟରେ ସଞ୍ଚାଳନ କରୁ କରୁ କହିଲା—"କିନ୍ତୁ ରାଜୁ ବାବୁଙ୍କ ଗଳ୍ପଗୁଡ଼ିକ ମତେ ବେଶ୍ ଲାଗେ। ସୁନ୍ଦର ଭାଷା—ସାବଲୀଳ କଳ୍ପନା—ଅଥଚ ବାସ୍ତବ! ତାଙ୍କର 'ତେଲ ଲୁଣର ସଂସାର'ଟି ମତେ ଖୁବ୍ ଲାଗେ…ପ୍ରାଣ ଭିତରର ପ୍ରତ୍ୟେକ ତନ୍ତ୍ରୀରେ ସୁର ଆଘାତ କରିବାର କ୍ଷମତା ତାଙ୍କର ଅଛି।…ନୁହେଁ?" ବାସନ୍ତୀ ତୃପ୍ତିର ଭାବ ନେଇ ତଳକୁ ଅନେଇ କ'ଣ ଗୋଟେ ଛବି ଆଙ୍କୁ ଆଙ୍କୁ କହିଲା।

Digitized by srujanika@gmail.com

କଥାରୁ ମୁଁ ଥିଲା ଏକାବେଳକେ ବେକାର ଯାଇ ମନକୁ ମନ ଲଜ୍ଜା ବାଟ ଧରିବ ଦେଖି ମୁଗ୍ଧୀ ହେଲି । ଏଣେ ବାସନ୍ତୀର ରଞ୍ଜୁବାବୁଙ୍କ ପ୍ରତି ପକ୍ଷପାତିତା ଦେଖି ଗୋଟାଏ ଈର୍ଷାଜନିତ ଆମୋଦ ଅନୁଭବ କରିବାର ସୁଯୋଗ ଓ ବଳର ଏଣୁ ନ ପାଇ କହିଲି —

“...ବେଶତ ! ମତେ ତ ଖୁବ୍ ଭଲ ଲାଗେ ।”

ମୋ’ର କଥାଶୁଣି ନିଜ କଥାର ସମର୍ଥନ ପାଇବାର ତୃପ୍ତିରେ ବାସନ୍ତୀ ଆଉ ଟିକିଏ ଖୁସି ହୋଇ କହିଲା... “ସତରେ ତାଙ୍କର ଗଳ୍ପ ଗୁଡ଼ିକ ବେଶ ଆମୋଦ ଦିଏ; ତୁମର ଭଲ ଲାଗୁନାହିଁ ନା...ଏଇ ନଷ୍ଟଚାନ୍ଦ ଭଳି ଲାଗେନା ।...ଅଚ୍ଛା ଏଥର ସୁନ୍ଦର ଦେଖିବା... ସେଥର ‘ସଖା’ରେ ଯୋଉ ଗଳ୍ପ ଦିଆ ହେବ...ସେଥିରେ କଣ ନ କହିବ !...ଏଁ ତ...” ବାସନ୍ତୀ ହସି ହସି ଗଡ଼ିଗଲା !

ଉପେକ୍ଷା କରି କହିଲି—“ବେଶ୍ ତ, ତା ଭିତରେ ତୁମର କାରୁ-କାର୍ଯ୍ୟତ ଅଳ୍ପ ପ୍ରକାଶ କରିବ...ଈର୍ଷା କରିବାର କିଛି କାରଣ ତ ଦେଖୁନି !

ଅନ୍ତପ୍ରସାଦର ତୃପ୍ତିରେ ବାସନ୍ତୀର ମୁହଁରେ ଗୋଲାପ ଫୁଟିଉଠିଲା । କାନ ପାଖରେ ହ’ଟା ଥିବା ତାଲକୁ କଳମ ମୁଣ୍ଡରେ ଟେକି ଦେଇ ଦେଇ ଟେବୁଲ ଉପରର ଫୁଲଦାନୀର ଗୋଟାଏ ଫୁଲକୁ ନିଜର ରଙ୍ଗ ଓଠ ହ’ଟି ବଢ଼େଇ ଚୁମ ଦେଉଥିଲା ସେ । ସେ ହସିଲା...; ତୃପ୍ତ ମଧୁର ହାସ୍ୟ ।

ଦୁଷ୍ଟାମିର ସୁରରେ କହିଲି—“ଅଚ୍ଛା ବାସ...ରଞ୍ଜୁବାବୁଙ୍କ ଗଳ୍ପ ତମକୁ ବହୁ ଆନନ୍ଦ ଦିଏ ..କହିଲ ନା ?”

ଫୁଲଦାନୀର ଗୋଲାପ ଫୁଲଟା ଆଖି ଓଠ ଉପରେ ବୁଲାଇ ବୁଲାଇ ଧୀରେ ହସି ସେ କହିଲା—“ହଁ, ଈର୍ଷା ହେଉଛି କି ?” ତା’ର ଆଖି ନାଚିଲା...

କଥାଟା ବାସକୁ ଅଚିହ୍ନା ଦେଖି ଚୁପ୍ ହେଲି । ଫୁଲଦାନୀ ଉପରୁ ଆଉ ଗୋଟାଏ ଗୋଲାପ ଆଣି ବାସର ବେଣୀରେ ଗୁଞ୍ଜି ଦେଇ ଦେଇ କହିଲି—“ତା’ର କାରଣ ମୁଁ କହିବି ?” ମୋର କଣ୍ଠ ହସ ହସ ।

ଅଳସ ଦେହ ଲତାକୁ ମୋର ବୁକୁ ଉପରେ ଆଉଜେଇ ଧୀରେ ହସି ମୃଦୁ କଣ୍ଠରେ ବାସ ଗୋଲାପଟାକୁ ନାକ ପାଖରେ ରଖି ଶୁଙ୍ଘି ଶୁଙ୍ଘି କହିଲା—“କହ !”

ବାସର କୃଷ୍ଣ ବେଣୀ ମୋର ଛାତି ଠାରୁ କୋଳ ପର୍ଯ୍ୟନ୍ତ ଝୁଲି ପଡ଼ିଥିଲା । ଧୀରେ ଭାବରେ ତାର ବୁକୁ ଉପରେ ହାତଟିଏ ରଖି ଆଉ ଗୋଟିଏ ହାତରେ ତାର ଓଠକୁ ଧରି କହିଲି—“ଆଚ୍ଛା, ସେ ଦିନ ସଖାରେ ‘ପ୍ରେମଲତା’ଙ୍କ ‘କବିତା କେବେ ତୁମେ ସେହି ମୋ’ ଗଉରବ’ କବିତାକୁ ମୁଁ ଦେଖି ଏଇ ଭଳି ଲାଗୁଥିବା କଥା କହିବାରେ ତମେ କଣ କହିଥିଲ ମନେଅଛି ?”

ହସି ହସି ବାସନ୍ତୀ ସେଇ ଫୁଲଟାକୁ ମୋ ମୁହଁରେ ମାଡ଼ିଦେଇ କହିଲା—“ଆଉ ତମେ ସେଇକଥା ମତେ କହିବ ନା । କଅଣ ?”

ବାସର ଗଣ୍ଡ ଦେଶରେ ଅଙ୍ଗୁଳି ଚାଳନ କରୁ କରୁ କହିଲି—

“ଜ ସ୍ତ୍ରୀ ଯଦି ସ୍ୱାମୀଙ୍କ ଅନ୍ୟ ସ୍ତ୍ରୀ ସମ୍ବନ୍ଧରେ କଥା କହିଲେ ପ୍ରଣୟ ଭାଙ୍ଗିବ ବୋଲି ସନ୍ଦେହ କରେ ତେବେ ସ୍ୱାମୀ କାହିଁକି...”

କଥା କହୁ କହୁ ନ ଦେଇ ମୋର ହାତକୁ ଠେଲିଦେଇ ଉଠି ପଡ଼ିଲା ବାସନ୍ତୀ । ଦେଖିଲି ତାର ମୁହଁ ନାଲି ପଡ଼ି ଯାଇଛି । ସରୁ ଓଠଟା ଫୁଲି ଫୁଲି ଉଠୁଛି, କମ୍ପିତ ଓଠ ଦୁଇଟି ଥରି ଉଠୁଛି ।

ଅଭିମାନ କଣ୍ଠରେ ବାସନ୍ତୀ ମୁହଁ ଥମ୍ ଥମ କରି କହିଲା, ‘ କ ଦେଖି ଦିନ ଥଟ୍ଟାରେ କ’ଣ କେବେ ପଦେ କହିଥିଲି ଯେ ସେଇଥିଲାଗି ଦେଖେଇ ଦେଖେଇ ଏ ଅପମାନ ଦିଅ ହେଉଛି ।’ ସେ ଉଠି ଠିଆ ହେଲା ।...

ତାର ହାତଟିକୁ ଧରି ପକାଇ ଅନୁନୟ କଣ୍ଠରେ ଡାକିଲି —“ବାସ !”

ବାସ ହାତ ଛଡ଼ାଇ ନେଲା...ଚାହିଁ ଦେଖିଲି ବାସର ଆଖିରେ ଲୁହ ଛଳ ଛଳ କରୁଛି !!! ... ... ...

ପଦାରେ ରହସ୍ୟମୟ ଚନ୍ଦ୍ରର ଶୁଭ୍ର ହାସ୍ୟ । ଝରକା ଭିତରେ ଦେଇ ଜହ୍ନ ଆଲୁଅ ସିଧା ଆସି ପଡ଼ୁଛି ପଲଙ୍କ ଉପରେ । ଦୂରରୁ ଶୀତଳ ପବନ ଆସୁଛି ।

ଏକାନ୍ତ ଘଣ୍ଟାରେ ଟିକ୍ ଟିକ୍ ଶବ୍ଦ ଲାଗିଛି ! ଛାତି ଫାଟି ହେବାକୁ ଲାଗିଲା ।

ଦୂର ଆକାଶରେ ଛିନ୍ନ ମେଘ ପୁଞ୍ଜି ଜମାଟ ବାନ୍ଧୁଛି ବଜ୍ର ଡାକିଲା ଗୁରୁଗୁରୁ । ଉଠିଲି !!!

ଥର୍ମୋମିଟର ଉପରୁ ଛାତି ଉପରେ ପକେଇ ଦେଲି ତା ବାସନ୍ତୀର ତନ୍ଦ୍ରାକୁ ଶୂନ୍ୟ ଶୂନ୍ୟ ଟେକି ଆଣିଲି । ପଲଙ୍କ ଉପରେ ଧୀରେ ଶୋଇ ଦେଇ ତା’ର କଡ଼କୁ ଆଉଜେଇ ପଡ଼ିଲି । ବାସର ତନ୍ଦ୍ରା ଭାଙ୍ଗି ଥିଲା । କୃତ୍ରିମ କୋପର ସ୍ୱରରେ ମୋ ପାଖରୁ ଘୁଞ୍ଚିଯାଇ କହିଲା— “ଇଏ କଅଣ !”

କମ୍ପିତ କଣ୍ଠ···“ବାସ ।”

ବାସ ଦେହ ହାତ ସଳଖେଇ ଅଳସ ଭାଙ୍ଗିଲା ।

“ମୋ ଉପରେ ରାଗିଲ ?” ବ୍ୟଥା ଓ ମିନତିରେ ମୋର କଣ୍ଠ ଭରା ।···

କିଛି ନ କହି ସେଇମିତି ଅନ୍ୟ ପାଖକୁ ଆଉଜେଇ ଶୋଇ ବସନ୍ତୀ ମୋ’ର ଛାତି ଉପରେ ତାର କମ୍ର ହାତଟି ଥୋଇଲା ।···ଠେଲିଦେଲି !

ବାସନ୍ତୀ ଦୁଷ୍ଟାମି କରି ପୁଣି ଖୁବ୍ ଜୋରରେ ମତେ କୁଣ୍ଢେଇ ଧରିଲା···ତା’ର ହାସ୍ୟ ପ୍ରଚ୍ଛନ୍ନ ।...

“ଛାଡ଼...” ହାତ ଠେଲି ଦେବାର ବ୍ୟର୍ଥ ଚେଷ୍ଟା କରୁ କରୁ ମୁଁ କହିଲି ।—

ହାତ ନ ଛାଡ଼ି ମୋ’ କଡ଼କୁ ଆଉଜେଇ ଶୋଇ ମୋର କୋଳ ଉପରେ ତାର କମ୍ପିତ ହାତଟିଏ ରଖି କମ୍ପିତ ସ୍ୱରରେ ବାସ କହିଲା—“ମାନ ଟିକିଏ ଭାଙ୍ଗ ।”

କୃତ୍ରିମ କୋପ ରଖି ନପାରି ହସିଦେଲି ।

ବାସନ୍ତୀ ରାଗିଯାଇ ପଚାରିଲା...“ହସିଲ କାହିଁକି ? ଅଭଦ୍ର !”

ଦେହର ସମସ୍ତ ବଳ ସଞ୍ଚୟ କରି ବାସନ୍ତୀକୁ ଛାତି ଉପରକୁ ଟେକିଆଣି କୋଳ ଓ କାନ୍ଧ ଦେଇ କାନ୍ଧ ଉପୁଡ଼ୁ ଥରି ଥରି କଣ୍ଠରେ ତାର କାନ ପାଖରେ ଓଠ ଲଗେଇ କହିଲି —“ରଞ୍ଜୁ ବାବୁ !”

ବାସନ୍ତୀ ଜୋରରେ ମୋର ନାକଟାକୁ କାମୁଡ଼ି ଧରିଲା ।

—କାହାଣୀର ଚରମ ଝଡ଼ର ସୂଚନା !!!

——*——

Digitized by srujanika@gmail.com



# କଲେଜ ଫେରନ୍ତା ଯୁବକର ବିଳାପ

ଲେଖକ:—ଶ୍ରୀ ରମାକାନ୍ତ ପଟ୍ଟନାୟକ

( ରାଗ—ନଳିନୀଗୌଡ଼ା )

( ୧ )

କଲେଜ ଯୁବକ ମୁହିଁ ଡାକେ ସରକାର,
କଏ କାହିଁ ଅଛ ନାଅ ଏ ଦାନର ଭାର ଗୋ
ଦିଅ ଟଙ୍କା ଗୋ,
କରିମି ଡାମରେ ନାହିଁ ଶଙ୍କା ଗୋ ।

( ୨ )

ଗୁରୁବର୍ଷେ ପାଣି ପରି କେଣେ ଗଲା ବୋହି,
ଫିଲଫି ପଢି ପଢ଼ି ମୁଣ୍ଡ ଗଲା ଧୋଇ ;
ଦେଲା ଦଗା ଗୋ,
କଏ ଜାଣିଥିଲା ଭିକ ମଗା ଗୋ ।

( ୩ )

ଅହେ ବାଇରନ ଶେଲି ଗଲ ଦେଉଁ ପୁରେ,
ଅକୁଳେ ଅଜ ମୁଁ ବସି ଅନ୍ତଃପୁରେ ଝୁରେଁ,
ଉପଦେଶ ଗୋ,
ନ କରେ ମୋ ଶିରେ ପରବେଶ ଗୋ ।

( ୪ )

ଡ଼ାନାମିକ୍ସ ଭାଲ୍ଭଲ୍ପ ଶୁଣ ଅଜ ଥରେ,
ଏତେ ସାଧନାର ପରେ ପେଟ କପାଁ ଜଳେ ?
କିବା କହ ଗୋ,
ଲକ୍ଷ୍ମୀଙ୍କର ନାହିଁ ଅନୁଗ୍ରହ ଗୋ ।

( ୫ )

କାହିଁ ଗଲ ଫ୍ୟାନ ତଳ ଟେବୁଲ ଚେୟାର;
ଇଲେକ୍‌ଟ୍ରିକ୍ ଅଲୋକିତ କଲେଜେ ବିହାର ଗୋ
ଘନ ଘୋଷ ଗୋ,
ମୁଖେ ଦିଅ ସିଗାରେଟ ଶେଷ ଗୋ ।

( ୬ )

ଶାର୍ଟ ପ୍ୟାଣ୍ଟ ନେକ୍‌ଟାଇ ଚକ୍ରିମ ଗୃହିଣୀ,
କଲେଜ ଯୁବତୀ ମୁଖେ ଅଧହାସ ଠାଣି;
ପୂର୍ବରାଗ ଗୋ,
ପ୍ରଣୟର ଯେତେ ଅନୁଭବ ଗୋ ।

( ୭ )

ଡିବେଟିଙ୍ଗ୍ କ୍ଲବେ କଲା ଯୁବକ ପରାଣ,
ଅତ୍ୟାଚାର ବିରୁଦ୍ଧରେ ଭୀମ ଅଭିଯାନ;
କେତେ କଥା ଗୋ,
ଏବେ ମୁଖେ ରାଜେ ନୀରବତା ଗୋ ।

( ୮ )

ସେଦିନ ଅଜ କି ଯେନ କଲେଜ ଯୁବକ,
ଗୃହ କୋଣେ ଭୁଜ ଚର୍ମ ଲାଗାକେ ଲୋଚକ;
ମୁଣ୍ଡ ଘୁରେ ଗୋ,
କଳ୍ପନାରେ କେବେ ପେଟ ପୂରେ ଗୋ ।

( ୯ )

ତାହାକୁ କହିବି ମୁହିଁ ଲାଜେ ମୁଖ ନତ,
ମାଗିବାକୁ କଷ୍ଟ କାରେ ନ ବଳଇ ସତ;
ଦୁଃଖ ନେଇ ଗୋ,
ମରିବି ନପାରେ ରସି ଦେଇ ଗୋ ।

Digitized by srujanika@gmail.com

# କଳି ମହାଭାରତ

## ୨ୟ ପର୍ବ

### ( ୨ୟ ମହାସମର ବୃତ୍ତାନ୍ତ )

ଲେଖକ—ଶ୍ୱେତଦ୍ୱୈପାୟନ ବ୍ୟାସ

(ପୂର୍ବ ପ୍ରକାଶିତ ଅଂଶରୁ)

ଉତ୍ତରରେ ମେରୁ ଦେଶ ନରୱେ ପର୍ଯ୍ୟନ୍ତ,
ଦକ୍ଷିଣେ ଭୂମଧ୍ୟ ସାଗର ଅଧିପତ୍ୟ ।
ପଶ୍ଚିମେ ଆଟଲାଣ୍ଟିକ ପୂର୍ବେ କୃଷ୍ଣ ସିନ୍ଧୁ,
ଏ ସର୍ବ ରାଜ୍ୟର ଜରମାନ ମଧ୍ୟ ବନ୍ଧୁ ।
ଜରମାନ ଏ ରାଜ୍ୟରେ ହେଲେ ସର୍ବେସର୍ବା,
ଆନ ଜାତିମାନେ ଯେତେ ହୋଇଲେ ଅଥର୍ବ ।
ଏମନ୍ତେ ଦିନ କେତେକ ଗଲା ବେଗେ ଚାଲି,
ତେତେଣେ ବେଳ ହର୍ଣ୍ଣି ଗର୍ଜି ଉଠିଲା ଇଟାଲି ।
ଉଣାଇଶ ଚାଳିଶ ଯେ ଚାର ସିତମ୍ବର,
ଇଟାଲି ଯାନ ଉଡ଼ିଲା ମିଶର ଅମ୍ବର ।
ହିଟଲର ପର କଲେ ଦେଖାଇଣ ଦମ୍ଭ,
ମୁସୋଲିନୀ ମିସରରେ ଚଢ଼ାଉ ଆରମ୍ଭ ।
ମିସର ସୀମାନ୍ତ ଟପି ସୋଲୁମ ସେ ନେଲେ,
ପୁଣି ତାହାଙ୍କୁ ବ୍ରିଟିଶ ଘଉଡ଼ାଇ ଦେଲେ ।
ଏହା ପରେ ବ୍ରିଟିଶ ବାହିନୀ ସୈନ୍ୟ ବୀରେ,
ଶତ୍ରୁ ଅଧିକୃତ ରାଜ୍ୟ ନେଲେ ଧୀରେ ଧୀରେ
କାପୁଜୋ ଯେ ବାର୍ଡିଆ, ତୋବ୍ରୁକ ଦେର୍ନା ଆଦ
ସିରେନାଇକା ବେଙ୍ଗାଜ ମାଡିଗଲେ ଖେଦ ।
ତାହା ଦେଖି ଜର୍ମାନୀ ଇଟାଲି ହେଲେ ଏକ,
ତହୁଁ ମିଳିମିଶି ଆରମ୍ଭିଲେ ମହାଯୁଦ୍ଧ ।
ଇଟାଲି ବାହିନୀ ସେନାପତି ଗ୍ରାସିଆନି,
ଲଢ଼ି ଲଢ଼ି ପ୍ରାଣକୁ ସେ ଛଡ଼ାଇଲେ ପାଣି ।
ନିଃଶେଷ ରଣ ଆଗେ ନ ରହିଲା ପଣ,
ତାର ଫେରସ୍ତ ଦିନ କଲେ ପଳାୟନ ।
ତେଣେ ପୂର୍ବ ଆଫ୍ରିକାରେ ଇଟାଲି ସେନାନୀ,
ଆତ୍ମସମର୍ପଣ କଲେ ପରାଜୟ ମାନି ।
ବ୍ରିଟିଶ ବାହିନୀଙ୍କର ହୋଇଲା ଅବାଧ,
ଆବିସିନିଆ ସୋମାଲି ଏରିଟ୍ରିଆ ଆଦ ।
ବ୍ରିଟିଶ ସୋମାଲି ଲଣ୍ଡ ରାଜଧାନୀ ଜେଉର,
ପୁନରଧିକାର କଲେ ନାମ ବାରବେର ।
ସତର ମାର୍ଚ୍ଚ ଯେ ଗଲା ସପ୍ତମ ଏପ୍ରିଲେ,
ଆବିସିନିଆର ରାଜଧାନୀରେ କମ୍ପିଲେ ।
ଏରିଟ୍ରିଆର ସହର ମାସାଓ୍ୱା ନାମ,
ବ୍ରିଟିଶ ବାହିନୀ ତହିଁ ଥାପି ନିଜ ଧାମ ।

ଏମନ୍ତେ ହୋଇଲା ଆସି ପାଞ୍ଚ ଯେ ଜୁଲାଇ,
ଅକ୍ଷଶକ୍ତି ସେ ରାଜ୍ୟରୁ ଗଲେକ ପଳାଇ ।
ନିଃଶେଷ ପାଇଁ ଆଉ ନ ରହିଲା ବାଧା,
ଚର୍ଚ୍ଚିଲ ଘୋଷିଲେ ଜୟ ଶରଧା ଶରଧା ।
ନାମ ଜପ ନାମ ଚିନ୍ତ ନାମ କର ସାର,
ଚର୍ଚ୍ଚିଲ ନାମରେ ଅଛି ମହିମା ଅପାର ।
ଏଥିଅନନ୍ତରେ ଯାହା ଯାହା ସଙ୍ଘଟନ,
ଶୁଣ ସୁଧିଜନେ ଏବେ ଦେଇ ମନ କର୍ଣ୍ଣ ।
ଏହାକୁ ଯେ ମନ କର୍ଣ୍ଣ ଦେଇ ଶୁଣୁଥିବ,
ବ୍ରିଟିଶ ଶମନ ତାକୁ କେବେ ନ ଦଣ୍ଡିବ ।
ଏ ମହାଭାରତ ଯେହ୍ନେ ରଣ ଏକକଥା,
ଘଣ୍ଟ ବୋହାଇ ରଖିବେ ଚିରକାଳ ପିତା ।
ଉଣେଇଶ ଏକଚାଳିଶ ଛଅ ଏପ୍ରିଲେ,
ଜରମାନୀ ଲିବିଆରେ ଯାଇଁ ପ୍ରବେଶିଲେ ।
କ୍ୟାପୁଜୋ ଦୁର୍ଗକୁ କଲେ ପୁନରଧିକାର,
ମିସର ସୀମାନ୍ତେ ସୋଲୁମକୁ ଅଗ୍ରସର ।
ଡିସେମ୍ବର ମାସରେ ଯେ ବ୍ରିଟିଶ ବାହିନୀ,
ଅଭିଯାନ କଲେ ଲିବିଆକୁ ନେବେ ଜିଣି ।
ବୟାଳିଶ ଜାନୁୟାରୀ ମାସ ଯେ ପହିଲା,
ବାର୍ଡିଆ ସହର ଅଧିକୃତ ଯେ ହୋଇଲା ।
ସତର ତାରିଖେ ଅକ୍ଷ ସେନା ସୋଲୁମରେ,
ନିଃଶର୍ତ୍ତଭାବରେ ଆତ୍ମ ସମର୍ପଣ କରେ ।
ପୁଣି ପଶାଖେଳ ହେଲା ଏପାଖ ସେପାଖ,
ମିତ୍ରଶକ୍ତି ହାରିବାକୁ ଲାଗିଲା ବେବାକ ।
ଅକ୍ଷଶକ୍ତି ଜୁନ ମାସ କୋଡ଼ିଏ ତାରିଖେ,
ମାଡି ଯାଇ ଛଡ଼ାଇ ସେ ନେଲେ ତୋବ୍ରୁକେ
ମିଶର ସୀମାନ୍ତେ ଯାଇ ଦେଲେ ବେଗେ ଧାଡ଼,
ବ୍ରିଟିଶ ପଳାଇଗଲେ ସୋଲୁମକୁ ଛାଡ଼ ।
ଅଗଷ୍ଟ ମାସର ଶେଷଭାଗ ହେଲା ଆସି,
ପୁଣି ଯେ ଲାଗିଲା ଯୁଦ୍ଧ ମହା ସର୍ବନାଶୀ ।
ଅଷ୍ଟମ ବାହିନୀ ବ୍ରିଟିଶର ଯେ ପ୍ରବଳ,
ପୁଣି ଆରମ୍ଭିଲେ ନବ ଯୁଦ୍ଧ କଉଶଳ ।
ସିଦ୍ଧିବାରାନି ଯେ ହାଲଫାୟା ବାର୍ଡିଆ,
ମିଳିତ ଶକତି କଲେ ହେଲେ ସବୁ ଜୟ ।
ତେଣେ ନଭେମ୍ବର ମାସ ହେଲା ଆସି ଆଠ,

ମାର୍କିନ ବାହିନୀ ଆଫ୍ରିକାକୁ କଲେ ବାଟ ।
ଫରାସି ଉତ୍ତର ଆଫ୍ରିକାରେ ଅବତରି,
ଆଲଜିଅର୍ସ ମରକୋ ଜିଣିଲେ ଯୁଦ୍ଧ କରି ।
ଏଣେ ପୁଣି ଡିସେମ୍ବର ମାସ ଆସି ଶେଷ,
ତ୍ରିପୋଲି ଯେ ଜାନୁୟାରେ ବ୍ରିଟିଶ ପ୍ରବେଶ ।
ଜର୍ମାନର ସେନାପତି ଫାସିଷ୍ଟ ରୋମେଲ,
ଆଫ୍ରିକାରେ ତାହାର ଯେ ପୂରିଗଲା ବେଳ ।
ଆହା ପୁଣ୍ୟଆତ୍ମା ଆମ ବ୍ରିଟିଶ ଧରଣୀ,
ତାଙ୍କ ପାଇଁ ଭାରତରେ ଲାଗିଲା ଶିରଣୀ ।
ଜୟ ଲକ୍ଷ୍ମୀ ଏବେ ଛାଡ଼ିଗଲେ ଅକ୍ଷ ପକ୍ଷ,
ଜିତିଲେ ରଣରେ ଆମ ବ୍ରିଟିଶ ଅଧ୍ୟକ୍ଷ ।
ପାମର ରୋମେଲ ଗଲା ପୃଷ୍ଠେ ଅପସର,
ନିଜ ବାହିନୀ ଚାଲିଲେ ତାଙ୍କ ପୁଚ୍ଛ ଧର ।
ତେୟାଳିଶ ସାଲ ମାସ ହେଲା ଜାନୁଆର
ମିତ୍ରଶକ୍ତି କାସାରିକ ସହରକୁ ପାର ।
ଗିରବର୍ଟ ଅଧିକାର କରିଗଲେ ମାଡ଼,
ମାର୍ଚ୍ଚ ମାସେ ମ୍ୟାରେଥ ବ୍ୟୂହେ ଦେଲେ ଧାଡ଼
ତାହା କରି ଅଧିକାର ଏପ୍ରିଲ ମାସରେ,
ଅଷ୍ଟମ ବାହିନୀ ଏଣୁ ଜୟ ଉଲ୍ଲାସରେ ।
ଯାଇଁ ଯାଇଁ ଭେଟି ଆମେରିକା ସେନା ଆସି,
ମିଶିଗଲେ ଯେସନ୍ତେ ଦୁଇ ବନ୍ଧୁ ବିଶ୍ୱାସୀ ।
ଏକ ଜାତି ଏକ ଧର୍ମ ଏକ ଗୁରୁ ଚେଲା,
ଏକ ଏକାଦଶୀ ବ୍ରତ ପାଳିବାହିଁ ହେଲା ।
ଜଣକ ଖୁଲରେ ଭାରତ ପରଦେଶ,
ଆନରେ ଗୁଇନା ଫିଲିପାଇନସ ଦେଶ ।
ଜଣକର ବାଣିଜ୍ୟ ଯେ ଆନକର ଅର୍ଥ,
ନିସ୍ୱାର୍ଥ ଭାବରେ ଭ୍ରମୁଥାନ୍ତି କାଶୀତୀର୍ଥ ।
ଟିନ ଉଦାଇତ ମଧ୍ୟେ ହୋଇ ଯେସନ୍ତେ ରଣ,
ଦୁଇ ମିଶି ଦୁଷ୍ଟାନ୍ତକୁ କରନ୍ତି ତାଡ଼ନ ।
ଆଠ ମଇ ତାରିଖରେ ଏ ମିଳିତ ଦଳ,
ଟ୍ୟୁନିସ ବିଜେତାକୁ କଲେକ ଦଖଲ ।
ବନ ପଥେ ଅକ୍ଷ ଶକ୍ତି କଲେ ପଳାୟନ,
ଅଣନିଶ୍ୱାସୀ ହୋଇକ ରଖିଲା ଜୀବନ ।
ସେନାପତି ଆରନିମ ହୋଇଲେକ ବନ୍ଦୀ,
ନ ରହିଲେ ତାଙ୍କ କାହିଁ ତହିଁ ଆବନ୍ଧ ।

( କ୍ରମଶଃ )

Digitized by srujanika@gmail.com

ଚିଠାଉ

# ଶ୍ରୀଯୁକ୍ତ ମହତାବଙ୍କ ପତ୍ର

'ଡଗର' ସମ୍ପାଦକ ମହୋଦୟ ସମୀପେଷୁ।
ମହାଶୟ,

ଏଥର ମେଲ୍‌ରୁ ତାହାର ହାତ ଖାଲି ଉଲ୍‌ଟାଇ ହେଉଛି ଲେଖିବା ପାଇଁ। ମୌଳିକ ଲେଖା ପାଇଁ ଫୁରସତ୍ ନାହିଁ? ଭ୍ରମ ସଂଶୋଧନରେ ତ ଚେଲ ଗଲା। 'ଓଡ଼ିଆ ସ୍ୱାର୍ଥବାଦୀ'ଙ୍କର 'ମହାଭାରତୀୟବାଦୀ'ଙ୍କ ବିରୋଧରେ ଲେଖିବାକୁ ଯେତେ ଯେତେ ଭ୍ରମାତ୍ମକ କଥା ସବୁ ପ୍ରଚାରିତ ହୋଇ ଅଛି ତାହାର ସଂଶୋଧନ କରିବାକୁ ଗଲେ ତେବେ କାଳ ଯେ ଲାଗିବ ଠିକ୍ ଜଣା ପଡ଼ୁ ନାହିଁ। 'ଦୈନିକ ଆଶା'ରେ ସେଥିପାଇଁ ମୁଁ କଲମ ଧରିଥିଲି। କିନ୍ତୁ ଦେଖୁଛି, ଆପଣ ମଧ୍ୟ ସେହିପରି ମୋ ଠାରୁ କିଛି 'ସଂଶୋଧନ' ଚାହାନ୍ତି। ଆପଣଙ୍କର ୯ମ ବର୍ଷ ୪ର୍ଥ ସଂଖ୍ୟା ଶ୍ରାବଣ ପ୍ରଥମାର୍ଦ୍ଧ ଡଗରରେ 'ଢଲ୍‌ଅବଗର' ତଳେ କେତେକ ଭ୍ରମାତ୍ମକ କଥା ଲେଖିଛନ୍ତି, ଯାହାର ସଂଶୋଧନ ଆବଶ୍ୟକ। ଆପଣଙ୍କ ମତାମତ ପାଇଁ ବ୍ୟସ୍ତ ନୁହେଁ, ବ୍ୟସ୍ତ ଭ୍ରମ ପାଇଁ।

ପ୍ରଥମ ଭ୍ରମ—କେତେକ ଓଡ଼ିଆ ନେତା ମହାଭାରତୀୟ ଭାବ ନେଇ ହୋଇ ପ୍ରାଦେଶିକତାପୂର୍ଣ୍ଣ ମଧୁବାବୁଙ୍କ ଉତ୍କଳ ସମ୍ମିଳନୀକୁ ଭାଙ୍ଗି ଦେଲେ। ଉତ୍କଳ ସମ୍ମିଳନୀର ଇତିହାସ ଏହି—୧୯୨୦ ସାଲ ଡିସେମ୍ବରରେ ଚକ୍ରଧରପୁରଠାରେ ଯେଉଁ ଉତ୍କଳ ସମ୍ମିଳନୀର ଅଧିବେଶନ ହୋଇଥିଲା ସେଠି ସଭାପତି ଥିଲେ ବିଶ୍ୱନାଥ କର। ସେହି ଅଧିବେଶନରେ ପଣ୍ଡିତ ଗୋପବନ୍ଧୁ ଦାସ ପ୍ରସ୍ତାବ ଆଣିଲେ, ସମ୍ମିଳନୀ ଉଦ୍ଦେଶ୍ୟ କେବଳ ଦେଶ ମିଶ୍ରଣ ପରିବର୍ତ୍ତେ 'ସ୍ୱରାଜ୍ୟ' ହେଉ ବୋଲି। ଅତି ଅଧିକ ସଂଖ୍ୟାରେ ସେ ପ୍ରସ୍ତାବ ଗୃହୀତ ହେଲା ମାତ୍ରକେ ସଭାପତି ବିଶ୍ୱନାଥ କର ସଭା ଆସନ ଛାଡ଼ିଗଲେ। ସେତେବେଳକୁ ପଣ୍ଡିତ ଗୋପବନ୍ଧୁ ପ୍ରମୁଖ ସମ୍ମିଳନୀ ଭକ୍ତମାନେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ନଥାନ୍ତି ବା ସେ ଦଳର ନିଜର କାର୍ଯ୍ୟକ୍ରମ ମୂଷା ଚିନ୍ତା କରି ନଥାନ୍ତି। ତା'ପରେ ମଧୁବାବୁ ହେଲେ ବିହାର ଓଡ଼ିଶାର ମନ୍ତ୍ରୀ। ତେଣିକି ଚାଲିଲା ଅସହଯୋଗର ହାଓ୍ୱା। ଆଉ ଉତ୍କଳ ସମ୍ମିଳନୀ ହେଲା ନାହିଁ। ପୁଣି ୧୯୨୪ରେ ଉତ୍କଳ-ପ୍ରାଦେଶିକ ସମ୍ମିଳନୀ ହେଲା। ୨।୩ ବର୍ଷ ଏ ସମ୍ମିଳନୀ ଚାଲିଲା ପରେ ଭଦ୍ରକରେ ମୁଁ ପ୍ରସ୍ତାବ ଆଣିଥିଲି ଯେ ଏହି ସମ୍ମିଳନୀକୁ ପୁରୁଣା ଉତ୍କଳ ସମ୍ମିଳନୀର ସଂଖ୍ୟାନୁସାରେ ଅଣା ହୋଇ ତା'ର ଏବାଣ ବୋଲି ସ୍ୱୀକାର କରାଯାଉ। ତାହା ଗୃହୀତ ହେଲା ନାହିଁ। ତା'ପରେ ଅଦିନ ମେଘ ଭଳି ଉତ୍କଳ ସମ୍ମିଳନୀ ମଝିରେ ମଝିରେ ବାହାର ପଡ଼ୁଛି—ପ୍ରାଦେଶିକ ସମ୍ମିଳନୀ ତ ଲୋପ ପାଇଗଲା। ଏ ଇତିହାସରୁ ଆପଣ ଜାଣିବେ ଯେ ମଧୁବାବୁଙ୍କ ଉତ୍କଳ ସମ୍ମିଳନୀକୁ କେହି ଭାଙ୍ଗି ଦେଇ ନାହାନ୍ତି। ଏହା କାଳୋଚିତ ପରିବର୍ତ୍ତନର ସ୍ୱଭାବରେ ଆପେ ଭାଙ୍ଗିଗଲା।

ଦ୍ୱିତୀୟ ଭ୍ରମ ହେଉଛି—ରାଜେନ୍ଦ୍ର ପ୍ରସାଦ ଯେତେବେଳେ ସିଂହଭୂମି କଥାରେ ତଦନ୍ତ କରିଲେ ସେତେବେଳେ ଓଡ଼ିଶାର ମନ୍ତ୍ରୀ ମଣ୍ଡଳ ଓ କଂଗ୍ରେସି ନେତାମାନେ କ୍ଳୀବ ହୋଇଗଲେ। ରାଜେନ୍ଦ୍ର ବାବୁଙ୍କ ନାମରେ ଏ କଥା ଲୁହାଳିଆ ହବ ମୁଁ ଶୁଣେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ମୋତେ ଜଣାନାହିଁ ଯେ ସେ କେଉଁଠି କଥଣ କଲେ। ମୁଁ ଯେତେ ଦୂର ଜାଣେ ସିଂହଭୂମି ପ୍ରଶ୍ନ କୌଣସିଠି ଉତ୍ଥାପିତ ହୋଇ ରାଜେନ୍ଦ୍ର ବାବୁଙ୍କ ଦ୍ୱାରା ଖଣ୍ଡିତ ହୋଇ ନାହିଁ। ରାଜେନ୍ଦ୍ର ବାବୁଙ୍କ ମତ ଥାଇପାରେ ଯେ ସିଂହଭୂମି ବିହାରରେ ରହୁ ଯେପରି ଆମର ମତ ଯେ ସେ ଓଡ଼ିଶାରେ ରହୁ। ଏଥିରେ ରାଜେନ୍ଦ୍ର ବାବୁଙ୍କ ଦୋଷ ଦେବାର ମୁଁ କିଛି ଦେଖୁନାହିଁ। କୌଣସିଠି ସେ ପ୍ରଶ୍ନ ଉଠି ରାଜେନ୍ଦ୍ର ବାବୁ ହସ୍ତକ୍ଷେପ ନ କରିବା ଯୋଗୁଁ ଓଡ଼ିଆ କଂଗ୍ରେସି ନେତାମାନେ ଚୁପ ଥିବା କଥା ଉଠୁନାହିଁ। ସିଂହଭୂମ ବର୍ତ୍ତମାନ କଂଗ୍ରେସ ପ୍ରଦେଶ ହିସାବରେ ଓଡ଼ିଶା ଭିତରେ। କିନ୍ତୁ ସେଠି କଂଗ୍ରେସ ମଜବୁତ ନୁହେଁ। ବସ୍ତୁତଃ ସେଠି କୌଣସି ଓଡ଼ିଆ ଆନ୍ଦୋଳନ ମଜବୁତ ନୁହେଁ। ତା' ନ ହେଲେ କୌଣସି ମନ୍ତ୍ରୀ ମଣ୍ଡଳ ବା କୌଣସି 'ବେଶ' କିଛି କରି ପାରିବେ ନାହିଁ। ସେଠା ଆନ୍ଦୋଳନକୁ ମଜବୁତ କରିବା ଦିଗରେ ଦୃଷ୍ଟି ନ ଦେଇ ଏଠି କଂଗ୍ରେସର ସମାଲୋଚନା କଲେ କିଛି ଆତ୍ମପ୍ରସାଦ ମିଳିପାରେ ମାତ୍ର ସିଂହଭୂମି ପ୍ରଶ୍ନର ସମାଧାନ ହେବ ନାହିଁ।

ତୃତୀୟ ଭ୍ରମ—ଓଡ଼ିଆ ନେତାମାନଙ୍କର ଆତ୍ମଗ୍ଳାନି ବା ଆପଣଙ୍କ ଭାଷାରେ 'ହୀନବୁଦ୍ଧି' ଥିଲା; ବର୍ତ୍ତମାନ ଚାଲିଯାଇଛି। ମୋ ମତରେ କେବେ ତା' ନଥିଲା—ଓଡ଼ିଆମାନେ ନିଜକୁ ନିଜେ ଯେତେ ପ୍ରକାର ନିନ୍ଦା କରନ୍ତି, ଅନ୍ୟମାନେ ସେପରି କରନ୍ତି ନାହିଁ। ଓଡ଼ିଆ ଅନ୍ୟମାନଙ୍କଠୁଁ ଯେତେ ସମ୍ମାନ ପାଏ, ନିଜଠାରୁ ସେତେ ସମ୍ମାନ ପାଏ ନାହିଁ। ଏ ଆତ୍ମଗ୍ଳାନି ସମାଲୋଚକମାନଙ୍କର: ତାକୁହିଁ ସେମାନେ ଦେଖନ୍ତି ଅନ୍ୟଠି।

ମୋର ଅନୁରୋଧ ଓଡ଼ିଆର ସମସ୍ତ ସମସ୍ୟାର ସମାଧାନ ବିଷୟରେ ମୁହଁପର ଫାଙ୍କା ଆଲୋଚନା ନ କରି ସେ ବିଷୟରେ ସମସ୍ତ ତଥ୍ୟ ଜାଣି ଦାୟିତ୍ୱପୂର୍ଣ୍ଣ ଆଲୋଚନା କରନ୍ତୁ। ଆପଣଙ୍କର ବୌଦ୍ଧିକ ଢଙ୍ଗରେ ହେଉ ପଛକେ।

ଆପଣଙ୍କର
ଶ୍ରୀ ହରେକୃଷ୍ଣ ମହତାବ୍

ଏହି ପତ୍ର ପାଇଁ ଶ୍ରୀଯୁକ୍ତ ମହତାବଙ୍କୁ ଆମର ଧନ୍ୟବାଦ ଏହି ହେତୁରୁ ଯେ ସେ ଆମ ଆଖିରେ ଅଞ୍ଜନ ଦେଇ ଆମ ଭ୍ରମ ଶୋଧନ କରି ଦେଇଛନ୍ତି। ଆମ ଜଣାରେ ଓଡ଼ିଆ ଜନସାଧାରଣର ଏହି 'ଭ୍ରମ' ନିବିଡ଼ ଭାବରେ ରହିଛି ମହାକାଳରୁ। ତାହା ଶୋଧିତ ହୋଇଗଲେ ଆମେ ସୁଖୀ ହେବୁଁ ଏହାଦ୍ୱାରା।

ସିଂହଭୂମି ଯେ କଂଗ୍ରେସ ବ୍ୟବସ୍ଥାରେ ଓଡ଼ିଶା ଅନ୍ତର୍ଭୁକ୍ତ ଏକଥା ଆମକୁ କାହିଁକି, ଅନେକଙ୍କୁ ଜଣା ନଥିଲା। ଆଉ ସେଠି ଯେବେ କଂଗ୍ରେସ କାମ ଜବର ହେଉ ନଥାଏ, ତେବେ ଓଡ଼ିଶା କଂଗ୍ରେସ କର୍ମକର୍ତ୍ତାଗଣ ସେଥିପାଇଁ ଧ୍ୟାନମୂଳକ ବା ଅଧ୍ୟାନମୂଳକ ଏ ପ୍ରଶ୍ନ ଆମ ମନରେ ଜନ୍ମାଇ ଦେଉଛି।

ଯାହାହେଉ, ଓଡ଼ିଶା କଂଗ୍ରେସ ପଣ୍ଡାମାନେ ଯେ କେବେହେଲେ 'ଆତ୍ମଗ୍ଳାନତା' ରୋଗଗ୍ରସ୍ତ ହୋଇ ନଥିଲେ ବା ନାହାନ୍ତି, ଏହା ଜାଣି ଆମେ ସବୁଠାରୁ ଖୁସି!

ଡଃ ସଂ

Digitized by srujanika@gmail.com

## ଉଦ୍ଦେଶ୍ୟ



୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜୀବନ ପଥରେ ବଢ଼ାଇବା ସେମାନଙ୍କ ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଜାଗର'ର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ପିଲାମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କ ଉଦ୍‌ବୁଦ୍ଧ କରିବା ।

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

## ଅହିଂସା ପଥେ ଗାନ୍ଧିଜୀ

ହେ ସାଧକ, ହେ କର୍ମୀ, ହେ ଦେଶମାନ୍ୟ,
ଭାରତ ଶାନ୍ତି ସମରେ ଅଗ୍ରଣୀ ଅବନ୍ଧ୍ୟ ।
ସେବାଧର୍ମ ମହାଧର୍ମ ପ୍ରଚାରିଲ ଭବେ,
ଅହିଂସା ସମରେ ଜୟ କରିବ ଜାଣିବେ ।
ପୁଣ୍ୟ ନିଷ୍ଠ ଭାବ ଭକ୍ତ ତ୍ୟାଗର ଆଦର୍ଶ,
ଦେଖାଇଲ, ଶିଖାଇଲ ଏ ଭାରତବର୍ଷେ ।
ଦେଶ ରକ୍ଷା ଭାରତର ପନ୍ଥ ଘଟଣ ଘରେ,
ଗାଇଲ ସମୀର ଗାଥା, ଗିରି କନ୍ଦରେ ।
ମହାମାନବର ତବ ଆଦର୍ଶ ଜଗତେ,
ନ କରିବେ କି ଅବା ହିନ୍ଦୁ ମୁସଲମ ଯେତେ ।
ତବ ବାଣୀ, ତବ କର୍ମ, ଦେବତାର ଲୀଳା,
ସ୍ୱର୍ଗର ଦେବତା ଏହି, ମର୍ତ୍ତ୍ୟ ସମ୍ବଳ ।
କେନା କେତେ ଭାରତର ସ୍ୱରାଜ୍ୟ ନିଶ୍ଚୟ,
ଅଚିରେ ସଫଳ ହେବ ତବ କର୍ମଚୟ ।

ଶ୍ରୀ ଯଦୁନାଥ ଦାଶ ମହାପାତ୍ର

—※—

## ଅଜାଙ୍କ କଥା

ଜାଗର ଜାଗରୁଣୀମାନେ ବହୁ ଲେଖା ପଠାଉଛନ୍ତି । ତାଙ୍କ ଭିତରୁ ଭାଷା ଛପେଇଲେ ମଧ୍ୟ ଜାଗର ବହୁଗରେ ଜାଗା ହେବନାହିଁ । ଏଣୁ ଏଣିକି କେବଳ ସର୍ବୋତ୍କୃଷ୍ଟ ଲେଖା ଦୁଇଟି ପ୍ରକାଶ ପାଇବ । ଶୁଣି ଖୁସୀ ହେବ, ଜାଗର ରାମଚନ୍ଦ୍ର ପାଣିଗ୍ରାହୀଙ୍କର ମାତା ଶ୍ରୀମତୀ ପାର୍ବତୀ ପାଣିଗ୍ରାହୀ (ନାରାୟଣ ପାଟଣା, କୋରାପୁଟ) ମହୋଦୟା ପ୍ରତି ମାସ ସର୍ବୋତ୍କୃଷ୍ଟ ଲେଖା ପାଇଁ ଟ ୨୮ ଙ୍କର ପୁରସ୍କାର ଦେବେ । ଅସନ୍ତା ଥର ଗୋପବନ୍ଧୁଙ୍କ ସମ୍ବନ୍ଧରେ ସବୁଠୁ ଭଲ ଗୋଟିଏ ପଦ୍ୟ ପାଇଁ ଟଙ୍କା ଓ ଗଦ୍ୟପାଇଁ ଟଙ୍କା ଦିଆଯିବ ।

ଶେଷ ତାରିଖ—୧୦।୯।୪୯

କେହି କେହି ଜାଗର ଜାଗରଙ୍କର ଉତ୍ତରରେ ଲେଖାଯାଇଥିଲ ଓ ମହତାବ ବୁଝି ନ ପାରି ପଚାରିଛନ୍ତି । ଲେଖାଯାଇଥିଲା ଥରେ କହିଥିଲେ ଯେ ଆଇ: ସି: ଏସ୍: ଗୁଡ଼ାଙ୍କ ଅଯଥା ପୋଷା ଯାଉଛି । ଏବେ ମହତାବ କହିଛନ୍ତି ଯେ ଯେଉଁ ଆଇ: ସି: ଏସ୍‌ମାନେ ଘୁଷ ଖାଉଛନ୍ତି ସେମାନଙ୍କୁ ବେତମାଡ଼ ଦେବା ଉଚିତ । ଏହା ବ୍ୟଙ୍ଗ ଅର୍ଥରେ ବ୍ୟବହାର ହୋଇଛି ।

ଅପର୍ତ୍ତି– ତମ ନମ୍ବର ୨୯୮—ଜନ୍ମ ତାରିଖ ପଠାଅ ।

ଶ୍ୟାମ (୪୦୪)—ତମ ପ୍ରସ୍ତାବ ସବୁ ବିଚାର କରୁଚି । ଏତଦ୍ୱାରା ୪୮୭ଙ୍କ ଉକ୍ତି ପାଇଁ ତମ ସାଙ୍ଗରେ ମୁଁ ବି ତାଙ୍କୁ ଧନ୍ୟବାଦ ଦେଉଚି ଓ ୪୯୨ଙ୍କୁ ଜାଗ ସଂଗଠନରେ ଅଗ୍ରସର ହେବାକୁ ଅନୁରୋଧ କରୁଛି ।

ଦ୍ୱାସ୍ତ—ତମ ନମ୍ବର ୩୮୯ । ଦସ୍ତଖତ ଟ ୦୨୪ ଦେଇ ପୂର୍ବ ଜାଗ ହୋଇଯାଅ ।

ଜଗନ୍ନାଥ—ତମର ଜାଗରସ୍ଥ ଲୁଗନ ମିଳନାହିଁ ।

ଜନ୍ଦ (୬୯୬)—ଶରଧରା ଭିନ୍ନ ଅକାରରେ ଦିଅ ଯାଉଚି । କବିତା ପରିଷ୍କାର କାଗଜରେ ଲେଖ । ଏଣିକି ଜାଗଙ୍କର ପୁରୁଣା ଲେଖା ସବୁ ଫିଙ୍ଗି ଦିଆଯିବ । ଯଦି କେହି ପନ୍ଦର ଦିନ ମଧ୍ୟରେ ଟିକଟ ପଠାଏ ତେବେ ଫେରେଇ ଦେବୁଁ । କାରଣ, ଅସନ୍ତା ସଂଖ୍ୟାଠାରୁ କେବଳ ପ୍ରତିଯୋଗିତାରେ ଭଲ ହୋଇଥିବା ଲେଖା ପ୍ରକାଶିତ ହେବ ।

ରାମଚନ୍ଦ୍ର (୬୧୨)—ତମ ଭାଇନାଙ୍କର ଆକସ୍ମିକ ଦୁର୍ଘଟଣା ଶୁଣି ଦୁଃଖିତ ହେଲି । ଭଗବାନଙ୍କୁ ପ୍ରାର୍ଥନା କରୁଛି ସେ ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ । ଅବସର ବିନୋଦନ ପାଉଛି ।

ଧନେଶ୍ୱର (୬୧୭)—ଶୁଣି ଖୁସୀ ହେଲି ଯେ ମୁକ୍ତ ପ୍ରବାହରେ ସୂତା କାଟୁଛ ଓ ସପ୍ତାହ ଦିବସ ପାଳନ କରୁଛ । ଅନ୍ୟ ଜାଗ ଜାଗରୁଣୀମାନେ ତମଠାରୁ ଶିଖିବେ ।

—※—

## ୪ର୍ଥ ସଂଖ୍ୟା ଅବସର ବିନୋଦନର ଉତ୍ତର

ଅବ୍ୟାହତିକାରିତା, ସାନଫ୍ରାନ୍‌ସିସ୍‌କୋ, ନିଷ୍ଠୁର ଅଟଳ । ନିମ୍ନଲିଖିତ ଜାଗମାନଙ୍କର ଉତ୍ତର ଠିକ୍ ।

୫୯୨, ୫୯୫, ୬୦୫, ୬୦୫, ୪୫୭, ୫୮୪, ୫୧୨, ୪୦୪, ୪୮୭, ୪୨୫, ୬୦୨, ୬୧୫, ୬୧୭, ୫୯୦, ୬୨୩ ।

## ନୂଆ ଜାଗରଙ୍କ ନାମ

୬୧୯ । ଶ୍ରୀ ମହେଶ ପ୍ରସାଦ ମହାନ୍ତି, (ଅଜାଗର ସଭ୍ୟ) ୨ୟ ବର୍ଷ କଳାର, ଗଭର୍ଣ୍ଣମେଣ୍ଟ କଲେଜ, ସମ୍ବଲପୁର । ୬୨୦ । ଶ୍ରୀ ଜମ୍ବୁପାଣି ଦାଶ C/o ଶ୍ରୀ ନାରାୟଣ ଚନ୍ଦ୍ର ନାୟକ, ଗ୍ରାଃ ଠାକୁର ପାଟଣା, ପୋଃ ନୂଆପଡ଼ା, ଜିଃ କଟକ । ୬୨୧ । ଶ୍ରୀ ବାଳକୃଷ୍ଣ ଦାସ ଦୋଠକରଣ, C/o ଶ୍ରୀ ଗୋପାଳଚନ୍ଦ୍ର ଦାସ ଆଡ଼ଭୋକେଟ, ଡାକବଙ୍ଗଳା ରୋଡ଼, ପାଟନା । ୬୨୨ । ଶ୍ରୀ ଦାମୋଦର ପୂହାଣ, ଏଡ଼ତାଳ ମିଃ ଇଃ ସ୍କୁଲ, ପୋଃ ଏଡ଼ତାଳ, ଭଦ୍ରକ । ୬୨୩ । କୁମାର ପ୍ରଫୁଲ୍ଲ ଚନ୍ଦ୍ର ରାୟ, (ରାୟ କୁଟୀର) ବାଖରାବାଦ, ପୋଃ ଚାନ୍ଦିନୀଚୌକ, କଟକ ।

Digitized by srujanika@gmail.com

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ବେକ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରୋଲା ବ୍ୟବହାର କଲେ ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ଶକ୍ତ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଅଧୁନିକ ଜଗତରେ "**ପାଇରୋଲା**" (ରେଜିଷ୍ଟାର୍ଡ଼) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୧ଟ୍ଟ (ପ୍ରତି ଶିଶି)

**'ଅନନ୍ତରସ'—ସାଲସା** ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍‌ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍, କଲିକତା ।

ପ୍ରାପ୍ତିସ୍ଥାନ: – ମନମୋହନ ବୁକ୍‌ସପ୍

ନଂ ୧୩୭ । ୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।


---


# ବ୍ୟାଙ୍କ ଅବ୍ କାଲ୍‌କାଟା ଲିମିଟେଡ୍

ଭାରତର ଏକ କ୍ରମ-ବର୍ଦ୍ଧିଷ୍ଣୁ ଜାତୀୟ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ

ସରକାରଙ୍କ ଦ୍ୱାରା ସିଡ଼ୁଲ୍‌ଡ୍ ବ୍ୟାଙ୍କରୂପେ ପରିଗଣିତ

କାର୍ଯ୍ୟକାରୀ ପାଣ୍ଠି—ପ୍ରାୟ ଦେଢ଼କୋଟି ଟଙ୍କା ଅଦାୟୀକୃତ ଓ ମହଜୁତ ତହବିଲ—ପ୍ରାୟ ଆଠଲକ୍ଷ ଟଙ୍କା

ଭାରତର ମୁଖ୍ୟ ସ୍ଥାନ ଏବଂ ଓଡ଼ିଶାର ବିଶିଷ୍ଟ ସହର କଟକ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ପ୍ରଭୃତିରେ ଶାଖାମାନ ରହିଛି ।

**ହେଡ୍ ଅଫିସ**—୮ନମ୍ବର ମେଙ୍ଗୋଲେନ୍ କଲିକତା


---

# ଉତ୍କଳ ଯାଦବ ଛାତ୍ରାବାସ ଭଦ୍ରକ ।

ଉତ୍କଳୀୟ ଯାଦବ ଛାତ୍ରମାନଙ୍କର ବହୁବିଧ ଅଭାବ ଅସୁବିଧା ଦୃଷ୍ଟେ ଓ ସେମାନଙ୍କର ସୁବିଧା ନିମିତ୍ତ ଭଦ୍ରକରେ ଗୋଟିଏ ଯାଦବ ଛାତ୍ରାବାସର ଏକାନ୍ତ ଆବଶ୍ୟକତା ଉପଲବ୍ଧି କରି ଚଳିତ ସନ ୧୯୪୫ ମସିହାଠାରୁ ଗୋଟିଏ ସ୍ଥାୟୀ "ଯାଦବ ଛାତ୍ରାବାସ" ପ୍ରତିଷ୍ଠା କରିବା ପାଇଁ ସ୍ଥାନୀୟ ଯାଦବମାନେ ଉଦ୍ୟମ କରୁଅଛନ୍ତି । ଆବଶ୍ୟକ ପରିମାଣରେ ଅର୍ଥ ସାହାଯ୍ୟ ମିଳିଲେ ତୁରନ୍ତ ଉକ୍ତ "ଯାଦବ ଛାତ୍ରାବାସ" ଖୋଲିବାର ବ୍ୟବସ୍ଥା କରାଯିବ । ଏଥିପାଇଁ ସର୍ବସାଧାରଣଙ୍କର ସୁଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଦାତାମାନଙ୍କୁ ସବିନୟ ପ୍ରାର୍ଥନା ଯେ, ଯଥା ସମ୍ଭବ ଶୀଘ୍ର ଅର୍ଥ ସାହାଯ୍ୟ ଦ୍ୱାରା ଏହି ସଦୁଦ୍ୟମକୁ ଉତ୍ସାହିତ କରି ବିଦ୍ୟାଦାନରୂପ ମହତ୍‌ଧର୍ମ ଅର୍ଜ୍ଜନ କରନ୍ତୁ । ଯେଉଁମାନେ ବିଦେଶରୁ ମନିଅର୍ଡ଼ର ଦ୍ୱାରା ଅର୍ଥ ସାହାଯ୍ୟ ପଠାଇବେ, ସେମାନେ ଦୟାକରି ନିଜର ପୁରା ନାମ ଓ ଠିକଣା କୁପନରେ ସ୍ପଷ୍ଟଭାବରେ ଉଲ୍ଲେଖ କରି **ଶ୍ରୀଯୁକ୍ତ ବାବୁ ରାମଚନ୍ଦ୍ର ପଲାଇ । ସା । ଚରମ୍ପା ମଟର ଅଫିସ, । ପୋ । ଚରମ୍ପା, । ଜି । ବାଲେଶ୍ୱରଙ୍କ** ଠିକଣାରେ ପଠାଇଲେ ତୁରନ୍ତ ଛାପା ରସିଦ ଦ୍ୱାରା ପ୍ରାପ୍ତି ସ୍ୱୀକାର କରାଯିବ । ଇତି ।

ନିବେଦକ

**ଶ୍ରୀ କୃଷ୍ଣଚନ୍ଦ୍ର ପରିଡା**

ଛାତ୍ର—ସ୍ୱେଚ୍ଛା ସେବକ (ଭଦ୍ରକ ହାଇସ୍କୁଲ)

Digitized by srujanika@gmail.com

**ଜଜ୍ ସାହେବଙ୍କ ଉତ୍ସାହ ବାଣୀ**

ଓଡ଼ିଶାର ଜଣେ କୃତି ସନ୍ତାନ ଶ୍ରୀଯୁକ୍ତ ପଦ୍ମଚରଣ ପଟ୍ଟନାୟକଙ୍କ ଉଦ୍ୟମରେ ସ୍ଥାପିତ "କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡକ୍ଟସ୍" ର କାରଖାନା ପରିଦର୍ଶନ କରି ମୋ ମନରେ ଅତ୍ୟନ୍ତ ଭଲ ଧାରଣା ଜାତହେଲା।... ଏଠାରେ ସୁବିବେଚିତ ବୈଜ୍ଞାନିକ ପ୍ରଣାଳୀରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀ ଗୁଡ଼ିକ ଦେଶୀ ବିଦେଶୀ ଯେ କୌଣସି ଲବ୍ଧପ୍ରତିଷ୍ଠ ଶିଳ୍ପ କାରଖାନାରେ ପ୍ରସ୍ତୁତ ଜିନିଷ ସହିତ ସମକକ୍ଷ।...ଉତ୍କଳର ଗୌରବ ଏ ଶିଳ୍ପ ପ୍ରତିଷ୍ଠାନଟି ଓଡ଼ିଶାର ଜନସାଧାରଣ ଓ ସମ୍ବାଦ ପତ୍ରର ସହାନୁଭୂତି ଏବଂ ଓଡ଼ିଶା ସରକାରଙ୍କର ପୃଷ୍ଠପୋଷକତା ଓ ଆନୁକୂଲ୍ୟ ଲାଭ କରିବାର ଯୋଗ୍ୟ।




**ଅତୁଳନୀୟ ରୂପ ଚର୍ଚ୍ଚାର**
**ଶ୍ରେଷ୍ଠ ପ୍ରସାଧନ**
- କାଞ୍ଚନ
- କାବେରୀ
- ସ୍ନୋ ଓ ସେଣ୍ଟ

ଇତ୍ୟାଦି

**କୋଣାର୍କ କେମିକ୍ୟାଲ**
ଇଣ୍ଡିୟା

( ସ୍ୱାକ୍ଷର ) ବି, କେ, ରାୟ
ଜଷ୍ଟିସ୍ ପାଟନା ହାଇକୋର୍ଟ

# କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡକ୍ଟସ୍
ଇଣ୍ଡିୟା ।

---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ୍ ଅଫିସ— କଲିକତା**

**ଶାଖା ଅଫିସମାନ** — ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇନ୍ଦ୍ରବଡ଼ି, ଜୟନଗର, ମଜଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନୂଆଦିଲ୍ଲୀ, ନାଗପୁର । ସ୍ୱା—ପି. ଏନ୍. ରାୟ ଚଉଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୯ ଜମା ଦେଲେ ୪ର୍ଥ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୪ ୨୭୦ ଙ୍କା ପାଇବେ


Printed & published by G C. Mahapatra at the Gopinath Press, Bhadrak. 1945.

Digitized by srujanika@gmail.com

୯ମ ବର୍ଷ—୭ମ ସଂଖ୍ୟା    ଭାଦ୍ରବ—ପ୍ରଥମାର୍ଦ୍ଧ





ପୁଣି ବାହାରିଲା—

କଳି ଭାରତ

୨ୟ ମହାସମର ବୃତ୍ତାନ୍ତ

\+ + +

ମଜା କଥାରେ

'ଓଁ ପ୍ରଜାପତୟେ ନମଃ'

କାହାଣୀରେ -

'ହତ ଗପ'

ପଢ଼ନ୍ତୁ—

ମଜା କବିତାରେ

ହସରେ ଓଡ଼ିଆ ପୁଅ

ଓଡ଼ିଆର ଧନ    ଓଡିଆର ଶ୍ରମଦ୍ୱାରା ନିର୍ମ୍ମିତ

ମେସାର୍ସ—'ଦାସ ଏଣ୍ଡ କୋ'

୭, ଫାଲଗୁନ ଦାସ ଲେନ୍,

କଲକତାର

'ଏଟେଲେଣ୍ଟା ଫେନ୍'

'ATALANTA FAN'

ବ୍ୟବହାର କରି ଦେଶର ଗୌରବ ବଢ଼ାନ୍ତୁ।

ସୁନ୍ଦର—ଶସ୍ତା ଓ ଦୀର୍ଘକାଳ ସ୍ଥାୟୀ।

ସୋଲ ଡିଷ୍ଟ୍ରିବ୍ୟୁଟର—

**Messrs W. C, Nayak & Co.**

4, Falgoon Das Lan, Calcutta.


ବାର୍ଷିକ— ତିନିଟଙ୍କା ଆଠଅଣା    ଷାଣ୍ମାସିକ ଦୁଇ ଟଙ୍କା

Digitized by srujanika@gmail.com

# MATRIC MANUAL.

A Series in four parts, presenting **six years University Questions** ( Final & Supplimentary ) with answers Easy Intelligent and Convincing.

PART I—Mathematics :—Best help in absence of qualified experienced teachers. Methods easy and attractive to overcome difficulties. Price—Rs. 1-8

PART II—Geography :—Both physical and political portions represented in details with the help of diagrams wherever necessary. One of the greatest, useful and attractive features of the book is the **systemetic arrangement of facts**.

PART III—English :—Up-to-date and lively answers in simple **idiomatic English.** Best help to learn and write English. **Originality**—highest factor, plays an important part in **Essays and grammatical** portions. Price—1-8

PART IV—History :—Under preparation.

---

ଗଳ୍ପର ତରଙ୍ଗ ଭଙ୍ଗୀରେ
ସହସ୍ର ରଙ୍ଗିନ ଛବି
**ଅଧ୍ୟାପକ ରାଜକିଶୋର ରାୟଙ୍କର**

## ନୀଳ ଲହରୀ

**ପଢ଼ନ୍ତୁ !**

କ୍ଷୁଦ୍ର ଗଳ୍ପର ନୂଆ ଶୈଳୀ
ଭାବ ଧାରାର ନବ ପ୍ରସ୍ରବଣ
**ମୂଲ୍ୟ—ଟ ୧ ୮**

---

ଖାଦ୍ୟ ଖାଦ୍ୟ ଚିତ୍କାର କଲେ କ'ଣ ଖାଦ୍ୟ ମିଳିବ ?
**ଅନେକ ଖାଦ୍ୟ ଖାଇ ମଧ୍ୟ ଉପବାସ କରୁଁ**
ଡାକ୍ତର **ଗୋପାଳ ପଟ୍ଟନାୟକଙ୍କର**

## ଜାତୀୟ ଖାଦ୍ୟ

**କହେ —**
**ଆପଣ ତୁଚ୍ଛ ବୋଲି କହି ଯାହା ଛାଡ଼ୁଛନ୍ତି**
**ତା'ର ମୂଲ ଅକଳନ୍ତ।**
**ଆପଣ ଭଲ ବୋଲି ଯାହାକୁ ଆଦରନ୍ତି**
ସେ ଅପଦାର୍ଥ ।
**ମୂଲ୍ୟ—ଟ ୧ ।**

---

N. B. Please ask for the books first to your nearest bookseller and then if necessary place orders with some advance.

Published at
**KRUSHNA BHANDAR**
Chaudhury Bazar
CUTTACK.


---


ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର;** ପରିଚାଳନା ସମ୍ପାଦକ; —**ଶ୍ରୀ ରାଇମୋହନ ଦାସ**



Digitized by srujanika@gmail.com




# ବିଲୁଆ ବିଚାର

୯ମ ବର୍ଷ— ୭ମ ସଂଖ୍ୟା ଭାଦ୍ର ପ୍ରଥମାଙ୍କ

ଅଟମ ବଟରେ ଓଡ଼ିଆ ଜାତି । ଦଶାବଟା ରଣ ଅମଙ୍କ ଅଜାଣିକି ବଣିକ ଅନ୍ଧୁଆ । ମାଏ ଇକ୍ରେଟର ଯେଉଁ ଗୀଇତ୍ରିର ଗୀତଟା ଉଡ଼ୁଛି, ଅମ ପ୍ରାଣକୁ ତାହା ଦହଲ ଦହଲ କରୁଛି ସଦାବେଳେ । ସେଥିପାଇଁ ଭ୍ରେଟଣ ପଣ୍ଡିତଙ୍କ ଅମର ଜନ୍ମାଦ ଦେବେଶ ନାଏ !

ଭ୍ରେଟ ଯୁଦ୍ଧ ଯେ ଘଟନଛ ଅଇଲା ଏଥିରେ ସନ୍ଦେହ ତ ନାହିଁ । ଅଜନ୍ତୁ ଅମ ହାତ ଗୋଡ଼ ଝିମ୍‌ଝିମ୍ ହେଲାଣି, ଭୁଣ୍ଡରେ କଣ୍ଠ ଗଡ଼ର ଉଠିଲାଣି । ସବଟକ ଅଉ ତର ସହିବାକୁ ନାହିଁ । 'ସବୁର' କଥାଟା ଶୁଣିଲ ବେଳକୁ ଦେହ ହାତ ବନ୍ଧ ଉଠୁଛି ଯେପରି ।

\+ × + +

ଏଥର ଭ୍ରେଟରେ କଂଗ୍ରେସ ସାଙ୍ଗରେ ବାନ୍ଧ ଭିଡ ଠିଆ ହେବାକୁ କେହି ଯେ ଫୁର୍ଣ୍ଣି ଉଇସିବ, ଏହା ବୁଡ଼ବକ୍ ମଧ୍ୟ କହିବ ନାହିଁ । ଯେତେହୁଏ ସମ୍ଭବ, କଂଗ୍ରେସ ବିନା ଯୁଦ୍ଧରେ ଜୟୀ ହୋଇଯିବ । ମାଏ ଏହା ଯେବେ ହୁଏ, ଅମର ନାଚ କୁଦ ଗୀତ ଗାଇବା ଓ ଯାତ ଦେଖିବାଟା ଯେ ପାଣି ଫାଟିଯିବ, ସେତିକି ଅମର ଅବଶୋଷ । ତେଣୁ ଫଳ ନ ଥିଲେ ମଧ୍ୟ "ବିନା ଯୁଦ୍ଧେ ନ ଛାଡ଼ିବ ସୂଚ୍ୟଗ୍ର ମେଦିନୀ" ହିସାବରେ ହେଲେ କେହି ବୀର ବାହାରି ପଡ଼ିବେ ନାହିଁ କି ? ନୋହିଲେ ଓଡ଼ିଆ ଜାତିଟାକୁ ଅଣପୁରୁଷା ବୋଲି ନିନ୍ଦା ହୋଇଯିବ ଯେ । ମୂର୍ଖଙ୍କ ଦେଇ ତ ଶାଗ ସିଝିବ ନାହିଁ । 'ପଣ୍ଡିତ' ଲୋକେ ଉଠନ୍ତୁ !

\+ × × ×

ଅମକୁ ନ କହି ନ ବୋଲି ତୁମେ ଭାରତକୁ ଯୁଦ୍ଧରେ ପୂରାଇ ଦେଲ—ଏହି ଅଭିମାନ ବା ଅପତ୍ତି ଉପରେ ତ କଂଗ୍ରେସ ମନ୍ତ୍ରୀ-ମଣ୍ଡଳମାନ ଇସ୍ତଫା ଦେଇ ଦେଇଥିଲେ । ବର୍ତ୍ତମାନ ଯୁଦ୍ଧ ଯେଣୁ ସରି ଗଲାଣି, ତାହା ସହିତ ଇସ୍ତଫାର ହେତୁଟା ବି ତ ଉଭେଇଗଲା । ଅଉ ତେବେ ଗୁମାନ କାହିଁକି ? ଅନ୍ତରଗତ ବା ଅନ୍ତନଗତ ବାଧା ଯେତେବେଳେ ନ ରହିଲା, କଂଗ୍ରେସ ତେବେ ତାର ପୁରୁଣା ସେଟ୍‌ଟା ଲେଫି ନ ନେଉଛି କି ହେବ ? ଅଲ୍ପକାଳ ସକାଶେ ହେଲେ ବି, ବେଳଟା ସନ୍ଧ ବେଳ । ଏଣ୍ଟ ଧ ହେଉ କେତେ ଗୁଡ଼ାଏ ଲାଞ୍ଚ, ମିଛ, ଅବିଚାର, ଅତ୍ୟାଚାର ଉପରେ କେତେକ ଅସର୍ ପଡ଼ନ୍ତା ତ ! କଂଗ୍ରେସ ମାଲିକେ ବିଚାର କରନ୍ତୁ ।

\+ × × +

ଉର୍ଦ୍ଧିଦାର ଅମେରିକା ସେନା ଦଖଲ ତଗାତାଡ଼ ସେଦିନ ଜାପାନ ଭୂମି ଉପରେ ଗୋଡ଼ ଦେବା ମାତ୍ରେ ଶୁଣା ଯାଉଛି ଦଳକୁ ଦଳ ଜାପାନବାସୀ ସମ୍ରାଟପ୍ରାସାଦ ଆଗରେ 'ହାରିକିରି' (ଆତ୍ମହତ୍ୟା) କରିବାରେ ଲାଗି ଗଲେଣି । ଏପରି ଖବର ଆସିଛି କି ସ୍ୱୟଂ ଜାପାନ ସମ୍ରାଟ ମଧ୍ୟ ହାରିକିରି କଲେଣି । ସୃଷ୍ଟି କାଳରୁ ଏଯାଏ ଜାପାନ ଭୂଇଁରେ ବିଦେଶୀର ପାଦ ପଡ଼ି ନ ଥିଲା କେବେ । ଏହି ଅପମାନ ସହି ନ ପାରି ସେଠା ଲୋକେ ଏହା କରୁଛନ୍ତି ।

ସ୍ୱାଧୀନତା ବା ଆତ୍ମସମ୍ମାନ କଣ ଅମ ଭାରତବାସୀଙ୍କ ଜଣା ନାହିଁ । ତେବେ ଯେଉଁ ଅଳ୍ପ ସଂଖ୍ୟା ଲୋକ ଏହା ଜାଣନ୍ତି, ଏଭଳି ଅପମାନରେ ସେମାନେ ବି ଦେହ ଧରି ରହି ପାରନ୍ତେ ନାହିଁ । ଚର୍ଚ୍ଚିଲ ଅଟମିକ୍‌ର ବମ୍ବ ସହିବା ଶକ୍ତି ବଢ଼ୁ ଜଗତ !

× × × ×

ଚୀନ ବର୍ଣ୍ଣ ଚିଆଙ୍ଗ କାଇସେକ କହି ଦେଲେଣି କି କୋରିଆ, ଶ୍ୟାମ, ତିବ୍ବତ, ମଙ୍ଗୋଲିଆ ପ୍ରଭୃତି ସ୍ୱାଧୀନତା ପାଇବ । ମାଏ ଭାରତ ସମ୍ବନ୍ଧରେ ପଦେ ହେଲେ ତାଙ୍କ ମୁହଁରୁ ବାହାରିଲା ନାହିଁ । ଚୀନ ଦୁଃଖରେ ଭାରତ କାନ୍ଦି ପକାଉଥିଲା । ଚୀନ ସମ୍ବନ୍ଧରେ ଭାରତ କଥାର ଦେଉଥିଲା । ମାଏ ଚୀନ ତାକୁ କଥା ଦେବାରୁ ହେଲେ ବଞ୍ଚିତ କରିଛି । ଚିଆଙ୍ଗ ସାହେବଙ୍କର ମନେ ପଡ଼ିଲା ନାହିଁ, ନା କହିବାକୁ ବଳ ଲାଗିଲା ? + + +

ଓଡ଼ିଶା ଗୋଟାଏ ପ୍ରଦେଶ ହେଲେ ବି ବିଲାତି ଉଚ୍ଚ ଡିଗ୍ରୀଧାରୀ ଜଣେ ହେଲେ ଡାକ୍ତର ଓଡ଼ିଶାରେ ନାହାନ୍ତି । ସୁତରାଂ କେତେ ଜଣ ଡାକ୍ତର ଯୁବକଙ୍କୁ ଉଚ୍ଚ ଶିକ୍ଷା ସକାଶେ ବିଦେଶ ପଠାଇବା ସରକାରଙ୍କର ଉଚିତ ଥିଲା ବୋଲି ପତ୍ର ପ୍ରେରକ ସମାଜରେ ଆକ୍ଷେପ କରିଛନ୍ତି ।

ପତ୍ର ପ୍ରେରକଙ୍କୁ ଅମେ ଗୋଟାଏ କଥା ଚେତାଇ ଦେଉଛୁ । ଓଡ଼ିଶା ଦେବତାଙ୍କ ଦେଶ । ତେଣୁ ଏଠି ରୋଗ ବାଧକ ହେବାର ନାହିଁ । ଅଉ ଯଦିବା କେବେ ହୁଏ, ଅମର ଲୋକନାଥ, କପିଳେଶ୍ୱର, ଧବଳେଶ୍ୱର, ଅଖଣ୍ଡଳମଣି, ପତିତପାବନ ଗୋସେଇଁ, ଚରମା ଠାକୁରମାନେ କଣ ଶୁଖି ରହିଛନ୍ତି ?

\+ + × +

ଲର୍ଡ ୱାଭେଲ ପୁଣି ବିଲାତ ଗଲେ । ଭାରତବାସୀଙ୍କ ତରଫରୁ ଅଶାର ବୈତରଣୀ ଭୁଲାଇ ସେ ପୁଣି ବିଲାତ ଯାଏ କଲେ । ଏଥିପାଇଁ ଏବା ଲର୍ଡ ୱାଭେଲଙ୍କ ନହେଁ—ସମଗ୍ର ବ୍ରିଟିଶ ଜାତିକୁ ଅମର ଅନ୍ତରିକ ଧନ୍ୟବାଦ ।

ଯଦି ଏହି ହତାଶା ଅନ୍ଧକାର ମଧ୍ୟରେ ଜଣେ ଜଣେ ବିଶ୍ୱାସୀ ଇଂରେଜ ଏହି ଭଳି ଅଶାର ଅଲୋକ ବିକୀରଣ କରୁ ନ ଥାନ୍ତେ, ତେବେ ଏହି ଦୁଃଖୀ ଭାରତବାସୀ ଅଜଯାଏ ଗଡ଼ି ଥାଆନ୍ତେ କେଉଁଠି ?

ଏଥର ଅମେରି ଚର୍ଚ୍ଚିଲ ନାହାନ୍ତି । ସ୍ୱୟଂ ଆଟ୍ଲି, ଲାସ୍କି ! ଅଉ କଥା ଅଛି କଣ ? ହେ ମୂଢ଼ ଭାରତଗୃହ ଧୈର୍ଯ୍ୟ, ଧୈର୍ଯ୍ୟ, ଅଧୀର ହୁଅନା—ଅଉ ଅଳ୍ପ ମାଏ ଅପେକ୍ଷା କର—ତୋର ଦୁଃଖ ଦୂର

Digitized by srujanika@gmail.com

ଅବସାନ ଘଟିଲା ଅଛି । ସେଠାରେ ଏଥର ଶୂନ୍ୟ ଭାରତରେ ଅଛିବେ ନାହିଁ । ଦେଶ ପାଇଁ ସାଗର ପାରିରୁ ସ୍ୱାଧୀନତାରୂପ ଅମୂଲ୍ୟ ରତ୍ନ ଆଣିଦେବେ । ଏ ଖାଲି ସତ ହୋଇଥା—ଏଁ କର ।

× × + ×

ସୁଭାଷଙ୍କ ଅନ୍ତର୍ଦ୍ଧାନ ଓ ଅକାଳ ମୃତ୍ୟୁ ସାରା ଭାରତକୁ ମୁହ୍ୟମାନ କରିଦେଇଛି । ମାତ୍ର ଏହି ସମୟରେ ଓ ଏହିପରି ଭାବରେ ମରି ସେ ବ୍ରିଟେନ ତଥା ଭାରତକୁ ଅନେକ ଦୁଶ୍ଚିନ୍ତା ଓ ମନୋଦୁଃଖରୁ ରକ୍ଷା କରିଛନ୍ତି । ଏହି ଦୁର୍ଘଟଣା ମଧ୍ୟରେ ବି ଏତିକି ମଙ୍ଗଳର ଆସ୍ୱାଦନ ।

ଗୋଟାଏ କଥା ଏହି ଯେ ଖବରଟା ଜାପାନରୁ ଆସିଛି । ଜାପାନୀମାନେ ଯେପରି ବାହାପିଶ, ସେଥିରେ ବ୍ରିଟିଶ ତରଫରୁ ସମର୍ଥିତ ନ ହେବା ଯାଏ ଖବରଟାର ସତ୍ୟତା ସମ୍ବନ୍ଧ ସନ୍ଦେହ ହେବା ସ୍ୱାଭାବିକ ।

+ × +

ହଠାତ୍ କାର୍ଯ୍ୟ ବେଳାକୁ ଆମେରିକା ବ୍ରିଟେନକୁ ଦେଉଥିବା ଉଧାର ପଟା ବନ୍ଦ କରି ଦେଇଛନ୍ତି । ଏଥିରେ ବ୍ରିଟିଶ ମନ୍ତ୍ରୀଗଣ ସମ୍ବ୍ୟସ୍ତ ହୋଇ ପଡ଼ିଲେଣି । ଆମେ କହୁଁ କି ଚର୍ଚ୍ଚିଲ ଚସ୍ତଙ୍କ ମୂର୍ତ୍ତିକୁ ଦିନା ରୁଜ୍‌ଭେଲଟ୍ ନନା ଏ ସାହାଯ୍ୟ କରୁଥିଲେ । ଆଟଲିଙ୍କ ସହିତ ଟ୍ରୁମାନଙ୍କର କୌଣସି ଘନିଷ୍ଠ ସମ୍ବନ୍ଧ ଯେ ସେ ଏ ତ୍ୟାଗ ସହୁଥିବେ !

ତା ପରେ ଦୁନିଆରେ ସମସ୍ତେ—ବାଜେର ସମସ୍ତ ବାଜ ସିନା ! ବାଜ ପୂରିଲେ—?

ମାତ୍ର ଆଟଲିଙ୍କର ସେଥିପାଇଁ ଚିନ୍ତା କଣ ? କାମଧେନୁ ଭାରତ ଥିବାଯାକେ ବିଲାତ ଶ୍ରମିକ କେବେ ଉପାସ ରହିବେକି ?

× + × ×

ସ୍ୱେର ମାଉ ଖାଗ ବର୍ଣ୍ଣ୍ୟ ବୋଲକୁ ହେରଙ୍କ ଉପରେ ଯେପରି ବଜ ବୋଲ ହୁଏ, ବଜତ ଦେଶମାନଙ୍କରେ ସାମରିକତାବାଗ ପଦ ଯେନ ମିତ୍ର ଶତ୍ରୁମାନଙ୍କ ମଧ୍ୟରେ ସେହିପରି ଲଢ଼ା ଓଟର ଲାଗିଗଲାଣି ବୋଲି ଶୁଣା ଯାଉଛି । ମାତ୍ର ଆମର ବିଶ୍ୱାସ ଏ କଳ ବେଶି ଦିନ ରହିବ ନାହିଁ । ଆମେରିକା କଡ଼ା ଧାଇଁ ଆସି ସବୁ ମେଣ୍ଟେଇ ଦେବ । ଏଟମ୍ ବମ୍ ଯେ !

+ × +

ପଞ୍ଜାବ ଭୂମିରେ ସୋଢ଼ ଦେଲକ୍ଷଣି ଜବାହାରଲାଲ କହିଲେ—ଜଲ ହାକମ ବା ପୁଲିସ ଅଛ ଯଦି ମୋତେ ପଞ୍ଜାବ—ପ୍ରବେଶ ବାରଣ କରେ, ତେବେ ସେ ହୁକୁମ ନାମାକୁ ମୁଁ ଟିକି ଟିକି କରି ଲାଥ୍ ମାରିଦେବି ।”

ଜବାହାର ବୋଲି ସିନା ଏକଥା କହିଗଲେ, ଆଉ ସହିବା ଚୀନ୍ତ ସହିଗଲେ ! *ମାତ୍ର ଏଭଳି ଟାଣ ଦେଖାଇବାକୁ ପ୍ରତ୍ୟେକ ଭାରତ* ବାସୀର କ୍ଷମତା ନହେବା ଯାକେ ଜବାହାରଙ୍କର କହିବାର କଛି ଅର୍ଥ ନାହିଁ ବୋଲି ଆମକୁ ଲାଗୁଛି । ଆମେ କହିବୁଁ—ଅନନ୍ତବୀର୍ଯ୍ୟାମିତ ବିକ୍ରମ ସ୍ତ୍ୱଂ ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ ।

× × ×

ବିଦେଶରେ ବୈଜ୍ଞାନିକ ଶିକ୍ଷା ପାଇବା ସକାଶେ ଓଡ଼ିଶାରୁ ନୂଆକରି ୪୨ ଜଣ ଯୁବକ ବଛା ହୋଇଥିଲେ । ଭାରତ ସରକାର ଉକ୍ତଧରୁ ୬ ଜଣଙ୍କୁ ମାତ୍ର ମନୋନୀତ କରିଛନ୍ତି । ଏଥିରେ ପୁଣି ସେମାନଙ୍କୁ ଖରଚ ପତ୍ର ସେ ଦେବେ ନାହିଁ, ଓଡ଼ିଶା ଦେବ ।

ଏହିକଥା ଲେଖି ସମାଜର ଜଣେ ପତ୍ର ପ୍ରେରକ ଦୁଃଖ ପ୍ରକାଶ କରିଛନ୍ତି । ଆମ ମତରେ ଭାରତ ସରକାର ଠିକ୍ କରିଛନ୍ତି । କାରଣ ଓଡ଼ିଶାତ କଳାପ୍ରଧାନ ଦେଶ । ସେଠି ବୈଜ୍ଞାନିକ ଶିକ୍ଷାର ଲୋଡ଼ା କଣ ? ପୁଣି ଯଦିବା ଲୋଡ଼ା ହୁଏ, ତେବେ ଓଡ଼ିଶା ସରକାରର ଅଭାବ କେଉଁଠି ? ହାଟ, ମଠ, ମନ୍ଦିରର ଦେବତାଙ୍କ ମୁଣ୍ଡ ଉପରେ ଟିକସ ବସାଇ ସରକାର ଯେଉଁ ପାଲଟ ଅର୍ଥ ବଢ଼ାଇଛନ୍ତି ସେଥିରେ ଏଇଟା କଣ ଅଚଳ ରହିଯିବ ?

× + ×

ଆସନ୍ତା ଆସେମ୍ବ୍ଲି ନିର୍ବାଚନ ପାଇଁ ସବୁ ପ୍ରଦେଶରେ ନୂଆ ଭୋଟର ତାଲିକା ତିଆରି ହେବାର ଧୂମ ଲାଗିଗଲାଣି । ଶୁଣା ଯାଉଛି ଓଡ଼ିଆ ସରକାର ଏଥର ଅଡ଼୍ ଅଫରେ ନ ପଡ଼ି ତାଳପତ୍ର ମଫସଲରେ କାମ ଚଳାଇ ନେବେ ।

ଏହା ଯଦି ସତ ହୋଇଥାଏ, ତେବେ ସରକାରଙ୍କ ହିସାବୀ ବୁଦ୍ଧିକୁ ପ୍ରଶଂସା ନ କରି ଆମେ ରହି ପାରୁ ନାହୁଁ; ଅକାରଣଟାରେ କେତେ ଅଫିସର ରହିବେ, ମହରଗ ବଖତରେ କେତେ କାଗଜ ଖରଚ ହେବ,—ତହିଁ କି ଛାପାଖାନାର ଦର ଯେପରି ହାଲି ବଢ଼ିଛି—ଏଥିରେ ଓଡ଼ିଶା ସରକାରଙ୍କ ଏଭଳି ମିତବ୍ୟୟିତା ଗୋଟାଏ ଆଦର୍ଶ ନିଶ୍ଚୟ ।

+ + +

କଟ ବହ୍ଲାର କଲେଜ ଛାତ୍ର-ଛାତ୍ରୀଙ୍କ ନଷ୍ଟୁର ମାଡ଼ ଦେଇ ସେଠା ମିଲିଟାରୀ ଯାରପର ଯେପରି ବୀରତ୍ୱ ଦେଖାଇଦେଲେ, ତାହା ସାଙ୍ଗରେ ପଟ ପକାଇ ଆମ ସମ୍ବଲପୁରର ପୁଲିସ ପ୍ରତାପୀମାନେ ମଧ୍ୟ ଇତିହାସ ଗ୍ରନ୍ଥରେ ନାଁ ଲେଖାଇବାକୁ ଛାଡ଼ି ନାହାନ୍ତି । ସେଦିନ ପୁରୀର ପୁଲିସ ଲୋକେ ମଧ୍ୟ କମ ବୀରତ୍ୱ ଦେଖାଇ ନଥିଲେ । ଏଥିରୁ ଜଣାଯାଉଛି ଆମ ଓଡ଼ିଶାର ପୁଲିସ ଶୌର୍ଯ୍ୟ ବୀର୍ଯ୍ୟରେ କୌଣସି ଜାତିଠାରୁ ଊଣା ନୁହନ୍ତି । ଯୁଦ୍ଧଟାତ ସରିଗଲା—ବୀରତ୍ୱ ଜାହିର କରିବାର ସ୍ଥାନ ଆଉ କେଉଁଠି ? ଛାତ୍ର ଛାତ୍ରୀଙ୍କ ଅରକ୍ଷିତ ପିଠି ସବୁଠୁ ସୁବିଧା ନୁହେଁକି ?

---


## ଚୁହିଁ ଦେଖ ! ଶୁଣ !



୬ ୪ ୩ ରେ ଆପଣ ତିନି ପ୍ରକାର ଗହଣା ପାଇ ପାରିବେ । ହଳେ ଚୁଡ଼ି, ହଳେ ନକଲି ପଥର ବସା କାନ ଗହଣା ଓ ଗୋଟିଏ ସୁନ୍ଦର ହାର । ସମସ୍ତ ୨୨ କେରେଟ ରୋଲଡ୍ ଗୋଲଡ଼ରେ ତିଆରି ଖୁବ୍ ଚକ-ଚକିଆ । ଆପଣ ନ ଦେଖିବା ପର୍ଯ୍ୟନ୍ତ ବର୍ଣ୍ଣନା କରି ହେବନାହିଁ । ବିନା ଡାକଖର୍ଚ୍ଚରେ ପଠାଯାଏ । ଭିଃପିଃ ଦ୍ୱାରା ମଧ୍ୟ ଅର୍ଡ଼ର ପଠାଯାଏ ।

S. Pol & Co.
14. Dr, Jagabandhu Lane Calcutta.


Digitized by srujanika@gmail.com

ମଜାକଥା




# ଓଁ ପ୍ରଜାପତୟେ ନମଃ

ଲେଖକ— ନି: ମ:

ମାନନୀୟ ଶୀଳ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ କନ୍ୟା ପିତା, ସକଳେଷୁ ଅସ୍ମଦୀୟ ଭାବୀ ଶ୍ୱଶୁର ମହୋଦୟ, ଉଦାର ଚରିତେଷୁ, ଶତକୋଟି ସଲାମ୍ କୁରନସ୍ ଅଦାବ ଅରଜାନନ୍ତର ନିବେଦନ ମିଦଂ—

ମହାଭାଗ,

ଏହାକୁ ତୁମ୍ଭ ପ୍ରଦତ୍ତ ବୈଶାଖର ବିଜ୍ଞାପନ 'ଅମୃତ ବଜାର ପତ୍ରିକାର' ଦ୍ୱିତୀୟ ପୃଷ୍ଠା ତୃତୀୟ ସ୍ତମ୍ଭ ଚତୁର୍ଥ ଭାଗରେ ଅମର ଦୃଷ୍ଟିଗୋଚର ହୁଅନ୍ତେ ଅସ୍ମ ଶ୍ରୀ ହଜୁର ଶ୍ରୀ ଚରଣରେ ତୁମ୍ଭର "ଅଷ୍ଟାଦଶ ବର୍ଷୀୟା, ସୁନ୍ଦର ସୁଷ୍ଠୁ, ନାତି ଦୀର୍ଘା, ନାତି ବାମନୀ, ନାତିସ୍ଥୂଳା ନାତି ପାତଳୀ, ଗୌରାଙ୍ଗୀ, ମୁଗ୍ଧା, ସରଳା, ଅଶେଷ କଳା ଗୁଣାଳଂକୃତା, ଦ୍ରାବିଡ଼, ହିନ୍ଦୁସ୍ଥାନୀ ଆଦି ସଙ୍ଗୀତ ବିଶାରଦା, ଗୃହକର୍ମ ସୁକୁଶଳା, ହିନ୍ଦି ବଙ୍ଗଳା, ଇଂରାଜୀ, ଓଡ଼ିଆ ଆଦି ଚାରି ବିଦ୍ୟା ହାସଲତା, ମାଟ୍ରିକୁଲେସନ ପରୀକ୍ଷା ଉତ୍ତୀର୍ଣ୍ଣା" ଏକମାତ୍ର ଦୁହିତାର ବିନା ଯୌତୁକ ଅଭାବରେ ବିନା ଯୌତୁକ ପ୍ରଦର୍ଶନରେ ଉକ୍ତ ଅବଶ୍ୟକ ସ୍ଥାନ ପୂରଣାର୍ଥେ ସ୍ୱପାତ୍ରରୂପେ ପ୍ରାର୍ଥୀ ହେବା କାରଣ ଅସ୍ମେ ତୁମ୍ଭ ଅଭିପ୍ରେତ ପାତ୍ରର ସମସ୍ତ ଗୁଣାବଳୀରେ ବିମଣ୍ଡିତ ସୁଶିକ୍ଷିତ, ପୂର୍ଣ୍ଣ ଯୌବନ, ବିଂଶାଧିକ ହେଲେହେଁ ସନ୍ତାନାଦି ଗଳଗ୍ରହ ବିମୋଚିତ, ଘଟୋତ୍କଚ ଦେହ, କରଣ କୁଳ ସମ୍ଭବ, ପିତୃମାତୃ ଶାସନ ବନ୍ଧ ବିମୁକ୍ତ, ଜମିନ୍ ଜାଗୀରଦାର୍ ବଳାଜଳ ଜମି ଜମାଦି, ଅମାର ଗମାର ବାଗବଗିଚା, ଜଳାଶୟ, ଗୋହାଳ, ବାଇସାଇକଲ, ଫାଉଣ୍ଟେନ ପେନ୍, ଘଡ଼ି, ସ୍ୱର୍ଣ୍ଣ ବୋତାମାଦି ନାନା ସମ୍ପତ୍ତିର ଅଧିକାରୀରୂପେ; ଉପରନ୍ତୁ ବୃହତ୍ ତରିକତ କରି ଅଷ୍ଟମ ବାର ଲଂଫ ପ୍ରଦାନାନ୍ତେ ବି,ଏ, ପରୀକ୍ଷା ରୂପକ ବିଶାଳ ପର୍ବତ ଲଙ୍ଘନରେ ଦକ୍ଷତା ଅର୍ଜନ କରି-ଥିଲେହେଁ ଅସ୍ମ ଅସ୍ମର ସ୍ୱୋପାର୍ଜିତ ଓ ଗୁଣମାନଙ୍କୁ ବିଶେଷରୂପେ ବର୍ଣ୍ଣନା କରିବାକୁ ଗଲେ ପତ୍ରର କଳେବର ଅତି ପ୍ରସାରଣ ହେବା ଭୟରେ ସଂକ୍ଷେପେ ସଂକ୍ଷେପେ ବର୍ଣ୍ଣନା ଃ ବାଦ କରିବା ମାନସରେ ଏ ପତ୍ର ଦରଖାସ୍ତବେଳେ କର୍ମରେ ଲାଗିବାଉପ୍ରାନ୍ତେ ଏମନ୍ତେ ଲେଖି-ଅଛୁଁ କି ଏହାକୁ ଅବଧାନ ହୋଇବେ ଯେ ଅସ୍ମର ଦୀର୍ଘ ୬ ଫୁଟ, ପ୍ରସ୍ଥ ଦୁଇଫୁଟ, ନାସିକା ଅର୍ଦ୍ଧ୍ୟ ସନ୍ତାନର ହିଟଲର ନାସିକା ତୁଲ୍ୟ ଶୁକଚଞ୍ଚୁକୁ ନିନ୍ଦା କରୁଅଛି ଓ ମଧ୍ୟ ଚର୍ଚ୍ଚିତ ଗଣ୍ଡ ବିଶିଷ୍ଟ ମୁସୋଲିନୀ ଚିବୁକ ସଂଯୁକ୍ତ, ଷ୍ଟାଲିନ ଦନ୍ତ ବିଶିଷ୍ଟ ତଥା ଅଥବା କର୍ଣ୍ଣ ଅଶ୍ୱିକର୍ଣ୍ଣ ମାର୍ଜାରବତ୍ ଅଛି କର୍ଣ୍ଣବତ୍ ନ ହେଲେ ଗାଧ କର୍ଣ୍ଣକୁ ନିନ୍ଦା କରି ଅସ୍ମର ଚକ୍ଷୁକୁ ଅମାବାସ୍ୟାର ପେଚକ ଚକ୍ଷୁ ସଙ୍ଗେ ତୁଳନା କଲେ ସୌସାଦୃଶ୍ୟ ନିକଟରେ କାଠିନ୍ୟକୁ ପ୍ରାପ୍ତ ନ ହୋଇ ଅସ୍ମର ଗ୍ରୀବାକୁ ମରୁଭୂମିରେ ମଧ୍ୟ କ୍ଷୁଧାତୃଷା ବିରହିତ ଓଷ୍ଟ୍ରର ଅନୁସାର ତଥା ଅଗ୍ର ଦନ୍ତ ପଣରେ ତୁଚ୍ଛ ନୋହିବ । ତଥା ଅସ୍ମର ବର୍ଷାକାଳର ଭୋର ମୁଗ ଖେଳୀମାନ ବାଳଅର ପାଦ ତୁଲ୍ୟ ବିଶେଷରୂପେ ସଂପ୍ରସାରିତ ଓ ଉଦାର ଥିବାରେ ପ୍ରଶଂସିତ ଅସ୍ମର ଶରୀରର ସୁଗଠନ ଗର୍ଦ୍ଦଭର ତୁଲ୍ୟ ଓ ସ୍ୱର ଦର୍ଦ୍ଦୁରର ତୁଲ୍ୟ ଏମନ୍ତେ ଅସ୍ମେ ଉତ୍ତମ ଫୁଟବଲ, ହକି ଟେନିସ, କ୍ରିକେଟ୍ ଖେଳୁଅଛୁଁ ଏବଂ କୁସ୍ତି କସରତ ଲାଠି, ଛୁରୀ ଚକ୍ରବ୍ୟୁହରେ ଗୁଣ୍ଡାମାନଙ୍କର ଗର୍ଦ୍ଦନ ଶମର୍ଦ୍ଦନକାରୀ, ବିଦ୍ୟାର୍ଜନରେ ଅଦ୍ୱିତୀୟ । କ୍ଷମତାସମ୍ପନ୍ନ ଏମନ୍ତ କି ଅସ୍ମର ଭାଷା ଘୁଞ୍ଚା ପୁରୁଷା ବିଦ୍ୟାବାଗୀଶମାନେ ବୁଝିବାକୁ ଅକ୍ଷମ ହେବାରୁ ଅସ୍ମର ପରୀକ୍ଷା ଖାତାରେ ଅଖଣ୍ଡ ମଣ୍ଡଳାକାର ରେଖାଙ୍କ ପୂଜା କରିବାକୁ ଲାଗି-ବାର ଦେଖି ଅସ୍ମେ ସ୍ୱୀୟ ଶକ୍ତିକୁ ଝଙ୍କୃତ କରିବା ମାନସରେ ଏବେ ଏଣିକି ତରୁଣ ନବୀନ ଲେଖକମାନଙ୍କୁ ଉତ୍ସାହିତ କରୁଥିବା ଉତ୍କଳର ଯୁଦ୍ଧକାଳୀନ ଏକମାତ୍ର ଜାତୀୟ ପତ୍ରିକା 'ଡଗର'ର ପୃଷ୍ଠା ଉପରେ ବଳାତ୍କାରରେ ବସି ପୃଥିବୀକୁ ଅନ୍ତତଃ ଭାରତକୁ ନଚେତ୍ ଉତ୍କଳକୁ ଦେଖାଇ ଦେବାକୁ ଗର୍ବ ଯେ ଅସ୍ମେ କଏ କ'ଣ କି କି କରିପାରୁଁ ଯେଣୁ ଅସ୍ମେ ଜଣେ ଭବିଷ୍ୟତ୍ ଇଲିଅଟ୍, କିଟସ୍ ହେବାର ପ୍ରୟାସୀ ଥାଇ ଅସ୍ମେ ସ୍ୱକ୍ଷୁଦ୍ରରୂପେ ପ୍ରେମପତ୍ର ପାଇଁଗମ ହୋଇ ଅତ୍ୟନ୍ତ ଦଶୋକ୍ତ ସ୍ଥାନରେ ଧରପଡ଼ ପ୍ରସ୍ତୁତ ହେବାର ଗୌରବର ପ୍ରାପ୍ତିକୁ ପାଇଁ ଅଧିକ ଯୋଗ୍ୟତା ଲାଭ କରିଥିବାରୁ କନ୍ୟା ପିତାମାନେ ଉଠାଇ ବସାଇ ଖୁଆଇ ପିଆଇ ଶୁଆଇ ଦେଇ ନାହାନ୍ତି ବୋଲି ଅସ୍ମେ ଏ ପ୍ରଦେଶ ଛାଡ଼ି ଅନ୍ୟ ପ୍ରଦେଶରେ ବିବାହ କରିବାକୁ ସ୍ଥିର କରି ଆପଣଙ୍କ ନିକଟକୁ ଆବେଦନ ପତ୍ର ଅଙ୍ଗୀକାରମାନେ ଲେଖିଲୁଁ କି ଅସ୍ମେ ଆପଣଙ୍କ ପୁତ୍ରୀର ଧାରଣୀୟ ଶାଢ଼ୀ, ସାୟା, ବ୍ଲାଉଜ ପାଉଡର ରୁଜଲିପଷ୍ଟିକ୍ ସିନେମାଗସ୍ତ ଜୋତା, ମୋଜା, ବ୍ରଚ୍ କଣ୍ଠା, ଇଲ୍-ଡ, ଏମ୍, ସି ଆଦି ସମସ୍ତ ଦ୍ରବ୍ୟ ଯୋଗାଇବାର ଏବଂ ସ୍ୱତନ୍ତ୍ରତା ସ୍ୱାଧୀନତା ଦେବାକୁ ଅଙ୍ଗୀକାର କରି ଏ ଦରଖାସ୍ତ ପେଶ୍ କଲୁଁ କି ଯଦି ଅସ୍ମ ଉପରେ ତୁମ୍ଭର ଜାମାତା ପଦ ନ୍ୟସ୍ତ ହୁଏ ଅସ୍ମେ ଅସ୍ମ ଶାଶୂ, ଶଶୁର, ଶଳା, ଶାଳୀ, ସ୍ତ୍ରୀ ପୁତ୍ରପୌତ୍ରାଦିମାନଙ୍କର ସୃଷ୍ଟି ପର୍ଯ୍ୟନ୍ତ ଅନୁଯାୟୀ କାର୍ଯ୍ୟ ତାଲିମ କରିବାକୁ ବାଧ ରହି ଏ କାମନା କରୁଅଛୁଁ କି ତୁମ୍ଭର ମଙ୍ଗଳ ନିମନ୍ତେ ମା ଗଞ୍ଜାକାଳୀ ଓ ଅସ୍ମର ମଙ୍ଗଳ ନିମନ୍ତେ ବାବା ଜଗନ୍ନାଥ ରହିବେ । ଇତି ।

ଅଶେଷକଥ ଦାସାନୁଦାସ ସେବକ

—— ଘ ଘ—

Digitized by srujanika@gmail.com




କାହାଣୀ

# ଛୋଟ ଗପ

ଲେଖକ:—
ଶ୍ରୀ……ବନସ୍ପତି

ଘଟଣା ବହୁଳ ଜୀବନରେ ସେ କେବଳ ଗୋଟିଏ ଘଟଣା ।

× × × +

ରାତି ଶେଷରେ ଗଭୀର ନିଦ ଭାଙ୍ଗେ, ସକାଳର ଦେରିରୁ ଖବର ପଢିଲା ପରି, ଅତି ଅପ୍ରିୟ ଭାବରେ… ଭୁଲ୍ ବନାନ ଉପରେ ପରୀକ୍ଷକର ମୋଟା ପେନ୍‌ସିଲରେ ନାଲି ନେଳି ଗାର ପରି ।

ଟିକ୍…ଟିକ୍…ଟିକ୍

ମୁଣ୍ଡ ଉପରେ, ସେଇ ଗ୍ଲେଜ୍ ଟେବୁଲ୍‌ଟା ଉପରେ, ବହି, ଲେଖା ଅଲେଖା କାଗଜ, ରୁଲ୍ କପ୍, ଖବର କାଗଜର ଗଦାଳା ଭିତରୁ, ସାବଧାନୀ, ନିୟମାନୁବର୍ତ୍ତୀ, ସେଇ ଟଙ୍କ୍ ରିଷ୍ଟ୍‌ୱାଚ୍‌ଟା ଚାଲିଚି ଟିକ୍…ଟିକ୍…ଟିକ୍ !

ମଶାରିର ପର୍ଦ୍ଦା ଟେକି ଅଳସ ହାତଟା ଚାଲିଯାଏ ଟେବୁଲ ଉପରର ସେଇ ରିଷ୍ଟ୍‌ୱାଚ୍‌ଟା ଆଡେ଼ । ତା'ପରେ ନିଦମଗ୍ନ ଆଖିରେ ପଡେ ଆଠଟା ବାଜି କୋଡିଏ ମିନିଟ୍ ହୋଇ ଯାଇଚି । ଆଠଟା ବାଜି, କୋଡିଏ ମିନିଟ୍ ପରେ ପ୍ରତିଦିନ ସକାଳେ ଏମିତି ନିଦ ଭାଙ୍ଗେ ମୋର !

ମିନିଟ୍ କଣ୍ଟା ଚାଲିଚି, ରାତି ସିଫ୍‌ଟରେ ପାକୁଗ କଲାର ଅଳସ ଅଙ୍ଗଚାଳନା ପରି, ଆଉ ଅପେକ୍ଷାକୃତ ମୋଟା ଘଣ୍ଟା କଣ୍ଟାଟା ଚାଲିଚି ଗଜ ଗମନରେ ତାଳ ତାଳ । ସେ ଚାଲିବା ଭିତରେ ଅଛି ରମ୍ଭା-ଉରୁ ପ୍ରିୟାର ମନ୍ଥର ଗଜଗମନ । ଯୌବନଭରା ଉଦାସ ଛନ୍ଦ, ଅଭିଜାତ୍ୟର ମନ୍ଥରତା, ଆଉ ଅଛି କଳକଣ୍ଠାର ବାହାଦୁରୀ ! ଆଉ ରଙ୍ଗ ତାର ?...ମନେ ପକାଇଦିଏ ପାର୍ଶ୍ୱୀ ଯୁବତୀ ଅଙ୍ଗରେ ସ୍ନିଗ୍ଧ, ଶୀତଳ ଗୌରବ ! ନଇଲେ ରଞ୍ଜ କାବ୍ୟର ସେ କୋଇ ମୋଂଗୋଲ ବଧୂର, ଚୂଟନ୍ତା ମୋର ମହିମା ! ସାତ ସମୁଦ୍ର, ତେର ନଈ ସେ'ପାରି ଉଏଷ୍ଟ୍‌ଏଣ୍ଡ୍ କମ୍ପାନୀର ଷ୍ଟୋର ସେଇ ଘଣ୍ଟା, ଆଉ ମୋ' ଭିତରେ କେମିତି ଯେ ବଢ଼ି ଉଠିଚି ଦିନେ ଦିନେ ବନ୍ଧନର ଆକର୍ଷଣ…ଜାଣେନା !

ଅନେକ ରାତିରେ……ଯୋଉ ସବୁ ରାତିରେ ଅବାଧ ମନ ଚାହେଁନା, ଜୀବନର ସଂକୀର୍ଣ୍ଣତା ଭିତରକୁ ଫେରିଯିବା ପାଇଁ; ସେଇ ସବୁ ଚପଳ ଶିଶୁର ଅବାଧ ମୁହୂର୍ତ୍ତରେ ସେଇ ଘଣ୍ଟା, ଦୁଇଟା ଆଙ୍ଗୁଠି ତାର ବଢ଼ାଇ, ସତର୍କର ସୁରରେ କହେ ଯେମିତି ଫେରିଯିବା ପାଇଁ ! ଜୀବନରେ ସଂକୀର୍ଣ୍ଣତାର ବି ସ୍ଥାନ ଅଛି, ସମୟର ବି ମୂଲ୍ୟ ଅଛି ।

ଆଉର ବି……

ଅଫିସ ଘଣ୍ଟାର କଣ୍ଟା ଦୁଇଟାକୁ ଛୁଇଁ, ଯେମା ତଳେ ବଡ଼ ବାବୁଙ୍କ ଆଖି ଦୁଇଟା ଯେତେବେଳେ ରାଗେଇ ଉଠେ, ସେ ପର୍ଯ୍ୟନ୍ତ ଅସି ନଥିବା ଷ୍ଟେଟ ବାବୁମାନଙ୍କର ଅଯଥା ବିଳମ୍ବରେ, ସେତେବେଳେ ସେଇ ଘଣ୍ଟା, ଦୁର୍ବଳ କ୍ଷୀଣ ସ୍ୱରରେ କହେ ହୁଏତ…ଏଇ-ଥର ଉଠ ବନ୍ଧୁ ! ଜୀବନରେ କର୍ତ୍ତବ୍ୟର ବି ସ୍ଥାନ ଅଛି !

ଏମିତି ସେ ଅନେକ ଘଟଣା ଓ ଅନେକ ପରିସ୍ଥିତି ଭିତରେ, ସେ ଓ ମୁଁ ଆମ ଦୁହିଙ୍କ ଭିତରେ, ଦିନେ ଦିନେ ବଢ଼ି ଉଠିଚି ଦୁର୍ଭେଦ୍ୟ ଏକ ଆକର୍ଷଣ !

ସେ'ଦିନ ବି—

ଆଠଟା ବାଜି କୋଡ଼ିଏ ମିନିଟ୍ ହୋଇ ଯାଇଚି । ମେଲି ଆଖି ଦୁଇଟା ଶିଥିଳ ଦୃଷ୍ଟି ପଡିଲା; ସାମନା କାନ୍ଥର କାଲେଣ୍ଡରଟା ଉପରେ । ସେ'ଦିନର ତାରିଖ ଥିଲେ, ନିଜ ହାତରେ ମୁଁ ଟାଣି ଦେଇଚି ଗୋଟାଏ କଳାବୃତ୍ତ । ତାର ଉଦ୍ଦେଶ୍ୟ ହେଉଚି ସେ'ଦିନ ମୋର ଗୋଟାଏ ମୋଟା ଧରଣର ଋଣ ପରିଶୋଧ କରିବା କଥା । ଆଉ •ଅଳ୍ପସମୟ ପରେ, •ଖୋଲା ଦୁଆର ପାଖରେ ହାତ ବଢ଼ାଇ ହୁଏତ ଠିଆ ହେବ ଆସି, ସ୍ଥୂଳ ସେଇ ପାଉଣାଦାର ! ଆଙ୍ଗୁଠି ଗୁଡ଼ାକ ତାର ଟଙ୍କା ବଜାଇ, ପରଖି ନେବା ପାଇଁ ଚଞ୍ଚଳ ହୋଇ ଉଠୁଥିବ ଗୋଟାଏ ଉତ୍ତେଜନାରେ । ଛାତିଟା ମୋର ଥରି ଉଠିଲା ଯେପରି ସେଇ ଅନାଗତ ମୁହୂର୍ତ୍ତର ଆଶଙ୍କାରେ । ଅନେକ ତାରିଖ, ଅନେକ ବାର ଅଗରୁ ଯାଇଚି, ଏଥର ହୁଏତ ସେ ଅବକା ଅଭିଯୋଗ କରିବ ଆସି । ସେ ଜାଣେ ଆଜ ତାର ପାଉଣା, କଡ଼ା କ୍ରାନ୍ତି ପର୍ଯ୍ୟନ୍ତ !

ଚଞ୍ଚଳରେ ଉଠି ବସି, ଟେବୁଲ ଉପରୁ ଘଣ୍ଟାଟା ଆଣି ଚାହିଁଲି, ଉଦ୍‌ଘୋଷିତ, ଆଶଙ୍କାରେ କମ୍ପିତ ଅକ୍ଷରେ । ଆଠଟା କୋଡିଏରୁ ପାଞ୍ଚ ଦଶ ମିନିଟ୍ ଅଗେଇ ଯାଇଚି ।

ସେ ଘଣ୍ଟା ମତେ ଯେପରି କହିଲା……ଦୁଃଖ କଣ ବନ୍ଧୁ ? କଣ ବା ଆଶଙ୍କା ? ଚାଲିବାକୁ ପଡିବ, ମୁଁ ଚାଲିଚି ଯେମିତି ! କିନ୍ତୁ ଧୀରେ—ଧୀରେ ! ଏତେ ଚଞ୍ଚଳ ହୁଅନା ବନ୍ଧୁ !

( ଅବଶିଷ୍ଟାଂଶ ୭୬ ପୃଷ୍ଠା ଦେଖନ୍ତୁ

Digitized by srujanika@gmail.com



# ମୂଲିଆ

ଅନ୍ନପୂର୍ଣ୍ଣା ବି ଗ୍ରୁପ୍—ଫୁଟବଲ ଟିମ୍ ନୁହେଁ—ସଞ୍ଚରମାଣ ଥିଏଟର (ଥିଏଟର) ଦଳ। କରନ୍ତି ଅଭିନୟ। ନାମ ମୂଲିଆ। ମୂଲିଆ ଜୀବନର ସୁଖ ଦୁଃଖ ନୁହେଁ—ମୂଲିଆକୁ ବାବୁ ସଜେଇ, ଲେକଚରସା କରି ପୁଣି ଆଣି ତାକୁ ମୂଲିଆ ଘରେ ଛାଡ଼ିବା ହେଲା ଏ ଗପର ସାରାଂଶ। ଗରିବ ଗରିବ—ଗରିବ କେବେ ବଡ଼ଲୋକ ହୋଇ ପାରେନା—ଓଠ ସାଙ୍ଗେ ଭୁଅ କାହିଁ ସରି ହେବ। ସେଥିପାଇଁ ରଜୁକୁ କଳ୍ପନା ପଛେଇ ଦେଲା; କଳ୍ପନାର ବଡ଼ଲୋକ ପ୍ରେମିକ କୁମାର ରଜୁକୁ ଛଡ଼େଇ ଗାଁଟା ଗଲା, ଗାଁ ଲୋକେ ଭଲ ମୂଲିଆ ଭାଇ ଭାଉଜ ଗଲ ବୋଲି କହି ଗାଁରେ ଛାଡ଼ି ଆସି ନିଜେ ବଡ଼ଲୋକ ରାୟଙ୍କ ଝିଅ କଳ୍ପନାକୁ ଯେନ ତେନ ବଡ଼ଲୋକୀ ପରମ୍ପରାଟାକୁ ବଜାୟ ରଖିଲା। ଅଧୁନିକ ଟୋକାଙ୍କର ମୂଲିଆ, ଲୁଙ୍ଗି, କେଡ଼ାର ଅଧ ଦୁହାଇଟାକୁ ଦୁହାଇ ଦୁହାଇ ଉଡ଼ କରିବା ବଡ଼ ସିଗାରେଟ ଓ ଟିଲା ପାଇଜାମା ପରି ଗୋଟେ ଫେସନ ହୋଇଯାଇଛି। ସେମାନେ ଭାବୁଛନ୍ତି ତାଙ୍କ ବଡ଼ଲୋକୀ ଦଳର ସୁଖ ସ୍ୱାଚ୍ଛନ୍ଦ୍ୟ ଯେମିତି ସେମିତି ଥାଉ। ସେଥିରୁ କିଛି ଊଣା ହେବନାହିଁ। ସ୍କୁଲ କଲେଜରେ ପାଠ ପଢ଼ି ବାବୁ ହେବେ, କବିନା, ହାକିମ ହେବେ ସେମାନେ; ଆଉ ମୂଲିଆ ବଡ଼, ମୂଲିଆ ଭଲ ବୋଲି କହି ମୂଲିଆଙ୍କୁ ମୂଲିଆ ରଖି ଶୋଷଣ କରୁଥିବାର ଅଭିନୟ ଗ୍ରହଣର ଫେରିବନ—ଅନ୍ନପୂର୍ଣ୍ଣା 'ବି' ଗ୍ରୁପର ଅଭିନୟ ତ କ୍ଷଣସ୍ଥାୟୀ। ଗରିବ ଜୀବନକୁ ଯାଇ ଗରିବଙ୍କ ଜୀବନର ସୁଖ ଦୁଃଖକୁ ନିଜର କରି ନିଜ ହୃଦୟର ଭାବ ଫୁଟାଇବା ଏତେ ସହଜ କଥା ନୁହେଁ। ଉପରେ ଥାଇ ଦୟା ଅନୁକମ୍ପା କରାଯାଇ ପାରେ—ସହାନୁଭୂତି ନୁହେଁ। ମୂଲିଆର ଲେଖକ ସେଇଟା କରନ୍ତି। ଆଜି କଟକ ନଗରର ଯେତେ ମୂଲିଆ ଉପର ଶ୍ରେଣୀର ଲୋକ ଅନ୍ନପୂର୍ଣ୍ଣା ମଞ୍ଚ ଭବନରେ ଭିଡ଼ ଲଗେଇଛନ୍ତି ସମସ୍ତଙ୍କ ମନୋବୃତ୍ତି ସେଇଆ। ଦାଣ୍ଡରେ ଉଦାସ କାଢ଼ି, ଛୋଟ ପଇସାଟାଏ ମାଗୁଛି—କିଛି ମିଳିବ ନାହିଁ ବୋଲି ସେ ପାଉଛି ଉତ୍ତର। ରିକ୍ସାବାଲା ସାଙ୍ଗରେ ଗୁରୁ ପଇସା ଦ' ଅଣା କଟାଇବା ପାଇଁ ଅଧଘଣ୍ଟେ କଚାଭିଡ଼ା। ଅଥଚ ଥିଏଟର ଦେଖିବା ପାଇଁ ଟଙ୍କାକ ଉପରେ ଟଙ୍କାଏ ପଞ୍ଚ ପଇସା ଦେଇ ମିଣିପଙ୍କ ଷଣ୍ଢରେ ମାଇପେ ତାଙ୍କ ଯଉବନକୁ ଯଥା ତଥା ସମ୍ବାଦ ଦେଇ ପଶିଛନ୍ତି ଦେଖିବେ—ମୂଲିଆ। ଆହା, ମୂଲିଆଙ୍କ ପାଇଁ କି ସହାନୁଭୂତି! ଏକାବେଳେକେ—

କେଶ ବସନ ଅସମ୍ଭାଳ,
ମୂଲିଆ ପ୍ରେମ ହେଲା କାଳ।

ନାଟକ ଘଟେଇବା କ'ଣ ଲେଖିବ ଠିକ୍ ନକରି ଟଙ୍କାଟାଏ ପିଇବା ପିଇବା କଳ୍ପନା ଧରି କଲମ ଗାର କାଟିଲେ। ନାଟକ ଭିତରେ ମୂଲିଆ ଜୀବନର ଟିକିଏ ଅଦର୍ଶ କରି ଗଲା। ତାର ଅଧ ତାପ ଆଉ ସ୍ତ୍ରୀ ମଧ ମନ ଅଦର୍ଶ ଦୁହେଁନ୍ତି। କିନ୍ତୁ ନାଟକରେ ସେ ଲୋକଟିଏ ଦୁଇ ମନେ—ମିଷ୍ଟର ରାୟଙ୍କ ଅଡ଼ମ୍ବର, ମିସେସ୍ ରାୟଙ୍କ ଧୃଷ୍ଟତା—ଓ ମିସ ରାୟଙ୍କ ପ୍ରେମ ନାଟକର ଅଭିନୟ ଭିତରେ। ଗାଁ ମରିଯାଇଛି। ଠିଆ ହୋଇଛି ସହର। ଯେମିତିକି ଗୋଟିଏ ଯାତ୍ରାଦଳଙ୍କ ଗାଁକୁ ସହର କରିବାର ଯୁଦ୍ଧବାଉଁର ଯୋଜନା ଏଇଠୁ ଆରମ୍ଭ ହୋଇ ହୋଇ ଫଳବତୀ ହୋଇଗଲା।

କଳ୍ପନା ଓ କୁମାର। ନାଟକରେ ତାଙ୍କର ଅବତାରଣା ସ୍ୱତନ୍ତ୍ର। କଳ୍ପନା ବିବାହ ପୂର୍ବରୁ ବନ୍ଧୁତାର ବିବାହ କରିଛି। ଯୁବକମାନଙ୍କୁ 'ଜାପାନୀ କଣ୍ଢେଇ' କରି ନଚେଇବା—ପୁଣି ସେଇ ଦେଇଛି ଉପଦେଶ ତାର ଜଣେ ପ୍ରେମିକ, ତାର ଲୁଣୀ ପନ୍ତ, ହୁଏତ ତାର ମଙ୍ଗଳ ଶଯ୍ୟାର ନାୟକ ରଜୁକୁ ଗାଁକୁ ଫେରି ଯିବା ପାଇଁ—ପ୍ରେମର ସବୁ ପରିଣାମଯାକ ଆସ୍ୱାଦନ କରି ସାରିବା ପରେ ସେ ପୁଣି କହୁଛି, ରଜଭାଇ, ତମର ମୋର ଭାଇ ଭଉଣୀର ସମ୍ପର୍କ।—କେଉଁ ସନ୍ଧ୍ୟା ପୂର୍ବରୁ ଯେଉଁ flirting, କୁମାର ଉତ୍ତାଳରେ ରଜୁ, ରଜୁ ଉତ୍ତାଳରେ କୁମାରଙ୍କୁ ଯେନ ଯେଉଁ ଲୁଚକାଳି ସେ ହୋଇଗଲା ମିଛ। ଆଉ କୁମାର? ରଜୁର ପ୍ରତିଦ୍ୱନ୍ଦୀ? ଯେ ତ ନିଜେ ବଡ଼ଲୋକ ଝିଅ କଳ୍ପନା ପ୍ରେମରେ 'ଉବୁଟୁବୁ'—ନିଜେ କଳ୍ପନାକୁ ଦୁଇଥର ଅପଯଶ, ଚୋଳି ଲୁଟେଇ ଧରିଛି; ସେ ପୁଣି ରଜୁକୁ ଉପଦେଶ ଦେଉଛି—ଫେରି ଯାଅ ଗାଁକୁ—ଏ ବଡ଼ ଲୋକ ମାଇକିନିଆଙ୍କ ପ୍ରେମରେ ପଡ଼ ନାହିଁ। କି ଚମତ୍କାର କଳ୍ପନା!

ତାପରେ ଆଉ ପଞ୍ଚ ଅଙ୍କର ଶେଷ ସାଙ୍ଗକୁ ବାଡ଼ାହୁଏଙ୍କୁ ଅଟମ କ'ଣ ଶିଖିବା ଯେ ଗରିବ ଲୋକଙ୍କ ଉପକାର କରିବା ପାଇଁ ବଡ଼ ଲୋକଙ୍କୁ ଠକେଇବା ଢଙ୍ଗେଇବା କରିବା ଛଡ଼ା ଅନ୍ୟ ଉପାୟ ନାହିଁ। ଗୋଲ ସାଦା ଆଖିରେ •ଦେଖିଲେ ନାଟକର ନାୟକ ବୀର ପଟୁଆ। କିନ୍ତୁ ତାଙ୍କ ଶେଷରେ ଅବ୍ୟାହତରେ ଅବାଉଣରେ, ବଢ଼ିବାର ନ ଥିବାବେଳେ ପୁଲିସ ହାତରେ ବାହାଘର ବେଶ ପାଖରେ ଘଟଣା ବହୁତ ଅବସ୍ଥାରେ ଧରାଇ ଦେଇ କି ରୋମହର୍ଷଣ ପରିସ୍ଥିତି ସୃଷ୍ଟି କରିଗଲା।

ଅଜବାର ଶସ୍ତା ହିନ୍ଦି ଫିଲ୍ମରୁ ଚୋରି କରି ଯେଉଁ ସବୁ ଦୃଶ୍ୟ ନାଟକରେ ମଞ୍ଚସ୍ଥ କରିଛି ସେ ଗଉଡ଼ଲଳା ଦର୍ଶକଙ୍କୁ ଛାଡ଼ିଦେଲେ

Digitized by srujanika@gmail.com

ନାଟକରେ ଆଉ ଦେଖିବା ଜିନିଷ କ'ଣ ଅଛି ? ଗୀତ ଗାଇବା ପାଇଁ ନର୍ତ୍ତକ ତାପରେ ଅଭିନୟ କରିବାକୁ ପଡ଼ିଲା, ନାଟକର ଶସ୍ତା ମାସ୍ ଅନୁମୋଦିତ, ମିଳନାନ୍ତକ କରିବା ପାଇଁ ଗୋଟାଏ ଧର୍ମ୍ମ ମହାପାତ୍ରଙ୍କୁ ହାତଗଣ୍ଠି ପଡ଼ିବା ପଡ଼ିବା ଅବସ୍ଥାରେ ପୁଲିସ ସମ୍ଭବତଃ ଉଡ଼ାଜାହାଜରେ ଆସି ତାଙ୍କୁ ଗିରଫ କରିବାକୁ ବାଧ ହେଲେ। ନାଟକରେ ଗୀତ ଭରିବା ପାଇଁ କଲିକତାର ବାପାଙ୍କ ଗୀତ ମାଷ୍ଟର, ନାଚ ମାଷ୍ଟର ପ୍ରିଅରନା ରଖିବାକୁ ପଡ଼ିଲା, 'ରସ ସୃଷ୍ଟି' କରିବା ପାଇଁ ମିଷ୍ଟର ରାଓଙ୍କ ମୁଖରେ ସେଇ ପୁରୁଣା ଧରଣର ମୁଦ୍ରାଦୋଷ I mean to say ଭରତି କରିବାକୁ ପଡ଼ିଲା। ସେ ଯାହାହେଲା ତ ହେଲା, ଶେଷରେ ମିସେସ୍ ରାଓଙ୍କ ଚରିତ୍ରକୁ ଆମୋଦଜନକ କରିବା ପାଇଁ ଅସମର୍ଥ ଲେଖକଙ୍କୁ କଟକର ଜଣେ ବିଶିଷ୍ଟ ଉଦ୍ ମହିଳାଙ୍କ ନାମ ସହିତ ସଂଶ୍ଳିଷ୍ଟ କରିବାକୁ ପଡ଼ିଲା। କଟକବାସୀ ଯେତେ ଏଭଳି ଶସ୍ତା ଆନନ୍ଦ ପାଇବାରେ ଲୁବ୍ଧିତ ମନୋବୃତ୍ତି ଦେଖ ଅନାତୁରୀର ଅଭିନେତ୍ରୀ ମିସେସ୍ ରାଓଙ୍କୁ ଦେଖିବାକୁ ଯାଉଥାନ୍ତି ତେବେ ତାଙ୍କ ରୁଚି କଟକ ନର୍ଦ୍ଦମାଠାରୁ ବି ତଳକୁ ଗଲା ବୋଲି ବୋଲିବାକୁ ହେବ।

ଅଭିନୟ ସମ୍ବନ୍ଧରେ ସଂକ୍ଷେପରେ, ଆମ ଦେଶରୁ ପୁଣି ଭଲ ହୋଇଯାଇ ପାରେ। ମିଷ୍ଟର ରାଓଙ୍କ ଅଭିନୟ ଏବେବେଳେବି ଅସ୍ୱାଭାବିକ ବୋଲି ବିରକ୍ତିକର ବୋଧ ହେଉଥିଲା। ନନ୍ଦର ମୁଖିଆ ଭାବ ଓ ତା ସ୍ତ୍ରୀର ସ୍ୱାଭାବିକ ଅଭିନୟ ଚମତ୍କାର ବୋଲିବାକୁ ହେବ। ମିସେସ୍ ରାଓଙ୍କୁ ଦେଖିଲେ ମନେ ହେଉଥିଲା, ମସ୍‌ଜିଦ୍ ଗଳିରୁ କିଏ ଯେମିତି ଉଠି ଆସିଛି। ବାକି ପଞ୍ଚୁ ଅଙ୍କ କଥା ଛାଡ଼ିଦିଅ। ଅତି ମୁକ୍ତ ଓ ମେଧାଯୁକ୍ତ। କିନ୍ତୁ ଏ ଅଜ୍ଞମାନଙ୍କରେ ଅଭିନୟ କରିବାର ଦୋଷ ରହି ଯାଉଥିଲା।

ଭଜନ କେଇଟିକ ଛଡ଼ା ଦେଲେ ବାକି ଗୀତଗୁଡ଼ିକ ଶୁଣିବା ପାଇଁ ଦର୍ଶକମାନେ ତୁଳା କମ୍ବା ସତର୍କ ଘଣ୍ଟି ବାଣୀନ plug ହାତରେ ଧରି ନେଇ ଯିବାକୁ ଅବଶ୍ୟକ ବୋଲି ବିଜ୍ଞାପନ ଦେବା ଉଚିତ ଥିଲା।

( କାହାଣୀ ୪ର୍ଥ ପୃଷ୍ଠା ଉତ୍ତାରୁ )

ସ୍କୁଲଡାକୁଛି' ପଢ଼ିବ।

ତା'ପରର କାହାଣୀ। କଣ ତା ଲେଖ ଅଛି ସେସବୁ ଲେଖି ? ସ୍କୁଲଦାର ଛନ୍ଦରେ ସ୍କୁଲ ବେଳ। + - +

ତତ୍ପରି ସାନ୍ଧ୍ୟ ମହାଜନ ପଞ୍ଚଶ ଟଙ୍କା, ମାସକୁ ଭଜନଟଙ୍କା ଦ' ଅଣା ସୁଧରେ ମୋ' ହାତକୁ ବଢ଼ାଇ ଦେଇ ବସ୍ତିରଜର ଆଗରେ ସ୍ପର୍ଦ୍ଧ ରହିଲ, ରେଖା ବନ୍ଧୁକ ଶିଥିଳ ପାପୁଲି ଉପରେ ଡାଇ, ଘଣ୍ଟାଟା ଚାଲିଚି—ଟିକ୍ ଟିକ୍...ଟିକ୍ ଟିକ୍ !

''ବର୍ତ୍ତମାନ ପାଇଁ ଅନ୍ତତଃ ବିଦାୟ ବନ୍ଧୁ !''

ସେ ଘଣ୍ଟାର ସେଇ ଏକତାଳିଆ ଟିକ୍ ଟିକ୍ ଭିତରେ ଯେମିତି ନିହିତ ହୋଇଥିଲା, ବିଦାୟର ଏଇ ଶେଷ କଥା !

ବିଦାୟ ନେଇ ଆସିଲି। + + +

ତା' ପରଦିନ ସକାଳ। ଅନ୍ୟ କାହାର ଘଣ୍ଟାରେ, ଆଠଟା ବାଜି କୋଡ଼ିଏ ମିନିଟ୍ ହୋଇଥିବ ନିଶ୍ଚୟ। ଝରକା ପାଖରେ ସକାଳର ଖରା ଉଙ୍କି ମାରୁଚି କଞ୍ଚା ଅଳସ ଶିଶୁ ପରି। ଅଳସ ହାତଟା ମୋର, ଚିରଦିନର ସୁର ଧରି ବଢ଼ାଇ ହୋଇଗଲା, ଟେବୁଲ ଉପରର ସେଇ ଘଣ୍ଟାଟା ଆଡ଼େ। ହାତରେ କିଛୁ ପଡ଼େନା ଯେ। ଅଳସ ଆଖି ଦୁଇଟା ବୁଜି, ଅନ୍ଧ ପରି ଟେବୁଲ୍ ଉପରେ ଘଣ୍ଟାଟା ପାଇଁ ଉଣ୍ଡାଳୁ ଉଣ୍ଡାଳୁ ପୋର୍ସିଲେନ୍‌ର ଗ୍ଲାସ' କପଟା ତଳେ ପଡ଼ି ଚୂନା ହୋଇଗଲା। ଭାଙ୍ଗିବାର ସେଇ ବିକଟ ଶବ୍ଦରେ ଆଖି ଦୁଇଟା ମେଲି ହୋଇଗଲା ମୋର।

ପାଖ ଘରେ କାହା ଘଣ୍ଟାରେ ବାଜୁଚି ସାଢ଼େ ଆଠଟା। ଦଶ ମିନିଟ୍ ଚଞ୍ଚଳ ଅଛି ନିଶ୍ଚୟ। ପାଖରେ ମୋର ଘଣ୍ଟା ନ ଥିଲେ ବି ତାହାରି ଖବରରୁ ଜାଣି ନେବ, ଆଠଟା ବାଜି ଠିକ୍ କୋଡ଼ିଏ ମିନିଟ୍ ହୋଇ ଯାଇଚି।

ସେତେବେଳକୁ ସାନ୍ଧ୍ୟ ମହାଜନର ଲୁହା ସିନ୍ଦୁକର ଗର୍ଭ ଚାଙ୍କୁଣି ତଳେ, ସେ ହୁଏତ ଚାଲିଥିବ...ଟିକ୍ ଟିକ୍—ଟିକ୍ ଟିକ୍ !

''ଚାଲିବାକୁ ପଡ଼ିବ ବନ୍ଧୁ ! କିନ୍ତୁ ଧୀରେ—ଧୀରେ !''
ଟିକ୍...ଟିକ୍...ଟିକ୍...

ଉତ୍କଳ ଯାଦବ ଛାତ୍ରାବାସ-ଭଦ୍ରକ।

## କୃତଜ୍ଞତା ଜ୍ଞାପନ

ଗତ ସନ୍ ୧୯୪୫ ମସିହାରେ ଗୁଜଡାଲ ମାଇନର ସ୍କୁଲରୁ ସରକାରୀ ବୃତ୍ତିପ୍ରାପ୍ତ ଗରୀବ ଛାତ୍ର ଶ୍ରୀମାନ ଜୟଦେବ ପଲେଇ, ଅର୍ଥାଭାବରୁ ଏପର୍ଯ୍ୟନ୍ତ ପଢ଼ି ପାରୁ ନ ଥିଲେ। ଉପରୋକ୍ତ ଛାତ୍ରାବାସର ଉଦ୍ୟୋକ୍ତାଗଣ ଏ ସମ୍ବାଦ ପାଇ ସମସ୍ତ ଖର୍ଚ୍ଚ ଅଗ୍ରିମ ବହନ କରି ଶ୍ରୀମାନ ଜୟଦେବଙ୍କୁ ଭଦ୍ରକ ହାଇସ୍କୁଲରେ ତା ୨୫।୮।୪୫ ରିଖରେ ନାମ ଲେଖାଇ ଦେଇ ଅଛନ୍ତି ଓ ମାସିକ ଦଶଟଙ୍କା ହିସାବରେ ସ୍ୱତନ୍ତ୍ର ବୃତ୍ତି ଉକ୍ତ ଅନୁଷ୍ଠାନ ପକ୍ଷରୁ ସ୍ଥାୟୀଭାବରେ ତାହାଙ୍କୁ ମଞ୍ଜୁର କରି ସାଇଅଛନ୍ତି। ଏହି ମହତ୍ ଦାନପାଇଁ ଉକ୍ତ ଅନୁଷ୍ଠାନର ମୁଁ ଜଣେ ସ୍ୱେଚ୍ଛା ସେବକ ଭାବରେ ଦାତାମାନଙ୍କ ନିକଟରେ ସଭକ୍ତି କୃତଜ୍ଞତା ଜ୍ଞାପନ କରୁଅଛି। ଇତି।

— ଶ୍ରୀ କୃଷ୍ଣଚନ୍ଦ୍ର ପରିଡ଼ା।
ଛାତ୍ର—ସ୍ୱେଚ୍ଛାସେବକ (ଭଦ୍ରକ ହାଇସ୍କୁଲ)

Digitized by srujanika@gmail.com

# ମିଠା କଡ଼ା

ବନ୍ଧୁ କହିଲେ—ଏକଟା ନୂତନ କିଛି ଲେଖ—ନୂତନ ନୂତନ । ଆମେ ଆଧୁନିକ ଯେତେବେଳେ ସବୁବେଳେ କିଛି ନୂତନ କିଛି କରି ଚାଲିବା—ସେଇଟାଇ ମୋର ଆଦର୍ଶ—ଜୀବନଟା ଯାକ ସେଇ ମନ୍ତ୍ର ଘୋଷି ଘୋଷି ଏଁଡ଼ୁ ହୁଏ ହେଲଣି—ଏକଟା ନୂତନ କିଛି କର—

ଅଜିକାଲି ମୁଁ ଘରେ ରୋଷେଇ କରେଁ ଆଉ ସେ ବାହାର କଥା ବୁଝନ୍ତି । ମୁଁ ପିଲାଙ୍କୁ ସମ୍ଭାଳେ, ସେ ଉଦ୍‌ଲେଇ ଦେଁ । ବଢ଼ନ୍ତି । ଏଟା ନୂତନ । ଏକଦମ ନୂତନ । ବାହାଘରଟା ପୁରୁଣା କଥା ବୋଲି ମୁଁ ତାଙ୍କୁ ପ୍ରେମ କରି ଘରକୁ ଆଣିଥିଲି । ପୁଣି ପ୍ରେମ କରିବାଟା ପୁରୁଣା କଥା ବୋଲି ମନ୍ଦିରେ ମନ୍ଦିରେ କଣ୍ଠବଦଳ ଛଡ଼ପ ବନ୍ଦ ଦେଇ-ଦେଲି । କିନ୍ତୁ ସେଟା ବି ପୁରୁଣା ଲାଗିଲା ।

ମୁଁ ଏବେ ନୂଆହିଁ—ଗୃହଅଶାନ୍ତି ସେଇ ଭାବ—ଏକଟା ନୂତନ କିଛି କର । ପାଟିବାଟେ ଖାଇବାଟା ପୁରୁଣା, ସେଥିପାଇଁ ଡାକ୍ତରଖାନାରେ ଅନ୍ୟବାଟେ ଖୋଇବାର ବ୍ୟବସ୍ଥାଟା ଏକ୍ସପେରିମେଣ୍ଟ ଅବସ୍ଥାରେ ଅଛି । ଗୋଡ଼ରେ ଠିଆ ହେବାଟା ପୁରୁଣା, ତେଣୁ ମୁଣ୍ଡରେ ଠିଆ ହେବା ପାଇଁ ଇହୁଦିଲିକ ଶୀର୍ଷାସନ ସୁପାରିଶ କରନ୍ତି । ପୁଞ୍ଜିବାଦ ପୁରୁଣାକୁ ଫିଙ୍ଗି ସାମ୍ୟବାଦ ନୂଆ ହେଇଥିଲା । ପୁଣି ଲେନିନଙ୍କ ସାମ୍ୟବାଦ ପୁରୁଣା ହେବାରୁ ଷ୍ଟାଲିନଙ୍କ ସାମ୍ୟବାଦ ଆସି ପହଁଲଣି । ସମସ୍ତେ ଗୋଟାଏ ଜଣା ଖାଇଲା ପରି ନୂଆ କଥା କିଛି କରି ଦେଖାଇବାରେ ପାଗଳ ।

ଯାହା ପାଟରେ ତା ହେଉ, ନୂଆ ହେଲେଇ ହେଲା । ମଣିଷର ସ୍ୱଭାବ ସେଟା, ତାକୁ ନିନ୍ଦା କରିବା କମିଛି ! ଏ ଯୁକ୍ତିର ଜବାବ ନାହିଁ । ସମସ୍ତେ ଲୁଗା ଚିରି ଚାଲିଛନ୍ତି—କେହି ଯଦି ଲଙ୍ଗଳା ହେଇ ପଡ଼ନ୍ତି ତେବେ ସେ ଲୋକ ଗହଳି ସୃଷ୍ଟି କରିବ । ଏଟା ଦ୍ରାଗ୍ରବକ । ସେକ୍‌ସ୍‌ପିୟର ସେଥିପାଇଁ କହିଗଲେ—New customs, let them be unmanly, yet are follwed—ନୂଆ ଅଭ୍ୟାସ ମନୁଷ୍ୟୋଚିତ ନ ହେଲେ ବି ଲୋକେ ତାକୁ ଅନୁସରଣ କରନ୍ତି । ପୁଣି ଜନସନ ସେଇଟାକୁ କହିଲେ—All wonder is the effect of morality upon ignorance । ନୂଆ କଥାର କାରସାଦ ମୂର୍ଖଙ୍କ ଉପରେ ବେଶୀ । ଏକଥା ଆମ ନୂଆ ଯୁବକ ଶୁଣିବେ ନାହିଁ କି । ମୁଁ ଯଦି କହେଁ ନୂଆ କଥା କରିବାଟା ଖରାପ । ତେବେ ଛଟେ ତ ଉପି ଉତ୍ତର ଦେବ—ଏଟା ମରକ୍କଟୀ ବାତ୍ତିକା—Old parochial ଇତ୍ୟାଦି ଇତ୍ୟାଦି । କିନ୍ତୁ ଆମର ସେଇ ଜନମ କାଳର ପୁରୁଣା ଅଙ୍ଗ ଉପରେ ନୂଆଟା ନୂଆ ପରଚଷ ଲଗାଇ ବ ଦେଖି ପାରୁନାହିଁ । ଧରେମ କଣ ନୂଆ କରୁଛ—All with one consent praise new born gands though they are made and moulded of things past—( ସେକସ୍‌ପିଅର ) କେବଳ ପୁରୁଣା ମଦକୁ ନୂଆ ବୋତଲରେ ଭରି ପିଇ ସତ୍ୟ ଅଧୁନିକତାର ମନେ ମନେ ନୂଆ କଥା କରି ଚାଲିଛି । ରାଜା ଗଲେ—ପ୍ରଜାତନ୍ତ୍ର ହେଲା—ପ୍ରଜାତନ୍ତ୍ର—ପୁଞ୍ଜିତନ୍ତ୍ର—ଧନତନ୍ତ୍ର—ଏକତନ୍ତ୍ର—ମଜୁରିଆ ତନ୍ତ୍ର—ଉତ୍ପାଦନ ତନ୍ତ୍ର—ସାମ୍ୟତନ୍ତ୍ର ସବୁ ହେଉ ଚାଲିଛି—ସବୁ ନୂଆ ନୂଆ । କିନ୍ତୁ ସବୁର ମୂଳରେ ସେଇ ଯଥେଚ୍ଛାଚାର—ବୁଦ୍ଧିମାନ, ବଳଶାଳୀ, କ୍ଷମତାପନ୍ନ ଲୋକଙ୍କର ଦୁର୍ବଳ ଉପରେ ଅତ୍ୟାଚାର—ଖାଲି ନାଁକୁ ନୂଆ ।

ଏ ଗଲା ରାଜନୀତି । ସମାଜରେ ଦେଖ । ବ୍ରାହ୍ମଣଙ୍କ ଅତ୍ୟାଚାର, ପାଦ୍ରୀଙ୍କ ଅତ୍ୟାଚାର ଗଲା । ସେ ସମାଜ ଭାଙ୍ଗି ଯାଉଛି । ନୂଆ ପାର୍ଟି ସମାଜ—ଇଂରେଜ ପାଠୁଆ ସମାଜ । ସେ ହେଲେ ଅଗ୍ରଜ—ପୁରୋହିତ । ସେମାନଙ୍କ ଅତ୍ୟାଚାର ବ୍ରାହ୍ମଣଙ୍କଠୁଁ କମ ନୁହେଁ । ଦିନେ ଇଂରେଜଙ୍କ ଅତ୍ୟାଚାର ବି ଥିଲା । ଓଉ ହେଉଛି ଯେମେ କଂଗ୍ରେସବାଲାଏ ବି ସେମିତି ଅତ୍ୟାଚାର ହେଇ ପାରନ୍ତି । ନୂଆ ଆଉ କେଉଁଠି କାହିଁ ।

ସାହିତ୍ୟ—କଳା—କେଉଁଠି ନୂଆ ? ଉଣ୍ଡି ଯାଉଛନ୍ତି—ମାସ୍ତ୍ରା-ଧର ଆସିଲେ—ନକ୍ସେଲ ଫିରଙ୍ଗି ଚାଳିବାର ଚଣ ପାଞ୍ଚିଲି ମୁଖ ତା ଭଲ୍ ଚାଳିବାର ଉଡ ଉଡ ଷତ୍ର ଦୁଇଟା—ଖଣ୍ଡୀ ଥାଙ୍ଗରେ ଦୁଆସ ନାହିଁ ନାହିଁ, କିନ୍ତୁ ତାପଛି ଅଙ୍ଗ ଭିତରେ ଆଧୁନିକ ନାଟକରେ ଯେଉଁ ଅଶ୍ଳୀଳ କଥାବାର୍ତ୍ତା ତାକୁ ଲୋକେ ସହ୍ୟ କରୁଛନ୍ତି—ତାପଛି ମାଙ୍କରେ ଚପି ଜୁଏଟ ନାଚ ଦେଖୁଛନ୍ତି । ରୁଚି ବଦଳିଛି କ'ଣ ?

ତଥାପି ନୂଆର ମୋହ ଲାଗିଛି । ନୂଆ କିଛି କରିବାକୁ ହେବ । ସେଥିପାଇଁ ଅତିର ନବୀନ, ଅତିର ନୂତନ, ଅତିରେ ସବୁଜ ଭାବ—ଉଠ—ଆଉ ଡେରି ନାହିଁ—ହୋଇ ପଣ୍ଡିତମାନେ ନବୀନ ସୁର୍ଯ୍ୟ ଉଦିତ ପ୍ରାନ୍ତ—ତାଙ୍କ କଣ୍ଠରେ ଅକୃତ୍ରିମ ଦୁଃସ୍ୱପ୍ନ ହୋଇ ମାତ୍ର ଉଠ, ନୂତନ ଯୁଗ ଆସୁଛି—ଅତିରେ ଆଧୁନିକ, ଅଭୂତପୂର୍ବ ସ୍ତୁତି ।

ମୋର ଏହି କଲ୍ପନା ଶୁଣିବା ପରେ ଜଣେ ନବ୍ୟ ସାହିତ୍ୟିକ ରୁମ୍‌କୁ ଯାଇ ବାହୁଅ ମେଟେ ଲଗାଇବାକୁ ଆରମ୍ଭ କରିଦେଲେ । ତାଙ୍କ ଛୋଟରୁ ପ୍ରକାଶ ଯେ ସେ ପ୍ରତିଦିନ ଗୋଟାଏ ଗୋଟାଏ ନୂଆ କମ୍ପାନୀର ସାବୁନ ଲଗାନ୍ତି । ଆଜି ହ୍ୱାଇଟ ସେଜ୍ ତ କାଲି ପିଅର୍ସ, ପରଦିନ ପାମଲିଭ୍, ତହିଁ ଆରଦିନ ଅଜନ୍ତା, ଗଡ଼ରେଜ, ହ୍ୟାମଲେ, ଇତ୍ୟାଦି । କିନ୍ତୁ ଦେଖାଗଲା ଯେ ନୂଆ ସାବୁନ୍ ଲଗା ହେଉଛି ସିନା କିନ୍ତୁ ସେଇ ପୁରୁଣା ସାବୁନ ଲଗା କଥାଟା ଚାଲିଛି । ତେଣୁ ସେ ନୂତନ କିଛି କରିବା ସ୍ଥିର କରି ବାହୁଅ ଲଗାଇ ଆରମ୍ଭ କଲେ । କିନ୍ତୁ ଲଗାଇବା କଥାଟା ପୁରୁଣା ହେବାରୁ ସେ ପରବର୍ତ୍ତୀ ନୂତନକୁ ଚିନ୍ତା କରୁଛନ୍ତି ।

ବୁଢ଼ ରାମ ଏ ସମ୍ବାଦ ଶୁଣି •ରସକନ୍‌ଙ୍କ କଥା ମନେ କଲେ—And yet I if we try to obtain perpetual change. Change itself will became monotonous. ପରିବର୍ତ୍ତନ ନୂତନତ୍ୱଟା ଯେତେବେଳେ ପୁରୁଣା ହେଇଯିବ ଏକାଘିଅ ହେଇ-ଯିବ ସେତେବେଳେ କ'ଣ କରିବା !

ଅତଏବ କଥାଟାକୁ ସତ କଥାରେ ଥୋଇଲେ 'ନୂଆ' ବୋଲି ଯାହା କିଛି ଅଛି ବା ଥିବ ତାକୁ ଆମର ପୁରୁଣା ମନ ତ୍ରପନ ଦେବ ।

(ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com




ଲୀଳା—"ତୋ ସ୍ୱାମୀ ଅଜକାଲ ସେମିତ ବ୍ୟୋପାମି କରନ୍ତି ?"

ମୀରା—"ଚାଲେଶ୍ୱର ଆସିବା ଦିନଠୁଁ ବନ୍ଦ ହୋଇ ଯାଇଛି ।"

ଲୀଳା—"କାହିଁକି ?"

ମୀରା—"ଏଠି ଅଫିମ ପ୍ରତ୍ୟବସନ ସଭା ।"

ଲୀଳା—"ସେ କଣ ଅଫିମ ଖାଉଥିଲେ କି ?"

ମୀରା—"ଖାଉ ନ ଥିଲେ ଯେ, ଏଠି ତାଙ୍କ ବ୍ୟୋପାମିକୁ ଶୁଣିବ କିଏ ! ସେ ବେଳେ ବେଳେ ଚାଲେଶ୍ୱର ପିଲଙ୍କ ସାଙ୍ଗରେ କଥା କହନ୍ତି ।

× + ×

ଡାକ୍ତର—ନର୍ସ, ରୋଗୀର ଜନ୍ମଠୁ କାହିଁକି ହଜିଲୁ ଗୃହଁ ରଖିଛ ?

ନର୍ସ—ନା, ମୋ ଡାଇରୀରେ ତାଙ୍କ କଥା ଲେଖା ଅଛି ।

\+ × +

ପତି—ଅୟି ପ୍ରିୟେ, କହ ଦେଖି, ତୁମେ ମୋର ପ୍ରାଣେଶ୍ୱରୀ ଥାଉଁ ଥାଉଁ ତୁମକୁ ସ୍ନେହ ନ କରି ମୁଁ ଏ କୁକୁରଟାକୁ ଏତେ ସ୍ନେହ କରୁଛି କାହିଁକି ?

ପତ୍ନୀ—ତୁମେ କଣ ଜାଣ ନାହିଁ ପ୍ରିୟତମ, ଜଗତର ନୀତି ଯେ, ଯେ ନିଜେ ଯେପରି ସେହିପରି ଜିନିଷ ପ୍ରତି ତାର ମମତା ସ୍ୱତଃଜାତ ହୁଏ ।

\+ × +

ନୂଆ ଘର ଭଡ଼ା ନେଇ କସଣୀ ବାବୁ ଦେଖିଲେ ଘର କାନ୍ଥରେ ଲେଖା ହୋଇଛି—"କିଏ ଜାଣେ କା'ର ଅଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ ।"

ସଙ୍ଗେ ସଙ୍ଗେ ମାସକର ଭଡ଼ାଦେଇ ସେ ସେଠୁ ଚାଲିଗଲେ ।

\+ × +

"ମା, ନଈ ନଈ ପାର ହେଇ ପାରେ ନାହିଁ ।"

"ନଈରେ ପଡ଼ିଲେ ଯେ ସଂସାରରୁ ପାର ହେଇଯିବ ।"

× × ×

---

( ମିଠା କଡ଼ା ଚବସ୍ତୁଷ୍ଟା ଉତ୍ତରୁ )

ପାରୁନାହିଁ । ଯେଉଁ ଉତ୍ସାହରେ ନୂଆ କଥା କରୁଁ ସେଇ ଉତ୍ସାହଟା ଯେ ପୁରୁଣା । ରବି ଠାକୁର ବୋଧହୁଏ ସେଇ ନୂଆକୁ ଦେଖିବାକୁ ଯାଇ ଗାଇଥିଲେ—"ନୂତନର ମାଝେ ତୁମି ପୁରାତନ କଥା ଯେ ଭୁଲେ ଯାଇ—"

ନୂଆ ପୁରୁଣା ଠିକ୍ କରିବା ମୁସ୍କିଲ । Maud ସେଥିପାଇଁ କହି ଯାଇଛନ୍ତି—Novelty can not be duly appreciated till time has soberd the enthusiasm of its advocates. 'ନୂଆ, ନୂଆ' ଚିତ୍କାର କଲେ ସେଇ ଚିତ୍କାରର ଉତ୍ସାହରେ ନୂଆ କୁଆଡ଼େ ହଜିଯାଏ । ନୂଆ କରିବାର ଚିତ୍କାରଟାଇ ରହିଯାଏ ସାର । ନୂଆ କେହି କରେ ନାହିଁ । ନୂଆ ହୁଏ । କାଲି ଚାଲିଯାଏ ଅଜି ଅସେ । ଅପେ ଅପେ ଅମେ ଅଜ ପାଇଁ ପ୍ରସ୍ତୁତ ହେବା, ନା— ଅଜ ଅଜ ବୋଲି ଢେଣ୍ଡି ମାରି ନାଚ ବୁଲିବା ?

---


# ମଶାରି ! ମଶାରି !

ଉତ୍ତମ ସିଲାଇ, ମଜବୁତ୍, ଚାରି କୋଣରେ କୁଞ୍ଚ ଉତ୍ତମ ଧଳା ନେଟ୍‌ରେ ତିଆରି ।

| ଲମ୍ବ | ଚଉଡ଼ା | ଉଚ୍ଚ | ସାଧାରଣ | ଉତ୍ତମ |
|---|---|---|---|---|
| ଫୁ ୬ ଟ | ଫୁ ୩୳ ଟ | ଫୁ ୩୳ ଟ | ଟ ୬ ୳ | ଟ ୬ ୳ |
| ୬ | ୪ | ୪ | ୬ | ୮ |
| ୬୳ | ୪୳ | ୪୳ | ୮ | ୯ |
| ୬ | ୫ | ୫ | ୧୦୳ | ୧୧ |
| ୬୳ | ୬ | ୬ | ୧୬ | ୧୬ |
| ୯ | ୬ | ୬ | ୧୬ | ୧୮ |

ପ୍ୟାକିଂ ଓ ଡାକ ମାସୁଲ ଟ ୧ ।୵

ଏକ ସଙ୍ଗରେ ଛଅଟୋଟା ମଗାଇଲେ ଡାକ ଖରଚ ଛାଡ଼ ।

American Trading Co.
Hatkhola Post Box No. 12204,
Calcutta, ( D )


Digitized by srujanika@gmail.com

# କଳି ମହାଭାରତ

## ୨ୟ ପର୍ବ

### ( ୨ ମହା ସମର ବୃତ୍ତାନ୍ତ )

ଲେଖକ—ଶ୍ବେତଦ୍ୱୈପାୟନ ବ୍ୟାସ

( ପୂର୍ବ ପ୍ରକାଶିତ ଅଂଶରୁ )

ବାର ମଇରେ ଏହା ଯୁଦ୍ଧ ହେଲା ଶେଷ,
ଦେଢ଼ଲକ୍ଷ ନାଜି ଧରାଦେଲେ ଯେସନ୍ତି ମେଷ ।
ଆମ ରାଜାଙ୍କର ତହିଁ ହୋଇଥିଲାକ ଜୟ,
ଚର୍ଚ୍ଚିଲ ଆମକୁ ଦେବେ ବର ଯେ ଅଭୟ ।
ଜୟ ଜୟ ଚର୍ଚ୍ଚିଲହେ ଜୟ ହେ ଇଂରାଜ,
ତୁମ୍ଭ ପାଇଁ ମିଳିଲ ଯେତେ ଦାନାଦାନା ଆଜ ।
ତୁମ୍ଭେ କର ଅନୁଗ୍ରହ ଅମ୍ଭେ ତୁମ୍ଭ ଦାସ,
ଭଣିଲେ ଏହାକୁ ଶ୍ବେତଦ୍ୱୈପାୟନ ବ୍ୟାସ ।

—❊—

ଅର୍ଜ୍ଜିବା ଯୁଦ୍ଧର ଅନ୍ତେ ଶୁଣ ସାଧୁଜନ,
ନିକଟ ପ୍ରାଚ୍ୟର କଥା କରନ୍ତ ଗାୟନ ।
ଇରାକ୍ ଇରାନ୍ ପୁଣି ଆରବ ସିରିଆ,
ତୁରସ୍କ ସହିତେ ଯେତେ ହୋଇଛନ୍ତି ଇଥ ।
ସେ ନିକଟ ପ୍ରାଚ୍ୟ କଥା ଶୁଣ ଦେଇ ମନ,
ଶୁଣିଲେ ସଂସାର ତାପ ହେବ ବିମୋଚନ ।
ଉଣାଇଶ ଏକଚାଳିଶ ଅପ୍ରେଲ ମାସରେ,
ଅର୍ଜ୍ଜିବାରୁ ଅକ୍ଷଶକ୍ତି ପୂର୍ବେ ଅଗ୍ରସରେ ।
ତାହା ଦେଖି ରଶିଦାଲି ଜିଲାନୀ ନାମକ,
ଇରାକ ରାଜ୍ୟ ଭିତରେ ହେଲେ ସର୍ବାଧ୍ୟକ୍ଷ ।
ଇଂରେଜ ତାହା ଦେଖି ସତର ଏପ୍ରିଲେ,
ବସ୍ରାକର ଇରାକକୁ ସେନା ପଠାଇଲେ ।
ପ୍ରଥମେ ରଶିଦ ଅଲି ଥିଲେ ଚୁନପଡ଼,
ସେନାପରେ ସେନା ତେଣୁ ଅସିଲେକ ଚଢ଼ି ।
ତେଣୁ ଶେଷେ ରଶିଦାଲି କଲେ ପ୍ରତିବାଦ,
ଏଣେ ଘୋରତର ହେଲା ବାଦ ବିସମ୍ବାଦ ।
ବ୍ରିଟିଶ ଆକାଶବାହୀ ବିମାନ ଛାଉଣୀ,
ଉପରେ ଇରାକ ବୋମା ବର୍ଷେ ପୁଣ ପୁଣି ।
ବ୍ରିଟିଶ କମ୍ପାନୀ ଅଛି ସେହି ଦେଶେ ଅସି,
ଜଗୁହିନା ତେଲ ପଙ୍କ ନେଉଥିଲେ ବସି ।
ତେଲ ଖଣି ପୁଣି ତାର ଶୋଧନ ଆଗାର
ସବୁ ଇରାକ ବାହିନୀ କଲେ ଅଧିକାର ।
ବ୍ରିଟିଶ ବାହିନୀ ଏବେ ତାହାର ଉତ୍ତରେ,
ଚଳାଇବାରେ ବସର୍ ସହର ଅଧିକାରେ ।
ତା ଦେଖି ତୁରସ୍କ ଅସି କଲା ମଧ୍ୟସ୍ଥତା,
ଜିଲାନୀଙ୍କ ବ୍ରିଟିଶ ନଶୁଣେ ତାହା କଥା ।

ସହଜେ ସେ ଦେଖ ଦେଖ ଇରାକ ସଇନ,
ହାବାନିଆ ଛାଉଣୀ ବୃନ୍ଦ ଘେରିଲା ଯତନେ ।
ମୀମାଂସାର କଥା ନ ଉଠାଇଲେ ବ୍ରିଟିଶ,
ଦେଖାଯିବ ଇରାକର କେତେ ଅନେଶ ।
ତେଣେ ଯେ ରଶିଦ ଅଲି ଇରାକ ମାଲିକ,
ଜରମାନ ସାହାଯ୍ୟକୁ ମାଗୁ ଥିଲେ ଇଚ୍ଛ ।
ଜରମାନ ସେନା ତଥା ସମୟରେ ଆସି,
ପହଞ୍ଚି ନପାରିବାରୁ ସବୁ ଗଲା ଭାସି ।
ଇରାକ ସଇନେ ବହୁ ଭୋଗିଲେ ଯନ୍ତ୍ରଣା,
ରଶିଦ ଅଲିଙ୍କ ଏବେ ହେଲା ଦୁର୍ଦ୍ଦଶା ।
ବାଗଦାଦ ଛାଡ଼ି ବେଗେ କଲେ ପଳାୟନ,
ସମଗ୍ର ଇରାକେ ଏବେ ବ୍ରିଟିଶ ଶାସନ ।
ପହିଲା ଜୁନରେ ହେଲା ସମର ବିରତି,
ବ୍ରିଟିଶ ବନ୍ଧୁଙ୍କ ହାତ ଅଛି ଅନୁଗତ ।
ଜୟ ଜୟ ଇଂଲଣ୍ଡ ଜୟ ଜୟ ରଜା,
ଜୟ ହର ବୋଲ ଜୟ ପାମ୍ଟେଜର ପ୍ରଜା ।
ଏଥି ଅନନ୍ତରେ ଶୁଣ ସିରିଆର କଥା,
ଯା' ଶୁଣିଲେ ମନୁ ଦୂର ହେବ ସବୁ ବ୍ୟଥା ।
ଇରାକରେ ଯୁଦ୍ଧ ତେଣେ ସରି ସରି ନାହିଁ,
ଶୁଣାଗଲା ଜରମାନ ତେଣେ ହେଲା ବାଇ ।
ଅସୁଅଛି ସେନା ଯେବେ ସିରିଆରେ ପଶି,
ଏମନ୍ତ ବାରତା ଦେଇ ଦେଇ ଗଲା ଘୋଷି ।
ତେଣେ ଡେଣ୍ଟ୍‌ଜ୍ ନାମେ ସିରିଆର ସେ ଶାସକ,
ପୂର୍ବେ ପଞ୍ଚ ଘାଟିମାନ କଲେକ ଅଟକ ।
ତା'ହା ଦେଖି ତତକ୍ଷଣ ଇଂରାଜ ବାହିନୀ,
ସଙ୍ଗେ ସ୍ୱାଧୀନ ଫ୍ରାନ୍ସ ସେନା ବେଗେ ଘେନି ।
ସିରିଆ ଲେବାନନରେ କଲେକ ପ୍ରବେଶ,
ଛନଅଣ୍ଡ ଘେରଗଲେ ସର୍ବ ଦେଶ ।
ଦାମାସ୍କସ ପାଣ୍ଡ ହୋଇଗଲେ ଯହିଁ ଅଗେ,
ଡେଣ୍ଟ୍‌ଜ ସାହେବ ଏବେ ପଡ଼ିଗଲେ ଢାଗେ ।
ଯୁଦ୍ଧରେ ସରତ ଗଲା ସେହି ମାନ,
ତେଣେ ଫ୍ରାନ୍ସ ସରକାର ଭିସି ରାଜଧାନୀ ।
ଏ ସନ୍ଧି ଯହିଁ ସେହି କରିଲ ଅଗ୍ରାହ୍ୟ,
ଯୁଦ୍ଧ ଦୁଃଖେ ସିରିଆ ଦେଲା ହାୟ ହାୟ ।

ଶେଷେ ତାହାର ଚୁକ୍ତିରେ ହୋଇଲା ଆୟତ,
ସଇନ ବ୍ରିଟିଶ ପଦେ ଶରଣ ଅପନ ।
ଜୟ ଜୟ ବ୍ରିଟିଶ ଦେଶର ଜୟ ଜୟ,
ଯେ ପଶେ ଶରଣ ତାକୁ ଦ୍ୟନ୍ତି ଅଭୟ ।
ଜୟ ଚର୍ଚ୍ଚିଲ ଜୟ ଚାଉଚଲ ଲଣ୍ଡ୍,
ସତ ହୋଇଛନ୍ତି ମତ୍ତ ଦାନ୍ତ୍ୟ କରନ୍ତ ।
ବୃଦ୍ଧରକ୍ଷ ସମ ତମେ ଅଟ ତେଜଆନ,
ତମ ପଦେ ସଦା ଅମ୍ଭ ଅଛଇ ଧିଆନ ।
ଉଣାଇଶ ଏକଚାଳିଶ ଅଗଷ୍ଟ ମାସରେ,
ଇରାନ ପଶିଲେ ଛଦ୍ମବେଶୀ ଗୁପ୍ତଚରେ ।
ତାହାଲାଗି ବ୍ରିଟିଶ ଯେ ରୁଷ ସୈନ୍ୟମାନ,
ଦୁଇଦିଗୁଁ ଇରାନକୁ କଲେ ଅଭିଯାନ ।
ମିତ୍ର ତାଙ୍କ ତହିଁ କଲେକ ଘୋଷଣା,
ଇରାନର ସ୍ୱାଧୀନତା ନେବା ଅମ ମନା ।
କେବଳ ତା' ତେଲ ଖଣି ଅଛ ଯେ ସମ୍ପତ୍ତି,
ବାଟେ ଜରମାନ ତାର ହେବ ଅଧିପତି ।
ସେହି ହେତୁ ଅଲ୍‌ଦିନ ପାଇଁ ଜାବତରେ,
ଇରାନକୁ ରଖିଥିବୁ ଅମର ମୁଠାରେ ।
ତାହା ଶୁଣି ଇରାନର ଶାସନ ପରିଷଦ,
ଦେଶ ମଧ୍ୟେ ଏହାବିଧ ଗଣିଲେ ବିପଦ ।
ପ୍ରତିରୋଧ କରିବାକୁ କଲେ ଯହିଁ ସ୍ଥିର,
ଦେଖା ସାହା ପଡ଼ିଲେ ରାଜନୈତିକ ବୀର ।
ତରେ ପରାସ୍ତ ସବେଙ୍କ ସେ ହବାସ,
ହୋଇଲେ ଜନମାନଙ୍କୁ ଦଅ ତେଗ ସାର ।
ତାହା ଶୁଣି ମନ୍ତ୍ରୀ ସଭା କଲେ ପଦତ୍ୟାଗ,
ନୂଆମନ୍ତ୍ରୀ ମଣ୍ଡଳର ଶିରେ ଦେଲ ପାଗ ।
ରୁଷ ବ୍ରିଟେନର ସଙ୍ଗେ ହୋଇଲା ସାଲିସି,
ଇରାନର କଣ୍ଡଙ୍ଗାଏ ତାଙ୍କର ଇଲିସି ।
ଦୁଇଶତ କର ରୁଷ ବ୍ରିଟିଶ ସଇନ,
ଇରାନରେ ରେ ଜନ ହେଲେକ ମୁତଇନ ।
ଶତକ ମାଇଲ ଅଟେ ଏଲିଞ୍ଜଣ ଶାଳୀ,
ଅମେ କର୍ଣ୍ଣ ଛାଡ଼ି ଦେବା ଅଟେ ବନମାଳୀ ।
ପୁରାଣର ପରଦେଶ କଲେ ଧର୍ମବଳ,
ସ୍ୱାଧୀନତା ଫେରାନ୍ତି ଯେ କୁଅପେଲର ଠଳ ।

( କ୍ରମଶଃ )

Digitized by srujanika@gmail.com

# ହସରେ ଓଡ଼ିଆ ପୁଅ

ଲେଖକ:—ଶ୍ରୀ ବିକ୍ରମ ମଲ୍ଲିକ



ଉପର ଆକାଶେ ଚନ୍ଦ୍ରମାମୁଁ ହସେ
ପୋଖରୀରେ ହସେ କଇଁ,
ଦକ୍ଷିଣା ପବନ ମନ ଖୋଲି ହସେ
ଗୀତ ଗାଇ ଧଇଁ ସଇଁ ।
ଲତା କୋଳେ ରହି ଫୁଲରାଣୀ ହସେ
ଛୁଟିଯାଏ ମଧୁବାସ,
କଟକର ଘର କୋଣରୁ ଶୁଭଇ
ମଶାଙ୍କ ଉଚ୍ଛୁଳା ହାସ ।
ମହାନଦୀ ପାଣି ପଥର ବନ୍ଧରେ
ମୁଣ୍ଡ ପିଟି ପିଟି ହସେ.
ଏତେ ହସ ଥାଉଁ ଓଡ଼ିଆ ଜାତିଟା
ମନମାରି କାହିଁ ବସେ ?
ଖାଇବାକୁ ନାହିଁ ପେଟ ପୋଡ଼ିଯାଏ
ପାଟିରୁ ନ ଫିଟେ କଥା,
ଏଥି ପାଇଁ ବୀର ଓଡ଼ିଆ ଜାତିକି
ତଳକୁ ପୋତିବ ମଥା ?
ନଇଁକି ଯାଇଛି ଏତେ ସତ ହୋଇ
ମରି ନାହିଁ ଯେଉଁ ଜାତି,
ଏ ଛାର କାଅଁଟେ ଭୋକ ଆଭୁଆରେ
ତା' ଛାତି ଯିବକି ଫାଟି !
ଓଡ଼ିଶା ଅମର ବୀରଙ୍କ ପ୍ରଦେଶ
ବଡ଼ ବଡ଼େ କହି ଗଲେ,
(ଭଲା) ଖାଇବା ବିହୁନେ ତ୍ରିଶିଣ ଯାଇଛେ
କେହି କେବେ କାହିଁ ମରେ ?
ନିଜ ଘର କଥା ପରେ ଜଣାଇବା
ମୁରୁଖର କଥା ନୁହେଁ,
ଶୁଖିଲା ପେଟରେ ଓଦା କନା ଦେଇ
ହସ ହେ ଓଡ଼ିଆ ପୁଏ ।
ଲୁଗା କବଟାଏ ନାହିଁ ବେଢ଼ିବାକୁ
ଲାଜେ ନଇଁ ପଡ଼େ ମୁହଁ,
ଏ ଛାର କଥାରେ ମାଇଚିଆ ପଣ
କରିବ ଓଡ଼ିଆ ପୁଅ !

ଚିତା ଚଇତଙ୍ଗୀ ତୁଳସୀ ମାଳରେ
ଯେ ଦେଶ ହୋଇଛି ଠିଆ,
କଣ୍ଟ୍ରୋଲ କନା କଉପୁନି ମାରି
ସେ ଏବେ ହସିବ କିଆଁ ?
ଯମ ମାଆ ସାତ ଭଉଣୀଏ ଆସି
ଯାହାକୁ ଟାଆନ୍ତି ମୋଡ଼,
ଔଷଧ ନ ମିଳେ ବୋଲକି ତା ମୁଖୁଁ
ହସଟା ଯିବରେ ଉଡ଼ି ?
ଚିନି ଟିକେ ଛୁଆ ମୁହଁରେ ନ ଦେଲେ
ନ ରହୁଛି ଯଦି ଜୀବ,
ଏ ଭଲି ମଉଅ ଶୁକୁଠାଙ୍କ ଦେଶ
କାପରି ସରଗ ଯିବ ?
ଯୁଦ୍ଧ ବଜାରରେ ମଣିଷ ମରିବା
ନୂଆ କଥା କିଛି ନୁହେଁ,
ଲୋକ ହଜାର ହଜାର ମରି ଶୋଉଛନ୍ତି
ନିତ ନିତ ବୋମା ମୁହେଁ ।
ଔଷଧ ନ ପାଇ ମରିଯିବ ଯିଏ—
ଯିବାର ସେ ପଛେ ଯାଉ,
ବାକୀ ଅଧେ ଲୋକ ନେଫେଡ଼ା ମୁହଁରେ
ହସ ଟିକେ ଫୁଟି ଥାଉ !
ବଢ଼ି ବନ୍ୟାରେ ଓଡ଼ିଆ ଗୃହୀର
ମେରୁ ହାଡ଼ ଯାଏ ସଢ଼ି,
ସାରା ବରଷର ଖଟଣୀ ଯାକତ
ନୈର ଖାଉଛନ୍ତି ଦେଇ ।
ଏଥିପାଇଁ ଆଉ ଭାବନା କାହିଁକି
'ଗ୍ରୋ-ମୋର-ଫୁଡ୍' ଯୁଗେ ?
'ଗ୍ରୋ-ମୋର' ଅବା ଗୋରୁ ମରି ସରୁ
ଲାଗିବ ସାହାବ ଭୋଗେ ।
ସେହି ଆଶାଧରି ଜୀଇଥାଅ ଅଛି
ଓଡ଼ିଶାର ଚଷାପୁଅ,
ଶୁଖିଲା ଓଠରେ ଫୁଟାଅ ହସ ହେ
ପୋଛି ସେ ଅଲଗା ଲୁହ ।

( ଅବଶିଷ୍ଟାଂଶ ୧୨୫ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । ‘ନଗର’ର ମଧ୍ୟସ୍ଥତାରେ ପତ୍ର ବନ୍ଧୁତ୍ୱ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା, ସାହସ ଓ ଅହିଂସା ମାଧ୍ୟମରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

ସ୍ନେହର ନାଗ ନାଗୁଣୀମାନେ,

ବହୁ ନାଗ ନାଗୁଣୀଙ୍କ ପରାମର୍ଶ ନେଇ ଏଥର ଠିକ୍ କଲୁ ଯେ ଏଣିକି ଆଜୀବନ ନାଗ କଥାଟା ଉଠିଯିବ । ଆଜୀବନ ଜାଗାରେ ରହିବ ସ୍ଥାୟୀ । ବର୍ତ୍ତମାନ ପାଇଁ ସ୍ଥାୟୀ, ଓ ଅସ୍ଥାୟୀ ଦୁଇ ପ୍ରକାର ସଭ୍ୟ ରହିବେ । ଅସ୍ଥାୟୀ ସଭ୍ୟ ପ୍ରତି ବର୍ଷ ଏକଅଣା ସ୍ଥାନରେ ୦.୮ ଦେବେ ଓ ସ୍ଥାୟୀ ସଭ୍ୟ ଏକ ସମୟରେ ୦.୫ ଦେବେ । ଯେଉଁ ଅସ୍ଥାୟୀ ସଭ୍ୟମାନେ ପ୍ରତିବର୍ଷ ଚାନ୍ଦା ନ ଦେବେ. ସେମାନଙ୍କ ଚିଠି ବା ଲେଖା ଅଜାଙ୍କ ଟେବୁଲ ଆଗରେ ମଧ୍ୟ ପଡ଼ିବ ନାହିଁ । ସ୍ଥାୟୀ ଅସ୍ଥାୟୀ ସଭ୍ୟମାନେ ଅଠର ବର୍ଷ ପୂର୍ଣ୍ଣ ହେଲାମାତ୍ରେ ପୁରାତନ ନାଗ ହୋଇଯିବେ । ସେଥିପାଇଁ ସବୁ ନାଗଯାକ ତାଙ୍କର ଜନ୍ମ ତାରିଖ ପଠାନ୍ତୁ । ଏଣିକି ଯେଉଁ ନାଗ ଜନ୍ମ ତାରିଖ ନ ଦେଇ କୁପନ ସହ କରି ପଠେଇବେ ତାଙ୍କ ନାମ ଲେଖା ହେବନାହିଁ । ଯେଉଁ ତାଲିକାଭୁକ୍ତ ନାଗମାନେ ସେପ୍ଟେମ୍ବର ଶେଷ ସୁଦ୍ଧା ତାଙ୍କର ଜନ୍ମ ତାରିଖ ନାଗ ତାଲିକା ଖାତାରେ ଦରଜ କରି ନ ଦେବେ ସେମାନଙ୍କୁ ଅନାଗ ହିସାବରେ ଠେଲି ଦିଆଯିବ । ତେଣୁ ଯେଉଁମାନେ ଜନ୍ମ ତାରିଖ ନ ଦେଇଛନ୍ତି ଏ ପତ୍ରପ୍ରାପ୍ତି ମାତ୍ରେ ପଠାନ୍ତୁ ।

“ଅଜା”

## ନାଗଙ୍କ କଲମରୁ
## ଗଣେଶ ଚତୁର୍ଥୀ

ଜୟ ଜୟ ମହାପ୍ରଭୁ ଗଜାନନ,
ଗିରିଜା ନନ୍ଦନ ବିଘ୍ନ ବିନାଶନ ।
ଯା’ ନାମ ସ୍ମରଣେ ପାପ ହୁଏ କ୍ଷୀଣ,
ମରତେ ଆସିଛି ଆଜ ତା’ର ଦିନ ।

ଧାଇଁଛନ୍ତି ଶିଶୁ ମହା ହର୍ଷଭରେ,
କୁସୁମ ଗୁଚ୍ଛ ଧରିଛନ୍ତି କରେ ।
ତୋଳୁଛନ୍ତି ବନୁ କୁସୁମ କଳିକା,
କାହିଁ ଦଳ ଦଳ ବାଳକ ବାଳିକା,

ଧରା ଧରି ମରା ମରି ଲାଗିଛନ୍ତି,
ସରୁ ଫୁଲ ତୋଳି ପଶନ୍ତି ପଳନ୍ତି ।
ଗୃହଶାଳୀ ଘର ପତ୍ର ପୁଷ୍ପେ ସାଜି,
ପୁଷ୍ପ ଜଳ ଦେବା ପରେ ଦେବେ ଅଞ୍ଜ ।

ବିଦ୍ୟା, ବୁଦ୍ଧି ଦାତା, ‘ଗଣେଶ’ ପଦୂରେ,
ଜଣାଇବେ ବିଦ୍ୟା ଦିଅ ହୃଦୟରେ ।
ସ୍ନାନ ସାରି ନବ ବସ୍ତ୍ର ପରିଧାନେ,
ବସି ପୂଜୁଛନ୍ତି ଅତି ଅବଧାନେ ।

କିଏ ସ୍ନାନ ସାରି ବସିଛି ଘରରେ,
ଡାକୁଛି ହେ ଭାଇ ନ କର ମଠରେ !
ପଣ୍ଡାପୁଅ ଆସି ବସିଥିବେ ପରା,
ଶିକ୍ଷକ ପଠାଇ ଦେବେଣି ଡାକରା ।

କିଏ କହେ ମା’ ଲୋ, ପୂଜା ସରଞ୍ଜାମ,
ଦିଅ ଆଗେ ମୋତେ, ଥାଉ ସବୁ କାମ ।
ଦେଖିଲେ ଗଲେଣି ସାଥି ପିଲା ମୋର,
ତୁ କିମ୍ପା କରୁଛୁ ଏତେ ଲୋ ଉଚ୍ଛୁର ?

ଥିଲାଘର ପୁଏ ପିନ୍ଧି ପାଟ, ମଠା,
ଡାକନ୍ତି ଆସହେ ବାଜିଲାଣି ଘଣ୍ଟା ।
ଗରିବର ପୁଅ ବସିଛି ମଉନେ,
କିଛି ନାହିଁ ତା’ର ପଇସା ବିହୁନେ ।

ମାତା ପ୍ରବୋଧୁଛି ଶୁଣ ଆରେ ଧନ.
ସବୁ ପରେ ବିଦ୍ୟା ପାଠେ ଦିଅ ମନ ।
ବିଦ୍ୟା ଅରଜନ ମହତ ପଣିଅ,
ଆଜ ଯାହା କିଛି ଅଢ଼େଇ ଦିନଅ ।

ସୁଖେ, ଦୁଃଖେ ବିଦ୍ୟା ସଦା ପାଖେ ଥିବ,
ମାଡ ଧୋବ ଲୁଗା କାଲି ଶରିଯିବ ।
ଗୃହ ପିଲାମାନେ ହୋଇ ଧାଡ ଧାଡ,
ପୂଜା ସରଞ୍ଜାମ କରନ୍ତି ସଜାଡ଼ ।

କିଏ କହେ ଭାଇ ପିଇବୁନି ପାଣି,
ପାଠ ହେବନାହିଁ ଏହା ଥିବୁ ଜାଣି ।
କିଏ କହେ ଖୋଲ ଘଣ୍ଟା ବାଜିଲାଣି,
ଆଣିଚୁନା ତୋ’ର ସିଲଟ, ବସ୍ତାନି ?

ପୂଜା ସରଞ୍ଜାମ ଥାଳି ଧାଡ ଧାଡ,
ପୂଜା ମଣ୍ଡପରେ ଦେଲେଣି ସଜାଡ ।
ମନ୍ତ୍ର ଉଚ୍ଚାରଣ କରେ ଦ୍ୱିଜବର,
“ନମୋଃ ନମୋଃ ଗଣନାଥ ବେଦବର ।”

Digitized by srujanika@gmail.com

ସଙ୍ଗୀତଙ୍କେ ନାନା ବାଦ୍ୟ ବଜାଇଲେ,
ଦର୍ଶକଙ୍କୁ ଭକ୍ତି ପ୍ରେମେ ମଜାଇଲେ ।
ବନ୍ଧୁ ଗୃହେ ଆଗେ ପଢ଼ିଲେ କବିତା,
"ଭକ୍ତ ମସ୍ତକେ ବାଟପୋଲେ ଶୋଭେ ଗଡ଼।"

ବାଳକ କଣ୍ଠର ସୁମଧୁର ଧ୍ୱନି,
ପ୍ରତିଧ୍ୱନି ଛନ୍ଦେ କହେ କିଏ ପୁଣି ।
ଚଢ଼ି ଚଉହଣ ହରଷିତ ମନେ,
ପୁଷ୍ପାଞ୍ଜଳି ଅର୍ପି ନମିଲେ ଚରଣେ ।
ଉଦାନ୍ତେ ନମିଲେ ଗୁରୁଙ୍କ ଚରଣେ,
ମାଗିନେଲେ ବର ନିଜ ମନେ ମନେ ।
ପୂଜା କାମ ସରି ହୋଇଲେ ମେଳଣି,
...ଦେବ ଭକ୍ତି ସହ ଗୁରୁଭକ୍ତି ଜାଣି ।

ଶ୍ରୀ ନାରାୟଣଚନ୍ଦ୍ର ନାୟକ (୪୬୫ ନଂ ନାଗ)

—⁕—

## ଅବସର ବିନୋଦନ

ସ୍ୱରେଣ୍ଟ ଅକ୍ଷରେ ଗଢ଼ା ମୋ ନାମ,
ମୋ ବିନା ଜଗତ ଅଜ୍ଞାନ ଧାମ । ୧
ରଖିଲେ ପ୍ରଥମ ଦ୍ୱିତୀୟ ବର୍ଣ୍ଣ,
ମରାଳୀର ହେବ ଗମନ ଧନ । ୨ ।
ଦ୍ୱିତୀୟ ପ୍ରଥମ ଏକତ୍ରେ ଭଗ,
ଦ୍ରବ୍ୟ ସାର ମହା ଅନନ୍ଦ ଭକ୍ଷ । ୩ ।
ପ୍ରଥମ ଚତୁର୍ଥ ରଖିଲେ ପୁଣି,
ନାସକର ହେବ ମୁକୁଟ ମଣି । ୪ ।
ଦ୍ୱିତୀୟ ଚତୁର୍ଥ ହୋଇଲେ ମେଳ,
ପୁରର ପୁରେ କରେ ଅମିୟ ଖେଳ । ୫ ।
ଚତୁର୍ଥ ଦ୍ୱିତୀୟ ଦେଲେ ମିଶାଇ,
ଯହିଁ ପେଷ ପଡ଼ିଯିବ ଧସାଇ । ୬ ।
ଅଛତେ ଅସଲ ନାସୁଣୀ ନାଗ,
କହିଲ ବାନ୍ଧବ ସୁନାର ପାଗ । ୭ ।

ଶ୍ରୀ ରାମଚନ୍ଦ୍ର ପାଣ୍ଡ

## ନାଗଙ୍କ ପ୍ରଶ୍ନ

ଓଡ଼ିଆରେ ଛପାକଳ ହେବା ଦିନରୁ ଅଦ୍ୟାବଧି ଓଡ଼ିଶା ଓ ଓଡ଼ିଆ ବାହାରେ ସର୍ବମୋଟ ଯେତୋଟି ଓଡ଼ିଆ ପତ୍ର ପତ୍ରିକା (ସାପ୍ତାହିକ, ଦୈନିକ, ପାକ୍ଷିକ, ତ୍ରୈମାସିକ, ମାସିକ, ଷାଣ୍ମାସିକ, ବାର୍ଷିକ ପତ୍ର) ପ୍ରକାଶ ପାଇଛି (ଜୀବିତ ହେଉ ବା ମୃତ ହେଉ) ତାର ନାମ, ଜନ୍ମ ତାରିଖ, ମୃତ୍ୟୁ ତାରିଖ, (ଯଦି ମରିଥାଏ) ପ୍ରତିଷ୍ଠାତା ତଥା ସଂପାଦକଙ୍କ ନାମ, ପ୍ରକାଶ ସ୍ଥାନ ଇତ୍ୟାଦି ଜଣାନ୍ତୁ ।

ଓଡ଼ିଆଙ୍କ ପରିଚାଳିତ ବଙ୍ଗଳା ଇଂରେଜୀ ସାମୟିକୀ ବାହାରିଛି ବା ବାହାରୁଛି ତାର ମଧ୍ୟ ବିବରଣ ଦୟାକରି ଜଣାନ୍ତୁ ।

ଶ୍ରୀ ପ୍ରତାପଚନ୍ଦ୍ର ପରିଡ଼ା (ନଂ ?)

## ଅଜାଙ୍କ ଉତ୍ତର

ସୂତ୍ରଧର (ନଂ ୧)—ସଂପାଦକଙ୍କଠାରୁ ଉପହାର ପ୍ରବନ୍ଧ ଦେଖାଇ ତୁମର ଏଠି ନମସ୍କାର ଆମ ଜଗତ କର୍ମୀମଣ୍ଡଳ ପକ୍ଷରୁ ଧନ୍ୟବାଦ ଜଣାଉଛି । ଆମର ଅଜ୍ଞାତସାରରେ 'ଭବ ରୁଣୀର ଦାନ' ଉପରେ ଆବଶ୍ୟକ ଭିତରେ ଦୂରଧର ଚାପି ହୋଇ ଯାଇଛି । ପୃଷ୍ଠା ଗଣ୍ଡଗୋଳ ମଧ୍ୟ ବଡ଼ ଅତର୍କିତରେ ହୋଇ ଯାଇଛି । ପାଠକ ପାଠିକାମାନଙ୍କୁ କ୍ଷମା ମାଗୁଛୁଁ । ସ୍ଥାନାଭାବରୁ ତମ ସର୍ବ ଏଠି ପ୍ରକାଶ ପାଇ ପାରିଲା ନାହିଁ । ନୂତନ ଲେଖକ ବା ଲେଖିକା ବର୍ଗଙ୍କୁ ଉତ୍ସାହ ଦେବା ପାଇଁ ନାଗବଗ୍ର ବିଭାଗର ସୃଷ୍ଟି । ତମର ଅନ୍ୟାନ୍ୟ ପ୍ରସ୍ତାବ ସୁତରାଂ ବିଚାରଣୀୟ ।

## ନୂଆ ନାଗବଗ୍ରଙ୍କ ନାମ

୭୬୪ । ଶ୍ରୀ ପ୍ରଫୁଲ୍ଲକୁମାର ମହାନ୍ତି, C/o ଶ୍ରୀ ମଣିଚରଣ ମହାନ୍ତି, ଭଦ୍ରେଶ୍ୱର ଷ୍ଟେସନ, ପୋଃ ଭଦ୍ରେଶ୍ୱର, ଜିଃ ବାଲେଶ୍ୱର । ୭୬୫ । ଶ୍ରୀ ବୀର କିଶୋର ଚରଣ, 142/A Muktaram Babu street Chora bagan, Culcutta. । ୭୬୬ । ଶ୍ରୀ ବୃନ୍ଦାବନ ଜେନା, ରାଣୀହାଟ ହାଇସ୍କୁଲ, ୧୧ଶ ଶ୍ରେଣୀ, ସ୍ୱର୍ଗତ ଗର୍ଗ କଟକ, (ଅର-ପୁର—ପୋଃ ବର କଟକ) ୭୬୭ । ଶ୍ରୀ କୃଷ୍ଣଚନ୍ଦ୍ର ପରିଡ଼ା ଯାଦବ, ଭଦ୍ରକ ହାଇସ୍କୁଲ ୧୧ଶ ଶ୍ରେଣୀ, ଭଦ୍ରକ ।

---

( ମଜାକଥା ୧୦ ପୃଷ୍ଠା ଚଳିତ )

ପାଠ ପଢ଼ିନାହିଁ ବୋଲି ଏ ଜାଣିଛି
ଭାବନା ନକର କିଛି,
ପାଠ ପଢ଼ାଠାରୁ ଏତେ ବଡ଼ କଥା
ଭାବିବା କଥାଟା ଛି, ଛି ।
ଦୁନିଆଁ ଯାକ ପାଠ ପଢ଼ୁଛନ୍ତି
ନ ପଢ଼ୁଛି କିଏ କହ,
ସବୁ କୁକୁରତ ବାରାଣସୀ ଯିବେ
( ତୁ ) ଘର ଜଗିବାକୁ ରହ ।
ସତେ ଯେମିତ ତମେବି ସେମିତ
ପଢ଼ିଲେତ ଏକା କଥା,
ଓଡ଼ିଆ ଜାତିର ପରିଚୟ ପାଇଁ
କି ହିଁଥିବ ବିଶେଷତା ।
ନାଆଁ କରିବାକୁ ସବୁ ଲୋକେ ଚାହାନ୍ତି
ତମର କି ହେବ ନାଆଁ,
ବାଟିଏ ଗୃହରୁ ଛାଟିଏ ପତ୍ରଣୀ
କରି ବସିଥାଅ ଅଁ— ।
ତମେ ନଇଁ ପଡ଼ ତମ ପରେ ଉଠି
ସତେ କରନ୍ତୁ ନାଟ,
ସେଇଥିରେ ପରା ଓଡ଼ିଆ ଜାତିର
ଫିଟିବ ମୁକତି ବାଟ ।
ତମେ ମାଡ଼ ଖାଇ ଅପରକୁ ଯେଣୁ
କରୁଅଛ ଦୁସାହସୀ,
ପିଠି ଟାଙ୍ଗି ଦେଇ ଓଡ଼ିଆ ପୁଅ ହେ
ଗଢ଼ିବେ ହଅ ହସି ।

Digitized by srujanika@gmail.com

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ରୋଜ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରେଲା ବ୍ୟବହାର କଲେ ଯେ କୌଣସି ପ୍ରକାର ପାଲା ଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ଶକ୍ତ ପ୍ଳୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଆଧୁନିକ ଜଗତରେ **"ପାଇରେଲା"** ( ରେଜିଷ୍ଟାର୍ଡ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୧।୵ ( ପ୍ରତି ଶିଶି )

**'ଅନନ୍ତରସ'—ସାଲସା** ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍‌ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍, କଲିକତା ।

ପ୍ରାପ୍ତିସ୍ଥାନ: – ମନମୋହନ ବୁକ୍‌ସପ୍

ନଂ ୧୩୭ । ୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।

---

# ଘୋଷ ନନ୍ଦୀ ଏଣ୍ଡ କୋ:

କଂଟ୍ରାକ୍ଟର, ଉଡକାଷ୍ଟିର ଆସବାବ୍ ନିର୍ମାତା, କାବିନାଟ କାରିଗର,
ନାନାବିଧ କାଠ ବ୍ୟବସାୟୀ ଓ ସମସ୍ତ ପ୍ରକାର ଅର୍ଡର ସରବରାହକାରୀ ତଥା
ବାସ୍ ଓ ଟ୍ରକ୍‌ର ପ୍ରୋପ୍ରାଇଟର
ବାଲେଶ୍ୱର ।

---

# ଉତ୍କଳ ଯାଦବ ଛାତ୍ରାବାସ ଚନ୍ଦା ।

ଉତ୍କଳୀୟ ଯାଦବ ଛାତ୍ରମାନଙ୍କର ବହୁବିଧ ଅଭାବ ଅସୁବିଧା ଦୃଷ୍ଟେ ଓ ସେମାନଙ୍କର ସୁବିଧା ନିମିତ୍ତ ଭଦ୍ରକରେ ଗୋଟିଏ ଯାଦବ ଛାତ୍ରାବାସର ଏକାନ୍ତ ଆବଶ୍ୟକତା ଉପଲବ୍ଧି କରି ଚଳିତ ସନ ୧୯୪୫ ମସିହା ଠାରୁ ଗୋଟିଏ ସ୍ଥାୟୀ "ଯାଦବ ଛାତ୍ରାବାସ" ପ୍ରତିଷ୍ଠା କରିବା ପାଇଁ ସ୍ଥାନୀୟ ଯାଦବମାନେ ଉଦ୍ୟମ କରୁଅଛନ୍ତି । ଆବଶ୍ୟକ ପରିମାଣରେ ଅର୍ଥ ସାହାଯ୍ୟ ମିଳିଲେ ତୁରନ୍ତ ଉକ୍ତ "ଯାଦବ ଛାତ୍ରାବାସ" ଖୋଲିବାର ବ୍ୟବସ୍ଥା କରାଯିବ । ଏଥିପ୍ରତି ସର୍ବସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଦାତାମାନଙ୍କୁ ସବିନୟ ପ୍ରାର୍ଥନା ଯେ, ଯଥା ସମ୍ଭବ ଶୀଘ୍ର ଅର୍ଥ ସାହାଯ୍ୟ ଦ୍ୱାରା ଏହି ସଦୁଦ୍ୟମକୁ ଉତ୍ସାହିତ କରି ବିଦ୍ୟାଦାନରୂପ ମହତ୍ ଧର୍ମ ଅର୍ଜ୍ଜନ କରନ୍ତୁ । ଯେଉଁମାନେ ବିଦେଶରୁ ମନିଅର୍ଡ଼ରଦ୍ୱାରା ଅର୍ଥ ସାହାଯ୍ୟ ପଠାଇବେ, ସେମାନେ ଦୟା କରି ନିଜର ପୂରା ନାମ ଓ ଠିକଣା କୁପନରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରି **ଶ୍ରୀଯୁକ୍ତ ବାବୁ ରାମଚନ୍ଦ୍ର ପଲାଇ । ସା । ଚରମ୍ପା ମଟର ଅଫିସ, । ପୋ । ଚରମ୍ପା, । ଜି । ବାଲେଶ୍ୱରଙ୍କ** ଠିକଣାରେ ପଠାଇଲେ ତୁରନ୍ତ ଛପା ରସିଦ ଦ୍ୱାରା ପ୍ରାପ୍ତି ସ୍ୱୀକାର କରାଯିବ । ଇତି ।

ନିବେଦକ
**ଶ୍ରୀ କୃଷ୍ଣଚନ୍ଦ୍ର ପରିଡା**
ଛାତ୍ର—ସ୍ୱେଚ୍ଛା ସେବକ (ଭଦ୍ରକ ହାଇସ୍କୁଲ

Digitized by srujanika@gmail.com

## ବସନ୍ତ ମଲ୍ଲୀକା

ଜୀବନ-ବସନ୍ତର ଅନୁପମ ସାଥୀ । ଏହାର ମନୋରମ ଗନ୍ଧ-ବିଭବ ଫୁଟନ୍ତା ଫୁଲର ମଧୁର ଯୌବନରୁ ଅପହୃତ । ବ୍ରାହ୍ମୀ ଓ ଭୃଙ୍ଗରାଜର ସାର ନିଷ୍କାସନରେ ପ୍ରସ୍ତୁତ ଏ ତୈଳ ହିଷ୍ଟିରିଆ, ଉନ୍ମାଦ ଓ ସ୍ମୃତି ଶକ୍ତି ହ୍ରାସ ପ୍ରଭୃତି ମାନସିକ ବୈକଲ୍ୟରେ ବିଶ୍ୱାସ ଯୋଗ୍ୟ ଅବଲମ୍ବନ ।




## କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡକ୍ଟସ୍

ଇଣ୍ଡିଆ ।

---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସମାନ—** ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନୟାଦିଲ୍ଲୀ, ନାଗପୁର । ସ୍ୱା—ପି. ଏନ୍: ରାୟ ଚଉଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍— ମାସକୁ ୫୯ ଜମା ଦେଲେ ବର୍ଷେ ପରେ ଓ ୫ମ ବର୍ଷ ଶେଷରେ ୫ ୨୭୦ ଙ୍କା ପାଇବେ


---

Printed & published by G. C. Mahapatra at the Gopinath Press, Bhadrak. 1945.

Digitized by srujanika@gmail.com

୯ମ ବର୍ଷ—୮ମ ସଂଖ୍ୟା

ଭାଦ୍ର- ଦ୍ୱିତୀୟାର୍ଦ୍ଧ




ପୁଣି ବାହାରିଲା—

କଳି ଭାରତ
୨ୟ ମହାସମର ବୃତ୍ତାନ୍ତ

\+ + +

ମଜା କଥାରେ
'ଗାଁ ଲେଉଟା ମୋଦକ'

———

କାହାଣୀ ଟର —
ପଥ ଓ ପାଥେୟ
ପଢ଼ନ୍ତୁ—

ମଜା କବିତାରେ
'କି କଲୁ ପାମର ଦଇବ'

ଓଡ଼ିଆର ଧନ    ଓଡ଼ିଆର ଶ୍ରମଦ୍ୱାରା ନିର୍ମିତ

ମେସାର୍ସ—'ଦାସ ଏଣ୍ଡ କୋ'
୭, ଫାଲଗୁନ ଦାସ ଲେନ୍,
କଲକତା କର

'ଏଟେଲେଣ୍ଟା ଫେନ୍'

**"ATALANTA FAN"**

ବ୍ୟବହାର କର ଦେଶର ଗୌରବ ବଢ଼ାନ୍ତୁ ।
ସୁନ୍ଦର—ଶସ୍ତା ଓ ଦୀର୍ଘକାଳ ସ୍ଥାୟୀ ।

ସୋଲ ଡିଷ୍ଟ୍ରିବ୍ୟୁଟର—
**Messrs W. C. Nayak & Co.**
4, Falgoon Das Lane, Calcutta.

ବାର୍ଷିକ— ତିନିଟଙ୍କା ଆଠଅଣା    ଷାଣ୍ମାସିକ ଦୁଇ ଟଙ୍କା

Digitized by srujanika@gmail.com

# MATRIC MANUAL.

A Series in four parts, presenting **six years Univer§ity Questions** ( Final & Supplimentary ) with answers Easy Intelligent and Convincing.

PART I— Mathematics :—Best help in absence of qualified experienced teachers. Methods easy and attractive to overcome difficulties. Price—Rs. 1-8

PART II—Geography :—Both physical and political portions represented in details with the help of diagrams wherever necessary. One of the greatest, useful and attractive features of the book is the **systemetic arrangement of facts**.

PART III—English :—Up-to-date and lively answers in simple **idiomatic English.** Best help to learn and write English. **Originality**—highest factor, plays an important part in **Essays and grammatical** portions. Price—1-8

PART IV—History :—Under preparation.

---

ଗଳ୍ପର ତରଙ୍ଗ ଭଙ୍ଗୀରେ
ସହସ୍ର ରଙ୍ଗିନ ଛବି
**ଅଧ୍ୟାପକ ବ୍ରଜକିଶୋର ରାୟଙ୍କର**

## ନୀଳ ଲହରୀ

ପଢ଼ନ୍ତୁ !

କ୍ଷୁଦ୍ର ଗଳ୍ପର ନୂଆ ଶୈଳୀ
ଭାବ ଧାରାର ନବ ପ୍ରସ୍ରବଣ
**ମୂଲ୍ୟ—ଟ ୧୳**

ଖାଦ୍ୟ ଖାଦ୍ୟ ଚିତ୍କାର କଲେ କ'ଣ ଖାଦ୍ୟ ମିଳିବ ?
**ଅନେକ** ଖାଦ୍ୟ ଖାଇ ମଧ୍ୟ ଉପବାସ କରନ୍ତି
ଡାକ୍ତର **ଗୋପାଳ ପଟ୍ଟନାୟକଙ୍କର**

## ଜାତୀୟ ଖାଦ୍ୟ

କହେ —
ଆପଣ ତୁଚ୍ଛ ବୋଲି କହି ଯାହା ଛାଡ଼ୁଛନ୍ତି
**ତା'ର ମୂଲ୍ୟ ଅକଳନ୍ତ।**
ଆପଣ ଭଲ ବୋଲି ଯାହାକୁ ଆଦରନ୍ତି
ସେ ଅପଦାର୍ଥ ।
**ମୂଲ୍ୟ— ଟ ୧ ।**

---

N. B. Please ask for the books first to your nearest bookseller and then if necessary place orders with some advance.

Published at
**KRUSHNA BHANDAR**
Chaudhury Bazar
CUTTACK.


---


ସମ୍ପାଦକ— **ଶ୍ରୀ ନିତ୍ୟାନନ୍ଦ ମହାପାତ୍ର;** ପରିଚାଳନା ସମ୍ପାଦକ; — **ଶ୍ରୀ ବ୍ରଜମୋହନ ଦାସ**



Digitized by srujanika@gmail.com




# ବିଲୁଆ ବିଚାର



କଂଗ୍ରେସ କମିଟି ସବୁ ଗୁରୁଅଡ଼େ ଅଇନ ସଙ୍ଗତ ହୋଇଗଲା । କେତେ କଂଗ୍ରେସବାଲା ଛାଡ଼ ପାଇଲେ । କେତେ କେତେ ଫାଶି କାଠରୁ ମୁକୁଳିଲେ । କଂଗ୍ରେସ ଘରସବୁ ଖୋଲା ହୋଇଗଲା । ଏଥିରେ କେହି କେହି ଭାବୁଛନ୍ତି—ଜିନ୍ନାର ଶଙ୍କା ଦୂର ହେଲେ ଭାରତ ପୁଣି କଂଗ୍ରେସ ନେଇଯିବ । ସତେ ଅବା ସରକାର ହାରିଯାଇ ଡରମରି ଅଧରଛଡ଼ା ଏମିତି କରି ପକାଇଲେ । କିନ୍ତୁ ଜଣେ ଲାଟ ସାହେବ ସଫା ସଫା କଥାରେ କହିଦେଲେ ଯେ—ଏ ସବୁ ଦୟା । ଏମିତି ଯେ ଛୋଟ ଛୋଟ ନାଦମମାନେ ଦେଖିଲେ କଂଗ୍ରେସ ଘରକୁ ଖୋଲା ଦେବା-ଦେଲେ କେଉଁଛନ୍ତି ଯେ—ଦୟା ପରବଶ ହୋଇ ଖୋଲିଦେଲେ । ଉପର ସରକାର ବାହାଦୁରଙ୍କ ଏ ଦୟାକୁ ମୂଦୟା ଅଖ୍ୟା ଦେଇ ସଧବାଙ୍କ ଘର ଦୁଆରକୁ ଶବ୍ଦ ଖଡ଼ବାର ବନ୍ଦୋବସ୍ତ କରୁଛି । ସରକାରଙ୍କ ଏହିପରି ଦୟା ଅମ ଉପରେ ଚିରଦିନ ଥାଉ । ଇଂରେଜଙ୍କ ଦୟାଜଣ ସାଲରେ ଦୟା ଫଳ ଏ ଦେଶର ଲୋକଙ୍କୁ ଗୁଳି କମାଣ ସାହାଯ୍ୟରେ ସ୍ୱର୍ଗ ମୁକ୍ତି ପଠେଇ ଦିଆଯାଇ । ୧୯୪୩ ସାଲର ଦୟାରେ ଏ ଦେଶ ଦୁର୍ଭିକ୍ଷରେ ପଡ଼ି ଇହ ସଂସାରରୁ ପାର ହୋଇଯାଇ । ଲୁଗାପଟା ଛଡ଼ି ଦିନାମ ବା ଟଙ୍କିଲ ନାମ ଦୟା ଅତଲ ନାମ ଜପ କରୁ । ଅଳ୍ପ କେଉଁଦିନ; ମାଛ ମାଂସ ଅଦି ବୈଭବରୁ ବଞ୍ଚିତ କରି ଏ ଦେଶ-ବାସୀଙ୍କୁ ଭଗବାନଙ୍କ ନାମ ଧରାଇବାରେ ଯେଉଁ ଦୟା ଅମ ସର-କାର ପ୍ରକାଶ କରିଛନ୍ତି ସେଥିପାଇଁ ଉପରେ ନିଦାନ ସନ୍ଧ୍ୟାରେ ତାଙ୍କୁ ଅଶୀର୍ବାଦ କରୁଥିବ ଯେ ଏହିପରି ଯାବଚ୍ଚନ୍ଦ୍ରାର୍କେ ଏ ଦେଶ ଭୋଗ କରି ଅମ୍ଭଙ୍କୁ କେବଳ ଦୟା ବର୍ଷଣ କରିବାରେ ଲାଗି ଯାଆନ୍ତୁ । × × + ×

ଶ୍ରୀଯୁକ୍ତ ଲାସ୍କି ଇଂଲଣ୍ଡ ଶ୍ରମିକ ସଭାର ମୁଖିଆ । ଘର ପାଖରୁ କେତେକ ଦୂରରେ ରହି ଦିନେ ବେଅକତିଆର କଥାରେ କହି କହି କହି ପକାଇଲେ—ଇଂଲଣ୍ଡ ଗୋଟିଏ ଦ୍ୱିତୀୟ ଶ୍ରେଣୀ ବା ସେକେଣ୍ଡ କ୍ଲାସ ଶକ୍ତି । ସେଇ କଥାଟାକୁ ନେଇ ଇଂଲଣ୍ଡରେ ଭାରି ଘଣ୍ଟା ଚକଟା ହେଲା । ଶେଷରେ ଜଣେ ଖୁବ୍ ମାଇକିନଥ କ ପଦେ ଝାଡ଼ି ଦେଲେ । ଅମର ମତେ ହୁଏ ଲାସ୍କି ସତ କଥା ଛଡ଼ା ମିଛ କଥା କହି ଜାଣନ୍ତି ନାହିଁ । ସେଥିପାଇଁ ସେ ଉଲରେପଯାକ ଗୋଟାଏ ଗୋଟାଏ ଥାର୍ଡ଼ କ୍ଲାସ, ଫୋର୍ଥ କ୍ଲାସ ବା ଲୋୟର କ୍ଲାସ ଶବ୍ଦଟାଏ ବି ପାଇଲେ ନାହିଁ । ସୁତରାଂ କାହା ସାଙ୍ଗରେ ସେ ସମାନ କରି ଇଂଲଣ୍ଡକୁ ଯାଉ କରିବେ ? ଅତଏବ ସେ ଯଦି ଇଂଲଣ୍ଡକୁ ତୃତୀୟ ଶ୍ରେଣୀ ବା ଲୋୟର ଶ୍ରେଣୀ ନ କହି ପାରିଲେ ତେବେ ତାଙ୍କର କଣ ଦୋଷ ? ଦୋଷ ଇଉରୋପ ବା ପୃଥିବୀର ଶକ୍ତିମାନଙ୍କର ।

× × + ×

ସ୍ୱରାଅଡ଼େ କମ୍ୟୁନିଷ୍ଟ ଭାଙ୍ଗନ ଦଳନ ଅଧ ଯାଉଛି । ଓଡ଼ିଶା କର୍ମୀ ସଙ୍ଘରେ ବି ହୋଇଛି । ଅସନ୍ତା ନଃ ଭାଃ କଂଗ୍ରେସ କମିଟିରେ ବି ହବ । ଶୁଣାଯାଏ ଗାନ୍ଧିଜୀ ଭୁଲାଭାଇଙ୍କୁ ଘେର କରିବାକୁ ଯେଉଁ କାଗଜପତ୍ର ଦେଇଥିଲେ ତାର ଉତ୍ତର ମଧ୍ୟ ଭୁଲାଭାଇ ଦେଇ ସାରି-ଛନ୍ତି । ତଥାପି କେହି କେହି ପଚାରୁଛନ୍ତି ଯଦିଏ ଦୟା ଦେଖାଇ ସେମାନଙ୍କୁ କଂଗ୍ରେସ ଭିତରେ ରଖିଲେ କ'ଣ ହୁଅନ୍ତା ? ଅମେ କହୁଁ ଦଣ୍ଡା ଯିଏ ମାଗେ ତାକୁ ଦୟା କରିଦିବା କଥା ଉଚିତ ହୋଇପାରେ, କିନ୍ତୁ କମ୍ୟୁନିଷ୍ଟମାନେ ଭୁଲ ମାନିବେ ନାହିଁ କି ଦୟା ଖୋଜିବେ ନାହିଁ । ତେଣୁ ସେ ଜଣେ ଜଣେ ପକ୍କା କଂଗ୍ରେସବାଲା ହେଇ ଅସି-ବାକୁ ଚାହାନ୍ତି । ଅମେ କହୁଁ, କଣ କାଗଜକୁ ମଣିଷ ସାବଧାନ ହବ—କିନ୍ତୁ ତୁଳସୀ ବଣ ବାଘଙ୍କୁ ଚହ୍ନିବା ବଡ଼ କଷ୍ଟ ।

+ × + +

ଅସନ୍ତା ଅସେମ୍ବ୍ଲି ନିର୍ବାଚନ ପାଇଁ ସବୁ ପ୍ରଦେଶରେ ଦୁଇ ଭୋଟର ତାଲିକା ତିଆରି ହେବାର ଧୂମ ଲାଗିଗଲାଣି । ଶୁଣାଯାଉଛି ଓଡ଼ିଆ ସରକାର ଏବେ ଅଗ୍ରୁଅରେ ନ ପଡ଼ି ତାଳପତ୍ର ମସମଣିରେ କାମ ଚଳାଇ ନେବେ ।

ଏହା ଯଦି ସତ ହୋଇଥାଏ, ତେବେ ସରକାରଙ୍କ ଦୂରଦର୍ଶି ବୁଦ୍ଧିକୁ ପ୍ରଶଂସା ନ କରି ଅମେ ରହି ପାରୁନାହୁଁ । ଅକାଉଣ୍ଟାରେ କେତେ ଅଫିସ ରହିବେ, ମହଙ୍ଗ ଜଗତରେ କେତେ କାଗଜ ଖରଚ ହେବ—ତହିଁରେ ଖଗାଗାନାର ବର ଯେପରି ହାଲ୍ ହେଉଛି—ଏଥିରେ ଓଡ଼ିଶା ସରକାରଙ୍କ ଏଭଳି ମିତବ୍ୟୟିତା ଗୋଟାଏ ଅଦର୍ଶ ନିଶ୍ଚୟ ।

+ × + ×

ଲଟ ସାହାର କଲେଜ ଛାତ୍ର ଛାତ୍ରୀଙ୍କୁ ନମ୍ବର ମାଡ଼ ଦେଇ ସେଠା ମିଲିଟାରି ବୀରପଣ ଯେପରି ବୀରତ୍ୱ ଦେଖାଇ ଦେଲେ, ତାହା ସାଙ୍ଗରେ ଫଟ ପଟାଇ ଅମ ସମ୍ବଲପୁରର ପୁଲିସ ବୀରମାନେ ମଧ୍ୟ ଇତିହାସ ଗ୍ରନ୍ଥରେ ନାଁ କାଟିବାକୁ ଛାଡ଼ିନାହାନ୍ତି । ସେଦିନ ପୁରୀର ପୁଲିସ ଲୋକେ ମଧ୍ୟ କମ ବୀରତ୍ୱ ଦେଖାଇ ନଥିଲେ । ଏଥିରୁ ଜଣାଯାଉଛି ଅମ ଓଡ଼ିଶାର ପୁଲିସ ଶୌର୍ଯ୍ୟ ବୀର୍ଯ୍ୟରେ କୌଣସି ଜାଗାଠାରୁ ଊଣା ନୁହନ୍ତି । ଯୁଦ୍ଧଟା ତ ସରିଗଲା—ବୀରତ୍ୱ ଜାହିର କରିବାର ସ୍ଥାନ ଅଉ କେଉଁଠି ? ଛାତ୍ରଙ୍କ ପିଠିଟା ସବୁଠୁ ନିରାପଦ !

+ + × +

ଯୁଦ୍ଧ ସମ୍ବନ୍ଧରେ ମାନ ମାର କଂଗ୍ରେସ ମନ୍ତ୍ରୀତ୍ୱ ଛାଡ଼ିଥିଲେ । ଯୁଦ୍ଧ ସରିଯିବାରୁ କହିବାର କାରଣ ତେଣୁ ନ ରହିଲା ଅଉ ମନ୍ତ୍ରୀତ୍ୱ କରିବାର

Digitized by srujanika@gmail.com

ବାଧା ନାହିଁ । ସୁତରାଂ ସବୁର ମନରେ ଗୋଟାଏ ଆଶା ଜାଗି ଉଠିଥିଲା ଯେ ସମ୍ପ୍ରତି ଅନ୍ତ ନିକଟରେ ଅର୍ଥାତ୍ ଆସନ୍ତା ଭୋଟ ହେବା ପୂର୍ବରୁ କଂଗ୍ରେସ ନାନା ପ୍ରଦେଶମାନଙ୍କରେ ମନ୍ତ୍ରୀତ୍ୱ ମାଡ ଛାଡିବ ପୁଣି ।

ସରକାର ଯାହା ହାତରେ ଥାଏ ଟଙ୍କ ଭୋଟକୁ ଅଟକାଇ ସୁବିଧା ହୁଏ ତାର ଏହା ଜଣା କଥା । ମାତ୍ର କେନ୍ଦ୍ରୀୟ ସରକାର ଆଜି ଏକ ଗୁଳ ଚଳାଇ କଂଗ୍ରେସର ଏ ମତଲବକୁ ମାଟି କରି ଦେଲା ପରି ଜଣାଗଲାଣି । ସବୁ ପ୍ରଦେଶୀ ସରକାର ତରବର କରି ଆପଣା ଆପଣା ଅସେମ୍ବ୍ଲି ଦେଲେଣି ଭାଙ୍ଗି । ଏଥର ହିଡ ମୂଳେ ବସି କାନ୍ଦୁଥା—ଯୋଗିଅ......

\+ × × ×

ଦେଶ ଦଖଲ ପଟା ସରତରେ ଉତ୍କଳକୁ ବରଗଡ଼ ଦେବା ଯାଇଁ ନୋହିଲ, ଏବେ ମାନ୍ଦ୍ରାଜ ସରକାର ଉତ୍କଳକୁ ପୂରା ଗର୍ଭସ୍ଥ କରି-ବାକୁ ବସି ବଡ଼ଲାଟଙ୍କ ଦରବାରରେ ଓକିଲ ଗୁଜାରିଛନ୍ତି । ପୁଣି ବଡ଼ଲାଟ ମଜଲିସର ତାଙ୍କର ବିଶ୍ୱସ୍ତ ପାର୍ଶ୍ୱଚର ଶ୍ରୀ ବି, ଏନ୍, ରାଓ ନାମକ ଜଣେ ମାନ୍ଦ୍ରାଜୀଙ୍କୁ ଏ ସମସ୍ୟାର ବିଚାରକ ନିଯୁକ୍ତ କରି ପଠାଇଛନ୍ତି । ଏଣୁ ଓଡ଼ିଶା ତରଫରୁ ଓକିଲାତି କରିବାକୁ ଯେ ଯାଉଛନ୍ତି ସେ ବି ଜଣେ ମାନ୍ଦ୍ରାଜୀ—ଶ୍ରୀ ଗୋବିନ୍ଦ ନାୟାର । ମାନ୍ଦ୍ରାଜ ସହିତ ଓଡ଼ିଶାର ମକଦ୍ଦମା—ବିଚାରକ ମାନ୍ଦ୍ରାଜୀ ତ ଓଡ଼ିଶାର ଓକିଲ ମାନ୍ଦ୍ରାଜୀ । ଏଥିରେ ଫଳଟା କଣ ହେବ ତାହା ଆଉ କାହାକୁ ଦିଶୁ ବା ଦିଶୁ, ଜଳକା ଓଡ଼ିଆକୁ ଝଲଝଲ ହୋଇ ଦିଶି ଯିବାରୁ ସେମାନେ ରୋଦନ ଆରମ୍ଭ କରି ଦେଲେଣି । ପୋଥି ଡାକୁଛି—ବାଳାନାଂ ରୋଦନଂ ବଳଂ ।

× + + +

କଥାଟା ବଳେଇ ହାତରେ ଶୁଖୁଆ ଦେଲା ପରି ହେଲେ ସୁଦ୍ଧା ଆମ ମନକୁ ଏ ବିଷୟଟା କାହିଁକି ପାଉଛି ତାର କାରଣ ଦେଉଛୁଁ—

ଚୋର ମାଟିପଥରେ ପେଡ଼୍, ଷିନ୍ଦ୍ କର ସ୍ୱହାତି ଦେଲେ, ଯେପରି ଚୋର କରିବାକୁ ଚୋରର ହାତ ଉଠେନାହିଁ, ସେହିପରି ଓଡ଼ିଶା ସ୍ୱାର୍ଥର ବିପକ୍ଷରେ ଯିବାକୁ ଶ୍ରୀ ଗୋବିନ୍ଦ ଓ ମି: ରାଓଙ୍କର ହସ୍ତ ଓ କଲମ ଚଳିବ ନାହିଁ ବୋଲି ଆମର ବିଶ୍ୱାସ । ଏଣୁ ହେ ଓଡ଼ିଆ ଜାତି, ତୁମେ 'ବିଶ୍ୱାସ' କରି ଚୁପ ହୋଇ ରହିଯାଅ ।

କଷାୟେ ମିଳନ୍ତୁ ଲକ୍ଷ୍ମୀ
ତର୍କେ ଚନ୍ଦ୍ରହୂର ।

ନାବାଳକ ପକ୍ଷରେ ଆଉ ଅନ୍ୟ ପନ୍ଥା କଣ ?

× × + ×

ଗୋଟାଏ ଖବରରୁ ପ୍ରକାଶ ଯେ ଭାରତ ସରକାର ଓଡ଼ିଶା ଗଡ଼ଜାତମାନଙ୍କୁ ଖାସ କରିନେବାକୁ ବସୁଛନ୍ତି । ଅବଶ୍ୟ ରଜାମାନଙ୍କୁ ନିରସ୍ତ କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ । ରାଜ୍ୟର ଯାହା ବାର୍ଷିକ ଆୟ, ତାର ଗୁଣଂଶା ମୂଲ୍ୟ ସ୍ୱରୂପ ଦିଆଯିବ ।

ପୂର୍ବକାଳରେ ଗଡ଼ମାଳ ଓ ଜଳମାଳ ମଧ୍ୟରେ ବଡ଼ ତଫାତ୍ ନଥିଲା । ମୋଗଲ ଶାସନ ଅମଳରୁ ଏହା ହୋଇଛି ଓ ଏଯାଏଁ ଚାଲି ଆସୁଛି । ଖୋଦ ସରକାର ଯଦି ଏହା କରନ୍ତି ତହିଁରେ ବାଧା ଦେବାର ତାକତ କାହାର ନାହିଁ ।

"ଜଗତ ପତି ହୋଇ ଅନାଥ ବୋଲ ଠାଇଁ, ଆଉ କେ ବା ଅଛେ କହିବ ?"

× + × +

କଥାଟା ଯେତେବେଳେ ବାହାରିଲାଣି, ଦିନେ ଯେ ଏହା ବାସ୍ତବ ହୋଇ ଉଠିବ ଏଥିରେ ସମ୍ଭାବନା ଅଧିକ । ଅତଏବ ରଜା-ମାନଙ୍କର ଉଚିତ, ଏଥିରେ ଆପତ୍ତି ନକରି ମାନିଯିବା । କାରଣ ସେହି ନାଆଁକୁ 'ସ୍ୱାଧୀନ'ମାନେ ଏତଦ୍ୱାରା ପ୍ରକୃତ ସ୍ୱାଧୀନତାର ଆସ୍ୱାଦନ ପାଇ ନାଗରିକ ଭାବରେ ନିଜ ନିଜର ଉନ୍ନତି ସାଧନ କରି ପାରିବେ । ତାହା ନକରି ତୁଫାନ ଆଗରେ ଛିଡ଼ା ହେଲେ କେବଳ ନିଜର ସର୍ବନାଶ । ଶୂନ୍ୟ ହାତରେ ବାଟେ ବାଟ ଯିବାଠାରୁ ଏହା ଅନେକ ଭଲ ପରି ଲାଗୁଛି । କିନ୍ତୁ ଆମର ଗୋଟାଏ କଥାରେ ଧୋକା ଲାଗୁଛି କି ଏ ଚକ୍କର କେବଳ ଓଡ଼ିଶା ରଜାଙ୍କ ମୁଣ୍ଡରେ ପଡ଼ୁଛି, କି ଭାରତଯାକ ପଡ଼ୁଛି ? ନା, ଓଡ଼ିଆ ସବୁ କଥାରେ ନଉଛୁଣା ବୋଲି ଆଗ ଏ ନାଟଟା ଓଡ଼ିଶାରେ ଖେଳା କରି ହାତ ପରଖ କରାଯିବ ?

\+ + × ×

ଏହି ପ୍ରସଙ୍ଗରେ ଓଡ଼ିଶା ଜମିଦାରଙ୍କ କଥା ମନେ ପଡ଼ଯାଉଛି । କଂଗ୍ରେସ ସରକାର ଜମିଦାରୀ ଉଚ୍ଛେଦ ଓ ଜମିଦାରୀ ଉଚ୍ଛାଦନ ନୀତି ଧରି ତାରପଣ କାମ କରି ଯାଉଛି । ତାକୁ ଯେତେକ ଅଛି ହୁଏତ ଆଉ ଅଳ୍ପ ଦିନରେ ମୂଳପୋଛ ହୋଇଯିବ । ଜମିଦାରମାନଙ୍କର ମଧ୍ୟ ଏତିକିବେଳେ ଜଣ ଜଣ ବଦାକା ନେଇ ବାଟ ଧରିବା ଶ୍ରେୟସ୍କର । ନୋହିଲେ ଦିନେ କେବଳ ଅର୍ଦ୍ଧଚନ୍ଦ୍ର ହିଁ ସାର ହେବ । କାଳର ହାଓ୍ୱା ଯେପରି ବହୁଛି, ସେଥିରେ ରକ୍ଷିତ ସ୍ୱାର୍ଥର ଦିନ-କାଳ ଯେ ସରି ଆସିଲା ! ଅତଏବ—

ରେ ମନ ମୋର ବୋଲ କର,
ବେଳହୁଁ ଗୋବିନ୍ଦ ସୁମର ।

× + × +

ଉତ୍ତର ବାଲେଶ୍ୱର ଗସ୍ତ କରି ଶ୍ରୀଯୁକ୍ତ ମହତାବ ଏକ ବିବୃତି ଦେଇଛନ୍ତି ଯେ ବାଲେଶ୍ୱରରେ ଯୋଗାଣ ବିଭାଗର କାର୍ଯ୍ୟରେ ଜନସାଧାରଣ ଅସନ୍ତୁଷ୍ଟ । ଏକଥାଟା ମହତାବ ନିଜରୁ ଉଠି ବଳ-ବଳେଇଲା ଭଳି ହୋଇଛି । ତାଙ୍କର ଏହି ବିବୃତି ଦେଖି ଆମର ଗୋଟେ କଥା ମନେ ପଡ଼ୁଛି ଏହା—

"ଥରେ ଜଣେ ଲୋକ ଗୋଟେ ଓଟକୁ ପଚାରିଲା—"ହଇରେ, ତୋ ପିଠିରେ କାହିଁକି କୁଜ ?"

ସେଇଠୁ ଓଟ ଉତ୍ତର ଦେଲା—"ମୋର କଉଁ କଥାଟା ସଜ ?"

\+ + + +

Digitized by srujanika@gmail.com




# ଗାଁ ଲେଉଟା ମୋଦକ

ଲେଖକ—ଶ୍ରୀ ବୈକୁଣ୍ଠ ନାଥ ମହାନ୍ତି

ମୋର ବନ୍ଧୁ ରସାନନ୍ଦ ଜଣେ କବି। ମ୍ୟାଟ୍ରିକୁଲେସନ ପାସ୍ କରି ଗୋଟିଏ ବଡ଼ ସରକାରୀ ଚାକିରିର ଆଶାରେ ଦୁଇ ତିନୋଟି ଟିଉସନ ଆଦରି କଟକ ସହରରେ ପଡ଼ିଥାଏ। ପିଲାଟି ଦିନରୁ ଶୋଉଥାନ୍ତେ, ଚାଲୁଥାନ୍ତେ, ବୁଲାରେ, ଚଲାରେ, ଖିଆରେ, ପିଆରେ, ବସିବାରେ, ହସିବାରେ, ଲେଖାରେ, ଆଲୋଚନାରେ, ପତ୍ରଲେଖାରେ ପ୍ରତ୍ୟେକରେ ସବୁବେଳେ ତା ପାଟିରୁ କବିତା ବାହାରି ପଡ଼େ। ସତେ ଯେମିତି କବିତା ଭଣ୍ଡାରର କୁଞ୍ଚିକାଠି ମା ସରସ୍ୱତୀ ତାରି ହାତରେ ବଢ଼ାଇ ଦେଇଛନ୍ତି। କ'ଣ ଯେ ଲୋକେ ଏ କବିତା ଯେ ବୋଲେ ତା ସେ ଜାଣେ। ଥରେ ଜଣେ ବନ୍ଧୁ ଥଟ୍ଟା କରି କହିଲେ, "ରସାନନ୍ଦ ବାବୁଙ୍କ ଗୋଟାଏ ପାଗଳଙ୍କ ପରି ସବୁବେଳେ ଭଟର ଭଟର ହେଉଥାଇ! ତୁ ଯଦି କବି ହେବୁ ତେବେ ଅସଲ କବିଙ୍କୁ ପିଠ କିଏ କୁଥଡେ?" ରସାନନ୍ଦ ସାଙ୍ଗେ ସାଙ୍ଗେ ରାଗି ଯାଇ ତାରି ଶର ବିକୃତ ସ୍ୱର ମେଳାଇ ଗାଇଲା—

"କବି ହେବା ପାଇଁ ବାସନା ବଳିଷ୍ଠ ମୋର,
ଅଜନା ଦରବ ଆସି ଯେଉଁ ଜୁଆଡ଼ୁ ବର,
ପାଇବ ଗୁମୁରା, ଅମ୍ଭୁଡ଼ା, କାମୁଡ଼ା ବିଧା,
ମାଡ଼ ମାରି ମାରି ପିଠି କରିଦେବି ସିଧା।"

ବନ୍ଧୁଟି ଏତକ ଶୁଣି ଚୁପ। ଅନ୍ୟଦିନେ ତାଙ୍କୁ କିଛି କହିବାକୁ ସାହସ କଲେ ନାହାନ୍ତି। ତେବେ ରସାନନ୍ଦଙ୍କୁ ବାହାଦୁର ଦେବାର କଥା। ମାଇନର ସ୍କୁଲର ୫ମ ଶ୍ରେଣୀରେ ପଢ଼ୁଥିବାବେଳେ ଥରେ ତାର ଟେଟମଇ ତ୍ୱୋଲ ଓ ବାଉଁଶ ସାମଲର କଳା ଦେଖି ତାର କବିପ୍ରାଣ ଉଚ୍ଛୁଳି ପଡ଼ିଥିଲା। ସେ ଉଚ୍ଛ୍ୱସିତ ହୋଇ ଯାହା ଗାଉଥିଲା ଆଜିପର୍ଯ୍ୟନ୍ତ ଅନେକେ ତାକୁ ପ୍ରଶଂସା କରନ୍ତି। ରସାନନ୍ଦ ଗାଇଥିଲା:—

"ଟେମା ବାଉଁଶର ତ ଲାଗିଥିଲା କଳି,
ସେ କାହାକୁ ଦେଲେ ପଦ ଦେଉଥିଲା ଗାଳି।
ଟେମା ଚମକ ଅସଇ ଅଖି କରି ରଙ୍ଗା,
ବାଉଁଶ ଥାଇଁ ଯାଏ ହାତେ ଧରି ଠେଙ୍ଗା।
ଲଠି ପିଟା ମିଛ ହୋଇ ତାରୁ ଗଲେ ପାଟି,
ଡାକ୍ତରଙ୍କୁ ଡାକ ଦେବା ବାନ୍ଧି ଦେବ ପଟି।"

\+ + + +

ରସାନନ୍ଦ ନିକଟରେ ଟିଉସନ ହେଉଥିବା ସ୍କୁଲ ପିଲାମାନେ ଥରେ ଜିଦ୍ ଧରି କହିଲେ—"ସାର୍, ଆପଣ ଏତେ ଗୀତ ଲେଖୁଛନ୍ତି, ଏତେ କବିତା ବାନ୍ଧୁଛନ୍ତି; ଆମ ପାଇଁ ଗୋଟିଏ ମାର୍ଚ୍ଚିଂ ଗୀତ ଲେଖିଦିଅନ୍ତୁ। ଆମେ ଆସନ୍ତା ସ୍କାଉଟ ର୍‍ୟାଲିରେ ଗାଇବୁ।" ଗମ୍ଭୀର ଭାବରେ 'ହଉ' କହି ରସାନନ୍ଦ କାଗଜ କଲମ ଧରି ଲେଖି ବସିଲା।

ଯାଗ ଯାଗ ଭ୍ରମରମାନେ ପାହିଲାଣି ରାତି ହେ,
କେତେବେଳୁ ଉଡ଼ିଲେଣି କଜୁଳର ବତି ହେ।
ମାଲୁଅଣ୍ଡ ମାଇପିଏ ଉଠିଲେଣି ଜାଗି ହେ,
ନଈ ତଳ ରାସ୍ତାକଡ଼େ ବସିଲେଣି ହଗି ହେ।
ମୂଲ୍ଚ ଦଗେ ମୁଦଗ୍ଧ ଅସିଲାଣି ପାଟି ହେ,
ଘଣ୍ଟ ଘଣ୍ଟ ଉଠି ପଡ଼ି ଧରି ଦାନ୍ତକାଠି ହେ।
କାଉମାନେ ଉଡ଼ିଲେଣି ରାବ କାଅ କାଅ ହେ,
କଣ୍ଡ ଗୁଡ଼ାଙ୍କୁ ଧରି ପାଇଖାନା ଯାଅ ହେ।

ଗୀତଟି ଲେଖି ସାରି ପିଲାଙ୍କ ହାତକୁ କାଗଜଟି ବଢ଼ାଇ ଦେଲା। ପିଲାମାନେ ପଢ଼ି ସାରି କହିଲେ—"ସାର୍, ଗୀତଟି ଏକରକମ ହୋଇଛି, କିନ୍ତୁ ସାର୍ ଏ ହଗି ବସିବା କଥାଟା ଯାହା ଲେଖିଛନ୍ତି ଟିକିଏ ଅଶ୍ଳୀଳ ହୋଇ ପଡ଼ୁଛି। ଏ ଶବ୍ଦଟା ବଦଳାଇ ଦିଅନ୍ତୁ।" ଏତକ ସେମାନଙ୍କ ପାଟିରୁ ବାହାରିଛି କି ନାହିଁ ଦାନ୍ତ ଦେଖାଇ ଅତି ରାଗିଟି ରସାନନ୍ଦ କହିଲା—"ଯାଅରେ ମେଣ୍ଢା ଟୋକା, ମୋ ନିକଟୁ ବିଦ୍ୟା ଶିଖି ମୋତେ କରିବ ବୋକା? ଜାଣ ରସାନନ୍ଦର କଲମରୁ ଯାହା ଥରେ ବାହାରିଛି ଅଶ୍ଳୀଳ ହେଉ ବା ଅଟକ ହେଉ ବଦଳା ଯାଇ ପାରିବ ନାହିଁ। ଏବେ ବଡ଼ ଉପନ୍ୟାସଗୁଡ଼ାକରେ ପ୍ରକାଶ ଯାବତୀୟ ଅଶ୍ଳୀଳ କଥା ଭର୍ତ୍ତି କରିଛି ତାକୁ କେହି କିଛି କହୁ ନାହାନ୍ତି ଆଜି ମୁଁ ହଗି ବସିବା ଲେଖିଲି ବୋଲି ତୁମେ କାଉକା ଟୋକା ଗୁଡ଼ାକ ମୋର ଦୋଷ ଧରିବ?" ପିଲାଏ ଆଉ କ'ଣ କହିବେ। ମନ କଥା ମନରେ ମାରି ଗୀତଟି ନେଇ ସ୍କାଉଟ ମାଷ୍ଟରଙ୍କୁ ଦେଲେ। ସ୍କାଉଟ ମାଷ୍ଟର ମାର୍ଚ୍ଚିଂରେ ଗୀତଟି ବୋଲାଉଥିଲାବେଳେ କେଉଁ ପିଲା ଅସାବଧାନ ହେଲେ ତ କଏ ରହିଲା ପଛରେ,

Digitized by srujanika@gmail.com

ଢଏ ଏକଜଣଙ୍କୁ ଡକାଇ ତ ଢଏ ଯେ କହନ୍ତି, କା'ର ଟାଁ ଗୋଡ଼' ପଡ଼ିଲା ତ କାହାର କାହାଣ ଗୋଡ଼। ମାଷ୍ଟର ବେଶ ଅନେକ ସମୟ ଧରି ଚେଷ୍ଟା କରି ଗୀତଟି ଠିକ୍ ତାଳରେ ନ ପଢ଼ିବାରୁ ବିରକ୍ତ ହୋଇ କାଗଜ ଖଣ୍ଡିକ ଫେରି ଦେଇ କହନ୍ତି—"ଯେଉଁ ଏ ଗୀତ କେବଳ ଟାର ଧତଡ଼ ନାହିଁ ପିଲଙ୍କୁ ସାଜେ।"

× + + +

କବି ହେବା ସଙ୍ଗେ ସଙ୍ଗେ ରସାନନ୍ଦ ଜଣେ ଦେଶପ୍ରେମୀ ମଧ୍ୟ ଟାଉନହଲ, ଉତ୍କଳ ସାହିତ୍ୟ ସମାଜ, ନଈକୂଳ, ଗଉର ଶଙ୍କର ପାର୍କ ପ୍ରଭୃତି ସ୍ଥାନମାନଙ୍କରେ କଂଗ୍ରେସ, ନେକଂଗ୍ରେସ, ସରକାରୀ ବେସରକାରୀ, ଛାତ୍ରସଂଘ, ଗୋଷ୍ଠସଂଘ ପ୍ରଭୃତି ଯେ କୌଣସି ସଭା ସମିତି ହୁଏ ସେ ସବୁଥିରେ ଯୋଗ ଦିଏ। କେବଳ ସେତିକି ନୁହେଁ—କୁସ୍ତାଚାଲ, ମିଟେଇଚାଲ, ଫୁଟ ଟାଙ୍ଗିଲଚାଲ, ପଇତା ମୁଣ୍ଡାଇଲବାଲ, ପାଇଖାନା ସଫାକଲଚାଲ ସମସ୍ତଙ୍କ ହାବାକର ସେ ରୁହେ। ଟାଁର ମଙ୍ଗଳ ଓ ମୁକ୍ତି ମୂଲଅଙ୍କ ପାଇଁ ତାର ପ୍ରାଣ ଅନବରତ କାନ୍ଦେ। କଲୁ ଟା ଗହଳକୁ ଯାଇ ଉସବ ଗାଉଁଲି ଲୋକଙ୍କ ପାଇଁ କିଛି କାମ କରିବାର ସେ ଘୋର ବିରୋଧୀ। ତାର ଧାରଣା ଯାହା କିଛି ହେବାର ଯାହା କିଛି କରିବାର ତାହା ଟାଉନ୍‌ରେ ହେବ। ମଫସଲକୁ ଗୋଟାଏ ଯିବ କଣ। ମଦନ ବାବୁ ଥରେ କଥା ପ୍ରସଙ୍ଗରେ କହିଲେ—"ରସାନନ୍ଦ ବାବୁ ଅପଣଙ୍କ ପରି ଦେଶପ୍ରେମୀ ସହର ଛାଡ଼ି ଗାଁକୁ ଲେଉଟି ଯିବା ଉଚିତ। କାରଣ ଗାଁ ଲୋକମାନଙ୍କର ଅଭାବ ଅସୁବିଧା ବେଶୀ। ଅପଣ ଯଦି ଗାଁରେ ରହି ସେମାନଙ୍କର ସେବା କରି ପାରନ୍ତି ତେବେ ଦେଶ ଓ ଜାତି ପକ୍ଷେ ତା'ଠାରୁ ବଳି ଅଉ ବଡ଼ କଥା କିଛି ନାହିଁ।" ରସାନନ୍ଦ ଏତକ ଶୁଣି କିଛି ସମୟ ଗୁମ୍ ହୋଇ ବସି କହିଲା—"କେଉଁ ସାହସରେ କହୁଅଛ ମୋତେ ଏପରି, ଜବାବ ମୁଁ ବୁଝିପାରେନା ଗାଁ ସହରର ଫରକ। ଭୁବନ ରଥ, ଚେତାଇ ପିଠା ପରି ମୋର ଗାଁକୁ ଲେଉଟିବା ଅଣଲେଉଟା, ଯେତେଦିନ ଗାଁରେ ଥିଲି ସେତେଦିନ। ଏଣିକି ଗାଁ ଫେରିବା ସଂପୂର୍ଣ୍ଣ ଅସମ୍ଭବ। ଅନୁଗ୍ରହ କରି ଅପଣ ନିଜର ଉପଦେଶ ପ୍ରତ୍ୟାହାର କରନ୍ତୁ।" ମଦନ ବାବୁ ତାଙ୍କ ପ୍ରଶ୍ନର ଉତ୍ତର ପାଇ ଧୀରେ ନିସ୍ତବ୍ଧ ହେଲେ।

× × ×

ସୁନନ୍ଦା କଟକର ବିଖ୍ୟାତ ଓକିଲ ମାଧବ ବାବୁଙ୍କ କନ୍ୟା। ସୁନ୍ଦର ଯେପରି, ବେଶ ଭୂଷାର ପରିପାଟୀ ମଧ୍ୟ ସେପରି। କଲେଜରୁ ଫେରି ପ୍ରତିଦିନ ସଂଧ୍ୟାରେ କାଠଯୋଡ଼ି କୂଳକୁ ବୁଲି ଅସେ। ଦିନ୍ଟିନ ଦିନେ ବୁଲି ବୁଲି ରସାନନ୍ଦ ସଙ୍ଗରେ ପରିଚୟ ହେଲା। ରସାନନ୍ଦ ଦେଖି ଦେଖି ସୁନନ୍ଦାର ପ୍ରେମରେ ପଡ଼ିଗଲା। କବିଟାକୁ ଫେରି ଟିଉସନକୁ ଅଉ ନ ଯାଇ ସୁନନ୍ଦାକୁ ନେଇ କରି କେତେ ଯେ କବିତା ଲେଖିଲା ତାର ଇୟତ୍ତା ନାହିଁ। ଲେଖୁଥାଏ ଚିରୁଥାଏ। କୌଣସିଟି ତାର ମନ ମାଫିକ୍ ହେଉ ନଥାଏ। ବ୍ୟସ୍ତ ହୋଇ ଚଢ଼ ଶେଷକୁ ଲେଖିଲା—

ହେ ମୋର ପରାଣ ସଖି······
କାଠଯୋଡ଼ି କୂଳେ ଅଜ ମୁଁ ତୁମକୁ ଦେଖି
କବିତା ଉପରେ କବିତାଟିଏ ଲେଖି
ଦୁଅରେ ବାଳ ଗୋ ଯାଉଛି ଲୁଅରେ ଶୁଖି
ହେ ମୋର ପରାଣ ସଖି······

ବାଡ଼ ଟାଣି ଟାଣି ରହିଛି ଚହିଲି ଜାଗି,
ଢଗଣ୍ଡା ନର୍ ମୂନ ପକାଇଲି ମୁଁ ଲାଗି
ଅଜବାଲିର ଏ ମହରଗ ଦିନେ କେତେ ମୁଁ ପାରିବ ରଖି
(ତେଣୁ) ପ୍ରତିଜ୍ଞା କରିଛି ବାଲି ବଜାଇବୁ ବନ୍ଦିନ ମୟୂର ପକ୍ଷୀ
ହେ ମୋର ପରାଣ ସଖି······

ଏଣିକି ରସାନନ୍ଦର ପ୍ରଧାନ କାମ ହେଲା ସନ୍ଧ୍ୟା ବେଳେ ସୁନନ୍ଦାର ପଥ ଚାହିଁ କାଠଯୋଡ଼ି କୂଳେ ବସିବା। ସୁନନ୍ଦା ଅସିଲେ କେତେବେଳେ ତାର ପଛରେ କେତେବେଳେ ତାର ଅଗରେ କେବେ କେବେ ବନ୍ଧ ଉପରେ କେବେ କେବେ ବନ୍ଧ ତଳେ ଗଳା ଖଙ୍କାରି, ସିଟି ମାରି ଖଣ୍ଡି କାସ ଦେଇ ସୁନନ୍ଦାର ଦୃଷ୍ଟି ତା ପ୍ରତି ଅକର୍ଷଣ କରଏ। ଥରେ ସୁଯୋଗ ବୁଝି ପ୍ରଥମ ରାତିର କବିତା ଲେଖା କାଗଜ ଖଣ୍ଡିକ ମଧ୍ୟ ସୁନନ୍ଦା ଅଗରେ ପକାଇ ଦେଲା। ସୁନନ୍ଦା କାଗଜ ଖଣ୍ଡି ଗୋଟାଇ ନେଇ ତା ଉପରେ ଟିକିଏ ଅଖି ବୁଲାଇ ବ୍ୟାଗ ଭିତରେ ରଖିଲା। ରସାନନ୍ଦ ଦ୍ୱା' ଦେଖି କଣ୍ଠେର। ତାର ସାହସ ବଢ଼ିଲା। ଖଣ୍ଡି ଖଣ୍ଡି ଦିନେ ଅଉ ଖଣ୍ଡେ କାଗଜ ସୁନନ୍ଦା ଯେଉଁ ଘରେ ପଢ଼େ ପକାଇ ଦେଲା। ତା ପରେ ଘନ ଘନ ସୁନନ୍ଦା ଘର ବାଟ ଦେଇ ଯିବା ଅସିବା କଲା ଓ କାଗଜ ଫିଙ୍ଗିବାରେ ଲାଗିଲା।

× + ×

ବୈଶାଖ ଦିନେ ସକାଳୁ ଉଠି ଦେଖେତ ରସାନନ୍ଦ ସୁଟ୍‌କେସ ଖଣ୍ଡିକ ଧରି କୋଉଠୁ କୋଉଠୁ ଅସି ଗାଁରେ ହାଜର। ମୁହଁ ଶୁଖି ଯାଇଛି ଭଲ ରୂପେ କଥା କହିପାରୁ ନାହିଁ। ମୁଣ୍ଡର ବାଳ ଫୁରୁ ଫୁରୁ ଉଡ଼ୁଛି। ପିଠି ଫାଟ ଅଁ କରିଛି। ଦେହ ଯାକ ଲମ୍ବା ଲମ୍ବା ଦାଗ। କଥା କ'ଣ ବଡ଼ ଅଶ୍ଚର୍ଯ୍ୟ ହେଲା। ଯେଉଁ ରସାନନ୍ଦ ସହରକୁ ନିଜର କର୍ମକ୍ଷେତ୍ର ବୋଲି ବାଛି ନେଇ ଥିଲା ଗାଁକୁ ଅସିବାକୁ କହିଲେ ଘୃଣାରେ ନାକ ଟେକୁଥିଲା—ସେ କପରି ଅଜ ବାହାକୁ କିଛି ନକହି ଗାଁରେ ପହଞ୍ଚିଗଲା। ରସାନନ୍ଦକୁ ପଚାରିବାରେ ସେ କହିଲା "ମୁଁ କିଛି କହିବ ନାହିଁ। ମୁଁ ନିଜେ ମୋ ଉପରେ ନିଷେଧାଜ୍ଞା (୧୪୪) ଜାରି କରିଛି।" ଖବର ନେବାରେ ଜଣାଗଲା ଯେ ରସାନନ୍ଦକୁ ଧୂନାପୂଅ କରି ନିଜର ପଲ୍ଲୀବାସୀଙ୍କର ଉପକାର କରିବାକୁ ପୁଣି ଗାଁକୁ ଲେଉଟାଇ ଦେଇଛି ସୁନନ୍ଦା ଘରର ଗାଁ ଲେଉଟା ମୋଦକ "ଯାଉଁଳ ବେତ।"

Digitized by srujanika@gmail.com



କାହାଣୀ

# ପଥ ଓ ପାଥେୟ

ଲେଖକ:—

**ଧୂର୍ଜଟୀ** — ( ଗାନ୍ଧପଧା )

ଅଳ୍ପ କେତୋଟି ହଜାର ଲୋକଙ୍କୁ ନେଇ ଷ୍ଟେଟ ସହରଟି । ଜୀବନରେ ଖାଏ ଗୋଟାଏ ବେଶ ଉଦ୍ଦାମ କର୍ମ ଉତ୍ତେଜନା ନଥାଏ । ଖବର କାଗଜରୁ ଯୁଦ୍ଧ ଖବର ପାଇ ସେ ସମ୍ପର୍କରେ ନାନା ପ୍ରକାର କଳ୍ପନା କରିବା ଓ ବିଶେଷ ପରିବାର ଦାମ ସମ୍ପର୍କରେ ଉଦ୍ଭଟ ଗପ କରିବା ପ୍ରଧାନ ବିଳାସ । ଗୃହାଭିଧାର ବୈଚିତ୍ର୍ୟହୀନ ଜୀବନ-ଢାଞ୍ଚ ଭଣ୍ଡାର ରୋମନ୍ଥନ କରିବାର ସମ୍ଭ୍ୟତା ଥିଲା ଆଦର୍ଶ ।

ରେଙ୍ଗୁନରେ ବୋମା ପଡ଼ିବା ଫଳରେ କଲିକତାର ଲୋକ ହେତନ୍ତ ହେଲେ ଜୀବନ ନେଇ ନାନା ଅଞ୍ଚଳକୁ ପଳେଇ ଆସିଲେ ସେତେବେଳେ ଆମ ବସା ପାଖର ଚୌଧୁରୀ ଏବଂ ଘୋଷାଲ ଭଦ୍ରଲୋକଙ୍କର ଅନେକ କାଳର ପରିତ୍ୟକ୍ତ ବାଡ଼ିଟିରେ ହଠାତ୍ ଧନେ ଆଲୁଅ ଜଳି ଉଠିଲା । ଖବର ମିଳିଲା ଏକ ବୃଦ୍ଧ ଭଦ୍ରଲୋକ ତାଙ୍କର ସ୍ତ୍ରୀ ଓ ପୁତ୍ରବଧୂକୁ ନେଇ ଅକାଳମରଣରୁ ଏଡ଼େଇବାକୁ ପଳେଇ ଆସିଛନ୍ତି । ତା'ପରଦିନ ସକାଳୁ ଚୋଟିଏ ଗୁଣ ପାଞ୍ଚ ବର୍ଷର ବାଳକକୁ ଦେଖିଲି—ବାଳକଟି ବୃଦ୍ଧଙ୍କର ନାତି ।

ସେଦିନ ସ୍କୁଲରୁ ଫେରିଲାରୁ ସଞ୍ଜବେଳେ ଜଳଖିଆ ଟେବୁଲରେ ଗୃହିଣୀ ଖବର ଦେଲେ ବାବୁଙ୍କ ଅବସର ପ୍ରାପ୍ତ ହେଲାବାଇ କର୍ମସୂଚୀ । ଗୋଟିଏ ପୁଅ—କଲିକତାର କୌଣସି ସାହେବ କମ୍ପାନୀରେ ଚାକିରି କରେ । ବୃଦ୍ଧ ପିତା ମାତା ଓ ସ୍ତ୍ରୀ ପୁତ୍ରଙ୍କୁ ନିରାପଦ ଜାଗାକୁ ପଠାଇ ଦେଇ ସେ କଲିକତାରେ ରହିଛି । ବୋହୂଙ୍କୁ ଦେଖିବାର ସୁଯୋଗ ମିଳିଲା । ଅତିବେ ପଡ଼ୁଲାଭଙ୍ଗ ସୁନ୍ଦରୀ । କିନ୍ତୁ ବାସି ଗୋଲାପ ଫୁଲ ପରି ରକ୍ତହୀନ—ଶୀର୍ଣ୍ଣ ।

ସେମାନେ ଆସିବାର ଦିନ ପନ୍ଦର ପରର କଥା । ଦିନଟିଏ ମୁଁ ଇଚ୍ଛା କରି କହିନ । ସେମାନଙ୍କ ଦଶରୁ ମଧ୍ୟ କାହାକୁ ଅଶ୍ରୁବ ଦେଖିଲି । ତା ଛଡ଼ା କଲେକ୍ଟରେ ସାହେବର ଚାକିରି ଇନ୍ସପେକ୍ସନ୍ ତାରିଖ ପାଖେଇ ଆସୁଥିବାର ବାକି କାମ ସାରିବାକୁ ବ୍ୟସ୍ତ ଥିଲି । ସେ ଦିନ ସକାଳୁ ବସି ଗପ୍ପ ଲେଖୁଛି, ଦେଖିଲି ସେ ବୃଦ୍ଧ ଭଦ୍ରଲୋକ ପ୍ରବେଶ କଲେ । ଶିଷ୍ଟାଚାର ପରେ କହିଲେ ଯେ ସେ ବଡ଼ ବିପଦରେ ପଡ଼ି ମୋ ଦ୍ୱାରସ୍ଥ ହୋଇଛନ୍ତି—ମୁଁ ଯଦି ରକ୍ଷା କରେଁ ତ ସେ ଉଦ୍ଧାର ହେବେ । ଭଦ୍ରଲୋକ ପ୍ରାୟ କାନ୍ଦ କାନ୍ଦ ହେଲେ । କଣ ହୋଇଛି ଓ କି ଭାବରେ ମୁଁ ସାହାଯ୍ୟ କରିପାରେଁ ପଚାରିବାରୁ ସେ କହିଲେ ଯେ ତାଙ୍କର ଏକମାତ୍ର ପୁତ୍ର କଲିକତାରେ ଅସୁସ୍ଥ । ସେ ତାର ପାଇଛନ୍ତି ଶୀଘ୍ର ଯିବାକୁ ହେବ । 'କିନ୍ତୁ ଏଠି ଏଇ ଦୁଇଟି ସ୍ତ୍ରୀ ଲୋକଙ୍କୁ ଛାଡ଼ି ସେ ବା ଯାଉଛନ୍ତି କିପରି ? ତେବେ ମୁଁ ଯଦି ଅନୁଗ୍ରହ କରି ତାଙ୍କର ନିରାପଦତା ଦେଖେଁ ତା ହେଲେ ସେ କଲିକତା ଯାଇ ପାରନ୍ତି । ମୋର କାମ ବିଶେଷ କିଛି ନୁହେଁ—ସକାଳେ ତାଙ୍କର ସେଠି କୌଣସି ଅସୁବିଧା ହେଉଛି କି ନାହିଁ ବୁଝିବା ଓ ଦରକାର ହେଲେ ସାହାଯ୍ୟ କରିବା ପାଇଁ ଅନୁରୋଧ କରିବା । ସେଥିପାଇଁ ସେ ମଧ୍ୟ ଯଥାଯଥ ପାରିଶ୍ରମିକ ଦେବେ ।

ମୁଁ ଫେରେଇ ପଚାରିବାରୁ ସେ ରାଜି ହେଲି—କଥା ହେଲା ଯେ ସେ ଏଇ ସାହାଯ୍ୟ ପାଇଁ ପ୍ରତିମାସ ଅର୍ଦ୍ଧମୁଦ୍ରା ପାରିଶ୍ରମିକ ପାଇବ । ଭଦ୍ରଲୋକ ବହୁତ ଧନ୍ୟବାଦ ଜଣାଇ ଉଠିଗଲେ । ମୁଁ ଗୃହିଣୀଙ୍କୁ କହି ତାଙ୍କର ବନ୍ଧୁଙ୍କର ଉଦ୍ବେଗ କରାଇଲି । ସେ ମଧ୍ୟ ଖବର ନେବେ ବୋଲି ଭରସା ଦେଲେ । ଭଦ୍ରଲୋକ ସେଦିନ ସନ୍ଧ୍ୟା ଗାଡ଼ିରେ କଲିକତା ଚାଲିଗଲେ ।

ତିନି ଦିନ ପରେ ଗୃହିଣୀଙ୍କଠୁଁ ଜାଣିଲି ସେହି ପୁତ୍ରର ଅସୁସ୍ଥତା କଲିକତାର ଶ୍ରେଷ୍ଠ ଡାକ୍ତର ବ୍ୟବସ୍ଥା କରୁଛନ୍ତି । ମନଟା କେମିତି ଦବିଗଲା । କେମିତି ଉଦ ଲଟେଲିନ ଦେବତା ପାଇ । ଶୁଣିଲି ବୁଢ଼ୀ ମାଆ କାନ୍ଦୁଛନ୍ତି ।

ତାର ଛ ସାତ ଦିନ ପରେ ଦେଖିଲି ବୃଦ୍ଧ ଫେରି ଆସିଲେ । ତାଙ୍କର ପାଦର ପହଞ୍ଚିବା ସଙ୍ଗେ ସଙ୍ଗେ କ୍ରନ୍ଦନର ରୋଳ ଉଠିଲା । ସବୁ ବୁଝିଲି । ଗୃହିଣୀ ସାନ୍ତ୍ୱନା ଦେବାକୁ ଯାଇ ଅଶ୍ରୁମୁଖୀ ହୋଇ ଫେରିଲେ । ମନଟା ଭାରି ଖରାପ ହେଲା । ତାଙ୍କ ବୟସ କେତେ । କଣ କହିବି ତାଙ୍କୁ । ଯାହାର ଏକମାତ୍ର ପୁତ୍ର ଏଇ ଅବସ୍ଥାରେ ମରିଯାଏ—ତାକୁ କିଏ ବା ସାନ୍ତ୍ୱନା ଦେବ ।

ସେଦିନ ସନ୍ଧ୍ୟାରେ କୁଟିରେ ଡାକ୍ତର ଖବର ଦେଲେ—ଡାକ୍ତର ଯାଉ ଚାହାଁରିଲେଣି । ଅବସ୍ଥା ଖରାପ ହୋଇଚାଲିଛି । ବେଶ୍ ଫଳରେ ହୃଦ୍‌ପିଣ୍ଡ ଯାଉଥିଲା—ପୁଣି ବାହାରିଛି । ସମ୍ଭାବନା ଅନ୍ତୁର ନିବାରଣ । ଏବେ ହ୍ୱାରବେକ—ଏକମାତ୍ର ହିଏ । ବଞ୍ଚି ନ ରହିବାର ଇଚ୍ଛା ବି ମୃତ୍ୟୁ ।

ଗୃହିଣୀଙ୍କ ପାଖରୁ ଖବର ମିଳୁଥାଏ—ବନ୍ଧୁଙ୍କର ଅବସ୍ଥା କ୍ରମେ ଖରାପ ହେଉଛି । ବୃଦ୍ଧଙ୍କ ସଙ୍ଗରେ ସାଧାରଣ ମୁଁ ଚେଷ୍ଟାକର

Digitized by srujanika@gmail.com

ଏଡ଼ଉଥାଏ । ସରକାରୀ କାମରେ ମଫସଲ ଯିବାକୁ ପଡ଼ିଲା । ଦୁଇଦିନ ପରେ ଫେରି ଶୁଣିଲି—ବନ୍ଧୁ ନାହିଁ, ମରି ଯାଇଛି । ତାଙ୍କ ଘର ଅଡ଼କୁ ଚାହିଁ ଦେଖିଲି ଗୋଟାଏ ଅସ୍ପୃଷ୍ଟ କରୁଣ ନୀରବତା ଘରଟାକୁ ଘେରିଛି । ଚିତ୍ତ ବିଚଳିତ ହେଲି । ଏ କଣ ? କି ବିଚାର, କି ନ୍ୟାୟ ଏ ? କାହିଁକି ଏମିତି ହୁଏ । ଏମିତି ଉଡ଼ିଯାଏ ସବୁ ସୁନା ସ୍ୱପ୍ନ—ଜୀବନଟା ଯାହା ଉପରେ ନିର୍ଭର କରି ଝୁଲୁଥାଏ । ମଣିଷର ଅସହାୟତାଟା ଆଖି ଆଗରେ ଜଳ ଜଳ ଦିଶିଲା । ଗୃହିଣୀ ସେଠିକି ଯିବାକୁ ଅନୁଯୋଗ କଲେ । ଗଲି ।

ଦାଣ୍ଡଘରେ ଗୋଟାଏ ଖଟ ଉପରେ ଖଣ୍ଡିଏ କମ୍ବଳ ବିଛାଇ ଶୋଇଥାନ୍ତି ବୃଦ୍ଧ । ମୁହଁରେ ମୁଠେ ଦାଢ଼ି । ଲୁଗା ପଟା ଅପରିଷ୍କାର । କିନ୍ତୁ ଆଖିର ଦୃଷ୍ଟି ପ୍ରଖର । ଗୋଟାଏ ତୀବ୍ର, ଅମାନୁଷିକ ଅଭିଯୋଗ ନେଇ ଯେମିତି ସେ ଆଖି ଦୁଇଟାରୁ ସ୍ୱାର୍ଥ ହିଂସ୍ର ହୋଇ ଉଠିଛି । ବୃଦ୍ଧ ବସିବାକୁ ଇଙ୍ଗିତ କରି କହିଲେ—"ଦୁଇ ଦୁଇଟା ଅତୀତର ସ୍ମୃତି ନେଇ ମୁଁ ଅଭିଶପ୍ତ । ଅତୀତ ସଂସାରର ପୁଣ୍ୟରୁ ମଧ୍ୟ ମୁଁ ବଞ୍ଚିତ । ଏତିକି କହି ବୃଦ୍ଧ ଟିକିଏ ହସିଲେ । ସେ କି ହସ ! ମଣିଷ ଯେ ଏତେ କରୁଣ ହସିପାରେ—ମୁଁ ଆଜି ପ୍ରଥମ ଏହି ହସରେ ଦେଖିଲି । ମୋର ନୀରବତାର ସୁଯୋଗ ନେଇ କହିଲେ—"ଜୀବନରେ ଭଗବାନଙ୍କୁ ମୁଁ ମଙ୍ଗଳମୟ ବୋଲି ପ୍ରାର୍ଥନା କରି ଆସିଥିଲି । ତାଙ୍କର ଯେ ଏମିତି ଗୋଟାଏ ରୁଦ୍ର ରୂପ ଅଛି, କଳ୍ପନା ବି କରି ନଥିଲି । ମଣିଷର ବୟସରେ ବୋଧହୁଏ ଭଗବାନଙ୍କୁ ଅନୁମାନ କରି ହୁଏନା । ସେଥିଲାଗି ମୁଁ ଆଜ ଗୀତାରେ ବି ସାନ୍ତ୍ୱନା ପାଉନ ।"

ମୋ ଠାରୁ କିଛି ଉତ୍ତର ନପାଇ ବୃଦ୍ଧ କହିଲେ—ଷଡ଼ୈଶ୍ୱର୍ଯ୍ୟରେ ତ ନିର୍ଦ୍ଦୟତା ନାହିଁ । ନିଶ୍ଚିନ୍ତ ଯଦି ଭଗବାନଙ୍କୁ ସୁଦ୍ଧା ନମାନେ ତାହେଲେ ତ ସବୁ ମିଥ୍ୟା ।" ଟିକିଏ ପରେ ଉଠି ବସି କହିଲେ, "ଆପଣ ମୋ କଥା ହୁଏତ ବୁଝି ପାରୁ ନାହାନ୍ତି । ତା ଛଡ଼ା ମୋର ଦୁଃଖର କାହାଣୀ ଶୁଣାଇ ଆପଣଙ୍କୁ ଅଯଥା ବିରକ୍ତ କରୁଛି ।" ସେ କ୍ଷମା ଚାହିଁଲେ —ବିବ୍ରତ ହେଲି । କଥାଟାର ମୋଡ଼ ଇଚ୍ଛା କରି ବଦଳେଇ ଦେଲି—ଅବସ୍ଥାଟାକୁ ସହଜ କରିବା ପାଇଁ । ଶୁଣିଲି ସେମାନେ ତହିଁ ଆରଦିନ କଲିକତା ଫେରି ଯାଉଛନ୍ତି । ଏଠି ମୋର ସାହାଯ୍ୟ କଥା ଉଠେଇ କୃତଜ୍ଞତା ଜଣାଇଲେ ।

ବିଦାୟ ନେଇ ଘରକୁ ଫେରିଲି । ତାଙ୍କର କଥା ଗୁଡ଼ା ଘୂରେଇ ଫେରେଇ ପରଖା କଲି । ବୋଧହୁଏ ବୃଦ୍ଧ ଠିକ୍ କହିଛନ୍ତି । ପୁଣି ମନେ ହେଲା, ଠିକ ବୋଲିବା କେମିତି କହିବି । ଏଇତ ଦୁନିଆ । ମଣିଷ ପ୍ରାସାଦ ତୋଳେ—ବଞ୍ଚି ରହିବା ପାଇଁ ସବୁ ସୁଖ ସୁବିଧାର ବ୍ୟବସ୍ଥା କରେ । ହଠାତ୍ ଦିନେ ଦେଖିଲା ବେଳକୁ ସେଇ ପ୍ରାସାଦ ଖସିପଡ଼େ—ଭାଙ୍ଗିଯାଏ—ଗୋଟାଏ ଝଡ଼ରେ । ତଥାପି ତ ମଣିଷ ବଞ୍ଚେ ପୁଣି ପ୍ରାସାଦ ତୋଳିବାକୁ ।

——*——

# ଉତ୍କଳ ଯାଦବ ଛାତ୍ରାବାସ ଭଦ୍ରକ ।

ଉତ୍କଳୀୟ ଯାଦବ ଛାତ୍ରମାନଙ୍କର ବହୁବିଧ ଅଭାବ ଅସୁବିଧା ଦୃଷ୍ଟେ ଓ ସେମାନଙ୍କର ସୁବିଧା ନିମିତ୍ତ ଭଦ୍ରକରେ ଗୋଟିଏ ଯାଦବ ଛାତ୍ରାବାସର ଏକାନ୍ତ ଆବଶ୍ୟକତା ଉପଲବ୍ଧି କରି ଗଲାତ ସନ ୧୯୪୫ ମସିହା ଠାରୁ ଗୋଟିଏ ସ୍ଥାୟୀ "ଯାଦବ ଛାତ୍ରାବାସ" ପ୍ରତିଷ୍ଠା କରିବା ପାଇଁ ସ୍ଥାନୀୟ ଯାଦବମାନେ ଉଦ୍ୟମ କରୁଅଛନ୍ତି । ଆବଶ୍ୟକ ପରିମାଣରେ ଅର୍ଥ ସାହାଯ୍ୟ ମିଳିଲେ ତୁରନ୍ତ ଉକ୍ତ "ଯାଦବ ଛାତ୍ରାବାସ" ଖୋଲିବାର ବ୍ୟବସ୍ଥା କରାଯିବ । ଏଥିପ୍ରତି ସର୍ବସାଧାରଣଙ୍କର ସୁଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଦାତାମାନଙ୍କୁ ସବିନୟ ପ୍ରାର୍ଥନା ଯେ, ଯଥା ସମ୍ଭବ ଶୀଘ୍ର ଅର୍ଥ ସାହାଯ୍ୟ ଦ୍ୱାରା ଏହି ସଦୁଦ୍ୟମକୁ ଉତ୍ସାହିତ କରି ବିଦ୍ୟାଦାନରୂପ ମହତ୍ ଧର୍ମ ଅର୍ଜ୍ଜନ କରନ୍ତୁ । ଯେଉଁମାନେ ବିଦେଶରୁ ମନିଅର୍ଡ଼ର ଦ୍ୱାରା ଅର୍ଥ ସାହାଯ୍ୟ ପଠାଇବେ, ସେମାନେ ଦୟା କରି ନିଜର ପୁରା ନାମ ଓ ଠିକଣା କୁପନର ସ୍ପଷ୍ଟଭାବରେ ଉଲ୍ଲେଖ କରି **ଶ୍ରୀଯୁକ୍ତ ବାବୁ ରାମଚନ୍ଦ୍ର ପଲାଇ । ସା । ଚରମ୍ପା ମଟର ଅଫିସ୍, । ପୋ । ଚରମ୍ପା, । ଜି । ବାଲେଶ୍ୱରଙ୍କ** ଠିକଣାରେ ପଠାଇଲେ ତୁରନ୍ତ ଛପା ରସିଦ ଦ୍ୱାରା ପ୍ରାପ୍ତି ସ୍ୱୀକାର କରାଯିବ । ଇତି ।

ନିବେଦକ
**ଶ୍ରୀ କୃଷ୍ଣଚନ୍ଦ୍ର ପରିଡ଼ା**
ଛାତ୍ର—ସ୍ୱେଚ୍ଛା ସେବକ (ଭଦ୍ରକ ହାଇସ୍କୁଲ

Digitized by srujanika@gmail.com




# ବେକାର

'ବେକାର' ଶବ୍ଦଟା ଓଡ଼ିଆ ନଥିଲା । ଓଡ଼ିଆ ହୋଇ ଗଲାଣି । ତାକୁ ଅକର୍ମା ନିଷ୍କର୍ମା ବି କହି ହେବନାହିଁ । କାରଣ ଅକର୍ମା ନିଷ୍କର୍ମାଗୁଡ଼ାକ ଏମିତି ଶବ୍ଦ ଯାହାର କାମ କରିବାର ଅକ୍ଷମତା ଅର୍ଥ ବୁଝାଏ । ସେଥିପାଇଁ ଆମ ଦେଶରେ ଦୁଇ ଶ୍ରେଣୀର ଲୋକ ଦେଖାଯାଆନ୍ତି, କର୍ମୀ—ଓ ନିଷ୍କର୍ମା । କିନ୍ତୁ ଏ ବେକାର କଥାଟା ଏ ଦେଶକୁ ନୂଆ ଆମଦାନୀ । ବେକାରର ଅର୍ଥ କାମ କରିବାକୁ ଯେ ଚାହୁଁଛି ଅଥଚ କାମ ପାଉନାହିଁ । ଏ ଶବ୍ଦଟା କଲିକତା ବଜାରରେ ପଢ଼ୁଥିବା ଦେଶର ସମସ୍ୟା—ଆମ ଦେଶକୁ ନୂଆ ହୋଇ ଆସିଛି । ଓଡ଼ିଶା ଥିଏଟର କିନ୍ତୁ ଯେଉଁ ବେକାରର ଅବତାରଣା କରିଚନ୍ତି କଲିକତାର ସୃଷ୍ଟି ତାର ଜନ୍ମ ନୁହେଁ, କଲିକତାର ପ୍ରସାରଣରେ ତାର ଅନ୍ତ ବା ସେ ସମସ୍ୟାର ସମାଧାନ । ନାଟକର ପିଣ୍ଡ ସେଇଆ । ମୋହନ ମିଲସ୍ ଭୁବନେଶ୍ୱରରେ ବସିଛି—ଓଡ଼ିଆ ବେକାର କାମ ପାଇବେ—ଚୂଲରେ ଓଡ଼ିଆ, ମାଟିରେ ଓଡ଼ିଆ, ଭିତରେ ଓଡ଼ିଆ—ଓଡ଼ିଆ—ଓଡ଼ିଆ—ତମେରେ ବଢ଼ିଅ—ଗାଉଛି ନଡ଼ିଅ, ଅହେଇ ଗୋଡ଼ିଅ ଇତ୍ୟାଦି ଇତ୍ୟାଦି ।

ଓଡ଼ିଶା ଥିଏଟାର୍ସ ଯେଉଁ ବେକାରର ଛବି ଆଣି ଥୋଇଛନ୍ତି—ସେ କଣ ପ୍ରକୃତ ବେକାର ! ତେବେ ଗାଁର ତନ୍ତି—ବେକାର, ଟାଁର କଂସାରି, କମାର—ଗାଁର ତେଲି, ଯିଏ କାମ ଚାହିଁଲେ ବି ଲଗାକଲ, ଅଲ୍ପଦିନ ଆମ ବାସନ, ତେଲ କଲ ତାଙ୍କଠୁ କାମ ଛଡ଼େଇ ନେଇଚି, ସେମାନେ କ'ଣ ? ଏ ଦେଶରେ ପାଠ ପଢ଼ି ଯେଉଁ ବାବୁମାନେ ଡିଗ୍ରୀରେଟ୍ ଟାଣି—'hopeless' କହି ବୁଲୁଚନ୍ତି ସେମାନେ କ'ଣ ବେକାର ? ସେମାନେ କରନ୍ତି ଚାକିରି ପାଉନାହାନ୍ତି ସତ, କିନ୍ତୁ କାହାର ଘରେ ଚାକର ଚପରାସୀ ହେବା, ମୂଲ ଲାଗିବା କମ୍ପା ଯେଉଁ ବାପ ବନ୍ଧକ କରି ତାଙ୍କୁ ପାଠ ପଢ଼େଇଛି, ତା'ର ଜମି କ'ମାଣ ଚଷିବାକୁ ତାଙ୍କର ସତ କହୁନାହିଁ ? ଯେ କାମ ନ କରିବ ତାକୁ ବେକାର କୁହାଯିବ କାହିଁକି ?

ଧରି ନିଆଯାଉ, ସେଇମାନେଇ ବେକାର । କିନ୍ତୁ ତାର ସମାଧାନ କ'ଣ ? ଯେଉଁ ସ୍କୁଲ କଲେଜର କଳ ଏଇ ବେକାର ସୃଷ୍ଟି କରୁଛି ତାକୁ ତାର ରଖି ଦେଶମିଶ୍ରଣ କରି ଦେଲେ କ'ଣ ସେ ସମସ୍ୟା 'ଅ—ଫ:' ପରି ଉଡ଼ିଯିବ ? ଯେଉଁ ନୂଆ ଓଡ଼ିଆ ଦେଶ ଓଡ଼ିଶାରେ ମିଶିବ ସେଠୁ ତ ପୁଣି ଥୋକେ ଏଇ ଜାତୀୟ ବେକାର ଆମଦାନୀ ହେବେ । ବରଂ ଯେଉଁ ଦକ୍ଷିଣ ମେଦିନୀପୁରକୁ ନାଟ୍ୟକାର ବେକାରର କର୍ମପୀଠ କରିଚନ୍ତି ସେଇଠି ଏ ଉତ୍ସ ବେଶୀ । ଦେଶମିଶ୍ରଣ ଯେ ଓଡ଼ିଶାର ଗୋଟିଏ ଗୁରୁତର ପ୍ରସଙ୍ଗ ଏଥିରେ ତାହା ଅସ୍ୱୀକାର କରୁନାହୁଁ କିନ୍ତୁ ଏ ବେକାର ସମସ୍ୟା ସାଙ୍ଗକୁ ତାକୁ ଆଣି ବାନ୍ଧିବା ପିଠା ସାଙ୍ଗକୁ ଅମ୍ବିଲ ଭଳିଆ ଲାଗୁଚି ।

ଅବଶ୍ୟ କଥାକୁ ଛାଡ଼ । ଉଦ୍ଦେଶ୍ୟ, ସମସ୍ୟାର ସମାଧାନକୁ ବି ଛାଡ଼ । ଏବେ ନାଟକ ଦଳଟାକୁ ଦେଖିବା । ନାଟ୍ୟକାର କାଳନ୍ଦୀଙ୍କ କଲମର ବଳ ଓଡ଼ିଶାକୁ ଅଜଣା ନାହିଁ । ନାଟକର କଥା ଚମତ୍କାର ! ଖୁବ ଅଭିନବ । ନୂତନତ୍ୱର ଅନେକ ପ୍ରଚ୍ଛ ଦୃଶ୍ୟରେ ଭରି ରହିଛି । କଳାକାରର ତୁଳି ସ୍ପର୍ଶ ପ୍ରତି ପଦରେ ମୂର୍ତ୍ତ । କାଳନ୍ଦୀ ଯେଉଁଟି ଦେଖା ଟାଣିଚନ୍ତି ସେଇଠି ନାଟକର ଚରିତ୍ର ଦୁର୍ବାହନୀ ହୋଇ ଉଠିଛି । ଓଡ଼ିଶାର ଗାଁ ଗହଳର ଚେହେରା, ଓଡ଼ିଆ ଜୀବନର ସାହିତ୍ୟ, ଓଡ଼ିଆ ସମାଜର ବର୍ତ୍ତମାନ ଅବ୍ୟବସ୍ଥା ତକ ନାଟକକୁ ବେଶ୍ ବୁଝାପଡ଼େ । ଗଉଡ଼ଙ୍କ ନାଚ, ଜ୍ୟୋତିଷଙ୍କ ବିଦ୍ୟାଉଦ୍ଗୀରଣ, ତବଲଚିର ବୋଲ୍ କଣା ନାଟ୍ୟକାରଙ୍କ ମୌଳିକତା । 'ହେଇଟି ଶୁଣିଲ'ଟା ପୁରୁଣା ମୁଦ୍ରାଦୋଷ ହେଲେ ମଧ୍ୟ ତାକୁ ନୂଆ ଢଙ୍ଗରେ ସୁନ୍ଦର କରିଦିଆ ଯାଇଛି । ସେଇଥିରେ କଳାକାରଙ୍କ ଶ୍ରେଷ୍ଠତ୍ୱର ଯଥେଷ୍ଟ ପରିଚୟ । ଏବଂ ସେଇ ମୁଦ୍ରାଦୋଷକୁ ନେଇ ନାଟକର ନାଟକୀୟ ଭାବରେ ଶେଷ ବିଦାୟ ସାଙ୍ଗରେ ଶେଷ ଯବ ଦେବା ମଧ୍ୟ କମ୍ ବାହାଦୁରି ନୁହେଁ । ଅନ୍ତତଃ ମିଶିପେ ମାଉପେ ଓଡ଼ିଶା ଥିଏଟରରୁ ହସ କଳେ କଳେ ନେଇ ଶେଷକୁ ଫେରିବେ ତ ! ଜ୍ୟୋତିଷ-ବିଦ୍ୟାକୁ ପ୍ରଥମରେ ପରିହାସ କରି ପରିଶେଷରେ ତାର ମହତ୍ତ୍ୱକୁ ଜାହିର କରିବାର ଉଦ୍ଦେଶ୍ୟ କଣ ବୁଝାଗଲା ନାହିଁ । ଦକ୍ଷିଣୀ ପାଟ ବିକେତା ଯେପରି ଯଶସ୍ୱୀ ହୋଇଛି, ନଟର ବେଶଭୂଷା ସଜ୍ଜା ଅଭିନୟରେ ମେଦିନୀପୁର ଓଡ଼ିଆଙ୍କ କଥାବାର୍ତ୍ତା ସେତିକି ସଫଳତାରେ ପରିସ୍ଫୁଟ । ମେଦିନୀ-ପ୍ରସଙ୍ଗ ଓଡ଼ିଆ କଥା ନ ଜାଣି ଠିକ୍ ରୂ ଅମୋଦ ସୃଷ୍ଟି କରିବା ଚେଷ୍ଟାର ପ୍ରୟୋଜନ ନଥିଲା ।

ନାଟକର ପରିସ୍ଥିତି । ପ୍ରଥମରୁ ତୃତୀୟ ଅଙ୍କଯାଏଁ କେବଳ ଭେରାଇଟି ଶୋ ବା ପୁରସ୍କାର ବିତରଣୀରେ ମିଳିଲା ଅନୁଭୂତି ଭଳି ମନେ ହେଉଚି । ଗଳ୍ପ ସୃଷ୍ଟି କରିବାର ପୁରୁଣା ଢଙ୍ଗକୁ ଛାଡ଼ ଦେଇ

( ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

**ନୀଳ ଲହରୀ** --କ୍ଷୁଦ୍ର ଗଳ୍ପ ସଂଗ୍ରହ ।

ଲେଖକ ଶ୍ରୀ ରାଜକିଶୋର ରଥ—ମୂଲ୍ୟ—୧୲ । ପୃ ୧୮ଷ୍ଠା । ପ୍ରକାଶକ—ନ୍ୟୁଷ୍ଟ ଭଣ୍ଡାର କଟକ ।

ଅଧ୍ୟାପକ ରାଜକିଶୋର ଜଣେ ପ୍ରତିଭାବାନ ଗଳ୍ପ ଲେଖକ । ସାମୟିକ ପତ୍ରିକାମାନଙ୍କରେ ତାଙ୍କର ଗଳ୍ପଗୁଡ଼ିକ ପ୍ରକାଶିତ ହେଲା ଦିନରୁ ତାଙ୍କର ପଣ, କଳା-କଉଶଳଟା ଉତ୍କଳରେ ସୁବିଦିତ । ସେହିସବୁ ଗଳ୍ପରୁ କେତେକ ଏକ କରି ନୀଳଲହରୀ ନାମ ଦେଇ ପୁସ୍ତକାକାରରେ ପ୍ରକାଶ କରାଯାଇଛି । ଏ ସବୁ ଗଳ୍ପର ଉପାଦେୟତା ଓ ସରସତା ବିଷୟରେ ଅଧିକ କହିବା ନିଷ୍ପ୍ରୟୋଜନ । ଏହାର ସୁଧା ଆସ୍ୱାଦନ କରିବା ନିମନ୍ତେ ଉତ୍କଳ ନରନାରୀଙ୍କୁ ଆହ୍ୱାନ କରୁ ।

ଏ ପୁସ୍ତକଟିର ନାମ କରଣଟା ହିଁ ଏକ ଅଦ୍ଭୁତ ଧରଣର ହୋଇ-ଥିଲେ ମଧ୍ୟ ସମୁଦ୍ର ଭିତରକୁ ବୁଡ଼ ଦେଲେ ନାନା ଅମୂଲ୍ୟ ରତ୍ନର ସନ୍ଧାନ ମିଳିବ ।

**ଅନାଥାଶ୍ରମ**—( ଉପନ୍ୟାସ )—ଲେଖକ—ଶ୍ରୀ ଚନ୍ଦ୍ରମଣି ଦାସ—ମୂଲ୍ୟ—୧୲ ।

ଚନ୍ଦ୍ରମଣିବାବୁ ଗଳ୍ପ ଲେଖାରେ ବେଶ ସୁଖ୍ୟାତି ଅର୍ଜନ କରି-ଛନ୍ତି । ଅନାଥାଶ୍ରମ ତାଙ୍କର ସେ ଖ୍ୟାତି ବୃଦ୍ଧି କରିବ ବୋଲି ବିଶ୍ୱାସ ହୁଏ ।

ମୂଳରୁ ବିଷୟ ବସ୍ତୁ ଓ ବର୍ଣ୍ଣନା ଏତେ କୋମଳ ଓ ତରଳ ଯେ ଆଖିରୁ ଲୁହ ଖସିପଡ଼େ । ମାତ୍ର ପଛକୁ ଧୂର୍ତ୍ତ କଳର ଆଦର୍ଶ ଦେଖାଇବାକୁ ଯାଇ ମନେ ହୁଏ ସେ ମଧୁରତା କ୍ଷୁଣ୍ଣ ହୋଇ ପଡ଼ିଛି । ଅନୁଭଳ ସ୍ଥିରର ଏତେ ହଠାତ୍ ପରିବର୍ତ୍ତନ ଟିକିଏ ଅସ୍ୱାଭାବିକ ଲାଗେ । ଅନୁର ·ସାଧନ ଲୁଚିବା କଥାଟାକୁ ଏତେ ବୈଶିଷ୍ଟ୍ୟ ନ ଦେଇଥିଲେ ରୁଚିକର ହୋଇଥାନ୍ତା । ମୋଟ ଉପରେ ଏଥିରେ ଗୋଟିଏ ଯୁଗୋଚିତ ଆଦର୍ଶର ଆଭାସ ଦେବା ଦ୍ୱାରା ପାଠକଙ୍କ ଚିତ୍ତ ସେଥିପ୍ରତି ଆକର୍ଷିତ ହୋଇ ଦେଶର ମଙ୍ଗଳ ବିଧାନ ହେବ ବୋଲି ଆଶା କରାଯାଏ । ମୋଟ ଉପରେ ଏହିଭଳି ଗଳ୍ପ ବହି ତରୁଣ-ମାନଙ୍କ ମନରେ ନାନା ପ୍ରକାର ସ୍ୱପ୍ନପାତ କରିବ ଓ ପୁସ୍ତକ ପାଠ ପ୍ରତି ସେମାନଙ୍କର ଆଗ୍ରହ ବଢ଼ାଇ ଦେବ, ଏହା ଆମର ବିଶ୍ୱାସ ।

**କବିତା ସଂଗ୍ରହ**—ମୂଲ୍ୟ—୧୲୯/—ପୃ୨୫୦ଷ୍ଠା । ପ୍ରକାଶକ ମଡର୍ଣ ପବ୍ଲିଶିଂ ହାଉସ ।

ପ୍ରକାଶକଙ୍କଠାରୁ ଏହି ପୁସ୍ତକରୁ ଖଣ୍ଡିଏ ଉପହାର ପାଇ କୃତଜ୍ଞତା ଜଣାଉଛୁଁ । ଏଥିରେ ବୁଝି ବାଛି କରି ପ୍ରାଚୀନ ଓ ଆଧୁନିକ କବିମାନଙ୍କ ବଛା ବଛା ରଚନା ସନ୍ନିବେଶିତ ହୋଇଛି । ଏହି ସଂଚୟନରେ ସଂପାଦକଙ୍କ ଯଥେଷ୍ଟ ରସଗ୍ରାହିତା ଓ କୌଶଳର ପରିଚୟ ମିଳେ । ଏପରି ଖଣ୍ଡିଏ ପୁସ୍ତକ ବିଦ୍ୟାର୍ଥୀ ତଥା ସାହିତ୍ୟ ପ୍ରେମିକମାନଙ୍କୁ ବହୁଳ ସାହାଯ୍ୟ କରିବ । ଏଥିରେ ଆଦର ବଢ଼ିଲେ ଦ୍ୱିତୀୟଭାଗ ପ୍ରକାଶ କରିବାକୁ ଅନୁରୋଧ ।

**ଶୁଭେଚ୍ଛା**—

ସରେଇକଳା ଶୁରେନ୍ଦ୍ର ମେମୋରିଏଲ ଶ୍ରୀ କଳାପୀଠ ତରଫରୁ ଏହି ପୁସ୍ତିକାଖଣ୍ଡି ଉପହାର ପାଇ ଧନ୍ୟବାଦ ଜଣାଉଛୁଁ ।

ପ୍ରତିଭାଶାଳୀ ନୃତ୍ୟ-କଳା କୁଶଳୀ ୰ କୁମାର ଶୁରେନ୍ଦ୍ରଙ୍କର ଅପୂର୍ବ ନୃତ୍ୟକଳା ସମ୍ବନ୍ଧରେ ସୁନ୍ଦର ଆଲୋଚନା ଓ ସାଧୁବାଦ ଏ ପୁସ୍ତିକାର ଚିତ୍ର । ଛଉନାଚର କେତେଗୁଡ଼ିଏ ଚିତ୍ର ଓ ଶୁରେନ୍ଦ୍ର-ଙ୍କର ପ୍ରତିକୃତି ପୁସ୍ତକର ଶୋଭା ବର୍ଦ୍ଧନ କରିଛି ।

ଶିଳ୍ପୀ ଶୁରେନ୍ଦ୍ର ତରୁଣ ବୟସରେ ସଂସାର ଛାଡ଼ି ଚାଲିଗଲେ—ତାଙ୍କ ଅକାଳ ମୃତ୍ୟୁ ହୋଇ ନାନା ନାନା କଳାକାର ହବା ଲୋକ ରହିଗଲେ । କେତେ ଭାବନ୍ତି—ଶୁରେନ୍ଦ୍ର ରହିଥିଲେ ଦେଶକୁ କେତେ ଯେ କଣ ନୂଆ ଚିଜ ଦେଇ ଯାଇ ଥାଆନ୍ତେ । ମାତ୍ର ଭାବି ଦେଖିଲେ, ଏହା ଭାବିବା ଆମର ଭ୍ରମ । ଶୁରେନ୍ଦ୍ର ଜଣେ ଦେବ-ଶିଶୁ । ଗନ୍ଧର୍ବ କଳାର ସଙ୍କେତ ଦେବା ନିମନ୍ତେ ସେ ନରଲୋକକୁ ଆସିଥିଲେ ।

ତାଙ୍କ ନିରୂପିତ କାର୍ଯ୍ୟ ଅନ୍ତେ ସେ ସ୍ୱଧାମକୁ ନ ଯାଇ ରହନ୍ତେ କିପରି ? ବର୍ତ୍ତମାନ ଆମର କାମ—ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ, ତାଙ୍କର ଇଙ୍ଗିତକୁ ଆଗରେ ଧରି ଆପଣାକୁ ଗଠନ କରିବା ।

---

( ଭଙ୍ଗୀ ଗୁହ୍ମା ପୂର୍ବପୃଷ୍ଠା ଉତ୍ତାରୁ )

ଚଳେ । କିନ୍ତୁ ନାଟକୀୟ ସ୍ରୋତର ପ୍ରବାହକୁ ଠାଏ ଠାଏ ଅଟକାଇ ଦେଇ ବାନ୍ଧିଲେ ଚଳିବ କିମିତି ! କିନ୍ତୁ ଯେଉଁଠି କଥା କଥାକୁ ଗୋଟେଇ ନୂଆ ଆରମ୍ଭ କରିଦେଲେ ସେଇଠୁ ବେଶ୍ ଜମି ଉଠିଛି । ଆଉ ଯେଉଁ ପରିସ୍ଥିତିରେ ଗୀତା ପ୍ରତି ଜନମୋହନର ସନ୍ଦେହ ହେଲା ସେଟା ଅତି ଅସ୍ୱାଭାବିକ । ଗୀତାର ବନ୍ଧୁ ଓ ବନ୍ଧୁସ୍ୱାମୀ କେବଳ ଏଇ ସନ୍ଦେହ ସୃଷ୍ଟି ପାଇଁ ଆସିବା ମିଳିଲାପରି । ଗୀତାର ବାଲ୍ୟ ବନ୍ଧୁ ପ୍ରତି ଯେଉଁ ବ୍ୟବହାର ତହିଁରୁ ଗୀତାର ଚରିତ୍ରକୁ ବଡ଼ ଜଟିଳ କରି ପକାଇଛି ଲେଖକ ଏଠାରେ । ଗୀତା ପୁଣି ମେଦିନୀପୁର ଓଡ଼ିଆ ଆନ୍ଦୋଳନକୁ ଟଙ୍କା ଦେଇ ସେଦିନ ସଭାନେତ୍ରୀ ହେବାପାଇଁ ସ୍ୱାମୀ ନମିତା ପାଇ ଷ୍ଟେସନରୁ ଉତ୍କଳ ସମାଜ ଯାଏଁ ଆସି ସଭା-ନେତ୍ରୀ ଆସନ ନେବାବେଳେ ଓ ଜନମୋହନ ଫୁଲମାଳ ଦେବା ବେଳେ ପରିଚୟ ହେବାଟା ମଧ୍ୟ ଅତି ଅସ୍ୱାଭାବିକ । ନାଟକୀୟ ଚମତ୍କାରିତା ହୋଇପାରେ । ସବୁଠାରୁ ଅତି ଅପ୍ରାସଙ୍ଗିକ ହିନ୍ଦୁସ୍ଥାନୀ ନାଚବାଲ ଓ ବାଲୀ । ତାଙ୍କର କଥା ଅବଶ୍ୟ ବଳରେ ନାଟକ ପ୍ରହସନ ହେବା ବିଚିତ୍ରକୁ ରକ୍ଷା ପାଇ ଏମ ଓଡ଼ିଆ ଦେଶ ଯାଙ୍ଗରେ ଓଡ଼ିଆ ଜଗନ୍ନାଥ ବୋଲି ଚିତ୍କାର କରିବା ମୂଳରେ ଗୋଟାଏ ପୁରୁଣା ମନୋବୃତ୍ତିକୁ ଆମେ ପସନ୍ଦ କରି ପାରୁନାହିଁ । ଓଡ଼ିଶାକୁ ବଙ୍ଗାଳୀ ଆକ୍ରମଣ କବଳରୁ ରକ୍ଷା କରିବାର ଅର୍ଥ ଓଡ଼ିଶା ମାଟିରେ ଜନ୍ମିଥିବା ପଠାଣ ଦରସ୍ତାନଙ୍କୁ ବର୍ଜିତ କରିବା ନୁହେଁ ତ !

ନାୟକ ଜନମୋହନ ପରି ଆଦର୍ଶ ଯୁବକ ଏ ଦେଶରେ ଦେଖି-ବାକୁ ଆଶା କରି ଆମ୍ଭେମାନେ ଓଡ଼ିଶା ଥିଏଟରରୁ ଫେରିପାରୁ । କିନ୍ତୁ ନାଟ୍ୟକାରଙ୍କର ଟିକିଏ ଭାବିବା ଉଚିତ ଥିଲା ଯେ ଆଦର୍ଶଟା ଆକାଶ କୁସୁମ ନୁହେଁ । ଆଦର୍ଶ ଗଢ଼ିବା ପାଇଁ ପାଣିପାଗ ଦରକାର । କୌଣସି ଓଡ଼ିଆ ଯୁବକ ଏଇ ଆଦର୍ଶରେ ଅନୁପ୍ରାଣିତ ହେବାବେଳେ ନାଟ୍ୟକାର ଆମକୁ 'ହେଇଟ ଶୁଣିଲ' କହି ଅଙ୍ଗୁଳି ଠେଣା ମାରି ଦେଖେଇ ଦେବାର ଆଶା ରହିଲା ।

Digitized by srujanika@gmail.com

# ମିଠା-କଡ଼ା

ଭୁବ୍‌ରାମ ସକାଳଟାରେ ଧାଇଁ ଧାଇଁ ଆସି ଧମ୍ କରି ବସି ପଡ଼ିଲେ ଚେୟାର ଉପରେ । କଥା ନାହିଁ—ବାର୍ତ୍ତା ନାହିଁ—ଗମ୍ଭୀର ଭାବରେ ଆଖି ଦୁଇଟା ବୁଜି ମୁଣ୍ଡଟା ପଛ ଆଡ଼କୁ ଝୁଙ୍କାଇ ଦେଇ ଅଚଳ ପଡ଼ି ରହିଗଲେ—ନୀରବ, ନିସ୍ପନ୍ଦ ।

ମୁଁ ଅବାକ ହୋଇ ଚାହିଁ ରହିଲି । ତାଙ୍କ ଏ 'ପ୍ରକାର' ଦେଖି କଣ କହିବି କିଛି ବୁଝି ପାରିଲି ନାହିଁ ।

କିଛିକ୍ଷଣ ଅନ୍ତେ ଲମ୍ବାଟାଏ ଅଙ୍ଗ ଏବଂ ଶ୍ୱାସ ଉଦ୍‌ଗୀରଣ—( ଶ୍ୱାସଟାର ବିଶାଳତା ଦେଖିଲେ ଉଦ୍‌ଗୀରଣ ନ କହି ନିଃସାରଣ କହିବା ଭୁଲ ହେବ ) କରି ଚକ୍ଷୁ ଉନ୍ମୀଳନ କଲେ ଭୁବ୍‌ରାମ ।

କହିଲି, "ହେଲାଟା କଣ ?"

ଚୁପ ହୋଇ ରହିବା ପାଇଁ ମୋତେ ଠାରି ଦେଇ ପୁଣି ସେ ପୂର୍ବବତ୍ ଅବସ୍ଥାକୁ ପୁନରାବୃତ୍ତି ହେଲେ । ଏକବାରେ ସମାଧି ଅବସ୍ଥା ।

ଏହାପରେ ବାରମ୍ବାର ଛଅବାର ପୁନରାବୃତ୍ତି ପରେ ଭୁବ୍‌ରାମ ଝାଉଁଳି ହୋଇ ଉଠି କହିଲେ, "ସିଗାରେଟ୍ ଅଛି ?"

"ନାହିଁ, ସରି ଯାଇଛି ।"

"ଅଚ୍ଛା ବିଡ଼ି ? ସେଇ ଭଲ, ସ୍ୱଦେଶୀ ଚିଜ, ହୋମ ଇଣ୍ଡଷ୍ଟ୍ରି ।"

ବିଡ଼ି ଓ ଦିଆସିଲି ବଢ଼ାଇ ଦେଲି ।

କାଡ଼ି ଲଗାଇ ଦୁଇଟିର ଟାଣରେ ତାର ପ୍ରାଣାନ୍ତ କରି ଭୁବ୍‌ରାମ ଅଳ୍ପ ହସି କହିବାକୁ ଆରମ୍ଭ କଲେ—

"ହେ ଜାଣିଲ—ଟିକିଏ ଧୋକାରେ ପଡ଼ିଥିବ ଆଜି ମୋର ଆଚରଣ ଦେଖି—ନାହିଁ ?"

ହଁ, ଗୋଟାଏ କଣ ନୂଆ ମତଲବ ନିଶ୍ଚୟ—ମୁଁ କହିଲି ।

"ଭୁଲ୍, ଭୁଲ୍—ନୂଆ କିଛି ନୁହେଁ—ପୁରୁଣା, ପୁରୁଣା, ଅତି-ବଳ ପୁରୁଣା—as old as Adam......ଏଇ ପୁରୁଣାକୁ ଭୁଲି ଆଜି ଏଇ ଅଧୋପତନ ହୋଇଛି ଆମର ।......ଦେଖିବ ସେଇ ଆମର ପୁରୁଣାକୁ ପୁଣି ଧରି ପାରିଲେ—ହେଁ...ଆଉ କଣ !..."

ଚଟକ ଲେଖାଁ କହି ଚୁପ ଥରେ ଦେଖିଁଏ ସ୍ୱଭାବରୁ ସମାଧିସ୍ଥ ହୋଇ ଯାଇ ଥାଆନ୍ତି ।

ପୁଣି ଟିକେ କହିଲେ—ହଇହେ, ବୁଝିଲ, ତମକୁ ଗୋଟାଏ କାମ କରିବା ପାଇଁ ପଡ଼ିବ । ଖୁବ noble work ଜାଣିଲ.....ହଁ, ତମେ ହେଲ ଲେଖକ, ପର୍ଦ୍ଦିକାର, ସମ୍ପାଦକ—ଦେଶର ଜାତିର ପଥ ପ୍ରଦର୍ଶକ—ତମ କଥା ଲୋକେ ଶୁଣିବେ—ତମେ ଚାହେଁଇ କରି କଥାଟା କହି ପାରିବ କି ନା— ସେଇଥିପାଇଁ.......ହଁ; ସେଇଥି ପାଇଁ ତମକୁ ଲୋଡ଼ା ମୋର । ଚଳାଅ କଲମ, ଚଳାଅ କଲମ—ଗଦ୍ୟରେ, ପଦ୍ୟରେ, ପୋଷ୍ଟରରେ, ଖବର କାଗଜରେ, ବକ୍ତୃତାରେ ଲଗାଅ......Propaganda !...... କଂଗ୍ରେସ, ଗାନ୍ଧି, ଶ୍ୟାମାପ୍ରସାଦ...ଶୁଣ ସେ ସବୁ କଥା...ସେ ଯାହା ଶହ ଶହ ବର୍ଷରେ କରି ନ ପାରିବେ, ବର୍ଷ ପାଂଚଟାରେ ତାହା ହୋଇଯିବ...

"କଥାଟାତ ଏତେବେଳ ଯାଏ କହିଲ ନାହିଁ—ହେଉଛି କିବା ପୁଣି କଣ ?" ମୁଁ ଉତ୍‌କଣ୍ଠ ହୋଇ କହିଲି ।

"ହେଉଯିବ କଣ ! କଣ ସ୍ୱରାଜ ଚାହଁ କହୁନ ? ନ ହେଲେ ପାଇବ କଣ କଥାଟା ? ସବୁ ହୋଇ ଯିବ, ସବୁ ହେଉଯିବ— ସବ୍ ଠିକ୍ ହୋ ଯାଏଗା...।"

"ଖୋଲି କହିଲେ ସିନା ବୁଝିବି" ମୁଁ କହିଲି ।

"ତମେତ ଚାହଁ ସ୍ୱାଧୀନତା ? ସେଇ ସ୍ୱାଧୀନତା ପାଇବାର ସହଜ, ସରଳ ବାଟ ଇଏ । ଜାତୀୟ ଉନ୍ନତି, ଜାତୀୟ କଲଚର, ଜାତୀୟ ସମ୍ପଦ, ଜାତୀୟ ଶକ୍ତି; ଜାତୀୟ ମଙ୍ଗଳ—ଆଉ କଣ ?"

"ଦୂରକର ! ଆଗେ କଥାଟା ନ କହି ଖାଲି ଗୁଳିଛ ବ୍ୟାଖ୍ୟା, ପ୍ରଶସ୍ତି ।"

ଭୁବ୍‌ରାମ ଏଥର ଉଠିବସି ଆରମ୍ଭ କଲେ—"ଦେଖ, ଆମ ଦେଶର ଯେଉଁ ଅଧଃପତନ ଘଟିଛି ତାହା ସୁଧାରିବାର ଏକମାତ୍ର ଉପାୟ ହେଉଛି—ଏ...ଇ...।"

ଏତିକି କହି ସେ ପୁଣି ପୂର୍ବବତ୍ pose ର ଆଶ୍ରୟ କଲେ ।

ମୁଁ କହିଲି—"ତୁମକୁ ବୁଝିବା ମୋର ସାଧ୍ୟ ନୁହେଁ ବାବା ।"

ଭୁବ୍‌ରାମ କହିଲେ—"କହିଲି, ବୁଝେଇଲି ପ୍ରାକ୍‌ଟିକାଲି ଦେଖାଇ ଦେଲି—ତଥାପି ବୁଝିଲ ନାହିଁ । Hopeless !...ଏଟା ହେଉଛି—Deep breathing—ଯାହାକୁ କହନ୍ତି ପ୍ରାଣାୟାମ, ଏଇ ପ୍ରାଣାୟାମ ଯେବେ ଆମର ଘରେ ଘରେ ଥିଲା, ସେତେବେଳେ ଭାରତ ଥିଲା ମହତ, ଉନ୍ନତ, ଧନୀ, ଗୌରବମୟ । ସେଇଟା ଛାଡ଼ିଲା ଦିନୁ ଆମର ହେଲା ପତନ—ହେଲୁ ହୀନ, କ୍ଷୀଣ, ଚରମ ଶୂନ୍ୟ ଦୁର୍ବଳ, ଦରିଦ୍ର, ପରାଧୀନ—ସର୍ବହରା । ସେଇ ପ୍ରାଣାୟାମକୁ revive କରିବାକୁ ହେବ । ଏଟା ହେଉଛି ଉନ୍ନତିର Secret—ଗୁହ୍ୟାତ୍ ଗୁହ୍ୟତମ—ବୁଝିଲ !...ତମେ ସବୁ ସାହିତ୍ୟିକମାନେ ମିଳି ଏହିଟା ଉପରେ ଜୋର ଦେଇ ଲେଖା ଆରମ୍ଭ କର । ଦେଖିବ କାଲିପରେ ଦେଶ ପୁଣି ଚେଇଁ ଉଠିବ । ...ଜାପାନୀମାନେ ଏଇ deep breathing କରି ବଡ଼ ହୋଇଗଲେ—ଜାଣ ?

"କିନ୍ତୁ ହାରିଗଲେ ଯେ ।"

"ଅରେ, ସେ କଥା ଜାଣନା ପରା ! ଆମେରିକା ଯେ ତାଙ୍କ ବଳି deep breather ! Atom Bomb ! ସିଏବି ସେଇ ପ୍ରାଣାୟାମର ଫଳ । ସେଠି କିଏ ଶିଖେଇଛି କହିଲ ?—ବିବେକାନନ୍ଦ । ଆଉ ଆମେ ଆମର ନିଜ ଜିନିଷଟା ଫୋପାଡ଼ି ଗାଇ ରଫ୍ କରି ଦେଲୁଁ । ...ଭଲ ସୁବିଧା ଏ ବିଷୟରେ Propaganda କରି ଦେଶକୁ ଚେତାଅ । ଆବାଳବୃଦ୍ଧ ବନିତା ସକଳ ଭାରତୀୟ deep breathing କରନ୍ତୁ । ଅରଟ ବା ଚରଖା ଯେପରି ଗାନ୍ଧି ମତରେ ସବୁ ରୋଗର ଔଷଧ, ମୋ ମତରେ ଏଇ ପ୍ରାଣାୟାମହିଁ ପ୍ରକୃତ panacia । କିନ୍ତୁ ଗୋଟାଏ କଥା...ଏ discoveryର ସମ୍ମାନଟା ଯେପରି ଗାନ୍ଧି ମାରି ନ ଦିଅନ୍ତି । ମୋର ଏଇଟା patent—ଯେପରି Atom bomb ଖାସ ଆମେରିକାର । ମନେ ରହିଲ ତ ?

(ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com



ଶନିଗ୍ରହ ମିଥୁନ ରାଶିରୁ ସିଂହରାଶି ସ୍ଥିତ ସମୟରେ ସଂଚରଣ କରିବାର ସୂଚନା ହୋଇବାରୁ ସଂସାରରେ ମହାସମର ଘଟିବାର ସ୍ଥିର ହୋଇଛି।

କେରଳୀ ବସ୍ତ୍ରରେ ଅଦ୍ଭୁତ ଘଟିଲା। ଏଣିକି ପ୍ରାଣୀମାନେ ଆଉ ଭାବନା ନ କରୁ। କ୍ରମଶଃ ଦାଂତ ନଖ ଉତ୍ପତ୍ତି ଥିବାର। ତହିଁ ଉତ୍ତାରୁ ଧରଣୀ ଜଣ୍ଟିଲେ ସୃଷ୍ଟି ହୋଇବେ। କଣ୍ଟେଇଲ କଲୁଷ ଭସ୍ମ ଦ୍ରୋଣ ପଦ୍ଧତି। ଏଥିମଧ୍ୟରେ ଅଶେଷ ବଙ୍ଗଉପି ନାଃ ଲୁପ୍ତ ହୋଇବ। ଏମନ୍ତେ ପାଞ୍ଜି ଫଳ ଜନ ହିତକୁ ଜାତ କରିଛନ୍ତି। ଲୋକେ ଅମୂଳ ଦୋଷ ନ ଦେବେ।

× + + ×

ସୂର୍ଯ୍ୟଙ୍କ ମହତ୍ୱ ଘଟିଲା। ତାଙ୍କ ଯେମନ୍ତେ ଆକାଶରୁ ଖସିଲେ କେମନ୍ତ ପ୍ରକାରେ ସେ ବିମାନ ଯାନରୁ ଖସିଲେ। ଏ ପାଞ୍ଜିରୁ ତାହାଙ୍କ ନାମ କଟା ହୋଇ ଚନ୍ଦ୍ରପୁତ୍ରଙ୍କ ପାଞ୍ଜିରେ ସାମିଲ ହୋଇଲା। ତାଙ୍କ କର୍ମରେ ଯେଉଁ ସ୍ଥାନସ୍ଥା ଘଟୁଥାଅନ୍ତା ତହିଁରୁ ସେ ପାର ହୋଇଗଲେ। ବୃହସ୍ପତି ତାଙ୍କ ଅଷ୍ଟମ ହୋଇବାରୁ ଏମନ୍ତ ଘଟୁଅଛି। ମାତ୍ର ଶୁକ୍ର ଚନ୍ଦ୍ରରେ ଚଳନ ହୋଇଥିବାରୁ ତାଙ୍କୁ ସ୍ଥାନସ୍ଥା ପୋଗ ନ ଘଟିଲା। ସମ୍ମାନ ବଢ଼ିଲା। ଏମନ୍ତ ପାଠ ଆମ୍ଭ ଗୋସେଇଁ ବାପାଙ୍କ ପୋଥିରେ ଲେଖା ଅଛି।

+ × + +

ଏକାମ୍ର କାନନ ମଧ୍ୟରେ ଭୁବନେଶ୍ୱର ତୀର୍ଥ ଅଛି। ତଥି ଏକ ସରୋବର କରିଛୁ ଥାଇ। ତାହାର ନାମ 'ବିନ୍ଦୁ ସାଗର' ଏ ନାମେନ୍ତେ ହୋଇ ଅଛି କି ତ୍ରିଭୁବନରେ ଯେତେ ଯେତେ ଯେଉଁ ତୀର୍ଥ ଅଛି ତହିଁରୁ ବିନ୍ଦୁ ବିନ୍ଦୁ ବାରି ଆଣି ଏ ସରୋବର ସୃଷ୍ଟି ହୋଇଲା। ଏ ସରୋବରରେ ଯେଉଁ ପ୍ରାଣୀ ସ୍ନାହାନ କରଇ ସେ ଦେବଦେହ ଲଭଇ, ବୈକୁଣ୍ଠରେ ବସଇ। ଏ ସରୋବରରେ ମୀନ, କୂର୍ମ, ଶମ୍ବୁକାଦ ଯେଉଁ ଜୀବମାନ ବସନ୍ତି ସେମାନେ ଦେବଲୋକୀ ଅଟନ୍ତି। ଏମନ୍ତ ପ୍ରମାଣ ପୁରାଣ ଶାସ୍ତ୍ର ମାନଙ୍କରେ ଲିଖିଲ ଅଛଇ।

ଏ ଯୁଗରେ ଓଡ଼ିଶା ମୁଲକରେ କାନ୍ତାର ପଡ଼ିବାରୁ ସକଳ ପଦାର୍ଥ ମହରଗ ହୋଇଲା। ବିଶେଷ କରି ମତ୍ସ୍ୟ ଅଭାବେ ପୃଥିବୀରୁ ହରଣ ହୋଇଲା। ଓଡ଼ିଶା ଦେଶ ଚୈତନ୍ୟ ମହାପ୍ରଭୁଙ୍କ ଲୀଳାସ୍ଥଳ ଅଟଇ। ମାତ୍ର ମତ୍ସ୍ୟ ଦେଶ ଥିବାରୁ ଏ ଦେଶରେ ମତ୍ସ୍ୟ ସେବା ମାହାର୍ଦ୍ଦ ସେବା ବଳି ପୁଣ୍ୟ ଅଟଇ। ବରକୋଳି ସହିତ ମାଗୁର ମାଛ ଝୋଳ ଉତ୍ତମ ଯୋଗ ହୁଅଇ।

ଏମନ୍ତ ଦେଖି ମହା ପ୍ରାଣୀମାନଙ୍କ ଦୁଃଖ ଦେଖି କର୍ତ୍ତାଗଣ ବିନ୍ଦୁ ସାଗର ମୀନମାନଙ୍କୁ ମାରିବାର ଆଜ୍ଞା ଦେବାଇଲେ। ତହିଁରେ ପାର୍ଶ୍ୱ ଭକ୍ତଗଣ ଓଳର ଯୁଦ୍ଧର ବାହିଲେ। ମାତ୍ର ଏ ସୁବାଉରେ ଦେଖୁ ନଥିବାର ଲଗଇ।

କାରଣ ଏହିତ, ତୀର୍ଥବାସୀ ମୀନାବତାରମାନଙ୍କ ମାଂସ ଅକ୍ଷୟ ଅଟଇ। ତାହା ସେବା କଲେ ଅକ୍ଷୟ ପୁଣ୍ୟ ହୋଇବ। କଳି କାଳର ଲୋକେ ତାହା ବଳରେ ସ୍ୱର୍ଗକୁ ଲଭି ପାରିବେ। ଆଉ ମଧ୍ୟ ଏହି ଘୋଷଣ ଦ୍ୱାରା ଯେଉଁ ଧନ ମିଳିବ ତହିଁରେ "ଯୋଜନା" ନାମରେ ଏକ ଭବିଷ୍ୟ ଉନ୍ନତି ପରିକଳ୍ପନା ମନ୍ଦିର ଘୋଷଣା କରିଛନ୍ତି।

× × + ×

ଉତ୍କଳ ଦେଶ ଯେମନ୍ତ ବିଶାଳ ଅଟଇ ଏହାର ରାଜଧାନୀ ତହିଁ ବଳି ବିଶାଳ ହୋଇବାର ଯୋଗ ଘୁଞ୍ଚିଲା। ଉତ୍କଳର ସମସ୍ତ ପଦାର୍ଥ ଯେଣୁ 'ବଡ଼' ଅଟଇ। ରାଜଧାନୀଟା ବା 'ବଡ଼' ନୋହିବ କେମନ୍ତ। "ବଡ଼ ଦେଉଳ", "ବଡ଼ ଠାକୁର", "ବଡ଼ ଦାଣ୍ଡ", "ମହାନଦୀ", "ମହୋଦଧି" ପ୍ରଭୃତି ସବୁ ବଡ଼, ମହାନ୍ ଯାକ ଠୂଳ ଅଛନ୍ତି। ଏଣୁ କଟକ ବଡ଼ ସହର ହୋଇବାରେ ଉଚିତ ହୋଇଲା। କେବଳ ଏତିକି ଦୋଷ ରହିଲା କି, ଚୌଦୁଆରଠାରୁ ଭୁବନେଶ୍ୱର ଯାକେ ଗୋଟାଏ ସହର ଏମନ୍ତ କି ବଡ଼ ହୋଇଲା। ଛଅ ଗୋଟା ଜିଲ୍ଲା ମିଶାଇ ଗୋଟାଏ ସହର କଲାଇଲେ କାଳକାଳକୁ କୀର୍ତ୍ତି କାନା ରହିଥିବ। ଆଉ ଓଡ଼ିଆ ବଡ଼ିଆ ବୋଲି ଯଶରେ ନାଁ ବଢ଼ିଥିବ।

---

( ମିଠା କଡ଼ା ପୂର୍ବପୃଷ୍ଠା ଉତ୍ତରୁ )

ଏଥର କବି ବୁବୁମ ଉଠିଲେ।

ମୁଁ କହିଲି—ଆଉ ବସ—ଗୋଟାଏ କଥା ରହିଗଲା।

'କଣ କହ।

"ଆମେ ଭାରତବାସୀ ତ deep breathingରେ ସଂସ୍କାରଗତ ଭାବରେ ଅଭ୍ୟସ୍ତ। ଆମର ବ୍ୟାଧି ଓ ଦୁର୍ଭିକ୍ଷ ଯେ ସର୍ବଦା ଲାଗି ରହିଛି, ତାର ଦ ଉରେ ଆମେ ତ ଦିନରାତି ଦୀର୍ଘଶ୍ୱାସ ପକାଉଛୁ। ଦୀର୍ଘଶ୍ୱାସ କ'ଣ natural deep breathing ନୁହେଁ? ଆମର ପୁଣି artificial breathingର ପ୍ରୟୋଜନ କଣ?

ବୁବୁମ ଗୋଟାଏ ଧକ୍କା ଖାଇଲା ପରି ରହିଗଲେ ଓ ପୁଣି ଚିନ୍ତିତ ସମାଧିସ୍ଥ ହେଲେ। ତହୁଁ ଜାଗ୍ରତ ହୋଇ କହିଲେ—Eureka! ତମ ପ୍ରଶ୍ନର ଠିକ ସମାଧାନ ହୋଇଗଲା। ସେ ତ ଏଇ deep breathing ଫଳରେ।

"କିପରି?"

"ଭାରତୀୟଙ୍କର ଯାହା କହିଲି ସବୁବେଳେ deep breathing ଅତେ ଅତେ ଚାଲିଛି, ସତ—କିନ୍ତୁ ସେଥିରେ ହେଉଛି ଓଲଟା ଫଳ। Exercise କରିବାକୁ ହୁଏ ହିସ କରି, ପରିମିତ ଭାବରେ। ବେଶି ହେଲେ ତାର କୁଫଳ। ଆମର ହୋଇ ଯାଉଛି—Over Exercise!

ବୁବୁମଙ୍କ ପ୍ରତ୍ୟୁତ୍ପନ୍ନ ବୁଦ୍ଧିର ପ୍ରଶଂସା ନ କରି ରହି ପାରିଲି ନାହିଁ।

Digitized by srujanika@gmail.com

# ବିଜୟୀ-ସୁଭାଷ

ଶ୍ରୀ ଚକ୍ରଧର ରାଉତ

ମଣିଷ ମରଇ ଧରେ—ଜନ୍ମ ହୋଇ କେତେଟା କି ମରେ !
ସାର୍ଥକ ମରଣ ତା'ର ଯାହାଲାଗି ମାଟି ଗୋଷ୍ଠ ଝୁରେ ।
ଅମରଣ ମୃତ୍ୟୁ ସଙ୍ଗେ ଯୁଝିଗଲ ପରଖି, ପରଖି,
ମୃତ୍ୟୁଂଜୟୀ ହେଲ ଶେଷେ ମୁକ୍ତ ଯଥା ଗଗନର ପକ୍ଷୀ ।
କତ୍‌ସହସ୍ର 'ମାଆ' କାଂଦେ, କାଂଦେ ନବେ ବାୟୁ ଅଣଗୃଣ,
ଦେଶର ତରୁଣ କାଂଦେ, କାହିଁଗଲ ? ପ୍ରାଣର ସୁଭାଷ !
ଖୋଜି ବୁଲେ ପ୍ରିୟ 'ଜନ୍ମମାଟି'
କୋଟି ମଡ଼ା ତଥା କହେ···ମଥା ପିଟେ ଦୁର୍ଗ 'ବାରବାଟୀ' ।
ଧନ୍ୟ ସେହୁ ଦେଶ ଯେହୁ ବୁଝିପାରେ, ମୁକତିର ମୂଲ,
କାହିଁର ଯା' ଧ୍ରୁବତାର, ଧର୍ମସ୍ୱର୍ଗ—'ମଶାଣିର-ଫୁଲ······'
ଧନ୍ୟ ସେହୁ ଅଜ୍ଞାତ ନରସ୍ୱ,
ପଳାତକ—ପରସ୍ୱନେ ସଟସ୍ପନ୍ଦେ ଯା' ନେଲ କୋଳ କରି ।
ଅପରେ ଚାହୁଁଥିଲା ଅଶ୍ରୁପୁରେ ଧରିବା ଜୀବନ,
ମରଣଠୁଁ ବଳି ଲଜ୍ଜା—ମଣୁଥିଲ ମଡ଼ା ଅସମ୍ମାନ ।
ପ୍ରତିଶ୍ରୁ ତହୁଁ ବହୁଦୂରେ କରୁଥିଲ 'ଧର୍ମର-ସାଧନ'··· (?)
ଉଦ୍ଦେଶ୍ୟ ରହିଲ ବାକି; ହେଲ ହାୟ ! ଅକାଳ-ପତନ—
ପ୍ରତିପନ୍ନ ନବେ ଭାଗ୍ୟ ଭାସ୍,
ମରତେ ଅମର ହୋଇ, ଉଲ୍କା ସମ ଖସିଲ ଆକାଶୁ ।
ଦେଶବାସୀ ଶୁଣିଲେନା ତୁମ ଡାକ, ବୁଝିଲେନା 'ମୁକତି'ର ଭାଷ,—
(ତେବେ) ପୋଛ ମାତା ଅଶ୍ରୁ-ସ୍ରୋତ, ପୁତ୍ର ଶୋକେ କାନ୍ଦନା ଗୋ ଅଉ—
ଏ' ମାଟିର ଅନ୍ତିମ-ଶୟନେ······
ଶୋଇଛି ତୋ ବୀର-ଶିଶୁ'; ତେବେ ମାତା ! କାଂଦ କି-କାରଣେ ?
ସବୁର କାଂଦଣା ତଳେ ହସେ କିଏ ? ଶତାବ୍ଦୀର-ତୀରେ······
ହଜର-ତାରକା କହେ "ବିଜୟୀ ସେ' ଯୁଗ ଯୁଗାନ୍ତରେ···!!"
ପଥଭୁଲା ଗାନ୍ଧୀ ସମ ଗୋଧୂଳିର ବେଣୁବୋଲା ପଥେ,
ଯାଉଛନ୍ତି ଫେରିବ 'ନେତା', ହସି ହସି ତାରାଗଣ ସାଥେ—
ହାତେ ଧରି କ୍ଷେତ୍ର-ପତାକା········
ଗଲେ ଥିବ ଜନ୍ମ-ମାଟି—ଲଲାଟେ ତା' ଗୌରବର ଟୀକା !
ପଥହରା ପଥିକରେ ଡାକି ନେବ ଅଟଳର ଶୁଭ୍ର ବେଣୁ ଶୁଣି,
ପଳାଇବ 'ଅଂଧକାର' ତା'ର ଶୁଭ-ଆଗମନୀ ଶୁଣି ।

Digitized by srujanika@gmail.com

# କଳା-କର୍ମ

ଶ୍ରୀ ବ୍ରଜକିଶୋର ରାୟ୍

ପୂର୍ବ ସଂଖ୍ୟା 'ଡଗର'ରେ 'କଥାଶିଳ୍ପୀ' ଶୀର୍ଷକରେ ଲେଖକ ଯେଉଁ ସମାଲୋଚନାର ଅବତାରଣା କରିଅଛନ୍ତି, ତାହା ପଢ଼ି ମୁଁ ଆନନ୍ଦିତ ହୋଇଅଛି । କଥା ଛଳରେ ସମସାମୟିକ ଲେଖକମାନଙ୍କର ଲେଖା ଓଜନ କରିବା ବଡ଼ ପ୍ରଶଂସାର କଥା । ସଂପ୍ରତି ଓଡ଼ିଆ ସାହିତ୍ୟର ଉଦ୍ଭଟ ରୋମାଣ୍ଟିସିଜମ୍ (ଭାବାନୁଗତି) ଚରମ ନଗ୍ନ ହୋଇ ଆସୁଅଛି । ରୋମାଣ୍ଟିସିଜମର ମୂଳ ଆତ୍ମା ଦର୍ଶନ ଓ ତହିଁର ଅନୁସଙ୍ଗିକ ପ୍ରକୃତିବର୍ଣ୍ଣନା ହେତୁ ବସ୍ତୁବୋଧ ରସ ପରିବେଷଣ ଯୋଗେ ହୃଦ ଉଦ୍ବୋଧନ କରିବା ବାହିନ ଅଜିର ଲେଖକମାନଙ୍କ ହାତରେ ତାହାର ଶବ ଏବ ନୂଆ ନାସ୍ତିବାଦ (Nagativism) ନଗ୍ନ ଅଥଚ ମନୋହର ଯାଗରେ ଉପସ୍ଥିତ ହେଉଅଛି । ନଗ୍ନ ଅଥଚ ମନୋହର—ଏହା କିପରି ହୋଇ ହେବ କେହି ପ୍ରଶ୍ନ କରି ପାରନ୍ତି । ମାତ୍ର ଯାହା ନଗ୍ନ ତାହା ପ୍ରାକୃତିକ; ପୁଣି ଯାହା ପ୍ରାକୃତିକ ତାହା ମନୋହର । ରସ ଉତ୍କର୍ଷ ପାଇଁ ଏହି ମନୋହାରିତ୍ୱ ଲେଖକର ସ୍ୱଭାବଜାତ ଶୈଳୀ ଉପରେ ନିର୍ଭର କରେ । ଲେଖକ—ଲେଖକ, ଲେଖା—ଲେଖା ଭିତରେ ପ୍ରଭେଦର ହେତୁ ଏହି ଶୈଳୀବିଳାସ ଅଟେ । ମୁଁ ସାମାଜିକ ଜୀବ । ଅତୀତରେ ମୋର ଉପରେ ପ୍ରତ୍ୟେକ ସବଳ ପ୍ରଭାବ ପଡ଼ିଅଛି । ସମାଜର ପ୍ରାଣୀ ହିସାବରେ କ୍ଷୁଧା, ଶୋଷଣ, ଅତ୍ୟାଚାର, ବ୍ୟାଧି ଓ ଯନ୍ତ୍ର ସମ ଅବଚେତନ ହିଂସା ପ୍ରତି ମୁଁ ବିମୁଖ ହୋଇ ନପାରେ । ମୁଁ ଯଦି ମୋର ଆତ୍ମାର ବାଣୀକୁ ପ୍ରକାଶ କରି ନପାରେ, କିମ୍ବା କରି ଏହି ପ୍ରକାଶମାନ ବାଣୀକୁ ଇତର ମନୁଷ୍ୟର ହୃଦ ତନ୍ତ୍ରୀରେ ଝଙ୍କୃତ କରି ନପାରେ, ତେବେ ମୁଁ ଆଜି ଯାହା ହୁଏତ ବାହିର କରି ତା ଲେଖକ ହୋଇ ପାରେ ନାହିଁ ।

'ଧୂପ'ରେ ଯେଉଁ ଆତ୍ମବାଣୀ ମୁର୍ଚ୍ଛିତ ହୋଇଥିଲା ତାହା ଚିରନ୍ତନ । ପ୍ରେମର ଚିହ୍ନଣ ଅଧମ ପ୍ରକୃତିର ଶବ ବିକାଶ ମାତ୍ର । ଏହାର ମରଣ ବା ଅବସାନ ଅସମ୍ଭବ । କିନ୍ତୁ ମୋର ଏତିକି ଦୁଃଖ ଯେ ଧୂପବାସ ତନିଅ ଗତପ୍ରତି ହଜିଏ ମୁଁ ହିଁ ଟେକିବାରୁ ଏପରି ଭାସ୍ଥିତି ହେଉଛନ୍ତି କାହିଁକି ? କବି କେବଳ ସଖୀମଣ୍ଡଳର ଉପାସକ ନୁହେଁ । ଯେଉଁ କଣ୍ଠରେ ସେ ସୁନ୍ଦରର ରୂପଶ୍ରୀର ଜୟଗାନ କରନ୍ତି, ସେହି ଉଦାତ୍ତ କଣ୍ଠରେ ବି ସେ ନିର୍ଯ୍ୟାତିତ, ଅତ୍ୟାଚାରିତ, ନିପୀଡ଼ିତ ପ୍ରାଣୀକୁଳର କାରୁଣ୍ୟମୟ ସଂଗୀତ ଗାନ କରନ୍ତି । କଳାର ଅନ୍ତର୍ନିହିତ ବାଣୀ କରୁଣ । ସେଥିପାଇଁ କରୁଣା ରସଶ୍ରେଷ୍ଠ ଅଟେ ।

ବାସ୍ତବତା ଓ କଳ୍ପନା—ସାହିତ୍ୟ ଓ କଳାର ଏହି ଦ୍ୱିବିଧ ଅଙ୍ଗ ନେଇ ବାଦାନୁବାଦ ହୋଇଥାଏ । କେତେକ ବାସ୍ତବପନ୍ଥୀ, କେତେକ ଆଦର୍ଶବାଦୀ, ପୁଣି କେତେକ କଳ୍ପନା ବିଳାସୀ । ମାତ୍ର ବାସ୍ତବତା କଳ୍ପନା ସହିତ ଜଡ଼ିତ; ପୁଣି କଳ୍ପନା ବାସ୍ତବତା ସହିତ ଓତପ୍ରୋତ । ଅଭିଜ୍ଞତା ଓ ସୂକ୍ଷ୍ମଦୃଷ୍ଟି, ମାନଦଣ୍ଡରେ ଯାହା ଆଜି କଳ୍ପିତ, କାଲି ବୋଧହୁଏ ତାହା ବାସ୍ତବ । ଆଜି ଜଣକ ପାଖରେ ଯାହା କଳ୍ପନା, କାଲି ଅନ୍ୟ ପାଖରେ ତାହା ବାସ୍ତବ । ଉଦାହରଣ ସ୍ୱରୂପ ମୋର 'ନଦୀପଦ୍ମ' ଗଳ୍ପର କଥା କହୁଛି । ଗୋଟିଏ ନିର୍ଜନ ଶ୍ମଶାନ ସନ୍ଧ୍ୟାରେ ମୋ ଆଖି ଆଗରେ ଗଳ୍ପଟିର କଙ୍କାଳସାର ଦେହ ଯାଇଛି । ଲେଖିକୁ ରୂପରେଖ ଦେବାରେ ଯେ କଳ୍ପନା କ୍ରୀଡ଼ା କରିନାହିଁ, ଏମନ୍ତ ନୁହେଁ । ମାତ୍ର ଅନେକ ଏହି ଗଳ୍ପଟିକୁ କପୋଳକଳ୍ପିତ ବୋଲି କହିଛନ୍ତି । ମୋ ଦୃଷ୍ଟିରୁ ଏ ଲେଖକଙ୍କର ଦୃଷ୍ଟିକୋଣ ଦେଖିଲେ ହୁଏ ଭିନ୍ନ ତାହା ଆପଣ ବୁଝୁଥିବେ । ତଥାପି ସେମାନଙ୍କୁ ମୁଁ ଏଥିପାଇଁ ଦୋଷୁନାହିଁ । ଆଜି ଯାହା କଳ୍ପିତ, କାଲି ତାହା ବାସ୍ତବତାରେ ପରିଣତ ହୋଇପାରେ । କିଏ ଜାଣିଥିଲା ୧୯୪୩ ଦୁର୍ଭିକ୍ଷରେ ବଙ୍ଗ ଓ ଓଡ଼ିଶାରେ ଖଣ୍ଡେ ପଇଁ ରୁଟି ପାଇଁ ମଣିଷ ଓ କୁକୁର ଭିତରେ ଟଣା ଓଟରା ଲାଗିଯିବ ? ଏ ତ ଆଉ କଳ୍ପନା ହୋଇ ରହିନାହିଁ ! ଏହା ସତ୍ୟ । ମାତ୍ର ଏହି ସତ୍ୟ ଘଟଣାକୁ ନେଇ ଯେଉଁ ଶିଳ୍ପୀ ଯେପରି ଭାବରେ ପ୍ରକାଶ (expression) ଦେଇପାରେ, ସେ ସେତିକି ସାଧୁବାଦ ପାଇଥାଏ ।

ତେଣୁ ଯେ ଯାହା ଲେଖନ୍ତୁ, ଅପୂର୍ବ ପ୍ରକାଶ ଭଙ୍ଗୀରେ ତାକୁ ସୁନ୍ଦର କରନ୍ତୁ । (୧) ସୌନ୍ଦର୍ଯ୍ୟ (୨) ଆନନ୍ଦ ସାହିତ୍ୟ ଓ କଳା ଏପରିକି ଜୀବନ ଦାବିର ଏ ଦୁଇଟି ହେଉଛି ମୌଳିକ ବସ୍ତୁ ସେଥିପାଇଁ ପୂର୍ବାଚାର୍ଯ୍ୟଗଣ ଏହି ଆନନ୍ଦକୁ ବ୍ରହ୍ମାନନ୍ଦ ସହିତ ମିଳନ କରାଇ ଅଛନ୍ତି ।

ଯୁଗର ଧାରା ନେଇ ଯୁଗ ସାହିତ୍ୟ ଗଠିତ ହେବ । ଏହାର ଗତିରୋଧ କରି ହେବନାହିଁ । ଓଡ଼ିଆ ସାହିତ୍ୟ ଜଡ଼ନ୍ତ ଓ ବର୍ଦ୍ଧିଷ୍ଣୁ-ମାଣ । ସୁତରାଂ ଯେଉଁମାନେ ଯୁଗୋପଯୋଗୀ ସାହିତ୍ୟ ସୃଷ୍ଟି କରୁଅଛନ୍ତି, ସେମାନେ ନିନ୍ଦନୀୟ ନୁହନ୍ତି । ଦେଖିବାର କଥା—ସୃଷ୍ଟି ତାଙ୍କର ମନୋଜ୍ଞ ଓ ଆନନ୍ଦମୟ ହେଉଅଛି କି ନାହିଁ ।

—— * ——

## କୁତୁକୁତୁ

ସଂପାଦକ ଲେଖିଲେ—ଗପ ଆବଶ୍ୟକ—ଯୁଦ୍ଧ ଗପ ନୁହେଁ—ଯୁଦ୍ଧ ଗପ ବଡ଼ ମରଣ୍ଡି ହେଲାଣି । ହଜିଏ ଅଗ ଧରଣ ଗପ ଆବଶ୍ୟକ—ସେଥିରେ ଟିକିଏ ଧର୍ମକଥା ଥିବ—ଟିକିଏ ପ୍ରେମ କଥା ଥିବ, ନାଟକୀୟ ଚମତ୍କାର ଥିବ, ଯୌନ ନିବେଦନ ଥିବ ଇତ୍ୟାଦି ।

ଲେଖକ ଯେଉଁ ଲେଖା ଦେଇଥିଲେ ତହିଁ ସବୁ ଆରମ୍ଭ—

"ହେ ସ୍ୱାମୀଦେବ !" ବିଧବା ରାଣୀ କହିଲେ—"ଆପଣ ବୈକୁଣ୍ଠ ଗଲାବେଳେ ବାରମ୍ବାର ମୋ ଅନ୍ତଃକୁ କଟିଲ କଟିଲ ଗୁହାରୁ ନାହିଁ ।"

ଏ ଗପ ପାଇଁ ସେ ପ୍ରଥମ ପୁରସ୍କାର ପାଇଥିଲେ ।

× + + +

ଶିଷ୍ୟ—"ସେ ତାସ ଖେଳଣୀ ନା ବୁଝୁଛ ?"

ଶିକ୍ଷକ—"ବୁଝୁଛି ।"

ଶିଷ୍ୟ—"ଆପଣ ଏତେ ଦରରୁ ଅର୍ଣ୍ଣିର ମାଇ ହେଲିଲେ କିପରି ?"

Digitized by srujanika@gmail.com





# କି କଲୁ ପାମର ଦଇବ

ଲେଖକ:— ଶ୍ରୀ କୁବେର ଦଳାଇ ବି. ଏ.

— ୧ —

ଯୁଦ୍ଧ ତ ସରିଲା
ସବୁ ମଜା ମଲା
ଜଳି ପୋଡ଼ି ଦୁଃଖ-ନିଆଁରେ ।
ଫାଟି ଯାଉ ଅଛି ହୃଦୟରେ ।
ତିନି ବରଷର ତଳେ ହସ ଖୁସି ମଉଜ
କେତେ ଠାଣି-ଠାଣୀ, ଗୀତ ନାଚ, ଭେଟଘାଟ ପଉଜ
କୋଠାଘର, ଗଦି ଶେଯ, [illegible] ଟେବୁଲ
ହରଦମ କାର୍-ମଟରରେ ଚଢ଼ା
ଓଃ ! ସେ କି ଅଡ଼ା !
ଗଲା ସବୁ ଉଡ଼ି ଚାଲି ।
ଛାଡ଼ପତ୍ର ଦେଇ ଏତେ ମଉଜକୁ
କହ, ତାହା କହ ସମ୍ଭବ ?
କି କଲୁ ପାମର ଦଇବ !

— ୨ —

ପିଅଣ୍ଟ ପିନ୍ଧା ଦେଖି
ପ୍ରିୟାର କଳା ଆଖି
ଦଗୁଣେ ଦେଉଥିଲା ପୀରତି ଢାଳି
ତେବେ ସେ ବାର ବାର
କହୁ ନା, "କି ସୁନ୍ଦର
ଦିଶୁଚ, ଅଛି କିଏ ତମଠୁଁ ବଳି ?
ଦୂରରୁ ଯୋତା ନାଦ
ଶୁଣାଇ ତମ ପାଦ
ଗଣନା ଉଠେ ଯେବେ ମୋ କାନେ ବାଜେ
ପ୍ରେମର ଢେଉ ଶତ
ବୁକୁରେ ମାରେ ନାଡ଼,
ସଜାଏ ଦେହ ମନ ମେନକା-ସାଜେ ।"

ଥରକୁ ଥର ତେବେ
ତାଙ୍କ ଗୃହିଣୀ ପାଖେ
ଚସାଣୁ ଥିଲା ମୋର ଉଡନ୍ତି ମନ
ସେ କଥା ମନେ ପଡ଼ି
ମୂର୍ଚ୍ଛନା ଛାଡ଼େ ଚଢ଼ି
ଖର ହୋଇ ବହଇ ନିଶ୍ୱାସ ପବନ ।

— ୩ —

ଦାନା କନା ଚିନ୍ତା ନ ଥିଲା ଏ ତିନି ବରଷ
ମଠ ବାସୀ ଶେଠ ପରି ଥିଲା ପ୍ରାଣ ସରସ ।
ଅଭ୍ୟାସ ପଡ଼ି ଯାଉଥିଲା ଅଜ ମୋଟକା
କୋଠା ମାଡ଼ ହେଉ ନ ଥିଲା ପାଦରେ ଉଠକା ।
ପାନ ଦୋକାନିଏ ହୋଇ ଯାଇ ଥିଲେ ପରଚ
ହାକିମି ଖଟାଇ ଉଠୁଥିଲା ତାଙ୍କ ଖରଚ
ଛାଡ଼ ପତ୍ର ଦେଇ ଏତେ ମଉଜକୁ
କହ ତାହା କହ ସମ୍ଭବ ?
କି କଲୁ ପାମର ଦଇବ !

— ୪ —

କେଉଁ ମୁହେଁ ଲୁଗା ଚିହ୍ନି ଗୁଲବଇଁ ବଜାରେ
ରିକ୍ସାବାଲାଏ ଅଟ୍ଟା କରି ଦେବେ ମଜାରେ ।
ଚଳାଇ ଟୋକାଏ ପିଣ୍ଡି କି ଅଟା ନ ଛାଡ଼ିବେ,
ଘଥା-ମାଡ଼େ ଘୋରେ ହାଡ ମାଉଁସକୁ ଦହିବେ ।
"ଅଡ଼େଇ ଟନକୁ ... ..." ରଡ଼ିସି,
କହୁ କିଏ, ଯେବ ମୁହିଁ ମୋଡ଼ି ସମ ବଅସୀ,
ସୁଖ ଗଲା, ଏତେ ଦୁଃଖ-ମାଡ଼ କି ଏ—
ଯନ୍ତ୍ର-ମାଡ଼ ସେ ସମ୍ଭବ ?
କି କଲୁ ପାମର ଦଇବ !

Digitized by srujanika@gmail.com

# କଳି ମହାଭାରତ

## ୨ୟ ପର୍ବ

### ( ୨ ମହାସମର ବୃତ୍ତାନ୍ତ )

ଲେଖକ—ଶ୍ୱେତଦ୍ୱୈପାୟନ ବ୍ୟାସ

( ପୂର୍ବ ପ୍ରକାଶିତ ଅଂଶରୁ )

ଏଥିରୁ ଅମର ସାକ୍ଷୀ ଇଉରୋପ ଜାତି,
ସମାନ ଭାବରେ ସର୍ବେ ଏ ମିତ୍ର ଅରାତି ।
ଜୟ ଜୟ ବୋଲ ଏବେ ବ୍ରିଟେନର ଜୟ,
ହିନ୍ଦୁ ମୁସଲମ ତାର ପାପ ହେଉ କ୍ଷୟ ।
ଏଥି ଅନ୍ତେ ଭୂମଧ୍ୟ ସାଗର ଅଭିଯାନ,
କଥାଶୁଣ ମନଦେଇ ବଡ଼ ବଡ଼ ସାନ ।
ନାସି କମ୍ୟା ପୁଞ୍ଜିତ ଯେ ତାଳ କମ୍ୟା ବୁଝ,
ଶାନ୍ତଭାବେ ଶୁଣ ଯେଣେ ନ ହୋଇଣ କ୍ଷୁବ୍ଧ ।
ଉଣାଇଶ ତେୟାଳିଶ ଜୁନ ନବମରେ,
ମିତ୍ରପକ୍ଷ ଅଭିଯାନ ଭୂମଧ୍ୟ ସାଗରେ ।
ପାନ୍ଟେଲେରିଆ ଲମ୍ପେଡୁସା ଲିନୋସାଦି ଦ୍ୱୀପ,
ପରାସ୍ତ ମାନିଲେ ମିତ୍ରପକ୍ଷର ସମୀପ ।
ସିସିଲି ଦ୍ୱୀପ ଯେ ଇଟାଲିର ସୁଦକ୍ଷିଣେ,
ଅଧିକାର କରିନେଲେ ମିଳିତ ସଇନେ ।
ମୁସୋଲିନୀ ଏ କାଳରେ କଲେ ପଦତ୍ୟାଗ,
ବୋଦୋଜିଓଙ୍କର ଶିରେ ବନ୍ଧା ହେଲା ପାଗ ।
ତାହାପରେ ସେପଟେମ୍ବର ତୃତୀୟ ଦିବସେ,
ମିତ୍ରପକ୍ଷ ସେନା ଇଟାଲିରେ ଯାଇ ପଶେ ।
ଆଠ ତାରିଖେ ଇଟାଲି ଅସ୍ତ୍ର ସମର୍ପଣ,
କରନ୍ତେ ଜର୍ମାନ ତେଣୁ କଲେ ଆକ୍ରମଣ ।
ମିତ୍ରଶକ୍ତି ଅକ୍ଷଶକ୍ତି ମଧ୍ୟେ ଘୋର ଯୁଦ୍ଧ,
ପୁଣି ରାଜଧାନୀ ରୋମ ହେଲା ଅବରୁଦ୍ଧ ।
ବହୁକାଳ ପରେ ରୋମ ହୋଇଲା ପତନ,
ବିଜୟୀ ମିତ୍ରଶକ୍ତିର ରହିଲାକ ପଣ,
ମୁସୋଲିନୀ ବନ୍ଦୀ ହୋଇ ଥିଲେ ଏକ ସ୍ଥାନେ,
ସ୍ୱେରକର ଘେନିଗଲେ ଅକ୍ଷ ନଭଯାନେ ।
ହିଟଲର ବୁଦ୍ଧି ବଳ କଉଶଳ କରି,
ବନ୍ଦୀକୁ ଗଞ୍ଜରେ ଚୋରି କରିନେଲେ ଧରି ।
ଏମନ୍ତେ କେତେକ କାଳ ଗଲା ଅତିବାହି,
ଉଣାଇଶ ଚଉରାଳିଶ ଅପ୍ରେଲ ଯେ ମାହି ।
ଅଣତିରିଶ ତାରିଖେ ଦେଶଭକ୍ତ ସେନା,
ଗୁଳିରେ ମୁସୋଲିନର ପ୍ରାଣ ନେଲେ ସେନା ।

ଏଥିଅନ୍ତେ ରୁଷ ଜରମାନ ଯୁଦ୍ଧ କାଣ୍ଡେ,
କହାଣୀକି ସଜ୍ଜନେ ଶୁଣ ଖଣ୍ଡେ ଖଣ୍ଡେ ।
ଉଣାଇଶ ଏକଚାଳିଶ ଜୁନ୍ ଯେ ବାଇଶ,
ଅଷ୍ଟମିଶ ପଞ୍ଚଚାଳିଶ ସାଲ ମଇ ଶେଷ ।
ଏ ଯୁଦ୍ଧର ବିବରଣ କରିବ ଶ୍ରବଣ.
ସତ୍ୟ ନ୍ୟାୟ ଧର୍ମଭେଯେ ହୋଇବ ପ୍ରବଣ ।
ଜୟ ପୁରୋଗର ଜାତି ଜୟ ସତ୍ୟ ସନ୍ଧ,
ନ୍ୟାୟରେ ଦୃଢ଼ ଦୃଢ଼ମ୍ ହୋଇଅଛି ଅନ୍ଧ ।
କଡ଼ା ହିଟଲର କଡ଼ା ଷ୍ଟାଲିନ, ଚର୍ଚ୍ଚିଲ,
ସ୍ୱାଧୀନତା ପାଇଁ ସର୍ବେ ପ୍ରାଣ ମୁରଛିଲେ ।
ପର ସ୍ୱାଧୀନତା ପାଇଁ ନେଲେ ଅସ୍ତ୍ର ଧରି,
କଳିଯୁଗେ କଲ୍କି ଅବତାର ଅବତରି ।
ନମସ୍ତେ ନମସ୍ତେ ପ୍ରଭେ ଶାନ୍ତି ବରଦାୟୀ,
ସେ ମହିମା ନଜାଣନ୍ତି ଜନେ ଶେଷଶାୟୀ ।

—※—

ଏକଚାଳିଶ ମସିହା ବାଇଶ ଯେ ଜୁନ,
ଶୁଣ କସ କସ କଲେ ଜରମାନ ହୁନ ।
ଅତର୍କିତେ ରୁଷ ଦେଶ ନେବାପାଇଁ ଜିଣି,
ଦୁଇଶତ ଡିଭିଜନ ଦୁର୍ଦ୍ଧର୍ଷ ସଇନ ।
ଘେନ ସେ ପନର ଶହ ମାଇଲକୁ ବ୍ୟାପି
ଆକ୍ରମଣ କରିଗଲେ କ୍ଷଣେ କ୍ଷଣେ କ୍ଷେପି ।
ଏକପାରେ ଅନେକ ଯେ ରୁଷୀୟ ସହର,
ଅଚିରେ କବଳ କଲା ଜରମାନବର ।
ତିନିଦିଗୁଁ ରୁଷ ଦେଶ ହୋଇଲା ଆକ୍ରାନ୍ତ,
ଜର୍ମାନ ହୋଇଲା ଏବେ ମହାପରାକ୍ରାନ୍ତ ।
ଉତ୍ତରେ ଲେନିନଗ୍ରାଡ ସହରର ମୁଖେ,
ଦକ୍ଷିଣ ଉକ୍ରେନରେ କିଏଭ ସ୍ଥାନେ ।
ପଶ୍ଚିମରେ ସ୍ମୋଲେନସ୍କର ପଥେ ମସ୍କୋ ଅଡ଼େ,
ମହାପରାକ୍ରମୀ ହୋଇ ଅକ୍ଷ ଶକ୍ତି ମାଡ଼େ ।
ରୁଷ ସୀମାନ୍ତରେ ଥିଲା ଷ୍ଟାଲିନଙ୍କ ବ୍ୟୂହ,
ଚାଲିଗଲା ହେଲା ଜରମାନୀ ଦଳ ସୁଅ ।
ମଧ୍ୟେ ମଧ୍ୟେ ବିଦ୍ୟୁତସମ ଯାନ୍ତି ଆଗେ ମାଡ଼ି,
ପୁଣି ଅଡ଼େ ଦିନ ଶାନ୍ତ ହୋଇ ଦାନ୍ତ ଛଡ଼ ।
ପୁଣି କ୍ଷେପି ଉଠି କରିଯାନ୍ତି ଆଗେ ଆଗେ,
କହିଲେ ଜର୍ମାନ ମିତ୍ର ଶତ୍ରୁ ଏହି ବାଟେ
ପନ୍ଦର ଜୁଲାଇ ଦିନ ସ୍ମୋଲେନସ୍କ ଦଖଲ,
ରୁଷିଆର ଏବେ ହେଲା ଦୁର୍ଦ୍ଦିନ ଅକଳ ।
ଦୋହଡ଼ଏ ତାରିଖେ ନିଜେ ଷ୍ଟାଲିନ ତାହାର,
ଛଗୁରିଲେ ଉପର ନ ଯାଉ ରୁଷ ହାର ।
ନିଜେ ନିଜେ ଶାସନର ଡୋରାଧରି ହାତେ,
ଚଳାଇଲେ ଯୁଦ୍ଧ ଚତୁର୍ଦ୍ଦିଗେ ଅଚିରତେ ।
ତେଣୁ ଯେ ଯୁଦ୍ଧର ସ୍ରୋତ ନେଲା ଅନ୍ୟଗତି,
ତଥାପି ଜର୍ମାନ ଜୟ ନୋହିଲା ବିରତି ।
କୃଷ୍ଣ ସାଗର କୂଳେ ଓଡ଼େଶା ବନ୍ଦର,
ଜରମାନ ରୁମାନିଆ ଦୁହେଁ ଧୁରନ୍ଧର ।
ଦୁଇଦିନ ମାତ୍ର ଅଧିକାର କଲେ ଯାଇଁ,
ଓଡ଼େଶା ଛଡ଼ିଲ ଭାବ ରଣ ଦେ ଗୋସାଇଁ ।
ଅନ୍ୟଦିଗେ ଫିନଲେଣ୍ଡ ବାହିନୀ ସହିତେ,
ଜରମାନ ମାଡ଼ିଗଲେ ପୃଥ୍ୱୀ ଅହିତେ ।
ଲେନିନଗ୍ରାଡ୍କୁ କଲେ ବିପଦ ଆପନ,
ଶୁଣ ଶୁଣ ସଜ୍ଜନେ ଦେଇ ମନ କର୍ଣ୍ଣ ।
ଜର୍ମାନ ସେନାର ଏହି ଦୁର୍ବାର ବିଜୟ,
ଦେଖିଣ ଜଗତବାସୀ ପାଇଲେକ ଭୟ ।
ଏବେ ଏବେ କହୁ ବଡ଼ ପ୍ରସିଦ୍ଧ ସହର,
ପତନ ହୋଇଲା ହସ୍ତ ଜରମାନଙ୍କର ।
ନେପ୍ରପେଟ୍ରୋଭସ୍କ ନାମ ଇସ୍ପାତ ନଗରୀ,
ନେଲେ ତାହା ଜରମାନ ଦଜାଯୁଦ୍ଧ କରି ।
ଅଗଷ୍ଟ ମାସର ଶେଷେ ଯୁଦ୍ଧ ହେଲା ଘୋର,
ଜରମାନ ନେଲା ନଭଗୋରଡ଼ ନଗର ।
ଲେନିନଗ୍ରାଦରୁ ମସ୍କୋ ଥିଲା ରେଳ ପଥ,
ତାକୁ ସେ କାଟିଲେ ଖଣ୍ଡ କରି ଶତ ଶତ ।
ତେଣେ ଲଡ୍ଗୋ ହ୍ରଦର ପୂର୍ବ ପଶ୍ଚିମେ,
ଫିନୀୟ ବାହିନୀ ଘେରିଗଲେ ଦୁଇ ସୀମେ ।
ଲେନିନଗ୍ରାଡ୍କୁ ନରହିଲା ସ୍ଥଳ ପଥ,
ରୁଷୀୟ ସଇନେ କଲେ ଜୀବନ ଶପଥ ।
ସତର ସେପ୍ଟେମ୍ବରରେ କିଏଭ ଦଖଲ,
କରି ଜରମାନୀ ରୁଷେ କଲେ ବଲ ବଲ ।
ତେଣେ ନିପର ନଦୀକି କରି ଅତିକ୍ରମ,
କ୍ରିମିଆକୁ ମାଡ଼ି ଚାଲିଗଲେ ଯମସମ ।
ଖାରକଭ୍ ମୋଜାକରେ ହୋଇ ଉପନୀତ,
ସ୍ଥଳପଥ ଯାତାୟାତୁଁ କରିଲେ ବଞ୍ଚିତ ।

( କ୍ରମଶଃ

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଅଞ୍ଚଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ତଥା ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଡଗର'ର ମାଧ୍ୟମରେ ପଞ୍ଚ ନେମନ୍ତ-ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭୂମି ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା, ସାହସ ଓ ଅହିଂସା ଆଦର୍ଶରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ ବର୍ଷରୁ ନିମ୍ନ ବାଳକ ବାଳିକାମାନଙ୍କ ପାଇଁ)

## ଅଜାଙ୍କ କଥା -

ନାଗମାନେ ତାଙ୍କର ଜନ୍ମ ତାରିଖ ପଠେଇବାରେ ଭୁଲ କରୁଛନ୍ତି । ଅନେକଙ୍କର ମିଳ ନାହିଁ, ଯାହା ମିଳିଛି ତାହା ଭୁଲ ବନି । ନିର୍ଦ୍ଦେଶ ଥିଲା ଏହି ସେପ୍ଟେମ୍ବର ମାସ ଶେଷ । ଯେଉଁ ମାନେ ତାଙ୍କର ଜନ୍ମ ତାରିଖ ନ ଜଣେଇବେ ସେମାନେ କୌଣସି ପ୍ରକାର ପ୍ରତିଯୋଗିତାରେ ଯୋଗଦେଇ ପାରିବେ ନାହିଁ—ଏଣିକି ପ୍ରତିଯୋଗିତା ପଠାଇଲା ବେଳେ ନିଜର ନାଗ ନମ୍ବର ଓ ଜନ୍ମ ତାରିଖ ଓ ଠିକଣା ଲେଖିବେ ।

ଗୋଟିଏ ବଡ଼ କଥା । ଅନେକଙ୍କର ଧାରଣା ଯେ ନାଗହେଲେ 'ଡଗର'କୁ ଲେଖା ପଠେଇ ପାରିବେ । ସେଇ ଯୋଗୁ ଅନେକ ବୟସ୍କ ଲୋକ ଏମିତିକି ଅଫିସର, ଦୁଇତିନି ନାଗ ହେବାକୁ ଆମ ଅଫିସକୁ ଲେଖୁଛନ୍ତି । ସେମାନଙ୍କୁ ଆମେ ଜଣେଇ ଦେଉଛୁ କି 'ନାଗଚକ୍ର' ଆନ୍ଦୋଳନ କେବଳ ୧୮ ବର୍ଷ ଏବଂ ତଦ୍‌ନିମ୍ନ ବୟସର ପିଲାଙ୍କପାଇଁ । ନାଗ ହେଲେ (ପୁରାତନ ମଧ୍ୟ) କେବଳ ନାଗ ବିଭାଗ ପାଇଁ ଲେଖି ପାରିବେ । ଅନ୍ୟ ମାନଙ୍କର ଲେଖା ନାଗ ବିଭାଗରେ ପ୍ରକାଶ କରିବା ସଂପାଦକଙ୍କ ଇଚ୍ଛା ଉପରେ ନିର୍ଭର କରେ । ତେବେ ସାଧାରଣତଃ ନାଗମାନଙ୍କ ଲେଖା 'ନାଗ' ବିଭାଗରେ ପ୍ରକାଶ ପାଇବ ।

—❊—

## କବିତା ପ୍ରତିଯୋଗିତା

୭ମ ସଂଖ୍ୟା 'ଡଗର'ରେ ଶ୍ରୀମତୀ ପାର୍ବତୀ ପାଢ଼ି ଅଣିଥିବା 'ଗୋପବନ୍ଧୁ' କବିତା ପାଇଁ ଯେଉଁ ପୁରସ୍କାର ଘୋଷଣା କରି ଯାଇଥିଲା—ସେଥିପାଇଁ ଅନେକ କବିତା ମିଳିଛି । ସେଥି ମଧ୍ୟରୁ ଚାରି ଜଣଙ୍କର କ୍ରମରେ ଉତ୍କୃଷ୍ଟ ବିବେଚିତ ହୋଇଛି ।

ପ୍ରଥମ—ଶ୍ରୀ ନାରାୟଣଚନ୍ଦ୍ର ନାୟକ ୪୨୫ ନଂ
ଦ୍ୱିତୀୟ—ଶ୍ରୀମାନ ଗଜେନ୍ଦ୍ର ନାଥ ଦାଶ ୬୨୪ ନଂ
ତୃତୀୟ—ଶ୍ରୀ ନନ୍ଦ କିଶୋର ପଟେଲ ୭୦୨ ନଂ
ଚତୁର୍ଥ—ଶ୍ରୀ ଶୁକଦେବ ବ୍ରହ୍ମା—

ଶ୍ରୀ ନାରାୟଣଚନ୍ଦ୍ର ନାୟକ ପୁରାତନ ନାଗ ଥିବାରୁ ପୁରସ୍କାରଟି ତାଙ୍କୁ ନ ମିଳି ଶ୍ରୀମାନ ଗଜେନ୍ଦ୍ର ନାଥ ଦାଶଙ୍କୁ ମିଳିଲା ।

### ଗୋପବନ୍ଧୁ

ମର୍ମର ବାଣୀ ପାଷାଣ ବୁକର ବେଦନା ଯେ ଉଠେ ବହି ଏ,
ମଣ୍ଡପରେ କିଏ ଜିଏ ?
କୋଟିଏ ସନ୍ତାନ ଜନ୍ମ ମାଟିର ଉଠେ ଯା'ରେ ଡାକନ୍ତି,
ସୌମ୍ୟ ମୂର୍ତ୍ତି ଯା'ର ପ୍ରତି ଦୁଆରେ ଫୁଟେ ହସି, କାନ୍ଦି, ଦଣ୍ଡି ଦଣ୍ଡି ।
ମୃତ୍ୟୁପାରେ କିଏ ତାଙ୍କରି ପାଇଁ ଜନନୀ ପ୍ରଶାନ୍ତ କୋଳ;
ଅଗଣିତ ହେବେ, ଅବସାଦ କରେ ?—ହୃଦୟରୁ ଅନ୍ତରୁ ।
ଜୀବନର ପଥ କୁ ବା ମଧ୍ୟେ ଉଠେ ଯେ 'ବ୍ୟଥାର ଗାନ',
ମୂକ ସାକ୍ଷୀ ଥିଲେ ସ୍ୱଗାର୍ଣ୍ଣ ଯା'ଙ୍କ ସ୍ମରଣ କରେ ଦବାକଣି ଗାନ ।
ସେହି ସେହି ଗୋପବନ୍ଧୁ
'ଜଗନ୍ନାଥଙ୍କ' ହସ୍ତି ଯାହାର—ସଜନଗନର ବନ୍ଧୁ ।
ମାଟିର ହତ୍ୟେ ଗଢ଼ାହେଲ ଯାର ସତେକି ଅନ୍ତଃପୁର;
(ସେ) ଦେବତା ଥିଲେ ମାଟି ଭିକାରିଙ୍କ ବାହୁପାଶେ ବନ୍ଦେ ଦୂର ?
ଦୁନିଆର ଶତ ଅବଜ୍ଞା ମଧ୍ୟେ ବଢ଼େ ଯେ କମଳ ସୃଷ୍ଟି,
ଜନନୀ କର ଋଣି ପାରେନା ତାହାଙ୍କୁ କାହାର ଦୂରଦୃଷ୍ଟି ?
ସାମ୍ୟର ବାଣୀ ହାତେ ଯା'ର ଅଟେ ଫଳ ଫଳ ଉଡ଼ିଥିଲ,
ଜନନୀ ସେବାରେ ଯାହାର ଉତ୍ସର୍ଗିତ ପୁଷ୍ପିତ ଯୌବନ ଗନ୍ଧ ।
ସେହି ସେହି ଗୋପବନ୍ଧୁ—
ଭୂଇଁପାରେ କରେ ବରଦ ଉଜ୍ଜ୍ୱଳ—ଏକଜନର ବନ୍ଧୁ ।
ମରେ ନାହିଁ, ମରି ପାରେ ନାହିଁ ସେଯେ, କାହାର ମରଣ—?
କୋଟି କୋଟି କଣ୍ଠ ତାହା'ପାଇଁ ଉଠେ କରୁଣ ଅର୍ଘ୍ୟରେ ।
ମାଟିଦେହ ତା'ର ମିଶିଛି ମାଟିରେ, ଗୌରବେ ସେ ଗରୀୟାନ,
ଜୀବନର ହୋ ନଯନ୍ତୁ ତାକୁ, ସାର ବଥର ଧ୍ୟାନ ।
ମୃତ୍ୟୁପାରେ କେବେ ରହିପାରେ ସେଯେ ବରଦ ଉଜ୍ଜ୍ୱଳ ଭୂଇଁ;
ଶତ ଲେଲିହାନ ଶିଖା ଅଗ୍ନି ଅସିବ ସେ ପଥ ଠେଲି ।
ସେହି ସେହି ଗୋପବନ୍ଧୁ
ତଣାଏ ପ୍ରଣତ, ପ୍ରାଣ ଅବେଗେ—ଜନଗଣର ବନ୍ଧୁ ।

ଶ୍ରୀମାନ ଗଜେନ୍ଦ୍ରନାଥ ଦାଶ ୬୨୪ ନଂ ନାଗ
ବାଲିକୁଦା ହାଇସ୍କୁଲ, ୧୧ଶ ଶ୍ରେଣୀ, ପୋ: ବାଲିକୁଦା, ଜି: କଟକ ।

—❊—

## ଅଜାଙ୍କ ଉତ୍ତର

ପ୍ରଫୁଲ୍ଲଚନ୍ଦ୍ର ରଥ (୭୨୩) ସ୍ୱାମୀ ନାଗ ଯାହାଁ ଲେଖା ଯେ କୌଣସି ସମୟରେ ଫେରାଇ ପାର । ପ୍ରତାପ ଚନ୍ଦ୍ର ପରିଡ଼ାଙ୍କ ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ଦୁଇଜଣଙ୍କଠାରୁ ମିଳିଛି—ତୁମେ ମଧ୍ୟ ଚେଷ୍ଟାକର । ସମସ୍ତ 'ଦଶଙ୍କ' ପର୍ଯ୍ୟନ୍ତ ବଢ଼ାଇ ଦିଆଗଲା ।

ରାମଚନ୍ଦ୍ର—(୬୧୨) ତମ ଚିଠି ପାଇଛି । ସେଥିର ପ୍ରସ୍ତାବ ଭୂତଳ ବସ୍ତୁରଣୀଙ୍କୁ, ସମ୍ପାଦକ ବର୍ତ୍ତମାନ ହାତେ ବଦଳାଇବା ପାଇଁ

Digitized by srujanika@gmail.com

ପାଟଣାରେ—ତୁମରଠାରୁ ଢେର ଅଛି । ଆସିଲେ ଯାଞ୍ଚିବା ।

ଚକ୍ରଧରପ୍ରଧାନ ( ୫୦୭ ) ତମ ଚିଠି ଆସିବ ପ୍ରକାଶ ପାଉଛି—ଆଉ ପ୍ରକାଶ ପାଇବ ନାହିଁ । ତମ ନାଗ ନମ୍ବର ଯାହାଥିଲା ସେଇଆ ରହିଲା । ସବୁ ନାଗବନ୍ଧୁଙ୍କର ନାମ ଯଥା କ୍ରମରେ ପ୍ରକାଶ ପାଇବ । ସେଠାରେ ନାଗ ସଙ୍ଘ ଗଢ଼ୁଛ ଶୁଣି ଖୁସି ହେଲୁ । ପ୍ରତ୍ୟେକ ଜାଗାରେ ଏହିପରି ସଙ୍ଘମାନ ଗଢ଼ି ଉଠିଲେ ଆମେ ଅନେକ ଆଗେଇ ଯିବା ଓ ପ୍ରତ୍ୟେକ ଭିନ୍ନ ଭିନ୍ନ ଜାଗାରେ ସମ୍ମିଳନୀ ଡାକିବାର ଚେଷ୍ଟା କରିବା ତମର ଉଦ୍ୟମ ପ୍ରଶଂସନୀୟ

ମୁରଲି ମୋହନ ( ୫୩୫ ) ଓ ଚନ୍ଦ୍ରଶେଖର ( ୭୧୫ ) ତମ ମାନଙ୍କ ପ୍ରଶ୍ନ ପ୍ରକାଶ ଯୋଗ୍ୟ ନୁହେଁ ।

ରାମଚନ୍ଦ୍ର ପାଣି—ତମ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ । ତମେ ନାଗ ହୋଇ ପାରିବ ନାହିଁ ।

ଶ୍ରୀ ରବୀନ୍ଦ୍ରନାଥ ମହାନ୍ତି ( ଜଗତ ହାଇସ୍କୁଲ )—ଆଉ ଏକ ଅଣାର ଡାକ ଟିକଟ (ଟେଲିଗ୍ରାମ ଷ୍ଟାମ୍ପ ନୁହେଁ) ପଠାଅ । ନାଗ ଚିହ୍ନ ବାହି ଦୁଇ ଅଣା ହୋଇଛି । ତମ ଡାକଘର ପଠାଇବାକୁ ଭୁଲିବ ନାହିଁ ।

ନନ୍ଦକିଶୋର ( ୭୦୨ )—ତମେ ପୁରାତନ ନାଗ ଭିତରେ ଗଣ୍ୟ—ଅବସର ବିନୋଦନରେ ନାମ ଛପାଇବା ପାଇଁ ଧନ୍ୟବାଦ ।

ରାମପ୍ରସାଦ (୫୭୨)—'ଡଗର' ସମ୍ପାଦକର—କେବଳ ନାଗଙ୍କ ପାଇଁ ବିଶେଷ ସଂଖ୍ୟା ବାହାର ପାରିବ ନାହିଁ । କାଗଜ ଶସ୍ତା ହେଲେ ଆମେ ନାଗ ବିଭାଗର କଲେବର ବଢ଼ାଇବୁ ।

—*—

## ଅବସର ବିନୋଦନ ଉତ୍ତର

୭ମ ସଂଖ୍ୟାରେ ଯେଉଁ ଅବସର ବିନୋଦନଟି ବାହାରିଥିଲା ତା'ର ଉତ୍ତର "ସରସ୍ୱତୀ ।"

ନିମ୍ନଲିଖିତ ନାଗମାନଙ୍କର ଉତ୍ତର ଠିକ ହୋଇଛି ।—୭୨୨, ୭୦୯, ୫୩୫, ୫୯୦, ୭୧୫ ଓ ୭୧୬ ।

## ନାଗଙ୍କ ପ୍ରଶ୍ନ

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ଶ୍ରୀ ମହେଶ ପ୍ରସାଦ ମହାନ୍ତି ସମ୍ବଲପୁର କଲେଜ, ପଚାରିଛନ୍ତି ।

୧ । ଜାପାନର ପ୍ରଧାନ ମନ୍ତ୍ରୀ କିଏ ?

୨ । ହିନ୍ଦୁ ମହାସଭା, କଂଗ୍ରେସ ଏବଂ ମୁସଲିମ ଲିଗ୍‌ର ସାଧାରଣ ସମ୍ପାଦକ (General Secretary) ମାନଙ୍କ ନାମ ଯଥାକ୍ରମେ ଲେଖ ।

୩ । ଓଡ଼ିଶାର ଜଣେ ବିଶିଷ୍ଟ କଂଗ୍ରେସ ଏବଂ ଜଣେ ବିଶିଷ୍ଟ କମ୍ୟୁନିଷ୍ଟ (Communist)ଙ୍କ ନାମ ଦିଅ ।

୪ । ବମ୍ବେ ଏବଂ ବଙ୍ଗଳାର ଲାଟ କିଏ ?

୫ । ଚୀନର ପ୍ରଧାନ ମନ୍ତ୍ରୀଙ୍କ ନାମ କଅଣ ଏବଂ ଚୀନର କମ୍ୟୁନିଷ୍ଟ ଦଳର ନେତା କିଏ ?

୬ । ଦୁଇଜଣ ଓଡ଼ିଆ ଜଣାଣ ବିଶିଷ୍ଟ ବାଦକଙ୍କ ନାମ ଦିଅ ।

୭ । ଆଧୁନିକ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ଲେଖକ କିଏ ?

୮ । ଗତ ଦ୍ୱିତୀୟ ଯୁଦ୍ଧ ମହାସମର ଠିକ୍ କେବେ ଆରମ୍ଭ ହେଲା ।

୯ । ଆମେରିକାର ବୈଦେଶିକ ମନ୍ତ୍ରୀ କିଏ ?

## ଅବସର ବିନୋଦନ

୩୦

| | | |
|---|---|---|
| | | ୧୨ |
| | | |
| ୮ | | |

ଯେ କୌଣସି ପଟୁ ମିଶାଇଲେ ୩୦ ହେବ । ୨ଠାରୁ ୧୮ ମଧ୍ୟରେ ସଂଖ୍ୟା ଗୁଡ଼ିକ ଏଠାରେ ବସାଯାଇ ପାରେ ।

ଶ୍ରୀ ଗୌରଙ୍ଗ ଚରଣ ମହାନ୍ତି (୭୧୬ ନାଗ)

## ପ୍ରତିଯୋଗିତା

୮/ ସାମନ୍ତ ଚନ୍ଦ୍ରଶେଖର ବିଷୟରେ ଉତ୍କୃଷ୍ଟ କବିତା ପାଇଁ ଶ୍ରୀମତୀ ପ୍ରିୟମ୍ବଦା ପାଢ଼ୀ ଅଣି ଟ ୨୮ ପୁରସ୍କାର ଘୋଷଣା କରିଅଛନ୍ତି । କବିତା ଗୁଡ଼ିକ ତା ୧୨ ଋଖ ଅକ୍ଟୋବର ପୂର୍ବରୁ ଆମର ହସ୍ତଗତ ହେବା ଦରକାର ।

—*—

## ନୂଆ ନାଗବନ୍ଧୁଙ୍କ ନାମ

୭୨୮ । ଶ୍ରୀ ସତ୍ୟନାରାୟଣ ଦାସ, M. R. H. E. School, Class XI. P. O. Sorepur Raj । ୭୨୯ । ଶ୍ରୀ ନବଘନ ଜେନା, (ଅଗଚନ) ରଣୀହାଟ ହାଇସ୍କୁଲ ଏକାଦଶ ଶ୍ରେଣୀ, ରାଜନଗର ଗଞ୍ଜ, କଟକ । ୭୩୦ । ଶ୍ରୀ ସୁରେନ୍ଦ୍ରନାଥ ବେହେରା, ମୁଃ ବାଙ୍କପଡ଼ା, ପୋଃ ପଟ୍ଟାମୁଣ୍ଡେଇ, କଟକ ।

୭୩୧ । ଶ୍ରୀ ଭଗବାନ୍ ସିଂହ, ୭ମ ଶ୍ରେଣୀ ।

୭୩୨ । ଶ୍ରୀ କରୁଣାକର ମହାନ୍ତି, ୭ମ ଶ୍ରେଣୀ ।

୭୩୩ । ଶ୍ରୀ ଲୋକନାଥ ମୂର୍ତ୍ତି, ୭ମ ଶ୍ରେଣୀ ।

୭୩୪ । ଶ୍ରୀ ଲକ୍ଷ୍ମଣ ପ୍ରସାଦ ସିଂହ, ୭ମ ଶ୍ରେଣୀ ।

୭୩୫ । ଶ୍ରୀ ଗଜାନନ୍ଦ ରାଉତ, ୭ମ ଶ୍ରେଣୀ ।

୭୩୬ । ଶ୍ରୀ ଦିବାକର ଧୀର, ୭ମ ଶ୍ରେଣୀ ।

୭୩୭ । ଶ୍ରୀ ନୀଳମଣି ରଥ, ୭ମ ଶ୍ରେଣୀ ।

୭୩୮ । ଶ୍ରୀ ରଘୁନାଥ ପଣ୍ଡା, ୭ମ ଶ୍ରେଣୀ ।

୭୩୯ । ଶ୍ରୀ ପ୍ରଭାକର ଜେନା, ୭ମ ଶ୍ରେଣୀ ।

ଜେନାପୁର ମି: ଇ: ସ୍କୁଲ । P. O. Jenapur. Dist— Cuttack, Orissa.

Digitized by srujanika@gmail.com

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ରୋଗ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରେଲା ବ୍ୟବହାର କଲେ ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ **ଆରୋଗ୍ୟ** ହୁଏ । ବୃହତ୍ ଓ ଶକ୍ତ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଆଧୁନିକ ଜଗତରେ **"ପାଇରେଲା"** (ରେଜିଷ୍ଟର୍ଡ଼) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୧।୵୰ (ପ୍ରତି ଶିଶି)

**'ଅନନ୍ତରସ'—ସାଲସା** ଅଦ୍ଭୁତ ବଳ ବୃଦ୍ଧି କାରକ ଓ ରକ୍ତ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍‌ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍ କଲିକତା ।

ପ୍ରାପ୍ତିସ୍ଥାନ: – ମନମୋହନ ବୁକ୍‌ସପ୍

ନଂ ୧୩୭ । ୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।

---

# ବ୍ୟାଙ୍କ ଅବ୍ କାଲ୍‌କାଟା ଲିମିଟେଡ୍

ଭାରତର ଏକ କ୍ରମ-ବର୍ଦ୍ଧିଷ୍ଣୁ ଜାତୀୟ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ

**କାର୍ଯ୍ୟକାରୀ ପାଣ୍ଠି—ପ୍ରାୟ ଦେଢ଼କୋଟି ଟଙ୍କା** ଅଦାୟୀକୃତ ଓ ମହଜୁତ ତହବିଲ – ପ୍ରାୟ ଅଠଲକ୍ଷ ଟଙ୍କା

ଭାରତର ମୁଖ୍ୟ ସ୍ଥାନ ଏବଂ ଓଡ଼ିଶାର ବିଶିଷ୍ଟ ସହର କଟକ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ପ୍ରଭୃତିରେ ଶାଖାମାନ ରହିଛି ।

**ହେଡ଼ ଅଫିସ**—ନଂ ୩ ମ୍ବର ମେଙ୍ଗୋଲେନ୍ କଲିକତା

---

## ଉତ୍କଳ ଯାଦବ ଛାତ୍ରାବାସ-ଭଦ୍ରକ ।

# କୃତଜ୍ଞତା ଜ୍ଞାପନ

ଚଳିତ ସନ ୧୯୪୫ ପରୀକ୍ଷାରେ ଗୁହିବାଲି ମାଇନର ସ୍କୁଲରୁ ଉଚ୍ଚବାସ ବୃତ୍ତିପ୍ରାପ୍ତ ଗରିବ ଛାତ୍ର ଶ୍ରୀମାନ ଜୟଦେବ ପଲ୍ଲାଇ, ଅର୍ଥାଭାବରୁ ଏପର୍ଯ୍ୟନ୍ତ ପଢ଼ିପାରୁ ନ ଥିଲେ । ଉପରୋକ୍ତ ଛାତ୍ରାବାସର ଉଦ୍ୟୋକ୍ତାଗଣ ଏ ସମ୍ବାଦ ପାଇ ସମସ୍ତ ଖର୍ଚ୍ଚ ଅଗ୍ରିମ ବହନ କରି ଶ୍ରୀମାନ ଜୟଦେବଙ୍କୁ ଭଦ୍ରକ ହାଇସ୍କୁଲରେ ତା ୨୫।୮।୪୫ ରିଖରେ ନାମ ଲେଖାଇ ଦେଇ ଅଛନ୍ତି ଓ ମାସିକ ଦଶଟଙ୍କା ହିସାବରେ ସ୍ୱତନ୍ତ୍ର ବୃତ୍ତି ଉକ୍ତ ଅନୁଷ୍ଠାନ ପକ୍ଷରୁ ସ୍ଥାୟୀଭାବରେ ତାହାଙ୍କୁ ମଞ୍ଜୁର କରାଯାଇଅଛି । ଏହି ମହତ୍‌ଦାନପାଇଁ ଉକ୍ତ ଅନୁଷ୍ଠାନର ମୁଁ ଜଣେ ସ୍ୱେଚ୍ଛା ସେବକ ଭାବରେ ଦାତାମାନଙ୍କ ନିକଟରେ ସଭକ୍ତି କୃତଜ୍ଞତା ଜ୍ଞାପନ କରୁଅଛି । ଇତି ।

**ଶ୍ରୀ କୃଷ୍ଣଚନ୍ଦ୍ର ପରିଡ଼ା ।**

ଛାତ୍ର – ସ୍ୱେଚ୍ଛାସେବକ (ଭଦ୍ରକ ହାଇସ୍କୁଲ)

Digitized by srujanika@gmail.com

ସୁପ୍ରଭା ସ୍ନୋ

ଚମକାଏ ଅନନର
ରମଣୀୟ ପ୍ରସାଧନ

ନିତ୍ୟ ବ୍ୟବହାର
ଫଳରେ ଦେହ ମଣ୍ଡଳ-
ରେ ଅପୂର୍ବ ଶ୍ରୀ
ବିକଶିତ ହୁଏ ।




କୋଣାର୍କ କେମିକ୍ୟାଲ୍ ଏଣ୍ଡ ବିଉଟି ପ୍ରଡକ୍ଟସ୍
ଇଣ୍ଡିଆ ।

---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

**ପାୟୋନିଅର୍ କମର୍ସିଏଲ୍ ବ୍ୟାଙ୍କ୍ ଲି:—**

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ—** ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନୂଆଦିଲ୍ଲି, ନାଗପୁର । ସ୍ୱା—ପି. ଏନ୍: ରାୟ୍ ଚଉଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୯ ଜମା ଦେଲେ ୩ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୫ ୨୭୦ ଙ୍କା ପାଇବେ


---

Printed & published by G. C. Mahapatra at the Gopinath Press, Bhadrak. 1945.
Digitized by ...ika@gmail.com

୯ମ ବର୍ଷ—୯ମ ସଂଖ୍ୟା
ଗାନ୍ଧି-ଜୟନ୍ତୀ ସଂଖ୍ୟା
ଆଶ୍ୱିନ୍ୟ—ପ୍ରଥମାର୍ଦ୍ଧ

# ଡଗର







ଦଳିତ ସେବାର ବ୍ୟସ୍ତ ଯା' ବେନି କର,
ପତିତର ପାଦେ ସଦା ନତ ଶିର ଯା'ର,
କୋଟି କଙ୍କାଳର ଅନ୍ତର ଜ୍ୱାଳା ବହ୍ନି,
ଦହୁଡ଼ି ଜାଳେ ଯେ ଅଲେକ ଏ ସାରା ମହୀ,
ମାଙ୍ଗଳିକ ତା'ର ଗାଏ ଆଜ ବିଶ୍ୱଜନ,
ଶତ ମୁଖୁଁ ଉଠେ ଘନ ଘନ ଶଙ୍ଖସ୍ୱନ ।

ଗୌରଚନ୍ଦ୍ର ।

ବାର୍ଷିକ ତିନିଟଙ୍କା ଆଠଅଣା
ପ୍ରତିଖଣ୍ଡ ଦୁଇଅଣା
ଷାଣ୍ମାସିକ ଦୁଇ ଟଙ୍କା

Digitized by srujanika@gmail.com

# MATRIC MANUAL.

A Series in four parts, presenting **six years University Questions** ( Final & Supplimentary ) with answers Easy Intelligent and Convincing.

PART I—Mathematics :—Best help in absence of qualified experienced teachers. Methods easy and attractive to overcome difficulties. Price – Rs. 1-8

PART II—Geography :—Both physical and political portions represented in details with the help of diagrams wherever necessary. One of the greatest, useful and attractive features of the book is the **systemetic arrangement of facts**.

PART III—English :—Up-to-date and lively answers in simple **idiomatic English.** Best help to learn and write English. **Originality**—highest factor, plays an important part in **Essays and grammatical** portions. Price—1-8

PART IV—History :—Under preparation.

---

ଗଳ୍ପର ତରଙ୍ଗ ଭଙ୍ଗୀରେ
ସହସ୍ର ରଙ୍ଗିନ ଛବି
**ଅଧ୍ୟାପକ ରାଜକିଶୋର ରାୟଙ୍କର**
**ନୀଳ ଲହରୀ**
**ପଢ଼ନ୍ତୁ !**
ଛନ୍ଦ ଗଳ୍ପର ନୂଆ ଶୈଳୀ
ଭାବ ଧାରାର ନବ ପ୍ରସ୍ରବଣ
**ମୂଲ୍ୟ—ଟ ୧ ୲**

ଖାଦ୍ୟ ଖାଦ୍ୟ ଚିତ୍କାର କଲେ କ'ଣ ଖାଦ୍ୟ ମିଳିବ ?
ଅଚମ ଖାଦ୍ୟ ଖାଇ ମଧ୍ୟ ଉପବାସ କରନ୍ତି
ଡାକ୍ତର **ଗୋପାଳ ପଟ୍ଟନାୟକଙ୍କର**
**ଜାତୀୟ ଖାଦ୍ୟ**
କହେ —
ଅପଣ ତୁଚ୍ଛ ବୋଲି କହି ଯାହା ଘୃଣା କରନ୍ତି
**ତା'ର ମୂଲ ଅକଳନ୍ତା**
ଅପଣ ଭଲ ବୋଲି ଯାହାକୁ ଅଦରନ୍ତି
ସେ ଅପଦାର୍ଥ ।
**ମୂଲ୍ୟ— ଟ ୧ ।**

---

N. B. Please ask for the books first to your nearest bookseller and then if necessary place orders with some advance.

Published at
**KRUSHNA BHANDAR**
Chaudhury Bazar
CUTTACK.


---


ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର;** ପରିଚାଳନା ସମ୍ପାଦକ; — **ଶ୍ରୀ ରାଇମୋହନ ଦାସ**



Digitized by srujanika@gmail.com

# ଗାନ୍ଧି-ଜୟନ୍ତୀ



ଜୟ ହେଉ ଜୟ ହେଉ ଆଜି ତବ ଜୟ ନାହିଁ ଆଉ ରଣ
ଧରା-ସ୍ୱରଗର ସାରଥି ହେ ମୋର ସ୍ୱାଗତ ସମ୍ଭାଷଣ ।

ରକ୍ତର ଆଜି ଦହ ଫୁଟି ଉଠେ ଧରଣୀର ଭାଗେ ଭାଗେ
ତଥାପି ତୃଷିତ ଯନ୍ତ୍ର—ଦାନବ ତପ୍ତ ରୁଧିର ମାଗେ
ମୂକମାନବର ବୁକୁରେ ଆଘାତ
ମାତେ ଯହିଁ ନର-ଶ୍ୱାପଦର ଜାତ
ଆପଣା କଲିଜା ଚପୁଡ଼ିଛ ତହିଁ ସରସ ନିର୍ଝରଣ
ଧରା-ସ୍ୱରଗର ବରସାରଥି ହେ ସ୍ୱାଗତ ସମ୍ଭାଷଣ ।

ନିଜେ ଜୀଇବାର ଲୋଡ଼ରେ ଯିଏ ମାରେ ପର ପଞ୍ଜରେ ଛୁରୀ
ସେ ଆଜି ଶାନ୍ତି ଥାପିବ ବୋଲି ହେ ଦେଖାଉଛି ବାହାଦୁରୀ
ତମେ ଦେଖୁଅଛ ତମ ଅନୁଭୂତ
ଶାନ୍ତି ବେଦରେ ହୋଇଣ ଅଦ୍ଭୁତ
ପଶୁକୁ ଶିଖାଇ ମଣିଷର ଧୃତ ଦେବତାର ବଡ଼ପଣ,
ଧରା ସ୍ୱରଗର ସାରଥି ହେଲ ହେ ସ୍ୱାଗତ ସମ୍ଭାଷଣ ।

ଶୋଷଣ ବୃତ୍ତି ଗାଉନାହିଁ ଯେବେ 'ଗାଉଛି ମୁକ୍ତି ଗାଥା'
'ଅଣୁ-ଅସ୍ତ୍ର'ର ଅନ୍ତରାଳରେ ଲୁଚୁଛି ଦୁର୍ବଳତା
ଜନ ହାତେ ଦେଇ ଜୀବନର ବଳ
ଆତ୍ମଘାତୀ ଟେପ ବୋଲାଉଛି ବଡ଼
ତମ ନୈତିକ ବଳେ ଆଜିକର ସେଇ ମୂଢ଼ଦଳେ ମଣା
ଧରାକୁ ସ୍ୱରଗ କର ହେ ସାରଥି ଏ ମୋର ସମ୍ଭାଷଣ

ବୁଦ୍ଧି ଯହିଁ ହେ ହୃଦୟକୁ ଦାବି ଟେକୁଛି ଉଚେ ଧ୍ୱଜା
ପ୍ରେମ ପୀଠରେ କରୁଛି ଦାନବୀ ହିଂସା ପୁତନା ପୂଜା
ଟୋଳ ଆଜି ତହିଁ ତମ ସାମ ଗାନ
ଭର ଉଠୁ ମହା ଅଜ୍ଞାନର ତାନ
ରଣି ଉଠୁ ପୂତ ନିର୍ଝର ଧ୍ୱନି ଅମୃତ ମନ୍ତ୍ର ସ୍ୱନ
ଏ ଧରା ସ୍ୱରଗ ହେବ ହେ ସାରଥି ଏ ନବ ସମ୍ଭାଷଣ ।

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com

# ଏ ଶତାବ୍ଦୀର ବିପ୍ଳବୀ ଗାନ୍ଧୀ

ଶ୍ରୀମତୀ ସରଳା ଦେବୀ

ଗୋଟିଏ ଗୋଟିଏ ଯୁଗରେ ଦେଶରେ ବିପ୍ଳବୀମାନେ ଜନ୍ମ ହୁଅନ୍ତି । ଆମ ଦେଶରେ ଯୁଗ, ଧର୍ମ, ସମାଜ, ରାଜନୀତି ସବୁ କ୍ଷେତ୍ରରେ ଦେଶକୁ ସୁଧାରିବାକୁ ବିପ୍ଳବୀମାନେ ଜନ୍ମ ହୋଇଥିଲେ । ଏ ଯୁଗ କେବଳ ନୁହେଁ, ମୋର ମନେହୁଏ ଏ ଶତାବ୍ଦୀରେ ଭାରତ ନୁହେଁ ପୃଥିବୀରେ ଗାନ୍ଧୀଙ୍କ ଭଳି ବିପ୍ଳବୀ ଆଉ ଜନ୍ମ ହୋଇ ନାହାନ୍ତି । କେବଳ ରାଜନୀତିରେ ନୁହେଁ, ସାମାଜିକ, ଆର୍ଥିକ ଓ ଧାର୍ମିକ ଏପରିକି ବ୍ୟକ୍ତିଗତ ଜୀବନରେ ସେ ହେଲେ ପ୍ରଧାନ ବିପ୍ଳବୀ । ଆମ ଦେଶରେ ଅସ୍ପୃଶ୍ୟ ଜାତି, କୃଷକ ଓ ନାରୀଜାତି ଦୁଡ଼ିଗଲି ଅବହେଳ ଦ୍ୱାରା ବର୍ଷ ଧରି ଯେପରି ଅବସ୍ଥାର ଅନ୍ୟାୟ ଚାଲି ଆସୁଛି, ତାହା ବିରୁଦ୍ଧରେ ଭାରତରେ ଗର୍ଜନ ଧରିଛନ୍ତି ଗାନ୍ଧି ମହାତ୍ମା । ତାଙ୍କର ବ୍ୟକ୍ତିଗତ ଜୀବନ ସବୁ ମଫସଲ ଠାକୁର ଓ ପୁରୁଣାକାଳିଆ ହେଲେହେଁ ମନ ତାଙ୍କର ଏ ଯୁଗର ଅତୁଳନୀୟ ରଶ୍ମିରେ ଉଜ୍ଜ୍ୱଳ । ଯୁଗୋପଯୋଗୀ ବ୍ୟକ୍ତି ସ୍ୱାତନ୍ତ୍ର୍ୟ, ସତ୍ୟତା ଓ ସଂସ୍କୃତି ଓ ସାମ୍ୟନୀତିରେ ସେ ପୃଥିବୀର ସବୁ ଜାତିକୁ ନିର୍ଦ୍ଦେଶ ଦେଇ ଅଛନ୍ତି । ଭାରତରେ ନାରୀ ଜାତିକୁ ପୁରୁଷ ସମାଜ ଯେ ଅବମାନନା କରେ, ଓ ନାରୀକୁ ସମାଜର କେତାମି ଓ ନିକୃଷ୍ଟ ଅଙ୍ଗ ବୋଲି ପରିବାରରେ ପୁରୁଷମାନେ ଯେପରି ବ୍ୟବହାର କରନ୍ତି, ସେ ତାର ବିରୋଧୀ । ସେ ବାଲ୍ୟ ବିବାହ, ଅନମେଳ ବିବାହ, ବୃଦ୍ଧ ବିବାହ, ଓ ବହୁ ସନ୍ତାନର ଜନନୀ କରି ନାରୀକୁ ଲୋକାଖ୍ୟରେ ନାରୀ ପାଶରେ ବାନ୍ଧି ଯୋଉ ଧର୍ମ ପାଳନ କରାଯାଏ, ତାକୁ ସେ ଘୃଣା କରନ୍ତି ଓ ନାରୀ ଜାତି ମୁକ୍ତି ସ୍ୱାଧୀନ ହୋଇ ଆତ୍ମବିକାଶ ନ କଲେ ଏ ଜାତି ଯେ ବାଞ୍ଛିତ ସ୍ୱତନ୍ତ୍ର ହୋଇ ପୃଥିବୀର ସବୁ ଜାତିର ଲୋକଙ୍କ ସଙ୍ଗେ ଧନ ମାନ ବିଦ୍ୟା ବୁଦ୍ଧିରେ ସରସ ହୋଇ ଠିଆ ହୋଇ ପାରିବ ନାହିଁ ଏକଥା ତାଙ୍କ ଲେଖାରେ ସ୍ପଷ୍ଟଭାବରେ ରହିଛି । ତାଙ୍କର ଅନ୍ତରଙ୍ଗ ଓ ପ୍ରିୟସେବକ ପ୍ରାଇଭେଟ ସେକ୍ରେଟାରୀ ପ୍ୟାରେଲାଲଙ୍କୁ ନିଜର ଆଦର୍ଶ ଓ ମତରେ ବୁଝିବା ଯୋଗୁଁ ସେ ବର୍ଜନ କରିଥିବା କଥା ସମସ୍ତେ ଖବର କାଗଜରେ ପଢ଼ିଥିବେ । ଆମ୍ଭେମାନେ ଯେତେ ଆଦର୍ଶ ଓ ମତ କଥା କହୁଁ, ନିଜର ସ୍ୱାର୍ଥ ସୁବିଧା ନେଇ ସେ ମତ ଆଦର୍ଶକୁ ଦରକାର ହେଲେ ଚୁକ୍ତି ଯୋଜନା କରିଥାଉଁ । କିନ୍ତୁ ଆଦର୍ଶ ପାଳନ ପାଇଁ ଗାନ୍ଧୀ ମହାତ୍ମାଙ୍କ ପକ୍ଷରେ କେବଳ ତାହା ପାଳନ କରି ସମ୍ଭବପର ହୋଇଛି । ପ୍ୟାରେଲାଲଙ୍କୁ ୪୩ ବର୍ଷ କିନ୍ତୁ ସେ ୧୭ ବର୍ଷର ସୁନ୍ଦରୀ ଝିଅଟିକୁ ବିଭା ହେବାକୁ ଚାହିଁଲେ । କନ୍ୟାର ଏତେ ପାର୍ଥକ୍ୟରେ ବିଭା ହେବା ଉଚିତ ନୁହେଁ ଓ ଏ ମତ ନ ବଦଳାଇଲେ ସେ ପ୍ୟାରେଲାଲଙ୍କୁ ପାଖରେ ରଖିବେ ନାହିଁ କହି ବିଦା କରିଦେଲେ । ଏଥିରେ କେହି ମନେ କରିବେ ତେବେ ଗାନ୍ଧୀ ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ସ୍ୱୀକାର କଲେ କିପରି ? କିନ୍ତୁ ବ୍ୟକ୍ତି ବା ଗୋଷ୍ଠି ନିଜ ସ୍ୱାତନ୍ତ୍ର୍ୟ ବା ସ୍ୱାଧୀନତା ମୂଳରେ ଗୋଟିଏ ନୀତି ବିଚାରର ଧାରା ଅଛି । ଏଇ ବିଚାର ବୁଦ୍ଧି କେବଳ ପଶୁଠୁଁ ମଣିଷକୁ ପୃଥକ୍ କରି ଦେଇଛି । ମଣିଷର ସ୍ୱାଧୀନତା ମାନେ ଏୟା ନୁହେଁ ଯେ, ମଣିଷ ଚାହିଁଲେ ମଣିଷକୁ ମାରିଦେବ, ଯାହା'ତା କହିବ ବା କରିବ । ସତ୍ୟତାର ଏମ ବିକାଶ ମଣିଷର ଯେ ମାନବ ତା ଅନୁପାତ ଜ୍ଞାନ ଶିଖେଇଛି, ମଣିଷ ଉପରେ ଗାନ୍ଧୀଙ୍କର ଦାବୀ ତାହାରି ଉପରେ । ବୁଢ଼ାମାନେ ପିଲାଙ୍କୁ ବାହାହେବା, ବୋଡ଼ବେହରର ବାପ୍ ଅ କନ୍ୟାଙ୍କୁ ବାହା ହେବା ଅନୀତି କଥା, କାରଣ ତାହା ଯେ ଅସୁନ୍ଦର କେବଳ ତାହା ନୁହେଁ, ତାହା ଦ୍ୱାରା ସମାଜର ସମୃଦ୍ଧ କ୍ଷତି କରାଯାଏ ଓ ମଣିଷର ଅଧଃପତନ ହୁଏ । ୪୩ ବର୍ଷର ଗୋଟିଏ ଲୋକର ୨୦ ବର୍ଷର ପୁଅ ଝିଅ ଥିବେ । ସୁତରାଂ ସେଇ ଲୋକ ତା'ର ପୁଅ ଝିଅର ସମବୟସୀ ଗୋଟିଏ ଝିଅକୁ ଭାର୍ଯ୍ୟା ଭଳି ଦେଖିବା ବା ସେପରି ବ୍ୟବହାର କରିବା ମୂଳରେ ଲଜ୍ଜା ନାହିଁ, ଅଛି ପ୍ରଚଣ୍ଡ ବର୍ବରତା । ଗାନ୍ଧିଜୀଙ୍କର ବିରୋଧ ଏହି କାମୁକତା ବିରୁଦ୍ଧରେ । ଗାନ୍ଧୀ ସେଇ କାରଣରୁ ତାଙ୍କ ସେବକଙ୍କୁ ବି ପରିତ୍ୟାଗ କଲେ ଯେପରି ଗୌରାଙ୍ଗ ମହାପ୍ରଭୁ ତାଙ୍କର ଅତିପ୍ରିୟ ଶିଷ୍ୟ ଗୋବିନ୍ଦ ମାଧବୀଦାସୀଙ୍କଠୁଁ ଭିକ୍ଷା ଆଣିବା ଦ୍ୱାରା ସ୍ତ୍ରୀମୁଖ ଦର୍ଶନ କରିଥିବେ ବୋଲି ସନ୍ନ୍ୟାସର ଆଦର୍ଶ ଚ୍ୟୁତି ହେବାରୁ ତାଙ୍କୁ ମୁହଁ ଚାହିଁଲେ ନାହିଁ । ଏ ଯୁଗରେ ଠିକ୍ ସେଇଭଳି କଥା ଗାନ୍ଧୀଙ୍କ ପକ୍ଷେ ସମ୍ଭବପର ହେଲା । ତେବେ ଯେ ବିପ୍ଳବୀ ନୁହଁନ୍ତି ତ ସେ ତାଙ୍କୁ ଚାଳି କରି ବିପ୍ଳବୀ ହୋଇ ପାରନ୍ତି ? ଏଗୁଡ଼ିକ ଆମର ଦେଖିବା ବୁଝିବା ଉଚିତ । ଗାନ୍ଧୀ କେବଳ ଚରଖା କାଟ, ଖଦି କିଣ ଏଇକଥା ଆମକୁ ୨୫ ବର୍ଷ ହେଲା କହୁନାହାନ୍ତି; ଆମକୁ ମଣିଷ ପଣିଆ ଶିଖାଉ କହୁଛନ୍ତି । କିନ୍ତୁ ଆମର ଦୁର୍ଭାଗ୍ୟ ଗାନ୍ଧୀଙ୍କ ଲେଖା ପଢ଼ି କହୁଛି ତାଙ୍କୁ ଆମେ ଆଜଯାଏ ବୁଝି ପାରିଲୁ ନାହିଁ । ପୁଣି ଗାନ୍ଧୀଙ୍କ ମତ ପରାଧୀନ ଦେଶରେ ଓ ଭାରତ ଭଳି ଜନ ବହୁଳ ଦେଶରେ ଆଉ ପଙ୍ଗପାଳ ପରି ଛୁଆ ଜନ୍ମ କରିବା ବନ୍ଦ ହେବା ଉଚିତ । ଏକଥା ସେ ଖୋଲକରି କହୁଛନ୍ତି ଲେଖିଛନ୍ତି । ନିକଟରେ ସେକ୍ରେଟାରୀ ବୋଲି ଜଣେ ଭଦ୍ରଲୋକଙ୍କ ବିବାହରେ ଗାନ୍ଧିଜୀ ନିଜେ ଗୋଟାଏ ଚିଠା ଛାପି କରି ସେକ୍ରେଟାରୀ ଓ ତାଙ୍କ ପତ୍ନୀଙ୍କର ପ୍ରତିଜ୍ଞାପତ୍ରରେ ଦସ୍ତଖତ କରାଇ ନେଇଛନ୍ତି । ଏହି ସ୍ୱାମୀ ସ୍ତ୍ରୀ ଲେଖିଦେଇଛନ୍ତି ଯେ "ସ୍ୱରାଜ ଲାଭ ନ କଲଯାଏଁ ଆମେ ସନ୍ତାନର ପିତାମାତା ହେବୁ ନାହିଁ ।" ଏହା କେଡ଼େ ବଡ଼ ପ୍ରତିଜ୍ଞା ଆମ ଦେଶର ଯୁବକ ଯୁବତୀଙ୍କ ଆଖି ଖୋଲି ଦେବ । ଭାରତରେ ସବୁଦିନ ଜନ୍ମ ମରଣ ତାଲିକା କାଗଜରେ ଛପାହୁଏ । ଏ ଦେଶରେ ଜନ୍ମର ସୀମା ନାହିଁ କି ପୋକ ମାଛି ଭଳି ମରିବାର ସୀମା ନାହିଁ । ଦେଶରେ ଯେଉଁମାନେ ନେତୃ ହେବେ କି କର୍ମୀ ହେବେ ବା ନେତା ହେବେ ସେମାନେ ଯଦି ଗୋଟିଏ ପୁଅ ଝିଅ ସୃଷ୍ଟି କରି ବସନ୍ତି, ତେବେ ବିଟମ୍ବ ଚଳାଉଥିବା ତାଙ୍କ ଉନ୍ନତି ପାଇଁ, ସେମାନେ କାହା ଚାକିରୀରୁ ଆଉ କେତେ କେତେ ପାଉଁଶ ବାଣ୍ଟିବେ ? ସେଥିପାଇଁ ଗାନ୍ଧୀ ଯାହା କରଇଛନ୍ତି ତାହା ଏ ଦେଶରେ ଗୋଟିଏ ସଙ୍କେତ ଦେବା ଭଳି କଥା । ଏହା ଅନୁକରଣର ଅପେକ୍ଷା ରଖେ । କେତେ ବଡ଼ ସଂଯମ

( ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

# ଗାନ୍ଧିବାଦ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ସାମ୍ୟବାଦ, ପୁଞ୍ଜିବାଦ, ସାମ୍ରାଜ୍ୟବାଦ, ନାଜିବାଦ—ତା' ସାଙ୍ଗକୁ ଆଉ ଗୋଟାଏ ବାହାରିଛି ଗାନ୍ଧିବାଦ । ବାଦ ସବୁରି ସୃଷ୍ଟି ମୂର୍ଖ ପାଠୁଆମାନଙ୍କର ଚାଲାକଗିରୀ ଖେଳ କଉଶଳରୁ । ସେଥିରେ ସେ ଯାଆନ୍ତି ନିଜ ପାଣ୍ଡିତ୍ୟ ବୁଦ୍ଧିକୁ ଦେଖାଇବା ପାଇଁ—କିନ୍ତୁ ପ୍ରକୃତରେ ଧନ୍ଦା ପଡ଼ିବା ହୁଏ ସାର ।

ଗାନ୍ଧିବାଦ କହିଲେ କ'ଣ ମୁଁ ଜାଣେନାହିଁ । ଗାନ୍ଧିଜୀ ଜାଣି ନଥିବେ । ଅଥଚ ଗାନ୍ଧିବାଦ ନାମରେ ବାହାରୁଅଛି ପୋଥା ପୋଥା । ଗାନ୍ଧିଙ୍କ ଯାହା କହାଣି ଲେଖିଲେ ଦେଖାଯାଏ—ଗାନ୍ଧିଙ୍କ, ଚରମ ଯେଉଁ ସବୁ ସତ୍ୟ ପ୍ରଚାର କରିଯାଇଛନ୍ତି ସେଇସବୁର ମୋଟାମୋଟି ସନ୍ଦର୍ଭର ନାଁ—ଗାନ୍ଧିବାଦ । ଗାନ୍ଧି ନିଶ୍ଚୟ ତାର ଉତ୍ତରରେ କହନ୍ତେ—ମାର୍କ୍ସଙ୍କ ପରି—ଈଶ୍ୱରଙ୍କୁ ଧନ୍ୟ କହିବା—ମୁଁ ଗାନ୍ଧିବାଦୀ ନୁହେଁ । କିନ୍ତୁ ଏତିକି କହି ଚୁପ ରହନ୍ତେ ନାହିଁ । ସେ ତା ସାଙ୍ଗକୁ ଯୋଡ଼ନ୍ତେ—ମୁଁ କିନ୍ତୁ ଗାନ୍ଧି । କାରଣ ଏତିକି ନ ଯୋଡ଼ିଲେ ଗାନ୍ଧି ଭକ୍ତମାନେ ମାର୍କ୍ସ ଭକ୍ତଙ୍କ ପରି ତାଙ୍କୁ ନେଇ କେଉଁଠି ବୋଲି କେଉଁଠି ପହଞ୍ଚେଇ ଦେବେ ତାର ଠିକଣା ନଥିବ ।

ଗାନ୍ଧିଙ୍କ ସତ୍ୟଟାକୁ ଯଦି ଗାନ୍ଧିବାଦ ବୋଲି କୁହାଯାଏ ତାହାହେଲେ ଦୁନିଆରେ କେହି ଗାନ୍ଧିବାଦୀ ନାହାନ୍ତି । ଗାନ୍ଧି ନିଜେ କହିଛନ୍ତି ସେ ସତ୍ୟ ଅହିଂସାର ଚରମ ରୂପ ଦେଖି ପାରି ନାହାନ୍ତି । ସେ ଜଣେ ମଣିଷ—ତାଙ୍କ ନା ଗାନ୍ଧି—ସେଇ ମଣିଷ ହିସାବରେ ମଣିଷର ଧର୍ମକୁ ପାଳନ କରିବା ପାଇଁ ସାଧନା କରିଛନ୍ତି ମାତ୍ର । କେବଳ ସତ୍ୟ ଅହିଂସାର ସାଧକକୁ ଯଦି ଗାନ୍ଧିବାଦୀ ବୋଲି କୁହାଯାଏ ତେବେ ମଣିଷ ମାତ୍ରେଇ ଗାନ୍ଧିବାଦୀ—ଗାନ୍ଧିବାଦୀ ନୁହେଁ କିଏ ? ମଣିଷ ଯେ ମଣିଷ, ଏଇ ତାର ଯଥେଷ୍ଟ ପ୍ରମାଣ ଯେ ସେ ପଶୁ ନୁହେଁ, ତେଣୁ ସେ ସତ୍ୟ ଅହିଂସାର ସାଧକ । ସେ ଯଦି ସତ୍ୟକୁ ଅହିଂସାକୁ ଭୁଲିଯାଏ ତେବେ ସେ ଅମଣିଷ ନୁହେଁ—ପଥଭୁଲା ପଥିକ । ସେ କେତେଦିନ ଭୁଲିବ ? ଅମୃତ ସନ୍ତାନ ସେ । ଅମୃତ ପଥ ଛାଡ଼ି ସେ କେତେଦିନ ବାଟଭୁଲା ହୋଇ ବୁଲି ପାରିବ !

ତେଣୁ ଏଇ ଯେଉଁ ଗାନ୍ଧିବାଦ, ଏଇ ଯେଉଁ ମନୁଷ୍ୟବାଦ, ଏଇ ଯେଉଁ ଅମୃତବାଦ ଏହା ଦୁନିଆରେ ନୂଆ ନୁହେଁ । ମଣିଷ ଏଇ ପୂର୍ଣ୍ଣ ମନୁଷ୍ୟପଦ ପାଇବା ପାଇଁ ଧାଇଁଛି । ସେ ଯେଉଁ ବାଦୀ ହେଉ—ସାମ୍ରାଜ୍ୟବାଦୀ ହେଉ ବା ସାମ୍ୟବାଦୀ ହେଉ ସମସ୍ତେ କହୁଛନ୍ତି ସେଇ ଏକ କଥା—ମାନବ ଜାତିର ସୁଖ ସ୍ୱାଚ୍ଛନ୍ଦ୍ୟ—ଶାନ୍ତି ଶୃଙ୍ଖଳା—ପୂର୍ଣ୍ଣ ମନୁଷ୍ୟତ୍ୱ ପ୍ରାପ୍ତି । ତେବେ, ଅଭେଦ କେଉଁଠି ? ଅମେଳ କେଉଁଠି ? ଅମେଳ, ଉପାୟରେ—ସାଧନପ୍ରଣାଳୀରେ । ମଣିଷ ବଡ଼ ଅସ୍ୱ-କେନ୍ଦ୍ରୀ । ଏହି ଅନନ୍ତ ସମସ୍ୟାକୁ ସେ ନିଜର ପରମାଣୁ ମାପରେ ମାପି ସବୁ ଭୁଲ କରେ । ଏହି ଅବାରିତ ମନୁଷ୍ୟ ସ୍ରୋତକୁ ସେ ଆପଣାର ଜୀବନର ଗୋଟିଏ କଣା ସାଙ୍ଗରେ ତୁଳନା କରେ । ସେଇଠି ହୁଏ ଭୁଲ । କାରଣ ସେଇଠି ହୁଏ ସେ କ୍ଷିପ୍ର—ଚଞ୍ଚଳ । ସେ ଯେତେ ଶୀଘ୍ର ପାରେ ସେତେ ଶୀଘ୍ର ସବୁ ହାସଲ କରି ନେବାକୁ ବସେ । ପ୍ରତ୍ୟେକ ଜନନାୟକ ଚାହାନ୍ତି ଜୀବନକାଳ ଭିତରେ ସ୍ୱପ୍ନଦେଖା ମୁକ୍ତିଶାନ୍ତି ମୈତ୍ରୀ ପ୍ରୀତିର ନବଜୀବନ ରୂପରେ ଦେଖିବାକୁ ଚାହାନ୍ତି । ସେଥିପାଇଁ ଚଞ୍ଚଳ ଚଳିତ ହୋଇଯାଆନ୍ତି । ଯେଉଁ ଉପାୟରେ ଅଳ୍ପ ସମୟରେ ଜିତିହେବ ନିଜର ସମ୍ଭାବନା ଦେଖାଯିବ ସେ ଉପାୟ ନ୍ୟାଯ୍ୟ ହେଉ ଅନ୍ୟାଯ୍ୟ ହେଉ ତାର ପରିଣାମ ଶେଷ ନ କରି ଧରିଯିବାର ହୁଏ ଭୁଲ । ମଣିଷ ଏଇ ଚଞ୍ଚଳତା କ୍ଷିପ୍ର ସାଧନ ପାଇଁ ଅଦ୍ୟ ଆକାଶରେ ଉଡ଼ୁଛି, ଜଳରେ ବୁଡ଼ୁଛି, ପଥରୁ କଣ୍ଟା ଦୂର କରିବାପାଇଁ ଅଣୁ ବୋମା ତିଆରି କରୁଛି କିନ୍ତୁ କ'ଣ କରି ପାରୁଛି ଏ କ୍ଷିପ୍ରତାରୁ ? ନିଜେ କ୍ଷିପ୍ର ହୋଇଛି ଏବଂ କ୍ଷିପ୍ତ ହୋଇଛି । ନିଜର ଶାରୀରିକ ଶକ୍ତିର ବାହାରେ ସେ ନେଇ ଯାଉଛି ନିଜର ଯନ୍ତ୍ରତାକୁ । ସେ ଯେଉଁ କ୍ଷିପ୍ରତା ସୃଷ୍ଟି କରିଛି, ତାର ସୀମିତ ଶକ୍ତିପାଶ ଭିତରେ ତା ସହିତ ଆପଣାକୁ ଖାପ ଖୁଆଇ ପାରୁନାହିଁ । ତେଣୁ ସେ ଅସ୍ଥିର ପ୍ରତାରଣାରେ ଲିପ୍ତ । ଘରେ ପରିବାରରେ, ଗାଁରେ ନିଜର କ୍ଷମତା ଭିତରେ ଦଶ ପନ୍ଦର ଜଣକୁ ସାଙ୍ଗରେ ନେଇ ରହିବାକୁ ସେ ଅକ୍ଷମ । କିନ୍ତୁ ବିଶ୍ୱ ପ୍ରୀତି, ବିଶ୍ୱମୈତ୍ରୀ ନାମରେ ଚିତ୍କାର କରିବାକୁ ପଛ ଘୁଞ୍ଚୁ ନାହିଁ । ସେ ବୁଝିପାରେ ନାହିଁ ତାର କାର୍ଯ୍ୟ କ୍ଷେତ୍ରକୁ ଏତେ ବଡ଼ କରିପକାଇ ସେ ନିଜେ ଅକ୍ଷମ ହେଉଛି—ଏବଂ ନିଜ କାମକୁ ଅସମ୍ଭବ ମନେ କରୁଛି—କାରଣ ସେ ନିଜ କାମରେ ବିଶ୍ୱସ୍ତ ନୁହେଁ । କେବଳ କଥାରେ ବିଶ୍ୱସ୍ତ—ବା ପନ୍ଥ ।

ଅଥଚ ଯେଉଁ ଗାନ୍ଧିଙ୍କୁ, ସେ ମଣିଷର ଏଇ ଚଞ୍ଚଳ କ୍ଷିପ୍ର ମନୋବୃତ୍ତି ଉପରେ ଆଘାତ କରିଛନ୍ତି । ଯେଉଁମାନେ ଦୋଷ ଦିଅନ୍ତି ଗାନ୍ଧିଙ୍କୁ, ମଣିଷ ସମାଜକୁ ପଛକୁ ଟାଣି ନେଇ ଯାଉଛି ବୋଲି ସେମାନେ ଭୁଲି ଯାଆନ୍ତି, ଯେ ସ୍ନେହ, ଦୟା, ପ୍ରେମ ଆଉ ତାଙ୍କ ଭିତରେ ଯେଉଁ ମଣିଷ ବଞ୍ଚିଛି ସେ—ସେସବୁ କେବେ ପଛ କେବେ—ନୂଆ ନୁହେଁ । ତଥାପି ସେ ନୂଆ । ନୂତନ ଭିତରେ ପୁରାତନ ସେ, ଅଥଚ ଚିର ନୂତନ । ଭଲ ପାଇବାଟା ପୁରୁଣା କଥା ବୋଲି କେହିତ ଭଲ ପାଇବାକୁ ଛାଡ଼ି ଦେଇନାହିଁ । କିନ୍ତୁ ମଣିଷ ଦୁନିଆରେ ସମସ୍ତଙ୍କୁ ଭଲ ପାଇବା ପାଇଁ ଦଉଡ଼ିବାକୁ ଯାଇ ଗୋଡ଼ ହାତ ଛେଚା କରି ପକାଉଛି । ଦୁନିଆକୁ ଭଲ ପାଇବାକୁ ମନା କରୁଛି କିଏ ! କହେଇ କଡ଼େଇ ଜାଉ ଗା' । ପ୍ରକୃତ ଜୀବନକୁ ହାତ ଗୋଡ଼ ଦେଇଛି । ତାର ଶକ୍ତି ମନ୍ତ୍ରକ ତମେ କାମ କର । ତା'ପରେ ପରେ ଉଡ଼ିବ ଉଡ଼ାଜାହାଜରେ ।

ଏହି ଦୃଷ୍ଟିରୁ ବଳବତ୍ତର ବ୍ୟବହାର କରେ ଗାନ୍ଧିବାଦ । କଳ କବଜାର କ୍ଷିପ୍ରତା ତମ ଶରୀର ମନକୁ କ୍ଷିପ୍ର କରୁଛି । ପ୍ରଶସ୍ତ କରୁଛି ତମ କର୍ମକ୍ଷେତ୍ରକୁ—କିନ୍ତୁ ତମ ହୃଦୟକୁ ସେପରି ପ୍ରଶସ୍ତ କରି ପାରୁଛି କି ? ଦୃଷ୍ଟି ତମର ଯାଉଛି ବାହାରର କ୍ଷିପ୍ରତା ଆଡ଼କୁ ଭିତରେ ପଡି ରହିଛି ସ୍ଥାଣୁ—ଅଟଳ ମହାମେରୁ । ଅମର ନିତ କହି.

Digitized by srujanika@gmail.com

ନାହିଁ, ସ୍ଥିତି ବଢ଼ିଛି । ମନୁଷ୍ୟର ଚାହିଦା ନାହିଁ ଯନ୍ତ୍ରର ବଢ଼ିଛି । ଯନ୍ତ୍ରର ପ୍ରଭୁତା ଆମକୁ କରିଛି ଅଧିକାର । ଆମ ମନପ୍ରାଣ ସବୁକୁ ଗ୍ରାସି ବସିଛି ।

ଆମେ ଏଇ ବାହାର ଦୁନିଆର ଝଲମଲରେ ଅନ୍ଧ ହୋଇ ପଡ଼ିଛୁ । ଭିତରଟା ଆମର ଅନ୍ଧାର । ଦେହର ସୁଖ ପାଇଁ ଆମେ ବ୍ୟସ୍ତ । ଆତ୍ମାର ମୁକ୍ତିକୁ ପାସୋରି ଦେଇଛୁ । ବାହାରର ଆମକୁ କରିଛି ସର୍ବନାଶ—ଏଇ କ୍ଷିପ୍ର ଚଞ୍ଚଳ ବାହାର—ଏଇ ଆଡ଼ମ୍ବର ପୂର୍ଣ୍ଣ ଅଥଚ ଅସ୍ୱସ୍ତ ଅସ୍ଥିର ବାହାର ।

ତାହେଲେ ବାହାରଟା କ'ଣ ମିଛ ? ବାହାର କ'ଣ ନାହିଁ ? ବାହାରକୁ କ'ଣ ଏକାବେଳକେ ଅସ୍ୱୀକାର କରି ଚଳିବା ଆମେ ? ମଣିଷ କେବଳ ଗୋଟାଏ ସୃଷ୍ଟି—ଗୋଟାଏ ଯାନ ତା ବାଷ୍ପ । ଆଉ ଗୋଟାଏ ଉଚ୍ଚ କଳ୍ପିତ ଆତ୍ମା ହୋଇ ରହୁନାହିଁ କାହିଁକି ? ଏ ସ୍ଥାନ କାଳ ପାତ୍ର ଓ ସମୟର ସୀମା ଭିତରକୁ ସେ ଆସିଛି କାହିଁକି ଦେହ ନେଇ ? ତାପରେ ପରେ ଯୁକ୍ତି ବଢ଼ି ବଢ଼ି ଯାଏ । ଯୁକ୍ତିର ଭୁଲ ବାଟରେ ଗୋଲ, ଚଉଡ଼ା ଲମ୍ବା କରି ବୁଝାଯାଏ—ଦେଖ, ଗଛ ଆଗେ ତାପରେ ମଞ୍ଜି । ପିଣ୍ଡ ଆଗେ ତାପରେ ପ୍ରାଣ ବା ଆତ୍ମା । ବସ୍ତୁକୁ ଅସ୍ୱୀକାର କରିବ କିଏ—ପିଣ୍ଡକୁ ଦେଖାଉଛି କରିବ କିଏ ।

ଗାନ୍ଧିତ୍ୱ ଏଇଠି କହେ—ଠିକ୍ କଥା । ତାତ୍, ପିଣ୍ଡର ଯତ୍ନ ନେବାକୁ କିଏ କହୁଛି । ପିଣ୍ଡ ତ ହେଉଛି ତମ ଆତ୍ମାର ପୂଜାପାଇଁ । ପିଣ୍ଡ ଥିଲେ ତ ବାହାକୁ ଭଲ ପାଇବ—ଭଲ ପାଇବାର ଆନନ୍ଦ ପାଇବ । କିନ୍ତୁ ତମେ ଯେ ପିଣ୍ଡଟାକୁଇ ଭଲ ପାଇ ବସିଲ—ଅନ୍ୟକୁ ଭଲ ପାଇବ କିମିତି ! ଆଉ ଅନ୍ୟକୁ ଭଲ ପାଇଲେ ଯଦି ପିଣ୍ଡ ପ୍ରତି ମମତା କମିଯାଏ ସେଥିପାଇଁ ଦାୟୀ କିଏ ହବ ! ହୁଏତ ପିଣ୍ଡର ରକ୍ଷା ସଇ ସମାଜ ଯେତିକି ପାଉଛି ପରକୁ ସେତିକି ଭଲ ପାଅ । ନହେଲେ ପରକୁ ଭଲ ପାଇ ପିଣ୍ଡକୁ ଅଯତ୍ନ ଦେବାରେ ଯେଉଁ ଚରମ ଆନନ୍ଦ ତାକୁ ଆସ୍ୱାଦନ କର । କିନ୍ତୁ ପିଣ୍ଡ ଖାତିରରେ, ପିଣ୍ଡର ସବୁ ସୁଖ ପାଇଁ ତମେ ଦୁନିଆକୁ ଭଲ ପାଇବାକୁ ବାହାରିଲେ, ଦୁନିଆ ତମର ଭଲ ପାଇବାରେ ଦୁଃଖ ପାଇବ ସିନା 'ଭଲ ପାଇବା' ପାଇବ ନାହିଁ । ଛେଳିକି ବାଘ ଭଲ ପାଇ ଅତି ଆଦରରେ ତା ପେଟ ଭିତରେ ରଖିଲା ପରି ହେବ । ଆମର ସୁଖ ଶାନ୍ତି ପାଇଁ ବ୍ରିଟିଶ ସରକାରର ମୁଣ୍ଡ ଘୂରେଇଲା ପରି ହେବ ।

ଏଇ କଥାଟାକୁ ତମେ ଆଦର୍ଶବାଦ—ଅସମ୍ଭବ ବୋଲି କହିବ ? ଆଉ ତାକୁ ଗାନ୍ଧିବାଦ ନାମ ଦେଇ ବାଜେ କଥା ବୋଲି କହି ଉଡ଼େଇ ଦେବ । ବାଃ ! ଘୋଡ଼ା ଛୁଟୁଛି । ସୁଖ ଭୋଗ ସରୁନାହିଁ । ସୁଖ ଭୋଗ ତ ସରେ ନାହିଁ ! କେତେ ଯୁଗ, କେତେ ଶତାବ୍ଦୀ—କେତେ କୋଟି କୋଟି ବର୍ଷ ଯିବ ଆଉ । କେତେ ମାର୍କସ୍ କେତେ ଏନ୍‌ଗେଲସ୍ ଯିବେ ଆସିବେ । ସୁଖ ସରିବ ନାହିଁ—ଅଭାବ ମେଣ୍ଟିବ ନାହିଁ । ଅଭାବ ଭୋଗିବା ପାଇଁ ମଣିଷ ଯଦି ବଞ୍ଚିଛି—ତେବେ ସେ ବଞ୍ଚୁ । ତାକୁ ମରିବାକୁ କହୁନାହିଁ । ବିଜ୍ଞାନ ତମ ଦେହଟାକୁ ଅମର କରିଦେଉ । ବୁଢ଼ା ହୋଇ ଯାଉଚ—ପେଟରେ ହଜମ ହେଉନାହିଁ—ଯୁବତୀ ରମଣୀ ପସନ୍ଦ କରୁନାହିଁ—ବିଜ୍ଞାନକୁ ଡାକ—ହଜମି ଗୁଳି କିଣ—ମାଙ୍କଡ଼ ଗ୍ଲାଣ୍ଡ ଯୋଡ଼ । ସୁଖ ଚାଲୁ—ସ୍ୱାଚ୍ଛନ୍ଦ୍ୟ ଚାଲୁ—ଅଭାବ ଚାଲୁ । ସମସ୍ୟାର ତ ସୀମା ନାହିଁ । ଚିନ୍ତା କ'ଣ ! କିନ୍ତୁ ସଂଯମରେ—ବଳଦଳା ଘୋଡ଼ାକୁ ବାନ୍ଧି ରଖିବାରେ କ'ଣ ପୌରୁଷ ନାହିଁ ? ଆତ୍ମପ୍ରସାଦ ନାହିଁ ? ଥରେ ଚେଷ୍ଟା କରିଚ ? ସେଇଟା ପରା ତମ ରକ୍ତରେ ଅଛି । ସେଥିପାଇଁ ପରା ତମେ ସରୀସୃପରୁ ପଶୁ, ପଶୁରୁ ମଣିଷ ହେଉଛ ବୋଲି ତମ ବିଜ୍ଞାନ ତମକୁ କହୁଛି—ତମେ ସେଇ ମଣିଷ ହଉନାହଁ କିଆଁ ! ଯଦି କହୁଚ—ଆମେ ମଣିଷ ତ ହେଉଛୁ; ତେବେ ଆଜଯାଏଁ ମଣିଷ ହେବାରେଇ ରହିଗଲ କିଆଁ ? ତମର ଆଉ କଣଟା ହାତ, ଗୋଡ଼, ଆଖି, କାନ କେଉଁଠି ହେଉଛି ? ରେଳ ମଟର ଉଡ଼ାଜାହାଜ ତମର କେଉଁଠି କଣ ପରିବର୍ତ୍ତନ କରିଛି ? ତମେ କ'ଣ ଏଇମିତି ରହିଥିବ ! ମଣିଷ ଉପରକୁ ଯିବା ପାଇଁ ଆଉ କ'ଣ ବାଟ ନାହିଁ । ତମେ ପରା ବିକାଶପନ୍ଥୀ ? ତମେ ପରା ଗତିଶୀଳ ? ତମେ ପରା ନୂତନ ? ସେଇ ନୂତନର ଆସ୍ୱାଦ ଟିକିଏ ପାଇବା ପାଇଁ ଗାନ୍ଧିର ଗାନ୍ଧିତ୍ୱ ଆଜି ଲାଳାୟିତ । ତାକୁ ସେଥିରୁ ଟିକିଏ ଚାଖେଇବ ନାହିଁ ? ଆଉ କେତେଦିନ ଗାନ୍ଧିବାଦ ଗାନ୍ଧିବାଦ ଚିତ୍କାର କରି ଦୂରରେ ରହିବ ! ଆଖି ବୁଜି ଦେଇ ଦୁନିଆକୁ କହିବ—ଦେଖ ମୁଁ ଉଡ଼ିଗଲି । ଏ ପିଲାଳିଆମି ।

---

( ବିପ୍ଳବୀ ଗାନ୍ଧି ୨ୟ ପୃଷ୍ଠା ଉତ୍ତାରୁ )

ଓ ସହସ୍ର-ଦ୍ୱନ୍ଦ୍ୱ ଓ ବିପ୍ଳବ ଚିନ୍ତା ନଥିଲେ ତାହା କି ରାମା ବାମା, ମାଧିଆ ବା ହରମା, ମଲ୍ଲୀ, କଣାଙ୍କ ଭଳି ଯୁବକ ଯୁବତୀମାନେ ପାଳି ପାରିବେ ? ହିନ୍ଦୁ ଋଷିମାନେ ନିୟମ, ନୀତି ଓ ନ୍ୟାୟ ଓ ଧର୍ମ ଦୃଷ୍ଟିରୁ ଯାହା କରିବାକୁ ଶାସ୍ତ୍ରରେ ଅମୂଲ୍ୟ ନିର୍ଦ୍ଦେଶ ଦେଇଛନ୍ତି, ମହାତ୍ମା ଗାନ୍ଧୀଙ୍କ ମତରେ ତାହା ପରକାଳର ଧର୍ମ ପାଇଁ ବା ଈଶ୍ୱର ଲାଭ ପାଇଁ ଯେ ସାହାଯ୍ୟ କରିବ ତାହା ନୁହେଁ, ଗୋଟିଏ ଦେଶ ଜାତିର ତାହା ପାଳନ କରି ମଣିଷ ହବା ଅବଶ୍ୟକତା ଦୃଷ୍ଟିରୁ କରଣୀୟ ବା living necessity ସୁତରାଂ ଏ ଶତାବ୍ଦୀରେ ଏ ଯୁଗରେ ଗାନ୍ଧୀ ମହାତ୍ମାଙ୍କ ଭଳି ବିପ୍ଳବୀ ପୁରୁଷ ଆଉ ପୃଥିବୀରେ ଜନ୍ମ ହୋଇ ନାହାନ୍ତି । ଭାରତରେ ତାଙ୍କ ବିନା ନେତୃତ୍ୱ ଆଜଯାଏ କେହି ଦେଇ ପାରିନାହିଁ କି ଦବା ବି ସମ୍ଭବପର ନୁହେଁ । ଆମେ ଗଇ ଫୁଟିଲା ଭଳି ଗାନ୍ଧୀ କଥା କହୁ, ଉପଦେଶ ଦେଉ, ଭୋଟ ବେଳେ 'ଗାନ୍ଧୀ ମହାତ୍ମା କି ଜୟ'' କହୁଁ କିନ୍ତୁ ଗାନ୍ଧୀଙ୍କ ଧାରାରେ କାମ କରିବା ତ ଦୂର କଥା, ସେଇ ଧାରାରେ ଆମର ଚିନ୍ତା ବି ନାହିଁ । ଗାନ୍ଧୀ କଂଗ୍ରେସର, ଭାରତର କର୍ଣ୍ଣଧାର । କିନ୍ତୁ ତାଙ୍କର ବିପ୍ଳବ ଚିନ୍ତା ସମାଜର ପ୍ରତି ସ୍ତର ଉଲଟ ପାଲଟ କରି ଦେଇପାରେ ଓ ସୁଧାରିବାର ଆଶା ବା କର୍ମ ଭାରତରେ ଆଉ କାହାର ନାହିଁ । ଗାନ୍ଧୀ ନାରୀର ସମ୍ମାନ କରନ୍ତି । ଏବଂ ମନେ କରନ୍ତି ମାତୃଜାତିର ଉଦ୍ଧାର ଓ ଉତ୍ଥାନ ନ ହେଲେ ଭାରତର ମୁକ୍ତି ନାହିଁ । ଜବାହରଲାଲ ସେଇ ଦୃଷ୍ଟିରୁ ଏବେ ନିଖିଳ ଭାରତ କଂଗ୍ରେସ କମିଟିରେ ପ୍ରାନ୍ତ ପ୍ରଦେଶ ଜିଲ୍ଲା ଓ ଥାନାମାନଙ୍କ କଂଗ୍ରେସରେ ନାରୀ କଂଗ୍ରେସ ବିଭାଗ ରହି ନାରୀଙ୍କ ସାଧାରଣ କର୍ମକ୍ଷେତ୍ରକୁ ଅଣାଯାଉ ବୋଲି ଜୋର ଦେଇ କହିଛନ୍ତି । ଗଲା କଂଗ୍ରେସ ମନ୍ତ୍ରୀମାନେ ରାଷ୍ଟ୍ର ବିଧାନ ଦ୍ୱାରା ଆଇନ ଦ୍ୱାରା ନାରୀ ଜାତିର କିଛି ଉନ୍ନତି କରି ନ ଥିଲେ ବରଂ ବାଧା ସୃଷ୍ଟି କରିଥିଲେ, ଏଣିକି ଶାସନ ଡୋରି ହାତକୁ ଆସିଲେ ଗାନ୍ଧୀଙ୍କ ଇଙ୍ଗିତ ଓ ଆଦର୍ଶରେ ସେମାନଙ୍କ ନିଦ ଭାଙ୍ଗିବ ଆଶା କରୁଁ । ମହାତ୍ମା ଗାନ୍ଧୀ ହାତରେ ଚାଲୁ, ତାଙ୍କର ଦୃଷ୍ଟିରେ ଭାରତର ସବୁ ସମସ୍ୟା ବିଚାର କରି ଆମେ ବିପ୍ଳବୀ ନ ହେଲେ ମରିବା ଛଡ଼ା ଆମ ପକ୍ଷରେ ଆଉ ପନ୍ଥା ନାହିଁ ବୋଲି ମନେ କରେ ।

Digitized by srujanika@gmail.com

# "ଗାନ୍ଧୀଜୀ"

ଶ୍ରୀ ପରଶୁରାମ ପଟ୍ଟନାୟକ

ଦୃଢ଼ ଶୃଙ୍ଖଳେ ବାନ୍ଧିଲା ଦେଶେ ଯେବେ ବିଦେଶୀର ଶାସନ ତନ୍ତ୍ର,
ତୁମେ ଜଗାଇଲ ସୁପ୍ତ ଭାରତେ, ତୁମେ ଦେଲ ତାକୁ ମୁକ୍ତି ମନ୍ତ୍ର ।
ଦେଶ ଦେଶ ଯେବେ ସ୍ତମ୍ଭିତ କରି, ବାଜିଲା ତୁମର ଅହିଂସା ଭେରୀ,
ଜାଗିଲା—ଜଗତର ଦୁର୍ବଳ, ଛିଡ଼ା ଶୃଙ୍ଖଳ ଆଜ ଯାଅନା ହେରି ।
ଅହିଂସା ଆଜି ଅସ୍ତ୍ର ତୋହର ସତ୍ୟ ତୋହର ସମର ଶକ୍ତି,
ସତ୍ୟାଗ୍ରହୀ ତୁ ଜାଗ ଆଜି ଜାଗ ଆଗେର ତୋହର ସ୍ୱଦେଶ ମୁକ୍ତି ।
ଦୃଢ଼ ଶୃଙ୍ଖଳେ ବାନ୍ଧିଥିଲା ଭାରତେ ଆଜି ବିଦେଶୀର ଶାସନ ତନ୍ତ୍ର,
ଜଗାଇଲ କୋଟି ସନ୍ତାନ ତାର ଶୁଣାଇ ଗଭୀରେ ମୁକ୍ତି ମନ୍ତ୍ର ।

* * * *

ଉଦ୍‌ବୋଧନର ସଂଗୀତ ଗାଇ ଦେଲ ଏ ଜାତିକୁ ଏକତା ଦୀକ୍ଷା,
ମାନବ କଦାପି ଚଣ୍ଡାଳ ନୁହେଁ ଲଭିଲା ଭାରତ ଏ ମହା ଶିକ୍ଷା ।
ତୁମର ଚରଖା ଘୋଷେ ଘରେ ଘରେ ଉଠ ଉଠ ଆଜି ଜାଗରେ ସୁପ୍ତ,
ବିଦେଶୀ ବସନ ଭୂଷଣେ ପୂର୍ବ— ଗୌରବ ତୋର ହେଲାରେ ଲୁପ୍ତ ।
ତୁମେ ଡାକ ଦେଲ, ଜାଗ ବିଦ୍ରୋହୀ, ଭାଙ୍ଗ ଆଜି ଏ ଶାସନ ତନ୍ତ୍ର,
ଉଠ ସୈନିକ ସତ୍ୟାଗ୍ରହୀ ତୁ ନିଅ ନିଅ ଏହି ଅହିଂସା ମନ୍ତ୍ର ।

* * * *

ସାଗର ସେପାରେ ଶତ୍ରୁ ଶିବିରେ ନଗ୍ନ ଫକୀର ତୂର୍ଯ୍ୟ ନାଦେ,
ବ୍ୟର୍ଥ ତାହାର ଗୁଳି ଗୁଳା ବୋମା ଅବଶେ ଲୋଟଇ ତୁମର ପାଦେ ।
ଅସ୍ତ୍ର ମାନେନା ନିରସ୍ତ୍ର ଆଜ ଦୁନିଆ ଦେଖଇ ନୂତନ ଗତି,
ବିଦ୍ରୋହୀ ଅବ ମୃତ୍ୟୁ ବିଜୟୀ ଅଭିର ମାନଇ ପରମ ଦିନ ।
ହିଂସାର ଆଜି ଅଭିଯାନ ଯେତେ ଅହିଂସା ଅସ୍ତ୍ରେ ହେଲା ଯେ ବ୍ୟର୍ଥ ।
ତୁମର ପୁଣ୍ୟ ପଦ ରେଣୁ ପଡ଼ି କାରାଗାରେ ହେଲା ପରମ ତୀର୍ଥ ।
ତୁମ ପ୍ରତିବାଦେ ପ୍ରମାଦ ଗଣିଲା ନିଷ୍ପେଷିତର ଶାସନ ତନ୍ତ୍ର,
ସୁପ୍ତ ଭାରତେ ଜଗାଇଲ ତୁମେ ଦେଲ ତାକୁ ତୁମେ ସ୍ୱରାଜ ମନ୍ତ୍ର ।

* * * *

ଅଖ୍ୟାତ ଏକ ପଲ୍ଲୀ କୁଟୀରେ ବିଖ୍ୟାତ ତବ ଜନ୍ମ କାଳେ,
ଭାରତ ଭୂଇଁର ଶ୍ମଶାନେ ଆଜି କୋଟି [illegible] ମଶାଳ ଜାଳେ ।

Digitized by srujanika@gmail.com



## ବିଲୁଆ ବିଚାର

୯ମ ବର୍ଷ— ୯ମ ସଂଖ୍ୟା ଆଶ୍ୱିନ ପ୍ରଥମାଙ୍କ

"ଜୁଜୁମା ଗଲ ଗଲ" ବୋଲି ଓଡ଼ିଆ ଉଚ୍ଚ ସ୍ୱର କରି ମେଦିନୀ ଫଟେଇ ଦେଉଛନ୍ତି । ସମସ୍ତିଙ୍କର ଡର, କାଳେ ମାନ୍ଦ୍ରାଜୀ ହାକିମଙ୍କ ଠାରୁ ଓଡ଼ିଶା ନ୍ୟାଯ୍ୟ ବିଚାର ନ ପାଇବ । ସେଥିରେ ପୁଣି ଓଡ଼ିଶା ପକ୍ଷରୁ ଲଢ଼ିବାକୁ ଯେ ଯାଉଛନ୍ତି ସେ ବି ଜଣେ ମାନ୍ଦ୍ରାଜୀ ।

କିନ୍ତୁ ଆମେ କହି ପାରିବୁ ନି ଓଡ଼ିଆଙ୍କର ଏଥିରେ ଜିତିବାର ଚାନ୍ସ ନାହିଁ । ତାର ସୂଚନା ମଧ୍ୟ ମିଳିଲଣି । ସ୍ୱେର କମାରେ ଚିହ୍ନିକି କାଟି ଦେବାର ଫଳ କି !

\+ × × +

ଏ ସମ୍ବନ୍ଧରେ ଅନେକଙ୍କ ମନଦୁଃଖ କି—ଏ ଲଢ଼େଇଟା ଗୋଟାଏ ନିରପେକ୍ଷ କ୍ଷେତ୍ରରେ ନ ହୋଇ ଶତ୍ରୁମୂଳକ ମାନ୍ଦ୍ରାଜ ଠାରେ କାହିଁକି ହେଲା !

ଆମର ଧାରଣା କିନ୍ତୁ ଅନ୍ୟ ପ୍ରକାର । ତାର କାରଣ ଏହିକି— ଓଡ଼ିଆ ଜାତି ସବୁଦିନେ ମାନ୍ଦ୍ରାଜକୁ ଜୟ କରିଛି । କାହିଁକି କଥାଟା କଣ କାହାର ମନେ ପଡ଼ୁନାହିଁ ? ଇତିହାସ ପୁନରାବୃତ୍ତି ହୁଏ ବୋଲି ଚିରନ୍ତନ କଥା ରହିଛି । ଏଥର ବି ସେହିପରି ଓଡ଼ିଆ ବାହିନୀ ଯାଉଛନ୍ତି ମାନ୍ଦ୍ରାଜ ବିଜୟ ଅଭିଯାନରେ । ଶତ୍ରୁର ରାଜ୍ୟରେ ପଶି, ଛାତି ଉପରେ ବସି ଜୁଜୁମା ଜୟ କରି ଆସିବେ । ଏଭଳି ବିଜୟର ଗୌରବ କେଉଁଠି ନାହିଁକି ?

> ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରଖି ସେହି ମହାମାନବଙ୍କ ୭୭ମ ଜନ୍ମ ଦିବସରେ 'ଡଗର' ତାର ଶ୍ରଦ୍ଧା ଭକ୍ତି ଅର୍ପଣ କରୁଛି ।
>
> ପରିଚାଳନା—

\+ + + +

ଭାରତକୁ ସ୍ୱାଧୀନତା ଦେବାରେ ଯେଉଁ ଝୋଲ ବାନ୍ଧିଥିଲା, ଚର୍ଚ୍ଚିଲ୍‌ଙ୍କ ହାତୀ ତାକୁ 'ଫୁସ୍' କରି ଦେଇଛି । ଏଥିରେ କାହା ମନ ଫାଟି ଓ କାହା ମନ ଚାଟି ଧରି ଯିବାର କଥା । କେହି କେହି ଅନଶନ ମତ ଯେ ପ୍ରାଣାନ୍ତ ନ ହେଉଛି ତାହା ବି ନୁହେଁ । କଂଗ୍ରେସ କିନ୍ତୁ ଓ୍ୱାଭେଲଙ୍କ 'ହନୁମନ୍ତ ଦାନ'କୁ 'ପଦ-ପାଠ ବିଦାୟ' କରି ଦେଇ ଆମ ଭଳିଆ ମନ୍ତ୍ରିମଣ୍ଡଳଙ୍କୁ ସ୍ୱପ୍ନ ଯୋଗାରେ ପକାଇ ଦେଇଛି । ଯେଉଁ କଂଗ୍ରେସବାଲା କାଲି ପରି, ସିମଲା ବୈଠକରେ 'ଯାହା ହେଲେ ମୂଠାଏ' ପାଇଁ ହାତ ପତାଇଥିଲା, ବମ୍ବେଇରେ ତାହାର ମୁହଁ ଓହ୍ଲୁଡ଼ ଦେଖି ମନେ ହେଉଛି—''କି ବନ୍ଦରେ !''

\+ + + ×

ଏଥର କଂଗ୍ରେସ ନାକଚନାକିଆ କରି ନୁହେଁ—ଘାଡ଼ ଘାଡ଼ିଆ କରି ଅଣ୍ଟା ଉଡ଼ିକ ଭୋଟ ଲଢ଼େଇବେ । ପ୍ରାଦେଶିକ ମନ୍ତ୍ରୀ ସରକାର ମାନ ଗଢ଼ିବ କି ନାହିଁ ସେକଥା ଖୋଲି ଯାଉନାହିଁ । ସେଇଟା ନିର୍ବାଚନ ଫଳ ଉପରେ ନିର୍ଭର କରେ । କିନ୍ତୁ ସବୁ କଥା ଦେଖି ଏତିକି ବୁଝା ପଡ଼ୁଛି ଯେ ଏହା ଭିତରେ ଗୋଟାଏ ଗଭୀର ରହସ୍ୟ ରହିଛି—ଯାହାର ଓର ପାଇବା କାଠିକର ପାଠ । ଏଥର ଯେଉଁ ଟଣା ଓଟରା ଲାଗିବ, ତାର ଟେକନିକ୍ ସମ୍ପୂର୍ଣ୍ଣ ନୂଆ ଧରଣର ବୋଲି ମନେ କରିବା ଅନ୍ୟାୟ ହେବନାହିଁ ।

× + ×

ଯୁଦ୍ଧଟା ଯେ ସରି ମଧ୍ୟ ସରୁନାହିଁ, ଏକଥା ସୁନାଠାରୁ ଚେଣ୍ଡି ଯାକର ମୂଲ୍ୟରୁ ଜଣା ପଡ଼ୁଛି । ଦୁନିଆର ହାଣକାଟ ଲଢ଼େଇ ସାଙ୍ଗରେ ଆମର କଣ ? ପେଟକୁ ଦାନା ଓ ଅଣ୍ଟାକୁ କନାର ଅଭାବ ମେଣ୍ଟୁଣ ନ ହେବାଯାଏ ଆମର ଶାନ୍ତି କେଉଁଠି ? ତଥାପି କହିବାକୁ ପଡ଼ୁଛି—ଯୁଦ୍ଧ ସରିଲା—ଓଁ ଶାନ୍ତିଃ—ଶାନ୍ତିଃ—ଶାନ୍ତି ।

\+ × × ×

ଏ ଶାନ୍ତି ଯେ କେଉଁ ଅର୍ଥ ସୂଚିତ କରିବ ସେଇ କଥାଟା କେବଳ ବାଇକୋଳି ମହାପାତ୍ରେ ଜାଣନ୍ତି । ଆମେ ଯାହା ଜାଣୁଛୁଁ—ଏଇଟା ନାଁ ଶାନ୍ତି, ନା ସଂଗ୍ରାମ ! ମଝିମଝିଆ ଏ ତ୍ରିଶଙ୍କୁ ଅବସ୍ଥା । ଏପରି ଅବସ୍ଥା ଯେ ଯୁଦ୍ଧଠାରୁ ବି ସାଂଘାତିକ ଏହା କାହାରିକୁ କହିବାର ଦରକାର ନାହିଁ । କେବଳ ଏତିକି ଭାବନା—ଏଥିରୁ ବଞ୍ଚିବା କେମିତି !

\+ × + +

ଯେଉଁମାନେ ପୃଥିବୀରେ ଅଶାନ୍ତି ନିଆଁ ଜାଳିଥିଲେ ସେମାନେ ତ ଧ୍ୱଂସ । ଆଜି ଯାହାଙ୍କ ହାତରେ ଶାନ୍ତି ଟେବୁଲରେ କଇଁବାଡ଼ି ରହିଛି, ସେମାନେ ହାତରେ ଧରି ବୁଲୁଥିବା ଅଲିଭ-ଶାଖାରୁ ଗୋଟି ଗୋଟି ହୋଇ ପତ୍ର ଛିଡ଼ି ପଡ଼ିବାର ଦେଖା ଗଲଣି । ଏହି ଶାଖାଗୁଡ଼ାକ ଯେତେବେଳେ ପତ୍ରଶୂନ୍ୟ ହୋଇଯିବ, କେଜାଣି ସେହି ଶୁଖିଲା ଡାଳକୁ ଧରି ଶାନ୍ତିଦାତାଗଣ ପୁଣି ଠକାଠକ୍ ଠକାଠକ୍ ଲଢ଼େଇ ଜମାଇ ଦେବେ । ତେବେ ଯାଇ ଶାନ୍ତି ଆସିବ ପରା !

× × × ×

ସୁଭାଷଙ୍କ ନେତୃତ୍ୱରେ ଓ ଜାପାନର ଆଶୀର୍ବାଦରେ ସିଂହାପୁର ଠାରେ 'ସ୍ୱାଧୀନ ଭାରତ ସେନାଦଳ' ବୋଲି ଗୋଟାଏ ବାହିନୀ ଗଠିତ ହୋଇଥିଲା । ଏବେ ଭାଗ୍ୟ ବିପର୍ଯ୍ୟୟ ଘଟିବାରୁ ସେହି ସେନା

( ଅବଶିଷ୍ଟ ୧୧ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com




# ମେଘଦୂତ

ଲେଖକ—ଶ୍ରୀ କସ୍ତୁରି ଚରଣ ମହାପାତ୍ର

ଏଥର ଅଷାଢ଼ର ପହିଲି ବିଜୁଳି ଚମକରେ କମିତି ଗୋଟାଏ ଅପୂର୍ବ ପୁଲକ ଜାଗିଲା ମନରେ। ଏପରି ଗୋଟାଏ ଅଦ୍ଭୁତ ଅନୁଭବ କଲି ଯାହା ଆଉ କେବେ ଟେର୍ ପାଇ ନ ଥିଲି। ମନଟା ଲାଗିଲା ଖାଲି ଫାଙ୍କା ଫାଙ୍କା—ଶ୍ରାବଣ ଝର ପତନଛନ୍ଦରେ ଶୁଣିଲି ନବସ୍ତ୍ର ସଦ୍ୟତଭ ପଦର ନୂପୁର ନିକ୍ୱଣ। ବର୍ଷଣୋନ୍ମୁଖ ଜଳଦମାଳାରେ ଦେଖିଲି କଳ୍ପିତ ପ୍ରିୟାର ଅଭିମାନ ନମ୍ର କମ୍ର ଲୋଚନ; ବିଦ୍ୟୁତ୍ ସ୍ଫୁରଣରେ ଆଭାସ ପାଇଲି ପ୍ରିୟାର ଦଶନଦ୍ୟୁତିର ଚମତ୍କାର। ବିବାହୋପଯୋଗୀ ଅବିବାହିତ ଯୁବକ ମୁଁ। ଭାବ ବିହ୍ୱଳ-ମନ ମାନସିଂହଙ୍କ ବିଳାପକୁ ଟିକିଏ modify କରି ଅନବରତ ଗୁମୁରି ଉଠେ—"ଦୂରେ ଦୂରେ ଦୂରେ·········ରହୁଛୁ ଯାଇ ଚରଣ ପ୍ରିୟା କେଉଁ ଅଜଣା ପୁରେ।" ବେଳେ ବେଳେ ମନ ଇଂରାଜୀରେ କାନ୍ଦି ଉଠେ—If I were in bed again········ ···and my love in my hands.

କିନ୍ତୁ ମୋର ପ୍ରଣୟ ଉପଦ୍ରବ ଆଉ ବେଶି ଦୂର ଅଗ୍ରସର ହୋଇ ପାରିଲାନି। ଅଷାଢ଼ର ଶେଷଭାଗରୁ ଆରମ୍ଭ ହେଲା ନିରବଚ୍ଛିନ୍ନ ନିର୍ମମ ଅନାବୃଷ୍ଟି। ଚାରିଶ୍ରାବଣରେ ଆକାଶରେ ମେଘର ଆବିର୍ଭାବ ହେଲା ସ୍ୱପ୍ନର ବିଳାସ, ବିଜୁଳି ଲକ୍ଷେ ଟଙ୍କା—କଳାପୋଡ଼ା ଦର। ନବ ବିବାହିତ ପତିମାନଙ୍କର ବାତ୍ତାବହନ ପାଇଁ ଆଉ କେହି ଅବଶିଷ୍ଟ ରହିଲାନି—ମନର କଥା କାଗଜ ଲେଖି ଡାକରେ ଗଲେ ଦେଲେ censor ହାତରେ ପଡ଼ିବାର ଭୟ। କୃଷକକୁଳ ବ୍ୟାକୁଳ ହୋଇ ଉଠିଲେ, ସେମାନଙ୍କର ଆଶା ଭରସାର ସ୍ଥଳ ଫଳପେଣ୍ଟ ଧାନଗଛ ଗୁଡ଼ିକର ଅବସ୍ଥା କଣ ହେବ? ବନ୍ୟା ପ୍ଲାବନରେ ଶସ୍ୟ ନଷ୍ଟ ହେବା ବରଂ ଅଭ୍ୟାସଗତ, କିନ୍ତୁ ମରୁଡ଼ିରେ ଫସଲ ନଷ୍ଟ! ଜାପାନର ପରାଜୟରେ ସହରରେ ଆନନ୍ଦ ହିଲ୍ଲୋଳ ଖେଳି ଯାଇଥିଲା—ଯୁଦ୍ଧର ପରିସମାପ୍ତି ହେଲା, ଏଥର ଫସଲର ଅନୁକୂଳ ଅବସ୍ଥା ଦେଖିଲେ ରେସନ ଉଠିଲା ହୋଇଯିବ—ସରକାରଙ୍କର ସସ୍ନେହ ଲାଳନ ପାଳନରୁ ଉଦ୍ଧାର ପାଇ ଲୋକେ ବାଛିକି ଚଳିକି ଭଲ ଚାଉଳ ଖାଇବାକୁ ପାଇବେ। ମାତ୍ର ସମସ୍ତ ଆଶା ଆକାଂକ୍ଷାର ଅବସାନ କରି ଆବିର୍ଭୂତ ହେଲା ଅନବଚ୍ଛିନ୍ନ ଘୋର ଅନାବୃଷ୍ଟି। ଦୈନିକ ସମ୍ବାଦପତ୍ରରେ ଉଠିଲା କାନ୍ଦ ବୋବାଳି। ଲୋକଙ୍କ ଦୁର୍ଦ୍ଦଶା ସହିତ ସହାନୁଭୂତି ଦେଖାଇ ଯେଉଁ ସମ୍ବାଦପତ୍ର ବେଶି କାନ୍ଦିପାରିବ ତା'ର ହେବ ବେଶି ପ୍ରଚାର, ବେଶି ପ୍ରସାର, ବେଶି ଗ୍ରାହକ ସଂଖ୍ୟା। ଯେପରି ଶୌଖୀନ ପୌଷାକ କାରବାର କଂଗ୍ରେସ ପକ୍ଷ ନିର୍ବାଚନ ପ୍ରାର୍ଥୀର ଯୋଗ୍ୟତାର ପରିମାପକ।

ଦିନେ ସଂବାଦପତ୍ର ଉପଦେଶରେ ମୁଁ ଗୋଟିଏ ସାଧାରଣ ସଭା ଆହ୍ୱାନ କଲି। ଅନାବୃଷ୍ଟିର ଆଶୁ ପ୍ରତିକାର ସଂପର୍କରେ ଆଲୋଚନା କରିବାକୁ ହେବ। ଯଥା ନିୟମରେ ସଭା ଆରମ୍ଭ ହେଲା। ମୁଁ ବକ୍ତୃତା ଆରମ୍ଭ କଲି—

ଭଦ୍ରମାନେ!

ଆଜିର ବିରାଟ ଜନସମାବେଶରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଅନାବୃଷ୍ଟି ଆପଣମାନଙ୍କ ଉପରେ କାର୍ଯ୍ୟକ୍ଷମ ଏବଂ ତା'ର ପ୍ରତିକାର ଚିନ୍ତା କରିବା ପାଇଁ ଆପଣମାନେ କେତେ ଉଦ୍‌ବିଗ୍ନ। ଆମର ଯେତେବେଳେ ଜଳର ସବୁଠୁଁ ବେଶି ପ୍ରୟୋଜନ, ଠିକ୍ ସେତିକିବେଳେ ଘୋର ଅନାବୃଷ୍ଟି। ମୁଁ ନିଜେ ଗାଁ ଗଣ୍ଡା ବୁଲି ଆସିଛି—କ୍ଷେତର ଅବସ୍ଥା ଦେଖିଲେ ଚକ୍ଷୁରେ ଲୁହ ରହିବ ନାହିଁ। ଅନ୍ୟାନ୍ୟ ବର୍ଷ ଏ ସମୟରେ ମୁଷଳଧାରରେ ବୃଷ୍ଟି ହୁଏ। ଅଥଚ ଏବର୍ଷ ବିନ୍ଦୁ ମାତ୍ର ବର୍ଷା ନାହିଁ। କିଏ ଅନାବୃଷ୍ଟି ଦେଇ ଚିନ୍ତା କଲେ ମନେହୁଏ ଆସନ୍ନ ନିର୍ବାଚନ, ଓ୍ୟାଭେଲଙ୍କ ଶିମଳାଯାତ୍ରା ଏବଂ ଅନାବୃଷ୍ଟିର ସମସାମୟିକତା ଘୋର ଅର୍ଥସମ୍ପୃକ୍ତ। ୧୯୪୩ ରେ ହେଲା manmade famine ବା ମନୁଷ୍ୟ ସୃଷ୍ଟ ଦୁର୍ଭିକ୍ଷ—ସେହିପରି—ମନୁଷ୍ୟ ସୃଷ୍ଟ ଅନାବୃଷ୍ଟି ଅସମ୍ଭବ ହେବ କାହିଁକି? ସରକାର ଯଦି ଏଥିରେ ସଂଶ୍ଳିଷ୍ଟ ନୁହନ୍ତି ତାହାହେଲେ ଏ ସର୍ବନାଶୀ ଅନାବୃଷ୍ଟିର ନିବାରଣ ପାଇଁ ଉଦ୍ୟୁକ୍ତ ହେଉନାହାନ୍ତି କାହିଁକି? ଯେଉଁ ସରକାର ଆଣବିକ ବୋମା ବା Atom Bomb ତିଆରି କରିପାରେ ତା ପକ୍ଷରେ ସାମାନ୍ୟ ଅନାବୃଷ୍ଟିର ପ୍ରତିକାର କରିବା ଅସମ୍ଭବ ନୁହେଁ। ଏପରି ନିଦାରୁଣ ଔଦାସୀନ୍ୟ କେବଳ ଆମଲାତନ୍ତ୍ର ଶାସନରେ ସମ୍ଭବ। ଏ ଦୁର୍ଯୋଗରୁ—ସରକାରଙ୍କର ଦୁର୍ନୀତିର ଅଧିକତ ପ୍ରତିକାର କରିବାକୁ ହେବ। ଜନମତ ସଂଗଠନ କରିବାକୁ ହେବ। ସଭାସମିତି କରି ଭାରତର ଏକ ପ୍ରାନ୍ତରୁ ଅପରପ୍ରାନ୍ତ ପର୍ଯ୍ୟନ୍ତ ଆନ୍ଦୋଳନ କରି ଦେଶସାରା ବୋହୁଲ୍ୟମାନ କରିଦେବାକୁ ହେବ। ଆମଲାତନ୍ତ୍ରୀ ଶାସକ ତା'ର ସମସ୍ତ କ୍ଷମତା ପ୍ରୟୋଗ କରି ଅନାବୃଷ୍ଟି ପ୍ରତିହତ କରୁ। ସାରାଦିନ ରାତିରେ ବୃଷ୍ଟିର ବ୍ୟବସ୍ଥା ହେଉ—ଏଇ ସମୟ

Digitized by srujanika@gmail.com

ଜନ୍ମଗତ ଦାବୀ । ଅତେବେବେ ସରକାର ଯଦି ଆମର ନ୍ୟାଯ୍ୟ ସଂଗତ ଦାବୀର ସନ୍ତୋଷଜନକ ଆପୋଷ ମୀମାଂସା ନ କରିବା ଭଳି ଔଦ୍ଧତ୍ୟ ଦେଖାଏ ତାହାହେଲେ ଆମର ଚରମ ଉପାୟ—ଧର୍ମଘଟ । × × + + ଇତ୍ୟାଦି ଇତ୍ୟାଦି ।

ସଭା ଶେଷରେ ଗଗନ ପବନ ପ୍ରକମ୍ପିତ କରି Slogan ଉଠିଲା—ବନ୍ଦେ ମାତରମ୍—ଇନକ୍ଲାବ ଜିନ୍ଦାବାଦ—ଅନାବୃଷ୍ଟି ପ୍ରତିକାର ଚାହୁଁ ।

ସେଇଦିନ ସନ୍ଧ୍ୟାରେ କମ୍ୟୁନିଷ୍ଟ କେନ୍ଦ୍ରରେ ସଭା ବସିଗଲା । ମୋର ଅନନ୍ୟ ସାଧାରଣ କୌତୁକସ୍ପୃହାରେ ଷ୍ଟାଲିନଭକ୍ତ କମ୍ରେଡ୍ ବର୍ଗ ମୁଗ୍ଧ । ଏ ଅଯୌକ୍ତିକ ଯୁକ୍ତି ମୁଁ କରି ନ ପାରେ ! ଏ କେବେଶତାର ସନ୍ଧାନ ଲେଖକ ମୁଁ ପଟେଇ ପାରେ ! ନିର୍ବିକାର ଭାବରେ ଅଯଥା କଥା କହିବାର ଏ ଅଲୌକିକ ଶକ୍ତି ମୋର ! କମ୍ରେଡ଼ ଗୋଷ୍ଠୀରେ ମୋ ପ୍ରତିଭାର କଥା ଅନନ୍ତ ସମ୍ଭାବନା ରହିଛି । ଅଥଚ ଏ ପର୍ଯ୍ୟନ୍ତ କମ୍ୟୁନିଷ୍ଟ ଦଳର ମତେ ଆକୃଷ୍ଟ କରିବା ପାଇଁ କିଛି ଉଦ୍ୟମ ହୋଇନାହିଁ ।

କିନ୍ତୁ ମତେ ଆକୃଷ୍ଟ କରିବେ କିମିତି ? ସେତେବେଳକୁ ତାଙ୍କର ପାଖରେ କିଛି ଗୁପ୍ତ ଅସ୍ତ୍ର ( Secret weapon ) ନାହିଁ ।

ଜଣେ କମ୍ରେଡ଼ କହିଲେ—"କମ୍ରେଡ଼ ମିସ ଶେଫାଳୀଙ୍କୁ ସେଥିପାଇଁ ନିଯୁକ୍ତ କରଯାଉ ।"

କମ୍ରେଡ଼ ମିସ୍ ଶେଫାଳୀ ପ୍ରସ୍ତାବଟା ଶୁଣି ଟିକିଏ Blush କଲେ ।

ଆଉ ଜଣେ କହି ଉଠିଲେ—"କମ୍ରେଡ଼ ଶେଫାଳୀ, ଆପଣ ବଡ଼ Shy । ପାର୍ଟି ପାଇଁ ଏତକ କରି ପାରିବେ ନାହିଁ ?"

ମିସ୍ ଶେଫାଳୀ ତାଙ୍କ ଭଳି କମ୍ରେଡ଼ ବନ୍ଧୁଙ୍କ ଆଡ଼କୁ ଟିକିଏ ଅନାଇ ସେ ପ୍ରସ୍ତାବରେ ନିଜର ସମ୍ମତି ଜଣାଇଦେଲେ ।

ମୋର ବ୍ୟସ୍ତ ସଂକୋଚ ହୋଇଗଲା । ହାତକୁ ଆଉ ଜଳଖିଆ ଖର୍ଚ୍ଚ ବା ସିନେମା ଦେଖା ଖର୍ଚ୍ଚ ପଡ଼ୁନାହିଁ । ମିସ୍ ଶେଫାଳୀ ସହିତ ଅବାଧ ମିଳାମିଶାର ସୁଯୋଗ ମିଳିଲା । ତେଣୁ ପ୍ରସ୍ତାବ ପ୍ରାୟ ପକ୍କା । ଅନାବୃଷ୍ଟିରୁ ହେଲା ପୁଷ୍ପବୃଷ୍ଟି । ଦିନେ ନିଭୃତରେ ବସି ଶେଫାଳୀ ଆଉ ମୁଁ କଥାବାର୍ତ୍ତା ହେଉଥିଲୁ । ଗୋଟାଏ ଦୁର୍ବଳ ମୁହୂର୍ତ୍ତରେ ମୁଁ ସ୍ୱୀକାର କରି ପକାଇଲି—ମୋର କ୍ରୀଡ଼ା ଶୋଭା ଯାବତୀୟ ସମସ୍ତ ଅଧିନାୟକତ୍ୱ—according to plan. ଶେଫାଳୀ ଏଥିରେ ହାସିତ ହେଲେନି । ଦୁଷ୍ଟାମି କରି ହସି କହିଲା ସେ ମଧ୍ୟ କିମିତି କିଛି ଉପାୟ ଚିନ୍ତା କରୁଥିଲା, ମତେ ପାଇବାକୁ ବ୍ୟଗ୍ର ଥିଲା ।

ଅଜାଣତରେ ଗୋଟାଏ ଲମ୍ବା ନିଶ୍ୱାସ ପଡ଼ିଗଲା । ଭାଗ୍ୟକୁ ଅନାବୃଷ୍ଟି ହେଲା ବୋଲି ହିନା ! ନ ହେଲେ ଆଉର କେତେଦିନ ବିଚ୍ଛିନ୍ନ ରହିଥାନ୍ତୁ କେଜାଣି ? ଉଭୟେ ଉଭୟଙ୍କୁ ପାଇବାକୁ ବ୍ୟଗ୍ର ଥିଲୁ । ମେଘ କୃପାରୁ ମିଳନ ଦ୍ରୁତ ସମ୍ଭବପର ହେଲା । କାଳୀଦାସଙ୍କ କାବ୍ୟରେ ମେଘ-ସନ୍ଦେଶରେ ଦୌତ୍ୟ କରିଥିଲା, ଏ କ୍ଷେତ୍ରରେ ଦୌତ୍ୟ କଲା ଅ-ଶରୀର । ମେଘର ଦୌତ୍ୟ କ୍ଷମତା ଅସାଧାରଣ ।

ଆମ ଉଭୟଙ୍କ ମଧ୍ୟରେ ଭାରତ ଓ ବ୍ରିଟେନର ମିଳାମିଶା ସଂପର୍କରେ କ୍ରିପସ କିମ୍ବା ଓ୍ୟାଭେଲଙ୍କ ଦୌତ୍ୟ ଅପେକ୍ଷା ମେଘର ଦୌତ୍ୟ ଅଧିକ କାର୍ଯ୍ୟକରୀ । ବର୍ତ୍ତମାନ ବ୍ରିଟେନ ଓ ଭାରତର ଘନିଷ୍ଠତା ଆଧୁନିକ ଛାଡ଼ପତ୍ରପ୍ରାପ୍ତ ସ୍ୱାମୀ ସ୍ତ୍ରୀଙ୍କ ସଂପର୍କ ସହିତ ସମାନ ନୁହେଁ କି ? ※

———※———

* with apology.

## ଉତ୍କଳ ଯାଦବ ଛାତ୍ରାବାସ-ଭଦ୍ରକ ।

ପ୍ରସ୍ତାବିତ ଛାତ୍ରାବାସ ଆସନ୍ତା ପୂଜାଛୁଟି ପୂର୍ବରୁ ଖୋଲିବାପାଇଁ ଏହାର ଉଦ୍ୟୋକ୍ତାମାନେ ଯଥାସାଧ୍ୟ ଚେଷ୍ଟା ଓ ଯତ୍ନ କରୁଅଛନ୍ତି । ଏହି ଅନୁଷ୍ଠାନର ଲକ୍ଷ ବିରାଟ ଓ ବିସ୍ତୃତ । ସମଗ୍ର ପ୍ରାକୃତିକ ଉତ୍କଳର ଅର୍ଥାତ୍ ରାଜନୈତିକ ଓଡ଼ିଶା ପ୍ରଦେଶ, ଗଡ଼ଜାତ ସମୂହ ଓ ପ୍ରଦେଶ ବାହାରେ ଥିବା ସମସ୍ତ ଓଡ଼ିଆ-ଭାଷୀ ବିଚ୍ଛିନ୍ନ ଅଞ୍ଚଳର ଯାଦବ ଛାତ୍ରମାନଙ୍କର କେନ୍ଦ୍ରୀୟ ଅନୁଷ୍ଠାନରୂପେ ଏହା କଳ୍ପିତ । ଭଦ୍ରକ ଟାଉନରେ ତିନୋଟି ହାଇସ୍କୁଲ ଓ ହାଇସ୍କୁଲର ମାଇନର ଶ୍ରେଣୀସହ ତିନିଗୋଟି ମାଇନର ସ୍କୁଲ ଅଛି । ଭଦ୍ରକ ଟାଉନ୍, ବି, ଏନ୍, ଆର, ରେଲଷ୍ଟେସନର ତିନି ମାଇଲରେ, ସ୍ୱଚ୍ଛନୀର ସାଲନ୍ଦୀ ନଦୀ କୂଳରେ ଅବସ୍ଥିତ । ସ୍ଥାନୀୟ ଜଳବାୟୁ ସ୍ୱାସ୍ଥ୍ୟକର । ଏଥିପ୍ରତି ସର୍ବସାଧାରଣଙ୍କର ଦୟା ଓ ସହାନୁଭୂତି, ଦାତାମାନଙ୍କର ବଦାନ୍ୟତା ଓ ସର୍ବୋପରି ଶିକ୍ଷିତ ଯାଦବ ସମାଜ ଓ ଛାତ୍ରମାନଙ୍କର ଅନବରତ ଚେଷ୍ଟା ଓ ଉତ୍ସାହପୂର୍ଣ୍ଣ ପ୍ରବଳ ଉଦ୍ୟମ ପ୍ରାର୍ଥନୀୟ ।

ଏହି ଅନୁଷ୍ଠାନକୁ **"ଭଦ୍ରକ ଯାଦବ ସମିତି-କଲିକତା"** ଅଧୀନରେ ଅନ୍ତର୍ଭୁକ୍ତ କରିବା ପାଇଁ ତା ୨୩ । ୯ । ୪୫ ରିଖରେ ଛାତ୍ରାବାସ କମିଟି ବୈଠକରେ ସର୍ବ-ସମ୍ମତି-କ୍ରମେ ପ୍ରସ୍ତାବ ଗୃହୀତ ହୋଇଅଛି ।

**ଶ୍ରୀ କୃଷ୍ଣଚନ୍ଦ୍ର ପରିଡ଼ା ।**
ଛାତ୍ର—ସ୍ୱେଚ୍ଛାସେବକ ( ଭଦ୍ରକ ହାଇସ୍କୁଲ )

Digitized by srujanika@gmail.com







# ସ୍ୱପ୍ନ-ଭଙ୍ଗ

ଲେଖକ:—
—କୁମାର ଶ୍ରୀବତ୍ସ

"ସନ୍ଧ୍ୟା ! · ···"

କଣ୍ଠରେ ମୋର କରୁଣ ଅଶ୍ରୁଳ ନିବେଦନ ।···ଦୁରନ୍ତ ଯକ୍ଷ୍ମାରୋଗୀ ମୁଁ । ଅସ୍ଥି ପଞ୍ଜର ତୋଳାକର ଗାତ ଭିତରେ ମୋର ପିମ୍ପିଡ଼ି ଅଣଗଣ ଝିଙ୍କାରି ଲାଗିଛି ।······ରକ୍ତ ଖଙ୍କାରରେ ଭୀଷଣ ଅତର୍କି ଟେଳକୁ ବେଳ ତେଣି କୋଳରେ ଧରି ଗୁଳଛି ।······

ବାହାରେ ଭୀଷଣ ଥଣ୍ଡା ପବନ········ଖୋଲା ଝରକାଟା ଭିତରେ ଦେଇ ଝିଲ୍‌କାକୁ ଝିଲ୍‌କା ପାଣି ଛାଟୁଛି । ଶ୍ରାବଣ ସନ୍ଧ୍ୟାର ସିକ୍ତ ପ୍ଲାବନ ତଳେ ତଳେ ମୋ'ର ଭିତରର ବେଦନା ବେଳକୁ ବେଳ ତୀବ୍ର ଆତ୍ମପ୍ରକାଶ କରୁଛି ।......ଖଟ ଉପରୁ ଉଠି ଯାଇ ଝରକାଟା ବନ୍ଦ କରି ଦେବାର ବଳ ନାହିଁ ।

ଡାକିଲି, "ସନ୍ଧ୍ୟା !"

ସନ୍ଧ୍ୟା ଶୁଣିଲାନି । ବାହାରେ ଝଡ଼ ବଢ଼ି ଚାଲିଛି । ଘର ବାହାର ଭୀଷଣ ଅନ୍ଧାର ।·····ମଶାରି ଧରି ହେଉନି··ଉଃ, କି କଷ୍ଟ ! ମୁଣ୍ଡ ପାଖର ତକିଆଟା ପାଖରେ ଦି' ଝିଲ୍‌କା ରକ୍ତ ପଡ଼ିଛି । କେହି ପୋଛି ଦେବାକୁ ନାହିଁ । ୧୦ ତୋଳର ଶୋଣିତ ଧାରା ସେଇମିତି ବହି ଚାଲିଛି ।

ସଂଧ୍ୟା ହୁଏତ ରନ୍ଧନ କରୁଛି ।······

କଣା ଛାତ ଦେଇରୁ ମାଟି ଘରର ଗୋଟାଏ କଣରେ ବର୍ଷା ବାରି ପଡ଼ୁଛି ଟପ୍‌—ଟପ୍‌—କରି । ସନ୍ଧ୍ୟା ଆସି ତା'ର ତଳେ ଗୋଟାଏ ଥାଳି ରଖି ଦେଇ ହାତର ଉଜାଗରଟାକୁ କାନ୍ଥର ଗୋଟାଏ ପିଣ୍ଡା ଉପରେ ଥୋଇଲା । ଝରକାଟା ବନ୍ଦ କରି ଦେଇ ଚାଲି ଯାଉଥିଲା । କ୍ଷୀଣ କଣ୍ଠରେ ଡାକିଲି—"ସନ୍ଧ୍ୟା !"

ଦ୍ୱାର ବନ୍ଦ ଉପରୁ ସନ୍ଧ୍ୟା ମୁହଁ ବୁଲେଇ ଚାହିଁଲା···"କ'ଣ ?" —ପାଖକୁ ଆସିଲାନି ! କାରଣ ମୁଁ ଚାହୁଁଥିଲି—ସେ ମୋ'ର ପାଖକୁ ଆସନ୍ତା ।—

କହିଲି—"ଉମା କାହିଁ ?"···ପୁଣି ଉଠିଲା କାଶ - ଅଳ୍ପ ସଦ୍ୟ-ରକ୍ତ । ଡ଼ିବିର କ୍ଷୀଣାଲୋକରେ ସନ୍ଧ୍ୟାର ଶୀର୍ଣ୍ଣ ପାଣ୍ଡୁର ମୁହଁ ଭିତରେ ନଷ୍ଟ ଜୀବନର ଅଘଟଣ'ଟା ଲୁକ ହେଇ ଯିବାର ଦେଖିଲି ।···

—"ପିଲାଟା ! କ'ଣ ଗୁଡ଼ାଏ ଖାଇ ଦେଇ ଶୋଇ ପଡ଼ିଲାଣି । ମୁଁ ଯାଉଛି ।···ଉଷା ମା'କୁ ଡାକିଦେବି ?"

—"ନାଁ, ଦରକାର ନାହିଁ !"···ମୁଁ କହିଲି । ମୁଣ୍ଡ ତଳେ ରକ୍ତାକ୍ତ ତକିଆଟା ଅଜସ୍ର ଟାଣି ତଳକୁ ପକେଇ ଦେଲି ।

ସନ୍ଧ୍ୟା ଚାଲିଗଲା । ଯାଉ.. ଉମାର ବି ମୋ' ପାଖକୁ ଆସିବା ଉଚିତ ନୁହେଁ । ଜୀବନର ଧନ ମୋ' ଉମାଟି, ସେଇଟି ମୋ'ର ଶେଷ ସମ୍ବଳ । ସେଇଟି କେମିତି ବଞ୍ଚିରହୁ । ମୁଁ ହୁଏତ ଗୋଟାଏ ମାରାତ୍ମକ ବସ୍ତୁ ଯେତେ ଶୀଘ୍ର ମୋର ମୁକ୍ତି ହୁଏ ସେତେ ମଙ୍ଗଳ !

କ'ଣ କରିବି ? ମୁକ୍ତି କାହିଁ ?"

ସନ୍ଧ୍ୟା କ'ଣ ଭଲ ପାଏନି ମତେ ? ଏତେ ସୁନ୍ଦର କଅଣ ଅମର ଲୁଚକାଳି ଖେଳ, ତାଙ୍କର ଶଯ୍ୟା ମତେ ପଡ଼ିଛି !···କିନ୍ତୁ ସେତେବେଳେ ମୁଁ ଯା' ଥିଲି···ଆଜି ନୁହେଁ । ମୁଁ ମାରାତ୍ମକ ହୋଇ ପଡ଼ିଛି—ସଂକ୍ରାମକ ହୋଇ ପଡ଼ିଛି । ଘର ବାହାରର ବାୟୁମଣ୍ଡଳ ଭିତରେ ଯକ୍ଷ୍ମାରୋଗର ଜୀବାଣୁ ବ୍ୟାପ୍ତ କରି ଦେଉଛି । ବାହାରର ଏଇ ଝଡ଼ ରାତିର ଦୁରନ୍ତ ସଂକେତ—ପ୍ରେତାତ୍ମା ପରି ମୁଁ ଭୟଙ୍କର —ଅସ୍ପୃଶ୍ୟ—ଅଛୁଆଁ—।

—ଗାଁ ଦାଣ୍ଡରେ ନର୍ଦ୍ଦମା ପାଣି ସୁଅର ଖଳଖଳ ଶବ୍ଦ ଅବିରାମ ବହି ଚାଲିଛି ।—

ଉଷା ମା ରୋଷଘରୁ ଘରକୁ ଆସିଲା । ତା' ପଛେ ପଛେ ମୋର ନୟନର ପ୍ରତିମା ପାଞ୍ଚ ବର୍ଷର ସରଳ ଶିଶୁ ଉମା 'ବାପା, ବାପା' ଡାକି ଧାଇଁ ଆସିଲା !—ଆସି ମୋର ଛାତି ଛଳ ଛଳ ହେଇ ଉଠିଲା । ଦରେଣ୍ଟ କଂଠ—କଅଁଳ ଡାକ ! ସେଇ ମୁହୂର୍ତ୍ତରେ ମୋର ମନେ ହେଲା ମୁଁ ଯକ୍ଷ୍ମାରୋଗୀ ନୁହେଁ—ଅସ୍ଥି କଂକାଳ ସାର ମାରାତ୍ମକ ବସ୍ତୁ ନୁହେଁ । ମୁଁ ତା'ର ବାପା···ମୁଁ ତା'ର ବାପା ।

ଉମା ମୋର ଖଟ ପାଖକୁ ଧାଇଁ ଆସି କଅଁଳ ହାତ ଦି'ଟି ବଢ଼େଇ ଦେଲା । ପ୍ରାଣର ସମସ୍ତ ବଳ ସଂଚୟ କରି ସେଇ କମନୀୟ ପବିତ୍ର ଶିଶୁଟିକୁ ଟାଣି ଆଣି ଚୁମ ଦେବାକୁ ମନ ହେଉଥିଲା ମୋ'ର । ଉଷା ମା' କେମିତି ହଠାତ୍ ଚଞ୍ଚଳ ହେଇ ଉଠିଲା । ଅର୍ଥରେ ତା'ର ଭୟ ଓ ତିରସ୍କାର ସ୍ପଷ୍ଟ !···"ଦେଇ !" ସେ ଡାକିଲା ।

ଝଡ଼ ଭଳି ତା' ଆଗକୁ ପଶି ଆସି ଏକ ନିଃଶ୍ୱାସକେ ଉମାକୁ ଟେକି ନେଲା ସନ୍ଧ୍ୟା । ଅବରୁଦ୍ଧ ବ୍ୟଥାରେ ବାଧା ପାଇ ଉମା ଚମକି ପଡ଼ି କାନ୍ଦି ଉଠିଲା···"ଛାଡ଼, ଛାଡ଼, ମା', ମୁଁ ବାପା ପାଖକୁ

( ଅବଶିଷ୍ଟାଂଶ ୧୪ ପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com



# ସାଥୀ-ବିଳାପ

ଲେଖକ:— ଗୌ: ମ:

ବନ୍ଧୁ ସାଥୀ ବନ୍ଧୁ,
ଏ କଷଣ ହେଲେ ତ ଆମ୍ଭଙ୍କୁ ଦୁର୍ଦ୍ଦିନ !
ଯାହାର ବଳରେ ଆମ୍ଭ ଅଧିକାର ବଳ,
ଅସଂଖ୍ୟ ସଭାରେ ଥିଲୁଁ ଲେକ୍ଚର ଉଦ୍ଗାର,
ହାତ ମୁଠା କରି 'ଧ୍ୱଷ୍ଟିରଥ' ଯୋଗୀ ସମ,
ଟେବୁଲ ଉପରେ କେତେ କରିଛୁ ତାଡ଼ନ,
ଗହଳି ଗରମେ ସେଇ ଧୂମ ପଡ଼ାଉଥିଲେ,
ନ ଜାଣିଛୁଁ କେତେ ବନ୍ଧୁ ଗର୍ଜନର ଛଳେ,
'ବନ୍ଦୀ ମୁକ୍ତ' 'ନେତା ମୁକ୍ତ' ରଚିଲୁଁ ସ୍ଲୋଗାନ୍,
ଚଢ଼ୁଥିଲ ବଳ ତେଜି ଗାଇ ନବ ଗାନ,
ଯାହା ନାମ ଗାଇ ଆମ ତଣ୍ଟି ଗଲା ଫାଟି,
ସେ ହୋଇ ଖଲ୍ଲାସ ଆମ ଦେଲେ ତଣ୍ଟି କାଟି !
'କର୍ମନିଷ୍ଠୀ' ବୋଲି କେଉଁ ମୁଖେ କହୁଥିଲେ,
'ଧର୍ମନିଷ୍ଠୀ' ଆଜ ସେ ତ ପ୍ରତ୍ୟକ୍ଷ ହୋଇଲେ ।
କହ ସାଥୀ, ବନ୍ଧୁ ଆଜ ପ୍ରବୋଧିବ ମୋତେ,
କେଉଁ ରାହା ଧରିବାକୁ ଦଶ୍ରଟରେ ତୋତେ ।
କିଏ ଦେବ ଶୁଣିବ ଏହି ଆମର ଗୁହାରି,
ଯେ ଶୁଣନ୍ତା ସେ ଯାଇଛି ଦରିଆ ସେପାରି ।
ଚାଲ ଆଜ ଆମେ ଯେତେ 'ସାଥୀ'-ଗୋପଗୋଇ,
ମଥୁରା-ମସ୍କୋକୁ ଯିବା ସବେ ଏକ ହୋଇ,
'ନିଶୁଅ ନାଗରେ' ସବୁ ଫିଟାଇ କହିବା,
ସେ ଥାଉଁ କି ଲାଗି ଆମେ ଅନାଥ ହୋଇବା ।
ତା ଶୁଣି ଅନେକ କହେ ହୋଇ କନ୍ଦ କନ୍ଦ,
ହୋଇଲୁ ତ ସାଥୀ ଆମ ଭରମରେ ମନ୍ଦ ।
ଏ ବର୍ଷାରେ ଏତେ ବାଟ ପାରିବାକି ଚାଲି,
କଥାଗୁଡ଼ା କହୁଣୁ ଚାଲେ ହେଁ ନ ଭଲି,
ଏ ଭାରତେ ଅଛ ଆଜି ଯେତେ 'ସାଥୀ ଜନ',
Overnight ବଦଳାଅ ଏ ବେଶ ଭୂଷଣ,
ଅଣ୍ଟୁ ଉପରକୁ ଯିବ ସବରେ ଖଦଡ଼,
ଫୁଲ ଧର ଯିବା ଚାଲ ଓ୍ୟାରଧା ନଗର ।
ଭେଟନ୍, ନେହେରୁଙ୍କ ଭେଟା ଦେବା ଆଜ ଯାଇ,
ହୋଇବା ସକଳେ ଖାଲି ସିଦ୍ଧାର ଅହିଂସ୍ର ।
ଥୋକାଏ ଆମର ମଧ୍ୟ କରି ଅନଶନ,
କେବଳ କରିବା ଶୁଦ୍ଧ ଛାଗ-ରସ ପାନ ।
ଲମ୍ବା ହୋଇ ଥୋକେ ମୁଣ୍ଡେ ଗାମୁଛା ପକାଇ,
ଯିବା ଭାଇ ମୁଦେ ଗାନ୍ଧି ଛାଗଳ ଚରାଇ ।
କହିବା, ରଖହେ ତୁମ୍ଭେ ଦରଦ୍ ସେବକ,
ଏ ଦେଶେ ନହୋଇଲୁ ଆଜି ଆମ୍ଭେ ହେ ଅରକ୍ଷ ।
ହରିଜନ ସେବା ଛାଡି ଆମ ସେବା ଧର,
ସବୁଠୁ ସମାଜେ ଆମେ ଘୃଣାର ପାତର ।
ଆମ୍ଭେହିଁ ପତିତ ଆଜି ଆମ୍ଭେହିଁ ଦଳିତ,
'ତାଡ଼ନା' ଯାତନା ଆମ୍ଭ ନୁହଇ କଳିତ !
ଏମନ୍ତ କହିଣ ସବେ ହେବା ଉପବାସୀ,
ଉଦ୍ଦେଶ୍ୟ ନଥିବ ପ୍ରାଣ ଦେବାକୁ ହେ ନାଶି ।
Black-mailing କହିବାତ ନୁହଇ ବାସନା,
ତେଣୁ ଲେମ୍ବୁରସ ସୋଡ଼ା ନୁହଇଟି ମନା,
ତଥି ସଙ୍ଗେ ସୁକ୍ଷ୍ମ ସୂକ୍ଷ୍ମ 'ଓମ୍ଲେଟ' ଖାଇ,
ବାପୁଜୀ ହୃଦୟ କ୍ଷଣେ ଦେବା ବଦଳାଇ,
ନହେଁତ ଏ ବାଟେ ଯେବେ ନୋହିବା ସଫଳ,
ଏ ଜୀବନ ରଖି କାମ ହେବା କଲ ବଲ ।
ସକଳ ସାଥୀଏଁ ବେଗେ ଏକମେଳ ହୋଇ,
ସମ୍ମୁଖେ ରକତ ଝଣ୍ଡା ବୀର ପରି ଥୋଇ ।
କିସାନ୍—ମଜ୍‌ଦୁର ଗୀତ ଗାଇ ନବ ନବ,
ସରବେ ମୁଜିବା ଆଜି ମରଣ-ଉତ୍ସବ,
'ରୁଷିଅ-ଚ୍ୟାଙ୍ଗରେ' ମଣି 'ମିକାଡୋ'ର ସର,
ସକଳେ ରଚିବା ଆଜି ମୁଦେ 'ହାସ-କର'
କହ ସାଥୀ ମୋର
ଏ ବନ୍ଧୁଙ୍କ ବୁଦ୍ଧି ମୁଣ୍ଡେ ପଶୁଛିବେ ତୋର ?

Digitized by srujanika@gmail.com

( ବିଲୁଆବିଗୁର ୭ମ ପୃଷ୍ଠା ଅଂଶରୁ )

ଦଳ ବ୍ରିଟିସ ସରକାର ହାତରେ ବନ୍ଦୀ। ବର୍ତ୍ତମାନେ ଏମାନଙ୍କୁ ଯୁଦ୍ଧରତ ବନ୍ଦୀ ବୋଲି ନ ଭାବି, ରାଜଦ୍ରୋହୀ ହିସାବରେ ସାମରିକ ବିଚାର କରାଯିବ ବୋଲି ସ୍ଥିର ହୋଇଛି। ଏହା ଭାରତୀୟ ଜନ-ସାଧାରଣଙ୍କ ମନରେ ବ୍ୟଥାର ସଞ୍ଚାର କରିଛି। ସ୍ୱାଧୀନତା ପ୍ରିୟ ବ୍ରିଟିସ ଜାତି ଯଦି ଏ ବେଦନା ବୁଝନ୍ତେ, ତେବେ ଏମାନଙ୍କ ପ୍ରତି ନ୍ୟାୟ ବିଚାର କରିବେ ବୋଲି ଆଶା କରାଯାଏ। ଚରମ ମିଠା ଯେବେ ନେତାଜୀ ଥାଆନ୍ତା, ଆଜ ଏହିମାନେ ବିଚାରକ ଆସନରେ ବସିଥାଆନ୍ତେ ତ ପୁଣି! ଏମାନଙ୍କ ଜୀବନର ମୂଲ୍ୟ ଜମିବସ୍ତା ଯୋଦ୍ଧାଙ୍କଠାରୁ କମ କି?

\+ × + ×

ମହାତ୍ମା ଗାନ୍ଧିଙ୍କର ଜନ୍ମଦିନ। ବିଲୁଆ ସଭା ଗାନ୍ଧିଙ୍କୁ ବଧେଇ ଦେଉଛି। ବିଲୁଆଙ୍କର ଛୋଟ ଛୁଆଙ୍କ ପ୍ରତି ଶ୍ରଦ୍ଧା ଥାଏ ଏବଂ ଗାନ୍ଧିଙ୍କର ଛୋଟମାନଙ୍କ ପ୍ରତି। ଅତଏବ ଆମର ଗାନ୍ଧିଜୀଙ୍କର ସହିତ ଗୋଟାଏ ଗୋପ ସଂବନ୍ଧ ରହିଛି। ତେଣୁ ଗାନ୍ଧିବୁଢ଼ା ଆଜିର ଅଷ୍ଟ-ସପ୍ତତିତମ ବର୍ଷ ପରମାୟୁ ଦେଇ ଆମ୍ଭମାନଙ୍କର ଶ୍ରୀନାରାୟଣଙ୍କ ବସ୍ତ୍ର ଚକ୍ଷୁଚୁମ୍ବିତ କରନ୍ତୁ। ଏ ଶୁଭବାସରରେ ବିଲୁଆସଭା ଏହି ଅଭିନନ୍ଦନ କବିତା ଗାନ୍ଧିଙ୍କି ଉପହାର ଦେଉଛି।

ହୁକା ହୁକା ହୁକା ହୁଅ,
ଗାନ୍ଧି ବୁଢ଼ା ହେଉ ଛୁଅ।
ଦାନ୍ତ ଉଠୁ ନୂଆ ନୂଆ,
ହୁକା ହୁକା ହୁଅ ହୁକା ହୁକା ହୁଅ
ଓ୍ୟାଭେଲଙ୍କ ଗାନ୍ଧି ହୋଇଲୁ ବନ୍ଧୁଅ
ସରକାରଙ୍କୁ ତ କଲ କୁଅ କୁଅ,
ଅଟଳି ହେଲେଣି ଟେଣେ ପାଣି ଛୁଅଁ
ଟେଲି ଧରଣ ଗାଉଛନ୍ତି ଧୂଅଁ
ମୂଳା ତ ସମାନ କ ଧୂଅ ଅଧୂଅ
ହୁକା ହୁକା ହୁଅ, ହୁକା ହୁକା ହୁଅ।

× + + ×

ହନୁମାନ ଯାଇଥିଲେ ବିଶଲ୍ୟକରଣୀ ଆଣିବାକୁ। ଆଣିଲେ ଗନ୍ଧମାର୍ଦ୍ଦନ। ବିଭୀଷଣ ଚିହ୍ନିଥିଲେ ବୋଲି ସିନା ଔଷଧ ବାହାର କରି ଲକ୍ଷ୍ମଣଙ୍କୁ ଶକ୍ତିଶେଳରୁ ଉଦ୍ଧାର କଲେ। କିନ୍ତୁ ଏ ବୋକା ଭାରତୀୟ ନେତାଙ୍କ ଭିତରୁ ଗୋଟିଏ ବି କେହି ବାହାରିଲେ ନାହିଁ, ଯେ କି ଲର୍ଡ ଓ୍ୟାଭେଲ ବିଲାତରୁ ଆଣିଥିବା ପ୍ରସ୍ତାବରୁ ବିଶଲ୍ୟ କରଣୀଟିକକ ବାହାର କରିବ। ଖାଲି ଚିତ୍କାର କରିବାରେ ଲାଗିଚନ୍ତି, ହେଲନାହିଁ—ହେଲନାହିଁ। କଂଗ୍ରେସ କହିଲା ହେଲନାହିଁ, ଲିଗ୍ କହିଲା ହେଲନାହିଁ; ଅଚ୍ଛୁଅ କହିଲେ ହେଲନାହିଁ—ହିନ୍ଦୁସ୍ଥାନ କହିଲେ ହେଲନାହିଁ। ଶେଷରେ ଧାମାଧାର ପୋଷାପୁଅ ଗାରେ ବି ଖାଉ କଥା କହ ବସିଲେ—ହେଲନାହିଁ। ଏବେ ଥଥୁ ଧର, ଥଥୁ ଧର, ସମାଳ ସମାଳ—ସବୁର ଗଛେ ମେଓ୍ୱା ଅଛି—ଆମ ପ୍ରଧାନ ମନ୍ତ୍ରୀ, ଶ୍ରମିକ ମନ୍ତ୍ରୀ, ସମାଜବାଦ ସାମ୍ୟବାଦୀ ମନ୍ତ୍ରୀ ଏଥର କହି-ଚନ୍ତି ବ୍ରହ୍ମପୁତ୍ର ଲଗାଇ ଭିତରୁ ଛୋଟାପୁର ବାହାରିବ—ଲମିଛି ଚରକର କଥା! ଚୌଧି ମନଙ୍କ ସଂଯୋଗ କଲ—"ମନର କୂଳେ ଏ ଜଗତ—ମନକୁ ଦେତା ମାମଲତ।" ଖାଲି ମନେ ମନେ ଓଡ଼ିଆଙ୍କ ପରି ଗିର ପେଟକୁ ଖାଉଯାଥି ଦେଖିବ—ସବ୍ କିଛି ହୋଇଯାଏଗା। ଶେଷରେ ନିଶ୍ଚିନ୍ତ ନ ହେଲେ ଏମ୍. ଏଲ୍. ଏ. ଜଗନ୍ନାଥ ଦାଶଙ୍କ ଘର ନୂଆ ଭାଗବତ ପଦ ଲେଖାଇ ନେବା—।

ଦାତା ପଣକୁ ଚରମ ହସ୍ତ,
ଟୋ ଗନ୍ଧ କଳ କେଏ ଗଣ୍ଡ?

× × × ×

କଂଗ୍ରେସ ସଭା—ନିଖିଳ ଭାରତ କଂଗ୍ରେସ କମିଟି ବମ୍ବେର ଅଧିବେଶନ ଶେଷ ହୋଇଗଲା। ଏଥର ସରକାର ସମାଳ ନେବେ। ୧୯୪୨ର ପ୍ରସ୍ତାବ—ସତ୍ୟାଗ୍ରହର ଧମକ ସବୁ ଯେମିତି ଅଛି କିନ୍ତୁ ଓ୍ୟାଭେଲ ସାହେବ ମିଲିଟାରି ମିଛାମିଛ ଶେଷ ସଂସାର ଭିତରେ ଘର କର ପଥର ପଡ଼ିବ ସହିତ ଶାନ୍ତିରେ ସମ୍ଭାର ହୋଇଗଲେ। ଭଦ୍ର-ବାକୁ ଦିଅ। କହିବାର ସ୍ୱାଧୀନତା ଆମେ ଦେଇଦେଲୁଁ। କିନ୍ତୁ ସାବଧାନ, କିଛି କରିବ ନାହିଁ! ଏଥର ଭୁଲ ବା ତୋମା ଛୋଡ଼ିଦେଣ୍ଡି—ଏକଦମ୍ ଖତମ୍!

× + + ×

ଏଂଟେଦନକେଟେ, ଭୁକ୍ତି ଦକ୍ଷିଣର ଅଜ, ପଥକଣା ହୋଇଥିଲି ଜବାହର ରଜ—ବୋଲି ବମ୍ବେ ପେଉନ୍ତା କେହି କେହି ଗାଇବାର ଶୁଣିଲୁଁ। ନୂଆ କଥାଟା ହେଉଚି—ଜହରଲାଲ ଏବେ ସାଫ୍ ସାଫ୍ ମୁସ୍ଲିମ ଲିଗ୍‌କୁ କହାଇ ଦେଉଛନ୍ତି। କହୁଛନ୍ତି—ଯଥେଷ୍ଟ ହୋଇଛି। ଆଉ ନା। ଆଉ ଆମେ ଲିଗ୍‌ର ଛଳ ମାନିବୁଁ ନାହିଁ, ଏଣିକ ମୁସଲମାନଙ୍କ ସାଙ୍ଗରେ ଆମର ଭାଇଚାରା ରହିବ, ଜିନାଙ୍କ ସାଙ୍ଗରେ ନୁହେଁ; ତେବେ କେହି କେହି କହୁଚନ୍ତି ଜିନାବ ତ ଜଣେ ମୁସଲମାନ। ଅବଶ୍ୟ। ଖିଲିସ୍ ବି ତ ଗୋଟେ ଫିରିଙ୍ଗ୍। ଈଶ୍ୱର ଯେଉଁଠି ଅଛନ୍ତି ସଇତାନ ବି ତ ସେଇଠି ଅଛି। ମୌଲନା ଅଜାଦ ଯେଉଁ ମୁସଲମାନ—ଜିନା ବି ତ ସେଇ ମୁସଲମାନ। ସିରାଜ-ଉଦ୍ଦୌଲା ଯେଉଁ ମୁସଲମାନ—ମିରଜାଫର ବି ସେଇ ମୁସଲମାନ।

—ଲା-ଇଲ୍ଲା—ଇଲ୍ଲାହ!

\+ + × +

କଂଗ୍ରେସ ମୁଖିଆ ପଣ୍ଡିତ ଜବାହରଲାଲ ସଫା କହି ଦେଲେଣି କି ବଡ଼ ବଡ଼ କଳ ମାଲିକ ଓ ଜମିଦାରଙ୍କୁ କଂଗ୍ରେସ ସରକାର ରଖିବ ନାହିଁ। ମହତାବ, ଜଗନ୍ନାଥ, ବଲ୍ଲଭ, ଲାଲ ପ୍ରସାଦ ଓଗେର ବୁଝିବେ ଲୋକ! ଅଗସ୍ତ୍ୟ ବାଟ ନ କାଟି ଯେ ବସି ରହିଛି—"କେଳ ଥାଉଁ ଥାଉଁ ଗଣ୍ଡିର ଚାନ୍ଦ।"

× + + ×

ଯୁବ ସଭା ମାଟେଶ ଲର୍ଡ ଟସଲ ମାଳ ସେନ ବଡ଼ୟନ୍ତ୍ରୀଙ୍କ ଭିତରେ ଝୁଣ୍ଟୁଖାଡ଼୍ ଲଗି ତ ଗଲାଣି। ଏଣେ ପୁଣି ଇଣ୍ଡୋଚୀନ, ଇଣ୍ଡୋନେସିଆ ଦ୍ୱୀପ, ମାଳୟ, ପାଲେଷ୍ଟାଇନ, ଇଜିପ୍ଟରେ ଲୋକେ ନୂଆ ଶାସନଙ୍କୁ ଡଗ ଅପେ ମାଲିକ ହେବାକୁ ଉଠ ବସିଲେଣି। ଷଡ଼ଯନ୍ତ୍ରୀମାନଙ୍କର କ ଦେହ ସହେ ଏଥିରେ! ଏବା ଭାରତ ଦେଶ କ ଦୋଷ କଲ କି? କଣ ନୋହିଲେ ଭଣ୍ଡ କାବ୍ୟ ତ ଅଛି!

Digitized by srujanika@gmail.com




ଗାନ୍ଧି ମହାତ୍ମାଙ୍କ ଆଶ୍ରମଠାରେ ଯୁଗଳ ଆଶ୍ରମବାସୀଙ୍କ ମଧ୍ୟରେ ବିବାହ କ୍ରିୟା ସମ୍ପାଦନ ହୋଇଗଲା । ଉଭୟ ଲଗ୍ନ ଜନମାନଙ୍କ ମଧ୍ୟରେ ବିବାହ ତ ସବୁଠି ହୁଏ । ମାତ୍ର ଏହି ବିବାହର ପାର୍ଥକ୍ୟ କହିବାର ହେତୁ ଅଛି । ତାହା ଏହିକି—

ନର-ନାରୀ ମଧ୍ୟରେ ଯେଉଁ ବିବାହ ହୁଏ ତାହାର ଉଦ୍ଦେଶ୍ୟ ଯୌନ ମିଳନ ଓ ତତ୍ଫଳରେ ସନ୍ତାନ ଉତ୍ପତ୍ତି । ମାତ୍ର ଏହି ବିବାହରେ ଗାନ୍ଧିଜୀ ବରକନ୍ୟା ଦୁହିଙ୍କଠାରୁ ଏମନ୍ତ ଶପଥ କରାଇ ନେଇ ଅଛନ୍ତି କି ଭାରତ ସ୍ୱାଧୀନ ନ ହେବା ଯାଏ ଏ ବିବାହରୁ ସନ୍ତାନ ଉତ୍ପନ୍ନ ନିଷେଧ ରହିଲା ।

ଆମ୍ଭର ଯୋଗ୍ୟ ରହିଗଲା କି ଏକଥା କେମନ୍ତେ ହୋଇବ । ବ୍ରହ୍ମଚର୍ଯ୍ୟ ଦ୍ୱାରା କିମ୍ବା ଜନ୍ମ-ନିରୋଧ ପ୍ରକ୍ରିୟା ଉପଯୋଗରେ ? ଏମନ୍ତ ପ୍ରଶ୍ନର ଉତ୍ତର ଆମ୍ଭ ପତ୍ରିକାରଙ୍କ ଅଗୋଚର । ତେବେ ଅନ୍ୟ ସକଳ ବିବାହିତ ଗାନ୍ଧିବାଦୀଗଣ ସତ୍ୟ, ଅହିଂସାବତ୍ ଏହି ନିୟମ ପାଳନ କରିବେ କି ନାହିଁ ତାହା ଗାନ୍ଧିଜୀ ଇସ୍ତାହାର ଜାରି କରି ନାହାନ୍ତି ।

\+ × + +

ହିଟଲର ଓ ମୁସୋଲିନୀ ନାମଧେୟ ଦୁଇ ଅସୁର ଏ ଯୁଗରେ ଜାତ ହୋଇଥିଲେ । ଶୁମ୍ଭ ନିଶୁମ୍ଭ, ମୁର-ଦାରୁଣ, ହିରଣାକ୍ଷ-ହିରଣ୍ୟକଶିପୁ, ରାବଣ-କୁମ୍ଭକର୍ଣ୍ଣ ମାନଙ୍କର ଏ ଦୁହେଁ ଅବତାର ବୋଲି ଜଣାଯାଏ । ସେମାନଙ୍କ ଭାରେ ପୃଥିବୀ ଖଳ ହୋଇ ଦୁଇଟନ ସହାଣ ଦୁନିଆ ଦୁଇମାତୁଲ କରି ଏମାନେ ବଧ ହୋଇଲେ । ମାତ୍ର କେଉଁ ପାପ ଫଳରୁ ଏ ଦଶା ତାଙ୍କୁ ଘଟିଲା ତାହା ଏବେ ଜଣା ପଡିଛି । ହିଟଲର ଇଭବ୍ରାଉନ ନାମିକା ଏକ ନାଗରୀ ସହିତ ଅବୈଧ ପାପାଚରଣ କରୁଥିବେ ଓ ମୁସୋଲିନୀ ପଟାଣ୍ଡି ନାମ୍ନୀ ଏକ ରମଣୀ ସହ ରମଣ ବ୍ୟାପ୍ତ ଥିଲେ । ସତୀଙ୍କର ସତୀତ୍ୱ ନାଶଠୁ ବଳି ପାପ ନଥିବାରୁ ତାଙ୍କ ଆୟୁ କ୍ଷୟ ହୋଇଲା ।

\+ + × +

ପରମାଣୁ ବୋମା ନାମକ ଯେଉଁ ବ୍ରହ୍ମାସ୍ତ୍ର ତାହାରିକି ଗଢ଼ିବାରେ ଅଧିକାରୀ କିଏ ? ବୃଟିସ ପକ୍ଷରୁ ସର୍ବଦା ମନ୍ତ୍ର ପ୍ରଚାର ହେଉଛି କି ଗଢ଼ିବାରେ ଆମେରିକା ଓ ବୃଟିସ ଦୁହିଙ୍କର ଅଧିକାର । ଆମ୍ଭେ ମଧ୍ୟ ତାହା ବୁଝିଥିଲୁ । ବର୍ତ୍ତମାନ ଆମେରିକାର ମାଲିକ ଟ୍ରୁମା ପ୍ରକଟ କରିଅଛନ୍ତି କି ଉକ୍ତ ଅସ୍ତ୍ର କେବଳ ଆମେରିକାର ଅଟଇ । ଏଥିରେ ଆଉ କାହାର ସବୁ ଦାୟ ନାହିଁ, କରିହିଲୁ ନକରେବେ । ଏହି ସୂତ୍ର ମନ୍ତ୍ର ଆମ୍ଭେ କାହାରିକୁ ଯାବଚ୍ଚନ୍ଦ୍ରାର୍କେ ତାବତ୍କାଳ ରେଯନ୍ତେ



# ମଶାରି !

ଉତ୍ତମ ସିଲ୍କର, ମଜବୁତ, ଗୁଣ କୋଣରେ ଲୁଗା
ଉତ୍ତମ ଧଳା ନେଟ୍‌ରେ ତିଆରି ।

| ଲମ୍ବ | ଚଉଡ଼ା | ଉଚ୍ଚ | ସାଧାରଣ | ଉତ୍ତମ |
|---|---|---|---|---|
| ଫୁଟ | ଫୁଟ | ଫୁଟ | ଟଙ୍କା | ଟଙ୍କା |
| ୬ | ୪ | ୪ | ୭ | ୮ |
| ୬½ | ୪½ | ୪½ | ୮ | ୯ |
| ୭ | ୫ | ୫ | ୧୦½ | ୧୧ |
| ୭½ | ୬ | ୬ | ୧୨ | ୧୨ |
| ୯ | ୭ | ୬ | ୧୨ | ୧୮ |

ପ୍ୟାକିଂ ଓ ଡାକ ମାସୁଲ ଟ ୧ ।୯
ଏକ ସଙ୍ଗରେ ଛଅଗୋଟା ମଗାଇଲେ ଡାକ ଖରଚ ଛାଡ଼ ।

## ଘରୋଇ ଛାପାଖାନା

ଆପଣ ଏଥିରେ ନାମ, ଠିକଣା, ସିଲବୁଲ, ଚିଠି, ପ୍ରୋଗ୍ରାମ ପ୍ରଭୃତି ଘରେ ବସି ଅତି ସୁନ୍ଦର ଭାବରେ ଛାପାଇ ପାରିବେ ।




ପ୍ରତ୍ୟେକ ଗୃହସ୍ଥର ଏହା ଗୋଟିଏ ଦରକାରୀ ଜିନିଷ । ନଂ ୧ ଟ ୩।୯, ନଂ ୨ ଟ ୪½, ନଂ ୩ ଟ ୬।୯, ନଂ ୪ ଟ ୭।୯, ସ୍ପେଶାଲ—ଟ ୮।୯, ଉତ୍କୃଷ୍ଟ ଧରଣର—ଟ ୧୦।୯ ପାକିଂ ଓ ଡାକ ଖର୍ଚ୍ଚ । ଟ ୦।୧୦ । ୩ଟି ଏକାସାଙ୍ଗରେ ନେଲେ ଡାକଖର୍ଚ୍ଚ ପଡ଼େନାହିଁ

American Trading Co.
Hatkhola Post Box No. 12204,
Calcutta. ( D )

---

## ଗୃହିଁ ଦେଖ ! ଶୁଣ !



ଟ ୪½ ରେ ଆପଣ ଛଅ ପ୍ରକାର ଗହଣା ପାଇ ପାରିବେ । ହଳେ ଚୁଡ଼ି, ହଳେ ନକଲି ପଥର ବସା କାନ ଗହଣା ଓ ଗୋଟିଏ ସୁନ୍ଦର ହାର । ସମସ୍ତ ୨୨ କେରେଟ ରୋଲଡ଼ ଗୋଲଡ଼ରେ ତିଆରି ଖୁବ୍ ଚକ-ଚକିଆ । ଆପଣ ନ ଦେଖିଲେ ପର୍ଯ୍ୟନ୍ତ ବର୍ଣ୍ଣନା କରି ହେବନାହିଁ । ବିନା ଡାକଖର୍ଚ୍ଚରେ ପଠାଯାଏ । ଭି:ପି: ଦ୍ୱାରା ମଧ୍ୟ ଅର୍ଡ଼ର ପଠାଯାଏ ।

S. Pol & Co.
14. Dr. Jagabandhu Lane Calcutta.

---

ଦାନ ଖଇରତ, ବିନିମୟ, ପଟା, ବନକ ଆଦି ନ କରନ୍ତୁ ଓ ଆମ୍ଭ ଓ୍ୟାଲ୍ ଓ୍ୟାରସମାନେ କର ନ ପାରିବେ । କଲେ ହବେଳ ଅକାଲରେ ଯକ୍ଷ୍ମ, ବେଦଣ୍ଡା, ବେଥରନ ବୋଲି ନାମକ୍ରାର ହୋଇବ ।

Digitized by srujanika@gmail.com

# ମିଠା-କଡ଼ା

ଲେ—ବୁଦ୍ଧୁରାମ

ସାହେବ ନୁହନ୍ତି ରଜା—ଅଥଚ ସାହେବ ନହେଲେ ନଚଳେ । ରଜା ବି ନୁହନ୍ତି ଜମିଦାର ଅଥଚ ଜମିଦାର ନ ହେଲେ ନଚଳେ—ଜମିଦାର ବି ନୁହନ୍ତି ଗୋଲାମ, ସେ ସେଟଲେଟଙ୍କର ହୁଅନ୍ତି ବା ପଲିଟିକାଲ ଏଜେଣ୍ଟଙ୍କର ହୁଅନ୍ତି; ତଥାପି ମୂର୍ଖ ପ୍ରଜାଙ୍କ ଉପରେ ଅଧି କବଳେ ନଚଳେ । ଏମିତି ଯେତେ ମୂର୍ଖ କଳିକାଳରେ ଜନ୍ମଗ୍ରହଣ କରିଛନ୍ତି ତାଙ୍କ ମଧ୍ୟରେ ବୁଦ୍ଧୁରାମଙ୍କ ବିଶେଷ ପରିଚୟ, ବୁଦ୍ଧୁରାମ ଯାହାଙ୍କର ତୋଟଳ ସାଥି ଓ ଅନ୍ଧାର ବଜେରେ ସାଥୀ ସହଗାମୀ ସେଇ ଶ୍ରୀମାନ୍ ଶ୍ରୀଳ ଶ୍ରୀଯୁକ୍ତ ଶ୍ରୀଶ୍ରୀଶ୍ରୀ ଇତ୍ୟାଦି ଇତ୍ୟାଦି—ହାଇନେସ୍ ଉପାଧି ସରକାର ନ ଦେଇଥିଲେ ମଧ୍ୟ ଆମେ ତାଙ୍କୁ ହାଇନେସ ବୋଲି ନ ଡାକିଲେ ଶିରଚ୍ଛେଦ ହୋଇଯିବ—ଶ୍ରୀମୁଖଙ୍କର ପଲେ କୁକୁର । ତା ଭିତରୁ ମୋ ମନରୁ ଯାଉନାହିଁ ସେ ଅଲ-ସେସିଅନ୍‌ଟାର କଥା । ସେ କୁକୁରର ନାମଟା ମୁଁ କହନ୍ତି କି କହି ପାରୁନାହିଁ । କାରଣ ସେ କୁକୁର ଅତି ଶରଧାରେ ରାଣୀ ବା ଜମିଦାରଅଣୀ (ଯାହା କହନ୍ତୁ) ଅତି ଶରଧା ବେଳରେ ଜମିଦାରଙ୍କ ଶରଧା ନାମଟାକୁ ଧରି ଡାକ ଦିଅନ୍ତି ଓ ତାର ଆର ପଟଟାକୁ ଜମିଦାର ମଧ୍ୟ ରାଣୀଙ୍କ ଶରଧା ନାମରେ କୁହାଟ ମାରନ୍ତି । ଏତିକି କହିଲେ ଯଥେଷ୍ଟ ହବ ଯେ ଜମିଦାରଙ୍କ ବହ୍ନେ କୁକୁର ଓ ଜମିଦାରଅଣୀଙ୍କ ବହ୍ନେ କୁକୁରଣୀ, ହୁଣ୍ଡିସୀତା ବା ସ୍ୱୟଂ ରାମଚନ୍ଦ୍ର ବରି ଦଶରଥଙ୍କର ଚରିତ୍ର ବାଧା ପ୍ରଶମିତ କରନ୍ତି । ନାମ ଧରି ଥରେ ଡାକ ଦେଲେ ଯେମିତି ଉପରର ସବୁ ଦୁଃଖ ଦୂର ହୋଇଯାଏ । ରଧାଲକ୍ଷ୍ମୀ ପୁରୁଣା ଯୁଗରେ ଶୁଦ୍ଧ ଶାସ୍ତ୍ର ରଖିଥିଲେ । ଏବେ ଏ ସାହେବୀ ଯୁଗରେ କୁକୁର କୁକୁରୀ ରଖିବାଟା ! ଅଧୁନାତନ । ଜମିଦାରଙ୍କୁ ଗାଁଲୋକେ, ପାଖଆଖ ଲୋକେ ଏମିତିକି ଅନେକ ବଡ଼ ବଡ଼ ମୋସାହେବ, ଉଦ୍ଭ ଉକୀଲ, ପୋଷା ଖବରକାଗଜ ସଂପାଦକ ଦେବତା ବୋଲି କହନ୍ତି । ତେଣୁ ଏ କୁକୁର କୁକୁରଙ୍କୁ ଦେବତାଙ୍କର ବାହନ ବୋଲି ବି କେହି କେହି କହୁଥାନ୍ତି । ମୋର ପିଲାଦିନୁ ଏ କୁକୁର ଜାତିଟା ଉପରେ ବଡ଼ ଘୃଣା । ତେଣୁ ମୁଁ ଜମିଦାର ସାହେବଙ୍କୁ ଦିନେ କହିଲି—ମହିମା, ଏ ଅପଦଙ୍କୁ ମୋତେ ହେଲେ ରକ୍ଷା କରନ୍ତୁ । ମୋର ବଡ଼ ଘୃଣା ହେଉଛି—ଏ ଗୁଡ଼ାକ ଅବର୍ଜ୍ୟା ଖାଆନ୍ତି । ରଜା ସାହେବ ହସିଲେ । ଏବଂ ପ୍ରକୃତରେ ଯେତେବେଳେ ମୁଁ ତା'ର ଖାଇବା ଦେଖିଲି ସେତେବେଳେ ବୁଦ୍ଧୁରାମଙ୍କ ଚସମାରୁ ଦୁଇଟାଯାକ ପଥର ଖସି ପଡ଼ିଲା । ଛେନା, ଦୁଧ ମାଂସ, କେକ୍, ବିସ୍କୁଟ୍, ଫଳ ଓ କେତେ କ'ଣ ତାର ସୀମା ନାହିଁ । ଆଜ ଯେତେବେଳେ ତା'ର ଶମ୍ଭୂନ ଟେଜ ଦେଖିଲି ସେତେବେଳେ ହଠାତ୍ ମୋ'ର କବି ସୂର୍ଯ୍ୟଙ୍କର ସେଇ ସଙ୍ଗୀତ ସ୍ୱତଃ ମୁହଁରୁ ବାହାରି ପଡ଼ିଲା—"ଖଟାଅ ମୋତେ କେହିଜଣ ଫୁଲ ଖଟ ତଳେ ଦଶା କଣ୍ଠୀ ସଂଗାତ ଖେଳା ଖଞ୍ଜରିଟ ହଂସା—" ସେ ତ ମଖମଲ ଦେଇ ଶେଯ । କୁକୁରର କଲିଡ ନେଟ୍ ଦିଅ ଖଟ, ଜମିଦାରଅଣୀଙ୍କ ପାଖରେ ଓ କୁକୁରର ଖଟ ଜମିଦାରଙ୍କ ଖଟ ପାଖରେ । କୁକୁର କୁକୁରଙ୍କ ଏ ବିଳାସ ଦେଖି ମୁଁ ସେଦିନ ସତ ସତ ଭଗବାନଙ୍କୁ ଡାକିଥିଲି, ହେ ପ୍ରଭୋ, ସତରେ ଯେବେ ଧର୍ମ ଦେବତା ହୋଇଥିବ, ସତେ ଯଦି ଦୟାନିଧି ଅଭ୍ୟାଗତ କରୁଥିବ, ତେବେ ମୋତେ ଅସନ୍ତା ଜନ୍ମକୁ ବଡ଼ ଲୋକଙ୍କ କୁକୁର ହେବାକୁ କରନ୍ତୁ—ଜମିଦାରଅଣୀଙ୍କ ଖଟ ପାଖରେ ହେବେ ମୋ ଖଟ ପଡ଼ନ୍ତା । ବାସ୍ତବିକ ଜମିଦାର ଜମିଦାରଅଣୀ ଯେତେବେଳେ କୁକୁର କୁକୁରଙ୍କ ବୋଲ ମୁଖରେ ମୁଖ ଲଗାଇ ଖେଳ କରନ୍ତି ମୋର ମନେ ହୁଏ ରାଧାକୃଷ୍ଣ ବି ସେତେବେଳେ ମଳିନ ମୁଖ ହୋଇ କେଉଁ କୁକୁର କୁକୁରୀ ଅବତାର ହେବାକୁ ମନ କରିବେ । ବୃନ୍ଦାବନ ଉପବାସରେ ପଡ଼ି ମରିଗଲେ ତ ଗ୍ରୁପିଗଲା । ରଜା ଜମିଦାରଙ୍କ କୁକୁର ତ ଆଶ୍ରମରେ ଅଛନ୍ତି । କୁକୁର ଆଶ୍ରମରେ ରହିଲେ ପ୍ରଜାମାନେ ଆଶ୍ରମରେ ଅଛନ୍ତି ବୋଲି ଧରିନେବାକୁ ହେବ । ଯେଉଁ ଜମିଦାର ଘର କୁକୁରକୁ ଏତେ ଶ୍ରଦ୍ଧା କରୁଛନ୍ତି ସେ ମଣିଷ ପ୍ରଜାମାନଙ୍କୁ କେତେ ଶ୍ରଦ୍ଧା କରୁ ନଥିବେ । ଅହାହା ! ଦ ପ୍ରଜାବତ୍ସଳରେ ! "ପ୍ରଜାବତ୍ସଳ ବାଘ ଥାଉ ଏତେ ବେଳକୁ ।" ତଥାପି ବୁଦ୍ଧୁରାମ ମନରେ ଗୋଟାଏ ଖଟକା ଥାଏ ଯେ ଯେତେହେଲେ କୁକୁର ଜାତି—କେଉଁ ପୁରୁଷର ହେଲେ ଗୁହ ତ ଖାଉଥିବେ । ସେଗୁଡ଼ାକୁ କମିତ ମଣିଷ ସହିବ । ତାର ଉତ୍ତର ଜମିଦାର ସାହେବ ମୋତେ ଦିନେ ଯାହା ଦେଲେ ତାହା ମୁଁ କେବଳ ସେଇଲୋକଙ୍କୁ କହୁଛି ଯେ କି କଥାର ମରମ ବୁଝିବେ । ସେ କହିଲେ—"ହଇହୋ, ବୁଦ୍ଧୁରାମ, ମଣିଷ କ'ଣ ଆଜିକାଲି ଗୁହ ଖାଉ ନାହିଁ କି ? ତମେ ଆମେ ସମସ୍ତେ—କିଏ ନ ଖାଉଛି । ଇଂରେଜ ଶାସନ ଏ ଦେଶରେ ହେବା ଦିନଠାରୁ କେଉଁ ପଇସାବାଲା ଲୋକଟା କେଉଁଠି ଶାସନ ଅଧିକାରୀଙ୍କ ଗୁହ ନ ଖାଉଛି ଭଲା । ବିସ୍କୁଟଟା ଖାଲି କ'ଣ ପଦାର୍ଥରେ ଖାଇଲେ ହୁଏ ? ମୁଁ ବୁଝିଗଲି । ସେଦିନ ପାଖରୁ ଆଉ କୁକୁରର ଜାତି ବା ବଂଶ ନେଇ ଆଉ ପାଟି ଫିଟାଏ ନାହିଁ । ଆମ ଭାରତ ବର୍ଷରେ ଯେତେ ଧର୍ମ ଯେତେ ସଂପ୍ରଦାୟ ଯେତେ ଜାତି ଥାଆନ୍ତୁ ପଛକେ ଆମ ସମସ୍ତଙ୍କର ସବୁ ଉପରେ ଗୋଟାଏ ମାର୍କା ମସ ଜାତି ତ ଅଛି—ତା ନା' କୁକୁର ଜାତି । ଆମର ଶିକ୍ଷା ଦୀକ୍ଷା, ଆମର ଆଦର୍ଶ ଶକ୍ତି ସବୁ ଏଇ କୁକୁରଠୁଁ । ସେଥିପାଇଁ ଜମିଦାରଙ୍କ କୁକୁର ଯେତେବେଳେ ଭୋ ଭୋ ହୋଇ ମୋତେ ଗୋଡ଼ାଇ ଆସେ ତାଙ୍କ ଘରକୁ ଗଲାବେଳେ, ଆଗ କରି ପ୍ରଥମେ ପ୍ରଥମେ ଡରୁଥିଲି ଏବେ ଏଣିକି ଲମ୍ବ ହୋଇ ଦ ଗୋଡ଼ତଳେ ପଡ଼ିଯାଇ କହେଁ—ଯା ଦେବି ଭାରତବର୍ଷେଶ୍ୱରୀ ରୂପେଣ ସଂସ୍ଥିତା ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ । କୁକୁର ବା କୁକୁରୀ ମୋ ଉପରେ ହିଆ ଟେକି ଯାଇ ଘୁଷୁରିବାକୁ ଆରମ୍ଭ କରେ—ମୁଁ ଭାବେ ମା' କାଳୀ ସତେ ଶିବଙ୍କ ଉପରେ ସାକ୍ଷାତ୍ ଠେକି ଦଲେ କି । ଜମିଦାର ଜଣେ ପଢ଼ାଶୁଣା ଲୋକ । ସେ ମୋତେ ଥରେ ଗୁପତରେ କହିଲେ—ହଇହୋ, ଆମ ତ ପିଲାଦିନୁ ଏଇ କୁକୁର କଥା ପଢ଼ିଲି । ସେଇ

Digitized by srujanika@gmail.com

ଆଦର ଶିଖା ସାରା ହେଲା । ପ୍ରଥମ ଅକ୍ଷର ଶିଖି ଆମେ ଗାଇଲୁଁ—"ଭୁ ଭୁ ଭୁ ଡାକିଲି ମୁହିଁ, କଣ୍ଠେ ଅଛିଲି କୁକୁର ଭୁହ ।" ଆମେ ବଡ଼ ହେଲୁ ସେଇ ଆଦର୍ଶରେ ଦେଶିକା ଓ ଥମ ଶିକ୍ଷା ପ୍ରାପ୍ତ ଆମେ ଅନ୍ୟାୟ କହିବା । ମୁଁ ମାନିଗଲି । ଉଚିତ କଥା । ଏଥିକୁ ଆଉ ଉପାୟ କ'ଣ ? ତେବେ ଗୋଟାଏ ସନ୍ଦେହ ମନରେ ରହିଯାଇ ଥିଲା । ସେଥିପାଇଁ ଜମିଦାର ସାହେବ ତାହା ପରିଷ୍କାର କରିଦେଲେ । ମୁଁ କହିଲି ଦେଖନ୍ତେ ଗୋଟାଏ କଥା ଅଛି—କୁକୁର ବଡ଼ ନମକ-ହାରାମ୍, ଅମର ଖାଇବ, କିନ୍ତୁ ଗାଇ ମାନିବ ନାହିଁ । ଲାଙ୍ଗୁଡ଼ ହଲେଇ ଦେବ । ଜମିଦାର କହିଲେ—ସେଇଟା ଦେଶୀ କୁକୁରଙ୍କ ଲକ୍ଷଣ । କିନ୍ତୁ ବିଲାତି କୁକୁର ପ୍ରଭୁଭକ୍ତି ପାଇଁ ପ୍ରସିଦ୍ଧ । ଅନ୍ତତଃ ଆମର ସେଇ 'ପ୍ରଭୁଭକ୍ତି'ଟା ଶିଖିବା ପାଇଁ ଭାରତର ପ୍ରତି ଘରେ ଘରେ ଅବାଲି କିଛି ନେଇ କୁକୁର ପାଳିବା ଉଚିତ । ଭାରତୀୟ କୁକୁର ପରି ଭାରତବାସୀ ନମକହାରାମ୍ ବୋଲି ଯେଉଁ ଅପବାଦ ରହିଛି ତାହାକୁ ଭାରତର ଭାଲ ପଟରୁ ଲିଭାଇ ଦିଅ ଯୁବକ ! କେବଳ ବେଳେ ବେଳେ ସ୍ୱାଧୀନତାର ଚିତ୍କାର କରିପାର । ସେ ଅଧିକାର ମଧ୍ୟ ତୁମର ଅଛି । କାରଣ ତୁମର ମାଲିକ ତୁମକୁ ଦେଖି ଏକ ପ୍ରଚାର ସୃଷ୍ଟି କରି ଦେଉଛନ୍ତି—ଭାରତୀୟ କୁକୁର କାମୁଡ଼େ ନାହିଁ । ଆଉ ତୁମ ଭୁକିବାକୁ ତୁମ ମାଲିକ ଯେପରି କାନ ଡେରି-ଥାନ୍ତି, ତା ଦେଖି ତୁମେ ଯେଉଁ ପ୍ରବାଦ ସୃଷ୍ଟି କରିଛ—"ହାତୀ ଚାଲୁଥାଏ—କୁକୁର ଭୁକୁଥାଏ" ତାକୁ ତୁମ ମାଲିକ ମଧ୍ୟ ଗ୍ରହଣ କରି ନେଇଛନ୍ତି । ତେଣୁ ଏ ଭାରତବାସୀ ବିଲାତି କୁକୁର ପାଳି ଭାରତ ଆଉ ପ୍ରଭୁଭକ୍ତିର ଜେଲ୍ ଝିକାରେ ବଞ୍ଚିତ ହେବ । ମୁଁ କହିଲି—ସାଧୁ—ସାଧୁ ! ଏଥର ବୁଝିଗଲି । ସେଠୁ ଆସି ଗୁରୁଦେବଙ୍କୁ ପଚାରିଲି— 'ଗୁରୁଦେବ— ଗୁରୁଦେବ— ଇହକାଳ ବ୍ୟବସ୍ଥା ତ କରିଦେଲି—ପରକାଳ ପାଇଁ କାହିଁ ?" ଗୁରୁଦେବ କହିଲେ—"ରଘୁନାଥ ତ କହିଯାଇଛନ୍ତି, ଆଉ ଚିନ୍ତା କ'ଣ—ତୁମ୍ଭ ବୈତରଣୀ ହୋଇବ ହେ ପାର—ଏଇ କୁକୁରର ହୋଇ ପୁଚ୍ଛ ଧରି ।"

ବୁଦ୍ଧ ତୁମେ ଅନ୍ଧକାର ନିଷ୍ଠା ଧ୍ୟାନ କରି - "ମାଧବୀ ମାଧବ, ମାଧବୀ ମାଧବ" ଅଡ଼ ନାମ ବଦଳରେ—କୁକୁର କୁକୁର,—କୁକୁର କୁକୁର ନାମ ଜପ, ଉଚ୍ଚାରଣ ଅଭ୍ୟାସ କର ଏବଂ କରିବା ପାଇଁ ସମସ୍ତଙ୍କୁ ଉପଦେଶାମୃତ ଶୁଣାଅ ।

——※——

## କୁତୁକୁତୁ

ଜଣେ ନାମବଡ଼ା ଲେଖକ ପ୍ରକାଶକଙ୍କୁ ଖଣ୍ଡିଏ ପାଣ୍ଡୁଲିପି ଦେଖାଇଲେ । ଦେଖୁଁ ଦେଖୁଁ ପ୍ରକାଶକ କହିଲେ—"ଆପଣ ମଝିରେ ମଝିରେ କେତେକ କୋଟେସନମାନ ଦେଇଛନ୍ତି ।"

ଲେଖକ—ହଁ, ବହିଟାର ମୂଲ୍ୟ ବଢ଼ିବ ବୋଲି ତାହା ଦେଇଛି ମଝିରେ ମଝିରେ ।

ପ୍ରକାଶକ—ତାହା ନ କରି ଯଦି ମଝିରେ ମଝିରେ ଶୁଦ୍ଧ ଭାଷା ଦେଇଥାନ୍ତେ, ତେବେ ମୂଲ୍ୟ ଅଧିକ ବଢ଼ନ୍ତା ।

× × × ×

ମିଷ୍ଟାନ୍ନ ଭଣ୍ଡାର ମାଲିକର ଝିଅକୁ ପ୍ରାଣକୃଷ୍ଣ ବାହା ହେଲା । ତାର ବନ୍ଧୁ ମୁରଲୀ ଧରନ କହିଲା— କିରେ ଏକଦମ୍ ରସଗୋଲା ଯେ ! ପ୍ରାଣକୃଷ୍ଣ ଉତ୍ତର ଦେଲା—ଅରେ ଭାଇ, ରସଗୋଲା ତ ନୁହେଁ— ବିଲକୁଲ ରସ-ଗୋଲାର ଭଣ୍ଡାର !

× × × ×

ଜଣେ ଚୋର ଅସାମୀ ହୋଇ ହାକିମ ଆଗରେ କୋର୍ଟରେ ଛିଡ଼ା ହୋଇ ଥିଲା । ତା ପକ୍ଷର ଓକିଲ ଯୁକ୍ତି ତର୍କ କରି ତାର ନିର୍ଦ୍ଦୋଷିତା ଦେଖାଇସାରି କହିଲେ—ହଜୁର, ଯେଉଁ ଭଦ୍ରବ୍ୟକ୍ତିଟି ଆଜି ହଜୁରଙ୍କ ଆଗରେ ଛିଡ଼ା ହୋଇଛନ୍ତି, ମାନ, ଇଜ୍ଜତ୍, ସାଧୁତା, ଚରିତ୍ର ବଳରେ ତାଙ୍କଠାରୁ ବଳି ଏ ଅଞ୍ଚଳରେ ଆଉ କିଏ ଥାଇପାରେ !

ହାକିମ ରାୟ ଲେଖୁଥିବା ବେଳେ ଅସାମୀ ତାର ଓକିଲକୁ ଧୀରେ ଧୀରେ ପଚାରିଲା— ଆପଣ ଯେଉଁ ଭଦ୍ରଲୋକଟି କଥା ହାକିମଙ୍କୁ କହିଲେ ସେ କିଏ କି ?

× + + ×

( କାହାଣୀ ୯ମ ପୃଷ୍ଠା ଉତ୍ତାରୁ )

ସିନା । ହଁ ବନ ହେଲ ଯାଉଛ ।" ସେ ଛଟପଟ ହେଇ କାନ୍ଦିଲା ।

—"ପିଲାଟାକୁ ଛାଡ଼ିଦିଅ ହେବ ସନ୍ଧ୍ୟା, କହାଅ ନାହିଁ !"—ଅତି କଷ୍ଟରେ କହିଲି ।

କଥା ନ ଶୁଣି ମୁହଁ ମୋଡ଼ି ଦେଇ ଚାଲିଗଲା ସନ୍ଧ୍ୟା । ଛାତି ଭିତର ପାଟିଯିବାକୁ ଲାଗିଲା ମୋ'ର । ଆଖିରୁ ଲୁହ ଝରି ଆସିଲା । ଅଣଘରୁ ଉମାର ବିକଳ କାନ୍ଦଣା ଶୁଭୁଥାଏ ।

ଓପା ମା' ବାଟ ମିଶିଲାରେ ଦୁଧ ଆଣି ପାଖ ପାଖରେ ଥରିଲା । କାଂଶବରେ ଅସ୍ତ୍ରେ ଉଠେଇ ନେଲି । ଅଭିମାନ ତା ରାଗରେ ଡିଅଲଟାକୁ ଟେକି ଦେଇ ତୁନା କରିଦେଇ ପାରିଲି ନାହିଁ । ଅନ୍ତର ଭିତରୁ କିଏ ଯିମିତି କହିଦେଲା—"ତୋର ଅଭିମାନ ନାହିଁରେ, ଅଭିଯୋଗ ନାହିଁ···ଦୁନିଆରେ ତୁ ସଂହାମକ···ମାସବ୍ରହ···ତୋର ଥାନ କାହିଁ ଦୁନିଆରେ !!"

——※——

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ଚରିତ୍ରଗଠନ, ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଡଗର'ର ମଧ୍ୟସ୍ଥତାରେ ପତ୍ର ବିନିମୟଦ୍ୱାରା ପାଠକମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

## ଅଜାଙ୍କ କଥା

ମୋ ଆଗଥର କଥା ମନେ ଅଛି—ଯେଉଁ ନାତିମାନେ ତାଙ୍କର ଚାନ୍ଦା ନ ପଠାଉଛନ୍ତି ସେମାନେ କୌଣସି ପ୍ରକାର ପ୍ରତିଯୋଗିତାରେ ଯୋଗ ଦେଇ ପାରିବେ ନାହିଁ । ପ୍ରତିଯୋଗିତା ପଠାଇଲାବେଳେ ନିଜର ନମ୍ବର ଓ ଜନ୍ମ ତାରିଖ ନଥିଲେ ତାହା ଅଯୋଗ୍ୟ ବିବେଚିତ ହେବ ।

ଗୋଟିଏ ନୂଆ କଥା ଜଣାଇଯାଉଛି । ଶ୍ରୀମତୀ ପାର୍ବତୀ ପାଢ଼ିଆଣୀ ଏହି ପୁରସ୍କାର ଘୋଷଣା କରିଛନ୍ତି—ସେ ପ୍ରତିମାସ ଟଙ୍କାଏ ଲେଖା ଦେବାକୁ ସ୍ୱୀକୃତ ହୋଇଛନ୍ତି । ଆମେ ନାଗପତ୍ରରୁ ଆଉ ଟଙ୍କାଏ ଦେବୁ—ଏପରି ମୋଟରେ ଟ ୨( ପୁରସ୍କାର ଦିଆଯିବ । ତାହା ଉତ୍କୃଷ୍ଟ କବିତା ଓ ପ୍ରବନ୍ଧ ପାଇଁ ଭିନ୍ନ ଭିନ୍ନ ଥର ବଣ୍ଟାଯିବ ।

## ଅଜାଙ୍କ ଉତ୍ତର

ନାରାୟଣଚନ୍ଦ୍ର (୪୨୫)—ପୁରାତନ ନାତିମାନେ ପ୍ରତିଯୋଗିତାରେ ଯୋଗ ଦେବେ—କିନ୍ତୁ ପୁରସ୍କାର ପାଇ ପାରିବେ ନାହିଁ । ତମର 'ଗୋପବନ୍ଧୁ' କବିତା ଅନ୍ୟତ୍ର ପ୍ରକାଶ କରିପାର ।

ରେଣୁଧର (ବୌଦ)—ତମର ନାତି ନମ୍ବର ଦେଇନାହିଁ—ତମର ଜନ୍ମତାରିଖରୁ ଜଣାପଡ଼ୁଛି ତମେ ୧୮ ବର୍ଷରୁ ଉର୍ଦ୍ଧ୍ୱ । ତମେ ପୁରାତନ ନାତି ହିସାବରେ ଗଣ୍ୟ—ଯଦି ନାତି ହୋଇ ନଥାଅ ତାହେଲେ ହୋଇ ପାରିବ ନାହିଁ । ତମର 'ଅନୁତାପ' ପ୍ରକାଶ ଯୋଗ୍ୟ ନୁହେଁ ।

ଅପର୍ତ୍ତି ଚରଣ (୫୯୦)—ତମ ନାତିତ୍ୱରୁ ଆୟୁଷ ପୂରିଗଲେ ତମେ ପୁରାତନ ନାତି ହୋଇ ରହିବ । ସେଥିରେ କ୍ଷତି କଣ ? ତମେ ଯେ କୌଣସି ପ୍ରତିଯୋଗିତାରେ ଯୋଗ ଦେଇ ପାରିବ କିନ୍ତୁ ପୁରସ୍କାର ପାଇବ ନାହିଁ ।

——✲——

## ଡଗର ଚିନ୍ତାମଣି ସ୍ମୃତି ପାଣ୍ଠି

ଶ୍ରୀମତୀ ସରସ୍ୱତୀ ଦେଈ (ନଂ ୪୮୭)—ଟ ୫(

## ପ୍ରଶ୍ନୋତ୍ତର

୮ମ ସଂଖ୍ୟା 'ଡଗର'ରେ ଯେଉଁ ପ୍ରଶ୍ନଗୁଡ଼ିକ ଦିଆଯାଇଥିଲା ତା'ର ଉତ୍ତର ନିମ୍ନରେ ଦିଆଗଲା ।

୧ । ରାଜକୁମାରୀ ହମା ସିଲୁନ ।

୨ । ଆଶୁତୋଷ ଲହିରି, (ହିନ୍ଦୁ ମହାସଭା) ଆଚାର୍ଯ୍ୟ କୃପାଲାନି (କଂଗ୍ରେସ) ନବାବ ଜାଦା ଲିଆକତ ଅଲି ଖାଁ (ମୁସଲିମ ଲିଗ୍) ।

୩ । ଶରତଚନ୍ଦ୍ର ପଟ୍ଟନାୟକ, (କମ୍ୟୁନିଷ୍ଟ) ହରେକୃଷ୍ଣ ମହତାବ (କଂଗ୍ରେସ) ।

୪ । ବଙ୍ଗ ଲାଟ—ମିଃ ଆର୍‌ ଜିଃ କେସିଃ ।
ବମ୍ବେ ଲାଟ—ସାର୍‌ ଜନ୍‌ କଲଭିଲ

୫ । ଡାଃ ଟିଃ ଭିଃ ସୁଙ୍ଗ (ଚୀନର ପ୍ରଧାନ ମନ୍ତ୍ରୀ)
ମାଓ ସି ଟୁଙ୍ଗ (କମ୍ୟୁନିଷ୍ଟ ଦଳର ନେତା)

୬ । ନମାଇଁ ଦ୍ୱାରଦେଶ, ଟଗାଝନ ଶ୍ରୀ ଚନ୍ଦନ ।

୭ । କାଳିନ୍ଦୀ ଚରଣ ପାଣିଗ୍ରାହୀ ।

୮ । ୧୯୩୯ ମସିହା ସେପ୍ଟେମ୍ବର ପହିଲା ।

୯ । ମିଃ ଜେଃ ବାଇରନସ (J. Byrnes)

ନିମ୍ନଲିଖିତ ନାତିମାନେ ଠିକ୍ ଉତ୍ତର ପଠାଇଛନ୍ତି—୬୩୬, ୬୧୭, ୬୧୫, ୬୩୩ ।

## ଅବସର ବିନୋଦନ ଉତ୍ତର

୮ମ ସଂଖ୍ୟା 'ଡଗର'ରେ ଯେଉଁ ଅବସର ବିନୋଦନଟି ଥିଲା ତାହାର ଉତ୍ତର ।

| | | |
|---|---|---|
| ୧୩ | ୫ | ୧୨ |
| ୯ | ୧୦ | ୧୧ |
| ୮ | ୧୫ | ୭ |

ଏହି ଉତ୍ତରଟି ଅଙ୍କ ନକ୍ସାରେ ବନ୍ଦ ହୋଇ ଥିଲା । ଏହା ସାଙ୍ଗରେ ଯେଉଁମାନଙ୍କର ମିଳୁଛି—ତାହା ଠିକ ବୋଲି ଧରି ନିଆଗଲା । ଏହାଛଡ଼ା ଅନ୍ୟାନ୍ୟ କେତେ ପ୍ରକାର ମଧ୍ୟ ହୋଇପାରେ । ଯେଉଁମାନଙ୍କର ଉତ୍ତର ଏହା ସଙ୍ଗେ ଠିକ୍ ମିଳିଯାଇଛି ସେମାନଙ୍କର ନମ୍ବର ନିମ୍ନରେ ଦିଆଗଲା ।

୬୩୬, ୬୧୬, ୬୧୫, ୫୯୦, ୬୩୩, ୬୧୭, ୬୧୪, ୫୮୪, ୬୦୫, ୬୦୪, ୬୦୬, ୪୫୬, ୬୦୫ ।

## ନାତିଙ୍କ ପ୍ରଶ୍ନ

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ଶ୍ରୀ ଗୌରାଙ୍ଗ ଚରଣ ମହାନ୍ତି (୬୧୨) ପଠାଇଛନ୍ତି ।

୧ । ପ୍ରଥମ ଭାରତୀୟ ବାରିଷ୍ଟର କିଏ ?

୨ । ପ୍ରଥମ ଭାରତୀୟ I. C. S. କିଏ ?

Digitized by srujanika@gmail.com

୩ । ପ୍ରଥମ ଭାରତୀୟ ଶାସନକର୍ତ୍ତା କିଏ ?
୪ । କେଉଁ ଭାରତୀୟ ପ୍ରଥମେ ନୋବେଲ ପ୍ରାଇଜ୍ ପାଇଥିଲେ ?
୫ । ପ୍ରଥମ ଭାରତୀୟ F, R. S. କିଏ ?
୬ । ପ୍ରଥମ ଭାରତୀୟ ପାର୍ଲିଆମେଣ୍ଟ ପ୍ରତିନିଧି କିଏ ?
୭ । କେଉଁ ଭାରତୀୟ ପ୍ରଥମେ ଭିକ୍ଟୋରିଆ କ୍ରସ୍ ପାଇଥିଲେ ?
୮ । କେଉଁ ଭାରତୀୟ I. C. S. ପରୀକ୍ଷାରେ ପ୍ରଥମେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ?
୯ । ହାଇକୋର୍ଟର ପ୍ରଥମ ଭାରତୀୟ ବିଚାରପତି କିଏ ?
୧୦ । କେଉଁ ଭାରତୀୟ ପ୍ରଥମେ ଇଂଲଣ୍ଡରୁ ଭାରତକୁ ଉଡ଼ାଜାହାଜରେ ଆସିଥିଲେ ?
୧୧ । ପ୍ରିଭି କାଉନ୍‌ସିଲ୍‌ର ପ୍ରଥମ ଭାରତୀୟ ପ୍ରତିନିଧି କିଏ ?
୧୨ । କେଉଁ ପ୍ରଥମ ଭାରତୀୟ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ବି: ଏ: ପରୀକ୍ଷାରେ ପ୍ରଧାନତଃ ଉତ୍ତୀର୍ଣ୍ଣ ହେବ ।
୧୩ । Executive Councilର ପ୍ରଥମ ଭାରତୀୟ member କିଏ ?

—*—

## —ସ୍ୱାଧୀନ—

ସ୍ୱାଧୀନ କର, ସ୍ୱାଧୀନ କର, ଭାରତ ଅମର ଦେଶ,
ପତିତ ରକ୍ତ ଲୁଟାଇ ଦିଅ ବୁକପରେ ସହି କ୍ଲେଶ;
ଆମେ ତ ଭାରତ ସନ୍ତାନ,
ଶୁଭ୍ର ଚନ୍ଦ୍ରରେ ଅଙ୍କାନ,
ଜାଗରଣ ବାଦ୍ୟ ବଜାଅ ଭାଇ ଧରି ଅଗ୍ରଣୀ ବେଶ । ୧ ।
ସ୍ୱାଧୀନ କର, ସ୍ୱାଧୀନ କର ଭାରତ ଅମର ଭୂଇଁ,
ଜନ୍ମ ପୋଥିରେ ଲେଖାଇଛୁ ନାମ ପଦ ରେଣୁ ତାର ଛୁଇଁ,
ଗାଅ ବନ୍ଦେ ମାତରମ୍
ଉଠିଛି ଉଚ୍ଚ ସ୍ୱର ସମ୍
ଗାନ୍ଧି ବିଜୟୀ ନେତା ହେବାର ହେବରେ ଭାରତ ମୁହିଁ ।୨
ସ୍ୱାଧୀନ କର ସ୍ୱାଧୀନ କର ଅମର ହିନ୍ଦୁସ୍ଥାନ,
ଜାଗ୍ରତ ହେଇ ଦେଶ ସେବାରେ ମନ ଅଛି ଆମ ପ୍ରାଣ,
କର୍ମ କ୍ଷେତ୍ରରେ ଅଟଳ,
ମୃତ୍ୟୁ ଲଭୁରେ ଜନମ,
ବିଜୟୀ ଅଣି ଖେଳାଇ ବଳ ଗଗନରେ ଟୋକ ନିଶାଣ । ୩

ଶ୍ରୀ ଗୋପୀନାଥ ବେହେରା ।

—*—

## ନୂଆ ନାଗବଗ୍ଗଙ୍କ ନାମ

୬୪୦ । ଶ୍ରୀ ଲକ୍ଷ୍ମଚନ୍ଦ୍ର ରାଉତ । ୬୪୧ । ଶ୍ରୀ ବଂଶୀଧର ରାଉତ । ୬୪୨ । ଶ୍ରୀ ସତ୍ୟାନନ୍ଦ ମହାନ୍ତି । ୬୪୩ । ଶ୍ରୀ ମୋହନ ଚନ୍ଦ୍ର ଧୀର । ୬୪୪ । ଶ୍ରୀ ବିଷ୍ଣୁଚରଣ ମହାନ୍ତି । ୬୪୫ । ଶ୍ରୀ ଦର୍ଶନୀ ଓଝା । ୬୪୬ । ଶ୍ରୀ ନିମାଇଁ ଚରଣ ନାୟକ । ୬୪୭ । ଶ୍ରୀ ବିବେକାନନ୍ଦ ବଳ, ୬ମ ଶ୍ରେଣୀ, କେନାପୁର ମି: ଇ: ସ୍କୁଲ, ପୋଃ କେନାପୁର, ଜି: କଟକ । ୬୪୮ । ଶ୍ରୀ ବଳରାମ ସାହୁ । ୬୪୯ । ଶ୍ରୀ ନିତ୍ୟାନନ୍ଦ ମହାପାତ୍ର । ୬୫୦ । ଶ୍ରୀ ମଧୁସୂଦନ ପାଣିଗ୍ରାହୀ । ୬୫୧ । ଶ୍ରୀ ନାରାୟଣ ମୂର୍ତ୍ତି ।୬୫୨। ଶ୍ରୀ ଦାମୋଦର କର । ୬୫୩ । ଶ୍ରୀ ମହେନ୍ଦ୍ର କୁମାର ନାୟକ ।୬୫୪। ଶ୍ରୀ ଗିରିଧର ସାହୁ । ୬୫୫ । ଶ୍ରୀ ବେଣୁଧର ବଳ । ୬୫୬ । ଶ୍ରୀ କେଶବଚନ୍ଦ୍ର ଖଳଇ । ୬୫୭ । ଶ୍ରୀ ମାଳମତୀ ମହାନ୍ତି । ୬୫୮ । ଶ୍ରୀ ଯଦୁନାଥ ଦାସ । ୬୫୯ । ଶ୍ରୀ ଜଗବନ୍ଧୁ ମହାନ୍ତି । ୬୬୦ । ଶ୍ରୀ ରଘୁନାଥ ବେହେରା, ୬ଷ୍ଠ ଶ୍ରେଣୀ କେନାପୁର ମି: ଇ: ସ୍କୁଲ । ୬୬୧ । ଶ୍ରୀ ଚକ୍ରଧର ସତପଥୀ (ପୂଜାରୀ) । ୬୬୨ । ଶ୍ରୀ ଶରତଚନ୍ଦ୍ର ମିଶ୍ର, ୬ମ ଶ୍ରେଣୀ, କେନାପୁର ମି: ଇ: ସ୍କୁଲ, ପୋଃ କେନାପୁର, ଜି: କଟକ ।

## 'ଡଗର'ର ନିଜକଥା

ପୂଜାବନ୍ଦ ପରେ ଏବର୍ଷ ନବମ ସଂଖ୍ୟା 'ଡଗର' ପ୍ରକାଶ ପାଇଲା । ସଂଖ୍ୟାଟିକୁ ଯଥୋପଯୁକ୍ତ କରିବା ଲାଗି ସମସ୍ତ ଆୟୋଜନ କରାଯାଇଛି । ଦାମ ଛ'ଅଣା ( ୦।୵ ) ଧାର୍ଯ୍ୟ କରାଯାଇଛି । ଯେଉଁମାନେ ଆମର ରେଜେଷ୍ଟରଭୁକ୍ତ ଗ୍ରାହକ ସେମାନଙ୍କୁ ଅଧିକ ଦେବାକୁ ପଡ଼ିବ ନାହିଁ । ଯେଉଁମାନେ ଏଠାରୁ ମଗାଇବାକୁ ଚାହାନ୍ତି ସେମାନେ ପାଞ୍ଚଅଣାର (୦।୵) ଡାକ ଟିକଟ ପଠାଇଲେ ଘରେ ଏ ନବମ ସଂଖ୍ୟା 'ଡଗର' ପାଇ ପାରିବେ । ଆମର ଏଜେଣ୍ଟମାନଙ୍କୁ ଅନୁରୋଧ ସେମାନେ ନିଜ ନିଜର ଆବଶ୍ୟକୀୟ ସଂଖ୍ୟା ପାଇଁ ଶୀଘ୍ର ଆମ ଅଫିସକୁ ଜଣାନ୍ତୁ ।

୵ ପୂଜା ବନ୍ଦ ଯୋଗୁଁ ଆସନ୍ତା ସଂଖ୍ୟା ( ୧୦ମ ସଂଖ୍ୟା ) 'ଡଗର' ପ୍ରକାଶ ପାଇ ପାରିବ ନାହିଁ ।

ପରିଚାଳନା—

## ଅଟୋମାଟିକ୍ ରିଭଲଭର

(ଆମେରିକାନ ମଡ଼େଲ)



ଅବିକଳ ପିସ୍ତଲ ଭଳିଆ ଦେଖିବାକୁ ଦେହମଧ୍ୟ ସେହିପରି, ଗୁଳି ଫାୟାର କଲେ ସେଥିରୁ ଧୂଆଁ ଓ ନିଆଁ ବାହାରେ । ଚୋର ଡକାଏତ ଓ ହିଂସ୍ର ଜନ୍ତୁଙ୍କ କବଳରୁ ଆତ୍ମରକ୍ଷା କରିବାର ଏକମାତ୍ର ଅସ୍ତ୍ର । ଉପରା ଉପରି ୬ଟି ଗୁଳି ଫାୟାର ହୁଏ । ଏ ପିସ୍ତଲ ରଖିବାର କୌଣସି ଲାଇସେନ୍ସ ଦରକାର ପଡ଼େ ନାହିଁ । ମୂଲ୍ୟ—୧ନଂ—ଟ୬୲ ୨ନଂ—୮୲ ୩ନଂ ଟ୯୲ ସ୍ପେଶିଆଲ ଟ୧୧୲ ଉତ୍କୃଷ୍ଟ ମଡେଲ ଟ୧୨୲ ପ୍ୟାକିଂ ଓ ଡାକ-ଖର୍ଚ୍ଚା ଟ୧୲ ପ୍ରତ୍ୟେକ ପିସ୍ତଲ ସଙ୍ଗରେ ୫୦ଟି ଗୁଳି ଓ ସ୍ପେଶାଲ ଓ ଉତ୍କୃଷ୍ଟ ମଡେଲ ସଙ୍ଗରେ ୭୫ଟି ଗୁଳି ବିନା ମୂଲ୍ୟରେ ଦିଆଯାଏ ।

EASTERN WATCH Co.
Post Box No. 12219, CALCUTTA,

Digitized by srujanika@gmail.com

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ସେକ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରେଗ୍ଲା ବ୍ୟବହାର କଲେ ଯେ କୌଣସି ପ୍ରକାର ପାଲାଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ଶକ୍ତ ପ୍ଳୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଆଧୁନିକ ଜଗତରେ **"ପାଇରେଗ୍ଲା"** ( ରେଜିଷ୍ଟର୍ଡ଼ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୧।୵୦ ( ପ୍ରତି ଶିଶି )

**'ଅନନ୍ତରସ'—ସାଲସା** ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍‌ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍ କଲିକତା ।

ପ୍ରାପ୍ତିସ୍ଥାନ: – ମନମୋହନ ବୁକ୍‌ସପ୍

ନଂ ୧୩୭ । ୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ୍, କଟକ ।

---

# ବ୍ୟାଙ୍କ ଅବ୍ କାଲ୍‌କାଟା ଲିମିଟେଡ୍

ଭାରତର ଏକ କର୍ମ-ବର୍ଦ୍ଧିଷ୍ଣୁ ଜାତୀୟ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ

କାର୍ଯ୍ୟକାରୀ ପାଣ୍ଠି—ପ୍ରାୟ ଦେଢ଼କୋଟି ଟଙ୍କା ଅଦାୟୀକୃତ ଓ ମହଜୁତ ତହବିଲ—ପ୍ରାୟ ଆଠଲକ୍ଷ ଟଙ୍କା

ଭାରତର ମୁଖ୍ୟ ସ୍ଥାନ ଏବଂ ଓଡ଼ିଶାର ବିଶିଷ୍ଟ ସହର କଟକ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ପ୍ରଭୃତିରେ ଶାଖାମାନ ରହିଛି ।

**ହେଡ଼ ଅଫିସ**—ନ ୩ ମ୍ବର ମେଙ୍ଗୋଲେନ୍ କଲିକତା

---

# ଉତ୍କଳ ଯାଦବ ଛାତ୍ରାବାସ ଭଦ୍ରକ ।

ଉତ୍କଳୀୟ ଯାଦବ ଛାତ୍ରମାନଙ୍କର ବହୁବିଧ ଅଭାବ ଅସୁବିଧା ଦୃଷ୍ଟେ ଓ ସେମାନଙ୍କର ସୁବିଧା ନିମିତ୍ତ ଭଦ୍ରକରେ ଗୋଟିଏ ଯାଦବ ଛାତ୍ରାବାସର ଏକାନ୍ତ ଆବଶ୍ୟକତା ଉପଲବ୍ଧି କରି ଗଲାତ ସନ ୧୯୪୫ ମସିହା ଠାରୁ ଗୋଟିଏ ସ୍ଥାୟୀ "ଯାଦବ ଛାତ୍ରାବାସ" ପ୍ରତିଷ୍ଠା କରିବା ପାଇଁ ସ୍ଥାନୀୟ ଯାଦବମାନେ ଉଦ୍ୟମ କରୁଅଛନ୍ତି । ଆବଶ୍ୟକ ପରିମାଣରେ ଅର୍ଥ ସାହାଯ୍ୟ ମିଳିଲେ ତୁରନ୍ତ ଉକ୍ତ "ଯାଦବ ଛାତ୍ରାବାସ" ଖୋଲିବାର ବ୍ୟବସ୍ଥା କରାଯିବ । ଏଥିପ୍ରତି ସର୍ବସାଧାରଣଙ୍କର ସୁଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଦାତାମାନଙ୍କୁ ସବିନୟ ପ୍ରାର୍ଥନା ଯେ, ଯଥା ସମ୍ଭବ ଶୀଘ୍ର ଅର୍ଥ ସାହାଯ୍ୟ ଦ୍ୱାରା ଏହି ସଦୁଦ୍ୟମକୁ ଉତ୍ସାହିତ କରି ବିଦ୍ୟାଦାନରୂପ ମହତ୍ ଧର୍ମ ଅର୍ଜ୍ଜନ କରନ୍ତୁ । ଯେଉଁମାନେ ବିଦେଶରୁ ମନିଅର୍ଡ଼ର ଦ୍ୱାରା ଅର୍ଥ ସାହାଯ୍ୟ ପଠାଇବେ, ସେମାନେ ଦୟା କରି ନିଜର ପୁରା ନାମ ଓ ଠିକଣା କୁପନରେ ସ୍ପଷ୍ଟଭାବରେ ଉଲ୍ଲେଖ କରି **ଶ୍ରୀଯୁକ୍ତ ବାବୁ ରାମଚନ୍ଦ୍ର ପଲାଇ । ସା । ଚରମ୍ପା ମଟର ଅଫିସ, । ପୋ । ଚରମ୍ପା, । ଜି । ବାଲେଶ୍ୱରଙ୍କ** ଠିକଣାରେ ପଠାଇଲେ ତୁରନ୍ତ ଛପା ରସିଦ ଦ୍ୱାରା ପ୍ରାପ୍ତି ସ୍ୱୀକାର କରାଯିବ । ଇତି ।

ନିବେଦକ

**ଶ୍ରୀ କୃଷ୍ଣଚନ୍ଦ୍ର ପରିଡା**

ଛାତ୍ର—ସ୍ୱେଚ୍ଛା ସେବକ (ଭଦ୍ରକ ହାଇସ୍କୁଲ)


Digitized by srujanika@gmail.com

ସୁପ୍ରଭା ସ୍ନୋ

ଚମତ୍କାର ଅନନ୍ୟ
ଶ୍ରେଣୀର ପ୍ରସାଧନ
ନିତ୍ୟ ବ୍ୟବହାର
କଲେ ବଦନ ମଣ୍ଡଳ-
ରେ ଅପୂର୍ବ ଶୁଭ୍ରଶ୍ରୀ
ବିକଶିତ ହୁଏ ।




ଅଭିନବ ରୂପ ଚର୍ଚ୍ଚାର
ଶ୍ରେଷ୍ଠ ପ୍ରସାଧନ
○ କାଞ୍ଚନ
○ କାବେରୀ
○ ସ୍ନୋ ଓ ସେଣ୍ଟ
ଇତ୍ୟାଦି

କୋଣାର୍କ କେମିକ୍ୟାଲ
ଇଣ୍ଡିଆ

କୋଣାର୍କ କେମିକ୍ୟାଲ ଏଣ୍ଡ ବ୍ୟୁଟି ପ୍ରଡକ୍ଟସ୍
ଇଣ୍ଡିଆ ।

---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

ପାଇଓନିଅର କମର୍ସିଏଲ୍ ବ୍ୟାଙ୍କ ଲି:—

ହେଡ୍ ଅଫିସ— କଲିକତା

ଶାଖା ଅଫିସ୍‌ମାନ— ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଦି, ଜୟନଗର, ମଜଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନୟାଦିଲ୍ଲୀ, ନାଗପୁର । ସ୍ୱା—ପି. ଏନ୍: ରାୟ ଚୌଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୲ ଜମା ଦେଲେ ୪ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୫ ୨୭୦ ଟଙ୍କା ପାଇବେ


Printed & published by G. C. Mahapatra at the Gopinath Press, Bhadrak. 1945.

Digitized by srujanika@gmail.com

# ଦିଆଲି ସଂଖ୍ୟା




## ଏ ସଂଖ୍ୟାରେ

**ମଜା କଥାରେ**

'ଛବି ଜୀ'

**କାହାଣୀରେ —**

'ଜନମ ଅବଧି ହାମ୍'

'ଶୈଳା ଓ ଶୈଳ'

**ମଜା କବିତାରେ**

'ଭୋଟ ଲଢ଼ାଇ'

**କବିତା**

'ଆମେରୀଙ୍କ ଉକ୍ତି'

ଅଜା ଆଈଙ୍କ ସହର ଯାତ୍ରା ଓ ଅନ୍ୟାନ୍ୟ

ର୍ଷିକ ତିନଟଙ୍କା ଆଠଅଣା

ମୂଲ୍ୟ:—ଛ' ଅଣା ମାତ୍ର

Digitized by srujanika@gmail.com

# MATRIC MANUAL.

A Series in four parts, presenting **six years University Question** ( Final & Supplimentary ) with answers Easy Intelligent and Convincing.

PART I—Mathematics :—Best help in absence of qualified experienced teachers. Methods easy and attractive to overcome difficulties. Price - Rs. 1-8

PART II—Geography :—Both physical and political portions represented in details with the help of diagrams wherever necessary. One of the greatest, useful and attractive features of the book is the **systemetic arrangement of facts**.

PART III—English :—Up-to-date and lively answers in simple **idiomatic English.** Best help to learn and write English. **Originality**—highest factor, plays an important part in **Essays and grammatical** portions. Price—1-8

PART IV—History :—Under preparation.

ଗଳ୍ପର ଢଙ୍ଗ ଢଙ୍ଗୀରେ
ସହସ୍ର ରଙ୍ଗିନ ଛବି
**ଅଧ୍ୟାପକ ରାଜକିଶୋର ରାୟଙ୍କର**
**ନୀଳ ଲହରୀ**
**ପଢ଼ନ୍ତୁ !**
ଛୋଟ ଗଳ୍ପର ନୂଆ ଶୈଳୀ
ଭାବ ଧାରାର ନବ ପ୍ରସ୍ରବଣ
**ମୂଲ୍ୟ—ଟ ୧ ୳**

Just out

**ଯୁଗ ଜ୍ୟୋତି**
**'ଜହର ଲଲ'**
**ଲେଃ—ଶ୍ରୀ ବଳରାମ ମହାନ୍ତି**
**ମୂଲ୍ୟ—ଟ ୧ ୳**

Just out

Notes on
A WAY TO ENGLISH
( O U. P. )

N. B. Please ask for the books first to your nearest bookseller and then if necessary place orders with some advance.

Published at
**KRUSHNA BHANDAR**
Chaudhury Bazar
CUTTACK.


ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର;** ପରିଚାଳନା ସମ୍ପାଦକ; —**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com



Digitized by srujanika@gmail.com

# ଦିଆଲି

କାହାପାଇଁ କହ ଜାଳୁ ଆଜ ଏହି ଦିଆଲି
ଅରେ ଏ ମଣିଷ ଜାନୁଆର୍ ମୂର୍ଖ
ଏ କଥରେ ତୋ ଖାମ ଖିଆଲ
ତୋ ଘର ଆଲୁଅ କରିବାକୁ ଯାଇ
ଶତେ ଘରେ ଘନା ଅମିସା
ତାହାର ଅଶ୍ରୁ ଉଚ୍ଛ୍ୱସବେ ତୋର ନ ମିଶା
ଭିତରକୁ ଚିର ଅନ୍ଧାରେ ରଖି
ବାହାରକୁ କରୁ ଢିଆର,
ଏ କଥରେ ତୋ ଖାମ ଖିଆଲ ।

ଫୁଲଝରି ତୋର ଝରି ଝରି ପଡ଼େ
ଫୁଟି ଉଠେ ତୋର ପଟକା
ତେଣେ ମଣିଷର ହାଡ଼ ଫୁଟୁଅଛି
ଠୋ-ଠା ତାଜା ତଟକା
ତୋର ଜଳଉଠେ ଚନ୍ଦ୍ର ଉଦୟ
ସେଦିଏ ଦୁଆରେ ଝାଉଁଳା ମୁଦଅ
ବରଷା ନ ପାଇ କିଆରି କିଆରି
ଜଳିଗଲା ଅଶ୍ରୁ ବିଆଳି
ଏ କଥରେ ତୋ ଖାମ ଖିଆଲ ।

କାହାର ରକତେ ଜାଳୁଅଛୁ ଅରେ ଦିଆଲି
ଏ କଥରେ ତୋ ଖାମ ଖିଆଲ
ମଣିଷ ପିଉଛି ମଣିଷ ରକତ,
ଏହି ପୋଥି ଆଜ ପଢ଼ଇ ଜଗତ
ମଣିଷ ହୋଇଛି ଜାନୁଆର ଆଜି
ଚିଲ, ଗଧ, କୋକିଶିଆଳି,

Digitized by srujanika@gmail.com

# ୧୯୪୨ ମନ୍ୱନ୍ତର

ଲେ:—ଲକ୍ଷ୍ମୀକାନ୍ତ ମହାପାତ୍ର

ଇତିହାସ ପୁରାଣରେ ପଢ଼ିଥିଲୁଁ, ଅବା
ଶୁଣିଥିଲୁଁ କଥା କିମ୍ବଦନ୍ତୀ,
ମାତ୍ର ନିଜ ନୟନରେ ଦେଖିଲୁଁ ଏଥର
ମନ୍ୱନ୍ତର ଭୟାଳ ମୂରତି ।

ଲାଗିଲା ଭୀଷଣ ରଣ ବ୍ୟାପୀ ବସୁନ୍ଧରା,
ଟଳ ମଳ କମ୍ପିଲା ଅବନୀ,
ସେ ବେଗ ଆଘାତ କଟା ବାଜିଲା ଭାରତେ
ଚମକାଇ ଭାରତ ଜନନୀ ।

ବ୍ୟାପିଲା ବିପ୍ଳବ ବହ୍ନି ଜଳି ହାଉହାଉ
ଗ୍ରାମେ ଗ୍ରାମେ ନଗରେ ନଗରେ,
ସେହି ଯଜ୍ଞ ହୁତାଶନେ କେତେ ନରନାରୀ
ପ୍ରାଣାହୁତି ଦେଲେ ଅକାତରେ

ମୁକ୍ତି ପ୍ରୟାସୀ ଯେତେ ବରେଣ୍ୟ ମନୀଷୀ
ଅତର୍କିତେ ବରିଲେ ବନ୍ଧନ,
କାରାକକ୍ଷେ ଦୀର୍ଘଦିନ ରହିରୁଦ୍ଧ ଶ୍ୱାସେ
ସହିଲେ ସେ ଘୋର ନିର୍ଯ୍ୟାତନ ।

ଦେଶର ଦୁଢ଼ତା ଦେଖେ ନଗଣ୍ୟଛ ଭର୍ଗି
ଦାବାନଳି ହୋଇ ବହ୍ନିଳିତ,
ମୁକ୍ତିର ଅରୁଣାଲୋକ ଉଠିଲା ଉଦ୍ଭାସି
ଭାରତର ପ୍ରାଣେ ଶୃଙ୍ଖଳିତ ।

ପ୍ରଳୟର ଝଞ୍ଜା ବାତ ବହିଲା ଏକାଳେ
ପ୍ରକୃତିର ପ୍ରଚଣ୍ଡ ତାଣ୍ଡବେ,
ଉତ୍ତାଳ ତରଙ୍ଗ ମାଳେ କ୍ଷିପ୍ର ମହୋଦଧି
ଉଲ୍ଲଙ୍ଘିଲା ବେଳା ଭୂମି ଲବେ ।

ଭୁଷିଗଲା ଗୃହଁ ଗୃହଁ ପ୍ରାଚୀ କୂଳ
ଗୃହଅଟ୍ଟେ ବଳିଷ୍ଠ ଶିହାର,
ପ୍ରଳୟର ଧ୍ୱଂସ ଲୀଳା ଲାଗିଗଲା ବେଗେ
ଚରାଚର କରି ଏକାକାର ।

ଦୁର୍ଭିକ୍ଷ କରାଳ ଛାୟା ମାଡିଆସେ ଖରେ
ସାରା ଦେଶେ ଉଠେ ହାହାରବ,
ପଛେ ପଛେ ମହାମାରୀ ବ୍ୟାଧିତ ବଦନା
ଘାରି ଯାଏ ଶବ

ବଦ୍ରିତୁ ଭାରତ ଅମ୍ବା ମୂର୍ଚ୍ଛି ପାଟେ ପଡ଼ି
'ଛାଡେ ଡେଃ' ହାହୁ ହାହୁ ହାହୁ',
ସେ ଡ଼ାକେ ଉଠିଲା ଥର ବ୍ରହ୍ମାଣ୍ଡ ମଣ୍ଡଳ
କ୍ଷଣେ ଗଲ ଅମାନିଶା ଧାହୁ ।

ଦୀର୍ଘ କଷ୍ଟୀଡ଼ନ ଶେଷେ ଭାରତ ଲକ୍ଷ୍ମୀର
ଅନ୍ତ ହେଲା ଅନଳ ପରୀକ୍ଷା,
ଉଠିଲା ଚେତନ ପାଇ ଭାରତ ସନ୍ତାନ
ନବ ଯୁଗେ ଲଭିନବ ଦୀକ୍ଷା ।

Digitized by srujanika@gmail.com




# ବିଲୁଆ ବିଚାର

୯ମ ବର୍ଷ—୧୦ମ, ୧୧ଶ ସଂଖ୍ୟା
ଆଶ୍ୱିନ ଦ୍ୱିତୀୟାର୍ଦ୍ଧ ଓ କାର୍ତ୍ତିକ ପ୍ରଥମାର୍ଦ୍ଧ

ଭୋଟଭୋଟ ଗୁଲକ । କଂଗ୍ରେସର କୃଷ୍ଟି । ଆମେ ବଲ୍ଲୁ ଉଲଟ ଜାଣୁ ଏ ଭୋଟଭୋଟରେ ଚାଲ ଫିଟିବ ନାହିଁ । ସବୁଥର ଗୋଟେ ଆନ୍ଦୋଳନ ପରେ ଭୋଟଭୋଟ ନାଟ ତାମସା କରି ଦଶ ବର୍ଷ ଗଡ଼େଇ ନଅନ୍ତି କଂଗ୍ରେସବାଲା । ତାପରେ ଗୋଟେ ଛୋଟଛୋଟ ଅହିଂସା ଲେଖା-ଲେଖି ହୁଏ ବ୍ରିଟିଶ ସରକାର ସାଙ୍ଗରେ । ଯେଉଁ କଂଗ୍ରେସ ଥାଟ-ମାନେ ଭୋଟ ବାଟରେ ନାଚିବେ ତାଙ୍କୁ ଆମେ ଛଟ ଉପରେ କହି ଦେଉଛୁଁ—ଏଥର ଦଶ ବରଷ ନୁହେଁ—ଦଶ ଅଧା ପାଞ୍ଚ ନୁହେଁ—ପାଞ୍ଚ ମାସ ଭିତରେ କି ଗୋଟାଏ ଅଦଳ ବଦଳ ପାଇଁ ବେଳ ପଡ଼ିବ । ତେଣୁ କହୁଛୁଁ—ବାପା, ଡରକ ଥିବ ଡେରକୁ—

× + + +

ତମ ଶ୍ରମିକ ସରକାରଙ୍କ ଗଛ ଦେଖ । ଇଉରୋପର ସବୁ ସାମ୍ରାଜ୍ୟ ବାଦଙ୍କ ଗୁରୁ ମୋହନମୂର୍ତ୍ତି ଚର୍ଚ୍ଚିଲ ଭଳି ଶ୍ରମିକ ସରକାର ଇଣ୍ଡୋଚାଇନାରେ ଫରାସୀ ପକ୍ଷରେ ହାତ ଟେକି ସାବାସ ସାବାସ କରୁଛନ୍ତି । ଫରାସୀ ସରକାର ସେଠି ଅନାମୀୟଙ୍କର ଜାତୀୟ ଆନ୍ଦୋଳନକୁ ଲୋପ କରି ବସିଛନ୍ତି ଇଂରେଜଙ୍କ ବଳ ପାଇ । ଅଷ୍ଟ୍ରେଲିଆର ସାଧାରଣ ଲୋକେ ତାଙ୍କ ପ୍ରତିବାସୀ ଇଣ୍ଡୋନେସିଆନ୍‌ମାନଙ୍କ ପକ୍ଷରେ କହିବା ଦେଖି ବ୍ରିଟିଶ ସାମ୍ରାଜ୍ୟର ଦାସ ସେଠା ସରକାରୀ ପୁଲିସ ସେଠି ଲୋକଙ୍କୁ ଗିରଫ କରୁଛି । ଜାଭାରେ ସ୍ୱାଧୀନତା ଆନ୍ଦୋଳନ । ସେଠି ଓଲନ୍ଦାଜମାନଙ୍କ ସାମ୍ରାଜ୍ୟ ସ୍ଥାପନ ପାଇଁ ଶାନ୍ତି ଶୃଙ୍ଖଳା ନାମରେ ଶ୍ରମିକ ସରକାର ଯନ୍ତ୍ରୀ ହୋଇ 'କରି କରାଇ ଥାଏଁ ମୁହିଁ—ମୋ ବିନୁ ଆନ ଗତି ନାହିଁ ଗତି' ଧରିଛନ୍ତି । ଶ୍ୟାମରେ କ'ଣ ଘଟଣା ଠିକ ଜଣା ପଡ଼ୁନାହିଁ । ଶୁଣାଯାଉଛି—ସ୍ୱାଧୀନ ଓ ଶ୍ୟାମର ଲଢ଼େଇ ସେଠି—ଯେମିତି ହିନ୍ଦୁ ମୁସଲମାନ ଲଢ଼େଇ ବମ୍ବେରେ । ମାଲୟ, ବର୍ମା ଓ ସିଙ୍ଗାପୁର ହାଲ କେହି ଜାଣନ୍ତିନାହିଁ । ବର୍ମା ଜାତୀୟ ବାହିନୀ ଦିନେ ଯେ ଜାପାନକୁ ସାହାଯ୍ୟ କରି ଇଂରେଜଙ୍କୁ ତଡ଼ିଥିଲେ ଓ ପୁଣି ଜାପାନକୁ ତଡ଼ି ଦେଇ ପାରିଥିଲେ ତାଙ୍କର ଅବସ୍ଥା କ'ଣ ହେବ ବୁଝା ପଡ଼ୁନାହିଁ । ଏସବୁ ସ୍ଥାନରେ ପୁଣି ସ୍ୱାଧୀନତା ଆକାଂକ୍ଷୀ ଲୋକଙ୍କୁ ଦବାଇବା ପାଇଁ ସୋଲ୍‌ଜର ଭାରତୀୟ ସେନାଙ୍କୁ ପଠାଇବା ପାଇଁ ଲୋକ ପ୍ରତିବାଦ । ଏସବୁ ଘଟଣାରୁ ଆମେ କହୁଛୁ—ହୁଏତ ନିକଟରେ ସମୁଦାୟ ଅତିଥି ଇଉରୋପ ସାମ୍ରାଜ୍ୟବାଦ ଅଗ୍ନିଗିରିର ବକ୍ଷରେ ଠିକ ହେବ—ଠିକ ହେଲଣି କହିଲେ ଚଳେ । ତେଣେ ଆମେ କହୁ—ହେ କଂଗ୍ରେସ—

ମୋର ବୋଲ କର,
ଦେଲଣି ସ୍ୱରାଜ୍ୟ ଘୁମର ।

+ + + +

ତେଣେ କଂଗ୍ରେସ କମିଟିର ପହିଲି ବଇଠକ ଜାକଜମକରେ ହେବା ପରେ ପରେ ବ୍ରିଟିଶ ସରକାର ବା ଶ୍ରମିକ ଇଂରେଜ ସରକାର ହୁକୁମରେ ନାଗପୁର ବାଟରେ ଗୁଳିରେ—ଦେଖହୋ—ହିନ୍ଦୁ ମୁସଲମାନମାନେ କମିଟି ଲାଗିଛନ୍ତି । ଆମେ କଂଗ୍ରେସ କଥାରେ 'ଭାରତ ଛାଡ଼' କହିଲେ ଏମାନେ ବାଉଳି ପିଟା ହୋଇ ମରିଯିବେ । ତେଣେ ମୁସ୍‌ଲିମ୍ ଲିଗ୍‌ବାଲା କହିବାକୁ ନିକଟ—ବାବା କଂଗ୍ରେସ ମୁସଲମାନଙ୍କୁ ଅସ୍ତ୍ରେଇ ଏମିତି କରୁଛି । ପାକିସ୍ଥାନ ଦବ ତ ଦଅ—ନ ହେଲେ—ଶୀ'ଘ୍ର ।

କିନ୍ତୁ ଏ ସମ୍ପ୍ରଦାୟ ପ୍ରକୃତରେ ହିନ୍ଦୁ ମୁସଲମାନ କି ନୁହେଁ ତା' ଜଣା ଯାଉନାହିଁ । କଲିକତାରେ ଯେମିତି ଗୁଣ୍ଡାମାନଙ୍କ ହାତରୁ ଛତ ଦଖଲ ଲାଗି—ସେଠି ହୁଏତ ନିକଟରେ ଗୋଟାଏ ଦଙ୍ଗା ହୋଇଯିବ । ଅହିଂସା କଉଡ଼ଣୀ ବାଠ ପିଟୁଲି ନରେଇଲ ପରି ପରଦା ଭିତରେ କିଏ ଅଛି କୋ ? ଚାହାଁର ଅସ । ଏମିତି ଭାବ ଦେଖିଲେ ହୁଏତ ବ୍ରିଟିଶ ସରକାର କହିବେ - ମୁଁ ବଦଳି ଖାଇନାହିଁ ।

+ + + ×

ପଣ୍ଡିତ ଜବାହରଲାଲ କହନ୍ତି—ପୁଲିସ ସୁପରିଣ୍ଟେଣ୍ଡ ଦଅ ମାଜି-ଷ୍ଟ୍ରେଟଙ୍କୁ ଯଦି କୁହାଯାନ୍ତା ଯେ, ତମ ଅଞ୍ଚଳରେ ଯଦି ଏମିତି ଦଙ୍ଗା ହୁଏ ତେବେ ଖବର ପିବ—ତେବେ ଏ ଦଙ୍ଗା କେବେ ହୁଅନ୍ତା ନାହିଁ । ଅରେ ବାବୁ, ତାଙ୍କର ଗୁଇଁରବ ଅଣ କାମ କ'ଣ କି ? ସେ ଯଦି ସେତିକ ଭେଇ ନ ପାରିବେ ତେବେ ତାଙ୍କୁ ଖବର ଦେଇ ଲାଭ କ'ଣ ? ସେ ଅଉ କର୍ମ କଥାକୁ ଯୋଗ୍ୟ କି ?

× × × ×

ତେଲଙ୍ଗୀ ନେତା ସୀତାରାମିୟା କହିଲେ—କେତେକ ତେଲଙ୍ଗୀ ଅଞ୍ଚଳ ଓଡ଼ିଶା ଭିତରେ ପଶି ଯାଇଛି ।

ଓଡ଼ିଶୀ ନେତା ମହତାବ ଜବାବ ଦେଲେ—ନାହିଁ ମ, ଓଡ଼ିଶୀ ଅଞ୍ଚଳ ଅନ୍ଧ୍ରର ମାନ୍ଦ୍ରାଜ ଭିତରେ ରହି ଯାଇଛି ।

ଲୋକଙ୍କୁ ଲାଗିଲା, ସତେ ଯେପରି ଦୁଇ ବୁଣ୍ଟଙ୍କ ଭିତରେ ଲଢ଼େଇ ଘଟନାର ଉଠିଲା ।

ଦେଶଭକ୍ତମାନେ ବଡ଼ ପଇସାରେ ଟିକଟ ଯୋଗାଡ଼ କରିବାକୁ ଲାଗିଲେ ।

କେହି କେହି ଅଣ ଓଡ଼ିଆ କହିଲେ—ମହାଭାରତୀୟ ମହତାବ ପୁଣି ସଂକୀର୍ଣ୍ଣ ଓଡ଼ିଆ ପାଲଟି ଗଲେ ନା କଣ !

Digitized by srujanika@gmail.com

ଆଉ ଅନେକେ ଖୁସି ହେଲେ ଯେ ଯାହାହେଉ ଆମ ମହାତ୍ମା ଆମର ହୋଇ କଥା ଭଳିଆ କଥା ପଦେ କହିଲେ ତ !

\+ × + +

ଏହାର କେତେଦିନ ପରେ ପଞ୍ଜାବ ଓ ମହାତ୍ମାଙ୍କର ଭେଟ ହେଲା ପୁନାରେ । ସେଠି କଥାବାର୍ତ୍ତା ହୋଇ ଦୁହିଁଙ୍କ ମଧ୍ୟରେ ଗୋଟାଏ ଆପୋଷ ମୀମାଂସା ହୋଇଗଲା । ତାହା ଫଳରେ ଜିନ୍ନାଙ୍କର ସ୍ୱାକ୍ଷରିତ ଏକ ବିବୃତ୍ତି ବାହାରିଲା । ଏଥିରେ ଜିନ୍ନେ ଜିନ୍ନାଙ୍କର ଦାବିକୁ ସ୍ୱୀକାର କରି ଦେଲେ—"ତୁ ବି ମୂରୁଖ ମୁଁ ବି ମୂରୁଖ ହେଁସ କାହିଁପାଇଁ ହୋଇବା ।"

ଏତେ ବଡ଼ ବଳିଷ୍ଠ କଥା କେବଳରେ ଶଳ୍ପ ଥଣ୍ଡା ହୋଇ । କଣକ, ଗୋଟାଏ କମିସନ ବସି ସୀମା ନିର୍ଦ୍ଦେଶ କରିଦେଉ ।

\+ + + +

ଏହିଳି ରାଜିନାମା ଉପରେ ଆଉ କିଛି କହିବାର ହକ ନାହିଁ । ତଥାପି କେତେକ ଉତ୍କଟ ଓଡ଼ିଆବାଦୀ ଏଥିପାଇଁ ଖପ୍‌ପା ହୋଇ ମହାତ୍ମାଙ୍କ ଶ୍ରାଦ୍ଧରେ ହାଣ୍ଡି ବସାଇବାକୁ ଲାଗିଲେ ।

ସେଥିରେ ମହାତ୍ମାଜୀ ଜବାବ ଦେଇଛନ୍ତି ଯେ ସେ ଯାହା କରିଛନ୍ତି ତାହା ଉଦ୍ଧତ, ନ୍ୟାଯ୍ୟ ଓ ସତ୍ୟମୂଳକ କୌଶଳକୁ ନଜର ରଖି କରିଛନ୍ତି; ଏଥିଲାଗି କିଛି ପାଟି ନ କରି କାମ ବଖତରେ ଆମେ ଆମର କାମ କରିବା, ଅର୍ଥାତ୍ ଓଡ଼ିଶାରେ ତେଲଙ୍ଗା ଅଞ୍ଚଳ ଅଦୌ ନାହିଁ ବୋଲି କମିସନଠାରେ ଦର୍ଶାଇବା ଓ ମାନ୍ଦ୍ରାଜର ଯେଉଁ ଓଡ଼ିଆ ମୁଲକ ଅଛି ତାହା ଦାବି କରିବା ।

କଥାଟା ଆମର ମନକୁ ପାଇଗଲା ପରି ଲାଗୁଛି ଏବଂ କେତେକ ଅନେକ ହେଉଛି ଯେ ବୁଢ଼ା ପଣ୍ଡିଙ୍କ ମୁଣ୍ଡରୁ ରମାନନ୍ଦୀ ତିଲକ ଏବେ ସିଧା ସଳଖ ଚନ୍ଦନ ଚିତା ହୋଇ ବସିଗଲା !

× × × ×

ଯୁଗଯୁଗରୁ ଗୋଟାଏ କଥା ରହିଛି ଯେ ବୈଦ୍ୟ ଓ ଉକିଲ କେବେ ଅଟେ ଅଟେ ଫେଲ୍ ପଶି କେଉଁସା କରିବାକୁ ଯିବନାହିଁ । ମୁସଲିମ୍ ଲୀଗ ମାଲିକ ବାରିଷ୍ଟର ଜିନ୍ନା ସାହେବ ସ୍ୱଦେଶ ପ୍ରୀତିରେ ଅନ୍ଧୀଭୂତ ହୋଇ ସ୍ୱଧର୍ମ (ଓକାଲତି ଧର୍ମ) ବିରୁଦ୍ଧ କର୍ମଟିଏ କରି ପକାଇ ଏବେ ବଡ଼ ଅନୁତାପ ହେଉଥିବେ ।

ବର୍ମା ସିଂହାପୁରରୁ ଧରା ହୋଇଥିବା ଭାରତ ଜାତୀୟ ବାହିନୀର ଯେଉଁ ସେନାନୀମାନଙ୍କର ବିଚାର ହେବାର ଅଛି, ତାଙ୍କ ସପକ୍ଷରେ ଓକାଲତି କରିବା ପାଇଁ ଜିନ୍ନା ସାହେବ ଯାଚି ହୋଇ ପ୍ରସ୍ତାବ ପଠାଇଥିଲେ । କିନ୍ତୁ ଅସାମୀମାନେ ଉତ୍ତର ଦେଇଛନ୍ତି ଯେ—ଆମର ଯେଉଁମାନେ ଓକାଲତି ନେଇଛନ୍ତି ତାଙ୍କଠାରେ ଆମର ବିଶ୍ୱାସ ଅଛି, ଅତଏବ ଆମେ ଆପଣଙ୍କୁ ଚାହୁଁନା ।

ସ୍ୱାବଲି ବଢ଼ନ୍ତି ପଛ—ମାଡ଼ି ଦଣ୍ଡବତ ?

\+ + + +

ସୁଭାଷ ବୋଷ ବର୍ମା, ମାଲୟରେ ଯେଉଁଠାରେ ବକ୍ତୃତା ଦେଉଥିଲେ, ଲୋକେ ତାଙ୍କ ଗଳାରେ ଫୁଲମାଳ ପିନ୍ଧାଉଥିଲେ । ସଭା ଅନ୍ତେ ସେହି ଫୁଲମାଳ ସବୁ ନିଲାମ ଡାକ ହେଉଥିଲା । ମୂର୍ଦ୍ଧନ୍ୟଙ୍କ ଛଡ଼ା ମାଳ ଗୋଟିକେ ଲକ୍ଷ ଲକ୍ଷ ଟଙ୍କାର ନିଲାମ ଉଠି ଯାଉଥିଲା । ଥରେ ଗୋଟିଏ ମାଳର ମୂଲ୍ୟ ଚଢ଼ିଥିଲା ବାରଲକ୍ଷ ଟଙ୍କା । ଜଣେ ଥରେ ତାର ସର୍ବସ୍ୱ ଦେଇ ଗୋଟିଏ ମାଳ କିଣିଥିଲା । ଏହି ଉପାୟରେ ସୁଭାଷ ତାଙ୍କ ଆଜାଦ ଦଳ ସକାଶେ ଆଠକୋଟି ଟଙ୍କା ସଂଗ୍ରହ କରିଥିଲେ ।

କଥାଟା ଶୁଣି ଆମକୁ ଅଦ୍ଭୁତ ପରି ଲାଗୁଛି । କାରଣ ଆମ ଗାନ୍ଧିଜୀ କୋଟିଏ ଟଙ୍କା ପାଇଁ ଯେ ଦହଗଞ୍ଜ ନ ହୋଇଛନ୍ତି ! ଆମେ ଗୋଟିଏ ବର୍ମା, ମାଲୟ ଲୋକଙ୍କ ପରି ଫୁଲର ଆଦର ଜାଣୁନାହିଁ—ଜାଣୁ ଟଙ୍କାର ଆଦର ।

× × + ×

ଜାଭା, ସୁମାତ୍ରା, ବର୍ଣ୍ଣିଓଠାରେ ଓଲନ୍ଦାଜ ଶାସନରୁ ମୁକ୍ତ ପାଇବା ପାଇଁ ସଶସ୍ତ୍ର ସଂଗ୍ରାମ ଚାଲି ଉଠିଛି । ଫରାସୀ ଶାସନ ଶୃଙ୍ଖଳ ଛିନ୍ନ କରିବା ସକାଶେ ଇଣ୍ଡୋଚୀନର ଅବସ୍ଥା ମଧ୍ୟ ତଦ୍ରୂପ ଲୋମ-ହର୍ଷଣ ।

ଏହା ଦେଖି କଳ୍ପନା ବିଳାସୀ ଲୋକେ ଆଶଙ୍କା କରି ପାରନ୍ତି ଯେ ଭାରତରେ କାଲେ ସେପରି କିଛି ହେବ । ମାତ୍ର ଆମେ ସେମାନଙ୍କ ନିର୍ଭର ଦେଇ କହୁଛୁଁ ଯେ ସେଭଳି ଆଶଙ୍କାର କୌଣସି ହେତୁ ନାହିଁ ଆମ ଦେଶରେ । ତାର କାରଣ, ଆମର ଶାସକ ଓଲନ୍ଦାଜ ବା ଫରାସୀ ନୁହନ୍ତି—ସ୍ୱୟଂ ବ୍ରିଟିଶ ! ଯାର ନ୍ୟାୟପରାୟଣ ଓ ମୁରବିର (British justice) ଚିର ପ୍ରସିଦ୍ଧ । ତହିଁରେ ପୁଣି ବର୍ତ୍ତମାନ ବିଲାତ ଆଟ୍‌ଲି ସରକାର ହାତରେ । ପୁଣି ସେ ସରକାର ଯେ ଗରିବର ସରକାର, ସାମ୍ୟବାଦୀ ସରକାର ! ଇଣ୍ଡୋଚୀନ, ଇଣ୍ଡୋନେସିଆରେ ବ୍ରିଟିଶ ସେନା ସ୍ୱକୃତ ହୋଇଛନ୍ତି ବୋଲି ଖାସ ଇଣ୍ଡିଆର କଥା ନିଆରା । ଏଠି ତ ସ୍ୱାଧୀନତା ଯଉ ଯଉ । ହାତରେ ପଡ଼ିଲା ବୋଲି ହେଉ !

\+ + × ×

ଅନେକ ବିସ୍ମୟ ହେଉଛନ୍ତି ଯେ ଭୁବନାନନ୍ଦ ଦାସ ଯାହାଙ୍କର ଗୁରୁ ସ୍ୱୟଂ ସ୍ୱାମୀ ବିଶ୍ୱାନନ୍ଦ ଜଣେ କଂଗ୍ରେସର ବଡ଼ ପାଣ୍ଡିଆ ଅସେମ୍ବ୍ଲି ଦଳର ନେତା, ଏପରି ଏକ ବ୍ୟକ୍ତିଙ୍କୁ କେନ୍ଦ୍ର ସଭାକୁ ବସି ଯାଇ ପୁଣି କାହିଁକି ଛାଡ଼ି ଦିଆଗଲା; ଅଥଚ ତାହାଙ୍କୁ କ୍ଷିତୀଶଚନ୍ଦ୍ର ନିୟୋଗି ଯେ କି ମୟୂରଭଞ୍ଜର ଦେଓ୍ୱାନ ଥାଇ ପ୍ରଜା ଆନ୍ଦୋଳନକୁ ଦବାଇ ଥିଲେ ଏପରି ଏକ ବ୍ୟକ୍ତିଙ୍କୁ ନିଆଗଲା । ଏଟା କଂଗ୍ରେସି କର୍ତ୍ତାମାନଙ୍କର କିଛି ମତ ? ଆମେ ଅନୁସନ୍ଧାନ କରି ଜାଣି ପାରିଛୁ ଯେ, ଦାସ ବୃଦ୍ଧ ହୋଇଯିବାରୁ ତାଙ୍କ ପାଇଁ କେନ୍ଦ୍ର ବାଜ ଆଉ କଥା କାଟଣ ହେଉନାହିଁ । ଆଉ କ୍ଷିତିଶ ନିୟୋଗିଙ୍କ କଥା ନିଆରା । ୧୯୪୬ ସାଲ ଯେମିତି ୧୯୪୫ ସାଲ ନୁହେଁ—ସେମିତି ବଙ୍ଗଳାଟା ଓଡ଼ିଶା ନୁହେଁ । ଏଥିରେ ବିସ୍ମୟ ହେବାର କିଛି ନାହିଁ ।

କଂଗ୍ରେସ ଟିକେ ବଶିଆ ନକ୍ସାରେ ଠିକ୍ କାମ କରନ୍ତୁ ।

\+ + + ×

Digitized by srujanika@gmail.com

# ଚାର୍ବାକ ଦର୍ଶନ

ଲେଖକ—ସାହିତ୍ୟ ସମ୍ରାଟ କଳାପ୍ରପନ୍ନ ମହାରାଜ ସାର୍ **ଶ୍ରୀ ଶ୍ରୀ ଶ୍ରୀ ବିକ୍ରମ ଦେବ ବର୍ମା**

"ଏତଦ୍ଦ୍ୱାରା ଆତ୍ମା ଦର୍ଶିତ ହୁଏ" ବୋଲି ଜଣାଇବା ପାଇଁ ଶାସ୍ତ୍ରକାରମାନେ 'ଦର୍ଶନ' ଶବ୍ଦ ବ୍ୟବହାର କଲେ । କିନ୍ତୁ ଚାର୍ବାକମତରେ ଆତ୍ମା ବୋଲି ଗୋଟି ଗୋଟି ଭିନ୍ନ ହୋଇନାହିଁ । ଦେହ ଏକା ଆତ୍ମା । ବୃହସ୍ପତି ଚାର୍ବାକଦର୍ଶନ ସୃଷ୍ଟି କରି ତାକୁ ଚାର୍ବାକଙ୍କୁ ଉପଦେଶ କଲେ କାରଣରୁ ଚାର୍ବାକ ମତରେ ନାମାନ୍ତର "ବାର୍ହସ୍ପତ୍ୟ" ଚାର୍ବାକ ଏବଂ ତଚ୍ଛିଷ୍ୟପରମ୍ପରା ଉକ୍ତ ଦର୍ଶନାନୁସାରେ ଲୋକଗାଥାମାନଙ୍କୁ ପ୍ରମାଣ ରୂପେ ଗ୍ରହଣ କରି ପାରଲୌକିକ ଚିନ୍ତାବିହୀନ ହୋଇ ଅର୍ଥ ଏବଂ କାମମାତ୍ର ପୁରୁଷାର୍ଥ ବୋଲି ଭାବୁଥିବାରୁ ସେମାନେ "ଲୋକାୟତ" ବୋଲାଯାନ୍ତି । ଚାର୍ବାକ ମତକୁ ଲୋକାୟତ ମତ ବୋଲି ମଧ୍ୟ କହନ୍ତି । ଜଗତ ସୃଷ୍ଟିର ପ୍ରଥମାବସ୍ଥାରେ ପ୍ରାୟତଃ ମାନବେ ମୃଗପ୍ରାୟ ହୋଇଥିଲେ । ସେମାନଙ୍କର ମାତୃଭାବ, ସୋଦରୀଭାବ ଏବଂ ଭାର୍ଯ୍ୟାଭାବ ପୃଥକ ହୋଇ ନ ଥିଲା । ସେମାନେ ଆହାର ବିହାର ନିୟମ ରହିତ ହୋଇ ଇନ୍ଦ୍ରିୟତୃପ୍ତିକରଣପରାୟଣ ହୋଇଥିଲେ । ସେ ସମୟରେ ଚାର୍ବାକେ ନିଜ ମନୋହରବଚନ ପ୍ରକରରେ ସେମାନଙ୍କ ମନୋରଞ୍ଜନ କରି 'ଚାରୁବାକଃ" ବୋଲାଇ କାଳକ୍ରମେ "ଚାର୍ବାକଃ" ବୋଲାଇଲେ ।

ଚାର୍ବାକ ମତରେ ପୃଥିବୀ, ଜଳ, ତେଜ, ବାୟୁ ବୋଲି ଭୂତଚତୁଷ୍ଟୟମାତ୍ର । ଏ ଚାରି ଭୂତରୁ ଶରୀର ସୃଷ୍ଟି ହୋଇ, ମଦ୍ୟରୁ ମାଦକ ଉତ୍ପନ୍ନ ହେବା ପରି, ଚୈତନ୍ୟ ଜନ୍ମଇ; ତାକୁ ଆତ୍ମା ବୋଲନ୍ତି । ଶରୀର ନାଶରେ ତାହା ନଷ୍ଟ ହୁଏ । ଶରୀର ବିହୀନରେ ଆତ୍ମା ଅଗୋଚର, ପ୍ରତ୍ୟକ୍ଷମାତ୍ର ପ୍ରମାଣ । ଅଦୃଷ୍ଟ ପଦାର୍ଥ ଶୂନ୍ୟ । [କୋନ୍ତୁର ଅଗୋଚର ଥିବା ପଦାର୍ଥ ଏ ମତରେ ଅଭାବ] ବ୍ରାହ୍ମଣଙ୍କୁ ମେତ ତଳେ ଭାତ ଖୁଆଇଲେ, ମେତ ଉପବିଷ୍ଟ ବ୍ୟକ୍ତିର ପେଟ ପୂରୁ ନଥିବାରୁ, ଶ୍ରାଦ୍ଧଦାନରେ ମୃତବ୍ୟକ୍ତିର ତୃପ୍ତି ଭ୍ରମାତ୍ମକ । ଯଜ୍ଞରେ ବଧପଶୁପ୍ରଙ୍କର ଏବଂ କର୍ତ୍ତା ସକୁଟୁମ୍ବ ସ୍ୱର୍ଗପ୍ରାପ୍ତି ଗାଥାକୁ ବିଶ୍ୱାସ କରିବା ବ୍ୟକ୍ତି ନିଜ ପିତାକୁ ପଶୁ କରି ଯଜ୍ଞ କରିବା ସମୁଚିତ । ମୃତ ହୋଇ ଭସ୍ମୀଭୂତ ହେବା ମାନବର ପୁନରାଗମନ ଅଲୀକ ହେବାରୁ, ମନୁଜ କରଜ କରି ମିଷ୍ଟାନ୍ନ ଭୁଞ୍ଜି ବଞ୍ଚିବା ଯୋଗ୍ୟ । ପୂର୍ବଜନ୍ମ, ପରଜନ୍ମ, ସ୍ୱର୍ଗ, ଅପବର୍ଗ, ନରକ, ଆତ୍ମା, ଧର୍ମ ପ୍ରଭୃତି ଶବ୍ଦ ପାମର କଳ୍ପିତ । ଶରୀର ସୁଖ ମାତ୍ର ପୁରୁଷାର୍ଥ. ସୁନ୍ଦରୀ ଯୁବତୀ ପରିରମ୍ଭଣ ପରମପୁରୁଷାର୍ଥ । କଣ୍ଟକପ୍ରାପ୍ତ ହେଲେ ମତ୍ସ୍ୟଭକ୍ଷକ କଣ୍ଟକକୁ ଏଡ଼ି ମାଂସକୁ ଭକ୍ଷିବା ପରି କଷ୍ଟକୁ ନିବାରି ସୁଖକୁ ଲଭିବା କର୍ତ୍ତବ୍ୟ । ଦେହୋଚ୍ଛେଦ ଏକା ମୋକ୍ଷ । "ମୁହିଁ ସ୍ଥୂଳ" "ମୋର ଶରୀର ସୁନ୍ଦର" ପ୍ରଭୃତି ବ୍ୟବହାର ଔପଚାରିକ ମାତ୍ର ।

ଚାର୍ବାକ ମତ କେବଳ ସେଶ୍ୱରମତଙ୍କର ମାନ୍ୟକ ନୁହେଁ; ନିରୀଶ୍ୱର ମତରେ ମଧ୍ୟ ଅସହ୍ୟ ଅଟେ । ତଥାପି ତାହା ଦର୍ଶନମାନଙ୍କରେ ପରିଗଣିତ ହୋଇଥିବା କାରଣ ଏହିକି ଅପଦେବ ଜ୍ଞାନ ସୃଷ୍ଟି ଏବଂ ଅଧର୍ମଜ୍ଞାନ ଧର୍ମର ଉପଯୁକ୍ତ ହେବାପରି ଏ ଦୃଶ୍ୟ ଦର୍ଶନ ଅନ୍ୟ ଦର୍ଶନମାନର ଉପଯୁକ୍ତ । ମାନବଙ୍କ ଅଧମାବସ୍ଥାରେ ଚାର୍ବାକଦର୍ଶନ ସୃଷ୍ଟ । ଜ୍ଞାନାଭିବୃଦ୍ଧି ସହିତରେ ଅନ୍ୟାନ୍ୟ ଦର୍ଶନମାନ ସୃଷ୍ଟ ହୋଇ ତାହାର ଖଣ୍ଡନ କରାଯାଇଥିଲେହେଁ ସେ ଲୁପ୍ତ ହୋଇନାହିଁ । ସେ ମତ ଯୁକ୍ତ ସମାଜବନ୍ଧନ ନୋହିଲେ ହେଁ, ତତ୍ତ୍ୱଭିମାନରେ କେତେକ ଆଧୁନିକଙ୍କ ମନରେ ଘର କରି ରହିଅଛି. ଭାବି ମାନବଙ୍କ ହୃଦୟରେ ମଧ୍ୟ ବାସ କରି ରହିବ, ନିଶ୍ଚୟ ।

—୦—

Digitized by srujanika@gmail.com

# ଅଜା ଆଈଙ୍କ ସହର ଯାତ୍ରା

ଲେ:— ଶ୍ରୀ——

ନାକ ଫୁଲାଇ କହିଲେ ଆଈ
ଅଜାଙ୍କ ଆଗେ ଯାଇ,
"କହିଲ ଭଲା ଆଖି ଦୁଇଟା
ଅଛି କି ତୁମ ନାହିଁ ?"
ଚହଙ୍କି ପଡ଼ି ଆଖିରେ ହାତ
ବୁଲାଇ ସେଇ ଲାଗେ,
ଜାଣିଲେ ଅଜା, ରହିଛି ଆଖି
ଯେଉଁଟି ଥିଲା ଆଗେ।

କହିଲେ ଆଈ ନୋଥ ହଲାଇ
ଫୁଟି ଯେ ନାଆଁ ଆଖି,
ବସିଥା ଖାଲି ଖଟ ଉପରେ
ହାତ ଗୋଡ଼କୁ ଜାକି।
ମାଇପ ଯାର ଲଙ୍ଗଳା ହୋଇ
ରହିଛି ଘର କଣେ,
ଘରଟା ବୋଲି ବୋଲାଉଛି ସେ
କଉଁ ମିଣିପ ପଣେ ?
ଦଶାହଅ ଏ କନ୍ଦୁହୁଲର
ଯୋଡ଼ ନାହିଁ ଯା ମୁହିଁ,
ଯାଇକି ତାର ଘରକୁ ଥରେ
ଦୁଃଖଟା ହେଲେ କୁହ।
ମଇଦା ଅଟା ଲୋଡ଼ୁଛି କିଏ
କିଏ ଖୋଜୁଛି ଚିନି,
ତେଲ ଲୁଣ ତ ଉଭେଇ ଗଲା
ମିଳୁଣି କିରାସିନ।

କୁଣ୍ଡାଇ ମୁଣ୍ଡ କହିଲେ ଅଜା—
"ସତ କହୁଛ ଏକା,
ଏଥିରୁ ମୋତେ ବୁଦ୍ଧି କରୁଛ
ଯାଉ ତ ନାହିଁ ଦେଖା।"
କହିଲେ ଆଈ "ମୁଣ୍ଡରେ ଯାର
ଗୋବର ଥାଏ ଛନ୍ଦ,
ଆସିବ କାହୁଁ କହିଲେ ଭଲା
କଢ଼ାଏ ତାର ବୁଦ୍ଧି !
ଏଇ ଗାଆଁରେ ଚଳିବ ନାହିଁ
ରହିବା କର ଘର,
ସହରେ ଯାଇ ରହିବା ଚାଲ,
ମୋହର କଥା କର।"
"ବାହା-ରେ-ବାହା" କହିଣ ଅଜା
ଉଠିଲେ ମାରି ଚଳା,
"ନାହିଁ ନ ଥିବ ଏଭଳି ବୁଦ୍ଧି
ନୋହିଲେ କରେ ତରଲା !"



ସେହି କ୍ଷଣିକା ଦୁଇ ପରାଣୀ
ଟେଣ୍ଡୁରି ବାନ୍ଧି କରି,
କୋଳପ ଦେଇ ବାହାର ହେଲେ
ଜଣକ ପାଢ ଧରି।
ଉପାସ ଭୋକେ ପନ୍ଦର କୋଶ
ଚାଲି ଚାଲିଣ ଯାଇ,
ସହର ଠେଇଁ ପହଞ୍ଚି ଗଲେ
ଅଜାଙ୍କ ସାଥେ ଆଈ।

Digitized by srujanika@gmail.com

ଏଡ଼କ ବଡ଼ ସହରଟାରେ
ବାନ୍ଧିବା କାହିଁ ବସା,
ଭଡ଼ା ଘରଟେ ଅନେସା କରୁଁ—
କରୁଁ ଉଡ଼ିଲା ହଂସା ।




ବୁଲି ବୁଲିକା ହାବୁଡ଼ି ଗଲେ
ସିଭିଲ୍ ସପ୍ଲାଇ କୋଠି ।
କହିଲେ ଅଈ "ଶୁଭଲକ୍ଷଣଟିକ,
ବୁଝିଲ ଯାଇ ଏଠି ।




ଏଇଠି ପରା ମିଳଇ ସବୁ
ଯାହାର ଯାହା ଲୋଡ଼ା,
ସପ୍ଲାଇ ବାବୁ ଆମକୁ କିଅଁ
ନ ଦେବେ ଘରଭଡ଼ା ।"

ଅଜା-ଅଈ ଅଫିସ ଘରେ
ପଶିଲେ ଏକା ସାଥେ,
ବଢ଼ାଇ ଦେଲେ ଦରଖାସ୍ତଟି
ବଡ଼ ବାବୁଙ୍କ ହାତେ ।
ଭାବିବା ହୋଇ ଚାହିଁଲେ ବାବୁ
ଦରଖାସ୍ତଟା ପଢ଼ି
ଅଜ୍ଞ ସେ ଲୋକ ଯେଉଁଟି ଥିଲେ
ହସରେ ଗଲେ ଗଡ଼ି ।




ହତାଶ ହୋଇ ଅଫିସ ଘରୁ
ଫେରିଲେ ଅଜା- ଅଈ,
ଅଈ ବୋଇଲେ "ଉଡ଼ାଏ ଅଜ
ଗୁଲି ପାଇବ ନାହିଁ ।"
ଏତକି କହି ଦେହ ପିଣ୍ଡାରେ
ବସିଲେ ଲଥ୍ କରି,
ଅଜା ଉଠି ଅଉଁସି ଦେଲେ
ଅଈର ପାଦ ଧରି ।

Digitized by srujanika@gmail.com

ଏତିକିବେଳେ କାଗଜ ଖଣ୍ଡେ
ଅଚାନ୍ଦ କାହୁଁ ଉଡ଼ି,
ତାହା ଉପରେ ଅଜାଙ୍କର
ନଜର ଗଲା ପଡ଼ି ।

ଉଠାଇ ନେଇ ଦେଖିଲେ ଅଜା—
"ଅଜବ କ୍ୟା ତମ୍ସା !
ମିଲ୍ ଗୟା ତୋ ଘର ହାମାରା,
ଡାକ୍ ଧିନାଧିନ୍ ଧିନ୍ତା ।"




କାଗଜ ଧରି ଧାଇଁଲେ ଅଜା
ପୁଣି ଅଫିସ ଘରେ,
ବଡ଼ ବାବୁଙ୍କୁ ସଲାମ ଦେଲେ
ଲମ୍ବ କରି ଥରେ ।

"ହଜୁର, ଏଇ ନଉକରିଟା
ଆମକୁ ଯାଉ ମିଳି,
ଡ୍ରାଇଭରରେ ଆମକୁ କେହି
ପାରିବ ନାହିଁ ବଳି ।"
ବଡ଼ବାବୁଟି ମଣିଷ ଭଲ,
ପେଟରେ ଦୟା ଭରି,
ସେଇକ୍ଷଣିକା ଦରଖାସ୍ତଟା
ମଞ୍ଜୁର ଦେଲେ କରି ।




ସିଭିଲ ସପ୍ଲାଇ ମଟର ଟ୍ରକ୍
ବାହାରେ ଥିଲା ରହି,
ଅଜା-ଆଈ ଏକା ସାଙ୍ଗରେ
ଚଢ଼ି ବସିଲେ ତହିଁ ।
ଆଈଙ୍କୁ ଭିଡ଼ି କହନ୍ତି ଅଜା,
ପ୍ରେମେ ଗରଗର,
"ଏକାସାଥିରେ ଗଲାଣି ମିଳି
ଗ୍ରୁକର ଆଉ ଘର ।"
ଜୟ ଅଜା, ଜୟ ଆଈ
ଗାଅ ପକାଇ ହୁରି,
ଅଜା, ଆଈ ଜିନ୍ଦା ବାଦେ
ଦୁନିଆ ଯାଉ ପୂରି ।

Digitized by srujanika@gmail.com




# ଜନମ ଅବଧି ହାମ୍

ଲେଖକ:—
—କୁମାର ଶ୍ରୀବତ୍ସ ନାୟକ

କୃଷ୍ଣାର ଜାନୁକୃଷ୍ଣବଦନର ଶୋଭା...ଚମ୍ପା ଚମ୍ପକ ଗୌର ତନୁକାନ୍ତି...କଚା ମଦାଂଶୁକ ସଦ୍ୟୋଜ-ଜଧ ବଦନ ଶୋଭାରେ ... ମୁଗ୍ଧ ହୋଇ ମୁଁ ପ୍ରଥମେ ତା'ର ପ୍ରେମପ୍ରାର୍ଥୀ ହେଲି ...ତା' ନୁହେଁ ।

ରଙ୍ଗା ଜାଣିଥିବ ମଧୁର ସ୍ପର୍ଶ ମୋତେ ଅଲକ୍ଷିତରେ ଯେମିତି ପାଗଳ କରେ...ମନ ଭିତରର ଗମ୍ଭୀର ଅବଚେତନ ତଳେ ଯିମିତି ଅନାଦି ଚନ୍ଦ୍ରଛଡ଼ା ଗୀତ ଶୁଣିହୁଏ...ଠିକ୍ ସିମିତି ମୁଁ ତା'କୁ ଭଲ ପାଇଥିଲି ।

ଏକ ଶୁଭ ସକାଳେ ସେ ତା'ର ଯାଦୁକରୀ ପ୍ରଣୟର ନିମନ୍ତ୍ରଣ ଦେଇଥିଲା—ମୋ'ର ଯୌବନକୁ ।...ମୋର ଚତୁର୍ଦ୍ଦଶ ବସନ୍ତକୁ ସେ ପ୍ରଥମେ ସ୍ୱାଗତ କଲା ଯେତେବେଳେ, ତା'ର ଷୋଡ଼ଶ ଫାଲ୍‌ଗୁନର ଷୋଡ଼ଶ ଉପଚାର ନେଇ...ଠିକ୍ ସେତେବେଳେ ଶୁଭ୍ର...ପବିତ୍ର ଊଷା...ବାସନ୍ତୀ-ଇନ୍ଦ୍ର-ସକାଳ...ସ୍ନିଗ୍ଧ...ସବୁଜ...ପ୍ରାନ୍ତର ।...

ଚୈତ୍ର ଆକାଶର ଧାରେ ଧାରେ ରୁଗ୍ଣ ଶୀତାର୍ତ୍ତ ଚନ୍ଦ୍ରର ନୀଳ ଜ୍ୟୋତ୍ସ୍ନା...ମୁମୂର୍ଷୁ...କ୍ଳାନ୍ତ...। ଧ୍ରୁବର ଚନ୍ଦ୍ରାବଳୀର ସ୍ୱର୍ଗୌରବ ସ୍ନିଗ୍ଧତାରେ ଯୁଗ ଯୁଗ ମୃତ୍ୟୁର ପାଣ୍ଡୁରତା ବିଛେଇ ହୋଇ ଯାଉଥାଏ ।

କୃଷ୍ଣାର ତମ୍ବ ଭଳି ସ୍ପର୍ଶ ଠିକ୍ ସେତିକିବେଳେ ପାଇଲି ମୁଁ...ସବଳ ଯୌବନର ସବଳ ମାଂସପେଶୀର ତୀବ୍ରତା ଓ ଦୃଢ଼ତା ଆଣି ସେ ମୋ'ର ଯୌବନକୁ କଲା ଆମନ୍ତ୍ରଣ ।

ତୀକ୍ଷ୍ଣ ସ୍ନାୟୁବିକତାର ମର୍ମାନ୍ତିକ ଯନ୍ତ୍ରଣା ଭିତରେ ତା'କୁ ପ୍ରଥମେ ପାଇଲି ମୁଁ,...ମୋର ଅତୀତ ଦିନଗୁଡ଼ିକୁ ପ୍ରଥମ ଷତ କରି...ସେ ମୋତେ କଲା ତା'ର ନିତ୍ୟଦିନର ସନ୍ଧ୍ୟା...ସକାଳର ଅନ୍ତେଷ୍ଟିଯାତ୍ରାର ସାଥୀ !...

ଜୀବନର ଏଇ ଧୂସର ସାନ୍ଧ୍ୟାଲୋକର କ୍ଳାନ୍ତି ଉପରେ ବସି ମୁଁ ଭାବେ...କୃଷ୍ଣାର ନିବିଡ଼ କେଶ ଚିତ୍ରର ଶିଥିଳ କବରୀ ମୂଳେ ମୁଁ ମା'ର ବ୍ୟର୍ଥ ଅମୃ ପ୍ରତାରଣାର ପଦଚିହ୍ନ ଦେଖେ ମୁଁ କାନ୍ଦେ...

ଧରଣୀର ଦେହ ମନରେ ଶେଷ ଆଷାଢ଼ର ସବୁଜ ଶୀତଳ-ସ୍ପର୍ଶ...ମିଶେ...ଧୀରେ...ଧୀରେ...ଧୀରେ !...ପୁରାତନ କ୍ଳାନ୍ତ ଜୀର୍ଣ୍ଣ ବୃକ୍ଷ ଉପରେ ବୁଲି ବୁଲି ନଦୀତୀରେ 'ଅବସ୍ଥାଙ୍କ ଅବ-ସ୍ଥା'ର ମାନେ ବୁଝିବା ପାଇଁ...ସେ ନୂଆ ହେଲେ ଥରେ ଟିକେ ହୁଏ...ଚଉରଙ୍ଗ ସ୍ୱଗୁଳା ଅକ୍ଷଦଣ୍ଡରେ ନୂଆ ଚଞ୍ଚଳତା ଆଣିଲା ଭଳି ...ନିବିଡ଼ ହାହାକାର, ମାନେ ଜଳପାତ ଜୀବନର ଭଗ୍ନସ୍ତୂପ ଟଳେଇ ଟଳେଇ ଥରେ ଥରେ ଅକସ୍ମାତ ଅଟକିଯାଏ ମୁଁ..., ଅଜାଣତରେ ଗୁରୁକ୍ ବସେ...ଟେମଣ ପଡ ପୁଷ୍ପି ସ୍ତ୍ରୀ କଥା ନୂତନତାର ବ୍ୟର୍ଥ...ବନାନ୍ତି ସନ୍ଧାନର ଆଶା ନେଇ ।

କୃଷ୍ଣାର ମଧୁର ସ୍ନେହର ପରଶ ମୋ'ର କୌମାର୍ଯ୍ୟକୁ ଅତି ବଡ଼ ବିଶ୍ୱାସଘାତକତା କରିବ ବୋଲି ଆଜ ତା'ର ଧୂସର—ଯୌବନର ଅକାଳ, ପ୍ରୌଢ଼ତା ତଳେ ଟିକେ ହେଇ ଦୋଷ ଦିଏ ମୁଁ ତା'କୁ...ମୋ'ର ଯୌବନର ପ୍ରଥମ ଅପହରଣରେ ମୁଁ ଅଳ୍ପ ଦୋଷ ଦିଏ ତା'କୁ...

କୃଷ୍ଣା ହସେ...ମ୍ଳାନ...କ୍ଷୀଣ..., ଆଖିରେ ତା'ର ଯେଉଁ ହିଂସ୍ର ମୃଗର ଚପଳତାରେ ମୁଗ୍ଧ ହେଉଥିଲି ମୁଁ...ଅଷାଢ଼ ଆକାଶର ନିବିଡ଼ କାଳିମା କଳ୍ପନାର ଝାଳ ଦେଇ ଯେଉଁଥିରୁ କାଢ଼ିଥିଲି ମୁଁ...ସେଥିରେ ପୌଢ଼ର ଶୁଷ୍କତା ଓ ମରୁଭୂମିତା ଦେଖି ବ୍ୟଥିତ ହୁଏ ମୁଁ...ମୋ'ର ବ୍ୟଥା ଦେଖି କୃଷ୍ଣା ବ୍ୟଥିତ ହୁଏ କି ନା ମୁଁ ଜାଣେନା—କିନ୍ତୁ ସେ ମୋ'ର ପ୍ରତ୍ୟେକ ଅଭିଯୋଗକୁ ଓଜନ କରି ନେବାର ମୁଁ ଜାଣେ...ମୋ'ର ପଞ୍ଜରେ ହୃଦୟରେ ଭିତରେ କଂପିତ ହୃଦ ନିରଙ୍କୁଶ ସ୍ପନ୍ଦନ କରୁ କରୁ ସେ ନିଶ୍ୱାସ ପକାଏ ।

* * *

କୃଷ୍ଣା କିନ୍ତୁ ମରେ ଭଲପାଏ । ଅନ୍ତତଃ ଏତିକି ମୁଁ ବୁଝି ପାରୁଥିଲି । କିନ୍ତୁ ଟିକେ ତା' ବୋଲି ମୁଁ ତୃପ୍ତି ଅନୁଭବ କରି ପାରେନା । ସେ ମୋତେ ଭଲ ପାଇବା ତା'ର କର୍ତ୍ତବ୍ୟ...ମୋ'ର କୌମାର୍ଯ୍ୟ ଓ ଯୌବନର ପ୍ରତିଦାନରେ ଅନ୍ତତଃ ଏତିକି ତା'ର

Digitized by srujanika@gmail.com

କୃତଜ୍ଞତାର ନିଦର୍ଶନ ହେବା ଉଚିତ—ତେଣୁ ତା'ର ମତେ ଭଲ ପାଇବାଟା ବାଧ୍ୟତାମୂଳକ ।

ଭଲ ପାଇବାର ଯୋଗ୍ୟତାଦାବୀକୁ ସମ୍ବନ୍ଧରେ କୃଷ୍ଣା ସହିତ ଠିକ୍ ତାଳ ପକାଇ ଚାଲିଲି ବୋଲି ମୋର ମନେ ହୁଏନା । ମୋର ମନେହୁଏ ଯେମିତି ମୋ' ଭିତରେ କୌଣସି ଗୋଟାଏ ଗୁପ୍ତଧନକୁ ନେଇଯିବା ପାଇଁ କୃଷ୍ଣା ପ୍ରାଣାନ୍ତକ ଚେଷ୍ଟା କରୁଛି ।···ସେଇଥି-ପାଇଁ କୃଷ୍ଣାର ମନର ଲୋଭ ବଢ଼ାଇ···ଅଦ୍ଭୁତ ନେଶାର ଆବରଣ... ଅନ୍ଧକ...ନିବେଦନକୁ ମୁଁ ଚତୁର ଛଳନା ବୋଲି ମନେ କରି ଆସିଛି ।...ତା'ର ସୁନ୍ଦର ମୁହଁ ଦେଖିଲେ···ମୁଁ ମନେ କରେ···ଯେମିତି ଗୋଟାଏ ଲାଳସାର ସ୍ୱର୍ଣ୍ଣ ଚକ୍ର—ଲୁଚି ରହି ଝୁଲୁଛି ।

କୃଷ୍ଣାକୁ ମୋର ସଙ୍ଗଦୋଷରେ ଅନେକ ସମୟରେ ଦକ୍ଷ ନିପୁଣତା କରୁଛି । ସେଇକଥା ଆଜ ଭାବିଲାବେଳେ ମୁଁ ଆଶ୍ଚର୍ଯ୍ୟ ହୁଏ ।···

ମୋ'ର ମନେ ଅଛି—କୃଷ୍ଣାର ସୌନ୍ଦର୍ଯ୍ୟ ସେତେବେଳେ ବି ମନର···ବି ଲୋଭନୀୟ ଥିଲା—ତା'ର ଚୂର୍ଣ୍ଣ ଅଳକ ଯେତେବେଳେ କୁଞ୍ଚିତ ଭାବରେ ତା'ର କାନ ଉପରେ ଝୁଲିପଡ଼େ···ସ୍ନିଗ୍ଧ ମଳାର ଉଷାଣିଆ ଆଖି ଦୁଇଟିରେ ଯେତେବେଳେ ବହ୍ନି ଫୁଟେ—ବର୍ତ୍ତୁଳ ଗାଲ ଦୁଇଟିରେ ଗୋଲାପ ଉଙ୍କୁଟେଇ କୃଷ୍ଣା ଯେତେବେଳେ ହସେ··· ଅନ୍ତତଃ ପ୍ରୌଢ଼ତ୍ୱର ପ୍ରଥମ ସ୍ତରରେ ପାଦ ଦେଇ ମୁଁ ବର୍ତ୍ତମାନ ମନେ କରେ...ସେ' ସୁନ୍ଦର··· ଫୁଲଟି ପରି ଶୁଭ୍ର ସୁନ୍ଦର ସେ ।

ଆଖି ଖୋଲେ । କୃଷ୍ଣାର ଶିଥିଳ ଅଙ୍ଗର ଚର୍ମ ପ୍ରତି ଦୃଷ୍ଟିପାତ କରେ ।···ଗୌର ତନୁକାନ୍ତି କ୍ରମେ ଧୂସରତାର ଆଶ୍ରୟ ନେଉଛି ! ଗାଲ ଦିଟା ଖାଲ ଖାଲ ହୋଇ ପଶି ଯାଉଛି । କପାଳ ଉପରେ କୁଞ୍ଚିତ ରେଖା ସ୍ପଷ୍ଟ ହୋଇ ଆସୁଛି । ବର୍ତ୍ତୁଳ ଅଙ୍ଗ ଉପରେ ଶିରା ଗୁଡ଼ାକ ଫୁଟି ଦିଶନ୍ତି,...ମୁହଁର ଅଗଦାନ୍ତ ଦି'ଟା ଖସି ଖସି ଯାଉଛି ।

''କୃଷ୍ଣା !'' ମୁଁ ଡାକେ ।

ଧୀର ମୁଖ ତୋଳି ଶ୍ରାନ୍ତିହୀନ ଆଖିରେ ମୋ'ର ଉତ୍ତର ଅପେକ୍ଷା କରି ଚାହେଁ ସେ ମୋତେ । ଅର୍ଥହୀନ ବ୍ୟଥିତ ଦୃଷ୍ଟିରେ ତା' ଆଡ଼େ ଚାହିଁ ଚାହିଁ ଦୀର୍ଘ ନିଃଶ୍ୱାସ ପକାଇ ମୁଁ ଡାକେ ପୁଣି ''କୃଷ୍ଣା !''

କୃଷ୍ଣା ବାମ ଖଣ୍ଡ ମୋ ପାଖରେ ଆସି ବସେ ।

ଅପରାହ୍ନ ସାନ୍ଧ୍ୟାନ୍ତର ସୂତେଲୀ ଶୁଭ୍ରତାରେ କୃଷ୍ଣାର ଅର୍ଦ୍ଧପକ୍ୱ ଧୂସର କେଶଗୁଚ୍ଛ ଅଧିକ ଧୂସର ଦିଶେ । ମ୍ଳାନ ଗେରୁ ରଙ୍ଗର ଶାଢ଼ୀ ତା'ର ତନୁଟିକୁ ବ୍ୟର୍ଥ-ସୌନ୍ଦର୍ଯ୍ୟର ବୃଦ୍ଧିରେ କ୍ଷୀଣ ସାହାଯ୍ୟ କରୁଥାଏ । କୃଷ୍ଣା ମୋ'ର ପାଖକୁ ଲାଗିବସେ ନିହାତି ବାଧ୍ୟ ଶିଶୁଭଳି । ତା'ର ଦୃଷ୍ଟି ଉଦାସ ।

ମୁଁ ମୁହଁ ବୁଲେଇ କୃଷ୍ଣାର ମୁଖଶ୍ରୀ ପ୍ରତି ଚପଳ ଦୃଷ୍ଟିପାତ କରେ । ମୋ'ର ଗୋଟାଏ ଦେହର ନିଜେ ସଙ୍ଗ ପାଇବାକୁ ଯାଇ ସେ ଯେ କେତେ ବଡ଼ ଲୋଭନୀୟ ସୌନ୍ଦର୍ଯ୍ୟର ହତ୍ୟା ସାଧନ କରିଛି··· ସେଇକଥା ଭାବୁ ଭାବୁ ମୋ'ର ଲାଜ ଆସେ ।

କୃଷ୍ଣା ହସେନା କି କାନ୍ଦେ ନା । ଦୁଇ ଝଡ଼ର ଡାଳ ପାଂଶୁଳ ହେମନ୍ତର ଜଣାପଡ଼େ ଯେମିତି । ତା'ର ଉଦାସତା ଦେଖି ମୁଁ ବ୍ୟଥିତ ହୁଏ । ଯେମିତି କେବଳ ଦୁଇ ଦୁର୍ବଳତାର ସେ ଗୋଟାଏ କଷ୍ଟ ମୂଳ କରି ପକାଉଛି...ଅଥଚ ଠିକ୍ ମୂଳ ନୁହେଁ···ଜୀବନ ଗୋଟାଏ ଭୁଲ ଓ ମନର ସୀମାନ୍ତ ରେଖା ଉପରେ ଦ୍ୱିଧା ଅଟେ ତା'ର ।

ସେ ନୀରବ ରହେ । ଅସୀମ ସହିଷ୍ଣୁତା ତା'ର...ପାହାଡ଼ ପରି ଦୃଢ଼ ତା'ର ଛାତି...ଗଙ୍ଗା ପରି ବିଶାଳ ତା'ର ମନ...କଲ୍ୟାଣୀ ବର୍ତ୍ତୁଳ ସେ···କନ୍ୟା...

ମୁଁ ବୁଝେ—ସେଇ ରସମୟୀ ରୂପସୀ କୃଷ୍ଣା ଠକ ଠକ ଶିକ୍ଷାର ଚେଷ୍ଟା କରୁଛି । ମୋ'ର ବୟସ ଓ ନୀରସ ସ୍ୱଭାବ ତା'ର ଭିତର ପ୍ରବଳ ଚପଳ ମନକୁ ସଜାଗ କରୁଛି । ସେ' ବୁଝିଛି ମୁଁ ଆଜ ମୋ'ର ନେଶାକୁ ଜଳାଞ୍ଜଳି ଦେଇ ଅମୂଳ କରି ନେବାକୁ ଚାହେଁ ।

କୃଷ୍ଣାର ମୁହଁକୁ ନିବିଷ୍ଟ ଭାବରେ ଅନେଇ ଅନେଇ ମୁଁ ଚିତ୍-କାର କରେ—''ମାୟାବିନୀ !''

କୃଷ୍ଣା କିଛି କହେନି । ଅଭିମାନ କରେନା । ଯୌବନର କୋଳାହଳତଳେ ତା'ର ଯେଉଁ 'ମୁହଁ-ମିଳ' ମୋର ପ୍ରାଣରେ ସ୍ୱପ୍ନର ଅଞ୍ଜନ ମାଖୁଥିଲା···ତା' ଆଜ ଦୁଃସ୍ୱପ୍ନରେ ବି ଦେଖେନେ । କୃଷ୍ଣା ରାଗେନ...ଦୁଃଖ କରେ କି ନା ଠିକ୍ ଜାଣେନ । ତେବେ ସେ ବିଚଳିତ ହୁଏନ...ମୋର ଏ ଚିତ୍କାର ତା'ର ନିତ୍ୟଦିନର ଅନୁଭୂତି ଭିତରେ ବେଦମୁଦା ହୋଇଗଲାଣି ।

କୃଷ୍ଣା ଯେ ମୋ' ହୃତ ଗୌରବ ଅନ୍ୱେଷଣ କରୁଛି...ଏଇ ଧାରଣା ତା'ର ମନରେ ଅସିଦ୍ଧ ବୋଧହୁଏ । ଜନ୍ମ ଯେଉଁ ଭୁଲ ଆଉ ଶୁଧୁରିବାର ନୁହେଁ...ସେଥିପାଇଁ ନୈରାଶ୍ୟର ସଂଗୀତ ଗୋଳାଟା ସେ ଜାଣେନ ବୋଲି ମୋ'ର ମନେହୁଏ ।

କୃଷ୍ଣାର କାନମୂଳ ବାଳ ଉପରେ ଦି'ଟା ବାଳ ଅଧା ପାଚି ଆସୁଛି ।...ସେଇଟାକୁ କାନ ଉପରକୁ ଟେକି ଟେକି କୃଷ୍ଣା ଉଠେ... ଘର ଭିତରର ପର୍ଦ୍ଦା ଭିତରେ ଲୁଚି ଯିବା ପର୍ଯ୍ୟନ୍ତ ମୁଁ ତା'ର ଗତି ନିରୀକ୍ଷଣ କରେ ।

* *

ମୁଁ କହେ···

''କୃଷ୍ଣା···ମୋର ମୁଣ୍ଡ ଟିକେ ଗରମ—ଅତୀତର ନିର୍ମମ ଅସହ ପ୍ରତାରଣାରେ ମୋ'ର ଅନ୍ତର ଏକାବେଳକେ କ୍ଷତବିକ୍ଷତ ହୋଇ ଯାଇଛି...କେତେବେଳେ କଣ କହୁଥିବି...ତମ ମନରେ ବହୁ କଷ୍ଟ ଦେଉଥିବି··· ସୁନାଟି—କିଛି ଧରିବ ନାହିଁ !'' କୃଷ୍ଣାର ଶୀର୍ଣ୍ଣ ତନୁକୁ ମୋର କୋଳ ଆଡ଼କୁ ଆଉଜେଇ ଆଣି ତା'ର ବ୍ୟସ୍ତ ଅଳକ ସଜାଡ଼ି ସଜାଡ଼ି ମୁଁ କହେ—

କୃଷ୍ଣା ମୋର କୋଳ ଉପରେ ପଡ଼ିରହି ଦୂର ଆକାଶକୁ ଅନେଇ ରହେ···ଆଖି ଦୁଇଟି ତା'ର ଲୁହରେ ଛଳ ଛଳ ହୋଇ ଆସେ··· ମୁଖଶ୍ରୀରେ ଅପୂର୍ବ କରୁଣତା ଫୁଟି ଉଠେ । ସେ ଦୀର୍ଘ ନିଃଶ୍ୱାସ ପକାଇ ମୁହଁଟାକୁ ଦୁଇହାତ ପାପୁଲିରେ ଲୁଚି ଧରି ଫୁଲ୍ ଫୁଲ୍ କାନ୍ଦି ଉଠେ । ମୋ'ର ବୁକୁର ଗୋଟାଏ କଣ ଓଦା ହୋଇଆସେ ।

''ଉ, କାନ୍ଦନାହିଁ···ସୁନାଟି !'' ମୁଁ କୃଷ୍ଣାର ମୁହଁ ତୋଳ ଧରି କରୁଣ କଣ୍ଠରେ କହେ ।

Digitized by srujanika@gmail.com

୪

ଅସଂଖ୍ୟ ଅନାଦର ପରେ ମୋ'ର ଏ ସ୍ନେହ କୃଷ୍ଣାର ଅଭିମାନ ମନକୁ ବେଶୀ ଅଭିମାନରେ ଭରିଦିଏ । ସେ ସମ୍ଭାଳି ପାରେନା... କାନ୍ଦେ...ମୋ'ର ବୁକ ଭିତରେ ମୁହଁ ଗୁଞ୍ଜି ସେ ଫୁଲି ଫୁଲି କାନ୍ଦେ ।

ମନ ଭିତରେ ଦୁର୍ବଳତା କେଉଁଠି ଥିଲେ ଥାଉ । ପ୍ରୀତିଟାର ସ୍ପର୍ଶରେ ଦେହ ଉପରର ପାଲସ ବିନ୍ଦୁଣ ମେଣ୍ଡା ଯେମନ୍ତ ଧନକୁ ତଳ ଖସ ଝଡ଼ିଅ...ଆଲିଙ୍ଗନ ପଡ଼ ଅନୁଭବ—ମୋ'ର ଧାରଣା ହେଲା କର୍ଷିଲ ଯୌବନର ଗନ୍ଧମୃଗ ଛନଛନିଆ କୁରଙ୍ଗ ମନ କି ଦେଇ- ମିଛି ଚଳିଆ ପଡନ୍ତି ।

କୃଷ୍ଣାର ଯେଉଁ ମନୋହର ରୂପ ମତେ ପାଗଳ କରିଥିଲା ଦିନେ ସେଇ ମନୋହର ରୂପର ଅଭାବ ମତେ ଅସ୍ଥିର ଥରେ ପାଗଳ କରିଛି ।

ଏମିତି ଭାବରେ ଦିନକୁ ଦିନ ଦାନ୍ତଚିପି ରହସ୍ୟ ଗୋଟାଏ ଚେଳେଇ ଦେଖି ଚିନ୍ତା ସ୍ୱଚ୍ଛ ହେଉଥିଲା ମୋର ।

କିନ୍ତୁ କୃଷ୍ଣାର ଅଖିରେ ଏଇ ପାଣି ଦେଖି ଅନ୍ତତଃ ମୁଁ ଅଜ ପ୍ରଥମ ଥର—ଭାବିଲି—କେବଳ ଦେହର ସଂଧ୍ୟଥା ନେଇ ମୁଁ ତା'କୁ ନିଜର କରିନାହିଁ । ସେଇ ଅଧର ଯୌବନର ଶ୍ରୀଯୁକ୍ତ ଅଙ୍ଗଲତା ତଳେ ମୋର ପିଆସୀ ମନ ତା'ର କେଉଁ ସ୍ୱପ୍ନଯୁଗାନ୍ତର ପ୍ରତୀକ୍ଷାରେ ଥିବ ଯୌବନା ଉର୍ବଶୀର କଳ୍ପ ଅବସ୍ଥାର । କୃଷ୍ଣାର ଓ ମୋ'ର ସଂସାରର ଝଡ଼ ତୋଫାନ ବର୍ଷର ଅନୁଭୂତି ପରେ ଅଜ ନୂତନ ଭାବ ଯେମିତି କୃଷ୍ଣା'କୁ ଚହ୍ନି ପାରିଲି । ନୂତନ ଭାବ ଯେମିତି କୃଷ୍ଣା ସଙ୍ଗେ ମୋ'ର ଫୁଲଶଯ୍ୟା ହେଲା ସେଇ ରାତି ।

ଚିକ୍ ମନେ ଅଛି—

କୃଷ୍ଣାର ଷୋଡ଼ଶ ବସନ୍ତ ଯେତେବେଳେ ତା'ର ସକଳ ରୂପର ସମ୍ଭାର ନେଇ ଅହିଁଥାଏ ।

ସେ ଦିନର ଅଭିନବ ସୃଷ୍ଟି—ଅକାଶରେ ଜୋଛନାର ତରଳ ଲହଡ଼...ବରଫ—ସହ୍ୟାଦ୍ରି ଉପରେ ଅସମାପ୍ତ ତାରକାର ନର୍ତ୍ତନ ।

କୃଷ୍ଣାର ମୋ'ର ଫୁଲଶେଯର ଘର ।

ମୁକ୍ତ ବାତାୟନର ଫାଙ୍କରେ ଫାଙ୍କରେ ଶରତ୍ ସମୀରଣର ସ୍ୱଚ୍ଛନ୍ଦ ସମାଗମ ତଳେ କୃଷ୍ଣା'ର ନୀଳ ଶାଢ଼ୀର ପ୍ରଥମ ଉନ୍ମୋଚନ କରିବାର ସୌଭାଗ୍ୟ ପାଇଥିଲି ମୁଁ । କୃଷ୍ଣାର ଢଳ ଢଳ ଯୌବନ—କଟୋଳ ମୁଖଶ୍ରୀର ଅନାବିଳ ମାଧୁରୀମା...ଦ୍ରାକ୍ଷାବନ୍ତ ଓଷ୍ଠର ପ୍ରଥମ ସ୍ୱାଦ ପାନ କରିବାର ସୌଭାଗ୍ୟ ମୁଁ ଯେତେବେଳେ ପାଇଲି—ସେତେବେଳେ କୈଶୋର ବୟସର ଅମର 'ଅଲେକ୍ଜାଣ୍ଡ୍ରା' ଫେଲକୁ ଜିତିବାର ଅପେକ୍ଷା ଉଚ୍ଚା ତହିଁର ଶ୍ରେଷ୍ଠତ୍ୱ କରିନେଲି ବୋଲି ମୁଁ ଗୌରବ ଅନୁଭବ କରିଥିଲି ।

କୃଷ୍ଣା ମତେ ଭଲପାଏ । ଫୁଲ ଶଯ୍ୟାର ଫୁଲ ଉପରୁ ଏତିକି ମୁଁ ଜାଣି ଅସିଛି । ଦିନର ଗତି ସଙ୍ଗେ ସଙ୍ଗେ ମନର ଗତି ଠିକ୍ ତାଳ ପକେଇ ଚାଲିଛି । କୃଷ୍ଣା'ର ଗଭୀର ପ୍ରେମକୁ ମୁଁ ସନ୍ଦେହ ଦୃଷ୍ଟିରେ ଦେଖୁଛି ।

ଅଜ ଭାବେ—କୃଷ୍ଣା ମତେ କଣ ଚେହେରା ଦେଖି କାହିଁକି ? ଏ ପରଦିନ କୃଷ୍ଣାଙ୍କ ଜୀବନ ଦେହ କ'ଣ ସେ ମତେ ପାଇ ପାରି ନଥା'ନ୍ତା !

ତା' ହେଲେ ତା' ପ୍ରତି ମୋ'ର ମମତା ଅନ୍ତତଃ ଏତେଟିକେ ହ୍ରାସ ହେଇ ନ ଥା'ନ୍ତା ।

ଯେତେବେଳେ କୃଷ୍ଣା ମୋ'ର ନଥିଲା...ସେତେବେଳେ ତାକୁ ମୋ'ର କରିବାକୁ ଖୋଜୁଥିଲି । ଜଗତରେ କିଛି ହେଲେ ମୋ' ଛଡ଼ା ଅଉ କେହି ତାକୁ ଭଲ ପାଇବା ନପାଉ ଏଇଆ ମୁଁ ଖୋଜୁଥିଲି । ମୋ'ର କୃଷ୍ଣା...ତା'ର ଦେହ ଓ ମନ ଉପରେ ଏକଚ୍ଛତ୍ର ଅଧିକାର ଥିବ କେବଳ ମୋର ।

ଅନ୍ତତଃ ଏତେବେଳେ ମୁଁ କୃଷ୍ଣାକୁ ପ୍ରେମ କରୁଥିଲି । କୃଷ୍ଣାର ଦେହ, ଲୁଗା, ବେଣୀର ଫିତା ସମସ୍ତଙ୍କୁ ମୁଁ ପ୍ରେମ କରୁଥିଲି । କୃଷ୍ଣାର ଗାଧୁଆ ପଥର, ତା'ର ଦେହର ଗନ୍ଧ ସାବୁନ...ଶୋଇଲା ଖଟ ସବୁକୁ ମୁଁ ଅଦର କରୁଥିଲି...ପ୍ରେମ କରୁଥିଲି ।

କୃଷ୍ଣାର ଦେହର ଗନ୍ଧ ସାବୁନ୍‌କୁ ତା'ର ସାଜସଜ୍ଜା...ଏମ୍ବ୍ରୋଡ୍ରେରୀ ବ୍ଲାଉଜ୍ ଖଣ୍ଡ ଦେଖେ ସେତେବେଳେ ସେମିତି ତା'ର ସ୍ୱପ୍ନରାଣୀ ବ୍ୟବହାର କରିବାକୁ ନେଲେ ମୋ'ର ଦେହ ସହ୍ୟ ନଥିଲା—ଈର୍ଷାରେ ଜଳ ପୋଡ଼ି ମୁଁ ମରୁଥିଲି । ତାର ସୋଫାଏ ଚାପନା ଚେଇ ଶୁଣି ଶୁଣି ଶୁଣିବା ଯାଉଥିବାବେଳେ କୃଷ୍ଣା ପୁଲିସକୁ ଡାକିବ ବୋଲି ଅସ୍ତିତାକୁ ଦେଖି ସେତେବେଳେ ମୁଁ ବୋମଫାଟିବା ଝରକା ଭିତରୁ ତଳ ନର୍ଦ୍ଦମାରେ ଫୋପାଡ଼ି ଦେଇ ଥିବାର ମୋ'ର ସ୍ପଷ୍ଟ ମନେ ଅଛି । ପୁରାପୁରି ପଦେ କଥା ଲେଖି ଭାବିବା ଶିକ୍ଷିତ ଘରର ଝିଅ ଶୁଣି ଶୁଣି ଅସ୍ତିତାକୁ ଦେଖିଥିଲି ମୁଁ ।

କୃଷ୍ଣା ମୋ'ର ବ୍ୟବହାର ଦେଖି ମୌନ ହସିଥିଲା ।

ଏମିତି ଏମିତି ଛୋଟ କଥା'ରେ ବି ମୁଁ କୃଷ୍ଣାକୁ ଅପଣାର କରିଥିଲି ।

ମୋ'ର ଘରକୁ ଅସି କେବେ କେମିତି ମୋ' ଖଟ ଉପରେ କୃଷ୍ଣା ଶୋଇ ପଡ଼ିଥିବାର ଦୃଶ୍ୟ ଏବେ ବି ମୋ'ର ଉଦ୍ବେଗ । ସେ ଦିନର ପର ଘଟଣା ଦେଇ ମୁଁ ଅନୁଯାଏ ବି ଯୋଗ ଘରକୁ ଦେଇ ନ ଥିଲି...ମୁକ୍ତ ତଳର ତକିଆଟା ତା'ର ବେଣୀର ଫୁଲ ଗନ୍ଧରେ ଭରି ହୋଇଥିବାରୁ ରାତି ରାତି ଧରି ମୁଁ ତା'କୁ ଚୁମ୍ବନ ଦେଇଥିବାର ମୋ'ର ସ୍ପଷ୍ଟ ମନେ ଅଛି ।

ଏହି ସବୁ କଥା ଅଜ ମନେ ପଡ଼ିଲେ ମୁଁ ହସେ ।

ବିଭାଘର ପରେ ଅନେକ ଦିନଯାଏ ମୋ'ର ଏଇ ଭାବ ଥିଲା । କୃଷ୍ଣାର ତଳଲୁଗା—ହାଲୁକା ବ୍ଲାଉଜଟା ବି ଅନେକ ସମୟରେ ତା'ର ଅନୁପସ୍ଥିତିରେ ଛାତିରେ ଭିଡ଼ି ଧରିଥିବି । କୃଷ୍ଣାର ବ୍ୟବହୃତ ଜର୍ଜେଟ ପରଦେଶ୍ୟ ଘରର ସ୍ୱପ୍ନରାଣୀଙ୍କ ଦେହରେ ମୁଁ କଳ୍ପନା କରିଛି । ଅଜ ସେଥିଲାଗି ଘରର ସ୍ୱପ୍ନରାଣୀଙ୍କ ଦୁଃଖ ଲୁଗା ଦେବାରେ ମୁଁ ଅନେକ ଟଙ୍କା ଖର୍ଚ୍ଚ କରିଛି ।

କୃଷ୍ଣା ଚକିତ ହୁଏ—'ଏସବୁ କାହା ପାଇଁ !'

ମୁଁ ଲଜ୍ଜିତ ହୁଏ—ଦୁଃଖ ଅସେ—'ସେ କଣ ବୁଝେ ନି ମୁଁ ତା'କୁ କେତେ ଭଲପାଏ ବୋଲି ଏସବୁ କରେ ?'

କିନ୍ତୁ ଏଇ ଭଲ ପାଇବା କୃଷ୍ଣା ଭଲ କରି ବୁଝିଥିଲା...ସେ ବୁଝିଥିଲା—ତା'କୁ ମୁଁ ପ୍ରାଣଠାରୁ ଭଲପାଏ । କିନ୍ତୁ ସେ ବୁଝିଥିଲା—ଏଇ ଅଜ ଭଲ ପାଇବା ଦିନେ ମତେ ସର୍ବସ୍ୱାନ୍ତ କରେଇବ ।

Digitized by srujanika@gmail.com

ଆଜ ମୁଁ ସର୍ବସ୍ୱାନ୍ତ ହୋଇଛି । କୃଷ୍ଣାର ଡାକ ମୁଁ ଶୁଣିନାହିଁ । ହୃଦୟର କଥା ଅବ୍ୟାଜରେ ଗଢ଼ିଚି ବନ୍ଦେ । କୃଷ୍ଣା ଦରଦୀର ଅଦର-ଦାର ସବୁ ଜିନିଷ ମୁଁ ଜାଣୁଥିଲି । ତା'ର ମୋ'ର ବନ୍ଧୁତ୍ୱ ଦେବଦେବତା ବାହାନାରେ ଲକ୍ଷାଧିକ ଟଙ୍କା ମିଛରେ ଖରଚ କରି ଥିବାର ମୋ'ର ମନେ ଅଛି ।

କିନ୍ତୁ କୃଷ୍ଣା ମତେ ଭଲ ପାଉଥିଲା । ମୋ'ର ଏଇ ବନ୍ଧୁତ୍ୱ ଦେବଦେବତାରେ ଯେ ସେ ମୋତେ ବେଶୀ କଷ୍ଟ ଭଲ ପାଇଲା, ଓ ନ ଦେବଦେଇଥିଲେ ପା'ଇ ନ ଥା'ନ୍ତା—ଏମିତି କଥ ନୁହେଁ । ତଥାପି ମୋ'ର ମୂର୍ଖତାକୁ ସନ୍ତୁଷ୍ଟ କରିବା ପାଇଁ ମୁଁ ଏସବୁ କରୁଥିଲି ।

କୃଷ୍ଣା ମନଦୁଃଖ କରୁଥିଲା । ମତେ ଡାକ୍ ଦେଲାବେଳେ ଏଇଥି ମୁଁ ଦେଖୁଥିଲି । କାରଣ ସେ ବୁଝୁଥିଲା—ଯେଉଁ ମାଧୁରୀ ମୁଖରେ ହୃଦୟ ଦେଖି ତାକୁ ଏତେ ଭଲ ପାଉଛି—ଦିନେ ତା' ଛୁଟି ହେଲେ ତା'ର ସ୍ଥାନ କେଉଁଠି ହବ ?

ଆଜ ବ ମୋ'ର ମନେ ହେଉଛି—ଯେଉଁ ମାଧୁରୀ ମୁଖରେ ହୃଦୟ ଦେଖି ମୁଁ କୃଷ୍ଣାକୁ ସୁନ୍ଦର ବୋଲି ଭାବି ସ୍ନେହ-ପ୍ରେମ କରୁଥିଲି...ସେଇ ମାଧୁରୀ ମୁଖରର ଅନ୍ତର୍ଦ୍ଧାନରେ ମୁଁ ତାକୁ ସେତିକି ଅସୁନ୍ଦର ବୋଲି ଭାବୁଛି—ସେତିକି ଘୃଣା କରୁଛି ।

ଆଜ ଭାବୁଛି—କୃଷ୍ଣା ମୋ'ର ନ ହୋଇ ଯଦି ଆଉ କାହାର ହୋଇଥାନ୍ତା—ତେବେ ମୋ'ର ସେ ଏତେଟା ଅନାଦର ପାଇ—ନଥାନ୍ତା ; ସଂସାରର ଆଉ କାହେ ନେଇ—କଣଜଣ ମୋ ପାଖରୁ ଯେଉଁ ବିଚାର (Consideration) ହିଁ ପାଇବେ—ସେ ସେତିକି ପାଇବନି । ତା'ର ଦୋଷ—ସେ ମୋ'ର—ନିଜର—ଅତି ନିଜର !

ଭିତରର ସମସ୍ତ ପ୍ରାଣ ଦେଇ ମୁଁ କୃଷ୍ଣାକୁ ଯେତିକି ନିକଟରେ ପାଇବାକୁ ଇଚ୍ଛା କରୁଥିଲି—ଆଜ ସେତିକି ଦୂରରେ ରଖିବାକୁ ଖୋଜୁଚି ।

କିନ୍ତୁ କୃଷ୍ଣା ? ମୂର୍ଖ ସେ । ମୋତେ ସେ ଭଲପାଏ । ଜୀବନର କ'ଣ ଗୋଟାଏ ଶ୍ରେଷ୍ଠ ଧନ ଭଳି ସେ ମତେ ଆଜ ବି ତା'ର ପଣତ କହ୍ନାରେ ଲୁଚେଇ ରଖିବାକୁ ଖୋଜେ !

ମୁଁ ଅସୂର୍ଯ୍ୟ ହୁଏ !

ଏଇ ଅସୂର୍ଯ୍ୟ ହେବାର ଉତ୍ତର ଦେଇ କୌତୂହଳୀ ଭାବରେ ମୁଁ ସେଦିନ କୃଷ୍ଣାର ଡାଏରୀ ଖୋଲିଲି ।—

...ବୁଝିପାରୁନି କେତେ ଦିନ୍ତ ବ୍ୟଥା ନେଇ ଆଜ ମୁଁ ଏଇଟା ଲେଖିବାକୁ ଯାଉଛି ! ସେ ମତେ ଭଲ ପା'ନ୍ତି ନାହିଁ...ହୁଏତ ମୋ' ଠାରେ ଯେଉଁ ଜିନିଷ ଦେଖି ସେ ମତେ ଭଲ ପାଉଥିଲେ—ଆଉ ସେ ଜିନିଷ ନାହିଁ ।

ସେ ଜିନିଷ କ'ଣ ? କ'ଣ ପାଇଁ ସେ ମତେ ଭଲ ପାଉଥିଲେ ? ତାଙ୍କର ସୁନ୍ଦର ରୂପ ଦେଖି ମୁଁ ଭୁଲିଥିଲି ସତ .. କିନ୍ତୁ ତାଙ୍କ ଭିତରର ମଣିଷକୁ ମୁଁ ଆପଣାର ନିଜତ୍ୱ ଭାବରେ ଆପଣାର କରିଥିଲି ।

କେଡ଼େ ସରଳ ସେ ? କେଡ଼େ କୋମଳ ? ତାଙ୍କର ମଧୁର ହସ—ସେତେବେଳର ଛନଛନିଆ ଭାବ ଯେ ମତେ ବେଶୀ ବାଉ-ଅଣି କଲା ।

ମୋ'ଠୁ ସାନ ସେ । ଆଉ ସେଇଥିପାଇଁ ହୁଏତ ମୁଁ ତାଙ୍କୁ ବେଶୀ ଟିକେ ପାଇଲି । ଆଉ ଚିର ଜୀବନ ତାଙ୍କୁ ମୋ'ର ଅଳିଅଳି ଅବୁଝା ଧନଟି ଭଳି ବାନ୍ଧ ପଣତ ତଳେ ଘୋଡ଼େଇ-ରଖି ଆସିଲି ।

କିନ୍ତୁ ମୁଁ ତ ତାଙ୍କଠୁଁ ବଡ଼ । ଯୌବନର ତରଳ କଅଁଳ ମନ ସଂସାରର ବାଙ୍କ ସହ ସହ ପଥର ହୋଇ ଯାଉଛି—ମନ ବଦଳି ଯାଉଛି । ଦିନେ ଯାହାକୁ ସେ ମୋ'ର ତାଙ୍କ ପ୍ରତି ଶ୍ରେଷ୍ଠ ଦାନ ବୋଲି ଭାବୁଥିଲେ ତାକୁଇ ସର୍ବଶ୍ରେଷ୍ଠ ଅତ୍ୟାଗ୍ରହ ବୋଲି ଭାବୁଛନ୍ତି ।

ବାସ୍ତ ତାଙ୍କ ମନରେ ମୁଁ ନାହିଁ । ହତଭାଗୀ ମୁଁ—ଯାହାକୁ ସବୁଠୁ ଭଲପାଏ ଜୀବନର ଭକ୍ତି ଦେଇ ଯାହାକୁ ସବୁଠାରୁ ବେଶୀ ସୁଖ ଦେବାକୁ ଚାହେଁ—ତାଙ୍କୁଇ ବେଶୀ କଷ୍ଟ ଦେଲି ।

ତାଙ୍କ ମୁହଁରେ ମୋଟେ ହସ ନାହିଁ । ଏଇ ଭାବନାରେହିଁ ବୋଧହୁଏ ଦିନକୁ ଦିନ ବେଶୀ ବୁଢ଼ା ହୋଇ ଯାଉଛନ୍ତି ।

କିନ୍ତୁ ମୁଁ ତ ତାଙ୍କୁ ଭୁଲି ପାରୁନି । ସେ ଟୋକା ହୁଅନ୍ତୁ...ବୁଢ଼ା ହୁଅନ୍ତୁ, ସୁଖ ଦିଅନ୍ତୁ, ଦୁଃଖ ଦିଅନ୍ତୁ—ସେ ମୋ'ର—କଣ'ଳ ଦୁନିଆଁରେ ସେଇ କେବଳ ମୋ'ର ।

ସେ କ'ଣ ଖାଲି ମୋ'ର ରୂପଟାକୁ ଭଲ ପାଉଥିଲେ ? ଏମିତି ଭାବିବାକୁ ମନଟା ବାହା ଉଠୁଛି...ନାଁ...ତଥାପି...କେଜାଣି ?

ସେତେବେଳେ ସେ ପିଲା ହୋଇଥାନ୍ତି । ପନ୍ଦର ପୂରିଯାଇଥାଏ । ଚମତ୍କାର ରୂପ...ଆଉ ଚମତ୍କାର ଗଳା ତାଙ୍କର ।

ରାତ୍ରିକର ତାହାନ୍ତି...ଚାକର ଭିଡ଼ା ଦିଦ ନେଇ ଝିଆ ହିଆ ତାଙ୍କର କୋଠରି ଖଟ ପାଖରେ ପହଞ୍ଚିଲି ।

ତଳାରେ ଘନ କୁହୁଡ଼ି.. ଜମିଛିଆ ଝିରଝିରିଆ ପବନ...ଦୂରରେ ସାଥୀଛଡ଼ା ପକ୍ଷିଣୀର କଳ କୂଜନ ଅସ୍ପଷ୍ଟ ଭାବରେ ଆସି କାନରେ ବାଜୁଥାଏ ।

ମଶାରି ଟେକିଲି...ନିଦ୍ରିତ—ଅଳସ ଚନ୍ଦ୍ରଲତା । ତାଙ୍କର କଅଁଳ ଗାଲଟି ଉପରେ ଚୁମ୍ବିତ ଅଧରଟିକୁ ଚାପି ଧରିଲି । ଉଃ ! କି ଥଣ୍ଡା !...

ନିଦ ଭାଙ୍ଗିଲା ତାଙ୍କର । ତନ୍ଦ୍ରାଳସ, ଚିର ମୀମିଳିତ ଚକ୍ଷୁ ମେଲି...ଦୁଷ୍ଟ ସେ...ମୋର ବେକଟିକୁ କଅଁଳ ବାହୁଲତା ଦୁଇଟିରେ ଲପେଟି ଧରି...ଥରି ଥରି ଖାତ ସ୍ୱରରେ...ଅସ୍ପଷ୍ଟ ସେଇ ବୋଲି ଉଠିଥିଲେ—

“ଜନମ ଅବଧି ହାମ୍ ରୂପ ନେହାରନୁ
ନୟନ ନା ତିରପିତ ଭେଲ...
ଲାଖ ଲାଖ ଯୁଗ ହିୟେ ହିୟା ରାଖନୁ
ତବୁ ହିୟା ଜୁଡ଼ନ ନା ଭେଲ...”
.........!”

ଡାଏରୀ ବନ୍ଦ କଲି.. ଆଖିରେ ଲୁହ ଆସିଲା ।

ପଛକୁ ଫେରି ଚାହିଁଲି—କୃଷ୍ଣା ମୋ'ର ଚେୟାର ଉପରେ ହାତ ଦେଇ ରହି ଚାହିଁଛି !!

—✻—

Digitized by srujanika@gmail.com

# ଆମେରିକାଙ୍କ ଉକ୍ତି

ଲେଖକ — **ନାରଦ**

ଅ୍ୟାମେରିକାଙ୍କ ବୃଦ୍ଧ ଅଙ୍କ୍ଲ ସ୍ୟାମଙ୍କ କରନ୍ତି ଗଳାଟି ଖଙ୍କାର,
"ଦେଖିଅଛ ବିଲାତର ମାନଚିତ୍ର ? କେତେ କ୍ଷୁଦ୍ର ! ଦେଖିଛକି ଫେର
ସେ ଦେଶର ସାମ୍ରାଜ୍ୟ ବିସ୍ତାର ? ବୁଡ଼ନ୍ତି କି ଅଂଶୁମାଳୀ ତହିଁ !
ସେ ଦେଶର ବୁକେ ବୁକେ ସାମ୍ରାଜ୍ୟ ପିପାସା ଚିର ନଦୀ ସମ ଯାଏ ବହି
ଜଗତର ଶତ ପ୍ରତିକ୍ରିୟା ସହସ୍ର 'ଟ୍ରୋବିଠ' ଲକ୍ଷ 'କ୍ଲିଠ୍‌ଜ୍‌' ଦଳି,
ସେହି ଜାତି ଜିଣିଅଛି ରଣ, 'ଲଜ-ଲେଣ୍ଡ୍ରେ' ବଟେ ମହାବଳୀ ।
ଜାଣିଛ କି ସେହି ଅହିଂସାବାଦୀ ! ପୃଥିବୀର ସର୍ବ ମହାଶକ୍ତି
ରାଜ୍ୟ ଗ୍ରାସେ ବାଣିଜ୍ୟ ପ୍ରସାରେ ଯୁଗେ ଯୁଗେ କାଂଟିଠି କରନ୍ତି ?
ଏବର ସଭ୍ୟତା ମନ୍ତ୍ର ସଭ୍ୟତା ସ୍ୱରୂପ ଧାଇନାହିଁ ହେ ଜଡ଼ ଭରତ
ଦୈନିକ ପତ୍ରିକା ଆମ ଧରଣୀରୁ ବହିଇ ଯେ ବାରତା ସତତ
ଦେଇନ ତ ଅଟେଲ ସନ୍ଦେଶ,
ଦେଇଅଛି ଖାଲି 'ଠେପି', ଉପୁଜାଇ ଯାହା ସଦା ଅସୀମ ଲାଳସ ।

ଦେଖ ତୁମେ ଦେଖିନ ଭାରତ,
ମୁସ୍‌ଲିମ ଜଳେ ନୂଏ କୁକୁତ୍ରେ ପ୍ରକାର, ମରେ ହିନ୍ଦୁ କଥା ଗୋରୁ ବତ
ଆଗାମୀର ଭାଇ ଭାସ୍ୟା ନାଚ
ତୁମର ନୟନ ଯଦି ଅଳପେ ଉନ୍ମୋଚ
ଦେଖିବ ଅପୂର୍ବ ଦୃଶ୍ୟ— ଗୁଲିଅଛି ଖାଲି କସ୍ତୁକଚ
ଅତୀତର ଅଭିଜ୍ଞତା-ଅନ୍ଧ, କର ଖାଲି ମିଥ୍ୟା ଉଚ୍ଚବାଚ ।
ଦେଖିଲଟି ପଳାଇଲା ବୀରପଣ ବଙ୍ଗ ଉତ୍ତ୍ର ଦେଶୁଁ
ବାଂଗିଳ ଲକ୍ଷ କାଙ୍ଗାଳ ଡେଙ୍ଗାଳଣେ ମଲେ ଯେତେହିଁ ପଶୁ ।
କାହିଁ କାରେଣ,
ଦେଖ ଏବେ ବାରଲକ୍ଷ ସେନା ଜୟ କଲେ ଇଉରୋପ ରଣି ।

ମୋହର ବିଲାତ,
ଭାରତର ମୁକ୍ତି ଧାମ, ଇଣ୍ଡିଆ-ଅଫିସ ପରା ମହାତୀର୍ଥ
[illegible] ସାମର୍ଥ୍ୟ ।

Digitized by srujanika@gmail.com

ମ୍ରିୟମାଣ କ୍ଳାନ୍ତ ଦେହ ତାର,
ହେ ଭାରତ ! ଦେଖ ତୋର ଗୁଣୀ ପୁତ୍ରଗଣଙ୍କ ଖବର ।

ହେ ଭାରତ
ପଢ଼ିଥିବେ ତବ ପୂର୍ବେ ଇତିହାସେ, ସପ୍ତ ସିନ୍ଧୁ ଲଂଘି
କମ୍ପାନୀ ବୋଇତ କେତେ ଜୀବନର ମୋହମାୟା ଭାଙ୍ଗି
ପହୁଞ୍ଚିଲା ଉପକୂଳେ, କି ସାଦରେ କରିଲ ବରଣ
ଛୁଟାଇଲ ଗୃହଦ୍ୱନ୍ଦ୍ୱ ଫୁଟାଇଲ ପାଶ୍ଚାତ୍ୟ ସ୍ୱପନ
ସାତ ତାଳ ପାଣି ଡେଇଁ ଦରିଆର ଦିନେ ଜମ୍ବୁଦ୍ୱୀପେ
ଆଲୁଅର ତେଜ ଆମେ ଖୋଲାଇଲୁ ରକ୍ତର ପ୍ରଦୀପେ
ଦାରୁଚିନି ଲବଙ୍ଗାଦି ବୋଝ କରି ଫେରିଲୁ ନିର୍ଭୟ
ପ୍ରଭୁ ଯୀଶୁ ବାର୍ତ୍ତା ଦେଇ ପଣ୍ୟ କଲୁ ପ୍ରେମ-ବିନିମୟ ।
ଗୁମୁଡ଼ା ମାଇଲେ କିଏ ନ ଦେଖାନ୍ତୁ ଅପର ଗାଲଟି
ଏତେ ଶୀଘ୍ର ଟଳେ କାହିଁ ଦେଶ ସାରା ସ୍ୱଧର୍ମୀ ପାଲଟି ।
ଧୋବା ଗଧ ଉପାଖ୍ୟାନ ପଢ଼ିବେ ଇସପ୍ ଗଳ୍ପେ
ବୁଢ଼ା ହୋଇ ତଡ଼ା ସିନା ମୂକ ପଶୁ ଖାଇଲା ଅଳପେ
ଶ୍ୱେତାଙ୍ଗର ବୋଝ ବହି ଏତେଦିନ ହେଲୁ ଅବା ହଡ଼ା
ନ ପୋଷି ସ୍ୱପଦକାଳେ 'କୁଇଟ୍' ବୋଲି ଦେଉଛନ୍ତି ତଡ଼ା ।
ସାବଧାନ ଖେଳୁଅଛ ଆଜି
ଯୁଦ୍ଧ କ୍ଳିଷ୍ଟ ବଳାତର ଅଭିଶାପେ ସ୍ୱାଧୀନତା ପଡ଼ିବଟି ଭାଜି ।

"ଅତୀତର ଶବଚ୍ଛେଦ୍ ହେ ଖିଲ୍ଲାଫୁ ଦୀନ ନିଶାଚର"
ସମ୍ବୋଧନ ସମୀଚୀନ, ଯେଣୁ ନାହିଁ ପ୍ରଭୁତ୍ୱ ମୋହର
ଦୁର୍ବାଶାର ଦେଶ ! କାହିଁ ଦେଲ ଏଡ଼େ କ୍ରୂର ଅଭିଶାପ
ନିର୍ବାଚନ ରଣେ ହାରି ଭୋଗେଁ ପୁଣି 'ଜନ୍‌ତା' ସନ୍ତାପ
ଶୁଣ ମୋ ଭବିଷ୍ୟ ବାଣୀ
'ଏଟମିକ' ଶକ୍ତି ବଳେ ହିରୋସିମା ବାସିନ୍ଦା ଜାପାନୀ
ଯେତେହେଁ ଲଭିଲେ ନିଗ୍ରହ, ଜନତାଙ୍କର ନବ ରୌପ୍ୟସ୍ଥଳ
ଶକ୍ତି ଖୋଳ ସମ ତବ ବକ୍ଷେ ଫିର ଗଲା

Digitized by srujanika@gmail.com

ଯୁଦ୍ଧକାଳୀନ ଆବିଷ୍କାର—

# ପେନିସିଲିନ୍ (Penicilin)

ଶ୍ରୀ ଗୋପାଳଚନ୍ଦ୍ର ପଟ୍ଟନାୟକ,
ଏମ୍, ବି, ବି, ଏସ୍, ଡି ଟି, ଏମ୍, ଡି, ପି, ଓ

ବିଗତ ଯୁଦ୍ଧକାଳୀନ କେତେକ ଚମତ୍କାରପ୍ରଦ ମଙ୍ଗଳ-ମୟ ଆବିଷ୍କାର ମଧ୍ୟରୁ 'ପେନିସିଲିନ' ଅନ୍ୟତମ । ବ୍ରିଟିଶ ବୈଜ୍ଞାନିକ ମହଲରେ ଏହା ଏକ ବଡ଼ କୀର୍ତ୍ତି-କୌଶଳ । ସାର୍ ଆଲେକ୍‌ଜାଣ୍ଡାର ଫ୍ଲେମିଙ୍ଗ୍ ଏହାର ଆବିଷ୍କାରକ । ସାର ଫ୍ଲେମିଙ୍ଗ ଓ ଅନ୍ୟ କେତେଜଣ ପେନିସିଲିନ ଗବେଷଣାକାରୀ ଡାକ୍ତର ଏହା ଆବିଷ୍କାର କରି ନୋବେଲ ପୁରସ୍କାର ପାଇଛନ୍ତି । ୧୯୪୩ ମସିହାରେ ଏହାର ପ୍ରଚୁର ଅମ ଦେଶରେ ପହଞ୍ଚିଥିଲେ ସୁଦ୍ଧା ଏବେ କେତେ ମାସ ହେଲା ଏହା ବେସାମରିକ ଚିକିତ୍ସାରେ ବ୍ୟବହୃତ ହେଉଛି । ବର୍ତ୍ତମାନ ଅମ ଦେଶରେ ଏହାର ବ୍ୟବହାର ବହୁତ ସ୍ଥାନରେ ହେଲଣି । ଏପର୍ଯ୍ୟନ୍ତ ଭଦ୍ରକରେ ୭ ଜଣ ରୋଗୀ ପେନିସିଲିନ୍ ଦ୍ୱାରା ଚିକିତ୍ସିତ ହେଲେଣି ଓ ପ୍ରତ୍ୟେକେ ଆଶୁ ଆରୋଗ୍ୟ ଲାଭ କଲେଣି ।

ବର୍ତ୍ତମାନ ପ୍ରାୟ ସମସ୍ତ ପେନିସିଲିନ ଆମେରିକାର ଯୁକ୍ତ ରାଜ୍ୟରେ ଉତ୍ପନ୍ନ ହେଉଛି । ଶତକଡ଼ା ୫ ଭାଗ ଅନ୍ୟତ୍ର ଉତ୍ପନ୍ନ ହେଉଛି । ଯୁକ୍ତ ରାଜ୍ୟରେ ୬୮,୦୦୦୦୦୦୦ (ଅଠକୋଟି) ଖର୍ଚ୍ଚରେ ୨୦ଟି ପେନିସିଲିନ୍ କାରଖାନା ତିଆରି ହୋଇଛି । ଆମ ଦେଶ ବାଙ୍ଗାଲୋରର ଇଣ୍ଡିଆନ ସାଇନସ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ପେନିସିଲିନ୍ ତିଆରି ହେବାର ଖବର ମିଳେ । କିନ୍ତୁ ବ୍ୟବସାୟ ମୂଳକ ପେନିସିଲିନ୍ ଉତ୍ପାଦନ ଏପର୍ଯ୍ୟନ୍ତ ଆମ ଦେଶରେ ହୋଇନାହିଁ । କଲିକତା କାର୍ମାଇକେଲ-ମେଡ଼ିକାଲ କଲେଜର ଉଦ୍ଭିଦବିଜ୍ଞାନ ପ୍ରଫେସର ବୋଷ "ପଲିପୋରିନ୍" ନାମକ ରାସାୟନିକ ଔଷଧର ଉତ୍ପାଦନ କରିବାକୁ ସମର୍ଥ ହୋଇ ଅଛନ୍ତି । ଏହା 'ପେନିସିଲିନ୍' ଠାରୁ ବହୁଗୁଣରେ ଉତ୍କୃଷ୍ଟତର ବୋଲି ଦାବୀ କରି ଯାଇଛି ।

ପେନିସିଲିନ୍ ହେଉଛି ଏକ ଜୈବ ଅମ୍ଳ ରାସାୟନିକ ପଦାର୍ଥ ବିଶେଷ (An Organic Acid) । ଛତୁ (Fungus) ଜାତୀୟ ପେନିସିଲିୟମ ନୋଟେଟଟମ୍ (Penicilium notatum) ନାମକ ବୀଜାଣୁ କର୍ଷଣରୁ (Culture) ଏହା ଉତ୍ପନ୍ନ ହୁଏ । ଏହି ପଦାର୍ଥ ବୀଜାଣୁ ଦେହରୁ ନିର୍ଗତ ହୋଇ କର୍ଷିତ ଭୂମିରେ (Culture medium) ଜମେ । ପରିସ୍ରାବନ (Filtration) ପ୍ରଭୃତି ବୈଜ୍ଞାନିକ ପ୍ରଣାଳୀ ଦ୍ୱାରା ପେନିସିଲିନର ଉଦ୍ଧାର କରାଯାଏ । ଏହି ପ୍ରାଥମିକ ଅବସ୍ଥାରେ ପେନିସିଲିନ୍ ସ୍ଥାବର (Stable) ନୁହେଁ, ଅତି ସହଜରେ ଓ ଅତିଶୀଘ୍ର ଏହାର ଅଣବିକ ପରିବର୍ତ୍ତନ (Molecular change) ଘଟେ ଓ ନଷ୍ଟ ହୋଇଯାଏ । ଚୂନ ଲବଣରେ (Calcium salt) ପରିଣତ ହେଲେ ଏହାର ସ୍ଥାବରତା (Stability) ବଢ଼ିଯାଏ । ଏହି ଆକାରରେ ପେନିସିଲିନ୍ ଔଷଧ ରୂପେ ବ୍ୟବହୃତ ହୁଏ । ଏହି ଅବସ୍ଥାରେ ମଧ୍ୟ ଏହା ବେଶି ସମୟ ରହି ପାରେନାହିଁ । ସାଧାରଣ ତାପାବସ୍ଥାରେ (Ordinary room temperuture) ଏହା ନଷ୍ଟ ହୋଇଯାଏ । ଅନ୍ୟ କୌଣସି ଜୈବିକ ପଦାର୍ଥ ସଙ୍ଗେ ସଂଯୋଗରେ ମଧ୍ୟ ନଷ୍ଟ ହୋଇଥାଏ । ସେଥିପାଇଁ ପେନିସିଲିନ୍‌କୁ ଖୁବ୍ ସାବଧାନରେ ସଞ୍ଚୟ ଓ ବ୍ୟବହାର କରିବାକୁ ହୁଏ । ବରଫରେ ବା ବରଫର ତାପାବସ୍ଥାରେ ଏହାକୁ ରଖିବାକୁ ହୁଏ । ବ୍ୟବହାର ପୂର୍ବରୁ ପେନିସିଲିନ୍‌କୁ ସଞ୍ଚୟ କରି ରଖିବା ସକାଶେ ବିଦ୍ୟୁତ ଶୀତଳ ବା କିରାସିନି ଶୀତଳ ଫ୍ରିଜିଡିଅର (Frigidaire) ଲୋଡ଼ାହୁଏ । ବ୍ୟବହୃତ ସମସ୍ତ ପାତ୍ର ନିର୍ବୀଜିତ (Sterilised) ହେବା ଉଚିତ କିନ୍ତୁ ଏହି ନିର୍ବୀଜନ ପ୍ରଣାଳୀରେ ( Process of Sterilisation ) କୌଣସି ବୀଜାଣୁନାଶକ ପଦାର୍ଥ (Antiseptics) ର ବ୍ୟବହାର ଅନୁଚିତ । କାରଣ ତୀବ୍ର ବୀଜାଣୁନାଶକ ପଦାର୍ଥ ପେନିସିଲିନ୍‌କୁ ନଷ୍ଟ

Digitized by srujanika@gmail.com

କରିଦିଏ ।

ପଧାନତଃ ସମସ୍ତ ଦୂଷିତ ଅବସ୍ଥାରେ (Septic conditions) ପେନିସିଲିନ୍ ଆଶ୍ଚର୍ଯ୍ୟଜନକ ରୂପେ ଓ ଅବ୍ୟର୍ଥ ମହୌଷଧର କାମ କରେ । ନିମୋନିଆ (ଫୁସଫୁସ) ଗନୋରିଆ (ପୁଣି ପ୍ରମେହ) ମେନିଞ୍ଜାଇଟିସ୍ (ମସ୍ତିଷ୍କ ଝିଲ୍ଲି ବ୍ରଣ), ବସ୍ଫୋଟକ, ବିଷମବ୍ରଣ, ବାୟୁଜବ୍ରଣ (Gas gangrene) ନାସିକା ବ୍ରଣ, ମୁଖ ବ୍ରଣ, ଓଷ୍ଠବ୍ରଣ, ପଠା, ଜଙ୍ଘା, ବିଷମ ଘଣିଆ ବାଜାଣୁ ଜ୍ୱର ଏ ସୁଦ୍ଧିକ ପ୍ରତ୍ୟେକ ବଡ଼ ସାଂଘାତିକ । ଏଗୁଡ଼ିକର ଚିକିତ୍ସା ବଡ଼ କଠିନ । କିନ୍ତୁ ପେନିସିଲିନ୍ ପ୍ରୟୋଗ ଦ୍ୱାରା ଚମତ୍କାରପ୍ରଦ ଆରୋଗ୍ୟ ଦେଖାଯାଏ । ପୂର୍ବେ ସଲ୍ଫୋନାମାଇଡ୍ (Sulphanamide) ଜାତୀୟ ଔଷଧ ପ୍ରୟୋଗରେ ମଧ୍ୟ ଯାହା ସମ୍ଭବପର ହୋଇ ପାରୁ ନଥିଲା "ପେନିସିଲିନ୍" ଦ୍ୱାରା ତାହା ସମ୍ଭବ ହୋଇଛି । ଏହାଛଡ଼ା ଉପଦଂଶ (Syphilis) ଡ଼ିପ୍‌ଥେରିଆ, ଆନ୍ଥ୍ରାକ୍ସ୍ ରୋଗରେ ମଧ୍ୟ ଅଦ୍ଭୁତ ସୁଫଳ ମିଳୁଛି । ଦୁର୍ଭାଗ୍ୟବଶତଃ କୁଷ୍ଠରୋଗ, ଯକ୍ଷ୍ମା, ଅନିକ ଜ୍ୱର ରୋଗରେ ଏହି ନବ ଆବିଷ୍କୃତ ଅଦ୍ଭୁତ ଔଷଧ ଫଳପ୍ରଦ ହୋଇନାହିଁ ।

ପ୍ରତ୍ୟେକ ୩।୪ ଘଣ୍ଟାରେ ସୂଚିପ୍ରୟୋଗ (Injection) ଦ୍ୱାରା ପେନିସିଲିନ୍ ଚିକିତ୍ସା କରାଯାଏ । ଅନ୍ୟୁନ ୧,୦୦୦୦୦--୧୦,୦୦୦୦୦ ( ଏକଲକ୍ଷରୁ ଦଶଲକ୍ଷ ) ଅକ୍ସ୍‌ଫୋର୍ଡ଼ ୟୁନିଟ୍ (Oxford units) ଜଣେ ରୋଗୀର ଚିକିତ୍ସା ପାଇଁ ଲୋଡ଼ାହୁଏ । ବର୍ତ୍ତମାନ ବଜାର ମୂଲ୍ୟରେ ଟ୨୦ରୁ ଟ୨୦୦ ଖର୍ଚ୍ଚ ହେବ ।

"ପେନିସିଲିନ୍" ଅତ୍ୟାଧୁନିକ ଅଦ୍ଭୁତ ମହୌଷଧ ରୂପେ ଗଣ୍ୟ ହେଲେ ମଧ୍ୟ ଏହା ବହୁମୂଲ୍ୟ ଓ ଦୁଷ୍ପ୍ରାପ୍ୟ । ପ୍ରୟୋଗ ଏହାର ଦୁରୂହ ଓ କଷ୍ଟସାଧ୍ୟ । ଆମ ଦେଶର ବାସ୍ତବ ଚିକିତ୍ସା ଜଗତରେ ଏହାର ବ୍ୟବହାର ବହୁଦିନପର୍ଯ୍ୟନ୍ତ ଦୁରୂହ ଓ ଅସମ୍ଭବପର ହୋଇ ରହିଥିବ ।

——*——




# ମଶାରି !

ଉତ୍ତମ ସିଲାଇ, ମଜବୁତ୍, ସବୁ କୋଣରେ ଦୃଢ଼

ଉତ୍ତମ ଧଳା ନେଟ୍‌ରେ ତିଆରି ।

| ଲମ୍ବ | ଚଉଡ଼ା | ଉଚ୍ଚ | ସାଧାରଣ | ଉତ୍ତମ |
|---|---|---|---|---|
| ଫୁଟ | ଫୁଟ | ଫୁଟ | ଟଙ୍କା | ଟଙ୍କା |
| ୭ | ୪ | ୪ | ୭ | ୮ |
| ୭½ | ୪½ | ୪½ | ୮ | ୯ |
| ୭ | ୫ | ୫ | ୧୦½ | ୧୧ |
| ୭½ | ୭ | ୭ | ୧୭ | ୧୭ |
| ୯ | ୭ | ୭ | ୧୭ | ୧୮ |

ପ୍ୟାକିଂ ଓ ଡାକ ମାସୁଲ ଟ ୧ ।୯

ଏକ ସଙ୍ଗରେ ଛଅଟୋଟା ମଗାଇଲେ ଡାକ ଖରଚ ଛାଡ଼ ।

## ଘରୋଇ ଛାପାଖାନା

ଆପଣ ଏଥିରେ ନାମ, ଠିକଣା, ଲେବୁଲ, ଚିଠି, ପ୍ରୋଗ୍ରାମ ପ୍ରଭୃତି ଘରେ ବସି ଅତି ସୁନ୍ଦର ଭାବରେ ଛପାଇ ପାରିବେ ।



ପ୍ରତ୍ୟେକ ଗୃହସ୍ଥର ଏହା ଗୋଟିଏ ଦରକାରୀ ଜିନିଷ । ନଂ ୧ ଟ ୩।୯, ନଂ ୨ ଟ ୪½, ନଂ ୩ ଟ୬।୯, ନଂ ୪ ଟ୭।୯, ସ୍ପେଶାଲ—ଟ୮।୯, ଉତ୍କୃଷ୍ଟ ଧରଣର—ଟ୧୦।୯ ପ୍ୟାକିଂ ଓ ଡାକ ଖର୍ଚ୍ଚ ଟ୦।୵୬ । ୩ଟି ଏକାସାଙ୍ଗରେ ନେଲେ ଡାକଖର୍ଚ୍ଚ ଲାଗିବନାହିଁ

American Trading Co.
Hatkhola Post Box No. 12204.
Calcutta. ( D )

## ଗୁହିଁ ଦେଖ ! ଶୁଣ !



ଟ ୪ ୮ ରେ ଆପଣ ଉଚ୍ଚ ପ୍ରକାର ଗହଣା ପାଇ ପାରିବେ । ହାଲେ ଚୁଡ଼ି, ହାଲେ ନକଲି ପଥର ବସା ଥାନ ଗହଣା ଓ ଗୋଟିଏ ସୁନ୍ଦର ହାର । ସମସ୍ତ ୨୨ କେରେଟ ରୋଲ୍‌ଡ୍ ଗୋଲ୍‌ଡ୍‌ରେ ତିଆରି ଖୁବ୍ ଚକ୍‌ଚକିଆ । ଆପଣ ନ ଦେଖିବା ପର୍ଯ୍ୟନ୍ତ ବର୍ଣ୍ଣନା କରି ହେବନାହିଁ । ଶୀଘ୍ର ଡାକଖର୍ଚ୍ଚ ପାଇଁ ପଠାଯାଏ । ଭି:ପି: ଦ୍ୱାରା ଦାମ ଉତ୍ତର ପଠାଯାଏ ।

S. Pol & Co.

14. Dr, Jagabandhu Lane Calcutta.


Digitized by srujanika@gmail.com



# ଶିଳା ଓ ଶୈଳ

ଶ୍ରୀ ରାଜକିଶୋର ରାୟ, ଏମ୍, ଏ,

ଯାତ୍ରା ଶେଷ କରି ମୁଁ ଫେରି ଆସିଛି ।

ଦେଖିଆସିଛି ଅଜନ୍ତାର କଳାଶ୍ରୀ ଅଥଚ ବୁଝିନାହିଁ । ଖଣ୍ଡଗିରିର ଶିଳାସମ୍ପଦ ବନସ୍ପତିର ଧୀର ସଞ୍ଚାଳନରେ ଆଜି ବି ସ୍ତବ୍ଧ ହୋଇଛି । ପ୍ରସ୍ତର ଭିତରେ ଆତ୍ମାର ସନ୍ଧାନ କରିବାକୁ ଯାଇ ସଙ୍କୀର୍ଣ୍ଣ ମନ ଭିତରେ ଯେ ସ୍ୱପ୍ନସ୍ମୃତି ରହିଛି, ତାହା ମୁଁ ଭାବି ଦେଖିନାହିଁ । ପ୍ରତିଥର ଯାତ୍ରା ଶେଷ ପରେ ଶୈଳ ହାତକୁ ଦୁଇଖଣ୍ଡ ପଥର ଟୁକୁରା, ବା କେଉଁ ଅତ୍ୟକାର ତାଜା ରଙ୍ଗର ମାଟି ଦୁଇମୁଠା କିମ୍ବା କେଉଁ ଶୈଳବାସିନୀ ଦେବୀ ମୂର୍ତ୍ତିର ବଙ୍କ ଭ୍ରୂଯୁଗଳର ଭଗ୍ନ ଶିଳାଧାର ଖଣ୍ଡିକ ମୁଁ ବଢ଼େଇ ଦେଇ କହେ —

ଶୈଳ, ନିଅ, କେଉଁ ଅଜ୍ଞାତ ଶିଳ୍ପୀର ଏ ଶିଳ୍ପ ଯୋଜନା । ଶିଳାର ଧାରେ ଧାରେ କି ସୁନ୍ଦର ଯେଉଁ-ଲତାର କମ୍ର ଭଙ୍ଗୀ ! ମୋର ମିଉଜିୟମ୍‌ରେ ଯେତେ ଶିଳାମୂର୍ତ୍ତି ଅଛି, ଏଇଟି ସେମାନଙ୍କ ଭିତରେ ସୁନ୍ଦର ନୁହେଁ କି ?

ମୁଁ ପ୍ରତ୍ନତତ୍ତ୍ୱ ଅଧ୍ୟାପକ । ମୋ ପାଖେ ଶିଳା, ଶିଳା ନୁହେଁ । ସାମାନ୍ୟ ମାଟି ଗଣ୍ଡାଏ ମୋ ପାଖେ ଶତାବ୍ଦୀର ନିଗୂଢ଼ ସତ୍ୟ ସଙ୍କେତ ବହନ କରେ । ବସ୍ତୁ ବିଚାର, ଏକାଧିକ ଟେଷ୍ଟଟ୍ୟୁବ ପ୍ରଦକ୍ଷିଣ କରି ଯାହା ମୋ ପ୍ରତ୍ନତାତ୍ତ୍ୱିକ ପ୍ରାଣକୁ ଆଲୋଡ଼ନ କରେ, ତାହା ଶୈଳ ପାଖେ ଉପହାର ଦେଇ ମୁଁ ମୋର ଅଧ୍ୟାପନା କାର୍ଯ୍ୟରେ ମଗ୍ନ ଥାଏ ।

ଏଥର ଯାତ୍ରା ଶେଷ କରି ଫେରି ଆସିଛି । ଯାଇଥିଲି ଚନ୍ଦ୍ରଭୁଜ । ଚିତ୍ର ଉପତ୍ୟକାର ଅପାର୍ଥିବ ଏକ ଶିଳାମୂର୍ତ୍ତି ମୁଁ ଉଦ୍ଧାର କରି ପାରିଛି । ଜନନୀର କୋଳରେ ଶିଶୁପୁତ୍ର । ମାତାର ସ୍ତନପାନରତ ଶିଶୁ ଉନ୍ମୁଖ । କିନ୍ତୁ କ୍ଷୀଣ ଧାରାର ସଙ୍କେତ ନାହିଁ । କେବଳ ମାତାର ସ୍ତନପାନରତ ଶିଶୁର ଉନ୍ମୁଖ ଭାବ । ଜନନୀର ଚକ୍ଷୁ କୋଣରେ ବତ୍ସଳ-ସ୍ନେହାଣୀ ଓ ଶିଶୁର ପ୍ରସାରିତ ହାତରେ ବଦ୍ଧମୁଷ୍ଟି — ସବୁ ଯେପରି ମୂକର ଭାସ୍କର୍ଯ୍ୟ ପରିପାଟୀରେ ଶ୍ରେଷ୍ଠ ବହନ କରି ପାରିଛି ।

ଦୁଇଟି ମୂର୍ତ୍ତି ଏଠି ସ୍ୱଚ୍ଛ ରହିଲେ — ସ୍ୱାମୀ ଓ ସ୍ତ୍ରୀ । ଦଶ ବରଷ ବୈବାହିକ ଜୀବନରେ ମୋର ଦେଶ ଭାବରେ ଶୈଳ ଯାହା ଗ୍ରହଣ କରିଛି ସେଥିପ୍ରତି ସେ ଯେତେ କୃତଜ୍ଞ ହୋଇ ପାରି ନଥିଲା, ଆଜି ଏହି ଶିଳା ମୂର୍ତ୍ତିଟି ମୋଠାରୁ ପାଇ ସେ ଅଧୀର ଭାବରେ କୃତଜ୍ଞତା ପ୍ରକାଶ କରିଛି । ଶୈଳ ମୋର ସଂସାର ଚଳାଏ ; କାରଣ ସେ ମୋର ସ୍ତ୍ରୀ ।

ମୋର ଭାବନାର ଅନ୍ତ ନଥାଏ । ତାହା ଶୈଳ ପାଇଁ ନୁହେଁ କି ସଂସାର ପାଇଁ ନୁହେଁ । କିପରି ନିଜ ବ୍ୟବସାୟରେ ଯଶସ୍ୱୀ ହେବି, କିପରି ମୋର ମିଉଜିୟମ୍ ଜନେ ପ୍ରତିଷ୍ଠା ପାଇବ — ଏହି ଚିନ୍ତା ମୋର ହୃଦୟ ଅଧିକାର କରିଥାଏ । ଶୈଳପ୍ରତି ସ୍ନେହ-ପ୍ରସ୍ରବଣ ଝରୁଥାଏ ସତ, ମାତ୍ର ତାହା ଯେପରି ସ୍ଥୂଳଗତ କର୍ତ୍ତବ୍ୟର ପଦଧ୍ୱନି ଦିଏ । ସେଥିରେ ନଥାଏ ତନ୍ମୟତା, କେବଳ ଥାଏ "ହିଁ କେହ ଭଣେ ଅମୃତ, ପୁଣି ବିଷଯିବ'' ଏଇ ଭାବ ।

ମିଉଜିୟମ୍‌ରେ କେବଳ ପ୍ରବେଶ ଅଧିକାର ମୋର ଥାଏ ଓ ଥାଏ ଶୈଳର । ଶିଳା ନେଇ ମୋର ସଂସାରରେ ଶୈଳର ସ୍ଥାନ କେତେ ମୂଲ୍ୟର ତାହା ବିଚାର କରିବାକୁ ମୋର ସମୟ ନଥିଲା ।

ସେମାନଙ୍କୁ ଏ ଅନୁଭୂତି ସେଦିନ ନହିଁ ଉପଲବ୍ଧି କଲି । ଯଥା ସମୟରେ ମିଉଜିୟମରେ ଥରେ ଶିଳାମୂର୍ତ୍ତି, ପ୍ରାଚୀନ ପୋଥି ଆଉ ତାମ୍ର ମୁଦ୍ରା ଉପରେ ଦୃଷ୍ଟି ପକେଇବା ମୋର ପ୍ରତିଦିନର କାର୍ଯ୍ୟ । ସେଠାରୁ ଲଗାଇ ପ୍ରଶସ୍ତ ପ୍ରକୋଷ୍ଠରେ ଏସବୁ ଅତୀତର ବୈଭବକୁ ମୁଁ ଧରି ରଖିଛି ।

ଧରି ରଖିବା ପ୍ରତ୍ନର ରୁଚି । କିନ୍ତୁ ସଦା ଚଞ୍ଚଳ ନାରୀର ଅଦମ ଚଳନ୍ତି ଯାହାର ଚକ୍ର ଚଞ୍ଚଳ ଭଙ୍ଗୀ ସବୁବେଳେ ଶୂନ୍ୟଗର୍ଭ ହୁଏ, ସେ ମନକୁ ଧରି ରଖିବାକୁ ମୁଁ ଅକ୍ଷମ ହେଉଥିଲି ।

ସେଦିନ କଥା କହୁଛି ।

ମିଉଜିୟମ୍‌ର ଭିତରକୁ ଯାଇ 'ଜନନୀ' ଶିଳ୍ପୀ ଉପରେ ମୋ ଆଖି ପଡ଼ିଗଲା । ପ୍ରକୋଷ୍ଠର ଗବାକ୍ଷ ଭେଦ କରି ଦଶମୀ ସୂର୍ଯ୍ୟର କିରଣ ମୂର୍ତ୍ତି ଉପରେ ପଡ଼ି ହୋଇଥାଏ । ଅଭାବନୀୟ ପରିବର୍ତ୍ତନ !! କିନ୍ତୁ ଏ କଅଣ ?

Digitized by srujanika@gmail.com

ମୋର ପରିବାର ମଧ୍ୟରେ ଯେଉଁଦିନ ଏ ମୂର୍ତ୍ତିକୁ ମୁଁ ଉଦ୍ଧାର କଲି ସେଦିନ ମୁଁ ପ୍ରତ୍ନତାତ୍ତ୍ୱିକର ଦୃଷ୍ଟି ନେଇ ଦେଖିଥିଲି ଯେ ଜନନୀର ସ୍ତନ ଓ ଶିଶୁର ମୁଖ ଭିତରେ କେବଳ ମସୃଣ ଶିଳାଖଣ୍ଡ ମାତ୍ର ବ୍ୟବଧାନ । ସେଠାରେ କ୍ଷୀର ଧାରର ସଙ୍କେତ ଅଙ୍କିତ ନ ଥିଲା । କିନ୍ତୁ ଆଜି ଦେଖୁଛି ନାଗର ସ୍ତନାଗ୍ରରୁ ଗୋଟିଏ ମୋଟା ମୁକ୍ତ ଧଳା ରେଖା ଆସି ଶିଶୁ ମୁଖରେ ଶେଷ ହୋଇଛି । ଦୂରରୁ ଦେଖିଲେ ଠିକ୍ ଜଣାପଡ଼େ ଯେପରି ଶିଶୁ ଚାହିଁଛି ଏବଂ କ୍ଷୀର ଧାର ଜନନୀର ସ୍ତନ ଫଟାଇ ବହି ଆସିଛି । ଶିଶୁର ପ୍ରତୀକ୍ଷା ଶେଷ ହୋଇଛି ।

ଆଶ୍ଚର୍ଯ୍ୟ ହେଲି । ସେତେବେଳେ କିଛି ବୁଝି ପାରିଲି ନାହିଁ । ବ୍ୟବଧାନଗତ ରୂପ ପ୍ରାଣ ମୋର କାହିଁ ବୁଝେନି କାହାର ବାହାବାର ପ୍ରାଣ ଏଥିରେ କେନ୍ଦ୍ରିତ ହୋଇଛି ? ଏହି ରୂପ ବଳରେ ମୁକୁଳର ଦାଗ ମୁଁ ଶିଳା ଉପରେ ଲିଭେଇ ଦେଇ ମିଉଜିୟମ୍ର କବାଟ ବନ୍ଦ କରି ଆସିଲି ।

କିନ୍ତୁ ପ୍ରାଣରେ ସ୍ପନ୍ଦନ ରହିଥାଏ । ବୋଧହୁଏ ଏସବୁ ଅବାସ୍ତବ ଛଳର ପୁରୁଣା କଠୋର ବାନ୍ଧ ଲଙ୍ଘିବାକୁ ଧଳା ବାଠଗୁଣ୍ଡି ମୂର୍ତ୍ତି ଉପରେ ପଡ଼ି ମୁକୁଳ ବିଭ୍ରମ ଜନ୍ମାଉଛି ।

ସେଦିନ ରାତିର ଶଯ୍ୟାପାର୍ଶ୍ୱରେ ଶାୟିତା ଶୈଳକୁ ଘଟଣାଟି କହିଲି । ମୋର ଏ ଘଟଣା ଉପରେ ଗୋଡ଼ଗୁଣ୍ଡି ଛାଡ଼ିବା ନିଃଶ୍ୱାସ ଶୁଣି ସେ ବୋଧହୁଏ ହସିଲା । ସେତେବେଳେ ମୁଁ ବୁଝି ପାରିଲି ନାହିଁ କାହାରି ଉଜ୍ଜଳ ଚନ୍ଦ୍ରିକା ସହିତ ଶୈଳ ମନର ତମସା ଏତେ ନିଷ୍ଠୁର ଭାବରେ କାହିଁକି ପ୍ରକେପ ଦେଉଛି ?

ଆଜି ଦିନେ ଦେଖିଲି—ଜନନୀମୂର୍ତ୍ତିଟି ନିଜ ନିର୍ଦ୍ଦିଷ୍ଟ ସ୍ଥାନରେ ନାହିଁ । ପରେ ଦେଖିପାରିଲି ମିଉଜିୟମ୍ର ଗୋଟିଏ ଅନ୍ଧାରୁଆ କୋଣରେ ସେଇଟି ଅଛି । ଗୋଟିଏ ପରିଷ୍କୃତ ଟେବୁଲ ଉପରେ ମୂର୍ତ୍ତି ରହିଛି । ଶିଶୁର ଦେହ ପ୍ରାନ୍ତରେ କଳଙ୍କ ରେଖା ଦେଖାଯାଉଛି ପୁଣି ତାର ଅଧରରେ (ଯେଉଁ ପରିମାଣରେ ଶିଳା ଦେହରେ ତାର ଅଧର ଦ୍ୱିଖଣ୍ଡିତ ହୋଇ ପାରେ) ଗୋଟିଏ କ୍ଷୀଣ ସିନ୍ଦୂର ଗାର । ଦୂରରୁ ଦେଖିଲେ ପୁଅଟିର ଗାଲ ଫାଟିଲ ଝରଣାଏ ରକ୍ତର ପରି ଦୁଃଖ ଯେପରି ଝରି ପଡ଼ୁଛି । ଖଣ୍ଡିଏ ପାଟବଣା ପଥରର ସ୍ତୂପ ମୁହେଁଇ ହୋଇଛି । ଗଡ଼ ଉପରେ ଗୋଟିଏ ନାଲି ଓ ଗୋଟିଏ ନେଳୀ ଟ୍ରାଙ୍କ (ଖ୍ରୀଷ୍ଟ ଶିଶୁର ଖେଳଣା) ରଖାଯାଇଛି ।

କେତେ ଦିନ୍ ସେ କିମ୍ବଦନ୍ତୀ ଅନାଇ ରହି ହୋଇଛି ମୁଁ ଜାଣି ପାରିନାହିଁ । ଖବର ବନମାଳୀ ଚଟ୍ଟ ଘଣ୍ଟେ ମଧ୍ୟ ବଢ଼ାଇ ଦେଇ ଚାଲିଗଲା ପରେ ମୁଁ ବୁଝିଲି ଯେ ମୁଁ ମିଉଜିୟମ୍ରେ ଏତେବେଳଯାଏ ଏଇ ମୂର୍ତ୍ତିଟିକୁ ଦେଖୁଥିଲି ।

ଚିଠିଟି ପଢ଼ି ଦେଉଛି—

ବାବା କଲ୍ୟାଣୀୟ,

ଶୈଳର ହାଲ ଭଲ ନାହିଁ । ସେ ଡାକ୍ତରଖାନାରେ । ଏ ଚିଠି ପାଇ ଶୀଘ୍ର ଆସ । ତୁମେ ଆସିଲେ ଅପରେସନ୍ ହେବ ।

ତୁମର ଶୁଭକାଂକ୍ଷୀ—
ଜଗବନ୍ଧୁ ।

ଘଣ୍ଟାକର ପରେ । ଶୈଳର ଅପରେସନ୍ ? ମନେପଡ଼ିଲା ଶୈଳ ଦୁଇଦିନ ହେଲା ବାପଘରକୁ ଯାଇଛି । ଯା ଭିତରେ ଏପରି କଅଣ ହେଲା ଯେ ଅପରେସନ୍ ହେବ ?

ବୁଝିବାର ତା ଭିତରର ଦେଖ ନଥିଲି । ଶୈଳପ୍ରତି ପୁଞ୍ଜିଭୂତ ଉଦାସୀନ ଭାବ ଆଜି ଯେପରି ମତେ ଶତ ଧିକ୍କାର ଦେଉଛି । ଶୈଳ କଅଣ ସ୍ୱପ୍ନେ ବା ନ ଶୁଣେ ତାର ହସର ଭିତରେ ମୁଁ ଶ୍ଳାଘ୍ୟ ମନେ କରିନାହିଁ । ପୁଣି ତାର ଅଭାବ କଅଣ ଥିଲା ? ଭୁଲି ଆସିବା ପାଇଁ ବାପଘରକୁ ଯାଇ ଏ ଅବସ୍ଥା ?

ଅପରେସନ୍ ଟେବଲ୍ ଉପରେ ଶୈଳ ଶୋଇଛି । ତାକୁ ଦେଖି ଭାବିଲି, ହଁ, ଜୀବନରେ ପ୍ରଥମ ଥର ପାଇଁ ଭାବିଲି—ମାତୃତ୍ୱର ପ୍ରତିମୂର୍ତ୍ତି ଏଇ ନାରୀ ଆଜିଯାଏ ମୋର ଅଙ୍କଲକ୍ଷ୍ମୀ ଥିଲେ ବି ତାର ସବୁ କାମନା ପୂର୍ଣ୍ଣ କରିବାକୁ ମୁଁ କ୍ଷମ ହୋଇଛି କି ?

ଶୈଳକୁ ଧରି ରଖି ପାରିଲି ନାହିଁ । ସେ ସେହି ଟେବଲ୍ ଉପରେ ଚାଲିଗଲା । ମୋର ଦୁର୍ଦ୍ଦମ ଅଭିମାନ ନେଇ ଭାବିଥିଲି ମୁଁ ଯେପରି ଖଣି ଖୋଳି ଶିଳା—ଆଉ ଅତୀତର ଅକହ କାହାଣୀ ଭଗ୍ନ ମୂର୍ତ୍ତି— ସଂଗ୍ରହରେ ଧରି ରଖିଛି ମୋର ମିଉଜିୟମ୍ରେ ଶୈଳକୁ ବି ସେପରି ଧରି ରଖିବି; କିନ୍ତୁ ତାହା ହୋଇ ପାରିଲା ନାହିଁ ।

ସେ ଚାଲିଗଲା ; ଯିବା ପୂର୍ବରୁ ଏତିକି କହିପାରିଛି—

'କୋଳରେ ଧନଟିଏ ପାଇଁ ମୁଁ ବଡ଼ ଅଧୀର ହୋଇପଡ଼ିଲି । ନ ହେଲା ନାହିଁ, ତମେ ତ ଅଛ । ଯେଉଁ ପୁଅଟି ପାଖରେ ଖେଳଣା ଛଡ଼ ଆସିଛି, ସେ ପଥରକୁ ନଷ୍ଟ କରିବ ନାହିଁ । କହ, କରିବ ନାହିଁ ।''

ତାପରେ ଆଉ କିଛି କହିବାର ନାହିଁ । ଶେଷରେ ଶୈଳକୁ ଶୁଆଇ ଦେଇ ଶେଷ ଥର ପାଇଁ ତାକୁ ଖୁନ୍ଦି ଫେରି ପଡ଼ିଲି । ତାକୁ ଯେଉଁ ଧୂଆଁ କମିଯିବ ଅଚ୍ଛାଦ ଆସିଲା ସେ ଧୂଆଁର ପଟଳ ଶେଷରେ ଆକାଶକୁ ଉଠିଗଲା ।

ଡାକ୍ତର ମୃତ୍ୟୁ ରିପୋର୍ଟ ଦେଇଦେଲେ । ସେଥିରେ ଲେଖାଥିଲା—

"ହିନ୍ଦୁ ସ୍ତ୍ରୀର ବିଶ୍ୱାସ ଅନୁସାରେ ଶ୍ରୀମତୀ ଶୈଳବାଳା ଦେବୀ ମୋର୍ବୀ ଜନକ ଅଟିରି କଷ୍ଟ ପ୍ରସ୍ରବଣରେ ସ୍ନାନ ସାରି ପୁତ୍ର କାମନା କରି ଗୁଆ ଖୋଜ ତାହା ନପାଇ ଯାହା ହାତରେ ପଡ଼ିଲା ଗୋଟିଏ ଛୋଟ ପିତଳ କୃଷ୍ଣମୂର୍ତ୍ତି ପାଇ ଦାନ୍ତରେ ତୋଳିଦେଲେ । ଫଳରେ ପାକସ୍ଥଳୀରେ ରକ୍ତସ୍ରାବ ଓ ଭୀଷଣ ଯନ୍ତ୍ରଣା ହେବାରୁ ଅପରେସନ କରିବାରେ ତାଙ୍କର ମୃତ୍ୟୁ ହୋଇଗଲା ।"

ଶୈଳର ଶେଷ କଥା ମୁଁ ରଖିଛି । 'ଜନନୀ' ମୂର୍ତ୍ତିଟିକୁ ପୂଜା କରି ସ୍ନେହମୟୀର ଶୋକ ଭୁଲିବାକୁ ମୁଁ ଚେଷ୍ଟା କରୁଛି । ସେ ଯିବା ମା' ହୋଇ ପାରିଲା ନାହିଁ, ଏ ସଂସାରରେ ଯେଉଁ ନାରୀ ମା ହୋଇଛି, ତାକୁ ପ୍ରଣାମ କରି ସେହି ନାରୀ-ଜନନୀ ଭିତରେ ଶୈଳକୁ ମୁଁ ଖୋଜି ପାଉଛି ।

କିନ୍ତୁ ସେ ଘରର ମିଉଜିୟମ୍ ଆଉ ନାହିଁ ।

———✻———

Digitized by srujanika@gmail.com

# ସୈନିକର ଅନ୍ତଶ୍ଚିନ୍ତା

ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ ବି; ଏ, ବି, ଏଲ୍ )

ରେ କୋକିଳ ଯାଅ ଉଡ଼ି    ଯହିଁ ଚିନ୍ତା ଜଳେ ବୁଡ଼ି
ମୁହିଁ ଉପାଧାନେ ମାଡ଼ି ଢାଳି ଲୋତକ
ରୂପସୀ ପ୍ରେୟସୀ ମୋର    ହୃଦେ ଉଠେ ହାହାକାର
ବିରହେ ମୋ ଅନିବାର ବହଇ ଶୋକ
ପ୍ରବାସେ ମୋ ହୃଦେ ହୁତାଶ
ଜଟିଳ ସୁନ୍ଦର ତା    ଗଣି ଗଣି ଦିବସ ।

ଜନ୍ମରୁ ତାକୁ କୋମଳେ    ପ୍ରାନ୍ତରର ଘାସକୁ ଜାଳେ
ଝର ସ୍ୱର କର ଜାଳେ ଯଥା ନିନାଦ
ମୋତେ ଜାଳିବାର ପାଇଁ    ପରୁଷ କେଳଣୀ ସାଇଁ
ମୋ ତନୁ ତା ଶରେ ଗ୍ଳାନ କରେ ନେଇ ବାଗ
ମିଳନର ଚେଷ୍ଟାଜାଳ—
ପାଇଁ ମୋ ପ୍ରାଣ—ଗୁନ୍ଥକ ସଦା ବିକଳ ।

ନ ଥିବାରୁ ସେ ମୋ ପାଶ    ରଜନୀକର ତାରାଙ୍ଗଣ
ସ୍ମିତକୁମୁଦୀ ହାସ ନ ରୁଚେ ମୋତେ
ଦିବସରେ ଦିବାକର    କର ନ ଦିଏ ରୁଚିର

ଶୋଭା-ଅଧିଦେବୀ ମୋର ଯେଣୁଟି ଦୂରେ
ତା ମଧୁର ସମ୍ଭାଷ ସୁଧା
ବିହୁନେ ନୀରସ    ମୋତେ ସାରା ବସୁଧା

ଜାଉ ଉଠେ ନିଦ୍ରାଶିର    ଭୋଗି ବିଶ୍ରାମ ମଧୁର
କବିତାର ରସଭର ଏ ମୋର ଗୀତ
କାହା ବୀଣା-ଜିଣା ଭାଷା    କରିବ ସୁଧା ବରଷା
କାହାକୁ କରି ଭରସା ମୁଁ ତନ ଗୀତ
ଫୁଟିବ ଏ ଓଠେ ମୋହର
କେ ଜାଣିବ ତୋଳି ସଙ୍ଗୀତର ଝଙ୍କାର ।

ଯାଅ ତୁ କୋକିଳ ଉଡ଼ି    ଯହିଁ ଚିନ୍ତା ଜଳେ ବୁଡ଼ି
ଗବାକ୍ଷ କବାଟ ଫେଡ଼ି ଢାଳି ଲୋତକ,
ରୂପସୀ ମୋ ହୃଦରାଣୀ    ମୋ ଚିନ୍ତା ମନେ ସେ ଆଣି
ଗଣେ ତା ନିବେଶି ପାଣି କରଇ ଶୋକ,
କୁହୁତାନ ମୋ କାନେ ଢାଳି,
ହୃଦ ମୋ କାମୁକବର ! ନ ଦିଅ ଜାଳି ।

---


# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ରୋଗ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରୋଲା ବ୍ୟବହାର କଲେ ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ଶକ୍ତ ପ୍ଳୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଅଧୁନାତ ଜଗତରେ **"ପାଇରୋଲା"** ( ରେଜିଷ୍ଟର୍ଡ୍ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି ।    ମୂଲ୍ୟ:—୧୨୧୰ ( ପ୍ରତି ଶିଶି )

**'ଅନନ୍ତରସ'—ସାଲସା** ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍‌ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍ କଲିକତା ।

ପ୍ରାପ୍ତିସ୍ଥାନ:—ମନମୋହନ ବୁକ୍‌ଷପ୍
ନଂ ୧୩୭ । ୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।


Digitized by srujanika@gmail.com

# ସ୍ୱାଧୀନତା ଓ ଶାରୀରିକ ଉନ୍ନତି

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଏମ୍, ଏ,

ଆମ୍ଭମାନଙ୍କର ସ୍ୱାଧୀନତାଲାଭର ଚେଷ୍ଟା ସମୟରେ ଆମ୍ଭମାନଙ୍କୁ ଆମ୍ଭମାନଙ୍କର ଶାରୀରିକ ଉନ୍ନତି ଦିଗରେ ଲକ୍ଷ ଦେବାକୁ ହେବ । ଶାରୀରିକ ସମୁନ୍ନତି ନହେବା ଯାଏଁ ଆମ୍ଭମାନଙ୍କର ସ୍ୱାଧୀନତା ସୁଦୃଢ଼ ହେବ ନାହିଁ, ଏହା ନିଶ୍ଚିତ କଥା । ଏଥିପାଇଁ ଜାପାନ, ଇଂଲଣ୍ଡ, ଆମେରିକା, ଜର୍ମାନୀ ପ୍ରଭୃତି ଉନ୍ନତ ଦେଶମାନଙ୍କରେ ଶାରୀରିକ ବ୍ୟାୟାମ ଏବଂ ସାମରିକ, ଯାହାକି ଶାରୀରିକ ବ୍ୟାୟାମର ଚୂଡ଼ାନ୍ତ, ଶିକ୍ଷା ବାଧ୍ୟ କରି ଦିଆଯାଏ । ଆମ୍ଭମାନଙ୍କୁ ଏହି ଶାରୀରିକ ସମୁନ୍ନତି କରିବା ପାଇଁ କିପରି ଶିକ୍ଷା ଦେବାକୁ ହେବ, ଏହି ବିଷୟ ଆଲୋଚନାଯୋଗ୍ୟ । ଆମ୍ଭମାନଙ୍କ ଦେଶରେ ଆଜିକାଲି ଫୁଟବଲ, କ୍ରିକେଟ୍, ଟେନିସ୍, ଜିମନାଷ୍ଟିକ୍ ଇତ୍ୟାଦି ପ୍ରଚଳନ କରୁଛୁ । କିନ୍ତୁ ଏକଥା ଆମ୍ଭମାନଙ୍କୁ ମନରେ ରଖିବାକୁ ହେବ ଯେ, ଆମ୍ଭେମାନେ ଆମ୍ଭମାନଙ୍କର ନିଜସ୍ୱ ଯାହା, ନିଜର ଜାତୀୟ ଯାହା, ସେହିସବୁ ଉନ୍ନତ, ସୁନ୍ଦର, ଭଲ ଓ ଆନନ୍ଦ—ଉପକାରୀ ଦେଶୀୟ ଖେଳମାନଙ୍କୁ ଅବଜ୍ଞା କରିବୁ ନାହିଁ । ଉଦାହରଣସ୍ୱରୂପ ଯଥା—ଭାବୁଡ଼, ବାଡ଼ି, ଦୌଡ଼ାଦୌଡ଼ି, ଲଠି ଇତ୍ୟାଦି ଯାହା ଆମ୍ଭମାନଙ୍କର ନିଜ ଅଟେ, ତାହାକୁ ମଧ୍ୟ ପାଶ୍ଚାତ୍ୟର ମୋହରେ ପଡ଼ି ଛାଡ଼ି ଦେଲେ ଆମ୍ଭେମାନେ ଆମ୍ଭମାନଙ୍କର ଭଲ ହରାଇ ବସିବୁଁ; ଆମ୍ଭମାନଙ୍କର ଶରୀରର ଜାତିଭେଦ ସ୍ଥିର ରଖି ପାରିବୁ ନାହିଁ । ମୁଁ "Japanese Physical Exercise (By Han-Cock)" ଅର୍ଥାତ୍ ଜାପାନ ଶାରୀରିକ ବ୍ୟାୟାମ ସମ୍ବନ୍ଧରେ ଖଣ୍ଡିଏ ପୁସ୍ତକ ପଢ଼ୁଥିଲି । ଉକ୍ତ ପୁସ୍ତକର ଭୂମିକାରେ ଯେଉଁ କଥାଗୁଡ଼ିକ ଲେଖାଅଛି, ସେହିଗୁଡ଼ିକ ମୋ ମନକୁ ଆକର୍ଷଣ କଲା । ଲେଖାଅଛି—ଜାପାନମାନେ ସେମାନଙ୍କର "ଜୁଜୁସୁ" ଖେଳକୁ ପରିତ୍ୟାଗ କରିନାହାନ୍ତି । ପୃଥିବୀର ଅନ୍ୟାନ୍ୟ ଦେଶରେ ଯାହାକିଛି ଭଲ, ତାହାକୁ ଏମାନେ ଗ୍ରହଣ କରିଛନ୍ତି । କିନ୍ତୁ ସେମାନଙ୍କର ସୁନ୍ଦର "ଜୁଜୁସୁ" ଖେଳକୁ ଏମାନେ ପରିତ୍ୟାଗ କରି ନାହାନ୍ତି । କେବଳ ସେତିକି ନୁହେଁ, ଯେଉଁ "ଜୁଜୁସୁ" ଖେଳ ପୂର୍ବେ କେବଳ ଅଳ୍ପ ସଂଖ୍ୟକ ଧନୀ ଧନାଢ୍ୟ ବ୍ୟକ୍ତିଙ୍କର ନିଜସ୍ୱ ହୋଇ ରହିଥିଲା, ସେହି "ଜୁଜୁସୁ" ଆଜି ଜାପାନର ଜାତୀୟ ବ୍ୟାୟାମ ହୋଇଅଛି । ଏହିଠାରେହିଁ ଜାପାନ ଜାତିର ସମୁନ୍ନତିର ମୂଳମନ୍ତ୍ର ରହିଅଛି । ଆମ୍ଭେମାନେ ଭାରତବର୍ଷରେ କଣ କରୁଅଛୁଁ ? ଅଧିକାଂଶ ସ୍ଥଳରେ ଆମ୍ଭମାନଙ୍କର ଜାତୀୟ ଖେଳଗୁଡ଼ିକୁ ଅବଜ୍ଞା ଚକ୍ଷୁରେ ଦେଖି, ଭଲ ବୋଲି ମନେ କରୁନା । ଟେନିସ୍‌ବ୍ୟାଟ୍ ଧରି ଆଜି କଲେଜ ସ୍କୁଲ ଓ ବାବୁ ବ୍ୟାୟାମ ପାଇଁ ବାହାରୁଛନ୍ତି; କିନ୍ତୁ ମୁଦ୍‌ଗର, ବାଡ଼ି, ଦଣ୍ଡ, ବୈଠକ ପାଇଁ ଆଜି କେହି ରାଜି ହେଉ ନାହାନ୍ତି । ଅବସ୍ଥା ବର୍ତ୍ତମାନ ଏତେ ଆସି ହେଲାଣି ଯେ ଆମ୍ଭମାନଙ୍କର ସେ ସବୁ ବ୍ୟାୟାମ କରିବା ପାଇଁ ଯେଉଁ ବଳ ବା ସାମର୍ଥ୍ୟ ଓ ସ୍ଫୂର୍ତ୍ତି ବା ତେଜ ଦରକାର, ସେ ସବୁ ଆମ୍ଭେମାନେ ହରାଇ ବସିଲୁଣି । ଏହାର ଉପଯୁକ୍ତ ଦଣ୍ଡ ମଧ୍ୟ ଆମ୍ଭମାନଙ୍କୁ ଭୋଗ କରିବାକୁ ହେଉଅଛି । ଦଶକୋଶ ବାଟ ଗୃବଯିବାକୁ ହେବ ଭାବିଲାବେଳକୁ ଆମ୍ଭ ଦେହରେ ଜ୍ୱର ଆସି ଯାଉଛି । ଆମ୍ଭେମାନେ ଇତସ୍ତତଃ କରୁଅଛୁଁ । ଆମ୍ଭମାନଙ୍କୁ ଏହି କଥା ମନରେ ରଖିବାକୁ ହେବ ଯେ, ଦେଶର ସ୍ୱାଧୀନତା ପକ୍ଷରେ ଉକ୍ତ ଦେଶର ଶାରୀରିକ ଶକ୍ତି ଦୃଢ଼ ଓ ବଳିଷ୍ଠ ହେବା ଦରକାର । ଶାରୀରିକ ଶକ୍ତି ଦୃଢ଼ ଓ ବଳିଷ୍ଠ ହେଲେ ଆମ୍ଭମାନଙ୍କର ସାମରିକ ଶକ୍ତି ମଧ୍ୟ ତତ୍ସଙ୍ଗେ ସଙ୍ଗେ ଉନ୍ନତ ହେବ । ଦେଶର ସ୍ୱାଧୀନତା ପକ୍ଷରେ ଏହା ବିଶେଷ ଦରକାର । ଏହାପରେ ଆଉ ଗୋଟିଏ କଥା । ଆମ୍ଭେମାନେ ଯଦି ଏହି ଦେଶୋନ୍ନତି ଓ ଦେଶୋଦ୍ଧାର ଦିଗରେ ଲକ୍ଷ ସ୍ଥିର ରଖୁ, ତାହାହେଲେ ଆମ୍ଭେମାନେ ସହଜରେ, ସାମାଜିକ କୁସଂସ୍କାର, ଯଥା ଅଳ୍ପ ବୟସରେ ବିବାହ, ମଦ୍ୟ ଗ୍ରହଣ, ଇତ୍ୟାଦିରୁ ଆମ୍ଭେ ନିଜକୁ ରକ୍ଷା କରି ପାରିବୁଁ । ବର୍ତ୍ତମାନ ଆମ୍ଭେମାନେ ଜାତିର ଉପକାର ଦିଗରୁ କିଛି ଦେଖୁନାହୁଁ । ନିଜର ସୁଖ ଦିଗରୁ ସ୍ୱାର୍ଥପରତା ଦୃଷ୍ଟିରେ ସବୁ ଦେଖୁଅଛୁଁ । ଆମ୍ଭମାନଙ୍କର ମାତାପିତା ଓ ବୟସ୍କ ସ୍ୱଜନମାନଙ୍କୁ ଏହି ଜାତୀୟ ଦୃଷ୍ଟିରେ କିଛି ବିଚାର କରିବାକୁ ହେବ, ଏହା ସେମାନେ ଏକାବେଳକେ ବିସ୍ମୃତ ହୋଇଯାଇ ଅଛନ୍ତି । ଜାତି ପ୍ରତ୍ୟେକ ପରିବାରଠାରୁ ସୁନ୍ଦର ସୁଦୃଢ଼ ସନ୍ତାନ ଦାବୀ କରେ, ଏହା ତାହାର ନ୍ୟାଯ୍ୟ ଦାବୀ, ଏଥିପାଇଁ ସେ ଅଳ୍ପ ବୟସରେ କାହାକୁ ପିତୃତ୍ୱ ବା ମାତୃତ୍ୱର ଗୁରୁ ଭାର ଦ୍ୱାରା ନିଷ୍ପେଷିତ ହେବାକୁ ଚାହେଁ ନାହିଁ ଏବଂ ଏହା ଶେଷରେ ସମୁଦାୟ ଜାତିର ତଥା ପ୍ରତ୍ୟେକ ପରିବାରର କଲ୍ୟାଣ କରେ, ଏକଥା ସେମାନେ ଭୁଲି ଯାଇଅଛନ୍ତି । ଆମ୍ଭମାନଙ୍କୁ ଆଉ ଭୁଲି ରହିବାକୁ ହେବନାହିଁ । ଆମ୍ଭେମାନେ ଅନେକ ପଶ୍ଚାତରେ ପଡ଼ି ସାରିଛୁଁ । ଯେତେବେଳେ ପୃଥିବୀର ଅନ୍ୟାନ୍ୟ ଅଂଶ ଶୀର୍ଷଦେଶରେ ଗଲଅଛି, ସେତେବେଳେ ଆମ୍ଭେମାନେ ଦୁର୍ବଳ ଭାବରେ ପଡ଼ି ରହିଅଛୁଁ । ଦେଖ ୪୦ କୋଟି ଚୀନା ଆଜି ଉଠି ସାରିଲେଣି । ଦେଖ ଇଜିପ୍ଟ ଭୂମି ଆଜି ସ୍ୱାଧୀନତାର ଉତ୍ତେଜନାରେ ମତ୍ତ । ପୃଥିବୀରେ ଗୋଟିଏ ନୂତନ ସଭ୍ୟତା ପ୍ରଚାରଣ କରୁଅଛି । ଆମ୍ଭେ ୪୦ କୋଟି ଲୋକ ପଛରେ ପଡ଼ି ରହି ଏହି ପୃଥିବୀର ସଭ୍ୟତାର ଗତିକୁ ପଛକୁ ଟାଣି ରଖିବୁଁ । ଏହା ଆମ୍ଭ ପକ୍ଷରେ ଶୋଭନୀୟ ହେବ କି ?

ଆଜି ପୃଥିବୀର ସଭ୍ୟଜାତିଗଣ ବ୍ୟାୟାମକୁ ଗୋଟିଏ ବିଜ୍ଞାନ ଦୃଷ୍ଟିରେ ଚର୍ଚ୍ଚା କରୁଅଛନ୍ତି, ଅଭ୍ୟାସ କରୁଅଛନ୍ତି । ବ୍ୟାୟାମ ସମ୍ବନ୍ଧରେ କେତେ ପୁସ୍ତକ ରଚିତ ହେଉଅଛି, ଆମ୍ଭେମାନେ ଏପରି ଉଦାସୀନ ଯେ, ସେ ଦିଗରେ ( କେଉଁ ଦିଗରେ ଆମେ ଥାଉଁନି ? ) ଆଦୌ ଦୃଷ୍ଟି ଦେଉନାହୁଁ । ବଙ୍ଗ ଆନ୍ଦୋଳନ ସମୟରେ ବଙ୍ଗ ଦେଶରେ "ଜୁଜୁସୁ" ଖେଳ ପ୍ରବଳ ହୋଇ ଉଠିଥିଲା । ଆଜି ବଙ୍ଗ ଦେଶ ପୁଣି ଭାରତୀୟ ଦର୍ଶନରେ ମୁଗ୍ଧ ହୋଇ କର୍ମଭୂମି ପରିତ୍ୟାଗ କଲାକି ? ଆଜି ମହାରାଷ୍ଟ୍ର ଶାରୀରିକ ବ୍ୟାୟାମରେ ଦିନ୍‌କୁ ଦିନ— ଦ୍ରୁତ ଦ୍ରୁତ ଗତି ପଥରେ ଅଗ୍ରସର ହେଉଅଛି । ମୁଁ ମହାରାଷ୍ଟ୍ରରେ ଏହି ସବୁ ବସି ବସି ଦେଖୁଛି ଏବଂ ମନେମନେ ଭାବୁଛି—ହାୟ, ଆମ ଦେଶଟା (ଓଡ଼ିଶା) ହୋଇଛି କଣ ? ପାଠକ ! ଏହି କଥା ତୁମେ

Digitized by srujanika@gmail.com

ଭାବ । ଏହି ଦୁରବସ୍ଥା ଘୁଞ୍ଚାଅ । ଆଉ କେତେ ଦିନ ଅମ୍ଭେମାନେ ଦୁର୍ବଳ, ହୀନ ହୋଇ ରହିବା ? ପୃଥିବୀ ମଧ୍ୟରେ ଭାରତ ପଛରେ ପଡ଼ିଛି । ଭାରତରେ ଓଡ଼ିଶା ସମସ୍ତଙ୍କ ପଛ । ଏ ଦୁରବସ୍ଥା କଣ ଦୂରବସ୍ଥା ନୁହେଁ । ମୁଁ କାରଣ ଦର୍ଶିବା ପାଇଁ ଏକଥା ଲେଖିଲି ନାହିଁ । ଧୈର୍ଯ୍ୟ ଧର, ପରିଶ୍ରମ କର, ଉନ୍ନତି ପଥରେ ଅଧିକ ଅଗ୍ରସର ହେବା ପାଇଁ ଏହି କଥା ଲେଖିଲି ।

ଯଦି ଜାପାନରୁ ଅମ୍ଭମାନଙ୍କ ଏହି ଶାରୀରିକ ଶିକ୍ଷା ବିଷୟରେ କିଛି ଶିଖିବାର ଥାଏ, ତାହାହେଲେ ମୋର ମତରେ ଅମ୍ଭମାନଙ୍କର ଯୁବକମାନେ ଏହି "ଜୁଜୁତ୍ସୁ" ଖେଳ ଶିକ୍ଷା କରନ୍ତୁ । ଏହା ଏପରି ଖେଳ ଯେ, ଏହାର ଅଭ୍ୟାସୀ ଦେହକୁ ସ୍ୱାସ୍ଥ୍ୟ ପ୍ରଦାନ କରିବ ଓ ଶତ୍ରୁ ହସ୍ତରୁ ଆପଣାକୁ ନାନା କଳ କୌଶଳ ଦ୍ୱାରା ରକ୍ଷା କରିବ । ଏହା ଉଭୟ ପୁରୁଷ ଓ ସ୍ତ୍ରୀର ଶରୀର ପକ୍ଷରେ ଉପଯୋଗୀ । ସମ୍ପ୍ରଦାୟ ବ୍ୟାୟାମ ଶିକ୍ଷା କରିବାକୁ ଅମ୍ଭମାନଙ୍କୁ ପୂର୍ଣ୍ଣ ସ୍ୱତନ୍ତ୍ରବର୍ଷ ଲାଗିବ । ଏଥିରେ ଚଞ୍ଚଳ ହେଲେ ଚଳିବ ନାହିଁ, ସ୍ଥିର ହୋଇ ଅଳ୍ପେ ଅଳ୍ପେ ଶିକ୍ଷା କରିବାକୁ ହେବ । "ଜୁଜୁତ୍ସୁ" ବିଦ୍ୟା କଠିନ ଓ ତରତରରେ ସବୁ ବ୍ୟାୟାମ ଆରମ୍ଭ କଲେ ବିପଦ ଅଛି, ସୁତରାଂ ସାବଧାନ ଓ ସହିଷ୍ଣୁ ହୋଇ ଏହା ଶିଖିବାକୁ ହେବ । ଜାପାନୀମାନଙ୍କଠାରୁ ଆଜି ଅଧିକ ଚତୁର ଜାତି ପୃଥିବୀରେ ନାହିଁ । ଜୁଜୁତ୍ସୁ ଖେଳ ଶିଖିବାକୁ ସର୍ବପ୍ରଥମ ହାତର ଆଙ୍ଗୁଳି ସବୁ ଯୋଡ଼ି ଦେଇ ଖୁବ୍ ଖାଁଚ ବା ଦେହ ଶକ୍ତ କରି ଦେଇ ହାତ କଡ଼କୁ ଟେବୁଲ ବା ଦେହ କିମ୍ବା ଅନ୍ୟ କୌଣସି କଠିନ ଭୂମି ଉପରେ ଅଳ୍ପ ଅଳ୍ପେ ଆଘାତ କରି କରିକୁ ଶକ୍ତ କରିବାକୁ ହୁଏ । ଏହି ଅଭ୍ୟାସ ଅଳ୍ପ ଅଳ୍ପ କରି ୬ । ୭ ମାସ କରିବା ଦରକାର । ତରତର ହେଲେ ଚଳିବ ନାହିଁ । ଏହା ସଙ୍ଗେ ସଙ୍ଗେ Brenthing. ଛତା ହୋଇ ଡିଷ୍ଟେଲ ହାତ ରଖି ନିଃଶ୍ୱାସ ପ୍ରଶ୍ୱାସ ଖୁବ୍ ଜୋରରେ ନିଅନ୍ତି । କେବଳ ଜୁଜୁତ୍ସୁ ଛଡ଼ା ଜାପାନରେ ପହିଲମାନ ମଧ୍ୟ ଶିଖନ୍ତି । ଆପଣମାନେ ଆଶ୍ଚର୍ଯ୍ୟାନ୍ୱିତ ହେବେ ଯେ ଜାପାନରେ ୨ । ୩ ବର୍ଷର ଶିଶୁମାନେ ସେହି ବୟସରୁ ପହିଲମାନ ଶିଖିବାକୁ ଆରମ୍ଭ କରନ୍ତି । କିନ୍ତୁ ଆଜି ଜାପାନରେ ପହିଲମାନ ସେପରି ଅଦ୍ଭୁତ ହେଉ ନାହିଁ । କାରଣ "ଜୁଜୁତ୍ସୁ"ର ଉପକାରିତା ଅଧିକ, ଏହା ସେମାନେ ବୁଝି ପାରିଛନ୍ତି ।

ଜାପାନୀମାନେ ଯେ ଏତେ ବଳିଷ୍ଠ, ଏହାର କାରଣ କେହି କେହି ଭାବୁଥିବେ ଯେ ସେମାନେ ଖୁବ୍ ଘିଅ, ଦୁଧ, ମାଛ, ମାଂସ ଖାଉଥିବେ ! କିନ୍ତୁ ଏହା ଭାବିବା ଏକାବେଳକେ ଭୁଲ । ସେମାନେ ସାଧାରଣତଃ ମାଂସ ଖାଆନ୍ତି ନାହିଁ । ସେମାନେ ଭାତ, ପରିବା ମାଛରେହିଁ ସନ୍ତୁଷ୍ଟ । ମସଲା ମସଲିଆ ଖାଇ ସେମାନେ ଯାଆନ୍ତି ନାହିଁ । ଦୁଧ ଘିଅ ସେମାନେ ଏକପ୍ରକାର ଖାଆନ୍ତି ନାହିଁ କହିଲେ ଚଳେ । କେବେ କେବେ ଥରେ ଅଧେ ଖାଉଥିବେ ଅବା ।

—*—

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାଇଓନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସମାନ**— ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜିଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନୟାବସ୍ତି, ନାଗପୁର ।

ସ୍ୱା— ପ. ଏନ୍: ରାୟ ଚଉଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍— ମାସକୁ ଟ ୫୯ ଜମା ଦେଲେ ୪ର୍ଥ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୧୭୦ ଟଙ୍କା ପାଇବେ

Digitized by srujanika@gmail.com

**ମଜାକବିତା**

# ଭୋଟ ଲଢ଼ାଇ ।

**ଲେଖକ — କପିବର**

ଭଲ ଲାଗିଲାରେ—ଘନା ଭୋଟ ଲଢ଼ାଇ,
ତାହାବଲେ ଲଢ଼ୁଅଲେ କମର ଭିଡ଼ାଇ । (ପାଳି)
କିଏ ଖଦଡ ଟୋପି ପିନ୍ଧି,
ଡାକେ ଜୟ ଜୟ ଗାନ୍ଧି,
ଧାଇଁ ଧାଇଁ ତିନିରଙ୍ଗିଆ ପତାକା ଉଡ଼ାଇ ।
ବିପକ୍ଷେ ସେ ହୋଇବ ଛୁଡ଼ା
ଖାଇବ ସେ ଖାନ ମୋଡ଼ା
ଏକା ଝୁଣ୍ଟୁଡରେ ତାଙ୍କୁ ଦେବ ଢୁଙ୍କାଇ ।
ଅନ ବୋଲେ ହାମେ ଥାଉଁ
ଅଉ ବା କିଏ ଖାଇବ କାଉ
ଗଡ଼ଅର ଦଲ ଅମେ ନାହୁଁ କି ଛଡାଇ ।
ଅମର ଯେବେ ଉଡ଼ିବ ଭାଗ
କରବୁ ଅମେ ଅସହଯୋଗ
ଅହିଂସା ଅସ୍ତ୍ରରେ ସବୁ ଦେବୁଟି ପୋଡ଼ାଇ ।
ପୁଣି ଜଣେ ବୋଲେ ରାଗେ
ଅମର ବାବା ସବୁର ଆଗେ
ଅମ ଗାଁ ଲୋକେ ଥିଲେ ଗୁଲି ମାଡ଼ଖାଇ ।
ଦେଶରେ ଅମେ କାହୁଁକୁ ନାଁ
ଘୁରି ଯାଉଛୁ ଗାଁ କୁ ଗାଁ
ଅମକୁ କିଏ ରଖିବ ତାଙ୍କି କଡବା ଘୋଡ଼ାଇ ।
ଅଉର ଜଣେ ବୋଲେ ଅସି
ଅମର ଦାବୀ ଗଲା କି ଭସି
ହରିଜନ ଫଣ୍ଡ ଅମେ ନାହୁଁ କି ଗଢ଼ାଇ ।
ବିପକ୍ଷେ ଯେ ହୋଇବ ଠିଆ
ତା' ଘାଡରେ ମାରଣି ଉଆଁ
ଏକାଥରେ ଚିତ୍‌ପଟାଂ ଦେବୁଟି ଗଡ଼ାଇ ।
ଅନ ବୋଲେ ଭଲ ଏତ
ଅମର ଅଟେ ଦଖଲ ସତ୍ତ୍ୱ
ଅଉ କାହାର ଅଛି ସାଧ୍ୟ ପାରିବ ଛଡ଼ାଇ ।
ଅମ ନାଁରେ କହିଲେ କଥା
ରଖିବୁ ନାହିଁ ତାହାର ମଥା
ଏକ ମୁଥା ମାରି ଦେବୁ ଦାନ୍ତକୁ ଝଡ଼ାଇ ।
ଅନ କହେ ଜାଣିଛ ଭଲ
ଅମୁକ ନେତାର ଅଟେ ଚେଲା
ହିମତ୍ ଅଛି ଅମର ଦାବୀ ଦେବିଟି ଉଡ଼ାଇ ।
ନରହିଛ ଅମକୁ କିଏ
ଠେଙ୍କି ଗୁଲିରୁ ଟେଙ୍କା ଯାଏ
କାହାରିକୁ କେଅାର ଅମେ କରୁଛେ ଥୋଡ଼ାଇ ।
କିଏ ବୋଲେ ଅମର ନେତା
କରିଛୁଁ ମୌରସି ପଟ୍ଟା
ଅମୁକ ନେତାର ପଛେ ପଛେ ଗୋଡ଼ାଇ ଗୋଡ଼ାଇ ।
ଅମ ସାଙ୍ଗରେ ଲାଗିବ ଯିଏ
ତାହାର ମୁଣ୍ଡ ରଖିବ କିଏ
ଚନ୍ଦା କରି ଦେବୁଁ ଥୋପି ଚଢ଼ାଇ ଚଢ଼ାଇ ।
କେହୁ ବୋଲେ ସବ୍‌ସେ ବଡ଼ା
ଅମର ଦାବୀ ନୁହଇ ଥୋଡ଼ା
ଜେଲ ଖାନାରେ ଖାଇଛୁଁ ଖାନା ବରଷ ଅଢ଼ାଇ ।
ଅମେ ଯୋଗ୍ୟ ନୋହୁଁ ବୋଲି
କହିବ କିଏ ଥୋମଣି ଖୋଲି
ଯେ କହିବ ତାହାର କାନ ଦେବୁଟି ମୋଡ଼ାଇ ।
ଅନ ବୋଲେ ଜାଣିଛ ବନ୍ଧା
ଭେଟି ଥଳାରେ ଦେଇଛି ଗୁନ୍ଧା
କେଉଁ ନ୍ୟାୟରେ ହାମର ନାମ ଦେବଯେ ଏଡାଇ ।
ଯେବେ ତୁମେ ନଥାଅ ଜାଣି
ଦେଖ ଖବର କାଗଜ ଅଣି
ଆପେ ହାମେ କରୁବୁ ନାହିଁ ଅପଣ ବଡ଼ାଇ ।
ଡ଼ାରେ ଡ଼ାରେ ଧରି ପାଳି
ଗାଅରେ ଦେଇ କରତାଳି
ଧେଇ ଧେଇ ନାଚ ବଜା ନଡ଼ିଆ ସଢ଼ାଇ ।

Digitized by srujanika@gmail.com




# କବି ଜୀ

ଲେଖକ—ଶ୍ରୀ କି: ମ:

ଭାରତରେ କବିଙ୍କର ଅଭାବ ନାହିଁ । ଏ ପାଞ୍ଚ ପଚାଶରେ କବିଙ୍କର ସଂଖ୍ୟା କାହିଁକି ବଢ଼ିଗଲା ତାର କାରଣ ମୁଁ ଠିକ୍ କହି ପାରୁନାହିଁ । ତେବେ ଅଦମ ସୁମାରୀ (ଜନ ଗଣନା)ରୁ ଜଣାଯାଏ ଯେ ଏ ଦେଶରେ ଶିକ୍ଷିତ ନିଷ୍କର୍ମାଙ୍କ ସଂଖ୍ୟା ବଢ଼ିବା ଦିନରୁ କବି ଭଳିଆ ଏକ ଅଦ୍ଭୁତ ଜନ୍ତୁଙ୍କ ସଂଖ୍ୟା ସଙ୍ଗେ ସଙ୍ଗେ ବଢ଼ି ଚାଲିଛି । ପୁରୁଣା କଥାଟା ଏଇ ବିଂଶ ଶତାବ୍ଦୀର ସତ୍ୟ ହୋଇ ରହିଛି କେବଳ ଏଇ ଭାରତରେ ଯେ ଲକ୍ଷ୍ମୀ ସରସ୍ୱତୀଙ୍କର ବିବାଦ । କିନ୍ତୁ ଲକ୍ଷ୍ମୀ ନଥିଲେ ସରସ୍ୱତୀ ଆସନ୍ତି କି ସରସ୍ୱତୀ ଆସିଲେ ଲକ୍ଷ୍ମୀ ଆସନ୍ତି ଅର୍ଥାତ୍ ଟଙ୍କା ପଇସା ନ ମିଳିଲେ କବି ହୁଅନ୍ତି କି କବି ହେଲେ ଟଙ୍କା ପଇସା ମିଳେନାହିଁ ଏ ବିଷୟରେ ଏବେ ବି ଗବେଷକମାନଙ୍କୁ ବଡ଼ ଅଚିନ୍ତିତ କରିଛି ।

ଆମ ଅକୁଳି କବି, ଏଇ କବି ନାମକ ଜୀବ ଜଗତରେ ଗୋଟିଏ ନିଖୁଣ୍ଟ ନମୁନା । ରୋଗା ରୋଗା ଦେହ । କୁଞ୍ଚି କୁଞ୍ଚି ବାଳ । ବେକଟି ବଗ ବେକ ପରି ଲମ୍ବା । ନାକଟା ଜାଗ ପତ୍ରିକା ଦାହରେ ଫୋଡ଼ି ହୋଇଯିବ ବୋଲି ଡରିବାର କଥା । ଟଳ ଟଳ ଆଖି । ଆଖି ଉପରେ ଓ ଗାଲ କୋଠରଗତ । ମୋଟ ଉପରେ ଅକୁଳି ଗୋଟିଏ ଗୃହପାଳିତ ନୁହେଁ, ବେଙ୍କୁଳ ପ୍ରାଣୀ ଯାହାର କି ଚାରିଗୋଡ଼ ଓ ଗୋଟିଏ ଲାଙ୍ଗୁଳ ନାହିଁ ।

କବି ଅକୁଳିଙ୍କୁ ମୁଁ ଜାଣେ । ପିଲାଦିନର ସାଙ୍ଗ । ଇସ୍କୁଲରୁ ପଢ଼ିବା ଦିନରୁ ତାକୁ କବି ରୋଗ ଧରିଥିଲା । ଏ ରୋଗଟା ଏକପ୍ରକାର ଶୁଖିବାର ରୋଗ । ଏ ରୋଗ ଧରିଲେ ରୋଗୀର ଗୋଟାଏ ଗୋଟାଏ ଛିଡ଼ା ଭାବ ହୁଏ । ଲୋକଙ୍କ ସାଙ୍ଗରେ ମିଳାମିଶା କରିବାକୁ ବିରକ୍ତ ଲାଗେ । ଅକୁଳିର ବି ସେଇ ଦଶା ଲକ୍ଷ କଲି । କିନ୍ତୁ ତାର ପ୍ରଥମ କବିତା ବାହାରିଥିଲା 'ଏକଦେଶୀୟ ସ୍ୱାଗତ ଅଭି-ନନ୍ଦନରେ, ନୁହେଁ । ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସୁନ୍ଦରୀ କନ୍ୟା ମିସ୍ ସୁନ୍ଦରମ୍‌ଙ୍କୁ ଦେଖି । ତା'ପରେ ସ୍କୁଲ ଛାଡ଼ି ଅନେକ ଦିନ ତା ସାଙ୍ଗରେ ଦେଖା ହୁଏନାହିଁ । ମିସ୍ ସୁନ୍ଦରମ୍‌ଙ୍କ ବାପା ବି ଅନ୍ୟ ଜିଲ୍ଲାକୁ ବଦଳି ହୋଇଗଲେ । କବିର ଦଶମ ଦଶା ଦେଖିବାର ଅବକାଶ ନ ଥିଲା ।

ଦିନେ ହଠାତ୍ ସହରର ଗଳି ଗଳି ଭିତରେ ଗୋଟିଏ ମଇଳା ଜୀର୍ଣ୍ଣଶୀର୍ଣ୍ଣ ଗୃହ ଭିତରେ ଝରକା ବନ୍ଦ କରି ବସିଛନ୍ତି ଦେଖିଲି ଆମ ଅକୁଳି କବି । ଗଣ୍ଠିଏ ବହି ସଜାଡ଼ି ଭଣଭଣ । ଫଟୋଟିଏ ଟାଙ୍ଗିଛି । ଆଉ ଗୋଟେ ରବିଠାକୁରଙ୍କ ଛବି । ସେଇ ଜନସଙ୍ଗ ବର୍ଜିତ ସୌନ୍ଦର୍ଯ୍ୟର ବସ୍ତୁ । ବାକି ସବୁ ଉଣ କଣ । ବହି ଖାତା ପତ୍ର ସବୁ । ଏଇ ପଙ୍କ ଗଡ଼ିଆ ଭିତରୁ କବିତା ପଦ୍ମ ବାହାରେ କେମିତିରେ ? ମୁଁ ତାକୁ ପ୍ରଶ୍ନ କଲି—କବି ତାର ଉତ୍ତର ଦେଲା ଆଉ ଗୋଟିଏ ହସ ଲଗାଇ । ମୋର ବି ସେତେବେଳେ ହୁଏ ଇଚ୍ଛା ହେଲା—କେମିତି କବି ହୁଅନ୍ତି । ଅକୁଳିକି ମାଗିଲି, ଭାଇ ଚେଷ୍ଟାଏ କରି ଦେଖେଁ । କଡ଼ ଟାଣିଲି । ଚୁଟ୍ ଟାଣିଲି । ଗୋଟେ, ଦି'ଟା ଛନ୍ଦଟା—କିନ୍ତୁ କବିତା ଆଉ ଆସେ ନାହିଁ । ସେଦିନ ଘରକୁ ଯାଇ ପାଞ୍ଚ ଗଣ୍ଡଭଚ ବୋଲି ଗଡ଼ମୁଣ୍ଡା ଖାଇବାକୁ ହେଲା । ତାପରେ ଆଉ କବିଙ୍କ ପାଖକୁ ଯିବାକୁ ସୁବିଧା ହେଉନାହିଁ ।

କେତେ ବର୍ଷ ଗଡ଼ିଗଲା । ନଈ କୂଳରେ ଦିନେ କବିଙ୍କର ଅବସ୍ଥାରୁ ଭେଟ ହେଲା । ତାଳ ପରି ଫୁଲି ଉଠିଛି । ଗାଲ ସାଙ୍ଗକୁ ଆଖି ବି ପଶି ଯାଇଛି । ପାଞ୍ଚଟା ଜନମି ଚଉଡ଼ା ହୋଇଗଲା ପରି ଲାଗୁଛି । କବି ମୋତେ ଦେଖି ଲାଜେଇ ପଡ଼ିଲା । ମୁଁ ପଚାରିଲି—

"କିରେ କେମିତି ଅଛୁ ?"

"ଆରେ ଭାଇ କହନା ସେକଥା । କହି ହେଉନି ନା ସହି ହେଉଚି ।"

"ତୁ ବାହା ହେଲୁଣି ?"

"ଆରେ ସେଇ ତ ପଞ୍ଚ ଶନି । ମୋତେ କନିଆ ପସନ୍ଦ ହୁଇ ନାହିଁ । ଘୋଡ଼ଟେ କନିଆ ବାନ୍ଧିଦେଲେ ।"

"ତୋର କନିଆ ପସନ୍ଦ ହେଉନାହିଁ ନା କନିଆ ତୋତେ ପସନ୍ଦ କରୁନାହିଁ ରେ ?"

"ତୋତେ କିଏ କହିଲା ସେକଥା ?"

"ଆରେ ତୋ ଭଳି କବିଙ୍କ ଦେହ ବାହା ହୁଏ । ବୁଢ଼ାଟିଏ ହେଲୁ ବୁଝିପାରିଲୁ ନାହିଁ । ଅଜବାଇବା ଲୋକଟିଏ କି'ଣ କବିତା ପଢ଼ି ବାହା ହୁଅନ୍ତି ?"

"ଏଁ—କବିତା ପଢ଼ି ବାହା ହୁଅନ୍ତି ନାହିଁ । ତୁ କ'ଣ କହୁଛୁ ! ମୁଁ ତ ଆଜିଯାଏ ସେଇଥିପାଇଁ ପ୍ରେମ କବିତାର ଗଦା ମାରି ବସିଛି ।"

"ବୋକାଶୁନ୍ଦ କବିତା ଛାଡ଼ି ଏଥର ମା ଲକ୍ଷ୍ମୀଙ୍କ ଆଶ୍ରୟ କର । କମରରେ ପଇସା ଓ ହାତକୁ ଦି'ଟା ଧରା ଦରକାର । ଲୋକଏ

Digitized by srujanika@gmail.com

ପଇସାକୁ ଭଜନ୍ତି ଓ ମରଦର ମରଦ ପଣକୁ ଭଜନ୍ତି । ନୂଆ କଥା ଟେ କ'ଣ ହେଲା ରେ ?"

"ତୁ କ'ଣ କହୁଛୁ । ଦୁନିଆରୁ କଣ ହୃଦୟବତ୍ତା ହଜିଗଲା ?"

"ଅରେ ଖାଲି ସେଇ ହୃଦୟ ହୃଦୟ । ହୃଦୟକୁ କେହି ଦେଖିଛି କେଉଁଠି ?"

"ଓ ହୃଦୟ [illegible] ହୃଦୟ ଯଦି ନାହିଁ ତ ଭଗବାନ ବି ନାହିଁ ।"

"ଅରେ ଯାଃ, ଭଗବାନ କେହି କେଉଁଠି ଦେଖିଛନ୍ତି ? ତଥାପି ଦୁନିଆ ଚାଲିଛି । ସେମିତି ହୃଦୟ ନଥାଇ ବି ଚାଲିପାରେ ହେଉ-ଯାଉଛି । ହାତରେ କିଛି ପଇସା କର । ଖାଇ ପିଇ ସାଙ୍ଗମାନଙ୍କରେ ଫୁର୍ତ୍ତି ମାରି ଯିବାର ଯେଉଁ ଦୋକାନ ବାହାରେ ତାକୁ ଆଖି ବୁଜିଦେ କରି ଟଙ୍କା ଗୁଣି ଦେଖିବୁ । ସେମିତି ଲୋକ ବାହା ନ ହେବେ । ଅବୁଝା ପଢିଲେ ଅବୁଝା ପଢିବେ ।"

"କ'ଣ ଭଲ ପାଇବା ଗୋଟାଏ ଅଳିକ ସ୍ୱପ୍ନ ?"

"ଯୁକ୍ତି ସେ ଗୁଣବାଚକ ଶବ୍ଦ ଗୁଡ଼ାକ ଉଚ୍ଚାରଣ କରୁଛୁ । ଏସବୁ ନଷ୍ଟହେଲାପରେ କଣ ତୋତେ ମିଳିବ ନାହିଁ ।"

"ଅଚ୍ଛା ଯଦି ଜଣେ କବିଣୀ ହୋଇଥାଏ ।"

"ଅରେ ବାବା, କବି କବି ଓ ବାହାହେଲେ ସଂସାର ଚଳେ ନାହିଁ । ବସ୍ତୁବାଦ ଦୁନିଆ । ଏଠି ଘର ଦୁଆର ବାନ୍ଧିଲେ ଯାଇ ମଣିଷ ରହିପାରେ ନଇଲେ ନାହିଁ ।"

କବି ସେଦିନ ମୋଠାରୁ ହତାଶ ହୋଇ ଫେରିଗଲେ । କବିଙ୍କର ଖବର ରଖିବାକୁ ମୋର ଟିକିଏ କୌତୂହଳ ହେଉଥାଏ । ଶୁଣିଲି କବି କୌଣସି ପତ୍ରିକାରୁ ଗୋଟିଏ କବୟିତ୍ରୀଙ୍କର ସନ୍ଧାନ ପାଇ-ଛନ୍ତି । କିନ୍ତୁ ଚିହ୍ନା ଜଣା ତ ନାହିଁ କେମିତି ତା ପାଖକୁ ଯିବେ । ଆରେ ତାଙ୍କ କବିତାକୁ ପ୍ରଶଂସା କରି ଖଣ୍ଡେ ଚିଠି ଲେଖିଲେ । ଆପଣ ଏ ଦେଶର ସେକ୍ସପିଅର, ମିଲ୍‌ଟନ୍ ସଦୃଶ । ଆପଣଙ୍କ ଦ୍ୱାରା ଉତ୍କଳ ସାହିତ୍ୟ ଭଣ୍ଡାର ଦେଶର କଣ୍ଠ ମଣିମୁକ୍ତାରେ ଭରିଯିବ ଇତ୍ୟାଦି ଇତ୍ୟାଦି । ତାର ଛୋଟ ଉତ୍ତରଟିଏ ଆସିଲା—'ଧନ୍ୟବାଦ ।'

କିନ୍ତୁ ଏଥର ସେଦିନ ଆଉ କବୟିତ୍ରୀଙ୍କ ପାଖକୁ ଯିବାର ସାହସ କବିଙ୍କର ହେଉ ନଥାଏ । ଦିନକରେ ସୁଭାଷ ସାଙ୍ଗରେ କବିଙ୍କର ଭେଟହେଲା । ସୁଭାଷ ବି ଆମ [illegible] ସାଙ୍ଗ ଥିଲା । କଲେଜର ପିଲା । ଯଇସାର ପରିବାକୁ ନାହିଁ । [illegible]ବାକୁ କ ଘାଜିଅନ । କବି ଦୁଏତ ଶୁଣିଲେ ଏଭଳି ପ୍ରତିଭାଜ ପିଲାମାନଙ୍କର ସାହସ ବେଶୀ । ତାଙ୍କର ଅଗମ୍ୟ କୌଣସି ସ୍ଥାନ ନାହିଁ । ଅଗତ୍ୟା କବି ତାର ଆଶ୍ରୟ ନେଇ କହିଲେ—"ଭାଇରେ ସୁଭାଷ, ମୋତେ ଟିକିଏ ସେଠିକି ନେଇଯାନ୍ତୁ ନାହିଁ ।"

ସୁଭାଷ ଆଶ୍ଚର୍ଯ୍ୟ ହୋଇ ପଚାରିଲା—"କେଉଁଠିକିରେ ?"

"ଅରେ ସେଇ କୁମାରୀ ରହମାଳୀ ଦେବୀଙ୍କ ପାଖକୁ ମ ।"

"ମୁଁ ତ ନିଜେ ତାକୁ ଚିହ୍ନେନାହିଁ ।"

"ଚିହ୍ନିବାର ଦରକାର କ'ଣ ? ତୋ ଭଳି ପିଲା ଅସମ୍ଭବ ସମ୍ଭବ କରି ପାରନ୍ତି ।"

ଧ୍ରୁବତାରା ଯେଉଁମାନଙ୍କ କୌଣସି ଲୋକାକୁ ଖାଦରେ ପକା-ଇବା ପାଇଁ ପନ୍ଦର ମିନିଟ ଲାଗେ ପୁଣି ଖାଇଲା କରି ଛଡେଇବାକୁ ମିନିଟିଏ ବି ଲାଗେନାହିଁ, ତଥାପି ଅଧ୍ୟାପକମାନେ ତାଙ୍କର ପଛରେ ଗୋଡ଼ାନ୍ତି, ସୁଭାଷ ଆମର ସେଇ ଧରଣର ପିଲାଟିଏ । ସେ ଏକେ ଶୁଦ୍ଧଧାଡ଼ା ·କହିଲା ଯେ । କବିଙ୍କ ଜବାବ ହେଲା—ମୁଁ ଆଗ ଚେଷ୍ଟା କରି ଦେଖେଁ । ତାପରେ ଚିହ୍ନାଜଣା ହୋଇଗଲେ ତୋତେ ନେଇଯିବି ।"

ସୁଭାଷ ଦିନେ ହଠାତ୍ କଲେଜ୍‌ର ଛୁଟିରେ ବଡ଼ ଉତ୍ସବରେ କବୟିତ୍ରୀଙ୍କ ପାଖରେ ହାଜର ହେଲା । ଆରମ୍ଭ କଲା—"ଆପଣ ଇମିତି ଏକା ଏକା ବାହାରକୁ ବାହାରନ୍ତି ନାହିଁ । ସେଦିନ ଆପଣ ବୁଲୁଥିଲାବେଳେ ଦୁଇ ତିନିଜଣ ବଜାରୀ ଟୋକା ଆପଣଙ୍କୁ ଦେଖି ହସିଲେ । ମୁଁ ପଛରେ ଥିଲି । ଦୋ ଦୋ ଲଗେଇ ଦେଲି ଗୁପୁଡ଼ା । ଆପଣ ଦେଖି ନାହାନ୍ତି ।

ତାପରଠୁଁ କୁମାରୀ ରହମାଳୀ ଆଉ ଏକା ବାହାରନ୍ତି ନାହିଁ । ସାଙ୍ଗରେ ଥାନ୍ତି ପ୍ରାୟ ସୁଭାଷ । କବି ଥରେ ଦେଖିଲେ, ଦୁ'ଥର ଦେଖିଲେ । କିନ୍ତୁ ସୁଭାଷର ଆଉ କବିଙ୍କ ଘରେ ଭେଟ ମିଳେନାହିଁ ।

ସୁଭାଷ ଇତି ମଧ୍ୟରେ ପୁରୁଣାକୁ ଛାଡ଼ି ନୂଆ ଫୁଲପାଖକୁ ଗଲେଣି । ଦିନେ କବିଙ୍କର ଭେଟ ହେଲା—କବି ପଚାରିଲେ—"କିରେ ସୁଭାଷ, ତୁ ଏଡିକି ଠକ ।"

ସୁଭାଷ ନ ଜାଣିଲା ପରି କହିଲା—"କେମିତି ।"

"ତୁ ଅପେ ଅପେ ସବୁ ଖାଇଲୁ, ମୋତେ ଅଇଣ୍ଠା କଣ୍ଟା ବି ମିଳିଲା ନାହିଁ ।"

"ଓ କେଉଁଥିରେ ?"

"ଅରେ ରହମାଳୀ ମ ।"

"ଓ ହଁ, ହଁ, ମନେ ପଡ଼ିଲା । ଅଚ୍ଛା ଆ ମୋ ସାଙ୍ଗରେ ।"

ସୁଭାଷ ଓ କବି ଦୁହେଁ ଗଲେ ହାତ ଧରାଧରି ହୋଇ । ରହମାଳୀ ସୁଭାଷକୁ ଦେଖି କହିଲେ—"ଆପଣ ଏତେ ଦିନ କୁଆଡ଼େ ?"

କବିଙ୍କ ହୃଦ ଖାଲି କୁହୁଳି ଉଠୁଥାଏ । କବିଙ୍କୁ ନମସ୍କାରଟାଏ ବି ନାହିଁ । କଥା ପଚାରିବା ଦୂରର କଥା ।

ଶେଷରେ କବି ନିଜେ ହାତ ଟେକି ଆରମ୍ଭ କଲେ, 'ନମସ୍କାର !'

କବୟିତ୍ରୀଙ୍କ ହାତଟା ବି ଉଠିଗଲା ।

କବି ଅପ୍ରସ୍ତୁତ ହସଟାଏ ହସିଦେଲେ—ହେଁ ହେଁ—

ସୁଭାଷ କହିଲା—"ଏ ଆମର କବି ଅଭୟାନନ୍ଦ ।"

କବି—ହେଁ—ହେଁ—ହୁଁ…

ରହମାଳୀ—ଓ କବି ? ବସନ୍ତୁ ବସନ୍ତୁ । ଆପଣଙ୍କୁ ତ ଚେୟାର ଭଲ ଲାଗିବ ନାହିଁ । ଆଉ ଚେୟାର ବି ତ ନାହିଁ, କମା ଦୁଇଟା । ସେଇ ଟୁଲ ଉପରେ ବସନ୍ତୁ । ଆପଣ ତ କବି ବାହାର ଉପରେ ଘଟିବେ ନାହିଁ । ସେଇଠି ବସିପଡ଼ନ୍ତୁ । କବିଙ୍କ ପକ୍ଷରେ ମାଟି ତ ସ୍ୱର୍ଣ୍ଣ ସିଂହାସନ ।

"ହେଁ ହେଁ ଠିକ୍ କହୁଛନ୍ତି ।" କବି ଟୁଲରେ ବସିଲେ ।

ସୁଭାଷ ଓ ରହମାଳୀଙ୍କର ବିଶ୍ରମ୍ଭାଳାପ ଚାଲିଲା । କବି କେବଳ ହାତରେ ହାତ ଘଷୁଥାନ୍ତି । ଆଉ ରହମାଳୀର କଥାରେ ମୁଣ୍ଡ ହଲେଇ

Digitized by srujanika@gmail.com

କହୁଥାନ୍ତି—"ହେଁ ହେଁ—ଠିକ୍ କହୁଛନ୍ତି—ଯଥାର୍ଥ ।"

ରତ୍ନମାଳୀ ପଚାରିଲା,"ସୁଭାଷବାବୁ ବାହା ହଉଚନ୍ତି କେବେ ?"

ସୁଭାଷ—ତମେ ଯେବେ କହିବ ।

ରତ୍ନମାଳୀ—ଇସ୍ ମିଛକଥା, ତମେ ତ ସୌଦାମିନୀକୁ ବାହା ହେବ ବୋଲି ସବୁଠିଯାକ ଚହଳ ପଡ଼ିଛି ।

କବି କଲବଲକୁ ଚାହିଁଲେ ସୁଭାଷ ମୁହଁକୁ । ବାସ୍ତବିକ ସୁଭାଷ କେଡ଼େ ସୁନ୍ଦର । ତାପରେ ନିଜ ଦେହକୁ ଚାହିଁ ଟିକିଏ ଅଣ୍ଟି ଭୁଜ ପକାଇଲେ ।

ରତ୍ନମାଳୀ କହିଲା—"ଆପଣ ଭୁଲିଯାଉଛନ୍ତି କି ?"

କବି—ନା—ନା—ମାନେ—

ରତ୍ନ—ଓ, ଭାବାବେଶ ।

କବି—ଅନେକଟା ସେଇଆ ।

ରତ୍ନମାଳୀ ଓ ସୁଭାଷ ହୋ ହୋ ହୋଇ ହସି ଉଠିଲେ । କବି ଲଜ୍ଜାରେ ଲାଲ ପଡ଼ିଗଲେ । ମୁହଁଟା ଖାଲି ଲାଲ୍ ଲାଲ୍ ହେଉଥାଏ ।

ସୁଭାଷର ଏଥର ଟିକିଏ ଦୟା ହେଲା । କହିଲା—"କବି ଅମର ଗୋଟିଏ ନାୟିକା ଖୋଜୁଛନ୍ତି । ନାୟିକା ବିନା କବିଙ୍କର ରସ ଶୁଖି ଯାଉଛି ।"

ରତ୍ନ—ନାୟିକା କ'ଣ ବଜାରରେ ଅଭାବ ।

ସେଇଠୁ କବି ଉତ୍ସାହ ପାଇଲେ କହିଲେ—ମୁଁ ଟିକିଏ—ମାନେ international marriage ଭଳି ମାନେ ବ୍ୟଷ୍ଟି ମୂଳକ ବୌଦ୍ଧିକ ଓ ମତଗତ ବିବାହ । ଯାହା ସାଙ୍ଗରେ ମାନେ ଭାବର ଆଦାନ ପ୍ରଦାନ ହେଇ ପାରିବ ମାନେ—

ରତ୍ନମାଳୀ ହସିଲା । ସୁଭାଷ କହିଲା—"କବି ଆଉ କବଣୀ ଭିତରେ ବାହାଘର ହେଲେ ଖୁବ ଭଲ ହୁଅନ୍ତା । ଏକା ଜାତି ତ । ଜାତି ମାନେ କଣ ? ପେଷା ସେହି ଜାତି । ଏକା ପେଷା ଯେତେବେଳେ ଏକା ଜାତି ।"

କବି—ହେଁ—ହେଁ—ତା ନୁହେଁ କ'ଣ ? ମାନେ ଅମ୍ଭର ଗୋଟାଏ ମେଳ ଅଛି କ'ଣ ?

ସୁଭାଷ—ମୁଁ ପ୍ରସ୍ତାବ କରୁଥିଲି କି—

ରତ୍ନମାଳୀ ମୁହଁରୁ ଛଡ଼େଇ ନେଲା—"କରୁଥିଲେ କି କବିଙ୍କୁ ମୁଁ ବାହାହେବି ଭଲ ହୁଅନ୍ତା ।"

ସୁଭାଷ—ହଁ, ହଁ, କେମିତି ହୁଅନ୍ତା ?

ରତ୍ନମାଳୀ—ହାରମୋନିୟମକୁ ବାହା ହେଲେ ଯିମିତି ହୁଅନ୍ତା ।

ଦୁହେଁଯାକ ହୋ ହୋ ହେଇ ହସିଲେ । କବି ବି ତାଙ୍କ ସାଙ୍ଗରେ ହସି ଉଠିଲେ ।

ସୁଭାଷ କହିଲା—"କବି କ'ଣ ଦେବେ କି । ପଛରୁ ହାଓ୍ୱା ପେଲିଲେ କାମ କରେ ?

ରତ୍ନମାଳୀ କହିଲା—"ନା—ନା—ଏଡ଼େ କଥା ମୁଁ କହିବି କହିବ ? କବିଙ୍କର ସୁର କେଡ଼େ ମିଠା—ହାରମୋନିଅମର ସା ରି ଗା ମା ଭଳି । ମୁଁ ତାଙ୍କୁ କ'ଣ କହିବ ?

ସେଦିନ ଫେରି କବିଙ୍କର କଳ୍ପନାର ରସ ଉଦ୍ଧୁର୍ଦ୍ଧ ଖୋଲିଗଲା । କବି ବସି ବସି ରାତି ରାତି କଳ୍ପନା କରିଗଲେ । କବଣୀ ଆସିବେ—ମାନ କରିବେ । ସେ କହିବେ—"ଶିରେଧ ଦେହି ପଦ ପଲ୍ଲବ ମୁଦାରମ୍ !"

ମାନ ଭାଙ୍ଗିବ । କବଣୀ କହିବେ—କବି, ତୁମେ ମୋର ରାଜା ।

କବି କହିବେ—କବଣୀ, ତୁମେ ମୋର ରାଣୀ ।

କବଣୀ କହିବେ—ତୁମେ ମୋର ଚନ୍ଦନ,

କବି କହିବେ—ମୁଁ ଅଟେ ପାଣି ।

ଏମିତି ରାତି ରାତି ପାହିଯିବ ।

ସତକୁ ସତ ସେଦିନ ରାତି ପାହିଗଲା ।

ତହିଁ ଆରଦିନ କବି ଏକୁଟିଆ ଏକୁଟିଆ ଛୁଟିଲେ ରତ୍ନମାଳୀଙ୍କ ଘରକୁ । ଦରୁଆନକୁ ପଚାରିଲେ—"ଦେବୀ ଅଛନ୍ତି ?" ଦରୁଆନ ଭିତରକୁ ଯାଇ ଫେରି ଆସି କହିଲା—"ଦେବୀ କହିଲେ ସେ ଘରେ ନାହାନ୍ତି ।"

କବି ମୁଣ୍ଡ କୁଣ୍ଡେଇ କୁଣ୍ଡେଇ ଫେରିଲେ ।

ମୁଁ ତ ଏ ସବୁ କଥା ଜାଣେ । ସେଇଦିନ କବିଙ୍କୁ ଚିଠି ଲେଖିଲି—"କବି କେତେଦୂର ଗଲା ?"

କବି ଲେଖିଲେ—"ଗ୍ରହ ଫେର ଦୁଃଖରେ ତ କବି ଜନ୍ମ ଜାନୁଆରୀ ଫେବ୍ରୁଆରୀ ହେଇ ରହିଥିଲା । ବାକୀ ଥିଲା ଲଗ୍ନଟା । ମନେ ହେଉଛି ଦୁଇଦିନ ଭିତରେ ପଡ଼ିଆସ୍ତା ମୋର ଦୁଇ ଲକ୍ଷ ହେବ କ'ଣଟାଏ ତାହାରିଛି । ଲୋକେ କହୁଛନ୍ତି ବଥ ବୋଲି । ମୁଁ କିନ୍ତୁ ବୁଝି ନାହିଁ ସାତ କଥାରେ । ମୁଁ ଠିକ୍ ଜାଣେ ସେ କ'ଣ !

—*—


ଅଟୋମାଟିକ୍ ପିସ୍ତଲ

(ଅମେରିକାନ ମଡ଼େଲ)



ଅବିକଳ ପିସ୍ତଲ ଭଳିଆ ଦେଖିବାକୁ ଶବ୍ଦମଧ୍ୟ ସେହିପରି, ଗୁଳି ଫାଏର କଲେ ସେଥିରୁ ଧୂଆଁ ଓ ନିଆଁ ବାହାରେ । ଚୋର ଡକାଏତ ଓ ହିଂସ୍ର ଜନ୍ତୁଙ୍କ କବଳରୁ ଆତ୍ମରକ୍ଷା କରିବାର ଏକମାତ୍ର ଅସ୍ତ୍ର । ଉପରୁ ଉପରି ୬ଟି ଗୁଳି ଫାଏର ହୁଏ । ଏ ପିସ୍ତଲ ରଖିବାର କୌଣସି ଲାଇସେନ୍ସ ଦରକାର ପଡ଼େ ନାହିଁ । ମୂଲ୍ୟ—୧୦ନଂ—ଟ୧୧୲, ୧୧ନଂ—୧୯୲, ୧୨ନଂ ଟ୭୲; ସ୍ପେଶିଆଲ ଟ୧୪୲ । ପ୍ୟାକିଂ ଓ ଡାକଖର୍ଚ୍ଚା ଟ ୧ । । ପ୍ରତ୍ୟେକ ପିସ୍ତଲ ସାଙ୍ଗରେ ୪ ପ୍ୟାକେଟ ଗୁଳି ବିନା ମୂଲ୍ୟରେ ଦିଆଯାଏ ।

A. C. STORES.

Post Box No. 12213, CALCUTTA, (D.5.)


Digitized by srujanika@gmail.com

# ଏକ ରାତ୍ରିର ସାକ୍ଷୀ

ଶ୍ରୀ ବିନୋଦଚନ୍ଦ୍ର ନାୟକ ଏମ୍, ଏ,

---

—୧—

ଶୀର୍ଣ୍ଣ ଚନ୍ଦ୍ରର ହରିତାଳ ରେଖା   ଆକାଶ ତ ଲିଭିଗଲଣି,
ସାଢେ ଏଗାରଟା କଲେଜ ଘଣ୍ଟା   ବାଜିଲଣି ପୁଣି ଶୁଣି ।
ସ୍ତବ୍ଧ କୋଳାହଳ ଯାତ୍ରୀର ଭିଡ଼   ଗଲଣି ଷ୍ଟେସନ ଛାଡ଼ି,
ପାତାଳ ପୁରୀର ଜଳାସାପ ସମ   ମାନ୍ଦ୍ରାଜ ଡାକ ଗାଡ଼ି;
ଶାନ୍ତ ନିଥର ଜନହୀନ ପଥ   ଶ୍ରାନ୍ତ ହେଲଣି ଆସି,
ଟେଲିଗ୍ରାଫ ପୋଲ୍ ତଳେ ଅଛି   ସମୀରଣରେ ଯାଏ ଭାସି;
ଆଜି ବି ଏ ପଥ ପାଶେ
ଡାକବାକ୍ସ ଛାୟା ଜୋଇଲା ନିଶାମାୟା   କଲେ ପ୍ରିୟ ପାଶେ ଧାଏ ।

—୨—

ତୁମେ ନାହିଁ ଆଜି, ଶୂନ୍ୟ ଭୁବନ ।   ବନ୍ଦ ସେ ବାତାୟନେ,
ଫାନି ଭ୍ରମର ନାଲି କାଚ ଚୁଡ଼ି—   ଝୁରୁ ଅନୁଭବି ମନେ,
ଅଛି ବି ଏ ପଥ ପାଶେ ଛୋଟ୍ଟ ଘର   ପ୍ରିୟ ତବ ପରବାସୀ,
ଭାବେ କାହିଁ ତାର ସେ ଦିନର ଧନ   ଯଉବନା ମଦାଳସୀ;
ଛାଇ ରଙ୍ଗ ମୁକ୍ତାପରସ୍ପରୀ   ଶାଢ଼ୀରେ ଅବୋଧ ତନୁ,
ଆସିଥିଲ ପାଖେ ଭୁଲ୍ ଦୂର ବାଧା   ଲଜ୍ଜା ଦ୍ୱିଧା ଭୁଲି ମନୁ,
ସ୍ଲାଭ୍ ଜବେ ଭାର ଜେଉଡ଼ା ଅଧର   ଟେନିସ୍ ପଢ଼ଆ ସାରି,
ନେଇ କମିର ଲାଜସ ଗତିରେ   ଚଢ଼ିଥିଲ ମନ୍ଦୁଥିଲ,
ପାଦର ଅଳତା ଲାଗି,
ପ୍ରତ ଧାସ ଶିରେ   ଅଶ୍ରୁସାରବାର   ଶଙ୍କା ଯେ ଥିଲା ଜାଗି ।

—୩—

ତୁମର ଦେଉଁ ପ୍ରିୟ ଓଠେ ତାର   ଲାଗିଥିଲ ପାନ ବୋଲ,
ଗାଲେ ଗାଲ୍ ଲଗି ସିହାଉଥିଲ   ମନାବଳି ଛାନ ଦୋଳ;
ଜବା କୁସୁମର ଢେଲା ବ୍ୟଥିତ   ପୃଷ୍ଠେ ଶିଥିଳ ବେଣୀ,
ଖସି ପଡୁଥିଲ ଅଲଙ୍କାରର   ଅଭିଶାପ ବ୍ୟଥା ଘେନି,

Digitized by srujanika@gmail.com

—୪—

ଆଜି କେଉଁ ସ୍ମୃତିର ମେହଫିଲ ମୋର    ଝଟବାଳ ପୁଲକରାଣୀ,
ସଜଣାରେ ଦେଖା ରୂପର ପସରା    ଟାଣିଥିବ ରୂପକ ଆଣି;
ଲେଟି ପଡ଼ିଥିବ ପଲ୍ୟଙ୍କ ଉପରେ    ମୁକୁଳା କଟୀରୁ ଶାଢ଼ୀ,
ଫିଟିଥିବ ନୀବୀ ଉତପ୍ତ ଦେହ    ସୌରଭ ସୂତା ବାନ୍ଧି;
ମେଘ ରଙ୍ଗର ସେମିଜ୍ ମୁକୁଳା    ପୁଲକ ସ୍ତନର ବାନ୍ଧ,
ମେଘ ଫାଙ୍କେ ଡାକୁଛି ମିଥୁନ    ଭ୍ରୂଭଙ୍ଗି ଅଣୀବ ଜବା !
ଓଠରେ ଥିବ ତାର ଆଜି ଲଢ଼ି ମଦ    ନୟନେ ମଦନ ନାଚ,
ଆଜି ଲାଗି ପ୍ରିୟା ସାଜିଥିବ ତାର    ବଙ୍ଗାଳୁଣୀର ଛାଁଚ ।
ଆଜି କେଉଁ ସ୍ମୃତି ବଧୂ,
ଆଜି କାର ଛାତି ଚାଟିବ ଚାଳିବ    ମୋର ଉଚ୍ଛିଷ୍ଟ ମଧୁ ।

—୫—

ଆଜି କାର ଲାଗି ଡାଲି ପଡ଼ିଛି ସଜି    କୋଟିଏ ଲଳିତ ହାସ,
ସ୍ମୃତିର ପ୍ରିୟ ଦେ ମାଗଇ ମାତ୍ର    ଏକଇ ଦୀର୍ଘଶ୍ୱାସ;
ଆଜିଲାଗି ତବ ଅଙ୍ଗୁ ବସନ    ମୁକୁଳା ପଛଟେକ ପଡ଼ୁ,
ଦୂର ବନ୍ଦରେ ଦାଅ ଖାଲି ଏକ    ବନ୍ଦ ନୟନ ଜଡ଼ୁ ।
ଭେରେପ୍ଟିନ ଦୀପ ନିଷ୍ପ୍ରଭ ହୁଏ    ମ୍ୟାନାସ-ପାଲିଟିଘ,
ନିକଟେ କଲେଜ ହଷ୍ଟେଲ ହୁଏ    ନିଦ୍ରା ଅଥିର ସ୍ଥିର,
ସ୍ଥଳପାଇଁ ଏକା ଅଟକି ଅଟକି    ଖୋଜି ବୁଲେ ପାପ ମନ,
ସ୍ୱାଗଲ କଥାଟି ମଥର ଖସେ    ପୁଣି ଅଜ ଅକାରଣ ।
ଯେତେଥର ଭାବେଁ ଏସବୁ ନେଇ    କହିବାକୁ ପରିହାର,
ସେତେ ମନେ ପଡ଼େ ପୁରୁଣା ପଥର    ଅସଭ୍ୟ ବ୍ୟବହାର;
ଏକଇ ପୁଷ୍ପ ସଙ୍ଗ,
ତବ ଉତ୍ସାହେଁ ରଙ୍ଗି ପଥିକ ହାତରେ    ପାଇଛି ରଙ୍ଗ ।


# ବ୍ୟାଙ୍କ ଅଫ୍ କାଲକାଟା ଲିମିଟେଡ

ଭାରତର ଏକ କ୍ରମ-ବର୍ଦ୍ଧିଷ୍ଣୁ ଜାତୀୟ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ

କାର୍ଯ୍ୟକାରୀ ପାଣ୍ଠି—ପ୍ରାୟ ଦେଢ଼କୋଟି ଟଙ୍କା    ଅଦାପ୍ରିକୃତ ଓ ସଞ୍ଚିତ ମୂଳଧନ—ପ୍ରାୟ ଅଠଲକ୍ଷ ଟଙ୍କା

ଭାରତର ମୁଖ୍ୟ ସ୍ଥାନ ଏବଂ ଓଡ଼ିଶାର ବଣିକ ସହର କଟକ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ପ୍ରଭୃତିରେ ଶାଖାମାନ ରହିଛି ।

**ହେଡ୍ ଅଫିସ**—ନଂ ୩ ମ୍ୟାଙ୍ଗୋଲେନ୍ କଲିକତା


Digitized by srujanika@gmail.com

# ଦାର୍ଜିଲିଂ ବ୍ୟାଙ୍କ ଲିମିଟେଡ

ହେଡ ଅଫିସ - ଭବାନୀପୁର, କଲିକତା

**ଓଡିଶାର ଶାଖା ଅଫିସମାନ:—**

କଟକ ମଙ୍ଗଳାବାଗ ଏବଂ ଚାନ୍ଦିନିଚୌକ, ଖୋର୍ଦ୍ଧା ରୋଡ, ଖୋର୍ଦ୍ଧା, ପୁରୀ,
ବରହମପୁର (ଗଞ୍ଜାମ)




**BANK'S OWN BUILDING AT CUTTACK.**

# DARJEELING BANK Ltd.

Head Office:— Bhowanipur, CALCUTTA.

**OSISSA BRANCHES:—**

Cuttack—Manglabag & Chandnichawk
Puri, Khurda Road, Khurda, Berhampur,
(Ganjam)

**OTHER BRANCHES:—**

**IN ALL IMPORTANT TRADE CENTRES.**

*Tele*—"Rainbow"—Cal.
*Phone*:—P. K. 2681

B. MUKHERJEE
*Mg. Director.*

Digitized by srujanika@gmail.com

# ଛାତ୍ରମାନଙ୍କ ପାଇଁ ଗଠନମୂଳକ ରାଜନୀତି

ଏସ: ଏନ: ଅଗ୍ରୱାଲ

[ ଛାତ୍ରମାନେ ରାଜନୀତିରେ ଯୋଗ ଦେବା ଉଚିତ କି ନୁହେଁ, ଏ ବିଷୟରେ ୱାର୍ଦ୍ଧାର ସେକ୍‌ସେରିଅ କଲେଜର ପ୍ରିନ୍‌ସିପାଲ ଅଗ୍ରୱାଲ ଏ ପ୍ରବନ୍ଧରେ ଆଲୋଚନା କରିଛନ୍ତି । ଗାନ୍ଧିଜୀ ଯେଉଁ ୧୪ଟି ଗଠନମୂଳକ କାର୍ଯ୍ୟ ଛାତ୍ରମାନଙ୍କ ପାଇଁ ବାଛିଛନ୍ତି ସେଗୁଡିକର ବିଶେଷ ଆଲୋଚନା ଏହି ପ୍ରବନ୍ଧର ଉଦ୍ଦେଶ୍ୟ—ପ୍ରିନ୍‌ସିପାଲ ଅଗ୍ରୱାଲ ଗାନ୍ଧି ଯୋଜନା (Gandhian Plan) ଓ ଗାନ୍ଧି ଅର୍ଥନୀତି [Gandhian Economics] ଲେଖି ସୁଖ୍ୟାତି ଅର୍ଜନ କରିଛନ୍ତି । ]

ଯୁବଶକ୍ତି ଜାତିର ସ୍ତମ୍ଭ ସ୍ୱରୂପ ଏକଥା ଏକରୁ ଅଧିକ ପରିମାଣରେ ସତ୍ୟ । ଦେଶର ଭବିଷ୍ୟତ ଯେ ଯୁବକମାନଙ୍କର ଦୃଷ୍ଟି ଓ ପୌରୁଷ ଉପରେ ନିର୍ଭର କରେ ଏ କଥା କହିଲେ ଅତ୍ୟୁକ୍ତି ହେବ ନାହିଁ । ଜାତୀୟ ଜୀବନ ପୁନର୍ଗଠନରେ ଛାତ୍ରମାନଙ୍କର ସାହାଯ୍ୟ ନିତାନ୍ତ ଦରକାର । କାରଣ ସେମାନଙ୍କର ଅଛି ଯଥେଷ୍ଟ ଶକ୍ତି, ଉତ୍ସାହ ଓ ଜାତୀୟ କର୍ମ ପ୍ରଚେଷ୍ଟା । ସେମାନଙ୍କର କେବଳ ଦରକାର ଅଭିଜ୍ଞ ଓ ବିଜ୍ଞ ନେତୃବୃନ୍ଦଙ୍କର ଅନୁଶାସନ ବା ନିର୍ଦ୍ଦେଶ ।

ଛାତ୍ରମାନେ ରାଜନୀତିରେ ଯୋଗ ଦେବା ଉଚିତ କି ନା, ଏଇ ପ୍ରଶ୍ନ ବାରମ୍ବାର ପଚରା ଯାଇଛି । ମୁଁ ଅଳ୍ପଦିନ ତଳେ ମହାତ୍ମା-ଗାନ୍ଧୀଙ୍କ ସହିତ ଏ ବିଷୟରେ ବିଶଦ ଭାବରେ ଆଲୋଚନା କରିଥିଲି । ଗାନ୍ଧୀଙ୍କର ଦୃଢ଼ ମତ ଯେ "ଯୁବକ ଯେ ପର୍ଯ୍ୟନ୍ତ ଛାତ୍ରାବସ୍ଥା-ରେ ଥିବ କୌଣସି ରାଜନୈତିକ ଦଳରେ ଯୋଗଦେବା ତାର ଉଚିତ ନୁହେଁ । ସେମାନଙ୍କର କୌଣସି ରାଜନୈତିକ ଦଳର ସଭ୍ୟ ହେବା ଉଚିତ ନୁହେଁ ଏପରିକି ଭାରତୀୟ ଜାତୀୟ କଂଗ୍ରେସର ମଧ୍ୟ ନୁହେଁ ।

ଏକଥା ସତ୍ୟ ଯେ ଜାତୀୟ କଂଗ୍ରେସ ଯେ କୌଣସି ରାଜନୈତିକ ଦଳଗତ ଅନୁଷ୍ଠାନ ଠାରୁ ବହୁତ୍ ଓ ତାର କର୍ମପନ୍ଥା ବ୍ୟାପକ ଓ ବହୁମୁଖି—କଂଗ୍ରେସ ହେଉଛି ଏକମାତ୍ର ଅନୁଷ୍ଠାନ ଯାହା ଜାତୀୟ ମତବାଦ ସର୍ବଜନ ସମାଦୃତ ଓ ଯାହାର ଅର୍ଦ୍ଧଶତାବ୍ଦିରୁ ଉପର ଭାରତର ସ୍ୱାଧିନତା ପାଇଁ ଯୁଦ୍ଧ ଚଳେଇ ଆସିଛି । କିନ୍ତୁ ମୁଁ ଚାହେଁ ନାହିଁ ଯେ ଛାତ୍ରମାନେ ଯେ ପର୍ଯ୍ୟନ୍ତ ସ୍କୁଲ କଲେଜରେ ପଢ଼ୁଛନ୍ତି, ସେମାନେ କଂଗ୍ରେସର ଚାରିଅଣିଆ ମେମ୍ବର ହୁଅନ୍ତୁ । ଛାତ୍ରାବସ୍ଥାରେ ଯୁବକମାନେ ଦଳଗତ ରାଜନୀତିରେ ଯୋଗ ନ ଦେଇ ଦେଶର ସାମାଜିକ, ଅର୍ଥନୈତିକ, ରାଜନୈତିକ ଅବସ୍ଥା ଓ ବିଭିନ୍ନ ସମସ୍ୟାର ସମାଧାନ ଶିକ୍ଷା ନିରପେକ୍ଷ ଓ ବୈଜ୍ଞାନିକ ଦୃଷ୍ଟିରୁ କରିବା ଉଚିତ । ସେମାନଙ୍କର ଚେଷ୍ଟା କରିବା ଉଚିତ ଭାରତର ବିଭିନ୍ନ ରାଜନୈତିକ ଦଳର ଲକ୍ଷ ଓ ମତ କଣ । ଯଦି ସେମାନେ ବୁଝନ୍ତି ଯେ କଂଗ୍ରେସହିଁ ଏକମାତ୍ର ଜାତୀୟ ଅନୁଷ୍ଠାନ ତା ହେଲେ ସେମାନେ ଯେତେବେଳେ ପୂର୍ଣ୍ଣ ନାଗରିକ ହେବେ ସେତେବେଳେ କଂଗ୍ରେସରେ ଯୋଗଦେବେ । କିନ୍ତୁ ଛାତ୍ର ହିସାବରେ ଆମର ଯୁବକମାନେ ରାଜନୀତିଜ୍ଞ ନ ହୋଇ ଗବେଷକ ( Searcher ) ହେବା ଉଚିତ । ଯଦି କୌଣସି କଂଗ୍ରେସ ପନ୍ଥୀ ତାଙ୍କର ରାଜନୀତି କାର୍ଯ୍ୟରେ ଛାତ୍ରମାନଙ୍କର ସାହାଯ୍ୟ ନେଉଥାନ୍ତି—ଏହା ସ୍ୱତଃ ସମ୍ଭବ ଯେ ମୁସଲିମ ଲିଗ, ହିନ୍ଦୁ ମହାସଭା ଓ କମ୍ୟୁନିଷ୍ଟମାନେ ନିଜ ନିଜର ସ୍ୱାର୍ଥ ପାଇଁ ଛାତ୍ରମାନଙ୍କୁ ବ୍ୟବହାର କରିବେ । ଏହାଦ୍ୱାରା ଆମ୍ଭମାନଙ୍କର ଯୁବଶକ୍ତିକୁ ଚାଳି ଦେଇ ଘୃଣ୍ୟ ବିରୋଧ ଭାବ ବଢାଇ ଥାଏ । ମୁଁ ସେଥିପାଇଁ ଛାତ୍ରମାନଙ୍କୁ ଦୃଢ଼ ଉପଦେଶ ଦେଉଛି ଯେ ସେମାନେ କୌଣସି ରାଜନୈତିକ ଦଳଦ୍ୱାରା ବ୍ୟବହୃତ ନ ହୁଅନ୍ତୁ । ସେମାନେ ଭବିଷ୍ୟତ ଗୁରୁତର କର୍ମ ପନ୍ଥାର ଉପଯୁକ୍ତ ହେବା ପାଇଁ ନିଜର ଜୀବନ ଗଢ଼ିବାରେ ଲାଗି ପଡ଼ନ୍ତୁ । ନିପୁଣ ଜାତୀୟ କାର୍ଯ୍ୟ, ଅନ୍ୟାନ୍ୟ ଯେ କୌଣସି ଉପଯୋଗିତା ରଚି ଏକାଗ୍ର ପ୍ରଚେଷ୍ଟା ଓ ସୁଶିକ୍ଷା ଦରକାର କରେ । ଛାତ୍ରମାନେ ସ୍କୁଲ କଲେଜରେ ପଢ଼ୁଥିବାବେଳେ ଭବିଷ୍ୟତ ଦେଶ କାମ କରିବାପାଇଁ ନିଜର ଦେହ ମନ ଓ ହୃଦୟକୁ ଗଢ଼ିବା ଦରକାର । ସେମାନେ କୌଣସି ଉପାୟରେ ସେମାନଙ୍କର ଶକ୍ତିକୁ କ୍ଷୟ କରିବାକୁ ଦେବା ଉଚିତ ନୁହେଁ ।

ତା ବୋଲି ଏହା ନୁହେଁ ଯେ ଛାତ୍ରମାନେ ତାଙ୍କର ଜନ୍ମଭୂମି ଯେଉଁ ରାଜନୈତିକ ସମସ୍ୟାର ସମ୍ମୁଖୀନ ସେଥି ପ୍ରତି ଉଦାସୀନ ରହିବେ । ଯଦିଓ ସେମାନେ ଦଳଗତ ରାଜନୀତିରେ ଯୋଗ ଦେବେ ନାହିଁ; କିନ୍ତୁ ଜାତି ଓ ଦେଶର ରାଜନୀତି ପ୍ରତି ସର୍ବଦା ଅନୁରକ୍ତ ଥିବେ । ଧର, ଯଦି ଜଣେ ଛାତ୍ର ଭାରତକୁ ଗଣ୍ଡି ଭିତରେ କଲେ ତାର ଫଳାଫଳ ଭଲ କି ମନ୍ଦ ହେବ, ୧୯୪୨ ସାଲ ଅଗଷ୍ଟ ଠାରୁ ଜାତୀୟ ଆନ୍ଦୋଳନରେ କି ଘଟନା ଘଟିଛି ଏ ସବୁ ବିଷୟରେ ନ ଜାଣେ ସେ ଛାତ୍ର ବୋଲାଇବା ହେବାକୁ ଉପଯୁକ୍ତ ନୁହେଁ ।

ଅଧିକନ୍ତୁ ମଧ୍ୟ ଛାତ୍ରମାନଙ୍କର ଦଳଗତ ରାଜନୀତିରେ ଯୋଗ ନ ଦେବା ମାନେ ଏହା ନୁହେଁ ଯେ ଭାରତର ସ୍ୱାଧୀନତା ଲାଭ ପାଇଁ ଆନ୍ଦୋଳନ ବା ପ୍ରଚେଷ୍ଟା ଠାରୁ ଦୂରେଇ ରହିବା, ଜାତୀୟ ସଙ୍କଟ ସମୟରେ ଛାତ୍ରମାନଙ୍କର କର୍ତ୍ତବ୍ୟ ଯେ ସେମାନେ ଦେଶ ମଙ୍ଗଳ କାର୍ଯ୍ୟରେ ସକ୍ରିୟ ଭାବରେ ଯୋଗ ଦେବେ । ମୁଁ ୧୯୪୨ ସାଲର ଅଗଷ୍ଟ ଆନ୍ଦୋଳନକୁ କୌଣସି ରାଜନୈତିକ ଦଳର କର୍ମପନ୍ଥା ବୋଲି ମନେ ନକରି ଜାତିର ତଥା ଦେଶର ଜୀବନ ମରଣ ସମସ୍ୟା ପରିସ୍ଥିତି ବୋଲି ମନେ କରୁଛି । ନେମିତ୍ତ ସୋଡ଼ିଏ ଟାରେ କିମ୍ବା ଲଢ଼ିଲେ ବା ବନ୍ୟା ଦ୍ୱାରା ଧୋଇଗଲେ ଯୁବକମାନେ ସାହାଯ୍ୟ କରିବା ପାଇଁ ବାହାରି ଯାନ୍ତି, ସେହିପରି ନେତାମାନଙ୍କର ଅଗଷ୍ଟ

Digitized by srujanika@gmail.com

ଆନ୍ଦୋଳନ ସମୟରେ ଛାତ୍ରମାନଙ୍କ ଜାତୀୟ ପକ୍ଷ ନେବାକୁ ନେତୃତ୍ୱ ପଡ଼ିବା ପାଇଁ ଘୋଷଣା କରିବାର ଅଧିକାର ଥିଲା । ଯେଉଁ ଛାତ୍ରମାନେ ଜାତିର ଏ ଦୁଃସମୟରେ ଯୋଗ ନ ଦେଇ ଅଲଗା ରହିଥିଲେ ସେମାନେ ତାଙ୍କର ଜନ୍ମଭୂମି ପ୍ରତି କର୍ତ୍ତବ୍ୟ କରିବାରେ ଅବହେଳା କରିଛନ୍ତି । ଏହାପରେ ପରିସ୍ଥିତି ବା ଜାତୀୟ ସଂକଟ ଛଡ଼ା ଛାତ୍ରମାନେ ତାଙ୍କର ନିତ୍ୟ ନୈମିତ୍ତିକ ପଢ଼ା ପଢ଼ିରେ ବ୍ୟାଘାତ ଘଟାଇ କୌଣସି ଗୋଷ୍ଠୀଗତ ରାଜନୀତିରେ ଏପରିକି ଭାରତୀୟ ଜାତୀୟ କଂଗ୍ରେସରେ ମଧ୍ୟ ଯୋଗ ଦେବା ଉଚିତ ନୁହେଁ ।"

ଦଳଗତ ବା ଗୋଷ୍ଠୀଗତ ରାଜନୀତି ଛଡ଼ା ଛାତ୍ରମାନେ ସେମାନଙ୍କର ଅବସର ସମୟରେ ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶିତ ଗଠନ ମୂଳକ ରାଜନୀତି ବା ଗଠନ ମୂଳକ ଯୋଜନାରେ ଲିପ୍ତ ହେବା ଉଚିତ । ମୁଁ ଗାନ୍ଧିଜୀଙ୍କ ସହିତ କଥାବାର୍ତ୍ତା କରି ତାଙ୍କର ୧୪ଟି ନିର୍ଦ୍ଦେଶର ଆଲୋଚନା କରି ଖଣ୍ଡିଏ ଛୋଟ ପୁସ୍ତିକାରେ ପ୍ରକାଶ କରିଛି—ତାହା ବମ୍ବେର 'ପଦ୍ମା ପବ୍ଲିକେଶନ'ଙ୍କ ଠାରେ ପ୍ରାପ୍ୟ ( Constructive Programme for Students, Padma Publications, Bombay)

ଗାନ୍ଧିଜୀ ଛାତ୍ରମାନଙ୍କ ପାଇଁ ଯେଉଁ ୧୪ଟି ନିର୍ଦ୍ଦେଶ ଦେଇଛନ୍ତି ତାହା ଏହି:—

୧—ସ୍ୱାଧୀନତା ଆକାଂକ୍ଷା ( Desire for Freedom )
୨—ଏକତା ଓ ଶୃଙ୍ଖଳା ( Unity and discipline )
୩—ସ୍ୱାସ୍ଥ୍ୟ ପ୍ରତି ଯତ୍ନ—( Care of Health )
୪—ଖଦି ଓ ଗ୍ରାମ୍ୟ ଶିଳ୍ପ ( Khadi & Village Industries )
୫—ଗ୍ରାମ୍ୟ ସେବା ( Village Service )
୬—ଜାତୀୟ ଭାଷା ଶିକ୍ଷା ( Learning the National Language )
୭—ମାତୃଭାଷା ପ୍ରତି ଅନୁରାଗ ( Love for one's Mother-tongue)
୮—ହିନ୍ଦୁ-ମୁସଲମାନ ଏକତା ( Hindu Muslim Unity)
୯—ଅସ୍ପୃଶ୍ୟତା ନିବାରଣ ( Removal of Untouchability )
୧୦—ସାହାଯ୍ୟ କାମ—( Relief Work )
୧୧—ଆଲୋଚନା ବୈଠକ ( Study Circle )
୧୨—ସମାଜ ସଂସ୍କାର ( Social Reform )
୧୩—ଭାରତୀୟ ସଂସ୍କୃତିରେ ଗର୍ବ ( Pride in Indian Culture
୧୪—ଚରିତ୍ର ଗଠନ ( Character Building )

ଏହି ସମସ୍ତ ଗଠନମୂଳକ ଯୋଜନା ଛାତ୍ରମାନଙ୍କ ଦ୍ୱାରା ସେମାନଙ୍କ ଅବସର ସମୟରେ କାର୍ଯ୍ୟରେ ପରିଣତ ହୋଇ ପାରିବ । ଏହା ତାଙ୍କର ପଢ଼ା ପଢ଼ିରେ କୌଣସି ବାଧା ଘଟାଇବ ନାହିଁ । ମୁଁ ଛାତ୍ରମାନଙ୍କୁ ଅନୁରୋଧ କରୁଛି ସେମାନେ ଖୁବ ଆଗ୍ରହର ସହିତ ଏହି ଯୋଜନାକୁ ଗ୍ରହଣ କରନ୍ତୁ । ଦେଖିବେ ଯଦିଓ ଏହା ବାହାରକୁ ଖୁବ ଆଡ଼ମ୍ବରପୂର୍ଣ୍ଣ ନୁହେଁ କିନ୍ତୁ ଏହା ଖୁବ କାର୍ଯ୍ୟକାରୀ ।

ପ୍ରତ୍ୟେକ ଜାତିର ଉତ୍ଥାନ ଓ ପତନ ଅବଶ୍ୟମ୍ଭାବୀ । ଭାରତର ମଧ୍ୟ ଦିନେ ଗୌରବର ସମୟ ଥିଲା—ଗଲା କେତେ ବର୍ଷ ଧରି ସେ ପୁଣି ଲାଞ୍ଛନା ଭୋଗୁଛି । ସେ ବର୍ତ୍ତମାନ-ନିଜର ଭାଗ୍ୟ ଫେରି ପାଇବାକୁ ବସିଛି—ସୁଖ ଓ ସଂପଦ ନିଶ୍ଚୟ ସେ ପାଇବ । ଆମ ଦେଶର ଯୁବଶକ୍ତି ଆଜଠୁଁ ଆଣ୍ଟା ଭିଡ଼ି ଦେଶର ମୁକ୍ତି ପାଇଁ ଲାଗିପଡ଼ନ୍ତୁ ।

—*—

## କୁତକୁତ୍

କମଳା—ମୁଁ ଭାବିଥିଲି ମୋର ସ୍ୱାମୀ ବିଦେଶରୁ ଫେରି ମୋର ରାନ୍ଧି ଶିଖିବା ଦେଖି ଆଶ୍ଚର୍ଯ୍ୟ ହୋଇଯିବେ

ବିମଳା—ସେ ତମ ରାନ୍ଧିବା ଦେଖି କଣ କହିଲେ ?

କମଳା— କିଛି ନା, ସେଇଦିନ ପୁଣି ବିଦେଶ ବାହାରିଗଲେ ।

+ × ×

ଜଣେ ମହିଳା ପୋଷ୍ଟଅଫିସ ଝରକା ପାଖରେ ଠିଆ ହୋଇ କହିଲେ, "ମୁଁ ଏଇ ପ୍ୟାଣ୍ଟ ଯୋଡ଼ାକ ବୁକ୍ ପୋଷ୍ଟରେ ପଠେଇବାକୁ ଚାହେଁ ।"

ପାର୍ଶଲ କିରାଣୀ କହିଲେ, "ଆପଣ ବୁକ୍ ପୋଷ୍ଟରେ ପ୍ୟାଣ୍ଟ ପଠେଇ ପାରିବେ ନାହିଁ ।"

"କାହିଁକି ? ଆପଣ ସେଦିନ କହିଥିଲେ ଯେ, କୌଣସି ଜିନିସ ଦୁପାଖରେ ଖୋଲାଥିଲେ ତାହା ବୁକ୍ ପୋଷ୍ଟରେ ଯାଇ ପାରିବ ।"

× × ×

"ନା ପ୍ରତାପ ମୁଁ ତମର ହୋଇ ପାରିବି ନାହିଁ । ସେଥିପାଇଁ ମୁଁ ବଡ଼ ଦୁଃଖିତ ।"

"ତା ହେଲେ ମୋର ଉପହାର ଗୁଡ଼ାକ—"

"ସେ ସମସ୍ତ ମୁଁ ଫେରେଇ ଦେବି ନିଶ୍ଚୟ ।"

"ତମେ ସିନା ଫେରେଇ ଦେବ, ତମ ବାପାଙ୍କୁ ଯେ ମୁଁ କେତେ ଡାଲି ଭଲ ଫଳ, ସିଗାରେଟ ଦେଇଛି, ତମ ସାନ ଭାଇଙ୍କୁ ଯେ କେତେ ଚକୋଲେଟ ଓ ମିଠେଇ କିଣି ଦେଇଛି, ତମ ଗୃହର ଗୃହକର୍ତ୍ତ୍ରୀଙ୍କୁ ଯେ କେତେ ପାପା ଦେଇଛି ସେ ସମସ୍ତ କେମିତି ଫେରି ପାଇବି ?"

+ × +

"ଏ କୁକୁରଟା ଜାତିଆ କୁକୁର ନୁହେଁ ସତ କିନ୍ତୁ ଚୋର ବା ଅଚିହ୍ନା ଲୋକ ଆସିଲେ ସେ ଠିକ୍ ଆମକୁ ଜଣେଇ ଦିଏ ।" "କେମିତି ?—ଭୁକୁଥିବ ନିଶ୍ଚୟ ?" "ନା ସେ ଆମ ଖଟତଳେ ଆସି ଲୁଚେ ।"

+ + ×

Digitized by srujanika@gmail.com



ଜଜ — ତମର କେହି ଭାଇ ଭଉଣୀ ଅଛନ୍ତି ?

ଅସାମୀ—ନା ମୋର ଗୋଟିଏ ଭାଇ ଥିଲା ସେ ପ୍ରାୟ ଦେଢ଼ଶ ବର୍ଷ ହେଲା ମରି ଯାଇଛି

ଜଜ—ତମେ ମିଛ କହୁଥିବାରୁ ଦଣ୍ଡ ପାଇବ ।

ଅସାମୀ—ହଜୁର ଧର୍ମାବତାର ମୁଁ ଯାହା କହୁଛି ଠିକ । ମୋର ବାପା ୧୯ ବର୍ଷ ବୟସରେ ବିବାହ କରିଥିଲେ । ୨୦ ବର୍ଷ ବୟସରେ ତାଙ୍କର ପୁଅ ହେଲା । କିନ୍ତୁ ସେ ମରିଗଲା ମୋର ବାପା ୭୦ ବର୍ଷ ବୟସରେ ବିପତ୍ନିକ ହେଲେ । ସେ ପୁଣି ଦ୍ୱିତୀୟ ଥର ପାଇଁ ବିବାହ କଲେ । ମୁଁ ଦ୍ୱିତୀୟ ସ୍ତ୍ରୀର ପୁଅ । ମୋର ବୟସ ବର୍ତ୍ତମାନ ୯୨ ।

× × +

ଯୁଦ୍ଧର ଅପକାରିତା ବିଷୟରେ ଏକ ଦୀର୍ଘ ବକ୍ତୃତା ଦେଇସାରି ଶିକ୍ଷୟିତ୍ରୀ ପଚାରିଲେ, "କିଏ ତମେ ଯୁଦ୍ଧକୁ ଘୃଣା କର ?"

କ୍ଲାସର ସବୁଠୁ ଛୋଟ ଝିଅଟି ଉଠି କହିଲା "ଦାଦା ଯୁଦ୍ଧ ଇତିହାସ ସୃଷ୍ଟି କରେ ମୁଁ ଇତିହାସକୁ ଘୃଣା କରେ ।"

+ +

ସ୍ତ୍ରୀ ତାଙ୍କର ସ୍ୱାମୀକୁ କହିଲେ, "'ଚୋର ଲେଖିଛି ଯେ ସେ କାଲି ଦିନ ଆସି ଏଠାରେ ରହିବ ଓ ତାଲା ଏଠି ପଡ଼ିଥିବ ।"

ସ୍ୱାମୀ କହିଲେ 'ଭଲକଥା' ତା ପରେ ତାଙ୍କ ଛୋଟ ପୁଅକୁ ଡାକି ପଚାରିଲେ—"ତୁ ସବୁ ସେଦିନ କହୁଥିଲୁ ତୋର ଗୋଟେ ଡ୍ରମବାଜା, ଗୋଟେ ଏୟାର ଗନ୍ ଓ ଗୋଟେ ବଡ଼ ପେଁଚାଲି ଦରକାର ।"

ଛୋଟ ପୁଅଟି ଅତି ଆଗ୍ରହର ସହିତ କହିଲା— "ହଁ ବାବା"

"ମୋ ସାଙ୍ଗରେ ବଜାରକୁ ଚାଲ ମୁଁ ସେ ସବୁ ତୋତେ କିଣିଦେବି ।"

× × + +

ହାକିମ—ତମ ସ୍ତ୍ରୀଙ୍କୁ ଏପରି ଭାବରେ ଛାଡ଼ି ପଳେଇବା ଭେଡ଼ି ଲଜ୍ଜା ଓ ଅପମାନର ବିଷୟ—ତମେ ଜାଣ ଯେ ତମେ ପଳାତକ ହିସାବରେ ଦୋଷୀ ସାବ୍ୟସ୍ତ ହେବ ଓ ଦଣ୍ଡ ପାଇବ ।

ଅସାମୀ—ହଜୁର, ଧର୍ମାବତାର ଆପଣ ଯଦି ମୋ ସ୍ତ୍ରୀଙ୍କୁ ଜାଣିଥାନ୍ତେ ମୋତେ ପଳାତକ ବୋଲି କହନ୍ତେ ନାହିଁ । ମୁଁ ପଳାତକ ନୁହେଁ ମୁଁ ଅନ୍ୟର ଆଶ୍ରୟ ପ୍ରାର୍ଥୀ ।

+ + + ×


## କୁବେର ବ୍ୟାଙ୍କ ଲିମିଟେଡ୍

ଶାଖା——ଭଦ୍ରକ ।

**ହେଡ ଅଫିସ:—୩/୪ ହେୟାର ଷ୍ଟ୍ରିଟ କଲିକତା**

ଭାରତର ଅନ୍ୟାନ୍ୟ ସହରରେ ୨୪ ଶାଖାମାନ ଅବସ୍ଥିତ । ଏହା ସର୍ବଜନ ଆଦୃତ ନିର୍ଭରଯୋଗ୍ୟ, ସୁପରିଚାଳିତ, ଉନ୍ନତିଶୀଳ ପ୍ରତିଷ୍ଠାନ ।

ଫିକ୍ସିଡ୍ ଡିପୋଜିଟ୍ ୨ ବର୍ଷ ପାଇଁ ଟ ୪୯ ସୁଧ, ସେଭିଙ୍ଗସ୍ ଏକାଉଣ୍ଟ ଟ ୨୯, କରେଣ୍ଟ ଏକାଉଣ୍ଟ ଟ ୦ ୫

ବିଶେଷ ବିବରଣ ପାଇଁ ଭଦ୍ରକ ଶାଖାରେ ଅନୁସନ୍ଧାନ କରନ୍ତୁ ।


Digitized by srujanika@gmail.com

# ନାଲନ୍ଦା ଔଷଧାଳୟ

ଅଧ୍ୟକ୍ଷ—ରାଜବୈଦ୍ୟ ହୃଷିକେଶ ଶାସ୍ତ୍ରୀ

୩୩, କଲେଜ ରୋ, କଲିକତା




ପୃଥିବୀ ବିଖ୍ୟାତ ପଣ୍ଡିତ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରଧାନ ଶିକ୍ଷକ, ମାନନୀୟ ବିଚାରପତି, ଦେଶ ବରେଣ୍ୟ ନେତା, ମନ୍ତ୍ରୀ, ରାଜା ଓ ଶିକ୍ଷାପ୍ରଚାରକଗଣ **ନାଲନ୍ଦା ଔଷଧାଳୟର** ଭୂୟସୀ ପ୍ରଶଂସା କରନ୍ତି । ଆରୋଗ୍ୟ ଗ୍ୟାରେଣ୍ଟି ଦିଆଯାଏ ।

# Nalanda Ausadhalaya.

*Prop:*—**Rajvaidya Hrishi Kesh Sastri.**

**33, COLLEGE ROW, CALCUTTA.**


Digitized by srujanika@gmail.com




ଜୁଲାଇ ଗଣ୍ଡରୁ ବସ୍ତଃ ଭ୍ରାଃ ଯୋଗ ପଡ଼ିଲା । ବେଲ୍ ସ୍ୱର୍ଗରୁ ଦର୍ଶନ ବାସ ହୋଇଲା ବାସ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମୂର୍ତ୍ତିର । ଭଗିରଥଙ୍କ ଗଙ୍ଗାବତରଣ ପଥରେ ରେଲୱେଲ କମ୍ପାନୀ ପାଃ ଲକ୍ଷ ମହାପ୍ରଭୁ ଚଢ଼ି କରି ବସିଛନ୍ତି । ଦାନମୁଣ୍ଡ ଅର୍ଦ୍ଧ ସାର ହୋଇବ । ମଧ୍ୟ ନମ୍ବୁନିଶ ଟେକ୍ସ ଶାଖା ପଲ୍ଲୀ ଏ ମାସରୁ ଲେଖିଲା ।

ଜିଲ୍ଲାବୋର୍ଡ଼ ନିର୍ବାଚନମାନ ଆରମ୍ଭ ହୋଇଲା । ଏମନ୍ତ ସୁଅବେଳେ କର୍ମିନିଷ୍ଠ ଓ ରେଲୱେଲ କମ୍ପାନୀମାନେ ଦୁଷ୍ଟ ବ୍ରଣସମ ବଢ଼ିବ ପୁଷ୍ଟରେ ପ୍ରବଳ ହୋଇଲେ । ବାଲେଶ୍ୱରରେ ବାଧୁସ୍ଥ ହୋଇଲା । ମାଙ୍କଡ଼ା ପଥର ଉପରେ ମୁଣ୍ଡ ବାଡ଼େଇବା ସାର ହୋଇବ କଂଗ୍ରେସ ବିରୋଧୀ ସଙ୍ଗିନ୍ଦ୍ର ଗୋଷ୍ଠିମାନଙ୍କର ।

ପଣ୍ଡିତ ଶ୍ରୀ ନେହେରୁ ସାହେବ ପାକିସ୍ଥାନ ନେତ୍ର ଦର୍ଶନ କରୁଥିବାର ବୋଇଲେ । ମାତ୍ର ତାହା କଷ୍ଟଦାୟ ନେତ୍ର ଥିବାରୁ ତାଙ୍କ ଆଜାଦ୍ ଫୌଜରୁ ଆସିଲା ।

ଆଜାଦ୍‌-ବାହିନୀ (I. N. A.)ର ଇଂରେଜ ସରକାର ୬ନ ସ୍ତର ଶ୍ରେଣୀରେ ଧାର୍ଯ୍ୟ କରନ୍ତେ । ସେଥିରୁ ପରିଷ୍କାର ଏହ, ଦ୍ୱିତୀୟ ଧୂସର, ତୃତୀୟ କଷ୍ଟ, ଚତୁର୍ଥ ସଂକଳ୍ପ । ଯାହାଁ ଯାହାଁ ମ୍ଲେଚ୍ଛ ପଣ ବା କଷ୍ଟଦର୍ଶୀ ପ୍ରବଳ ହୋଇବ ତହିଁ ତହିଁ ଯେମନ୍ତ ପ୍ରକାରେ ଆଜାଦ ଫୌଜ ଦୋଷୀ ସାବ୍ୟସ୍ତ ହୋଇବେ । ଇଂରେଜ ଜାତି ସେଠ ଥିବାରୁ ତାହା ନିର୍ଦ୍ଦୋଷ ହୋଇବା ମାତ୍ରେ ଚାଲି ଅଧମ ଜାତି ଥିବାରୁ ରହିବାକୁ ହୋଇଲା କିନା !

ଏବର ସମ୍ପ୍ରତି ସଂବାଦ ବ୍ରିଟିଶ ସୂତ୍ରରୁ ପ୍ରକାଶ ପାଇଲା ଯେ ହିଟଲର ଆତ୍ମହତ୍ୟା କଲେ । ତାଙ୍କ ପତ୍ନୀ ଇଭା (ବଙ୍ଗାକୁଣୀ ନୁହନ୍ତି) ଜହର ଖାଇ ମଲେ । ଏ ସଂବନ୍ଧରେ ସବିଶେଷ କାଗଜାତ ପ୍ରାପ୍ତ ହୋଇଛି । ସମ୍ଭବତଃ ତଥରେ ହିଟଲରଙ୍କ ଭୂତ ସ୍ୱାକ୍ଷର ଦେଇ ତାହା ସତ୍ୟ ସାବ୍ୟସ୍ତ କରି ଅଛନ୍ତି । ହିଟଲର ଅସ୍ଥିର କହିଥିବେ ଯେ ମୁଁ ନିଜେ ନଜର, ଅସ୍ଥା ଅସ୍ଥାର ମୂଳ କଳ ଉତ୍ତରୁ ସ୍ୱପତ୍ନୀ ଇଭାଙ୍କ ପ୍ରତି ହିଟଲରଙ୍କ ସ୍ୱହସ୍ତେଣ ପତ୍ର ହୋଇଲା ।

# ଦୀପାବଳି

—କୁମାରୀ ଇନ୍ଦିରା ଗୋସ୍ୱାମୀ

ଏ କି ଜାଲୁ ତୁମ୍ଭେ ଦୀପାବଳି,
କାହା ହୃଦୟର ଉଜଳତା ନେଇ
ଜଳି ଜଳି ଯାଏ ଜାଳି ଜାଳି ।
କାହାର ଜୀବନ ସଳିତାରେ,
ଲଗାଇଛୁ ବଳି ବଳି ଚିତାରେ;
କାହାର ଉଛୁଳା ସୁଖକୁ ଛଡ଼ାଇ
ଏ ଦୀପ ଶିଖାରେ ଦେଇଛୁ ଟେକି
ଏ କି ଜାଲୁ ତୁମ୍ଭେ ଦୀପାବଳି ।
କିଣ୍ଣାଏ ଭାର ବାଜି ବାଜି,
ଥର ଥର ଉଠେ ଶିଖା ଆଜି;
ଅରେ ମତୁଆଲା ଦେଖ ତୁହିଁ ଥରେ
ସ୍ମୃତି ପଡ଼ିଅଛି ଦୀପ ତଳି ।
( ଅନୁବାଦ )

କଂଗ୍ରେସର ବିଶ୍ୱାସ ନାହିଁ ବୋଲି ଭରଣ କଲେନ୍ତ ଶ୍ରମିକ ଦଳ ବା ସର୍ବସ୍ତ ସ୍ତର ପାଇଁ ଭାବିଲେ ଭାରତର ସ୍ୱାଧୀନ ହେବା ବୃଥା ହୋଇଲା । କଂଗ୍ରେସ ଯାହା ଭୂଖଣ୍ଡରେ ବୋଲିବ ତାହା କେବଳ କରିବ । କାରଣ ଏ ଶ୍ରମିକ ଯାହା ନେତରେ କହିଲ ତାହା କାର୍ଯ୍ୟରେ କେବେ ନୋହିବାର ।

ଭାରତବନ୍ଧୁ ଓ୍ୟାଭେଲଙ୍କ ସ୍ୱକାମ୍ୟ ସମ୍ପାଦକ ଏଟଲି ହେବାର ଘୋଷିତ ହୋଇଲା । ଏଥିରୁ ଓ୍ୟାଭେଲ ଦୁର୍ଗରୁ ଅଶୀଳେ ପଟିଥିଲେ ।

ଯୁକ୍ତରାଷ୍ଟ୍ରର ପ୍ରେସିଡେଣ୍ଟ ଟ୍ରୁମ୍ୟାନ ସତ୍ୟ ଚେନ କହିଲେ । କଳି ଏହା ସ୍ୱପ୍ରତୀତାରୂପେ କଳିଯୁଗ ଶେଷକୁ ରହିଲା ।

ଲଲ ବଳରେ ଅଜାଦ ହିନ୍ଦୁସ୍ଥାନ ଫୌଜଙ୍କ ବନ୍ଧର ଖୋଲିଲା । ଶ୍ରମିକ ସରକାର ଏ ଶ୍ରମ ବେଦନା (labour pain ନୁହେଁ) ଦେଖି ସବୁଳେ ବର୍ଷିତ ହୋଇଲେ ।

ଦେଶବାନ୍ତୁ ଘୁଲି ବପୁ ଏବ ଯୁବା ଜମୀଦାର ବର୍ଗ ବର୍ଗ ଧରି ଲଃ ଦଷ୍ଟରଙ୍କର ସ୍ୱରରେ ମର୍ଦ୍ଦନ କରି, ଚମାଲ୍ୟ ଦେଇ, ଜ୍ୱେନ ଦେଇ, ଯୁଦ୍ଧସଜା ଦେଇ ସର୍ବମୂପନ ନ ପଲିଲା ଉପଯୁକ୍ତ ବସ୍ତୁ ପରିହିତ ହୋଇ ଓଡ଼ିଶା କଂଗ୍ରେସ ଦଳ ପଣ୍ଡାଙ୍କ ବାମ ପାର୍ଶ୍ୱରେ ଅସୀନ ହୋଇ ସ୍ୱଯୋଗ ଭିକ୍ଷା କଲେ । କଂଗ୍ରେସ ସାବଧାନ ଥିବାରୁ ତାଙ୍କ ସଂଯୋଗ ପାଇଁ କୌଣସି ବାଧା ନଘଟିଲା ଅଥ ମଧ ତାଙ୍କ ଭବ୍ୟର ସୁଫଳ ଫଳିଲା । କଂଗ୍ରେସର ଏ 'ନସ୍ୟ ନେବ—'' ମନ୍ତ୍ରରେ ସର୍ବସାଧାରଣରେ ଅଦର ହେଲା ! × + +

ଓଡ଼ିଶା ବସ୍ତ୍ର କ୍ରିଡ଼ିକେଟର ଅଂଶ ସେନ ମହା କଷ୍ଟ ହୋଇଲା । ସରକାର ପୋଷ୍ୟପୁତ୍ରମାନେ ଏଥିମଧ୍ୟେ ଯାବତ୍ ନ୍ନାର୍ଦ୍ଦେ ନିରଙ୍କୁଶ ମାଲିକ ହୋଇବେ । ଇତି ଆଦେଶ ହୋଇଲା ଯେ ଏଣୁ କାର୍ଯ୍ୟତଃ ଅଳ୍ପ ଧନବାନ ମଧ୍ୟରେ କେବଳ ସେବର ଦୁର୍ଭିକ୍ଷ । ତେଣୁ ସେମାନେ ବସ୍ତ୍ରଦାତା ଶ୍ରୀକୃଷ୍ଣ ହେବାକୁ ଅକ୍ଷମ । ଅଷ୍ଟପାଟ ବଂଶୀର ସ୍ୱାମୀ ହେବାକୁ ଅକ୍ଷମ । ସୁଦାମା ଦାରିଦ୍ର୍ୟଭଞ୍ଜନକୁ ଅକ୍ଷମ । ଅମଳ ଧନ୍ଦର ଅଣ୍ଟି ଭରିବାକୁ ଅକ୍ଷମ । ଅତଏବ ଏମନ୍ତ ହୋଇବ ଯେ ଯେମନ୍ତେ କେବଳ ପେଟବାଲା ବଡ଼ ବଡ଼ ଧନୀ ଓ ମାଛୁଆ ବଣିମାନେ ଏ ବସ୍ତ୍ରଦାନର ପୁଣ୍ୟ ଅର୍ଜି ଅନ୍ତେ ସ୍ୱର୍ଗ ଚେତ ପ୍ରାପ୍ତ ହୋଇବେ, ଜଥନ୍ତେ ଲର୍ଡ଼ ଓ ଲେଡ଼ୀ ଲୁଇଙ୍କ ଜାଲ ମର୍ଦ୍ଦନ କରି ପାରିବେ ।

× + + ×

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ସେମାନଙ୍କ କଲ୍ୟାଣ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଡଗର'ର ମାଧ୍ୟମରେ ପତ୍ର ବନ୍ଧୁତ୍ୱ-ଦ୍ୱାରା ବନ୍ଧୁମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

## ନିଖିଳ ଭାରତ ଲେଖକ ସମ୍ମିଳନୀ

ସ୍ନେହର ନାଗବନ୍ଧୁଗଣ,

"ଦୀପାଳି" ସଂଖ୍ୟା ଉପଲକ୍ଷେ କିଛି ଲେଖିବା ପାଇଁ ତୁମ୍ଭମାନଙ୍କର "ବୁଢ଼ା ନାଗ" ଓ ପ୍ରିୟତମ 'ଅଜା'ଙ୍କ ଠାରୁ ଖଣ୍ଡିଏ ଚିଠି ପାଇଲି । ଉଆଁସ ରାତିରେ ଡଗର ଦୀପ ଜାଳିବାକୁ ଚାହାନ୍ତି ! ତୁମମାନଙ୍କ ମୁହଁରୁ ଶୁଣିଥିବା ଗୋଟାଏ ସିନେମା ଗୀତର ପହିଲି ଧାଡ଼ିଟା ହଠାତ୍ ମନେ ପଡ଼ିଗଲା—"ଘର୍ ଘର୍ ମେ ଦେୱାଲି ହେ ମେରା ଘର୍‌ମେ ଅନ୍ଧେରା !" ସବୁରି ଘରେ ଦୀପାଳି, ଏକା ମୋରି ଘରେ ଅନ୍ଧାର—'ଡଗର' ତା ହେଲେ କି ଦୀପ ଜାଳି ଏ ଘର ଆଲୁଅ କରିବ !

ତାହାଙ୍କ କେଜାଣି, ତୁମମାନଙ୍କ ମୁହଁ ଆଗହୋଇ ମୋ ଆଖି ଆଗରେ ନାଚିଗଲା । ସେ ତ ମୁହଁ ନୁହେଁ ହଜାର ହଜାର ଲକ୍ଷ ଲକ୍ଷ ଦୀପ ମୋ ଘରକୁ ଉଜ୍ଜ୍ୱଳ କରୁଛି ! ସେଇଥି ପାଇଁ ଓଡ଼ିଶାରେ ଆଜି ଯେତେ ଉଆଁସ—ଅନ୍ଧାର ଘୋଟି ଆସୁଥିଲେ ତୁମମାନଙ୍କ ମୁହଁକୁ ଚାହିଁ ମୋର ଏ କଲମଟା ଚଞ୍ଚଳ ହୋଇ ପଡ଼ୁଛି । ମନେ ହେଉଛି ତୁମର ଏହି ଲକ୍ଷ ଲକ୍ଷ ଉଜ୍ଜ୍ୱଳ ଆଖି ଉଜ୍ଜ୍ୱଳ ମୁହଁରେ ମୋ ମନର ଉଆଁସ ଅପସରି ଆଲୁଅ ହୋଇଛି । ମନେ ହେଉଛି ଆଜି ଏହି ଦୀପାଳିରେ ତୁମ ଛଡ଼ା ମୋର ଆଉ କାହାରିକି କିଛି କହିବାକୁ ନାହିଁ । ତୁମରି ସାଥିରେହିଁ ମୋର ଦୀପାଳି ଉତ୍ସବ ପାଳିବି ।

ତୁମମାନଙ୍କ କଥା ଆଜିର ବେଶି ବେଶି ମନେ ପଡ଼ିଲା, ଯେତେବେଳେ ତୁମ ଅଜାଙ୍କଠାରୁ ଚିଠିଖଣ୍ଡ ପାଇ ଏଥର ଜୟପୁର ଲେଖକ ସମ୍ମିଳନୀକୁ ବାହାରିଲି । କେହି କେହି ଜାଣିଥିବ, ରାଜପୁତାନା ଜୟପୁର ରାଜ୍ୟରେ ଅକ୍ଟୋବର ୨୦ ଠାରୁ ୨୨ ତାରିଖ ଯାଏଁ ଗୋଟିଏ ନିଖିଳ ଭାରତ ଲେଖକ ସମ୍ମିଳନୀ ବସିଥିଲା । ଭାରତ ବର୍ଷର ସବୁ ଅଞ୍ଚଳରୁ ବହୁତ କବି ଲେଖକ ଏଥିରେ ଯୋଗ ଦେଇଥିଲେ । ଆମ ଓଡ଼ିଶାରୁ ବି ତିନିଜଣ ଯାଇଥିଲୁ । ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଶ୍ରୀ ନବକିଶୋର ଦାସ ଆଉ ମୁଁ ।

ଭାରତବର୍ଷର ଚଉଦ ଗୋଟି ଭାଷାର ସାହିତ୍ୟିକ-ମାନେ ଏଥିରେ ଯୋଗ ଦେଇଥିଲେ । ଆସାମୀ, ବଙ୍ଗାଳୀ, ଗୁଜରାଟୀ, ହିନ୍ଦୀ, କର୍ଣ୍ଣାଟୀ, ମୈଥିଳୀ, ମାଲୟ, ମହାରାଷ୍ଟ୍ରୀ, ଓଡ଼ିଆ, ସିନ୍ଧୀ, ତାମିଲ୍, ତେଲୁଗୁ, ଓ ଉର୍ଦ୍ଦୁ ଲେଖକମାନେ ତ ଯେଝା ସାହିତ୍ୟର ଗଲା ପଚିଶ ବର୍ଷର ଉନ୍ନତି ବିଷୟରେ କହିଲେ । ଏହା ଭିତରେ ପୁଣି ଭାରତୀୟ ସାହିତ୍ୟରୂପେ ଇଂରାଜୀ ସାହିତ୍ୟର ବି ଗୋଟାଏ ବଡ଼ ଥାନ ଥିଲା । କାହିଁକି ନା ସାର୍ ସର୍ବପଲ୍ଲୀ ରାଧାକୃଷ୍ଣ, ଶ୍ରୀମତୀ ସରୋଜିନୀ ନାଇଡୁ, ପଣ୍ଡିତ ଜବାହାରଲାଲ ନେହରୁ ମହାତ୍ମା ଗାନ୍ଧୀ ଓ ମୁଲକରାଜ୍ ଆନନ୍ଦ ପ୍ରଭୃତି କେତେକ ଭାରତୀୟ ମଧ୍ୟ ଇଂରାଜୀ ଭାଷାରେ ଲେଖି ଖ୍ୟାତି ଅର୍ଜିଛନ୍ତି । ତାଙ୍କ ଭିତରୁ ଖାଲି ମହାତ୍ମା ଗାନ୍ଧୀଙ୍କ ଛଡ଼ା ବାକି ସମସ୍ତେ ସମ୍ମିଳନୀରେ ଉପସ୍ଥିତ ଥିଲେ । ଅଧିକନ୍ତୁ ଏହି ସମ୍ମିଳନୀର ସବୁ ଆଲୋଚନା ଓ ପ୍ରବନ୍ଧ ପାଠ ଇଂରାଜୀ ଭାଷାରେ ହେଉଥିଲା । ତାହାହେଲେ ଭାରତୀୟ ସାହିତ୍ୟମାନଙ୍କରେ ଇଂରାଜୀ ସାହିତ୍ୟର ସ୍ଥାନ ରହିବ ନାହିଁ ତ ଆଉ କାହାର ?

ପୁଣି ଏହି ଲେଖକ ସମ୍ମିଳନୀର ମୂଳଦୁଆ କେଉଁଠାରେ ଜାଣ କି ? ତାହା ହେଉଛି ଇଂଲଣ୍ଡରେ । ପଚିଶ ବର୍ଷ ତଳେ ୧୯୨୧ ମସିହାରେ ଇଂଲଣ୍ଡର ଜଣେକେତେ ଲେଖକ ଲେଖିକା ମିଳି "ପେନ୍ କ୍ଲବ୍" (P. E. N.) ନାମକ ଗୋଟିଏ ଛୋଟ ଅନୁଷ୍ଠାନ ଗଢ଼ନ୍ତି । କବି ଓ ଉପନ୍ୟାସ ଲେଖିକା ଶ୍ରୀମତୀ ଡସନ୍ ସ୍କଟ୍ ହେଲେ ଏହାର ପ୍ରଥମ ଉଦ୍ୟୋକ୍ତା । ୧୯୧୪—୧୮ର ମହାଯୁଦ୍ଧ ପରେ ଜାତି ଜାତି ଭିତରେ ଯେଉଁ ଘୃଣା,

Digitized by srujanika@gmail.com

ଦ୍ୱେଷ, ଅବିଶ୍ୱାସ ରହିଥିଲା, ସେସବୁକୁ ଦୂର କରି ପରସ୍ପରଙ୍କୁ ବୁଝି ବନ୍ଧୁଭାବ ବଢ଼ାଇବା ପାଇଁ ଲେଖକମାନେ ଅଗ୍ରଣୀ ହେବେ ବୋଲି ଏହି ଅନୁଷ୍ଠାନଟିର ଲକ୍ଷ୍ୟ ଥିଲା। ସେତେବେଳେ ମାସକୁ ଥରେ ଲେଖାଁ ବସି ଲେଖକମାନେ ଗୋଟିଏ ଭୋଜନ କରୁଥିଲେ ଓ ବିଦେଶର ଅଗ୍ରଣୀ ଲେଖକମାନଙ୍କୁ ଚର୍ଚ୍ଚା କରୁଥିଲେ। ମୁଖ୍ୟତଃ ସବୁ ସାହିତ୍ୟର ଲେଖକମାନଙ୍କ ସଙ୍ଗେ ଏହି ଭାବରେ ସଦ୍ଭାବ ରକ୍ଷାକରୁ ଉଦ୍ୟମ କରୁଥିବାରୁ 'ପେନ୍' ଅନୁଷ୍ଠାନରେ ଇଂଲଣ୍ଡର ପ୍ରସିଦ୍ଧ ଲେଖକ ଗଲ୍‌ସୱର୍ଦି ଓ ଏଚ୍, ଜି, ଓ୍ୱେଲସ୍ ପ୍ରଭୃତି ପରେ ସଭାପତି ହୋଇଥିଲେ।

ଇଂରାଜୀ 'ପେନ୍' ଶବ୍ଦଟିର ଓଡ଼ିଆ ଅର୍ଥ ହେଉଛି କଲମ, ଅର୍ଥାତ କଲମ ଯାହାଙ୍କର ପେଶା, ସେହିମାନଙ୍କୁ ନେଇ ଏହି ଅନୁଷ୍ଠାନଟି ଗଢ଼ା। ପୁଣି ଏହାର ଗୋଟାଏ ଅକ୍ଷରିକ ଅର୍ଥ ମଧ୍ୟ ଅଛି।—P ମାନେ poet ବା କବି ଓ Playwright ବା ନାଟ୍ୟକାର; E ମାନେ Editor ବା ସମ୍ପାଦକ ଓ Essayist ବା ପ୍ରବନ୍ଧ ଲେଖକ; ପୁଣି N ମାନେ Novelist ବା ଔପନ୍ୟାସିକ। ଅର୍ଥାତ୍ ସାହିତ୍ୟର ସବୁ ଶାଖାର ଲେଖକ ଏହାର ସଭ୍ୟ ହୋଇ ପାରନ୍ତି।

କ୍ରମେ କ୍ରମେ ଏହି ଅନୁଷ୍ଠାନଟିର ଶାଖାସମୂହ ଏମିତି ବଢ଼ିଗଲା ଯେ ୟୁରୋପ ଠାରୁ ଆମେରିକା ପର୍ଯ୍ୟନ୍ତ ବିଭିନ୍ନ ଦେଶ ଓ ସାହିତ୍ୟର ଲେଖକମାନେ ଏଥିରେ ଯୋଗଦେଲେ। ବମ୍ବେର ଜଣେ ଧନୀ ପାର୍ଶୀଙ୍କର ସହଧର୍ମିଣୀ ଶ୍ରୀମତୀ ସୋଫିଆ ଓ୍ୱାଡିଆ ୧୯୩୩ ମସିହାରେ "ପି, ଇ, ଏନ୍" ର ଗୋଟିଏ ଭାରତୀୟ ଶାଖା ଗଢ଼ିଲେ। ଶ୍ରୀମତୀ ସୋଫିଆଙ୍କ ସମ୍ପାଦନାରେ ଇଂରାଜୀରେ ଉକ୍ତ ଅନୁଷ୍ଠାନ ତରଫରୁ ଗୋଟିଏ ମାସିକ ମୁଖପତ୍ର ପ୍ରକାଶିତ ହେଉଛି। ସେଥିରେ ଭାରତର ସବୁଭାଷା ଓ ସାହିତ୍ୟର ସମ୍ବାଦ କିଛି କିଛି ବାହାରିଥାଏ। ଭାରତର ସବୁ ସାହିତ୍ୟର ଲେଖକମାନଙ୍କୁ ନେଇ ଜୟପୁରରେ ଏହି ପ୍ରଥମ ଲେଖକ ସମ୍ମିଳନୀ ବସିଲା।

ପ୍ରଥମ ପ୍ରଶ୍ନ ହେଉଛି ଜୟପୁର ଭଳି ଗୋଟିଏ ଦେଶୀୟ ରାଜ୍ୟରେ ଲେଖକ ସମ୍ମିଳନୀ ବସିଲା କାହିଁକି? ସେଠାରେ କଣ ବେଶୀ କବି ସାହିତ୍ୟିକ ଅଛନ୍ତି? ଏହାର ଉତ୍ତର ହେଉଛି, କାଳି ଦାସଙ୍କ ସମୟରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ଭାରତର ରାଜା ମହାରାଜାମାନେହିଁ ସାହିତ୍ୟିକ ଉନ୍ନତି କଳ୍ପେ ସାହାଯ୍ୟ ସହାନୁଭୂତି ଦେଖାଇ ଆସୁଛନ୍ତି। ତାହା ନ ହେଲେ ହିମାଳୟଠାରୁ କୁମାରିକା ଯାଏ ଭାରତର ସବୁ ଅଞ୍ଚଳରୁ ଆସିଥିବା ପ୍ରାୟ ଦୁଇଶହ କବି ଲେଖକଙ୍କୁ ବିନା ଖର୍ଚ୍ଚାରେ "ରାଜାଘର ଖାନା" ଯୋଗାଇ ଆଉ କେଉଁଠି ଚର୍ଚ୍ଚା କରିବା ସମ୍ଭବ ହୁଅନ୍ତା? ଦୁଇ ତିନୋଟି ବଡ଼ ବଡ଼ ହୋଟେଲରେ ଅତିଥିମାନଙ୍କ ପାଇଁ ବ୍ୟବସ୍ଥା ହୋଇଥାଏ, ପୁଣି ଗୋଟିଏ ବଡ଼ ପଡ଼ିଆରେ ଶହେ ସତର ତମ୍ବୁ ଟଣା ଯାଇଥାଏ। ହୋଟେଲ ମାନଙ୍କରେ ବିଲାତି ଓ ତମ୍ବୁଗୁଡ଼ିକରେ ଦେଶୀ ଖାଦ୍ୟର ବନ୍ଦୋବସ୍ତ।

କଟକରୁ ଜୟପୁରକୁ ପ୍ରାୟ ବାରଶହ ମାଇଲ ରେଳ ପଥରେ ଯିବାକୁ ହୁଏ। କଲିକତା ବାଟେ ଯିବାକୁ ଲାଗିଲା ତିନି ରାତି ତିନି ଦିନ। ଦିଲ୍ଲୀ ବାଟେ ଟିକିଏ ବୁଲିଣି ପଡ଼ିବାରୁ ମୁଁ ଗଲି ଆଗ୍ରା ବାଟେ। ଆଗ୍ରାଠାରୁ ଦେଢ଼ ଶହ ମାଇଲ ଛୋଟ ରେଳ ଗାଡ଼ିରେ ଯିବାକୁ ହେଲା। ରେଳ ରାସ୍ତାଟି ଯୋଧପୁର ଓ ଉଦୟପୁର ରାଜ୍ୟ ଦୁଇଟି ଭିତରେ ଯାଇଛି। ବାଟରେ ଗୋଟିଏ ଷ୍ଟେସନରେ "ପାଣିଫଳ" ଶିଙ୍ଗଡ଼ା କିଣିଲି ଯେ ତାହାକୁ ଯୋଧପୁରର ଗୋଲ ଦ୍ରପଦମ ହେଲା। ଏ ତରଫରେ ଯୋଧପୁର ରାଜସରକାରଙ୍କର ଅଶ୍ୱ ବୋପରଶି ଚାଲେ। ବାଟଯାକ ରେଳ ଦୁ' କଡ଼ରେ ମକା, ଯଅ, ଓ ଗହମ ଛଡ଼ା ଧାନ ଗଛଟିଏ ଦେଖିବାକୁ ସ୍ୱପ୍ନ।

ଜୟପୁର ଷ୍ଟେସନରେ ପହଞ୍ଚିଲା ବେଳକୁ ଦିନ ଗଡ଼ ଗଡ଼ ହେଉଥାଏ। ପକେଟ ଉପରେ P. E. N. ଛାପା ମାରି ଜଣେ ସ୍ୱେଚ୍ଛା ସେବକ ତାଙ୍କ ପାଖରେ ଥିବା ନାମ ତାଲିକା ଦେଖି ମତେ ଡାକ ନେଲେ। ଜୟପୁର ଷ୍ଟେସନଟା କଟକ ଷ୍ଟେସନ ଭଳି ବଡ଼ ଓ ସେଥିରୁ ବେଶି ଝଲଂ ଝମ୍ ଭଲ ନୂଆ। ଷ୍ଟେସନ ଫାଟକ ଡେଇଁଲେ ଗୋଟାଏ ତମ୍ବୁ ଦେଖାଯାଏ। ତାହା ଆଗରେ ବଡ଼ ବଡ଼ ଅକ୍ଷରରେ ଲେଖାଥାଏ—P. E. N. Enquiry Office— କେହି ପ୍ରତିନିଧି ଏଇଠାରେ ତଦାରଖ କଲେ ତାଙ୍କ ରହିବା ଆଦିର ବ୍ୟବସ୍ଥା ସଙ୍ଗେ ସଙ୍ଗେ କରାଯାଏ। ଆସିଲାବେଳେ ବଙ୍ଗଳାର ଐତିହାସିକ ଡକ୍ଟର ରାଧାକୁମୁଦ ମୁଖର୍ଜିଙ୍କ ସଙ୍ଗେ ଏକା ରେଳ ଡବାରେ ମୁଁ ଆସିଲି। ଷ୍ଟେସନରେ ଓହ୍ଲାଇ ଦେଖିଲି କେବଳ ଆମ ଦୁହିଁଙ୍କ ପାଇଁ ଏକା ହୋଟେଲରେ ଗୋଟିଏ କୋଠରୀ ଠିକ କରା ହୋଇଛି। ହୋଟେଲଟିର ନାମ 'କୈସର ହିନ୍ଦ'। ପଞ୍ଜାବ, ଆସାମ, ଗୁଜରାଟ, ମାଳବାର ଆଦି ନାନା ଅଞ୍ଚଳରୁ ପ୍ରତିନିଧିମାନେ ଏହି ହୋଟେଲରେ ଥାନ୍ତି। ଆମ କୋଠରୀ ଲାଗି ଆଉ ଗୋଟିଏ କୋଠରୀରେ ପୋଲାଣ୍ଡର ଜଣେ ମହିଳା, ପୁଣି ଆଉ ଏକ କୋଠରୀରେ ବର୍ଷକ ଆଗେ କଟକର ଏକ ସଭାରେ "ରବୀନ୍ଦ୍ର ନାଥ" ସମ୍ବନ୍ଧେ ବକ୍ତୃତା ଦେଇଥିବା ପଞ୍ଜାବ ବାସିନୀ ଇଂରେଜ ମହିଳା ଶ୍ରୀମତୀ ପ୍ରଭା ଦେବ ଥି[illegible]। ତାଙ୍କ ସହିତ କଟକରେ ମୋର ଦେଖା ହୋଇଥିଲା। [illegible] ପୁଣି ଆଳାପ ଜମିଲା। ଡକ୍ଟର ମୁଖର୍ଜି ବୁଢ଼ା ହେଲେ କଣ ହେବ, ଅଧ୍ୟାପକସୁଲଭ ନମ୍ରତା ଓ ମିଷ୍ଟାଳାପ ଦ୍ୱାରା ସମସ୍ତଙ୍କୁ ଖୁସି କରୁଥାନ୍ତି।

ରାତି ଭୋଜନ ପରେ କେତେ ଜଣ ହୋଟେଲ ଆଗର ପଡ଼ିଆଟିରେ ବସିଲୁ। ହାଇଦ୍ରାବାଦରୁ ଆସିଥିବା ଜଣେ ଯୁବକ କବି ଦୁଇଟି ଉର୍ଦ୍ଦୁ କବିତା ସ୍ୱର ଦେଇ ଗାଉଥାଆନ୍ତି। ତାଙ୍କ [illegible] ଜଣେ ଶୁଦ୍ଧହୃଦୟ ମୁସଲମାନ ସାହିତ୍ୟିକ ନଜିର ଭାଷାତତ୍ତ୍ୱବିତ୍ ବୋଲି ପରିଚୟ ଦେଲେ ଏବଂ ସେ ଉଭୟ ଭାଷାରେ ଓଡ଼ିଆ ଶବ୍ଦ [illegible] କରୁଥିବାର କହିଲେ। ଆଗରୁ ଖାଲି ବସିବାବେଳେ ଶ୍ରୀମତୀ ପ୍ରଭା ଅବଶ୍ୟ ଏହାଙ୍କ ପ୍ରତି ମୋର ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ସେ ଗୋଟିଏ ଲକ୍ଷ୍ୟ କରିବାର ଜିନିଷ ବୋଲି କହିଥିଲେ। ସମ୍ମିଳନୀରେ ଯେଉଁଦିନ ଓଡ଼ିଆ ସାହିତ୍ୟ ବିଷୟରେ ପ୍ରବନ୍ଧ ପଢ଼ିଲି ତାହା ପରେ ଏହି ଭଦ୍ରଲୋକ ମୋତେ କହିଥିଲେ ଯେ ସେ ଆଗରୁ ଓଡ଼ିଆ ସାହିତ୍ୟ ସମ୍ବନ୍ଧେ କିଛି ଜାଣି ନ ଥିଲେ। ସେମାନେ [illegible] ଜାଣନ୍ତି।

ହୋଟେଲ ଆଗରେ ବସିଥିବା ବେଳେ ଆଠ ନଅ ବର୍ଷର ଗୋଟିଏ ବାଳକଟି ହାତ ସମସ୍ତଙ୍କ ହସ୍ତାକ୍ଷର ( autograph ) ସଂଗ୍ରହ ଖାତାରେ ଲେଖାଇ ନେଇ ଧନ୍ୟବାଦ ଦେଉଥାଏ। ସେ ତା'ର ବାପ ମାଙ୍କ ସାଙ୍ଗରେ ବମ୍ବେରୁ ଆସି ସେହି ହୋଟେଲରେ ଥାଏ।

Digitized by srujanika@gmail.com

ଅଉ ଦେଶର ଲେଖକ ମଧ୍ୟ ସହିତ ଅଛିଥାନ୍ତି । ପୁଣି କେତେ କେତେ ମଧ୍ୟ ଗ୍ରାମୀଣ ଅଛିଥାନ୍ତି । ଶ୍ରୀମତୀ ହିରା ଦେବୀ ଯେପରି ...ଭ ହୋଇ ଜଣେ ଶ୍ରଦ୍ଧାସ୍ପଦ ସ୍ୱାଗତ କରନ୍ତି, ସେହିପରି ...ଜାଙ୍କ ଇଂରେଜ ପୁରୁଷଙ୍କ ସହିତ ଦେଖିଥିଲି । ପୁଣି ... ପରିଷଦ ଅଧ ହେବେ ଜଣ ମହିଳା ଅଛିଥିଲେ ସମସ୍ତେ ଧ୍ରାଯ୍ୟୁ ... ଶାନ୍ତି. ସେନା ବିଭାଗରୁ କେତେ ଗୁଡ଼ାଏ ଇଂରେଜ ଓ ମାର୍କିନ ସାହିତ୍ୟିକ ମଧ୍ୟ ଅଛିଥିଲେ । ଜବଲପୁରରୁ ଅଛିଥିବା ଜଣେ ସେନା-ଅଫିସର ମୋଟେ ସାଙ୍ଗରେ ଧରି ତାଙ୍କ ସ୍ତ୍ରୀଙ୍କ ପାଇଁ କଲିକତାରୁ ଗୋଟିଏ ସୁନ୍ଦର ଝଟଶାଢ଼ୀ କିଣିଥିଲେ ।

'ଭାରତବର୍ଷ' ହୋଟେଲ ନ୍ୟୁମାର୍କେଟର ଠିକ୍ ପାଖରେ । ଅର ଦିନ ଅନ୍ଧାରଥିରୁ କାନ ଅଟଳ ଶାଳ ଜନତାର ଲୋକଙ୍କର ଗର୍ଜନ ଶୁଣାଗଲା, "ଜୟଭାରତମାତା କି ଜୟ ।" ବୁଝିବାକୁ ବାକି ରହିଲା ନାହିଁ ଯେ ପଣ୍ଡିତ ଜବାହାର ଲାଲ ଦିଲ୍ଲୀରୁ ଆସି ସକାଳ ଗାଡ଼ିରେ ଓହ୍ଲାଇଲେ । କେହି କେହି ହୁଏତ ଜାଣିଥିବ ଯେ ଭାରତୀୟ ପି, ଇ, ଏନ ର ଉପସ୍ଥିତ ସଭାପତି ଶ୍ରୀମତୀ ସରୋଜିନୀ ନାଇଡୁ ଓ ଦୁଇ ଜଣ ଉପସଭାପତିଙ୍କ ଭିତରୁ ଜଣେ ହେଉଛନ୍ତି ବନାରସ ହିନ୍ଦୁ ବିଶ୍ୱ-ବିଦ୍ୟାଳୟର ଭାଇସ୍ ଚାନସେଲର୍ ସାର୍ ସର୍ବପଲ୍ଲୀ ରାଧାକୃଷ୍ଣନ୍ ଏବଂ ଅନ୍ୟ ଜଣକ ପଣ୍ଡିତ ଜବାହାରଲାଲ ନେହେରୁ ।

ପଣ୍ଡିତ ଜବାହାରଲାଲଙ୍କର ଏହି ଗତିବିଧିର କାର୍ଯ୍ୟ ମଧ୍ୟ ଥିଲା । ସେଇଥି ପାଇଁ ସେ ଜୟପୁର ଷ୍ଟେଟର ଅତିଥ୍ୟ ଗ୍ରହଣ ନ କରି ପ୍ରଜାମଣ୍ଡଳ ଅଫିସରେ ରହିଲେ । ଯାହାହେଉ ଜବାହାରଲାଲ ପହଞ୍ଚିବାରୁ ତାଙ୍କ ଦେଖଣୀ ବିଚ୍ଛାରେ ଆମମାନଙ୍କର ସହଳ ନିଦ ଭାଙ୍ଗିଗଲା ।

ସକାଳ ୯ ଟାରେ ସଭା । ୮ଟାରୁ ତାହାରବାଲା ହେବ ବୋଲି ମୁଁ ରାସ୍ତାରୁ ସମସ୍ତଙ୍କୁ ଜଣାଇ ଦିଆ ହୋଇ ଥାଏ । ସବାଶ୍ରୁ ଜଣେ ସ୍ୱେଚ୍ଛା ସେବକ ଆସି ସମ୍ମିଳନୀର କାର୍ଯ୍ୟ ନିର୍ଘଣ୍ଟ ଓ ପି, ଇ, ଏନ୍ ପ୍ରତିନିଧିର ଗୋଟିଏ ପାକେଟ ଚିହ୍ନ କୁର୍ତ୍ତା ଉପରେ ଲଗାଇବାକୁ ଦେଇଗଲେ ।

ହୋଟେଲରେ ପହଞ୍ଚିବାମାତ୍ରେ ଓଡ଼ିଶାରୁ ଲକ୍ଷ୍ମୀ ନାରାୟଣ ବାବୁ ଓ ନବ ବାବୁ କେଉଁଠି ଅଛନ୍ତି ଖୋଜିଲି । ଏହି ସନ୍ଧାନ ପାଇଲି ନାହିଁ । ସବୁଥି ସାଙ୍ଗେ ଇଂରାଜୀ ଭାଷାରେ କଥା କହି କହି ଓଡ଼ିଆ ପଦେ କହିବାକୁ ଓ ଶୁଣିବାକୁ ମନଟା ଉଚ୍ଚାଟ ହେଉଥାଏ । ହଠାତ୍ ଜଣେ ଓଡ଼ିଆଙ୍କ ସଙ୍ଗେ ଭେଟ ହେଲା । ସେ ପୁଣି ମୋର କୋଠରୀ ଭିତରେ ! ଉତ୍କଳ ଗୋଧାକାଳୀନଙ୍କର ସେ ସ୍ୱାମୀ । ସନ୍ଦେହ ହେଲାରୁ ପଚାରି ବୁଝିଲି ତାଙ୍କ ଘର ଜଲେଶ୍ୱରରେ । ମୁଁ ଓଡ଼ିଆ ବୋଲି ଶୁଣି ସେ ମଧ୍ୟ ଭାରି ଖୁସି ହେଲେ । ଦୁହେଁ ଓଡ଼ିଆରେ କଥାଭାଷା ହେଲୁ ।

ଟାଉନ ହଲରେ ସମ୍ମିଳନୀ ବସୁଥାଏ । ସେଠାକୁ ଯିବା ପାଇଁ ଜୟପୁର ଦରବାର ପ୍ରତିନିଧିଙ୍କର ରହିବା ସ୍ଥାନମାନଙ୍କରେ ଟେକ୍ସି ଲେଖା ବସ୍ ମଟର ବନ୍ଦୋବସ୍ତ କରି ଥାଆନ୍ତି । ପ୍ରାତ ଭୋଜନ ପରେ ମଟରରେ ବସିଲି । ଜୟପୁର ସହର ବଜାର ଗହଳ ଚହଳର ପ୍ରାୟ ଦୁଇମାଇଲ । ପୁଣି ସହରର ରାସ୍ତା ଖୁବ ଓସାର ଓ ସଳଖ ରାସ୍ତା ଭାରତବର୍ଷର ଖୁବ କମ ସହରରେ ଥିବ । ଆମ ସିଂହଦ୍ୱାର ବାଟେ ଗଲୁ । ସିଂହଦ୍ୱାରରେ ଦୁଇଜଣ ଘୋଡ଼-ସବାର ଜଗୁଆଳ ଥାଆନ୍ତି । ଟାଉନ ହଲଟି ଗୋଟାଏ ପାହାଡ଼ ଉଚ୍ଚ ଜାଗା ଉପରେ ଅବସ୍ଥିତ । ଏଭଳି ପ୍ରଶସ୍ତ ସୁସଜ୍ଜିତ ହଲ ଆମ ଓଡ଼ିଶା ମୁଲକରେ ଖୋଜିଲେ ମଧ୍ୟ ମିଳିବ ନାହିଁ । ବାହିଁ ଏ ନ ହେବ ? ଜୟପୁର ରାଜ୍ୟଟିର ଆୟତନ ଆମ ଓଡ଼ିଶା ପ୍ରଦେଶର ଆୟତନଠାରୁ ଯଥେଷ୍ଟ ବେଶି ।

ସଭା ସ୍ଥଳରେ ଆମ ନବ ବାବୁ ଓ ପରେ ଲକ୍ଷ୍ମୀନାରାୟଣ ବାବୁଙ୍କ ସଙ୍ଗେ ଦେଖା ହେଲା । ସେ ଦୁହେଁ ମଧ୍ୟ ଅଲଗା ସ୍ଥାନରେ ରହୁଥିଲେ । ସାର ମିର୍ଜା ଇସ୍ମାଇଲଙ୍କ ନାମ ଶୁଣିଥିବ । ପୂର୍ବେ ସେ ମହୀଶୂରର ଦେବାନ ଥିଲେ । ଦୁଇବର୍ଷ ହେବ ଜୟପୁର ଦେବାନ ହୋଇଛନ୍ତି । ଜଣେ ବଡ଼ ସ୍ୱାଧୀନ ଚେତା ଦେବାନ ବୋଲି ଭାରତରେ ତାଙ୍କର ଖ୍ୟାତି ଅଛି । ତାଙ୍କର ଆନୁକୂଲ୍ୟରେହିଁ ନିଖିଳ ଭାରତ ଲେଖକ ସମ୍ମିଳନୀ ଜୟପୁରରେ ଅନୁଷ୍ଠିତ ହୋଇ ପାରିଥିଲା । ପ୍ରଥମେ ସେ ପ୍ରାରମ୍ଭିକ ଭାଷଣ ପାଠ କରିଥିଲେ । ଟାଉନ ହଲ ବେଦୀ ଉପରେ ଶ୍ରୀମତୀ ସରୋଜିନୀ, ସାର୍ ସର୍ବପଲ୍ଲୀ, ସାର୍ ମିର୍ଜା, ଶ୍ରୀମତୀ ସୋଫିଆ ପ୍ରଭୃତି ବସିଥିଲେ । ଏହି ସମୟ ପରେ ପଣ୍ଡିତ ଜବାହାରଲାଲ ତାଙ୍କର କନ୍ୟା ଶ୍ରୀମତୀ ଇନ୍ଦିରାଙ୍କ ସହ ପହଞ୍ଚିଲେ । ସଙ୍ଗେ ସଙ୍ଗେ ସଭା ଗୃହରେ କରତାଳି ଧ୍ୱନି ହେଲା ।

ସାର୍ ମିର୍ଜାଙ୍କ ଭାଷଣଟି ଯେଉଁଭଳି ସୁଚିନ୍ତିତ ସେହିଭଳି ସୁପଠିତ ହୋଇଥିଲା । ପଣ୍ଡିତ ଜବାହାର ଲାଲ ପହଞ୍ଚିବା ମାତ୍ରେ ସମସ୍ତଙ୍କ ଦୃଷ୍ଟି ତାଙ୍କ ଉପରେ ପଡ଼ିଲା । ଯୁବକ ନ ହେଲେହେଁ ଯୁବକସୁଲଭ ଚାଞ୍ଚଲ୍ୟ ତାଙ୍କଠାରେ ବରାବର ଲକ୍ଷିତ ହେଉଥାଏ । ଶ୍ରୀମତୀ ସରୋଜିନୀ ଓ ସାର୍ ସର୍ବପଲ୍ଲୀ ମଧ୍ୟ ମଝିରେ ମଝିରେ ଥଟ୍ଟା କୌତୁକ କରୁଥାନ୍ତି । କେବଳ ଅବିଚଳିତ ଭାବରେ ପ୍ରସ୍ତର ମୂର୍ତ୍ତି ଭଳି ବସି ରହିଥାନ୍ତି ସାର୍ ମିର୍ଜା ।

ସେମାନଙ୍କ ପଛ ଧାଡ଼ିରେ ବସିଥାନ୍ତି କିଏ ଜାଣ ? ଇଂଲଣ୍ଡର ପି, ଇ, ଏନ୍, ସେକ୍ରେଟାରୀ ଶ୍ରୀ ହରମନ୍ ଉଲଡ଼ ଏବଂ ଇଂରାଜୀ ସାହିତ୍ୟର ପ୍ରସିଦ୍ଧ ଔପନ୍ୟାସିକ ଶ୍ରୀଯୁକ୍ତ ଶ୍ରୀ ଇ, ଏମ୍, ଫର୍ଷ୍ଟର । ଦୁହେଁଯାକ ଏହି ସମ୍ମିଳନୀରେ ଯୋଗ ଦେବାକୁ ବିଲାତରୁ ଆସିଥାନ୍ତି ।

ତିନିଦିନ ଧରି ସକାଳ ୯ଟାରୁ ଗୋଟାଏ ପର୍ଯ୍ୟନ୍ତ ପୁଣି ୨—୩୦ରୁ ୫ଟା ପର୍ଯ୍ୟନ୍ତ ପ୍ରବନ୍ଧ ପାଠ ଓ ବକ୍ତୃତା ଶୁଣି ଶୁଣି ଶେଷରେ କାନ ଟଣଟଣ ଓ ମୁଣ୍ଡ ବଥାଇଲା । ନବବାବୁ ମଧ୍ୟ ଦୁଇଥର ବକ୍ତୃତା କରି ଆମ ଓଡ଼ିଶାର ଟେକ ରଖିବାକୁ ଉଦ୍ୟମ କରିଥିଲେ

ସମ୍ମିଳନୀ ସରିଲାପରେ ପ୍ରାୟ ପ୍ରତିଦିନ ଗୋଟାଏ ଦୁଇଟା ମଜଲିସର ବ୍ୟବସ୍ଥା ଥାଏ । ପ୍ରଥମ ଦିନ ତ ମହାରାଜା ନିମନ୍ତ୍ରଣ କରିଥିଲେ ଏକ ଉଦ୍ୟାନ ଭୋଜିକୁ ଓ ସାର୍ ମିର୍ଜା ଡାକିଥିଲେ ରାତି ଭୋଜନକୁ । ଦୁଇଟି ମଜଲିସରେ ଶ୍ରୀମତୀ ସରୋଜିନୀ ଓ ଜବାହାର-ଲାଲ ପ୍ରମୁଖ ପ୍ରାୟ ସବୁ ପି, ଇ, ଏନ୍ ସଭ୍ୟ ଯୋଗ ଦେଇଥିଲେ ।

ମୋଟ ଉପରେ ଜୟପୁର ଲେଖକ ସମ୍ମିଳନୀକୁ ସାହିତ୍ୟିକମାନଙ୍କର ଗୋଟିଏ ଭଲ ମଜଲିସ୍ ଓ ମିଳନ ସୂତ୍ର ବୋଲି କୁହାଯାଇ ପାରେ ।

ତୁମମାନଙ୍କର

ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ

Digitized by srujanika@gmail.com





ଭୂତପୂର୍ବ ପ୍ରଧାନ ମନ୍ତ୍ରୀଙ୍କର

## ଉଚ୍ଚ ପ୍ରଶଂସା

ଶ୍ରୀ ପଦ୍ମଚରଣ ପରିଜା ( ପାଟଣାଗ୍ରାମ )ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମି-କ୍ୟାଲ ଏଣ୍ଡ ବିଉଟି ପ୍ରଡ଼କ୍ଟସ୍** ପରିଦର୍ଶନ କରି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ର-ଲୋକଙ୍କର ଏ ପଥପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବ ଉତ୍ସାହ ପାଇବାର ଯୋଗ୍ୟ ।

**ସ୍ୱା: ଶ୍ରୀ ବିଶ୍ୱନାଥ ଦାସ**

## କୋଣାର୍କ କେମିକ୍ୟାଲ୍ ଏଣ୍ଡ ବିଉଟି ପ୍ରଡକ୍ଟସ୍

ଇଣ୍ଡିଆ




ଓଡିଆର ଧନ

ଓଡିଆର ଶ୍ରମଦ୍ୱାର୍ ନିର୍ମ୍ମିତ

ମେସାର୍ସ— 'ଦାସ ଏଣ୍ଡ କୋ'
୭, ଫାଲଗୁନ ଦାସ ଲେନ୍,
କଲିକତା ନଂ୨

ଏଟେଲେଣ୍ଟା

ଫ୍ୟାନ୍

ବ୍ୟବହାର କରି ଦେଶର
ଗୌରବ ବଢ଼ାନ୍ତୁ ।

ସୁନ୍ଦର—ଶସ୍ତା ଓ ଦୀର୍ଘକାଳ ସ୍ଥାୟୀ ।

ପରିବେଶକ—
ଡବ୍ଲିୟୁ: ସି: ନାୟକ ।
ଏଣ୍ଡ କୋ:।

୪ ନଂ ଫାଲ୍‌ଗୁନ୍ ଦାସ ଲେନ୍
କଲିକତା ।

Printed & published by G. C. Mahapatra at the Gopinath Press, Bhadrak. 1945.

Digitized by srujanika@gmail.com





## ବସନ୍ତ ମଲ୍ଲିକା

ଜୀବନ-ବସନ୍ତର ଅନୁପମ ସାଥୀ । ଏହାର ମନୋରମ ଗନ୍ଧ-ବିଭବ ତଟକା ଫୁଲର ମଧୁର ସୌରଭଠାରୁ ଅଧିକତର । ବାହ୍ମୀ ଓ ଭୃଙ୍ଗରାଜର ସାର ନିଷ୍କାସନରେ ପ୍ରସ୍ତୁତ । ଏ ତୈଳ ଦୃଷ୍ଟିହ୍ରସ୍ୱତା, ଉନ୍ମାଦ ଓ ସ୍ମରଣଶକ୍ତି ହ୍ରାସ ପ୍ରଭୃତି ମାନସିକ ଦୌର୍ବଲ୍ୟରେ ବିଶ୍ୱାସଯୋଗ୍ୟ ଅବଲମ୍ବନ ।

କୋଣାର୍କ କେମିକ୍ୟାଲ ଏଣ୍ଡ
ବିଉଟି ପ୍ରଡକ୍ସ୍
ଇଣ୍ଡିଆ ।


## ଏ ସଂଖ୍ୟାରେ

ପୁଣି ବାହାରିଲା—
'କଳି ମହାଭାରତ'
୨ୟ ମହାସମର ବୃତ୍ତାନ୍ତ

ମଜା କଥାରେ—
'ଘଟି ଓ ଛତା'

କାହାଣୀରେ -
'କ୍ଷୁଦ୍ରର ଦାବୀ'
ପଢ଼ନ୍ତୁ—

ମଜା କବିତାରେ—
'କେଜାଣି କି ହେବ ଗଡରେ—'
ଓ
ଅନ୍ୟାନ୍ୟ ।

Digitized by srujanika@gmail.com

# MATRIC MANUAL.

A Series in four parts, presenting **six years University Question** ( Final & Supplimentary ) with answers Easy Intelligent and Convincing.

PART I—Mathematics :—Best help in absence of qualified experienced teachers. Methods easy and attractive to overcome difficulties. Price – Rs. 1-8

PART II—Geography :—Both physical and political portions represented in details with the help of diagrams wherever necessary. One of the greatest, useful and attractive features of the book is the **systemetic arrangement of facts**.

PART III—English :—Up-to-date and lively answers in simple **idiomatic English.** Best help to learn and write English. **Originality**—highest factor, plays an important part in **Essays and grammatical** portions. Price—1-8

PART IV—History :—Under preparation.

ଗଳ୍ପର ଢଙ୍ଗ ଭଙ୍ଗୀରେ
ସହସ୍ର ରଙ୍ଗିନ ଛବି
**ଅଧ୍ୟାପକ ରାଜକିଶୋର ରାୟଙ୍କର**
## ନୀଳ ଲହରୀ
ପଢ଼ନ୍ତୁ !
କ୍ଷୁଦ୍ର ଗଳ୍ପର ନୂଆ ଶୈଳୀ
ଭାବ ଧାରାର ନବ ପ୍ରସ୍ରବଣ
**ମୂଲ୍ୟ—ଟ ୧ ୮**

Just out

## ସ୍ୱର୍ଗ ଜ୍ୟୋତି
'ଜହର ଲାଲ'
ଲେଃ—ଶ୍ରୀ ବଳରାମ ମହାନ୍ତି
**ମଲ୍ୟ – ଟ ୧ ୮**

Just out

Notes on
## A WAY TO ENGLISH
( O U. P. )

N. B. Please ask for the books first to your nearest bookseller and then if necessary place orders with some advance.

Published at
**KRUSHNA BHANDAR**
Chaudhury Bazar
CUTTACK.


ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର;** ପରିଚାଳନା ସମ୍ପାଦକ; —**ଶ୍ରୀ ରାଇମୋହନ ଦାସ**

Digitized by srujanika@gmail.com




# ବିଲୁଆ ବିଚାର

୯ମ ବର୍ଷ - ୧୨, ୧୩ଶ ସଂଖ୍ୟା

କାର୍ତ୍ତିକ ଦ୍ୱିତୀୟାର୍ଦ୍ଧ ଓ ମାର୍ଗଶିର ପ୍ରଥମାର୍ଦ୍ଧ

ଚଛିଲ ଚଛା ଆମର କାହିଁ ଗଲା ? ଆଜ ସମସ୍ତେ ଝୁରୁ ହଉଛନ୍ତି । କାରଣ ଚଛା ଥିଲେ ସଛା ହେବ । ସେବ ଦଠାବ୍ କଥା । ମୁରବିଆନା ଗଣ୍ଠିର ନେଇ ଆମର ପାଠ ଗୋଷ୍ଠି ମଣ୍ଡପ କରୁଥିଲେ । ହାତ୍ବରେ ସେ ଯୁଗ । ଆମେ ଦେଖେ ଏତକ ବୁଝୁଥିଲୁଁ ଯେ ଏ ଚଛାଙ୍କ ବୋଲ ନମାନ କେହେଲା ହେଲେ ଆମର ମଙ୍ଗଳ ହେବ ନାହିଁ ।

କଲି କ ହେଲକରେ ଏ ଅଟଳ ମହସାଙ୍କ ଅମଳ । ଗୋଟିପଣେ ଶୁକ୍ଳ ତୁଳସୀ ହେଇ ଅସିଲେ । କେକରେ କଣ୍ଠି । ଛାତିରେ ନାମାବଳୀ । ମୁଖରେ ରାମନାମ । ଭିତରେ ଭିତରେ ଦରବାମ ଚାଲିଛି ।

ଛ'ମାସ ଗଲା । ବର୍ଷେ ଗଲା । ବର୍ଷେ ଗଲା । ଚାଙ୍ଗୁଡ଼ ଯୁବା ହେଲା । ଯୁବା ବୁଢ଼ା ହେଲା । ଶ୍ରମିକ ସରକାର ଆମ ଭାଗ୍ୟରେ ଅଣ୍ଟି ଘୋଡ଼ି କସିଦେଲେ । ଏ ଅଣ୍ଟା ଯେଉଁମାନେ କରୁଥିଲେ ସେଇମାନଙ୍କ ଅଣ୍ଟାରୁ ଲେମ୍ବୁ ରସ ଦେଇ ଡଗରକୁ ମଜା ଲାଗୁଛି ।

ହେଲେ ଏ ଗୋଟାଏ ମନ୍ଦ ଲୀଳା ନୁହେଁ । ଏକାସାଙ୍ଗରେ ମହାଦ୍ ଓ ଭଲଣି ମଣ୍ଡି କମିଟି ଶୁଳପାରେ ଶ୍ରମିକ ସରକାର ଢାଲ ନମୁନା ଦେଖାଉ କଉଛନ୍ତି । ବଙ୍ଗଳାରେ ଗୋଟେ କଥା ଅଛି—

ମୁଡ଼ର୍ ସଙ୍ଗେ ପାମ୍ପର୍ ଭ୍ରଜା,
ମଟରର୍ ସଙ୍ଗେ ହରିନାମ୍ ।

\+ + +

ଲଙ୍କାରୁ ଯେତିକ ବାହାରି ସମସ୍ତେ ଯେ ଅସୁର ହେବେ ଏକଥା ବୁଝିବା ଭୁଲ୍ । ଶ୍ରମିକ ସରକାର ଜାଗ୍ରତରେ ଯେଉଁ ଉତ୍ତମ ମଧ୍ୟମ ଦେଉଛନ୍ତି ସେଥିରୁ ସଂଗଠ ଶ୍ରମିକମାନେ ଶରୁପ ବୋଲି ଧରନେବା ମୂର୍ଖାମିଆ କଥା । ନହେଲେ, ଭାରତରେ କ ଠାଏ ଠାଏ ଟୋଠା ହେଇ ଯାଉଛି । ଯୋଡ଼ାଏ ନେଟା ପ୍ରାଣୀଙ୍କ ପ୍ରାଣ ଉଡ଼ି ଯାଉଛି । ଏଥିପାଇଁ ଶ୍ରମିକ ସରକାର ଦାୟୀ ନା ? ଗୋଟାଏ କଳ ଚାଲିଛି । ତାମ ମୂର୍ଖ ଲୋକ ଅଟାଗାରେ ହାତ ଦେଲେଇ ଦେଲେ; କଳ ତାକୁ ଗୁପି ଦେଲା । କଳର କ ଦୋଷ ନା କଳ ଚାଳକର କ ଦୋଷ ଅଛିରେ ? ତଥାପି ସେ କଳକୁ ଦପାଡ଼ାର ପକେଇବା ଭଳି ଲୋକ କ ଅଛନ୍ତି ଦୁନିଆରେ । ଗୋଡ଼୍ ଭାଙ୍ଗି ଶ୍ରମିକ ସଭାର ସଭାପତି ଲାଗି ସାହେବ ସାପ ପାପ କଥାରେ ତଡାଇ ଦେଉଛନ୍ତି କ ଭାରତ ଅଲକଟ ଅଟାଦ୍ ଡ୍ରୋସା । ହଁ ଏଇ ସବୁ ସମାଜ ଯାଅ । ଦେଇଟ୍ ନାଳଥ କରୁପରେ ମୁଁ ସ୍ୱରାଜ୍ୟ ଛାଡ଼ି ଦଉଛି—ଉଡ଼ ଉଡ଼ ଯାଉଛି ସେ ଏ.ମ୍ ଭାମ କନଇ । ତମେ କାନ ଦେଲେ ଥାଅ । ଆଉ ଜଣେ ଶ୍ରମିକ ପଣ୍ଡା ପଣ୍ଡିତ ଜହରଙ୍କ ସାବଧାନ କରି କହୁଛନ୍ତି—ହଁ, ହଁ ଏମିତି କଡ଼ା କଥା କହନାହିଁ—ହଁ ଏଇ ସବୁର କର । ଆମେ ଶ୍ରମିକ ସରକାର କ'ଣ କହୁଛୁଁ ଦେଖ । ସବୁରକା ଗାଛମେ ମେଓ୍ୱା ଫଲତା ହୈ ।

ଏ କି ଏକ ପାଲ । ଜଣେ ମାରୁ ମାରୁଥିବ, ଆଉ ଜଣେ ଚିଁ ହେଇ କହୁଥିବ—ହଁ—ହଁ—ମାରନାହିଁ—ମାରନାହିଁ—ଅଜ୍ଞା କଟେର କଣ ଦୋଷ ନାହିଁ । ତମର ମାରିବାଟା ଭୁଲ୍ ।

ଦୁଇ ସ୍ୱର ସମାନ । ଦୁଇ ଷ୍ଟେଜ ଯାହ—
ତୁଳସୀ ମାଳୀ,
ଭିତରେ ଭିତରେ ସଲ ମୁଲର ଲଟିଯାଏ ଥାଳୀ ଥାଳୀ ।

× × × ×

ଓଡ଼ିଆ ଆନ୍ଦୋଳନ ବୋଲି ଯେତେବେଳେ ହମ୍ବାରଉ ଓଡ଼ିଆ କଳିଙ୍ଗାଏ ଛାଡ଼ିଥିଲେ, ସେତେବେଳେ କଏ ଜାଣିଥିଲା ଏତେ ଦୁଃ ନାଠ ଅଛି ଏ 'ଓଡ଼ିଆ' ବୋଳରେ ? ଯେଉଁ ଯୋଗାରେ ଆମେ ସରକାରଙ୍କୁ ଚାଉଁଉଥିଲେ ଏବେ ସେଇ ଯୋଗାକୁ ନେଇ ଆମର ଲୋକେ ସରକାରଙ୍କ ଅଗଠାରରେ ଆମକୁ ଚାଉଁଉଛନ୍ତି । ଯିଏ ଗାଇଚନ୍ତି ସେ ତ ଗାଳ ମୁଣ୍ଡ ଅଞ୍ଜଳି ଦେଉଛନ୍ତି । ଯେ ମାରୁଛନ୍ତି ସେ ଶ୍ରୁରୁଚନ୍ତି·ଆମେ କ ହାଡ଼ିଆ ଗାଇରେ ।……

ଭଲ ଏ କଂଗ୍ରେସ ଚାଳ—ତମେ·ଯେତ ମୁକ୍ତିଆ ପାଇଁ ଲଢ଼ିଲ, ଅମଦାବାଦରେ ଚାଇଲଣ କର୍ଷ ମାକଡ଼ ଖାଇଲ—ଅମ ବୁଝର ଦୁଃଖ ଲଗା କଥାଁ ଧୂଅ ହେଲନ; ଏସବୁ ବୁଝୁନା ? ଯଦ ନ ବୁଝିଲ, ଆମ ବାରରେ ଯେଉଁ ଲୁଗର ମାଙ୍କଡ଼ ଗୋଟେଇଲ, ତୁମ ଦୁଅକୁ ସୁନ୍ଦ ସାଫ କଲ, ଆମେ ତାକୁ ନେତା ବୋଲି କହୁଁ । ତମେ ସ୍ୱାଧୀନ ଭାରତ ସ୍ୱାଧୀନ ଭାରତ କରୁଥା । ଆମେ ଅଗ ବେଟେଗଣ୍ଡ ସ୍ୱଦେଶ ଓଡ଼ିଆଙ୍କ ପାଇଁ ଠିକ୍ କର ରଖୁଁ । ଆମ ଗୋଦାବରୀଶ ଆମ ନନ୍ଦକଣ୍ଠ ଅଛନ୍ତି । ଯେଉଁ ଓଡ଼ିଆ ଓଡ଼ିଆ କହି ତମେ ସେଦିନ ନାଚୁଥିଲ, କ୍ଷୀଣ ସରକାରକୁ ଗାଳି ଦଉଥିଲ—ସେଇ ଓଡ଼ିଆ ଓଡ଼ିଆ ପଦରେ ଆମେ କଂଗ୍ରେସ ବାଲଙ୍କ ଦୁରାଜ୍ୟ ଶେଷ କ ଛାଡ଼ିବୁଁ ।

\+ + + +

କଂଗ୍ରେସକୁ ଭୋଟ ଦବା ନା ଓଡ଼ିଆକୁ ଭୋଟ ଦବା ! ଏଇ ପାଲ ଲଗିଛି ଗଞ୍ଜାମରେ । ହରେକୃଷ୍ଣ ସାହୁ କଏ—ନାମ ଶୁଣା ନ ଥିଲା । କାମ ଦେଖିଲେ ଅଟେ ହାଜର । କେଉଁ ଓଡ଼ିଆ ଆନ୍ଦୋଳନ ପାଇଁ ସେ ଶରୁଆର ଭ୍ରତ ଧରି ତପସ୍ୱୀ ହୋଇଥିଲେ ଆଜ ଓଡ଼ିଆର ରକ୍ଷା କରିବା ହେଇ ବାହାରି ପଡ଼ିଛନ୍ତି । ସେ ଯଦ କଂଗ୍ରେସ ମୁଣ୍ଡ ଉପରେ ଗୋଡ଼ ଦେଇ ଭୋଟ ନ ଦଉନ୍ତି ତେବେ ଓଡ଼ିଶାରୁ ଗଞ୍ଜାମ ଅଲଗା ପଡ଼ିଯିବ · ଜରୁମା ଘୋଡ଼ ମୁହଁ ମାନ୍ଦା କର ହେଉଥିବ—

Digitized by srujanika@gmail.com

ପୃଥ୍ୱୀ ଟଳିଯିବ ପଡ଼ିବ—ଟେବଲ ମାଉପେ ବାଡ଼ି ହେବେ—ଇତ୍ୟାଦି ଇତ୍ୟାଦି। ଅତଏବ କଂଗ୍ରେସ ପଟେ ମରୁ, ସ୍ୱାଧୀନତା ଦୂରେଇ ଯାଉ, ଆମ ଓଡ଼ିଆ ବଞ୍ଚିଥାଉ। ପରାଧୀନ ଭାରତରେ ଓଡ଼ିଆ ଏବେ ସ୍ୱାଧୀନତାର ପ୍ରତୀକ। ଯଥା—ଗୋଦାବରୀଶ ମିଶ୍ର—ନୀଳକଣ୍ଠ ଦାସ—ଆଉ ତାଙ୍କ ପଦାଙ୍କ ଅନୁସାରୀ ପ୍ରସାଦ ଅନୁଗାମୀ ହରେକୃଷ୍ଣ ସାହୁ ଇତ୍ୟାଦି ଇତ୍ୟାଦି।

\+ \+ \+ \+

ଜାମସେଦପୁରରେ ଥିବା ଓଡ଼ିଆ ପୁଙ୍ଗବମାନେ ବେଶ୍ ବଳିଷ୍ଠ କଣ୍ଠ ଦୈବତ ସ୍ୱରରେ ଚିତ୍କାର କରୁଛନ୍ତି—ଆଣ ଓଡ଼ିଆ ମହତାବ ଓଡ଼ିଆ ସ୍ୱାର୍ଥକୁ ବଙ୍ଗୋପସାଗର ପାଣିରେ ଭସେଇ ଦେଲେ ହୋ! ଆମେ ଶ୍ରୀଯୁକ୍ତ ମହତାବଙ୍କୁ ଚେତାଇ ଜଣାଉଛୁଁ। ସେ ଏବେ କ୍ଷମତା ସେଇ ଦେହ ଭିତରେ ରଖିଛନ୍ତି ତ—ଜଣେ ମନ୍ତ୍ରୀ ଗଞ୍ଜାମରୁ ଜାମସେଦପୁରଯାଏଁ ଓଡ଼ିଆ ମୂଳକଥାକୁ ଅଙ୍ଗୁଳ ଉଠେଇ ଦେଇ ଝରକାର ବନ୍ଦ କରୁଛନ୍ତି। ତାଙ୍କୁ ଉତ୍କଳ ଗୌରବ ନ କହି ଉତ୍କଳ ହିଟଲର ବା ଉତ୍କଳ ଷ୍ଟାଲିନ୍ କୁହାଯାଉ। ତହିଁରେ ବି ମନ ମାନୁନାହିଁ। ଉତ୍କଳ ମତ୍ସ୍ୟାବତାର, କଚ୍ଛପାବତାର ବା ବରାହାବତାର ବୋଲି କୁହାଯାଉ। ଅମ୍ଭେମାନେ ଏ ପ୍ରସ୍ତାବ ଜାମସେଦପୁର ବାସୀମାନଙ୍କୁ ସମର୍ପଣ କଲୁଁ।

\+ × \+ ×

ଥରେ ଦିନେ ମୂର୍ଖ ଓଡ଼ିଆ ହୁଙ୍କାରର ସରବ ହେବେ, ସେଦିନ ବର୍ଷୀୟ ଯାଇ ସ୍ୱରାଜ୍ୟଙ୍କ ଅଭାବ ହଜି ଫୌଜରେ ଯୋଗ ଦେବେ। ଏବେ ଆମ ଓଡ଼ିଶା ଗ୍ରାସି ଯାଉଛି। ଓଡ଼ିଆଙ୍କ ଘରର ଅନ୍ନ ବଙ୍ଗାଳୀ ଦକ୍ଷିଣୀ ମାରି ନେଉଛନ୍ତି।—ଝାଟାଜଗର ପର ଯାଗାରେ ନୂଆ ଯାଗା ଓଡ଼ିଆ ଘରେ ଥାଇଁ ଥାଇଁ ବିଦେଶୀମାନେ ସବୁ ଲୁଣି ଖାଇ ଯାଉଛନ୍ତି—ଉଦ୍ଭଟ ମାନ୍ଦ୍ରାଜ ନେଇ ଚାଲିଯାଉଛି—ଏବେ ହରେକୃଷ୍ଣ ସାହୁ ଅଟକେଇ ପାରୁ ନାହାନ୍ତି। ଏ କଥାକୁ ଅସ୍ତ ଅସ୍ତି ତ ଦେଖି ମୁଖ୍ୟମନ୍ତ୍ରୀଙ୍କ ଅଭାବ ହଜ କରୁଥିଲେ। ପୁଣି ତାଙ୍କ ଉପରେ ମରିଛନ୍ତି ୫୦୦। ଓଡ଼ିଆ ନେତା—ଚେଲା ଚେଲା ହୋଇ ଅଟକି ଯାଇ ମରିଥିବେ ତ! ଯଦି ଏ ଯାବତ୍ ଭୁକ୍ତ ଥାଆନ୍ତା ତେବେ ପଡ଼ିବ ... ସମ୍ରାଜ୍ୟ ନେତାମାନେ ହାତ ଦେଇ କଂଗ୍ରେସ ନେତାଙ୍କୁ ... ଜନପଦ ... ଭୂକମ୍ପ କରି, ଦରବାର ପଡ଼ିଲେ ଓଡ଼ିଆ ... ଭୋଟ ଭିକ୍ଷା କରି ଦେଇଥିଲେ କ'ଣ ସ୍ୱାଧୀନତା ... ପାଇ ପାରନ୍ତା—ନା ଓଡ଼ିଆ ନାଁ ପଦାରେ ପଡ଼ି ନଥାନ୍ତା! ଧିକ୍ ଧମ ... ପ୍ରେମ ଯା ଓଡ଼ିଆ ପଦକୁ ଭୁଲିଲ।

\+ × \+ \+

... ପୁଞ୍ଜି, ପୁସ ତାରେରେ କଟକ। ବାଦ ଉଠିଛି ବାଲେଶ୍ୱର। ପୁର... ରାଜନୀତି ସମସ୍ତେ ଦେଖି ନଥିଲେ। କଂଗ୍ରେସ ସରକାର ... ସ୍ୱାର୍ଥର ବସମତ ପୁଣି ଦେଖିବେ। ଲାଙ୍ଗୁଳ ଯୋଜନା ଅଛି ଉଠିଛି—ପୂର୍ଣ୍ଣ ସେଥିର ତଳକୁ ଖସିଗଲା। ସେତେବେଳେ ... କହିଲେ—ଦେଖ ହେ, ଆମେ ଲାଙ୍ଗୁଳ କମିତି ... କରି ପାରୁଛୁଁ—ଏମିତି ଆଉ କିଏ ପାରିବ? କହୁ ସେ ତ

ହେବା କଥା—ଅସତ ପନ୍ଥା—ସବୁ କଥା। ହତ ଦର୍ପ ବୋଲି ଜନଅଟର ଛିନ ଯାଗାରେ ପୁଲିସ ରଖା ଅମଳ ସରା ଦେଇ ଦେଲେଣି। କେତେବେ ମା ମଙ୍ଗଳାଙ୍କ ଠିକଣା କହିଲା ସାରିଲେଣି—କମିଟି କଂଗ୍ରେସ ସରକାର ନ ହଉ। କେତେବେ ଖବର ବଣିବାକୁ ଆରମ୍ଭ କଲେଣି—ମାଉପଙ୍କ ଫଗୁ—ଅର୍ଥାତ୍ ଖାଦୀ ଅଙ୍ଗ—ଆଉ କେତେବେ ଦନ୍ତ ବଡ଼ମନ୍ତ୍ର ବର ମାଳା ଜପୁଛନ୍ତି—ହରେକୃଷ୍ଣ—ହରେକୃଷ୍ଣ। ଶୁଣୁଛୁଁ ଇଦମେରେ ଗୁଳି ବାଡ଼ି ଘଟାଇଥିବା ଜଣେ ପୁଲିସ ଅଫିସର ସବୁବେଳେ ଏମିତି ହରେକୃଷ୍ଣ ହରେକୃଷ୍ଣ କରୁଥାନ୍ତି—ଯେତେଣେ ଶୁଖିଆ ସେର କେତେ ପଚାରୁଥାନ୍ତି, ଆଉ କହି ସଣ୍ଢ ବସନ୍ତାନ ହେଲ ତା ଖବର କି ବୁଝନ୍ତି। ସେଇଥିଲା ଲୋକଙ୍କ ହରିନାମ ଜପ ବଢ଼ି ଯାଉଛି। ହରେକୃଷ୍ଣ ହେ, ତମେ ନ ହେଲେ ଏ ଦେଶର ପ୍ରଧାନ ମନ୍ତ୍ରୀ ହୋଇ ଏ ଭକ୍ତମାନଙ୍କୁ ଉଦ୍ଧାର କର।

× × × ×

କଟକ ଫୁଟବଲ ପଡ଼ିଆରେ ଯେଉଁ ପୁଲିସ ଲାଟ୍ ଖେଳ ଲାଟ ସାହେବ ଦେଖିଲେ, ତାର ତାରିଫ କରିବା ପାଇଁ ଆମେ ଓଡ଼ିଶାର ଦାସ ମହଲକୁ ସୁପାରିଶ କରୁଛୁଁ। ଲାଟ ସାହେବ ପୁଲିସ ପୁଅମାନଙ୍କୁ ଖୋଇ ଦେଇ ମୋଟା ଟଙ୍କା କରି ଯେଉଁ ଯେଉଁ ଖେଳ କସରତ ଶିଖେଇଥିଲେ, ଏ ସେଇ କସରତ ବା ଅଭ୍ୟାସର ଗୋଟାଏ ହାରୁ ମାତ୍ର। ଲାଟ ସାହେବଙ୍କ ବିଦାୟ ବେଳରେ ତାଙ୍କର ଆଗରେ ଏଟା ନ ଦେଖେଇଥିଲେ, ଲାଟ ସାହେବ ସାର୍ଟିଫିକେଟ ଦିଅନ୍ତେ କିମିତି? ଆମେ ପଚାରୁ, ଅନ୍ୟ ଯେଉଁ ଲାଟ ସିଂ ଧୂସ ଅଦ୍ଦ ପୁଲିସ ... ବୁଝେଇ ପକେଇଛ ଏଟା କହି ଶିକ୍ଷା କେଉଁରେ ଶିଖା ଯାଇଥିଲା? ଲାଟ ସାହେବ ପୁଲିସଙ୍କର ସେ ଦକ୍ଷତାକୁ ଦେଖି କେଉଁ ପ୍ରକାର ସାର୍ଟିଫିକେଟ ଦେଇଛନ୍ତି, ଏବଂ ଜନ ପୁଅଙ୍କର ଲଗାମକୁ କେତେ ପସନ୍ଦ କରୁଛନ୍ତି ତାହା ଜାଣିବା ପାଇଁ ତହିଁରୁ ଏକ କପି 'ଡଗର' ତଳବ କରୁଛି।

× × × ×

## ବାଲେଶ୍ୱରରେ ସଙ୍ଗୀତ ସମ୍ମିଳନୀ

ଡିସେମ୍ବର ୧୪। ୧୫ ଓ ୧୬ ତାରିଖରେ ବାଲେଶ୍ୱରରେ ସଙ୍ଗୀତ ସମ୍ମିଳନୀର ଅଧିବେଶନ ହେବ। ଏଥିରେ ଓଡ଼ିଶାର ବିଶିଷ୍ଟ ଗାୟକ ଓ ସଙ୍ଗୀତଜ୍ଞମାନେ ଯୋଗ ଦେଉଛନ୍ତି।

ଜିଲ୍ଲାର ସଙ୍ଗୀତଜ୍ଞମାନଙ୍କୁ ଅନୁରୋଧ ସେମାନେ ଏଥିରେ ଯୋଗ ଦେଇ ଏହାକୁ ସଫଳକାମ କରନ୍ତୁ।

Secry. Balasore Music Conference.
P. O. Balasore

Digitized by srujanika@gmail.com

ପୃଥ୍ୱୀ ଲେଜେଣ୍ଡ ପଣ୍ଡିତ—ଲେଜେଣ୍ଡ ମାଉଣ୍ଟ ବାଟେନ ହେଲେ—ଇତ୍ୟାଦି ଇତ୍ୟାଦି । ଅତଏବ କଂଗ୍ରେସ ପଛେ ମରୁ, ସ୍ୱାଧୀନତା ଚୁଲିକି ଯାଉ, ଆମ ଓଡ଼ିଆ ବଞ୍ଚିଥାଉ । ସ୍ୱାଧୀନ ଭାରତରେ ଓଡ଼ିଆ ଏହା ସ୍ୱାଧୀନତାର ପ୍ରତୀକ । ଯଥା—ଗୋଦାବରୀଶ ମିଶ୍ର—ନୀଳକଣ୍ଠ ଦାସ—ଅଉ ତାଙ୍କ ପଦାଙ୍କ ଅନୁଗାମୀ ପ୍ରସାଦ ଉତ୍ସର୍ଗୀ ହରେକୃଷ୍ଣ ସାହୁ ଇତ୍ୟାଦି ଇତ୍ୟାଦି ।

\+ \+ \+ \+

ଜାମସେଦପୁରରେ ଯାଇ ଓଡ଼ିଆ ପୁଙ୍ଗବମାନେ ବେଶ୍ ବଳିଷ୍ଠ କଣ୍ଠ ଦୈବତ ସ୍ୱରରେ ଚିତ୍କାର ଛାଡ଼ୁଛନ୍ତି—ଅଣ ଓଡ଼ିଆ ମନ୍ତ୍ରୀତାବ ଓଡ଼ିଆ ସ୍ୱାର୍ଥକୁ କୋଲାପାଣ୍ଡୁ ପାଣିରେ ଭସେଇ ଦେଲେ ହୋ ! ଆମେ ଯୁକ୍ତ ମନ୍ତ୍ରୀଙ୍କ ଚଢ଼େଇ ଜଣାଉଛୁ । ସେ ଏତେ କ୍ଷମତା ସେଇ ଦେହ ଭିତରେ ରଖିଛନ୍ତି ତ—ଜଣେ ମର୍କଟ ଗଣ୍ଡାମରୁ ଜାମସେଦ-ପୁରଯାଏ ଓଡ଼ିଆ ମୂଳକଟାକୁ ଅଙ୍ଗୁଳି ଉଠେଇ ଦେଇ ଛଡ଼ଗାର କରି ପକଉଛନ୍ତି । ତାଙ୍କ ଉତ୍କଳ ଗୌରବ ନ କହି ଉତ୍କଳ ହିଟଲର ବା ଉତ୍କଳ ଷ୍ଟାଲିନ୍ କୁହାଯାଉ । ତହିଁରେ ବି ମନ ମାନୁନାହିଁ । ଉତ୍କଳ ମଙ୍ଗଳବାରୀ, ବଙ୍ଗୀଚତାର ବା ବାଲୁକାବଡ଼ାର ବୋଲି କୁହାଯାଉ । ଅସ୍ମେମାନେ ଏ ପ୍ରସ୍ତାବ ଜାମସେଦପୁର ବାସୀମାନଙ୍କୁ ପଠୁଥିଲୁଁ କଲିଂ ।

\+ × \+ ×

ଯଦି ବଳେ ମୂର୍ଖ ଓଡ଼ିଆ ଦୁଇଥିରେ ସରିବ ହେବେ, ତେବେ ଗାଣ୍ଡିଏ ଯାଇ ମୁସଲିମ ଅଲ୍ଲାଦ୍ ହିନ୍ଦ ଫୌଜରେ ଯୋଗ ଦେବେ । ଏବେ ଆମ ଓଡ଼ିଶା ଭରି ଯାଉଛି । ଓଡ଼ିଆଙ୍କ ଘରର ଅନ୍ନ ଚୋରାଣି କରି ମାରି ନେଉଛନ୍ତି ।—ଠାଟାଦରର ପର ଯାଗାରେ ମୁସଲମାନ ଓଡ଼ିଆ ଘରେ ଥାଇଁ ଥାଇଁ ବିଦେଶୀମାନେ ସବୁ ଛଣି ଖାଇ ଯାଉଛନ୍ତି—ତୁଳିମାରୁ ମାନ୍ଦ୍ରାଜ ନେଇ ପଳଉଛି—ଏହା ହରେକୃଷ୍ଣ ସାହୁ ଅଟକେଇ ପାରୁ ନାହାନ୍ତି । ଏ କଥାକୁ ଅସ ଅଶି ତ ଦେଇ ମୁସଲମାନ ଅଲ୍ଲାଦ୍ ହିନ୍ଦ କରୁଥିଲେ । ପୁଣି ତାଙ୍କ ଭିତରୁ ମରିଛନ୍ତି ୫୦୦ । ଓଡ଼ିଆ ନେମସ୍ତା—ନେଲି ନେଲା ହେଉ ଅଟେ ଯାଇ ମରିଥିବେ ତ ! ଏବେ ଯେତେ ଦୁଃଖ ଥାଆନ୍ତା ତେବେ ପଛରେ ଅଧ ସୁପ୍ତମିତ୍ରେ ଲଙ୍କାମାନ ଛାଡ଼ି ଦେଇ କଂଗ୍ରେସ ନେତାଙ୍କୁ ଓ ଜନପଦ ... ସୁନାଇ କରି, ସରକାର ପଡ଼ିଲେ ଓଡ଼ିଆ ... ରେ ଭୋଟ ଭିକ୍ଷା କରି ଦେଇଥିଲେ କ'ଣ ସ୍ୱାଧୀନତା ନ ପଡ଼ି ଯାଆନ୍ତା—ନା ଓଡ଼ିଆ ଗାଁ ପଦାରେ ପଡ଼ି ନଥାନ୍ତା ! ଧିକ୍ ଧମ ... ... ...ମ ଯା ଓଡ଼ିଆ ପଦକୁ ଭୁଲିଲ ।

\+ × \+ \+

... ପୁଅ, ପୁସ ତାରେ ବାଟ । ବାତ ଉହିଛ ବାଲେଶ୍ୱର । ପୁରି ... ସ୍ୱୀକୃତା ସମସ୍ତ ଦେଖି ଥିଲୁ । କଂଗ୍ରେସ ସରକାର ... ର ସ୍ୱାଙ୍କର ବସମତ ପୁଣି ଦେଖନେତ । ଲାଙ୍ଗୁଳ ... ଉଠ ଉଠିଛ—ଦୁଷ୍ଟ ସେଛତ ଡଲକୁ ଖସିଯିବ । ସେତେ-ବେଳେ ... ମା ... କହିବେ—ଦେଖ ହେ, ଆମେ ଲାଙ୍ଗୁଳ କମିଛି ... ... ...ଛୁ—ଏମିତି ଆଉ କିଏ ପାରିବ ? କାଲୁ ସେ ତ

ହେବା କଥା—ଅଗତ ପଥା—ସବୁ କଥା । ଢ଼ଡ ଢ଼ଡ ବୋଲି ଛନଅରେ ହେନ ଯାଗାରେ ପୁଲିସ ଭଜା ଅମଳୁ ସଜା ଦେଇ ଦେଲେଣି । କେତେକ ମା ମଙ୍ଗଳାଙ୍କଠି କଲବଡ଼ା ଗଦାସି ସାର-ଲେଣି—କମିତି କଂଗ୍ରେସ ସରକାର ନ ହଉ । କେତେକ ଗବଡ଼ ଜଣିବାକୁ ଆରମ୍ଭ କଲେଣି—ମାଇପଙ୍କ ପଖରୁ—ଅର୍ଥାତ୍ ଶାଢ଼ୀ ଅଣ୍ଡ—ଅଉ କେତେକ ଦନ୍ତ ବଡ଼ମଣ୍ଡ ବରି ମାଲା ଜପୁଛନ୍ତି—ହରେକୃଷ୍ଣ—ହରେକୃଷ୍ଣ । ଶୁଣୁଛୁ ଭଦ୍ରମରେ ଗୁଳି ବାଣ୍ଡ ଘଟାଇଥିବା ଜଣେ ପୁଲିସ ଅଫିସର ସବୁବେଳେ ଏମିତି ହରେକୃଷ୍ଣ ହରେକୃଷ୍ଣ ବକୁଥାନ୍ତି—ତେଣେ ଶୁଣୁଥି ସେଇ କେତେ ପଚାରୁଥାନ୍ତି, ଅଉ କହିଁ ଗଣ୍ଡ କଣ୍ଟାନ ହେଲୁ ତା ଖବର ବି ବୁଝନ୍ତି । ସେଇଥିଲି ଲୋକଙ୍କ ହରିନାମ ଜପ ବଢ଼ି ଯାଉଛି । ହରେକୃଷ୍ଣ ହେ, ତମେ ନ ହେଲେ ଏ ଦେଶର ପ୍ରଧାନ ମନ୍ତ୍ରୀ ହେଇ ଏ ଭକ୍ତମାନଙ୍କୁ ଉଦ୍ଧାର କର ।

× × × ×

କଟକ ଫୁଟବଲ ପଡ଼ିଆରେ ଯେଉଁ ପୁଲିସ ଲାଠି ଖେଳ ଲାଟ ସାହେବ ଦେଖିଲେ, ତାର ତାରିଫ କରିବା ପାଇଁ ଆମେ ଓଡ଼ିଶାର ଦାସ ମହଲକୁ ସୁପାରିଶ କରୁଛୁ । ଲାଟ ସାହେବ ପୁଲିସ ପୁଅମାନଙ୍କ ଖୋଇ ଦେଇ ମୋଟା ତାଜା କରି ଯେଉଁ ଯେଉଁ ଖେଳ କସରତ ଶିଖାଇଥିଲେ, ଏ ସେଇ କସରତ ବା ଅତ୍ୟାଚାର ଗୋଟାଏ ହାର୍ମାଣି । ଲାଟ ସାହେବଙ୍କ ବିଦାୟ ବେଳରେ ତାଙ୍କର ଅଗରେ ଏଟା ନ ଦେଖାଇଥିଲେ, ଲାଟ ସାହେବ ସାର୍ଟିଫିକେଟ ଦିଅନ୍ତେ କମିତି ? ଅମେ ପଚାରୁ, ଅଜି ଯାଏଁ ଲାଠି ମିଛ ଧାର ଅଧ ପୁଲିସ ବନ୍ଧୁକକୁ ଭୁଲେଇ ପକେଇଛ ଏଟା କହିଁ ଶିକ୍ଷା କେନ୍ଦ୍ରରେ ଶିଖା ଯାଇଥିଲା ? ଲାଟ ସାହେବ ପୁଲିସଙ୍କର ସେ ଦଶରେ 'ପଟୁତାକୁ ଦେଖି କେଉଁ ପ୍ରକାର ସାର୍ଟିଫିକେଟ ଦେଇଛନ୍ତି, ଏବଂ କାଳ ପୁଅଙ୍କର କୃତିତ୍ୱକୁ କଉଳ ପସନ୍ଦ କରୁଛନ୍ତି ତାହା ଜାଣିବା ପାଇଁ ତାଙ୍କୁ ଏକ କପି 'ଡଗର' ଦାଖଲ କରୁଛି ।

× × × ×

---

# ବାଲେଶ୍ୱରରେ ସଙ୍ଗୀତ ସମ୍ମିଳନୀ

ଡିସେମ୍ବର ୧୪ । ୧୫ ଓ ୧୬ ତାରିଖରେ ବାଲେଶ୍ୱରରେ ସଙ୍ଗୀତ ସମ୍ମିଳନୀର ଅଧିବେଶନ ହେବ । ଏଥିରେ ଓଡ଼ିଶାର ବିଶିଷ୍ଟ ଗାୟକ ଓ ସଙ୍ଗୀତଜ୍ଞମାନେ ଯୋଗ ଦେଉଛନ୍ତି ।

ଜିଲ୍ଲାର ସଙ୍ଗୀତଜ୍ଞମାନଙ୍କୁ ଅନୁରୋଧ ସେମାନେ ଏଥିରେ ଯୋଗ ଦେଇ ଏହାକୁ ସଫଳକାମ କରନ୍ତୁ ।

Secry. Balasore Music Conference.
P. O. Balasore

Digitized by srujanika@gmail.com




# ଚଟି ଓ ଛତା

ଲେଖକ—ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର

ଦିନ ଦ୍ୱିପହର, ଖରା ତାତି ଭୀଷଣ, ଗଛଲତା ଉହାଳରୁ ବେଳେ ବେଳେ ପକ୍ଷୀଟାଏ ଡ଼ାକୁଅଛି। ଗାଁ ଦାଣ୍ଡର ଝରଣାର କାରକେନ୍ଦୁ ପର ପାଣିଗୁଡ଼ାକ ବାମ୍ପ ହୋଇ ଉପରକୁ ଉଠୁଥିଲା ଭଳି ପତ୍ର ଗୁଡ଼ାକ ତାପରେ ସିଝି ଯାଉଥାଏ।

ଅଫିସ ଛୁଟି ପରେ ମନୁବାବୁ ଷ୍ଟେସନରୁ ଗାଁକୁ ଫେରୁଥିଲେ। ବଡ ଖରା, ହାତରେ ଛତା। ଗାଡ଼ିରେ ଚଢ଼ି ହଳେ ଚଟି କିଏ ଚୋରି କରି ନେଇ ଯାଇଥିଲା। ତେଣୁ ଖାଲି ପାଦରେ ଏକାବେଳକେ ପୋଡ଼ି ଯାଉଥାଏ। ତଥାପି ଘର ଲୋଭରେ ଧାଉଁଥାନ୍ତି—ଏ ଖରା ମାନେ କିଏ ?

ହଁ ବେଶ୍, ବିପରୀତ ଦିଗରୁ ଜଣେ ଭଦ୍ର ଯୁବତୀ ଷ୍ଟେସନ ମୁଖେ ଧାଉଁଥିଲେ। ଖ୍ରୀଷ୍ଟିଆନ ଘର ଝିଅ। ମାଟ୍ରିକ୍ ପାସ୍ କରି ସର୍ବପ୍ରଥମେ ସେ ମନୁବାବୁଙ୍କ ଗ୍ରାମ ବାଳିକା ବିଦ୍ୟାଳୟରେ ନିଯୁକ୍ତ ପାଇଥିଲେ; ସେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ।

ଏକ ଦିଗରୁ ମନୁବାବୁ, ଅନ୍ୟ ଦିଗରୁ ନୂତନା ଶିକ୍ଷୟିତ୍ରୀ ମନୋରମା।

ମନୋରମାଙ୍କର ନାଲି ନାଲି ଅଳତା ବୋଳା ପାଦରେ ହସଉଥିଲା ଭଳି ମଚମଚ ଚଟି ହଳଟା। ମନ ଖେଳାଉଥିବା କଥା, ହାତରେ ନ ଥିଲା ଛତା। ତେଣୁ ଚିକ୍କଣ କଳେବରଗହଳର ଫୁଲମାଳ ଗଣ୍ଡାକ ଦ୍ୱିପ୍ରହର ଖରା ତାତିରେ ଝାଉଁଳି ଯାଉଥିଲା। ବଦନମଣ୍ଡଳରେ ମୁକ୍ତାପରି ଝଳ ଝଳ ହେଉଥାଏ ଝାଳ। କେଶଗୁଚ୍ଛ ପକ୍ଷରେ ବଡ଼ କଷ୍ଟ। ବିଶେଷତଃ ଭୂଇଁ ତାତି।

ଉଭୟେ ପରସ୍ପରକୁ ଦେଖିଲେ। ମନ ହଠାତ୍ ମନୋରମାଙ୍କର ଗଜଗତି ଛନ୍ଦହରା ହେଲା, ମନୋରମା ଆବେଗରେ ଧକ୍କା ପକାଇଲେ "ଗାଡ଼ି ଗୁଡ଼ିଦେଲ"। ମନୁବାବୁ ତତଲି ବାଲି ଉପରେ ରାଇଟ୍ ଲେଫ୍ଟ୍ କରୁ କରୁ ଧକ୍କା ପକାଇଲେ "Oh. I am sorry. ହଁ ଚାଡ଼ି ଗୁଣ୍ଡ ଦେଉଛି, ଆପଣ—ମାନେ, ପରିଚୟ ପଚାରି ପାରେଁ କି ?"

"ମୁଁ ଏଇ ହରିଶପୁର ଗ୍ରାମର ଶିକ୍ଷୟିତ୍ରୀ—ଏବେ ଆସିଛି, ମୋ ନାଁ ମିସ ମନୋରମା।"

"ଓ, ଆପଣ ନୂଆ ଶିକ୍ଷୟିତ୍ରୀ—ଏ ଖରାରେ କେମିତି ଛତା ନ ଆଣି ବାହାରି ପଡ଼ିଥିଲେ। ଛୁଟିରେ ଘରକୁ ଯାଉଛନ୍ତି ବୋଧହୁଏ, ଫେରି ଯିବେ ନିଶ୍ଚୟ—ନା, ଅନ୍ୟ ଗାଡ଼ିକୁ ଅପେକ୍ଷା କରିବେ ଷ୍ଟେସନରେ।—ସେ ଗାଡ଼ି ପୁଣି ରାତି ଦଶଟାରେ।"

"ନା ଫେରି ଯିବି, ଆପଣ—"

"ମୋ ଘର ମଧ୍ୟ ହରିଶପୁର—ଯାଉଥିଲେ ଆସନ୍ତୁ ଯିବା। ହଁ ଆପ ଛାତ୍ରୀଙ୍କୁ ଚିହ୍ନିଥିବେ—କେମିତି ପଢ଼ୁଛି ସିଏ ?"

"ଆପଣ ତାହାହେଲେ ମନମୋହନ ବାବୁ, ନମସ୍କାର।"

"ନମସ୍କାର।"

"ଛାତ୍ରୀ ଭଲ ପଢ଼ୁଛି—ଅଫିସ ଛୁଟିରେ ଘରକୁ ଆସିଛନ୍ତି ନିଶ୍ଚୟ। ଆପଣ ଖାଲି ଗୋଡ଼ରେ ଏ ଖରାରେ—"

"ହଁ ମୋ ଚଟି ହଳକ ଗାଡ଼ିରୁ କିଏ ଉଠାଇ ନେଇଗଲା—" + + +

ଦୁହେଁ ଚାଲିଲେ ଗାଁ ଆଡ଼କୁ ଧୀରେ।

ଦୁହେଁ ପରସ୍ପରକୁ ଚାହିଁ ବୋଧ ହୁଏ ମନସ୍ତତ୍ତ୍ୱର ଅନ୍ତରଟା ବେଶ୍ ବୁଝି ପାରିଥିବେ। ତେଣୁ ପରସ୍ପର ପ୍ରତି ସହାନୁଭୂତି ଦୁଇ ହୃଦୟରେ ଜାଗି ଉଠିଲା।

ମନୋରମା କହିଲେ—"ଆପଣଙ୍କ ପାଦ ତାତି ଯାଉଥିବ।"

ମନୁବାବୁ କହିଲେ—"ଆପଣଙ୍କ ମୁଣ୍ଡ ଗରମ ହୋଇଯିବଣି।"

( ଅବଶିଷ୍ଟାଂଶ ୧ମ ପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

କହାଣୀ



# କ୍ଷୁଦ୍ରର ଦାବୀ

ଲେଖକ:—

ଶ୍ରୀ———

ଏଟିଣ ପଠ ଝରକାରେ ହାତ ଗଲାକ୍ କଏ ଯେମିତ ମୋର ନିଶ୍ୱାସ ବନ୍ଦ କର ଦେଉଛି। ନିଦ ଭାଙ୍ଗିଗଲା। ନିଶା ଓ ଊଷାର ଘଡ଼ିସନ୍ଧିବେଳେ ଘରଟା ମୋର ଭର ଉଠିଛି ତୀବ୍ର ମଧୁର ଗନ୍ଧରେ। ସବୁ ଫୁଲର ନାଁ ମନେ ପକେଇଗଲି। ଠିକ୍ କର ପାରିଲି ନାହିଁ ଏ ସୁଗନ୍ଧ କାହାର ?

ଫରଚ୍ଚ ପଡ଼ି ଆସିଲା। ଝରକା ଆରପଟେ ପୋଲଙ୍ଗ ଗଛଟା ବରଷା ଦାନାଅ ଫୁଲ ଓ କଢ଼ରେ ଛାଇ ଯାଉଛି। ଫୁଲର ଡାଳୁ ଗୋଟେ ଲମ୍ବି ଆସିଛି ମୋର ଝରକାପାଏ। ଠିକ ଠିକ ଧଳା ଫୁଲ ଗୁଡ଼ା ଆଖି ମିଟି ମିଟି କରୁଛନ୍ତି। ମୁଣ୍ଡ ହଲେଇ ରହସ୍ୟ କରୁଛନ୍ତି ଗୋଲ ଗୋଲ କଢଗୁଡ଼ା।

ଖୁସି ହେଲି। ଡାଳରୁ ଛିଣ୍ଡାଇ ନେଇ ପେନ୍ଥାଟିକୁ ଖୋସିଦେଲି ମୋର ରଙ୍ଗୀନ ଫୁଲ ଦାନିରେ। ଅନାମିକା, ନଗଣ୍ୟ ପୋଲଙ୍ଗ ଫୁଲର ପାଉଣା !

... ... ... ...

ଜାଡରେ ସାନ୍ତାଳ ହୋଇବ ମୋ ରାଇସ୍‌ମିଲ୍ କୁଲି ଶରୀର ବର୍ଣ୍ଣରେ ସାନ୍ତାଳଅ ନୁହେଁ। ମୋ ପୁଅ ଟୁକୁକୁ କାଖେଇ କୋଡ଼େଇ ନିଜର କର ନେଇଥାଏ ସେ। ମଲାବେଳକୁ ଟୁକୁ ବୋଉର ହାତଓଠ ଧର ସଅଁପି ଦେଇଗଲା ତାର ଦୁଇବରଷର ଦୁଲକି। ତାର ଅଉ ନିଜର ବୋଲି କେହି ନଥିଲେ।

ଗଲା ପନ୍ଦର ବର୍ଷ ହେଲା ବରଷା ଦାନଅ ପୋଲଙ୍ଗ ମୋ ଦୁଆରେ ତାର ଦାବୀ ବରଜାଏ କର ଯାଉଛି। ଟୁକୁବୋଉ ଛୁଟି ନେଇଛି ମୋ ପାଖରୁ ଅଉ ଦୁଲି ହୋଇ ଉଠିଛି ସାଧାରଣ ସାନ୍ତାଳପର ଭରି କାମିକା, ଭରି ସରଳ ଯୁବତୀ।

ସେଦନ ମହୁଭରା ଫେଣା ପର କପଡ଼ା ବଉଦ-ଗୁଡ଼ା ଓହ୍ଲାଇ ପଡ଼ୁଥାନ୍ତି ଆକାଶରୁ। ବଡ଼ ଭୋର ବାଛଣା ଛାଡ଼ ଦେଖିଲି ଠିକ୍ ଦୁଆର ମୁହଁରେ ମୋର ଠିଆ ହୋଇଛି ଦୁଲି।

"କ'ଣରେ ଦୁଲି ?"

"ତୋ ଘରେ ମୁଁ ଅଉ ରହିବନି ବାବୁ !"

"ଦୂର୍—ପାଗ୍‌ଲୀ ! କଣ ହେଲା କହିଲୁ ? ଟୁକୁ ତୋତେ ମାରୁଛି—ନା ?"

"ନାଇଁ ବାବୁ ! ସେ କହୁଛି ମୋତେ ଯେ ଖୁସି ପାଏ। ମୋତେ ସେ ବାହା କରିବ। ତୋତେ ପଚାରିବାକୁ ଆଇଲି। 'ହଁ' କହିଲେ ରହିବି। 'ନାଁ' କଲେ ମୋ ଦେଶ୍‌କୁ ମୁଁ ଭାଗିଯିବି।"

କପଡ଼ା ବଉଦ ମୋର ମୁଣ୍ଡରେ ଅଜାଡ଼ି ହୋଇ ପଡ଼ିଲେ। ଘରେ ପଶି କବାଟ ଲଗେଇ ଦେଲି। ନିର୍ଜୀବ ଦୃଷ୍ଟି ମୋର ଲମ୍ବିଗଲା ଝରକା ଆରପଟକୁ—ଯୋଉଁଠି ଫୁଟି ଉଠିଥିଲା ପେନ୍ଥାଏ ନଗଣ୍ୟ ଗୋଲାପ ଫୁଲ ମୋର ଅଜାଣତରେ।

ଝରକା ଦେଇ ଭାସି ଆସୁଛି ପବନ ସାଙ୍ଗରେ ବରଷାର ଗୁଞ୍ଜନ।

ଦୁଆର ଆରପଟୁ ଦୁଲି ଦାବୀ କରୁଛି—"କହ ବାବୁ ହଁ କି ନାଁ—"

ଝରକାର ଲୁହା ବାଡ଼ ଦେହରେ ମିଟି ହେଉଛି ପୋଲାଙ୍ଗ ଡାଳଟା।

ପ୍ରଥମ ଆଷାଢ଼ର ଫୁଲ ତାର ମୋ ରଙ୍ଗୀନ୍ ଫୁଲ ଦାନୀରେ ରହିବାକୁ ଚାହେଁ।

——*——

Digitized by srujanika@gmail.com

# କଡ଼ା ମିଠା

ସଜନା ଗଛମୂଳେ ଲୁହେଇଲି ପାଉଁସ,
ତୋତେ ଦେଖି ମୋର ଲଜ୍ଜ ଶରଧା ।

ଏ ହେଲା କବିତା । କାହିଁକି ନ ହବ ? ପୁରୁଣା ମଉଦନ୍ତିଆ ଲୋକେ କବିତାଟାକୁ ଅନୁପ୍ରାସର ଏକଚାଟିଆ ବଜାର ସାମଗ୍ରୀ କରି-ଥିଲେ । ଗାଲ୍ ମାଉଣ୍ଡ ଗାଲ ଓଠକୁ ଯହିଁ ଯହିଁ କବିତାକୁ ଫୁରୁସତ ମିଳୁ ନଥିଲା । ଚମଲୁ, ଚୋବଲ, ମୁକୁଳ, ଚକୁଳକୁ ନେଇ ହେଉ-ଥିଲା କବିତା । ଜୀବନର ଗୋଟାଏ ଅଙ୍ଗ ସେ । ଜୀବନର ପୁଣି କେତେ ଅଙ୍ଗ ତ ଅଛି । ଗୋଡ଼ ଅଙ୍ଗୁଠି ଟିମ ପାଖରୁ ବାଳ ତା ଚୂଳର ଅଗଯାଏଁ ଯେତେ ଅଙ୍ଗ ଅଛି, ଶରୀର ବନ୍ଧନରେ ଯେତେ ଅବୟବର ନାମ ଅଛି, ସବୁର ଅନୁସନ୍ଧାନ କରି କ'ଣ କବିତା ଲେଖା ଗଲଣି ! ଅସନ ବ୍ୟସନ, ଅନ୍ନାଭି ଚଦ୍ଧାରର କବିତା ଲେଖା ଯାଇଛି —ଖୋଡ଼ା ଚିହ୍ନାଚର କବିତା ଲେଖା ହେଉନାହିଁ କାହିଁକି ଅଛି ଯାବେ ? ସକାଳୁ ଉଠି ପୋଇଲି ମାଇପେ ଚୁଲି ସଫା କରି ସଜନା ଗଛ ମୂଳେ ପାଉଁସ ଲୁହେଇବାରେ କ'ଣ କବିତା ନାହିଁ ! ଅଭ ସେହିକବେଳେ ଯଦି ଜଣେ ନାଗର ଅସି କ୍ଷୀଣ ମୂଳରେ ଠିଆ ନ ହୋଇ ସଜନା ମୂଳରେ ଠିଆ ହୋଇଯାଏ ତେବେ ତାକୁ ଦେଖି ନାୟିକା ପୋଇଲିର ଶରଧା ଉଚୁଳି ପଡ଼ିବା କ'ଣ ଗୋଟାଏ ରସ ନୁହେଁ ? ରସଟା କେବଳ ଗ୍ରାମ୍ୟକୃଷ୍ଣ ରାଜାପୁଅ ରାଜା ଝିଅଙ୍କ ଭିତରେ କୁଞ୍ଜବନ, ଅମୃତୋଟା, ଜହ୍ନସରି, ଯମୁନା କୂଳରେ ସଞ୍ଚାର ହୁଏ ବମ୍ବା ମହର ଭିତରେ, କାଠଯୋଡ଼ କୂଳେ, ଉଦେବନ୍ତି ବାଗ ପଲେ ହୁଏ ? ମୂଲିଆ, ମଜୁରିଆ, ଦାସୀ ପରିବାର, ଷଢର ବାଦର ଦଳ ଶ୍ରେଣୀ ଲୋକଙ୍କ ଜୀବନରେ କ'ଣ ରସ ନାହିଁ ! ଶୀତଦିନ ହେଲେ ପୁଣି ଲୁଚିର ଲକସ ଭଳି ମାତ ଉପର ଶ୍ରେଣୀର ପାଣୀଙ୍କ ଭିତରେ ତ ରସର ସଂଗ୍ରହ ହେଉଛି—ମଣିଷ କ'ଣ ତାଙ୍କ ସ୍ଥାନ ?

ହିଁ, କହୁଚ, କବିତା ତ ହେଲା, ଛନ୍ଦ କେଉଁ କାହିଁ ? ଯତି ପଡ଼ିଲା କାହିଁ ? ତାର ଉତ୍ତର ଅଛି ସହଜ । କବିତାରେ ଯତି ତା ଅନୁପ୍ରାସର ଉତ୍ପତ୍ତି କମିଛି ହେଲା, ତାର ସମାଲୋଚନା ହେବା ଉଚିତ । ଯତି ତା ଅନୁପ୍ରାସ ଗୋଟାଏ ଗୋଟାଏ ବନ୍ଧନ । ଗ୍ରାମର ବନ୍ଧନ । ପ୍ରେମଟା ଯେତେବେଳେ ସୀମା ଭିତରେ ବାନ୍ଧି ହୋଇ ବନ୍ଦୀ ହୋଇ ପଡ଼େ ସେତେବେଳେ କେତେ ହୁଏ ଛନ୍ଦୋବଦ୍ଧ । ଯେଉଁଠି ରାଜା ପୁଅ ସାଙ୍ଗରେ ରାଜାଝିଅଙ୍କ ପ୍ରେମ କେବଳ ସମ୍ଭବ ହୁଏ, ସେଠି ଅନୁପ୍ରାସର ଦରକାର ହୁଏ । ଯେଉଁପରି ରାଜା ଝିଅ ଅନ୍ତଃପୁର ଭିତରେ ଥାଇ ତଳାବଦାଷ୍ଟ ଭିତରୁ ସ୍ୱପ୍ନ, ସେଠି ଛନ୍ଦର ଦରକାର ହୁଏ । କିନ୍ତୁ ଅଳ ଅଳ ସେ ଅନୁବନ୍ଧର ଯୁଗ ନାହିଁ । ସାମ୍ୟଯୁଗରେ ଅମଲୁ ନୂଆ ସ୍ୱପ୍ନ ଦେଖିବାକୁ ହେବ । ପ୍ରେମଟା ଯଥ ସ୍ୱଚ୍ଛନ୍ଦ ହୋଇପାରେ । ପ୍ରେମରେ ବନ୍ଧନ ନାହିଁ—ମିଳ ଅମେଳ ନାହିଁ—ଯତି ଜମକ ନାହିଁ । ଛନ୍ଦ ଅଦଳ ଠାଏ ଠାଏ ମନ ମିଳ ଗଲେ ବେଳେ ଅନୁପ୍ରାସ ଜଣକର ଯଦି ଅବଶ୍ୟକ ହୁଏ ତେବେ ତାକୁ ପୁରାତନ ଧାରାରେ ପଦ ନ ପକାଇ ପଦ ଭିତରେ ଲୁକ୍କାୟିତ କରି ରଖିବ ଯେମିତି perfection of art is to conceal art ହୁଏ । ଯେଉଁ ଲୁହେଇଲି ପାଉଁସ ଅଛି, ତା ସାଙ୍ଗରେ ଶରଧାଟା ଅନୁ-ପ୍ରାସିକ ହେଉଛି । ସେଠି ମୂର୍ଦ୍ଧନ୍ୟ ଷ ବି ଅଣାଯାଇ । କିନ୍ତୁ ମୂର୍ଦ୍ଧନ୍ୟଟା ଶେଷରେ ରହିଲେ ପୁରୁଣା ଢାଞ୍ଚା ପଦଯୋଡ଼ା ବା ମିତ୍ରାକ୍ଷର ହୋଇଯିବ—ସେଥିପାଇଁ ଲେଖାଯାଇ—'ତୋତେ ଦେଖି ମୁଁ ମୋର ଗୁରୁ ।' କିମ୍ବା 'ତୋତେ ଦେଖି ଲଜ୍ଜ ମାଉଁସ ଉଚୁଳି ଗଲା ।' ଇତ୍ୟାଦି ଇତ୍ୟାଦି ।

ଏ ପ୍ରକାର କବିତାର ସମାଲୋଚନା କଲେ ଦେଖାଯିବ ଯେ ଏହା ଅଧୁନିକ । ଯେହେତୁ ଏହା ସର୍ବହରାର ପ୍ରେମଗାଥା ଗାଉଛି । ଏହା ପ୍ରକୃତ କବିତା; କାରଣ Tuckermanଙ୍କ କଥାନୁସାରେ over flow of soul. ପାଉଁସ ପାଖଅଳ୍ପ ଉଚ୍ଛଳ ହେବାଟା ତାର ନିଦର୍ଶନ—symbolic ଭାବରେ । Emersonଙ୍କ କଥାରେ 'poetry cleanses me'—ଚୁଲିର ପରିଷ୍କାର କରିବାଟା ହୃଦୟ ପରିଷ୍କାର କରିବାର ବହିର୍ମୁଦ୍ରା ବୋଲି ଧରିବାକୁ ହେବ । Voltaireଙ୍କ କଥାନୁସାରେ ଏହା music of the soul—ଅସ୍ଥା ଯେଉଁର କରି-ବାର, ଏ ସଂଗୀତଟା ବି ସେହିପରି ଜଣବାର । Shelleyଙ୍କ କଥାନୁସାରେ ପୋଇଲିର ସେଇଟାଇ record of best and happiest moment ଏବଂ Wordsworth ସମ୍ଭବତଃ ଏହି କବିତାକୁ ଶୁଣି କହିଥିଲେ—Poetry is the first and last of all knowledge. ପୋଇଲିର ସଜନା ଗଛମୂଳେ ପାଉଁସ ଢାଳିବାର ଜ୍ଞାନ ପ୍ରଥମ ଓ ଶେଷ । ଏବଂ ଯେ ଏ ଧରଣର କବିତା ଲେଖନ୍ତି ତାଙ୍କର ଜ୍ଞାନମଧ୍ୟ ସେହିକବେ ଅଗମ୍ୟ ଓ ଶେଷ । ସେ ଦୃଷ୍ଟିରୁ ଦେଖିଲେ ମଧ୍ୟ ଏ ନବରସକୁ ପାଇ କବିତା ହୋଇଛି । ନବ ଅର୍ଥାତ୍ ନ ନୁହେଁ—ନୂତନ । ଅତେ କବିମାନେ ଗଡ଼ [illegible] କରିଥିଲେ । ବୈଷ୍ଣବମାନେ ସଙ୍ଗୀ କାରୁଣ୍ୟ ଦାସ୍ୟକୁ ମିଶାଇ ନବରସ କଲେ । ଏବେ ସେ ସବୁକୁ ମିଶାଇ ପଞ୍ଚ ବଦାଇବାର କିଛି ନ ତା ନବୀନ ରସ ବୋଲିଯାଏ । ନାଗରକୁ ଦେଖି ଶରଧା ଢଳିଲା—'ମୂର୍ଚ୍ଛ ହେଲି ଲଂଅଧ ଚରଣୀ ଗୋସର ।' ଏହା ହେଲା ଶୃଙ୍ଗାର । କାଲି ସକାଳେ କାହିଁକି ଚେଷ୍ଟ ନ ହେଲା, ଏ ଅଭିମାନରେ ପାଉଁସ ତାଳ ହେଲା ହେଲା ଗାଇ ରସ । କାହିଁକି ନ ଅଟଳ ଚୋଲି ଧୀରେ ଧୀରେ ଚୁଲିକୁ ପାଉଁସ ଗୋଳଟା ଦ୍ୱାର ସ୍ଥଳୁ କମିଛ କୋଇ ହେଉଥିଲା ସେଇ ମୁଦ୍ରା ପ୍ରଦର୍ଶନରେ କରୁଣ ରସର ଉତ୍ପତ୍ତି । ପାଉଁସ ଢାଳିବାରେ ମେଞ୍ଚାଏ ପାଉଁଷ ନାକରେ ପଶି ଗିବାରୁ ନାକ ରଙ୍ଗାଟା ବିଭତ୍ସ ରସର ଦ୍ୟୋତକ । ଅଭ ସଜନାଗଛ ମୂଳେ ଦ୍ରୁଣକୁର ଉଦ୍ଦେଶ୍ୟ ହେବାଟାର ଯେଉଁ ଦାସ୍ୟ ରସର ସୂଚନା ଦେଉଛି ସେଟା 'ଉଗଳ'ର ମହାକବିତା ଲକ୍ଷଣ ନୁହେଁ ।

ମାଣ କଥା ପଡ଼ିଲା, ଏ ନାୟିକାକୁ କେଉଁ ଶ୍ରେଣୀର ନାୟିକା ଧରିବା ! ଅମ ମତରେ ବୈଷ୍ଣବମାନେ ସ୍ୱାଧୀନପତିକା ପରକୀୟା

( ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

କବିତା—

# ପୁଲିଶୀ ରାଜ୍

ଲେଖକ—ସଚି ରାଉତରାୟ

( କଲିକତା ନଗରୀରେ ଗତ ତା ୨୧ । ୧୧ । ୪୫ ଏବଂ ତା ୨୨ । ୧୧ । ୪୫ ରେ ପୁଲିସ୍‌ର ନିର୍ମମ ଗୁଳି ବର୍ଷଣରେ ମୃତ, ଅଜିତ ଘୋଷ ହେମନ୍ତ ଓ ଶୋଭନ ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ··· )

ଜମିରେ ଆଜ ଜମିଲା ଭାଇ ରକ୍ତ ପଲସ୍ତରା,
ଯୌବନର ରକ୍ତ-ସାରେ ମାଟି ହେ ଉର୍ବରା !!

ବରଷେ ଏଇ ନଗରେ ଶୁଣେ,
କାହାର 'ଖୁନ୍' ମୋଟରେ ରେ ଡାକେ ?
ଲକ୍ଷ ହାତ ଇସାରା କରେ, ଭାଙ୍ଗିଲା ଗାଡ଼ ଘର !
ନେତାଏ ଯାପେ କା' ଲହୁ ହୁମ
ମଖମଲର ନାଲ୍ କୁଙ୍କୁମ
ରଚିଲା, ହେଲା ଚରଣେ ବଳି କାଙ୍ଗାଳର ଘର ?

ଦ୍ୱାରେ ଜନ ସାଗରେ ଢେଉ
ଖେଳିଲା, କାହିଁ ରହିଲା କେହୁ
ଖୋଜିବା ପାଇଁ ନାଇଁରେ ବେଳ, ଆମେତ ପଥହରା
ଯେ ହାତ ଆଜ ଉଠିଲା ଏ ଲାଠି
ଲକ୍ଷ ଗୁଡ଼ ଯା' ଗୁଳି କାଟି
ବାହୁଲି ପରି ବାହାରେ ଫୁଟି, ସେ ଯେ ଏ ରେ ବୋଲକରା

ଯୋଗ୍ୟ ସେ ତ ନୁହଇ ତୋର —
ଘୃଣାର ; ସେ ଯେ ସ୍ୱର ନୌକର !
ଡାଳକୁ ଛାଡ଼ି ହେର ତେର ମୂଳକୁ ଆଜ ଖୋଳା ।
ସେଇ ତ ତୋର ଅସଲ ପଥ,
ପଡ଼ିବ ଭାଙ୍ଗି ଏ 'ହୁକୁମତି'
ପୁଲିଶୀ ରାଜ୍ ଲାଗିବ ଲାଜ, ମୁକ୍ତି-ତାଜ୍ ତୋଳା ।

---

( ମିଠାବଡ଼ା ପୃଷ୍ଠାରୁ ଉଦ୍ଧୃତ )

ପ୍ରୀତିକ ବଢ଼ କରିଛନ୍ତି । ବର୍ତ୍ତମାନ ସମାଜରେ ଯୌନ ସ୍ୱାଧୀନତାର ପ୍ରଚାର ସଙ୍ଗେ ସଙ୍ଗେ ପରକୀୟା -ଉପଭୋଗ ପ୍ରବୃତ୍ତ ରସ ଠିଆ ହୋଇଛି । ପୋଇଲ୍ ଜଣକ ଘରେ ଅଛି । ଯାହା ଘରେ ଅଛି ସେ ବାବୁ ବାବୁଆଣୀଙ୍କ ଭିତରେ କଳି । ସେ ପୋଇଲ୍ ପୁଣି ଅନ୍ୟ ଗୋଟିଏ ଲୋକ ସାଙ୍ଗରେ ସବାକ୍ଷ ଉଠ ଅଭିସାର କରୁଛି । ଏହା ଦଶା ଅଭି-ସାରରୁ ଭିନ ଧରଣର—ନୂତନ । ସୁତରାଂ ଏ ତ ପରକୀୟା ନୁହେଁ—ପରସ୍ପର କୀୟା ପ୍ରୀତି । ପରକୀୟାରୁ ଅନ୍ୟ ହୋଇଏ ଅଗରେ ।

ଦୁଇ୍ ଭ୍ରମ ସର୍ବଶେଷରେ ଏ କବିତା ଲେଖକଙ୍କ ବଧାଇ ଜଣାଇ ଦେଇ ଏକ ନବରସର କବିତା ଲେଖି ଅଚ୍ଛବାର ମିଠାବଡ଼ା ସାଙ୍ଗ କରୁଛନ୍ତି ।

''ଏଗା ଦାଗଣ—ବୁ ଣବା ପାସଙ୍କସ ଗାଉ,
ପିରଙ୍ଗି ମୁଖରେ ପାଉଡର ବୋଳନ୍ତି
ପିନ୍ଧନ୍ତି ଶାଢ଼ୀ ବ୍ଲାଉଜ ଉପରେ
ସେକେଣ୍ଡ କ୍ଲାସ କମ୍ପାର୍ଟମେଣ୍ଟରେ
ଟମିନରୁ ଧୂଆଁ ଯାଉଛି ବାହାରି—ସିଗାରେଟ୍ ପାଇପରୁ
ଗୋଲାପି ରୁମାଲ ତୋ ଦାଲି ପଟକା,
ମନ ଗାଢ଼ ଯାଉଛି ରେଳ ତା ଦେଖି
କଟକ ଗାଡ଼ି ହୋଇଲା ପରି, ଯୁ ତୋର ଯେତେକ ପାଣି
ହାଡ଼ ମାଂସ ସବୁ ବଡ ବଡ଼ ବଣ ଫିଙ୍ଗି ଦେଉଛନ୍ତି
ସେ ସବୁ ପୋଡ଼ା ହୋଇଲା ସର ।
ତୋର ବୃଣ ପାଣ୍ଡୁର ମୁଖରୁ ରୁଜ୍ ଉଛୁଳ ସୋଡାଉ,
ତୋ ଝଡ଼ ସୌନ୍ଦର୍ଯ୍ୟର ଜସ୍ମୁ ଉଠେ ଅଛ ଯୌନ ବୁଭୁକ୍ଷା ।''

Digitized by srujanika@gmail.com




ବାଲେଶ୍ୱରରେ ଲାଟ ସାହେବ ଅତିଥି ହେଲେ ହେଲେ । ମାତ୍ର ଚାରି ଲାଟଙ୍କର ଦୀର୍ଘ ୫ ବର୍ଷ ଶାସନର ଶେଷ ଅଙ୍କରେ ବାଲେଶ୍ୱରରେ ଲାଟ ଦମ୍ପତିଙ୍କ ସ୍ମୃତିରେ ଏକ କୁଷ୍ଠାଶ୍ରମ ଓ ଏକ ମାତୃମଙ୍ଗଳ କେନ୍ଦ୍ର ଖୋଲାଗଲା । ଲାଟ ସାହେବ ନିଜେ ଶୁଭହସ୍ତରେ ଦ୍ୱାର ଉଦ୍‌ଘାଟନ କଲେ । ତାହାଁ ସଙ୍ଗକୁ ଏହାର ପ୍ରଧାନ ଉଦ୍‌ଯୋକ୍ତା ଓଝା ସାହେବଙ୍କ ନାମ ମଧ୍ୟ ମୁଦ୍ରିତ ରହିଗଲା । ଏ ଜିଲ୍ଲାର କେତେକ ମାଲିକ, କର୍ମଚାରୀଙ୍କର "ଓଝା ଦଳ" ନାମକ ଏକ ସୌଧ ତୋଳାଗଲେ । ଲାଟ ମହୋଦୟଙ୍କର ମଧ୍ୟ ଏଠାକୁ ଶୁଭାଗମନ ହୋଇଥିଲା । କିନ୍ତୁ ଦଳର ନାମ ଲାଟଙ୍କ ଦୃଷ୍ଟିରୁ ଗୁପ୍ତ ରଖାଗଲା । ଏ ଗୁପ୍ତ ରଖିବାର ଉଦ୍ଦେଶ୍ୟ କେହି ଜାଣି ନ ପାରିଲେ । ପଣ୍ଡିତମାନେ ଏ ଗୁପ୍ତ ରଖିବାର ରହସ୍ୟ ଭେଦ କରିବାକୁ ଯାଇ ସ୍ଥିର କରି ଅଛନ୍ତି ଯେ ଓଝା ସାହେବ ବାଲେଶ୍ୱର ବାସୀଙ୍କର ଅତି ପ୍ରିୟ ହୋଇଥିବା ନାମକୁ ହୃଦୟାଳିରେ ଗୋପନରେ ରଖିଲେ । ଏହାଦ୍ୱାରା ତାଙ୍କର ଉଦାର ହୃଦୟ ଓ ମହାନୁଭବତାର ପରିଚୟ ପ୍ରକଟିଲା । + × + ×

ଗଞ୍ଜାମ ଦକ୍ଷିଣ ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ କେନ୍ଦ୍ର ଆସେମ୍ବ୍ଲିକୁ ସଭ୍ୟ ହୋଇ ଜଣେ ତେଲୁଗୁ ଓ ଜଣେ ଓଡ଼ିଆ ପ୍ରାର୍ଥୀ ହୋଇଥିଲେ । ଆମ ଓଡ଼ିଆ କଂଗ୍ରେସ ନେତାମାନେ ମହାଭାରତୀୟ ଭାବରେ ଅନୁପ୍ରାଣିତ ହୋଇ ଓଡ଼ିଆ ଜାତୀୟତାବାଦର ସଂକୀର୍ଣ୍ଣତା ମନେ କରି ତେଲୁଗୁ ପ୍ରାର୍ଥୀଙ୍କ ପାଇଁ ଭୋଟ ନେଉଥିଲେ । ଦକ୍ଷିଣ ଓଡ଼ିଶାର ସଂବାଦ ପତ୍ରମାନେ ପଣ୍ଡାଙ୍କୁ 'କଳାପାହାଡ଼' ଆଖ୍ୟା ଦେଲେ କିନ୍ତୁ ମହତାବ୍ ଓ ବୈଦ୍ୟନାଥଙ୍କୁ 'ଶିଖ' 'ମନାଇ' ନ କହି କେବଳ traitor (ବିଶ୍ୱାସଘାତକ) ବୋଲି ଉକ୍ତିଲେ । ଏ ନିର୍ବାଚନ ସଂଗ୍ରାମ ୧ ତାରିଖ ଡିସେମ୍ବରକୁ ଧାର୍ଯ୍ୟ ହୋଇଥିଲା ।

ଏ ସଂଗ୍ରାମରେ କଳାପାହାଡ଼ ନାରାୟଣ ମୂର୍ତ୍ତିଙ୍କ ପ୍ରତିଷ୍ଠା ପାଇଁ ଲଢ଼ୁଥିବାରୁ ତାଙ୍କର ଜାତୀୟତା ହେବାକୁ ଲାଗିଲା । ଆଜି ହରେକୃଷ୍ଣ ସାହୁଙ୍କର ଜାତୀୟତାନ ଯଥା ପର୍ଯ୍ୟନ୍ତ ଯାଗାରେ ପଡ଼ିଥିବ ଅଛିକ, ଓଡ଼ିଶାକୁ ଘିଅ ମୁଣ୍ଡରେ ଭସାଇ ଦେବ—ଏସବୁ ପାଣି ପୋଟକା ଭଳି ମିଳାଇ ଯିବାର ହୋଇଛି । + + +

ଓଡ଼ିଆ ବୈଦ୍ୟନାଥ ଆଜି ନାରାୟଣଙ୍କ ସେବକ ହୋଇ ଭୋଟ ଭିକ୍ଷାରେ ବାହାରିଲେ । ତାଙ୍କ ଡାକରା ଶେଷମଣ୍ଡିତ କଲେଜ ଝିଅମାନେ "ମାରିଲା ଛତ୍ର", 'ଓଡ଼ିଶା ଛତ୍ର'—ବିଶ୍ୱାସଘାତକ (traitor) ଭଳି ଦେଇ ଘଉଡ଼ାଇ ଦେଲେ । ଏମନ୍ତ ସ୍ଥଳରେ ବାବା ବୈଦ୍ୟନାଥ ମହାତାପୀ ମହତାବଙ୍କ ସାହାଯ୍ୟ ନେଉଥିଲେ । ତାହାଁ ମହତାବ ବୈଦ୍ୟନାଥ ଉଭୟ ମିଳି ବହ୍ମପୁର ଟେଉ. ଉକ୍ତ ଏହି ଯୁଗ୍ମ ଉଦ୍‌ଘାଟନ କଲେ । ଏହି ଯୁଗ୍ମ ଉଦ୍‌ଘାଟନରେ ଫଳ ଉତ୍କଳ ର "ଅନ୍ଧ-ଓଡ଼ିଆ ସମସ୍ୟା ଭେଦଭାବ କେବଳ ଓଡ଼ିଆମାନ ଓ ନେତ୍ର ମାନଙ୍କରେ ଦେଖାଯାଏ । ଏହା ଜନସାଧାରଣଙ୍କ ଉପରେ ପରିଦୃଶ୍ୟ ନୁହେଁ ।" ଏମନ୍ତ ଭାଷଣ ପାଇ ଓଡ଼ିଆ ବାଳକ ଲଜ୍ଜା କରି ମରିଲେ—ଓ ମହତାବଙ୍କ ମହାଭାରତୀୟ ଭାବର ମୂଲ୍ୟାଙ୍କ ରହିଲା । + × × ×

ବାଲେଶ୍ୱରରେ ଚିନି, ଅଟା, ମଇଦା ଏମାନଙ୍କର ଅଭାବ ପଡ଼ିବାକୁ ଲାଗିଲା । ଚକ୍ରବର୍ତ୍ତି ଓ ଯୋଗାଣ କର୍ତ୍ତା କେବଳ ସବୁର କର ବୋଲି ଆଶ୍ୱାସନା ଦେଇ ଚାଲିଲେ । ବାଲେଶ୍ୱର ବାସୀଏ 'ସବୁର ମେ' ଚିନି, ଅଟ, ମଇଦା ନଥାଇ 'ମେଓ୍ୱା' ଖାଉଛନ୍ତି ବୋଲି ଟାଣ ରହିଲେ । ଏଥିକୁ ପୂର୍ଣ୍ଣ ଚିନି ମହାଜନଙ୍କ ପାଇଁ ମହଣ ମହଣ ଚିନି ଆସୁଅଛି ଉଡ଼େଇ ଗଲା । ଚିନି ଶିଅ ମହାଜନେ ଛଡ଼ ପାଇଲେ—ନୂଆରେ ମହାଜନଙ୍କ ଗଦାମରେ ଉପସ୍ଥିତ ହେବାକୁ ଲାଗିଲେ । ଖୋଲାରେ ଚିନି ମୂଲ୍ୟ ଖାଇଲେ—ବାଲେଶ୍ୱର ମହାଜନ ମାନଙ୍କର ଚିନି ମଣ୍ଡା ଖାଇଲେ ବୋଲି କହିବାର ଦ୍ୱାକ୍ ଦାଗୀ ରହିଲା ।

ଏ ମାସରେ ବାଲେଶ୍ୱରରେ ମଦ୍ୟ ପ୍ରବଳ ହୋଇଥିଲା । ମଦ୍ୟର ଦ୍ୱାତ୍ର୍ୟଶିତା ହେବୁ ଦର ବଢ଼ିବାକୁ ଲାଗିଲା । ଗରିବ ଲୋକ ଅଭାବରେ ଦନେ ଖାଇବାକୁ ପାଉଛି । କିନ୍ତୁ ସଙ୍ଗେ ସଙ୍ଗେ କର୍ତ୍ତାମାନେ ଶସ୍ତ୍ର ହୋଇ ଦେଶକୁ ରପ୍ତାନି କରିବାର ଯେଉଁ ପ୍ରସ୍ତାବ ଥିଲା ଉଠାଇ ନେଲେ । କର୍ତ୍ତାମାନଙ୍କର ଏପରି କର୍ମକୁ ଅଙ୍କ ଲୋକ ପ୍ରଶଂସା କଲେ । କାରଣ ଏ ଶସ୍ତାରେ ମାଛ ଖାଇ ଅବସ୍ଥା ନହେବା ଅର୍ଥାତ୍—ସେସବୁ କିଣିବା ଛଡ଼ା ଉପାୟ ନୁହେଁ—ସାଧାରଣ ଲୋକ ମନ କ୍ଷୁଣ୍ଣ କରିଲ ମାତ୍ର ।

× + × +

ଏ ଜିଲ୍ଲାରେ ବସ୍ତ୍ର ସଂକଟ ହେଲା । ଯୋଗାଣ କର୍ତ୍ତା ଜିଲ୍ଲା ସାଂବାଦିକ ସମ୍ମିଳନୀରେ ଶତକଡ଼ା ୭୫ ଭାଗ ଧୂତି ଶାଢ଼ୀ ମିଳିବ ବୋଲି କହିଲେ । ଏହାର ପ୍ରତିକାର ନୋହିବାରୁ ଜିଲ୍ଲାକର୍ତ୍ତା ନିଜର ଅସାମର୍ଥ୍ୟ ଦେଖାଇ କହିଲେ ଯେ ଏହାର ପ୍ରତିକାର କେବଳ ସିଣ୍ଡିକେଟ ଓ ପ୍ରାଦେଶିକ ସରକାର କରି ପାରନ୍ତି । ପ୍ରାଦେଶିକ ଯୋଗାଣ କର୍ତ୍ତା ଝା ସାହେବ ଥିବାରୁ ଓ ବସ୍ତ୍ର ସିଣ୍ଡିକେଟର ସେକ୍ରେଟେରି ଜଣେ ସରକାରୀ କର୍ମଚାରୀ ଥିବାରୁ ଏହାର ପ୍ରତିକାର ନେଇବା ଚପ୍ ରହିବା ହେବ ବୋଲି ନେଇଗଲା ।

---


## ଗୁହେଁ ଦେଖ !   ଶୁଣ !



୫ ୪ ୯ ରେ ଆପଣ ତିନି ପ୍ରକାର ଗହଣା ପାଇ ପାରିବେ । ଦୁଇଟି ଚୁଡ଼ି, ଦୁଇଟି ନକଲି ପଥର ବସା ଲାଗ ଗହଣା ଓ ଗୋଟିଏ ସୁନ୍ଦର ହାର । ସମସ୍ତ ୨୨ କ୍ୟାରେଟ ରୋଲଡ଼ ଗୋଲ୍ଡର ତିଆରି ଖୁବ୍ ଚକ୍‌ଚକ୍ କରେ । ଆପଣ ନ ଦେଖିଲେ ଯେପରି ବର୍ଣ୍ଣନା କରି ହେବ ନାହିଁ । ଶୀଘ୍ର ଡାକଖର୍ଚ୍ଚରେ ପଠାଯାଏ । ଭି:ପି: ଦ୍ୱାରା ଦାମ ଅର୍ଡର ପଠାଯାଏ ।

S. Pol & Co.
14. Dr. Jagabandhu Lane Calcutta.


Digitized by srujanika@gmail.com

# ବହିପତ୍ର

ଭାରତ ପରିଚାଳନା—ଶ୍ରୀ ବୈଦ୍ୟନାଥ ଦାସ । ପ୍ରକାଶକ—ଷ୍ଟୁଡେଣ୍ଟସ୍ ଷ୍ଟୋର, ବହରମପୁର; କଟକ । ଡାଇନ ପେଜ, ପୃଷ୍ଠା—୧୦୪—ମୂଲ୍ୟ—୫୦୫ ।

ଏହି ପୁସ୍ତିକାଟି ଗଣ୍ଡିଏ ଉପହାର ପାଇ କୃତଜ୍ଞତା ଜଣାଉଅଛୁଁ । ଷ୍ଟୁଡେଣ୍ଟସ୍ ଷ୍ଟୋର ଡାକ୍ତର ଶ୍ରୀ ବ୍ରଜନାଥ ମିଶ୍ର ମହାଶୟଙ୍କ ସମ୍ପାଦକତ୍ୱରେ ଯେଉଁ "ଲୋକ-ସାହିତ୍ୟ" ଗ୍ରନ୍ଥମାଳା ପ୍ରକାଶରେ ପ୍ରୟାସୀ ହୋଇଅଛନ୍ତି, 'ଭାରତ ପରିଚାଳନା' ପୁସ୍ତକ ତାହାର ପ୍ରଥମ ଖଣ୍ଡ ।

ଭାରତ ପରିଚାଳନା (Administration of India) ସମ୍ବନ୍ଧରେ ବୈଦ୍ୟନାଥ ବାବୁଙ୍କର ପ୍ରତ୍ୟକ୍ଷ ଅଭିଜ୍ଞତା ଥିବାରୁ ତାଙ୍କ ହାତରେ ପୁସ୍ତକଟି ଭଲ ଭାବରେ ଉତୁରି ପାରିଛି । ଏପରି ପୁସ୍ତକ ଯେ ଆମ ଦେଶର ଲୋକଶିକ୍ଷା ନିମନ୍ତେ ବିଶେଷ ଲୋଡ଼ା ଥିଲା ଏହା କେହି ଅସ୍ୱୀକାର କରିବ ନାହିଁ । ଏପରିକି ଯେଉଁମାନେ ପୂର୍ଣ୍ଣ ଶିକ୍ଷିତ ବ୍ୟକ୍ତି, ତାଙ୍କର ମଧ୍ୟ ଏହି ପୁସ୍ତକ ଅନେକ ସମୟରେ ପ୍ରୟୋଜନରେ ଆସିବ ।

ଏଥିରେ ସଂକ୍ଷେପ ଭାବରେ ଭାରତରେ ଶାସନ ବ୍ୟବସ୍ଥା ଓ ତାର ସୁନ୍ଦର ସମାଲୋଚନା ସନ୍ନିବେଶିତ ହୋଇ ପୁସ୍ତକର ଉପାଦେୟତା ବୃଦ୍ଧି କରିଛି । ନାନାଦି ବିଭାଗର ହିସାବ ନକ୍ସା ଓ ପରିମାପ ବହୁ ଯତ୍ନରେ ସଂଗ୍ରହ କରି ଲେଖକ ଏ ପୁସ୍ତକଟି କରିଅଛନ୍ତି । ବର୍ତ୍ତମାନ କାଳରେ ଏଥିରୁ ଗଣ୍ଡିଏ ଲେଖାଏ ପ୍ରତି ଗୃହରେ ରହିବା ଉଚିତ ଏବଂ ପ୍ରତି ଶିକ୍ଷିତ ବ୍ୟକ୍ତିର କର୍ତ୍ତବ୍ୟ ନିରକ୍ଷର ଗ୍ରାମବାସୀଙ୍କୁ ଏହା ପଢ଼ି ଶୁଣାଇବା । ଏ ପୁସ୍ତକକୁ ମେଟ୍ରିକ ପରୀକ୍ଷାର୍ଥୀଙ୍କ Civics ପାଠ୍ୟରୂପେ ନିର୍ବାଚନ କଲେ ଭଲ ହେବ ବୋଲି ଆମର ବିଶ୍ୱାସ ।

ପ୍ରେମ ଶଯ୍ୟା—ଡା: ମାୟାଧର ମାନସିଂହ । ଷ୍ଟୁଡେଣ୍ଟସ୍ ଷ୍ଟୋର ଦ୍ୱାରା ପ୍ରକାଶିତ । ଫୁଲସ୍କେପ ପେଜ—ପୃ ୧୪୧ ଷ୍ଠା—ମୂଲ୍ୟ ୫୧୯ ।

କବି ମାନସିଂହ ଉତ୍କଳରେ ସୁପରିଚିତ ଓ ଲବ୍ଧପ୍ରତିଷ୍ଠ କବି । ତାଙ୍କର ଧୂପ ଓ ହେମଶସ୍ୟରେ ପ୍ରକାଶିତ ହୋଇଥିବା କବିତା ଓ କେତେକ ନୂତନ କବିତା ନେଇ ପ୍ରେମଶଯ୍ୟାର କଳେବର ଗଠିତ । ପୁସ୍ତକର ପ୍ରଚ୍ଛଦଚିତ୍ର ସୁନ୍ଦର ଓ ନୈପୁଣ୍ୟମୟ ହେଲେ ମଧ୍ୟ ପ୍ରେମଶଯ୍ୟାର ଭାବଧାରା ସହିତ ଏ ଚିତ୍ରର ସମ୍ପର୍କ ବୋଧଗମ୍ୟ ନୁହେଁ । ଭିତରେ ଥିବା ଚିତ୍ରଗୁଡ଼ିକର ପରିକଳ୍ପନା ଭାବବ୍ୟଞ୍ଜକ ।

କବି ପ୍ରାଣର ଭାବାନୁଭୂତି ଏ ସବୁ କବିତାରେ ଯେପରି ଆବେଗମୟୀ ଭାଷା ଓ ଛନ୍ଦରେ ଫୁଟି ଉଠିଛି ତାହା ଅନୁପମ ବୋଲିଲେ ଚଳେ । ଏ ଅଂଶରେ ନିଃସନ୍ଦେହ ପାଠକ ହୃଦୟକୁ ସ୍ପନ୍ଦିତ କରିବାରେ ସକ୍ଷମ ହୋଇଛି ବୋଲି ଆମର ବିଶ୍ୱାସ । ଏହାହିଁ କବିତ୍ୱର ସାର୍ଥକତା । ସେଥିରେ ହିସାବ କରିବା ବା 'ହିସାବ ନିକାଶ'ର ସ୍ଥାନ ନାହିଁ ବୋଲି ଆମର ଦୃଢ଼ ଧାରଣା ।

ଶ୍ରୀମଦ୍‌ଭାଗବତ—୪ର୍ଥ ଓ ୫ମ ସ୍କନ୍ଧ ପୃଥକ୍ ପୃଥକ୍ ଖଣ୍ଡରେ ପ୍ରକାଶିତ । ସମ୍ପାଦକ—ରାୟ ବାହାଦୁର ଚିନ୍ତାମଣି ଆଚାର୍ଯ୍ୟ । ପ୍ରକାଶକ—ଅରୁଣୋଦୟ ପ୍ରେସ, କଟକ ।

୫ମ ଖଣ୍ଡ—ପୃ ୨୭୭ ଷ୍ଠା—ମୂଲ୍ୟ—୫ ୨ ୫ ।
୪ର୍ଥ ଖଣ୍ଡ—ପୃ ୧୯୪ ଷ୍ଠା—ମୂଲ୍ୟ—୫ ୪ ।

ଏଥିରେ ମୂଳ ସଂସ୍କୃତ ଶ୍ଳୋକ, ତାହାର ଉତ୍କଳ ଗଦ୍ୟାନୁବାଦ ଓ ଶ୍ରୀ ଜଗନ୍ନାଥ ଦାସଙ୍କ ପଦ୍ୟାନୁବାଦ ଦିଆ ହୋଇ ଜ୍ଞାନ ପିପାସୁ ଭକ୍ତବୃନ୍ଦର ଆଦରଣୀୟ ହୋଇଛି । ପ୍ରତି ପରିଚ୍ଛେଦ ଶେଷରେ 'ବେଦ ବ୍ୟାଖ୍ୟା' ଏହାର ଉପାଦେୟତା ବୃଦ୍ଧି କରିଛି । ଆମ୍ଭମାନଙ୍କ ମତରେ ଅନ୍ୱୟ, ପ୍ରତିଶବ୍ଦ ଓ ଶ୍ରୀଧର ସ୍ୱାମୀ ବା ବୈଦ୍ୟନାଥଙ୍କ ଟୀକା ଥିଲେ ସଂସ୍କରଣଟି ସର୍ବାଙ୍ଗସୁନ୍ଦର ହୋଇ ପାରନ୍ତା । କାଗଜ ଅଭାବରୁ ତାହା ହୋଇ ପାରିନାହିଁ । ଆମର ଆଶା, ଏଥର ସମ୍ପାଦକ ସେ ଅଭାବଟି ପୂରଣ କରିବେ ।

ପୂର୍ବ ସ୍କନ୍ଧମାନଙ୍କ ଶେଷରେ ନାନାଦି ଶାସ୍ତ୍ରର ଉଦ୍ଧୃତ ଅଂଶମାନ ସନ୍ନିବେଶିତ ହେଉଥିଲା । ଏଥର ତାହା ବନ୍ଦ ହେଲା କାହିଁକି ? ବୋଧହୁଏ କଳେବର ବୃଦ୍ଧି ଭୟରେ ପ୍ରକାଶକ ସେ ଦିଗରେ ମନ ବଳାଇ ନାହାନ୍ତି । ଏ କଳ୍ପନାଟି ମନ୍ଦ ନ ଥିଲା ।

ଦଶମ ଓ ଏକାଦଶ ସ୍କନ୍ଧ ଉତ୍କଳରେ ଲୋକପ୍ରିୟ ଓ ଆଦୃତ । ଦଶମ ଶେଷରେ ଶ୍ରୀରାସଗୀତା ଓ ଏକାଦଶ ଶେଷରେ ଭଗବଦ୍‌ଗୀତା ବା କୃଷ୍ଣକର୍ଣ୍ଣାମୃତ ଦେଲେ ଭଲ ହୁଅନ୍ତା ନାହିଁକି ?

ଏ ପୁରାଣଖଣ୍ଡରେ ଦିଆ ହୋଇଥିବା ଚିତ୍ର ଗୁଡ଼ିକରେ ଶିଳ୍ପ ନୈପୁଣ୍ୟର ଅଭାବ । ବିଶେଷତଃ ପଞ୍ଚମ ସ୍କନ୍ଧର ପ୍ରାରମ୍ଭରେ ଦିଆ ହୋଇଥିବା ଲୀଳାମୟ ନାମକ ଚିତ୍ରଟି ଏ ପୁସ୍ତକର ମର୍ଯ୍ୟାଦା କ୍ଷୁଣ୍ଣ କଲା ପରି ଲାଗୁଛି । ଏ ଦିଗରେ ଅବହିତ ହେବା ନିମନ୍ତେ ପ୍ରକାଶକଙ୍କୁ ଅନୁରୋଧ ।

ଯାହାହେଉ ଏହି ସୁବୃହତ୍ କର୍ମର ଦାୟିତ୍ୱ ସକାଶେ ସମ୍ପାଦକ ଓ ପ୍ରକାଶକ ଉଭୟଙ୍କୁ ଆମର ଧନ୍ୟବାଦ । ଏ ବିଶାଳ କୀର୍ତ୍ତି ସେମାନଙ୍କୁ ସ୍ମରଣୀୟ କରି ରଖିବ ।

## ଭଞ୍ଜପ୍ରଦୀପ—ଚୈତ୍ର ଓ ଆଷାଢ଼ ।

ଧନାଦପି ଗରୀୟସୀ—ପ୍ରବୀଣ ସାହିତ୍ୟିକ ଶ୍ରୀ ଶଶିଭୂଷଣ ରାୟଙ୍କ ସୁଚିନ୍ତିତ ପ୍ରବନ୍ଧ ।

ଦୁନିଆ ସଭିଏ—ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ । ପ୍ରହରାଜ ଆପଣଙ୍କ ଶେଷ ବ୍ୟଙ୍ଗାତ୍ମକ ଲେଖା । ପଢ଼ିଲେ ବେଳକୁ ପ୍ରହରାଜଙ୍କ କଥା ମନରେ ପଡ଼ି ପ୍ରାଣ ବ୍ୟାକୁଳ ହୁଏ । ହାୟ ଓଡ଼ିଶାର ସେ ଜିନିଷ ସରିଗଲା । ସାହିତ୍ୟ କ୍ଷେତ୍ରରେ ତାଙ୍କ ସ୍ଥାନ ପୂରଣ ହେବା ଏକପ୍ରକାର ଅସମ୍ଭବ ଲାଗୁଛି । ସେଭଳି ବଳିଷ୍ଠ ପ୍ରତିଭା ଯୁଗ ଯୁଗରେ ବିକଶିତ ହୁଏ ।

ଏପାଖ ଓ ସେପାଖ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର । ରୂପରେ ଗଳ୍ପ; ମାତ୍ର ପ୍ରକୃତରେ ରୂପକାତ୍ମକ ଦାର୍ଶନିକ ପରିକଳ୍ପନା । ସାଧାରଣ ପାଠକର ପ୍ରବେଶାଧିକାର ନିଷେଧ !

ସାଧବ ଝିଅ—ଶ୍ରୀ ବସନ୍ତ କୁମାର ଶତପଥୀ । ମୌଳିକ ସମାଲୋଚନା ।

Digitized by srujanika@gmail.com




# କେଜାଣି ହେବ କି ଗତିରେ

ଲେଖକ:—ଶ୍ରୀ ବୈକୁଣ୍ଠନାଥ ମହାନ୍ତି

କେଜାଣି ହେବ କି ଗତିରେ,
ଆଗେ ନିର୍ବାଚନ ଚିତ୍ତ ଛନ୍ନ ଛନ୍ନ
ଛନକା ପଶଇ ଛାତିରେ,
କେଜାଣି ହେବ କି ଗତିରେ ।

ଭାବି ଭାବି ମନ ହୁଏ ନାହିଁ ସ୍ଥିର,
ଏପଟ ସେପଟ ଲେଉଟାଏଁ କର;
ଗୋଟା ଗୋଟା ଖାଇ ସିଗାରେଟ ଫୁଙ୍କି,
ମାଠିଆକ ପାଣି ଦେଲେ ସୁଖା ଠୁଙ୍କି;
ନିଦ ନ ଆସଇ ରାତିରେ,
କେ ଜାଣି ହେବ କି ଗତିରେ ।

ଜିଲ୍ଲା ବୋର୍ଡ଼? ଭାଇ ଅତି ତୁଚ୍ଛ କଥା,
ସେଥିପାଇଁ କାହିଁ ହେବ ମୁଣ୍ଡ ବିଥା;
ପ୍ରାଦେଶିକ ସଭା କରଇ ବ୍ୟାକୁଳ,
'ମନ୍ତ୍ରୀ ପଦ' ଲାଗି ପରାଣ ଆକୁଳ;
'ଗାନ୍ଧିବାଲ' ବୋଲି ଗୃହ ଆଗେ ଅଛୁ ଲେଖାଇଛେ,
କେଜାଣି ହେବ କି ଗତିରେ ।

ଅଭାଗା ବିରୁଦ୍ଧେ 'କମ୍‌ରେଡ଼'ମାନେ
ହାତମୁଠା ଟେକି ରାଗନ୍ତି,
ଲାଲ୍ ଝଣ୍ଡା ଧରି ଟାଉନ୍ ହଲରେ
ଟେବୁଲ ଚେୟାର ଭାଙ୍ଗନ୍ତି ।
ସହରରେ ରହି, ଭଲ ଖାନା ଖାଇ
କୃଷୀ ମୂଲିଆଙ୍କୁ ଜଗାନ୍ତି,
'ଜିନ୍ନାଙ୍କ ଲିଗ୍'କୁ ଧର୍ମ ଭାଇ କରି
ସିନାରେ ସିନାକୁ ଲଗାନ୍ତି ।
ଆଜି କେତେଜଣ ନେତା, ନିଜ ସ୍ୱାର୍ଥ
କଂଗ୍ରେସ ଦଳରୁ ପଳାଇ,
'ହେକ୍‌ସାବାଲ୍'ଙ୍କ ସଙ୍ଗରେ ବୁଲନ୍ତି,
କାନ୍ଧରେ କାନ୍ଧକୁ ମିଳାଇ ।
'ରେଡ଼ିକାଲ୍'ଠାରୁ ପାଇ ଅଣ୍ଡାଗୁଣ୍ଡା,
ଏଣେ ତେଣେ ରହି ଟେକିଲେ ଛକା ଚିଣ୍ଡି;
ଯଦି ଯିବେ ଭାଇ ଜିତିରେ,
କେଜାଣି ହେବ କି ଗତିରେ ।

ନେତାଗିରି କାମନା ଅତି କଷ୍ଟେ ହୃଦେ ଗୁପିଛୁ,
ସବୁରିଙ୍କ ଆଗେ ନାକ ନାଁ ଦେଇ ଥାପିଛୁ;
ଥରେ ଦୁଇଥର ଜେଲ୍‌ଗାମୀ ଅଛି ସିନା—ମୁଁ,
ସିଣ୍ଡିକେଟ ହୋଇ ଜଣାଇଛୁ ବନ୍ଧୁ ମହଲେ—ମୁଁ ।
ଏକାଦଶୀ ଦିନ ଟାଣିଛୁ ପଲଙ୍କ ସମ୍ମୁଖ,
ପନିର, ପାମ୍ପଡ଼, ମାରେଡ଼ ପକ୍ଷୀ ପାୟସ,
ନିଷ୍ଠାବୋଲି ପ୍ରିୟାର ବିନ୍ଦୁ ଭୋଗ,
ଭଲ ଭଲ ତଳେ କାଟିଛି ହାଇଡ୍ରୋ ପ୍ୟାଥିକ୍ ।
କଚ୍ଛାବନ୍ଧ ପରେ ବରଜ ଦେଲା ଏ ସବୁ,
ସିଙ୍ଘା ଟାଣି ଟାଣି ଭାଙ୍ଗିଲା ଭଣ୍ଡର ଗରବ ।
ଦାଢ଼ି ଛାଡ଼ି ଦେଲି ନେଙ୍ଗଟା ରହିଲି
ପ୍ରାର୍ଥନାରେ ବସି ମଠରେ,
ତେବେ ବି ନ ହେଲେ ପ୍ରାର୍ଥୀରେ,
ବାର ବରଷର ତପସ୍ୟା ଗଲେ
ସୁଖୁଆ ପୋଡାରେ ବିତିରେ,
କେଜାଣି ହେବ କି ଗତିରେ ।

---

( ମହାବାତ୍ୟା ୩୬୨ ପୃଷ୍ଠା ଉତ୍ତାରୁ )

ତାପରେ ଏକଥର ନରେନ୍ଦ୍ର ।

"ଆପଣ ମୋ ଛୁଟି ନଥିଲେ—ଭାଇ ଟଙ୍କ ।"

"ନା, ନା ଦରକାର ନାହିଁ—ଆପଣଙ୍କ ପୁଅଡାକେ ବନ୍ଧୁ କେଉଁଠି ନଷ୍ଟମୁ । ଏହି ଯାହା ମନେ ନ କରନ୍ତୁ ମୋ ଟଙ୍କ ଦରକାର ନଥିଲୁ ।"

"ନା, ନା ଆଉ ଏତେ ଭଦ୍ରତା ଦେଖେଇବା ଦରକାର ନାହିଁ । ଆପଣ ମୋଟେ ଛୁଟାରେ ହ'ଜଣ ଯିବା" ଏହା କହି ମନମୋହନ ବାବୁ ପାଖକୁ ଲେଖିଲେ ।

ଗୁଲ୍‌ଗୁଲ୍ ଚାହିଁ ଚାହିଁ ସର୍ବସ୍ୱ ଅର୍ପଣ କରୁଥାନ୍ତି ଓ ମଣିଷରେ ମଣିଷରେ ତରଣ ପରୀକ୍ଷାକୁ ଯାଉଁଥାନ୍ତି ।

ତୁମ ପଡ଼ିଥ ମନମୋହନଙ୍କ ବାରେଇ ଫେରିବାକୁ ବାହୁଡ଼ ନେଇ ହେଲା—ସେ ମୁଁ ' ଉଠରେ ରାଇ ଚାଲିବା ବିଦ୍ୟାଳୟ ଭିତରୁ ପାଇଁ ବିଶେଷ interested ହୋଇ ଉଠିଲେ—ନିଶ୍ଚିନ୍ତ ମଧ୍ୟ ତୁମେଭେ ସରକୁ ସରେଇନାହିଁ ।

× × × ×

ଏତେ ଏଣିକ ବାବୁ ଶିକ୍ଷୟିତ୍ରୀଙ୍କୁ ଦେଇ ବୋଲି ଭାବୁନାହିଁ ଭାବୁଛ ନୂଆକୋଇ—। ସେ ଟଙ୍କ ଓ ଛୁଟି ବାବୁ ବଡ଼ ଯତ୍ନରେ ରହିଛ ।

——*——

Digitized by srujanika@gmail.com

# କଳି ମହାଭାରତ

## ୨ୟ ପର୍ବ

### ( ୨ ମହାସମର ବୃତ୍ତାନ୍ତ )

ଲେଖକ—ଶ୍ରୀକୃଷ୍ଣଦ୍ୱୈପାୟନ ବ୍ୟାସ

( ପୂର୍ବପ୍ରକାଶିତ ଅଂଶରୁ )

ସୋଭିଏଟ ଯେ ଅକ୍ଟୋବର ମାସରୁ ସେ କାଳ,
ମସ୍କୋ ଅବରୋଧ ହୋଇ ରହିଲା ଜଞ୍ଜାଳ ।
ପାଞ୍ଚଶତ ମାଇଲ ଯେ ମସ୍କୋଠାରୁ ଦୂର,
ଭଲ୍‌ଗା ତଟେ ଷ୍ଟାଲିନ୍‌ଗ୍ରାଡ ନାମରେ ପୁର ।
ତହିଁ ଯେତେ କାରଖାନା ପଡ଼ର ସରବାସ,
ସ୍ଥାନାନ୍ତର କରି ରଷିଆନେ ଦେଲେ ବସବାସ ।
ଏତେବେଳେ ଦକ୍ଷିଣରୁ ଜର୍ମାନ ସଇନେ,
ଚଢ଼ି ଆସନ୍ତି ମାଡ଼ି ୟୁକ୍ରେନ ଅଞ୍ଚଳେ ।
ଉତ୍ତରେ ତେଲଖଣିର ଅଧିକାର ବାରେ,
ଅଗ୍ରସର ହେଲେ ଜର୍ମାନ ଅତି ଧାରେ ।
ଋଷିଆର ମୁଖେ କରୁଥାନ୍ତି ଅଭିଯାନ,
ଏ ସମୟେ ଜୟଲକ୍ଷ୍ମୀ ହେଲେ ଜର୍ମାନ ।
ନେତୃତ୍ୱାଧୀନ ପୁଣି ଯେତେ ରୁଷ ସେନା,
ରୁଷିଆ ଛାଡ଼ି ପଳାଇଗଲେ ପ୍ରାଣ ନେଇ ।
ଏମନ୍ତ ସମ୍ବ ପ୍ରଥମ ବର୍ଷ ପରାଜୟ,
ପାଇ ଜର୍ମାନ ସେନା ହୋଇଲେ ଅଜେୟ ।
ତେବେଣ ମଧ୍ୟ ଲେନିନଗ୍ରାଡ ମସ୍କୋ ଅବରୋଧ,
ଶୀତ ଋତୁ ଆସିଲାରୁ କରୁଥାନ୍ତି ଯୁଦ୍ଧ ।
ସ୍ୱଜନ ଯେ ଉତ୍କଳ ସୈନ୍ୟ ସଙ୍ଗ ଅଛି,
ପଞ୍ଚ ନିଶ ମାଇଲ ହୋଇ ଦୂରବାସୀ ।
ବଳ ବଳ ଶୀତ ଦେହ ଘୁଏ ଛଣ ଛଣ,
ମହାଶତ୍ରୁ ଜର୍ମାନ କରୁଥାନ୍ତି ରଣ ।
ଏମନ୍ତେ ଯେ ଡିସେମ୍ବର ମାସ ଅନ୍ତ ହେଲା,
କ୍ଳାନ୍ତ ଜର୍ମାନ ଛାଡ଼ି ପଡ଼ିଗଲେ ଦିନ ।
ଏଥିନ ସୁଯୋଗ ପାଇ ରୁଷ ବୀରମାନେ,
ପାଳିଥା ନବାକ ବଳ ହେଲେ ଆଗୁଆନେ ।
ଜର୍ମାନ ବାହିନୀ ଅନେକ ନୋହିଲେ ସେ ପଛକୁ,
ଉପରେ ସେ ଶତକ ମାଇଲ ଦୂରେ ଗଲେ ଘୁଞ୍ଚି ।
ତେବେଣ କିମ୍ବିଅରେ ଉଳପଥ ଅନ୍ତରେ,
ପ୍ରବେଶିଲେ ରୁଷ ସେନା ଜୟ ଜୟ କରି ।
ଅତଃ ସାଗର ତୀରେ ରେଲ ଦେଲେ ଗଡ଼ି,
ଜର୍ମାନର ଯୁଦ୍ଧ ବୋଇଲେ ବହୁ ଅଳ୍ପ ।
ଏମନ୍ତେ ଏକବର୍ଷକାଳ ହେଲା ଶେଷ,
ପୂର୍ବ ଖଣ୍ଡ ପଣ ଦେଇ ଜର୍ମାନ ପ୍ରବେଶ ।
ଦ୍ୱିତୀୟ ବର୍ଷରେ ମାଇଲ ଚଲ୍ଲିଶ,
ଅଧିକ ଜର୍ମାନ ସୋମା ବର୍ଷ ହେଲା ଶାସ ।
ତଥାପି ସେ ଜରମାନୀ ଇଟେଲୀଜ ଦଖଲେ,
ସୁଦୃଢ଼ ପଞ୍ଚମିତ ପ୍ରବେଶ ନ କଲେ ।
ତେଣୁ ସେ ଯୁଦ୍ଧର ମୁଖ ହେଲା ବଦଳାଇ,
ଦକ୍ଷିଣ ଦେଶରେ ବେଗେ ପଶିଲେ ଧସାଇ ।
ଅନ୍ତରାଳ ଷ୍ଟାଲିନଗ୍ରାଡର ମଧ୍ୟମଣି,
ଭଲ୍‌ଗା ତଟେ ପ୍ରବେଶ ହୋଇଲେ ସେନାସାଜ
ଚେକ ଜୁଲାଇ ଦିନ ଦେଖିଲେ ସେ ରେଷ୍ଟୋଭ,
ଦୁଷ୍ଟ ବିପଦ ପଡ଼ିବା ଉଡ଼ିଲା ସେହି ଦିନ ।
ନବମ ଅଗଷ୍ଟ ମାଇକପ ତେଲଖଣି,
ତାହା ସଙ୍ଗେ ମଜଦବ ନେଲ ଉଗମଣି ।
ରୁଷର ବୋଲ୍‌ଗା ଶ୍ରୀ ଚଲିଲ ସମ୍ପଦେ,
ନାଜି ନେଲ ହେଲା ହୋଇ ହେଜୟର ମଦେ ।
ତାପରେ ଜର୍ମାନୀ ସୈନ୍ୟ ସ୍ଥାପନା ଯେ କରେ,
ଷ୍ଟାଲିନଗ୍ରାଡ ପଶ୍ଚିମ ମାଇଲ ଦୂର ପରେ ।
ଏମନ୍ତ ସମୟେ ପଡ଼ିଗଲା ମହା ଶୀତ,
ହେବାକୁ ଜର୍ମାନର ନ ରହିଲା ଚିତ୍ତ ।
ଇତି ମଧ୍ୟ ତେଣେ ଜାନ୍ ନବାର ମୋର୍ଚ୍ଚାରେ,
ଜର୍ମାନ କ ରଣେ ରୁଷ ବ୍ୟସ୍ତ ହୋଇ ପଡ଼ି ।
କ୍ଲେଟ୍‌ସ୍କାୟା ଅଞ୍ଚଳରେ ନଭ ଅଭିନବ,
ଷ୍ଟାଲିନଗ୍ରାଡ଼୍ ସ୍ୱଜନ ମାନଙ୍କରେ ଜମି ।
ଷ୍ଟାଲିନଗ୍ରାଡ ଉପରେ ଲଗାଇଲା ଝାମ୍ପ,
ରୁଷ ହୋଇଲା ଏଣେ ମହା ଦୁଃଖକଷ୍ଟ ।
ଅଗଷ୍ଟ ମାସର ଅନ୍ତ ଏମନ୍ତ ବୃତ୍ତାନ୍ତ,
ସେପ୍ଟେମ୍ବରେ ଶୁଣ ଯେ କଲା ଭ୍ରାନ୍ତିକାନ୍ତ ।
ସମ୍ମୁଖ ଉତ୍ତର ପଶ୍ଚିମ ଉପକଣ୍ଠେ,
ପଦର ତାହାଠାରୁ ଅର୍ଦ୍ଧ ରୁହିଥିଲା ଦଣ୍ଡେ ।
ମଧ୍ୟଦେଶ ଉଦ୍ୟାନରେ ହେଲା ଉପନୀତ,
ଚୋଲି ଗଲା କରତାରୁ ରୁଷ ହେଲା ଭୀତ ।
ତଥାପି ସେ ରୁଷ ବୀରେ ହେବା ଧନ୍ୟ ଧନ୍ୟ,
ଦଜାର ବଦଲେ ଯେ ହେଜମ୍ବର ପାଂଚଜନ୍ୟ ।
ପ୍ରତି ରାସ୍ତା, ପ୍ରତି ଘର, ପ୍ରତି ଛାତ ପରେ,
ଥାଇଣ ଭୀଷଣ ରଣ କଲେ ନିର୍ଭୟରେ ।
ଦ୍ୱିତୀୟ ପ୍ରମାଣେ ଭୂମି ଦେବେ ନାହିଁ ଛାଡ଼ି,
ପଣ କରି ମନେ ସବୁ ହୋଇଲେ କଠୋର ।
ପାଂଚ ସାତ ହଜାର ଯେ ସେବ ମଲେ କହି,
ଜର୍ମାନର ଦୁଇ ହଜାର ଗଲେ ପଡ଼ି ।
ଏମନ୍ତେ ଯେ ଶୀତକାଳ ଏମନ୍ତ ହେଲା ଶେଷ,
ରୁଷେ ଯେ ପ୍ରତି-ଅକ୍ରମଣ କଲେ ବିଶେଷ ।
ନଭେମ୍ବର ଉଣାଇଶ ତାରିଖ ସେ ଦିନ,
ପ୍ରତି ଅକ୍ରମଣ କଲେ ରୁଷିଆ ସଇନ ।
ସନ୍ଧ୍ୟା ଅଣୀ ଅଧାରରେ ପଶି ରୁଷ ସେନା,
ଜରମାନୀ ସଇନଙ୍କ କଲେ ଦେଖା ଦେନା ।
ଗୃହପାଶେ ରୁଷ ସେନା ଗଲେ ତାଂକୁ ଘେରି,
ବାକି ଯେତେ ସେନା ଏବେ ପଳାଇଲେ ଫେରି ।
ତେଜ୍ଯାଙ୍କର ସମୀପର କାନ୍ଦୁଆସ ହେଲା,
ଅନ୍ତରେ ହୋଇଲା ଜର୍ମାନର ବାଉଁଳା ।
ଅବଶିଷ୍ଟ ଜାଳ ବଣ୍ଟିଲା ହୋଇଲେ ଅଛନ୍ତି,
ଫେବ୍ରୁୟାରୀ ମଧ୍ୟ କାର୍ଯ୍ୟ ହେଲା ସମାପନ ।
ଚବ୍ବିଶ ସେନାପତି ସହ ସେନାଧିପ,
ରୁଷ ପାଶେ ଧରାପଡ଼ି ହୋଇଲେ ନିରସ୍ତ ।
କ ଯୋଗେ ଉଣାଇଶ ତେଜ୍ୟାଳିଶ ହେଲା,
ଦୁଇ ଅରମ୍ଭିଲା ଜର୍ମାନର ଭାଗ୍ୟ ଭେଳା ।
ଷ୍ଟାଲିନଗ୍ରାଡର ଯୁଦ୍ଧ ହୋଇଲା ବିଜୟୀ,
ଲଢ଼ିଲେ ରୁଷ ସେନା ମାରିଣି ମାରିଣି ।
ଯହିଁ ପଶିଗଲେ ତହିଁ ହୋଇଲା ବିଜୟ,
ସ୍ୱରଅଙ୍କ ଜର୍ମାନର ହେଲା ପରାଜୟ ।
ଦଶ ହଜାର ଜରମାନ ବାନ୍ଧି ଦମ୍ଭ,
ଏ କେଉଁ ଭୂଇଁରେ ଅକ୍ରମଣର ଆରମ୍ଭ ।
ସାତ ଦିନ ମଧ୍ୟ ତାର ହେଲା ମଜଗତି,
ଏକାଳରେ ଇତାଲିରେ ଘୁଏ ଘୋର କ୍ଷତି ।
ମୁସୋଲିନୀ ରଜନ୍ତୁ 'ରମ ନାମ ସତ୍ୟ'
କରି ଯେ ଘଟାଇଲା ଏକା ଯୁଦ୍ଧର ନେପଥ୍ୟ ।
ତେଣ ଅକ୍ଟୋବରେ ପଟ ଗଲା ଯେ ବଦଳି,
ଜର୍ମାନୀ ବଢ଼ୁଥିବେ ଯୁଦ୍ଧ ଘୋଷିଲା ଇତାଲି ।
ଅକ୍ଟୋବର ନଭେମ୍ବର ଏହି ଦୁଇ ମାସେ,
ରୁଷ ନେପ୍ରୋପେଟ୍ରୋଭସ୍କ କବଳିତ ଅଶେ ।
ଅନାୟାସେ ସେ ସହର କରିଣ ଉଦ୍ଧାର,
ରୁଷ ଯେ ନାଦିଲେ କରି ଜୟ ଜୟ କାର ।

( କ୍ରମଶଃ )

Digitized by srujanika@gmail.com



## ଜମୀଦାର

### ପରଶୁରାମ

ପୁରୀରେ ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ ଦ୍ୱାରା ଅଭିନୀତ । ନାଟ୍ୟକାରଙ୍କର ନାମ ଅଜଣା । ତେବେ ଶୁଣାଯାଏ ଶ୍ରୀ ଲକ୍ଷ୍ମୀଧର ନାୟକ । ଧର୍ମପତ୍ନୀ ଲେଖକ । ନାଟ୍ୟକାର, ପରିଚାଳକ, ଅଭିନେତା ଓ ଅଭିନେତ୍ରୀମାନେ କେତେଦୂର ଏହି ନାଟକର ବିଷୟ ବସ୍ତୁକୁ ରଂଗମଂଚରେ ରୂପ ଦେଇ ପାରିଛନ୍ତି ତା' ଆଲୋଚନା କଲେ କହିବାକୁ ହେବ ନାଟ୍ୟକାର ଆମକୁ ନିରାଶ କରିଛନ୍ତି ।

ଜମିଦାର ଓ ପ୍ରଜା, ପୁଞ୍ଜିପତି ଓ ସର୍ବହରା ( haves & have nots ) ଙ୍କର ଏହି ଚିରନ୍ତନ ସଂଗ୍ରାମକୁ ଦେଖାଇବାକୁ ଯାଇ, ଦଳିତ ନିଷ୍ପେଷିତ କୋଟି କୋଟି କଂକାଳଂକ ମୁଖରେ ଭାଷା ଦେବାକୁ ଯାଇ ଦୀନ ହୀନ, ଅସହାୟ, ଉପବାସୀ ଗାଁ ଗହଳର ଜନତା ଅନ୍ତରରେ ବିଦ୍ରୋହର, ବିପ୍ଳବର ନିଆଁକୁ [illegible] କରିବାକୁ ଯାଇ ନାଟ୍ୟକାର ଗଢ଼ିବାକୁ ସ୍ୱପ୍ନ ଧରିଲେ ଯେଉଁ କୋଣାର୍କ, ତାକୁ ଗଢ଼ିଛନ୍ତି ସତ ହେଲେ ମୁଣ୍ଡ ମାନ ପାରି ନାହାନ୍ତି ।

ରାଜା ବା ଜମିଦାରଙ୍କ ଦରବାରର ଶତ ଶତ ଦଳିତ ଚାଷୀ ମଜୁରିଆଙ୍କର ଅଗ୍ରଣୀ କେଶବଙ୍କ ସନ୍ତୁଷ୍ଟ କରି [illegible] ଅଫିସ ଆସିଷ୍ଟାଣ୍ଟ ଭାବରେ ସେହି ଜମିଦାରଙ୍କର ଦପ୍ତରରେ । ଉକ୍ତ ଉପାଧି ଧାରୀ ଶଙ୍କର ଜ୍ୟେଷ୍ଠ ଯେ ଏ ଅବସ୍ଥାରେ ପ୍ରଜାମଣ୍ଡଳର ସଭାପତି ହୋଇ ଜମିଦାରର ନାକ ଅଖିକୁ ନଇଁର ଚାଷୀ ମଜୁରିଆଙ୍କ ପକ୍ଷ ନେଇଥିଲେ ସେ ହଠାତ୍ ଶେଷରେ ମିଳନାନ୍ତକ ଦୃଶ୍ୟରେ ଜମିଦାରର ସେକ୍ରେଟେରୀ ପଦ ପାଇ ଓ ଜମିଦାର କନ୍ୟାକୁ ଲାଭ କରି ଜାତିର ସେବାକୁ ଭୁଲିଗଲା । ଉଦ୍ୟୋକ୍ତ ଏହାଏ ସନ୍ତୁଷ୍ଟ ହେଲେ ବର୍ଣ୍ଣିକର ଶୋଷଣ ଲାଭ ପାଇ । Haves ଓ Havenots ଙ୍କର ଏ ଚିରନ୍ତନ ସଂଗ୍ରାମର ଚମତ୍କାର ସମାଧାନ ହୋଇଗଲା । ଦେଶର ଜାତୀୟ ନେତୃତ୍ୱର ବଡ଼ାଇ କରି ତାଙ୍କର ନାଟକର ନାୟକର ଦର୍ଶକ ଓ ଜମିଦାରୀ ପ୍ରଥା ବିରୋଧୀ ସାମ୍ୟବାଦ ସମର୍ଥକ ଦର୍ଶକବୃନ୍ଦଙ୍କୁ ପ୍ରଥମରେ ଆଶା ଦେଇ ଶେଷରେ ନିରାଶ କଲେ । ସମସ୍ତ ଦିଗରୁ tragedyକୁ ଉପେକ୍ଷା କରି ଶେଷ ଦୃଶ୍ୟରେ ନାୟିକା ଲଳିତା devil ସେକ୍ରେଟେରୀଙ୍କ ଭାଇ ବୋଲି ସମ୍ବୋଧନ କରିଛନ୍ତି—ରଙ୍ଗମଂଚର ନେପଥ୍ୟରେ ବୋଧହୁଏ ଲଳିତ ଓ ରଜନୀ ସମ୍ମାନିତା ସଙ୍ଗ ହୋଇ ଉଠିଥିଲେ । ନାଟକର ସଂଳାପରେ ତ ତାର ସତ୍ତା ନାହିଁ ।

ତା ଛଡ଼ା ଗାଁରେ ଗାଁ ଲୋକଙ୍କର ଚଳି ଚଳିଅ, ଅନେକ ଯାହା ପ୍ରତି ଗାଁରେ ଦେଖାଯାଏ ନାଟ୍ୟକାରଙ୍କର ଲେଖାରେ ରଂଗମଂଚରେ ବଡ଼ realistic ହୋଇ ଉଠିଛି । ଗାଁଉଲି ବୁଢ଼ା ଗୁରୁଜୀ ଅଭିନେତା ମଧ ଚମତ୍କାର ଅଭିନୟ କରିଛନ୍ତି । ଜମିଦାର ଭୂମିକାରେ ଅଭିନେତା ଅଳ୍ପ ବୟସର ହେଲେ ବି ବୁଢ଼ା ପାର୍ଟ ବେଶ କରିଛନ୍ତି ।

ଜ୍ୟେଷ୍ଠ ସେକ୍ରେଟେରୀ, ଉଦୟ, ରାଜ ପ୍ରଭୃତି ଭୂମିକାରେ ଅଭିନେତା ମାନେ ସେମାନଙ୍କର ବିଶେଷ ମନ ପ୍ରକାଶ ନାହାନ୍ତି । କେବଳ ଉକ୍ତଥିଲ, "ହେଡେନ, ବସ, ଘଡ଼ା" ପ୍ରଭୃତି ମୁଦ୍ରାଦୋଷ ସୂଚକ ବେଳେ ବେଳେ ଅବେଳରେ ଓ ଜାଗାଏ ଜାଗାଏ ଅଜାଗାରେ ଉଚ୍ଚାରିତ ହେଉଥାଏ ।

ନାୟିକା ଲଳିତା—ଅଚ୍ଛାନ୍ଦିତା, ହାମ୍‌ଚଢ଼ା ( ଅଭିନୟ ) ଓ ଶିକ୍ଷିତା ପ୍ରମ୍ପ୍ଟର ରଖି ଅଭିନୟ କରିବାର ପ୍ରଭେଦ ଆକାଶ ଓ ପାତାଳ । ପରିଚାଳନାର ଦୁର୍ବଳତା ଲଗାମ ଛାଡ଼ିଏ କଥା ଦରକାର କରେ । ଏଥରର ପାର୍ଟିରେ ବୋଧହୁଏ ଅଭିନେତ୍ରୀଙ୍କର ଦୁର୍ଭିକ୍ଷ ପଡ଼ିଲାଣି । ନଚେତ୍ ମିସ୍ ଗରିବା ଦାସ ଭୂମିକାରେ ଏ ଦୁରବସ୍ଥା କାହିଁକି ? ଗୀତ ଗୁଡ଼ିକର ରଚନା ଆଧୁନିକ ଓ ସୁନ୍ଦର ହେଲେ ମୁଖ ଗୁଡ଼ିକ ଅସାଧାରଣ ନୁହେଁ ।

ମୌନମାତାର ଦୃଶ୍ୟଟା ଓ ଚଢ଼ାମଣିର ପାର୍ଟଟା ବଡ଼ ଶସ୍ତା (Cheap) ଓ ଜାଗାଏ ଜାଗାଏ Vulgar ପରି ମନେ ହେଲା । ପରିଚାଳନା ସହଜ ଓ ସରଳ ଭାବରେ ଗତି କରିଛି ।

(କୌଣସି ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ବିଶେଷ ପ୍ରତି ଏଥିରେ କୌଣସି ଦୁରଭିସନ୍ଧି ଯୁକ୍ତ ମନ୍ତବ୍ୟ ନାହିଁ । ସହଜ ସରଳ ଭାବରେ ଯାହା ଦର୍ଶକମନ ସ୍ପର୍ଶ କରେ ତାର ଅବିକଳ ଛବି ମାତ୍ର । ଅନୁଷ୍ଠାନର କର୍ତ୍ତୃପକ୍ଷ ଓ ବ୍ୟକ୍ତିବିଶେଷ ଏହା ଭୁଲ ବୁଝିବେ ନାହିଁ ଏହି ଆଶା । ସଂପାଦକଙ୍କର ଏଥିରେ କୌଣସି ଦାୟିତ୍ୱ ନାହିଁ ।)

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ତଥା ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ନଗର'ର ମାଧ୍ୟମରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

## ଅଜାଙ୍କ କଥା

ସ୍ନେହର ନାତି ନାତୁଣୀଏ,

'ଜୟ ହିନ୍ଦ୍ ।'

ଏ ଜୟ ହିନ୍ଦ ଅବଶ୍ୟ ତ ସବୁଘରର କଥା ହୋଇ ଯାଇଛି । ତମେ ସମସ୍ତେ ଏହା ମାହାତ୍ମ୍ୟ ବୁଝି ସାରିଛ । ଅଧିକ କହି ଲୋଡ଼ାନାହିଁ ।

ଅଜା ଚାହିଁ ଚାହିଁ ଏଥର ଗୋଟାଏ ସମସ୍ୟା କରୁଛନ୍ତି । 'ଆଜାଦ ହିନ୍ଦ୍' ପାଣ୍ଠିକୁ ଆମ ନାତି ନାତୁଣୀଏ ଅଜା ଅଇଲି ଯାଏ କିଛି ଚାନ୍ଦା କରି ନ ଦେବା ନାହିଁ କି ? 'ନଗର ନାଗବର୍ଗ ଆଜାଦ୍ ହିନ୍ଦ ପାଣ୍ଠି' ନାମରେ ମୁଁ ଏଇ ଆମ ନାଗବର୍ଗ ଦଳ ତରଫରୁ ପାଣ୍ଠି ଖୋଲିଲି । ସବା ପହିଲୁ ଅନୁକୂଳ କଲେ ଅଜା ଏଇ ନାଗ ପାଣ୍ଠିକି ମାତ୍ର ପାଞ୍ଚଟଙ୍କା ମୁଦ୍ରା । ଆଶା କରୁଛି ନାତି ନାତୁଣୀମାନେ ଏହାକୁ ମନୁଣ କରି ପାଞ୍ଚଶ ଟଙ୍କା ହଜାର କରି ଦେବେ । ତମର ନାମ ରହିବ, ଅଜାର ନାମ ରହିବ ଆଉ 'ନଗର'ର ବି ।

ଜୟ ହିନ୍ଦ'

—ଅଜା

୬ ସାମନ୍ତ ଚନ୍ଦ୍ରଶେଖର ବା ପୋଥି ସାମନ୍ତ କବିତା ପାଇଁ ଯେଉଁ ପୁରସ୍କାର ଘୋଷଣା କରି ଯାଇଥିଲି— ଯଥେଷ୍ଟ କବିତା ମିଳି ନାହିଁ ବୋଲି ପୁରସ୍କାର ସମୟ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଗଲା ।

ଏଥର ପ୍ରଥମ କରି 'ନାଗ ସମ୍ମିଳନୀ' ଡାକିବା ପାଇଁ ସ୍ଥିର କରିଛି । ମୁଁ ଶୁଣିଛି କଲାହାଣ୍ଡିରେ କଲେ ଭଲ ହୁଅନ୍ତା । ଜାନୁୟାରି କିମ୍ବା ଫେବ୍ରୁୟାରି ମାସରେ ହେଲେ ଭଲ ହେବ । ସେଠାକାର ନାଗମାନଙ୍କର ମତ ଲୋଡ଼ୁଛି । ସମ୍ମିଳନୀ ଯଦି ସେଠି ହୁଏ ଅନ୍ୟ ନାଗମାନେ ଆସିଲେ ସେମାନଙ୍କର ରହିବା ଖାଇବାର ବନ୍ଦୋବସ୍ତ କରିବା ଦରକାର । ଅଭ୍ୟର୍ଥନା ସମିତିଟିଏ ଗଢ଼ାଯିବ । କଲାହାଣ୍ଡିର ନାଗ ଅଗ୍ରଣୀ ହୋଇ ତାହାର ପତ୍ର । ଯଦି କଲାହାଣ୍ଡିରେ କେହି ସମ୍ମିଳନୀର ଉଦ୍‌ଯୋଗ କରି ନପାରନ୍ତି—ଅନ୍ୟ କେଉଁଠାରେ ସୁବିଧା ହେବ—ନାଗମାନେ ମେଳ ବାନ୍ଧି ମୋତେ ଜଣାଅ । ମୋର ଇଚ୍ଛା ପ୍ରତିବର୍ଷ ଶୀତ ଦିନରେ ଏପରି ସମ୍ମିଳନୀଟିଏ ବସିବ ।

—ଅଜା

## ଅଜାଙ୍କ ଉତ୍ତର

ନାରାୟଣଚନ୍ଦ୍ର—(୪୨୫)—ତମ ସାଙ୍ଗରେ ନବ କିଶୋର (୭୦୨) ଲେଖାସାଙ୍ଗ ହେବାକୁ ଚାହାନ୍ତି । ତାଙ୍କ ଠିକଣା—ନବକିଶୋର ମହାନ୍ତି—ପୋ: ରେଢ଼ାଖୋଲ, ଜି: ସମ୍ବଲପୁର ।

ପଦ୍ମଲୋଚନ ଓ ଶଙ୍କର ପ୍ରସାଦ—(ଅବସର ବିନୋଦନ ସାହିତ୍ୟ ସମିତି, ପାଟଣା ଷ୍ଟେଟ୍)—ତମ ଦୁଇଜଣଙ୍କର ନାଗ ନମ୍ବର ହେଉଛି ୪୫୫ ଓ ୪୫୬ । ମୁଁ ଯେଉଁ ନାଗମାନଙ୍କର ବାର୍ଷିକ ଚାନ୍ଦା ପୂରିଗଲା ସେମାନେ ପୁଣି ଦୁଇଅଣା ପଠାନ୍ତୁ ।

ଅନନ୍ତପୁର ଏମ୍: ଇ ସ୍କୁଲ ୪ର୍ଥ ( ଖ ) ଶ୍ରେଣୀର ଛାତ୍ରବୃନ୍ଦ:—ତମମାନଙ୍କ ଫିସ୍ ବା: ଟିକଟ ମିଳିଛି । ନିଜ ନିଜର ଜନ୍ମ ତାରିଖ ପଠାଅ ।

ରମେଶଚନ୍ଦ୍ର—( ୫୧୨ ) ତମର ନୈତିକ ଜୀବନ ମଳିନ ହୋଇ ଯାଉଛି ବୋଲି ଲେଖିଛ । କେବେ କେବେଳେ ଏକଥା ଭାବନାହିଁ । ସତ୍‌ସଙ୍ଗ ଓ ସଚ୍ଚିନ୍ତା କର ।

ମହେଶ ପ୍ରସାଦ—ଯେଉଁଠି ଭୁଲ ଅଛି ଠିକ୍ ଉତ୍ତର ଲେଖି ପଠାଅ । ତମର 'ପ୍ରେମିକ ନୃତ୍ୟାମଣି' ମନୋନୀତ ହୋଇନାହିଁ ।

## ନୂଆ ନାଗବର୍ଗଙ୍କ ନାମ

୭୭୩ । ଶ୍ରୀ ଅମିତାଭ ନନ୍ଦ, ୧୦ମ ଶ୍ରେଣୀ ବାସୁଦେବ ହାଇସ୍କୁଲ ଭଦ୍ରକ । ୭୭୪ । ଶ୍ରୀମୀନକେତନ ଦାଶ Mrs. K. M. P. H. E. School, Class X. (Oriya Sec) ପୋ: ଜାମସେଦପୁର, ୭୭୫ । ଶ୍ରୀ ପ୍ରବୋଧକୁମାର ମିଶ୍ର ( ସ୍ଥାୟୀ ସଭ୍ୟ ), ସର୍ବେଶ୍ୱରପୁର ଶାସନ, କମଳପୁର, ପୋ: ଅହିଆସ, ଜି: କଟକ । ୭୭୬ । ଶ୍ରୀ ଦାମୋଦର ପ୍ରଧାନ, ଏରଡାଙ୍ଗ ଏମ୍, ଇ, ସ୍କୁଲ, ୭ମ ଶ୍ରେଣୀ, ପୋ: ଏରଡାଙ୍ଗ, ଜି: ବାଲେଶ୍ୱର । ୭୭୭ । ଶ୍ରୀ ବୀରଭଦ୍ର ପଟ୍ଟନାୟକ, ଅବସର ବିନୋଦନ ସାହିତ୍ୟ ସମିତି, ପୋ: ବଲାଙ୍ଗିର, ପାଟଣା ଷ୍ଟେଟ୍ ।

## ନାଗବର୍ଗ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ଜନ୍ମ—ତା    ।    ।    ମସିହା । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବର୍ଗ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ ବାର୍ଷିକ ଚାନ୍ଦା ଟ ୦ ୮ / ଆଜୀବନ ଚାନ୍ଦା ଟ ୦ ୫ ର ଡାକଟିକଟ ପଠାଇଲି

ତୁମ ସ୍ନେହର ନାତି/ନାତୁଣୀ

ଠିକଣା ______________________

ତାରିଖ ______________________

• ଏହି କୁପନର ନକଲ ସାଦା କାଗଜରେ ଲେଖି ପଠାଇଲେ ଚଳିବ

Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ୍ ବ୍ୟାଙ୍କ ଲି:—

**ହେଡ୍ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାଭୁରିଆ, ଈଶ୍ୱରଡି, ଜୟନଗର, ମଜଲପୁର, ମୈତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନୟାଦିଲ୍ଲି, ନାଗପୁର ।

ସ୍ୱା—ପି. ଏନ୍: ରାୟ୍ ଚଉଧରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫୯ ଜମା ଦେଲେ ବ୪ର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ

## ଘୋଷ ନନ୍ଦୀ ଏଣ୍ଡ କୋ:

କଂଟ୍ରାକ୍ଟର, ଜଇଠୋଷ୍ଟିର ଅସବାବ୍ ନିର୍ମାତା, ଡାକନାଟ ଡାଉଗଦ,
ନାନାବିଧ କାଠ ବ୍ୟବସାୟୀ ଓ ସମସ୍ତ ପ୍ରକାର ଅର୍ଡର ସରବରାହକାରୀ ତଥା
ବାସ୍ ଓ ଟ୍ରକ୍‌ର ସବାରୀ ମିସ୍ତ୍ରିସ୍
ବାଲେଶ୍ୱର ।

ମ୍ୟାଲେରିୟା, ପ୍ଳୀହା ଓ ପାଳିଜ୍ୱରର ଧନ୍ୱନ୍ତରି

# ଆଇରୋଲା

୨୪ ଘଣ୍ଟା ଭିତରେ ମ୍ୟାଲେରିୟା ଓ ପାଲିଜ୍ୱର ଆରୋଗ୍ୟ କରେ

**୨ ଶିଶି ବ୍ୟବହାର କଲେ ଅତିକାୟ ପ୍ଳୀହା ଦୂର ହୁଏ**

ପ୍ରତି ବଡ ଶିଶି ଟ ୨।୵, ପ୍ରତି ଛୋଟ ଶିଶି ଟ ୨୯, ମାସୁଲ ସ୍ୱତନ୍ତ୍ର

ମେସାର୍ସ ବହୁବଜାର ଫାର୍ମାସୀ, ୧୧୫, ବହୁବଜାର ଷ୍ଟ୍ରୀଟ, କଲିକତା ।

Digitized by srujanika@gmail.com




ଓଡ଼ିଆର ଧନ

ଓଡ଼ିଆର ଶ୍ରମଦ୍ୱାରା ନିର୍ମ୍ମିତ

ଫାର୍ମ— 'ଦାସ ଏଣ୍ଡ କୋ'
୭, ଫାଲଗୁନ ଦାସ ଲେନ୍,
କଲିକତା ନଗର

## ଏଟେଲେଣ୍ଟା

## ଫ୍ୟାନ୍

ବ୍ୟବହାର କରି ଦେଶର
ଗୌରବ ବଢ଼ାନ୍ତୁ ।

ସୁଧର—ଶସ୍ତା ଓ ଦୀର୍ଘକାଳ ସ୍ଥାୟୀ ।

ପରିବେଶକ—
ଡବ୍ଲିୟୁ: ସି: ନାୟକ ।
ଏଣ୍ଡ କୋ:
୪ ନଂ ଫାଲ୍‌ଗୁନ୍ ଦାସ ଲେନ୍
କଲିକତା

Printed & published by G. C. Mahapatra at the Gopinath Press, Bhadrak, 1945.
Digitized by srujanika@gmail.com

୯ମ ବର୍ଷ—୧୪ଶ ସଂଖ୍ୟା

ମାର୍ଗଶୀର—ଦ୍ୱିତୀୟାର୍ଦ୍ଧ





# ସୁପ୍ରଭା ସ୍ନୋ

କମନୀୟ ଆନନର
ରମଣୀୟ ପ୍ରସାଧନ

ନିତ୍ୟ ବ୍ୟବହାର କଲେ ବଦନ ମଣ୍ଡଳରେ ଅପୂର୍ବ ଶୁଭ୍ରଶ୍ରୀ ବିକଶିତ ହୁଏ।

କୋଣାର୍କ କେମିକ୍ୟାଲ ଏଣ୍ଡ
ବିଉଟି ପ୍ରଡକ୍ସ୍
ଇଣ୍ଡିଆ।


## ଏ ସଂଖ୍ୟାରେ

**ମଜା କଥାରେ—**
'ପରମାଣୁ'

**କାହାଣୀରେ—**
'ଜାନୁଆରୀ ଛବିଶ୍'
ପଢ଼ନ୍ତୁ—

**ମଜା କବିତାରେ—**
'ପଲିଟିକ୍ସ୍—'
ଓ
ଅନ୍ୟାନ୍ୟ।

Digitized by srujanika@gmail.com

# MATRIC MANUAL.

A Series in four parts, presenting **six years University Question** ( Final & Supplimentary ) with answers Easy Intelligent and Convincing.

PART I—Mathematics :—Best help in absence of qualified experienced teachers. Methods easy and attractive to overcome difficulties. Price—Rs. 1-8

PART II—Geography :—Both physical and political portions represented in details with the help of diagrams wherever necessary. One of the greatest, useful and attractive features of the book is the **systemetic arrangement of facts.**

PART III—English :—Up-to-date and lively answers in simple **idiomatic English.** Best help to learn and write English. **Originality**—highest factor, plays an important part in **Essays and grammatical** portions. Price—1-8

PART IV—History :—Under preparation.

---

ଗଳ୍ପର ତରଙ୍ଗ ଭଙ୍ଗୀରେ

ସହସ୍ର ରଙ୍ଗିନ ଛବି

**ଅଧ୍ୟାପକ ବ୍ରଜକିଶୋର ରାୟଙ୍କର**

## ନୀଳ ଲହରୀ

**ପଢ଼ନ୍ତୁ !**

କ୍ଷୁଦ୍ର ଗଳ୍ପର ନୂଆ ଶୈଳୀ

ଭାବ ଧାରାର ନବ ପ୍ରସ୍ରବଣ

**ମୂଲ୍ୟ—ଟ ୧ ୮**

Just out

## ଯୁଗ ଜ୍ୟୋତି

**'ଜହର ଲାଲ'**

ଲେଃ—**ଶ୍ରୀ ବଳରାମ ମହାନ୍ତି**

**ମଲ୍ୟ—ଟ ୧ ୮**

Just out

---

Notes on

## A WAY TO ENGLISH

( O U. P. )

---

N. B. Please ask for the books first to your nearest bookseller and then if necessary place orders with some advance.

Published at
**KRUSHNA BHANDAR**
Chaudhury Bazar
CUTTACK.

---

ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର;** ପରିଚାଳନା ସମ୍ପାଦକ;—**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com




# ବିଲୁଆ ବିଚାର

୯ମ ବର୍ଷ – ୧୪ଶ ସଂଖ୍ୟା                ମାର୍ଗଶିର ଦ୍ୱିତୀୟାର୍ଦ୍ଧ

ଅଜରବାଇଜା—ଅଜରବାଇଜା ହୋଇ ରହି ପଡ଼ିଛି । ରୁଷୀଙ୍କ ଗାଁକୁ ଚରଚ ଚଢ଼ାରେ ଚଢ଼ାଇ ଚଷାଇ ଚଉଦ ବାଟେଠନ ଗାଇ ବଜାଇଲା ପରେ ରୁଷ ସରକାରଙ୍କୁ ଜଦା ଚର୍ଜଣ ସୁଝିଚ ଯେ ସେମାନେ ଏଇ ଦୁଷ୍ଟ ଅଜର ବାଇଜା, ତାର ବାଇଜା ପୁତ୍ରାଙ୍କୁ ଦବେଇବା ପାଇଁ ପାରସ୍ୟ ସରକାରଙ୍କ ଫଉଜକୁ ମଝିରେ ଥିବା ତାଙ୍କ ପହରା ଦଳ ମୁଲକକୁ ପାର ହେଇ ଯିବା ପେଇଁ ଦଉଡ଼ାଉଛନ୍ତି । ରୁଷର ମନ ଭିତରେ ଯା ଥାଉ ଉପରେ କହୁଛି, "ମୁଁ କାହାର କଥା କରୁନାହିଁ । ଅଣିକୁଁ—ଟଦ୍ୟାଟେକ୍ଷ ।" ଏଇ ଅଜର ବାଇଜା (ବାଲିର ବାଇଜା ନୁହନ୍ତି) ଯେତେ ଥୋଡ଼େ ପାରସ୍ୟରେ ପଡ଼ିଛନ୍ତି ଥୋଡ଼େ ରୁଷିଅରେ । ନିଜକୁ ନିଜ ହାଣୁଛି ବୋଲି ପାରସ୍ୟ 'ବାଇଜା' ଗୁଡ଼ାକ ରୁଷ ବାଇଜାଙ୍କ ସାଙ୍ଗରେ ମିଶିବାକୁ ଚାହୁଁଛନ୍ତି । ଏଥିରେ ଦୋଷ ବା କେଉଁଟି ? ତେବେ କେହି କେହି ଯୁକ୍ତି କହୁଛନ୍ତି, ନିଜକୁ ଯଦି ନିଜ ହାଣୁଛି—ତେବେ ରୁଷ ବାଇଜାଙ୍କୁ ପାରସ୍ୟ ବାଇଜାଙ୍କ ନିଜ ହାଣୁ ନାହିଁ କାହିଁକି ? ଅରେ ବାବୁ, ଏଠି କ'ଣ ଖାଲି ନିଜ—ଏଠି ଯେ ପାର୍ଟିକ ପାର୍ଟି ହାଣୁଛି—ରୁଷ ଦେଶର ଘିଅ ମହୁ ପାରସ୍ୟ ବାଇଜାଙ୍କ କଉଁଳ ହାଣୁଛି । ରୁଷ୍ ମିଠା, ପାରସ୍ୟ କ'ଣ ଚଖେଇ ପାରିବ ? ସାର୍ ଅଫଲ ନେଲବେଳେ ଭାରମାନ ଯେମିତି ମିଠା ଚଖେଇଥିଲେ—ଅଷ୍ଟ୍ରେଲିଆ ହଙ୍ଗେରୀ ଚେକୋସ୍ଲୋଭାକିଆ ନେଲା-ବେଳେ ହିଟଲର ଯେମିତି ମିଠା ଚଖେଇଥିଲେ—ସେମିତି ମିଠା ପାରସ୍ୟ ଚଖେଇ ପାରିବ ? ତମେ ଖାଲି ଖାଲି ଦୋଷ ଦଉଛ—ଏଏ କହୁଛି—ରୁଷ ସେଠି ପଶୁଛି ନେଉ—ଜବରଦସ୍ତି କାହିଁକି ? ଅରେ ବାବୁ, ଜବରଦସ୍ତି ଶବ୍ଦ ରୁଷ୍ ଅଭିଧାନ ଓ ମଲେଟୋଭଙ୍କ ବହିରେ ଅଦଉ ନାହିଁ—ସେ ଯାହା କରିବ ନ୍ୟାଯ୍ୟ । ଅତଏବ—

ଯାହା କରିବେ ଷ୍ଟାଲିନ ସାଇଁ,
ସେ କାହାର ମନରେ ନାହିଁ ।

× × × ×

ଅଜର ବଜାର କନ୍ଥ ଅସଲ ଗୋଲମାଲ ଅଦର ବାଜା ପାଖରେ ନାହିଁ । ଇଂରେଜ ଆମେରିକା ପାରସ୍ୟ ତେଲ ଖଣିକୁ ଅଗରୁ ମାରି ନେଇଛନ୍ତି । ରୁଷ ବଡ଼େ ଦନ୍ତସନ୍ତ ହେଉଛି । କଉଁଳୁ ଜଳ ଗଳୁଛି । ଗଡ଼ବଡ଼ର କଥା । ସମସ୍ତେ ଖାଇବେ, ସେ କ'ଣ ଖାଇବ କାହିଁକି ? ମୁଁ ସେ ଜାଣି ସାମ୍ୟବାଦ କଲି ସମସ୍ତେ ସାମ୍ୟବାଦ କରନ୍ତୁ ଯେତେବେ ଯାଉ ସିନା ତାକୁ କହିବ । ସେ ସାମ୍ୟବାଦ ସାମ୍ୟବାଦ ମନ୍ତ୍ର ଜପୁଥିବ, ଆଉ ତମେ ପାଦୁକା ବଦାନ୍ୟ ପ୍ରସାଦ ପାଇ ବସି ରହି-ଥିବ । ରୁଷ ଅଭି ସେ ଠକାମିରେ ନାହିଁ । ରୁଷ ତଥାଁ ଲୋକ ଜାଣିଛି ହେଉଛି ଯେ ଇଂରେଜ ଆମେରିକାକୁ ଡରିବ । ଯୁଦ୍ଧ ପରେ ପୃଥିବୀର ଅଧୀଶ୍ୱର ଷ୍ଟାଲିନ । ତାଙ୍କର ଅଶେଷ ଗୁଣ । ତେଣୁ ସେ ଅନନ୍ତ । ବ୍ରହ୍ମା ଶେଷ ଶାମ୍ଭୀଙ୍କ ଜାତ ଗୁଡ଼ିକେ ବନ୍ଦନା ପରି ଷ୍ଟାଲିନ ଅନନ୍ତଙ୍କର ନାମ ଗାନରେ ପଣ ପଣ ଗୁଡ଼ରେ ଥିଲେଁ ଚଡ଼ି ହୋଇ ଯାଇଛନ୍ତି ଆଉ ପଣ ପଣ ଅନ୍ୟ ... ମାନ ... । ଏମନ୍ତ ଯେ ଷ୍ଟାଲିନ ମହାପ୍ରଭୁ ସେ ଯେତେବେଳେ ଅଦରବାଇଜାମାନଙ୍କୁ 'ରକ୍ଷା କଲି' ବୋଲି ବୋଇଲେ— ସେଇବାହାକୁ ହେଉ ଦେଇ, ସେତେ-ବେଳେ ଆଉ ଚିନ୍ତା କ'ଣ ! ଦୂକଅଯାଦ ମନ୍ତ୍ର ମାରିଦିବେ ।

ଯାହାର ରକ୍ଷକ ଷ୍ଟାଲିନ ଅନନ୍ତ,
କି କରିପାରେ ଅଟଳ ଚଳନ୍ତ ?

× + × +

ଜାଭାରେ କେବଳ ଜାପାନୀମାନଙ୍କ ହାତରୁ ମିତ୍ର ପକ୍ଷର ସେନା ବନ୍ଦୀମାନଙ୍କୁ ରକ୍ଷା କରି, ସେଠି ଶାନ୍ତି ଶୃଙ୍ଖଳା ସ୍ଥାପନା କରିବା ପାଇଁ ଆମ ଗୋରା ଇଂରେଜ ସରକାର ଓ ତାଙ୍କ ଡଚ୍ ବନ୍ଧୁ ଫୁଖରେ ସବୁଠାରୁ ବେଶୀ ସଂଖ୍ୟକ କଳା ଇଂଲଣ୍ଡର ସୈନ୍ୟଦଳ ଗ୍ରାସ କରି ପଡ଼ିଛନ୍ତି । ଶ୍ରମିକ ସରକାର କଷ୍ଟ ଶ୍ରମ କରି ଏକଥା କାଗଜରେ ଘୋଷିଲେ । ଆମ ଏ ଦେଶରେ ଶ୍ରମିକଙ୍କ ଶ୍ରମଦାସ ବଙ୍ଗଳାର ମଧ୍ୟ ତଟେଥିବ ଶୁଣିଲେ । ଏ ଶାନ୍ତି ଦୂତଙ୍କୁ ଦେଖି 'ଜଗତ'ର ବଇଅ ଉପାସକମାନେ ଗାଉଛନ୍ତି—

ଯା ଦେବୀ ସର୍ବଦେଶେଷୁ ଶାନ୍ତି ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ !
ଯା ଦେବୀ ସର୍ବ କ୍ରୀଡ଼ଷୁ ବୋମା ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।

× × + +

ଭାରତ ସଂବନ୍ଧରେ ବିଲାତ ପାର୍ଲିଅମେଣ୍ଟରେ ଘୋଷଣା ହେଲା । ଏଥର ସ୍ୱାଧୀନତାଟା ଇଏ ଖାଉ ଦେଇଦେବେ । ଅମଳ ଖାଲି ଦେବା କଥା । ତାଙ୍କରୁ ବାଟେ ଏକେ ବର୍ଷ ଧରି ବେଳଟା ଖଡ଼ି ଟୁଙ୍ଗା ହେବ, ସେଥିପାଇଁ ସମସ୍ତ ପାପୁଲରେ ପାର୍ଟି ଯୋଗ ଏକଦମ୍ ରେଡ଼ି ଆଫ୍‌ଟ୍ ହେଇ ରହନ୍ତୁ ! ଖଣ୍ଡଗୋଳ ପାଇଁ କୁଣ୍ଡ କଥା କର ନାହିଁ । ସେ ସବୁ କଲେ ଖଣ୍ଡ ଭଣ୍ଡ କରି ଛାଡ଼ିଦେବେ । ଖଣ୍ଡମୁଣ୍ଡ ଅଙ୍କହି ଦାଣ୍ଡେ ଦାଣ୍ଡେ ବାହାର ଯିବା କଥା ଗାଇ ହେବ ।

ଏଇ ସ୍ୱାଧୀନତା କଦାପି ଗ୍ରହଣୀୟ ବାପରେ ହେଉ କେବା ଅଗରୁ, ଜବାବ ଅଦ ମୌଳିକ ପ୍ରଥାନୁସାରେ କାର୍ଯ୍ୟକର୍ମ ହେଉଥିବା ଅବଶ୍ୟକ ବୋଲି ସକଳରୁ ବଡ଼ ପାର୍ଲମେଣ୍ଟ ସଭ୍ୟ ପାଇବ ସବାସ ଚଢ଼ି ଅଛି ବେରଜମାନ ହେବେ । ଭଲିତରେ ଗାନ୍ଧୀ ଅନା-ଟନ ବେଳେ ଏଇ ସମ୍ବୃଦ୍ଧ କ ପୂର୍ଣ୍ଣ କରିଥିଲେ କେଜାଣି,

Digitized by srujanika@gmail.com

ଭାରତର ଦଣ୍ଡ ନମିତା ବଜାଜନ ଗାଇଥିଲେ । ବନ୍ଧୁ ବରଷର ଚେଲକୁ ନାଚ ଅଟକ ବାସ୍ନା ଦର୍ଶ ପାଇଥିବ ତ ଅସିବେ ଅନେ ନଯାଇ । ପଛରେ ବଡ଼ା ସାଗରେ ବଡ଼ା ଭାର ତ୍ରମାନ ବାସ୍ନା ଷ୍ଟାଲିନ ଯେ ଅଚିତ ଅସ୍ତ—ଚାଇନାର ଦଥାଟାରେ ଅମର ଅପତ୍ତି । ଅଚ୍ଛା, ବେଟତ୍ତ ମଧ୍ୟର ସଂପର୍କରେ । ଚନ୍ଦ୍ରର ମଧ୍ୟ ସାର ।

ଯଜ୍ଞବୁଦ୍ଧ ବଡ଼ା ନଡ଼ା କଥା ତ ଅମ ଦେଶରେ ନାହିଁ । ବନ୍ୟା-ମୁତା ଦାବଦଳୁ ଷ୍ଟାଲିଂ ଚାଟେଲନ୍ଦୁ ଧରି ବସିଥାଏ ।

ତେବେ ବନ୍ଧୁ ସ୍ୱାଧୀନତା ବନସ କୋଣରେ ବସି ବାନ୍ଦୁଛି—

ହାଁ ଭାଇ ଲେ—

ବିଦେଶର ଚାଉଳର ଟେକ ଦେଖୁଛ ହାଁ ଭାଇ,
ଭାଇ ଭଡ଼ାଘର ଘରେ ଟେଂଆଉଛ ହୋ ଭାଇ ।
ଦଏ ଦ୍ୱାର ପଲ ଦଏ ଅପଣା ହୋ ଭାଇ,
ଦେଉଛ ଲଟେଛନ୍ତି ଓଂରା ଟଣା ହୋ ଭାଇ ।
ଲଙ୍ଗଳା ପଞ୍ଜୁଳା ବୁଢ଼ା ଶୁଖିଟା ହୋ ଭାଇ,
ଅନ୍ନ ଡେଙ୍ଗା ଜଙ୍ଘା ଦାନ୍ତ ନଭୁଟା ହୋ ଭାଇ ।
ତେଲ ନାଇ ଘ ତ ସମୁଦ୍ର ପାରି ହୋ ଭାଇ ସାଥିନ୍ତୁ,
ମୋଟେ ବ ମଶୁଛି ଭାଇ ଉତାର ହୋ ଭାଇ ସାଥିନ୍ତୁ ।
ମଘନ ମାଛଂସ ମୋଟେ ଗାଜଲ ହୋ ଭାଇ ସାଥିନ୍ତୁ,
ଏବେ ଛିନା ଘାସ ଚରଣ ସଡ଼କ ହୋ ଭାଇ ସାଥିନ୍ତୁ,
ରହିଥିଲି ଏଠି ହୋଇ ମୁଁ ରାଣୀ ହୋ „
ସେ ସବୁ ତ ଗାଲୁ ଟପଜ ଢୋରାଣୀ ହୋ „

ଏ ବାନ୍ଧଣା ଶୁଣି ସବୁ ସବୁ ଅଟଲି ସାହେବ ଉଇଣୀ ଦଦା କରିବେ ?—ନା ସ୍ୱାଧୀନତା ଅଛିବ ।

× × × ×

ଅମେରିକା ଇଂଲଣ୍ଡ ପ୍ରାୟ ଦେଢ଼ଶହକୋଟି ଟଙ୍କା ଉଧାର ନେଇଛନ୍ତି । ଏଥର ମହାଜନ ଅମେରିକା ଯାହା କହିବ, ଇଂଲଣ୍ଡ ନମାନ ସୁଣ ବୁଝିବ । ଅମେରିକା କହିବ—ଅବେ ଏ, ଶୁ······ ଭାରତକୁ ସ୍ୱାଧୀନତା ଦବୁ ତ ଦେ, ନ ହେଲେ ମୋ ଟଙ୍କା ଦେଇ ଦେ । ଇଂ ଲଣ୍ଡ ଅଛି ତ ଯାଇ ଭାରତ ଗୋଡ଼ ଧରୁ । ତାର ଉତ୍ତର ଇଂଲଣ୍ଡ କ'ଣ କବ ! ବେକରେ ବାଲି ବନସି ତାକୁ ଅତ-ଲାନ୍ତିକ ସମୁଦ୍ରରେ ଡଙ୍ଗ ଉଡ଼ ସଡ଼କ—ଅକୂଳ ସାଗରେ ଭାସିଲି ହୋ—ମୋତେ ଥାହ କର ଟେଙ୍ଗାଙ୍ଗା ଟ୍ରମ୍ୟାନ । ସେତେବେଳେ ଟ୍ରମାନ କ'ଣ କରିବେ ? ଇଂଲଣ୍ଡ ବୁଡ଼ିଗଲା ମାନେ ଏ ଦେଢ଼ ଦଶହର କୋଟି ଟଙ୍କା ବୁଡ଼ିବ । ଜାତକ ରହିଲେ ତ ଧନ ରହିବ । ନହେଲେ ଯେ ଜଗନ୍ନାଥ ବୁଡ଼ିଲା । ଅତଏବ ଅମେରିକାର ଟଙ୍କା ପାଇଁ ଇଂଲଣ୍ଡ ବଞ୍ଚିବା ଦରକାର—ଇଂଲଣ୍ଡ ବଞ୍ଚିବା ପାଇଁ ଭାରତ ମଧ୍ୟ ଇଂଲଣ୍ଡ ହାତ ବାହାରେ ରହିବା ଦରକାର ।

\+ + + +

ଇଙ୍ଗ୍ଲଣ୍ଡର ଦନ୍ତ ଫର୍ଦ୍ଦ ବାଳ ମନସ୍ତାତ୍ତ୍ୱିକମାନେ କହନ୍ତି ଯେ ପିଲଙ୍କୁ ଯେଉଁ କାମଟା 'କରନାହିଁ' ବୋଲି କହିବ—ସେ ସେଇଟା କରିବେ । ତେଣୁ ତାଙ୍କୁ ଟିକିଏ ଚଟକିଇ ଧୂମରଇ ଫେଟେଇ କହିବା ଉଚିତ । ଅମ ଦଶ୍କୁଲିଟ ସାହେବ ଅପଣାକୁ ହିଆ ସରପଟ ସୈନ୍ୟ ବୋଲି ପରଚୟ ଦେଇଥିଲେ ମଧ୍ୟ ତାଙ୍କର ଏଇ ବାଳ ମାତ୍ର ବୁଝିବ ଧ୍ରୁବ ପାରି ନାହାନ୍ତି । ବଟେଫେଡ଼ଃ ଭାରତୀୟମାନେ ତ ତାଙ୍କ ଅଗରେ ଚାହୁଁଛି । ତେଣୁ ଜାତୀୟ ବାହିନୀ ସଂଘର୍ଷରେ ଅଭିଯୋଗ କଲା ସେ ତାଙ୍କ କଲିକତା ଭାଷଣରେ ଅଜାତୀୟ ସେନାଙ୍କ ଗୁଣ ବଖାଣି ବସିଲେ । (ଅଜାତୀୟ ଅର୍ଥ—ଯେଉଁମାନେ ଜାତୀୟ ସେନାରେ ଯୋଗ ଦେଇ ନାହାନ୍ତି ।) ଅଜାତୀୟଙ୍କ ଗୁଣ ବଖାଣିଲେ ଜାତୀୟଙ୍କର ଅବଗୁଣ ଧରି ନଅଛିବ ବୋଲି ଯେ ଉଚ୍ଚଲିଟ ଅଶା କରୁଥାଆନ୍ତି, ତେବେ ଅମେ କହିବୁ, ସୋଲଜାରୁ ଭାରସରସ୍ୱ ଦଶ୍କୁଲିଟ ନ୍ୟାୟଶାସ୍ତ୍ର ପଢନ୍ତୁ ।

ଜନ୍ମ ଟୋଟାଏ କଥା । ଜାପାନୀମାନଙ୍କ ଅତ୍ୟାଚାର ସହିବା ଯେଉଁ ବ୍ରିଟିଶ ଟୋପା ଅଜାତୀୟ ସେନା ତାଙ୍କର ବ୍ରିଟିଶ ଅନୁଗତ୍ୟ ତ୍ରଟିରେ ଅଟଳ ରହିଲେ, ପ୍ରଶଂସାଟା ସେମାନେ ପାଇବେ, ନା—ପାଇବେ ଅମ ବ୍ରିଟିଶ ସରକାର ଓ ତାଙ୍କ କର୍ମଚାରୀ । ସେମାନଙ୍କ ଅମ ପ୍ରତି 'ଭଲପାଇବା' ଯେମିତି ପ୍ରବଳ ନ ହୋଇଥିଲେ, ରେଙ୍ଗୁନ, ସିଙ୍ଗାପୁରରୁ ପଟେଲନ ଅହିଁବାବେଳେ ସେମାନଙ୍କୁ ଯେମିତି ଅତି ପ୍ରେମରେ ବରଦ୍ଧ ଅନନ୍ଦରେ ଉଠାଇ ଦେଇ ଅସିଲେ, ସେଥିରେ କାହିଁ ମୁଁଥଗୀ ସତ୍ତା ଗୋପିକା ଶ୍ରୀକୃଷ୍ଣଙ୍କୁ ଛାଡ଼ି ରହିବ ଭଲ ! ଗୋପିମାନେ ଯେ ଦଗାଦାର କୃଷ୍ଣଙ୍କ ନାମ ଜପି ମିଳନ ସୁଖ ଅନୁଭବ କରୁଥିଲେ । ତହିଁରେ ଗୋପିକାଙ୍କର ପ୍ରେମର ବାହାଦୁରି କି ଶ୍ରୀକୃଷ୍ଣଙ୍କର ରସିକତାର ବାହାଦୁରୀ ତାହା ବୈଷ୍ଣବ ଶାସ୍ତ୍ର କହିବ ।

ଯେତେବେଳେ ମଣିଷ ବୁଢ଼ ବୁଢ଼ ପାତାଳରେ ଯାଇ ପହଞ୍ଚି-ଯାଏ ସେତେବେଳେ ସେ ମର୍ତ୍ତ୍ୟ କଥା ଭୁଲିଯାଏ । ବ୍ରିଟିଶ ସରକାର ଗୋଲମିଟିରେ ଅମକୁ ଏମିତି ବୁଡ଼େଇ ରଖିଛନ୍ତି ଯେ ଅନେକ ଗୋଲମିଟାଙ୍କର ଶ୍ରେଷ୍ଠ ପଦ ସ୍ୱର୍ଗ ସମ୍ପଦ ବୋଲି ମନେ କରନ୍ତି । ଅଷ୍ଟା ଅମକୁ ଦମ୍ଭର ମୁହଁରେ ଯେମିତି ଲଗେ ସେମିତି ଲଗୁଛି । ଅଚ୍ଛା ତ ଅଭ୍ୟାସ—ଅନୁଗତ୍ୟ ! ଅମକୁ ଯିଏ ଘିଅ ଖାଇ ଶିଖେଇଲା ତାର ସିନା ବାହାଦୁରୀ—ଯିଏ ଶିଖିଲା ତାର କି ବାହାଦୁରୀ ସେଥିରେ ?

\+ + + +

କଲିକତା ଭାଷଣରେ କହୁଛ ପୁରୁଣା କଥାକୁ ନୂଆ କରି କହି-ଛନ୍ତି । ଟୋଟାଏ କଥା ଜନ୍ମ ସ୍ୱପ୍ନରୁ ଉଠି ବକବକେଇଲା ପରି କହି-ଛନ୍ତି ଯେ କଂଗ୍ରେସ ଏ ଦେଶର ସବୁଠୁ ବଡ଼ ଦଳ । ସମସ୍ତେ ଭବଣ ହୃଦୟରେ ସମ ନାମ ଧ୍ୱନି ବାଜୁଥିଲା ବୋଲି ଲୋକେ କହନ୍ତି । ବ୍ରିଟିଶ ଶାସନର ସେ ସମୟ ଫୁଏଠ ହୋଇ ଅସିଲା । ନ ହେଲେ ଏତେ ବଡ଼ ସତ୍ୟଟା ଦଶ୍କୁଲିଙ୍କ ମୁହଁରୁ ଫିଟି ନଥାନ୍ତା ।

× × × ×

ଡ଼ଡ଼ମା ତୁତୁ ଖେଳଟା 'ଡ୍ର' ହୋଇଗଲା । ଅନ୍ଧ୍ର ଗତ ସାହେବ ଗୁଳି ବନ୍ଧୁର ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜନ୍ତି ପଣ୍ଡିତାଃ ନୀତି ଧରିଲେ । ଏଣିକି ଓଡ଼ିଶା ପୁଏ କଟମକୁ ଟୁକି ନଦରେ ଶୋଇ ଯାଅ । ଘର ପୋଡ଼ିରୁ ପାହା ମିଳିଲା । କଂଗ୍ରେସ ସରକାର ବେଳେ ତ ଅଧା ଅଧା ଚାଣ୍ଟ ପାଇଁ କଥା ସରିଥିଲା । ଗାନ୍ଧୀ ମନ୍ତ୍ରୀ ବେଳେ ତ ସବୁ କାମ ବନ୍ଦହେଇ ଦେବାର ଯୋଗାଡ଼ ହୋଇଥିଲା । ଅନେ ଜଣଙ୍କ ମୁହଁରୁ ଜାଣିଛୁ ଯେ ସେତେବେଳକୁ ଅଞ୍ଚଳଶକେ ଡେଡେନେରଲ ମାନେ ।ତ୍ୟୁ ସେ ଅଧକ କଣ ନେବାକୁ ସୁପାରିଶ କରିଥିଲେ । ସେ ବ ଲଭରେ ଗାବଧାଇଗଲା । ଓଡ଼ିଆଙ୍କ ଯୋଗ୍ୟତା । ଅମକୁ ଅମ ଲାଟ ସାହେବ ବ ମନ ମୁତାବକ ମିଳିଛନ୍ତି । ଯେମିତି ପୂଜାରୀ ସେମିତି ଦେଅଁ । ଠୋ ଠା ପାହୁଲ ଉଠା—କାମ ଫତେ ।

Digitized by srujanika@gmail.com




ମଜାକଥା

# ପରମାଣୁ

ଲେଖକ—ଶ୍ରୀ ପଦ୍ମଚରଣ ଦଳାଇ

ସୂର୍ଯ୍ୟବଂଶୀ ଜାପାନୀ ଜାତିଟା ଯେ ଅଜେୟ ଏ ଧାରଣା ମଧ୍ୟ ପରମାଣୁ ବୋମା ଦ୍ୱାରା ମୁହୂର୍ତ୍ତକ ମଧ୍ୟରେ ଦୂର ହୋଇଗଲା। ଖବର କାଗଜ ଇତ୍ୟାଦିରେ ସାରା ପୃଥିବୀରେ ପରମାଣୁ ବୋମାର ଗୁରୁତ୍ୱ ବ୍ୟାପିଗଲା। ଦେବରାଜ ଇନ୍ଦ୍ରଙ୍କର ଗୁପ୍ତଚର (୫ମ ବାହିନୀ) ମାନଧାତା ଗୁପ୍ତ ସ୍ୱର୍ଗକୁ ବେତାର ସାହାଯ୍ୟରେ ଖବରଟା ଇନ୍ଦ୍ରଙ୍କ ପାଖକୁ ପଠାଇ ଦେଲେ।

ଖବରଟା ପାଇ ଦେବରାଜ ଇନ୍ଦ୍ରଙ୍କର ହୃତ୍‌କମ୍ପ ହେଲା। ସଙ୍ଗେ ସଙ୍ଗେ ଟେଲିଫୋନ ଧରି ସ୍ୱର୍ଗର ଦେବତାମାନଙ୍କୁ ଇମର୍‌ଜେନ୍ସି ମିଟିଂ ପାଇଁ ଡକାଇଲେ। ବିଷ୍ଣୁ, ବ୍ରହ୍ମା ପ୍ରଭୃତି ଦେବତାମାନେ ଦେବ ଦେବ ମହାଦେବଙ୍କ ସଭାପତିତ୍ୱରେ ବୈଠକ କଲେ। ଇନ୍ଦ୍ର ମର୍ତ୍ତ୍ୟରୁ ମାନଧାତା ଗୁପ୍ତ ପଠାଇଥିବା ପରମାଣୁ ବୋମା ଓ ତଦ୍ୱାରା ସାଧନ ଯେ ଅବିଶ୍ୱାସୀ ମାନବ ଜାତିଟା ସ୍ୱର୍ଗ ଆକ୍ରମଣ କରି ଦେବତାମାନଙ୍କୁ ଦୂରେ ମର୍ତ୍ତ୍ୟର ଲୋକଙ୍କୁ ମାଇଲ ପଥ ଚଳାଚଳ କରି ପାରନ୍ତି, ଏ ବିଷୟ ଛିନ୍ନ ଭିନ୍ନ କରି ବର୍ଣ୍ଣନା କଲେ। ଆସନ ତ୍ୟାଗ କରି ଚନ୍ଦ୍ର ମାଇକ୍ରୋଫୋନ ପାଖକୁ ଆସି ଆରମ୍ଭ କଲେ—

ଆଜିର ଏ ସଭାରେ ଉପସ୍ଥିତ ଦେବତାମାନଙ୍କୁ ମୋର ଦୁରବସ୍ଥାର ବିଷୟ ଜଣାଉଛି—ମୋର ଗୁପ୍ତଚର ଖବର ପଠାଇଛି ଯେ ଆମେରିକାରେ ଗୋଟିଏ "ଇଣ୍ଟର ନ୍ୟାସନାଲ ରକେଟ୍ ସୋସାଇଟି" ଗଢ଼ିଛନ୍ତି। ଉକ୍ତ ସୋସାଇଟିର ଲୋକେ ମୋ ରାଜ୍ୟକୁ ରକେଟ୍ ବୋମା ସାହାଯ୍ୟରେ ଆସିବେ। ସଙ୍ଗରେ ଯଦି ବର୍ତ୍ତମାନ ଦେବରାଜଙ୍କ ବର୍ଣ୍ଣିତ ବୋମାରୁ ଗୋଟିଏ ଅଧେ ଆଣନ୍ତି ତେବେ ମୋ ଅବସ୍ଥା କଅଣ ହେବ। ସେମାନେ ଯେଉଁ ବିଧ୍ୱଂସୀ ବିମାଣ ତିଆର କରନ୍ତି, ସମୟ ସମୟରେ ମୋର ଏତେ ଭୟ ହୁଏ ଯେ, ମନେହୁଏ ପ୍ରାଣ ବାହାରି ଯିବାକୁ ଅଛି!—ସେଥିରେ ପୁଣି ଏ ପରମାଣୁ ବୋମା ଯଦି ଗୋଟାଏ ବ୍ୟବହାର ହୁଏ ତେବେ ମୁଁ ପ୍ରକୃତରେ ପରମାଣୁ ପରିଣତ ହୋଇଯିବି—"

ସୂର୍ଯ୍ୟଦେବ ଆସ୍ଥାନ ଛାଡ଼ି ଆରମ୍ଭ କଲେ—"ଦେବ ଦେବ ମହାଦେବ ଓ ଉପସ୍ଥିତ ଦେବତାଗଣ—ମୁଁ ଆଜ ପରମାଣୁ ବୋମା ଭୟରେ ପ୍ରକୃତରେ ହେଲଣି।"

ଏତିକିବେଳେ ସଭାରେ ସମସ୍ତ ଏକଯୋଗରେ ପାଟିକଲେ—ବନ୍ଧାକର ମାଇକ୍ରୋ ଫୋନରେ କହିବେ—ତହୁଁ ନାରଦ ମାଇକ୍ରୋ ଫୋନଟା ଟାଣି ନେଇ ସୂର୍ଯ୍ୟଙ୍କ ସମ୍ମୁଖରେ ସ୍ଥାପନ କଲେ।

ସୂର୍ଯ୍ୟ ପୁଣି ଆରମ୍ଭ କଲେ—'ମୋ ତେଜର ଉତ୍ତାପରେ ଦେହ କମ୍ପା ଲୋକମାନଙ୍କର ମଳ ମୂତ୍ର ଶୁଖାଇଥିବା ପାଇଁ ଦେଇ, ପୃଥିବୀର ଲୋକମାନେ ପ୍ରତ୍ୟେକଦିନ ଗାଧୋଇବା ପରେ ମୁହିଁଏ ଜଳ ଦେଇ ମୁଣ୍ଡିଆଟାଏ ମାରୁଥିଲେ। ଦେବତା ହିସାବରେ ମୋର କେବଳ ସେତିକି ଲାଭ ଏ କଳି ଯୁଗରେ ହେଉଥିଲା। ବର୍ତ୍ତମାନ ଏ ଯେଉଁ ପରମାଣୁ ବୋମା ହେଲାଣି ସେ ଫୁଟିଲାବେଳେ ମୋର ସମାନ ଉତ୍ତାପ ଉତ୍ପାଦନ କରୁଛି ବୋଲି 'ଲଣ୍ଡନର ଇଭିନିଂ ଷ୍ଟାଣ୍ଡାର୍ଡ'ରେ ବାହି ପ୍ରକାଶ ପାଇଥିଲା। ଯଦି ତାହାହିଁ ହୁଏ, ତେବେ ଲୋକମାନେ ଏଣିକି ପରମାଣୁ ବୋମାକୁହିଁ ପୂଜି ଦେବେ। ସୁତରାଂ ମୋର ଦେବତା ପଣିଆ ଏଇଠାରେହିଁ ରହିଲା।'

ସଭାପତି ମହାଦେବ ଉଠି କହିଲେ—"ସେଇଟା ସେତେ ସୁରୁତର ବିଷୟ ନୁହେଁ—କାରଣ ଦେବତା ପଦ ନ ରହିଲେ ଓ, ବି, ଇ, କମ୍ବା ସି: ଆଇ: ଇ: ଗୋଟାଏ କଣ ବଳଛ ଦେବା—ବର୍ତ୍ତମାନ ଆଉ କାହାର କଣ କହିବାର ଅଛି ?'

ପବନ ଦେବତା ମାଇକ୍ରୋଫୋନ ପାଖକୁ ଟାଣି ନେଇ ଆରମ୍ଭ କଲେ—

"ମୋର ଅବସ୍ଥା କହିଲେ ନ ସରେ। ଏ ମର୍ତ୍ତ୍ୟରେ କେତେ ଗୁଡ଼ାଏ ଲୋକ ନିଜକୁ ବୈଜ୍ଞାନିକ ବୋଲାଇ ମୋତେ ଧରି ନାନା ପ୍ରକାର ରିସର୍ଚ୍ଚ କରୁଛନ୍ତି—ଦେବତା ପକ୍ଷରେ ଯେ ଏଡ଼େ ବେଶୀ ବଡ଼ ଅପମାନ ସେଇଟା ଦେବତା ମାତ୍ରେ ବୁଝୁଥିବେ। ସେଥିରେ ମୋର କେତେ ଗୁଡ଼ାଏ ଅଂଶ ବାହାର କରି ନାନା ପ୍ରକାର ବିକଟ ନାଁରେ ଡାକୁଛନ୍ତି—ଯଥା—ହାଇଡ୍ରୋଜେନ, ଅକ୍ସିଜେନ, ଧୁଁଅଁ ପ୍ରଭୃତି—ମୋତେ ଏ ବଦନାମରୁ ରକ୍ଷା ନ କଲେ, ମୁଁ ଏଥର ଠିକ୍ କରିଛି ପୋଟାସିୟମ୍ ସାଇନାଇଡ଼ ଖାଇ ଦେହତ୍ୟାଗ କରିବି।"

ସଭାପତି—ଧୈର୍ଯ୍ୟ ଧର। ତୁମ ଦୁଃଖର ଗୁରୁତ୍ୱ ଦିଆଯିବ।

ଯମରାଜଙ୍କର କିଛି କହିବାର ଥିଲେ କହନ୍ତୁ।

ଯମରାଜ ମାଇକ୍ରୋଫୋନକୁ ଟାଣି ନେଇ କହିଲେ—"ମୋର ଡିପାର୍ଟମେଣ୍ଟଟା ବଦନାମ ହୋଇ ଗଲାଣି—ହିରୋସିମାରେ ଯେଉଁ ଦୁଇଲକ୍ଷ ଲୋକ ଅକାଳ ମୃତ୍ୟୁରେ ପଡ଼ିଲେ ସେମାନେ ଯେ କେତେ ପାପ ପୁଣ୍ୟ କରି ଥାଆନ୍ତେ ତାର ଇୟତ୍ତା ନାହିଁ। ସେମାନଙ୍କ ମଧ୍ୟରୁ କେତେକ ପରେ ପୁଣ୍ୟ କରନ୍ତେ ବୋଧେ ଅନେକେ ପାପ କରି

Digitized by srujanika@gmail.com

ଯିବାଉଛନ୍ତି । ସେମାନଙ୍କୁ ଦଣ୍ଡ ଦେବାରେ ଯଦି କୌଣସି ଏପାଖ ସେପାଖ ହୋଇ ଯାଉଛି ତ ସେମାନେ ସତ୍ୟାଗ୍ରହ, ଅନଶନ ପ୍ରଭୃତି କରୁଛନ୍ତି । ଅନଶନ ଫଳରେ ଜଣେ ଅଧେ ମରି ବି ଗଲେଣି । ତା ଫଳରେ ମୋତେ ମଧ୍ୟ ପାପର ଭାଗୀଦାର ହେବାକୁ ପଡୁଲାଣି—କେତେ ମିଛ ଖବର ସାଧାରଣରେ ଦେବ ? ସେମାନଙ୍କ ମତରେ ତାକୁ କେତେଜଣ କମ୍ୟୁନିଷ୍ଟ ଭରି ଦେଇଛନ୍ତି । ଏ କଂଟ୍ରୋଲ ଯୁଗରେ ଚାଉଳ, କେରୋସିନ କପଡ଼ା ଦେଇ ଲୋକମାନଙ୍କୁ ଏ କମ୍ୟୁନିଷ୍ଟ କେତେଜଣ ହାତ ମୁଠାରେ ରଖିଛନ୍ତି । ଲୋକମାନଙ୍କର ଧାରଣା ଥିଲା ଯେ, ଯମ ପୁରରେ ନ୍ୟାୟ ବିଚାର ହୁଏ—ତାହା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି ।”

ତାପରେ ମଦନ ଦେବ ଉଠି କହିଲେ—“ଏ ବୈଜ୍ଞାନିକ ଯୁଗରେ ମୋର ମଧ୍ୟ ପ୍ରତିପତ୍ତି କମିଗଲାଣି । କେତେଗୁଡ଼ିଏ ରାସାୟନିକ ପଦାର୍ଥ ସଂଯୋଗରେ ସ୍ନୋ, ପାଉଡର, ରୁଜ୍, ଲିପଷ୍ଟିକ୍ ପ୍ରଭୃତି ବାହାର କରି ଲୋକେ ୭୦ ବର୍ଷର ବୁଢ଼ୀକୁ ୧୬ ବର୍ଷର ଟୋକୀ ସଜେଇ ଦେଉଛନ୍ତି । ମୋର ପ୍ରଭାବ ଆଉ କାହିଁ ହେଉନାହିଁ—ଓ ମୋର ନାମ ବି କେହି ଧରୁନାହାନ୍ତି । ମୁଁ ଭାବୁଛି ଏ ସମସ୍ତ ବୈଜ୍ଞାନିକ ଯନ୍ତ୍ର, ଅଣବିକ ବୋମା ବା ଆଉ ଯାହା ହେଉ ଏ ସବୁ ପାଇଁ କୁବେର ଦେବ ଦାୟୀ । କାରଣ, ସେ ଆମେରିକା ବାସୀଙ୍କୁ ଧନଶାଳୀ କରିବାରୁ ତାଙ୍କର ସାମ୍ରାଜ୍ୟ ଲିପ୍ସା ବଢ଼ିଲା ଓ ସେମାନେ ନାନା ଉପାୟ ଉଦ୍ଭାବନ କରି ସମସ୍ତ ପୃଥିବୀକୁ ଗ୍ରାସ କରିବାକୁ ବସିଛନ୍ତି ।”

ସମସ୍ତେ—“ଠିକ୍ କହିଛନ୍ତି—ଠିକ୍ କହିଛନ୍ତି । କୁବେରହିଁ ଏ ସମସ୍ତ ପାଇଁ ଦାୟୀ ।”

କୁବେର—“ସତ୍ୟ, ଦ୍ୱାପର, ତ୍ରେତାରେ ମୋର ପୂଜା ହେଉ ନ ଥିଲା—ସମସ୍ତେ ଆଧ୍ୟାତ୍ମିକ ଚିନ୍ତାରେ ମଗ୍ନ ଥିଲେ । ଏ କଳି ଯୁଗରେ ଲୋକେ ଦୈହିକ ଚିନ୍ତା ମଗ୍ନ । ମୋର ପୂଜା ଯେଉଁ ଜାତି ଯେତେ କରୁଛି ମୁଁ ସେହି ପରିମାଣରେ ସେମାନଙ୍କୁ ଧନଶାଳୀ କରୁଛି । ଆମେରିକାବାସୀମାନେ ଚିହ୍ନିଛନ୍ତି ଧନ କାଂଚନ ଓ ମୋର ପୂଜା କରି ଜାଣନ୍ତି । ସେଥିଯୋଗୁ ସେମାନେ ଆଜି ପୃଥିବୀର ଧନୀ ହିସାବରେ ଗଣ୍ୟ । ଦେଖୁନାହାନ୍ତି ଭାରତୀୟମାନେ ମୋର ମର୍ଯ୍ୟାଦା କରି ଜାଣନ୍ତି ନାହିଁ ବୋଲି ଲକ୍ଷ ଲକ୍ଷ ଲୋକ ଦୁର୍ଭିକ୍ଷ ଓ ମଡ଼କରେ ମରୁଛନ୍ତି । ମୋର ବା ଏଥିରେ ଦୋଷ କଣ ?”

ବୃହସ୍ପତି—“ସେ କଥା କହିଲେ ଚଳିବ ନାହିଁ—ତମରି ଆମେରିକା ସ୍ଫୀତ ହେବାକୁ ଦେଲ । ଏବେ ସେ ସୃଷ୍ଟି ନାଶ ଯିବାକୁ ବସିଛି ।”

ସମସ୍ତେ—“ନିଶ୍ଚୟ—ନିଶ୍ଚୟ ।”

ଶେଷରେ ଇନ୍ଦ୍ରଦେବ ଉଠି କହିଲେ—“ମୋର ଦୁଃଖ ମଧ୍ୟ କହିଲେ ନସରେ । ଭାରତ ଭୂଖଣ୍ଡରେ କାଳେଶ୍ୱର କୃପାରେ ‘ପ୍ରୋହିବିସନ’ ହେବାରୁ ଲୋକେ ଆଉ ସୋମରସ ପିଉ ନାହାନ୍ତି—ଶୁଣୁଛି କଂଗ୍ରେସ ମନ୍ତ୍ରୀମଣ୍ଡଳ ଆସିଲେ ସମଗ୍ର ଭାରତରେ ‘ପ୍ରୋହିବିସନ’ କରିବେ । ଆଉ ମଧ୍ୟ କଂଟ୍ରୋଲ ହେବାରୁ ଯେ କି କେହି ଅଭ୍ୟସ୍ତ ହେବାରୁ ପାଟକ ପାର୍ଶ୍ୱ ମଧ୍ୟ ସେମାନେ ଯୋଗାଡ଼ ହେଉନାହିଁ—କେଉଁ ଆଡ଼ୁ ବାହାରିବାର ମଧ୍ୟ ଉପାୟ ନାହିଁ—ନିଳ-ଟାଣ କରି ଉପରେ ମୋ ପଞ୍ଝା ମଧ୍ୟ ବାହାରକୁ ଯିବାକୁ ନାହିଁ । ‘ଉଧାର ପଞ୍ଝା’ ପର୍ବରେ ଘଣ୍ଟେ ହୁକ ଦେଇ ଦରକାର କରଛି । ଛାନି ଅର ରମାଦଣ୍ଡର ଦେଖିଲଣି କଞ ଜବାବ ନାହିଁ—ଯା’ ଉପରେ ପୁଣି ତୋମାର ଜୁଲମ । ଏ ସବୁର ଉପାୟ ଚିନ୍ତା କେବଳ ବିଷ୍ଣୁ ହିଁ କରି ପାରନ୍ତି । ଆମ୍ଭମାନଙ୍କ ବୁଦ୍ଧିର ଅସାଧ୍ୟ ହୋଇ ଉଠିଲାଣି ।

ବିଷ୍ଣୁ—ମୁଁ ସବୁଦେବତାଙ୍କର ଦୁଃଖରେ ବ୍ୟଥିତ । ମୋର ଯେ ନିଜର ଦୁଃଖ ନାହିଁ ଯା’ ନୁହେଁ—ମୋର ବାହନ ପକ୍ଷୀରାଜ ଗରୁଡ଼ ମଧ୍ୟ ଏରୋପ୍ଲେନ ଭୟରେ ବ୍ୟୋମପଥ ହେବାକୁ ନାରାଜ । ସେଇଯୋଗୁଁ ମୁଁ ପୃଥିବୀ ପର୍ଯ୍ୟବେକ୍ଷଣରେ ବାହାରି ପାରୁନାହିଁ । ମୁଁ ମୂଳରୁ ବ୍ରହ୍ମାଙ୍କୁ କହିଛି ଯେ ମନୁଷ୍ୟ ଜାତିକୁ ସବୁ ଦବ ଦନ୍ତୁ ସୂକ୍ଷ୍ମ ବୁଦ୍ଧି ଦଅନ୍ତୁ ନାହିଁ । ମୋ କଥା ସେତେବେଳେ ଶୁଣିଲ ନାହିଁ—ବର୍ତ୍ତମାନ ତାର ଫଳ ଭୋଗୁଛ । ମୁଁ ଏକ ଉପାୟ ସ୍ଥିର କରିଛି । ଯେଉଁ ବୁଦ୍ଧି ଦ୍ୱାରା ମାନବ ଜାତି ଆଜି ଏତେ ବଳଶାଳୀ ହୋଇ ଉଠିଛି ସେହି ବୁଦ୍ଧି ଦ୍ୱାରା ସେମାନେ ଧ୍ୱଂସ ପାଇବେ । ରୁଷମାନେ ବର୍ତ୍ତମାନ ଆମେରିକାର ଗର୍ବ ଖର୍ବ କରିବା ପାଇଁ ସୂର୍ଯ୍ୟ ରଶ୍ମିର ଗବେଷଣା କରୁଛନ୍ତି ଓ ସେମାନେ ଅଚିରେ ସଫଳକାମ ହେବେ । ସୂର୍ଯ୍ୟଦେବ ! ଆପଣ ସେମାନଙ୍କ ପ୍ରତି ସଦୟ ହୁଅନ୍ତୁ—ସେମାନେ ଶୀଘ୍ର ଶୀଘ୍ର ଏଥିରେ କୃତକାର୍ଯ୍ୟ ହୁଅନ୍ତୁ । ଏ ଦୁଇ ବଡ଼ ଜାତି ହାତରେ ଦୁଇଟି ମାରାତ୍ମକ ଅସ୍ତ୍ର ରହିଲେ କେହି କାହାରିକୁ ପ୍ରହାର କରିବେ ନାହିଁ । ଫଳରେ ସାମ୍ୟ, ମୈତ୍ରୀ ଭାବ ପୃଥିବୀରେ ଖେଳିଯିବ । ରୁଷ ଏଥିରେ ଅଗ୍ରଣୀ ହେବ । ସବୁ ଜାତି ମିଳି ଆମ ଦେବସଭା ଭଳିଆ ପୃଥିବୀ ପଞ୍ଚାୟତ ଗଢ଼ିବେ । ସେତେବେଳେ ଅଣୁ ପରମାଣୁର ଭୟ ନ ଥିବ ବା ଉପଦ୍ରବ ନ ଥିବ । ମାନବ ଜାତିର ସଦ୍‌ବୁଦ୍ଧି ଉଦ୍ଭବ ଓ ସେମାନେ କେବଳ ଆଧ୍ୟାତ୍ମିକ ଚିନ୍ତାରେ ମଗ୍ନ ରହିବେ ।—ଆଜି ଏତିକିରେ ସଭା କାର୍ଯ୍ୟ ଶେଷ କରଯାଉ ।

ସବୁ ଦେବତା ମିଳି ବିଷ୍ଣୁଙ୍କୁ ଧନ୍ୟବାଦ ଦେଇ ସଭା ତ୍ୟାଗ କଲେ ଓ କେବଳ ନାରଦ ଏ ବାର୍ତ୍ତା ଆଣି ମର୍ତ୍ତ୍ୟ ଲୋକରେ ପ୍ରଚାର କଲେ ।

---

## କୁତ୍‌କୁତ୍

ରୋଗୀ—ମୋତେ ରାତିରେ ଭଲ ନିଦ ହେଉନାହିଁ ।

ଡାକ୍ତର—ରାତିରେ ଶୋଇବା ପୂର୍ବରୁ କିଛି ଖାଇବା ଦରକାର ।

ରୋଗୀ—ଆପଣ ଠିକ୍ ଦି’ମାସ ଆଗରୁ କହିଥିଲେ ଯେ ରାତିରେ ଶୋଇବା ପୂର୍ବରୁ କିଛି ଖାଇବ ନାହିଁ ।

ଡାକ୍ତର—ଅରେ, ସେ ତ ଦି’ମାସର କଥା । ଯା’ ଭିତରେ ବିଜ୍ଞାନ ଯେ କେତେ ଉନ୍ନତି କରି ଗଲାଣି ତାକୁ ନଜର ଦେଉଛ ?

Digitized by srujanika@gmail.com




# ଜାନୁଆରୀ ଛବିଶ୍

ଲେଖକ:—
ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଆଜି ଜାନୁୟାରୀ ୨୬ ତାରିଖ । ସ୍ମରଣ ପଥରେ ଗୋଟାଏ ପ୍ରଶ୍ନ—ସେ ମରିବ କି ବଞ୍ଚିବ । ଆଜି ମୋର ?

ମୁଁ ଭାରତରୁ ବାହାର । ଲଜ୍ଜା ବୋଧ ହେଉନି । ଆଜି ସେଥିପାଇଁ ଠିକ୍ ଲାଗୁଛି ଏ କଳଙ୍କ ମୋତେ ପୋଛି ଦେବାକୁ ହେବ । ଏ କାଳି କେବଳ ମଣିଷ ରକ୍ତରେ—ଆପଣାର ରକ୍ତରେ ଲିଭିପାରେ ।

ସହବନ୍ଦୀମାନେ ସେଠି ବସି ପତାକା ତିଆରି କରୁଛନ୍ତି । ଜେଲର୍ କର୍ତ୍ତୃପକ୍ଷ ଜାଣନ୍ତି ନାହିଁ । ଜାଣିଲେ ସେ ବାଧା ଦେବେ । ଏଟା ଲୁଚ ଛପ କାମ । ବେଆଇନ୍ । ଗାନ୍ଧିଙ୍କର ନୀତିକୁ ଯେଉଁମାନେ ନିଷ୍ଠାରେ ମାପି ଚଳିବାକୁ ଚାହାନ୍ତି ସେମାନେ ଏଭଳି ଲୁଚ ଛପ କାମକୁ ସତ୍ୟାଗ୍ରହୀ-ବିରୋଧ କଥା ବୋଲି କହୁଛନ୍ତି । ମୁଁ ବି ବୁଝୁଛି ସେଇକଥା । କିନ୍ତୁ ଯେତେବେଳେ ଦେଖୁଛି, ପରାଧୀନ ଦେଶରେ ବଞ୍ଚି ରହିବାଟାହିଁ ଯେ ମିଥ୍ୟାଚାର, ସେତେବେଳେ ଏ ସାମାନ୍ୟ କୌଶଳଟାକୁ ମିଛ ବୋଲି କହିବାକୁ ସାହସ ହେଉନାହିଁ ।

ତାହେଲା—ତାହେଲା—ମୋର ଏ ଦେଶପ୍ରୀତି, ମୋର ଏ ବାସ୍ତବରଣ ସବୁ କଣ ସତ୍ୟ ? ତା ହେଲେ—ତା ହେଲେ—

କାଲି ସକାଳ ହେବାକୁ ଆଉ କେତେ ଘଣ୍ଟା ରହିଲା । ଏ ଲମ୍ବା ସୁହାଲ ଭିତରେ ଗୋଟେ ଗୋଟେ ଖଣ୍ଡିଆ ପଡ଼ିଆ ମଣିଷ ମୁଣ୍ଡାକ ସୋରୁ ଭଳି ଶୋଇଛନ୍ତି । ସମସ୍ତେ ରାଜବନ୍ଦୀ । କାଲିକି ସେମାନେ ଭୁଲି ଯାଇଛନ୍ତି । ଅନ୍ତରର ଏମିତି କେତେ 'ଆଜି', 'କାଲି' ହୋଇଯିବ । ସେ ଚିନ୍ତା କେହି କରୁନାହିଁ । କେତେ ଦିନୁଁ ତୋଳି ସ୍ୱପ୍ନ ସ୍ୱପ୍ନ ସମସ୍ତେ ଶୋଇଛନ୍ତି । କିଏ ଶୋଇ ଶୋଇ ଘରର ସପନ ଦେଖୁଛି । ସପନରେ ପ୍ରିୟ ଲୋକଙ୍କୁ ଦେଖିବାକୁ ମୁଁ ଘୃଣା କରେଁ । ମଣିଷ ଜୀବନ ଭୁଲାଇ ବଦଳାଇ ସତ୍ୟାଗ୍ରହ ସବୁବେଳେ ଏହି ସ୍ୱପ୍ନଥାଏ ହଜିଯାଏ—ନବ ଜାଗରଣରେ ।

ଭଣ୍ଡାରୁଟା କାନ୍ଥ ସେପଟେ ନାଲମସ୍ତ ଦୟାରା ମତ୍ତା ଘୋଡ଼ଠିକ ଠକ୍ ଠକ୍ ଶବ୍ଦରେ ଶୁଭିଯାଉଛି—ଶତ୍ରୁର ଲମ୍ବା ଓସାରକୁ ଜଦମ ପଦକ୍ଷେପରେ ମାପିଲା ପରି । ସେ ଅମଳ ଜଣିକ ମନେ ମନେ । ଅଥଚ ଆପଣା ସ୍ୱଦେଶ ସେ ଜଣିଛ କେଣ୍ଡି । ଆଜି ନିସ୍ତବ୍ଧ ଶାନ୍ତି । କାଲି ଯେତେବେଳେ ଏଇ ଟାଙ୍ଗର ଭୁଇଁ ଉପରେ ପତାକା ଉଡ଼ିବ—

ହଁ କାଲି । କାଲି ୨୬ ତାରିଖ ଜାନୁୟାରୀ । କେତେ ବର୍ଷ ତଳେ ଆଜି ଦିନରେ କଂଗ୍ରେସ ସ୍ୱାଧୀନତା ଘୋଷଣା କରିଥିଲା । ସେଠି ଜଣେ ସାଥୀ ରାଜବନ୍ଦୀ ନିଦରେ ହାଉଳି ଖାଇ ଉଠିଲେ । ଭୟ । ମଣିଷ ଶୋଇଥିଲେ ଭୟ କରେ । ଜେଳ ମଣିଷ ଉପରେ ନାହିଁ । ଆମେ ଏ ଦେଶର ଲୋକେ ଶୋଇଛୁ—ସେଥିପାଇଁ ଭୟ । ସ୍ୱାଧୀନତାରେ ଶୋଇଲା ପୂର୍ବରୁ ସ୍ୱପ୍ନ ନାହିଁ । ମୁଁ ସେଥିପାଇଁ ବୋଧହୁଏ ଏ ରାତିରେ ବି ନ ଶୋଇ ବସି ଲେଖୁଛି ତୋ ପାଖରେ । ହସ ମାଡ଼ୁଛି । ଏମିତି ବେଳରେ ହସ ବି ମାଡ଼େ । ହଁ ମାଡ଼େ ।

ମଣିଷ ଜୀବନ ଯେତେବେଳେ ନିଜକୁ ଅଧା କରିପାରେ ସେତେବେଳେ ସେ ସବୁଠାରୁ ବେଶୀ ଜାଗେ ।

ଗଲବର୍ଷ ଏଇ ଦିନରେ ପତାକା ଉଡ଼ିଥିଲା । ଜେଲରେ—ବ୍ରିଟିଶ ଜେଲରେ ଜାତୀୟ ପତାକା ଉଡ଼ାଇବା—ମହାପାପ । ଗଲ ଥର ଲାଠି ଚାଲିଥିଲା । ରକ୍ତ ଗୁଲ୍ ଗୁଲ୍ ବହିଗଲା ।

ସାଥୀ ବନ୍ଦୀମାନେ ଜମୁଛନ୍ତି । ଜାତୀୟ ପତାକା ଶେଷ କରୁ କରୁ ତ ହସୁଛନ୍ତି । ଏତେ ବଡ଼ ଦାୟିତ୍ୱ କାମ ମୁଣ୍ଡେଇ, ଏତେ ବଡ଼ ପଦାର୍ଥ ପାଖରେ ଥାଇ ବି ହସ ମାଡ଼ୁଛି । ନ ହସିବେ କାହିଁକି ! ଏଇମାନେଇତ କାଲି ସକାଳେ ତା'ର ପାଇଁ ମୁଣ୍ଡ ଦେବେଇ ଦେବେ, ଛାତି ପତେଇ ଦେବେ ଲାଠି ଆଗରେ—ଗୁଳି ମୁହଁରେ । ଯିଏ ଦାଉଣି କାମ ପାଇଁ ଜୀବନ ଦେବାକୁ ଯାଏ, ସେ ବାହାରେ କଦାପି ମଝି ପାରେ ନାହିଁ । ଏ ମରଣ ମଲାବାର ହେଲେ ହସି ହସିର ମରିବାକୁ ହୁଏ ।

ମୁଁ ହସି ପାରୁନାହିଁ । ସେଥିପାଇଁ ଡର ହେଉଛି—କ'ଣ ମରି ପାରିବି ନାହିଁ କି ?

ମୁଁ ହସି ପାରୁନାହିଁ କାହିଁକି ? ଚୁ ତୋତେ ଚାହିଁ ପାରୁଥିବୁ । ସେଥିପାଇଁ ମୋତେ ଅନ୍ତର ସ୍ୱଭାବ କରିବାକୁ କଣ୍ଠ ହେଉଛି ବୋଧହୁଏ ।

କିନ୍ତୁ ମୁଁ ହସି ନପାରିବା ତୋର କଥା ନୁହେଁ । ହେଉଛି କେବଳ ସାନ୍ଧ୍ୟ ରଜନୀରେ ଅମିଛନ୍ତି । ମୁଁ ଗଲା ରାତିର ମାରିଲି । ସାଥୀମାନେ ପତାକା ଲୁଚାଇ ଦେଇ ଶୋଇ ପଡ଼ିଲେ—ଶୋଇବାର ଛଳ ।

ମଣିଷ ଏମିତି ଛଳ କରେ । ଅନ୍ୟକୁ ନୁହେଁ, ଆପଣାକୁ । ଆପଣା ଜୀବନକୁ । ଆଉ ଏଇ ସାଥୀମାନଙ୍କ ପରି ଆପଣା ମରଣକୁ ବି । କାଲି ଏମାନେ ମରିବେ । ମରଣକୁ ଡାକିବାକୁ ଯାଉଛନ୍ତି । ଯେତେ ହେଉ ପଚାରିବା ଅଛି—ତମେ କ'ଣ ମରିବ ? ସେ ନାହିଁ କରୁ-

Digitized by srujanika@gmail.com

ଚନ୍ଦ୍ର—ନା ଆମେ ତ ଏତ ଜାଣୁ ନାହିଁ। ଚମତ୍କାର!

ଜେଲର୍ ଚାଲିଗଲେ। ଦେଖିବାର ଛଳନା କରି। ଏ ଦେଶର ସରକାର ବି ନୈତିକ ଶାସନ କରୁଥିବାର ଛଳନା କରେ। ବୋଧହୁଏ ଭଗବାନ ମଧ୍ୟ ସବୁ ଦେଖୁଛନ୍ତି ସବୁ କରୁଛନ୍ତି ବୋଲି ଛଳନା କରନ୍ତି। ତା' ନ ହୋଇଥିଲେ ଦୁନିଆରେ ସବଳର ଅନ୍ୟାୟ ଅତ୍ୟାଚାର ନଥାନ୍ତା।

ସେ କୋଣରେ ଗୋଟିଏ ବେଞ୍ଚ ଅଛି। ଆଜ ଚିଠି ପାଇଛି ନବପରିଣୀତା ସ୍ତ୍ରୀ ପାଖରୁ। ବିବାହର ୭ ଦିନ ଭିତରେ ଧରି ନେଇ ଆସିଲେ। ୨ ବର୍ଷ ବିତି ଗଲାଣି। ଅଟକ ବନ୍ଦୀ। କେବେ ଯିବ ଠିକ୍ ନାହିଁ। ତାକୁ ନେଇ ନାହିଁ କୋର୍ଟରେ। ସେ ଚିଠିଖଣ୍ଡ ସେ ଉଠି ବାରମ୍ବାର ଦେଖୁଛି। ଅନ୍ଧାରରେ ପଢ଼ି ପାରୁନାହିଁ। ଆଲୁଅ ଆସିଲେ ଏଏ ବାହାର କରି ଦେଖିବ। ତଥାପି ସେ ଚିଠିକି ଛୁଇଁଛି।

ତାର ଚିଠି ମୁଁ ଆଜ ଚୋରି ପଢ଼ାଇଲି। କାରଣ ତାକୁ ଆଉ ରଖିବାର ପ୍ରୟୋଜନ ନାହିଁ। ମୁଁ ତାକୁ ଲୁଚାଇ ରଖିଥିଲି। କାରଣ ବସ୍ତୁ ରହିବାର ପ୍ରଦର୍ଶନକୁ ଲୁଚାଇ ରଖି ମଣିଷ ହୁଏତ ଶାନ୍ତ ହୁଏ। ମଣିଷ ଆପଣାର ଭଲ ପାଇବା ଲୋକର ଦାନକୁ ଲୁଚାଇ ରଖିଲେ କେମିତି ଦୁର୍ବଳ ଅନୁଭବ କରେ। ସେ ଦୁର୍ବଳତାରେ ଗୋଟିଏ ଆନନ୍ଦ ଥାଏ। ସେଥିପାଇଁ ସେ ତାକୁ ଦୁର୍ବଳତା କହେନାହିଁ।

ଏହି ସାଙ୍ଗ ବନ୍ଦୀଙ୍କ ଭିତରୁ ଅନେକ ତାଙ୍କ ଜୀବନ କାହାଣୀ କହନ୍ତି—ବଡ଼ କରୁଣ। ଅଧିକାଂଶଙ୍କର ବିରହ ବ୍ୟଥା। ଉଭୟ ଉଭୟକୁ ଭଲ ପାଉଥିଲେ। ତା'ପରେ ଆସିଲା ବିଚ୍ଛେଦ। ସେଇ ଦୁଃଖ, ସେଇ ବିରହ ତାଙ୍କୁ କିମିତି ପ୍ରାଣ ଦେଉଛି। ତାଙ୍କ ଭିତରେ ଜଣେ ସେଠି ପଢ଼ାକା ବନ୍ଧୁ। ମୋର ମନେ ଅଛି, ସେ ଦିନ ସେ କହିଲା—ମୋର ମରିବାକୁ ଡର ନାହିଁ। ମୁଁ ଫାଶିଖୁଣ୍ଟରେ ମରି ପାରିବି। ମୁଁ ପଚାରିଲି—କାରଣ? ସେ ହସିଲା। କହିଲା—ଭାଇ, ଯାର ଜୀବନ ସାର୍ଥକ ହୋଇଥାଏ ତା ଜୀବନ ମୃତ୍ୟୁରେ ବି ବ୍ୟର୍ଥ ହୁଏନାହିଁ। କଥାଟାକୁ ମୁଁ ଭଲ କରି ବୁଝି ପାରିଲି ନାହିଁ ତାଠାରୁ। କିନ୍ତୁ ଭାବି ଦେଖିଲି—ଠିକ୍ କହୁଛି ତ! ସେ ଭଲ ପାଇଛି—ଆଉ ଭଲ ପାଇବା ପାଇଛି। ତାର ଜୀବନ ସାର୍ଥକ ହୋଇଯାଇଛି। ଆଉ ତାର ଅତୃପ୍ତି ରହିଛି କ'ଣ? ସେ ମରି ନ ପାରିବ କାହିଁକି?

କିନ୍ତୁ କେବେ କେହି ଭଲ ପାଇବା ଦେଇ ଭଲ ପାଇବା ନ ପାଇବାର କଥା କହିନାହିଁ ମୋ ଆଗେ। ଏମିତି ଲୋକ ଯେ ନ ଥିବେ ମୁଁ ତା' କହୁନାହିଁ। କିନ୍ତୁ ସେ କଥାଟା ବୋଧହୁଏ ଅନ୍ୟ କାହାରି ଆଗରେ କହିବା ଭଲ ନୁହେଁ। ସେମାନେ ତାକୁ ଇଚ୍ଛା କରି ଲୁଚାଇ ନଥାନ୍ତି। ଯାହାକୁ ମଣିଷ ଇଚ୍ଛା କରି ଯତ୍ନରେ ଲୁଚାଇ ରଖେ ତାକୁଇ ସେ ଦୁର୍ବଳ ମୁହୂର୍ତ୍ତରେ କହି ପକାଏ। କହେ—ଆଉ କାହାକୁ କହିବୁ ନାହିଁ।

ମୋର ଜୀବନୀ ମୁଁ କାହାକୁ କହିନାହିଁ। ଏ ଚିଠି ଯେ ପଢ଼ିବ ସେ ହୁଏତ ତାର ଆଭାସ ପାଇବ। ମୁଁ ଏ ଚିଠି ନ ଲେଖିଥିଲେ ଗୋଟିଏ ବଡ଼ ଅନ୍ୟାୟ କରିଥାନ୍ତି। ଦେଶଯାକ ଲୋକଙ୍କ ଭଳି ଠକି ଯାଇଥାନ୍ତି। କାଲି ସତ ପଚାରଦିନ ମୋତେ ନେତାଙ୍କ ଶହୀଦ୍ ବୋଲି ଦେଶ ପୂଜା କରିଥାନ୍ତା। କିନ୍ତୁ ମୁଁ କ'ଣ କେବଳ ଦେଶପ୍ରେମ ପାଇଁ ମରିବାକୁ ତିଆରି ହୋଇ ଯାଇଛି।

ସେପାଖ କୋଠରି ସେଲ୍‌ରେ କୋଠରି ପହରାବାଲା ଏବଂ ଦୁଇ ଛନ ଘର ଘଣ୍ଟି ବାଜିଲା ତାର ନିଜ କୋଠରି ଆଡ଼କୁ। ଏ ଲୀଳା ଘଣ୍ଟାଯାକ ଚାଲିଛି। ପହରା ଦୁଇ ଘଣ୍ଟାରେ ଥରେ ବଦଳି ହୁଏ। ଏଥର ବଦଳରେ ଗୋଟିଏ ବଡ଼ ପାଟିଆ ପହରାବାଲା ଉଠିଛି।

ରାତି ଆଉ ବେଶୀ ନାହିଁ। ଫାଶି ଆସାମୀ ଉଠି ଅର୍ଦ୍ଧଶାଣ ସ୍ତବ ଆରମ୍ଭ କରି ଦେଲାଣି। ଆଉ କେତୋଟା ଦିନ ସେ ଅର୍ଦ୍ଧଶାଣ ଗାଇବ! ଆଉ କେତୋଟା ସକାଳ ତାର ପାଇବ।

ପହରା ଚାଲିଟା ତା ବନ୍ଦନାକୁ ବୁଡ଼ାଇ ପକାଉଛି ପାଟିରେ। ଭଲ ଲାଗି ଚାଲିଛି ଯେ। ନିଜ ମୁଣ୍ଡକୁ ଯେ ଯମ ଗଣୁଛି ସେ କଥା ତାର ମନେ ନାହିଁ।

ସମସ୍ତଙ୍କର ସକାଳ ତ ଗଣନ୍ତି ହୋଇ ରହିଛି। ଆଗଣତି ଆଉ କାହାର କି? ଏଇ ଫାଶି ଆସାମୀ ପରି ସମସ୍ତେ ମରଣ ଦଣ୍ଡ ପାଇ ଦୁନିଆକୁ ଆସିଛନ୍ତି। ତଫାତ୍ ଏତିକି, ତାକୁ ବିଶ୍ୱାସ କରେଇ ଦିଆ ଯାଇଛି, ସେ ନିଶ୍ଚୟ ମରିବ। ତାର ଆଉ ଆପଣାକୁ ଛଳିବାର ବାଟ ନାହିଁ। କିନ୍ତୁ ସାଧାରଣ ମଣିଷ ପ୍ରତି ମୁହୂର୍ତ୍ତରେ ଆପଣାକୁ ଛଳି ଚାଲିଥାଏ—ସେ ମରୁନାହିଁ। ମୋର ନିଜ କଥା। ଏଇ ଅଟକବନ୍ଦୀଙ୍କ କଥା। ଏଏ ଜାଣିଛି, କାଲି ପୁଣି ଆଉ ଥରେ ଆମର ସକାଳ ପାଇବ କି ନାହିଁ!

ମୁଁ ଭାବୁଛି, ଯିଏ ନିରେଳ ଭାବରେ ଦେଶ ପାଇଁ ମରିପାରିବ—(ଜୀବନ ସାର୍ଥକ ହୋଇଛି ବୋଲି ଯେ ଦେଶପାଇଁ ମରୁଛି, ସେ ତ ଯେ କୌଣସି କଥା ପାଇଁ ବି ମରି ପାରେ—ଆଉ ମୋ ପରି ଯା' ଜୀବନ ବ୍ୟର୍ଥ ହୋଇଛି ସେ ତ କେବଳ ହୀନ, ଭୀରୁ ଭାବରେଇ ମରିବା ଛଡ଼ା ଆଉ ବାଟ ନାହିଁ ତାର—ତାର ସେଇ ଭୀରୁ ମରଣକୁ ଗୌରବାନ୍ୱିତ କରିବାର ସହଜ ଉପାୟ ସେ ଯଦି ମୋତେ ଶିଖା ନଥାଏ)—କିନ୍ତୁ ଯେ ସଫଳତା ବିଫଳତା ନ ଜାଣି କେବଳ ଦେଶ ପାଇଁ ମରିବ, ସତେ ସେ କେଡ଼େ ବଡ଼ ମଣିଷ ନୁହେଁ! ସେ ଦେବତା—!

ମୁଁ ଏ ଚିଠି ଲେଖୁଛି ଠିକ୍ ତୋତେ ନୁହେଁ। ତଥାପି ମୋ ଦେଶକୁ। ମୋତେ ଯେମିତି ଶହୀଦ ବୋଲି ପୂଜା କରି ମୋ ଆତ୍ମାକୁ କେହି ଅଶାନ୍ତ ନ ଦିଅନ୍ତୁ, ମୁଁ ସେଥିପାଇଁ ଏ ଚିଠି ଲେଖୁଛି। ଏ ମୋର ଶେଷ ଚିଠି।

ତୋ ଚିଠିଟା ଆଉ କେହି ଦେଖି ନାହାନ୍ତି। ତୁ ଯେ ଚିଠି ଲେଖି ଦୟା କରିଚୁ ସେ ଦୟାଟା ବୁଝିବା ପାଇଁ ନିର୍ଦ୍ଦୟ, ନିର୍ମମ ପୁଲିସ ବା ଜେଲ ଅଫିସରଙ୍କ ହୃଦୟରେ ସେଭଳି ଅନୁଭୂତିର ମାନେ କହି ବା ଅଭିଧାନ ରହିବା ଅସମ୍ଭବ। ସେ ଗୁଡ଼ାକ ସରକାରୀ ଯନ୍ତ୍ରର ଗୋଟାଏ ଗୋଟାଏ ଅଂଶ। କାଗଜ ଛଅର କହିବା କଳ ବା ଟାଇପ କରିବା ଯନ୍ତ୍ର ଭଳି ସେମାନେ ଦେଖିଯାନ୍ତି—ପଢ଼ନ୍ତି ନାହିଁ। ସେଥିପାଇଁ ତୋ ଚିଠିର ସମାଧି ମୁଁ ଏଇଠି ଦେଉଛି।

Digitized by srujanika@gmail.com

ସନ୍ଧ୍ୟା ପାଇଁ ଅପେକ୍ଷା । ଆଉ କିଛିଏ ପରେ ନମ୍ବର ଡାକ ଏଇ ଘର ତାଲା ଖୁଲି ଖୋଲିଯିବ । ରାତି ଯାକ ବନ୍ଦ ଥିଲା । ସମସ୍ତେ ନିତ୍ୟ-କର୍ମ ପାଇଁ ବାହାରିବେ । ଗୋଟିଏ ୨ ହୋଇ ଉଠିବା ଆରମ୍ଭ କଲେଣି । କେହି କେହି ଘର ଭିତରେ ଝାଡ଼ା ଫେରିବା ବି ଆରମ୍ଭ କରି-ଦେଲେଣି । ରାତି ଯାକ ତ ପିସାବ ଚାଲିଥାଏ । ଜେଲଖାନାର ଏଇ-ଟାଇ ନର୍କ ଦୃଶ୍ୟ । ଅବଶ୍ୟ ଏସବୁ ପାଇଁ ଘର ଭିତରେ ଗୋଟାଏ କଣରେ ପାଇଖାନା ହୋଇଛି । ଗନ୍ଧ ଆଉ ଲାଗୁନାହିଁ । ନାକର ସୂକ୍ଷ୍ମ ତନ୍ତୁ ଗୁଡ଼ାକ ବଧିର ପଡ଼ିଗଲେଣି । ମୁଁ ଭାବୁଛି, ନର୍କବାସ ହେବାର ସାଧନା ମାତ୍ର ଏ ।

ଆଉ ହେଉନାହିଁ ଲେଖିବାକୁ । ପଢ଼ାପଢ଼ା କାମ ସବୁ ଯାଇଛି । ମନ ମସ୍ତିଷ୍କ ଉପରେ ଚାପ ଯିବ ବୋଲି ନୂଆ ଲୁଗା କଣା ହେଲା କି ଆଉ ! ମୋ ସନ୍ଧି ସିଦ୍ଧିର ଉଠୁଛି । କେତେବେଳେ କେତେବେଳେ କହିବାକୁ ମନ ହେଉଛି । କାଳେ ତୋତେ ପାଇବ ।—ତୁ ମୋତେ ପୁଣି ଦିନେ ଭଲ ପାଇବୁ । ଛି, କି ଲଜ୍ଜାର କଥା ।

ଜଣେ ବନ୍ଧୁ ବସି ମୋହ ମୁଦ୍‌ଗର ଆରମ୍ଭ କଲେ—ଯାବତ୍ ବିତ୍ତୋପାର୍ଜନ ସକ୍ତଃ । ଉପଦେଶ ଉପଦେଶ । ସମସ୍ତେ ଖାଲି ଉପ-ଦେଶ ଦେବାରେ ଲାଗିଛନ୍ତି । ମୋତେ ରାଗ ଲାଗେ ଉପଦେଶ ଶୁଣି ଶୁଣି । ଉପଦେଶ କେବଳ ଉପଦେଶ ହୋଇ ରହିବାରେ, ଶୁଣି ଭଲ ଲାଗିବାରେ କ'ଣ ଉପଦେଶର ସାର୍ଥକତା !

ତୋର ଉପଦେଶ ବାନ୍ଧ—ପାଇଲି । ସେଥିରୁ ବୁଝା ପଡ଼ୁଛି—ମୋ ଭିତରେ ଗଳଦ ରହି ଯାଇଛି । ମଣିଷ ଭୁଲ୍ କରିଯାଇଥାଏ—ବେଶୀ ତାର ଅଜ୍ଞାନତାରେ । ସେ ଦୋଷକୁ ଦେଖେଇଦେବା ବନ୍ଧୁର କାମ । ତାହେଲେ ଯାଇଁ ସୁଧାରିବାର ବାଟ ରହନ୍ତା ।

ଯାହାହେଉ । କଥା ଶେଷ ହୋଇ ଯାଉଛି । ତୋ' ଚିଠି ମୋତେ ସେଇଆ କହୁଛି । ତାର ଅର୍ଥ ଆଉ ନୂଆ ହେଉନାହିଁ ମୋ ପାଖରେ । ମୁଁ ତୋତେ ସବୁ ଗଣ୍ଡ ଚିଠି ଦେଲି । ସେ ବୋଧହୁଏ ଅଧବାଟରେ ହଜିଗଲା । କାରଣ ଲକ୍ଷର ଠିକଣା ମୋତେ ଜଣାନାହିଁ ।

ସମୟ ବହୁତ ଅଳ୍ପ । ଜୀବନ ବିପଦ ଭିତରେ । ଆଉ ତ ଦେଖେ ଦେଖା ହେବନାହିଁ । ତୋର ଶେଷ କଥା କାନରେ ବାଜୁଛି—'ଇଚ୍ଛା ଅପର୍ଣ୍ଣ ରଖ ।' ଭାବୁଛି ମୋତେ ଦୂରକୁ ଠେଲି ଦେବା ପାଇଁ ତାଠାରୁ ବେଶି କଣ୍ଟକମୟ ବାଣୀ ଆଉ କ'ଣ ହୋଇପାରେ ।

ବର୍ତ୍ତମାନ କେବଳ ଇଂରେଜ କବିଙ୍କର ସେ ଗୀତ ମନେ ପଡ଼ୁଛି—"ସିଉଟ୍ ମିଠ୍ ଭାଟେଜା ହସରେ ଅବ ହମାରେ ଦଲ୍ ମେ ହୈ ।" କେବଳ ଗୋଟିଏ ଆକାଂକ୍ଷା ଅଛି ମୋର ଆଉ—ସେ ହେଉଛି ଆପଣାକୁ ଶେଷ କରିଦେବା ।

ସ୍ୱାର୍ଥ ବଡ଼ ଅପର୍ଣ୍ଣ ମୋ ପକ୍ଷରେ ଆଉ କ'ଣ ହୋଇପାରେ ! ଜୀବ ଜୀବନରେ କାହାରିଠୁଁ ହେଲେ ପ୍ରେମ ପାଇନାହିଁ, ଆଜ ସମସ୍ତଙ୍କ ସେବାରେ ଆପଣାକୁ ବିସର୍ଜନ ଦେଇ ମରି ମାଟି ହୋଇଯିବାଠାରୁ ବଡ଼ କଥା କ'ଣ ଅଛି ? ଏଥିରେ ଆଉ 'ଭୁଲ୍' ହେବାର ବାଟ ନାହିଁ । 'ବୁଦ୍ଧି ବସ୍ତୁର କାମ କରିବା'ର ଆବଶ୍ୟକତା ନାହିଁ । 'ମନ ଆପଣା ବଶ'ରେ ରହିଯାଏ ଆପେ ଆପେ । ଏହାର 'ପରିଣାମ ମଧ୍ୟ ମଧୁ' ନୁହେଁ । କାହାର କହିବା ବା ଲେଖିବାକୁ ଅପେକ୍ଷା କରେ ନାହିଁ । ବିଦାୟ ।

ଆଜି ବଡ଼ ଶୁଭଦିନ । ଅଗଷ୍ଟ ୨୭ । ଆଜି ମରି ପାରିଲେ ଜଗତର ମୁକ୍ତି—ଦେଶର ବି ମୁକ୍ତି । ଇତି ।

ତୋର—

( ପତ୍ର ଲେଖକ ୧୯୪୪ ମସିହା ୨୭ ତାରିଖ ଅଗଷ୍ଟ ମାସରେ ଜେଲ୍ ଭିତରେ ପତାକା ଉତ୍ତୋଳନ କରି ପୁଲିସ ଗୁଳିରେ ପ୍ରାଣ ଦେଇଥିଲେ । ଜେଲଖାନାର ନାମ ଓ ସୈନିକଙ୍କର ନାମ ସୁରକ୍ଷା ଅଭାବ ହେତୁ ଦିଆଗଲା ନାହିଁ । )


ଡିସେମ୍ବର ତା ୨୮ । ୨୯ ରିଖରେ

ଉତ୍କଳ

**ଜାତୀୟ ସମ୍ମିଳନୀର**

ଅଧିବେଶନ ହେବ ।

କଟକ 'ସମାଜ' ପତ୍ରିକାର ଓ ଉତ୍ତମା କାର୍ଯ୍ୟକାରୀ କମିଟିର ସୁଯୋଗ୍ୟ ସଂପାଦକ ଶ୍ରୀ ରାଧାନାଥ ରଥ ସଭାପତି ହେବେ ।

ଜୟପୁରରେ ସମ୍ମିଳନୀର ଆୟୋଜନ ଖୁବ୍ ଜୋର ସୋରରେ ଚାଲିଛି ।

ମନେ ରଖନ୍ତୁ ବା ନାହିଁ
ହୃଦୟରେ ନିଶ୍ଚୟ ରହିବ ।
ତିନି ଗୋଟି ଅର୍ଘ୍ୟ
ପ୍ରେମର ପହିଲି ଛୁଆଁରେ—
'ପରଶ'
(ଗଳ୍ପ)
ପ୍ରେମର ଗହୀର ଦାଗରେ
'ମରମ'
( ୨ୟ ମୁଦ୍ରଣ ଗଳ୍ପ )
ପ୍ରେମର ପରିଣାମରେ
'ଦରଦ'
( ଗଳ୍ପ )
କବି— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର


Digitized by srujanika@gmail.com




# ପଲିଟିକ୍ସ

ଲେଖକ:—ଶ୍ରୀ ସୂର୍ଯ୍ୟନାରାୟଣ ପାଢ଼ୀ

ପଲିଟିକ୍ସ୍ ଅଜ ପଲିଟିକ୍ସ୍
ଲେଡ଼ୀ ଅଜ ଜେଣ୍ଟ୍     ରୋଗ୍ ଅଜ ସେଣ୍ଟ୍
ସବୁର ମୁଖେ ସେ ପଲିଟିକ୍ସ୍ ।

ଡେ-ରେଷ୍ଟୋରାରେ   ନାଇଫ୍ ଫର୍କ ହାତେ   ଅମ୍ଲେଟେ ଏକ ଦେଇ ଗ୍ରେଟ୍
କେହେ ଗାନ୍ଧୀ-ଅଇଟ୍   ଅହିଂସା ଫାଇଟ୍   କଂଗ୍ରେସ ଏକା ଜଣେ ଗ୍ରେଟ୍ ।
କ୍ୟାପିଟେଲ 'ଶୋ'ରେ   ଫାଷ୍ଟ୍କ୍ଲାସ-ସିଟ୍ ରେ   ଜୁଭେଲସ୍ ପଛାରେ ଦେଇ ଟାଣ୍
କେହେ ସୋସ୍ୟାଲିଷ୍ଟି   ଦୃଢ଼ କରି ମୁଷ୍ଟି   ସାମ୍ୟବାଦ ଅମ ବଜ୍ର ବାଣ୍ ।
ଦାଅ ଓ ହାତୁଡ଼ି   ସଂଘ ହାଁକଇ   ମଜଦୁର ହୁଅ ଏକଜୁଟ୍
ତୈମୁର କଟ୍—   ମଙ୍ଗୋଲ ସେନା   ଗର୍ଜେ ଦୁନିଆ କର ଲୁଟ୍ ?
କେହେ ଗ୍ରାଜୁଏଟ୍   ପ୍ରଗତି ଅଜ   ମ୍ୟାଟ୍ରିକୁଲେସନ ଲିଡର୍
ଏକନେ ଅମେ   ପ୍ରଗତିବାଦରେ   ହୋଇବୁ ନେଶନ ଫ୍ରି-ବ୍ରିଡର୍
ଏକେ ଫିଲମ୍ ଷ୍ଟାର୍   ଅଜ ସିଭିଲିୟାନ୍   ବଲିତ ଫେରନ୍ତା ହାଇବ୍ରୀଡ୍
ସିଭିଲ୍ ମ୍ୟାରେଜ   କର କହେ 'ପ୍ରେମ—   ପଲିଟିକ୍ସ୍' ହେବ ଅମ ନୀତ୍,
ରେଡିକାଲ୍ କାନ୍ଥି   ମେଡିକାଲ୍ ଗ୍ଲବ   'ଏନାଟମି' କ୍ଲାସେ କର ଗୋଲ୍
କେହେ ବ୍ୟାକ୍ୱାର୍ଡ୍   କନତା ସାବାଡ଼୍   କରବ ନମୋ ବାଣୀ କଲରୋଲ ।
ମସ୍ଥ୍ୟ ନଙ୍କାରେ   ଚଳେ ପଂଡ଼ିତ   ମାଛବାଲି ସଙ୍ଗେ ହ୍ୟାଣ୍ଡ୍ଲିଂ,
ଚଳିଲ ଅଜ   ଷ୍ଟାଲିନ୍ କଥା ସେ   କାହ୍ନା କରେ ଥୋଡ଼ା ଟିଂ ଟିଂ !
ଗାନର ଅଡ଼୍ଡା   ଘରେ ବାରେ ଗାମା   ନାଚେ ଡେ ଧିନାକ୍ ଧିନ୍ନା
ଧ୍ୱନ୍ ମହାସଭା   ମୁସ୍ଲିମ୍ ଲିଗ୍   ସାବାରହାର ଓ ଜିନ୍ନା !!
କାନ୍ଥି ଥିଏଟର୍   ଡାଇରେକ୍ଟର   ହୁଂକାରେ ଦେଇ ଛବା ପୋଜ୍
ସେଡ଼ା ହିଟଲର୍   ଟର୍କି ଡ୍ରେସ୍—   ଖୁନୀ ପଳାତକେ କରେ ଖୋଜ୍ !
ଭ୍ରଗସ୍ ଗୃନ୍ଟେଲର   ଗ୍ଲଡ଼ୋ ଲେକ୍ଚର୍   କନଭୋକେସନ ନାଟକେ,
ସେ କି ମୁସୋଲିନୀ   ଗଢ଼େ କଲାଫୀଜ୍   ଅନ୍ ସେଣ୍ଟ ସେମ ପାଟକେ !
କାନ୍ଥିରେ ଗ୍ଲବ—   କର ବଟୋଯାଏ   ଗଲିତ ନବ୍ୟ କବିତା—
'ତୋ ପୂଜାରୀ, ଶିବ-   କୀର୍ତ୍ତିଦାସ ମୂର୍ତ୍ତି   ପଲିଟିକ୍ସ୍ ନଭ ସବିତା —
ଏକାଧାରେ ରୁଦ୍ର   ଗୋଇନ ଓ ବେମାନ୍   ମାନିନୀ ଓ—ଅଭିସାରିକା,
ହାଉସ୍ମାର ରୁଦ୍ର   ଜବଂଶୀ ଅଜ   ମାଟି ପ୍ରିୟା ମନୋହାରିକା !!!
ଅଭିସାରେ ତୋଟ୍   ଡକେ ଯିବ ଜେଲ,   ଲଟି ଗର୍ଜ ଫାସିଖୁଣ୍ଟରେ
ନମତେରେ ସେକି-   ଫାଇସ୍ ଅଛୁ ସବୁ   ରନ୍ଦବ ହସି ଅକୁଣ୍ଠରେ ।'

ପଲିଟିକ୍ସ୍ ଅଜ ପଲିଟିକ୍ସ୍
Lady ଅଜ gent     rogue ଅଜ saint

Digitized by srujanika@gmail.com

# କଡ଼ା ମିଠା

—ଟୁକୁରାମ

'ରାଧାଶ୍ୟାମ ନରେନ୍ଦ୍ର—ରାଧାଶ୍ୟାମ ନରେନ୍ଦ୍ର !"

ସକାଳୁ ଉଠି କାହା ଠା ପଡ଼ିଲା କେଜାଣି ଟୁକୁରାମଙ୍କ ଘର ଆଗରେ ରାଧାଶ୍ୟାମ ନରେନ୍ଦ୍ରଙ୍କ ନାମ ଧରାଗଲା । ଟୁକୁରାମ କହିଲେ "ହଇରେ ହଇରେ ପ୍ରିୟସଖି, ତମେ ସେଇ ପୁରୁଣା କଥା ଆଉ ଛାଡ଼ିବ ନାହିଁ—ନୂଆ ଯୁଗରେ ମୋତେ ନେକଟହଣା କରି ମାରିବ । କହ, 'ଜାତୀୟତା— ଜାତୀୟତା— ମଦନ ମୋହନ ମଦନ ମୋହନ ।' ପତ୍ନୀ ସହଧର୍ମିଣୀ ପୁଣି ଥରେ ରାଧାଶ୍ୟାମ ନରେନ୍ଦ୍ର ରାଧାଶ୍ୟାମ ନରେନ୍ଦ୍ର ଉଚ୍ଚାରଣ କଲେ । ସେଟା ଭ୍ରମ ବଶତଃ—ବା ଅଭ୍ୟାସ ବଶତଃ ।

ଶ୍ରୀଯୁକ୍ତ ଜହରଲାଲ୍ ମୁନାଫାଖୋରଙ୍କୁ ଫାଶି ଦେବାର ଧମକ ଦେବା ଦିନଠୁଁ ଏ ଦେଶରେ ଗୋଟାଏ ଗୋଷ୍ଠି ବା ଶ୍ରେଣୀ ଅବଶ୍ୟ କାହାରିଚନ୍ତି ଯାହାର ନପାରୁ ପାଇଁ ରେଫ୍ରିଜେରେଟର ଓ କମ୍ୟୁନିଷ୍ଟମାନେ ଚଞ୍ଚଳ ପଡ଼ିଲେ । ନିତି ଗୋଟାଏ କରି ମୁନା ଅଣ୍ଡା ଦେଉଥିବା କୁକୁଡ଼ାକୁ ଏକାଥରେ ମାରି ପେଟ ଚିରି ସବୁଯାକ ଅଣ୍ଡା ବାହାର କରି, ଅଣ୍ଡା ଓ କୁକୁଡ଼ା ମାଂସ ଉଭୟେ ଫଳପ୍ରାପ୍ତ ହେବେ । ଆଉ କୁହାଯାଉଚି କଂଗ୍ରେସ ସେ କୁକୁଡ଼ାକୁ କଂଟେଇ ରଖିଛି ନିତି ଅଣ୍ଡା ପାଇବା ପାଇଁ—ଗାନ୍ଧିଙ୍କ ଉପଦେଶାନୁସାରେ ।

ଏଇ ଶ୍ରେଣୀଟାର ଗୋଟାଏ ନାମକରଣ ପାଇଁ ଟୁକୁରାମ ବଡ଼ ବ୍ୟସ୍ତ । ଏମାନେ ଅବଶ୍ୟ ପୁଞ୍ଜିପତି । କିନ୍ତୁ ସେଟା ପୁରୁଣା ନାମ । ତା ଛଡ଼ା ଏମାନେ ଦାନ ଖଇରାତ ଅଧିକ କରିବା ଯୋଗୁଁ କେବଳ ପୁଞ୍ଜିପତି ନୁହନ୍ତି ପୁଞ୍ଜିଭକ୍ତ ମଧ୍ୟ ।

ଏହି ଦାନ ଗୁଣର ବିଶେଷଣଃ ପୁରାଣ ଆଦିରେ ବହୁ ଆକାରରେ ମିଳେ । ଯଥା—ଦାନବୀର, ଦାନଶୂର, ଦାନକାମ, ଦାନବରଃ ଇତ୍ୟାଦି । ପର୍ଶୁରାମ କ୍ଷତ୍ରିୟହୀନା ପୃଥ୍ୱୀ ଦାନ କରି ନାମ ରଖି ଯାଇଥିଲେ । କର୍ଣ୍ଣ ପୁତ୍ର ଶିର ଦାନ କରି ଅମର ହୋଇ ଯାଇଥିଲେ । ତେଣୁ ଏଭଳି ବିଶେଷଣ ତାଙ୍କୁ ଶୋଭା ପାଉଥିଲା । କିନ୍ତୁ ଏ ଯେଉଁ ଦାତାକର୍ଣ୍ଣମାନେ ବାହାରିଚନ୍ତି ଏମାନେ କ୍ଷତ୍ରିୟ ନଥିବାରୁ ଶୂର ବୀର ଆଦି ବିଶେଷଣ ପ୍ରଯୁଜ୍ୟ ନୁହେଁ । ବ୍ୟବସାୟତଃ ଏମାନେ ବୈଶ୍ୟ । ତେଣୁ ଶାସ୍ତ୍ରାନୁସାରେ ଏମାନଙ୍କୁ ଦାନବଜ୍ରଃ ବୋଲାଯାଇ ପାରେ । (ଦାନବଜ୍ରଃ ଅର୍ଥ ବୈଶ୍ୟ) ଏହାଙ୍କ ଦାନ ବଜ୍ର ଭଳି ।

ବର୍ତ୍ତମାନ ବିଚାର କରାଯାଉ ଏ ଦାନର ଆକାର ପ୍ରକାର, ଶ୍ରେଣୀ ଗୋଷ୍ଠି ଜାତି ଆଦି ବର୍ଣ୍ଣ ଓ ରୂପ । ଦାନ ଭେଦରେ ଗୀତା କହନ୍ତି—ତ୍ରିବିଧ । ଅର୍ଥାତ୍ ସତ୍ତ୍ୱ, ରଜ, ତମ । ଦୀୟତେ ଅନୁପକାରିଣେ, ସେ ପୁଣି ଦେଶ କାଳ ଓ ପାତ୍ର ବିଚାର ତେବେ ଯାଇ ହେବ ସାତ୍ତ୍ୱିକ ସ୍ମୃତମ୍ । ସୁତରାଂ ବର୍ତ୍ତମାନ ଯେଉଁ ଦାନ ତାହା ପୁରାପୁରି ସାତ୍ତ୍ୱିକ । କାରଣ କଂଗ୍ରେସକୁ ଦାନ ଅର୍ଥ ଦେଶକୁ ଦାନ—କାରଣ କଂଗ୍ରେସ ଯେ ଦେଶ ସେ । ଆଉ କଂଗ୍ରେସ ଏଇ ବୈଶ୍ୟଜାତି ପୁଞ୍ଜିପତିମାନଙ୍କର ଦାନ (ଏଠାରେ ସମସ୍ତ ଅର୍ଥରେ ନହେଲେ ମଧ୍ୟ) ହୋଇଥିବାରୁ ତାହା ଦାନ ଦେବତାରେ ମଧ୍ୟ ସାତ୍ତ୍ୱିକ । ଆଉ କଂଗ୍ରେସ ନେତାମାନଙ୍କଠୁ ପାତ୍ର ବା ସୁପାତ୍ର ଆଉ କିଏ ଅଛି ? ଅବଶ୍ୟ ପାତ୍ର ଅର୍ଥରେ ଯଦି କେହି ବୁଝାଏ ତେବେ ନେତାମାନେ ନାୟକ ହୋଇ ପାରନ୍ତି । ଏଣେ ଦେଶରେ କଂଗ୍ରେସବାଲାମାନେ ନିହାତି ଅନୁରାଗୀ । ନେଇ ଦେଇ ମାନିବ ନାହିଁ—ଖାଇବ ଲଗାଇ ହେଲେ ଦେବେ । ଅତଏବ ଏ ଦାନ ସର୍ବଥା ସାତ୍ତ୍ୱିକ ।

ପାଶ୍ଚାତ୍ୟ ମନୀଷୀ Las Tze କେଉଁଠି କହିଛନ୍ତି—The more we give to others the more we are increase l—ଯେତେ ଦେବ ତେତେ ବଢ଼ନ୍ତି ହବ ଅମର । George Mac-Donald ମଧ୍ୟ କହି ଯାଇଥିଲେ, In giving a man receives more than he gives—ମଣିଷ ଦାନ କଲେ ପାଏ ବେଶୀ । ଅତଏବ ଆମର ଏହି ଦାତା ପୁଞ୍ଜିପତିମାନେ ଯାହା ଦେଉଛନ୍ତି ତାହାଠାରୁ ପାଇବେ ଅଧିକ । ଟୁକୁରାମ ଏ ମନୀଷୀମାନଙ୍କର ବାକ୍ୟ କେବଳ ଦାତାଗୋଷ୍ଠି ମାନଙ୍କୁ ଏଥିପାଇଁ ଶୁଣାଇ ଦେଉଛି ଯେ ଏଣିକି ଦାନର ଜୁଆରଟା ବଢ଼ିବାରେ ଲାଗୁ । ଭଟା ଯେମିତି ନ ହେଉ । ଅବଶ୍ୟ ଆମେ କହୁନାହୁଁ ଯେ ଦାତାମାନେ ଏଭଳି ଗୋଟାଏ ପାଇବାର ଆଶା ରଖି ଦିଅନ୍ତି । ତା ସେମାନେ ଏତେ ନୀଚ ଲୋକ ନୁହନ୍ତି ଯେ କରିବେ । କିନ୍ତୁ ଦରକାର ପଡ଼ିଲେ କଂଗ୍ରେସ ବାଲାଙ୍କୁ Baconଙ୍କର ସେଇ କଥାଟା ଦେଖେଇ ଦେବେ—You have received, now you learn to give—ଏଯାଏ ତମେ ପାଇ ଆସିଛ, ଏବେ ଦେଇ ଶିଖ । ଆମର ତ କଥା ଅଛି—ଦେଇ-ଥିଲେ ପାଇ—ବୁଣିଥିଲେ କାଟି ।

ଅନେକ ସମୟରେ ଏଭଳି ଦାତା ବି ଥିବାର ଦେଖାଯାନ୍ତି—ସେମାନେ ନିଜର ନାମ ପ୍ରକାଶ କରିବାକୁ ମନା କରନ୍ତି । କିନ୍ତୁ ଦାନ ଉଜାଅ କଥାଟା ଲୁଚେନାହିଁ । ସେଥିପାଇଁ ଜଣେ ବଡ଼ ମଣିଷ କହିଥିଲେ—God hands gift to some and whisper them to others—ଈଶ୍ୱର ଟଙ୍କା ଗଣି ଦିଅନ୍ତି ପୁଣି ଅନ୍ୟ କାନରେ କହି ଦିଅନ୍ତି । ଏ ଦାତାମାନେ ଏକ ପ୍ରକାର ଈଶ୍ୱର । ଯାହାକୁ ଦିଅନ୍ତି ତାକୁ ମନା କରି ଦିଅନ୍ତି, କିନ୍ତୁ ଦେଇ ଆସିଲେ ଚୋର ଆଉ ଜଣେ ଜାଣେ ।

ଟୁକୁରାମର ଏ ଲେଖା ଲେଖିବାର ଉଦ୍ଦେଶ୍ୟ କଂଗ୍ରେସ ବାଲାଙ୍କୁ ଚେତେଇ ଦେବା । ଏ ସାତ୍ତ୍ୱିକ ଦାନ ସ୍ୱରୂପ ନିତାନ୍ତ ସାତ୍ତ୍ୱିକ ବିଚାରର ସହିତ କରା ଯାଉଛି—କଂଗ୍ରେସ ପ୍ରତି ନିଛକ ପ୍ରେମ ଏ ଦାନ ମୂଳରେ ବିରାଜମାନ । ସେଇ ଦାନ ଯୋଗୁ ଯଦି କେବେ ତେବେ ପ୍ରେମର ପ୍ରତିଦାନ କେହି ମାଗେ ତେବେ ସେତେବେଳକୁ କହିବ—"ଦେଲି ନେଲେଠାରୁ ବଡ଼ କେହି ନାହିଁ—ମାଗିଲ ନେଲେଠାରୁ ଛୋଟ କେହି ନାହିଁ—ତମେ ମାଗନାହିଁ ମାଲିକ, ଦାତା—ଛୋଟ ହେଇ-ଯିବ—ତମର ତ ଗାଲି ଦେବା କାମ—Goethe କହିଚନ୍ତି—"To

Digitized by srujanika@gmail.com

give is the business of riches—ଧନୀ ଲୋକର କାମ ଦେବା—To receive gift is to loose it (Saadi) ନେବା ଅର୍ଥ ହରାଇବା ଇତ୍ୟାଦି ।" ତମେ ଦେଇ ଦେଖ ଲୋକେ ସୁଖି କରୁ ନେବେ ଯେ ଲୋକସାନ । ଆମ ନୃସିଂହ ପୁରାଣ ମଧ୍ୟ ଗାଇଲା—ଦାନ ସଂସାରର ତାଳେ ନର୍ତ୍ତକୀ ସେ ହୋଇ—ଦେଇ ହସିବେ ମୁକ୍ତି-ଯାକ ଦାଣ ଯାଇ । ଇଂରେଜ ଗାଇଛି - ଦାନଟି ଦେଇଥିବ କବେ—ଲୋଭ ନ କର ଦେବାରେ ।

ଅତଏବ ହେ କଂଗ୍ରେସ ଦାନ କର କେମ୍ନ ସାବଧାନରେ କର । ଦିଅ ନେବା ଠିକ୍ କରି ହାତ ଉପରେ ନ ଲଗିବା କଥା କର । ଗାଲ ଜାଗରିତ କାହିଁକି, ଲେଖୋ, କନକା ଏମାନେ ଦାନେ କର୍ତ୍ତି, ମାନେ ଦୁର୍ଯୋଧନ । ସମସ୍ତଙ୍କୁ ଅଳ କର ଯାଇପାରେ ଦାତା ଦେଖ କରିବୁ ଅଳ—ଲେ ଦେଖ ବୁଝିବୁ ତକ । ଦାତା ଚରଂ ଜବକୁ । ଦାନ ଓ କଂଗ୍ରେସ ନେଉନାହିଁ । ଦେଶ ନାମରେ ଲଗେ । ଦାତାର ଦିଅ ସରତ—ବ୍ରାହ୍ମଣେ ଦ୍ୱାରା କରିବାକୁ ଉଚିତ କଣ ?

କେମ୍ନ ଦାନ ନେଇ ସାରି ଲୋକ କର୍ତ୍ତବ୍ୟ ନିଜେ ଦାନ ଦେବାକୁ ପ୍ରାର୍ଥନା । ଲୋକେ କହନ୍ତି—ଦାନ ଦେଲ ଲୋକର ମୂର୍ଖ ସ୍ୱହିତ ନାହିଁ ।

ବାବା, ଏ ଦୁନିଆରେ ଦାନ ଅନେକ ପ୍ରକାର ଅଛନ୍ତି—ନାସ ଦାନ, ଧୂପ ଦାନ, ମସଲା ଦାନ, ପିକଦାନ, ଅମଦାନ ଇତ୍ୟାଦି । ସମସ୍ତଙ୍କ ଜଣେ ସହ ଭାଃ ଗ୍ରହଣ କରେ ।

ଏ ଦାନ ସହଜ ଦାନ ନୁହେଁ । ଏଇ ଜାଗରିତ ଦାନକୁ ଦେଖି ସେଥିନ ସଂସ୍କୃତ କବି ଗାଇଥିଲେ—"ସଦାନ ତେତାନ୍ମୁଣ ନୈତିଣି ନାଗଃ—" ଅର୍ଥାତ୍ ଗଜକୁମ୍ଭର ସେ ଷରଣଲ୍ଲ ମଧ୍ୟ ଦାନ କହାଯାଏ । ଏ ଗଜକୁମ୍ଭ ଷରଣ ଦାନ । ସାଧୁ ସାବଧାନ । ସାମ, ଦାନ, ଭେଦ, ଦଣ୍ଡ ଏ ଗୁରୁ ରାଜନୈତିକ ଉପାୟରୁ ଏ ମଧ୍ୟ ଉପାୟ । ଏହାର ଅଭିଧାନର ଅର୍ଥ—ଉକ୍ରୋଚ !

ସଙ୍ଗେ ସଙ୍ଗେ ଦାତାମାନଙ୍କ ମଧ୍ୟ ପଦେ ଅଧେ କହୁ ଦଏଁ । ଗୋରୁ ମାରି ବ୍ରାହ୍ମଣଙ୍କୁ ଯୋତା ଦାନ କଥାଟା ତ କହୁ ପ୍ରଚଳିତ । ସାବୁଲ ନେଇ ଛୁଞ୍ଚି ଦାନ । ଇଂରେଜରେ ମଧ୍ୟ ଅଛି—Rob Peter to pay Paul. ଏ ଦାନ ଦଳାକଇ ହବ । ଏ ସବୁ ରକ୍ଷା କରେ । ବଡ଼ ବଡ଼ ବୋଠା ଉପରେ ବହୁରୁ ରକ୍ଷା କରିବା ପାଇଁ ଟେଃ ଟେଃ ଲଦା କାଟି ଦ ଗୁରୁଦଣ୍ଡ ପର ଏ କହୁ କାମରେ ଲଗିବ । ପାପର ପ୍ରାୟଶ୍ଚିତ୍ତ ହେଇଯିବ । ଦୁଃଖ ନାହିଁ । ପାପ କମି ଯିବ । ଦେହଃଯାବ ତ ପାପ; ତହିଁରୁ କଣ ଷସ୍ୱ ହେବ—The only gift is a portion of thy self—ଉକ୍ତି, Emerson. ଅତ ସାମାନ୍ୟ ହେଲେ ମଧ୍ୟ ଲଜ୍ଜା କରିବାର ନାହିଁ । କାରଣ Bacon ସାହେବ କହନ୍ତି—He gives not best who gives most. ବେଶୀ ଗୁଡ଼ାଏ ଦେଇ ଦେଲେ ଦାନ ହୁଏନାହିଁ । ସ୍ୱଣ୍ଟୀ ମୂଷାର ସେକୁବକଲ ଦାନ ତ ଦାନ । ଅଜ ହନୁମାନ ଯାହା ଦାନ କଲେ ସେ କ ଦାନ ।

ବୁବୁରମଙ୍କ ଡେଣେ ବେସ ଲୋକରୁ ଜାବର ଅଛିଲଣି । ପୁଣି ଦାନ ଦେବାକୁ ପଡ଼ିବ । ଅଜ ଏତିକ ।

——*——



ସୀତା ଗବ କର କହୁଥିଲା—"ବିଧୁ ଓ ବିନୋଦ ଦୁଜଣ ପଡେ ବାହାବାହାଇଁ ମନ ବଳେଇଥିଲେ ।"

ଗୀତା—ତୁ ଦୁଜଣଙ୍କୁ ମନା କରି ଦେଇଛୁ—ନୁହେଁ ?

ସୀତା—ତୁ କେମିତି ଜାଣିଲୁ ?

ଗୀତା—ମୁଁ କାଲି ସନ୍ଧ୍ୟାରେ ଦେଖିଲି ସେ ଦୁ'ଜଣ ଯାକ ରାସ୍ତାରେ ହାତ ଧରାଧରି ହୋଇ ଖୁସି ମନରେ ଯାଉଥିଲେ ।

× × × ×

ଟୋକି କହିଲେ, "ଭଉଣୀ, ଆଜି ସକାଳୁ ଏପର୍ଯ୍ୟନ୍ତ ତୋ ନିଜ ପାଇଁ କିଛି କାମ କରିନ ?"

"ହଁ ଟୋକି ମୁଁ ସକାଳୁ ଉଠିଛି, ଖାଡ଼ା ଫେରି ଯାଇଛି—ଦାନ୍ତ ଘଷିଛି ଓ ଖାଇଛି ।"

+ + + +

ଯୁବକ ଯୁବତୀ ମୋଟର ଚଳାଇ ଯାଉଁ ଯାଉଁ—

"ଟିକିଏ ଗାଡ଼ିଟା ବନ୍ଦ କରିବା କି ?"

"ନା—ତମେ ଖାଲି ଚୁମା ଦବ ।"

"ନା, ମୁଁ ସତ କହୁଛି—ତା' କରିବି ନାହିଁ ।"

"ତା ହେଲେ ଅଟକେଇ ଲାଭ ?"

+ + + +

ଜଣେ ଭଦ୍ରଲୋକ ରେଜେଷ୍ଟ୍ରି ଅଫିସରେ ପହଞ୍ଚି ସବ୍‌ରେଜିଷ୍ଟ୍ରାରଙ୍କୁ କହିଲେ—"ଆଜ୍ଞା ମୋ ବ୍ୟବସାୟ ଠାକୁ ରେଜେଷ୍ଟ୍ରି କରିବାକୁ ଚାହେଁ ।"

ହାକିମ ପଚାରିଲେ—"ତମ ବ୍ୟବସାୟ କଣ ?"

"ଆଜ୍ଞା, ବ୍ଲାକ ମାର୍କେଟିଂ କରିବା ।"

+ + + +

Digitized by srujanika@gmail.com

# କଳି ମହାଭାରତ

## ୨ୟ ପର୍ବ

### ( ୨ ମହାସମର ବୃତ୍ତାନ୍ତ )

ଲେଖକ—କୃଷ୍ଣଦ୍ୱୈପାୟନ ବ୍ୟାସ

( ପୂର୍ବପ୍ରକାଶିତ ଅନ୍ତରୁ )

ଏଥିଅନ୍ତେ ରୁଷସେନା ଗଲେ ବେଗେ ଖେଦି;
ଜର୍ମାନ ଲେନିନଗ୍ରାଡ ନ ପାରିଲା ଭେଦି ।
ସତାଇଶ ମାସ ଧରି ହୋଇ ଅବରୁଦ୍ଧ,
ଯେବଣ ବଇଥିଲା ଗୁଳା ଗୁଳି ଯେ ବାରୁଦ ।
ଅଜ ସେ ସହର ଏତେ ହୋଇଲା ସ୍ୱବତ,
ନିଶ୍ୱାସ ମାରିଲେ ତହିଁ ଲୋକ ଶତ ଶତ ।
ରୁଷ ସେନା ଦୁଇଶତ ମାଇଲ ଯେ ବ୍ୟାପି,
ଜରମାନ ସଙ୍ଗେ ଯୁଦ୍ଧ କରିଲେ ଦୁର୍ଦ୍ଦାପି ।
ଉଣାଇଶ ଚୌରଳିଶ ସାଲ ହୋନ୍ତେ ଶୁରୁ,
ଲାଲ ଫଉଜ ଯେ ମାଡିଗଲେ ବହୁଦୂରୁ ।
ଯୁଦ୍ଧ ପୂର୍ବରୁ ପୋଲାଣ୍ଡର ଯେଉଁ ସୀମା,
ଡଏର ପଶ୍ଚିମ ପଟେ ବିସ୍ତାର ଦାଘିମା;
ତହିଁ ଲାଲ ଫଉଜ ଯେ ହେଲେ ଉପନୀତ,
ଏହା ଦେଖି ଜରମାନ ହୁଅଇ ଚକିତ ।
ଏଥିଅନ୍ତେ ସତେଇଶ ଜୁନ୍ ହେଲା ଅସି,
ଗ୍ରୀଷ୍ମ ଅଭିଯାନେ ରୁଷ ଜର୍ମାନେ ସଂହାରି ।
ବୋମେଲ ଯେ ଭିଟେସ୍କର ହୋଇଲା ପତନ,
ସମଗ୍ର ରଣ ଅଙ୍ଗନେ ବ୍ୟାପେ ଅକ୍ରମଣ ।
ଲାଲ ଫୌଜ ଅବେ ଅଗେ ଗ୍ରୁଲଛନ୍ତି ମାଡ଼ି,
ଜର୍ମାନ ଯେ ରାଜ୍ୟମାନ ଯାଏ ଛାଡ଼ି ଛାଡ଼ି ।
ଏମନ୍ତେ ଯେ ଏକତିଶ ହୋଇଲା ଅଗଷ୍ଟ,
ବନ୍ଧୁ ନାଜ ପାଜ ସେନା ରୁଷ କରି ନଷ୍ଟ ।
ରୁମାନିଅ ରାଜଧାନୀ ବୁଖାରେଷ୍ଟେ ପଶି,
ଖେଦେଇବାର ଶତ୍ରୁ ଯେ ଚାଉଦଗେ ଘୋଷି ।
ଶେଷେ ଅମାନିଅ ରୁମାନିଆ ହୋଇ ବ୍ୟସ୍ତ;
ଚାରି ସେପ୍ଟେମ୍ବରେ ମାନେ ରୁଷ ସନ୍ଧି ସର୍ତ୍ତ ।
ଅଠ ସେପଟେମ୍ବରେ ବୁଲ୍ଗେରିଆର ଯେ ଦେଶ,
ରୁଷ ସେନା ଯାଇ ତହିଁ ହୋଇଲେ ପ୍ରବେଶ ।
ଷୋଳ ଅକ୍ଟୋବରେ ଚେକୋସ୍ଲୋଭାକିଅ ଯାଇ
ବିଜୟ ପତାକା ତହିଁ ଦେଲେକ ଉଡ଼ାଇ ।
ଅଠାଇଶ ସେପ୍ଟେମ୍ବରେ ବୁଲ୍‌ଗେରିଅ ସାର,
ରୁଷ ସେନା ସମୀପରେ ନଇଁଦେଲେ ଶିର ।
ଏହା ଦେଖି ଭଗି ବସିଥିଲେକ ହଙ୍ଗାରି,
ଭୟରେ ଉଠିଲା ସେହ ଜଟେ ଗଲାଦ୍‌ଗାରି ।
ପୂର୍ବ ସଇଢାର ଯେତେ ଦେଲେକ ଯେ ଭଙ୍ଗି,
ନୂଅ ଡାଙ୍ଗ୍ମ୍ ସର୍କାର ଗଢ଼ିବାର ଲାଗି ।
ଏ ନୂଆ ସର୍କାର ଯୁଦ୍ଧ ଧରେ ରାଜଦଣ୍ଡ,
ଜର୍ମାନ ବିରୁଦ୍ଧେ ଯୁଦ୍ଧ ଘୋଷିଲ ପ୍ରଚଣ୍ଡ ।
ସତାଇଶ ଅକ୍ଟୋବରେ ଗଲାଣି ବୁଝିଅ,
ପଶିଲା ସେ ଧସି ଯାଇଁ ପୂର୍ବ ପ୍ରୁସିଅ ।
ଏମନ୍ତେ ଯେ ଚୌରଳିଶ ସାଲ ହେଲା ଶେଷ,
ପଇଁରଳିଶ ମଝିରୁ ହୋଇଲା ପ୍ରବେଶ ।
ଜୋଡ଼ଏ ତାରିଖ ହେଲା ଜାନୁଆରି ମାହ,
ହଙ୍ଗେରି ଯେ ଡାକ ଦେଲା ରୁଷ ଜାହ ଜାହ ।
ଯୁଦ୍ଧ ବିରତି ଚୁକ୍ତିରେ କଲେକ ସ୍ୱାକ୍ଷର,
ହେ ଷ୍ଟାଲିନ ଦେବତା ହେ ରକ୍ଷା କର କର ।
ଏମନ୍ତେ ଯେ ରୁମାନିଅ ବୁଲ୍‌ଗେରିଅ ଆଦ,
ହଙ୍ଗେରି ଯେ ଚେକୋସ୍ଲୋଭାକିଅ ଯେତେ ବାସ
ସମସ୍ତଙ୍କ ଗାଳ ଲାଲ କଲା ଯେମୁ ରୁଷ,
ଉଦନା ବନ୍ଦନ୍ତି ଏକ ମେଳେ ହୋଇ ତୋଷ ।
ଧନ୍ୟ ଧନ୍ୟ ଧନ୍ୟ ରୁଷ ଧନ୍ୟ ହେ ଷ୍ଟାଲିନ,
ତୁମ୍ଭ କଥା ମୂଢ଼ଲେ ଅମ୍ଭେ ହେଉ କେତେ ଲୀନ ।
ତୁମ୍ଭେ ଯେ ଦେବତା ତୁମ୍ଭ ବାହନ ଯେ ଜଣ,
ତାହାର ମହିମା ଅମ୍ଭେ କହିମା ତା କସ ।
ତୁମ୍ଭର ହାତୁଡ଼ି ଦାଅ ଯାନରେ ତରସେ,
ଦୁଇର ମୁକ୍ତକୁ ଦାସ୍ର୍ୟ ଦୁଏ ସେ ବରଷେ ।
ସିଂହଦ୍ୱାରେ ତୁମ୍ଭ ସଦା ବାଜେ ବେଡବାଡ,
ତାକିଲେ ପାଉଚ ସବୁ ଲୋକଙ୍କ ଗତ ।

(କ୍ରମଶଃ)


## ଡଗର 'ଜୟ-ହିନ୍ଦ' ସଂଖ୍ୟା

**(ପଞ୍ଚଦଶ ଓ ଷୋଡ଼ଶ ସଂଖ୍ୟା ଏକତ୍ରରେ ପ୍ରକାଶପାଇବ)**

(ଅତଏବ ୧।୧।୪୬ର ସଂଖ୍ୟା ପ୍ରକାଶ ପାଇବ ନାହିଁ)

ମୂଲ୍ୟ——ଟ ୦ ୪

ବିଜୟୀ ଲବ୍ଧ ଯାନା (ଓର୍ଡି ବାଦୋ ଅଜାଦ୍ ହିନ୍ଦ ଫୌଜ ମାନ୍ଦ ସଂପାଣ୍ଡୁ ଯିବ ।

**ପ୍ରଚ୍ଛଦପଟରେ ନେତାଜୀଙ୍କର ତ୍ରିରଙ୍ଗ ଛବି**

ଉଲେଖ୍ୟର ଅଜାଦ୍ ହିନ୍ଦ୍ ଫୌଜ ସଙ୍ଗୀତ୍ରିପ୍ତ ବହୁ ବକ୍ଷନ୍ଦ ଓ
ନାନା ଚିତ୍ର ସମ୍ବଳିତ ହେବ ।

ଯେଉଁମାନେ ୫୦/ ମନିଅର୍ଡର କରିବେ ସେମାନଙ୍କ ପାଖକୁ ଡାକରେ
ପଠାଯିବ । ୧୫।୧୨।୦୬ ପରେ ମନିଅର୍ଡର ଗ୍ରହଣ କରାଯିବ ନାହିଁ ।
ମନିଅର୍ଡର କୁପନରେ ନିଜର ନାମ ଓ ଠିକଣା
ପରିଷ୍କାର ଭାବରେ ଲେଖିବାକୁ ହେବ ।

**ଡଗରର ନିୟମିତ ଗ୍ରାହକମାନେ ବିନା ମୂଲ୍ୟରେ ପାଇବେ ।**

ଯାହା ଯେଉଁ ଗ୍ରାହକମାନେ ଅଜାଦ୍ ହିନ୍ଦ୍ ପାଣ୍ଠିକି ସାହାଯ୍ୟ କରିବାକୁ
ଇଚ୍ଛାକରି ସେମାନେ ଏ ସଂଖ୍ୟାର ମୂଲ୍ୟ ପଠାଇଲେ
ପରିଚାଳନା କୃତଜ୍ଞ ହେବେ ।

(କାହାରିକୁ Complimentary ଦିଆଯିବ ନାହିଁ)


Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ସେମାନଙ୍କ ଚରିତ୍ର ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନା କରିବା। ୨। 'ଡଗର'ର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ଉତ୍କଳମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ଓ ସାହସ ଅହିଂସା ଆଧାରରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

(୧୮ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

## ଅଜାଙ୍କ କଥା

ପ୍ରିୟ ନାତି ନାତୁଣୀଏ,

ନାଗବର୍ଗ ଆଜାଦ୍ ହିନ୍ଦ ପାଣ୍ଠିରେ ମୋଟେ ସାତଟଙ୍କା ହେଲା। କହିବାକୁ ଲାଜ ଲାଗୁଛି। ନ କହିଲେ କଥା ଲୁଚି ଯାଉଚି। [illegible] ତମ ରିପୋର୍ଟ ଦେଖିଲେ ଟାଣ ଏହିଥିରୁ ଜଣା ହୋଇ ଯାଉଚି। ଅଜା କହ ଅଇଦ ଗଡ଼ଣା ଗତ ଦେବାକୁ ଟଙ୍କା ମାଗୁନାହିଁ। ଦେଲେ ଦେବ ନ ଦେଲେ ନାହିଁ। ତାନ୍ ଆଉ ଅଧିକ ତାରିଖ ପରେ ଆଉ ଏ ପାଣ୍ଠି ଟଙ୍କା ଗ୍ରହଣ କରାଯିବ ନାହିଁ। ତେଣୁ ଯିଏ ଯେତେ ଚଞ୍ଚଳ ପାରେ ବସ୍ତାଳ ପାଖରୁ ଉଠି ଟଙ୍କା ପଠାଅ। ଗୋଟାଏ ଗୋଟାଏ ଜାଗାରେ ଦଶ ପାଞ୍ଚ ଜଣ ମିଳି ଟଙ୍କା ଏକାଠି କରି ମନିଅର୍ଡ଼ର ପଠାଇ ଦେଲେ ଭଲ। ସମସ୍ତଙ୍କ ନାମ ଦିଅ। ଦାତାଙ୍କ ନାମ ଦିଅ। କାରଣ ସେ ନାଁ ଡଗରରେ ଛପାଯିବ।

ତମର—ଅଜା

## ଅବସର ବିନୋଦନ

ଯୋଡ଼ାଏ ବାଟୋଇ ବାଟ ପାଖରେ ବସି ଖାଉଥିଲେ। ଜଣକ ପାଖରେ ୫ ଖଣ୍ଡ ରୋଟି ଥିଲା। ଆଉ ଜଣକ ପାଖରେ ୩ ଖଣ୍ଡ। ସେ ଖାଇ ବସିବାବେଳେ ଆଉ ଜଣେ ଅଭ୍ୟାଗତ ତହିଁ ଖାଇବାକୁ ମାଗିଲେ। ତିନିହେଁ ବସି ବାଣ୍ଟିକି ଖାଇଲେ। ଅଭ୍ୟାଗତ ଖାଇ ସାରି ଗଲାବେଳେ ରୋଟିର ଦାମ ବାବଦକୁ ଆଠଟି ପଇସା ଯାଚି ଦେଇଗଲା। ଯାହା ପାଖରେ ପାଞ୍ଚଟି ରୋଟି ଥିଲା, ସେ ପାଞ୍ଚ ପଇସା ନେଇ ତିନରୋଟି ବାଲାକୁ ତିନ ପଇସା ଦେବାରେ ସେ ଆପତ୍ତି କଲା—ଅଧା ବାଣ୍ଟ ପାଇବାକୁ। ଏକଥା ପଞ୍ଚାୟତରେ ପହଞ୍ଚିଲାରୁ ପଞ୍ଚାୟତ ପାଞ୍ଚରୋଟି ବାଲାକୁ ସାତ ପଇସା ଓ ତିନ ରୋଟି ବାଲାକୁ ପଇସାଟିଏ ଦେଇ ବିଦା କରିଦେଲେ। ଏ ନିଆଁପ ଯଦି ଭୁଲ୍ ହେଲା ତେବେ କାହିଁକି ହେଲା ବା ଯଦି ଠିକ୍ ହେଲା କାହିଁକି ହେଲା?

—*—

## 'ଡଗର' ଆଜାଦ ହିନ୍ଦ୍ ଫୌଜ ପାଣ୍ଠି

| | |
|---|---|
| ଦାସ ପତ୍ରରୁ … … … | ଟ ୫( |
| ପୀତାମ୍ବର ଦାସ ( ୩୩୪ ନଂ ) | ଟ ୨( |
| ମୋଟ | ଟ ୭( |

## ନୂଆନାଗବର୍ଗଙ୍କ ନାମ

୭୬୮। ଶ୍ରୀ ଶତ୍ରୁଘ୍ନ ତ୍ରିପାଠୀ (ସ୍ଥାୟୀ ସଭ୍ୟ) ପୋଃ ଭବାନୀପାଟଣା, କଳାହାଣ୍ଡି ଷ୍ଟେଟ। ୭୬୯। ଶ୍ରୀ ଉମାଚରଣ ସିଂହ, Student Bagurai H. E. School, Class—X. P. O. Bhadrak. ୭୭୦। ଶ୍ରୀ ବିଷ୍ଣୁଚରଣ ମହାପାତ୍ର, ଅଗରପଡ଼ା ହାଇସ୍କୁଲ, ପୋଃ ବଡ଼ବାଟ ଗିଲେବଦପୁର, ଜିଃ ବାଲେଶ୍ୱର। ୭୭୧। ଶ୍ରୀ ସତ୍ୟନାରାୟଣ ଦାସ, ପୋଃ ସୋନପୁରରାଜ, ସୋନପୁର ଷ୍ଟେଟ। ୭୭୨। ଶ୍ରୀ ରଣଜିତ କେଶରୀ ମଣ୍ଡଳ ଯାଦବ, ଭଦ୍ରକ ହାଇସ୍କୁଲ, ୭ମ ଶ୍ରେଣୀ। ୭୭୩। ଶ୍ରୀ ପ୍ରତାପଚନ୍ଦ୍ର ମଣ୍ଡଳ ଯାଦବ, ଭଦ୍ରକ ହାଇସ୍କୁଲ ୫ମ ଶ୍ରେଣୀ। ୭୭୪। ଶ୍ରୀ ସଂଗ୍ରାମ କେଶରୀ ମଣ୍ଡଳ ଯାଦବ, C/o P. Mahala, P. O. Bhadrak. ୭୭୫। ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂ ଦେଓ, Rajendra Union, P. O. Balangir, Patna State. ୭୭୬। ଶ୍ରୀ ଅଚ୍ୟୁତାନନ୍ଦ ପଣ୍ଡା, ରାଜେନ୍ଦ୍ର କଲେଜ, ପୋଃ ବଲାଙ୍ଗିର, ପାଟନା ଷ୍ଟେଟ। ୭୭୮। ଶ୍ରୀ ଶଙ୍କର୍ଷଣ ଦାସ, ଅନୁଗୁଳ ହାଇସ୍କୁଲ, ୧୦ମ ଶ୍ରେଣୀ, ପୋଃ ଅନୁଗୁଳ, ଜିଃ କଟକ। ୭୭୯। ଶ୍ରୀ କହ୍ନାଇଲାଲ ଚରଣ ପାଢ଼ୀ। ୭୮୦। ଶ୍ରୀ ମଦନମୋହନ ମହାନ୍ତି। ୭୮୧। ଶ୍ରୀ ଯୋଗେନ୍ଦ୍ର ଦାସ। ୭୮୨। ଶ୍ରୀ ସୀତାକାନ୍ତ ମହାନ୍ତି। ୭୮୩। ଶ୍ରୀ ଦାମୋଦର ମହାନ୍ତି, କରଂଜିଆ ଏମ୍: ଇ: ସ୍କୁଲ, ପୋଃ କରଂଜିଆ, ମୟୂରଭଞ୍ଜ ଷ୍ଟେଟ। ୭୮୪। ଶ୍ରୀ ବୈକୁଣ୍ଠନାଥ ସାମନ୍ତ ରାୟ ( ସ୍ଥାୟୀ ସଭ୍ୟ ) ଗ୍ରା: ମେଣ୍ଢାଶାଳ, ପୋଃ ଚନ୍ଦକା, ଜିଃ ପୁରୀ।

## ନାଗବର୍ଗ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ। ମୋର ଜନ୍ମ—ତା । । ମସିହା। ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି। ଦୟାକରି ନାଗବର୍ଗ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥିସହ $\frac{\text{ବାର୍ଷିକ ଚାନ୍ଦା ଟ ୦ ୮}}{\text{ଆଜୀବନ ଚାନ୍ଦା ଟ ୦ ୫}}$ ର ଡାକଟିକଟ ପଠାଇଲି

ତୁମ ସ୍ନେହର ନାତି/ନାତୁଣୀ

**ଠିକଣା** ______________________

ତାରିଖ ______________________

* ଏହି କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ

Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ୍ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ—** ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଙ୍ଗଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନୂଆଦିଲ୍ଲି, ନାଗପୁର ।

**ସ୍ୱା—ପି. ଏନ୍: ରାୟ୍ ଚଉଧରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ୫୯ ଜମା ଦେଲେ ୪ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ

## ବ୍ୟାଙ୍କ ଅବ୍ କାଲ୍‌କାଟା ଲିମିଟେଡ

ଭାରତର ଏକ କ୍ରମ-ବର୍ଦ୍ଧିଷ୍ଣୁ ଜାତୀୟ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ

କାର୍ଯ୍ୟକାରୀ ପାଣ୍ଠି—ପ୍ରାୟ ଦେଢ଼କୋଟି ଟଙ୍କା      ଅଦାୟୀକୃତ ଓ ମହଜୁତ ତହବିଲ—ପ୍ରାୟ ଅଠଲକ୍ଷ ଟଙ୍କା

ଭାରତର ମୁଖ୍ୟ ସ୍ଥାନ ଏବଂ ଓଡ଼ିଶାର ବିଶିଷ୍ଟ ସହର କଟକ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ପ୍ରଭୃତିରେ ଶାଖାମାନ ରହିଛି ।

**ହେଡ଼ ଅଫିସ—** ନ ୩ ମ୍ବର ମେଙ୍ଗୋଲେନ୍ କଲିକତା

ମ୍ୟାଲେରିୟା, ପ୍ଳୀହା ଓ ପାଳିଜ୍ୱରର ଧନ୍ୱନ୍ତରୀ

# ପାଲୁଡୋଲା

୨୪ ଘଣ୍ଟା ଭିତରେ ମ୍ୟାଲେରିୟା ଓ ପାଳିଜ୍ୱର ଆରୋଗ୍ୟ କରେ

**୨ ଶିଶି ବ୍ୟବହାର କଲେ ଅତିକାୟ ପ୍ଳୀହା ଦୂର ହୁଏ**

ପ୍ରତି ବଡ ଶିଶି ଟ ୨।୵, ପ୍ରତି ଛୋଟ ଶିଶି ଟ ୨୯, ମାସୁଲ ସ୍ୱତନ୍ତ୍ର

ମେସାର୍ସ ବହୁବଜାର ଫାର୍ମାସୀ, ୧୧୫, ବହୁବଜାର ଷ୍ଟ୍ରିଟ, କଲିକତା ।

Digitized by srujanika@gmail.com




ଓଡ଼ିଆର ଧନ

ଓଡ଼ିଆର ଶ୍ରମଦ୍ୱାରା ନିର୍ମ୍ମିତ

ମେସାର୍ସ— 'ଦାସ ଏଣ୍ଡ କୋ'
୭, ଫାଲଗୁନ ଦାସ ଲେନ୍,
କଲିକତା ଙ୍କର

# ଏଟେଲେଣ୍ଟା

# ଫ୍ୟାନ୍

କର ଦେଶର
ଗୌରବ ବଢ଼ାନ୍ତୁ ।

ଓ ଦୀର୍ଘକାଳ ସ୍ଥାୟୀ ।

ପରିବେଶକ—
ଡବ୍ଲୁ: ସି: ନାଏକ
ଏଣ୍ଡ କୋ:

୪ ନଂ ଫାଲ୍‌ଗୁନ୍ ଦାସ ଲେନ୍
କଲିକତା

Printed & published by G. C. Mahapatra at the Gopinath Press, Bhadrak. 1945.

Digitized by srujanika@gmail.com

# ଝଙ୍କାର



୫୦ ନୟା

Digitized by srujanika@gmail.com

ସାମାଜଗତରେ ଭାରତର ପ୍ରାଚୀନତମ ପ୍ରତିଷ୍ଠାନ

## ବୋମ୍ବେ
# ମିଉଚୁଆଲ୍ ଲାଇଫ୍

ଅସୋସିଏସନ୍ ସୋସାଇଟି ଲିମିଟେଡ୍‌ରେ
**ଜୀବନ ବୀମା କରନ୍ତୁ**
ସ୍ଥାପନା—୧୮୭୧ ସାଲ

ଏହାର ବୈଶିଷ୍ଟ୍ୟ –

* ବୀମାକାରୀମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଲଭ୍ୟାଂଶ ବଣ୍ଟନର ବ୍ୟବସ୍ଥା ।
* ଅତିରିକ୍ତ ପ୍ରିମିୟମ ଦେଇ ସ୍ଥାୟୀ ଅକର୍ମଣ୍ୟତାର ସୁବିଧା ଲାଭ ।
* ନାମମାତ୍ର ପ୍ରିମିୟମରେ ଦୈବଦୁର୍ଘଟଣାର ଦାୟିତ୍ୱ ଗ୍ରହଣ ।

**ଦସ୍ତିଦାର ଆଣ୍ଡ ସନ୍‌ସ, ଚୀଫ୍ ଏଜେଣ୍ଟସ୍**
ନଂ ୮ କ୍ଲାଇଭ ଷ୍ଟ୍ରୀଟ,
କଲିକତା ।

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟନିଅର
# କମର୍ସିଏଲ୍ ବ୍ୟାଙ୍କ ଲି:

ହେଡ ଅଫିସ—କଲିକତା ।

ଶାଖା ଅଫିସମାନ:—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲନ୍ଦ, ନାରାୟଣଗଞ୍ଜ, ସାନ୍ତ୍ରାଅ, ଲକ୍ଷ୍ମୀଚଣ୍ଡ, ଜୟନଗର, ମଜଲପୁର, ସିରାଜଗଞ୍ଜ, ମେଦିନୀପୁର, ଗଡବେତା, ଅସାନସୋଲ, ଘଟାଲ, କୋଣ୍ଟାଇ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଡ଼ଗ୍ରାମ, ଗୋମୋ, ରଘୁନାଥପୁର, ଜାଜପୁର ରୋଡ୍, ପାଟନା, **ବାଲେଶ୍ୱର, ଭଦ୍ରକ ।**

ନୟାଦିଲ୍ଲୀ, ନାଗପୁର  ମ୍ୟା—:ପି ଏନ୍: ବସୁ ଚୌଧୁରୀ

ପ୍ରତ୍ୟେକ ପଞ୍ଚ ବର୍ଷ ପ୍ରୋଜେକ୍ଟ—ମାସକୁ ଟ ୨ ଜମା ଦେଲେ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୧୨୦ ଙ୍କା ପାଇବେ ।

# ଅବୃଷ୍ଟି ଜୀବନର ଅକୁହା କାହାଣୀ

| | | | |
|---|---|---|---|
| ପଲ୍ଲୀଚେଣ୍ଡୁ | ଟ ୧ ୯ | ପ୍ରତିହିଂସା | ଟ ୧ ୳ |
| ସେ ଓ ମୁଁ | ଟ ୦ ୴ | ଜୈନଙ୍କା କୁଠୀର | ଟ ୨ ୯ |
| ଭୁଲ କାହାର | ଟ ୦ ୴ | କନ୍ୟାସ୍ୱପ୍ନା | ଟ ୦ ୳୵ |
| ଅନାଥା ଶ୍ରମ | ଟ ୧ ୳ | ନୈବେଦ୍ୟ | ଟ ୧ ୳ |
| ଧରାସ୍ୱର୍ଗ | ଟ ୧ ୳ | ରକ୍ଷଶହୀନା | ଟ ୧ ୯ |
| ସାତପର | ଟ ୦ ୳୵ | ପୋଡ଼ା କପାଳ | ଟ ୦ ୴ |
| ମଦନ ମଞ୍ଜରୀ | ଟ ୦ । | ବିସର୍ଜନ … | ଟ ୦ ।୵ |
| ପଦ୍ମମାଳୀ | ଟ ୧ ୯ | ସ୍ମୃତି ପ୍ରଦୀପ … | ଟ ୦ ୳୵ |
| ପ୍ରତୀକ୍ଷା … | ଟ ୦ ୳୵ | କଥାଟିଏ କହୁଁ ? ପେବହ | ଟ ୦ । |

ନବଶକ୍ତି ଗ୍ରନ୍ଥମାଳା ୧ମ ଖଣ୍ଡ

| | | |
|---|---|---|
| ଦେଶପ୍ରାଣ ଗୋପବନ୍ଧୁ | ୨ୟ | ଟ ୦ ।୵ |
| ଉତ୍କଳ କେଶରୀ ମଧୁସୂଦନ | ୩ୟ | ଟ ୦ ।୵ |
| ଲୋକମାନ୍ୟ ତିଳକ … | | ଟ ୦ ।୵ |
| ମହାତ୍ମା ଗାନ୍ଧି … | | ଟ ୦ ।୵ |

ପ୍ରାପ୍ତିସ୍ଥାନ:— **ସାରସ୍ୱତ ଭଣ୍ଡାର**

ପୋଃ ଚୁଡ଼ଙ୍ଗୀ ଡେକ,
କଟକ

**‘ଡଗର’ର ବାର୍ଷିକ ମୂଲ୍ୟ— ଟିକେଟଙ୍କା ଆଠଅଣା ମାତ୍ର**

Digitized by srujanika@gmail.com

# ଉତ୍ସର୍ଗ



Digitized by srujanika@gmail.com

ଯେଦିନ ସ୍ୱାଗତ ସମ୍ମାନଶୀଟରେ ସ୍ୱାଗ ନଡ଼ଲକ୍ଷ-ଯାତ୍ରୀ
ଧରିଥିଲ ଯାହେ ତାହାର ଅନ୍ତରେ ଡାକେ ଅଜ ଦାହ ଦାହ !’
ସେଦିନ ଜଣେ ରାଣୀ କଲିକତା ବନ୍ଦିଥିଲ ଯାହେ ସ୍ୱାମୀ
ସେ ଅଜ ଦୁଃଖିନୀ ଭାରତ ମାତାର ଏକା ଅନ୍ତର୍ଯାମୀ ।
ସେଦିନ ପରର ପ୍ରସାଦ-ଲବ୍ଧ-ପଦ କରି ଦୋଧାତ,
ବସ୍ତ୍ରପତ୍ରର ଅଧନ-କେଲ୍ପୀ ନୀତି କି ମାରି ଯେ ନାତ,
ଅଗ୍ରପ୍ ନେଲ ବର୍ମା ବନେରେ ବ୍ରିଟିଶ ବୋମାଲା ତଳେ·
ପ୍ରତିଶୋଧ ତାର ଆତ୍ମବଳର ଦେଶୀ ହୋଇ ଆଜି ଜଳେ ।
ଭାରତର ଏହି ଚାରିଦ ଭିତରେ ମାରି ନ ପାରିଲ ଶ୍ୱାସ,
ସ୍ୱାଧୀନ ଭାରତେ ଫେରିବ ବୋଲି ଯା ଅଜ୍ଞାତ ବନ ବାସ,
ଏ ଦେଶ ପୂଜ୍ୟ ନେତୃ ସମାଜେ ନ ଦେଖିଲ ଯେଉଁ ସ୍ଥାନ
ଧିକ୍କାର କଲ ଶତ୍ରୁବିବରେ କାରାବାସ-ସମ୍ମାନ,
ତ୍ରିଂଶ କୋଟି ଏ ଦଳିତ ଜାତିର ଦେବତା ହୋଇଛନ୍ତି ଅଜ,
‘ନେତାଜୀ, ନେତାଜୀ,’ ଡାକରେ ସତେ କି ଆକାଶ ପଡ଼ୁଛି ଭାଜି ।
କାହିଁରେ ନେତାଜୀ ? ‘ନେତାଜୀ ! ନେତାଜୀ !’ ତଥାପି ପଡ଼ୁଛି ଡାକ,
ତଥାପି ନେତାଜୀ-ପାଗଳ ହୋଇଛନ୍ତି ଆଜି ଏ ଅବନୀ ସାକ ।
କାହିଁରେ ନେତାଜୀ ? ବର୍ମା ସୀମାର ବନାନୀ ପଡ଼ିଛି ଶୁନ
ତଥାପି ଗୁହାରେ ଗୁହାରେ ଉଠୁଛି ‘ନେତାଜୀ ! ନେତାଜୀ !’ ଧ୍ୱନି ।
‘ନେତାଜୀ ନେତାଜୀ !’ କାହିଁରେ ନେତାଜୀ ? ଶୂନ୍ୟ ପ୍ରାସାଦ ତଳ
ତଥାପି ପୂରିଛି ରାଜପଥ ଯେତେ ଶତେକ ‘ରାମେଶ୍ୱର !’
କାହିଁରେ ନେତାଜୀ ? ଭନ୍ନ ଭାବଭେ ଶାନ୍ତି କି ସେ ଅବାଜ୍ ?
ତଥାପି ଦିଲ୍ଲୀ ଦୁଆରେ ‘ଧିଲନ’ ‘ସେହଗଲ’ ‘ଶାହାନ ବାଜ୍ ।’
କାହିଁରେ ନେତାଜୀ ? ମାତା ଯାର ଆଜି ସ୍ୱପ୍ନ ସମାଧି ତଳେ,
ତଥାପି ଜଳୁଛି ଝାନ୍ସୀର ରାଣୀ ‘ଲକ୍ଷ୍ମୀଙ୍କ’ ଦାବାନଳେ ।
‘ନେତାଜୀ ! ନେତାଜୀ !’ କଥା ନୁହେଁ ଟାଳି ନେତାଜୀ ଗୋଟାଏ ପଣ—
‘ଗୋଲାମ ଜାତିର ଧର୍ମ କେବଳ ଶତ୍ରୁ ସମ୍ମୁଖେ ରଣ ।’
‘ନେତାଜୀ ! ନେତାଜୀ !’ ନୁହେଁ ଯେ ଶବ୍ଦ ନେତାଜୀ ଗୋଟିଏ ବ୍ରତ,
ଜାଅଁ ତା ମଣିଷ ମଣ୍ଡପେ ଦିଏ ମରଣର ଇଙ୍ଗିତ ।
‘ନେତାଜୀ ! ନେତାଜୀ !’ ନୁହେଁରେ ସେ ନେତା, ସେ ତ ମହାବଳିଦାନ
ତାହାର ନାଳିରେ ଯାଇଛନ୍ତି ଗୁଲି ଏ ଭାରତର ଅପମାନ ।

— ନି.ତ୍ୟାନନ୍ଦ

Digitized by srujanika@gmail.com

# ଜାତୀୟ ସଙ୍ଗୀତ

( ଅଜାଦ୍ ହିନ୍ଦ୍ ଫୌଜ ଦ୍ୱାରା ଗୀତ )

ଜନଗଣମନ ଅଧି-ଈଶ୍ୱର ଭାରତର ଭାଗ୍ୟ ବିଧାତା ଜୟ ଜୟ ହେ
ଶୁଭ ସୁଖ ଶାନ୍ତିର ବାରି ଧାରି ବରଷେ ଏ ଦେଶର ଭାଗ୍ୟ ଉଦୟ ହେ ।
ପଞ୍ଜାବ ଗୁର୍ଜର ସିନ୍ଧୁ-ମରହଟ୍ଟା ଦ୍ରାବିଡ଼ ଏ ଉତ୍କଳ ବଙ୍ଗ,
ଚଞ୍ଚଳ ଜଳ-ନିଧି ହିମଗିରି ବିନ୍ଧ୍ୟ ଅଯମୁନାଗଙ୍ଗା ତରଙ୍ଗ,
ଗାଏ ନିତି ତବ ନାମ ପାବନ
ସଞ୍ଚରେ ତୋ ଶରୀରୁ ଜୀବନ
ଭରେ ଆଶା ସକଳ ହୃଦୟ ହେ ।
ସୂର୍ଯ୍ୟ ସମାନ ଅଜି ଚମକୁ ଏ ଜଗତେ ଭାରତର ନାମ ଶୁଭମୟ ହେ ॥
ଜୟ ହେ ଜୟ ହେ ଜୟ ହେ

ସବୁର ପରାଣେ ଭରେ ସ୍ନେହ ପ୍ରୀତି ମମତା ଲଳିତ ମଧୁର ତୋର ବଚନ,
ଯେତେ ଯେତେ ଧର୍ମ ଏ ଯେତେ ଯେତେ ପ୍ରଦେଶ ସବୁର ଫିଟିଗ ଆଜି ଲୋଚନ,
ଭୁଲି ଆଜି ଭେଦାଭେଦ ସକଳେ,
ଉନ୍ମାଦ ହରଷିତ ତୋ କୋଳେ,
ବିରଚିତ ପ୍ରେମମାଳାତୟ ହେ !
ସୂର୍ଯ୍ୟ ସମାନ ଅଜି ଚମକୁ ଏ ଜଗତେ ଭାରତର ନାମ ଶୁଭମୟ ହେ ॥
ଜୟ ହେ ଜୟ ହେ ଜୟ ହେ

ସଂଧ୍ୟା ସକାଳେ ନିତି ବିହଗ ବିହଙ୍ଗମ କଣ୍ଠେ ଭରଇ ଜୟ ଗୀତିକା,
ମନ୍ଦ ଗନ୍ଧବାହ ଜଗାଏ ବସନ୍ତ ପରଶି ଜୀବନ ଗୁଚ୍ଛ ବୀଥିକା,
ମିଳନର ସୁରେ ଗାଅ ହରଷେ,
ସ୍ୱାଧୀନ ଏ ଭାରତ ବରଷେ,
ପ୍ରିୟ ମୋର ଦେଶ ଅତି ପ୍ରିୟ ହେ !
ସୂର୍ଯ୍ୟ ସମାନ ଅଜି ଚମକୁ ଏ ଜଗତେ ଭାରତର ନାମ ଶୁଭମୟ ହେ ॥
ଜୟ ହେ ଜୟ ହେ ଜୟ ହେ

(ଅନୁବାଦ)

Digitized by srujanika@gmail.com

୪। ଭାରତ ବର୍ଷ ପ୍ରତି ଏବଂ ଏହି ନବ ଗଠିତ ଆଜାଦ୍ ହିନ୍ଦ୍ ସଂଘ ପ୍ରତି ଜାପାନୀମାନଙ୍କର କି ନୀତି ହେବ ତାହା ସ୍ପଷ୍ଟ ଭାବେ ଘୋଷଣା କରିବା ପାଇଁ ଜାପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯିବ।

ଆଜାଦ୍ ହିନ୍ଦ୍ ସଂଘ ଗଠିତ ହେଲା। ସଭାପତି ହେଲେ ଶ୍ରୀ ରାସବିହାରୀ ବସୁ। ଏହି ସଂଘର ପ୍ରଧାନ କର୍ମକେନ୍ଦ୍ର ହେଲା—ସିଙ୍ଗାପୁର। ଗୋଟିଏ କେନ୍ଦ୍ରୀୟ ପରିଷଦ ଗଠିତ ହେଲା ଏବଂ ପୂର୍ବ ଏସିଆର ପ୍ରତ୍ୟେକ ଦେଶରେ ତାହାର ଶାଖା ସଂଘ ସ୍ଥାପିତ ହେଲା। ଏତିକିବେଳେ ଅଗଷ୍ଟ ଅଠ ତାରିଖରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତ ବର୍ଷରେ ବମ୍ବେଠାରେ କଂଗ୍ରେସ 'ଭାରତ ଛାଡ଼' ପ୍ରସ୍ତାବ ପାସ୍ କଲା। କଂଗ୍ରେସର ନେତୃବୃନ୍ଦଙ୍କୁ ତହିଁ ଭୋରରେ ବ୍ରିଟିଶ ସରକାର ବନ୍ଦୀ କରିନେଲେ। ଗାନ୍ଧିଜୀ ଶେଷ ବାଣୀ—ଶେଷ ମନ୍ତ୍ର ପାଠ କରି ଶୁଣାଇଲେ—'କର ବା ମର।' ନିଆଁ ଜଳି ଉଠିଲା ସବୁଆଡ଼େ। ସହସ୍ର ୨ ଦେଶବାସୀ କଂଗ୍ରେସ ନେତାଙ୍କ ଏ ପ୍ରତି ଆକ୍ରମଣକୁ ବ୍ରିଟିଶ ସରକାରର ଘୋର ଅନ୍ୟାୟ ମନେ କରି ଘୋର ପ୍ରତିବାଦ କଲେ। ସ୍ଥାନେ ସ୍ଥାନେ ଗୁଳି ଚାଲିଲା। ବହୁ ଲୋକ ଗୁଳି ମୁହଁରେ ମଲେ। ନିରସ୍ତ୍ର ଜନତା ଉପରେ ଉଡ଼ାଜାହାଜରୁ ମଧ୍ୟ ଗୁଳି ବର୍ଷା ହେଲା। ବ୍ରିଟିଶ ସୈନ୍ୟ ଓ ପୁଲିସ ଗ୍ରାମ ଗ୍ରାମ ଲୁଟ୍ କରି ନେଲେ। ଗ୍ରାମମାନଙ୍କୁ ମାଟି ସାଙ୍ଗରେ ସମାନ କରି ଦିଆଗଲା। ସ୍ତ୍ରୀ ବାଳକମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଲା। ଭାରତରେ ଏହି ଗୁରୁତର ପରିସ୍ଥିତି—ସେତେବେଳେ ସର୍ବପ୍ରଥମେ କାପ୍ତାନ ମୋହନ ସିଂ ଆଜାଦ୍ ହିନ୍ଦ୍ ଫୌଜର ଗଠନ କାର୍ଯ୍ୟ ଆରମ୍ଭ କଲେ। ମାଳୟରେ ଯେଉଁ ସୈନ୍ୟମାନେ ଆତ୍ମସମର୍ପଣ କରିଥିଲେ ସେମାନଙ୍କୁ ନେଇ ତାହାର ସଂଗଠନର ପ୍ରାଥମିକ କର୍ମସୂଚୀ ଅନୁଷ୍ଠିତ ହେଲା। ମାଳୟର ପ୍ରବାସୀ ଭାରତୀୟଙ୍କୁ ଆବେଦନ କରାଗଲା। ଲୋକେ ଆଶାତୀତ ଭାବରେ ଚାନ୍ଦା ଦାନ କଲେ। ଅଭୂତପୂର୍ବ ଉତ୍ସାହ ମିଳିଲା।

ଏ ସମସ୍ତ ଘଟଣା ଦେଖି ଜାପାନ ଶଙ୍କିତ ହେଲା। ଭାରତୀୟମାନଙ୍କର ଏହି ସ୍ୱାଧୀନ ପ୍ରଚେଷ୍ଟା ତାହାଙ୍କୁ ପ୍ରୀତିପ୍ରଦ ହେଲାନାହିଁ। ଫଳତଃ ଆଜାଦ୍ ହିନ୍ଦ୍ ଫୌଜର କର୍ମ ପରିଷଦ ସଙ୍ଗରେ ହେଲା ସଂଘର୍ଷ। ପ୍ରଧାନତଃ ଦୁଇଟି କାରଣରୁ ତିକ୍ତତା ଚରମ ହୋଇ ଉଠିଲା।

ପ୍ରଥମରେ କର୍ମ ପରିଷଦ ଜଣାଇଲେ ଯେ ଭାରତବର୍ଷ ପ୍ରତି ଏବଂ ଆଜାଦ୍ ହିନ୍ଦ୍ ସଂଘ ପ୍ରତି ଜାପାନର ନୀତି କ'ଣ ତାହା ଜାପାନ ଅବିଳମ୍ବେ ଘୋଷଣା କରୁ।

ତାର ଉତ୍ତରରେ ଜାପାନ ଦେଲେ କେତେଗୁଡ଼ିଏ ମାମୁଲି ଜବାବ। ଯଥା—ଜାପାନ ଭାରତକୁ ସାହାଯ୍ୟ କରିବାକୁ ପ୍ରସ୍ତୁତ। ଭାରତରେ ରାଜ୍ୟ ବା ଅଧିକାର ବିସ୍ତାର କରିବାର ଅଭିସନ୍ଧି ଜାପାନର ନାହିଁ ଇତ୍ୟାଦି। କିନ୍ତୁ କର୍ମ ପରିଷଦ ଜାପାନୀ ସରକାରର ଏ ଅନିର୍ଦ୍ଦିଷ୍ଟ ଉତ୍ତରକୁ ସନ୍ତୋଷଜନକ ମନେ କଲେନାହିଁ।

ଦ୍ୱିତୀୟରେ ପୂର୍ବତଃ ଜାପାନ ପରିଚାଳିତ 'ଇୱାକୁରୋ କିକାନ' ନାମକ 'ଲିୟାଜନ' (ସଂଯୋଜକ) ବିଭାଗର ଅଫିସର-ମାନେ ଆଜାଦ୍ ହିନ୍ଦ ଫୌଜର କାର୍ଯ୍ୟ କଳାପରେ ହସ୍ତକ୍ଷେପ କରିବାର ଉପକ୍ରମ କଲେ। ୧୯୪୨ ଡିସେମ୍ବର ମାସରେ ଚରମ ସଙ୍କଟ ଉପସ୍ଥିତ ହେଲା। ଜାପାନୀ କର୍ମକର୍ତ୍ତାମାନେ ମାଳୟରେ ସଂଗଠିତ ଆଜାଦ ଫୌଜକୁ ବର୍ମାମଧ୍ୟକୁ ସ୍ଥାନାନ୍ତରିତ ହେବା ପାଇଁ ଆଦେଶ ଦେଲେ। କର୍ମ ପରିଷଦ ତହିଁରେ ରାଜି ହେଲେ ନାହିଁ। ଜାପାନୀମାନଙ୍କର ଅନ୍ୟାନ୍ୟ ଦାବି ମଧ୍ୟ କର୍ମ ପରିଷଦ ଅଗ୍ରାହ୍ୟ କଲେ। ଅବସ୍ଥା ଚରମ ହୋଇ ଉଠିଲା। କର୍ମପରିଷଦଙ୍କ ଅଗୋଚରରେ ଜାପାନୀମାନେ ହିନ୍ଦ୍ ଫୌଜର କର୍ଣ୍ଣେଲ ଏନ୍. ଏସ୍. ଗିଲଙ୍କୁ ୮ ତାରିଖ ଡିସେମ୍ବରରେ ଗିରଫ୍ତାର କଲେ। ଏହାର ପ୍ରତିବାଦ କରି କର୍ମ ପରିଷଦ୍ ସମ୍ମିଳିତ ପଦତ୍ୟାଗ କରିଥିଲେ। ରାସବିହାରୀ ଅବସ୍ଥାର ଗୁରୁତ୍ୱ ଦେଖି ଜାପାନ ଯାଇ ପ୍ରଧାନ ମନ୍ତ୍ରୀ ତୋଜୋଙ୍କୁ ଜାପାନର ସ୍ପଷ୍ଟ ନୀତି ପ୍ରକାଶ କରିବା ପାଇଁ ଜଣାଇଦେଲେ। ଇତି ମଧ୍ୟରେ ସଂଘ କାର୍ଯ୍ୟ ସ୍ଥଗିତ ରଖିବାର ସ୍ଥିର ହେଲା। ସଂଘର ମାଳୟ ଶାଖା ମଧ୍ୟ ସ୍ପଷ୍ଟ ଭାବରେ ମତ ଦେଇ ପ୍ରସ୍ତାବ କଲେ ଯେ ରାସବିହାରୀ ବାବୁ ଜାପାନ ଯାଇ ଟୋକିଓ ସରକାରର ମତାମତ ଓ ନୀତି ଜାଣିବା ପାଇଁ ଯଥାସମ୍ଭବ ଚେଷ୍ଟା କରି ଏବଂ ଟୋକିଓ ସରକାରର ଘୋଷଣା, ବକ୍ତୃତା ବା ଅନ୍ୟ ଯେ କୌଣସି ମତାମତ ଜ୍ଞାତ କରନ୍ତୁ। ଇତ୍ୟବସରେ ସଂଘ କାର୍ଯ୍ୟ ସ୍ଥଗିତ ରହିବ ଏବଂ ଜାପାନର ମତାମତ ଜାଣିବା ପରେ ନୂତନ କର୍ମପନ୍ଥା ସ୍ଥିର କରାଯିବ।

ଏହି ଅନିଶ୍ଚିତ ଅବସ୍ଥା ଦେଖି ଇଙ୍ଗ୍ଲୋ-ଆମେରିକାନ ବନ୍ଧୁଗଣ ଆଜାଦ୍ ହିନ୍ଦ୍ ସଂଘକୁ ହୀନବଳ କରିବା ପାଇଁ ଗୋଟିଏ ପ୍ରତିଦ୍ୱନ୍ଦ୍ୱୀ ଦଳ ସଂଗଠନ କଲେ। ଏହି ଅଫିସରମାନେ ଆଜାଦ୍ ହିନ୍ଦ୍ ସଂଘ ବିରୁଦ୍ଧରେ ଗୋଟିଏ ଗୁପ୍ତ ଯୁବ-ଆନ୍ଦୋଳନର ସୂତ୍ରପାତ କରି ନିଜେ ସାନୁଚରରେ ଆଜାଦ୍ ହିନ୍ଦ୍ ସଂଘ ବିରୁଦ୍ଧରେ ବ୍ୟାପକ ଭାବରେ ମିଥ୍ୟା ପ୍ରଚାର ଆରମ୍ଭ କରିଦେଲେ। ୧୯୪୩ ଫେବୃଆରୀ ମାସରେ ମାଳୟର ଶାଖା କମିଟି ଶ୍ରୀ ରାସବିହାରୀ ବସୁଙ୍କଠାକୁ ଗୋଟିଏ ସ୍ମାରକ ଲିପି ପଠାଇବାକୁ ମନସ୍ଥ କରନ୍ତି। ଏହି ସ୍ମାରକ ଲିପି ଯଥାସ୍ଥାନେ ପହଞ୍ଚିବା ପୂର୍ବରୁ ଜାପାନୀମାନେ ତାହା ହସ୍ତଗତ କରିଥିଲେ। ସେମାନେ ମାଳୟ ଶାଖାର ସଭାପତି ଶ୍ରୀ ଏନ୍. ରାଘବନଙ୍କୁ ପଦତ୍ୟାଗ କରିବାକୁ ବାଧ୍ୟ କରିବା ପାଇଁ ଶ୍ରୀଯୁକ୍ତ ରାସବିହାରୀ ବସୁଙ୍କ ଉପରେ ଚାପ ଦେଲେ। ପରିଶେଷରେ ଶ୍ରୀ ରାଘବନ ପଦତ୍ୟାଗ କଲେ। ସ୍ୱାଧୀନ ଚେତା ଲୋକମାନେ ଏଭଳି ପଦତ୍ୟାଗ କଲେ ଜାପାନ ସେ ସ୍ଥାନରେ ଆପଣାର ଅନୁଚର ଲୋକ ନିଯୁକ୍ତ ଦ୍ୱାରା ପରିଷଦକୁ ଦୁର୍ବଳ କରିବାର ଅଭିସନ୍ଧି ବୁଝା ପଡ଼ିଗଲା। ତେଣୁ ମାଳୟ ପରିଷଦର ଅନ୍ୟାନ୍ୟ ସଭ୍ୟମାନେ ଇସ୍ତଫା ଦେଲେନାହିଁ।

ଏଇ ଅସ୍ୱାସ୍ଥ୍ୟକର ପରିସ୍ଥିତି ଭିତରେ ୧୯୪୩ ସାଲ ଏପ୍ରିଲ ମାସରେ ସିଙ୍ଗାପୁରରେ ଆଉ ଗୋଟିଏ ପ୍ରତିନିଧି ସମ୍ମିଳନୀ ବସିଲା। ପୂର୍ବ ଏସିଆର ସମସ୍ତ ଭାରତୀୟ ଏଥିରେ ଯୋଗ ଦେଇଥିଲେ। ଏହି ସଭାରେ ଶ୍ରୀ ରାସବିହାରୀ ବସୁ ଜଣାଇଲେ ଯେ ଶ୍ରୀ ସୁଭାଷଚନ୍ଦ୍ର ବୋଷ ଆସୁଛନ୍ତି ଏବଂ ଆନ୍ଦୋଳନର ଗୁରୁଦାୟିତ୍ୱ ତାଙ୍କ ଭଳି ଯୋଗ୍ୟତମ ଜନନାୟକ ଗ୍ରହଣ କଲେ ସେ ପଦତ୍ୟାଗ କରିବେ।

Digitized by srujanika@gmail.com

୧୯୪୩, ୨ୟ ଜୁଲାଇରେ ଶ୍ରୀଯୁକ୍ତ ସୁଭାଷଚନ୍ଦ୍ର ବୋଷ ସିଂଗାପୁରରେ ପହଞ୍ଚିଲେ। ଏହାର ଦୁଇଦିନରେ ଅନୁଷ୍ଠିତ ଏକ ପ୍ରତିନିଧି ସମ୍ମିଳନୀରେ ସର୍ବସମ୍ମତିକ୍ରମେ ସେ ଅଜାଦ୍ ହିନ୍ଦ୍ ସଂଘର ସଭାପତି ନିର୍ବାଚିତ ହେଲେ ଓ ସମଗ୍ର ଆନ୍ଦୋଳନର ଦାୟିତ୍ୱ ବହନ କଲେ। ରାସବିହାରୀ ପଦତ୍ୟାଗ କଲେ। ସୁଭାଷଙ୍କ ପାଇଁ ଅଜାଦ୍ ହିନ୍ଦ୍ ସଂଘ ଓ ଫୌଜ ମଧ୍ୟରେ ନବପ୍ରାଣ ସଂଗ୍ରଥିତ ହେଲା। ଜୁଲାଇ ୫ ତାରିଖରେ ସିଂଗାପୁରଠାରେ ଅଜାଦ୍ ହିନ୍ଦ୍ ଫୌଜର କାର୍ଯ୍ୟ ତତ୍ପରତା ଦୃଷ୍ଟିଗତ ହୁଏ ଏବଂ ସେଦିନ ବାହିନୀର ଗଠନ ସମ୍ବାଦ ପତ୍ରାଦି ମାଧ୍ୟମରେ ଜଗତରେ ଘୋଷିତ ହୁଏ। ଶ୍ରୀଯୁକ୍ତ ସୁଭାଷଙ୍କ ନେତୃତ୍ୱ ଗ୍ରହଣ ପରେ ପରେ ଘଟଣା ଚକ୍ର ଦ୍ରୁତଗତିରେ ଘୂରିବାକୁ ଆରମ୍ଭ କଲା। ମହିଳାମାନେ ଦଳ ଦଳ ହୋଇ ଅଜାଦ୍ ହିନ୍ଦ୍ ସଂଘର ସଭ୍ୟ ହେବାକୁ ଲାଗିଲେ। ସେମାନଙ୍କ ମଧ୍ୟରୁ ସ୍ୱେଚ୍ଛାସେବିକା ସଂଗ୍ରହ କରି 'ରାଣୀ ଅଫ୍ ଝାନ୍ସି' ରେଜିମେଣ୍ଟ ଗଠିତ ହେଲା। ଅନେକ ମହିଳା ସେଥିରେ ସଭ୍ୟ ହେଲେ। ୧୯୪୩ ମସିହା ଅକ୍ଟୋବର ମାସରେ ସିଂଗାପୁର ଓ ରେଙ୍ଗୁନରେ ନାରୀମାନଙ୍କୁ ସାମରିକ ଶିକ୍ଷାରେ ଶିକ୍ଷିତ କରିବା ପାଇଁ ଦୁଇଟି ସାମରିକ ବିଦ୍ୟାଳୟ ସ୍ଥାପିତ ହେଲା।

୧୯୪୨ ମସିହାରେ ଅଜାଦ୍ ହିନ୍ଦ୍ ଫୌଜ ପାଇଁ ସ୍ୱେଚ୍ଛାସେବକ ଭୁକ୍ତ ହେବା ନିମନ୍ତେ ଆହ୍ୱାନ କରାଯାଇଥିଲା। ଅଗଣିତ ଲୋକେ ସୈନ୍ୟ ଦଳରେ ନାମ ଦେଲେ। କିନ୍ତୁ ଜାପାନୀମାନଙ୍କ ଅସ୍ପଷ୍ଟ ନୀତି କାରଣତଃ ସୈନ୍ୟମାନଙ୍କର ଶିକ୍ଷା କାର୍ଯ୍ୟରେ ବିଶେଷ ଅଗ୍ରଗତି ହୋଇ ପାରୁ ନଥିଲା। ବର୍ତ୍ତମାନ ସୁଭାଷଚନ୍ଦ୍ରଙ୍କ ନେତୃତ୍ୱରେ ଅବସ୍ଥା ପରିବର୍ତ୍ତିତ ହେଲା। ସେ ସ୍ପଷ୍ଟ ଭାବରେ ଘୋଷଣା କଲେ ଯେ ଅଜାଦ୍ ହିନ୍ଦ୍ ଫୌଜହିଁ ଭାରତର ପ୍ରତିନିଧି ମୂଳକ ଜାତୀୟ ବାହିନୀ। ଜାପାନୀମାନଙ୍କ ସହିତ ଏହାର କୌଣସି ସଂପର୍କ ରହିଲେ 'ବିଭୀଷଣ ବାହିନୀ' ବୋଲି ଏହାର ଦୁର୍ନାମ ହେବ। ଏହାର ନୀତି, କାର୍ଯ୍ୟକଳାପ ଓ ନେତୃତ୍ୱ ଭାରତୀୟ ଦେଶପ୍ରେମୀମାନଙ୍କ କର୍ତ୍ତୃକ ପରିଚାଳିତ ହେବ। ଜାପାନୀଙ୍କର ଭାରତ ଆକ୍ରମଣ କରିବାର ଅଧିକାର ନାହିଁ। କୌଣସି ପ୍ରକାର ବୈଦେଶିକ କର୍ତ୍ତୃତ୍ୱ ଜମା ଗୋଟିଏ ହେଲେ ବୈଦେଶିକ ସୈନ୍ୟର ଭାରତ ଭୂମିରେ ସ୍ୱୀକାର କରାଯାଇ ନ ପାରେ। ଜାପାନୀମାନେ ଭାରତକୁ ବ୍ରିଟିଶ ଶକ୍ତି କବଳରୁ ଉଦ୍ଧାର କରି ସ୍ୱାଧୀନତା ଦାନ କରିବାକୁ ଯାଉଛନ୍ତି ବୋଲି ଯାହା ଘୋଷଣା କରନ୍ତୁ ମଧ୍ୟ, ଅଜାଦ୍ ହିନ୍ଦ୍ ଫୌଜ ସେମାନଙ୍କୁ ଅନ୍ୟାୟ ଆକ୍ରମଣକାରୀ ଦୃଷ୍ଟିରେହିଁ ଦେଖିବ। ଭାରତବର୍ଷକୁ ବ୍ରିଟିଶ କବଳରୁ ମୁକ୍ତ କରିବାର ହେଲେ ଏକମାତ୍ର ଭାରତର ସ୍ୱକୀୟ ବାହିନୀହିଁ ତାହା କରିପାରେ। ଜାପାନୀ ସାମରିକ କୌଶଳ ଓ ନୀତି ଦ୍ୱାରା ଭାରତୀୟ ବାହିନୀ କୌଣସିମତେ ପରିଚାଳିତ ହୋଇ ନପାରେ। ଜାପାନୀମାନଙ୍କର ନୀତି ସହିତ କୌଣସି ସୂତ୍ରରେ ସଂଯୋଗ ରହିଲେ ଇତିହାସରେ ପଞ୍ଚମବାହିନୀ ବୋଲି କଳଙ୍କଭାଗୀ ହୋଇଯିବ। ଏହି ସୁସ୍ପଷ୍ଟ ନୀତିଗତ ଘୋଷଣା ଫଳରେ ଅଜାଦ୍ ହିନ୍ଦ୍ ଫୌଜ ନବ ଶକ୍ତିରେ ଉଜ୍ଜୀବିତ ହେଲା। ଦେଶପ୍ରେମୀ ଭାରତୀୟମାନେ ଏହି ପ୍ରତିଷ୍ଠାନ ଏବଂ ବାହିନୀକୁ ସର୍ବାନ୍ତଃକରଣରେ ସ୍ୱୀକାର କରି ଏହାକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ସକଳ ଶକ୍ତି ଓ ସାମର୍ଥ୍ୟ ପ୍ରୟୋଗ କଲେ। ମାଲୟରେ ଗୋଟିଏ ସାମରିକ ଶିକ୍ଷା କେନ୍ଦ୍ର ଖୋଲାଗଲା। ଏ କେନ୍ଦ୍ରରେ ଏକ କାଳୀନ ୬୦୦୦ ସୈନ୍ୟଙ୍କ ଶିକ୍ଷା ବ୍ୟବସ୍ଥା କରାଯାଇଥିଲା। ୬୦୦୦ ସୈନ୍ୟ ନେଇ ଗୋଟିଏ ଦଳ ଗଠିତ ହୁଏ। ଏହି ସମୟରେ ଦଳେ ଦଳେ ସୈନ୍ୟ ଅସ୍ତ୍ର ଶିକ୍ଷା ଗ୍ରହଣ କଲେ। ଭାରତୀୟ ଡାକ୍ତର ଏବଂ ନନ୍‌କମିଶନ୍‌ଡ୍ ଅଫିସରଙ୍କ ମଧ୍ୟରୁ ଉନ୍ନତ ପଦକୁ ନିମ୍ନଙ୍କୁ ବାଛି ନିଆ ଯିବାର ବ୍ୟବସ୍ଥା କରାଗଲା। ଏହାର ଖର୍ଚ୍ଚ ନିମନ୍ତେ କେବଳ ମାତ୍ର ଭାରତୀୟ ମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଉଥିଲା। ଭାରତୀୟମାନେ ଅକାତରେ ଦାନ କରିବାକୁ ଲାଗିଲେ। ଅର୍ଥ ଭଣ୍ଡାର, ସୈନ୍ୟ ବାହିନୀ ନାନା ପ୍ରକାର ଜନହିତକର କାର୍ଯ୍ୟପ୍ରଣାଳୀ ଦ୍ରୁତ ବ୍ୟାପକରେ ଲାଗି ରହିବା ଫଳେ ଗୋଟିଏ ସରକାର ବା ଗଭର୍ଣ୍ଣମେଣ୍ଟ ସ୍ଥାପନା କରିବାର ଆବଶ୍ୟକତା ଅନୁଭୂତ ହେଲା।

ତେଣୁ ଶ୍ରୀ ସୁଭାଷଚନ୍ଦ୍ର ବୋଷ ଗୋଟିଏ ଅସ୍ଥାୟୀ ଗଭର୍ଣ୍ଣମେଣ୍ଟ ଗଠନ କଲେ। ତାର ନାମ କରଣ ହେଲା—'ସ୍ୱାଧୀନ ଭାରତ ଅସ୍ଥାୟୀ ଗଭର୍ଣ୍ଣମେଣ୍ଟ।' ଶ୍ରୀଯୁକ୍ତ ବୋଷଙ୍କୁହିଁ ଏହାର ସର୍ବପ୍ରଧାନ ଅଧିନାୟକ କରାଗଲା। ଇଂଲଣ୍ଡ ବିରୁଦ୍ଧରେ ଯେଉଁ ସବୁ ରାଜ୍ୟ ଯୁଦ୍ଧ ପ୍ରବୃତ୍ତ ଥିଲେ ସେମାନେ ଏ ସରକାରକୁ ସ୍ୱୀକାର କରିନେଲେ। ଶେଷଯାଏ ଆଇରଲଣ୍ଡ ମଧ୍ୟ ଏହାକୁ ସମର୍ଥନ କରିଥିଲା। ସେହିବର୍ଷ ୨୩ ଅକ୍ଟୋବରରେ ସ୍ୱାଧୀନ ଭାରତର ଅସ୍ଥାୟୀ ସରକାର ବିଧି ସଙ୍ଗତ ଭାବରେ ଇଂଲଣ୍ଡ ଓ ଆମେରିକା ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ। ଅଜାଦ୍ ହିନ୍ଦ୍ ସଂଘ ଓ ସ୍ୱାଧୀନ ଭାରତ ଅସ୍ଥାୟୀ ଗଭର୍ଣ୍ଣମେଣ୍ଟର ପ୍ରଧାନ କର୍ମସ୍ଥଳ ଭାରତର ନିକଟବର୍ତ୍ତୀ କୌଣସି ସ୍ଥାନରେ ହେବା ଆବଶ୍ୟକ ମନେ କରି ୧୯୪୪ ସାଲରେ ୬ ତାରିଖ ଜାନୁଆରୀରେ ବର୍ମାକୁ ସ୍ଥାନାନ୍ତରିତ ହେଲା।

ଇତି ମଧ୍ୟରେ ବର୍ମାରେ ଗୋଟିଏ ଜାତୀୟ ବର୍ମୀ ବାହିନୀ ସଂଗଠିତ ଓ ଅସ୍ତ୍ରସଜ୍ଜିତ ହୋଇ ମସ୍ତକ ଉତ୍ତୋଳନ କରିଥିଲା। ଏମାନେ ସଂପୂର୍ଣ୍ଣରୂପେ ବ୍ରିଟିଶ ବିରୋଧୀ ଆଉ ଜାପାନ ବିରୋଧୀ ମଧ୍ୟ ଥିଲେ। ପ୍ରକୃତପକ୍ଷେ ଏହି ବାହିନୀହିଁ ପରେ ଜାପ ବାହିନୀ ଉପରେ ଆକ୍ରମଣ କରି ବର୍ମାକୁ ସ୍ୱାଧୀନ କରିଥିଲେ। ସେଥିପାଇଁ ବର୍ମା ପୁନରଧିକାରରେ ବ୍ରିଟିଶ ବାହିନୀର କାର୍ଯ୍ୟ ସହଜ ହୋଇଗଲା। ଏହିଭଳି ଭାବରେ ପୂର୍ବ ଏସିଆରେ ପ୍ରତ୍ୟେକ ଦେଶରେ ଜାତୀୟ ବାହିନୀମାନ ସଂଗଠିତ ହୋଇଥିଲେ। ସେଥିପାଇଁ ଆଜି ପୂର୍ବ ଏସିଆ ଭୂଖଣ୍ଡରେ ଜାତୀୟ ଆନ୍ଦୋଳନ ପ୍ରବଳ ହୋଇ ଉଠିଛି।

ବର୍ମାକୁ ସ୍ଥାନାନ୍ତରିତ ହେବା ପରେ ଅସ୍ଥାୟୀ ଗଭର୍ଣ୍ଣମେଣ୍ଟର କାର୍ଯ୍ୟ ଅଧିକ ବ୍ୟାପକ ହୋଇ ପଡ଼ିଲା। ବିଭିନ୍ନ ରାଷ୍ଟ୍ରୀୟକାର୍ଯ୍ୟ ପରିଚାଳନା ପାଇଁ ଯଥାଯଥ ଭାବେ ମନ୍ତ୍ରୀ ନିଯୁକ୍ତ ହେଲେ। ନୀତି ହୀନତା ବା ଯଥେଚ୍ଛାଚାରର ଉପରେ କୌଣସି ବିଘ୍ନର ସମ୍ଭାବନା ରହିଲ ନାହିଁ। ମନ୍ତ୍ରୀଗଣ ଅଜାଦ୍ ହିନ୍ଦ ସଂଘ ଦ୍ୱାରା ମନୋନୀତ ଓ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତି ଥିଲେ। ରେଙ୍ଗୁନ ଥିଲା ସରକାରର ରାଜଧାନୀ ଓ ପ୍ରଧାନ କର୍ମସ୍ଥଳ। ଏଥିରେ ୧୯ ଟି ବିଭିନ୍ନ ବିଭାଗ ଥିଲା। ପ୍ରତ୍ୟେକ ବିଭାଗର କାର୍ଯ୍ୟଭାର,

Digitized by srujanika@gmail.com

ହସ୍ପିଟାଲ ବିଧିମତେ ସଂରକ୍ଷିତ ହେଉଥିଲା । ଯୋଗ୍ୟ ବ୍ୟକ୍ତିମାନଙ୍କୁ ସଞ୍ଚାଳନର ଦାୟିତ୍ୱ ଦିଆ ଯାଉଥିଲା । ଉର୍ଦ୍ଧ୍ୱତମ କର୍ମଚାରୀମାନଙ୍କ ନିକଟରେ ସେମାନେ ଉତ୍ତର ଦାୟୀ ଥିଲେ । ଅତଏବ ଏହା ଗୋଟିଏ ବୈଧିକ ଅଭିନ୍ନ ସଗଠ ସଂଗଠିତ ସଭାଜ ଥିଲା । ଚେଷ୍ଟାକୁ ଅଭିଚ୍ଛା ଫଳରେ ନାନା ଉପାୟର ସୃଷ୍ଟି ହେଲା ।

ଏହି ସଂଘର ହେଡ଼ କ୍ୱାର୍ଟର୍ସ ଥିଲା — ସିଙ୍ଗାପୁର । ଏହାଠାରୁ ମାଳୟ, ସୁମାତ୍ରା, ଜାଭା, ବୋର୍ଣ୍ଣିଓ ପ୍ରଭୃତି ଅଞ୍ଚଳର ତଦାରଖ କରା ହେଉଥିଲା । କେବଳ ମାଳୟରେ ଆଜାଦ୍ ହିନ୍ଦ୍ ସଂଘର ୭୦ଟି ଶାଖା ଥିଲା । ମାଳୟ ଶାଖାର ସଭ୍ୟ ସଂଖ୍ୟା ଦୁଇ ଲକ୍ଷରୁ ଉପର । ବର୍ମାରେ ଥିଲା ଛଅ ଓ ଶ୍ୟାମରେ ୨୬ଟି ଶାଖା । ଏତଦ୍ ବ୍ୟତୀତ, ଆଣ୍ଡାମାନ ଦ୍ୱୀପପୁଞ୍ଜ, ସୁମାତ୍ରା, ଜାଭା, ବୋର୍ଣ୍ଣିଓ, ସେଲିବେସ୍ ଦ୍ୱୀପପୁଞ୍ଜ ଫିଲିପାଇନ ଦ୍ୱୀପପୁଞ୍ଜ ଚୀନ ମାଞ୍ଚୁରିଆ ଏବଂ ଜାପାନ ପ୍ରଭୃତି, ସ୍ଥାନରେ ଅସଂଖ୍ୟ ଶାଖା ଏବଂ ଅଭାବନୀୟ ପ୍ରଭାବ ବଢ଼ି ପାଇଥିଲା । ଆଜାଦ୍ ହିନ୍ଦ୍ ଫୌଜ ନିମନ୍ତେ ସୈନ୍ୟ ଏବଂ ସିଭିଲ ସର୍ଭିସ ପାଇଁ କର୍ମଚାରୀ ସଂଗ୍ରହ ଗୁରୁଅବର୍ତ୍ତ ଥିଲା । ସାମରିକ ଶିକ୍ଷା ପାଇଁ ୯ଟି କେନ୍ଦ୍ର ଥିଲା । ସିଙ୍ଗାପୁର ଏବଂ ରେଙ୍ଗୁନରେ ଅଫିସର ଟ୍ରେନିଂ ପାଇଁ ଦୁଇଟି କେନ୍ଦ୍ର ଥିଲା । କୌଣସି କେନ୍ଦ୍ରରେ ଭିନ୍ନ ସଂପ୍ରଦାୟ ପାଇଁ ପୃଥକ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇ ନଥିଲା । ଅଫିସର ତଥା ଏନ୍. ସି. ଓ. ମାନେ ହିନ୍ଦୁସ୍ଥାନୀ ଭାଷାରେ ଶିକ୍ଷାଦାନ କରୁଥିଲେ । ଯୁଦ୍ଧରେ ଆଦେଶ ଦାନର ସଙ୍କେତ ଓ ଭାଷା ମଧ୍ୟ ଥିଲା ହିନ୍ଦୁସ୍ଥାନୀ । କେବଳ ମାଳୟରେ ପ୍ରାୟ ୨୦୦୦୦ ବେସାମରିକ ବ୍ୟକ୍ତିଙ୍କ ଶିକ୍ଷା ଦାନ କରି ଆଜାଦ୍ ହିନ୍ଦ୍ ଫୌଜ ଭୁକ୍ତ କରାଯାଇଥିଲା । ଥାଇଲାଣ୍ଡ ଭିନ୍ନ ଅଞ୍ଚଳରୁ ଅସଂଖ୍ୟ ଶିକ୍ଷାର୍ଥୀ ଶିକ୍ଷା ଲାଭ କରିବାକୁ ଆସି 'ଆଜାଦ୍ ହିନ୍ଦ୍ ଫୌଜ ଭୁକ୍ତ ହେଲେ । ଆଜାଦ୍ ହିନ୍ଦ୍ ସଂଘର ସମସ୍ତ ଆନ୍ଦୋଳନରେ କେବଳ ଭାରତୀୟ ମାନଙ୍କ ଅର୍ଥ ବ୍ୟୟରେ ହିଁ ସଞ୍ଚାଳିତ ହେଉଥିଲା । ପୂର୍ବ ଏସିଆର ବିଭିନ୍ନ ଦେଶ ଓ ଅଞ୍ଚଳର ଭାରତୀୟମାନଙ୍କଠାରୁ ଅର୍ଥ ସଂଗ୍ରହ କରା ଯାଉଥିଲା । ଅଳ୍ପଦିନ ମଧ୍ୟରେ ବର୍ମାସ୍ଥ ଭାରତୀୟମାନେ ଅଠକୋଟି ଟଙ୍କା ଦାନ କରିଥିଲେ । ୧୯୪୪ ମସିହା ଜାନୁଆରୀ ମାସର ନବବର୍ଷ ଉପଲକ୍ଷରେ ମାଳୟ 'ଭାରତ'କୁ ୪୦ ଲକ୍ଷ ଟଙ୍କା ଉପହାର ଦେଇଥିଲା । ହିନ୍ଦ୍ ଫୌଜ ନିଜ ଆବଶ୍ୟକୀୟ ଅସ୍ତ୍ର ଶସ୍ତ୍ର ଗୁଳି ଗୋଳା ନିଜ ଅର୍ଥରେ କ୍ରୟ କରୁଥିଲେ । ଆଜାଦ୍ ହିନ୍ଦ୍ ସଂଘ ମୂଳତଃ ଗୋଟିଏ ରାଷ୍ଟ୍ରୀୟ ଅନୁଷ୍ଠାନ ହିସାବରେ ସମାଜ ସେବାରେ ଦାୟିତ୍ୱ ମଧ୍ୟ ବହନ କରିଥିଲା । ଯୁଦ୍ଧ ପୀଡ଼ିତମାନଙ୍କର ସାହାଯ୍ୟକଳ୍ପେ ଏହାର ହୋଷ୍ଟ ଉନ୍ମୁକ୍ତ ଥିଲା । ବିଶେଷତଃ ମାଳୟରେ ଶ୍ରମିକମାନଙ୍କର ଚରମ ଦୁର୍ଦ୍ଦଶା ସମୟରେ, ଚିକିତ୍ସାଳୟ, ଡାକ୍ତର, ଔଷଧ, ପଥ୍ୟ, ଖାଦ୍ୟ ପ୍ରଭୃତି ଦିଗରେ ପ୍ରଚୁର ଅର୍ଥ ବ୍ୟୟିତ ହେଉଥିଲା । ସର୍ବାପେକ୍ଷା ବୃହତ୍ ସାହାଯ୍ୟ କେନ୍ଦ୍ର ସ୍ଥାପିତ ହୋଇଥିଲା କୁଆଲାଲୁମ୍ପୁରରେ । ଏଠାରେ ଏକହଜାରରୁ ଅଧିକ ନାରୀ ଶିଶୁ ଓ ଦୁସ୍ଥ ଜନମାନଙ୍କୁ ନାନାବିଧ ସାହାଯ୍ୟ ଦିଆଯାଏ । ଏହାର ମାସିକ ଖର୍ଚ୍ଚ ଥିଲା — ୭୫ ହଜାର ଡଲାର । ସଂଘ ତରଫରୁ ବର୍ମାରେ ଅନେକଗୁଡ଼ିଏ ଦାତବ୍ୟ ଚିକିତ୍ସାଳୟ ଖୋଲା ଯାଇଥିଲା । ଶ୍ୟାମରେ ନବ ନିର୍ମିତ ଡାକ ଘରଗୁଡ଼ିକର ଅଧିକାଂଶ ଡାକଘର ପରିଚାଳିତ ହେଉଥିଲା । ତାଛଡ଼ା ଦୁସ୍ଥ ଭାରତୀୟମାନଙ୍କର ବସତି ସ୍ଥାପନା ପାଇଁ ସଂଘ ଭୂମି ସଂଗଠନର କାର୍ଯ୍ୟ ସୂଚୀ ଗ୍ରହଣ କରିଥିଲା । ବିଶେଷତଃ ମାଳୟରେ ଜଙ୍ଗଲ ପରିଷ୍କାର କରି ପ୍ରାୟ ୨୦୦୦ ଏକର ଜମି ବାସୋପଯୋଗୀ କରା ଯାଇଥିଲା । ଭାରତୀୟମାନେ ଏଠାରେ ଭୂମି କର୍ଷଣ ଓ ଖାଦ୍ୟୋପଯୋଗୀ ବୃକ୍ଷରୋପଣର ବ୍ୟବସ୍ଥା କରିଥିଲେ । ତା'ଛଡ଼ା ବାଳକମାନଙ୍କୁ ଶିକ୍ଷାଦାନ ପାଇଁ ଆଜାଦ୍ ହିନ୍ଦ୍ ସଂଘ ସଚେଷ୍ଟ ହୋଇଥିଲେ । ପୂର୍ବ ଏସିଆବାସୀ ଭାରତୀୟମାନଙ୍କ ପାଇଁ ହିନ୍ଦୁସ୍ଥାନୀ ଶିକ୍ଷା ଦେବାର ସୁବ୍ୟବସ୍ଥା କରା ଯାଇଥିଲା । ପୂର୍ବଦିଗରେ ଜାତୀୟ ବିଦ୍ୟାଳୟମାନ ସ୍ଥାପିତ ହୋଇଥିଲା । କେବଳ ବର୍ମାରେ ସଂଘ ତରଫରୁ ୭୫ଟି ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ।

ସମ୍ବାଦପତ୍ରମାନଙ୍କରୁ ସଂଗୃହୀତ ଏ ତଥ୍ୟମାନ ଅତି ସାମାନ୍ୟ । ଇତିହାସ ଲେଖିବାର ଯଥେଷ୍ଟ କାରଣ ଅଛି ଯେ ଗବେଷକ ଅନୁସନ୍ଧାନରୁ ବହୁ ତଥ୍ୟ ଲାଭ କରାଯାଇ ପାରିବ । ସ୍ୱାଧୀନ ଭାରତର ଏହି ଅସ୍ଥାୟୀ ସରକାର, ଆଜାଦ୍ ହିନ୍ଦ୍ ସଂଘ ଓ ଆଜାଦ୍ ହିନ୍ଦ୍ ଫୌଜ ପଛରେ କେବଳ ପୂର୍ବ ଏସିଆର ଭାରତୀୟମାନଙ୍କର ଯେ ସମ୍ପୂର୍ଣ୍ଣ ସମର୍ଥନ ଥିଲା ତା ନୁହେଁ, ତଥାକଥିତ ସମ୍ମିଳିତ ଜାତିପୁଞ୍ଜର ଅଧିବାସୀମାନଙ୍କର ମଧ୍ୟ ସମର୍ଥନର ଅଭାବ ନଥିଲା ।

ସେତେବେଳେ ବର୍ମାର ଅଭ୍ୟନ୍ତରୀଣ ପରିସ୍ଥିତି ଦୂର୍ ଆଶାପ୍ରଦ ଥିଲା ନାହିଁ । ସଂଯୁକ୍ତ ମୁଖ୍ୟାଳୟର ଅଦମନୀୟ ନୀତି ଫଳରୁ ଜାପାନୀମାନେ ଭାରତ ଆକ୍ରମଣ କରିବାରୁ ନିବୃତ୍ତ ହେଲେ । ଭାରତ ଆକ୍ରମଣରେ ଜାପାନର କୌଣସି ହାତ ରହିଲା ନାହିଁ । ଅର୍ଥନୈତିକ ସାହାଯ୍ୟ ଉପରୁ ନିର୍ଭର କଲେ ନିଃସନ୍ଦେହରେ କୁହାଯାଇ ପାରେ ଯେ ଭାରତ ଅଭିଯାନ ଭଳି ଏକ ମହାର୍ଘ ଏବଂ ଦୁରୂହ କାର୍ଯ୍ୟ ଜାପାନର କ୍ଷମତାତୀତ ଥିଲା । ଏଣେ ବର୍ମା ପୁନଃପ୍ରବେଶ ପାଇଁ ବ୍ରିଟିଶ ଶକ୍ତି ଦୃଢ଼ ପରିକର । ହଠାତ୍ ଉପତ୍ୟକାରେ ବ୍ରିଟିଶର ଆକ୍ରମଣ ଏବଂ ସେମାନଙ୍କର ନେତୃତ୍ୱର ନିଜ ଅଭିକ୍ରମର ସମ୍ଭାବନା ଦେଖି ଜାପାନୀମାନେ ଅଧୀର ହୋଇ ପଡ଼ିଲେ । ତେଣୁ ସେମାନେ ଇମ୍ଫାଲ ଦଖଲ କରିବା ପାଇଁ ଅଗ୍ରସର ହେବାକୁ ଚାହିଁଲେ । ମାତ୍ର ଆଜାଦ୍ ହିନ୍ଦ୍ ଫୌଜ ଜାପାନୀ ବାହିନୀର ଭାରତ ଆକ୍ରମଣ ଅଧିକାର ସ୍ୱୀକାର କଲେନାହିଁ । ସୁଭାଷ ସ୍ପଷ୍ଟ ଭାବରେ ଜାପାନୀମାନଙ୍କର ନୀତି ଘୋଷଣା କରିଥିଲେ ଯେ — ସେମାନେ କେବଳ ଇମ୍ଫାଲ ଅଧିକାର କରିବାକୁ ସହାୟ । ତା'ପରେ ଭାରତ ଆକ୍ରମଣର ସମସ୍ତ କାର୍ଯ୍ୟ ଭାର ଆଜାଦ୍ ହିନ୍ଦ୍ ଫୌଜ ଉପରେ ନ୍ୟସ୍ତ ରହିବ । ଆଜାଦ ହିନ୍ଦ୍ ଫୌଜ ସମ୍ୟକରୂପେ ପରିସ୍ଥିତି ହୃଦୟଙ୍ଗମ କରି ଇମ୍ଫାଲ ସଂଗ୍ରାମରେ ସେହିମାନେ ଶ୍ରେଷ୍ଠାଂଶ ଗ୍ରହଣ କଲେ । ୧୯୪୪ ମସିହା ୪ ତାରିଖ ଫେବୃଆରୀ ଆଜାଦ୍ ହିନ୍ଦ୍ ଫୌଜ ଆକ୍ରମଣ ଆରମ୍ଭ କରନ୍ତି । ୧୮ ମାର୍ଚ୍ଚର ଶୁଭ ଦିବସରେ ଭାରତୀୟ

Digitized by srujanika@gmail.com

ବାହିନୀ ଭାରତ ବ୍ରହ୍ମ ସୀମାନ୍ତ ଅତିକ୍ରମ କରି ଜନ୍ମଭୂମିରେ ପଦାର୍ପଣ କରନ୍ତି ।

ଆଜାଦ୍ ହିନ୍ଦ୍ ଫୌଜ ପ୍ରଧାନତଃ ତିନୋଟି ବ୍ରିଗେଡ୍ ଦ୍ୱାରା ଗଠିତ ହୋଇଥିଲା ।

ପ୍ରଥମ—ସୁଭାଷ ବ୍ରିଗେଡ୍—ସୈନ୍ୟ ସଂଖ୍ୟା—୩୨୦୦— ସେନାପତି—କର୍ଣ୍ଣେଲ ଶାହନ ଖାନ ।

୨ୟ—ଗାନ୍ଧି ବ୍ରିଗେଡ୍—ସୈନ୍ୟ ସଂଖ୍ୟା—୨୮୦୯ ।

ସେନାପତି—କର୍ଣ୍ଣେଲ ଇନାୟତ୍ କିୟାନି ।

୩ୟ—ଆଜାଦ୍ ବ୍ରିଗେଡ୍—ସୈନ୍ୟ ସଂଖ୍ୟା—୨୮୦୦ ।

ନେତା—କର୍ଣ୍ଣେଲ ମୋହନ ସିଂ ।

ଏତଦ୍ ବ୍ୟତୀତ ୩ଶତ ବାହାଦୁର ଦଳର ଫୌଜ ଥିଲେ । ୫ଶତ ବେସାମରିକ ସାହାଯ୍ୟକାରୀ ମଧ୍ୟ ଏମାନଙ୍କ ସାଙ୍ଗରେ ଥିଲେ । କର୍ଣ୍ଣେଲ ଗୁରୁବକ୍ସ ସିଂ ଧୀଲନଙ୍କ ନେତୃତ୍ୱରେ ୩୦୦୦ ସୈନ୍ୟ ସମାବେଶରେ—ନେହରୁ ବ୍ରିଗେଡ୍ ଏମାନଙ୍କ ପଶ୍ଚାତ୍ ଦେଶରେ ରହିଥିଲେ । ଏମାନେ ମୋଗାଇ, କୋହିମା ଓ ଅନ୍ୟାନ୍ୟ ଅନେକ ଜନପଦ ଅଧିକାର କରି ଇମ୍ଫାଲରେ ଉପନୀତ ହେଲେ ଏବଂ ତାହା ଅବରୋଧ କଲେ । ଏ ଯୁଦ୍ଧରେ ବିମାନ ସାହାଯ୍ୟ ଦେବା ଅସମ୍ଭବ ହେଲା ଏବଂ ଅବିଶ୍ରାନ୍ତ ବର୍ଷା ହେତୁ ସରବରାହ ପଥ ଛିନ୍ନ ହୋଇ ଯିବାରୁ ବାହିନୀ ପଶ୍ଚାଦପସରଣ କରିବାକୁ ବାଧ୍ୟ ହେଲା । ତାପରେ ଆଜାଦ୍ ହିନ୍ଦ୍ ଫୌଜ ଆତ୍ମରକ୍ଷା ମୂଳକ ଯୁଦ୍ଧରେ ବ୍ୟାପୃତ ରହିଲେ । ଯେତେବେଳେ ବ୍ରିଟିଶ ଶକ୍ତି ବର୍ମା ଆକ୍ରମଣ କଲେ, ସେତେବେଳେ ଏହି ବାହିନୀର କେତେକ ଷ୍ଟାଫ୍ ଅଫିସର ବ୍ରିଟିଶମାନଙ୍କ ସହିତରେ ଯୋଗ ଦେଇଥିଲେ । ଯେତେବେଳେ ବ୍ରିଟିଶ ତାଡ଼ନାରେ 'ମୃକ୍ତି-ଲା'ର ପତନ ହେଲା ସେତେବେଳେ ସ୍ପଷ୍ଟ ବୁଝା ପଡ଼ିଲା ଯେ ଜାପାନ ବ୍ରିଟିଶର ପଥ ରୋଧ କରିବାକୁ ଅକ୍ଷମ । ସେତେବେଳେ ରେଙ୍ଗୁନ ତ୍ୟାଗର ପରିକଳ୍ପନା ହେଲା ।

• • ୧୯୪୫ ମସିହା—୨୩ ଏପ୍ରିଲ—ଜାପାନର ପ୍ରଧାନ ସେନାପତି ଏବଂ ବର୍ମା ଗଭର୍ଣ୍ଣମେଣ୍ଟ ରେଙ୍ଗୁନ ତ୍ୟାଗ କଲେ । ସେମାନଙ୍କ ସହିତ ରେଙ୍ଗୁନ ତ୍ୟାଗ କରିବା ପାଇଁ ଶ୍ରୀଯୁକ୍ତ ସୁଭାଷଚନ୍ଦ୍ର ବୋଷଙ୍କର ଅସ୍ଥାୟୀ ଗଭର୍ଣ୍ଣମେଣ୍ଟ ଅସ୍ୱୀକାର କଲେ । ତହିଁ ଅପରଦିନ ବନ୍ଧୁ ଆଜାଦ୍ ହିନ୍ଦ୍ ଗଭର୍ଣ୍ଣମେଣ୍ଟ ରେଙ୍ଗୁନ ସହର ତ୍ୟାଗ କଲେ । ମାତ୍ର ଭାରତୀୟ-ମାନଙ୍କର ଧନ ପ୍ରାଣ ରକ୍ଷା କରିବା ପାଇଁ ମେଜର ଜେନେରାଲ ଲୋଗନାଥନଙ୍କର ଅଧିନାୟକତ୍ୱରେ ୬୦୦୦ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟ ରହିଲେ । ସଙ୍ଘର ସହ-ସଭାପତି ଶ୍ରୀଯୁକ୍ତ ଜେ, ଏନ୍, ଭାଦୁଡ଼ୀଙ୍କ ଉପରେ ସଙ୍ଘର ସକଳ ଦାୟିତ୍ୱ ଅର୍ପିତ ହେଲା । ରେଙ୍ଗୁନ ପରିତ୍ୟାଗ କରିବା ପୂର୍ବରୁ ସ୍ୱାଧୀନ ଅସ୍ଥାୟୀ ସରକାର ସମସ୍ତ ଦେଣା ପାଉଣା ନିଷ୍ପତ୍ତି କରି ଦେଇଥିଲେ । ଏହି ଆଜାଦ୍ ହିନ୍ଦ୍ ଫୌଜ ରେଙ୍ଗୁନର ସକଳ କର୍ତ୍ତୃତ୍ୱ ହସ୍ତଗତ କଲେ । ବାହିନୀ ବିଦ୍ୟମାନ ଥିବାରୁ ଜାପାନୀମାନଙ୍କର ରେଙ୍ଗୁନ ତ୍ୟାଗ ଓ ବ୍ରିଟିଶମାନଙ୍କର ରେଙ୍ଗୁନ ପ୍ରବେଶର ମଧ୍ୟବର୍ତ୍ତୀ ସୁଦୀର୍ଘ ସମୟ ମଧ୍ୟରେ ରେଙ୍ଗୁନରେ କୌଣସି ପ୍ରକାର ଅରାଜକ ବିଶୃଙ୍ଖଳା ସମ୍ଭବ ହୋଇନାହିଁ ।

ସେତେବେଳେ ରେଙ୍ଗୁନର ଭାରପ୍ରାପ୍ତ ଅଫିସର ଥିଲେ ୩୬ ନମ୍ବର ଭାରତୀୟ ପଦାତିକ ବାହିନୀର ବ୍ରିଗେଡ଼ିଅର ଲଡ଼ର୍ଡାର । ସେ ଶ୍ରୀଯୁକ୍ତ ଭାଦୁଡ଼ୀଙ୍କ ସହିତ ସାକ୍ଷାତ କରିବାର ଇଚ୍ଛା ପ୍ରକାଶ କଲେ ଏବଂ ତଦନୁସାରେ ଭାଦୁଡ଼ୀ ସାକ୍ଷାତ ମଧ୍ୟ କଲେ । ତାଙ୍କରି ଅନୁରୋଧ କ୍ରମେ ଭାଦୁଡ଼ୀ ମହାଶୟ ଆଜାଦ୍ ହିନ୍ଦ୍ ସଙ୍ଘର ସମସ୍ତ ବିଷୟ ଗୋଚର କରନ୍ତି । ସେ ଏଥି ଉକ୍ତ ସଙ୍ଘର ଜନହିତକର ଅନୁଷ୍ଠାନ ସୁଦ୍ଧା ଚଳାଇବା ପାଇଁ ତାଙ୍କର ଆପତ୍ତି ନାହିଁ ବୋଲି ଜଣାନ୍ତି । ଶ୍ରୀଯୁକ୍ତ ଭାଦୁଡ଼ୀ ସନ୍ତୁଷ୍ଟ ହେଲେ ଏବଂ ଆପାତତଃ ୫ଟି ହାସପାତାଳ ଖୋଲାଗଲା । ୧୯୪୪ ମସିହା ଏପ୍ରିଲ ମାସରେ ଆଜାଦ୍ ହିନ୍ଦ୍ ଫୌଜର ଜାତୀୟ ବ୍ୟାଙ୍କ ଖୋଲା ଯାଇଥିଲା । ୧୯୪୫ ମେ ମାସ ପର୍ଯ୍ୟନ୍ତ ଏ ବ୍ୟାଙ୍କ ଯାବତୀୟ କାର୍ଯ୍ୟ ଚଳାଇଥିଲା । ବ୍ରିଗେଡିଅର ଲଡ଼ର୍ଡାର ତାର ସଞ୍ଚାଳନାରେ ହସ୍ତକ୍ଷେପ କରିବେ ନାହିଁ ବୋଲି ଜବାବ୍ ଦେଇଥିଲେ । କିନ୍ତୁ ୧୯ ମଇରେ ବ୍ରିଟିଶ ସାମରିକ କର୍ତ୍ତୃପକ୍ଷ ଏହାକୁ ହଠାତ୍ ଅଧିକାର କରି ବସିଲେ । ଫିଲ୍ଡ ସିକ୍ୟୁରିଟି ସର୍ଭିସର କର୍ତ୍ତୃପକ୍ଷ ହଠାତ୍ ଶ୍ରୀଯୁକ୍ତ ଭାଦୁଡ଼ୀଙ୍କୁ ୨୮ ମେରେ ଗିରଫ୍ତାର କଲେ ଏବଂ ସେହିଦିନଠାରୁ ଆଜାଦ୍ ହିନ୍ଦ୍ ସଂଘର କାର୍ଯ୍ୟକଳାପ ବନ୍ଦ ହୋଇଗଲା । ସେହିଦିନଠାରୁ ଆଜାଦ୍ ହିନ୍ଦ୍ ସଂଘର କର୍ମୀଗଣ ଏବଂ ତତ୍ ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କୁ ଦଳ ଦଳ କରି ଧରି ନିଆଗଲା । ଫିଲ୍ଡ ସିକ୍ୟୁରିଟି ଉଇଙ୍ଗର ଅବହିତ କମନ୍ତ୍ରେ ପ୍ରଶ୍ନ କରାଯିବା ଉଦ୍ଦେଶ୍ୟରେ ନାଗରିକମାନଙ୍କୁ ମଧ୍ୟ ଧରି ଆଣି ଦୀର୍ଘକାଳ ରେଙ୍ଗୁନ ସେଣ୍ଟ୍ରାଲ ଜେଲରେ ଆଟକ କରି ରଖାଗଲା । ଏହି ଜେଲରେ ବନ୍ଦୀମାନଙ୍କୁ କୌଣସି ପ୍ରକାର ପତ୍ରାଦି ଏପରିକି ଖଣ୍ଡିଏ ଚିଠି ପର୍ଯ୍ୟନ୍ତ ଦିଆଯାଉ ନଥିଲା । କୌଣସି କୌଣସି ଲୋକଙ୍କୁ ପରେ ସଜା ଦିଆଗଲା ଏବଂ ଅନେକଙ୍କୁ ଛାଡ଼ି ଦେଇ ସ୍ଥାନେ ସ୍ଥାନେ ଅନ୍ତରୀଣ କରାଗଲା । ୬୦୦ ପୁଲିସ ପହରା ତଳେ ଦିନ-ଯାପନ କଲେ । ଅନେକେ ଏବେ ଜେଲରେ ଦଣ୍ଡ ଭୋଗ କରୁଛନ୍ତି ଓ ବାହାରିବା ବା ଭାରତବର୍ଷକୁ ପଠାଇ ଦିଆଯାଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ଇନ୍‌ସିନ୍ ଜେଲରେ ବହୁଲୋକ ଅଟକ ଅଛନ୍ତି । ଅଥଚ ବ୍ରିଗେଡିଅର ଲଡ଼ର୍ଡାର ପ୍ରତିଶ୍ରୁତି ଦେଇଥିଲେ ଯେ ଆଜାଦ୍ ହିନ୍ଦ୍ ଫୌଜର ସମସ୍ତ ସୈନିକଙ୍କୁ ଭାରତ ପଠାଇ ଦିଆଯିବ । ବ୍ରିଗେଡିଅରଙ୍କର ଅନୁରୋଧ ଅନୁସାରେ ମେଜର ଜେନେରାଲ ଲୋଗନାଥନ୍ ଆଜାଦ୍ ହିନ୍ଦ୍ ଫୌଜର ଭାରତୀୟ ସୈନ୍ୟମାନଙ୍କୁ ନୂତନ ସାମରିକ ପୋଷାକ ତ୍ୟାଗ କରି ପୁରାତନ ପୋଷାକ ପରିଧାନ କରିବାକୁ ଆଦେଶ ଦେଲେ । ବ୍ରିଗେଡିଅର ଲଡ଼ର୍ଡାର ସ୍ପଷ୍ଟମତେ ବ୍ୟକ୍ତ କରିଥିଲେ ଯେ—

୧ । ଆଜାଦ୍ ହିନ୍ଦ୍ ଫୌଜର କୌଣସି ବ୍ୟକ୍ତିକୁ କ୍ଲାନ୍ତିକର ଦୈହିକ ପରିଶ୍ରମରେ ନିୟୋଗ କରା ହେବ ନାହିଁ । ଅନ୍ୟାନ୍ୟ ବ୍ରିଟିଶ ଭାରତୀୟ ସୈନ୍ୟଙ୍କ ସହିତ ସମମର୍ଯ୍ୟାଦା ଓ ସମାନ ସଂଯୋଗରେ ପ୍ରୟୋଜନୀୟ କର୍ମ କରିବେ ।

୨ । ଆଜାଦ୍ ହିନ୍ଦ୍ ଫୌଜର ଶିବିର ଜେଲ ପହରାର ସୈନ୍ୟଙ୍କ ଦ୍ୱାରା ପ୍ରହରିତ ହେବ ।

ବର୍ତ୍ତମାନ ଫୌଜର ନେତାମାନଙ୍କର ଜେଲ ମୁକ୍ତ ।

—— * ——

Digitized by srujanika@gmail.com

# ସେହି ଚିର ସ୍ମରଣୀୟ ଦିବସ

୧୯୪୩ ମସିହା ଅକ୍ଟୋବର ମାସ ଗୁରୁଗମ୍ଭୀର କାଳ । ଉପରେ ମେଘାଚ୍ଛନ୍ନ ଆକାଶ । ତଳେ ପୂର୍ବ ଏସିଆର ଶ୍ୟାମଳ ବସୁନ୍ଧରା । ଶ୍ୟାମ, ହଙ୍ଗ୍‌କଂ, ଜାଭା, ଫିଲିପାଇନ୍‌ସର ପ୍ରବାସୀ ଭାରତୀୟମାନେ ଭାରତର ସ୍ୱାଧୀନତା ଘୋଷଣା କରିବା ପାଇଁ ସ୍ଥିର କଲେ । ସମ୍ମେଳନୀ ସପ୍ତାହ ଶୃଙ୍ଖଳା ଓ ଉତ୍ସାହ ମଧ୍ୟରେ କଟିଗଲା । ୨୦ ଲକ୍ଷ ଭାରତୀୟ ଏକ ସ୍ୱରରେ ସେଠାରେ କହିଲେ—ସ୍ୱାଧୀନତା ଜନ୍ମ ଦାସତ୍ୱର ଦୁଃସ୍ୱପ୍ନ ଆଉ ଆମ ଆଗରେ ନାହିଁ । ଆମେ ସ୍ୱାଧୀନ ହୋଇ ସାରିଛୁ—ପୁନଃଆଉ କୌଣସି ଶକ୍ତି ଆମକୁ ଗୋଲାମ କରି ରଖି ପାରିବ ନାହିଁ ।

୨୧ ଅକ୍ଟୋବର ଦିନ—ସାଢ଼େ ଦଶ ବାଜିଛି । ସ୍ଥାନ—ଦାଇତୋଆ ଗେକିଜ । ବିଶାଳ ସଭା ବସିଛି । ସଭା ମଧ୍ୟରେ ଗମ୍ଭୀରତା—ଯଭାମଞ୍ଚ ଜରିଜମ୍ପର । ଗାଢ଼ ସବୁଜ ରଙ୍ଗରେ ମଣ୍ଡପ ସୁସଜ୍ଜିତ । ପୃଷ୍ଠ ପଟରେ ଏସିଆର ମାନଚିତ୍ର । ତନ୍ମଧ୍ୟରେ ତିନିରଙ୍ଗ ପତାକାର ଚିହ୍ନ । ଭାରତର ମାନଚିତ୍ର ଉପରେ କେଶର ରଙ୍ଗରେ ୧୮୫୭ ଲେଖା ଅଙ୍କିତ । ସର୍ବପ୍ରଥମେ ଶ୍ରୀ ରାସବିହାରୀ ବସୁ ରଙ୍ଗମଞ୍ଚ ଉପରକୁ ଆସିଲେ । ମୁଖ ମଣ୍ଡଳରେ ଅଦମ୍ୟ ଉତ୍ସାହ । ମୁଖରେ ମର୍ମସ୍ପର୍ଶୀ ଭାଷା—

"ଗତ କୋଡ଼ିଏ ବର୍ଷ ହେଲା ମୁଁ ମାତୃଅଙ୍କରୁ ବିଚ୍ଛିନ୍ନ । କେତେଥର ଭାରତ—ମା ମୋର ହସ୍ତ ପ୍ରସାରଣ କରି ତାର ଅଭାଗା ପୁତ୍ରକୁ କୋଳରେ ଉଠେଇ ନେବା ପାଇଁ ଚାହିଁଛି—କିନ୍ତୁ ହାୟ, ତା ହାତରେ ଯେ ହାତ କଡ଼ି ।

ଆଜି ମୋର ଆଉ ଏକ ଭାଇ, ବୟସରେ ମୋଠାରୁ ସାନ ହେଲେ ମଧ୍ୟ ଯୁଦ୍ଧରେ ମୋର ଅଗ୍ରଗାମୀ ସୁଭାଷ, ଆଜି ସ୍ୱର୍ଗ-ଦୂତ ସ୍ୱରୂପ ମାନବିକତାର ଦୁଷ୍ଟ ବ୍ରଣକୁ ସ୍ୱାଧୀନତା-ଔଷଧ ଦ୍ୱାରା ଆରୋଗ୍ୟ କରିବା ପାଇଁ ଆସିଛନ୍ତି । ଆମେ ୨୦ ଲକ୍ଷ ନମ୍ର ଦୃଢ଼ୀଭୂତ ପ୍ରବାସୀ ଭାରତୀୟ ସେଇ ସ୍ୱାଧୀନତାର ଅଗ୍ରଦୂତଙ୍କର ସ୍ୱାଗତ କରୁଛୁ ।"

ତାପରେ କର୍ଣ୍ଣେଲ ଚାଟାର୍ଜୀ ଆସି ରିପୋର୍ଟ ପାଠ କଲେ—ପୂର୍ବ ଏସିଆର ସ୍ୱାଧୀନତା ଆନ୍ଦୋଳନର ଇତିହାସ, ଭାରତୀୟ ସ୍ୱାଧୀନତା ସଙ୍ଘର ସ୍ଥାପନା, ଜାପାନୀମାନେ—ସାହାଯ୍ୟ ତ ଦୂରର କଥା, ଓଲଟି ବାଧା ଦେଲେ ତାର ବିବରଣୀ ଦେଇ କହିଲେ—ସ୍ୱାଧୀନତା ଏପରି ପରିସ୍ଥିତିରେ କାହାର ଶିର ନତ କରେ ନାହିଁ ।—ସେ ପ୍ରତିକ୍ଷେତ୍ରରେ ଶିର ଉନ୍ନତ ରଖିଥାଏ ।

ତାପରେ ଆସିଲେ ସୁଭାଷ । ଦେଢ଼ଘଣ୍ଟା ଧରି ସେ ବକ୍ତୃତା ଦେଲେ । ସେ ଭାରତର ରାଜନୈତିକ ପରିସ୍ଥିତିକୁ ବିଶ୍ଲେଷଣ କରି ଆଜାଦ ହିନ୍ଦ୍ ସରକାରର ମହତ୍ତ୍ୱ ଓ ଆଜାଦ୍ ହିନ୍ଦ୍ ଫୌଜକୁ ଅଭିନବ ସ୍ଥାନ ମିଳିଛି ତାହା ଦେଖାଇ ଦେଲେ । ସେ କହିଲେ—"ମୋର ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ଯେ ଯେଉଁତବେଳେ ଆମେ ଭାରତର ସୀମା ଲଙ୍ଘନ କରି ଭାରତ ଭୂମିରେ ପଦାର୍ପଣ କରିବା ସେତେବେଳେ ଏପରି ଏକ ବିଶାଳ ବିପ୍ଳବ ଉଠିବ ହେବ ଯାହା ଫଳରେ ଜଣେ ମାତ୍ର ବ୍ରିଟିଶ ପ୍ରତିନିଧି ଭାରତରେ ତିଷ୍ଠି ପାରିବେ ନାହିଁ ।"

ତାପରେ ସେ ଠିଆ ହୋଇ ଶପଥ ଗ୍ରହଣ କଲେ । କି ଭୟଙ୍କର ସ୍ତବ୍ଧକାରୀ ଦୃଶ୍ୟ ସେ । ସମଗ୍ର ଜନତା ନିସ୍ତବ୍ଧ । ଚତୁର୍ଦ୍ଦିଗରେ ନୀରବତା ଛାୟା ବିସ୍ତାର କରିଛି । ଭାରତର ସର୍ବପ୍ରଥମ ସ୍ୱାଧୀନ ଶାସକ ଭାରତ ପ୍ରତି ବିଶ୍ୱସ୍ତତାର ଶପଥ ଗ୍ରହଣ କରିବାକୁ ଯାଉଛନ୍ତି । ସୁଭାଷ ଚୌକି ଉପରୁ ଉଠି ଆଗକୁ ଆସିଲେ । ତାଙ୍କର ଗୌରବର୍ଣ୍ଣ ସୁକାନ୍ତ ମୁଖ ମଣ୍ଡଳରେ ଗମ୍ଭୀରତା—ତୁଫାନର ଅଗ୍ରଦୂତ ସଦୃଶ ।

ସେ ଆଗକୁ ଆସିଲେ । ଚକ୍ଷୁର ଗୋଲକରେ ଯେପରି ନିଷ୍ଠୁରତା, ଦୃଢ଼ତା ମୂର୍ତ୍ତି ମନ୍ତ୍ରଗ୍ରହ କରିଛି । ତାଙ୍କର ଚରଣ ଦୃଢ଼, ଦମ୍ଭ ତଥାପି ଯେପରି ତୁଫାନର ଗତି ସଞ୍ଚୟ କରି ରଖିଛି । ହୃଦୟ ମଧ୍ୟରେ ପ୍ରଜ୍ଜ୍ୱଳିତ ବହ୍ନି—ବିଦ୍ରୋହର ।

ସେ 'ମାଇକ' (ଡାକବାକ୍ୟ ଯନ୍ତ୍ର) ସମୀପକୁ ଗଲେ । ଜନତା ଉଚ୍ଚ ସ୍ୱରରେ ଜୟ ଧ୍ୱନିରେ ଅଭିବାଦନ ଜଣାଇଲା । ପରିସ୍ଥିତିର ଗୁରୁତା ଦୃଷ୍ଟିରୁ ପୁନର୍ବାର ଶାନ୍ତ ଗମ୍ଭୀର ନୀରବତା ବିସ୍ତାର କଲା । କେବଳ ପ୍ରତିଧ୍ୱନିର ମଧୁର ଗୁଞ୍ଜରଣ କର୍ଣ୍ଣଗୋଚର ହେଉଥାଏ ।

ସୁଭାଷ ଠିଆହେଲେ । ଗମ୍ଭୀର ସ୍ୱରରେ ଶପଥ ଉଚ୍ଚାରଣ କଲେ—"ଭଗବାନଙ୍କୁ ସାକ୍ଷୀ ରଖି ମୁଁ ଏଇ ପବିତ୍ର ଶପଥ ଗ୍ରହଣ କରୁଛି—" ଏତିକିରେ ତାଙ୍କର ଚରଣ ସାମାନ୍ୟ ପ୍ରକମ୍ପିତ ହେଲା । ତାଙ୍କର କଣ୍ଠ ରୁଦ୍ଧ ହୋଇ ଆସିଲା । ତାଙ୍କର ପଲକର ପକ୍ଷ୍ମ ଉପରେ ସ୍ୱଚ୍ଛ ଶିଶିର କଣା ଚମକି ଉଠିଲା । ତଥାପି ସେ ନିଜକୁ ଆୟତ୍ତ କରି ବଜ୍ର ଦୃଢ଼ କଣ୍ଠରେ ପଢ଼ିଲେ—"ଭଗବାନଙ୍କୁ ସାକ୍ଷୀ ରଖି ମୁଁ ଏହି ପବିତ୍ର ଶପଥ ଗ୍ରହଣ କରୁଛି—ମୁଁ ସୁଭାଷ ଚନ୍ଦ୍ର ବୋଷ ଭାରତକୁ ସ୍ୱାଧୀନ କରିବା ପାଇଁ ନିଜର ଶେଷ ଶ୍ୱାସ ବହୁଥିବା ପର୍ଯ୍ୟନ୍ତ ଜଣେ ସୈନିକ ରୂପରେ ଯୁଦ୍ଧ କରିବି ।"

Digitized by srujanika@gmail.com

ସହ୍ୟା ପୁଣି ବାଧା ହେଲା । ସୁଭାଷ ପୁଣି କ୍ଷଣକପାଇଁ ନୀରବ ରହିଲେ । ହୃଦୟର ଆବେଗ, ମନର ଆବେଗକୁ ସଂଯତ କରି ସେ ପୁଣି କହିଲେ—"ମୁଁ ସଦାସର୍ବଦା ଭାରତର ସେବକ ହୋଇ ରହିବି ଏବଂ ଭାରତର ହିତ ମୋ ଜୀବନର ଏକମାତ୍ର ଲକ୍ଷ ହୋଇ ରହିବ । ସ୍ୱାଧୀନତା ପ୍ରାପ୍ତ ହେବା ପରେ ମଧ୍ୟ ଯଦି ସ୍ୱାଧୀନତାର ରକ୍ଷା ପାଇଁ ମୋର ଆବଶ୍ୟକତା ପଡ଼େ ତେବେ ମୋର ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ମାତାର ଚରଣ କମଳରେ ଢାଳି ଦେବି ।"

ଚତୁର୍ପାର୍ଶ୍ୱର ଗମ୍ଭୀରତା ମ୍ରିୟମାଣ ହେବାକୁ ଲାଗିଲା । ଜନତାର ବଜ୍ରଘୋଷରେ ସଜୀବତାର କଲ୍ଲୋଳ । ତାପରେ ଆଜାଦ୍ ହିନ୍ଦ୍ ସରକାରର ପ୍ରତ୍ୟେକ ସଦସ୍ୟ ଜଣ ଜଣ କରି ଶପଥ ଗ୍ରହଣ କଲେ—'ଭଗବାନଙ୍କୁ ସାକ୍ଷୀ ରଖି ମୁଁ ଏହି ପବିତ୍ର ଶପଥ ଗ୍ରହଣ କରୁଛି—ଭାରତର ସ୍ୱାଧୀନତା ପାଇଁ ମୁଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଆଜ୍ଞାବାହୀ ରହିବି ଏବଂ ଭାରତର ସ୍ୱାଧୀନତା ପାଇଁ ନିଜର ସର୍ବସ୍ୱ ବଳିଦାନ ଦେବା ପାଇଁ କଦାପି ଇତସ୍ତତ ହେବିନାହିଁ ।'

ତାପରେ ଆଜାଦ୍ ହିନ୍ଦ୍ ସରକାରର ପ୍ରଥମ ଘୋଷଣା ପତ୍ର ପଠିତ ହେଲା ।

## 'ଦିଲ୍ଲୀ ଚଲୋ'



ଆଜାଦ୍ ଫୌଜର ଅଭିଯାନ

Digitized by srujanika@gmail.com

# ଆଜାଦ୍ ହିନ୍ଦ୍ ଫୌଜର ଘୋଷଣା

## ଶୁଣାଣି—୨୧, ଅକ୍ଟୋବର ୧୯୪୩

ସ୍ୱାଧୀନତା ଆସନ୍ନ ପ୍ରାୟ । ପ୍ରତ୍ୟେକ ଭାରତବାସୀର କର୍ତ୍ତବ୍ୟ—ଗୋଟିଏ ଅସ୍ଥାୟୀ ସ୍ୱାଧୀନ ସରକାର ଗଠନ କରି ସେ ସରକାରର ପତାକା ତଳେ ସମବେତ ହୋଇ ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରିବା । ବର୍ତ୍ତମାନ ଅବସ୍ଥାରେ ଭାରତବର୍ଷରେ ଏଭଳି ଅସ୍ଥାୟୀ ସରକାର ଗଠନ କରିବା କିମ୍ବା ସେହି ସରକାର ଅଧୀନରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିବା ସମ୍ଭବ ନୁହେଁ । ତେଣୁ ପୂର୍ବ ଏସିଆର ଭାରତୀୟ ସ୍ୱାଧୀନତା ଲିଗର କର୍ତ୍ତବ୍ୟ, ସ୍ୱଦେଶ ତଥା ବିଦେଶର ସକଳ ସ୍ୱଦେଶ ପ୍ରେମୀ ଭାରତୀୟମାନଙ୍କର ସମର୍ଥନ କ୍ରମେ ସ୍ୱାଧୀନ ଭାରତର ଅସ୍ଥାୟୀ ସରକାର ଗଠନ କରିବା ଏବଂ ଆଜାଦ୍ ହିନ୍ଦ୍ ଫୌଜର ସାହାଯ୍ୟ ଦ୍ୱାରା ସ୍ୱାଧୀନତାର ଶେଷ ସଂଗ୍ରାମ ପରିଚାଳନା କରିବା ।

ଭାରତ ଭୂମିରୁ ବ୍ରିଟିଶ ଏବଂ ବ୍ରିଟିଶ ମିତ୍ର ଶତ୍ରୁମାନଙ୍କୁ ବିତାଡ଼ିତ କରିବା ନିମନ୍ତେ ଅସ୍ଥାୟୀ ସରକାରଙ୍କୁ ସଂଗ୍ରାମ ଚଳାଇବାକୁ ହେବ । ତାହା ପରେ ଏ ଅସ୍ଥାୟୀ ସରକାରର କାର୍ଯ୍ୟ ହେବ ସ୍ୱାଧୀନ ଭାରତର ଅଧିବାସୀମାନଙ୍କ ମତାନୁସାରେ ସେମାନଙ୍କର ବିଶ୍ୱାସଭାଜନ ଗୋଟିଏ ସ୍ଥାୟୀ ଜାତୀୟ ସରକାର ଗଠନ କରିବା । ବ୍ରିଟିଶ ଏବଂ ତଦୀୟ ମିତ୍ରମାନଙ୍କୁ ବିତାଡ଼ିତ କରିବାର ଅବ୍ୟବହିତ ପରେ, ଯେତେଦିନ ପର୍ଯ୍ୟନ୍ତ ସ୍ଥାୟୀ ଜାତୀୟ ସରକାର ଭାରତରେ ଗଠିତ ନ ହୁଏ, ଏହି ଅସ୍ଥାୟୀ ସରକାର ହିଁ ଭାରତୀୟମାନଙ୍କର ବିଶ୍ୱାସଭାଜନ ହୋଇ ଦେଶ ଶାସନ କରିବ ।

ଭଗବାନଙ୍କ ନାମରେ, ଅତୀତ କାଳରେ ଯେଉଁମାନେ ଭାରତୀୟମାନଙ୍କୁ ସୁସଂଗଠିତ କରି ଯାଇଛନ୍ତି ସେମାନଙ୍କ ନାମରେ ଏବଂ ଯେଉଁ ସବୁ ପରଲୋକଗତ ବୀର ପୁରୁଷଗଣ ଆମ୍ଭମାନଙ୍କ ଆଗରେ ବୀରତ୍ୱ ଓ ଆତ୍ମତ୍ୟାଗର ଆଦର୍ଶ ଦେଖାଇ ଦେଇ ଯାଇଛନ୍ତି ସେମାନଙ୍କ ନାମରେ ଆମ୍ଭେମାନେ ଭାରତୀୟ ଜନ ସାଧାରଣଙ୍କୁ ଆମ୍ଭମାନଙ୍କର ପତାକା ତଳେ ସମବେତ ହେବା ପାଇଁ ଏବଂ ଭାରତର ସ୍ୱାଧୀନତା ନିମନ୍ତେ ଅସ୍ତ୍ର ଧାରଣ କରିବା ପାଇଁ ଆହ୍ୱାନ କରୁଅଛୁଁ । ଯେତେଦିନ ପର୍ଯ୍ୟନ୍ତ ଶତ୍ରୁ ଭାରତ ଭୂମିରୁ ଅପସାରିତ ନ ହୋଇଛନ୍ତି, ଯେତେଦିନ ପର୍ଯ୍ୟନ୍ତ ଭାରତବାସୀ ସ୍ୱାଧୀନତା ଫେରି ପାଇ ନାହାନ୍ତି ସେତେଦିନ ପର୍ଯ୍ୟନ୍ତ ଏହି ସଂଗ୍ରାମ ସାହସ, ଅଧ୍ୟବସାୟ ଏବଂ ଚରମ ବିଜୟ ଉପରେ ଆସ୍ଥା ରଖି ଏ ଯୁଦ୍ଧ ଚଳାଇବାକୁ ହେବ ।

୧୭୫୭ ମସିହାରେ ବ୍ରିଟିଶ କର୍ତ୍ତୃକ ବଙ୍ଗ ଦେଶର ପରାଜୟ ପରଠାରୁ ଭାରତୀୟମାନେ ଶହେ ବର୍ଷ ଧରି ଅବିଶ୍ରାନ୍ତ ଭାବରେ ଦୃଢ଼ ସଂଗ୍ରାମ କରିଛନ୍ତି । ତଦାନୀନ୍ତନ ଇତିହାସ ଅତୁଳନୀୟ ବୀରତ୍ୱ ଏବଂ ଆତ୍ମତ୍ୟାଗର ବହୁ ଦୃଷ୍ଟାନ୍ତରେ ପରିପୂର୍ଣ୍ଣ । ସିରାଜଉଦ୍ଦୌଲ୍ଲା ବଙ୍ଗଳାର ମୋହନ ଲାଲ, ହାଇଦର ଅଲ୍ଲୀ, ଟିପୁ ସୁଲତାନ, ଦକ୍ଷିଣ ଭାରତର ବେଲୁତାଂପି, ଅପ୍ପା ସାହେବ ଭୋଁସଲେ, ମହାରାଷ୍ଟ୍ରର ପେଶୱା ବାଜୀରାଓ, ଅଯୋଧ୍ୟାର ବେଗମ, ପଞ୍ଜାବର ସର୍ଦ୍ଦାର ଶ୍ୟାମ ସିଂହ ଅଟାରି ୱାଲା, ଝାନ୍ସିର ରାଣୀ ଲକ୍ଷ୍ମୀବାଈ, ତାନ୍ତିଆ ଟୋପି, ଡୁମରାଓଁର ମହାରାଜ କୁନୱାର ସିଂହ, ନାନା ସାହେବ ଏବଂ ଅନ୍ୟାନ୍ୟ ବହୁ ବୀରମାନଙ୍କର ନାମ ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଅଙ୍କିତ ହୋଇଛି । ଆମ୍ଭମାନଙ୍କର ଦୁର୍ଭାଗ୍ୟ, ଆମ୍ଭମାନଙ୍କର ପିତୃପୁରୁଷଗଣ ବ୍ରିଟିଶ ଜାତି ଯେ ସମଗ୍ର ଭାରତକୁ ଗ୍ରାସ କରିବାକୁ ବସିଛି ତାହା ପ୍ରଥମ ଅବସ୍ଥାରେ ବୁଝିପାରି ନ ଥିଲେ । ତେଣୁ ସେମାନେ ସମବେତ ଭାବେ ଶତ୍ରୁ ବିରୁଦ୍ଧରେ ଦଣ୍ଡାୟମାନ ହୋଇ ପାରି ନାହାନ୍ତି । ପରିଣାମରେ ଅବଶ୍ୟ ଯେତେବେଳେ ଭାରତୀୟମାନେ ଅବସ୍ଥାର ଗୁରୁତ୍ୱ ବୁଝି ପାରିଲେ ସେତେବେଳେ ସମ୍ମିଳିତ ହେଲେ ଏବଂ ୧୮୫୭ ମସିହାରେ ବାହାଦୁର ସାହାଙ୍କ ଅଧିନାୟକତ୍ୱରେ ସେମାନେ ସ୍ୱାଧୀନ ଜାତି ହିସାବରେ ଶେଷ ସଂଗ୍ରାମ ଆରମ୍ଭ କଲେ । ଯୁଦ୍ଧର ପ୍ରଥମ ଅବସ୍ଥାରେ କେତେକ ସ୍ଥାନରେ ଜୟଲାଭ କରିଥିଲେ ମଧ୍ୟ ଦୁର୍ଭାଗ୍ୟ ଏବଂ ଭ୍ରାନ୍ତ ନେତୃତ୍ୱ ସେମାନଙ୍କୁ ଧୀରେ ଧୀରେ ଚରମ ପରାଜୟ ଓ ପରାଧୀନତା ହିଁ ଆଣିଦେଲା । ତଥାପି ଝାନ୍ସିର ରାଣୀ, ତାନ୍ତିଆ ଟୋପି, କୁନୱାର ସିଂ ଏବଂ ନାନା ସାହେବ ଜାତୀୟ ଆକାଶରେ ଚିରନ୍ତନ ନକ୍ଷତ୍ର ସଦୃଶ ଜ୍ୟୋତିଷ୍ମାନ୍ ହୋଇ ଆମ୍ଭମାନଙ୍କୁ ଅଧିକ ଆତ୍ମତ୍ୟାଗ ଓ ସାହସିକତାର ପ୍ରେରଣା ଦେଉଛନ୍ତି ।

୧୮୫୭ ପରେ ବ୍ରିଟିଶମାନେ ବଳପୂର୍ବକ ଭାରତୀୟମାନଙ୍କୁ ନିରସ୍ତ୍ର କରି ଆତଙ୍କ ଓ ପାଶବିକ ଶକ୍ତି ସୃଷ୍ଟି କଲେ । ତାହା ପରେ ଭାରତବାସୀ କେତେ କାଳ ହୃତସମ୍ମାନ ଏବଂ ନିର୍ବାକ ହୋଇ ରହିଥିଲେ । ୧୮୮୫ ମସିହାରେ କଂଗ୍ରେସର ଜନ୍ମ ସଙ୍ଗେ ଭାରତର ନବଜାଗରଣ ହେଲା । ୧୮୮୫ ମସିହାଠାରୁ ପ୍ରଥମ ମହାଯୁଦ୍ଧ ପର୍ଯ୍ୟନ୍ତ ଭାରତୀୟମାନେ ସେମାନଙ୍କର ସ୍ୱାଧୀନତା ପୁନରୁଦ୍ଧାର ପାଇଁ ଆନ୍ଦୋଳନ, ପ୍ରଚାର କାର୍ଯ୍ୟ ପ୍ରଭୃତି ବହୁ ଉପାୟ ଏବଂ ପରିଶେଷରେ ସଶସ୍ତ୍ର ବିପ୍ଳବର ପଥ ଗ୍ରହଣ କରିଛନ୍ତି । କିନ୍ତୁ ସେ ସମସ୍ତ ସାମୟିକ ଭାବରେ ବ୍ୟର୍ଥତାରେ ପର୍ଯ୍ୟବସିତ ହେଲା । ଅବଶେଷରେ ୧୯୨୦ ମସିହାରେ ବ୍ୟର୍ଥତାର ଗ୍ଲାନିରେ ଅସ୍ଥିର ହୋଇ ଭାରତବାସୀ ଯେତେବେଳେ ନୂତନ ପନ୍ଥାର ସନ୍ଧାନ କରୁଥିଲେ ସେତେବେଳେ ଅସହଯୋଗ ଏବଂ ଆଇନ ଅମାନ୍ୟ ଆନ୍ଦୋଳନର ନୂତନ ଅସ୍ତ୍ର ନେଇ ଭାରତର ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ଅବତୀର୍ଣ୍ଣ ହେଲେ—ମହାତ୍ମା ଗାନ୍ଧୀ ।

ତା'ପରର ୨୦ ବର୍ଷ କାଳ ଭାରତୀୟମାନେ ନାନାପ୍ରକାର ଦେଶ

Digitized by srujanika@gmail.com

ପ୍ରେମ ମୂଳକ କାର୍ଯ୍ୟ କଲେ । ମୁକ୍ତିର ଡାକ ଭାରତର ଘରେ ଘରେ ପ୍ରବେଶ କଲା । ଭାରତବାସୀ ସ୍ୱାଧୀନତା ପାଇଁ ନିର୍ଯ୍ୟାତନ ବରଣ କରି ଶିଖିଲା । ସହରଠାରୁ ସୁଦୂରବର୍ତ୍ତୀ ଗ୍ରାମ ପର୍ଯ୍ୟନ୍ତ ଜନତା ଗୋଟିଏ ରାଜନୈତିକ ପ୍ରତିଷ୍ଠାନରେ ସମବେତ ହେଲେ । ଭାରତ ଯେ କେବଳ ରାଜନୈତିକ ଚେତନା ଲାଭ କଲା ତା' ନୁହେଁ ସେମାନେ ଗୋଟିଏ ଅଖଣ୍ଡ ରାଜନୈତିକ ସୂତ୍ରରେ ପରିଣତ ହେଲେ—ଏକ ସ୍ୱରରେ କଥା କହି ଶିଖିଲେ ଏବଂ ଏକ ସାଧାରଣ ଲକ୍ଷ୍ୟ ପାଇଁ ଏକ ମନ ଓ ଏକ ପ୍ରାଣରେ ସଂଗ୍ରାମ ଆରମ୍ଭ କଲେ । ୧୯୩୭ ଠାରୁ ୧୯୩୯ ପର୍ଯ୍ୟନ୍ତ ଆଠଟି ପ୍ରଦେଶରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ ଦ୍ୱାରା ଭାରତୀୟ ଜନତା ପ୍ରମାଣିତ କରିଦେଲା ଯେ ସେମାନେ ପ୍ରସ୍ତୁତ, ସେମାନେ ନିଜର ଶାସନ ବ୍ୟବସ୍ଥା ନିଜେ କରିବାକୁ ସମ୍ପୂର୍ଣ୍ଣ କ୍ଷମ ।

ତା'ପରେ ବର୍ତ୍ତମାନ ମହାଯୁଦ୍ଧର ଆରମ୍ଭ । ତାର ପ୍ରାକ୍‌କାଳରେହିଁ ମୁକ୍ତିର ଶେଷ ସଂଗ୍ରାମ ପାଇଁ ଭୂମି ପ୍ରସ୍ତୁତ ହେଲା । ଏହି ଯୁଦ୍ଧ ସମୟରେ ଜର୍ମାନୀ ତାର ମିତ୍ରମାନଙ୍କର ସହାୟତା ଫଳରେ ୟୁରୋପରେ ଆମ୍ଭମାନଙ୍କର ଶତ୍ରୁ ଉପରେ ପ୍ରଚଣ୍ଡ ଭାବରେ ଆଘାତ କଲା । ଅନ୍ୟ ଦିଗରେ ଜାପାନ ମଧ୍ୟ ତାହାର ମିତ୍ରମାନଙ୍କ ସହଯୋଗରେ ଆମ୍ଭମାନଙ୍କର ଶତ୍ରୁ ଉପରେ ପ୍ରବଳ ଆଘାତ କଲା । ବିଭିନ୍ନ ଅବସ୍ଥାର ସମନ୍ୱୟରେ ଭାରତୀୟ ଜନତା ସେମାନଙ୍କର ଜାତୀୟ ମୁକ୍ତି ଅର୍ଜନ ପାଇଁ ଅଭୂତ-ପୂର୍ବ ସୁଯୋଗ ପାଇଲେ ।

ବିଦେଶରେ ମଧ୍ୟ ଭାରତୀୟମାନେ ରାଜନୈତିକ ଚେତନା ପାଇଛନ୍ତି ଏବଂ ଗୋଟିଏ ପ୍ରତିଷ୍ଠାନ ଗଢ଼ି ସଂଘବଦ୍ଧ ହୋଇ ପାରିଛନ୍ତି । ଭାରତ ଇତିହାସରେ ଏହା ସମ୍ପୂର୍ଣ୍ଣ ନୂତନ । ସେମାନେ ଯେ କେବଳ ସେମାନଙ୍କର ଦେଶବାସୀଙ୍କ ସହିତ ସମାନଭାବେ ଚିନ୍ତା କରୁଛନ୍ତି ତା' ନୁହେଁ, ସ୍ୱାଧୀନତା ପଥରେ ସେମାନେ ମଧ୍ୟ ସେମାନଙ୍କର ଦେଶବାସୀମାନଙ୍କ ସହିତ ସମତାଳରେ ଅଗ୍ରସର ହେଉଛନ୍ତି । ପୂର୍ବ ଏସିଆର ପ୍ରାୟ ୨୦ ଲକ୍ଷରୁ ଅଧିକ ଭାରତୀୟ ଆଜି ଏକ ସୁସଂହତ ପ୍ରତିଷ୍ଠାନ ଭିତରେ ସଙ୍ଗଠିତ ହୋଇଛନ୍ତି । ସେମାନେ ପୂର୍ଣ୍ଣ 'ସମର ଆୟୋଜନ' ଧ୍ୱନିରେ ଉଦ୍‌ବୁଦ୍ଧ ହୋଇଛନ୍ତି । ସେମାନଙ୍କର ସମ୍ମୁଖରେ ରହିଛି—"ଭାରତର ଆଜାଦ୍ ଫୌଜ"—ସେମାନଙ୍କ ମୁଖରେ ରହିଛି—"ଦିଲ୍ଲୀ ଚଲେ ।"

ଭଣ୍ଡାମି ଦ୍ୱାରା ଭାରତୀୟମାନଙ୍କୁ ହତାଶ କରିଦେଇ, ଲୁଟ ତରାଜ କରି ସେମାନଙ୍କୁ ଅନାହାର ଏବଂ ମୃତ୍ୟୁ ମୁଖରେ ଠେଲିଦେଇ ବ୍ରିଟିଶ ଶାସକଗଣ ଭାରତୀୟମାନଙ୍କର ଶୁଭେଚ୍ଛାକୁ ହରାଇ ବସିଛନ୍ତି । ସେମାନଙ୍କର ବର୍ତ୍ତମାନ ଅବସ୍ଥା ଅତି ସଂକଟ ଜନକ । ଏହି ଅଭିଶପ୍ତ ଶାସନର ଶେଷ ଚିହ୍ନଟିକୁ ଲୋପ କରି ଦେବା ପାଇଁ ସାମାନ୍ୟ ଗୋଟିଏ ଅଗ୍ନି ସ୍ଫୁଲିଙ୍ଗର ପ୍ରୟୋଜନ ମାତ୍ର । ସେହି ସ୍ଫୁଲିଙ୍ଗ ସୃଷ୍ଟି କରିବାର ଭାର ଆଜାଦ୍ ହିନ୍ଦ୍ ଫୌଜ ଉପରେ ନ୍ୟସ୍ତ । ସ୍ୱଦେଶ ମଧ୍ୟରେ ଅସାମରିକ ଜନତା ତଥା ବ୍ରିଟିଶ ସରକାର ଗଠିତ ଭାରତୀୟ ସୈନ୍ୟ ବାହିନୀର ବହୁ ଲୋକଙ୍କ ସମର୍ଥନ ଦ୍ୱାରା ଏବଂ ବିଦେଶରେ ଆମ୍ଭମାନଙ୍କର ଅଜେୟ ମିତ୍ରବର୍ଗଙ୍କର ସହାୟତା ତଥା ଆତ୍ମ ଶକ୍ତି ଉପରେ ନିର୍ଭର କରି ଭାରତୀୟ ଆଜାଦ୍ ସେନାମାନେ ତାଙ୍କର ଐତିହାସିକ ବ୍ରତକୁ ଫଳଯୁକ୍ତ କରିବେ ବୋଲି ମୁଁ ଆଶା କରେ ।

ପୂର୍ବ ଏସିଆର ଭାରତୀୟ ସ୍ୱାଧୀନତା ସଂଘ ଅଧୀନ ଆଜାଦ୍ ହିନ୍ଦ୍‌ର ଅସ୍ଥାୟୀ ଗଭର୍ଣ୍ଣମେଣ୍ଟ ଗଠନ କରିଛନ୍ତି । ବର୍ତ୍ତମାନ ଆମ୍ଭେମାନେ ଆମ୍ଭମାନଙ୍କ ଉପରେ ନ୍ୟସ୍ତ ଗୁରୁତର ପୂର୍ଣ୍ଣ ଦାୟିତ୍ୱ ଜ୍ଞାନ ନେଇ କର୍ତ୍ତବ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛୁଁ । ଭଗବାନଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା—ଭଗବାନ ଆମ୍ଭମାନଙ୍କର କାର୍ଯ୍ୟ ଏବଂ ମାତୃଭୂମିର ମୁକ୍ତି ପାଇଁ ଆମ୍ଭମାନଙ୍କର ଏ ସଂଗ୍ରାମକୁ ତାହାଙ୍କର ଆଶୀର୍ବାଦ ମଣ୍ଡିତ କରନ୍ତୁ । ଦେଶମାତୃକାର ମୁକ୍ତି ପାଇଁ, ମଙ୍ଗଳ ପାଇଁ ଏବଂ ବିଶ୍ୱର ଦରବାରରେ ତାହାକୁ ଉନ୍ନତ କରିବା ପାଇଁ ଆମ୍ଭେମାନେ ନିଜ ଜୀବନ ତଥା ସଙ୍ଗୀ ଓ ସହକର୍ମୀମାନଙ୍କର ଜୀବନ ପଣ କରୁଛୁଁ ।

ଅସ୍ଥାୟୀ ସରକାର ପ୍ରତ୍ୟେକ ଭାରତବାସୀର ଆନୁଗତ୍ୟ ଦାବି କରେ ଏବଂ ଆନୁଗତ୍ୟ ଲାଭ କରିବାର ଯୋଗ୍ୟ ମଧ୍ୟ । ଏହି ସରକାର ଧର୍ମଗତ ସ୍ୱାଧୀନତା ଏବଂ ସମସ୍ତ ଅଧିବାସୀବର୍ଗଙ୍କ ପାଇଁ ସମାନ ଅଧିକାର ଓ ସମାନ ସୁଯୋଗ ସୁବିଧା କରିବାର ପ୍ରତିଶ୍ରୁତି ଦେଉଛି । ଏହି ସରକାର ଘୋଷଣା କରୁଛି ଯେ ଦେଶର ସମସ୍ତ ସନ୍ତାନମାନଙ୍କୁ ସମାନ ଭାବରେ ପୋଷଣ କରି ବିଦେଶୀ ସରକାର ସୃଷ୍ଟ ସମସ୍ତ ପ୍ରକାର ଭେଦଭାବ ଅତିକ୍ରମ କରି, ଏହା ସମଗ୍ର ଦେଶ ଏବଂ ସମସ୍ତ ଅଂଶର ସୁଖ ସମୃଦ୍ଧି ବିଧାନ ଦିଗରେ ଅଗ୍ରସର ହେବାକୁ ଦୃଢ଼ ପରିକର ।

—※—

## ଆଜାଦ୍ ହିନ୍ଦ୍ ସରକାରର ସଦସ୍ୟଗଣ

ସୁଭାଷଚନ୍ଦ୍ର ବସୁ—ରାଷ୍ଟ୍ର ନାୟକ, ପ୍ରଧାନ ମନ୍ତ୍ରୀ ଏବଂ ପରରାଷ୍ଟ୍ର ସଚିବ ।
କ୍ୟାପ୍ଟେନ ମିସ୍ ଲକ୍ଷ୍ମୀ—ନାରୀ ସଂଗଠନ ।
ଏସ୍: ଏ: ଆୟାର—ପ୍ରଚାର ।
ଲେ: କର୍ଣ୍ଣେଲ ଏସି ଚାଟାର୍ଜି—ଅର୍ଥ ।
ଲେଫ୍: କର୍ଣ୍ଣେଲ ଜେ: କେ ଭୋଁସଲେ—
ଲେଫ୍: ଗୁଲଜାର ସିଂ
ଲେଫ୍. କର୍ଣ୍ଣେଲ ଏମ୍. ଜେଡ୍ କିୟାନି ।
ଲେଫ୍ କର୍ଣ୍ଣେଲ—ଏ. ଡି. ଲୋଗନାଦନ ।
ଲେଫ୍: କର୍ଣ୍ଣେଲ—ଏହସାନ କାଦିର ।
ଲେଫ୍ କର୍ଣ୍ଣେଲ—ଶାହନୱାଜ—(ସୈନ୍ୟବାହିନୀ ପ୍ରତିନିଧି)
ଏ: ଏମ୍: ସହାୟ—ମନ୍ତ୍ରୀପରିଷଦ ପର୍ଯ୍ୟାୟ ସମ୍ପନ୍ନ ସେକ୍ରେଟେରୀ ।
ରାସ ବିହାରୀ ବୋଷ—ପ୍ରଧାନ ପରାମର୍ଶଦାତା ।
କରିମ୍ ଗନି, ଦେବନାଥ ଦାସ, ଡି: ଏମ୍: ଖାଁ, ଏ ୟେଲପ୍ପା, ଜେ: ଥିବି, ଏବଂ ସର୍ଦ୍ଦାର ଈଶ୍ୱର ସିଂ—ପରାମର୍ଶଦାତାଗଣ ।
ଏ: ଏନ୍: ସରକାର—ଆଇନ ବିଷୟକ ପରାମର୍ଶଦାତା ।

Digitized by srujanika@gmail.com

# ସ୍ୱାଧୀନତା—ନଚେତ୍ ମୃତ୍ୟୁ

( ବର୍ମାରେ ଅଜାଦ୍ ହିନ୍ଦ୍ ଫୌଜର ପ୍ରଥମ ମାର୍ଚ୍ଚ ସମୟରେ ସୁଭାଷ ବାବୁଙ୍କ ଭାଷଣର ଏକ ଅଂଶ )

ଦୂରେ—ବହୁ ଦୂରରେ— ଏହି ଶ୍ୟାମଳ ସୁବନଳ ଶସ୍ୟ ବନିର ଅନ୍ତରାଳରେ, ଏହି କଳକଲ୍ଲୋଳ ସ୍ରୋତସ୍ୱିନୀର ପରପାରରେ, ଏହି ନିବିଡ଼ ଉଦ୍ଭିଦ ଅରଣ୍ୟର ଅନ୍ୟ ଦିଗରେ, ଏହି ଧୂମିଳ ପର୍ବତ ମାଳାର ସାନୁଦେଶ ଅତିକ୍ରମ କରି ଅମ୍ଭମାନଙ୍କର ମାତୃଭୂମି ହିନ୍ଦୁସ୍ଥାନ । ଯାହାର ସ୍ନେହାଙ୍କିତ ଅଙ୍କରେ ଅନ୍ତିମ ଶୋଇବାର ଲାଳସା ରଖି ସ୍ୱର୍ଗର ଦେବତା ମଧ୍ୟ ଥରେ ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇଥିଲେ— ସେହି ଅମର ଜନ୍ମଭୂମି— ତା'ର ପବିତ୍ର କୋଳରେ ଅମ୍ଭେମାନେ ଜନ୍ମ ଗ୍ରହଣ କରିଛୁଁ । ତାହାର ରକ୍ତରେ ଅମ୍ଭମାନଙ୍କର ଏହି ସୁଗଠିତ ଶରୀର ଗଠିତ ହୋଇଛି । ତାହାର ସ୍ନେହ, ତାହାର ଶ୍ରଦ୍ଧା ଅମ୍ଭମାନଙ୍କର ଶିରାରେ ଶିରାରେ ସଞ୍ଚିତ ହୋଇ ରହିଛି ।

ଅମ୍ଭେମାନେ ଆଜି ନିଜର ମାତୃଭୂମିଠାରୁ ଦୂରରେ । ନୀଡ଼ହରା ପକ୍ଷୀ ପରି ଅମ୍ଭେମାନେ ଆଜି ଅନନ୍ତ ପଥ ଶେଷରେ ଘୂରି ବୁଲୁଛୁଁ ।



ନେତାଜୀ—ସମର କ୍ଷେତ୍ରରେ

ଆଜି ଅମ୍ଭମାନଙ୍କୁ ଆମର ସେହି ମାତୃଭୂମି କୋଳକୁ ପୁନରାୟ ଫେରିଯିବାକୁ ହେବ । ଶୁଣ—ଶୁଣ—ପବନର ହିଲ୍ଲୋଳରେ ଏକ ଶବ୍ଦ—ଏକ ଅକୂଳ ଆହ୍ୱାନ ଭାସି ଆସୁଛି । ସେହି—ସେହି ମୋର ଜନନୀର ଡାକ । ଆମର ମା' ଆଜି ଡାକ ଦେଉଛି । ଆମର ରାଜଧାନୀ ଦିଲ୍ଲୀ ଆଜି ଆମର ସ୍ୱାଗତ କରିବା ପାଇଁ ସିଂହଦ୍ୱାର ଉନ୍ମୁକ୍ତ କରି ଦେଇଛି ।—ଶୁଣ, ଦେଶର ପ୍ରତିକୋଣରୁ ସିନ୍ଧୁ, ଗଙ୍ଗା ଏବଂ ରେବାର ତଟଭୂମିରୁ ଚାଳିଶ କୋଟି ଦେଶବାସୀ ଏକ ସ୍ୱରରେ ଆହ୍ୱାନ କରୁଛନ୍ତି—୪୦ କୋଟି ହୃଦୟ ଅମ୍ଭମାନଙ୍କ ସ୍ୱାଗତ ପାଇଁ ଯାଚି ରହିଛି—୮୦ କୋଟି ସୁଦୃଢ଼ ବାହୁ ଅମ୍ଭମାନଙ୍କର ଆଲିଙ୍ଗନ ପାଇଁ ଉନ୍ମୁକ୍ତ ।

ଆଉ ଅପେକ୍ଷା କରିବାର ନୁହେଁ—ରକ୍ତ ରକ୍ତକୁ ଆହ୍ୱାନ କରୁଛି—ମାତା ଆଜି ତାର ନିର୍ବାସିତ ସନ୍ତାନକୁ ଡାକ ଦେଉଛି ।

ଆଉ ସମୟ କାଟିବାର ନୁହେଁ । ଅମ୍ଭମାନଙ୍କର ଅସ୍ତ୍ର ଆଉ କୋଷବଦ୍ଧ ହୋଇ ନ ପାରେ । ଆଗ ଚାଲ—ସମ୍ମୁଖରେ, ଦୂରର କୁଆଁଶିଆ ପର୍ବତମାଳାର ଅନ୍ତର ମଧ୍ୟରେ ସେହି ପଥ ଅମ୍ଭମାନଙ୍କୁ ଅମ୍ଭମାନଙ୍କର ଜନ୍ମଭୂମିଠାରୁ ବିଚ୍ଛିନ୍ନ କରି ରଖିଛି—ଅଗ୍ରସର ହୁଅ ଏହି ଚକ୍ରବାଳ ପଥକୁ ଲକ୍ଷ୍ୟ କରି ଏହି ପର୍ବତ ଓ ଘାଟମାଳା ଉଲ୍ଲଙ୍ଘନ କରି, ସେହି ସୁଦୂର ହିନ୍ଦୁସ୍ଥାନରେ ପ୍ରବେଶ କର, ଯେଉଁ ଧୂମାୟିତ ମେଘ ମେଦୁର ରାଜ୍ୟରୁ ଆମକୁ ଆମର ସ୍ୱାଧୀନତା ଛଡ଼ାଇ ନେବାକୁ ପଡ଼ିବ ।

ଈଶ୍ୱର ଆପଣମାନଙ୍କୁ ସାହାଯ୍ୟ କରିବେ । କିନ୍ତୁ ଈଶ୍ୱର ସେହିମାନଙ୍କୁ ସାହାଯ୍ୟ କରନ୍ତି ଯାହାର ମାଂସ ଶ୍ରେଣୀ ବାଘ ଭଳି ହୋଇ ପାରେ, ଯାହାର ପେଶୀ ମଧ୍ୟରୁ ଭୂମିକମ୍ପ ଉତ୍କ୍ଷେପଣ ହୋଇ ପାରେ—ଈଶ୍ୱର କେବଳ ସେହିମାନଙ୍କୁହିଁ ସାହାଯ୍ୟ କରନ୍ତି ।

ଶତ୍ରୁର ସଜ୍ଜିତ ଶ୍ରେଣୀକୁ ବିଧ୍ୱସ୍ତ କରି ଆପଣଙ୍କୁ ଆପଣଙ୍କ ଦେଶରେ ପହଞ୍ଚାଇବାକୁ ହେବ । ସମ୍ମୁଖରେ ପଥ । ସେ ପଥ ଅମ୍ଭମାନଙ୍କର ଅଗ୍ରଗାମୀ ମାନଙ୍କର ପ୍ରଦର୍ଶିତ ପଥ । ସେହି ପଥରେହିଁ ଅମ୍ଭେମାନେ ଅଗ୍ରସର ହେବୁଁ, ଶତ୍ରୁ ସେନାର ବ୍ୟୂହ ଭେଦ କରି ଅମ୍ଭେମାନେ ପଥ ପରିଷ୍କାର କରିନେବୁ । ଭଗବାନଙ୍କର ଇଚ୍ଛା ହେଲେ, ଶହୀଦର ଅମର ମୃତ୍ୟୁକହିଁ ବରଣ କରିନେବୁ ।

ସ୍ୱାଧୀନତା—ନଚେତ୍ ମୃତ୍ୟୁ । ହୁଏତ ନିଜର ତିରଙ୍ଗା ପତାକା ଉତ୍ତୋଳନ କରି ଦିଲ୍ଲୀର ଲାଲ୍ କିଲ୍ଲାକୁ ଅଧିକାର କରିବାକୁ ହେବ ନଚେତ୍ ସଂଗ୍ରାମରେହିଁ ପ୍ରାଣ ବିସର୍ଜନ ଦେବାକୁ ପଡ଼ିବ । ଦିଲ୍ଲୀର ପଥ ସ୍ୱାଧୀନତାର ପଥ । 'ଦିଲ୍ଲୀ ଚଲୋ !'—ହୁଏତ ଆମେ ବିଜୟୀ ବେଶରେ ଦିଲ୍ଲୀ ପ୍ରବେଶ କରିବୁ ନଚେତ୍ ଅମ୍ଭମାନଙ୍କର ଶରୀର ତା'ର ଧୂଳିରେ ମିଶିଯିବ । ଯେଉଁ ପଥ ଦେଇ ଆମର ସେନାବାହିନୀ ଦିଲ୍ଲୀ ପ୍ରବେଶ କରିବେ ଶେଷ ଶଯ୍ୟା ଗ୍ରହଣ କରିବା ସମୟରେ ମଧ୍ୟ ସେ ଧୂଳିର ସରଣୀକୁ ଚୁମ୍ବନ କରିନେବୁ । ସନ୍ଧ୍ୟାର ଉଜ୍ଜ୍ୱଳ ତାରକା ସେତେବେଳେ ସାକ୍ଷୀ ଦେବ ଯେ, ଦେଶର ସ୍ୱାଧୀନତା ପାଇଁ ଜୀବନର ମୂଲ୍ୟ ଦେବାକୁ ଅମ୍ଭେମାନେ ପଶ୍ଚାତ୍‌ପଦ ହୋଇନାହୁଁ ! ଶୁଣ—ଶୁଣ—ନିଜର ରକ୍ତ ଡାକ ଦେଉଛି—ରକ୍ତକୁ ରକ୍ତର ଡାକରେ ଏ—ଉଠ, ଜାଗ, ଚଲ—ଦିଲ୍ଲୀ ଚଲେ !

Digitized by srujanika@gmail.com

# ଆଜାଦ୍ ହିନ୍ଦ୍ ଫୌଜର ବୀରାଙ୍ଗନା

## "ଏକ ନୁହେଁ – ସହସ୍ର ଝାନ୍ସିର ରାଣୀ ଲୋଡ଼ା"

୨୨ ଅକ୍ଟୋବର ୧୯୪୩—ଝାନ୍ସି ରାଣୀ ରେଜିମେଣ୍ଟର ଜନ୍ମ ତିଥି। ନେତାଜୀ ଉପସ୍ଥିତ। ପ୍ରଥମେ ରାଷ୍ଟ୍ରୀୟ ପତାକା ଉତ୍ତୋଳନ ହେଲା। ନାରୀମାନେ ରାଇଫଲ ଧରି କନ୍ୟାସ୍ତମ୍ଭବତ୍ ଦଣ୍ଡାୟମାନ। ନେତାଜୀ ତାଙ୍କ ଭାଷଣରେ ମୈତ୍ରେୟୀ, ରାଣୀ ଭବାନୀ, ରାଣୀ ଅହଲ୍ୟାବାଈ, ରଜିଆ ବେଗମ ନୂରଜାହାଙ୍କ ଆଦର୍ଶ ସ୍ମରଣ କରାଇ ଦେଲେ। ଅଶ୍ୱ ପୃଷ୍ଠରେ ଆରୂଢ଼ା ତ୍ରିଂଶ ବର୍ଷୀୟା ଝାନ୍ସୀର ରାଣୀ କାନପୁର, କାଲ୍ପୀଠାରୁ ଗୁଆଲିଅର ପର୍ଯ୍ୟନ୍ତ ଦୌଡ଼ିବାର ଚିତ୍ର ଆଖି ଆଗରେ ଉଦ୍ଭାସିତ ହୋଇଗଲା।


ଦେଶତ୍ରାଣା ମହିଳାଙ୍କ ମଧ୍ୟରେ ନେତାଜୀ

ପ୍ରଥମେ ମିଓ ହସପାତାଳର ଶୁଶ୍ରୂଷା କାର୍ଯ୍ୟ ଏହି ରେଜିମେଣ୍ଟ ଉପରେ ନ୍ୟସ୍ତ ଥିଲା। ନାୟିକା କାପ୍ତାନ ଲକ୍ଷ୍ମୀବାଈ ସେଇଠାରେ ଥିଲେ। ବୀରାଙ୍ଗନାମାନେ ଭାରତର ଏହି ବିପୁଳ ସ୍ୱାଧୀନତା ସଂଗ୍ରାମରେ କେବଳ ଶୁଶ୍ରୂଷା କାର୍ଯ୍ୟର ଭାର ନେଇ ସନ୍ତୁଷ୍ଟ ହୋଇ ପାରିଲେ ନାହିଁ। ନେତାଜୀଙ୍କ ପାଖରେ ଆବେଦନ କଲେ—"ଆମକୁ ଶୀଘ୍ର ରଣ କ୍ଷେତ୍ରକୁ ପଠାଯାଉ—ଏଇ ଆମର ଅନୁରୋଧ।" ସେଇ ଦରଖାସ୍ତ ଉପରେ ଲକ୍ଷ୍ମୀବାଈ ଏବଂ ଅନ୍ୟ ପାଞ୍ଚଜଣଙ୍କର ଦସ୍ତଖତ୍ ଥିଲା। ଆଙ୍ଗୁଳି କାଟି, ସେଇ ରକ୍ତରେ ସଇ କରିଥିଲେ ସେମାନେ। ଏଇ ସ୍ତ୍ରୀମାନଙ୍କ ମଧ୍ୟରୁ ୨ ଜଣ ଗୁଜରାଟୀ, ୨ ଜଣ ବଙ୍ଗାଳୀ ଓ ଜଣେ ମହାରାଷ୍ଟ୍ର ମହିଳା ଥିଲେ। ସୁଭାଷ ଏ ଆବେଦନ ଗ୍ରହଣ ନ କରନ୍ତେ କିପରି?

ଅପ୍ରେଲରେ ଝାନ୍ସିର ରାଣୀ ରେଜିମେଣ୍ଟର ଦୁଇ କମ୍ପାନୀ (ଦଳ) ଯେତେବେଳେ ରେଙ୍ଗୁନରେ ପହଞ୍ଚିଲ ସେତେବେଳେ କେବଳ ଉତ୍ସାହରେ ଚତୁର୍ଦ୍ଦିଗ ପୂରିଗଲା। ସ୍ଥାପନ ପହଞ୍ଚାର ବେଳ। ଖାଦ୍ୟ, ପେୟ, ପରିଧାନ, ଗୋଳା ବାରୁଦ ସବୁଥିରେ ଅଭାବ—ଅଭାବ ଗୁରୁତର, ତଥାପି ଅଦମ୍ୟ ଉତ୍ସାହ ସହିତ ଯୁଦ୍ଧ ହେଲା। ବ୍ରିଟିଶ ଭାରତୀୟ ସେନାମାନେ ସମ୍ବାଦ ପାଇଲେ—'ଆମ ଆଗରେ ନାରୀ ଯୋଦ୍ଧା—ଭାରତୀୟ ନାରୀମାନଙ୍କ ସଙ୍ଗରେ ଭାରତୀୟଙ୍କୁ ଲଢ଼ିବାକୁ ହେବ।

ହଠାତ୍ ମହିଳାମାନଙ୍କୁ ଯୁଦ୍ଧ କରିବାର ଆଦେଶ ମିଳିଲା। ମହିଷାସୁର ମର୍ଦ୍ଦିନୀ ରୂପରେ ନାରୀ ସେନା ଅଗ୍ରସର ହେଲେ। କୌଣସି ଶବ୍ଦ ନ କରି କେତେ ମାଇଲ ଦୂର ଯିବାକୁ ପଡ଼ିଲା। ଗୋଟିଏ ପାହାଡ଼ ଉପରେ ପହଞ୍ଚି ସେଇଠାରେ ସ୍ଥିର ହେବାକୁ ଆଦେଶ ଆସିଲା। ବ୍ରିଟିଶ ସେନା ଓ ତାଙ୍କ ମଧ୍ୟରେ ମାତ୍ର ୧ ମାଇଲ ଦୂରତା। ସେମାନେ ଜାଣି ନ ଥିଲେ ଯେ ଆଗରେ ନାରୀ ବାହିନୀ। ତେଣୁ ନିଶ୍ଚିନ୍ତରେ ଅଗ୍ରସର ହେଲେ। ପାହାଡ଼ ଘାଟି ସ୍ପର୍ଶ କଲାଣି ଗୁଳି ଫାୟାର କରିବାକୁ ଆଦେଶ ହେଲା।

ନାରୀ ତା'ର ନାରୀତ୍ୱ ଭୁଲି ଯାଇଥିଲା କ୍ଷଣକ ପାଇଁ। ଅବିଶ୍ରାନ୍ତ ଗୁଳି ବର୍ଷା ଚାଲିଲା। କିଛିକ୍ଷଣ ପରେ ଆଦେଶ ହେଲା—"ସଙ୍ଗୀନ ଲଗାଇ ଆକ୍ରମଣ କର।" ନାରୀ ସେନା ଷଡ଼ଙ୍ଗ୍ ଗଡ଼ରେ ଚଢ଼ିଲେ। ପାହାଡ଼ ଉପରୁ ଖସି ଆସିବାରେ ଲାଗିଥାନ୍ତି। କେତେବେଳେ କିଏ କେଉଁଠି ପଡ଼ୁଥିଲା। କିନ୍ତୁ ତଥାପି ବାହିନୀ ଆଗେଇ ଚାଲିଥାଏ। ସେମାନଙ୍କୁ ଦେଖାଯାଉଥିଲା କେବଳ ଶତ୍ରୁ ଏବଂ ଆଗରେ ମାତୃଭୂମି! ମୁଖରେ 'ଜୟ ହିନ୍ଦ'ର ବଜ୍ର ନିର୍ଘୋଷ। ଚକ୍ରବର୍ତ୍ତୀ ପାହାଡ଼ରେ 'ଆଜାଦ୍ ହିନ୍ଦ ଜିନ୍ଦାବାଦ', 'ଇନ୍‌କିଲାବ୍ ଜିନ୍ଦାବାଦ' ଧ୍ୱନିରେ ଆକାଶ ଫାଟି ପଡ଼ୁଥାଏ।

ପରେ ଜଣା ପଡ଼ିଲା ଯେ ସଂଗିନ୍ ଆକ୍ରମଣ ଅନାବଶ୍ୟକ ଥିଲା। ଶତ୍ରୁ ଆତ୍ମସମର୍ପଣ କରି ସାରିଥିଲେ। ସେଦିନ

Digitized by srujanika@gmail.com

ଫୌଜ ଭାରତ ଭୂମି ସୀମା ନିକଟରେ ଥିଲେ ।

୯ ଜୁଲାଇ ୧୯୪୩ର କଥା । ସିଙ୍ଗାପୁର ମ୍ୟୁନିସିପାଲିଟି ଅଫିସ ଆଗରେ ଲକ୍ଷ ଲକ୍ଷ ଲୋକ ଠୁଳ ହୋଇଛନ୍ତି । ପୁରୁଷ ସ୍ତ୍ରୀ ବାଳକ ସମସ୍ତଙ୍କର ନୟନ ଉତ୍ଫୁଲ୍ଲ ହୋଇ ଉଠିଥାନ୍ତି । କହାଣି କି ଯାଦୁ ବଳରେ ସମସ୍ତଙ୍କ ମୁଗ୍ଧ କରି ସୁଭାଷ କହିଲେ—"ମୁଁ ଏଗାରଥର ବ୍ରିଟିଶ ଜେଲକୁ ଯାଇଛି । ସେଠାରେ କିନ୍ତୁ ବଡ ସୁରକ୍ଷିତ ଥିଲି । ଆଜି ଏ ବିରାଟ ଭିଡ଼ ଭିତରକୁ କି ମୋତେ ମୋଟରେ ଟାଣି ଆଣିଲା ? ମାତୃଭୂମିର ମୁକ୍ତି-ଲାଳସା । ୧୯୨୧ରୁ ଆଜିଯାଏ ମୁଁ ସେଥିପାଇଁ ଯତ୍ନ କରି ଆସୁଛି । ଆଜି ମୋର ୩ ଲକ୍ଷ ସିପାହୀ ଓ ଏକଲକ୍ଷ ମହିଳାର ମୃତ୍ୟୁ ଦରକାର । ୧୮୫୭ର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ଝାନ୍ସିର ରାଣୀ ଯେଉଁ ବୀରତ୍ୱ ପ୍ରକାଶ କରିଥିଲେ ସେହି ଶକ୍ତି ଦେଖାଇବାର ଶକ୍ତି ଥିବା ବହୁ ସଂଖ୍ୟକ ମହିଳା ମଧ୍ୟ ଆବଶ୍ୟକ ।

୧୨ ଜୁଲାଇରେ ନେତାଜୀ ମହିଳା ସଭାରେ ଭାଷଣ ଦେଲେ । ମହିଳାମାନେ ଆଠ ଦଶ ମାଇଲ ଦୂରରୁ ଆସିଥିଲେ । ବହୁ ସଂଖ୍ୟକ ନାରୀ ନେତାଜୀଙ୍କୁ ସେମାନଙ୍କର ଗହଣା ମଧ୍ୟ ଦେଇଦେଲେ । ନେତାଜୀ କହିଲେ—"ଲୋଡ଼ା ହିଁ ଏ ମୁହୂର୍ତ୍ତେ—ସହସ୍ର ସହସ୍ର ଝାନ୍ସିର ରାଣୀ ଅମର ଲକ୍ଷ୍ମୀ ।"



—ନେତାଜୀ ମହିଳା ବାହିନୀ ପରିଦର୍ଶନ କରୁଛନ୍ତି ।—

## ଆଜାଦ୍ ହିନ୍ଦ୍ ଫୌଜର ମହତ୍ତ୍ୱପୂର୍ଣ୍ଣ ତିଥି

୭ ଡିସେମ୍ବର, ୧୯୪୧—ସୁଦୂର ପୂର୍ବରେ ଯୁଦ୍ଧାରମ୍ଭ ।
୧୫ ଫେବୃଆରି ୧୯୪୨—ସିଙ୍ଗାପୁର ଉପରେ ଜାପାନ ଅଧିକାର ।
୨୮ ଜୁନ୍—ଆଜାଦ୍ ହିନ୍ଦ୍ ସଂଘ ସ୍ଥାପନା ।
ନଭେ:, ଡିସେ:—ଭାରତୀୟ ଓ ଜାପାନୀମାନଙ୍କ ଭିତରେ ମତଭେଦ ।
୧୬ ଅପ୍ରେଲ ୧୯୪୩—ଆଜାଦ୍ ହିନ୍ଦ୍ ସଂଘର ପୁନଃ ସ୍ଥାପନା ।
୩ ଜୁଲାଇ—ସୁଭାଷ ବାବୁ ସଂଘର ନେତୃତ୍ୱ ନେଲେ ।
୫ ଜୁଲାଇ—ଆଜାଦ୍ ହିନ୍ଦ୍ ଫୌଜର ନିର୍ମାଣ ।
୨୫ ଅଗଷ୍ଟ—ସୁଭାଷବାବୁ ଫୌଜର ପ୍ରଧାନ ସେନାପତି ହେଲେ ।
୨୧—ଅକ୍ଟୋବର—ଆରଜି—ହୁକୁମତ-ଇ-ଆଜାଦ ହିନ୍ଦ୍ (ଆଜାଦ୍ ହିନ୍ଦ୍ ସରକାର) ସ୍ଥାପନା ।
୨୩ ଅକ୍ଟୋବର—ରାଣୀ ଅଫ୍ ଝାନ୍ସି ରେଜିମେଣ୍ଟ ସଂଗଠନ ।
୨୪ ଅକ୍ଟୋବର—ବ୍ରିଟେନ ଓ ଆମେରିକା ବିରୁଦ୍ଧରେ ଯୁଦ୍ଧ ଘୋଷଣା
୮ ନଭେମ୍ବର—ଆଣ୍ଡାମାନ ଓ ନିକୋବାର ଦ୍ୱୀପ ଆଜାଦ୍ ହିନ୍ଦ୍ ସରକାର ଅଧୀନକୁ ଆସିଲା ।
୩୦ ଡିସେମ୍ବର—ପୋର୍ଟ ବ୍ଲେୟାର ଉପରେ ତିରଙ୍ଗା ପତାକା ଉଡ଼ିଲା ।
୮ ଜାନୁଆରୀ ୧୯୪୪—ରେଙ୍ଗୁନରେ ଫୌଜର ପ୍ରଥମ ଦପ୍ତର ଖୋଲିଲା । ଜେନେରାଲ ଲୋକନାଥନ ସହିଦ୍ ଦ୍ୱୀପ (ଆଣ୍ଡାମାନ)ରେ ଚିଫ୍ କମିସନର ହେଲେ ।
୧୮ ମାର୍ଚ୍ଚ—ଫୌଜର ଭାରତ ପ୍ରବେଶ ।
୨୨ ମାର୍ଚ୍ଚ—ଜେନେରାଲ ଚାଟାର୍ଜୀ ମୁକ୍ତ ଭାରତୀୟ ପ୍ରଦେଶର ପ୍ରଥମ ଗଭର୍ଣ୍ଣର ନିଯୁକ୍ତ ହେଲେ ।
୪ ଜୁଲାଇ—ନେତାଜୀ ସପ୍ତାହ ଆରମ୍ଭ ।
୨୧ ଅଗଷ୍ଟ—ବର୍ଷା ହେତୁ ସୈନିକ କାର୍ଯ୍ୟ ସ୍ଥଗିତ ହେଲା ।
ଡିସେମ୍ବର, ଜାନୁଆରୀ-୪୫—ଫୌଜର ଯୁଦ୍ଧ ଓ ପଛଘୁଞ୍ଚା ।
୨୪ ଅପ୍ରେଲ—ଆଜାଦ୍ ହିନ୍ଦ୍ ସରକାର ରେଙ୍ଗୁନରୁ ବେଙ୍କକ୍ ଯାତ୍ରା ।
୩ ମେ—ଫୌଜ ରେଙ୍ଗୁନକୁ ବ୍ରିଟିଶଙ୍କୁ ଦେଇଦେଲେ ।

Digitized by srujanika@gmail.com

# ଆଜାଦ୍ ହିନ୍ଦ୍ ଫୌଜର ସନ୍ନିବେଶ

୧ମ ଗରିଲା ରେଜିମେଣ୍ଟ—(ବୋସ୍ ବ୍ରିଗେଡ୍)
୨ୟ ,, (ଗାନ୍ଧି ବ୍ରିଗେଡ୍)

ଏହି ବ୍ରିଗେଡ୍ ପାଲେଲ ଟାମୁ ଅଞ୍ଚଳରେ ନିଯୁକ୍ତ ହୋଇଥିଲା । ୧୯୪୪ ମସିହା ଏପ୍ରିଲ ପ୍ରଥମ ସପ୍ତାହରେ ଏହାର ସେନା ସଂଖ୍ୟା ଥିଲା—ଅନୁମାନିକ ୧,୬୦୦ । କ୍ରମେ ହ୍ରାସ ପାଇ ୧୨୦୦ରେ ରହିଥିଲା । ବୋସ ବ୍ରିଗେଡର ଏକ ବାଟାଲିୟନ କାଲାଦାନ ଉପତ୍ୟକାରେ ଯୁଦ୍ଧ କରୁଥିଲେ । ଆଜାଦ୍ ହିନ୍ଦ୍ ଫୌଜ ଓ ଜାପାନ ସୈନ୍ୟ ମିଳିତ ଭାବରେ ପଶ୍ଚିମ ଆଫ୍ରିକାର ସୈନ୍ୟମାନଙ୍କୁ ଆକ୍ରମଣ କରି ପ୍ରଚୁର ପରିମାଣରେ ଧ୍ୱଂସ କରିଥିଲେ । ସଙ୍ଗେ ସଙ୍ଗେ ନିଜେ ମଧ୍ୟ କ୍ଷତଗ୍ରସ୍ତ ହୋଇଥିଲେ । ଗାନ୍ଧି ବ୍ରିଗେଡର ୫ମ କମ୍ପାନୀ ଏବଂ 'ଏଚ୍: ଏଚ୍'ର ଲୋକଙ୍କ ସାହାଯ୍ୟ ସମ୍ପୂର୍ଣ୍ଣ ଭଣାଇନରେ ମିଳିଥିଲା । ଏମାନଙ୍କ ମଧ୍ୟରେ ପ୍ରାୟ ଅଢ଼େଇଟି କମ୍ପାନୀ ପ୍ୟାଲେଲ ଅଞ୍ଚଳରେ ଯୁଦ୍ଧରତ ଥିଲେ । କିନ୍ତୁ ତାହା ସଫଳ ହୋଇଥିଲା । ଗୋଟିଏ କମ୍ପାନୀ ଯୋଗାଯୋଗ ପଥରେ ଖାଦ୍ୟ ସରବରାହରେ ନିଯୁକ୍ତ ଥିଲେ । ବାକି କମ୍ପାନୀଟି ପଥ ପାର୍ଶ୍ୱରେ ରହି ସାଧ୍ୟ ଅନୁକଳ ଆକ୍ରମଣ କରି ଚାଲିଥିଲେ । କୋହିମା ପ୍ରାନ୍ତରେ କାପ୍ତାନ ଅଜମୀର ସିଂହଙ୍କ ଅଧୀନରେ ଭାରତୀୟ ଜାତୀୟ ବାହିନୀର ୪ଟି ପ୍ରଧାନ ଅଂଶ ଥିଲା । ତନ୍ମଧ୍ୟରୁ ତିନୋଟି ଦଳ ସ୍ୱୟଂ ଅଧିନାୟକଙ୍କ ନାମାନୁସାରେ ପରିଚିତ ଥିଲେ ଏବଂ ଚତୁର୍ଥଟିର ନାମ ଥିଲା—Reinforcement—ବା 'ନବବଳ' ଦଳ ।

ବିସ୍ତାରିତ ବର୍ଣ୍ଣନା—

(କ) କାପ୍ତାନ ଅଜମୀର ସିଂହଙ୍କର 'ଏ' ପାର୍ଟି ନାମ କରଣ ।

(ଖ) ଲେଫ୍ଟେନାଣ୍ଟ ମହମ୍ମଦ ହୋସେନଙ୍କ ନାମାନୁସାରେ 'ମ' ପାର୍ଟିର ନାମକରଣ ।

(ଗ) ଲେଫ୍—ଗୁରୁଚରଣ ସିଂହଙ୍କ ନାମାନୁସାରେ 'ଗ' ପାର୍ଟିର ନାମକରଣ ।

Reinforcement ଦଳ ଥିଲା ଦଳନାୟକହୁଡ଼ଙ୍କ ନେତୃତ୍ୱରେ । ଏ, ମ, ଓ ଗ ପାର୍ଟିର ଜଣେ ଜାପାନୀ ଲେଫ୍ଟେନାଣ୍ଟ, ତାହାଛଡ଼ା କୋହିମା ଅଞ୍ଚଳରେ କଡ଼ାକ ଦଳ ଯୁଦ୍ଧ କରୁଥିଲା ପରି ମନେହୁଏ । ଏମାନେ ଶତ୍ରୁଙ୍କର ଯୁଦ୍ଧ ବିଷୟରେ ଗୁପ୍ତରେ ରହି ତଥ୍ୟାତଥ୍ୟ ସଂଗ୍ରହ କରୁଥିଲେ । ଏବଂ ସଂବାଦ ଯୋଗାଣ ରାସ୍ତା ଉପରେ ଦୃଷ୍ଟି କରିବାକୁ ରଖିଥିଲେ । ଏହି ଦଳରେ ଭାରତୀୟ ନାଗା, କୁକି ଏବଂ ଜାପାନୀ ଅସାମରିକ ଅଧିନାୟକ ଲେ: ଜେନାରଲ ଦସୋତ୍ତା ଏବଂ କର୍ଣ୍ଣେଲ ଜମଦମାଟାଙ୍କ ଅଧୀନରେ ଏହି ବାହିନୀ କାର୍ଯ୍ୟ ତତ୍ପର ହୋଇଥିଲେ ।

ଝାନ୍ସି ରାଣୀ ବ୍ରିଗେଡରେ ପ୍ରାୟ ୧୨୦୦ ଭାରତୀୟ ନାରୀ ଥିଲେ । ସମ୍ମୁଖ ଭାଗରେ ସେମାନଙ୍କ ସ୍ଥାନ ମିଳିଥିଲା । ଏମାନେ ଫୁଲପାଣ୍ଟ, ଖାକି ସାର୍ଟ, କ୍ୟାପ ଓ ରବର ବୁଟ ପିନ୍ଧିଥିଲେ ।

ଗୋଟିଏ ବାଳକ ସେନା ମଧ୍ୟ ଥିଲେ ।

ଭାରତୀୟ ଜାତୀୟ ବାହିନୀର ନିମ୍ନଲିଖିତ ପଦମର୍ଯ୍ୟାଦା ଶ୍ରେଣୀ ବିଭେଦ କରାଯାଇଥିଲା ।

(କ) ଶ୍ରେଣୀ—ଚିହ୍ନ ।

କର୍ଣ୍ଣେଲ—ଉକ୍ତ ଚିହ୍ନିତ ସାଧାରଣ ସ୍କନ୍ଧପଟି ଏବଂ ତିନୋଟିରେ I. N. A. ଲେଖା ବ୍ୟାଜ୍ । ଏହାର ପ୍ରତ୍ୟେକ [illegible] ସ୍ୱର୍ଣ୍ଣ ତାରକା ଓ ରେଖା ଅଙ୍କନ କରି ଅଫିସର [illegible] ନିର୍ଦ୍ଦେଶ କରାଯାଏ ।

ମେଜର—ପୂର୍ବୋଲ୍ଲିଖିତ ରୂପ, ଏବଂ ଗୋଟିଏ ମୁକୁଟର [illegible] ।
କ୍ୟାପ୍ଟେନ—ପୂର୍ବୋଲ୍ଲିଖିତ ରୂପ—୩ଟି ନାଲି ରେଖା ।
ଲେଫ୍ଟେନାଣ୍ଟ— ,, —ଦୁଇଟି ନାଲି ରେଖା ।
ସେକେଣ୍ଡ ଲେଫ୍ଟ—,, —ଗୋଟିଏ ନାଲି ରେଖା ।
ଅଫିସର କମିସନ—,, —ମାତ୍ର ରେଖାଶୂନ୍ୟ ।

ଭାରତୀୟ ଜାତୀୟ ବାହିନୀର ସମସ୍ତ ଅଫିସର ତ୍ରିବର୍ଣ୍ଣ ରଞ୍ଜିତ ଜାତୀୟ ପତାକା ବାମପାର୍ଶ୍ୱ ସ୍କନ୍ଧରେ ମାରୁଥିଲେ ଏବଂ କ୍ୟାପର ଦକ୍ଷିଣ ପାର୍ଶ୍ୱର I. N. A. ବ୍ୟାଜ୍ ପିନ୍ଧୁଥିଲେ । ଏହି ବ୍ୟାଜରେ ଭାରତର ଗୋଟିଏ କ୍ଷୁଦ୍ର ମାନଚିତ୍ର ଥାଏ ଏବଂ ଲେଖାଥାଏ—ଇତ୍ତିଫାକ୍, ଇତ୍ମାଦ୍, କୁରବାନୀ (ସହଯୋଗ, ବିଶ୍ୱାସ, ଆତ୍ମବଳି)

(ଖ) ବ୍ରିଗେଡ୍ ଚିହ୍ନ—

ନଂ ୧—ଗରିଲା ରେଜିମେଣ୍ଟ (ବୋସ୍) ଲାଲ ଓ ସବୁଜ ।
ନଂ ୨— ,, (ଗାନ୍ଧି) ସବୁଜ ।
ନଂ ୩— ,, (ନେହେରୁ) ଧୂସର ।
ନଂ ୪— ,, (ଆଜାଦ୍) ଶ୍ୱେତ ।

(ଗ) ଯୁଦ୍ଧରତ ସେନାଦଳଙ୍କର ସମାବେଶ—

୧ମ ବ୍ୟାଟାଲିୟନ—ବୃତ୍ତାକାର ଚିହ୍ନ ।
୨ୟ ,, —ତ୍ରିଭୁଜାକାର ଚିହ୍ନ ।
୩ୟ ,, —ଚତୁର୍ଭୁଜାକାର ଚିହ୍ନ ।

Digitized by srujanika@gmail.com

# ଆଜାଦ୍ ହିନ୍ଦ୍ ରାଷ୍ଟ୍ରୀୟ ବ୍ୟାଙ୍କ

୧୯୪୪ ଅପ୍ରେଲ ମାସର ଆରମ୍ଭ । ନେତାଜୀ ରେଙ୍ଗୁନର ଜଣେ କୋଟିପତି ମୁସଲମାନ ଭଦ୍ରବ୍ୟକ୍ତିଙ୍କ ସହିତ ଆର୍ଥିକ ସମସ୍ୟା ନେଇ କଥାବାର୍ତ୍ତା ହେଉଥିଲେ । ସେ କହିଲେ— ଆମ ସରକାରର ନିଜ ବ୍ୟାଙ୍କ୍ ରହିବା ଉଚିତ । କାରଣ ଆଜିଯାଏ ଏପରି ସରକାରର ନାମ ତ ଶୁଣା ଯାଇନାହିଁ ଯାହା ହାତରେ ନିଜର ବ୍ୟାଙ୍କ ନଥିବ । ଇମ୍ଫାଲର ପତନ ସଙ୍ଗେ ସଙ୍ଗେ ଆମ ସରକାର ନିଜ ବ୍ୟାଙ୍କରୁ କାର୍ଯ୍ୟକାରୀ କରି ମୁଦ୍ରା ପରିଚାଳନା କଲେ । ଆମକୁ ପ୍ରଚୁର ସାହାଯ୍ୟ ଦେବ । ନେତାଜୀ ଭଦ୍ରବ୍ୟକ୍ତିଙ୍କର ପରାମର୍ଶ ଲୋଡ଼ିଲେ ।

ତାଙ୍କ ଉତ୍ତର ଗୋଟିଏ ବାକ୍ୟରେ ଆସିଲା—"ନେତାଜୀ, ଆପଣ କେତେ ମୂଳଧନରେ ବ୍ୟାଙ୍କ ପ୍ରତିଷ୍ଠା କରିବାକୁ ଚାହାନ୍ତି ?" ସୁଭାଷ ଉତ୍ତର ଦେଲେ—୫୦ ଲକ୍ଷ ଯଥେଷ୍ଟ ହେବ । ସଙ୍ଗେ ସଙ୍ଗେ ଉତ୍ତର ମିଳିଲା—"ଆପଣ ଏତିକି ମାତ୍ର ଚାହାନ୍ତି ? ମୁଁ ଏକାକୀ ୩୦ ଲକ୍ଷ ଟଙ୍କା ଦେଉଛି—ଏବଂ ପ୍ରତିଜ୍ଞା କରୁଛି, ବାକି ଟଙ୍କା ସପ୍ତାହକ ମଧ୍ୟରେ ସଂଗ୍ରହ କରି ଦେଇଦେବି ।"

ପକ୍ଷକ ମଧ୍ୟରେ ବ୍ୟାଙ୍କ ବିଧିବଦ୍ଧ ଭାବରେ କାର୍ଯ୍ୟକାରୀ ହେଲା । ପଚାଶ ଲକ୍ଷ ଅଂଶରେ ବିଭକ୍ତ ହୋଇଥିଲା । ତନ୍ମଧ୍ୟରୁ ୨୫ ଲକ୍ଷ ବିକ୍ରୀତ ଧନରୂପେ ପରିଗଣିତ ହୋଇସାରିଥିଲା । ବର୍ମୀ ରେଜିଷ୍ଟ୍ରେସନ ଆଇନାନୁସାରେ ବ୍ୟାଙ୍କ୍ ରେଜିଷ୍ଟ୍ରିକୃତ ହେଲା । ବ୍ୟାଙ୍କ୍ ନୋଟର ମାନ ସରକାରୀ ନୋଟ ମୂଲ୍ୟରେ ସମାନ ଥିଲା । ସବୁ ବ୍ୟବସାୟୀ ଆନନ୍ଦରେ ତାହା ସ୍ୱୀକାର କରୁଥିଲେ ଏବଂ ଜାପାନୀ ନୋଟଠାରୁ ଅଧିକ ପସନ୍ଦ କରୁଥିଲେ । ସାଧାରଣ ସମର୍ଥନ ଏତେଦୂର ମିଳିଲା ଏବଂ ପସାର ଏତେ ବଢ଼ିଲା ଯେ ଅଳ୍ପ ଦିନରେ ବ୍ୟାଙ୍କର ତିନୋଟି ଶାଖା ଖୋଲିଗଲା । ଅଧିକ ପାଞ୍ଚୋଟି ଶାଖା ଖୋଲିବାର ଦାବି କରାଯାଉଥିଲା । ଆଜାଦ୍ ହିନ୍ଦ୍ ସରକାରର ସମସ୍ତ ଧନ ବ୍ୟାଙ୍କରେ ଗଚ୍ଛିତ ହେଉଥିଲା ।

ମଇ ମାସରେ ନେତାଜୀ କୌଣସି ଆବଶ୍ୟକ ହେତୁ ସିଙ୍ଗାପୁର ଯିବା ପାଇଁ ଉଡ଼ାଜାହାଜ କେନ୍ଦ୍ରକୁ ଆସିଲେ । ନେତାଜୀ ବଡ଼ ଚିନ୍ତିତ ଦେଖାଯାଉଥିଲେ । ଯେଉଁମାନେ ତାଙ୍କୁ ବିଦାୟ ଦେବାକୁ ଆସିଲେ ସେମାନେ କାରଣ ବୁଝି ପାରିଲେ ନାହିଁ । ଜଣେ ଧନୀ ଚେଟିଅର ନେତାଜୀଙ୍କ ନିକଟକୁ ଯାଇ ପଚାରିଲା—"ଯଦି ସମ୍ଭବ ହୁଏ ତେବେ ଆପଣଙ୍କର ଚିନ୍ତାର କାରଣ କହିବେ କି ?" ନେତାଜୀ ଉତ୍ତର ଦେଲେ—"ଆର୍ଥିକ ସମସ୍ୟା ନେଇ ମୁଁ ଚିନ୍ତିତ । ରେଙ୍ଗୁନ ନିବାସୀ ଏହାର ସମାଧାନ କରି ପାରିଲେ କି ନାହିଁ ମୁଁ ବୁଝି ପାରୁନାହିଁ । ଫୌଜର ଆବଶ୍ୟକତା ପୂରଣ ପାଇଁ ମୋର ୨୦ ଲକ୍ଷ ଟଙ୍କା ଅତିଶୀଘ୍ର ଆବଶ୍ୟକ । ଆମର ସେନା ବଡ଼ ସଙ୍କଟାପନ୍ନ ଅବସ୍ଥାରେ ପଡ଼ି ଯାଇଛନ୍ତି ଶୀଘ୍ର କୁମକ ଯିବା ଦରକାର ।"

ଇତି ମଧ୍ୟରେ ଉଡ଼ାଜାହାଜ ଉଡ଼ିବା ପାଇଁ ତିଆରି ହୋଇଗଲା । ନେତାଜୀ ସ୍ୱସ୍ଥାନରେ ବସିଲେ । ଅଜ୍ଞାତ କାରଣରୁ ଦଶ ମିନିଟ ଡେରି ହୋଇଗଲା । ଚେଟିଅର ଉପସ୍ଥିତ ନେତାମାନଙ୍କୁ ନେତାଜୀଙ୍କ ଚିନ୍ତାର କାରଣ ଜଣାଇଲେ । ଉଡ଼ାଜାହାଜ ମଇଦାନରୁ ଛାଡ଼ିବା ପୂର୍ବରୁ ୨୦ ଲକ୍ଷ ଟଙ୍କାର ତାଲିକା ନେତାଜୀଙ୍କୁ ଦେଇ ଦିଆଗଲା ।

ମହତ୍ ଲୋକଙ୍କର ଦାନରୁ ଏବଂ ସଭା ମାନଙ୍କରେ ନେତାଜୀଙ୍କର ଫୁଲମାଳ ନିଲାମ କରି ବହୁ ଅର୍ଥ ଲାଭ କରି ଯାଉଥିଲା । ତଥାପି ଖରଚ କୁଳାଏ ନାହିଁ । ଅନ୍ତି ଅଳ୍ପରେ ୧୫ କୋଟି ଟଙ୍କା ଦରକାର ଥିଲା । ସେଥିପାଇଁ ଅସ୍ଥାୟୀ ସରକାର ଭାରତୀୟମାନଙ୍କ ଉପରେ କର ବସାଇଲେ । ବାର୍ଷିକ ଆୟ ବା ଲାଭ ଉପରେ କର ବସୁ ନଥିଲା । ପ୍ରଥମେ ମୁଖ୍ୟ ବ୍ୟବସାୟୀମାନଙ୍କର ସମିତି ବସି ପ୍ରତ୍ୟେକ ବ୍ୟବସାୟୀଙ୍କର ଅନୁମାନିକ ମୂଳଧନ ନିର୍ଣ୍ଣୟ କରି ଯାଉଥିଲା । ସରକାର ତାହା ଜାଣି ମୂଳଧନର ଚୋଟିଏ ଭାଗ—ପ୍ରାୟ ଏକ ଦଶମାଂଶ କର ସ୍ୱରୂପ ନେଉଥିଲେ । କେତେ କିସ୍ତିରେ ଏ କର ପୂର୍ଣ୍ଣ ଚୁକ୍ତି ଦିଆଯିବ ତାହା ମଧ୍ୟ ସମିତି ନିର୍ଦ୍ଧାର୍ଯ୍ୟ କରୁଥିଲା । ଏ କର କେବଳ ଭାରତବାସୀହିଁ ଦେଉଥିଲେ । କେତେକ ଲୋକ ବର୍ମାର ପ୍ରଜା କହି ଓ ଆଉ କେତେକ ଅନ୍ୟାନ୍ୟ ବାହାନା କରି କରରୁ ରକ୍ଷା ପାଇବାକୁ ଚେଷ୍ଟା କଲେ । ପ୍ରଥମ ଦଳ ଲୋକଙ୍କୁ ସାବଧାନ କରି ଦିଆଗଲା ଯେ ଭବିଷ୍ୟତରେ ସରକାର ସେମାନଙ୍କର ରକ୍ଷା ଦାୟିତ୍ୱ ଗ୍ରହଣ କରିବେ ନାହିଁ । ଦ୍ୱିତୀୟ ଦଳର ଲୋକଙ୍କୁ ଅପିଲ କରିବାର ସୁବିଧା ଦିଆଗଲା କିନ୍ତୁ ପରିଶେଷରେ ସମସ୍ତେ କର ଦେଲେ । ଜୁଲାଇ ମାସ ସୁଦ୍ଧା ବର୍ମାରୁ ୮ କୋଟି ମିଳି ସାରିଥିଲା ଏବଂ ସାଢ଼େ ତିନିକୋଟିର ଦ୍ରବ୍ୟ ଫୌଜ ନିକଟକୁ ପଠା ଯାଇଥିଲା ।

୧୯ ମେ ୪୫ରେ ବ୍ରିଗେଡିଅର ଲାୟୁଭର ବର୍ମା ପତନ ବେଳେ ଭଦ୍ରଙ୍କୁ ଯେଉଁ ସର୍ତ୍ତ ଦେଇଥିଲେ ତାହା ଉପେକ୍ଷା କରି ହଠାତ୍ ବ୍ୟାଙ୍କ ଅବରୋଧ କଲେ । ଇତି ପୂର୍ବରୁ ବ୍ୟାଙ୍କ ଡିପୋଜିଟରମାନଙ୍କ ଟଙ୍କା ଫେରେଇ ଦେଇଥିଲା । ତଥାପି ବ୍ୟାଙ୍କ ନିକଟରେ ୩୫ ଲକ୍ଷ ଟଙ୍କା ଜମା ଥିଲା ।

'ବିଶ୍ୱାସ-ଘାତୀ ଶ୍ୱେତ ମାନବ' ବୋଲି ଇଂରେଜଙ୍କ ନାମରେ ଯେଉଁ କଳଙ୍କ ଥିଲା ତାହା ପ୍ରମାଣିତ ହୋଇଗଲା ।

Digitized by srujanika@gmail.com

# ଜର୍ମାନୀରେ ଆଜାଦ୍ ହିନ୍ଦ୍ ଫୌଜ

ଜର୍ମାନୀରେ ସର୍ବପ୍ରଥମ ଆଜାଦ୍ ହିନ୍ଦ୍ ଫୌଜର ସ୍ଥାପନା ହୁଏ ୨୬ ଜାନୁଆରୀ ୧୯୪୧ରେ—ଭାରତର ସ୍ୱାଧୀନତା ଘୋଷଣା ଦିବସରେ । ସେତେବେଳେ ୧୫୦୦ ସେନା ନେଇ ନେତାଜୀ ପହଞ୍ଚି ଥାଆନ୍ତି । ଜର୍ମାନମାନେ ତାର ନାମ ଦେଇଥାନ୍ତି ଫ୍ରେ ଇଣ୍ଡିଏନ୍—(Friess Indiene) ଧୀରେ ଧୀରେ ବହୁ ସଂଖ୍ୟକ ଲୋକ ଫୌଜରେ ଯୋଗ ଦେଲେ । ବାହିନୀ ପଦାତିକ ଦଳରେ ଭର୍ତ୍ତି ହୋଇଥିଲେ—ସର୍ବମୋଟ ୩୫୦୦ ସେନା ନେଇ । ଏହି ଦଳରେ ତିନୋଟି ଲଘୁଅସ୍ତ୍ରଧାରୀ (small arms) ସେନା, ଗୋଟିଏ ଗୁରୁ ଅସ୍ତ୍ରଧାରୀ (heavy) ଗୋଟିଏ ସେପାରୁ (Sappers) ସ୍, ଓ ମାଇନସ୍ (mines), ଗୋଟିଏ ଗୁରୁ ଆଣ୍ଟି ଟାଙ୍କ୍ ବନ୍ଧୁକଧାରୀ, ପଦାତିକ ଓ ଗୋଟିଏ ଗୁରୁଭାର ଅଟିଲେରୀ (artillery) ଥିଲେ । ସେମାନଙ୍କୁ ଦକ୍ଷିଣ ଫ୍ରାନ୍ସ, ହୋଲାଣ୍ଡ ଅଞ୍ଚଳ ଏବଂ ବେଲଜିୟମ୍‌କୁ

ନାହିଁ । ତେଣୁ ଆଜାଦ୍ ହିନ୍ଦର କୌଣସି ସେନା ରୁଷ୍ ବା ବ୍ରିଟେନ୍ ରଣକ୍ଷେତ୍ରକୁ ଯାଇ ନଥିଲେ । ଆଜାଦ୍ ହିନ୍ଦ୍ ସରକାରର ମୌଳିକ ନୀତି ଉପରେ ହିଟଲର ସରକାରଙ୍କର କୌଣସି ହାତ ରହୁ ନଥିଲା । ଆଜାଦ୍ ହିନ୍ଦ ସରକାର ନିଜର ନୀତି ଉପରେ ନିଜେ ପରିଚାଳିତ ହେଉଥିଲା ।

ଫ୍ରେ ଇଣ୍ଡିଏନ୍‌ରେ ଯୋଗ ଦେଇଥିବା ଲୋକମାନଙ୍କ ମଧ୍ୟରୁ ପ୍ରଧାନ ଥିଲେ ମିଷ୍ଟର୍ ହାଇଜନ୍ ଅଣ୍ଡ ଅଫିସର ଜର୍ମାନ ଆଜାଦ୍ ଫୌଜ୍, ବ୍ରିଟିଶ ଇଣ୍ଡିଆନ୍ ଆର୍ମିର ଏନ୍. ସି, ଓ, । ସେ ଜର୍ମାନରୁ ନେତାଜୀଙ୍କ ସଙ୍ଗରେ ଆସିଥିଲେ । (୧) ଜାମିଲ୍ ଖାଁ—ଆଜାଦ୍ ଫୌଜର ଲେଫ୍‌ଟେନାଣ୍ଟ; ସେ ଉତ୍ତାରେ ଆଜାଦ ସରକାର ପକ୍ଷରୁ (ବର୍ତ୍ତମାନ ଡାଙ୍ଗାହୁଙ୍ଗ ଭଲଦ୍ୟାଣ୍ଟରେ) ଧନ୍ଦ ମନ୍ତ୍ରୀ ମଧ୍ୟ ଥିଲେ । (୩) ଗୁରୁଚରଣ ସିଂ—ଆଜାଦ୍ ଫୌଜର ଲେଫ୍‌ଟେନାଣ୍ଟ, ପ୍ରଚାର ବିଭାଗର



ନେତାଜୀ ଫୌଜ ପରିଦର୍ଶନ କରୁଛନ୍ତି

ପଠା ଯାଇଥିଲା । ସେଇଠାରେ ସେମାନେ ଫରାସୀ ପାଇ ଅସ୍ତ୍ର ସମର୍ପଣ କରିଥିଲେ । ଇଟାଲିରେ ମଧ୍ୟ ଲେଫ୍‌ଟେନାଣ୍ଟ ଯଶୱନ୍ତ ସିଂହ ଭଦ୍ରାଙ୍କ ଅଧୀନରେ ଗୋଟିଏ ବେଟାଲିୟନ ଥିଲା । ସେ ମଧ୍ୟ ବାଧ୍ୟ ହୋଇ ଆତ୍ମସମର୍ପଣ କରିଥିଲା । ଆଜାଦ୍ ହିନ୍ଦ୍ ଫୌଜର ସେନାମାନେ ଯଦିଓ ଇଉରୋପ ରଣକ୍ଷେତ୍ରରେ ନିଯୁକ୍ତ ହୋଇଥିଲେ, ତଥାପି ନେତାଜୀଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯୁଦ୍ଧର ଅଭିଜ୍ଞତା ଅର୍ଜନ କରିବା ଏବଂ ନାନାବିଧ ଯୁଦ୍ଧବିଦ୍ୟା ଶିକ୍ଷା କରିବା । ତେଣୁ ସେ ଜର୍ମାନମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଆଜାଦ୍ ଫୌଜକୁ କୌଣସି ସଙ୍କୀର୍ଣ୍ଣ ଯୁଦ୍ଧକର୍ମ ଯେପରି ନିୟୋଗ କରା ନ ଯାଏ । ଆଜାଦ୍ ହିନ୍ଦ୍ ସରକାର ମଧ୍ୟ ଆଦେଶ କରିଥିଲେ ଯେ ଆଜାଦ୍ ହିନ୍ଦ୍ ଫୌଜର କୌଣସି ସେନା ଇଂରେଜ ଓ ମାର୍କିନଙ୍କ ଛଡ଼ା ଅନ୍ୟ କୌଣସି ଜାତିର ଲୋକଙ୍କ ସାଙ୍ଗରେ ଯୁଦ୍ଧ କରିବ

ଜଣେ ପ୍ରଧାନ । (୪) ଲେଫ୍‌ଟେନାଣ୍ଟ ଅଲ୍ଲି ଖାଁ—ଯୁଦ୍ଧରେ ସ୍ୱାଧୀନ ଫରାସୀମାନଙ୍କ ଦ୍ୱାରା ହତ ହୋଇଥିଲେ—ଅଗଷ୍ଟ ୧୯୪୪ ରେ । (୫) ରାଲ୍ଫ ଇସାକ୍ ଓ (୬) ଡାକ୍ତର ପଟ୍ଟନାୟକ ଉଭୟେ ବର୍ତ୍ତମାନ ଡାଙ୍ଗାହୁଙ୍ଗର ଶିବିରରେ ବନ୍ଦୀ ଅଛନ୍ତି ଏବଂ ହାବିଲଦାର ମେଜର ଗୁରୁମୁଖ ସିଂ ମଧ୍ୟ ସେଇଠାରେ ବନ୍ଦୀ ।

ଜଣାଯାଇଛି ଯେ ଆଜାଦ ଫୌଜ ବାହିନୀର ସୈନ୍ୟମାନଙ୍କ ଜର୍ମାନ ଡାକରା ସ୍ୱୀକାର କରିବାରେ ଅନୁମତି ଜର୍ମାନ ସରକାର ଦେଇନଥିଲେ । ବୋଧହୁଏ ଜବାବ ଦେଇଥିବେ ମଧ୍ୟ । ବରଂ ଜର୍ମାନ ବାହାରକୁ ସଙ୍ଗରେ ଯେବା ଯିବାକୁ ଅନୁମତି ମିଳୁ ନଥିଲା ।

ଭାରତ ଅଧୀନସ୍ଥ ସ୍ୱାଧୀନ ଫରାସୀ ସରକାର, ବନ୍ଦୀ ଆଜାଦ୍ ହିନ୍ଦ୍ ଫୌଜଙ୍କ ପ୍ରତି ବର୍ବର ବ୍ୟବହାର କରିଥିଲେ । ଜଣେଧେ ସୈନ୍ୟଙ୍କୁ ଧରା ହେବା ପରେ ଗୁଳି କରି ମାରି ଦିଆଯାଇଛି । ବନ୍ଦୀମାନଙ୍କୁ ପ୍ରାୟ ଉପବାସ ରଖାଯାଇ ବହୁ ଅମାନୁଷିକ ଅତ୍ୟାଚାର କରୁଥିଲେ ।

Digitized by srujanika@gmail.com

# ବୀର ପୁଙ୍ଗବ ସୁଭାଷଙ୍କ ମହତ୍ତ୍ୱ

ନେତାଜୀ ସୁଭାଷଚନ୍ଦ୍ର ମାନବକୁ ଅତି ଜାଣନ୍ତି । ଆଜାଦ୍ ଫୌଜ କିନ୍ତୁ ମୋହନ ସିଂହଙ୍କ ନେତୃତ୍ୱରେ ଗଢ଼ା ଯାଇଥିଲା । ଜାପାନ ସେ ଫୌଜକୁ ପଞ୍ଚମବାହିନୀ କରିବାର ଚେଷ୍ଟାରେ ଥାଏ । କିନ୍ତୁ ପ୍ରଥମ ଆଜାଦ୍ ଫୌଜ ଜାପାନ ସର୍ତ୍ତ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥିଲେ । ସେତେବେଳେ ସଂଗଠନ ଦୃଢ଼ ହୋଇ ନଥିଲା । ତେଣୁ ଅଳ୍ପରେ ତାହା ଭଙ୍ଗ ହୋଇଗଲା । ଠିକ୍ ଏତିକିବେଳେ ବୀର ସୁଭାଷଙ୍କର ଶୁଭାଗମନ । ରଙ୍ଗ ବଦଳିଗଲା । ଆଜାଦ୍ ଫୌଜ ପୁଣି ନବଗଠନ ଲାଭ କଲା । କିନ୍ତୁ ଜାପାନର ଦୁରଭିସନ୍ଧି ସିଦ୍ଧ ହୋଇ ପାରିଲା ନାହିଁ ଅନ୍ୟ ପକ୍ଷରେ ସୁଭାଷଚନ୍ଦ୍ର ଜାପାନ ସରକାରଙ୍କୁହିଁ ପ୍ରଭାବିତ କରି ପକାଇଲେ । ତୋଜୋ ତଥା ସିଂଗାପୁରସ୍ଥ ମୁଖ୍ୟଙ୍କ ବ୍ୟକ୍ତିତ୍ୱ ଆଗରେ ମନ୍ତ୍ରମୁଗ୍ଧ ଭଳି ହୋଇଗଲେ । ଚୀନ ବର୍ମା ଥାଇଲାଣ୍ଡ ଏବଂ ଫିଲିପାଇନସରେ ଜାପାନ କାଠପୁତଳୀ ଅଧିନାୟକ ସୃଷ୍ଟି କରିଥିଲା; ସୁଭାଷ ଥିଲେ ତାହାଠାରୁ ସ୍ୱତନ୍ତ୍ର—ଅଦ୍ଭୁତ ଏବଂ ଅଟଳ । ଜାପାନୀ ସେନା ବା ପୁଲିସ ତାଙ୍କ କାର୍ଯ୍ୟରେ ଠିଆ ହେବାକୁ ମଧ୍ୟ ସାହସ କରୁ ନଥିଲେ । କୌଣସି ଜଟିଳ କାରଣରେ ସୁଭାଷ ବାବୁ ତୁତଠାର ସହିତ ଲଢ଼ୁଥିଲେ ଏବଂ ତୋଜୋଙ୍କୁ ତାଙ୍କର ଦାବି ସ୍ୱୀକାର କରିବାକୁ ପଡ଼ୁଥିଲା ।

ସୁଭାଷଚନ୍ଦ୍ରଙ୍କ ଦେଖିବା ମାତ୍ରେ ପ୍ରତ୍ୟେକ ଜାପାନୀ ଅଫିସର ନମସ୍କାର କରୁଥିଲେ । କେବଳ ସେତିକି ନୁହେଁ, ସୁଭାଷଚନ୍ଦ୍ରଙ୍କର ପ୍ରତିମୂର୍ତ୍ତିକୁ ମଧ୍ୟ ଉକ୍ତ ସମ୍ମାନରେ ସମ୍ମାନିତ କରୁଥିଲେ ।

କୌଣସି ଭାରତୀୟ ଡାକ୍ତର ଗୋଟିଏ ଇଂରାଜ ଝିଅକୁ ବିବାହ କରିଥିଲେ । ଜାପାନୀମାନେ ତାଙ୍କୁ ସେହି ଅପରାଧରେ ଇଂରେଜ ଗୁପ୍ତଚର ଭାବି ଗିରଫ କଲେ । ଯଥେଷ୍ଟ ଚେଷ୍ଟା କରାଗଲା କିନ୍ତୁ ତାଙ୍କ ମୁକ୍ତି ମିଳିଲା ନାହିଁ । ଶେଷରେ ସୁଭାଷବାବୁ କହିଲେ—"ଯଦି ସେ ଗୁପ୍ତଚର ହୋଇଥାନ୍ତି, ତାଙ୍କୁ ଗୁଳି କରିଦିଅ—କିନ୍ତୁ ସେ ଯେ ଗୁପ୍ତଚର ବୋଲି ତମ ପାଖରେ କୌଣସି ପ୍ରମାଣ ନଥାଏ, ତେବେ ତାଙ୍କୁ ସତ୍ୱର ମୁକ୍ତି ଦେବା ଉଚିତ ।' ଜାପାନୀମାନେ ସେ ଡାକ୍ତରଙ୍କୁ (ଡା: ଢୋନ) ତତ୍‌କ୍ଷଣାତ୍ ଛାଡ଼ି ଦେଇଥିଲେ । ସେହିରକମ ଆଉ ଏକ ଘଟଣାରେ ସେ କ୍ରୋଧିତ ହୋଇ କହିଥିଲେ—"ମୋର ଭାରତୀୟ ସେନା କୌଣସି ବିଦେଶୀ ଶକ୍ତି ସହିତ ଲଢ଼ିବାକୁ ଗଠିତ ହୋଇନାହିଁ—ମୋର ଭାରତୀୟ ବନ୍ଧୁମାନଙ୍କ ଉପରେ ଯେ କେହି ଅତ୍ୟାଚାର କରିବ ଏ ସେନା ତାହାର ବିରୁଦ୍ଧରେ ଲଢ଼ିବା ପାଇଁ ସଂଗଠିତ ହୋଇଛି ।"

ଯେତେ ବଡ଼ ପାହ୍ୟାର ଜାପାନୀ ଅଫିସର ହୋଇଥାନ୍ତୁ ପ୍ରଥମେ ସୁଭାଷ ବୋଷଙ୍କର ଅନୁମତି ନ ନେଇ ତାଙ୍କ ସହିତ ସାକ୍ଷାତ୍ କରି ପାରୁ ନଥିଲେ । ତାଙ୍କୁ ସାକ୍ଷାତ୍ କରିବାର ସମସ୍ତ ନିୟମ ପାଳନ କରିବାକୁ ପଡ଼ୁଥିଲା । ସାକ୍ଷାତ କରିବା ପୂର୍ବରୁ ପ୍ରଥମେ ପତ୍ରଦ୍ୱାରା ଅନୁମତି ନେବାକୁ ହୁଏ । ଅନୁମତି ପାଇଲେ ସାକ୍ଷାତ୍‌କାରୀକୁ ଦ୍ୱାରଦେଶରେ ଘଣ୍ଟମତେ ଉଲସି ବସିଯାଏ । ଜାପାନ ସରକାର ଯେତେବେଳେ ଦୂତଙ୍କୁ ଭାରତ ସରକାର ସ୍ୱୀକାର କଲେ ସେତେବେଳେ ଜାପାନମାନଙ୍କ- ଯାପ୍ପୀ ସେମାନେ ଦୂତଙ୍କ ରାଜଦୂତ ମଧ୍ୟ ନିଯୁକ୍ତ କଲେ ।

ରେଙ୍ଗୁନରେ ପହଞ୍ଚି ରାଜଦୂତ ସୁଭାଷଚନ୍ଦ୍ରଙ୍କ ସହିତ ସାକ୍ଷାତ୍ ପ୍ରାର୍ଥନା କଲେ । ସୁଭାଷଙ୍କର ଆଜ୍ଞା ହେଲା—ନିଜର ସମସ୍ତ କାଗଜ ପତ୍ର ପ୍ରଥମେ ମୋର ବୈଦେଶିକ ବିଭାଗର ପରିଦର୍ଶନ ପାଇଁ ପଠାଇ ଦିଅ । ସେଠାରେ କାଗଜ ସରିଲେ ଅନୁମତି ମିଳିବ । ରାଜଦୂତ ଲେଖିଲେ—"କାଗଜପତ୍ର ଟୋକିଓରେ ରହିଛି ।" ସୁଭାଷବାବୁ ଉତ୍ତର ଦେଲେ—"କାଗଜ ଦେଖିଲେ ଯାଇ ସାକ୍ଷାତ୍ ହେବ ।" ରାଜଦୂତ ନାଚାର ହୋଇ ଟୋକିଓ ଫେରିଗଲେ ।

ଜଣେ ଧନୀକ ମୁସଲମାନ କହୁଥିଲେ—"ଆମ ନେତାଜୀଙ୍କର ହୃଦୟ ବଡ଼ ଉଦାର । ସେ ଆମକୁ ଶିଖାଇଥିଲେ—ଆମେ ହିନ୍ଦୁ ନୋହୁଁ କିମ୍ବା ମୁସଲମାନ ନୋହୁଁ । ମୋର କେବେ ଏ ଧାରଣାଇ ଅଛି ନାହିଁ ଯେ ମୁଁ ମୁସଲମାନ୍—ହିନ୍ଦୁଙ୍କଠାରୁ ପୃଥକ୍ । ସେ ଆମର ପିତା ଥିଲେ—ଆମେ ତାଙ୍କର ସନ୍ତାନ । ଟୋକିଓଠାରୁ ଇମ୍ଫାଲ ପର୍ଯ୍ୟନ୍ତ ତାଙ୍କ ସୁନାମ ଛଡ଼ା ଚାଲୁଥିଲା । ସେ ସମସ୍ତ ପୂର୍ବ ଏସିଆର ସମ୍ରାଟ ଥିଲେ ।"

"ଥରେ ଜଣେ ଚୈନିକା ମହିଳା ଗୋଟିଏ ଦରଖାସ୍ତ ନେଇ ତାଙ୍କ ନିକଟକୁ ଆସିଲେ । ନିବେଦନ ବଡ଼ ପ୍ରଭାବଶାଳୀ ଥିଲା । ସେ ନିବେଦନ ଉପରେ ସୁଭାଷଚନ୍ଦ୍ର ଲେଖିଲେ—"ଏ ଟିଲ୍ଲୀଙ୍କର ଦୁଇନ୍ତ ଡଲାର ଦାବି କରେ ।' ମହିଳା ଜଣକ ସେ ନିବେଦନ ପତ୍ର ନେଇ ଜାପାନୀ ସାମରିକ ଅଫିସରଙ୍କଠାକୁ ଗଲେ । ଜାପାନୀ ଅଫିସର ପ୍ରଥମେ ବିରକ୍ତ ହୋଇ କହିଲେ—"ମି: ବୋଷ୍-ଙ୍କର ଆମ କାମରେ ହସ୍ତକ୍ଷେପ କରିବାର କି ଅଧିକାର ଅଛି ?" କିନ୍ତୁ ପରକ୍ଷଣରେ ଶାନ୍ତ ହୋଇ ସେ ଅଫିସର ଉଚ୍ଚପଦସ୍ଥ ଅନ୍ୟ ଅଫିସରଙ୍କଠାକୁ ଗଲେ । ସେ ଜାପାନ ଏବଂ ସ୍ୱାଧୀନ ଭାରତ ସରକାରଙ୍କ ମଧ୍ୟରେ ଥିବା ସଂଯୋଜକ (linson) ଅଫିସରଙ୍କ ପରାମର୍ଶ ନେଲେ । ସଂଯୋଜକ କହିଲେ—"ଶ୍ରୀ ବୋଷଙ୍କର ଆଦେଶ ସମ୍ରାଟଙ୍କର ଆଜ୍ଞାତୁଲ୍ୟ ସମ୍ମାନ ପାଇବା ଉଚିତ ।" ଟିଲ୍ଲୀ ଡଲାର ପାଇଲେ ।

ନେତାଜୀଙ୍କର ରଙ୍ଗମଞ୍ଚ ଉପରେ ଅବତୀର୍ଣ୍ଣ ହେବା ପୂର୍ବରୁ ୪୦୦ ଭାରତୀୟ ଜାପାନ ଅଧୀନରେ ବନ୍ଦୀ ଥିଲେ । ସେମାନଙ୍କ ବିରୁଦ୍ଧରେ ଗୁପ୍ତଚର ଥିବାର ଅଭିଯୋଗ କରାଯାଇଥିଲା । ସେମାନଙ୍କୁ ନାନା ଅତ୍ୟାଚାର ସହିବାକୁ ପଡ଼ୁଥିଲା । ନେତାଜୀ ରେଙ୍ଗୁନ ଆସି ସେମାନଙ୍କ କାଗଜ ଦେଖିଲେ ଏବଂ ସେମାନଙ୍କୁ ତତ୍‌କ୍ଷଣାତ୍ ଛାଡ଼ି ଦିଆଗଲା ।

ଇମ୍ଫାଲ ନିକଟରେ ପଲେଲଠାରେ ଆକାଶଯାନର ଟଭୂମି ଥିଲା । ସେ ଭୂମିର ଏକ ପାର୍ଶ୍ୱରେ ଆଜାଦ୍ ଫୌଜ ଓ ଅନ୍ୟ ପାର୍ଶ୍ୱରେ ଜାପାନ ବାହିନୀ । ପ୍ରତ୍ୟୁଷରେ ଆକ୍ରମଣ କରିବାର କଥା । କିନ୍ତୁ ଆଜାଦ୍ ଫୌଜ ପାଖରେ ଖାଦ୍ୟ ନଥାଏ । ଜଙ୍ଗଲର ଫଳ ମୂଳରେ

Digitized by srujanika@gmail.com

ସେମାନଙ୍କର ନବାନ୍ନ ହୋଇଥିଲା । ଆଜାଦ୍ ଫୌଜର ସେନାପତି ଜାପାନୀ ସେନାପତିଙ୍କପାଖ ଯାଇ କହିଲେ—"ଗୋଟିଏ ଘଣ୍ଟାରେ ଖାଦ୍ୟ ଯାହା ଦେଇ ପାରିବ ଦେବ, ତେବେ ଯୋଗାଡ଼ କରିବା ଆଗରୁ ଏମାନେ ଖାଇ ନାହାନ୍ତି ।" ଜାପାନୀ ସେନାପତି ପରିହାସ କରି ଉତ୍ତର ଦେଲେ—"ଖାଦ୍ୟ ତ ଆମ ପାଖରେ ନାହିଁ—ଖାଦ୍ୟ ସେଇ ଉଡ଼ାଜାହାଜ ପଡ଼ିଆରେ ହେବ ।" ଆଜାଦ୍ ଫୌଜ ସେନାପତି ହସିତ ହୋଇ କହିଲେ—"ଉତ୍ତମ, ଆମେ ସେଇଠୁ ଖାଦ୍ୟ ନେବୁଁ ।" ସଙ୍ଗେ ସଙ୍ଗେ ଜୟ ହିନ୍ଦ୍ ଧ୍ୱନି ଉଠିଲା । ଉଡ଼ାଜାହାଜ କ୍ଷେତ୍ର ଓ ତାର ଭଣ୍ଡାର ଅଧିକୃତ ହୋଇଗଲା । ଠିକ୍ ତା ପରେ ପରେ ଦିଲ୍ଲୀର ବିଶେଷ ସେନା ଆସି ଯିବାରୁ ଆଜାଦ୍ ଫୌଜ ଦୁଇ ମାଇଲ ପଛକୁ ଘୁଞ୍ଚି ଯାଇଥିଲେ ।

ଇମ୍ଫାଲ ରଣକ୍ଷେତ୍ର । ଏକ ପକ୍ଷରେ ଦିଲ୍ଲୀର ବୈଦେଶିକ ସରକାରଙ୍କର ନୌକର ସେନା, ଅନ୍ୟ ପକ୍ଷରେ ସ୍ୱତନ୍ତ୍ର ଭାରତ ସରକାରର ଆଜାଦ୍ ଫୌଜ । ଦୁଇ ସେନାଙ୍କ ମଧ୍ୟବର୍ତ୍ତୀ ସ୍ଥାନ ଗୋଟିଏ କ୍ଷୁଦ୍ର ଅରଣ୍ୟ । ଉଭୟ ସେନା ପରସ୍ପରକୁ ପ୍ରଲୋଭନ ଦେଖାଇବାକୁ ଆରମ୍ଭ କଲେ । ଆଜାଦ ଫୌଜ ଗୋଟିଏ ବୃକ୍ଷ ଶାଖାରେ ପୋଷ୍ଟର ଲଗାଇ ଦେଲେ—"ଆମ ସଙ୍ଗରେ ଯୋଗ ଦିଅ, ସ୍ୱାଧୀନତା ପାଇଁ ଯୁଦ୍ଧ କର ।"

ଦିଲ୍ଲୀର ଇଂରେଜ କର୍ତ୍ତୃତ୍ୱାଧୀନ ଭାରତୀୟ ସେନା ଜବାବ ଦେଲେ—"ତମେ ଜାପାନର ଗୁଲାମ୍—ଖାଇବା ବିନା ମରି ଯାଉଛ—ଆମ ପାଖକୁ ଆସ, ଭଲ ଅନ୍ନ ଓ ଖାଣ୍ଟି ଘିଅ ମିଳିବ ।"

ସ୍ୱାଧୀନ ଭାରତର ସେନା ପ୍ରତିଉତ୍ତର ଦେଲେ—"ଗୁଲାମୀର ଘିଅ ଅନ୍ନଠାରୁ ଆଜାଦୀର ଘାସ ଶହ ଗୁଣରେ ଶ୍ରେୟ । ଆମେ ଜାପାନର ଗୁଲାମ ନୋହୁଁ—ଆମେ ନେତାଜୀଙ୍କର ଆଜ୍ଞାରେ ଲଢ଼ୁଛୁଁ ।"

ଇମ୍ଫାଲ ରଣ କ୍ଷେତ୍ରରେହିଁ ସ୍ୱାଧୀନ ଭାରତୀୟ ସେନାଙ୍କୁ ଆଦେଶ ହେଲା—"ପଛଘୁଞ୍ଚା ଦିଅ ।" ସେନା ମଧ୍ୟରେ ବିକ୍ଷୋଭ ଉଠିଲା—"କାହିଁକି ? ନେତାଜୀ ତ ଆମକୁ ଅଗ୍ରସର ହେବାର ଆଜ୍ଞା ଦେଇଛନ୍ତି—ଆମେ ପଛ ଘୁଞ୍ଚା ଦେବୁ କାହିଁ ?" ସେନାପତି ବୁଝାଇଲେ, "ଆମ ପାଖରେ ଯାନ ନାହିଁ, ବାହନ ନାହିଁ, ଯୁଦ୍ଧ ସରଞ୍ଜାମ ନାହିଁ, ଖାଦ୍ୟ ନାହିଁ, ଔଷଧ ନାହିଁ—ଆମକୁ ପଛଘୁଞ୍ଚା ଦେବାକୁ ହେବ ।"

ସୈନିକମାନେ ଜବାବ ଦେଲେ, "ଆମର କିଛି ଲୋଡ଼ା ନାହିଁ—ଆମେ ଗୋଡ଼ରେ ଚାଲିବୁ—ପଥର ଖାଇ ଦିନ କାଟିବୁଁ, ବିନା ଅସ୍ତ୍ରରେ କାମ ଚଳେଇ ଦେବୁ । କିନ୍ତୁ ଇମ୍ଫାଲ ନିଶ୍ଚୟ ଯିବୁଁ, ନେତାଜୀଙ୍କର ଏହାହିଁ ଆଦେଶ ।"

ଯେତେବେଳେ ସୁଭାଷଚନ୍ଦ୍ରଙ୍କର ହସ୍ତଲିଖିତ ଆଦେଶ ଆସିଲା, ସେତେବେଳେ ସମସ୍ତେ କାନ୍ଦିବାକୁ ଆରମ୍ଭ କଲେ ଏବଂ ଭଗ୍ନ ହୃଦୟରେ ଫେରିବାକୁ ବାଧ୍ୟ ହେଲେ ।

ପଛଘୁଞ୍ଚା ଦେବାଠାରୁ ଆତ୍ମହତ୍ୟାକୁହିଁ ଆଜାଦ୍ ଫୌଜ ଶ୍ରେୟ ମନେ କଲେ କିନ୍ତୁ ନେତାଜୀଙ୍କର ଆଜ୍ଞା ଆଗରେ ସେମାନେ ମସ୍ତକ ଅବନତ କଲେ ।

ସୁଭାଷଚନ୍ଦ୍ର ବନ୍ଦୀମାନଙ୍କ ପ୍ରତି କେବେ ଦୁର୍ବ୍ୟବହାର କରୁ ନ ଥିଲେ । ଇଂରେଜ ବନ୍ଦୀମାନଙ୍କ ପ୍ରତି ମଧ୍ୟ ନୁହେଁ । ସେ ସେମାନଙ୍କର ଖାଦ୍ୟ ଆଚ୍ଛାଦନ ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ । କିନ୍ତୁ ଇଂରେଜମାନେ ସେମାନଙ୍କର ବନ୍ଦୀଙ୍କ ଉପରେ ବ୍ୟବହାର କରନ୍ତି ତାର ଉଦାହରଣ ଦେବା ପ୍ରୟୋଜନ ନାହିଁ ।

ଆଜାଦ ହିନ୍ଦ୍ ଫୌଜର ସୈନିକ ହସ୍ପିଟାଲ ପରିଦର୍ଶନ କଲାବେଳେ ନେତାଜୀ ଗୋଟିଏ ଆହତ ସୈନ୍ୟଙ୍କୁ ଦେଖିଲେ—ତାଙ୍କର କୋଟ୍ ନଥିଲା । ନେତାଜୀ ସଙ୍ଗେ ସଙ୍ଗେ ନିଜ କୋଟ୍ ଖୋଲି ଦେଇ-ଦେଲେ । ସୈନିକ 'ଜୟହିନ୍ଦ' କହି ମସ୍ତକ ଅବନତ କରି ଶ୍ରଦ୍ଧା ସହିତ ମହତ ଦାନକୁ ଗ୍ରହଣ କରି କହିଲେ—"ମୁଁ ଏ ଧନକୁ ନିଜ ଜୀବନଠାରୁ ଅଧିକ ଯତ୍ନରେ ରଖିବି । ଭାରତ ସ୍ୱାଧୀନ ନ ହେବା ଯାଏ ମୁଁ ଏହାକୁ ବ୍ୟବହାର କରିବି ନାହିଁ । ସ୍ୱାଧୀନ ଭାରତରେହିଁ ମୁଁ ଏହାକୁ ସଗର୍ବରେ ପରିଧାନ କରିବି ।"

ନେତାଜୀ ସବୁ ସୈନ୍ୟଙ୍କ ସାଙ୍ଗରେ ମିଳିମିଶି ରହୁଥିଲେ, ଖାଉଥିଲେ, ଶୋଉଥିଲେ । ଘଣ୍ଟା ଘଣ୍ଟା ଧରି କ୍ରୀଡ଼ା କରୁଥିଲେ । ବିଶ୍ରାମ କରୁଥିଲେ ମାତ୍ର ଦୁଇଘଣ୍ଟା ।

ସେ ଜାପାନୀମାନଙ୍କ ସ୍ୱାର୍ଥ ପାଇଁ ସେନା ସଂଗଠନ କରି ନ ଥିଲେ—କରିଥିଲେ ଭାରତର ମୁକ୍ତି ପାଇଁ । ପ୍ରତ୍ୟେକ ସୈନିକକୁ ଆଦେଶ ଦିଆଯାଇଥିଲା—ସେ ସମସ୍ତ ଭାରତୀୟ ମହିଳାକୁ ମାତା ଓ ଭଗ୍ନୀ ତୁଲ୍ୟ ଏବଂ ଭାରତୀୟଙ୍କୁ ଭ୍ରାତା ବା ପିତା ତୁଲ୍ୟ ଜ୍ଞାନ କରିବେ ।

ଆଜାଦ୍ ହିନ୍ଦ୍ ଫୌଜର ସେନାମାନଙ୍କୁ ଚତୁର ଇଂରେଜ ଅଧୀନ ଭାରତୀୟ ସେନାଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିଲା । କିନ୍ତୁ ଯୁଦ୍ଧ ହେବା ପୂର୍ବରୁ ସେ ଇଂରେଜ ଦାସ ସୈନ୍ୟଙ୍କୁ ପ୍ରାର୍ଥନା କରୁଥିଲେ—ଆପଣମାନେ ସ୍ୱାଧୀନ ଭାରତ ନାମରେ ଅସ୍ତ୍ର ସମର୍ପଣ କରନ୍ତୁ ।

ଥରେ ଗୋଟିଏ ବୁଢ଼ୀ ଆସି କହିଲା—"ମୋର ପୁଅ ଆଜାଦ୍ ହିନ୍ଦ୍ ଫୌଜରେ ଲଢ଼ିବାକୁ ଯାଇଛି । ସେ ମୋତେ ନେତାଜୀଙ୍କ କଥା ବହୁତ କହେ । ତାଙ୍କ ଫଟୋ ଅଛି । ସେ କହେ—ନିଶ୍ଚୟ ନିଶ୍ଚୟ ନେତାଜୀଙ୍କ ଦର୍ଶନ କରିବୁ । ସେଥିପାଇଁ ମୁଁ ୬୧ ମାଇଲ ବାଟ ଚାଲି ଆସିଛି ।"

ନେତାଜୀ ଆସିଲେ ବୁଢ଼ୀକୁ ଦର୍ଶନ ଦେବା ପାଇଁ । ବୁଢ଼ୀ ଦେଖିବା ମାତ୍ରେ ନେତାଜୀଙ୍କ ପାଦ ତଳେ ପଡ଼ିଗଲା । ନେତାଜୀ ଘୁଞ୍ଚି ଯାଇ ବୁଢ଼ୀକୁ ଉଠାଇ ନେଲେ ।—"ମା—ମା—" କହି ସ୍ମରଣ କରି ଯୋଡ଼ି କଲେ । କହିଲେ—"ମା, ତୋର ପରି ସରଳା, ତୋର ପରି ସ୍ନେହମୟୀ, ତୋର ପରି ବୁଢ଼ୀ ହଜାର ମା'ଙ୍କୁ ମୁଁ ଭାରତରେ ଛାଡ଼ି ଆସିଛି । ଆଜି—ଆଜି ଆମେ ସମସ୍ତେ ନିଜ ମା'ର କୋଳରୁ ଦୂରେ ହୋଇ ଯାଇଛୁଁ—ଆମର ଭାରତ ଜନନୀ କୋଳରୁ ।"

ଇଂରେଜ ଗୁପ୍ତଚରେ ଓ ବିଶ୍ୱାସଘାତକ ବହୁବାର ନେତାଜୀଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କରି ବିଫଳ ହୋଇଛନ୍ତି । ଥରେ ନେତାଜୀଙ୍କ ଆଗଣା ଭିତରେ ଜଣେ ଗୁପ୍ତଚର ଧରା ପଡ଼ିଲା । ତା ପାଖରେ ୬ ଗୁଳି ଭରା ରିଭଲଭର ଥିଲା । ନେତାଜୀଙ୍କୁ ଆସୁଥିବା ଦେଖି ସେ ଗାଳି ଦେଲା । ତଥାପି ନେତାଜୀ ତାକୁ ଡାକି ତା ସହିତ କଥାଭାଷା କରିବାକୁ ପ୍ରସ୍ତୁତ ଥିଲେ କିନ୍ତୁ ରକ୍ଷୀମାନେ ତାହା କରିବାକୁ ବାରଣ କରୁଥିଲେ ।

୧୯୪୪ ଅକ୍ଟୋବର ୨୧ ତାରିଖରେ ନେତାଜୀ ସିଙ୍ଗାପୁର-

Digitized by srujanika@gmail.com

ତାରେ ପ୍ରଥମ ପଦାତିକ ବାହିନୀକୁ ସଂବୋଧନ କରି ବକ୍ତୃତା ଦେଉଥିଲେ । ଉପରେ ଜାପାନୀ ଜଙ୍ଗୀଜାହାଜ ଉଡ଼ୁଥିଲା । ହଠାତ୍ ଆକାଶରୁ ମେସିନ୍ ଗନ୍‌ର ଗୁଳି ଗଳିଲା । ଆକାଶରେ ବିମାନ ଯୁଦ୍ଧ । ନେତାଜୀ କିନ୍ତୁ ଅବିଚଳିତ ହୋଇ ଠିଆ ହୋଇଥାନ୍ତି । ତାଙ୍କୁ ଟ୍ରେଞ୍ଚରେ ଆଶ୍ରୟ ନେବାକୁ ଅନୁରୋଧ କଲାରୁ ସେ କହିଲେ—"ଯଦି ଏଠି ଜଣେ ହଜାର ସ୍ୱାଧୀନ ସେନା ନିର୍ଭୟରେ ଏ ବିପର୍ଯ୍ୟୟ ମଧ୍ୟରେ ଠିଆ ହୋଇ ପାରନ୍ତି, ମୁଁ ମୋ ଜୀବନ ପାଇଁ ଭୟଭୀତ ହୋଇଯିବି ?" ସେହି ସମୟରେ ଗୋଟିଏ ଶତ୍ରୁ ଜାହାଜ ନେତାଜୀଙ୍କ ମୁଣ୍ଡ ଉପରୁ ଠିକ୍ ୨ ଫୁଟ ଉଚ୍ଚରେ ଉଡ଼ିଯାଇ ଗୁଳି ବର୍ଷା କରିଗଲା । କିନ୍ତୁ ନେତାଜୀଙ୍କ କୌଣସି ଆଘାତ ହୋଇ ନଥିଲା ।

ଥରେ ଝାନସିରାଣୀ ରେଜିମେଣ୍ଟର ଜଣେ ବୃଦ୍ଧା ସେବିକାର ସମ୍ମାନ ଗ୍ରହଣ କଲାବେଳେ ସୁଭାଷ ପଚାରିଲେ—"ତୁମ ପରିବାରର ସା' ଭଲ ଅଛି ?"

"ହଁ,—ଈଶ୍ୱର ଏବଂ ନେତାଜୀ ।" ସେବିକା ଉତ୍ତର ଦେଲା । ସୁଭାଷ ଚାଲିଯାଉଥିଲେ, ରହିଗଲେ । ସେବିକା କହିଗଲା ଏବଂ ପଚାରିଲା—"ନେତାଜୀ, କାଲି ରାତିର ରେଡ଼ିଓ ଆପଣଙ୍କୁ ସ୍ୱପ୍ନଦ୍ରଷ୍ଟା ବୋଲି କହି ଗାଳି ଦେଉଛି ।"

ସୁଭାଷ ହସି ହସି କହିଲେ—"ମିଛ କ'ଣ କହିଲେ ? ମୁଁ ନିଜକୁ ସ୍ୱପ୍ନଦ୍ରଷ୍ଟା କହିବାରେ ଗର୍ବ ଅନୁଭବ କରେଁ । ମୁଁ ପିଲାଦିନୁ ସ୍ୱପ୍ନରେହିଁ ବୁଡ଼ି ରହିଛି । ମୋର ସ୍ୱପ୍ନର ସ୍ୱପ୍ନ ଗୋଟିଏ—ସେ ହେଉଛି, ଭାରତର ସ୍ୱତନ୍ତ୍ରତା । କେବେ କହି ପାରନ୍ତି ଏ ଦୁର୍ବଳତା । କିନ୍ତୁ ମୁଁ ମୋର ଏହି ଦୁର୍ବଳତାକୁ ଅପଣାର ଶକ୍ତି ମନେ କରେଁ । ମୁଁ ଯଦି ସ୍ୱାଧୀନତା ସ୍ୱପ୍ନର ଝଲକ ପାଇ ନଥାନ୍ତି—ତେବେ ହୁଏତ ଆଜି ଗୋଟାଏ ନଗଣ୍ୟ କିରାଣି ଗୋଲାମ ଛଡ଼ା ଆଉ କିଛି ହୋଇ ନ ଥାନ୍ତି । ଲୋକେ ପଚାରନ୍ତି—କ'ଣ ମୋର ସ୍ୱପ୍ନ ସଫଳ ହେବ ? ମୋର ଆଜି ସେ ସମ୍ବନ୍ଧରେ ଆଉ ସନ୍ଦେହ ନାହିଁ । ମୋର ପ୍ରଥମ ସ୍ୱପ୍ନ ଥିଲା—ଆଜାଦ୍ ଫୌଜ—ସେ ସ୍ୱପ୍ନ ସତ୍ୟ ହୋଇଛି । ମୋର ଦ୍ୱିତୀୟ ସ୍ୱପ୍ନ ଥିଲା, ସ୍ୱାଧୀନତା-ପାଗଳ ଭାରତୀୟ ଭଉଣୀ—ଯାହାର ଜୀବନ୍ତ ମୂର୍ତ୍ତି ସ୍ୱରୂପ ତୁମେ ଠିଆ ହୋଇଛ । ନା—ନା—ମୁଁ ସ୍ୱପ୍ନଦ୍ରଷ୍ଟା ନ ହୋଇ ରହି ପାରେନା—ବିକାଶ, ଆନନ୍ଦ, ସ୍ୱାଧୀନତା ଏବଂ ପୂର୍ଣ୍ଣତାର ସ୍ୱପ୍ନହିଁ ତ ମାନବତା ଏବଂ ଚିରନ୍ତନ ସତ୍ୟ ଭଉଣୀ ।"

ଆଜାଦ୍ ହିନ୍ଦ୍ ଫୌଜର ମୁଖପତ୍ର 'ଜୟହିନ୍ଦ୍'ରେ ଲେଖା ଯାଇଛି ଯେ କୌଣସି ସଭାରେ ନେତାଜୀଙ୍କ ଗଳାରେ ପଡ଼ିଥିବା ଫୁଲମାଳକୁ ଧରି ନେତାଜୀ କହିଲେ—"ଯାହାର ଇଚ୍ଛା ଅଛି ସେ ଏ ମାଳା ନିଲାମ କରିପାରେ—ସେ ଅର୍ଥ ଫୌଜ ପାଣ୍ଠିକୁ ଯିବ ।" ନିଲାମ ହେଲା । ପହିଲୁ ଡାକ ହେଲା—ଏକଲକ୍ଷ, ଦ୍ୱିତୀୟ ଡାକ ଦେଢ଼ଲକ୍ଷ, ତୃତୀୟ ଡାକ ୩ ଲକ୍ଷ । ଏମିତି ୭ ଲକ୍ଷ ପର୍ଯ୍ୟନ୍ତ ଡାକ ହୋଇଗଲା । ଚରମ ଡାକ ଡାକିଥିବା ଲୋକକୁ ମାଳା ଦିଆ ଯାଉଥିବାବେଳେ ଜଣେ ଯୁବକ ମଞ୍ଚ ଉପରକୁ ଉଠିଯାଇ କହିଲା—"ମୁଁ ଆଜି ମୋର ଯଥା ସର୍ବସ୍ୱ ଏଥିପାଇଁ ଦାନ କରୁଛି ।" ସୁଭାଷବାବୁ ଯୁବକର କଂପିତ ହସ୍ତକୁ ଧରି କହିଲେ—"ଏ ମାଳା ତୁମର—ତୁମ ଭଳି ଦେଶଭକ୍ତ ଗୌରବର ପାତ୍ର ।"

ବର୍ମୀମାନେ ସୁଭାଷବାବୁଙ୍କୁ ସବୁଥର ସୁନାରେ ଓଜନ କରି ସେ ସୁନାକୁ ଫୌଜ ପାଇଁ ବ୍ୟୟ କରିବାକୁ ଦେଉଥିଲେ । ସୁଭାଷବାବୁଙ୍କ ଜନ୍ମ ଦିବସରେ ଜଣେ ବର୍ମୀ ସୌଦାଗର ତାଙ୍କୁ ହୀରକ ଖଚିତ ମୁକୁଟରେ ଶୋଭିତ କରିବାକୁ ଚାହିଁଲା ମାତ୍ର ସୁଭାଷବାବୁ ମୁକୁଟ ପରିଧାରଣ କରିବାକୁ ଅସ୍ୱୀକାର କଲେ ।

ନେତାଜୀ ଯେତେବେଳେ ବର୍ମା ତ୍ୟାଗ କଲେ ସେତେବେଳେ ନେତାଜୀଙ୍କର ନେତୃତ୍ୱ ହରାଇବା ଦୁଃଖରେ କେତେଜଣ ସୈନ୍ୟ ଆତ୍ମହତ୍ୟା ମଧ୍ୟ କରି ଦେଇଥିଲେ ।

କୋହିମାରେ ଯୁଦ୍ଧ ବେଳେ ଜଣେ ମୁମୂର୍ଷୁ ଆହତ ସୈନିକ ସାହାନଓ୍ୱାଜଙ୍କୁ ଡାକି କହିଲା—'ତମେ ଫେରି ଯାଉଛ ? ନେତାଜୀଙ୍କୁ ମୋର ବାଣୀ ଦେବ—କହିବ—ମୁଁ ଖୁବ୍ ଭଲ ଭାବରେ ଲଢ଼ିଛି ଏବଂ ମୁଁ ଆଜି ଯେତେବେଳେ ମରୁଛି—ମୋର ଭାରି ଆନନ୍ଦ ହେଉଛି ଯେ—ମୁଁ ଦେଶର ସ୍ୱାଧୀନତା ପାଇଁ ଲଢ଼ିଥିଲି ।

ବନ୍ଦୀ ମୁକ୍ତ ଆଜାଦ୍ ହିନ୍ଦ୍ ଫୌଜ ନେତାଜୀ ମରିଛନ୍ତି ବୋଲି ବିଶ୍ୱାସ କରି ପାରୁ ନାହାନ୍ତି । ଜଣେ କହିଲେ—"ନେତାଜୀ କଦାପି ମରି ନପାରନ୍ତି । ଭାରତ ସ୍ୱାଧୀନ ନ ହେବା ଯାଏ ସେ କେବେ ମରିବେ ନାହିଁ ।" ନେତାଜୀଙ୍କ ପ୍ରତି ସୈନ୍ୟମାନଙ୍କର ଅଟଳ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ।

ମାଳୟର ଏକମାତ୍ର ସ୍ୱାଧୀନ ମୁଖପତ୍ର 'ମାଳୟ ସିମ୍ପୋ' ସୁଭାଷଙ୍କର ମୃତ୍ୟୁରେ (?) ଅଗ୍ରଲେଖ ଲେଖିଥିଲେ—

"ଅସ୍ଥାୟୀ ଆଜାଦ୍ ସରକାରର ଅଧିପ ସୁଭାଷ ବୋଷ···ଙ୍କ କରୁଣ ମୃତ୍ୟୁରେ ସମଗ୍ର ପୃଥିବୀ ବ୍ୟଥିତ ହେବ । ପୂର୍ବ ଏସିଆର କୋଟି କୋଟି ଲୋକଙ୍କର ହୃଦୟ ଏ ଦୁଃସମ୍ବାଦରେ ଫାଟି ଯାଉଛି । ଗତ ସାଢ଼େ ତିନିବର୍ଷ ହେଲା ସେ ଏହି ଗୋଲାମ ଏବଂ ଗରିବଙ୍କ ଭିତରେ ରହି କାମ କରୁଥିଲେ ।······ପୂର୍ବ ଏସିଆର ସ୍ୱାଧୀନତା ଆନ୍ଦୋଳନ ପରଠାରୁ ସୁଭାଷ ଅନ୍ତରାଷ୍ଟ୍ରୀୟ ରାଜନୀତିର ପ୍ରମୁଖ ବ୍ୟକ୍ତି ହୋଇଗଲେ । ପୂର୍ବ ଏସିଆ ଲୋକଙ୍କ ଭିତରେ ସେ ଏତେ ଲୋକପ୍ରିୟ ଥିଲେ ଯେ କଥାରେ କହି ହେବନାହିଁ ।···ବ୍ରହ୍ମଦେଶ ଆତ୍ମ ସମର୍ପଣ କଲାବେଳେ ମଧ୍ୟ ସୁଭାଷ ସାହସ ହରାଇ ନଥିଲେ । ସେହି ଦିନ ଆମ ଭିତରେ ରହି ସେ କାର୍ଯ୍ୟଦ୍ୱାରା ପ୍ରମାଣ କରି ଯାଇଥିଲେ ଯେ ଭାରତର ଆତ୍ମାରେ ଏବେ ବି ସ୍ୱାଧୀନତାର ନିଆଁ ଜଳୁଛି ।······ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରାଣ ବଳି ଦେବା ତାଙ୍କର ଚରମ ସାଧ ଥିଲା । ଆଜି ତାଙ୍କର ଏହି ବଳିଦାନରେ ମାଳୟ ବାସୀଙ୍କୁ ସ୍ୱାଧୀନତାର ଅମର ପ୍ରେରଣା ମିଳିଛି ।"

ଥରେ ମିଲିଟାରୀ ଅଫିସର ମାନଙ୍କର ଗୋଟିଏ ମିଟିଂରେ ଜେନାରଲ ତୋଜୋ କଥାରେ କଥାରେ କହିଲେ—'ଭାରତ ସ୍ୱାଧୀନ ହେଲେ ଶ୍ରୀ ସୁଭାଷ ବୋଷ ଭାରତର ପ୍ରଥମ ନେତା ହେବେ ।" ନେତାଜୀ ଅତି କ୍ଷୋଭ ପ୍ରକାଶ କରି କ୍ରୋଧରେ କହିଲେ—"ଭାରତ ଉପରେ କାହାରି ନେତୃତ୍ୱ ନେଇ ଲଦି ଦେବାର ଅଧିକାର—ଜେନେରଲ ତୋଜୋଙ୍କର ନାହିଁ । ନେତା ବାଛିବାର ଅଧିକାର କେବଳ ଦେଶରହିଁ ଅଛି ।" ସୁଭାଷ ସବୁବେଳେ ନିଜକୁ ଜଣେ ସାମାନ୍ୟ ଦେଶ ସେବକ ବୋଲି ମନେ କରୁଥିଲେ ।

Digitized by srujanika@gmail.com

# ସହୀଦ ସ୍ମୃତି

"ଗତେଉ ପୁଣି ଯେ ଅତୀତକୁ କଲା ପରିଣତ ଭବିଷ୍ୟତେ,
ଅଧୁନିକ ଅଛି ତୃଣି-ନାଥ କରେ ତାହାର ଚରଣ ଗନ୍ଧ ।"

—ନିତ୍ୟାନନ୍ଦ

ଗତ ଅଠ ତାରିଖ ଜୁଲାଇର ଘଟଣା । ସିଂଗାପୁରରେ ଭାରି ଆନ୍ଦୋଳନ ଚାଲିଛି—ସେହିଦିନ ଆଜାଦ୍ ହିନ୍ଦ୍ ଫୌଜର ସହୀଦମାନଙ୍କ ସ୍ମାରକ ଭିତ୍ତି ସ୍ଥାପିତ ହେବାର କଥା । ସେହି ସ୍ମୃତିସ୍ତମ୍ଭ ଉତ୍ତୋଳନ କରିବା ପାଇଁ ସ୍ଥାନ କଳ୍ପିତ ହୋଇଛି ସମୁଦ୍ରତଟସ୍ଥ କନାଟ ଡ୍ରାଇଭ୍ ଠାରେ । ଏହିଠାରେ ନେତାଜୀ ସର୍ବପ୍ରଥମ ଆଜାଦ ହିନ୍ଦ୍ ଫୌଜର ସଂଗଠନ ପ୍ରସ୍ତାବ ଆଣିଥିଲେ ।



ସ୍ୱ ସଶସ୍ତ୍ର ସଂଗ୍ରାମର ସହୀଦ ସ୍ତମ୍ଭ

କନାଟ ଡ୍ରାଇଭ୍‌କୁ ଯିବାପାଇଁ ତିନୋଟି ମୁଖ୍ୟ ରାଜମାର୍ଗ । ପ୍ରତ୍ୟେକ ପଥର ଦୁଇ ପାର୍ଶ୍ୱରେ ବୀର ଆଜାଦ ଫୌଜର ସୈନ୍ୟମାନେ ପଲଟଣୀ ପୋଷାକରେ ଉଭା ହୋଇଚନ୍ତି । ଉପସ୍ଥିତ ଅତିଥିମାନଙ୍କର ସ୍ୱାଗତ ପାଇଁ ଝାନ୍ସି ରାଣୀ ରେଜିମେଣ୍ଟର ସ୍ୱୟଂ ସେବିକାମାନେ କିଛି ଦୂରରେ ଉପସ୍ଥିତ ରହିଚନ୍ତି । ବଡ଼ ବଡ଼ ଜାପାନୀ ଅଫିସର, ଶ୍ୟାମୀ ରାଜଦୂତ ତଥା ଧନୀ ସୌଦାଗରମାନେ ଏ ଉତ୍ସବରେ ଯୋଗ ଦେବା ଉଦ୍ଦେଶ୍ୟରେ ସମାଗତ ।

ସେଦିନ ସକାଳୁ ଭାରତୀୟ ନାଶନାଲ ସ୍କୁଲ ଛୁଟି ହୋଇ ଯାଇଥିଲା । ସେହି ଅନୁଷ୍ଠାନର ଛାତ୍ରମାନେ ଗୋଟିଏ ବାଳକ ସେନା ସଙ୍ଗଠନ କରି ସୁନ୍ଦର ଖାକୀ ପୋଷାକ ଉପରେ ତିରଙ୍ଗା ସ୍କାର୍ଫ ଚଢ଼ାଇ 'ଜନଗଣ ମନ' ଗୀତ ଗାଇ କନାଟ ଡ୍ରାଇଭ ଅଭିମୁଖରେ ଅଗ୍ରସର ହେଉଥାନ୍ତି । ସେମାନଙ୍କର ଛୋଟ ଛୋଟ ଭଉଣୀ ଗୁଡ଼ିକ ତିରଙ୍ଗା ଶାଢ଼ୀ ପିନ୍ଧି ଛୁଲ ଛୁଲ ଗୋଛା ଗୋଛା ଫୁଲ ବିକିବାରେ ଲାଗିଥାନ୍ତି । ପୁଷ୍ପଗୁଚ୍ଛ ଗୁଡ଼ିକର ମୂଲ୍ୟ ନିର୍ଦ୍ଦିଷ୍ଟ ନାହିଁ । ସହୀଦଙ୍କର ସ୍ମୃତିସ୍ତମ୍ଭ ଉପରେ ଅର୍ପଣ କରିବା ପାଇଁ ସମସ୍ତେ ସେ ପୁଷ୍ପଗୁଚ୍ଛ କ୍ରୟ କରୁଥାନ୍ତି । ବଡ଼ ବଡ଼ ଜାପାନୀ ଅଫିସର ଏବଂ ପ୍ରତିଷ୍ଠାବାନ ଅତିଥିମାନେ ଖୁବ୍ ଉଚ୍ଚ ମୂଲ୍ୟରେ ସେ ଫୁଲ କ୍ରୟ କଲେ । ସକାଳୁ ଉଠି ବାଳିକାମାନେ ନିଜ ହାତରେ ଫୁଲ ତୋଳି ନିଜେ ନିଜେ ଗୁଚ୍ଛମାନ ଗୁନ୍ଥିଥିଲେ । ସେ ଫୁଲ ବିକ୍ରିରୁ ଯେଉଁ ଅର୍ଥ ମିଳିଲା ସବୁ ତାଙ୍କର ସଙ୍ଘ ନାୟିକା ହସ୍ତରେ ଅର୍ପଣ କରିଦେଲେ । ସେ ସମସ୍ତ ଅର୍ଥ ସ୍ମୃତି ପାଣ୍ଠିକୁ ଦେଇ ଦିଆଗଲା ।

ମୁଖ୍ୟ ମଞ୍ଚକୁ ତିନି ଦିଗରୁ ଝାନ୍ସିର ରାଣୀ ରେଜିମେଣ୍ଟ ଘେରି ରହିଥିଲେ ଏବଂ ସେମାନଙ୍କ ସମ୍ମୁଖରେ ଗୋଟିଏ ବଡ଼ ସୁନ୍ଦର ତୋରଣ ନିର୍ମିତ ହୋଇଥାଏ । ତା'ର ଆଗରେ ବ୍ୟାଣ୍ଡବାଦ୍ୟ ବାଜୁଥିଲା । ତୋରଣ ସମୀପରେ ବାଳକସେନାମାନେ ଦୁଇ ପଙ୍‌କ୍ତିରେ ଦଣ୍ଡାୟମାନ ।

ଠିକ୍ ୧୨ଟା ସମୟରେ ନେତାଜୀ ଆସିଲେ । ଆଜି ସେ ସୈନ୍ୟ ସାଜରେ ସଜ୍ଜିତ ନ ଥିଲେ । ଗ୍ରୀଷ୍ମଦିନ । ସେଥିପାଇଁ ସେ ଗୋଟିଏ ସରୁ ସଫା ଧୋତି ଓ ପଞ୍ଜାବୀ ପିନ୍ଧିଥିଲେ । ମଥାରେ ଟୋପି । ବାହୁରେ ଗୋଟିଏ କଳା ରେଶମୀ ଲେନା ବନ୍ଧା ଥିଲା । ଆଜି ନେତାଜୀ ବଡ଼ ଗମ୍ଭୀର । ଜାପାନୀ ଅଫିସରମାନେ ତାଙ୍କୁ ଅଭିବାଦନ କଲେ । ସେ ପ୍ରତିନମସ୍କାର କରି ପତାକା ନିକଟକୁ ଗଲେ । କମାଣ୍ଡର ମିସ୍ ଲକ୍ଷ୍ମୀ

Digitized by srujanika@gmail.com

ସେଦିନ ଅସୁସ୍ଥ ଥାଆନ୍ତି । ତେଣୁ ତତ୍‌ସ୍ଥାନାପନ୍ନ ଅଫିସର କ୍ୟାପ୍‌ଟେନ ମିସେଜ୍ ଠେବର, କ୍ୟାପ୍‌ଟାନ ଅଫ୍ ଦି ରେଜିମେଣ୍ଟ ପତାକାର ଡୋର ନେତାଜୀଙ୍କ ହାତରେ ସମର୍ପଣ କରିବା ସଙ୍ଗେ ସଙ୍ଗେ ବ୍ୟାଣ୍ଡ୍‌ବାଦ୍ୟ 'ଜୟ ହୋ' ସଙ୍ଗୀତ ବାଜି ଉଠିଲା । ବାଳକ ସେନା ମାର୍ଚ୍ଚ କରୁ କରୁ 'କୌମୀ ନିଶାଁ ଲହରାଏ ଯା' ସଙ୍ଗୀତ ଗାଇ ଗାଇ ତୋରଣ ନିକଟରୁ ମଞ୍ଚ ପର୍ଯ୍ୟନ୍ତ ଆସିଲେ । ସେମାନଙ୍କର ମାତ୍ର ୧୪ ବର୍ଷ ବୟସ୍କ ସର୍ଦ୍ଦାର ନେତାଜୀଙ୍କ ହାତରେ ଗୋଟିଏ ନିଃସଙ୍ଗ ପୁଷ୍ପଗୁଚ୍ଛ ଅର୍ପଣ କଲେ ।

ତତ୍ପରେ ସୁଭାଷ ମଞ୍ଚ ଉପରକୁ ଯାଇ ଲାଉଡସ୍ପିକର ସାହାଯ୍ୟରେ ଭାଷଣ ଆରମ୍ଭ କଲେ—"ଭାରତବାସୀଙ୍କ ପକ୍ଷରେ ଆଜି ସେଇ ଦିନ ଉପସ୍ଥିତ ଯାହା ଚିରଦିନ ଆମର ସ୍ମୃତି ପଟରେ ଅଙ୍କିତ ହୋଇ ରହିଥିବ । ଆମର ଇତିହାସର ଯେଉଁ ପୃଷ୍ଠାରେ ଏହି ଦିନର ଉଲ୍ଲେଖ ହେବ ସେଇ ପୃଷ୍ଠା ପଢ଼ି ପଢ଼ି ଅଧିବାସୀମାନଙ୍କର ସ୍ୱାଧୀନ ଭାରତର ଦୃଷ୍ଟି ଲୋତକରେ ଅଚ୍ଛନ୍ନ ହୋଇଯିବ ।

ଯେଉଁ ସହୀଦମାନେ ଭାରତମାତାର ସ୍ୱତନ୍ତ୍ରତା ପାଇଁ ଆପଣାର ଜୀବନ ଉତ୍ସର୍ଗ କରିଛନ୍ତି ସେହି ସହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଆଜି ଆମେ ଏଠାକୁ ଆସିଅଛୁଁ । ଆମର ଆଜାଦ୍ ହିନ୍ଦ୍ ସରକାର ୨୩ ଅକ୍‌ଟୋବର ୧୯୪୩ ରେ ଆମେରିକା ଏବଂ ଇଂଲଣ୍ଡ ଉପରେ ଯୁଦ୍ଧ ଘୋଷଣା କରି ଏବଂ ୪ ଫେବୃଆରୀ ୧୯୪୪ରେ ପ୍ରଥମ ସଶସ୍ତ୍ର ଆକ୍ରମଣ ଆରମ୍ଭ କଲା । ସେହିଦିନଠାରୁ ଆଜିଯାଏ ଆମର ସେନା ରକ୍ତପଥ ଉପରେ ଦୃଢ଼ ପଦକ୍ଷେପ ଅଙ୍କନ କରି ଯାଉଛନ୍ତି । ନିଜର ରକ୍ତବିନ୍ଦୁ ଦେଇ ମା'ର ଆରତି ଥାଳି ସଜାଇ ଦେଇଛନ୍ତି । ଆଜି ସେହି ଶୁଭଦିନ ଆଗତ— ଆମେ ଆଜି ରକ୍ତ ବିନ୍ଦୁର ପରିଶୋଧରେ ପ୍ରସ୍ତରର ଏହି ସ୍ମୃତି ସ୍ତମ୍ଭକୁ ନିର୍ମିତ କରିବାକୁ ଯାଉଛୁଁ ।

ଆମର ଏହି ପ୍ରଥମ ସ୍ମାରକ ପାଇଁ ସିଙ୍ଗାପୁର ମନୋନୀତ ହୋଇଛି । ପ୍ରକୃତରେ ସିଙ୍ଗାପୁର ଏ ଗୌରବର ଅଧିକାରୀ । ଏହିଠାରେ ସର୍ବପ୍ରଥମେ ଆଜାଦ୍ ହିନ୍ଦ୍ ସରକାରର ଯୋଜନା ଗୃହୀତ ହୋଇଥିଲା । ଏଇଠି—ଏଇ ସ୍ଥାନରେ ଆଜାଦ୍ ହିନ୍ଦ୍ ଫୌଜର ହିନ୍ଦୁ ମୁସଲମାନ ଶିଖ୍ ଭାଇମାନେ କାନ୍ଧରେ କାନ୍ଧ ମିଳାଇ ପାଦ ସହିତ ପାଦ ପକାଇ ସ୍ୱାଧୀନତାର ଧ୍ୱଜ ଦେଶ ଅଭିମୁଖରେ ଅଗ୍ରସର ହେବାର ଶପଥ ଗ୍ରହଣ କରିଥିଲେ । ଆଜାଦ୍ ହିନ୍ଦ୍ ସେନା ପାଇଁ ସିଙ୍ଗାପୁର ବହୁ ସଂଖ୍ୟକ ଯୁବକ ଦାନ କରିଛି । ସେଥିପାଇଁ ମୁଁ ସିଙ୍ଗାପୁରକୁ ଏଇ ପୁଣ୍ୟ ଅନୁଷ୍ଠାନର ସ୍ମୃତିପୀଠ ମନୋନୟନ କରିଛି । ଯେଉଁ ସିଙ୍ଗାପୁର କାଲି ଗୋରା ସଙ୍ଗଠନଗୁଡ଼ିକର କେନ୍ଦ୍ରସ୍ଥଳ ଥିଲା ଆଜି ସେ ଭାରତୀୟ ସ୍ୱତନ୍ତ୍ରତାର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି ।

ଅଶ୍ରୁ ଯେଉଁଠି ବାକ୍ୟର ପଥକୁ ଅବରୋଧ କରେ, ସେହିପରି ଏକ ଅବସର ଏ । ଆମେ କେବଳ ନୀରବ ରହି ଏହି ସହୀଦମାନଙ୍କର ଆମ୍ଭମାନଙ୍କର ଗମ୍ଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା । ସେମାନେ ଆଜି ଆଉ ଆମ ସଙ୍ଗରେ ନାହାନ୍ତି । କିନ୍ତୁ ଆମେ ଜାଣୁ, ତାଙ୍କର ଦିବ୍ୟ ଚେତନା ସ୍ୱର୍ଗ ଲୋକରୁ ଏହି ମେଘ ଆମର ସ୍ୱାଧୀନତା ଉପରେ ତା'ର ସୁବିଶାଳ ପକ୍ଷର ଛାୟା ବିସ୍ତାର କରିଦେବ । ଆମେ ଆଜି ତାଙ୍କର ଅନୁପସ୍ଥିତିରେ ମଧ୍ୟ ଏହି ଶପଥ ନେଉଛୁଁ—ଆମେ ତାଙ୍କର ମାର୍ଗହିଁ ଅନୁସରଣ କରିବୁଁ । ତାଙ୍କର ପରମ୍ପରା ସଜୀବ ରଖିବୁଁ—ତାଙ୍କର ଉତ୍ତରାଧିକାର ଜାଗ୍ରତ ରଖିବୁଁ ।"

ଏତିକି କହି ନେତାଜୀ ଗୋଟିଏ ଝୋମର୍ମର ଖଣ୍ଡ ନେଇ ଭିତ୍ତି ସ୍ଥାପନ କଲେ । ତତ୍ପରେ ଲାଉଡସ୍ପିକରରେ 'ଅଟେନ୍‌ସନ୍'ର ତୀକ୍ଷ୍ଣ ଆବାଜ ଆସିଲା ଏବଂ ଦୁଇ ମିନିଟ ପର୍ଯ୍ୟନ୍ତ ସମଗ୍ର ପ୍ରାନ୍ତରରେ ନୀରବତା ବିସ୍ତାର କରିଗଲା ।

ତା'ପରେ ମୁଖ୍ୟ ମୁଖ୍ୟ ଅଫିସରମାନେ ଅଗ୍ରସର ହୋଇ ସେହି ଭିତ୍ତି ଉପରେ ପୁଷ୍ପ ବର୍ଷଣ କଲେ । ପତାକା ଅର୍ଦ୍ଧ ଉତ୍ତୋଳନ ଅବସ୍ଥାରେ ଥିଲା । ସଙ୍ଗେ ସଙ୍ଗେ ପୂର୍ଣ୍ଣ ଉତ୍ତୋଳନ କରାଗଲା ଏବଂ ବିପୁଳ ଧ୍ୱନିରେ ସଲ୍ୟୁଟ୍ ଦିଆଯାଇଥିଲା ।

ସମ୍ବାଦ ମିଳିଛି ଯେ ବ୍ରିଟିଶ ଯେତେବେଳେ ସିଙ୍ଗାପୁର ପୁନରଧିକାର କଲେ ସେତେବେଳେ ସେଇ ପବିତ୍ର ସ୍ମୃତିସ୍ତମ୍ଭ ଉପରେ ନିଜର ଶକ୍ତି ପରୀକ୍ଷା କରି ସ୍ୱୀୟ ହାର୍ଦ୍ଦିକ ନୀଚତା ଏବଂ କାପୁରୁଷତାର ପରିଚୟ ଦେଇଥିଲେ ।

# ନାଲନ୍ଦା ଔଷଧାଳୟ

ଅଧ୍ୟକ୍ଷ—ରାଜବୈଦ୍ୟ ହୃଷିକେଶ ଶାସ୍ତ୍ରୀ

୩୩, କଲେଜ ରୋ, କଲିକତା ।




ପୃଥିବୀ ବିଖ୍ୟାତ ପଣ୍ଡିତ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରଧାନ ଶିକ୍ଷକ, ମାନନୀୟ ବିଚାରପତି, ଦେଶ ବରେଣ୍ୟ ନେତା, ମନ୍ତ୍ରୀ, ରାଜା ଓ ଚିକିତ୍ସକଗଣ **ନାଲନ୍ଦା ଔଷଧାଳୟର** ଭୂୟସୀ ପ୍ରଶଂସା କରନ୍ତି । ଆରୋଗ୍ୟ ଗ୍ୟାରେଣ୍ଟି ଦିଆଯାଏ ।

# Nalanda Ausadhalaya.

*Prop:*—**Rajvaidya Hrishi Kesh Sastri.**

**33, COLLEGE ROW, CALCUTTA.**

Digitized by srujanika@gmail.com

ବର୍ତ୍ତମାନ ଭାରତବର୍ଷର ୨ୟ ସଶସ୍ତ୍ର ସଂଗ୍ରାମର

# ନେତୃବୃନ୍ଦ



ଶ୍ରୀ ରାସବିହାରୀ ବୋଷ

ଭାରତୀୟ ସ୍ୱାଧୀନତା ସଂଘର ପ୍ରଥମ ସଭାପତି ( Indian Independent Lengue) ଏବଂ ଆଜାଦ୍ ହିନ୍ଦ୍ ଫୌଜର ପ୍ରଥମ ମୁଖ୍ୟ ସେନାନୀ ୧୯୪୪ରେ ଏହି ସ୍ୱାଧୀନତା ସଂଗ୍ରାମରେ ସହିଦ ହୋଇଗଲେ ।

ପୂର୍ବ ଏସିଆର ଭାରତୀୟମାନଙ୍କ ମଧ୍ୟରେ ସ୍ୱାଧୀନତାର ଚେତନା ସର୍ବପ୍ରଥମେ ରାସବିହାରୀ ବୋଷ ଜଗାଇଥିଲେ ।

୧୯୧୨ର କଥା । ଦିଲ୍ଲୀ ବ୍ରିଟିଶ ଭାରତର ନୂତନ ରାଜଧାନୀ—ଲର୍ଡ଼ ହାର୍ଡିଞ୍ଜଙ୍କର ଶୋଭାଯାତ୍ରା ଭାରତର ବକ୍ଷ ଉପରେ ମର୍ଦ୍ଦନ କରି ଯାଉଥାଏ । ସେତେବେଳେ ଭାରତର ଅନ୍ତର ବାଣୀ ଶୁଣାଇବା ପାଇଁ, ଭାରତ ପ୍ରତି ଇଂରେଜ ସରକାରର ଅନ୍ୟାୟର ପ୍ରତିବାଦ କରିବା ପାଇଁ, ଭାରତ ଭୂମିରେ ଇଂରେଜର ସ୍ଥାନ ନାହିଁ ଏକଥା ନିର୍ଭୀକ ଭାବରେ ଘୋଷଣା କରିବା ଯୋଗୁଁ କେତେଜଣ ବାଙ୍ଗାଳୀ ଯୁବକ ଭାବର ଅଗ୍ନି ନେଇ ବିପ୍ଳବୀର ଅଧ୍ୟାୟର ସଙ୍ଗେ ଜୀବନ ଏବଂ ଜାଗ୍ରତ ହୋଇ ପ୍ରମାଣ ଦେଇଥିଲେ ସେମାନଙ୍କ ମଧ୍ୟରୁ ରାସବିହାରୀ ଥିଲେ ସର୍ବ ପ୍ରଧାନ । ତା ପରେ ପରେ ଭାରତର ଚତୁର୍ଦ୍ଦିଗରେ ଅରାଜକତାର ବହ୍ନି ଜଳିଗଲା । କୋଉଁଠି ବୋମା ପଡ଼ିଲା, କୋଉଁଠି ଗୁଳି ଚାଲିଲା, ରେଳଲାଇନ୍ ଉଠିଲା—ଏବଂ ଏ ସବୁ ବିଦ୍ରୋହର ମୂଳରେ ଥିଲା ରାସବିହାରୀଙ୍କର ଉତ୍ପାତ ମୂର୍ତ୍ତି । ଦିଲ୍ଲୀ ଭାରତ ସିଂହାସନ ଲଣ୍ଡନ ମନ୍ତ୍ରୀପଦ ଥରହର ହେଲା । ବିଦ୍ରୋହୀମାନଙ୍କୁ ଧରିବାର ନାନା ଚେଷ୍ଟା ହେଲା । ଅନେକେ ଧରା ପଡ଼ିଲେ—ଏଇ ଭାରତୀୟ ଗୁପ୍ତଚର ବିଶ୍ୱାସଘାତକମାନଙ୍କ ଦ୍ୱାରା । ସହିଦ ଅବଧ ବିହାରୀ ଲାଲ ଏବଂ ମାଷ୍ଟର ଅମୀରଚାନ୍ଦଙ୍କ ଫାଶି ହେଲା । ୧୯୧୪—୧୯୧୫ରେ—ଦିଲ୍ଲୀ ଷଡ଼ଯନ୍ତ୍ର ମାମଲା ସଂଗଠନରେ । ରାସବିହାରୀଙ୍କ ଶିର ପାଇଁ ୧୨୦୦୦ଟଙ୍କା ଘୋଷିତ ହେଲା । ସରକାର ତାଙ୍କ ଛବି ବଣ୍ଟନ କଲେ । ଏହି ବିପଦସଙ୍କୁଳ ଜୀବନରେ ମଧ୍ୟ ସେ ବନାରସ ଏବଂ ଲାହୋରରେ ରହି କ୍ରାନ୍ତିକାରୀ ଆନ୍ଦୋଳନ ପରିଚାଳନା କରୁଥିଲେ । ପରିଶେଷରେ ୧୯୧୫ରେ ବ୍ରିଟିଶ ସରକାର ଓ ତାଙ୍କ ଗୁଇନ୍ଦା ଗୁପ୍ତଚରମାନଙ୍କ ଆଖିରେ ଧୂଳି ଦେଇ ସେ ଜାପାନ ଯାଇଥିଲେ । ରାଉଲାଟ କମିଟିର ରିପୋର୍ଟ ଅନୁସାରେ ସେ ଇଂରେଜ ଶତ୍ରୁ ଜର୍ମାନୀର ଓ କେଇସରଙ୍କ ଶୁଭଦୃଷ୍ଟି ଭାରତୀୟ ସ୍ୱାଧୀନତା ପ୍ରତି ଆକର୍ଷଣ କରିବାକୁ ଗଲେ । ସେଠାରେ ଅସ୍ତ୍ରଶସ୍ତ୍ର ଏକାଠି କରି ଭାରତକୁ ପଠାଇବାର ବ୍ୟବସ୍ଥା କଲାବେଳେ ବ୍ରିଟିଶ ଜାଣିପାରିଲେ । ତାଙ୍କର ସେ ପ୍ରଯତ୍ନ ବିଫଳ ହେଲା ।

ତାପରେ ବ୍ରିଟିଶ ସରକାର ଜୋର ଦେବାରୁ ଜାପାନ ସରକାର ତାଙ୍କୁ ପାଞ୍ଚଦିନ ଭିତରେ ଜାପାନ ତ୍ୟାଗ କରିବାକୁ ଆଦେଶ ଦେଲେ । ତାପରେ ସେ ଅନ୍ତର୍ଦ୍ଧାନ ହୋଇ ଚୀନର ଯାଇ କେତେ ଏବଂ ଚୀନର ଗିରିସଂକଟରେ ଉଲ୍ଲିଖିତ ବାସ କରିବାକୁ ଲାଗିଲେ ।

ଉଲ୍ଲିଖିତ ବାସରୁ ଆସି ଜାପାନରେ ସେ ଭାରତୀୟ ସ୍ୱାଧୀନତା ସଂଘ ସ୍ଥାପନା କଲେ । ଏହି ସଂଘ ଆଜାଦ୍ ହିନ୍ଦ ସରକାରର ଅଗ୍ରଦୂତ । ସେ ଜାପାନୀ ଭାଷାରେ ଭାରତ ସମସ୍ୟା ନେଇ ଅନେକ ପୁସ୍ତକ ଲେଖିଥିଲେ ଏବଂ ଜାପାନରେ ଭାରତର ଦାବି ସଂପର୍କରେ ପ୍ରଚାର କରୁଥିଲେ । ନେତାଜୀ ମାଳୟ ଆସିବା ପରେ ରାସବିହାରୀ ଭାରତୀୟ ସ୍ୱାଧୀନତା ସଂଘର ସଭାପତି ପଦ ପରିତ୍ୟାଗ କଲେ ।

ଭାରତ ସରକାର ତାଙ୍କ ପାଇଁ ଫାଶି ପଟା ସଜାଇ ରଖିଥିଲେ । କିନ୍ତୁ ସ୍ୱାଧୀନତାର ପାଗଳ ରାସବିହାରୀ କେବଳ ଜୀବନ୍ତ ଅବସ୍ଥାରେ ନୁହେଁ, ମୃତ୍ୟୁରେ ମଧ୍ୟ ଅତ୍ୟାଚାରୀ ଅନ୍ୟାୟ ଅଧିକାରୀ ଇଂରେଜ ସରକାରଙ୍କୁ ପରାଜୟ ଦେଇଥିଲେ ।

——※——



କ୍ୟାପ୍ଟେନ ଲକ୍ଷ୍ମୀ

ରେଙ୍ଗୁନ ସହର । ଜୁବୁଲି ହଲରେ ବୈଠକ ସଭା । ଦେଶପ୍ରେମୀ ସୁଭାଷଚନ୍ଦ୍ର ବୋଷ ଭାଷଣ ଦେଉଛନ୍ତି । ସମଗ୍ର ବର୍ମା ଜାପାନ

Digitized by srujanika@gmail.com

ହାତରେ । ବ୍ରିଟିଶ ସୈନ୍ୟ ଭୟ ପଳାଇ ଯାଉଛନ୍ତି । ଚାରି ଆଡ଼ୁ ଜଣଜଣ ନେତାଜୀଙ୍କର ଆହ୍ୱାନ ଶୁଣୁଛନ୍ତି—'ସ୍ୱାଧୀନତା କେବଳ ରକ୍ତଦାନ ଦ୍ୱାରା ମିଳିପାରେ । ମୁଁ ଯେଉଁଦିନ ଦେଖିବି ଯେ, ଜନତାର ଶାସନ ଜନ ହାତରେ ଥିବ ସୁଖ ପାଇବ ।'' ସେତେବେଳେ ଜନତା ଉଦ୍‌ବୁଦ୍ଧ ହେଉଥିଲା । ଏହି ଆହ୍ୱାନରେ ହୋଇ ଉଠିଥିଲେ ତରୁଣ ବାଳିକା—ନାମ ଲକ୍ଷ୍ମୀ ବାଈ—୧୮୫୭ ସେଇ 'ଝାନ୍ସି ବାଲି ରାଣୀ' ଲକ୍ଷ୍ମୀ ବାଈ ନୂତନ ରୂପ ନେଇ ଦେଖାଇଲେ ମନେ ହେଉଥିଲା ସେଇ ସେମିତି ଏଇ ଭାରତର ସ୍ୱାଧୀନତା ପାଇଁ ପୁନର୍ବାର ଜନ୍ମ ଗ୍ରହଣ କରନ୍ତି ।

ବୟସ୍କ । ତାଙ୍କର ଜ୍ୟେଷ୍ଠା କନ୍ୟା ଆମ୍ମୁମାନଙ୍କର ଶିଶୁକାଳ ଲକ୍ଷ୍ମୀ । ଲକ୍ଷ୍ମୀଙ୍କର ଯୋଡ଼ଏ ଭାଇ ଏବଂ ଯୋଡ଼ଏ ଭଉଣୀ । ଲକ୍ଷ୍ମୀ ମାଦ୍ରାଜ ମେଡ଼ିକାଲରେ ପଢ଼ୁଥିବା ସମୟରେ ଶ୍ରୀମାନ୍ ବି, କେ ରାଓଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ୧୯୪୦ରେ ସେ ଭ୍ରମଣାର୍ଥ ସିଂଗାପୁର ଯାଇ ଓ ସେଠାରେ ଗ୍ରୀନ୍ ଡାକ୍ତରୀ ବ୍ୟବସାୟ ମଧ୍ୟ କରିବାକୁ ଲାଗିଲେ ।

ଲକ୍ଷ୍ମୀ ବାଈ ସୁଭାଷଙ୍କ ଆହ୍ୱାନରେ ମହିଳା ସେନା ସଂଗଠନ କରିଥିଲେ । ପ୍ରଥମେ ଏହି ମହିଳା ବାହିନୀ ତାଙ୍କ ନେତୃତ୍ୱରେ ଆହତମାନଙ୍କର ଶୁଶ୍ରୂଷା କରିବାର ଭାର ନେଇଥିଲେ । କେତେଦିନ ପରେ



( ମୀରେ କ୍ୟାପ୍ଟେନ ଲକ୍ଷ୍ମୀ ଓ ଅନ୍ୟାନ୍ୟ ଦେଶସେବିକା ବୃନ୍ଦ )

ଲକ୍ଷ୍ମୀଙ୍କର ବୟସ ୩୦ରୁ ଅଧିକ ହେବ । ସୁନ୍ଦର ସୁସ୍ଥ ଶରୀର । ସୌମ୍ୟର ପ୍ରତିମୂର୍ତ୍ତି, ମାଲବାରର ଯୋଡ଼ଏ ସୁପ୍ରସିଦ୍ଧ ପରିବାରରେ ତାଙ୍କର ଜନ୍ମ । ପିତା ସ୍ୱର୍ଗୀୟ ଡକ୍ଟର ଏସ୍ ସ୍ୱାମୀନାଥନ୍ ବିଲାତରୁ ଏଲ୍: ଏଲ୍: ଡି: ପାଶ କରି ମାଦ୍ରାଜରେ ସୁପ୍ରସିଦ୍ଧ ଓକିଲ ରୂପେ ବହୁ ଅର୍ଥ ଉପାର୍ଜନ କରିଥିଲେ । ମାତା ଅମ୍ମୁ ଅନନ୍ୟା-ସୁନ୍ଦରୀ ଓ ଅତି ଉଚ୍ଚ ଶିକ୍ଷିତା ମହିଳା ! ସେ ବର୍ତ୍ତମାନ ମାଦ୍ରାଜର ଜଣେ ବିଶିଷ୍ଟା ନାରୀ ନେତ୍ରୀ । ସେ ୧୯୪୨ରେ କାରାବରଣ ମଧ୍ୟ କରିଥିଲେ । କାରାଗାରରୁ ଭଗ୍ନସ୍ୱାସ୍ଥ୍ୟ ନେଇ ଫେରିଲେ । କେନ୍ଦ୍ର ଆସେମ୍ବ୍ଲି ନିର୍ବାଚନରେ ବହୁ ସଂଖ୍ୟାରେ ଅଧିକ ଭୋଟ ପାଇ ସେ ନିର୍ବାଚିତ ହୋଇଛନ୍ତି । ଦେଶ ସେବାରେ ତାଙ୍କର ଜୀବନ

ମହିଳାମାନେ ସୁଭାଷବାବୁଙ୍କ ନିକଟରେ ପ୍ରାର୍ଥନା କଲେ ଯେ ସେମାନଙ୍କ ସହୋଦର ଭାଇମାନଙ୍କ ସଙ୍ଗେ ସମରାଙ୍ଗଣରେ ଲମ୍ଫ ଦେବାର ସୁଯୋଗ ଦିଆଯାଉ । ସୁଭାଷବାବୁଙ୍କର ସ୍ୱୀକୃତି ମିଳିଗଲା । ଲକ୍ଷ୍ମୀ-ରାଣୀ ଝାନ୍ସୀ ରେଜିମେଣ୍ଟର ନେତା ଲକ୍ଷ୍ମୀଙ୍କ ଅଧୀନସ୍ଥ ନାରୀ-ମାନେ ଅଦମ୍ୟ ଉତ୍ସାହରେ ମାତିଗଲେ ଏବଂ ଇମ୍ଫାଲ ଯୁଦ୍ଧରେ ପୁରୁଷମାନଙ୍କ ସହିତ ସମକକ୍ଷ ହୋଇ ଯୁଦ୍ଧ କରିବାକୁ ଲାଗିଲେ ।

ମାତ୍ର ଭାରତର ଭାଗ୍ୟରେ ବିପର୍ଯ୍ୟୟ ଥିଲା ମନେହେଲା । ଭାରତ ଆକ୍ରମଣ ପରିସ୍ଥିତି ସୁବିଧାଜନକ ହୋଇ ପାରିଲା ନାହିଁ । ମହିଳାମାନେ ହାରିବାକୁ ଲାଗିଲେ ଏବଂ ପରବର୍ତ୍ତୀକାଳରେ କ୍ୟାପ୍ଟେନ ଲକ୍ଷ୍ମୀ ଗିରଫ୍ତାର ହେଲେ ।

Digitized by srujanika@gmail.com

ଦେଶକୁ ସ୍ୱାଧୀନ କରିବା ପାଇଁ ମହିଳାମାନଙ୍କର କର୍ତ୍ତବ୍ୟ ମଧ୍ୟ କେତେଦୂର ଗୁରୁତର ଏହା ଲକ୍ଷ୍ମୀବାଈ ସେଇକଥା ଭାରତର ଜନସାଧାରଣଙ୍କୁ ବାରେ ବାରେ କହୁଛନ୍ତି। ଭାରତର ମାତାମାନେ କେବଳ ଘରର ଗୃହିଣୀ ନୁହନ୍ତି—ରଣକ୍ଷେତ୍ରରେ ଶତ୍ରୁ ରୂପିଣୀ ଦୁର୍ଗା ମଧ୍ୟ।

ଇଂରାଜମାନେ ରେଙ୍ଗୁନ ଅଧିକାର କଲେ। କିନ୍ତୁ ବର୍ମୀମାନେ ଇଂରେଜମାନଙ୍କୁ ବଡ଼ ଘୃଣା ଚକ୍ଷୁରେ ଦେଖୁଥିଲେ। ଇଂରେଜମାନଙ୍କର ଅବସ୍ଥା ବର୍ମାରେ ଅତି ଖରାପ ହୋଇ ପଡ଼ିଲା। ଇଂରେଜ ସୈନ୍ୟ ଏବଂ ବନ୍ଦୀମାନଙ୍କ ଭିତରେ ଭୀଷଣ ରୋଗ ଦେଖାଦେଲା। ଇଂରେଜ କର୍ମଚାରୀମାନେ ଲକ୍ଷ୍ମୀଙ୍କି ସାହାଯ୍ୟ ଦେବାପାଇଁ ପ୍ରାର୍ଥନା କରିବାରୁ ଲକ୍ଷ୍ମୀ ଆହତ ଓ ପୀଡ଼ିତମାନଙ୍କର ସେବା କଲେ। କିନ୍ତୁ ଇଂରେଜ ଅଧିକାରୀବୃନ୍ଦ ଭାରତରେ ପ୍ରଚାର କଲେ ଯେ ଲକ୍ଷ୍ମୀ ଇଂରେଜମାନଙ୍କୁ ସାହାଯ୍ୟ ଦେବାକୁ ରାଜି ହୋଇ ଯାଇଛନ୍ତି। ଲକ୍ଷ୍ମୀ କିନ୍ତୁ ଏ ପ୍ରଚାର ସମ୍ବନ୍ଧରେ କିଛି ଜାଣି ନଥିଲେ। ଜଣେ ସାମ୍ବାଦିକ ଯାଇ ତାଙ୍କୁ ଦେଖା କଲେ। ସେତେବେଳେ ଲକ୍ଷ୍ମୀ ନିଜେ ଡାକ୍ତରଖାନା ଚଳାଇବାର ଅନୁମତି ପାଇ ସେଠାରେ ରହୁଥିଲେ ଏବଂ ଆହତ ଭାରତୀୟମାନଙ୍କୁ ଅଶ୍ରୁସ୍ନିଗ୍ଧ ସେବା କରୁଥିଲେ। ସାମ୍ବାଦିକଙ୍କୁ ସେ କହିଲେ—"ମୁଁ ପୂର୍ବରୁ ଇଂରେଜମାନଙ୍କୁ ଯେପରି ଘୃଣା କରୁଥିଲି ବର୍ତ୍ତମାନ ମଧ୍ୟ ସେହିପରି ଘୃଣା କରୁଛି। ମୁଁ ଏବେ ଯାଏ ଆପଣାକୁ ଆଜାଦ୍ ହିନ୍ଦ୍ ଫୌଜର ଜଣେ ସୈନିକା ବୋଲି ମନେ କରୁଛି ଏବଂ ଅନ୍ୟାୟ ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ ମୁଁ ଶପଥ ଗ୍ରହଣ କରିଛି।"

ଗତ ୨୧ ଅକ୍ଟୋବରରେ ଆଜାଦ୍ ହିନ୍ଦ୍ ସରକାର ସ୍ଥାପନାର ଜୟନ୍ତୀ ପାଳନ ପାଇଁ ରେଙ୍ଗୁନରେ ଭାରତୀୟମାନଙ୍କର ଏକ ବିରାଟ ସଭା ହୋଇଥିଲା। ଲକ୍ଷ୍ମୀ ସଭାର ସଭାନେତ୍ରୀ ହୋଇଥିଲେ। ସେଠାରେ ତିରଙ୍ଗା ପତାକା ତଳେ ପ୍ରତ୍ୟେକ ଭାରତୀୟ ପୁନର୍ବାର ଶପଥ ଗ୍ରହଣ କଲେ ଯେ ନେତାଜୀଙ୍କର ଆଜ୍ଞା ସେ ସର୍ବଦା ମନେ ରଖିବେ। ଏବଂ ପ୍ରାଣ ଥିବାଯାଏ ଗୋଲାମିର ଅପବାଦ କଦାପି ସହ୍ୟ କରିବେ ନାହିଁ।

ବ୍ରିଟିଶ ନୌବିଭାଗୀୟ ସୋଟିଏ ନାମର ଜାହାଜରେ ଅଟକର ହୋଇ ରହିଲେ। ୧୦ ନଭେମ୍ବରରେ ତାଙ୍କୁ ପୁଲିସ ଆଦେଶ ହେଲା ରେଙ୍ଗୁନ ଛାଡ଼ି କଲିକତା ଯିବାପାଇଁ। ଲକ୍ଷ୍ମୀ କହିଲେ—"ରେଙ୍ଗୁନ ଛାଡ଼ି ମୁଁ ଭାରତ ଛଡ଼ା ଅନ୍ୟ କେଉଁଠି ଯାଇ ପାରିବି ନାହିଁ।" ୧୪ ତାରିଖରେ ପୁଣି ନୋଟିସ ଆସିଲା—ସେ ଥାଇ ଅଧିକ ଗିରଫ ପିଠି ଦେଲେ।

ତହିଁ ପରଦିନ ମିଲିଟାରୀ ଦଳ ଆଣିଯାଇ ତାଙ୍କୁ ଗିରଫ୍ତାର କରି ନଆଗଲା ଏବଂ ଉଡ଼ାଜାହାଜ ଯୋଗେ ୩୦୦ ମାଇଲ ଦୂର ଭୂଭାଗ ପର୍ଯ୍ୟନ୍ତ ନେଇ ସେଠାରୁ ୧୦୦ ମାଇଲ ଦୂର ଜଙ୍ଗଲରେ ଛଡ଼ାଯାଇ ଦିଆଗଲା।

ଗିରଫ୍ତାର ହେବାବେଳେ ସେ ତାଙ୍କର ବନ୍ଧୁଙ୍କୁ କହିଲେ—"କେବଳ, ଆଜାଦ୍ ହିନ୍ଦ୍ ଫୌଜ ସହାୟକ ସମିତିର କାମ ଯେପରି ଚାଲି ରହୁ—ଏହି ଭାର ତାଙ୍କ ଭିତରେ ବ୍ୟବସ୍ଥା କରିବ।"

"ଆଉ କଣ କହିବେ?" ଜଣେ ବନ୍ଧୁ ପଚାରିଲେ।

"ହଁ" କହି ଲକ୍ଷ୍ମୀ ଆପଣା ଅଞ୍ଚଳରୁ ଗୋଟିଏ ମୁଠା ମାଟି ବାହାର କରି ଦେଲେ—"ଏ ମାଟି ମା' ପାଖକୁ ପଠାଇ ଦେବ।"

"ପୁଣି କେବେ ଦେଖା?" ଆଉ ଜଣେ ପଚାରିଲେ।

"ବୋଧହୁଏ ଆଜାଦ୍ ହିନ୍ଦୁସ୍ଥାନରେ ଦେଖାହେବ।"

ଲକ୍ଷ୍ମୀ ଉପରେ ଅତ୍ୟନ୍ତ କଡ଼ା ପାହାରାରେ ଚାଲି ଯାଉଛନ୍ତି। ଲକ୍ଷ୍ମୀଙ୍କର ମା' ସେଇ ମୁଠାଏ ମାଟି ସ୍ମୃତି କରି ରଖିଛନ୍ତି।

——✲——



## କାପ୍ତାନ ସାହନବାଜ

କାପ୍ତାନ ସାହାନୱାଜଙ୍କର ଜନ୍ମ ୧୯୧୪ ମସିହାରେ। ସେତେବେଳେ ଇଉରୋପ ଏକ ଭୀଷଣ ରଣକ୍ଷେତ୍ରରେ ପରିଣତ ହୋଇଛି। ଜର୍ମାନର ବାରମ୍ବାର ଆକ୍ରମଣରେ ଇଂରେଜ ଗ୍ରସ୍ତ। ସେତେବେଳେ ପ୍ରାଣରକ୍ଷା ପାଇଁ ଇଂରେଜ ଜାତି ଭାରତ ପ୍ରଜା ପଞ୍ଜାବ ଦ୍ୱାରରେ ଉପଭିକ୍ଷା କରୁଥିଲା। ଲକ୍ଷ ଲକ୍ଷ ପଞ୍ଜାବୀ ଯୁବକ ଶତ୍ରୁର ହାତରୁ ରକ୍ଷା ପାଇଁ ନିଜର ଜୀବନ ପଣ କରି ଇଂରେଜଙ୍କୁ ସାହାଯ୍ୟ ଦେଉଥିଲେ। ସେମାନଙ୍କ ମଧ୍ୟରେ ଅନେକମାନଙ୍କର ପ୍ରାତଃସ୍ମରଣୀୟ ବୀର ସାହନବାଜଙ୍କର ବଂଶପୂର୍ବପୁରୁଷ ମଧ୍ୟ ଥିଲେ। ଶୈଶବାବସ୍ଥାରେହିଁ ଶାହନୱାଜଙ୍କ ଉପରେ ତାର ପ୍ରଭାବ ପଡ଼ିଲା। ଯେଉଁ ମାନବତା ପ୍ରତି ପଦେ ପଦେ ଦଳିତ ହୋଇ ଯାଉଛି ସେହି ମାନବତାର ରକ୍ଷା ପାଇଁ ସୈନିକ ହେବାର ଇଚ୍ଛା ତାଙ୍କ ହୃଦୟରେ ସ୍ୱତଃ ଉଦ୍ଭୂତ ହେଲା। ସେହି ଉଦ୍ଦେଶ୍ୟ ନେଇ ପ୍ରଥମେ ଦେରାଦୁନ୍‌ର ସୈନିକ ବିଦ୍ୟାଳୟରେ ଭର୍ତ୍ତିହେଲେ ଏବଂ ଅତି ଅଳ୍ପକାଳ ମଧ୍ୟରେ ସେ ଯୁଦ୍ଧବିଦ୍ୟାରେ ପାରଙ୍ଗମ ହୋଇଗଲେ।

Digitized by srujanika@gmail.com

ଉନ୍ନତ କପାଳ, ପ୍ରଶସ୍ତ ବକ୍ଷ, ହୃଷ୍ଟପୁଷ୍ଟ ଦେହ ଏବଂ ପ୍ରଭାବଶାଳୀ ରୂପ, ବ୍ରିଟିଶ ସେନାଧିକାରୀଙ୍କ ଉପରେ ମନ୍ତ୍ରବତ୍ ପ୍ରଭାବ ପକାଉଥିଲା। ୧୯୩୭ରେ ସେ ସ୍ଥାୟୀ ପଦବୀ ପାଇଲେ। ୧୯୩୭ ଫେବୃଆରୀ ମାସରେ ଚତୁର୍ଦ୍ଦଶ ପଞ୍ଜାବ ରେଜିମେଣ୍ଟର କପ୍ତାନ ପଦ ପ୍ରାପ୍ତ କଲେ।

୧୯୩୯ ସେପ୍ଟେମ୍ବର ମାସରେ ଇଂରେଜମାନେ ଜର୍ମାନ ବିରୁଦ୍ଧରେ ଯୁଦ୍ଧଘୋଷଣା କଲେ ଏବଂ ଘୋଷଣା କଲେ ଯେ ପ୍ରଜାତନ୍ତ୍ରର ରକ୍ଷା ପାଇଁ ବ୍ରିଟିଶ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛି। ସେତେବେଳେ ଶାହନୱାଜ ଅକ୍ଷଶକ୍ତି ବିରୁଦ୍ଧରେ ଯୁଦ୍ଧ କରିବା ଉଚିତ ବିବେଚନା କଲେ। ଶାହନୱାଜ ରଣକ୍ଷେତ୍ରରେ ଅତି ସତର୍କତା ଏବଂ କୁଶଳତାର ସହିତ ସୈନ୍ୟ ସଂଚାଳନ କରୁଥିଲେ। ଭାରତର ପୂର୍ବ ରଣ ପ୍ରାଙ୍ଗଣର ଘଟଣା। ଇଂରେଜମାନଙ୍କର ରଣନୀତିଗତ ଦୁର୍ବଳତା ଯୋଗୁଁ ସେନାଙ୍କର ଅବସ୍ଥା ଶୋଚ ହୋଇଗଲା ଏବଂ ସେମାନେ ଜାପାନ ସହିତ ଯୁଦ୍ଧ କରୁଥିବା ସମୟରେ ଜାପାନ କର୍ତ୍ତୃକ ଗିରଫ୍ତାର ହେଲେ। ଏହି ସମୟରେହିଁ ଇଂରେଜମାନଙ୍କର କୂଟନୀତି ଓ ବ୍ୟବହାର ତାଙ୍କ ମନରେ ଆଘାତ ପହଞ୍ଚାଇଲା। ସିଙ୍ଗାପୁର ପତନ ସମୟରେ ଭାରତୀୟ ସୈନିକଙ୍କ ପ୍ରତି ଇଂରେଜ ଫୌଜର ବ୍ୟବହାର ତାଙ୍କୁ କ୍ଷୁବ୍ଧ କରିଦେଲା। ଭାରତର ସ୍ୱାଧୀନତାର ପୂଜାରୀ ଭାରତୀୟ ନେତାମାନଙ୍କୁ କାରାଗାର ପ୍ରାଚୀର ମଧ୍ୟରେ ଆବଦ୍ଧ କରି ଇଂରେଜ ଜାତି ଯେଉଁ କଳଙ୍କମୟ ଚରିତ୍ର ଦୃଷ୍ଟାନ୍ତ ଅଭିନୟ କଲେ ତାହା ତାଙ୍କ ଜୀବନରେ ଭୂକମ୍ପ ଉତ୍ପାଦନ କଲା। ସେହି ସମୟରେ ଭାରତୀୟ ସ୍ୱାଧୀନତାର ଅନ୍ୟତମ ବୀର ସୁଭାଷଚନ୍ଦ୍ରଙ୍କ ସହିତ ତାଙ୍କର ସାକ୍ଷାତ୍ ହେଲା ଏବଂ ପଦଦଳିତ ଭାରତର ଅସହାୟ ମାନବିକତାର ଉଚ୍ଚତମ ସିଂହାସନରେ ପ୍ରତିଷ୍ଠିତ କରିବା ପାଇଁ ହୃଦୟରେ ଅଦମ୍ୟ ପ୍ରେରଣା ଓ ଅସୀମ ଉତ୍ସାହ ଜାଗ୍ରତ ହେଲା। ସେ ଆଜାଦ୍ ହିନ୍ଦ୍ ଫୌଜର ସଙ୍ଗଠନରେ ଶ୍ରୀ ସୁଭାଷଚନ୍ଦ୍ରଙ୍କୁ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କଲେ ଏବଂ ସୁଭାଷଙ୍କ ପ୍ରତିଷ୍ଠିତ ଆଜାଦ ସରକାରର ଜଣେ ମନ୍ତ୍ରୀ ରୂପରେ ଗୃହୀତ ହେଲେ।

ଶାହନୱାଜ ମାନବତାର ଏକନିଷ୍ଠ ଉପାସକ। ସାଂପ୍ରଦାୟିକତା ତାଙ୍କୁ ସ୍ପର୍ଶ ମଧ୍ୟ କରିନାହିଁ। ହିନ୍ଦୁ, ମୁସଲମାନ, ଶିଖ କିମ୍ବା ଖ୍ରୀଷ୍ଟାନ ତାଙ୍କ ଦୃଷ୍ଟିରେ ସମସ୍ତେ ସମାନ। ସେ ନିଜକୁ ପ୍ରଥମେ ଭାରତୀୟ ବିବେଚନା କରି ତାପରେ ଅନ୍ୟ କୌଣସି ନାମରେ ପରିଚୟ ଦେଇ ପାରନ୍ତି। ସେ କହନ୍ତି, ଧର୍ମର ଆବରଣକୁ ଉନ୍ମୋଚନ କରି ଗୁଣର ପୂଜା ଚତୁର୍ଦ୍ଦିଗରେ ହୋଇଥାଏ। ସେଥିପାଇଁ ଜିନ୍ନା ସାହେବଙ୍କ ମୁସଲିମ୍ ଲିଗ୍ ଯେତେବେଳେ କେବଳ ମୁସଲମାନଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ତାଙ୍କୁ ସାହାଯ୍ୟ ଦାନ କରିବାକୁ ନକେ ନକେ ଉଲେଇ ଦେଲେ ସେ ଜିନ୍ନାଙ୍କର ସାଂପ୍ରଦାୟିକତା ବିଷ ଉଦ୍‌ଗାର ଏହି ବିଷମୟ କୃପାକୁ ଅସ୍ୱୀକାର କରିଦେଲେ। ଜାତୀୟ କଂଗ୍ରେସ ପ୍ରତିଷ୍ଠିତ ପରାମର୍ଶଦାତା ରକ୍ଷା ସମିତି ତାଙ୍କର ପ୍ରୋତ୍ସାହନା ଲଭିଲେ। ସେ କହନ୍ତି, ଧର୍ମର ସଙ୍କୀର୍ଣ୍ଣ ଧାରଣା ଓ ବୁଦ୍ଧିର ଦୃଷ୍ଟି ଉପରେ ପଡ଼ିଲେ ମଣିଷର ଅଗ୍ରଗତି ବନ୍ଦ ହୋଇଯାଏ। ସର୍ବ ଧର୍ମ ସମାନ। ସେଥିପାଇଁ ଶାହନୱାଜଙ୍କର ପ୍ରାଣରକ୍ଷା ପାଇଁ ଭାରତର ସବୁ ସମ୍ପ୍ରଦାୟ ସାମ୍ପ୍ରଦାୟିକତାକୁ ବର୍ଜନ କରି ଏକ ହୋଇ ଚିତ୍କାର କଲେ। ଆଜି ଶାହନୱାଜ ସେହିପରି ଭାରତର ବିଧାନସଭା ବ୍ରିଟିଶ ସିଂହାସନକୁ ଦେଖାଇ ଦେଇଛନ୍ତି ଯେ ଏକ ଶ୍ରେଣୀ ଦଳ ସାଂପ୍ରଦାୟିକତାର ଦୁହାଇ ଦେଇ ଭାରତର ଜାତୀୟ ପ୍ରେରଣାକୁ ଦବେଇ ଦେଇ ହେବନାହିଁ। ଶାହନୱାଜ ଆଜି ଭାରତର ସାଂପ୍ରଦାୟିକତା ଭେଦ ଭାବର ଧୂମ୍ରଜାଲ ଉପରେ ଉଜ୍ଜ୍ୱଳ ସ୍ତମ୍ଭ ସଦୃଶ ଦେଦୀପ୍ୟମାନ।

—*—



## କପ୍ତାନ ସହଗଲ୍

ଭାରତର ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ସେନାନୀ କପ୍ତାନ ପ୍ରେମ କୁମାର ସହଗଲ। ବୀର ପ୍ରସୂତା ପଞ୍ଜାବଭୂମିର ସୌଭାଗ୍ୟ—ସେ ସହଗଲଙ୍କୁ ମଧ୍ୟ କୋଳରେ ଧାରଣ କରି ନିଜେ ଧନ୍ୟା ହୋଇଛନ୍ତି ଏବଂ ସମଗ୍ର ଭାରତକୁ ଧନ୍ୟ କରିଛନ୍ତି। ସନ ୧୯୧୭ ମସିହା ଜାନୁଆରୀ ମାସ। ହୋଶିଆରପୁରର ଗୋଟିଏ ମଧ୍ୟବିତ୍ତ ପରିବାରରେ ଗୋଟିଏ ବାଳକ ଜନ୍ମଗ୍ରହଣ କଲା। ସେହି ଶିଶୁ ଆଜିର ବୀର ପ୍ରେମକୁମାର। ଜନକ ମାନନୀୟ ଅଛରୁ ରାମ୍ ବର୍ତ୍ତମାନ ଅବସରପ୍ରାପ୍ତ ଜଜ୍।

ପ୍ରେମକୁମାରଙ୍କୁ ଅର୍ଥକରୀ ବିଦ୍ୟା ଭଲ ଲାଗିଲା ନାହିଁ। ସେ ସୈନିକ ହେବା ପାଇଁ ଇଚ୍ଛା ପ୍ରକାଶ କରି ସୈନିକ ବିଦ୍ୟାଳୟରେ ଭର୍ତ୍ତି ହୋଇଗଲେ। ବିଦ୍ୟା ଶିକ୍ଷା ପରେ ସେ ୧୯୪୦ ଫେବୃଆରୀରେ ଦଶମ ବେଲୁଚି ରେଜିମେଣ୍ଟର କପ୍ତାନ ପଦରେ ସୁଶୋଭିତ ହେଲେ। ଗତ ପୃଥିବୀ ବ୍ୟାପୀ ମହାସମରରେ ଅକ୍ଷଶକ୍ତି ବିରୁଦ୍ଧରେ ଯୁଦ୍ଧ କରୁଥିବାବେଳେ ସେ ଜାପାନ କର୍ତ୍ତୃକ ବନ୍ଦୀ ହୁଅନ୍ତି। ସିଙ୍ଗା-

Digitized by srujanika@gmail.com

ଶତ୍ରୁମାନଙ୍କ ପ୍ରତି ଇଂରେଜ ସରକାରଙ୍କର ନିଷ୍ଠୁର ବ୍ୟବହାର ତାଙ୍କୁ ଗଭୀର ଆଘାତ ଦେଲା। ତାଙ୍କର ବିଶ୍ୱାସ ହେଲା ଯେ କୌଣସି ବା ଦାସ ହୋଇ ପ୍ରଭୁଙ୍କ ଦେଇ ଆପଣାର ଶାରୀରିକ ପ୍ରଦର୍ଶନ କରିବା ହାସ୍ୟାସ୍ପଦ କଥା। ଭାରତର ମୁକ୍ତ କରିବାର ନିଶାରେ ସେ ଇଂରେଜ ହୋଇ ଉଠିଲେ। ସେତେବେଳେ ସୁଭାଷଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ୍ ଫୌଜ ସଙ୍ଗଠନ କରୁଥିଲେ। ସେ ସେହି ଫୌଜରେ ଯୋଗ ଦେଲେ। ଅଳ୍ପଦିନ ମଧ୍ୟରେ ତାଙ୍କର ପ୍ରତିଭା ବିକଶିତ ହେଲା। ସୁଭାଷଙ୍କ ସମ୍ମୁଖରେ ସେ ଏହି କଥା ପ୍ରକାଶ କଲେ ଯେ ନୌକର ଖାଲି ପୁଣି ନୌକର ହୋଇ ନପାରେ। ଇଂରେଜ ସରକାରଙ୍କ ନିକଟରେ ଯେ ସ୍ୱତନ୍ତ୍ର କରିଛି ତାର ପୁଅ ସ୍ୱତନ୍ତ୍ର ହୋଇ ନପାରେ। ଦେଶର ସ୍ୱାଧୀନତା ପାଇଁ ଅନ୍ୟଙ୍କର ପ୍ରାଣ ଯେପରି ଜଳୁଛି ତାର ପ୍ରାଣ ମଧ୍ୟ ସେପରି ଜାଳୁଛି—ଏହା ଜାଣି-ଥିବ। ତାଙ୍କୁ ଆଜାଦ୍ ହିନ୍ଦ୍ ଫୌଜର କପ୍ତାନ କରି ଦିଆଗଲା।

—✻—

ତାପରେ ଆଜାଦ୍ ହିନ୍ଦ୍ ଫୌଜରେ ଯୋଗ ଦେଇ ନିଜ ଉତ୍ସର୍ଗରେ ସୁପ୍ତ ଭାଗ୍ୟ ଜାଗ୍ରତ କରିବା ଲାଗି ନିଜକୁ ଦେଶମାତାର ସୁଯୋଗ ପାଇଲେ। ଭାରତର ସ୍ୱାଧୀନତା ପାଇଁ ସେ ପ୍ରାଣପଣେ ଯୁଦ୍ଧ କଲେ। ଜଳୁ ପରିସ୍ଥିତି ପ୍ରତିକୂଳ ହେଲା। ପରିଶେଷରେ ସେ ଇଂରେଜ କର୍ତ୍ତୃକ ଗିରଫ ହେଲେ।

ଏହି ଲକ୍ଷ ନକ୍ଷତ୍ର ଆଜି ଭାରତର ରାଜନୈତିକ ଆକାଶରେ ଏକ ନୂଆ ଆଦର୍ଶ ଉପସ୍ଥାପିତ କରିଛନ୍ତି। ଭାରତର ସ୍ୱାଧୀନତା ଆସିବାରେ ସାମ୍ପ୍ରଦାୟିକତା ସ୍ୱାର୍ଥପରତା, ସଙ୍କୀର୍ଣ୍ଣତାର ସ୍ଥାନ ନାହିଁ। ଆଜି ଭାରତବାସୀ ଏହି ବୀର ଜୀବନର ପ୍ରେରଣା ନେଇ ସ୍ୱାଧୀନତା ସଂଗ୍ରାମରେ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ।

କପ୍ତାନ ଧୀଲନଙ୍କ ସ୍ତ୍ରୀ ମଧ୍ୟ ବୀର। ସେ ସ୍ୱାମୀଙ୍କର ବିଚାରରେ କହିଥିଲେ—"ମୁଁ ଦେଶ ପାଇଁ ମୋର ସ୍ୱାମୀଙ୍କୁ ବଳି ଦେବାକୁ ପ୍ରସ୍ତୁତ ଅଛି।"

—✻—



## କପ୍ତାନ ଧୀଲନ

କପ୍ତାନ ଗୁରୁବକ୍ସ ସିଂହ ଧୀଲନ ଆଜାଦ୍ ହିନ୍ଦ୍ ଫୌଜର ଅନ୍ୟ-ତମ ବୀର। ଏହାଙ୍କର ଜନ୍ମସ୍ଥାନ ମଧ୍ୟ ପଞ୍ଜାବ—ଲାହୋର ଜିଲାର ଇତିହାସ ପ୍ରସିଦ୍ଧ ସ୍ଥାନ (ଅବଶନ) ଅଲଗାଁରେ। ଏହି ଭୂମିରେ ବୀର ଶିଖମାନେ ନିଜର ସ୍ୱାଧୀନତା ସଂଗ୍ରାମରେ ଇଂରେଜମାନଙ୍କୁ ହଟେଇ ପରାଜୟ ଦେଇଥିଲେ। ୧୯୧୪ ମସିହା ୪ ତାରିଖ ଏପ୍ରିଲ ଦିନ ସେହି ଅଲଗାଁରେ ଧୀଲନ ମାତୃଭୂମିର କୋଳ ମଣ୍ଡନ କରିଥିଲେ। ୧୯୪୦ରେ ସାମରିକ ଶିକ୍ଷା ପାଇବା ପରେ ତାଙ୍କୁ ଗୋର୍ଖା ରେଜିମେଣ୍ଟର କପ୍ତାନ କରି ଦିଆଗଲା। ଅକ୍ଷଶକ୍ତି ବିରୁଦ୍ଧରେ ଯୁଦ୍ଧ କରୁ କରୁ ସେ ଅବଶେଷରେ ଜାପାନୀମାନଙ୍କ ଦ୍ୱାରା ଧୃତ ହେଲେ।



## କର୍ଣ୍ଣେଲ ଜଗନ୍ନାଥ ଭୋଁସଲା

ସୁଦୃଢ଼ ଦେହୀ ୬ଫୁଟ ଉଚ୍ଚ ୪୯ ବର୍ଷ ବୟସ୍କ ଜଗନ୍ନାଥ ରାଓ ଭୋଁସଲେଙ୍କର ଜନ୍ମ ସେହି ବୀର ଜାତିରେ ଯେଉଁ ଜାତି ଛତ୍ରପତି ଶିବାଜୀ ଭଳି ଯୋଦ୍ଧାକୁ ଭାରତର ସ୍ୱାଧୀନତା ପାଇଁ ଭାରତମାତାଙ୍କୁ ସମର୍ପଣ କରି ଦେଇ ପାରିଥିଲା। ଦକ୍ଷିଣ ପଶ୍ଚିମ ମହାରାଷ୍ଟ୍ରର ଛତ୍ରେଶ ନାମକ ଗ୍ରାମରେ ଜନ୍ମ ଗ୍ରହଣ କରି ସେ ହିନ୍ଦୁସ୍ଥାନରେ ବିଦ୍ୟାଭ୍ୟାସ କରିବା ସମୟରେ ଦେରାଦୁନରେ ସୈନ୍ୟ ଶିକ୍ଷା ପାଇଥିଲେ। ୧୯୧୭ରେ ସେ ସାଣ୍ଡହର୍ଷ୍ଟ କଲେଜରୁ ଉତ୍ତୀର୍ଣ୍ଣ ହୋଇ ସେଠାରେ ସେ ସମସ୍ତ ସାମରିକ ବିଷୟରେ ଯୋଗ୍ୟତାର ସହିତ ଅଧ୍ୟୟନ ଶେଷ କଲେ। ୧୯୨୮ରେ ସେ ଲକ୍ଷ୍ମଣାବାଦ ରେଜିମେଣ୍ଟରେ ଯୋଗ ଦେଲେ—

Digitized by srujanika@gmail.com

[illegible]ଠାରେ ଏବଂ ବର୍ମାର ମଧ୍ୟରେ ରୟାଲ ମରହଟ୍ଟା ବାହିନୀରୁ ବଦଳି ହୋଇ ଆସିଲେ। ୧୯୩୦ ରେ ଲେଫ୍ଟନାଣ୍ଟ ଅଡ଼ଜୁଟାଣ୍ଟ ପଦକୁ ଉନ୍ନତି ମିଳିଲା। ବର୍ମାଠାରେ ଥିବାବେଳେ ସେ ବହୁ ବ୍ରିଟିଶ ନାଗରିକଙ୍କୁ ସମୁଦ୍ର ଗର୍ଭରୁ ରକ୍ଷା କରିଥିଲେ। ସମ୍ରାଟ ତାଙ୍କର ସାହସ ପାଇଁ ପଦକ ମଧ୍ୟ ଘୋଷଣା କଲେ। ୧୯୩୭ ରେ ସେ କପ୍ତାନ ହେଲେ ଏବଂ ସମ୍ରାଟଙ୍କର ରାଜ୍ୟାଭିଷେକ ଉତ୍ସବରେ ଯୋଗ ଦେବାର ସମ୍ମାନ ତାଙ୍କୁ ମିଳିଲା। ଏ ଗୌରବ (?) ତାଙ୍କର ବଂଶର ଅନ୍ୟ ଦୁଇଜଣ ମଧ୍ୟ ପୂର୍ବ ସମ୍ରାଟ ଦ୍ୱୟଙ୍କ ସିଂହାସନ ଅଭିଷେକ ବେଳେ ପାଇଥିଲେ। ଭାରତକୁ ଫେରିବା ପରେ ତାଙ୍କୁ ଜେନେରାଲ ଷ୍ଟାଫ୍ର ଶିକ୍ଷାଭାର ଦିଆଗଲା। ୧୯୪୦ ଅନ୍ତେ ସେ ବେରିଲରେ ନିଯୁକ୍ତ ହେଲେ ଏବଂ ତାପରେ ସିଙ୍ଗାପୁର ଜେନେରାଲ ଷ୍ଟାଫ୍ର ଲେଫ୍ଟନାଣ୍ଟ ଜେନେରାଲ ହେଲେ। ସିଙ୍ଗାପୁର ଦୁର୍ଘଟଣା ପରେ ସେ ଆଇ: ଏନ: ଏ: ରେ ଯୋଗ ଦେଲେ।

ସେ ଆଇ: ଏନ: ଏ: ର ଚିଫ୍ ଅଫ୍ ଷ୍ଟାଫ୍ ହେଲେ। ଶେଷରେ ବେଂକକ ଠାରେ ଧରାପଡ଼ି ଲାଲକିଲ୍ଲାକୁ ଅଣା ହୋଇଛନ୍ତି।

ଜଗନ୍ନାଥ ଶିଷ୍ଟ ସ୍ୱଭାବର ସଂଯମୀ। ଗୃହସ୍ଥଳର [illegible] ସେନା ବାହିନୀରେ ଜଗନ୍ନାଥଙ୍କର ବନ୍ଧୁ ଅସଂଖ୍ୟ ଅଛନ୍ତି। ବରୋଦା ଏବଂ ସାନ୍ତବାଡ଼ି ରାଜ୍ୟରେ ତାଙ୍କ ଶ୍ୱଶୁରମାନେ ଉଚ୍ଚ ପଦମାନ ଗ୍ରହଣ କରିଛନ୍ତି। କୋଲ୍ହାପୁର, ବରୋଦା ଓ ସାନ୍ତବାଡ଼ି ରାଜବଂଶ ସଂପର୍କୀୟ ଏବଂ ତାଙ୍କ ବଂଶକୁ ଜଗନ୍ନାଥ ବିବାହ କରିଥିଲେ। ତାଙ୍କର ସ୍ତ୍ରୀ ସାଧ୍ୱୀ ଚନ୍ଦ୍ରାବତୀ [illegible] କନ୍ୟାର ଜନନୀ। ଜ୍ୟେଷ୍ଠା କନ୍ୟାର ବୟସ ୧୧ ବର୍ଷ। ସମସ୍ତେ ବରୋଦାରେ ବାସ କରନ୍ତି। ୮୦ ବର୍ଷର ବୃଦ୍ଧା ଜଗନ୍ନାଥଙ୍କର ମା ପୁଅର ମଙ୍ଗଳ କାମନା କରି କୁଳଦେବୀ ଭବାନୀଙ୍କର ପୂଜାରେ ରତ।

## ସରଦାର ଅମର ସିଂହ ଗିଲ୍

କଲିକତା ପ୍ରେସିଡେନ୍ସି ଜେଲରେ ବନ୍ଦୀ ବାହାଦୂର ସୈନିକ ଅମର ସିଂହ ଭୁଷ୍ଟା ଜାହାଜରେ ଆସି ଭାରତରେ ପହଞ୍ଚିଲେ। ଟୋକିଓରୁ ନେତାଜୀ ତାଙ୍କୁ ବିଶେଷ ସମ୍ବାଦ ସହ ଭାରତ ପଠାଇଥିଲେ। ଅମର ସିଂହ ଅତି ଗୋପନ ଭାବରେ ଓଲ୍ଲାର ମୁସ୍ତଫାଙ୍କ ଘର ସୁରେଶ ବୋଷଙ୍କ ଜାମାତା ହରି ଦାସଙ୍କ ପାଖକୁ ଗଲେ। କିନ୍ତୁ ପରେ ସେ ଧରାପଡ଼ିଲେ ତାଙ୍କ ସହିତ ଜ୍ୟୋତିଷ ବୋଷ ଏବଂ ଡାକ୍ତର ପବିତ୍ର ରାୟ ମଧ୍ୟ ଗିରଫ ହେଲେ।

ତାଙ୍କ ଉପରେ ମୋକଦ୍ଦମା ଚାଲିଲା। କଲିକତା ଜଜମାନଙ୍କ ଉପରେ ବିଚାର ଭାର ନ୍ୟସ୍ତ କରି ନ ଯାଇ ଲାହୋର ହାଇକୋର୍ଟରୁ ଜଣେ ଜଜଙ୍କୁ ଆଣି ବିଚାର କାର୍ଯ୍ୟ ଆରମ୍ଭ ହେଲା। ହରି ଦାସ ମିତ୍ରଙ୍କୁ ଫାଶି ଆଦେଶ ହେଲା। ପରେ ଗାନ୍ଧୀଜୀଙ୍କ ପ୍ରଯତ୍ନରେ ଫାଶି ଦଣ୍ଡ ସ୍ଥଗିତ କରି ଦିଆ ଯାଇଛି।

ଅଜାଦ୍ ହିନ୍ଦ୍ ଫୌଜରେ ବୀର ଓଡ଼ିଆ



ଶ୍ରୀ ମହାଦେବ ସାହୁ, ଶ୍ରୀ ହରି ତ୍ରିପାଠୀ, ଶ୍ରୀ ଭଗବତ ତ୍ରିପାଠୀ, ଶ୍ରୀ ବୈଦ୍ୟନାଥ ପଣ୍ଡା, ଶ୍ରୀ ଶ୍ୟାମ ଯାଦବ

Digitized by srujanika@gmail.com

**ପ୍ରତିଶୋଧ !** **ପ୍ରତିଶୋଧ !!** **ପ୍ରତିଶୋଧ !!!**

### ବାହାଦୁର ସାହାଙ୍କ କବର ଉପରେ

# ସ୍ୱାଧୀନତାର ପଣ

ଆଜାଦ ହିନ୍ଦ୍ ସରକାର ଗଠିତ ହୋଇ ଯାଇଛି । ଆଜାଦ୍ ହିନ୍ଦ୍ ଫୌଜ ବିରାଟ ପତାକା ନେଇ ମାଣ୍ଡାଲେରେ ଉପଗତ ।

୧୮୫୭ ର ସେ ଦାସତ୍ୱ ମୋଚନ ବିଦ୍ରୋହ ପୁଣି ଘଟିଉଠିଲା । ରେଙ୍ଗୁନର ମାଟି ତଳେ ଭାରତର ଶେଷ ସ୍ୱାଧୀନ ସମ୍ରାଟ, ଶେଷ ସ୍ୱାଧୀନ ମୋଗଲ ବାହାଦୁର ଶାହଙ୍କର ଶବ ଶେଷ ଶଯ୍ୟାରେ ମନେ ହେଲା ଆଜି କେତେ ବର୍ଷପରେ ପାର୍ଶ୍ୱ ପରିବର୍ତ୍ତନ କରୁଛି ତ ଅଇ ।

ଆଜାଦ୍ ହିନ୍ଦୁସ୍ଥାନର ପ୍ରଥମ ମୁକ୍ତିଦାତା ସୁଭାଷଙ୍କ କାନରେ ସେ ଅମର ଆତ୍ମାର ଆହ୍ୱାନ ବାଜିଲା । ଆଜାଦ୍ ହିନ୍ଦ୍ ସରକାର ସେ ପବିତ୍ର ସମାଧି ଉପରେ ଏକ ନୂତନ ମହିମାମୟ କବର ସ୍ଥାପନ କଲେ । ସେ କବର ମନ୍ଦିରର ଉଦ୍‌ଘାଟନ କରିବା ପାଇଁ ସୁଭାଷ ନିଜେ ସିଙ୍ଗାପୁରରୁ ରେଙ୍ଗୁନ ଯାତ୍ରା କଲେ ।

୨୭ ସେପ୍‌ଟେମ୍ବର ରବିବାର ଦିନ ଉଦ୍‌ଘାଟନ ତିଥି ।

ଆଜାଦ ହିନ୍ଦ୍ ସରକାରର ସମସ୍ତ ସଦସ୍ୟ ରେଙ୍ଗୁନରେ ଉପସ୍ଥିତ ଥିଲେ । ଚାରିଆଡ଼େରେ ସ୍ଥିରତା । ଆଜାଦ୍ ଫୌଜ ମଧ୍ୟ ଆସିଥିଲେ ମାତ୍ର ବ୍ୟାଣ୍ଡ ବାଦ୍ୟ ସଙ୍ଗବ୍ୟବହାରରେ ନୁହେଁ । ପତାକା ତାଙ୍କର ଅର୍ଦ୍ଧ ଅବନତ ଏବଂ ପ୍ରତ୍ୟେକର ବାହୁରେ କୃଷ୍ଣ ବର୍ଣ୍ଣର ପଟି ବନ୍ଧା ହୋଇଛି ।

କବର ଭୂମିର ତୋରଣ ଦ୍ୱାରରେ ସ୍ୱର୍ଣ୍ଣ ସୀମା ଘେରା ମୋଗଲ ସାମ୍ରାଜ୍ୟର ସବୁଜ ପତାକା ଫର୍‌ଫର୍ ହୋଇ ଏକଦା ଏକ ଶକ୍ତିଶାଳୀ ସ୍ୱାଧୀନ ସରକାରର ସ୍ମୃତି ଜାଗରୁକ କରୁଥିଲା ।

ସନ୍ଧ୍ୟାର ଗମ୍ଭୀର ବାତାବରଣ ମଧ୍ୟରେ ସମବେତ ପୁଷ୍ପାଞ୍ଜଳି ପୂର୍ବରେ ସମାବିଷ୍ଟ । ସବୁ ପ୍ରଥମେ ଜଣେ ବୃଦ୍ଧ ବୋହରପନ୍ଥ ମୁସଲମାନ ଉଚ୍ଚ ହୋଇ କୋରାନର 'ଆୟତ' ପାଠ କରିବାକୁ ଆରମ୍ଭ କଲେ । ଏବଂ ପାଠ ପରେ ସେଇ ସମାଧି ଉପରେ ପୁଷ୍ପ ବର୍ଷଣ କଲେ ।

ତା' ପରେ ଆସିଲେ ସୁଭାଷ । ମୁକ୍ତ ପାଦ ମୁକ୍ତ ଶିରରେ ସେ ମନ୍ଦିର ମଧ୍ୟରେ ପ୍ରବେଶ କଲେ ଏବଂ କବର ନିକଟରେ କିଛିକ୍ଷଣ ନିସ୍ପନ୍ଦ ହୋଇରହିଲେ । କିଏ ଜାଣେ କେଉଁ ଗଭୀର ଚିନ୍ତାରେ ମଗ୍ନ ହୋଇ ସେ ନିର୍ନିମେଷ ନେତ୍ରରେ କବରକୁ ଚାହିଁ ରହିଲେ । ଚେହେରାରେ ଗାମ୍ଭୀର୍ଯ୍ୟମୟ । ଧୂପ ଗନ୍ଧରେ ଆକାଶ ଆମୋଦିତ । ଚୂର୍ଣ୍ଣକୃତ ପୁଷ୍ପ ସ୍ତବକ ଗନ୍ଧ ଉଦାସ—ଅସ୍ୱଚ୍ଛ । ସୁଭାଷ ତାର ଭିତରେ ଚିର ସ୍ମୃତିବହ ଦଣ୍ଡାୟମାନ । ସହସା ତାଙ୍କର ଚକ୍ଷୁ ଉଜ୍ଜ୍ୱଳ ହୋଇ ଉଠିଲା । ସେ ମୁଷ୍ଟିବଦ୍ଧ କରି ଗମ୍ଭୀର ସ୍ୱରରେ କହିଲେ—ଆମେ ଆପଣଙ୍କ ପ୍ରତି ଅନ୍ୟାୟର ପ୍ରତିଶୋଧ ନେବୁଁ । ଦିଲ୍ଲୀର ସେ ରକ୍ତ ଦିବସକୁ ଆମ୍ଭେ ଭୁଲି ନାହୁଁ—ଭୁଲି ନାହୁଁ ।

ତତ୍ପରେ ନୀରବରେ ରକ୍ତ ପୂର୍ଣ୍ଣ ସ୍ତବକରେ ସେ ପ୍ରଣାମ କରି ଏକ ପାର୍ଶ୍ୱରେ ଉଭା ହୋଇ ରହିଲେ ଏବଂ ଅନୁଚରମାନେ ଜଣ ଜଣ କରି ଶୃଙ୍ଖଳା ସହକାରେ ଆସି କବର ଉପରେ ପୁଷ୍ପାଞ୍ଜଳି ଦେଇ ଭକ୍ତି ଅର୍ପଣ କଲେ । ସଙ୍ଗେ ସଙ୍ଗେ ସମସ୍ତେ ଏକସଙ୍ଗରେ ବାହାରକୁ ଯାଇ ପତାକା ଅବନତ କରି ବାହାଦୁର ଶାହଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅଭିନନ୍ଦନ ଜଣାଇଲେ । ସୁଭାଷ ଗମ୍ଭୀର ଭାବରେ ଭାଷଣ ଦେଲେ ।

ଅଦୃଷ୍ଟର ସାମ୍ୟ ଏ—ଭାରତର ଅନ୍ତିମ ସମ୍ରାଟଙ୍କ ଶବର ବର୍ମା ଭୂମିରେ ଏବଂ ବର୍ମାର ଶେଷ ସମ୍ରାଟଙ୍କର ଶବ ଭାରତ ଭୂମିରେ ସମାଧି ପ୍ରାପ୍ତ ହୋଇଛି ।

ଏହି ପବିତ୍ର ସ୍ମାରକ ସନ୍ନିଧିରେ ଆମେ ଆମର ଚକ୍ରବ୍ୟୂହ ପଣକୁ ପୁନର୍ବାର ଉଚ୍ଚାରଣ କରୁଛୁଁ । ଭାରତର ଏହି ସ୍ୱାଧୀନତା ସଂଗ୍ରାମର ଅମର ସେନାନୀଙ୍କର ଅଭିବାଦନ କରୁଛୁଁ ଆମେ । ସେ ମନୁଷ୍ୟମାନଙ୍କ ମଧ୍ୟରେ ସମ୍ରାଟ ଏବଂ ସମ୍ରାଟମାନଙ୍କ ମଧ୍ୟରେ ମନୁଷ୍ୟ ଥିଲେ । ଆଜି ଆମେ ଆମର ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରି ଦେଇଛୁଁ ଏବଂ ଆମେ ମୃତ୍ୟୁର ଏଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ହୋଇ ଶପଥ ଗ୍ରହଣ କରୁଛୁଁ ଯେ ମୃତ୍ୟୁ ମଧ୍ୟ ଆମ୍ଭମାନଙ୍କୁ ଏ ଅମର ପଥରୁ ଅପସାରିତ କରି ପାରିବ ନାହିଁ । ଆମ୍ଭେ ବର୍ମା ଏବଂ ଭାରତର ଅଧିବାସୀମାନେ ସମସ୍ତ ବିଦ୍ରୋହ ଦ୍ୱାରା ନିଜର ସ୍ୱାଧୀନତା ହାସଲ କରି ମାନବଜାତିର ଉଦ୍ଧାର ନିମନ୍ତେ ଏକ ତାଳରେ ଅଗ୍ରସର ହେବୁଁ । ଅତ୍ୟାଚାରର ଜବାବ କି ଉଚ୍ଚ ସ୍ୱରରେ ଦିଆଯିବା ଉଚିତ ତାହା ଆଜକୁ ପ୍ରାୟ ଶହେ ବର୍ଷ ପୂର୍ବେ ବାହାଦୁର ଶାହା ଏବଂ ତାଙ୍କର ବୀର ସାଥୀମାନେ ଦର୍ଶାଇ ଯାଇଛନ୍ତି ।

ଆଜି ଏ ଅବସର ଭକ୍ତି ସ୍ମୃତିରୁ ପୂର୍ଣ୍ଣ । ଏହି ଅବସରରେ ମୁଁ ମୋର ବୀର ସୈନ୍ୟମାନଙ୍କୁ କହି ରଖୁଛି—ସ୍ୱାଧୀନତାର ସଂଗ୍ରାମ କେବଳ ଶାସକର ସଂଘର୍ଷ ନୁହେଁ—ଆତ୍ମାର ସଂଗ୍ରାମ ମଧ୍ୟ । ଭଗବାନର ଭକ୍ତିରେ ରଞ୍ଜିତ ଆତ୍ମାର ବିଶ୍ୱାସ ଉପରେ ସ୍ୱାଧୀନତାର ଆବାହନ କରିବାକୁ ହେବ । ବାହାଦୁର ଶାହଙ୍କର ସେଇ କବିତା ପଂକ୍ତି ସ୍ମରଣ କରନ୍ତୁ—

ଗାଜିଓଁ ମେ ବୁ ରହେଗୀ ଜବତଲକ ଈମାନ କୀ,
ତଖ୍‌ତେ ଲଣ୍ଡନ ତକ ଚଲେଗୀ ତେଗ୍ ହିନ୍ଦୁସ୍ଥାନ କୀ ।

ତା ପରେ ଜନାବ ଅବଦୁଲ ରହମାନଙ୍କର କ୍ଷୁଦ୍ର ଗୋଟିଏ ଭାଷଣ ହେଲା—ଚତୁର୍ଦ୍ଦଶ ଶତାବ୍ଦିର ଯେଉଁ ବନ୍ଦୀମହ (ଶେଷ କବର) ଦିବସ ପ୍ରତି ଅମର ପୈଗମ୍ବର (ଈଶ୍ୱର ଦୂତ) ଇଙ୍ଗିତ କରିଥିଲେ ସେଦିନ ଆଜି ଆସିଛି । କବର ମଧ୍ୟରୁ ଅଦୃଶ୍ୟ ଶବ ଆଜି ଉଠି ବସିବାକୁ ଉଦ୍ୟତ । ଆଜି ସେ ମାନବଜାତିର ଶତ୍ରୁ ନୌକର-ଶାହୀର ପାପ ପାଇଁ ଧାଙ୍କ ଉଲଟ କରିବେ ।

ଆମେ ସବୁଦିନେ ପଶ୍ଚିମ ଅଭିମୁଖରେ ପ୍ରାର୍ଥନା କରିଥାଉଁ । ମକ୍କା ଆମର ପଶ୍ଚିମରେ । କିନ୍ତୁ ହେ ରସୁଲଙ୍କ ଧର୍ମର ଅଧିବାସୀ, ମୁଁ ତୁମ୍ଭମାନଙ୍କୁ ଚେତାଇ ଦେଉଛି—ସେଇ ପଶ୍ଚିମ ଦିଗରେ ଦିଲ୍ଲୀ ମଧ୍ୟ ଅବସ୍ଥିତ । ପ୍ରତ୍ୟେକ ଭାରତ ବାସୀ ମୁସଲମାନ ମନେରଖ ମକ୍କା ପଥର ପ୍ରଥମ ଲକ୍ଷ୍ୟସ୍ଥାନ ଦିଲ୍ଲୀ । ଧର୍ମର ପ୍ରଥମ ସୋପାନ—ସ୍ୱାଧୀନତା । ଆମେ ଆମର ଶେଷ ବାଦଶାହଙ୍କ କବର ଶପଥ ନେଉଛୁ—ଆମେ ଦିଲ୍ଲୀ ଯିବୁଁ—ଦିଲ୍ଲୀ ଯିବୁଁ ।

ଜନତା ଭିତରୁ ଧ୍ୱନି ଉଠିଲା—ଆମେ ଦିଲ୍ଲୀ ଯିବୁଁ ।

Digitized by srujanika@gmail.com

Always insist on—

# RED CROSS BARLEY

ସବୁବେଳେ—

# ରେଡକ୍ରସ୍ ବାର୍ଲି

ବ୍ୟବହାର କରନ୍ତୁ!



SOLE DISTRIBUTORS:—

**Dasett & Co. (Eastern) Ltd.**

**127/B, Lower Circular Road.**

CALCATTA.

ଏକମାତ୍ର ପରିବେଶକ—

## ଡାସେଟ ଏଣ୍ଡ କୋ (ଇଷ୍ଟାର୍ଣ୍ଣ) ଲିଃ

୧୨୭ ବି, ଲୋୟାର ସର୍କୁଲାର ରୋଡ଼

କଲିକତା।

Digitized by srujanika@gmail.com

# ମୁଁ ସୁଭାଷଚନ୍ଦ୍ର ବୋଷ

## ମୁଁ ଭାରତ ବାହାରକୁ କାହିଁକି ଆସିଲି ?

ମୁଁ କିଏ ଏବଂ ମୋର ବ୍ୟକ୍ତିଗତ ଜୀବନ କ'ଣ ଆପଣମାନେ ଜାଣନ୍ତି ।

ବିଶ୍ୱ ବିଦ୍ୟାଳୟର ଶିକ୍ଷା ଶେଷ ହେବା ପରେ ମୁଁ ରାଜନୀତି ରାଜ୍ୟରେ ପ୍ରବେଶ କଲି । ସେତେବେଳେ ସବୁ ପ୍ରଧାନ ପ୍ରଶ୍ନ ଥିଲା—ଗତ ମହାଯୁଦ୍ଧରେ ଭାରତୀୟମାନେ କ'ଣ କରିଥିଲେ ଏବଂ କି ଶିକ୍ଷା ଲାଭ କଲେ । ଭାରତ ଏବଂ ଇଂଲଣ୍ଡରେ ଆମ୍ଭେମାନେ ଅନୁଭବ କଲୁଁ ଯେ ଆମ୍ଭର ନେତାମାନଙ୍କର ନୀତି ଭୁଲ ଥିଲା । ଆମର ତରୁଣ ଦଳମାନେ ସମ୍ପୂର୍ଣ୍ଣ ନିରାଶ ହୋଇଗଲୁଁ । ଆମେ କେବଳ ଏତିକି ଶିଖିଲୁ ଯେ ଏ ଭୁଲ ପୁଣି ଯେପରି ଅଭିନୀତ ନ ହୁଏ ।

ୟୁରୋପର ଯୁଦ୍ଧପରେ ସ ୧୯୧୮—୧୯ ରେ ବହୁ ପରିବର୍ତ୍ତନ ହେଲା । ନୂଆ ନୂଆ ରାଜ୍ୟ ଗଢ଼ି ଉଠିଲା । ଚେକ୍ ଜାତିର ଲୋକେ ଅଷ୍ଟ୍ରୋହଙ୍ଗେରିଅନ ସାମ୍ରାଜ୍ୟରୁ ସ୍ୱତନ୍ତ୍ର ହୋଇଗଲେ । ପୋଲମାନେ ନିଜର ସରକାର ଗଢ଼ିଲେ । ମୁଁ ଇଉରୋପ ଗଲାବେଳେ ମୋତେ ବହୁ ନିର୍ବାସିତ ଭାରତୀୟ ନେତାଙ୍କ ସହିତ ସାକ୍ଷାତର ସୁଯୋଗ ମିଳିଥିଲା । ସେମାନେ ମୋତେ ପରାମର୍ଶ ଦେଲେ ଯେ ଯଦି ମୁଁ ଜନ୍ମଭୂମି ପାଇଁ କିଛି କରିବାକୁ ଚାହେଁ ତେବେ ମୋର ଯୁଦ୍ଧର ଇତିହାସ ପଢ଼ିବା ଉଚିତ ।



(ନେତାଜୀଙ୍କର ଭାରତକୁ ଶେଷ ବେତାର ବାର୍ତ୍ତା)

ଆମ୍ଭେମାନେ ଶିକ୍ଷା ଆରମ୍ଭ କଲୁଁ । କେତେକ ଚେକ ନେତା ନିଜର କାର୍ଯ୍ୟ ସିଦ୍ଧି ପାଇଁ ଅଷ୍ଟ୍ରିଆ ଓ ହଙ୍ଗେରୀର ଶତ୍ରୁମାନଙ୍କଠାରୁ ସାହାଯ୍ୟ ପାଇବା ଉଦ୍ଦେଶ୍ୟରେ ଦେଶରୁ ବାହାର ଚାଲିଗଲେ ସେ କଥା ଜାଣିଲୁଁ । ସେମାନେ ଫ୍ରାନ୍ସ ଏବଂ ବ୍ରିଟେନ ସହିତ ସହଯୋଗ କଲେ । ସେ ଦୁଇ ସରକାର ଚେକମାନଙ୍କୁ ସାହାଯ୍ୟ ଦେଲେ । ଯୁଦ୍ଧ ପରେ ଚେକମାନଙ୍କର ସ୍ୱତନ୍ତ୍ର ସରକାର ସ୍ଥାପନ କରିବାରେ ଅଧିକାର ସେମାନେ ସ୍ୱୀକାର କରିନେଲେ । ନିଜ ଦେଶର ବାହାରେ ଥିବା ଚେକମାନଙ୍କୁ ପ୍ରଥମେ ସୈନ୍ୟ ଶ୍ରେଣୀଭୁକ୍ତ କରି ନିଆଗଲା । ଅଷ୍ଟ୍ରୋ-ହଙ୍ଗେରିଅନ୍ ସେନା ଭିତରୁ କେତେକ ଚେକ୍ ଜାତୀୟ ସେନା ଶତ୍ରୁ ଦ୍ୱାରା ବନ୍ଦୀ ହେଲେ ସେମାନେ ଚେକ ନ୍ୟାଶନାଲ ଆର୍ମି ( ସ୍ୱାଧୀନ ଚେକ୍ ସେନା ) ଦଳରେ ସ୍ୱେଚ୍ଛାରେ ସେବା ଦେବାର ଇଚ୍ଛା ପ୍ରକାଶ କଲେ । ସେହି ସେନାରେ କୋଡ଼ିଏ ହଜାର ସିପାହୀ ଥିଲେ । ବ୍ରିଟେନ ଏବଂ ଫ୍ରାନ୍ସ ସହିତ ମିଶି ଏ ସେନା ଅଷ୍ଟ୍ରିଆ ଏବଂ ହଙ୍ଗେରୀ ବିରୁଦ୍ଧରେ ଯୁଦ୍ଧ କଲେ ।

ପୋଲ ଜାତିର ଲୋକମାନେ ମଧ୍ୟ ୩୦ ହଜାର ସଂଖ୍ୟକ ସେନା ଏକତ୍ର କରି ଯୁଦ୍ଧ ଆରମ୍ଭ କଲେ । ସୌଭାଗ୍ୟ କ୍ରମେ ଜର୍ମାନୀ ଏବଂ ତାର ମିତ୍ରମାନେ ହାରିଯିବାରୁ ସେମାନେ—ଉଭୟ ଚେକ ଓ ପୋଲମାନେ ଅଳ୍ପଦିନରେ ସ୍ୱୀୟ ସରକାର କାୟମ କରିନେଲେ ।

ତେବେ ଆମେ କାହିଁକି ସେହି ପଥରେ ଅଗ୍ରସର ନ ହେବା ? ଆୟରଲାଣ୍ଡର ଲୋକେ ମଧ୍ୟ ଏହି ଯୁଦ୍ଧରେ ଲାଭ ଉଠାଇନେଲେ । ସିନ୍‌ଫିନ ଦଳର ଅଧୀନରେ ସେମାନେ ବ୍ରିଟେନ ବିରୁଦ୍ଧରେ ପ୍ରକାଶ୍ୟ ବିଦ୍ରୋହ କଲେ । ଡବଲିନ ନାମକ ନଗରରେ ସିନ୍‌ଫିନ ଦଳର ୩ ହଜାର ସେନା ଥିଲେ । ସମଗ୍ର ଦେଶର ସେନା ସଂଖ୍ୟା ଥିଲା ୧୦ ହଜାର । ପ୍ରଥମେ ଯୋଜନାରେ କେତେକ ତ୍ରୁଟି ରହିଗଲା । ତେଣୁ ଡବଲିନରେ ଯେଉଁ ବିଦ୍ରୋହ ଆରମ୍ଭ କଲେ—ଗ୍ରାମରେ ତାହା ବିସ୍ତାର କରିପାରିଲେ ନାହିଁ । କୌଣସି ପ୍ରକାରରେ ୮ଦିନ ପର୍ଯ୍ୟନ୍ତ ସେମାନେ ଡବଲିନ ଅଧିକାର କରି ରହିଲେ । ଏ

Digitized by srujanika@gmail.com

ବିଦ୍ରୋହ ଇଷ୍ଟର ଉତ୍ସବ ଦିନ ଆରମ୍ଭ ହୋଇଥିଲା । ସେଥିପାଇଁ ତାର ନାମ ହେଲା ଇଷ୍ଟରରେ ବିଦ୍ରୋହ । ୧୯୧୬ରେ ଏ ବିଦ୍ରୋହ ସଫଳ ହୋଇ ପାରିଲା ନାହିଁ । ଯୁଦ୍ଧ ପରେ ୧୯୧୯ରେ ଏ ବିଦ୍ରୋହ ପୁଣି ଜଳି ଉଠିଲା । ବିଦ୍ରୋହୀଙ୍କ ହାତରେ ମୋଟ ୫୦୦୦ ସୈନ୍ୟ ଥିଲେ । ଏଥିର ପରିଣାମ ଭିନ୍ନ ପ୍ରକାର ହେଲା । ଯୁଦ୍ଧ ସମାପ୍ତ ହୋଇଥିଲା ସତ୍ୟ ଏବଂ ବିଦ୍ରୋହ ଦବାଇ ଦେବାପାଇଁ ଇଂଲଣ୍ଡରୁ ଯେତେ ଇଚ୍ଛା ସେତେ ସେନା ଆଣିବାର ଅସୁବିଧା ନ ଥିଲା— ତଥାପି ୫ ହଜାର ସୈନ୍ୟ ନେଇ ବିଦ୍ରୋହୀମାନେ ଜୟ କଲେ । ବ୍ରିଟିଶ ଶକ୍ତିକୁ ଶିର ନୁଆଁଇ ଦେବାକୁ ପଡ଼ିଲା । ଗତ ମହାଯୁଦ୍ଧର ଇତିହାସରୁ ଶିକ୍ଷା ନେଇ ସନ ୧୯୨୧ରେ ମୁଁ କାର୍ଯ୍ୟ ଆରମ୍ଭ କଲି । ଆପଣମାନେ ଜାଣନ୍ତି ସେତେବେଳେ ମହାତ୍ମା ଗାନ୍ଧି ଅସହଯୋଗ ଆନ୍ଦୋଳନ ଆରମ୍ଭ କରି ଦେଇଥିଲେ । ଖିଲାଫତ କମିଟି ମଧ୍ୟ କଂଗ୍ରେସ ସହିତ ମିଳି କାମ ଆରମ୍ଭ କରୁଥିଲା । ଆମ୍ଭେମାନେ ମଧ୍ୟ ସେହି ଆନ୍ଦୋଳନରେ ଭାଗ ନେଲୁଁ । ଇଂରେଜ ଜାତିର ଅତ୍ୟାଚାର ଦମନ ମୁଖରେ ଜାତିର ସମ୍ମାନ ରକ୍ଷା କରିବା ପାଇଁ ଯୁଦ୍ଧ କରିବାର ଅନ୍ୟ କୌଣସି ପନ୍ଥା ନ ପାଇ ଆମ୍ଭେମାନେ ୧୯୨୧ରେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସରେ ଯୋଗ ଦେଲୁଁ । ହିନ୍ଦୁ ଏବଂ ମୁସଲମାନ ମିଳି ଯାଇଥିଲେ । କିନ୍ତୁ ଆମ୍ଭେମାନେ ନିଶ୍ଚିତ ରୂପରେ ଜାଣିଥିଲୁ ଯେ ଉକ୍ତ ଅହିଂସା ଆନ୍ଦୋଳନ ଦ୍ୱାରା ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ମିଳି ପାରିବ ନାହିଁ । ଏହି ଆନ୍ଦୋଳନ ଅବଶ୍ୟ ଜନତା ପ୍ରାଣରେ ଜାଗରଣ ଆଣି ଦେଇଛି । ଏହି ଆନ୍ଦୋଳନହିଁ ଜନତାକୁ ସଶସ୍ତ୍ର ସଂଘର୍ଷ ପାଇଁ ପ୍ରସ୍ତୁତ କରିଦେଲା ।

ଏ ମୋର ବ୍ୟକ୍ତିଗତ ମତ ନୁହେଁ । ୧୯୨୧ ମସିହାରେ ଯେଉଁମାନେ ମହାତ୍ମା ଗାନ୍ଧିଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ସେମାନଙ୍କ ମଧ୍ୟରୁ ବହୁ ତରୁଣଙ୍କର ମତ ଏ । କେତେକ ତରୁଣଙ୍କର ଅହିଂସାରେ ବିଶ୍ୱାସ ଥିଲା । କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ହିଂସାର ବଳଶାଳୀ ସମର୍ଥକ ।

୧୯୩୩ରେ ମୁଁ ଇଉରୋପ ଗଲି । ୧୯୩୬ ପର୍ଯ୍ୟନ୍ତ ରହିଲି ସେଠି । ଇଉରୋପ ଅବସ୍ଥା ପର୍ଯ୍ୟାଲୋଚନା କରିବା ଥିଲା ମୋର ଉଦ୍ଦେଶ୍ୟ । ମୁଁ ବର୍ଲିନ ଗଲି । ସେଠାରେ କେତେକ ସରକାରୀ କର୍ମଚାରୀଙ୍କ ସହିତ ପରିଚୟ ହେଲା । ହିଟଲରଙ୍କୁ ମଧ୍ୟ ଭେଟିଲି । ମୁଁ ତାଙ୍କୁ ସ୍ପଷ୍ଟ ଭାଷାରେ ପଚାରିଥିଲି—"ଆପଣ ଯୁଦ୍ଧ କେବେ ଘୋଷଣା କରିବାକୁ ଯାଉଛନ୍ତି ?" ସେ ଜବାବ ଦେଲେ—"ମୁଁ ବ୍ରିଟେନ ସହିତ ଲଢ଼ାଇ କରିବାକୁ ଆଦୌ ଚାହେଁନା ।" ମାତ୍ର ଭାରତର ସ୍ୱାଧୀନତା ପ୍ରତି ତାଙ୍କର ସହାନୁଭୂତି ସେ ଏକ ପ୍ରକାର ପ୍ରକାଶ କରିଥିଲେ ।

ଏକଥା କହିବାର ତାତ୍ପର୍ଯ୍ୟ ଏହି ଯେ ମୁଁ ଇଉରୋପରୁ ଫେରିଲି ବେଳକୁ ଭବିଷ୍ୟତ ସମ୍ଭାବନା ସମ୍ବନ୍ଧରେ ଦୃଢ଼ ବିଶ୍ୱାସ ନେଇ ଫେରିଲି । ମୁଁ ବୁଝି ପାରିଥିଲି ଯେ ଜର୍ମାନର ସନ୍ଧିଧିକାସ ନୂଆ ଦଳ ଯୁଦ୍ଧ ସପକ୍ଷରେ ଥିଲା । ମୋତେ ପରିଷ୍କାର ଜଣା ପଡ଼ିଥିଲା ବ୍ରିଟେନ ଜର୍ମାନର ଦାବି କଦାପି ପୂରଣ କରିବ ନାହିଁ । ବ୍ରିଟେନ ଯେତେବେଳେ ଦେଖିବ ଯେ ଜର୍ମାନୀର ଶକ୍ତି ଅଧିକ ବଢ଼ିଏ ବେଶୀ ହୋଇଗଲା, ସେତେବେଳେ ସେ ନାଜୀମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଦେବ । ୧୯୩୮ରେ ମୁଁ ଯେତେବେଳେ ପୁନରାୟ ଇଉରୋପ ଗଲି ସେତେବେଳେ କେତେକ ପରିବର୍ତ୍ତନ ଦେଖିଲି । ଜର୍ମାନ ସେତେବେଳକୁ ବୁଝି ଯାଇଥିଲା ଯେ ବ୍ରିଟେନ ତାର ସମସ୍ତ ଦାବିକୁ କଦାପି ପୂରଣ କରିବ ନାହିଁ । ୧୯୩୮ ସେପ୍ଟେମ୍ବରରେ ଜର୍ମାନ ସଡେଟେନ ଜର୍ମାନମାନଙ୍କ ସମ୍ବନ୍ଧରେ ମାମଲା ଉଠାଇଲା । ବ୍ରିଟିଶ ପ୍ରଧାନମନ୍ତ୍ରୀ ଚେମ୍ବରଲେନ ହିଟଲର ପାଖକୁ ନ୍ୟାୟ ବିଚାର ପାଇଁ ଦଉଡ଼ିଲେ । ଦିନ ଥିଲା ଯେତେବେଳେ ଅନ୍ତରାଷ୍ଟ୍ରୀୟ ଚର୍ଚ୍ଚା ଲଣ୍ଡନରେଇ ହେଉଥିଲା । କିନ୍ତୁ ସେ ସମୟ ଆଉ ନାହିଁ । ମୁଁ ଯେତେବେଳେ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କୁ ଜର୍ମାନୀ ଦଉଡ଼ିବାର ଦେଖିଲି ସେତେବେଳେ ମୋତେ ବେଶ୍ ବୁଝା ପଡ଼ିଲା ଯେ ବ୍ରିଟେନ ଦୁର୍ବଳ ହୋଇ ଯାଉଛି ଏବଂ ଜର୍ମାନ ମଜବୁତ । ମୁଁ ସେଥିପାଇଁ ପ୍ରସ୍ତାବ କରିଦେଲି ଯେ ଯୁଦ୍ଧ ଅବଶ୍ୟମ୍ଭାବୀ । ଭାରତୀୟମାନଙ୍କର କର୍ତ୍ତବ୍ୟ ହେଉଛି—ସାବଧାନତା ସହକାରେ ବ୍ରିଟେନ ସହିତ ଲଢ଼ିବାର ଆୟୋଜନ କରିବା । ମୁଁ ଜାଣିଥିଲି ଯେ ଜନତାର ପୂର୍ଣ୍ଣ ସମର୍ଥନ ମୋ ପଛରେ ଥିଲା । କିନ୍ତୁ ଆମ୍ଭମାନଙ୍କର ନେତା ଅନ୍ୟ ଢଙ୍ଗରେ ଚିନ୍ତା କରୁଥିଲେ—ବିଶେଷତଃ ମହାତ୍ମା ଗାନ୍ଧି ।

୧୯୩୯ ମାର୍ଚ୍ଚରେ ରାଷ୍ଟ୍ରୀୟ ମହାସଭା କଂଗ୍ରେସର ଅଧିବେଶନ ତ୍ରିପୁରୀରେ ହେଲା । ମୁଁ ପ୍ରସ୍ତାବ ଆଣିଲି ଯେ ୬ ମାସ ଭିତରେ ସରକାର ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ଦେଇ ଦେବାକୁ ବାଧ୍ୟ କରି ଅନ୍ତିମ ସୂଚନା ଦିଆଯାଉ । ଯଦି ଉକ୍ତ ସମୟ ଭିତରେ ସରକାର ତାହା ପୂରଣ ନକରେ ତେବେ ଆମ ନିକଟରେ ଯେ କୌଣସି ଉପାୟ ଓ ଶକ୍ତି ଅଛି ତାହାର ବଳରେ ସାହାସ ନେଇ ବ୍ରିଟେନ ସହିତ ଯୁଦ୍ଧ କରିବା ପାଇଁ ଜନସାଧାରଣକୁ ପ୍ରସ୍ତୁତ କରିବାକୁ ହେବ । ଯେତେବେଳେ ୧୯୩୯ ସେପ୍ଟେମ୍ବରରେ ଯୁଦ୍ଧ ହେଲା ସେତେବେଳେ ସମସ୍ତେ ମୋ କଥାର ସତ୍ୟତା ଉପଲବ୍ଧି କଲେ । କିନ୍ତୁ ଆମ୍ଭମାନଙ୍କ ନେତାମାନଙ୍କର ବିଚାର ଭିନ୍ନ ପ୍ରକାରେ ଥିଲା । ତାଙ୍କର ଧାରଣା ଥିଲା ଯେ ଯୁଦ୍ଧ କାଳରେ ବ୍ରିଟେନ ଦୁର୍ବଳ ହୋଇଯିବ ଏବଂ ଭାରତଠାରୁ ସାହାଯ୍ୟ ପାଇଁ ତା' ସହିତ ମିଳାମିଶା କରିନେବ । ମୁଁ ଏ ଧାରଣାର ଅସମ୍ଭବତା ଦେଖାଇବାକୁ ଚେଷ୍ଟା କରିଥିଲି ।

ମାର୍ଚ୍ଚ ୧୯୪୦ରେ କଂଗ୍ରେସ ଅଧିବେଶନ ବସିଥାଏ । ମୁଁ ଅଗ୍ରସର ହେବାକୁ ବହୁତ ଆଶା କରିଥିଲି । କିନ୍ତୁ ଗାନ୍ଧିଙ୍କ ମତ ବାଟରେ ଆଡ଼ ବସିଲେ । ଦେଶ ସାରା ଯୁଦ୍ଧ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଗଲା । ଅନେକ ଲୋକ ଜେଲ ଗଲେ । କ୍ରମେ କ୍ରମେ ଆନ୍ଦୋଳନର ସ୍ରୋତ ବଢ଼ିବାକୁ ଲାଗିଲା । ବହୁତ ଲୋକ ଜେଲ୍ ଗଲେ । ତାହାର ଭିତରେ ମୁଁ ଖବର ପାଇଲି ଯେ ସରକାର କିଛି କରୁ ନଥିବାରୁ ମହାତ୍ମା ଗାନ୍ଧି ନଭେମ୍ବରରେ ଆନ୍ଦୋଳନ ଆରମ୍ଭ କରିବେ । ମୁଁ ଅନଶନର ଖାସ ଦେଲି । ମୁଁ ଭାବିବାକୁ ଲାଗିଲି— ଆଜ ଦୁନିଆ ଜାଣିବ ଯେ ଭାରତ ସ୍ୱତନ୍ତ୍ରତା ପାଇଁ ଲଢ଼ୁଛି । କିନ୍ତୁ

Digitized by srujanika@gmail.com

ମୋ ଜୀବନରେ କେବଳ ସତ୍ୟାଗ୍ରହ ରୂପକ ଅସ୍ତ୍ରରେ ସ୍ୱାଧୀନତା ପାଇବା ସମ୍ଭବ ନୁହେଁ । ଆମେ ସେତେବେଳେ କ'ଣ କରିବୁ ବୋଲି ଚିନ୍ତା କରୁଥିଲୁଁ ।

ସେତେବେଳେ ଆମେ ପୁଣି ଇତିହାସର ପୃଷ୍ଠା ଲେଉଟାଇଲୁଁ । ସେଥିରୁ ଅନେକ ଉଦାହରଣ ଏବଂ ଶିକ୍ଷା ମିଳିଲା । ଆମେରିକାର ଲୋକଙ୍କ ଦୃଷ୍ଟାନ୍ତ ଆମ ଆଗରେ ଥିଲା । ମୁଁ ତାହା ଦେଖି ଏହି ନିଷ୍କର୍ଷରେ ଉପନୀତ ହେଲି ଯେ ବିପ୍ଳବ ସଫଳ ହୋଇ ପାରିବ ନାହିଁ । ଯୁକ୍ତରାଷ୍ଟ୍ର ଆମେରିକା ଫ୍ରାନ୍ସଠାରୁ ବହୁତ ସାହାଯ୍ୟ ପାଇଥିଲା । ସମଗ୍ର ଇତିହାସରେ କୌଣସି ରାଜ୍ୟ ନିଜର ସ୍ୱାଧୀନତା ହାସଲ କରିବା ପାଇଁ ଅନ୍ୟ ଏକ ଶକ୍ତିର ସହାୟତା ନେବା ନୂଆ କଥା ନୁହେଁ । ଭାରତରେ ରହି ଭାରତ ବାହାରର ବନ୍ଧୁ ସୃଷ୍ଟି କରିବା ସମ୍ଭବପର ନୁହେଁ । ସେଥିପାଇଁ ମୁଁ ସ୍ଥିର କଲି ଯେ ଆମ ଭିତରୁ କାହାରିକୁ ବାହାରକୁ ଯିବାକୁ ପଡ଼ିବ । କେତେକ ଲୋକଙ୍କୁ ବିଦେଶ ପଠାଇବାକୁ ସ୍ଥିର କଲି । କିନ୍ତୁ ସେ ବଡ଼ ଅସୁବିଧା ସାଧ୍ୟାପାର ଥିଲା । ଆମ୍ଭମାନଙ୍କର ଗତିବିଧି ଉପରେ ଯେପରି ପ୍ରହରୀର ଓ କଡ଼ା ଦୃଷ୍ଟି ଥିଲା, ସେଥିରେ କାର୍ଯ୍ୟରେ ସେ କଷ୍ଟକଣାର ଦୁଃଖ ଅସୁବିଧା ନଥିଲା ।

ଶେଷରେ ମୁଁ ସ୍ଥିର କଲି ଯେ ଯେଉଁ ଲୋକଙ୍କୁ ଇଂରେଜମାନେ ବନ୍ଦୀରେ ଜାଣନ୍ତି ବୁଝନ୍ତି ଏବଂ ଭାରତୀୟ ଜନତା ମଧ୍ୟ ଯାହା କଥା ମନ ଦେଇ ଶୁଣିବେ ସେହିଭଳି ଜଣେ ଲୋକ ଆମ ଭିତରୁ ଯିବା ଉଚିତ । ପରିଶେଷରେ ମୁଁ ନିଜେ ଭାରତର ବାହାରକୁ ଯିବାକୁ ନିଶ୍ଚୟ କଲି । କିନ୍ତୁ ସେତେବେଳେ ମୁଁ ଜେଲରେ ଥାଏ । ଜେଲ୍‌ରୁ ଖସି ଯାଇଁ ବ୍ରିଟିଶ ଓ ପୁଲିସଙ୍କ ଆଖିରେ ଧୂଳି ଦେଇ ଭାରତରୁ ବାହାରିବା ମୋ ପକ୍ଷରେ କଠିନ ହୁଅନ୍ତା । ଶେଷରେ ମୁଁ ଅନଶନ କରିବାକୁ ନିଶ୍ଚୟ କଲି । ଏହା ନିଶ୍ଚୟ କଲାବେଳେ ମୁଁ ମନକୁ ଦୃଢ଼ କରିନେଲି ଯେ ହୁଏତ ଜେଲରୁ ମୁକ୍ତ ହେବି, ନଚେତ ମରିଯିବାକୁ ହେବ । ମୁଁ ଯେତେବେଳେ ମୋର ନିଷ୍ପତ୍ତି ସରକାରଙ୍କୁ ଜଣାଇ ଦେଲି ସେତେବେଳେ ଅଫିସର ମହଲରେ ଚାଞ୍ଚଲ୍ୟ ଖେଳିଗଲା । କାରଣ, ଜେଲ ଭିତରେ ମୁଁ ମରିଯାଏଁ, ଏକଥା ସେମାନେ ଚାହୁଁ ନଥିଲେ । ୭ ଦିନ ଯାଏଁ ମୋର ଅନଶନ ଜାରି ରହିଲା । ସେମାନେ ମୋତେ ଜବରଦସ୍ତି ଖୋଇବାକୁ ଆରମ୍ଭ କଲେ । କିନ୍ତୁ ଯତୀନ୍ଦ୍ରନାଥ ଦାସଙ୍କ ଭଳି ମୁଁ ମରିବାକୁ ପ୍ରସ୍ତୁତ ଥିଲି । ସାତଦିନ ପରେ ଗଭର୍ଣ୍ଣମେଣ୍ଟ ହାଉସରେ ଗୁପ୍ତ ବୈଠକ ବସିଲା । ତେଣେ ମୋର ସ୍ୱାସ୍ଥ୍ୟ ସମ୍ବନ୍ଧରେ ଡାକ୍ତରୀ ରିପୋର୍ଟ ଆତଙ୍କପ୍ରଦ ଥିବାରୁ ମାସକ ବାଦ ମୋତେ ପୁଣି ଗିରଫ କରିବା ପାଇଁ ସର୍ତ୍ତରେ ମୋତେ ଜେଲ୍‌ରୁ ଛାଡ଼ିଦେଲେ । ତାହାର ଭିତରେ ମୋର ବାହାରକୁ ପଳାଇ ଆସିବାର କେତେକ ସୁବିଧା ମିଳିବାରୁ ମୁଁ ଭାରତରୁ ଛଡା ହୋଇ ଆସିଲି । ଜନ୍ମଭୂମି ଛାଡ଼ି ଆସିବା ପରେ ମୋର ଅନେକ ଅଭିଜ୍ଞତା ହେଲା । ମୁଁ ଦୂର ଦେଶର ରେଡ଼ିଓ ସଂବାଦ ଶୁଣୁଥିଲି । ଜର୍ମାନ ଅଧିକାରୀମାନେ ମୋତେ ଶତ୍ରୁ ରେଡ଼ିଓ ଶୁଣିବାର ଅଧିକାର ଦେଇ ଦେଇଥିଲେ । ୟୁରୋପର ସମସ୍ତ ରଣ କ୍ଷେତ୍ରର ବ୍ୟୂହ ରଚନା ଦେଖିବାର ସୁଯୋଗ ମିଳିଲା । ସେତେବେଳେ କେବଳ ପ୍ରଶ୍ନ ଥିଲା—ଏ ପରିସ୍ଥିତିରେ ଭାରତର ଅବସ୍ଥା କ'ଣ ? ତିନୋଟି ଉପାୟ ଦିଶୁଥିଲା ।—(୧) ଯୁଦ୍ଧରୁ ସ୍ୱତନ୍ତ୍ର ରହି, ନିରପେକ୍ଷତା ଅବଲମ୍ବନ କରିବା । (୨) ବ୍ରିଟେନର ଶତ୍ରୁମାନଙ୍କ ପାଖକୁ ଯାଇ ସ୍ୱତନ୍ତ୍ରତା ଭିକ୍ଷା କରିବା ଏବଂ (୩) ବ୍ରିଟେନର ଶତ୍ରୁମାନଙ୍କ ସହିତ ଯୁଦ୍ଧରେ ଯୋଗ ଦେବା ଏବଂ ସ୍ୱତନ୍ତ୍ରତା ପାଇବାର ଯୋଗ୍ୟତା ଅର୍ଜନ କରିବା । ମୋର ଦୃଷ୍ଟି ଅର୍ଥାତ୍ ବ୍ରିଟେନର ଶତ୍ରୁମାନଙ୍କ ସହିତ ଯୋଗ ଦେଇ ବ୍ରିଟିଶ ସାମ୍ରାଜ୍ୟର ବିନାଶରେ ସାମିଲ ହେବା ଠିକ୍ ରାସ୍ତା ବୋଲି ମନେ ହେଲା ।

ଜଗନ୍ନାଥ ଆୟୁର୍ବେଦ ଭବନ, ଖୋରଡ଼ା (ଗଞ୍ଜାମ)
ଏକମାତ୍ର ଜାତୀୟ ଅନୁଷ୍ଠାନ ।
ଚିକିତ୍ସାର ଏକମାତ୍ର ଅବ୍ୟର୍ଥ ଔଷଧ
ସୁଲଭ ମୂଲ୍ୟରେ ଚିକିତ୍ସା—ଫ୍ରି—ପ୍ୟାଟେଣ୍ଟ୍
ସମସ୍ତ ପ୍ରକାର ଧାତୁ ଦୌର୍ବଲ୍ୟରେ—
ଶିଳାଜତ୍ରୁ ରସାୟନ
ସମସ୍ତ ପ୍ରକାର ରୋଗର ମୂଳ ପାଇଁ ଅଭିଜ୍ଞଙ୍କ ଦ୍ୱାରା
ଥରେ ପରୀକ୍ଷା କରନ୍ତୁ ଅର୍ଡ଼ର ପଠାନ୍ତୁ ।
କବିରାଜ ଶ୍ରୀ ବୈଦ୍ୟନାଥ ମିଶ୍ର
ଆୟୁର୍ବେଦ ଶାସ୍ତ୍ରୀ (Regd) No. 7440

ଲେଖକର ଭୁଲ୍ ନୁହେଁ
ଭୁଲ୍
ସମସ୍ତଙ୍କର
ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କର ପ୍ରସିଦ୍ଧ ଉପନ୍ୟାସ ସେ ସତ୍ୟକୁ ପ୍ରମାଣ କରି ପୁସ୍ତକାକାରରେ ପ୍ରକାଶ ପାଇଲା ।
ପ୍ରକାଶକ ଭାରତୀ ଭବନ
ପୁରୀ

Digitized by srujanika@gmail.com

# ପୃଥିବୀର ସବୁଠାରୁ ବଡ ଠକ—ଇଂରାଜ

## ବିଶ୍ୱବନ୍ଦ୍ୟ ବାପୁଙ୍କ ନିକଟକୁ ସୁଭାଷଙ୍କର ଖୋଲା ଚିଠି

ମହାତ୍ମା ଜୀ,

ଇଂରେଜଙ୍କର କାରାଗାରରେ ମାତା କସ୍ତୁରବାଙ୍କ ମୃତ୍ୟୁ ପରେ ସାରା ଦେଶ ଆପଣଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଚିନ୍ତିତ ହୋଇ ଉଠିବା ସ୍ୱାଭାବିକ।

ଆମର ଉଦ୍ଦେଶ୍ୟ ଏକ—ଆମେ ଯେତେ ଭାରତବାସୀ ଭାରତ ବାହାରେ ଅଛୁଁ, ଆମ ଆଗରେ ଉପସ୍ଥିତ ଭିନ୍ନତା କେବଳ ପଥରେ। ୧୯୨୯ରେ ପୂର୍ଣ୍ଣ ସ୍ୱରାଜ୍ୟର ପ୍ରସ୍ତାବ ପରେ କଂଗ୍ରେସର ପ୍ରତ୍ୟେକ ସଭ୍ୟର ଉଦ୍ଦେଶ୍ୟ—ସ୍ୱାଧୀନତା। ଭାରତବାସୀଙ୍କ ଦୃଷ୍ଟିରେ ଆପଣହିଁ ଆମ ଜାଗୃତିର ଅଗ୍ରଦୂତ। ଆପଣ ଯେତେବେଳେ ୧୯୪୨ରେ ଗର୍ଜନ କରି 'ଭାରତ ଛାଡ଼' ଦାବି ପେଶ୍ କଲେ, ସେହି ଦିନଠୁଁ ଆମ ହୃଦୟରେ ଆପଣଙ୍କ ପ୍ରତି ସହସ୍ରଗୁଣ ଶ୍ରଦ୍ଧା ବଢ଼ି ଯାଇଛି।



ମୁଁ ଆପଣଙ୍କୁ ସତ କହୁଛି, ମୋର ଏହି ବିପଦ ସଙ୍କୁଳ କାର୍ଯ୍ୟ ଭାର ଗ୍ରହଣ କରିବା ପୂର୍ବରୁ ମାସ ମାସ ଧରି ଏହାର ସପକ୍ଷ ଓ ବିପକ୍ଷ ଦିଗରେ ବହୁ ଚିନ୍ତା କରିଛି। ଏତେଦିନଯାଏ ଦେଶର ସେବା କରିବା ପରେ ନିଜ ଦେଶକୁ ଛାଡ଼ି ପାଇ ଆସିବା ପରେ ଆଉ ହଠାତ୍ ଦେଶଦ୍ରୋହୀ ହେବାର ଯୋଗ୍ ମୋର ନଥିଲା। ମୁଁ ଜନସାଧାରଣଙ୍କର ଓ ଆପଣାର ଭାଇମାନଙ୍କର ବିଶ୍ୱାସଭାଜନ ହୋଇଥିଲି। ମୋତେ ରାଷ୍ଟ୍ରପତି କରି ଜୀବନର ସର୍ବୋଚ୍ଚ ସମ୍ମାନ ଦେଇଥିଲେ। ମୋ ପକ୍ଷରେ ଗୋଟାଏ ଦଳ ଥିଲା—ଫରୱାର୍ଡ ବ୍ଲକ୍—ଯେଉଁମାନେ ମୋ ପାଇଁ ପ୍ରାଣ ଦେବାକୁ ପ୍ରସ୍ତୁତ ଥିଲେ। ମୁଁ ବୁଝୁଛି, ଭାରତରୁ ଚାଲି ଆସିବା ଦ୍ୱାରା କେବଳ ମୁଁ ଏକୁଟିଆ ନୁହେଁ, ମୋର ଦଳ ମଧ୍ୟ ବିପଦରେ ପଡ଼ିଛନ୍ତି; କିନ୍ତୁ ଯୁଦ୍ଧ କାଳରେ ଭାରତରେ ରହି ମୁଁ ସ୍ୱାଧୀନତାର ଆନ୍ଦୋଳନ ଚଳାଇ ପାରିବି ବୋଲି ଯଦି ମୋର ଅଣୁମାତ୍ର ବିଶ୍ୱାସ ଥାଆନ୍ତା ତେବେ ବିଶ୍ୱାସ କରନ୍ତୁ, ମୁଁ ଆପଣଙ୍କ ପଦପ୍ରାନ୍ତରୁ ଏତେ ଦୂରକୁ ଚାଲି ଆସି ନଥାନ୍ତି।

ଅବଶ୍ୟ ଏଠାରେ ପ୍ରଶ୍ନ ଉଠିଛି। ସେମାନେ କ'ଣ ମୋତେ ଠକି ଦେବେ? ମୁଁ କଣ ଠକି ଯିବି? ପୃଥିବୀ ଜାଣେ ଯେ ଦୁନିଆ ଭିତରେ ସବୁଠୁଁ ବଡ଼ ଠକ—ଇଂରେଜ। ଯେଉଁ ଲୋକ ଜୀବନ ଭରି ସେହି ଧୋକାବାଜ୍ ଠକଙ୍କ ସାଙ୍ଗରେ ଜୀବନ ଏବଂ ମରଣର ଲଢ଼େଇ ଲଢ଼ି ଆସିଛି—ସେ ଆଉ କେବେ ଅନ୍ୟ ନିକଟରେ ଠକି ଯିବ ନାହିଁ। ଯଦି ଇଂରାଜ ରାଜନୀତିଜ୍ଞମାନେ ମୋତେ ଠକି ପାରିଲେ ନାହିଁ—ପୁଣି ଆଉ ଏପରି ଠକ କେଉଁଠି? ଜାପାନୀ ଜେଲରେ ଭିତରେ ରହି, ମୋର ଶିର ନତ କରି ଯଦି ... ଆମ ନୈତିକତା ଉପରେ ଆଞ୍ଚ ଆସି ନ ପାରିବ, ତେବେ ବିଶ୍ୱାସ କରନ୍ତୁ, ପୃଥିବୀର କୌଣସି ଶକ୍ତି ମୋର ଦେଶକୁ ପରାସ୍ତ କରି ପାରିବ ନାହିଁ। ମୁଁ ଅଜ୍ଞାତ ଭାବରେ ସମ୍ମାନ କ୍ଷୋଭ କରି ଆସିଛି। ଭାରତରେ ପରାଧୀନତା ଅବହିତ ହେବାର ଦୃଶ୍ୟ ଦେଖିବା ପୂର୍ବରୁ ମୁଁ ଜୀବନ ଲଢି ମୋର ଦେହ ତ୍ୟାଗ କରିଦେବି।

ସେ ଦିନ ଥିଲା, ଯେତେବେଳେ ଜାପାନ ମଧ୍ୟ ଆମ ଶତ୍ରୁର ସହଯୋଗ କରୁଥିଲା। ଯେତେଦିନ ପର୍ଯ୍ୟନ୍ତ ଜାପାନ ଏବଂ ଇଂରାଜ ବନ୍ଧୁ ଥିଲେ ସେତେଦିନ ପର୍ଯ୍ୟନ୍ତ ମୁଁ ଜାପାନ ଆସି ନାହିଁ। ଜାପାନ ଇଂରେଜ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା ପରେ ମୁଁ ଆସିଲି। ସେହି ଦଳ ସହିତରେ ମଧ୍ୟ ମୋର ଦେଶ ସହାନୁଭୂତି ଅଛି। ଆପଣଙ୍କର ମନେ ଥିବ—ମୁଁ ମଞ୍ଚୁରିଆରେ ନିଜ ଉଦ୍ୟୋଗରେ ଚୀନକୁ ଏକ ଭାରତୀୟ ଚିକିତ୍ସକ ଦଳ ପଠାଯାଇଥିଲେ। ଆପଣ ଜାଣନ୍ତି, ମୁଁ ମିଥ୍ୟାବାଦ ଉପରେ ବିଶ୍ୱାସ କରେ ନାହିଁ। ଜାପାନର ସାହାଯ୍ୟ ପ୍ରତିଶ୍ରୁତି କେବଳ ମିଥ୍ୟାବାଦ ଉପରେ ପ୍ରତିଷ୍ଠିତ ବୋଲି ମୁଁ ଯଦି ଜାଣି ପାରନ୍ତି ତେବେ ଜାପାନର ସାହାଯ୍ୟ ନେବା ଲୋକଙ୍କ ଭିତରୁ ମୁଁ ସବା ପଛରେ ରହିଥାନ୍ତି। ଯଦି ନିଜ ଉଦ୍ୟମରେ, ଆନ୍ଦୋଳନ କରି ଭାରତବାସୀ ସ୍ୱତନ୍ତ୍ର ହୋଇଯାଆନ୍ତି ତେବେ ମୋ'ଠୁ ବୋଧହୁଏ ଅଧିକ ଆନନ୍ଦିତ ଆଉ କେହି ହେବ ନାହିଁ। ଯଦି ଇଂରେଜ ଆପଣଙ୍କ ଦାବି ସ୍ୱୀକାର କରି ଭାରତ ଛାଡ଼ିଦିଏ ତେବେ ମୋର ଉଦ୍ଦେଶ୍ୟ ସିଦ୍ଧ ହେଲା ବୋଲି ମୁଁ ବୁଝିବି। ମାତ୍ର ଏହା ସମ୍ଭବ ନୁହେଁ କିମ୍ବା ଏହା ଉପରେ କେତେ ମୋର ବୋଧ ଗମ୍ୟ ହେଉ ନାହିଁ। ତେଣୁ ଏକ ସଶସ୍ତ୍ର ସଂଗ୍ରାମର ଆବଶ୍ୟକ ହେବ।

ସେଥିପାଇଁ ଆଜି ଆମେ ସ୍ୱାଧୀନତାର ଶେଷ ସଂଗ୍ରାମ ପାଇଁ ରଣ ଭେରୀ ବଜାଇ ଦେଇଛୁ। ଆଜାଦ୍ ହିନ୍ଦ ଫୌଜବାଲା ଆଜି ଭାରତ ଭୂଇଁରେ ଲଢ଼ୁଛନ୍ତି ଏବଂ ମୃତ୍ୟୁକୁ ପଛକୁ ପକାଇ ଦେଇ ଆଗକୁ ବଢ଼ୁଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଶେଷ ଇଂରାଜ ପୁରୁଷ ଦେଶ ଛାଡ଼ି ପଳାଇ ନ ଯାଉଛି, ଯେତେଦିନ ପର୍ଯ୍ୟନ୍ତ ଦିଲ୍ଲୀ ଲାଟ ଭବନ ଉପରେ ତିରଙ୍ଗା ପତାକା ନ ଉଡ଼ିବ ସେତେଦିନ ପର୍ଯ୍ୟନ୍ତ ଏ ସଶସ୍ତ୍ର ସମର ଲାଗି ରହିବ।

ବାପୁ, ସ୍ୱାଧୀନତାର ଏ ଧର୍ମଯୁଦ୍ଧରେ ଆପଣଙ୍କ ଆପଣଙ୍କର ଆଶୀର୍ବାଦ ଦେବାକୁହିଁ ଚାହେଁ। ଏ ପବିତ୍ର ଧର୍ମ ଯୁଦ୍ଧରେ ଆମ୍ଭ ଆପଣଙ୍କ ଆଶୀର୍ବାଦ ଚାହୁଁ—ଆଶୀର୍ବାଦ ଦିଅନ୍ତୁ—

Digitized by srujanika@gmail.com

# ଦାର୍ଜିଲିଂ ବ୍ୟାଙ୍କ ଲିମିଟେଡ

ହେଡ ଅଫିସ — ଭବାନୀପୁର, କଲିକତା

**ଓଡ଼ିଶାର ଶାଖା ଅଫିସମାନ:—**

କଟକ ମଙ୍ଗଳାବାଗ ଏବଂ ଚାନ୍ଦିନୀଚୌକ, ଖୋର୍ଦ୍ଧା ରୋଡ଼, ଖୋର୍ଦ୍ଧା, ପୁରୀ,

ବରହମପୁର ( ଗଞ୍ଜାମ )




**BANK'S OWN BUILDING AT CUTTACK.**

# DARJEELING BANK Ltd.

Head Office:— Bhowanipur, CALCUTTA.

**ORISSA BRANCHES:—**

CUTTACK—MANGLABAG & CHANDNICHAWK PURI,
KHURDA ROAD, KHURDA, BERHAMPUR (GANJAM)

**OTHER BRANCHES:—**

**IN ALL IMPORTANT TRADE CENTRES.**

*Tele*—"Rainbow"—Cal.
*Phone*:—P. K. 2681

**B. MUKHERJEE**
*Mg. Dircetor*

Digitized by srujanika@gmail.com

# ପବିତ୍ର ଭାରତ ଭୂମିପରେ
# ସ୍ୱାଧୀନତାର ପତାକା

"ଅଦୂରରେ ଭାରତବର୍ଷ !" ମୃଦୁର ବନାନୀର କୋଳରେ ଶ୍ୟାମଳ ଗିରିମାଳାକୁ ଲକ୍ଷିତ କରି ସେ କହିଲେ।

ସୈନିକମାନଙ୍କର ଦୃଷ୍ଟି ଅର୍ପଣ କରିଦେଲା ସେ ଦୃଶ୍ୟ। ଆଜାଦ୍ ହିନ୍ଦ୍ ସେନା ଗ୍ରାମ ପରେ ଗ୍ରାମ ଅଧିକାର କରି ଆଗରେ ଯୁଝିଥାନ୍ତି। ସମ୍ମୁଖରେ ଅଳ୍ପ କେତେ ମାଇଲ ଦୂରରେ ଭାରତ ଦୃଷ୍ଟିଗୋଚର ହେଲା। ସମସ୍ତଙ୍କ ରକ୍ତ ଶିରାରେ କୋଟି ବିଦ୍ୟୁତ୍ଛଟା ଫୁଟି ଉଠିଲା ଯେପରି। ତାଙ୍କର ହୃଦୟର ସ୍ପନ୍ଦନରେ ଖେଳିଗଲା ଅପୂର୍ବ ଆଶା, ଅପୂର୍ବ ଉତ୍ସାହ, ଅପୂର୍ବ ଆନନ୍ଦ। ଦୀର୍ଘ ଯାତ୍ରା—ଯାତ୍ରା ହୋଇ ଯାଉଛି—ପଥ ଶେଷ ହୋଇଛି—ବିସ୍ମୃତ ପୂର୍ବର କ୍ଲାନ୍ତି ବଶତଃ ସମସ୍ତେ ମ୍ଳାନ। କିନ୍ତୁ ସମ୍ମୁଖରେ ଭାରତର ଗିରିମାଳାମାନଙ୍କର ସେଇ ଅପୂର୍ବ ଭଙ୍ଗୀରୁ ପ୍ରବାହିତ ଯେଉଁ ରସ ପ୍ରସ୍ରବଣ ଝରିଯାଉଛି, ସେଥିରେ ତାଙ୍କର ସମସ୍ତ କ୍ଲାନ୍ତି ଅପନୋଦନ କରି ଦେଉଥିଲା। ଏକ ନୂତନ ମାଦକତା ସେମାନଙ୍କ ମଧ୍ୟରେ ଖେଳି ଯାଉଥିଲା।

"ହମ୍ ଚଲେଙ୍ଗେ—ଅଭି ଔର ଚଲେଙ୍ଗେ।" ଜଣେ ସେନା ନାୟକ କହିଲେ—

ଚଲୋ ଦିଲ୍ଲୀ ପୁକାରକେ—
କୌମୀ ନିଶାନ୍ ସମ୍ଭାଲକେ
ଲାଲ କିଲ୍ଲେ ପେ ଗାଡ଼କେ
ଲହରାୟେ ଯା—ଲହରାୟେ ଯା।

ତାଙ୍କର ପଦକ୍ଷେପରେ, ହୃଦୟର ସ୍ପନ୍ଦନରୁ ଏକ ଅଭିନବ ସ୍ୱର୍ଗୀୟ ସଂଗୀତ ଗୁଞ୍ଜରି ଉଠିଲା। ସନ୍ଧ୍ୟାର ଅଳସ ବାୟୁ ସେଇ ଅଲୌକିକ ସ୍ୱରର ଆଘାତରେ ଚମକି ଉଠିଲା। ନୀଡ଼ାଶ୍ରୟୀ ପକ୍ଷୀ ନିଦରୁ ଉଠି ପଚାରିଲେ—କିଏ ଦେବଗଣ ମଙ୍ଗଳ ଗାଉଛନ୍ତି ? ବିହଙ୍ଗ ଶିଶୁ ଅଙ୍କ୍ୟଳତାରେ ପଶିଗଲେ।

ଆଜାଦ୍ ହିନ୍ଦ୍ ଫୌଜର ସେଇ ଗର୍ବିତ ସ୍ୱାଧୀନ ଦଳ ମାତୃଭୂମି ଅଭିମୁଖରେ ଚାଲି ଯାଉଛନ୍ତି। ଶାହନବାଜ୍, ଆଜାଦ୍ ହିନ୍ଦ୍ର ଅସ୍ଥାୟୀ ସରକାରର ସଦସ୍ୟ ତାଙ୍କ ସଙ୍ଗରେ। ସନ୍ଧ୍ୟା ପୂର୍ଣ୍ଣ ବିସ୍ତାର କରିଥିଲା। ଅସ୍ତଗତ ସୂର୍ଯ୍ୟର କିରଣ ବୃକ୍ଷ ଶିଖର ଉପରେ ଝଲ୍ସାଗଲା। ଭ୍ରମର ଫୁଲଠାରୁ ବିଦାୟ ମାଗୁଛି।

"ଦେଖ ମାତୃ ସୀମା—" ଆଗରେ କଣ୍ଟା ତାରର ବାଡ଼।

ସେନାଦଳ ତାର ବାଡ଼ ପାଖରେ ପହଞ୍ଚିଲେ। ତାର ବେଢ଼ାର ଏପାଖରେ ବର୍ମା—ସେ ପାଖରେ ଭାରତ। ତା'ର ମାଟିରେ ତାଙ୍କର ଶରୀର ଗଠିତ ! ସେଇ ଭାରତ, ଯାହାର ମାଟିରେ ତାଙ୍କ ସ୍ୱପ୍ନର ଫୁଲ ଫୁଟି ଉଠିଛି, ସେଇ ଭାରତ ଯିଏ ତାଙ୍କର ହୃଦୟର ସ୍ପନ୍ଦନରେ ସ୍ପନ୍ଦିତ ହୋଇ ରହିଛି, ସେଇ ଭାରତ ଯେ ତାଙ୍କର ପ୍ରତି ପଦକ୍ଷେପରେ ଅଙ୍କିତ ହୋଇଯାଏ। ଏଇ ତାରର ସେ ପାଖରେ ଭାରତ—ସେଇ ଭାରତ ଯାହାର ସ୍ୱାଧୀନତା ପାଇଁ ରକ୍ତର ମୂଲ୍ୟ ଦେବାକୁ ସେମାନେ ଦୃଢ଼ସଙ୍କଳ୍ପ।

ଜଣେ ସୈନିକ ଆଗକୁ ଯାଇ ତାର କାଟିଦେଲେ। ସମସ୍ତେ ପାଗଳ ହୋଇ ମାତୃଭୂମିର କୋଳ ଆଡ଼କୁ ଧାଇଁଗଲେ। କେବା ଭୂଇଁରେ ଭାରତର ଧୂଳିରେ ଧୂଳିରେ ଗାଲକୁ ଘଷି ଲୋଟି ହୋଇ ପଡ଼ିଲେ। ଜଣେ ଆଗକୁ ଯାଇ ଘାସ ଉପରେ ଫୁଟନ୍ତ ଫୁଲକୁ ଛିଣ୍ଡାଇ ଆଣି କହିଲା—"ମୋ ଦେଶର ଫୁଲ।" କହୁ କହୁ ସେ ଫୁଲଟିର ପାଖୁଡ଼ାକୁ ଚୁମ୍ବନ ଦେଲା। ସମସ୍ତେ ମାତୃଭୂମିକୁ ପ୍ରଣିପାତ କରି ସେଇ ମାଟିକୁ ଧରି ପ୍ରତିଜ୍ଞା କଲେ—"ଆମେ ଏ ସଂଗ୍ରାମରେ ପଛଘୁଞ୍ଚା ଦେବୁନାହିଁ। ଯେତେଦିନ ପର୍ଯ୍ୟନ୍ତ ଭାରତ ସ୍ୱାଧୀନ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ବିଶ୍ରାମ ନାହିଁ।"

ଜନତାର ପ୍ରଥମ ଆବେଗ ଶେଷ ହୁଅନ୍ତେ ସମସ୍ତେ ଏକତ୍ରିତ ହେଲେ। ଜଣେ କହିଲା—ଭାରତର ଏଇ ସ୍ୱାଧୀନ ଭୂମି ଉପରେ ମୁଁ ସ୍ୱାଧୀନତାର ପତାକା ଉଡ଼ାଇବି।

ଶାହନବାଜ ଉତ୍ତର ଦେଲେ—"ରୁହ—ନେତାଜୀଙ୍କ ଖବର ଆସିଯାଉ।"

ସେତେବେଳେ ନେତାଜୀ ବେତାର କାର୍ଯ୍ୟାଳୟରେ। ସେ ଖବର ପାଇଲା ମାତ୍ରେ ସଙ୍ଗେ ସଙ୍ଗେ ବାହାରିଲେ। ପହଞ୍ଚିବା ବେଳକୁ ରାତ୍ରି ହୋଇ ଯାଇଥିଲା। ସୈନିକମାନେ ନୂଆଁ ଚାନ୍ଦ ସଙ୍କେତ ଦେଖୁଥିଲେ ଏବଂ ସ୍ତୁତି ଗାନ କରୁଥିଲେ। ମୁକ୍ତ ଚନ୍ଦ୍ରିକା ମାତ୍ରେ ଫୁଟି ଉଠିଲା। ପତାକା ଅଭିବାଦନ ପାଇଁ ଆୟୋଜନ ସ୍ଥଗିତ ରହିଲା।

ଧୀରେ ଧୀରେ ସିନ୍ଦୂର ପଡ଼ିଲା। ସୂର୍ଯ୍ୟୋଦୟ ପର୍ବତର ଶିଖର ଉପରେ ଚମକି ଉଠିଲା। ନିଦ୍ରା ଘୋରରେ ଅଳସ ବିହଙ୍ଗମ ଜାଗି ଉଠିଲେ। ପତାକା ଭୂମିରେ ବାଦ୍ୟ ବାଜି ଉଠିଲା। ସମସ୍ତେ ଏକତ୍ରିତ ହୋଇ ନେତାଜୀଙ୍କର ଜୟ ଗାଇଲେ।

ମୁକ୍ତେ ଆସି କହିଲେ—"ଆଜିର ଶୁଭ ଉତ୍ସବରେ ପତାକା ଉତ୍ତୋଳନ କରିବାର ସଂପୂର୍ଣ୍ଣ ଅଧିକାର ଶାହନବାଜଙ୍କର।"

ଶାହନବାଜଙ୍କ ଅଙ୍ଗରେ ପୁଲକର ଲହରି ଉଠିଲା। କମ୍ପିତ ହସ୍ତରେ ସେ ପତାକା ଟେକି ଟାଣିଲେ। ସୈନିକମାନେ ସମସ୍ୱରରେ ଗୀତ ଗାଇଲେ—ସୁନେଲି ପବନର ଲହରରେ ଗମ୍ଭୀର ଭାରତ ଭାଗ୍ୟ ସୁହାଗା—ଜୟ ହୋ—ଜୟ ହୋ—ଜୟ ହୋ।

ଜଣାନାହିଁ ସକାଳର ସେ ମଧୁମୟ ପବନ କୋହିମା ଅଞ୍ଚଳରେ ସେଇ ଆଜାଦ୍ ସଂଗୀତ ପହଞ୍ଚାଇଦେଇ ଥିଲା କି ନା—

Digitized by srujanika@gmail.com

ସୁଭାଷ ବାଣୀ—

# ମୁଁ ସୁଭାଷଚନ୍ଦ୍ର ବୋଷ



ଓ୍ୟାଭେଲଙ୍କର ପ୍ରଥମ ପ୍ରସ୍ତାବ ସମୟର କଥା । ଗତ ୧୭ ଜୁନ ରାତ ସିଂଗାପୁର ବେତାର କେନ୍ଦ୍ରରୁ ଶୁଭିଲା—ତାହାର ବାଣୀ ଏ ? ଉତ୍ତର ଆସିଲା—ମୁଁ ସୁଭାଷଚନ୍ଦ୍ର ବୋଷ ! ନେତାଜୀ ଭାରତର ଦେଶବାସୀମାନଙ୍କ ସମ୍ବୋଧନ କରି ଆବେଦନ ଦେଲେ—

ସାଥୀମାନେ, ଜଣେ ବିଦ୍ରୋହୀ ଓ ଜଣେ ବିଦ୍ରୋହୀର ଯେଉଁ ଅଧିକାରରେ ବିଦ୍ରୋହର ଆମନ୍ତ୍ରଣ ଦିଏ ମୁଁ ଆଜ ସେହି ଅଧିକାର-ରେ ଆପଣମାନଙ୍କୁ କହୁଛି । ଭାରତବର୍ଷ ଆଜ ଉତ୍ପାତର ସଂକଟରେ ଦେଉଛି । ଏ ପରିସ୍ଥିତିରେ ଯଦି ଆପଣ ଭୁଲ ବାଟରେ ଏକ ପଦ ମଧ୍ୟ ଅଗ୍ରସର ହୁଅନ୍ତି ତେବେ ଆପଣଙ୍କର ସ୍ୱାଧୀନତାର ଲକ୍ଷ୍ୟ କେବଳ ସ୍ୱପ୍ନରେହିଁ ପରିଣତ ହେବାର ଭୟ । ଆଜ ଯେତେବେଳେ ମୁଁ ଏକ ଦଳବଦ୍ଧ ସ୍ୱାଧୀନତାର ଅତି ନିକଟରେ ଦେଖୁଁ ଦେଖୁଁ ଅନ୍ୟ ଦଳରେ ଆପଣମାନଙ୍କର ମନୋବୃତ୍ତି ସ୍ୱାଧୀନତାଠାରୁ ଦୂରରୁ ଦୂରକୁ ଯାଉ

Digitized by srujanika@gmail.com

ଯାଉଥିବାର ଲକ୍ଷ କରୁଛି ସେତେବେଳେ ମୋ ହୃଦୟରେ ସତ ଆନନ୍ଦ ସହିତ ଦେଶରେ ଭଳା ଯେ ଖେଳି ଯାଉଛି ତା' ଆପଣମାନେ ଅନୁମାନ କରି ପାରିବେ ନାହିଁ।

ମୋତେ ଆଶ୍ଚର୍ଯ୍ୟ ବୋଧ ହେଉଛି ଯେ ଇଂରେଜ ସରକାର ତାର ଶୋଷଣନୀତି ପ୍ରସ୍ତରରେ ଏତେ ସଫଳ ହୋଇ ପାରିଛି, ଯାହା ଫଳରେ ଆଜି ତିନିବର୍ଷ ପୂର୍ବେ ଯେଉଁ ଜାତି ତାର ସ୍ୱାଧୀନତାର ସଂଗ୍ରାମ ଘୋଷଣା କରିଥିଲା ଏବଂ 'କର ବା ମର' ଧ୍ୱନି ଉଠାଇ ଥିଲା, ସେହି ଦେଶର ଅଗ୍ରଗାମୀମାନେ ଆଜି କେବଳ ସିଟ୍ ବା ପଦରେ ସନ୍ତୁଷ୍ଟ ହୋଇଯିବା ପାଇଁ ବ୍ୟଗ୍ର। ଆମେ ଯେଉଁମାନେ ଆଜି ବିଦେଶରେ ଅଛୁଁ, ସେମାନେ ଭାରତର ପରିସ୍ଥିତିକୁ ନିରପେକ୍ଷ ରୂପରେ ଦେଖି ପାରୁଛୁଁ। ସେଥିପାଇଁ ମୋର କର୍ତ୍ତବ୍ୟ ମୁଁ ବାସ୍ତବତା ସହିତ ଆପଣମାନଙ୍କୁ ପରିଚିତ କରାଇ ଦେବି।

ଆଜିର ସବୁ ନୈତିକ ସଂକଟର ମୂଳ କାରଣ ହେଉଛି ଯେ ଆମ ଦେଶର କେତେକ ପ୍ରଭାବଶାଳୀ ବ୍ୟକ୍ତି, ତିନି ବର୍ଷ ପୂର୍ବେ ଯାହାଙ୍କ ହୃଦୟରେ ସ୍ୱାଧୀନତାର ବହ୍ନି ଜଳି ଉଠିଥିଲା, ଆଜି ସେ ମିଳାମିଶା ପାଇଁ ନିଜର ସମ୍ମାନ ବନ୍ଧକ ଦେଇଛନ୍ତି। ଏ ମତ ବଡ଼ ଭ୍ରମାତ୍ମକ। ସ୍ୱାଧୀନତାର ସଂଗ୍ରାମରେ ମିଳାମିଶା ବା ଚୁକ୍ତି ନୁହେଁ—ଯୁଦ୍ଧ; ସନ୍ଧି ନୁହେଁ,—ବଳିଦାନ ହିଁ ଆବଶ୍ୟକ ହୋଇଥାଏ।

ମୁଁ ବୁଝି ପାରୁ ନାହିଁ, ଆପଣମାନଙ୍କର ନିରାଶାର କାରଣ କ'ଣ। ମୋର ବିଶ୍ୱାସ, ଶୀଘ୍ର—ଅତି ଶୀଘ୍ର ଆମେ ସ୍ୱାଧୀନତା ପ୍ରାପ୍ତ ହେବା। ପ୍ରଶ୍ନ କରିପାରନ୍ତି, ମୋର ଏ ଅସାଧାରଣ ଆଶାବାଦିତାର କାରଣ କ'ଣ! ତାର କାରଣ—ମୋର ଶେଷ ଜର୍ମାନୀର ପରାଜୟ ପରେ ମଧ୍ୟ ପୂର୍ବ ଏସିଆ ଭୂଖଣ୍ଡରେ ଶାନ୍ତି ସ୍ଥାପିତ ହୋଇ ପାରିବ ନାହିଁ। ଅଦୂରରେ ଏକ ବ୍ୟାପକ ଉତ୍କ୍ରାନ୍ତି ସଂଗ୍ରାମର ସୂତ୍ରପାତ ହେବ ଯେଉଁ ବିପ୍ଳବରେ ଭାରତ ମଧ୍ୟ ତାର ଯଥାଯଥ ଭାଗ ନେଇ ସ୍ୱାଧୀନତା ହାସଲ କରିବ। (ସୁଭାଷଙ୍କର ସେ ଭବିଷ୍ୟବାଣୀ ଆଜି ଚୀନ୍ ଏବଂ ଇଣ୍ଡୋଚୀନ୍‌ରେ ସତ୍ୟ ହୋଇଛି— ସମ୍ପାଦକ।)

ଏତଦ୍‌ବ୍ୟତୀତ ଭାରତ ଆଜି ଏକ ଅନ୍ତର୍ଜାତିକ ସମସ୍ୟା ହୋଇ ଠିଆ ହୋଇଛି। ସେ କେବଳ ପାର୍ଲାମେଣ୍ଟର ନୁହେଁ, ବିଶ୍ୱଶାନ୍ତିର ସର୍ତ୍ତ ମଧ୍ୟ ହୋଇ ଯାଇଛି। କିନ୍ତୁ ନିଜର ଦାବିକୁ ପୃଥିବୀ ଆଗରେ ଯଥାଯଥ ଭାବରେ ଉପସ୍ଥାପିତ କରିବା ପାଇଁ ଏବଂ ଅନ୍ୟର ସହାନୁଭୂତି ଅର୍ଜନ କରିବାପାଇଁ ଆମକୁ ଯୋଡ଼ିଏ କାମ କରିବାକୁ ହେବ। ପ୍ରଥମେ ଆମକୁ ସବୁ ପ୍ରକାର ମିଳାମିଶାକୁ ଚୋଟରୁ ମାରି ନିର୍ମୂଳ କରିଦେବାକୁ ହେବ। ଦ୍ୱିତୀୟରେ ଅସ୍ଥାୟୀ ସରକାରର ଜରିଆରେ ହିଁ ସ୍ୱାଧୀନତା ଘୋଷଣା କରିବାକୁ ହେବ। ଯଦି ଆପଣମାନେ ସେଠାରେ ଅସ୍ତ୍ରଶସ୍ତ୍ରାତ୍ମକ ଯୁଦ୍ଧ କରିବାକୁ ନ ଚାହାନ୍ତି ଏବଂ ଅପର ପକ୍ଷରେ ସତ୍ୟାଗ୍ରହ ଆନ୍ଦୋଳନ ସୃଷ୍ଟି କରିବାକୁ ଅକ୍ଷମ ହେବେ ଅନ୍ତତଃ ଅପମାନକର ମିଳାମିଶାର ଷଡ଼ଯନ୍ତ୍ରକୁ ପଣ୍ଡ କର, ଆଜି ଯେଉଁମାନେ ନିଜର ଘରଦ୍ୱାର ତ୍ୟାଗକରି, ପୁତ୍ରପରିଜନଙ୍କ ଠାରୁ ବହୁଦୂର ବିଦେଶରେ ନିଜ ମାତୃଭୂମିର ସ୍ୱାଧୀନତା ପାଇଁ ଜୀବନପଣ କରି ଲଢ଼ୁଛନ୍ତି ତାଙ୍କ ଶିରରେ କଳଙ୍କ ଲେପନ କରନ୍ତୁ ନାହିଁ।

ମୋର ଭାରତସ୍ଥ ବନ୍ଧୁମାନେ ମୋତେ କହୁଛନ୍ତି ଯେ କତିପୟ କଂଗ୍ରେସ ନେତା ମୋ ପ୍ରତି ବିରକ୍ତ। ମୁଁ ସେମାନଙ୍କର ଅଭିଯୋଗ ହୃଦୟଙ୍ଗମ କରିପାରିବା ଜନ୍ୟ କହିଦେବାକୁ ଚାହେଁ ଯେ ମୁଁ ଚିରଦିନ ମିଳାମିଶାର ବିରୋଧୀ ରହିଛି ଏବଂ ରହିବି। ମୁଁ କହେଁ—ଅଖିଳ ଭାରତୀୟ କଂଗ୍ରେସ କମିଟିର ଅନୁପସ୍ଥିତିରେ, ଅଗଷ୍ଟ ପ୍ରସ୍ତାବକୁ ପ୍ରତ୍ୟାହାର କରିବାର ବୈଧାନିକ କିମ୍ବା ନୈତିକ ଅଧିକାର କଂଗ୍ରେସ କାର୍ଯ୍ୟକାରୀ କମିଟିର ଥାଇ ନ ପାରେ। ମୁଁ ଆହୁରି ଶୁଣୁଛି, ମୁଁ ଜାପାନର ସହାୟତା ନେଉଛି ବୋଲି ମୋତେ ଦୋଷାରୋପ କରାଯାଉଛି।

ମୁଁ ସ୍ପଷ୍ଟ କରି କହିଦିଏ ଯେ ମୁଁ ଜାପାନର ସହାୟତା ନେଉଛି ଏବଂ ସେଥିପାଇଁ ମୁଁ ଟିକେମାତ୍ର ଲଜ୍ଜିତ ନୁହେଁ। ଜାପାନ ଭାରତର ସ୍ୱାଧୀନତା ଘୋଷଣା କରି ଦେଇଛି। ଅସ୍ଥାୟୀ ଆଜାଦ୍‌ହିନ୍ଦ ସରକାରକୁ ସ୍ୱୀକାର କରିନେଇଛି। ମୁଁ ଏହି ସର୍ତ୍ତ ଉପରେ ଜାପାନ ସହିତ ସନ୍ଧି କରିଛି। ଆଉ ଆପଣ? ଯେଉଁ ସରକାର ଶତାବ୍ଦୀ ଶତାବ୍ଦୀ ଧରି ଆପଣଙ୍କର ରକ୍ତ ଶୋଷଣ କରି ଆସିଛି, ଆପଣ ଯାଉଛନ୍ତି ସେହି ରକ୍ତପାୟୀ ସହିତ ମିଳାମିଶା କରିବାକୁ, ତଥାପି ଆପଣ ମୋତେ ଦୋଷ ଦେବେ? ଅବଶ୍ୟ ଯଦି ଆପଣ ଭାରତକୁ ଏକ ସ୍ୱାଧୀନ ରାଷ୍ଟ୍ରର ଅଧିକାର ଦେଇ ଦେବାର ସର୍ତ୍ତରେ ବ୍ରିଟେନ ସହିତ ସନ୍ଧି କରି ପାରନ୍ତି ତେବେ ସେକଥା ସ୍ୱତନ୍ତ୍ର ବିଷୟ।

ଏହା ସତ୍ୟ ଯେ ଜାପାନ ଆମକୁ ଯୁଦ୍ଧ ସାମଗ୍ରୀ ଯୋଗାଉଛି। କିନ୍ତୁ ସେ ଏକ ସ୍ୱାଧୀନ ମିତ୍ର ରାଷ୍ଟ୍ରର ସହାୟତା। ଆମର ସେନା ସର୍ବଥା ଆମ ଅଧୀନରେ ଅଛନ୍ତି। ଏ ସେନାମାନଙ୍କୁ ହିନ୍ଦୁସ୍ଥାନୀ ଶିକ୍ଷକ ଦ୍ୱାରା ସମସ୍ତ ବିଷୟରେ ଶିକ୍ଷା ଦିଆ ଯାଉଛି। ହିନ୍ଦୁସ୍ଥାନୀ ଅଫିସରମାନେ ଶିକ୍ଷା ଦେଉଥିବା ସ୍ୱତନ୍ତ୍ର ସୈନିକ ସ୍କୁଲମାନ ଆମର ଅଛି। ଆମ ସେନାର ଜାତୀୟ ସଙ୍ଗୀତ ପତାକା ମୁଦ୍ରାଦର୍ଶ; କ୍ଷୁଦ୍ର ସୈନିକ ଠାରୁ ଆରମ୍ଭ କରି ଉଚ୍ଚ ଅଫିସର ପର୍ଯ୍ୟନ୍ତ ସମସ୍ତେ ଭାରତ ସ୍ୱାଧୀନତା ପାଇଁ ପାଗଳ। ଆପଣ ଆମର ଏ ସେନାକୁ କ୍ରୀଡ଼ନକ ସରକାର ବୋଲି କହିବାକୁ ସାହସ କରୁଛନ୍ତି କିପରି? ପ୍ରକୃତ କ୍ରୀଡ଼ନକ ସେନା ସେହି ସରକାରୀ ସେନାବୃନ୍ଦ ଯେଉଁମାନେ ରୂପାର ମୋହରେ ପଡ଼ି ଆଜି ସାମ୍ରାଜ୍ୟବାଦୀ ସଂଗ୍ରାମରେ ଯୁଦ୍ଧ କରି ଯାଉଛନ୍ତି।

ମୁଁ ପଚାରେଁ, ଅଢ଼ାଇ ଲକ୍ଷ ସରକାରୀ ଭଡ଼ା ସୈନ୍ୟଙ୍କ ଭିତରୁ କ'ଣ ଜେନେରାଲ ହେବା ପାଇଁ ଉପଯୁକ୍ତ ଜଣେ ହେଲେ ନାହିଁ? ଏହି ଭାରତୀୟ ଭଡ଼ା ସୈନ୍ୟମାନେ କ'ଣ ସର୍ବାଧିକ ସଂଖ୍ୟାରେ 'ଭିକ୍ଟୋରିଆ କ୍ରସ' ଲାଭ କରି ନାହାନ୍ତି? ତଥାପି ଏ କ୍ରୀଡ଼ା ପୁତ୍ତଳୀ ସୈନ୍ୟଙ୍କୁ ଜେନେରାଲ ପଦ ଦେବାର ବୋକାମି କିଏ କରିବ?

ସାଥିଗଣ, ମୁଁ କହୁଛି, ଜାପାନର ସହାୟତା ନେବାରେ ମୋର କୌଣସି ଭୁଲ ଅଛି ବୋଲି ମୁଁ ଭାବୁନାହିଁ। ଯଦି ଆପଣଙ୍କ ସର୍ବଶକ୍ତିମାନ ବିବେଚିତ ଗୋରା ସାମ୍ରାଜ୍ୟବାଦୀ ସରକାର ମଧ୍ୟ ଆଜି ଭିକାରୀ ଭଳି ଦ୍ୱାରେ ଦ୍ୱାରେ ଅପମାନ ବରଣ କରିପାରେ, ଆମେରିକା ଆଗରେ ଦାନ୍ତରେ ତୃଣ ଧରି ଭିକ୍ଷା କରିପାରେ, ଆମ ଏହି ନିଃସ୍ୱ ଜାତିର କଥା କିଏ ପଚାରେ। କୌଣସି ବନ୍ଧୁର ସହାୟତା ନେବାରେ ତ ଅନ୍ୟାୟ ନାହିଁ। ଆଜି ଆମେ ଜାପାନର ସହାୟତା ନେଉଛୁଁ, କାଲିପାଇଁ ଆମକୁ ଅନ୍ୟମାନଙ୍କର ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିବ। ଭାରତର ମଙ୍ଗଳପାଇଁ ଯେ କୌଣସି ବ୍ୟକ୍ତି ଠାରୁ ସାହାଯ୍ୟ ଗ୍ରହଣ କରିବାକୁ ଆମେ କୁଣ୍ଠିତ ହେବୁନାହିଁ।

ଯଦି କୌଣସି ବହିର୍ଶକ୍ତିର ବିନା ସାହାଯ୍ୟରେ ଆମେ ଭାରତର

Digitized by srujanika@gmail.com

# ନେତାଜୀଙ୍କର ଶେଷ ନିର୍ଦ୍ଦେଶ

SPECIAL ORDER OF THE DAY

... of the Azad Hind Fauj !

It is with a very heavy heart that I am leaving Burma - the scene of the heroic battles that you have fought since February, 1944, and are still fighting. In Imphal and Burma, we have lost the first round in our fight for Independence. But it is only the first round. We have many more rounds to fight. I am a born optimist and I shall not admit defeat under any circumstances. Your brave deeds in the battles against the enemy on the plains of Imphal, the hills and jungles of Arakan and the oil-field area and other localities in Burma will live in the history of our struggle for Independence for all time.

INQUILAB ZINDABAD.
AZAD HIND ZINDABAD

"JAI HIND"

Subhas Chandra Bose

SUPREME COMMANDER,
AZAD HIND FAUJ.

... April, 1945.

( ଅନୁବାଦ )

"୧୯୪୪ ସାଲ ଫେବୃଆରୀ ମାସଠାରୁ ଆପଣମାନେ ଯେଉଁ ସ୍ଥଳରେ ବୀରୋଚିତ ସଂଗ୍ରାମ ପରିଚାଳନା କରିଛନ୍ତି ଏବଂ ବର୍ତ୍ତମାନ ଯୁଦ୍ଧ କରୁଛନ୍ତି ଅତି ଗଭୀର ବେଦନାର ସହିତ ମୋତେ ସେହି ବ୍ରହ୍ମଦେଶ ଛାଡ଼ି ଯିବାକୁ ହେଉଛି । ଇମ୍ଫଲ ଓ ବ୍ରହ୍ମଦେଶରେ ଆମ୍ଭମାନଙ୍କର ସ୍ୱାଧୀନତା ସଂଗ୍ରାମର ପ୍ରଚେଷ୍ଟା ବ୍ୟର୍ଥ ହୋଇଛି । କିନ୍ତୁ ତାହା କେବଳ ପ୍ରଥମ ପ୍ରଚେଷ୍ଟା । ଆମ୍ଭମାନଙ୍କର ଅନ୍ତର ଅନେକ ପ୍ରୟାସ କରିବାର ବାକି ଅଛି । ମୁଁ ହେଉଛି ଆଶାବାଦୀ । କୌଣସି ଅବସ୍ଥାରେ ଆମ୍ଭେମାନେ ପରାଜୟ ସ୍ୱୀକାର କରିବୁ ନାହିଁ । ଇମ୍ଫଲର ସମତଳ ଭୂମିରେ, ଆରକାନର ଅରଣ୍ୟ ଅଞ୍ଚଳରେ, ବ୍ରହ୍ମଦେଶର ତୈଳ କ୍ଷେତ୍ର ଏବଂ ଅନ୍ୟାନ୍ୟ ସ୍ଥଳରେ ଯୁଦ୍ଧ କରୁଥିବା ବୀରତ୍ୱ ମୂର୍ତ୍ତି ସମର କାହାଣୀ ଆମର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଚିରକାଳ ଲିପିବଦ୍ଧ ହେବ ।

ଇନ୍‌କିଲାବ୍ ଜିନ୍ଦାବାଦ୍
ଆଜାଦ୍ ହିନ୍ଦ୍ ଜିନ୍ଦାବାଦ୍
ଜୟହିନ୍ଦ୍

୧୧, ଏପ୍ରିଲ୍ ୧୯୪୫

—ସୁଭାଷଚନ୍ଦ୍ର ବୋଷ
ଆଜାଦ୍ ହିନ୍ଦ୍ ଫୌଜର ସର୍ବାଧିନାୟକ

Digitized by srujanika@gmail.com

# ଲାଲ୍ କିଲ୍ଲା ଖୋଲ୍ ଦୋ

ଦକ୍ଷୀର ଐତିହାସିକ ତୀର୍ଥଭୂମି
**ଲାଲ୍‌କିଲ୍ଲା ।**

ଭାରତର ଶେଷ ସ୍ୱାଧୀନ ସମ୍ରାଟ ବାହାଦୁର ଶାହାଙ୍କର ବିଚାର ଏହି ଲାଲକିଲ୍ଲାରେ ।

ଆଜାଦ୍ ହିନ୍ଦ୍ ବାହିନୀର ନେତାମାନଙ୍କର ବିଚାର ଏହି— ଲାଲକିଲ୍ଲାରେ ।

ଏ ପୀଠ —

ହିନ୍ଦୁର **ମନ୍ଦିର !**
ମୁସଲମାନର **ମସ୍‌ଜିଦ୍ !**
ଶିଖ୍‌ର **ଗୁରୁଦ୍ୱାର !**



ଆଜି ଚାଳିଶ କୋଟି ଭାରତବାସୀ ଏହି ଲାଲକିଲ୍ଲାର ପ୍ରତିଶୋଧ ନେବାକୁ ପଣ କରିଛନ୍ତି । ଏ ଦୁର୍ଗରୁ ଇଂରାଜର ସତ୍ତା ଲୋପ କରିବାକୁ ହେବ । ଇଂରାଜ, ଦୂର ହୁଅ ! ବ୍ରିଟିଶ ସାମ୍ରାଜ୍ୟବାଦ୍ ଧ୍ୱଂସ ହେଉ !

# ଏ ଯୁଗର ଅଯୋଧ୍ୟା



ଜାନକୀ-ନାଥ ସ୍ୱାସ୍ଥ୍ୟ ଭବନ

**କଟକ**

ଏହିଠାରେ—ଉତ୍କଳ-ଭୂମିର ଏହି ନିଭୃତ ମନ୍ଦିରରେ ନେତାଜୀ ସୁଭାଷଚନ୍ଦ୍ର ଦିନେ ସ୍ୱର୍ଗରୁ ଅବତରଣ କରିଥିଲେ ।

ବୀରପ୍ରସବା
ଉତ୍କଳ ଜନନୀର ଜୟ

Digitized by srujanika@gmail.com

ଓଡ଼ିଶାର ସର୍ବ ପ୍ରଥମ ସର୍ବଶ୍ରେଷ୍ଠ ଓ ଅକୃତ୍ରିମ ଏକମାତ୍ର ଆୟୁର୍ବେଦୀୟ ଅନୁଷ୍ଠାନ

# ଉତ୍କଳ ଆୟୁର୍ବେଦିକ୍ ଫାର୍ମାସି

## ମୂଳଧନ ୧00000 ( ଏକଲକ୍ଷ ଟଙ୍କା )

ସେଣ୍ଟ୍ରାଲ ଡିପୋ: ବ୍ରହ୍ମପୁର ଗଞ୍ଜାମ
ଅଫିସ ଓ ଫେକ୍ଟେରି: ଅସ୍କା, ଗଞ୍ଜାମ
ବ୍ରାଞ୍ଚ ଅଫିସ— ସେଲକୋଣ୍ଡା, ଅସ୍କା, ବାଲିଗୁଡ଼ା, ମୁଣ୍ଡମରାଇ, ବ୍ରହ୍ମପୁର, ପାରଳାଖେମୁଣ୍ଡି, ଭଞ୍ଜନଗର ।
ନିକଟରେ ଖୋଲା ଯାଉଥିବା ବ୍ରାଞ୍ଚ ଅଫିସମାନ:—
ପୁରୀ, ଓଡ଼ଗାଁ, ଛତ୍ରପୁର, ସୋରଡ଼ା, ଜହ୍ନପୁର ଓ ପୁରୁଷୋତ୍ତମପୁର
ଏଜେନ୍‌ସି ଅଫିସ--
୧ । ଇଚ୍ଛାପୁର—କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ପୁରୋହିତ ।
୨ । ବାଲେଶ୍ୱର—କବିରାଜ ଶ୍ରୀ ଶଶିଭୂଷଣ ତ୍ରିବେଦୀ L. P. Ms.
୩ । ରେଢ଼ାଖୋଲ—କବିରାଜ ଶ୍ରୀ ଗଦାଧର ମିଶ୍ର
ଟେଲିଗ୍ରାମ ଓ ମନିଅର୍ଡ଼ର ଠିକଣା—
ମେନେଜିଂ ପାର୍ଟନର
ଉତ୍କଳ ଆୟୁର୍ବେଦିକ୍ ଫାର୍ମାସି, ଫେକ୍ଟେରି ଓ ଅଫିସ
ପୋ: ଅସ୍କା, ଗଞ୍ଜାମ

### ବିଜ୍ଞାପନ

ଏଠାରେ ସକଳ ପ୍ରକାର ଶାସ୍ତ୍ରୀୟମତେ ଔଷଧ, ଭସ୍ମ, ଆସବ ଅରିଷ୍ଟ, ବଟୀ, ଲେହ, ତୈଳ ପ୍ରଭୃତି ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ସମସ୍ତ ଔଷଧ ଶାସ୍ତ୍ରୀୟବିଧି ଅନୁଯାୟୀ ପ୍ରସ୍ତୁତ । ଏଠାରେ ସମସ୍ତ ରୋଗର ଚିକିତ୍ସା ମଧ୍ୟ ସରଳ ଭାବରେ କରାଯାଏ । ସମସ୍ତ ଔଷଧ ଶସ୍ତା ଦରରେ ବିକ୍ରୟ ହୁଏ । ଚିକିତ୍ସକମାନଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା ଦିଆଯାଏ । କ୍ୟାଟଲଗ୍ ଓ ଅନ୍ୟାନ୍ୟ ବିଷୟ ଜାଣିବାକୁ ଅସ୍କା ଠିକଣାରେ ପତ୍ର ଲେଖନ୍ତୁ ।

ଉତ୍କଳ ଆୟୁର୍ବେଦିକ୍ ଫାର୍ମାସିର କେତେକ ଔଷଧ

ସମସ୍ତ ପ୍ରକାର ମ୍ୟାଲେରିଆ ଜ୍ୱରରେ 'ଶିରୋମଣି ଟନିକ୍'
ରସାୟନ ବାଜୀକରଣ ମହୌଷଧି:—'ବସନ୍ତକୁସୁମାକର'
କାସ ଶ୍ୱାସର ସଞ୍ଜିବନୀ:—'ବିଶ୍ୱ ଜୀବନପ୍ରାଣ'
ସର୍ବରୋଗରେ ଅବ୍ୟର୍ଥ ମହୌଷଧ:—'ମକରଧ୍ୱଜ'
ଟନିକ ଓ ରକ୍ତପରିଷ୍କାରକ:— 'ସାରିବାଦ୍ୟାରିଷ୍ଟ ।'

---

ଉତ୍କଳ

## 'ଯାଦବ ଛାତ୍ରାବାସ

ଭଦ୍ରକ ।

ସର୍ବସାଧାରଣଙ୍କ ଦାନ, ଦୟା ଓ ସହାନୁଭୂତି ଉପରେ ଏହି ମହତ୍ ଅନୁଷ୍ଠାନ ସମ୍ପୂର୍ଣ୍ଣ ନିର୍ଭର କରି ସନ ୧୯୪୫ ମସିହା ଅକ୍ଟୋବର ମାସ ଠାରୁ ଖୋଲା ଯାଇଅଛି ।

ଶ୍ରୀ କୃଷ୍ଣଚନ୍ଦ୍ର ପରିଡ଼ା
ଛାତ୍ର—( ସ୍ୱେଚ୍ଛାସେବକ )
ଭଦ୍ରକ ହାଇ ସ୍କୁଲ

---

ବୈଦ୍ୟୁତିକ ଚିକିତ୍ସା
ଓ

## 'ଆଲ୍‌ଟ୍ରା ଭାୟୋଲେଟ୍' ରଶ୍ମି

ନୂତନ ଅସ୍ତ୍ରଉପକରଣରେ ସୁସଜ୍ଜିତ ଆରୋଗ୍ୟ
ଟ୍ରିଟମେଣ୍ଟ ଦିଆଯାଏ ।

ଅନ୍ତଦୋଷ, ବାତଜ୍ୱର, ଅର୍ଶ, ଭଗନ୍ଦର, ପୁଷ୍ପବ୍ରଣ, ବର୍ଦ୍ଧନଡ଼ା, ଗଳଗଣ୍ଡ, କୁଷ୍ଠ ଓ ଅନ୍ୟାନ୍ୟ ଚର୍ମରୋଗ, ଶ୍ୱାସ, ଯକ୍ଷ୍ମା, ବହୁମୂତ୍ର, ଅପସ୍ମାର, ଅନିୟମିତ ଋତୁ ଆଦିରେ ଔଷଧ ଅବ୍ୟର୍ଥ ।

ଆଜି ପରାମର୍ଶ କରନ୍ତୁ—

| | |
|---|---|
| ଦୁର୍ଗା ଟ୍ରପିକାଲ୍ ଫାର୍ମାସି | ଡାକ୍ତର ବ ମୂର୍ତ୍ତି, ଏମ୍. ଡି. |
| କଞ୍ଚୁରୁ | ଏମ. ଅଇ. ଏମ୍. ସି. |
| ବ୍ରହ୍ମପୁର (ଗଞ୍ଜାମ) | (ବଙ୍ଗ, ଏସ, ଏ,) |

Digitized by srujanika@gmail.com

# "ଜୟ ହିନ୍ଦ୍"

ଲେଖକ:—ସଚ୍ଚି ରାଉତରାୟ

ଏବେ ବି ତ ଦିଲ୍ଲୀ ବହୁ ଦୂରେ.........
ଆଗେ ଅଛି ଦୀର୍ଘ ପଥ,    ପଶ୍ଚାତ ଯେ ତାହା ପାଇଁ ଝୁରେ ।
ମନେ ରଖ ଅଭିଯାତ୍ରୀ !    ସଂଗ୍ରାମ ତୋ' ହୋଇ ନାହିଁ ଶେଷ,
ଏବେ ବି ତ ହୋଇ ନାହିଁ    ଆଜାଦ୍ ତୋ' ଶୁଭ୍ର ମହାଦେଶ ।
ନାଲ୍ କିଲ୍ଲା ହୋଇ ନାହିଁ ଜୟ,
ବହୁ ଜନ୍ମ, ମୃତ୍ୟୁ ଡେଇଁ    ମୁକ୍ତି ଶେଷେ ହେବ ସିନା ଜୟ ।
ଲଂଘି ଶତ ଗଡାଣି, ଉଠାଣି,
ସ୍ରୋତମୁଖେ, ପୁଣି ରେ ଉଜାଣି,
ବାହିବାକୁ ହେବ ତୋତେ ତରୀ—
ତୋହ ପାଇଁ ନୁହେଁ "ଆଜି",    ଗତକାଲି ନୁହେଁରେ ତୋହର ।।

ପଶ୍ଚାତର ବହୁ ସ୍ମୃତି, ଗ୍ଲାନି
ସମ୍ମୁଖର ଦଉଡ଼ରେ    ହେବ ସେ ତ ତୋର ପାପଦାନ ।
ତାହା ପାଇଁ କରିବାକୁ ଦୁଃଖ
ବେଳ ନାହିଁ, ବେଳ ନାହିଁ,    ଡାକ ଛାଡ଼େ ବିପ୍ଳବ ସମ୍ମୁଖ ।
ଆଗାମୀର ଶୁଭ୍ର ମୁକ୍ତି ତାଜ୍
ହୋଇନି ତ ଏବେ ତୋ;    ଗୁରୁଅଛି ଫିରଙ୍ଗିର ରାଜ୍
ଦୋଳୁଅଛି ମାୟାର ଖିଲାନ,
ନାଲ୍ କିଲ୍ଲା ଶିରେ ବନ୍ଧୁ    ଉଡ଼ୁନି ତ ନାଲ୍ ଧ୍ୱଜାମାନ ।
ହେଁ ଆଜି ତୁମେ ବିପ୍ଳବକ—
ଗୁଲିର ବଦଳେ ହେଁ ତୁଙ୍ଗାଣିର    ଯା' ଅଭିଭାବକ
ଅପରାଧୀ ଏ ସାମ୍ରାଜ୍ୟଶାହୀ,
କିବା ଶାସ୍ତି ଦେବ ତାରେ    କହ, କହ, ମୁକ୍ତିର ସିପାହୀ ।।

ଖସି ପଡ଼େ ଯୁକ୍ତିର ନିର୍ମୋକ—
ଉଚ୍ଚାରିତ ଐକ୍ୟତାନେ    ଶୁଣ, ଶୁଣ ଆଜାଦର ଶ୍ଲୋକ
ସମ୍ମୁଖର ଉଜ୍ଜ୍ୱଳ ଆକାଶ—

Digitized by srujanika@gmail.com

## ଦିଲ୍ଲୀ ଚଲୋ



## ଦିଲ୍ଲୀ ଚଲୋ

ଦିଲ୍ଲୀ ଚଲ ଦିଲ୍ଲୀ ଚଲ ଚଲିବା ଦିଲ୍ଲୀ ପଥେ
କାହାର ସାଧ୍ୟ ନିଶାନ ମୁହିଁ ଯିବ ମୋ ଇଚ୍ଛାମତେ ।

ଲାଲ୍ କିଲ୍ଲା ଉପରେ ବାନା ଉଡ଼ିଛି ମୋର ଧର
'ଜୟ-ହିନ୍ଦ୍' ଧ୍ୱନିରେ ଅକାଶ ପାତାଳ ଯାଉ ଥର
ଭାରତେ ମୁହିଁ ଭାରତ ବାସୀ ଶାସନ ନେବି ହାତେ,
ଦିଲ୍ଲୀ ଚଲ ଦିଲ୍ଲୀ ଚଲ ଚଲ୍‌ରେ ଦିଲ୍ଲୀ ପଥେ ।
ଅଗେଇ ଯିବି ଅଗେଇ ଯିବି କାହାକୁ ନାହିଁ ଭୟ.
ମରଣ ମୁଖେ ହରଷ ଭରେ ଦେବି ମୋ ପରିଚୟ ।
କେହୁ ମାଡ ନ ପଡୁ ମୋର ପୁଣ୍ୟ ଭୂମି ପୀଠେ
ଦିଲ୍ଲୀ ଚଲ ଦିଲ୍ଲୀ ଚଲ ଚଲ୍‌ରେ ଦିଲ୍ଲୀ ପଥେ ।

ମାଡ଼ିନ ଚଲ ଇଂରାଜ ଯେ ମୋହର ଦେଶ ଏହି,
ପ୍ରାଣରୁ ବଳି ପ୍ରିୟ ଏ ମୋର ଜୀବନରୁ ବଳି ସ୍ନେହୀ,
ଫିରିଙ୍ଗୀର ଛଡ଼ାଇ ପାଣି ଲଭିବି ତାର ହାତେ ;
ଦିଲ୍ଲୀ ଚଲ—ଦିଲ୍ଲୀ ଚଲ ଚଲରେ ଦିଲ୍ଲୀ ପଥେ ।
ସତ୍ୟ ଯେବେ ଭାରତ ବାସୀ ହୃଦୟେ ଥିବ ଜାଗି,
ଲଣ୍ଡନର ବୁକୁରେ ମେଲି ଖଡ୍ଗ ଦେବୁ ଦାଗି
ପୂର୍ଣ୍ଣ କରି ଜୟଗାର ଗାହା ଯିବି ମୁଁ ତାହା ସାଥେ
ଦିଲ୍ଲୀ ଚଲ ଦିଲ୍ଲୀ ଚଲ ଚଲ୍‌ରେ ଦିଲ୍ଲୀ ପଥେ ।

( ମୂଳ ହିନ୍ଦୁସ୍ଥାନୀରୁ ଅନୁବାଦ )

## ଦୂର୍ ହୁଅ ! Quit ! Quit ! ଦୂର୍ ହଟୋ !

ଏହି ହିମାଳୟ ଶିଖର ଉପରୁ ଦିଅ ଅଜି ନିର୍ଦ୍ଦେଶ,
'ଦୂର ହୁଅ ଦୂର ହୁଅରେ ବ୍ରିଟିଶ ଭାରତ ମୋହର ଦେଶ !'
ଯେ ଦେଶେ ମୋର ମନ୍ଦିର ଶୋଭେ ମସ୍‌ଜିଦ୍ ଗୁରୁଦ୍ୱାର,
କୁତବ୍ ମିନାର ତାଜ୍‌ମହଲ ମୋ ସମ୍ପଦ ଅଛି ଯାର,
ସେ ଦେଶରେ ପଦାର୍ପଣ ତୋହର ଅତ୍ୟାଚାରିତ ଶେଷ ;
ଦୂର୍ ହୁଅ ଦୂର୍ ହୁଅ ଇଙ୍ଗ୍ରେଜ ! ଭାରତ ମୋହର ଦେଶ
ଯୁଦ୍ଧ ତେ ହାତ ଧୋଇଛୁ ଲୋହିତ ଅତିର ଏ ହିନ୍ଦୁସ୍ଥାନୀ !
ଭାରତର ଯେତେ ମାତା ହୁଅ ଅଜି ଝାନ୍‌ସିର ବୀରରାଣୀ !
ଏହି 'ବୋଲ' ଅଜି ସବୁର ମୁଖରେ ଏ ଜାତିର ନିର୍ଘୋଷ,
ଛାଡ଼ରେ ଭାରତ ଛାଡ଼ ଇଂରାଜ୍, ଏ ଦେଶ ମୋହର ଦେଶ !

(ଅନୁବାଦ)

Digitized by srujanika@gmail.com

# ରାମେଶ୍ୱର



(ଆଜାଦ୍ ହିନ୍ଦ୍ ଫୌଜର ମୁକ୍ତି ଦାବିରେ କଲିକତା ପଥରେ ବଳିଦାନ)

ରାମେଶ୍ୱର ! ରାମେଶ୍ୱର ! ରାମେଶ୍ୱର ନାହିଁ ଆଉ; ଏହି ତା'ର ଜାଗ୍ରତ-ସମାଧି;
ମରଣର ପୁରଯାତ୍ରୀଙ୍କେ ଜୀବନ୍ତ ଏ ଜଗତରୁ ଯାଉଛନ୍ତି ସେ ସେତୁବନ୍ଧ ବାନ୍ଧି ।

ରାମେଶ୍ୱର ! ରାମେଶ୍ୱର ! ଡାକେ ଆଜି ନଗରର ଧୂମମୟ କ୍ଳାନ୍ତ ରାଜପଥ;
ରାମେଶ୍ୱର ଯାଇଅଛି ପରାଧୀନ ଭୂମି ପରେ ନଫେରିବ କରିଛି ଶପଥ ।

ରାମେଶ୍ୱର ! ରାମେଶ୍ୱର ! ଥରଉଠେ ବିଦ୍ୟାଳୟ ସୁପ୍ରଶସ୍ତ ପ୍ରାଚୀରର ଭିତ୍ତି;
ସେ ଗଳିମିର ଦାନ୍ତରେ ସେ ନଫେରିବ, ଭୁଲିଯାଅ ! ଭୁଲିଛି ସେ ତା'ର ପରିଚିତି ।

ରାମେଶ୍ୱର ! ରାମେଶ୍ୱର ! ଡାକୁଛନ୍ତି ଛାତ୍ର ସାଥି, ହେଉ ହେଉ ନ ପାଉକି ଶକ୍ତି ?
ଯାଇନାକି ରାମେଶ୍ୱର ଏ ଦେଶର ଯୁବ-ଚିତ୍ତେ ଦେଇଦେଇ ମରଣ ବାହିନୀ ।

ରାମେଶ୍ୱର ! ରାମେଶ୍ୱର ! ହାହାକାର କରିଉଠେ ସନ୍ତାପିତ ଜନନୀଙ୍କର ପ୍ରାଣ;
ରାମେଶ୍ୱର ଅଳି-କରେ ଭାରତର ମାତା ପିତା', ସନ୍ତାନରେ ଦିଅ ବଳିଦାନ !

ରାମେଶ୍ୱର ! ରାମେଶ୍ୱର ! କିଏ ଅଛି ରାମେଶ୍ୱର ? ଡାକୁଛନ୍ତି ତୋର ଦେଶବାସୀ;

Digitized by srujanika@gmail.com

# MATRIC MANUAL.

A Series in four parts, presenting **six years University Question** (Final & Supplimentary) with answers Easy Intelligent and Convincing.

PART I—Mathematics :— PART II—Geography :—

PART III—English :— PART IV—History :—

Published at
**KRUSHNA BHANDAR**
Chaudhury Bazar
CUTTACK.

---

## 'ଡଗର'ର

**ଆସନ୍ତା ସଂଖ୍ୟା**

**ତା'ର ନିଜ ରୂପରେ ପ୍ରକାଶ ପାଇବ ।**

ମାନବର ଜୀବନର ନାନାଦି ହାସ୍ୟ ଛଟାରେ ପୂର୍ଣ୍ଣ ହେବ

**ମଜାକବିତାରେ –**

ଅଜାଙ୍କ ଅଜାଦ୍ ହିନ୍ଦ୍ ଫୌଜରେ ଯୋଗଦାନ ।

'ଡବୋ'ଙ୍କ ବ୍ୟଙ୍ଗଚିତ୍ର

**ମଜାକଥାରେ—**

**ଅବସ୍ଥା ସଙ୍ଗିନ୍**

ଜଣେ ପଳାତକ ସୈନ୍ୟର ବ୍ୟଙ୍ଗବୃତ୍ତି ।

**କାହାଣୀ ବିଭାଗରେ—**

ବୀରତ୍ୱର ଅମର ଗାଥା

ମୁଦ୍ରଣ ସଂଖ୍ୟା ପରିମିତ— ପୂର୍ବରୁ ଅର୍ଡର ଦେଇ ରଖନ୍ତୁ !

**ବାର୍ଷିକ– ଟ ୩୲ ଜୟହିନ୍ଦ ସଂଖ୍ୟା ସହ—ଟ ୪୲**

---

WANTED

ଷ୍ଟକ, ଏବଂ ଏଜେଣ୍ଟ ଆବଶ୍ୟକ

ନିମ୍ନ ଠିକଣାରେ ଦରଖାସ୍ତ କରନ୍ତୁ ।

ଜେ ଅଣ୍ଡ ଜେ ଜେଟେନ୍ ସେଣ୍ଟ୍ରାଲ ଡିପୋ
ଭପୁର
ବ୍ରହ୍ମପୁର ( ଗଞ୍ଜାମ )

---

## କୁବେର ବ୍ୟାଙ୍କ ଲିଃ

**ଶାଖା—ଭଦ୍ରକ**

ହେଡ଼ ଅଫିସ—୩/୪ ହେୟାର ଷ୍ଟ୍ରିଟ କଲିକତା

ଭାରତର ଅନ୍ୟାନ୍ୟ ସହରରେ ମଧ୍ୟ ଶାଖାମାନ ଅବସ୍ଥିତ ।
ଏହା ସର୍ବଜନ ଆଦୃତ ବର୍ଗର ଯୋଗ୍ୟ,
ସୁପରିଚାଳିତ, ଉନ୍ନତିଶୀଳ ପ୍ରତିଷ୍ଠାନ

ଫିକ୍ସଡ୍ ଡିପୋଜିଟ୍ ୧ ବର୍ଷ ପାଇଁ ଶ ୪୲ ମୁଧ ସେଭିଂସ୍ ଏକାଉଣ୍ଟ ଶ ୨୲, କରେଣ୍ଟ ଏକାଉଣ୍ଟ ଶ ୦୲

ବିଶେଷ ବିବରଣ ପାଇଁ ଭଦ୍ରକ ଶାଖାରେ ଅନୁସନ୍ଧାନ କରନ୍ତୁ ।

---

## ଉତ୍କଳ ହୋଟେଲର

**ପରମ ଗୌରବ**

ପରିତୃପ୍ତ ଜନତାର ଅଯାଚିତ ପ୍ରଶଂସା

ଆଶିର୍ବାଦାକାଂକ୍ଷୀ
ଉପେନ୍ଦ୍ର ପଟ୍ଟନାୟକ
ଉତ୍କଳ ହୋଟେଲ, ବ୍ରହ୍ମପୁର

Digitized by srujanika@gmail.com

## ବସନ୍ତ ମଲ୍ଲିକା

ଜୀବନ-ବସନ୍ତର ଅନୁପମ ସାଥୀ । ଏହାର ମନୋରମ ଗନ୍ଧ-ବିଭବ ତଥା ଫୁଲର ମଧୁର ସୌରଭରୁ ଅନୁଦିତ । ବ୍ରାହ୍ମୀ ଓ ଭୃଙ୍ଗରାଜର ସାର ମିଶ୍ରଣରେ ପ୍ରସ୍ତୁତ । ଏ ତୈଳ ଦୃଷ୍ଟିଶକ୍ତି ଉନ୍ମାଦ ଓ ସ୍ମୃତିଶକ୍ତି ହ୍ରାସ ପ୍ରଭୃତି ମାନସିକ ଦୌର୍ବଲ୍ୟରେ ଭରସାଯୋଗ୍ୟ ଅବଲମ୍ବନ ।

କୋଣାର୍କ କେମିକ୍ୟାଲ
ଏଣ୍ଡ ଟଏଲେଟ ପ୍ରଡକ୍ଟସ୍
( ଇଣ୍ଡିଆ )




---

ମ୍ୟାଲେରିୟା, ପ୍ଲୀହା ଓ ପାଳିଜ୍ୱରର ଧନ୍ୱନ୍ତରୀ

# ଘାଲୁଟୋଲା

୨୪ ଘଣ୍ଟା ଭିତରେ ମ୍ୟାଲେରିୟା ଓ ପାଳିଜ୍ୱର ଆରୋଗ୍ୟ କରେ

୨ ଶିଶି ବ୍ୟବହାର କଲେ ଅତ[illegible] ପ୍ଲୀହା ଦୂର ହୁଏ

ପ୍ରତି ବଡ଼ ଶିଶି ୧୲୦, ପ୍ରତି ଛୋଟ ଶିଶି ୧୦, ଡାକମୁଲ ସ୍ୱତନ୍ତ୍ର

ମେସାର୍ସ ବହୁବଜାର [illegible], ୧୦୪, ବହୁବଜାର ଷ୍ଟ୍ରିଟ, କଲିକତା ।

ପରିଚାଳନା ସମ୍ପାଦକ—ଶ୍ରୀ ବ୍ରଜମୋହନ ଦାସ
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର;

Digitized by srujanika@gmail.com




ଓଡିଆର ଧନ

ଓଡିଆର ଶ୍ରମଦ୍ୱାରା ନିର୍ମିତ

ନିର୍ମାତା— 'ଦାସ ଏଣ୍ଡ କୋ'
୭, ଫାଲଗୁନ ଦାସ ଲେନ୍,
କଲିକତା ନଗର

ଏଟେଲେଣ୍ଟା

ଫ୍ୟାନ୍

ବ୍ୟବହାର କରି ଦେଶର
ଗୌରବ ବଢ଼ାନ୍ତୁ ।

ସୁଲଭ—ଶସ୍ତା ଓ ଦୀର୍ଘକାଳ ସ୍ଥାୟୀ ।

ପରିବେଶକ—
ଡବ୍ଲ୍ୟୁ: ସି: ନାଏକ
ଏଣ୍ଡ କୋ:

୪ ନଂ ଫାଲ୍‌ଗୁନ୍ ଦାସ ଲେନ୍
କଲିକତା

Printed & published by G. C. Mahapatra at the Gopinath Press, Bhadrak. 1946.

Digitized by srujanika@gmail.com

୯ମ ବର୍ଷ—୧୭ ଓ ୧୮ ସଂଖ୍ୟା

ମାଘ—ପ୍ରଥମ ଓ ଦ୍ୱିତୀୟାର୍ଦ୍ଧ




ଏ ସଂଖ୍ୟାର ଆକର୍ଷଣ—

**ଅଲ୍ଲା ଆଉ ବାହାଦୂର (ସଚିତ୍ର)**
**ଓ**
**ଅବସ୍ଥା ସଙ୍ଗୀନ**

ଡ଼ଗର ଜୟ ହିନ୍ଦ୍ ସଂଖ୍ୟା

**ମୂଲ୍ୟ:—ଟ ୧୮**

ନେତାଜୀଙ୍କର ଜିବନ୍ତ ଚିତ୍ର ସହ—ଅଜାଦ୍ ହିନ୍ଦ୍ ... ନା କାହାଣୀ ବାଷ୍ପ ଓ ଉତ୍ତେଜକ ଘେନା ଏକଲ ... ଉପରେ ପ୍ରକାଶ ପାଇନାହିଁ ।

ଓଡ଼ିଆର ଧନ ଓଡ଼ିଆର ଶ୍ରମଦ୍ୱାରା ନିର୍ମିତ

ମେସାର୍ସ—'ଦାସ ଏଣ୍ଡ କୋ'
୨, ଫାଲ୍‌ଗୁନ ଦାସ ଲେନ୍,
କଲିକତା ...

'ଏଟେଲେଣ୍ଟା ଫେନ୍'
**"ATALANTA FAN"**
ବ୍ୟବହାର କର ଦେଶେର ଟଙ୍କା ଦେଶରେ ରଖ ।
ସୁନ୍ଦର—ଶସ୍ତା ଓ ଦୀର୍ଘକାଳ ସ୍ଥାୟୀ ।

ସୋଲ ଡ଼ିଷ୍ଟ୍ରିବ୍ୟୁଟାର
**Messrs W. C. Nayak & Co.**
4. Falgoon Das Lane, Calcutta.

ବାର୍ଷିକ - ତିନଟଙ୍କା ଆଠଅଣା

ରାଜସଂସ୍କରଣ—ପାଞ୍ଚଟଙ୍କା

Digitized by srujanika@gmail.com

# ନାଲନ୍ଦା ଔଷଧାଳୟ

ଅଧ୍ୟକ୍ଷ—ରାଜବୈଦ୍ୟ ହୃଷିକେଶ ଶାସ୍ତ୍ରୀ

୩୩, କଲେଜ ରୋ, କଲିକତା




ପୃଥିବୀ ବିଖ୍ୟାତ ପଣ୍ଡିତ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରଧାନ ଚିକିତ୍ସକ, ମାନନୀୟ ବିଚାରପତି, ଦେଶ ବରେଣ୍ୟ ନେତା, ମନ୍ତ୍ରୀ, ରାଜା ଓ ଚିକିତ୍ସକଗଣ **ନାଲନ୍ଦା ଔଷଧାଳୟର** ଭୂୟସୀ ପ୍ରଶଂସା କରନ୍ତି । ଆରୋଗ୍ୟ ଗ୍ୟାରେଣ୍ଟି ଦିଆଯାଏ ।

# Nalanda Ausadhalaya.

*Prop:*—**Rajvaidya Hrishi Kesh Sastri.**

**33, COLLEGE ROW, CALCUTTA.**

ସମ୍ପାଦକ— **ନିତ୍ୟାନନ୍ଦ ମହାପାତ୍ର;** ପରିଚାଳନା ସମ୍ପାଦକ—**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

# ହୁକାହୁକାହୁଆ

## ବିଲୁଆ ବିଚାର

୯ମ ବର୍ଷ– ୧୭ ଓ ୧୮ ସଂଖ୍ୟା

ମାଘ ପ୍ରଥମ ଓ ଦ୍ୱିତୀୟାର୍ଦ୍ଧ


ଲିଗ୍ ଅଫ ନେସନର ଶ୍ରୀ.କ ସଭା ପରେ ବର୍ଷ ନବ୍ରପତ୍ନି ସଭାର ବୈଠକ ବସିଲା । ମୈତ ଭାରତର ଏ ସଭା ବାପଠାରୁ ଅଧିକ ବଳୀ ବନ୍ଦୀ ହୋଇ ଗାଦ ନସିନ ହେଲେ । କଥାରେ ଅଛି— ବାପ୍‌କା ବାପ ଚନ୍ଦ୍ର ବେଢ଼ା—ଭାଇକା ବେଟାଞ୍ଚ ଥୋଡ଼ା ଥୋଡ଼ା । ବଳ୍ପ ମନେ ହେଲେ, ଗଣିତଜ୍ଞ ଶୋଇଦା ବଦ୍ଧୁରେ ଲିଗ୍‌ଠାରୁ ବରପଦ ସଭା ବାପ୍ ସେ ବେଟା ହୁନା—ବା ବାପଠାରୁ ପୁଅ ଶକରଢ଼ା ହୁଇଲ ।

× × × ×

ବଙ୍ଗଗ୍ରପ୍ତି ବା ନବ୍ରପତ୍ନି ସଭାରେ ଶିନାଥ ଗୋସାଇଁଙ୍କ ଭିତରୁ ବାହାର ସର ମୁଣ୍ଡ, ବାହାର ଦୋମୁଣ୍ଡ ବାହାର ଏକାଂଶ ହେଲେ ବ ସ୍ୱରଦାତ । ଜଗିଲ ଛନଙ୍କ ଭିତରେ ବାଉଁଶପିଟା । ପାଞ୍ଚ ମୁଣ୍ଡଷ ଅମେରିକା ଏକ୍ସମ୍‌ବମ୍ ନେଇ ପ୍ରଳୟ ତାଣ୍ଡବର ଭୟ ଦେଖାଇ ମୁରବିଆନା କଲେ । ଇଂଲଣ୍ଡ ବ ସ୍ୱଦୋତ ହୋଇ ତାଙ୍କୁ ସାହାଯ୍ୟ କରୁଛନ୍ତି । ବଳ୍ପ ଚତୁର୍ମୁଖ ବ୍ରହ୍ମା ସର୍ଜନା କରିବାରେ ଲଗିଛନ୍ତି ବ ନଜ ଗୋଷ୍ଠି ବଢ଼ାଇବାରେ ଲଗିଛନ୍ତି ଏ କଥା କହ ଦେଇନାହିଁ । ଗ୍ରୀସ ସମ୍ବନ୍ଧରେ ଦାବୀ କରି ବ୍ରହ୍ମା ରୁଷିଅ ପୁଣି ତାଙ୍କ ଦାବୀ ଫେରାଇ ନେଲେ । ପାରସ୍ୟରେ ରୁଷ କର୍ତ୍ତୃତ୍ୱ ସେନ ଇଂଲଣ୍ଡ ମଧ ଚୁପ୍ । ଇଣ୍ଡୋନେସିଅ ବେଳକୁ ରୁଷିଅ ପୋଲଣ୍ଡ ଦଳଙ୍କ ଛଡ଼ା ବାଜ ସମସ୍ତ କମିସନ ପଠାଇବା ପକ୍ଷରେ । ଭାରତ କଥା ସମସ୍ତ ଭିତରେ ଭିତରେ ସଲ ସୁଟର । ଅଜ ଦେଏ ବାହାକୁ କହେ—ହ୍ୱ ତ ମୁହୁର ମୁଁ ତ ମୁହୁର ଅଜ ଦେଁସ ଯୋଇବାର ବ ନେଲା ! କେବଳ ଅମର ଏଇ ଗରିବ ଦେଶର ଇଂସକଳ ନେବେ ଗାଇବେ—

ଅଜ ବାହିଁବ ବେ ହୁମ୍ଭଙ୍କ କହିବ
କର୍ମ ଅବର ସହିବ ଦୁଃଖ
ନରସ୍ତ ଜଳଧ ହୁମ୍ଭ ନାମ ସିକ୍ତି
ଜଗତରେ ବାଜଯାଉ ଡାକ ।

\+ \+ \+ \+

ରଚ୍ଛିବ ଅଲିଙ୍କ ଦ୍ୱୀପାନ୍ତର ଅବେଦନ କଥାରେ ହେଲପରର ଲଗି ଲିଟଙ୍କ ଅଟ୍ଟକଷ୍ମାରେ ଦ୍ୱୀପାନ୍ତର ଦଣ୍ଡ ଥିଭ ସାତବର୍ଷ ସଜା ମିଳିଲା । ଶାହାନବାଜ ହେଉଛନ୍ତି ଶକ ଦଶଗଲ—ଏଙ୍କୁ ବାହିଁବ ସାତବର୍ଷ ମିଳିଲ ? ଶାହାନବାଜଙ୍କ ମକଦ୍ଦମା କଂଗ୍ରେସ ନେଇଥିଲ— ସେଥିପାଇଁ ଶାହାନବାଜ ହିନ୍ଦ । ରଚ୍ଛିବ ଅଲିଙ୍କ ମକଦ୍ଦମା ମୁସ୍‌ଲିମ୍ ଲିଗ୍ ନେଇଥିଲ—ସେଥିପାଇଁ ଏ ପାକସ୍ଥାନୀ ମକଦ୍ଦମା । ଇଂରେଜ ସରକାର ତାଙ୍କ ହୁଦ୍‌ମନ୍ କଂଗ୍ରେସକୁ ପ୍ରେମ କଲେ ଅଟେ ପ୍ରେମିକା ବଟ୍‌ଲି ଏମାନେ ଟନବାଳ ଦେବାଣ କ'ଣ ଇଢେ ହେଲ ?

\+ \+ \+ \+

ଅଜାଦ୍ ହିନ୍ଦ୍ ଫୌଜକୁ ଗଲସ ବରୀତିବାର ଦାବ କଂଗ୍ରେସ ପ୍ରଥମେ କଲ । ସେତେବେଳକୁ ବୋ ମଂଗଙ୍କ ସଠ ଚାଲୁଚାଲୁ । ଶେଷରେ ଯେତେବେଳେ ଦେଖାଗଲ ଯେ ହିନ୍ଦୁ ମୁସଲମାନ ସମସ୍ତ ଅଜାଦ ହିନ୍ଦ୍ ପାଗଳ ହେଲେ ସେତେବେଳେ ଜନା ମିଅଁ ମଟିରୁ ବାହାରି ପଡ଼ିଲେ—ହ୍ୱାରେମ ଟିରେଫ ମୁସଲମାନଙ୍କୁ ବାହେ ନରେଗା । ଏକଥାରେ ଏକା ରସିଦ ଅଲିଙ୍କ ଛଡ଼ା ସବୁ ଅଜାଦ୍ ଫୌଜର ମୁସଲମାନ ଥ କରିଦେଲେ । ଜନା ସେ ଟନବାଳର ନେଇ କଣ କରିବେ—ନୁଦ୍‌ଗ୍ଲୁପ୍ ଥିଲେ । ଏଣିକିବେଳେ ସେ ସବ ଶୁଣେଇ ଦେଲେ । ସେ ସ୍ୱଦେଶ ଇଂରେଜ ସରକାର ଉପରେ ବ ଅଜାଦ୍ ଫୌଜ ଉପରେ ଭୁଷା ପଡ଼ୁନାହିଁ । ତାକୁ ବାହିଁବ 'ସତନ, ଅଲ୍ ବାହିଁବ ନସ୍ଥିନ ଏହାର ଅର୍ଥ ଏମିତ ଅଜ କେବେ ଅଜାଦ୍ ପଲଟଂ ଵାଲ ସତ ନ ପନ୍ତୁ ।

× × × ×

ତାଜ ମା'ଙ୍କ ଅପରେ ହୁଅ ଟିକିଏ କାନ୍ଦନ୍ତି, ତାଙ୍କୁ ବାହିଁବ ଦେଇ ମୋତେ ବଅଁ ନଦେଲ । ଯୋଇଲ୍ଲ ମାଇପ ପର ପୁରୁଷ ପାଗରେ ଡାକେଇ କହେ—"ଟୋଲ ବାହିଁବ ଦେନ ମୋତେ ବଅଁ ନଦେଲ ।" ଜନା ସାହେବ ବ୍ରୀଶ କରିବାକୁ ବ କହୁଛନ୍ତି— ତାଙ୍କୁ ବଅଁ ଦେଲ, ମୋତେ ବଅଁ ନ ଦେଲ । ଏବେ କେଉଁନ ପରୁଷମିଳକ୍ ଯେ ସାତବର୍ଷ ଦଜା ମିଳିଲ୍ଲ ସେ କେଦ୍ରରେ କେବା ଦେବେ ମୁଣ୍ଡ ପଡ଼ିକଲେ ଦେଶିବା । ଅଟେମ ବର୍ଷ୍ମ ଚଲ ବେହ ଜନ', ନୂଆ ମଗଜରେ ଅମର ଏଇ କେଲୁଅ ବୁଦ୍ଧି ଅନ୍‌—ତଳିରେ ଯୋଦ୍ଧାଙ୍କର ଅଜ ଘଅ ନେଲା ନାହିଁ ।

\+ \+ \+ \+

ଭାରତକୁ ସ୍ୱାଧୀନତା ଦେବ ଦେବା ପାଇଁ ବିଲାତରୁ ଏଥର ମନ୍ତ୍ରୀମଣ୍ଡଳ ଅସୁଛନ୍ତି । ସମ୍ବଳ ଗଳ ଜଗାଡ଼—ଉଏ ପ୍ରଶଂସା ଉପରେ ଟାଇ ସଚୀ ଅସିଲେ । ଅମେ କେଲୁଅଦଳର ସଭାପତି ଏ ମନ୍ତ୍ରୀମଣ୍ଡଳକୁ ତଥାଇ ଦେବା ପାଇଁ କ୍ଷପଣ ପ୍ରସ୍ତୁତ କରୁଛୁ । କେବଳ ଏ ମନ୍ତ୍ରୀମଣ୍ଡଳ ପାଇଁ ବ୍ରବଟ୍ଟ—ହ୍ୱା'ପରେ—ପ୍ରଧାନମନ୍ତ୍ରୀ ଅସିଲେ ତାଙ୍କ ପାଇଁ—ତା'ପରେ ସମ୍ରାଟସ୍ ଟଟ୍ ଭଏଜନ୍ ଅସିଲେ ତାଙ୍କ ପାଇଁ—ତା'ପରେ ସାମ୍ରାଜ୍ଞୀ ସାହେବା ଅସିଲେ ତାଙ୍କ ପାଇଁ—ସବ ଶେଷରେ—ମହତ୍ତୀ ଦେବତା ହୋଷା ନକରୁଥିଲେ ଜଡେ ସମ୍ରାଟ— ହେଶିବ ନହେଲେ ବୈକୁଣ୍ଠ ବହାସ ଉଗବାନଙ୍କ ପାଇଁ ମଧ ଅଟେମ ତଥାଇ କ୍ଷପଣ ତନ୍ତ୍ରର କରି ଅମ ପାଞ୍ଜିରେ ରଖିଲୁ ।

Digitized by srujanika@gmail.com

ଦଥଙ୍କ ପରର ୧୯୪୩ରେ ଗନ୍ଧ—ଦଶ ଥଙ୍କ । ପୁଣି ୧୯୪୭ରେ ଏଡାର ଥଙ୍କ ଦୁଟାର ଅଣଙ୍କା କରି ସାକ୍ଷାତ୍ କ୍ଲୀବରୋଗ ଚଗଙ୍ଗ ଏରେଗ ବଡ଼ଲୋକ ମଜକର ଭଣାର ଦେବରଣ୍ଠି—ସାଧୁ ସାବଧାନ । ଯୁଗ ଲେଖକ । ଯଦି ସରକାର ଦୁର୍ବଳ ହେବେ ମଧ୍ୟ ଦୁର୍ବଳ ହୋଇ ନ ମାନସ୍ତେ (ଜନତା ଅର୍ଥରେ ଦୁର୍ବଳ) ସେ ପୁଣି ଦୁର୍ବଳ ନ ପଡ଼ିବ—ନଇ ପରୁଣ ହାତ ନୁହଁ କେଳା । ସାବଧାନର ମାରପ ମନେକୋହିଁ—ଏଇ ନାଟରେ ।

× + + ×

ବନ୍ଧୁ ବଡ଼ଲୋକ ଯଦି ଏତେ ବଡ଼ ବଡ଼ାଳଥଙ୍କ ପରି ପାଟିନ କରି ପ୍ରେସ୍ତୁ ଦେଶବାସୀଙ୍କ ଉପରେ ଦିଏ ଗ୍ରାହକ ଗଣ ଦେଇ ଜଣ୍ଡନ ମୂଳବରେ ସବଏ କଣ ସ ମାନଥାନ୍ତେ ତେବେ ବନ୍ଧୁ ବଡ଼ଲୋକ ଭବନର ଖାଦ୍ୟ ଦେଶ କରି ସେ ଶୁଖାଇବା ଓ ଦୁଃଖ କେଳିବାକୁ ପଡ଼ ନଥାନ୍ତା । ବନ୍ଧୁ ଲୋକେ ତ ଅଭ ଚାଙ୍କ ଧ୍ୟାଗଃ ଦେଖି ଗାଧ ନଥାନ୍ତେ କ୍ଷ୍ୟା ଭୁଜଙ୍ଗି ଉପାୟ ଦେଇ ପାରି ନଥାନ୍ତେ ।

× + +

ଅଭ ଯାତ୍ରା ପାରେ ଚା' ଦଲ ବଡ଼ଲୋକଙ୍କର ଧମକରେ ଅନ୍ତତଃ କୋହିଏ ଗୋଷ୍ଠିର ଲୋକ ସତର୍କ ହେଇଗଲେ । ସେମାନେ ତ ପୁଣି ୪୬ ଗଣ୍ଡଗୋଳରେ ସରକାରଙ୍କ ଜମର ଧର ଠିଅ ହୋଇଥିଲେ । କଂଗ୍ରେସ ଜେଲ୍‌ରେ ଦଳ ଦେବେ ନଉବଳ ଦେଶରେ ସେଉ ତ କରତ ମେଇ ଦେଇ ମଂଚରେ ଠିଅ ହେଇଥିଲେ । ସବେଢ଼ ତ ଚାକର ବାସ୍ତୁ ବଳରେ ଚୋ ବୋଲଇନ୍ତେ । ସେମାନଙ୍କ ଯୁକ୍ତ କେତେରେ ଖଣ୍ଡ କଣ ନରେବଲେ—ନମବହାରମୀ ହେବ । ବେଶ ବଭାଗ, ଚୋଟା ବେପାରୀର ପୁଣ ମାସରେ ଅମେ ଚାଙ୍କ ନାହର ଶିର ଶିରରେ ପାଣି ଚାଳୁଛୁଁ । ହୁକା-ହୁକା-ହୁଅ ।

× × × ×

ଧାନ ଦର ବେଢ଼ିଛ ତ ହେଉ ଏ ଗୋଳ କରିଚାଲି ଗୁରୁଅଛି । ଓଡ଼ିଶାରେ ଅନପୂର୍ଣ୍ଣା ଏ କ ସି ତିନିଟା ଦଳ ଥାଇଁ ଥାଇଁ ଭଟାଣି ଅନ ଦର ଖସୁ ନାହିଁ ଯେ ସରକାର ଅପନେ ନେଇ ଅନପୂର୍ଣ୍ଣାଙ୍କ ମହତକୁ ଏମିତ ଶସ୍ତା କରି ଦଇଛନ୍ତି ! ଏ ଦେଶରେ ଯେଉଁମାନେ ଧାନ ଦର ଧାର୍ଯ୍ୟ କରୁଛନ୍ତି ସେମାନେ ଅନପୂର୍ଣ୍ଣାଙ୍କର ଅନୋରୂପ ଦେଖନ୍ତି ତ ଅନପୂର୍ଣ୍ଣାଙ୍କର ନର୍ତ୍ତକୀ ରୂପ ଦେଖନ୍ତି ସେ ବିଷୟରେ ସନ୍ଦେହ ହେବାରୁ ଅମେ ହଠାତ୍ ମତ ଦେବାକୁ କୁଣ୍ଠିତ ହେଉଛୁଁ ।

+ + + +

ଓଡ଼ିଶା ଅନେକସ୍ଥି ପାଇଁ କଂଗ୍ରେସ ପ୍ରାର୍ଥୀ ମନୋନୟନ ହେଲେ—ବଡ଼ ସୁବିଧା ସଂଗ୍ରାମରେ ଭରି ଭଲ ଲଗିଲ । ଯେତେ କଂଗ୍ରେସ କର୍ମୀ ସମସ୍ତେ ପ୍ରାର୍ଥୀ । ସମସ୍ତେ ଦାବିଦାର ଶିବ ହୋଇ ହବଃ ବାହ ଅନେକ୍ଷ ବଲେ । ସମସ୍ତଙ୍କ ଦୃଷ୍ଟିରେ ଧ୍ୟାନର ଦୃଷ୍ଟି । ବାହାର ଦେବେ ବେଣୀ ଧ୍ୟାନ ଦେଇଛନ୍ତି ମାତ୍ର ଦେଇ ଦୃଷ୍ଟି ବାହ ଦେଇଁ ଦେଇଁ—ଅନେକ ଗଣ୍ଡା ଗାର କପଇଛନ୍ତି ।

× × × ×

ଚାଚ ଗ ଚା ଗୁରୁଜ ନନ୍ଦ ପୂଜା ପାଇ ସୁପ୍ତ ସ୍ଥାନକୁ ଯାନ୍ତି । ସଙ୍ଗ ନେବେ ଦିନରେ କହିଲେ—ଗୁରୁଜୀ ଦମେ ଭୀ ଲେ ଚଲ । ଗୁରୁଜୀ ସହୁଦେଇ କହନ୍ତି—ତଟନ୍ତ ନହିଁ ହୁଆ । ସ୍ୱତଃ ବନ୍ଧୁ ନଟେଜ ବନ୍ଦା । ନଦ୍ୟାନ୍ତ ଚାଚାଗ ଦଟେ ଚାଖ ହୋଇ ସାଙ୍ଗରେ ହନ ସଙ୍ଗଙ୍କୁ ନେଲେ । ଚାଃରେ ଗୋଃଏ ରୁପାର ଚକ୍ର ପଡ଼ିଛି । ଚରଣ କହିଲ ଗୁରୁଜୀ ମୁଁ ଯାଉ ନେଇ ଘରେ ରଖି ଦେଇ ଅନେମି ଅଭ ଖଣ୍ଡ ଦୂରରେ ଖଣ୍ଡ ମୁନା ଚକ୍ର । ୬ଧୁ ଭଣଜ ବ କହିଲା—ଚାଚା ଗ ମୁଁ ଏଇଟା ରଖି ଅନେ । ସବାଶେଷରୁ ଦୂରନ୍ତୁ ଭଣଜ ନେଇ ଚାଚା ଗ ଯାଉଁ ଯାଉଁ ଚାଃରେ ହୀର ମୁଣ୍ଡା ଦେଖି ନେଇ ଉଠିଲ । ଏ କଳ୍ପାଚୋର୍ଜ ସଭ୍ୟପଦ, ଅନେକସ୍ଥି ସଭ୍ୟ ପଦ ଓ ମନ୍ତ୍ରୀଗାଦି ସେଇ ଉଚ୍ଚ ରୁପା ସୁନା ଓ ହୀରା ଖଣ୍ଡ । ନେବା ପାଇଁ ଚୋଉଅ ବାଟେଜର ସ୍ୱାଧୀନତା ଗଲାଣି ଟୁଲେଡ ।



ଭଗବାନଙ୍କୁ ଧନ୍ୟବାଦ, ଦେଶର ସେବା କରିବାରେ ମୁଁ କାରାବାସ ସମ୍ମାନ ପାଇଛି ।
—ଚୈତନ୍ୟଦନ

+ + +

ଅମ ଉତ୍ତର ସମ୍ପାଦକଙ୍କ ପାଇଁ ଲେଖଅଗ୍ର ଶୋକ ପ୍ରସ୍ତାବ କରୁଛି । ସେ ମଧ୍ୟ ହିନ୍ଦ ହାଟେଲର ଗାଟକର ହୋଇଥିଲେ । ଏବେ ସେଠି ଅତି ଲେଖ ଖଣ୍ଡରେ ହାଜର । ହିଂଟେର ଅଭ୍ୟାଂ, ହିଂଟେର ବେଞ୍ଚି ନ ଦମ୍ଭା ସନପାଦକମାନେ ନୂଆ ତାଙ୍କ ଶାଳରେ ଦନ୍ଥୁବାଖ ଯୋଗାଡ଼ ଉଦ୍ଦ ହାସପାତାଳର ଡାକ୍ତର କରୁଚନ୍ତି । ସାଧୁ ସାବଧାନ—ପେରୁ ଭଇ ଅବଧାନ—ଏତେସନ୍ଥି ମୂଦର ଉପେକ୍ଷ ସରଇ ସବଲ ଉପେର ଗୁରୁ- ଯେ ଯା ସ୍ୱନ୍ଥ ସେ ତା ପାନ୍ଥ ମୂଳରୁ କ୍ଷ୍ୟା ଅଗୁରୁ । + + + ×

ଇଂରେଜ ସରକାର ଅମଣ ଦେଶରେ ଅମକୁ ଭୂକଟ'ର ଯେତେ ପଢ଼ କରଥିଲେ ସବୁ କ୍ଷ୍ମନ ହେଇଯାଇଛି । ଅମର ପଲ୍ଲୀରେ ଅମକୁ ବୈଦ୍ୟ କରି ଅମର ନମକହାରାମିକୁ ଶିଖେଇବାରେ ଓଡ୍ୱାଦ ଇଂରେଜ ସରକାରଙ୍କ ବେତର ଅଭ ବାଣୀ ନାହିଁ । ଭଗ୍ନେକର ନଜର ହମ ହେନ୍ୟମନେ ଯାହା କରନ୍ତୁ—ଭୁଲ କରନ୍ତୁ ଭଲ କରନ୍ତୁ ଇଂରେଜ ସରକାରଙ୍କୁ ଏତେ ହେଲେ ଶିଖେଇଛନ୍ତି ଯେ ଅମ ହାଂଡିଶାଳର ଲୁଣ ମନେଇ ପିଇଲେ ତାଙ୍କ ଶୁଭ୍ରଅର ଉଳଣାପଣ ମରବ ନାହିଁ । ଭଉଚ ଲୁଣ ଅଭ ବ୍ରିଟିଶ ଗୁଣ ନ ଗାଏ ।

Digitized by srujanika@gmail.com

**ମଜାକଥା—**




# ଅବସ୍ଥା ସଙ୍ଗୀନ୍

ଲେଖକଃ— **ନିଃ ମଃ**

ଆଇ ଏନ୍ ଏ ରୁ ଫେରିଲେ ଅର୍ଥାତ୍ ମିଠା ସିଂ ହାବିଲଦାର ବ୍ରିଟିଶ ଭାରତ ସମ୍ମାନ୍ତ ଅଦାଲତ ସମ୍ମୁଖ ହାଜର ହେଲ। ମୁହଁଟା ଶୁଖି ଯାଇଥାଏ। ଦାଢ଼ି ବାଲ ଜଟା ସବୁ ଜଙ୍ଗଲ ପରି ବଢ଼ିଯାଇଛି। ଚିନ୍ତା ଲାଗି। ରୋଗା ଦେହ। ଆଖି ପଶି ଯାଇଛି।

ବ୍ରିଟିଶ କମାଣ୍ଡର ପଚାରିଲେ—ତମେ ଆଇ ଏନ୍ ଏ ରେ ଯୋଗଦେଲ କାହିଁକି!

ମିଠା ସିଂ - ହଜୁର, ସେଇଟା ମୋର ଗୋଟିଏ ଗୁଳଖି ଫନ୍ଦ ବାହାନା ଭାରବାର। ଯୋଗ ନ ଦେଇଥିଲେ ଜାପାନ କବଳରୁ କିପରି ମୁଁ ଏପଟକୁ ପଳେଇ ଆସି ପାରିଥାନ୍ତି? ରାଜାବାଗି କ୍ୟାମ୍ପରେ ହାବିଲଦାର ପଡ଼ିଥାନ୍ତି ସିନା! ତେଣେ ବଡ଼ ବେକୁବୀ ବାବା ଚନ୍ଦ୍ର ସାହେବଙ୍କୁ ଭଜି ଥାଆନ୍ତା। ଏମିତି କାମକୁ ସହଜ ସହାୟ ଆପଣ ପାଖରେ ନାହିଁ। ମୁଁ କେତେ ଦାମୀ ଦାମୀ ଜାପାନୀ ଖବର ଆଣିଛି।

କମାଣ୍ଡର କହିଲେ—ଦେଖ ମିଠା ସିଂ, ତମେ ଯେଉଁସବୁ ଖବର ଦେବ ସେଥିପାଇଁ ତମକୁ କିଛି ଟଙ୍କା ପଇସା ପୁରସ୍କାର ଦିଆଯିବ। କିନ୍ତୁ ପ୍ରଥମେ ତମେ ଆଇ ଏନ୍ ଏ ରେ ଯୋଗ ଦେଇଛ। ସେଥିପାଇଁ ତମକୁ କୋର୍ଟ ମାର୍ଶଲ କରି ଗୁଳିକରି ଦିଆଯିବ। ଜାପାନୀ ଖବର ଆଣି ଦେଇଛ ତମେ ଆଇ ଏନ୍ ଏ ରେ ଯୋଗ ଦେବା ପରେ। ତେଣୁ ପୁରସ୍କାରଟା ମଧ୍ୟ ପରେ ପାଇବ। ଆଗେ ତମକୁ ଗୁଳିକରି ଦିଆଯାଉ।

ମିଠା ସିଂ—ହଜୁର ଯାହା ବିଚାର କରିବେ। କିନ୍ତୁ କଥା ହେଉଛି—ଆମ ଶିଖ ଧର୍ମରେ 'ଶେଷ ଇଚ୍ଛା' ବୋଲି ନାହିଁ। ତେଣୁ ଆପଣଙ୍କର ଏଇ ବିଚାରଟାକୁ ଶେଷ ବିଚାର ବୋଲି ଧରି ନେଉଛି। ଇଂରେଜ ସରକାର ହେଉଛନ୍ତି ଭଗବାନ। ଆପଣ ହେଉଛନ୍ତି ଈଶ୍ୱର ପୁତ୍ର ଯୀଶୁ। ମୋର ଅପରାଧ ମାଫ୍ କରି ଦିଅନ୍ତୁ।

କମାଣ୍ଡର—ଏ ଅପରାଧ ବଡ଼ ଗୁରୁତର।

ମିଠା ସିଂ—ହଜୁର ତାହେଲେ ମରିବାବେଳେ ମୋ ଟଙ୍କାଟା ମୋତେ ଦିଅନ୍ତୁ ଯେମିତି ମୋ ମାଇପ ଟୋକା ଟୋକୀ ଘର ଚଳାଇ ସୁବ୍ୟବସ୍ଥା ହେବ।

କମାଣ୍ଡର—ତମ ସ୍ତ୍ରୀ ପାଖକୁ ପଠାଇ ଦିଆଯିବ।

ମିଠା ସିଂ—ହଜୁର ସେଇଟା କି ବିଚାର? ମୁଁ ମଲା ପରେ ମୋ ସ୍ତ୍ରୀ ଆଉ କାହାକୁ ବାହା ହେବ ନାହିଁ ବୋଲି କଣ ଭରସା? ମୋତେ ତ ନାହିଁ। ମୋ ଟଙ୍କାରେ ସେ କେଉଁ ଖାଇବ? ମୋତେ ମୋର ଘର କରିବାକୁ ଏ ଟଙ୍କା ଯେମିତି ନିଜର ହାତ ଯୋଗାଡ଼ ହେଉ।

କମାଣ୍ଡର—ଆଉ ପରଜନ୍ମ ହେବ କେଉଁଠି ହେବ ବୋଲି ଜାଣିଲ?

ମିଠା ସିଂ—"ହଜୁର ତେବେ ମୋ ସାଙ୍ଗରେ ପରଜନ୍ମ ଯାଏ ଚାଲନ୍ତୁ। ମୁଁ ଯେଉଁଠି ଜନ୍ମ ହେବି ସେଠା ଦେଶ ସାରା ବ୍ରିଟିଶ ସରକାର ଅଧୀନରେ ଉପନିବେଶ ହୋଇଥିବ।

କମାଣ୍ଡର—ମୁଁ ଦେଖୁଛି—ତମେ ବଡ଼ ବୁଦ୍ଧିଆ ଲୋକ। ସେଇ ପରିମାଣରେ ତମର ଯଦି ସାହସ ଥାଆନ୍ତା ତେବେ ତମେ ବଡ଼ କାମରେ ଆସନ୍ତ ଓ ମୁଁ ତମକୁ ଗଳ୍ପ କରି ଦିଅନ୍ତି। କିନ୍ତୁ ସାହସ ନଥାଇ ବୁଦ୍ଧି ଥିବା ଲୋକ ସରକାର ପକ୍ଷରେ ବିପଜ୍ଜନକ ହୁଅନ୍ତି। ତେଣୁ ତମକୁ ଗୁଳି କରିବା ଦରକାର।

ସୈନ୍ୟ—ହଜୁର, ମୋର ସାହସ ନାହିଁ ବୋଲି କିଏ କହିଲା? ହଜୁର ଯଦି ପରୀକ୍ଷା କରିବେ ସେ ପରୀକ୍ଷାରେ ପାସ ହେବାକୁ ପ୍ରସ୍ତୁତ।

କମାଣ୍ଡର—ପ୍ରସ୍ତୁତ? ଅଚ୍ଛା ତମେ ଠିଆ ହୁଅ। ଗୁଳି ଫୁଟିଲେ ଠିଆ ହୋଇ—ତମ ମୁଣ୍ଡର ଉପରେ ପାଗଡ଼ିକୁ ମୁଁ ଗୁଳି କରିବି। ତମେ ହଲେଇ ପାରିବନାହିଁ। ଏକ ଦୁଇ ତିନ୍ କହିଲେ ଗୁଳି ଫୁଟିବ। ତମର ଯଦି ଆଖି ପିଛୁଳା ବା ଘୁଞ୍ଚ ହେବ ତେବେ ଫେଲ ହୋଇଯିବ।

ସୈନ୍ୟ—ହଜୁର ତାପରେ ମୁଁ ବଞ୍ଚିବି ତ?

କମାଣ୍ଡର—ଅଲବତ୍ ବଞ୍ଚିବ। ବ୍ରିଟିଶ ଗୁଳିଏ। ଏ ବନ୍ଧୁକ୍ ମାରି ତାହାକୁ କେହି ଅଟକାଇପାରେ କି। ଠିଆ ହୁଅ—ଏକ—ଦୁଇ—

ସୈନ୍ୟ—ହଜୁର, ଟିକେ ରହନ୍ତୁ! ଆପଣ ବନ୍ଧୁକ ମାରିବାର କଥା। କିନ୍ତୁ ବନ୍ଧୁକ ଆଗରେ ସେ ସଙ୍ଗୀନ୍‌ଟା କାହିଁକି ଲଗେଇଛନ୍ତି? ସେଇଟା ଦେଖି ଭାବୁଛି—ମୁଁ ଗୁଳି ସହିବା ପାଇଁ ସାହସ କରିଛି—ସଙ୍ଗୀନ୍ ପାଇଁ ତ ସାହସ ରଖି ନାହିଁ। ତ୍ରିଯାମ ସାହସର ଏକା ସାଙ୍ଗରେ ରଖିବା ବଡ଼ ଶକ୍ତ କଥା। ସଙ୍ଗୀନ୍‌ଟା ଦେଖୁ ଦେଖୁ ମୋ ଅବସ୍ଥା ସଙ୍ଗୀନ୍।"

Digitized by srujanika@gmail.com

# ସଙ୍ଗିନ୍ ମୂନରେ କୁତ୍‌କୁତ୍

ବର୍ମାରେ ଜାପାନୀମାନଙ୍କର ପ୍ରଥମ ପଦ ପ୍ରକ୍ଷେପ ସମୟରେ ଗୋଟିଏ ଇଂରେଜ ସମ୍ବାଦ ପତ୍ରରେ ପ୍ରକାଶ ପାଇଲା—ହାଇକମାଣ୍ଡ ସୂଚନା ଦେଉଛନ୍ତି ଯେ ଆମ ସୈନ୍ୟମାନେ ଜାପାନୀ ସେନାଙ୍କୁ ପୂର୍ଣ୍ଣ ମାତ୍ରାରେ ପରାଜୟ ଦେଇଛନ୍ତି ଏବଂ ବର୍ତ୍ତମାନ ଜାପାନୀମାନେ ଅତ୍ୟନ୍ତ ଭୟ ବିହ୍ୱଳ ହୋଇ ଆମ ପଛେ ପଛେ ଗୋଡ଼ାଉଛନ୍ତି ।

× × × ×

ଖବର୍ ଯେ—ବଙ୍ଗଳା ଦୁର୍ଭିକ୍ଷ ସମୟରେ ଭାରତୀୟ ସୈନ୍ୟମାନଙ୍କ ଭିତରେ ପ୍ରଚଳିତ କୌଣସି ସଂବାଦ ପତ୍ରରେ ପ୍ରକାଶ ପାଇଲା—

ଜାପାନ ଆକ୍ରମଣର ପ୍ରତିବାଦ କରି ବଙ୍ଗବାସୀ ଅନଶନ ବ୍ରତ ଆରମ୍ଭ କରି ଦେଇଛନ୍ତି ।

× + + +

ଜାପାନ ଯୁଦ୍ଧ ସମୟରେ ଦିଲ୍ଲୀରେ ଗୋଟିଏ ଚିତ୍ର ପ୍ରଦର୍ଶନୀ ହେବାର ସମ୍ବାଦ ମିଳିଲା—ସେ ପ୍ରଦର୍ଶନୀରେ ଗୋଟିଏ ଚିତ୍ର ପ୍ରଥମ ପୁରସ୍କାର ପ୍ରାପ୍ତ ହୁଏ । ସେଥିରେ କୌଣସି ରେଖାପାତ ହୋଇ ନଥିଲା । କଳା ପର୍ଦ୍ଦା ଉପରେ କେବଳ ଲେଖାଥିଲା—ବ୍ରିଟିଶ ଦିଲ୍ଲୀର ଭବିଷ୍ୟତ !

× × + ×

ଭାରତ ମହାସାଗରରେ ଗୋଟିଏ ଇଂରେଜ ଜଳଡ଼ୁବ ଜାହାଜର ଦକ୍ଷିଣ ଭାଗ ଗୋଟିଏ ଜାପାନୀ ଟର୍ପେଡୋରେ ଧକ୍କା ଖାଇଲା । ଜଳଡ଼ୁବ ଜାହାଜର କପ୍ତାନ ଆଖିରେ ଦେଖିଲେ—ଟରପିଡୋ ଖଣ୍ଡ ଖଣ୍ଡ ହୋଇ ଚୂନା ହୋଇଗଲା ଓ ମାଛ ସବୁ ତାକୁ ଖାଦ୍ୟ ଭାବି ଚିଜି ଚବାଇଲେ ।

+ + +

"ସେନାପତି, ଯେଉଁ ଭାରତୀୟ କପ୍ତାନମାନଙ୍କର ଦେଶଦ୍ରୋହ ଅପରାଧରେ ବିଚାର ହେଉଛି ତାଙ୍କ ଭାଗ୍ୟରେ କ'ଣ ଅଛି ?"

"ମୁଁ କଣ କପ୍ତାନଙ୍କ କଥା ଚିନ୍ତା କରୁଛି—ଉଲଟା'ରୁ ଭାରତରେ ମୋ ଭଳି ସେନାପତିର ଭବିଷ୍ୟ କ'ଣ ହବ ସେଇ ଚିନ୍ତା ତ କଲେଇ ପଡ଼ୁଛି ମୋତେ ।"

+ × + +

"ପ୍ରଭୁ, ( ହିଟଲରଙ୍କୁ ) ଆମର ବନ୍ଦୀ ସେନା ପୂର୍ବ ଦିଗକୁ ଦ୍ରୁତ ଗତି କରୁଛନ୍ତି ।"

"ସୁସମ୍ବାଦ ।"

"କିନ୍ତୁ ମୁଁ ପଶ୍ଚିମ ରଣ କ୍ଷେତ୍ରର ସମ୍ବାଦ ଦେଉଛି ।"

× + + +

"ତମେ କପ୍ତାନ କେତେ ମଦ ଏକାଥରେ ପିଇ ପାର ?"

"କପ୍ତାନ, ପରିସ୍ଥିତି ଉପରେ ମଦ୍ୟପାନର ପରିମାଣ ନିର୍ଭର କରେ । ଉଦାହରଣ ସ୍ୱରୂପ କେଉଁ ସମାଜରେ ପିଇବାକୁ ହେବ କହନ୍ତୁ ?"

"ମନେ କରନ୍ତୁ ମିଶରର ଆମୋଦପ୍ରିୟ ମଣ୍ଡଳୀରେ—"

"ତା' ସହିତ ଚାଟ କ'ଣ ଥିବ ? ସାଦା ନା କଡ଼ା ?"

"ମଟନକରି, ମାଛ, ଅଙ୍ଗୁର, ମୁରବ୍ବା—"

"ଅଚ୍ଛା, ଏସବୁ ଖର୍ଚ୍ଚ କିଏ ଦବ ଆଗ କହିଲ ?"

"ଅବଶ୍ୟ ଅତିଥେୟୀ ନିମନ୍ତ୍ରଣକାରୀ ହିଁ ଦେବେ ।"

"କପ୍ତାନ, ସେ କ୍ଷେତ୍ରରେ ମୋର ମଦ୍ୟ ପାନର ଶକ୍ତି ଅସୀମ ।"

× × × ×

(ମଜାକଥା ପୂର୍ବପୃଷ୍ଠା ଉତ୍ତାରୁ)

କମାଣ୍ଡର—ଅଚ୍ଛା, ସଙ୍ଗୀନ୍ କାଢ଼ି ଦେଲ, ଏଥର ଟିଅ ହୋଇଯାଅ—ଏକ—ଦୁଇ—

ସୈନ୍ୟ—ଗୁଳିଟା ଠିକ୍ କଉ ଯାଗାରେ ବସିବ, କହି ଦିଅନ୍ତୁ । ମୁଁ ସେଇ ଯାଗାରେ ସାହସଟାକୁ ଏକାଠି କରି ରଖିବି—ତା ନ ହେଲେ—

କମାଣ୍ଡର—ଗୁଳି ଠିକ୍ ହେଲମେଟ ମଝିରେ ବସିବ ।

ସୈନିକ—ଦେଖନ୍ତୁ, ଟିକେ ଯଦି ଏପାଖ ସେପାଖ ହୁଏ, ତେବେ ମୁଁ ପ୍ରତିବାଦ କରିବି ଓ ଖତି ପୂରଣ ଦାବି କରିବି ।

କମାଣ୍ଡର—ଅଚ୍ଛା, ରେଡ଼ି—ଟେଡି, ଏକ—ଦୁଇ—ତିନ୍—

ଗୁଳି ଫାଏର ହୋଇଗଲା । ହେଲମେଟଟା ସୈନିକର ମୁଣ୍ଡରୁ ତଳେ ଖସି ପଡ଼ିଲା । ସୈନିକ ଟଳଚଳ ହେଲାନାହିଁ ।

"ସାବାସ୍ !" କହି କମାଣ୍ଡର ଯାଇ ସୈନିକର ପିଠିରେ ହାତ ମାରି ଦେଲେ । ସୈନିକ ତଥାପି ହଲିବାକୁ ନାହିଁ । ସ୍ତିମିତ କାଠ ।

କମାଣ୍ଡର ତାକୁ ହଲାଇ ଦେଲେ—"ମିଠା ସିଂ—ମିଠା ସିଂ !"

ମିଠା ସିଂ ଶୁଣିବାକୁ ନାହିଁ । ଡାକ୍ତର ଡକା ହେଲା । ଡାକ୍ତର ପରଖି ଦେଖିଲେ—ଜୀବ ବଞ୍ଚିଛି—କିନ୍ତୁ ଜ୍ଞାନ ନାହିଁ ।

ପାଣି ଛାଟିଲାରୁ ମିଠା ସିଂଙ୍କର ଚେତା ହେଲା । କମାଣ୍ଡର ରାଗି କରି କହିଲେ—"ତୁମ ଭଳି ଡରପୋକ୍ । ସାମାନ୍ୟ ଗୁଳି ଫୋଟରେ ଅଜ୍ଞାନ ହେଇଗଲ ?"

ସୈନିକ—ହଜୁର ଯେତେଜଣ କଳା ଆଦମ୍ ଇଂରେଜ ଫୌଜରେ ପଶିଛନ୍ତି ତାଙ୍କ ଭିତରୁ କେଉଁଟାର ଜ୍ଞାନ ଅଛି ଦେଖିଲେ ।

କମାଣ୍ଡର—ତମେ ବଡ଼ ଭୀରୁ—ସାହସ ନାହିଁ—ସେଥିପାଇଁ ପରନିନ୍ଦା କରୁଛ । ତମକୁ ଗୁଳି କରି ଦିଆଯିବ ।

ସୈନିକ—ହଜୁର କହିଥିଲେ ଗୁଳିଟେଲେ ଏପାଖ ସେପାଖ ହେବ ନାହିଁ—ଅଟିଏ ଚିହ୍ନ ପଡ଼ିବ ନାହିଁ । ମୁଁ ସେଇ ଦର୍ପ ଗାଳିଛ ନ ନାହିଁ ଦେଖନ୍ତୁ । ମୁଁ ସାହସଟାକୁ ଆଖିରେ ନେଇ ରଖି ଥିଲି ପରା ।

କମାଣ୍ଡର—ଅଛ ଦେଖ୍ । ତମର ବୁଦ୍ଧି ଦେଖି ମୁଁ ବଡ଼ ଖୁସିହେଲି । ମୋର ବିଶ୍ୱାସ ତମେ ଭବିଷ୍ୟତରେ ମୋ ଭଳି ଜଣେ ବଡ଼ କମାଣ୍ଡର ହୋଇ ପାରିବ । ତମକୁ ମୁଁ ଛାଡ଼ିଦେଲି, ଓ ପ୍ରମୋସନ ମଧ୍ୟ ଦେଲି ।

ସୈନିକ—ହଜୁର ମୋ ହେଲମେଟଟା ଯେ ଖରାପ ହୋଇଗଲା !

କମାଣ୍ଡର—ତମକୁ ଗୋଟେ ନୂଆ ହେଲମେଟ ଦିଆଯିବ ।

ସୈନିକ—ଖାଲି ହେଲମେଟ ନୁହେଁ—ନୂଆ ପ୍ୟାଣ୍ଟ ଗଣ୍ଡେ ମଧ୍ୟ କାରଣ ଏ ପ୍ୟାଣ୍ଟଟା ମଧ୍ୟ— ।

Digitized by srujanika@gmail.com



# କଦମ୍ କଦମ୍ ବଢ଼ାଏ ଯା’

ଲେଖକ:—
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସଦରରୁ ଅରଜେଣ୍ଟ କନେଷ୍ଟବଲ ଦୁଇଜଣ ଆସିଛନ୍ତି ଖୋଦ ପୁଲିସ ସାହେବଙ୍କ ଚିଠି ଧରି। ଚିଠିଟା ପଢ଼ି ବଡ଼ ମୁନସି ବାବୁଙ୍କ ମୁହଁଟା ମେଘୁଆ ଆକାଶ ପରି ଗମ୍ଭୀର ହୋଇ ଉଠିଲା। ଚୌକିରୁ ଉଠି ପଡ଼ି ବଡ଼ ଗମ୍ଭୀର ସ୍ୱରରେ ଡାକ ପାରିଲେ—ଚେତନ ସିଂ! ସଙ୍ଗେ ସଙ୍ଗେ ଚେତନ ସିଂ ଦଳଖିଆ ଖୈନିଟିକ ମୁଖ ଗହ୍ୱରକୁ ନିକ୍ଷେପ କରି ଜବାବ ଦେଇ ଧାଇଁ ଆସିଲା—‘ହଜୁର।’

“ଘୋଡ଼ା ତାବୁଡ଼ୋ ତୁରନ୍ତ—ଜଲଦି !”

ମାନ ମୁନସି ବାବୁ ଜମା ଦେଢ଼ମାସ ହେଲା ଜଏନ୍ କରିଛନ୍ତି—ସବଇନସପେକ୍ଟର। ଚାକିରି ଗୁଡ଼ିଏ ବର୍ଷେ ବି ଯାଇନାହିଁ। ଗ୍ର’ ଖାଇ ହାର ଅପଣା କ୍ୱାର୍ଟରର ବାହାର ଘରର ବିଛଣାରେ ମଜା କରି ଟାଣୁଥିବା ଅବସ୍ଥାରେ ଶରଚନ୍ଦ୍ର ମାନ, ଚେତନ ସିଂହର ତଲବ ପହଞ୍ଚିଲା। ବହିଟା ଥୋଇଦେଇ ଦାଉଦାଉ ହୋଇ ବାହାରି ଆସିଲେ।

ଥାନା ବାରଣ୍ଡାରେ ବଡ଼ବାବୁ ଅପେକ୍ଷା କରି ଛିଡ଼ା ହୋଇଛନ୍ତି। ଧୀର ଗମ୍ଭୀର। ଖଣ୍ଡେ ଦୂରରୁ ଡାକି କହିଲେ—“କେତେ ଧାମ ଚଢ଼ି ଶିଖିଲଣି ମୁଁ ଜାଣେ ବାବୁ?”

“ଆଜ୍ଞା ହଁ।”

“ଏବେ ଚାକିରି ହୋଷ୍ଟେଲ ନୁହେଁ—ପୁଲିସ ଥାନା। ସବୁବେଳେ ଇମର୍ଜେନ୍ସି ପାଇଁ ରେଡି ହୋଇ ରହିବାକୁ ପଡ଼ିବ। ଏଇ ଦେଖ—”

ଏହା କହି ସଦରରୁ ଆସି ପହଞ୍ଚିଥିବା ଖଇଗି ସିପାହିମାନଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କଲେ।

ମୁକୁଳି ଯେଉଁଆଡ଼କୁ ଚାହିଁଲେ ମାନେ ବଡ଼ବାବୁ ଗଭୀରତମ ସ୍ୱରରେ କହିଲେ—“ଛସଅଡ଼ ଜଣ ସ୍ୱହିତ ମ—ଇଅଟେଭ ଦେଖ ଅଛ।”

ସାନବାବୁଙ୍କ ଚେହେରା ଦୃଷ୍ଟି ବଡ଼ବାବୁଙ୍କ ଉପରେ ପଡ଼ିଲାକ୍ଷଣି ସେ କାଗଜ ଖଣ୍ଡି ହୋଇ ଦେଲେ ତାଙ୍କ ହାତକୁ।

କାଗଜ ଖଣ୍ଡି ସେ ହାତକୁ ନେଇ ପଢ଼ିଲେ। ଚ’ଥାଡ଼ ଲେଖା। ପଢ଼ି ସାରି ବଡ଼ବାବୁଙ୍କ ଆଡ଼କୁ ଚାହିଁଲେ।

“ଦେଖିବା ପରେ ବୁଝୁଛ କଣ! ବାହାର ଅସ, ଏଇ ୨.୫ ମିନିଟ ଭିତରେ। ଦେଖୁନ ଲାଲ କାଳିରେ ଲେଖା ଅଛି—ଅର୍ଜେଣ୍ଟ !”

“ମଥୁନପୁର—ଅନେକ ଦୂର ଯେ !”

ବଡ଼ବାବୁ ଦୁଇ ପାଖ ଝୁଲାଇ କରି ହାଃ—ହାଃ କରି ହସି ଉଠିଲେ। “ଖବର, ବାବା ଖବର। ଇମିଡ ମିମିଡ ନୁହେଁ—ଏକଦମ ପୁଲିସ ଖବର। ଚମ ଫୁଟବଲ ଖେଳ ନୁହେଁ।”

“କିନ୍ତୁ—”

“କିନ୍ତୁ ଫିନ୍ତୁ ନୁହେଁ—ସିବାଲ୍‌ର ହବ ଘମିଡ଼ଏଙ୍କ।”

“କିନ୍ତୁ ଏସବୁ ରେସପନସିବଲ୍ କାମରେ······”

“ହେଃ—ହେଃ—ରେସପନସିବଲ କଣ ଗଛରୁ ଫଳେ ? ଦେଲେ ପରି କରେ ଲୋକେ ! ଇଫ୍ ୟୁ ମ୍ୟାନ୍ ଡେମ—ଯା—ଯା—ଏଇପରି କାମରେ ଏଫିସିଏନ୍ସି ଦେଖାଇ ପାରିଲେ ଠିକ୍ ପ୍ରମୋସନ। ଗ୍ଲୋରି—ଗ୍ଲୋରି—a good chance—a life's chance ଏ ସୁଯୋଗ ଛାଡ଼ ନାହିଁ। ନିଜର ସ୍ୱାନ୍ତି ଓ ଏଇ ସୋଲଜର ସ୍ପିରିଟରେ ତୁମର କ୍ୟାରିୟର ଗଢ଼ିଉଠିବ।”

“ତଥାପି······”

“ଆରେ ଯାଃ—ଭୟ କରୁଛ ପରା ! କିସ କଣ ? ତୁମ ସାଙ୍ଗରେ ଦଶ ବନ୍ଧୁକଧାରୀ, ହାତରେ ପିସ୍ତଲ, ତୁମ ପଛରେ ହେଲ ଟ୍ରେନିଂ ପାଇଥିବା—ତେବେ କଣ ?”

“କିନ୍ତୁ ଏ କନଷ୍ଟବଲମାନେ ତ ଗାଁଲୋକଙ୍କୁ ଏଯାବତ—”

“ଚେଷ୍ଟାକଲ ତମର ଏତେ ଭୟକା କାହିଁକି ? ଓଃ କିଛି ଖାଉନ ହେ ! କିନ୍ତୁ my boy, ପୁଲିସ ଖବର କେବଳ ଏସବୁ ବ୍ରେକ କରିବାକୁ ହୁଏନା। ତୁମ ପାଇଁ ଇସ୍ପେକ୍ଟ ଟ୍ରେନିଂଯାକ ପଡ଼ିବ। ଶାଳ ଘୋଡ଼ାରେ ନେଇ ପାରିବେ ହେଲା। ଅଚ୍ଛା, ତୁମ ସାଙ୍ଗରେ ଅମ ଥାନାର ପୁରୁଣା ସିପାହି ଦୁଇଜଣ ବି ଯାଆନ୍ତୁ। ଗାଉଁଲିଆ ଭାବନା ହେବ ନାହିଁ।”

“ଆମେ ଠିକ୍ ସମୟରେ ପହଞ୍ଚି ପାରିବୁ ତ ?”

“ନିଶ୍ଚୟ ପାରିବ। ଅବଶ୍ୟ ସମ୍ଭବଲ୍‌ରେ ନୁହେଁ। ପୁଲିସର ଅସାଧ୍ୟ କଣ ? ହାଃ—ହାଃ—ଅଚ୍ଛା, ମୁଁ ତାର ବନ୍ଦୋବସ୍ତ କରି

Digitized by srujanika@gmail.com

କବିତା—

# ଦେବୀ ସତ୍ୟବତୀ ମୃତ୍ୟୁ

—ରଜନୀକାନ୍ତ ଦାସ

ଦେବୀ ସତ୍ୟବତୀ ମୃତ୍ୟୁ ··· ···ଗର୍ବ କା'ଣ ?
ଗର୍ବଭର ଫିରିଙ୍ଗି ଦପ୍ତର ·····
ଫିରିଙ୍ଗି ଦପ୍ତର ଯୋଗ୍ୟ ଅସ୍ପୃଶ୍ୟାଧୀ କଳଙ୍କ, ଗଣ,
ଶ୍ମଶାନର ଉପକଣ୍ଠେ ଅଟେ ଆଜ ତବ ଆଲୋଚନ—
ସତ୍ୟବତୀ ମୃତ୍ୟୁ କାହା ·····। ଅଟେ ତବ ଭୀଷଣ ପରୀକ୍ଷା—
ପ୍ରଚଣ୍ଡ ତୋରଣ ପଥ ସ୍ୱେଚ୍ଛାଚାରୀ ନାହିଁ ଆଉ ରକ୍ଷା ।
ଫିରିଙ୍ଗି ଦପ୍ତର ପେଷା, ଫାଇଲର ଅନୁକମ୍ପା ଦୂର,
ଧରିଲଣି ଯକ୍ଷ୍ମାରୋଗ, କେହୋ ଆଉ ନାହିଁ ହେ ଉଦ୍ଧାର ।
ଛୁଟି ଆସେ ମୁକ୍ତିବାର୍ତ୍ତା', ହେ ମନ୍ତ୍ରୀର ସ୍ୱପ୍ନସେବୀ ଦଳ,
ଆଲୋକ ବଂଚିତ ଅନ୍ଧ,—ଆଲୋଚନରେ ଶଂକିତ ଶିଥିଳ
ଭୁଲ ତମେ ପାରିବକି ନାହିଁ ·····
ପଥ ତମ ଚାହିଁ······
ହେ ଚିହ୍ନି ମନାଇ······

ଦିଲ୍ଲୀର କରାଣୀ ବ୍ୟୂହେ, ଆଜି କିମ୍ପା ଗମ୍ଭୀର ମନ୍ତ୍ରଣା
ନାଲ-ଦୁର୍ଗ ଭେଦ, କରି ବୋମ୍ବୟାଏ ଲୋକର ଝଙ୍କଣା,
ତା ଅପର କାନ୍ଥ ଭାଙ୍ଗି ସେନାଇର କିବା ଅପ୍ରୟୋଜନ,
ହେ ଫିରିଙ୍ଗି ରଜଦୂର ଭୋଟଲକ୍ଷୀ ଲୁଭୀଅ ଉପନ—
ସତ୍ୟବତୀ ମୃତ୍ୟୁ ସନେ ବଜ୍ରପାତ କେବଳ ଶୂନ୍ୟ ?
ଅମୃତ ସନ୍ତାନ !—
ହେ ଏହ ଅସୀ······
ଜାଙ୍କର ମନ୍ୟାଦୀ ! !

## ହୋଲି

—କୁମାରୀ ଇନ୍ଦିରା

ଆଜି କଣ ପୁଣି ହୋଲି ପୁଣି କେଙ୍ଗ ପିଚକାରୀ,
କଥାଇଁ ଆସିଛୁ ସେଇ ନୀର ନିର୍ଜୀବ ଧାରା !
ଆଖିରେ ଯୌବନ ମଦ ତଥାପି ଦାରିଦ୍ର୍ୟ ମଦ
ତଥାପି ଘାତକ ସେଇ ହୃଦୟର ଅଧିକାର ।
ଭାରତରେ ନାହିଁ ଆଜି ସେ ଦିନର ସେ ରଙ୍ଗିଣୀ
ସେ ଦିନର ନାଁ ଆଜି ଜନତ ଅବା ଲିଭିଲାଣି

ମୋଲାମ ଏ ଦେଶବାସୀ କି ଫଗୁ ଖେଳିବେ ଆଜି
ନରେ କି ହସିବେ ହସ ପରଠାରୁ ମାଟିଆଣି !
ତଥାପି ଆସିଛୁ ହୋଲି ଏ କି ତାର ଅଭିସାର,
ମଣିଷ କଳିଲା ଥାଉ ବୁହାଇ ରକତ ଧାର,
ନ ଜାଣି ସେ ମେଣ୍ଢାଘର ଜଳାଏ ମଣିଷ ଗଡ଼,
ପାଗଳ ଦୁନିଆ ଦେଖ ଏ କି ତାର ଅତ୍ୟାଚାର !

Digitized by srujanika@gmail.com




ନୂଆ ଶାସନର ଲାଗି ଦେଶ ଅନା ଶାସନ ଚାଲି ଚାଲି ଏମନ୍ତ ଜଗତ ଦେଖିଲେ ଯେ ଓଡ଼ିଆ ସନ୍ତାନ—ଅଣ୍ଟା ଦୋହଲାଇଥିଲେ ସୁଣି ଯାଇଥିଲେ। ଏବେ ଉଡ଼ିଆ ଉଡ଼ିମା ନ ହୋଇ ବାକ୍ସି ସରୁଚନ୍ଦ୍ରିମା ହୋଇଲା। ପଦ ଉତ୍ତିଷ୍ଠି ମାଧବ ଓଡ଼ିଶାର ଦୁର୍ଗଙ୍କ ଶକ୍ତିର ଦୃଷ୍ଟି ପଡ଼ିଲା।

ପାଞ୍ଚ ଜିଲ୍ଲାରେ ମାର୍ଚ୍ଚ, ଦେଶୀ ତଥା ଦ୍ୱୀପୀୟ ଜନତାମାନଙ୍କର ମତ ନିଆଯାଇ ହୋଇଲା। ସାନ ସମ୍ବାଦ ପାଇଲା ଓଡ଼ିଶା ପଦବୀ ଲଭି, ଅଷ୍ଟିଆ ବାହାର ପାଇଲା ଭଲ ଧାର ଘୋଷଣାପତ୍ର, ବରଦ୍ ସମ୍ବଲପୁର ଗ୍ରାମସଭା ପର୍ଯ୍ୟନ୍ତ ପ୍ରାପ୍ତ ହୋଇଲେ ସବୁ ଗୁଣ ଶ୍ରେଷ୍ଠ ଏମନ୍ତ ଉଦ୍‌ଭୂତ ବ୍ୟକ୍ତି। ପୁଣି ସମ୍ମାନରେ ସେ ତଥା ଜେଲାଙ୍କ ଛଡ଼ା ଏମନ୍ତ ପୁଣ୍ୟ ଫଳ ଏବେ ବି ହୋଇଛି। ତାଙ୍କ ତାଳଚେରରୁ ଶୁଦ୍ଧ ସ୍ନାନ ହୁଅନ୍ତେ ନିଷ୍ପୁଅ ଦାନପତ୍ର ଡଉମାଲ୍ୟ ମିଳିଲା। ଏମନ୍ତେ ପାଞ୍ଚ ଜିଲ୍ଲାର ଜନତାର ସାଙ୍ଗ କଂଗ୍ରେସବାଲାଙ୍କୁହିଁ ପ୍ରାପ୍ତ ହୋଇଲା।

କଟକ ଜିଲ୍ଲାବୋର୍ଡ଼ ମାଷ୍ଟରଙ୍କ ଡାକ୍ତର ହୋଇଛନ୍ତି—ଗଞ୍ଜାମ ବୋର୍ଡ଼ ଉଦ୍‌ଘାଟନ୍ ହୋଇଥିଲେ ବାଲେଶ୍ୱର ସସ୍ତା ଘାଟରେ ଖେଳିଲା ଶିଳା ସ୍ଥାପନା କଲେ—ପୁଣ ସମ୍ବଲପୁର ସମ୍ବାଦ ଶ୍ରୁତିର ଗୋଟିଏ ନୋହିଲା।

ଏକ ପକ୍ଷରେ ଶ୍ରୀ ଦୁରେଇକୃଷ୍ଣ ଅନ୍ୟ ପକ୍ଷରେ ସରକାର, ସମାଜ ତଥା ସାହୁ ଏମନ୍ତେ ଏକ'ହ'ବାର ଛନ'ସ'ବାର ସ୍ୱଭଳ ସମସ୍ୟା ଦେଖି ଜଣାଇ ବାଘ ଭଗାଣୀ ହୋଇ। ଅର୍ଥଶାସ୍ତ୍ର ପାରଙ୍ଗମ ଲୋକ ସରକାର ବୁଝିବାକୁ ଉଚିତ ହୁଅନ୍ତେ ଦୁରେଇକୃଷ୍ଣ ଦୁରେଇକୃଷ୍ଣ ରହିଲେ।

ଅସ୍ଥାୟୀ ସୀମାନ୍ତରେ କଂଗ୍ରେସ ମନ୍ତ୍ରୀ ଗଠିତ ହୋଇଲେ। ପାଠ ସ୍ଥାନର ଦୂର ବାଟ ହୋଇ ପଡ଼ିଲା। ଏମନ୍ତେ ଉଂରଜ ସରକାର ହାତ ଉଠାଇ ପାଞ୍ଚଗଣ୍ଡିତ ପଦ୍ୟୋଧ ଶାସ୍ତ୍ରାଦି ସ୍ୱାସ୍ଥ୍ୟ ହୋଇବାର ଦେଖି ଚିନ୍ତାରେ ମୂଳ ସଞ୍ଜୀବନୀ ଦେଲେ। ମାଷ ପଞ୍ଜାବରେ ତାହା ନୋହି ପାରିଲା। କଂଗ୍ରେସ ଭଜନମ୍ପଦଙ୍କ ଅଜଳୀ ନିଶି ଧରି ପାଦସ୍ଥାନ ଲଭିବାକୁ ଗ୍ରାସ କରି ଦର୍ଶନ ପାଳନା କଲେ। ଏମନ୍ତେ ଜଳା ସାହେବ ପୁଣି ଧନ୍ୟଧନ୍ୟ ନାଚିବାକୁ ବାଜଣା ଉଚ୍ଚା ହୋଇ ରହିଲା।

ତ୍ରିପୁରୀରେ କଂଗ୍ରେସର ଜୟ ଜୟକାର ହୋଇଲା। ଓଡ଼ିଶାରୁ ନିର୍ବାଚନରେ ୩୪ ଜଣ ସଭ୍ୟ ଅସେମ୍ବ୍ଲିକୁ ଗଲେ ହୋଇଲେ। ବାକି ଲଢ଼ାଇକୁ ଗାଣ୍ଡୀବ ବାଣ ଯୋଗାଡ଼ ହେଲା।

ପାଞ୍ଚ ଅସ୍ଥାୟୀ ବର୍ଷ ମାନ୍ଦ୍ରାଜ ପଞ୍ଚମ ଜଣ କଂଗ୍ରେସଙ୍କୁ ମାନ୍ଦ୍ରାଜ ମୂଳରେ ରାଜଗୋପାଳ ଚାମ ଧରି ଫୁଟାନ୍ତି ତାଙ୍କ ଘୋଡ଼ା ଘୋଡ଼ା ଲଢ଼ାଇବା ପାଇଁ ଡାକିଲା ନେତାଏ ଗଳପାଳ ବସିଲେ।

ଜାତୀୟ କର୍ମସ୍ୱର ହୋଇଲା ପେଃ ଦେଶାର ସମ୍ପତ୍ତି ଧରି ବେଳୋନ୍ତେ ଧର୍ମାବତାର ସରକାର ଧର୍ମତତ୍ତ୍ୱରେ ମଜ୍ଜିଲା ମାରିଲେ।

କଲିକତା, ବମ୍ବେ, ମାନ୍ଦ୍ରାଜ ବଙ୍ଗ ସବୁଅଞ୍ଚଳ ଅନ୍ତ୍ରୀଣ ଶାନ୍ତ ସ୍ୱଳା ଗୁନ୍ତୁର ଗୁନ୍ତୁର ଚର୍ଚ୍ଚିଲା।

ପାରସ୍ୟକୁ ରୁଷିଆର ଦେଶପ୍ରେମ ପ୍ରବଳ ହୁଅନ୍ତି ସାମ୍ରାଜ୍ୟ ପ୍ରେମୀ ଇଂଲଣ୍ଡର ଦୁହେଁ ହେଲେ।

ସୁପ୍ରବୃତ୍ତଶୀଳୀ ରୁଷ ସରକାର ଅଃମ ବନ ଭୂମି ଦୁର୍ଗକୁ ହାତ କରିବା ନିମନ୍ତେ ବାଲିନିଭାରେ ଅରୁଣାର ବନ୍ଧନ ସମ୍ବନ୍ଧରେ ଜର୍ମାନ କର୍ମିଜାଙ୍କ ଚିନ୍ତାଗ୍ରସ୍ତ ହୋଇଲେ।

ଅଭ୍ୟୁଣା ଅସ୍ୱପନ ମୁଦ୍ରାପତ୍ର ବସ୍ତ୍ରାଦ କର୍ମୀଙ୍କ ଗ୍ରାମରେ ଗ୍ରହଣ ନାଗ ମାତ୍ର ଏବେ ପୁରୁଣାଙ୍କ ପ୍ରବଳ ହୋଇଲା। ହଠାତ୍ ଦାନ ହେବାର ବ୍ୟାପକ ଶୀଘ୍ର କମ୍ୟୁନିଷ୍ଟଦଳ ଅସିବାକୁ ସ୍ଥିର ହୋଇଲା।

ପଣ୍ଡିତ ଗୋଦାବରୀଶ ମିଶ୍ର ବାନପ୍ରସ୍ଥ ଅବଲମ୍ବନ କେତେଥର ବରବାକୁ ପ୍ରାଚ୍ୟୋପବେଶନ କରି ପୁଣି ଜନ୍ମମାତର ଅନୁରୋଧ ଏଡ଼ି ନ ପାରିଲେ। ଦେଶ ବନ୍ଧୁଙ୍କଠାରୁ ପାପରୁ ଉଦ୍ଧାର ହୋଇଲା।

ଓଡ଼ିଶା ଡାକ୍ତରମାନେ କଟକ ନଗରରେ ଯଜ୍ଞ କରନ୍ତେ ତ୍ରିପୁରୀରେ ମହାମାରୀ ପ୍ରତିରୋଧ ମୂଳକ ବ୍ୟବସ୍ଥା ଅବଲମ୍ବ କଲେ।

ସାଙ୍ଗ ମହାତ୍ମା ଜପତପ ଅଧିକ ଦେଖି ବଢ଼ନ୍ତେ ପ୍ରେମିକ ପ୍ରେମିକାମାନେ ପ୍ରତିବାଦ କରି ଫୁଲ ସିନେମା ଥିଏଟରରେ ସେବା ସେବ ହୋଇଲେ।

କଟକ ଜିଲ୍ଲାର ଏଣ୍ଟ୍ରି ସରକାର ରିପୋର୍ଟ ହୋଇବାର ସର୍ବାଧିକ ସଂଖ୍ୟା ମର୍ଦ୍ଦିତ ବନାଶ ହେବାରୁ ମର୍ଦ୍ଦିତ ଦେଶର ଭୂମି ଧନ୍ୟ ହୋଇଲା ଏବଂ ତ କଟକବାସୀ ଦୃଢ଼ଭାବ ପରହଂସ୍ୱରୂପ ଭୂଷିତ ହୋଇଲେ।

ପ୍ରିୟ ପୁରୁଷ ପୁନଃମନ୍ତ୍ରୀମାନଙ୍କ ଲୋକ ସାହେବ ବର୍ଣ୍ଣନ କହାର ଭକ୍ତ ମଧ୍ୟରେ ଧନ୍ୟବାଦ ପ୍ରାପ୍ତ ହୋଇଲେ।

ସଂଯୁକ୍ତ ଟୋଗରେ ଓଡ଼ିଶା ଯୋଜନା ସେବ ଖଣ୍ଡୀରେ କଲୁ ଦେଶଜନାତନ୍ତ୍ର ନ୍ୟୋବାର୍ଣ୍ଣ ପ୍ରସ୍ତୁତ କଲେ।

ତାହାର ଉଡ଼ାରେ ପାର୍ଟିନ ସନ୍ତ୍ର ଶ୍ରେଭନ୍ତେ ଉଠିବାର ସମ୍ଭାବ ନିଜକୁ ଦେଖେ ବଲିଷ୍ଠ ହେବାର ଉଦ୍ୟାନ ହୋଇଲା। ଦେବନ୍ତୁ ଦେବାର କ୍ଷମତା ନଥାଇ ଦେବାର କ୍ଷମତାକୁ ଧନ୍ୟ ହୋଇବା। ଯହାର ଦେବକୁ ଆଉ ତାକୁ ଦେବତା ବ୍ୟକ୍ତି ଦେହ ନେଇ ନପାରିଲା। ତେଣୁ ପାର୍ଟିର ଭାରି କଟକାଳିର ଦେବତା ହୋଇଲେ। ଅସମ୍ଭବ ସ୍ୱର୍ଗ ହୋଇଲା।

——※——

Digitized by srujanika@gmail.com

ଡାକୁଛି । ଚେତନ ସିଂ, ଚେତନ ସିଂ !"

ଚେତନ୍ ସିଂ ଆସିଲା ।

"ତୁମ୍ ଅଭି ଯାଓ, ଏ ଦୋନୋ ସିପାହି ଲେକେ ଲେଫ୍ଟେନେଣ୍ଟ ସାହିବ୍ ଯାନା । ଉନ୍ ଲୋଗୋଁକା ଯାନା, ମିନା ସବ୍ ଦେଖନା । ଉସ ସମୟମେ ମାର ପିଟ୍ ହୋନେ ସେ ସବ୍ ସେଖ୍ ଖାର ଉତାର ଦେନା । ସରକାରୀକା କାମ । ସମଝା ?"

"ଜି, ହଜୁର ।"

"ଯାଓ, ଜଲଦି କରୋ; ପାଞ୍ଚ ମିନିଟ୍ ମେ ତୈୟାର ହୋଯାଓ ।"

\+ \+ × \+

ମଃର ଚତୁ ଛୁଟି ସୁକାନ୍ତ ଚଉଡାର ଦାଣ୍ଡ ଧରି ଚାଲିବା ଲାଗିଲା । ଡ୍ରାଇଭର ପାଖ ସିଟ୍‌ରେ ବସିଛନ୍ତି ପୁଲ୍ ରେଞ୍ଜପରମ ଅଭିଜ୍ଞ ହୋଇ ସବ୍ ଇନ୍‌ସପେକ୍ଟର ସୁକାନ୍ତ । ସୁକାନ୍ତର ମନରେ ଅନେକ ଗୋଟାଏ ଘଟଣାର ଦାଗ । ଚନ୍ଦ୍ରବାବୁ କହିଛନ୍ତି "Life's Chance !" କଥାଟାରେ ଗୋଟାଏ ବିଶେଷ ଇଙ୍ଗିତ ରହିଛି । ନିଜର ସ୍ୱାର୍ଥ ନୁହେଁ ତ କଣ ! ସ୍କୁଲ କଲେଜ ଅଫିସ ସୌଖିନ ଦଳର ପାଳନ କରିବେ । ଛୁଟି ଦେଇ ପଢ଼ାଇବା ହେବ ନିଶ୍ଚୟ । କଂଗ୍ରେସବାଲା ଯେ ଅଛନ୍ତି ଏଥିରେ ସନ୍ଦେହ ନାହିଁ । × × × × ଗାନ୍ଧି ବାଣୀ ସ୍କୁଲ୍‌ଫିଲ୍ ଥିବେ ? ଗାନ୍ଧିବାଲା ଯେତେବେଳେ ଅଛନ୍ତି, ନିଶ୍ଚୟ ତାଁ ଲୋକ ବି ଥିବେ କହୁଛ । × × × × ସେମାନେ ପ୍ରୋସେସନ କରିବେ—ମିଟିଂ କରିବେ—ବକ୍ତୃତା ଦେବେ—ଲୋକେ ଉତ୍ତେଜିତ ହେବେ—Law & Order ଭାଙ୍ଗିବ । ଶାନ୍ତି, ଶୃଙ୍ଖଳା ରକ୍ଷା କରିବା ମୋର ଉଚିତ । ସେଥିପାଇଁ ଅମର ଚାକିରି । ମିଛରେ କଣ ସରକାର ମୁଠା ମୁଠା ଟଙ୍କା ଦେଇ ଅମକୁ ରଖିଛି ! Duty, Duty—କର୍ତ୍ତବ୍ୟ !

ସୁକାନ୍ତ ମନରେ ଏହିପରି କେତେ କଣ ଭାବି ଯାଉଛି । ତାର କ୍ରୋଧ କ୍ରୋଧ ଥାଇଁ ସୁକାନ୍ତ ମଃର ଗାଡ଼ି ବେଗ ସାଙ୍ଗରେ ଟକ୍କର ଦେଉ ।

ତାକୁପରି ସେ ବି ଧଳା ରଙ୍ଗ । ଗାଲ ରଙ୍ଗ ନୁହେଁ, କଠୋର ଭାବ ମୁଖିଆ ରଙ୍ଗ । ନାଚ ପ୍ରସେସନ ଲିଡ୍ କରିଛି । ପୁଲିସର ମାଇଲ୍‌ଡ କଟି ସ୍ୱର୍ଗର ମିଠା ଅସ୍ୱାଦନ ଲୁଟିଛି । ସଭାରେ ଗରମ ଗରମ ବକ୍ତୃତା ଦେଉଛି । ଉଃ, ସେତେବେଳେ କ ଉତ୍ତେଜନା ! ସେକଥା ମନେ ପଡ଼ିବା ବେଳକୁ ଛାତିଟା ଫୁଲି ଫୁଲି ଉଠୁଛି ।

କିନ୍ତୁ ଅଜ ସେ କଣ ? ସେ ନିଜେ ସୁକାନ୍ତ ସମସ୍ତ ପୁଲିସ ଫଉଜର ନେତୃତ୍ୱ ନେଇ ଖାସ ପଟ୍ଟିର ଅଟକାଇବ, ମିଟିଂ ଭାଙ୍ଗିବ, ଲାଠିମାଡ଼ ପଡ଼ାଇବା ଛଡ଼ାଇବ । ଅଃ, ଅଃ—ଚାକିରି ପାଇଲେ କରିବ କଟି କର୍ମ ! ଉନ୍ନତିର ନାଁ ତ ଶିକ୍ଷା—ସବୁ କାମକୁ ପାଉସଫଣ ।

\+ \+ \+ \+

ଅଚ୍ଛା, ଯଦି ଚାକିରି ଯିବ ! ଏପରି କାମରେ ଚାକିରି ତ ହେବା ସ୍ୱାଭାବିକ । ଉତ୍ତେଜିତ ଜନତାକୁ ବାଧା ଦେଲେ ପ୍ରତିବାଧା ପାଇବା ବଡ ଆଶ୍ଚର୍ଯ୍ୟ ନୁହେଁ । + + + ସେତେବେଳେ ସେ କଣ କରିବ ?

ଏକଥା ଭାବିଲା ମାତ୍ରେ ହଠାତ୍ ତାର ଗୋଟିଏ ପୁରୁଣା କଥା ଅଣ୍ଡାନ୍ଧାରର କଠିନ ଦେହର ଉପରେ ତାର ହାତ ପଡ଼ିଗଲା । ମାଲୁମ କରିନେଲା ସେ—ତା ଅନ୍ଧାରର ଟିକ୍ ଅନ୍ତ—ଗତଗନ୍ତ ଅଗ୍ନିଗୋଳକ ପେଟରେ ପଶିଲା । ଝଟିଲା ମାତ୍ରକେ କରିବ ଉଦ୍‌ଗୀରଣ । ହେଉଁଟା ତାର ଶିହରି ଉଠିଲା ।

ମନେ ପଡ଼ିଲା ଚନ୍ଦ୍ରବାବୁଙ୍କ ଉପଦେଶ ବାକ୍ୟ—"Life's Chance !" ସତେ, life's chance ତ ! ଏ Chance ଛାଡ଼ିଲେ ଅଉ ପୁଣି ମିଳିବା ସହଜ ନୁହେଁ । ଜୀବନରେ ଏପରି ସୁଯୋଗ ଥରେ ମାତ୍ର ମଣିଷକୁ ମିଳେ । ସେ ଦେବେ ହେବ ନାହିଁ; ଦେବ ନା, ଦେବ ନା ।

ଅଚ୍ଛା, ଯଦି ସେପରି ସୁବିଧା ନ ମିଳେ—ତେବେ । ଉଃ, ସୁବିଧା ସେ କରି ନେବ ଅବେ । ତାହାରି ପରି କେତେ ପୁଲିସ ଅଫିସର ତ ପୁଣି ନଥିଲା କେଉଁଠାରେ ଅପଣାଯ ସୁବିଧା କରି ନେଇ ନାଁ ମାରିଛନ୍ତି । ସେ କାହିଁକି ନ ପାରିବ !

\+ \+ \+ କିନ୍ତୁ·····ଦେଶ !·····ଉଃ—ଦେଶପ୍ରୀତି କରିବା ପାଇଁ, ଦେଶର କାମ କରିବା ପାଇଁ ବେଳ ଅଛି ତେବେ ! ନିଜେ ବଡ ହୋଇ ପାରିଲେ ତ ଭଲ କରି ଦେଶର କାମ କରି ହେବ । ଅଜ ନିଃସ୍ୱ, କାହାକୁ ଦୋଷ ଦେଇ ଦେଶ କାମ କଣ କରି ପାରିବ ସେ ? ସେଇଟା ଗାଲି କାହାଣୀ । × × × ଅଜ, ଅଜ—ଏପରି ଗୋଟାଏ କାମ କରିଯିବ ସେ, ଯାହାଁ ଥିରେ ଦେଶ ତମାମ ତା ନାମରେ ଧନ୍ୟ ଧନ୍ୟ ଡାକିଯିବ. ଏପରିକି ଇତିହାସରେ ଲେଖାଯିବ ନାହିଁ । ଅଉ ଫଳ ମିଳିଯିବ ତା ସାଙ୍ଗରେ—ପ୍ରମୋସନ୍, ମେଡାଲ୍,—ଅଉ କଣ କଏ ଜାଣେ ! ଏଥିପାଇଁ ତ ଗୁହାର କରୁଛି ସେ—ଏଇଟା ଇଚ୍ଛା ତାର ଉଚିତ । ତେବେ କରିବ·····

ହଠାତ୍ ପଛପଟୁ ଜଣେ ସିପାହି ଗାଇ ଉଠିଲା—

"କଦମ୍ କଦମ୍ ବଢ଼ାୟେ ଯା
ଖୁସୀକେ ଗୀତ ଗାୟେ ଯା—

ସୁକାନ୍ତ ଟେମ୍ପୋ ପଛ ପଟକୁ ଚାହିଁଦେଲା ମାତ୍ରେ ତ ହଠାତ୍ ସିପାହି ସମସ୍ତଙ୍କର ପାଳ ଧରି ଗାଇ ଉଠିଲେ—

"କଦମ୍ କଦମ୍ ବଢ଼ାଏ ଯା—
ଖୁସୀକେ ଗୀତ ଗାୟେ ଯା·····"

ସାନ ମୁନସିବାବୁ ଚକ୍ରାର ଥାଉ ତାର ଅନ୍ଧାଟାଏ ଗାଇ ପଡ଼ିଲା ନେହାତ ହୋଇ ।

କହ୍ ସୁକାନ୍ତ ହୁ ହୁ କରି । ତାର ବେଗରେ ଚେଦମ୍ ହୋଇ ସିପାହିମାନଙ୍କ ଗୀତ କି ସୁକାନ୍ତ ମଃର ବହୁ ଗଛ ସାଙ୍ଗରେ କଦମ୍ ପକାଉ ଚେଦମ୍ । ସୁକାନ୍ତ ବାବୁଙ୍କ ଶିସ ନିଶରେ ଭକ୍ତିର ପ୍ରବାହ ବହିବାକୁ ଲାଗିଲା ଚେଦମ୍ ।

\+ \+ \+ \+

ମୁନସିବାବୁଙ୍କ ହୃଦୟରେ ହଠାତ୍ ବାଡ଼ ବନ୍ଦ ହେଲା । ଦେଖା-

Digitized by srujanika@gmail.com

ନ ହିଁ ରଙ୍ଗ ପତାକା ଧରି ଏକ ବୃହତ ଜନ୍ତୁର ଉପରେ ବସି ସେହି ଅଗ୍ରସର ହେଉଛି ।

ମୁକ୍ତି ଅପଣା ସାଥୀଙ୍କୁ ଡାକିବ ଜୋରରେ ଚିତ୍କାର କଲେ—"ଜୟ ହିନ୍ଦ୍ ।"

ଅଦେଶ ମାତ୍ରେ ସିପାହୀମାନେ ସମସ୍ତେ ମାର୍ଚ୍ଚ ଅଭ୍ୟାସ କରି ଚାଲିଲେ ।

ଜନ୍ତୁଟିର ଭଡ଼ଭିବାକୁ ସମସ୍ତ ଦୂର ଅଛି—ମୁକ୍ତି ହୁକୁମ ଦେଲେ—"ବନ୍ଦ କର ।"

ଜନ୍ତୁଟିର ଜବାବରେ ଉଗ୍ରସର ହେବାକୁ ଲାଗିଲା । ଅଗରେ ଏକ ଦଶବର୍ଷର ବାଳକ ଜାତୀୟ ନିଶାଣ ଧରି ଚାଲିଛି ।

ମୁକ୍ତି ହାତ ଟେକି ଚିତ୍କାର କଲେ—"ଶ୍ରେଣୀ !" ମାତ୍ର ଜନ୍ତୁଟିର ସେ କଥାକୁ ଭ୍ରୂକ୍ଷେପ କଲାନାହିଁ । ମୁକ୍ତି ଯେତିକି ଯାଇ ଅଗ୍ରଗାମୀ ବାଳକ ହାତରୁ ପତାକା ଧରି ପକାଇଲେ । କିନ୍ତୁ ସେ ବାଳକଟି ପତାକାକୁ ଜାବୁଡ଼ି ଧରି ଭୂଇଁରେ ପଡ଼ିଗଲା । ମୁକ୍ତି ତାହା ଛଡ଼ାଇବା ପାଇଁ ଚିଲିକି ମାରି ବସିଲେ । ସାଙ୍ଗେ ସାଙ୍ଗେ ଅନେକ ଗୁଳି ଆସି ମୁକ୍ତିଙ୍କୁ "ଭାରତ ଅମର, ଭାରତ ଅମର" ବୋଲି କହୁଥାଇ ପକାଇଲେ । ମୁକ୍ତି ପତାକାକୁ ହାତ ଛଡ଼ାଇଲେ । କିନ୍ତୁ ଜନ ଗହଳରେ ତାହା ପାରିଲେ ନାହିଁ । ତତ୍ପର ମୁକ୍ତ ଫୌଜର ଗାଡ଼ ମାଡ଼ିଲା—"ଲୁଟି ନେଉ ।" ଛଡ଼ିଲା ଜନତା ଭିତରୁ ଉଠିଲା ଧ୍ୱନି—'ଜୟହିନ୍ଦ ।' ଚାରିଆଡ଼େ ଉତ୍ତେଜନା, ଗରଜନ, ଚଂଚଳ୍ୟରେ ବ୍ୟସ୍ତ ମୁକ୍ତି ହୁକୁମ ଦେଲେ—"ଫାୟାର !"

ଏଥର ପ୍ରତ୍ୟୁତ୍ତରରେ ବିପୁଳ ଜନତା ଚତୁର୍ଦ୍ଦଣ ଦେଉଥିରେ ସେ ହଜିଲେ—'ଜୟହିନ୍ଦ, ଜୟହିନ୍ଦ ।' ଏହି ଘୋର କୋଳାହଳ ମଧ୍ୟରେ ମୁକ୍ତିଙ୍କ ଆକୃତିଟା ଲୋପ ପାଇଥିଲା । ତାଙ୍କ ଲିଭିଲା ବେଳର ସ୍ୱପ୍ନ ମୁକ୍ତିଙ୍କୁ ଦେଖାଇ ଶତ ଶତ ଜନ୍ତୁ ଗର୍ଜନ କରି ଉଠିଲା । ସେ ଧୂଳିରେ ତାଙ୍କ ଶରୀର ଲୁଚି ହୋଇଗଲା । ତାଙ୍କ ମନରେ ହେଲା—ଭାରତ ଦେଶ ବଡ଼ ଯାଉଛି ଓ ସେ ତାହା ମଧ୍ୟରେ ଡଚ୍ଚ—ଛଡ଼ିର ସ୍ୱାଧୀନତା, ସ୍ୱପ୍ନ ଅବସ୍ଥାରେ ସମ୍ଭବ କରି ଚାଲିଛି । ଏତିକିବେଳେ ତାଙ୍କ ଚେତନା ଲୋପ ହୋଇଗଲା ।

\+ × + +

ଚଉଦିବେଳେ ପରେ ଚେତାଇ, ଯେତେବେଳେ ମୁକ୍ତିଙ୍କ ନେତ୍ର ଖୋଲି ଅଇଲା—ଯାହା ସେ ଦେଖିଲେ, ସେଥିରେ ସେ ଅପଣାକୁ ବିଶ୍ୱାସ କରି ପାରିଲେ ନାହିଁ । ସେ ଦେଖିଲେ—ଏକ ଶାନ୍ତ ଜନତା ଶୃଙ୍ଖଳାବଦ୍ଧ ଭାବରେ ପ୍ରସାରିତ ହୋଇ ଚାଲିଛନ୍ତି—ଆଉ ସେ ତାଙ୍କ ଭିତରେ ନିଜେ ଜାତୀୟ ପତାକା ହାତରେ ଧରି ସେହି ଜନ୍ତୁଟିର ଅଗ୍ରଣୀ ହେଉଛି । ତାଙ୍କ ଚାରି ପାଖରେ ବନ୍ଧୁକଧାରୀ ସିପାହୀମାନେ ଶ୍ରେଣୀବଦ୍ଧ ହୋଇ ଧୀରେ ଧୀରେ ପାଦ ପକାଇ ମାର୍ଚ୍ଚ କରି ଗାଉଛନ୍ତି—

"କଦମ୍ କଦମ୍ ବଢ଼ାୟେ ଯା—"

ଦୂରରୁ ଜନତା ସେହି ସଙ୍ଗୀତ ସମସ୍ୱରରେ ତାଙ୍କ ଗାନ ଧରୁଛି—

"ଖୁସିକେ ଗୀତ ଗାୟେ ଯା—"

ମୁକ୍ତିଙ୍କ ଅନ୍ତରତମ ଅନ୍ତରାତ୍ମା ସେହି ମହାଗାନରେ ନୃତ୍ୟ କରି ଉଠିଲା । ଏ ଅପୂର୍ବ ସୁଯୋଗ ସେ ଅବହେଳା କଲେ ନାହିଁ । ତା ଭିତରେ ଏହି ପରମ ମୁହୂର୍ତ୍ତରେ ସେ ପାଣବନ୍ତ ଗାଇ ଉଠିଲେ—

ଅସମାନ ଭି ଝୁକାଇବ ଜିସ
ଜୋଶ ବଢ଼ାୟେ ଯା—

—※—

# ଡଗର ଆଜାଦ୍ ହିନ୍ଦ୍ ପାର୍ଟି

୧ । ଶ୍ରୀ ନୀଳାମ୍ବର ଦାସ ୧୭ ନମ୍ବର ଓ—ନ୍ କେର୍ ହାଉସ ଷ୍ଟ୍ରିଟ୍ କଲିକତା—୫ ୧ ୯ । ୨ । ଶ୍ରୀ ସୁଦାମ ଚନ୍ଦ୍ର ନାୟକ ୪୫/୧ ମଦନ ବଡ଼ାଲ ଲେନ କଲିକତା—୫୧୯ । ୩ । ଶ୍ରୀ ଅନନ୍ତ କୁମାର ନାୟକ ୪୫/୧ ମଦନ ବଡ଼ାଲ ଲେନ କଲିକତା—୫୧୯ । ୪ । ଶ୍ରୀ କୃଷ୍ଣଚନ୍ଦ୍ର ପଟ୍ଟନାୟକ ୪୫/୧ ମଦନ ବଡ଼ାଲ ଲେନ କଲିକତା—୫୧୯ । ୫ । ଶ୍ରୀ ମହେଶ୍ୱର ଦାସ ୧୦ ନମ୍ବର ମଲ୍ଲିକ ଷ୍ଟ୍ରିଟ୍ କଲିକତା—୫୧୯ । ୬ । ଶ୍ରୀ ବୃନ୍ଦାବନ ଦାସ ୭ ନମ୍ବର ହେସ୍ଟିଂସ ଷ୍ଟ୍ରିଟ୍ କଲିକତା—୫୧୯ । ୭ । ଶ୍ରୀ କୃଷ୍ଣଚନ୍ଦ୍ର ଦାସ ୧୯ ନମ୍ବର ହ୍ୟାରିସନ ଷ୍ଟ୍ରିଟ୍ କଲିକତା—୫୧୯ । ୮ । ଶ୍ରୀ ଜଗନ୍ନାଥ ... ଓ. ଏଲ. ଏସ୍. ଅଫିସ; ପୋଃ ଅଃ ଚକ୍ରଧରପୁର, ଜିଃ ସିଂହଭୂମ (ବି ଏନ୍ ଆର୍) ୫ ୩୪ ୯ । ୯ । ... ବନ୍ଧୁ ... ମୋର, ଫୁଡ୍ ଅଫିସ, ପୋଃ ସମ୍ବଲପୁର, ଜିଃ ସମ୍ବଲପୁର—୫ ୧୯ ୯ । ୧୦ । ଶ୍ରୀ ମାୟାଧର ଦାସ ୭୨ ... ରୋଡ୍, ପୋଃ ବାଲିଗଞ୍ଜ, କଲିକତା—୫ ୨ ୯ । ୧୧ । ଶ୍ରୀ ପ୍ରତାପଚନ୍ଦ୍ର ପଣ୍ଡା ସମ୍ବଲପୁର କଲେଜ—୫ ୧ । ୧୨ । ଶ୍ରୀ ... ନାଥ ... ସମ୍ବଲପୁର କଲେଜ—୫ ୨୯ । ୧୩ । ଶ୍ରୀ ... ଦାସ, ସମ୍ବଲପୁର କଲେଜ—୫ ୨୯ । ୧୪ । ଶ୍ରୀ ... ସମ୍ବଲପୁର କଲେଜ—୫ ୨୯ । ୧୫ । ଶ୍ରୀ ... ପଟେଲ, ସମ୍ବଲପୁର କଲେଜ—୫ ୨୯ । ୧୬ । ଶ୍ରୀ ... ସମ୍ବଲପୁର କଲେଜ—୫ ୧୯ । ୧୭ । ଶ୍ରୀ ... ପୋଃ ଅଃ ... କୋରାପୁଟ—୫ ୧ । ୧୮ । ... ଉତ୍କଳ ସମ୍ବଲପୁର—୫ ୦ ୪ । ୧୯ । ଶ୍ରୀ ଗୋପାଳ ... ଅନୁଗୁଳ—୫ ୦ । ୨୦ । ... (ଏ. ଟି. ଏସ୍ ସମିତି) ପୋଃ ଅଃ ବଲାଙ୍ଗିର ... ୫ ୬ ୪ । ୨୧ । ଶ୍ରୀ ... ଦାସ, ୭୩ ... ଷ୍ଟ୍ରିଟ୍ କଲିକତା—୫ ୦ । ୨୨ । ଶ୍ରୀ କୃଷ୍ଣଚନ୍ଦ୍ର ... ବୋଲଗଡ଼—୫ ୧ ୯ । ୨୩ । ... ହାଟରେ—୫ ୭ ୯

Digitized by srujanika@gmail.com

କବିତା—

# ଦେବୀ ସତ୍ୟବତୀ ମୃତ୍ୟୁ

—ରଜନୀକାନ୍ତ ଦାସ

ଦେବୀ ସତ୍ୟବତୀ ମୃତ୍ୟୁ · ···ଗର୍ବ କା'ର ?
ଗର୍ବଭର ଫିରିଙ୍ଗି ଦପ୍ତର · ···
ଫିରିଙ୍ଗି ଦପ୍ତର ଶୋଷ୍ୟ ଅମ୍ଳାନୀ କାନ୍ଦୁନ୍ଦ, ଗଣି,
ଶ୍ମଶାନର ଜୟଡଙ୍କେ ଅନେକ ଥିଲା ତବ ଅଲୋଚନ—
ସତ୍ୟବତୀ ମୃତ୍ୟୁ ଛାଡ଼ା ·····। ଅନେକ ତବ ଭୀଷଣ ପରୀକ୍ଷା—
ପ୍ରତେ ତୋରଣ ପଥ ଶୋଷଧାରୀ ନାହିଁ ଅଜ ରକ୍ଷା ।
ଫିରିଙ୍ଗି ଦପ୍ତର ପେଷା, ଫାଇଲର ଅନୁକମ୍ପା ଝୁରି,
ଧରିଲଣି ଯନ୍ତ୍ରାନଗର, ରକ୍ଷା ଅଜ ନାହିଁ ହେ ଉପର ।
ଛୁଟି ଅସେ ମୁକ୍ତିବାତ୍ୟା, ହେ ଦନ୍ତୁର ସମ୍ପୃକ୍ତସେବୀ ଦଳ,
ଆଲୋକ ବଂଶିତ ଅନ୍ଧ,—ଅଲୋକରେ ଶଂକିତ ଦୁର୍ବଳ
ଗୁଳି ତମେ ପାରିବକି ନାହିଁ ·····
ପଥ ରୁନ୍ଧ କାହିଁ······
ହେ ହୈଁ ମନାଇ······

ଦିଲ୍ଲୀର ସ୍ୱରାଜୀ ବୃନ୍ଦାବନ, ଅନ୍ତ କ୍ଷମ ଗମ୍ଭୀର ମନ୍ତ୍ରଣା
ନାଲ-ଦୁର୍ଗ ଭେଦ, ବନ୍ଧ ବୋମ୍ବାଯାଏ ଲୋକର ଝଂକଣା,
ତା ଅପର କାନ୍ଦୁ ବାଜି ଦିନାରର ଛବା ଆୟୋଜନ,
ହେ ଫିରିଙ୍ଗି ରାଜଦ୍ୱାର ଶୋଷକଷୀ ଲଭିଅ ତପନ—
ସତ୍ୟବତୀ ମୃତ୍ୟୁ ସଙ୍ଗେ ବଜ୍ରପାତ ଦରବାର ଶୂନ୍ୟ ?
ଅମୃତ ସନ୍ତାନ !—
ହେ ଦର ଅସୀ······
ଡାକେଣ ମନ୍ୟାସୀ ! !

# ହୋଲି

—କୁମାରୀ ଇନ୍ଦିରା

ଅଜ କର୍ପ୍ପା ପୂର୍ଣ୍ଣି ହୋରି ପୂର୍ଣ୍ଣି ରଙ୍ଗ ପିଚକାରି,
କାହିଁ ଆସିଛୁ ସେଇ [illegible]ର [illegible]ନୀ ଧାରି !
ଆଖିରେ ଯୌବନ ମଦ ତଥାପି ଦାରିଦ୍ର୍ୟ ଦେଦ
ତଥାପି ଘାତକ ସେଇ ହୃଦୟର ଅଧିକାରୀ ।
ଭାରତରେ ନାହିଁ ଅଜ ସେ ଦିନର ସେ ହୋରି
ସେ ଦିନର କାହିଁ ଅଜ ଯତେ ଅବା ଲିଭିଲାଣି

ତୋଳାମ ଏ ଦେଶବାସୀ କି ଫଗୁ ଖେଳିବେ ଆଜି
ନିଜେ କି ହସିବେ ହସ ପରଠାରୁ ମାଗିଆଣି !
ତଥାପି ଆସିଛୁ ହୋଲି ଏ କି ତାର ଅଭିସାର,
ମଣିଷ କଲିଜା ଚିରି ବୁହାଇ ରକତ ଧାର,
ନ ଜାଣି ସେ ମେଣ୍ଢାଘର କଳା ଏ ମଣିଷ ଗଡ଼,
ପାଗଳ ଦୁନିଆ ଦେଖି ଏ କି ତାର ଅତ୍ୟାଗ୍ରହ !

Digitized by srujanika@gmail.com



## ହେଙ୍ଗୋଲାପାଣି

ଲକ୍ଷ ସାତକୋଟି ଲୋକ ଦେଖି ଥିଲେ ସ୍ୱପ୍ନ ଦାସ ବାଳକ ଏମନ୍ତ ଜଗନ୍ନ ଉଠିଲେ ଯେ ଓଡ଼ିଆ ସନ୍ତାନ—ଅଣ୍ଡା ନଥାଇଥିଲେ ସୁଣ ପାଇଥିଲେ । ଏବେ ଭଙ୍ଗା ଲଙ୍ଗନା ନ ହୋଇ ଦୀପ୍ତି ବିଳୁଚେଣିମା ହୋଇଲା । ପଶ ଭଚ୍ଛିନ୍ନ ମାଷର ଓଡ଼ିଶାର ଭିତାଙ୍କ ଶକ୍ତିରେ ଦୃଷ୍ଟି ପଡ଼ିଲା ।

ପଞ୍ଚ ଜିଲ୍ଲାରେ ମାର୍ଚ, ବିଦ୍ୟା ତଥା ସ୍ୱାସ୍ଥ୍ୟ ବଦଳାମାନଙ୍କର ନବ ବାଜନଲ ହୋଇଲା । ଶାନ୍ତ ଭଣ୍ଡାର ପାଇଲା ଦହନା ପଦଚ୍ୟୁତ, ଅଷ୍ଟମ ବର୍ଷର ପାଇଲା ଭଲ ଧାନ ଘୋଷାପଦ, ଦରବ ସମ୍ବଲପୁର ଗ୍ରାମୀ ପତ୍ନୀ ପ୍ରାପତ ହୋଇଲେ ସଜ ରାଜ ଶ୍ରେଷ୍ଠ ଏମନ୍ତ ଉଦ୍ଭୂଳ୍ୟ ବ୍ୟକ୍ତ । ପୁରୀର ସମ୍ଭ୍ରାନ୍ତଙ୍କ ସେ ତଳା ହୋଲାଙ୍କ ଛଡ଼ା ଏମନ୍ତ ପୁଙ୍ଗବ ଅଭ ଏବ ବା ହୋଇଛ । ତାଙ୍କ ଭାଲେଶ୍ୱରରୁ ଶୁଣ୍ଡ୍ୱାନ ହୁଅନ୍ତେ ମିଶ୍ରପୁଅ ଧନପତି ଉଦମାଳ୍ୟ ମିଳିଲା । ଏମନ୍ତ ପାଞ୍ଚ ଜିଲ୍ଲାର ଜଣେଙ୍କର ଶାନ୍ତ କଂଗ୍ରେସଦାଳଙ୍କୁହିଁ ପ୍ରାପତ ହୋଇଲା ।

ଦଶବ କ୍ଲାସବୋର୍ଡ ମାଷ୍ଟରଙ୍କ ଡାକ୍ତର ହୋଇଲେ—ସଙ୍ଗ୍ରାମ ବୋର୍ଡ ଉଦ୍ଧୃତ ଘଟାଇଲେ ଭାଲେଶ୍ୱର ସ୍ତମ୍ଭ ପାଖରେ ଶୈଳ ଶିଳା ସ୍ଥାପନା କଲେ—ପୁଣ ସମ୍ବଲପୁର ସମ୍ବାଦ ଶ୍ରୁତିକ ଘୋଟର ନୋହିଲା ।

ଏକ ପକ୍ଷରେ ଶ୍ରୀ ହରେକୃଷ୍ଣ ଅନ୍ୟ ପକ୍ଷରେ ସରକାର, ସମାଜ ତଥା ସାହୁ ଏମନ୍ତେ ଏକ'ହ'କାର ଛନ'ସ'କାର ସୃଜିଲ ସମସ୍ୟା ଘେନ ଲଗାଇ ବାଘ ତରାସ ହୋଇ । ଅର୍ଥଶାସ୍ତ୍ର ପାରଙ୍ଗମ ଲବ ସରକାର ଭୁଞ୍ଜିବାକୁ ବଚଶଣ ହୁଅନ୍ତେ ହରେକୃଷ୍ଣ ହରେକୃଷ୍ଣ ଭଜିଲେ ।

ଆସାମ ସୀମାନ୍ତରେ କଂଗ୍ରେସ ମନ୍ତ୍ରୀ ଗଠିତ ହୋଇଲେ । ପାକ ସ୍ଥାନର ଭୂଇ ବାଢ଼ା ହେ ପଡ଼ିଲା । ଏମନ୍ତେ ଇଂରାଜ ସରକାର ଲଜ ଉଠାନ ପାକସ୍ଥିତ ପକ୍ଷୋନ ଶାହାଙ୍କ ସ୍ୱାନ୍ତ୍ୟ ହୋଇବାର ଦେଶ ଜିନ୍ନ ରର ମୁଚ ସଣ୍ଡାଳେ ଦେଲେ । ମାଟ ପଞ୍ଜାବରେ ତାହା ନୋହି ପାରିଲା । କଂଗ୍ରେସ ଇଉନମ୍ଭଙ୍କ ଅବଲୀ ଚିଣ୍ଡି ଥିବାର ପାକସ୍ଥାନ ଦଲଦାରୁ ଗ୍ରାସ ବର ଦର୍ପନ ପାଳନା କଲେ । ଏମନ୍ତେ ଜନା ସାହେବ ପୁଣି ଧ୍ୱନିଧନା ଦାତବାକୁ ବାଜଣା ଉଚ୍ଚା ହୋଇ ଉହିଲା ।

ଦେଶ ଦିଗରେ କଂଗ୍ରେସର ଜୟ ଜୟକାର ହୋଇଲା । ଓଡ଼ିଶାରୁ ଲର୍ଡ୍ଡ ଦରେ ୩୭ ଜଣ ସଭ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହୋଇଲେ । ତାଙ୍କ ଲୋଭରୁ ରାଣ୍ଡ ବାଞ୍ଛା ଯୋଗାଡ଼ ହେଲା ।

ପାଞ୍ଚ ଅଧ୍ୟାୟ ରଙ୍ଗ ମାଦ୍ରାଜ ପଞ୍ଚମ ଖଣ୍ଡ ବଙ୍ଗଳରୁ ମାଦ୍ରାଜ ମୁକଟରେ ରାଜଗୋପାଳ ନାମ ଧର ପଣ୍ଡିତ ଦାସ ଥୋକା ଥୋକା ବହାଇବା ପାଇଁ ଚାମିଲ ନେତାଏ ରଙ୍ଗାଞ୍ଚ ବସିଲେ ।

ଭାବେଶ ବର୍ମଣ ଲେଖକ ପେଟ ବେଶୀ ଆର୍ଥିକ ଧନର ବେଟେନ୍ତେ ଧର୍ମବଳାର ସରକାର ଧର୍ମଶ୍ୱରଙ୍କ ମନ୍ଦିର ମାରିଲେ ।

ବଙ୍କିମଙ୍କ, ବର୍ମ୍ମ ମାଦ୍ରାଜ ବସତ ସ୍ୱରାଜରେ ଅନ୍ତର୍ଗତ ଶାନ୍ତ ସ୍ୱଳା ସୁତ୍ରମ ସୁରଭୂଇ ହୋଇଲା ।

ପାରଶ୍ୟରୁ ଭୂମିଅର ଦେଶପ୍ରେମ ପ୍ରବଳ ହୁଅନ୍ତେ ସାମ୍ରାଜ୍ୟ ପ୍ରେମୀ ଇଂଲଣ୍ଡର ଦୁହିବାର ଦେଖିଲା ।

ସୁପ୍ରଦ୍ୟୁମ୍ନଶାସୀ ରୁଷ ସରକାର ଅଣୁ ବମ ଚୋରୀ ହୁଅବ ଭାର ଦେଲା ସମନ୍ତ ବାରଣଭାବରେ ଅନୁସାର ବନ୍ଦିନୀ ସମୟରେ ଜର୍ମାନୀ ଲୋକାଙ୍କ ବନ୍ଦୀ ହୋଇଲେ ।

ଅଷ୍ଟେଲୀଆ ଅସବକ ମୁଦ୍ରା ପରେ ବସ୍ତ୍ରାନ ଲଗୀଳ ହେଉଥିଲେ ଗ୍ରୀସର ନାଗ ମଣ୍ଡଳ ଏବେ ପୁରୁଷଙ୍କ ପ୍ରବଳ ହୋଇଲା । ହଠାତ୍ ଦାସ ହେବାର ହ୍ରାସରେ ଶୀଘ୍ର କମ୍ୟୁନିଷ୍ଟଦଳ ଅସିବାରୁ ସ୍ଥିର ହୋଇଲା ।

ସଂଘର ଘୋଷଣା ମିଶ୍ର ବାଦଶାହ ଅସମ୍ଭବ ଦେହତ୍ୟାଗ କରିବାରୁ ପ୍ରାଚ୍ୟ ପାଶ୍ଚାତ୍ୟ ଉପ ପୁଣି ଦଳମାନଙ୍କ ଅନୁରୋଧ ଏଣ୍ଡ ନ ପାରିଲେ । ଦେଶ କାର୍ଯ୍ୟକ୍ଷମତା ପାଇଲୁ ଉଦ୍ଧାର ହୋଇଲା ।

ଓଡ଼ିଆ ଡାକ୍ତରମାନେ ବହୁତ ଦଶରେ ସଭା କରନ୍ତେ ଦେଶ ଦିଗରେ ମହାମାରୀ ପ୍ରତିରୋଧ ମୂଳକ ବ୍ୟବସ୍ଥା ଆରମ୍ଭ କଲେ ।

ଗାନ୍ଧି ମହାତ୍ମା ଉପବାସ ଅନ୍ତର ଦେହେ ବଞ୍ଚିନ୍ତେ ପ୍ରେମିକ ବୈପ୍ଳବିକମାନେ ପ୍ରତିବାଦ କରି ଶୂନ୍ୟ ସେନେମା ଧ୍ୱଂସାବଶେଷ ଦେଖା ଦେଇ ଦେଲେ ।

ବହୁତ ଜିଲ୍ଲାରେ ଏଚ୍ଚ ସରକାର ଜମିଦାରୀ ଉଚ୍ଛେଦ ହୋଇଲା ସଙ୍କୋଚ ସଂଖ୍ୟା ମର୍ଦ୍ଦନ ବନାଶ ଦେବାରୁ ମର୍ଦ୍ଦନ ଦେଶର ଭୂମି ଧନ୍ୟ ହୋଇଲା ଏବଂ ତ ବହୁବାସୀ ଦୁଃଖ ପରିହାରପୂର୍ବକ ଭୂଷିତ ହୋଇଲେ ।

ପ୍ରିୟ ପୁରୁଷ ପ୍ରଧାନମନ୍ତ୍ରୀମାନଙ୍କ ଲବ ସାତକୋଟି ବର୍ଣ୍ଣନ କହାର ଲକ୍ଷ ନମସ୍କାରେ ଧନ୍ୟବାଦ ପ୍ରାପ୍ତ ହୋଇଲେ ।

ଶ୍ରୀଯୁକ୍ତ ଟୋପରେ ଓଡ଼ିଶା ଯୋଜନା ଦେଇ ଖଣ୍ଡିରେ ଲକ୍ଷ ଶ୍ରେଷ୍ଠଜାତେନ୍ତ ନୂଆ ବର୍ଷ ପ୍ରସ୍ତୁତ କଲେ ।

ତାହାର ଶେଷରେ ମାର୍ଚ୍ଚିନ ବାଦ୍ ଶେଷଣ୍ଡେ ଉଠିବାର ସମ୍ରାଟଙ୍କ ବିଦ୍ରୋହ ଦେହରୁ ଛାଇସ୍ତ ହେବାର ସ୍ଥାନ ହୋଇଲା । ଦେଶକ୍ର ଦେବାର କ୍ଷମତା ନଥାଇ ନେବାର କ୍ଷମତାକୁ ଧନ୍ୟ ହୋଇବା । ଯହାର ଦେବକୁ ଆର ତାକୁ ଦେବତା ବ୍ୟଙ୍ଗର ଦେହ ନେଇ ନଗାରଇ । ତେଣୁ ମାର୍ଚ୍ଚିନ ଭାରତ ବଳତାଳର ଦେବତା ହୋଇଲେ । ଅଭ୍ୟନ୍ତରୀଣ ପୂର୍ଣ୍ଣ ହୋଇଲା ।

— — ※ — —

Digitized by srujanika@gmail.com

# କଡ଼ା ମିଠା

ଏ ଦେଶରେ କମ୍ପାନୀ ସରକାରୁ ହଜରୁ କମ୍ପାନୀ ବା କମ୍ପାନୀ ଶବ୍ଦର ଉତ୍ପତ୍ତି। ତା'ପରେ କ୍ରମେ କ୍ରମେ କମ୍ପାନୀର ବୁର୍ବକନ, ଛଳ, ମୁହଁରୁ, ଚାଉଳରୁ ଅନ୍ୟ କମ୍ପାନୀଙ୍କ ଗାଳି ଅମ ଅଙ୍ଗର ଦୃଷ୍ଟେ ଧାରଣ ଚଷ ଜନ୍ମ ପରାଧୀନ। କମ୍ପାନୀ ର ଦେଶର ଅମର ଦଣ୍ଡେ ନଟକ। ଓଡ଼ିଶାରେ ଯୋଗଠ ଡଗ୍ଲସ୍ ଷ୍ଟ କମ୍ପାନୀ ଚେଲଣି, ମଧୁବାବୁଙ୍କଠାରୁ ଆରମ୍ଭ କରି, ପ୍ରିଣ୍ଟିଂ କମ୍ପାନୀ, ଓଡ଼ିଶା ବ୍ୟାଙ୍କ ପ୍ରଭୃତି ଭଲ୍ଲୁକ ସବୁ କମ୍ପାନୀ ଅନ ଅମ ଓଡ଼ିଆଙ୍କ ହୃଦ ଭିତରେ ବା ପେଟ ଭିତରେ। କମ୍ପାନୀ ଶବ୍ଦ ଅଛି ତାହାର କ୍ରିକେଟ୍ ଦଳ ନାହିଁ—ଏବାଟଠେଲେଟ ଅଧ୍ୟାତ୍ମବାଦ।

ଏହି କମ୍ପାନୀ ଶବ୍ଦର ଆକ୍ଷରିକ ଅର୍ଥ ଏକଧିକ ଲୋକଙ୍କର ଏକ ଉଦ୍ଦେଶ୍ୟରେ ସମାବେଶ। ତାର ଲୌକିକ ଅର୍ଥ ଉଦ୍ୟୋଗୀ—ଏବାଧିକ ଲୋକ ଅର୍ଥଲକ୍ଷ୍ୟ ସମ୍ମିଳିତ ହୋଇ ଏକ ଉଦ୍ଦେଶ୍ୟରେ ସମାବେଶ। ଅନ୍ୟ ଶବ୍ଦରେ କୌଟିଲ୍ୟ ଅର୍ଥ (ବଡ଼ଲାଟ୍ଙ୍କ କହିବା ଅନୁଯାୟୀ)—ଅନେକ ବ୍ୟକ୍ତି ଅଣ ମଧ୍ୟ ଭାଗୀଦାର ଏବଂ ଉଦ୍ଦେଶ୍ୟ ବୋଲି କହି ପଇସା ଭଳି ଶବ୍ଦ ଟଙ୍କା ଦାନ ମନରେ ଦାନା ବାନ୍ଧିଛି ମନରେ। ଏ ସଂଗଠନର ନାଭି ହେଉଛି 'ସ୍ୱାର୍ଥ।'

ପ୍ରକୃତରେ କମ୍ପାନୀ ଭିତରେ ଯେତେଲୋକ ଥାଆନ୍ତି, ସେମାନେ ତାହାର ଉଦ୍ଦେଶ୍ୟ ସହିତ ଦେଶ ମିଳାମିଶା, ଉପସ୍ଥିତି—ଏହାର ନାମ ଏକତା। ଅଥଚ ସମସ୍ତେ ଜଣାଶୁଣା ଭିତରେ—ସେଇ ସ୍ୱାର୍ଥପରତା ଚଳେ। ମନ ଧରେ ଯେମିତି—ସ୍ୱାର୍ଥ ଅଳ୍ପ ସ୍ୱ ଭୂଲିବା ଅଦରା। ସେଥିପାଇଁ, ସେମିତି ଜାତୀୟ ସବୁ ସମ୍ପତ୍ତି ଉପରେ ଏହି ଯେଉଁ ଅଧ୍ୟାତ୍ମବାଦ ତାହା ଉପରେ ଏଇ କମ୍ପାନୀ ପ୍ରବୃତ୍ତି।

ଏ କମ୍ପାନୀ ଯେ କେବଳ ବେପାରୀ ବନ୍ଧୁ ଭାଇ ଭଉଣୀ ଚଳାଇପାରେ ତା ନୁହେଁ, ଏ କମ୍ପାନୀ ଯେ କେବଳ ଦେଶ ଭାଗ କରି ଛାଡ଼ିପାରେ ତା ନୁହେଁ, ଏ କମ୍ପାନୀ ଯେ କେବଳ ଟଙ୍କା ଲାଗି ଅଣ୍ଟି ବାନ୍ଧି କମାଣ ଗୁଳି ଗୁଳା ଚଳାଇପାରେ ସେତିକି ନୁହେଁ—ଏ କମ୍ପାନୀ ଅନେକ ଅନେକ ନାମ କରିପାରେ। କ'ଣ ନ କରିପାରେ ଏମିତି ନୁହେଁ। ଦଶଟିଏ ଲୋକ କରିପାରେ, ପୁରୁଷକୁ ମାଇକିନିଆ କରିପାରେ। ଏହି କମ୍ପାନୀର କଳାମନ୍ତର ପ୍ରମାଣ ଅଛି ସେଇ ପ୍ରସିଦ୍ଧ ବାକ୍ୟ 'ସାତ ଜଣଙ୍କ ମତ ଭଲ।' ସାତ ଅର୍ଥ ଏକାଧିକ—ଯେ ମିଶନ୍ତି ସତ୍ୟ ବି ନେଇ ସ୍ୱଦେଶୀ ପ୍ରମାଣ କରିଦେବେ।

ଏ କମ୍ପାନୀ ଶବ୍ଦଟା ଯତ୍ର ତତ୍ର ଅଟଳ—(ଇଂରାଜ ସରକାରୁ ବାହାରି ଆସି ସଂସ୍କୃତ ପାଠକଙ୍କ କୃପାରେ ସାଧୁଭାଷା ହୋଇ ବସିଥାଉ) —ତଥାପି କମ୍ପାନୀ କହିଲେ ଯାହା ବୁଝାଏ ଏ ଦେଶରେ ଅନେକ ବାଲକ ବୁଝି ଅଛନ୍ତି। ଦୈନିକ ଯୁଗର ଗୋଷ୍ଠୀ, ଗୋଷ୍ଠ ଅଦ ଏଇ କମ୍ପାନୀ ଭିତରେ। ଅନ୍ତତଃ ସେହିଠାରେ ସେମାନେ ସୋରୁ ଗାଇଙ୍କ ସହିତ କମ୍ପାନୀ କରୁଥିବାରୁ ଗୋଷ୍ଠୀ ଗୋପ ଅଦ ନାମ ଦେଉଛନ୍ତି ଅନେକ ମଣିଷର ବାଦ ଯୋଡ଼ କରିଛି ଲୋକ ସେଇ କମ୍ପାନୀ। ସେତେବେଳେ ଅର୍ଥ ଏକ।

ମୋଗଲଙ୍କ ସମୟ ମଧ୍ୟ ସେଇ କମ୍ପାନୀ—ବଙ୍ଗଳା ଓଡ଼ିଶାରେ ଏକ ବନ୍ଦୋବସ୍ତର ଉତ୍ପତ୍ତି। ସେ ଏକ କ୍ଷମତାଶାଳୀ କମ୍ପାନୀ ହୋଇଥିବ ହିଁ। ସେ ସମୟର ଶସ୍ୟ ସମ୍ପଦ ବା ଶସ୍ୟଲକ୍ଷ୍ମୀ ଲଙ୍କଳ ମୂଳରୁ ଉତ୍ପତ୍ତି ହୋଇଥିବା ସୀତାଙ୍କ ବନବାସ ପରି ନଷ୍ଟ ଭାବ ରାମ ଲକ୍ଷ୍ମଣଙ୍କଠାରୁ ମାୟାମୃଗ ବା ସୁନା ମୃଗର ଲୋଭ ଦେଖାଇ ଛଡ଼ାଇ ନେଇଥିଲା।

ତା' ଛଡ଼ା ଗ୍ରାମର ପଞ୍ଚ ବା ପଞ୍ଚାୟତ ସେଇ କମ୍ପାନୀର ଗୋଟିଏ ଗୋଟିଏ ଅଧ୍ୟାୟ। ଏ କମ୍ପାନୀର ସ୍ଥାନ ସ୍ଥାନରେ ଠାଏ ଠାଏ ନାନା ନାନା ନାମ ରହିଛି। ଯଥାକ୍ରମେ ଅସ୍ୱୀକୃତ ଶବ୍ଦ ନାମ ହୋଇଛି ବା ସରଳ ନାମ ଦେଇଛି କମ୍ପାନୀର ନିଜ ନାମ। ଠିକ୍ ସେହିପରି ଅନେକ ଦେଖୁ—କମ୍ପାନୀ, ଟୋଳା, ଦଳ, ପଡ଼ା, ଜେଲା, ଆଖଡ଼ା, ଦଳ, ମାଠ, କ୍ଲବ୍, ଟିମ୍, କମିଟି, ଏସୋସିଏସନ, କ୍ଲବ, ବାହିନୀ, ଆସୋସିଏସନ, ମଜ୍‌ଲିସ୍, ସଭା, ସମିତି, ବୈଠକ, ସଙ୍ଘ, ସମାଜ, ପୀଠ ପ୍ରଭୃତି ଗୁଡ଼ିଏ ଏ ଦେଶରେ ପ୍ରଚଳିତ।

କମ୍ପାନୀର ମୂଳ ଉଦ୍ଦେଶ୍ୟ ଅନେକ କହନ୍ତି ସ୍ୱାର୍ଥ ସାଧନ। ଅଥଚ ସବୁ କମ୍ପାନୀ ପରାର୍ଥ ପାଇଁ ନାମ କରୁଛନ୍ତି ବୋଲି ପ୍ରଚାର କରନ୍ତି—ପ୍ରକାଶ କରନ୍ତି, ବକ୍ତୃତା ଦିଅନ୍ତି, ବିବୃତ୍ତି ଦିଅନ୍ତି—ଲେଖନ୍ତି ଛପାନ୍ତି, କେତେ ବାରଣରେ ବି ସହନ୍ତି,—ସେଇଥିପାଇଁ ନିଷ୍ପାପ ଧାନ୍ଦା ନାମ କରନ୍ତି। ଅଥଚ କମ୍ପାନୀ କାମ ତଳେ ତଳେ ସବୁ ସବୁ କମ୍ପାନୀ ବା ଅଧା ଅଧା କମ୍ପାନୀ ସବୁ ମନେ କର। ସେଇ ସବୁ ହେଉଛି କମ୍ପାନୀର ମୂଳମନ୍ତ୍ର। ସେଠି କେବଳ ଶୂନ - ଅଙ୍କ ସଂଖ୍ୟା। କନ୍ତୁ ଅଙ୍କ ପଞ୍ଚାଂଶ ଥିବା ସମୟ ନୁହେଁ—ତାହା ହେଉଛି negative ହିସାବରେ। ଅର୍ଥାତ୍ କଳଙ୍କତା ବା ମନ୍ଦଟାରୁ ଏ କମ୍ପାନୀର ସୃଷ୍ଟି। ସେହିପରି କମ୍ପାନୀରେ ନିନ୍ଦା କରାଯାଏ କେବଳ ଅନ୍ୟ କମ୍ପାନୀରେ ସେ କମ୍ପାନୀର ନିନ୍ଦା ଚଳିଆସେ—ତେଣୁ ତାଙ୍କ ଉପରେ ଯେତେ ବାହାବାଟରେ ଯାଆନ୍ତି ନିନ୍ଦା ଶୁଣିବାପାଇଁ ସେତେ ବୁଝନ୍ତି ସେ ସେମାନେ କାହାରିକୁ ଅମଙ୍ଗଳ କରି ଚାଲିଛନ୍ତି।

ସେ ଯାହାହେଉ ଏ କମ୍ପାନୀ କଥା ବୁଝିବୁ ସେ ଅପବାଦ—man is, kuown by the Company he keeps ଘୃଣାର ହେଉଛି। ଏ କମ୍ପାନୀ ଭିତରେ ନାନା ଜାତି, ନାନା ବର୍ଣ୍ଣ, ସବ ଧର୍ମ ସମନ୍ୱୟ, ଚେଷ୍ଟା ବ୍ୟବସ୍ଥା ଶତ ନମସ୍କାର କରୁଛି।

ଗାଁ ମାଲିକ ଗାଈଗୋରୁ ଚରିବା ଠାରୁ ଆରମ୍ଭ କରି ଆନ୍ତର୍ଜାତିକ ପର୍ଯ୍ୟନ୍ତ ଏଇ କମ୍ପାନୀର ମହାତ୍ମ୍ୟ ଅସୀମ। ମନ୍ଦିରର, ମଠଙ୍କର ଧନ, ସ୍କୁଲ ଧନ ଅଦ ହେଉ। ଏଇ କମ୍ପାନୀରେ ନଇ ଏକଦ ଯେ ପାପ କାମଟାକୁ ଜଣକୁ ପାଞ୍ଚଜଣ ମିଶି କଲେ ସେଇଟାକୁ ପାପ ଶ୍ରେଣୀରୁ ପୁଣ୍ୟ ଶ୍ରେଣୀକୁ ପ୍ରମୋସନ ବା ଟେକିବ ଦିଆଯାଇ ପାରେ। ସେହି କାରଣରୁ ଏ ଯୁଗରେ କମ୍ପାନୀର ବିଶେଷ ପ୍ରୟୋଜନ।

ଓଡ଼ିଶା ଆସେମ୍ବ୍ଲି ମାର୍ଚ୍ଚ ଯେଉଁ କଂଗ୍ରେସ ସଭ୍ୟ ମନୋନୀତ ହେଲେ, ତା' ଯେ ଏଥିରୁ କମ୍ପାନୀମାନଙ୍କ ସ୍ୱେଚ୍ଛା ଦ୍ୱେଷ ହେବାର ଫଳ ତାହା କିଏ ଅସ୍ୱୀକାର କରିବ? ତେବେ ଏ ସ୍ଥଳରେ ଏ କମ୍ପାନୀର ନାମ—ପ୍ରୁଫ୍‌ଫ୍ରୁଫ୍ କମ୍ପାନୀ।

Digitized by srujanika@gmail.com




## ଟଗରୀ—

ଅନ୍ନପୂର୍ଣ୍ଣା 'ବ' ଗ୍ରୁପ୍ । ତା' ସାଙ୍ଗକୁ ପ୍ରାଚ୍ୟନୃତ୍ୟ ଉତ୍ସବ । କାହାର ସମାଲୋଚନା କରିବୁଁ ? ପ୍ରାଚ୍ୟନୃତ୍ୟ ଯାଇଁ ପାଶ୍ଚାତ୍ୟରେ— ଦେଖା ଯାଇଁ ବାଜଣା ପାଖରେ । ନୃତ୍ୟକଳା ପୁଣି ପ୍ରାଚ୍ୟ ନୃତ୍ୟକଳାରେ ଦୃଶ୍ୟ ଅନ୍ତର୍ଗତର ଅବଶ୍ୟକତା ଥାଏ କି ! ମଞ୍ଚରେ କେତେକ ଇନ୍ଦ୍ରଜାଲ ବା ମ୍ୟାଜିକ ଦେଖାଇ ପ୍ରାଚ୍ୟ ନୃତ୍ୟର ବାହାବା ନେବା କେବଳ ନିଜସ୍ୱପଣକୁ ସ୍କୁଲର ଫିଲ୍ମକଥାରୁ ଅଲଗ କରିବା ନିଶ୍ଚୟ । ନୃତ୍ୟକୁ ସହଜ କଥାରେ କହିଲେ ଭଙ୍ଗି-କାବ୍ୟ କୁହାଯିବ । ଅଙ୍ଗଭଙ୍ଗି ଦ୍ୱାରା ଭାବ ପ୍ରକାଶ କରିବା ପ୍ରାଚ୍ୟନୃତ୍ୟର ସ୍ୱାଭାବିକ ଓ ମୌଳିକ ବୃତ୍ତିକୁ ମାର୍ଜିତ କରି, ସାଧାରଣ ପ୍ରଚଳିତ ଜୀବନ ସମସ୍ୟାରୁ ଉଠି, ଭିତରର ଚଳନ୍ତାଶୀଳ ସମସ୍ୟାକୁ ରୂପ ଦେବା ଭଙ୍ଗି-କାବ୍ୟର ଉଦ୍ଦେଶ୍ୟ । ତାହା କେତେଦୂର ସଫଳ ହେଲା ପ୍ରଯୋଜକ ଜଣେ ବୁଝନ୍ତୁ । 'ଟଗରୀ' ସାଧାରଣ ଟେକ୍‌ନିକ୍‌ରେ ଅଯଥା ଏବଂ ଅନାବଶ୍ୟକ ପ୍ରମାଦମାନ ରହିଛି ।

ଏବେ ଦେଖାଯାଉ ପାଖକୁ ଆସିବା । ଏ ଦେଖା ମୂଳର ସମ୍ଭାର ଧରିଥିବାର "ଗୃହ ଚନ୍ଦାଚାନ୍ଦାମ ଉଦ୍ଧମା ଉଦ୍ଧମ ।" ଏତେ ଉକ୍ତି ନୀରସ ଅଭିନୟକୁ ସରସ କରିବାର ଉପାୟ ଏହା ଚନ୍ଦାଚାନ୍ଦାମ । ଏହା ଚନ୍ଦାଚାନ୍ଦାମରେ କୌଣସି ଲୋକ ଶେଷ ପର୍ଯ୍ୟନ୍ତ ବସି ରହିବା ଅସମ୍ଭବ । ନାଟକର ଦୈଡ଼ ଚରିତ୍ରର ଯେଉଁ ପ୍ରୟାସ ହୋଇଛି ତାହା ଅତି ସାଧାରଣ ସ୍ତରର । କଥାବସ୍ତୁର ସଜାଣ ପୁରୁଣାକାଳିଆ । ବିଶେଷତଃ ହେମବାବୁ ଚୌଧୁରୀ ଓ ତାଙ୍କ ସହିତରେ ମାନଙ୍କ ଚରିତ୍ର ଅନାବଶ୍ୟକ, ଅବାସ୍ତବିକ, ରୁଚିବର୍ହିତ ଏବଂ ନିତାନ୍ତ ଅସ୍ୱାଭାବିକ । ନାଟକରେ କେତେଗୁଡ଼ିଏ ଅସଭ୍ୟ ଅଶ୍ଳୀଳ ଦୃଶ୍ୟ ଦେଖାଇ ପଇସା ନେବା ବୃଥା ଯତନ ହୋଇଛି କି । ନାଟ୍ୟକାର ଭାଙ୍ଗିଯିବା ଉଚିତ, ଦେଶୀ ନାଚ, ଜନତାଙ୍କ କାନ୍ଥ ଉଛୁଳା କରି ପଡ଼ିବାର ଚେଷ୍ଟା କରିଥିବା ଲୋକର ରୁଚି ନଷ୍ଟ କରି ଉଠିବ । ଏ ଧରଣର ନାଟ୍ୟ ଅବଦାନ ଦେଇ କୌଣସି ଲାଭ ନାହିଁ ।

ଗୋପାଳ ମାଷ୍ଟର ଓ କୁମରର ଅଭିନୟ ସୁନ୍ଦର । ବିଶେଷତଃ ଗୋପାଳମାଷ୍ଟରଙ୍କର ସ୍ୱାଭାବିକତା ଖୁବ୍ ଭଲ ଲାଗେ ।

କଟକବାସୀ ଏଭଳି ଦେଖା ବର୍ଣ୍ଣନରେ ମୁଗ୍ଧ ହେଲେ ଓଡ଼ିଶା ସାଧାରଣର ଶିକ୍ଷିତ ଦାବିକୁ କୃତଜ୍ଞ ଧନ୍ୟ କହିବା ।

## ଚଷାଝିଅ—

ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍—ମନେହୁଏ ଏ ବର୍ଷର ଶ୍ରେଷ୍ଠ ନାଟକ ଚଷାଝିଅ । ନାଟ୍ୟ ସମ୍ରାଟ ଅଶ୍ୱିନୀବାବୁ ଓଡ଼ିଶା ଗାଁ ଗହଳିରୁ ବସ୍ତୁ ଦୂରରେ ସହର ଭିତରେ ରହି ଗାଁର ଚାଷ ଏବଂ ସ୍ୱାଭାବିକ ଓ ଶିକ୍ଷାପ୍ରଦ କରି ପାରିଛନ୍ତି କେବଳ ପ୍ରକୃତ କଳା-ସ୍ରଷ୍ଟାର ସହାନୁଭୂତିପୂର୍ଣ୍ଣ ହୃଦୟ ଦେଇ । ତେବେ, ନାଟକର ଶେଷ ଅଙ୍କକୁ ଘଟଣା ଗୁଡ଼ିକ ଗୋଳମାଳିଆ ଓ ହଠାତ୍ ପରିବର୍ତ୍ତନ ( abrupt turn ) ହୋଇଥିବାରୁ ନାଟକର ଅନୁଭୂତି (effect) କେତେକ ପରିମାଣରେ ନଷ୍ଟ ହୋଇ ଯାଇଛି । ଏହା ଲେଖକଙ୍କର ଦୋଷ ନ ପରିଚାଳକମାନଙ୍କର ଦୋଷ ତାହା ଅଜଣା ଅଛି—ଖୁବ୍ ସମ୍ଭବତଃ ପରିଚାଳକମାନେ ୩ ଘଣ୍ଟା ମଧ୍ୟରେ ନାଟକକୁ ଶେଷ କରିବାକୁ ଯାଇ ଲେଖା ଉପରେ କଇଁଚି ଚଳାଇ ଦେଇଛନ୍ତି । ନାଟକର ଭାଷା ଅତି ସୁନ୍ଦର ଓ ସାବଲୀଳ ଏବଂ ଯାହା ହେବାର କଥା ହୋଇଛି ।

ମଣିଷ ବୋଉ ଭୂମିକାରେ ଶ୍ରୀମତୀ ପାର୍ବତୀ ଖୁବ୍ ସୁନ୍ଦର ଓ ଉଚ୍ଚାଙ୍ଗର ଅଭିନୟ କରି ପାରିଛନ୍ତି । ଠାଏ ଠାଏ ସୀମା ଲଂଘନ ଯେ ନ ହୋଇଛି ତା ନୁହେଁ । ଆଶାକରୁଁ ଏଥିପ୍ରତି ଅଭିନେତ୍ରୀ ଦୃଷ୍ଟି ଦେବେ ! ଏହା ସଙ୍ଗେ ସଙ୍ଗେ ଆମ ପରିଚାଳକମାନଙ୍କ କହୁଛୁ, ଶ୍ରୀମତୀ ପାର୍ବତୀ କେବଳ ଏହି ଧରଣର ଭୂମିକା ପାଇଁ ଉପଯୁକ୍ତା । ତାଙ୍କୁ ଅନ୍ୟାନ୍ୟ ନାଟକରେ ନାୟିକାର ଭୂମିକାରେ ମଞ୍ଚସ୍ଥ ପାଇଁ ଯଥେଷ୍ଟ ବାଧ୍ୟକରିବା ମାନେ ତାଙ୍କର ପ୍ରତିଭାର ଅମର୍ଯ୍ୟାଦା କରିବା । ଯାଦବଲାଲ ଓ୍ୱାଦ୍ ଓ ପରେ ପୋଷ୍ଟମାଷ୍ଟର ଭୂମିକା ତଥା ଅଭିନୟ ଖୁବ୍ ପ୍ରଶଂସନୀୟ । ଜରଣୀ ଭୂମିକାର ଅଭିନୟ ମଧ୍ୟ ଭଲ ହୋଇଛି । କେବଳ "ଗୁଆଡ଼ିବାଣ" ଶବ୍ଦର ଅତ୍ୟଧିକ ବ୍ୟବହାର ମୁହଁ ବାନ୍ଧି ପକାଉଛି । ଅନ୍ୟାନ୍ୟ ଭୂମିକାର ଅଭିନୟ ସବୁ ବେଶ ହୋଇଛି କହିଲେ ଚଳେ । ମାତ୍ର ଗାଁ ପ୍ରେସିଡେଣ୍ଟଙ୍କ ଚରିତ୍ର ବେଶ ଭଲ ଭାବରେ ଫୁଟାଇ ପାରିନାହିଁ । ପ୍ରେସିଡେଣ୍ଟ ଦୂଇଜଣ ସୈନିକଙ୍କୁ ଦେଖି ପୁଲିସ ବୋଲି ଭାବି ଅତେବ ହୋଇଯିବାଟା ଅସ୍ୱାଭାବିକ ବୋଧ ହେଉଛି । ଏହି ଠାଏ ମଧ୍ୟ ସେମିତି ଦାଢ଼ି ପାକିଥିବା ଛଦ୍ମବେଶ ଚେହେରା ପୁଅ ନଟଜ ଜାଣିବାରେ ଅସୁବିଧା ହେଉଥିଲା । ଅଶୋକର ପୋଷାକ ବାବ୍‌ରେ ଟିକେ ଗୋଳମାଳ । ଭଲ ଜଣେ ଅଭିନେତା ବୋଲି କହିବାର ନାହିଁ ।

ଅନ୍ନପୂର୍ଣ୍ଣା 'ଏ'ର ସଙ୍ଗୀତ ପରିଚାଳନାରେ ଅଭାବ ରହିଛି । ଏହି ଅଭିନୟରେ ସୁନ୍ଦର ସଙ୍ଗୀତ ମଧ୍ୟରୁ 'ଜଳେ ମୋର ଗାଁ' ଚମତ୍କାର ମାତ୍ର ଅତି କେତେ ।

Digitized by srujanika@gmail.com

**କାବ୍ୟ କୁସୁମ**—ଶ୍ରୀ ଗଦାଧର ମହାନନ୍ଦଙ୍କ— ପୃ ୯୨ ସୃ—ମୂଲ୍ୟ ୦।୵ ବାଳକ କବିଙ୍କର ପ୍ରଥମ ଅବଦାନ।

କେତେଗୁଡ଼ିଏ ଖଣ୍ଡ କବିତା ଏହି ପୁସ୍ତିକାର କଳେବର ଗଠନ କରିଛି। କବିତାଗୁଡ଼ିକର ଭାବ ମାର୍ଜିତ ଓ ମନୋରମ। ଛନ୍ଦ ମୁକ୍ତ ଓ ଲାଳିତ୍ୟପୂର୍ଣ୍ଣ। ଯେତେ ରଚନା ଶ୍ରୁତି ସୁଖପ୍ରଦ ଓ ସଙ୍ଗୀତମୟ। ଏହି କବିତା ଗୁଡ଼ିକ ଓଡ଼ିଆ ସାହିତ୍ୟର କୌଣସି ଅଭାବ ପୂରଣ ନକରୁ ପଛକେ, ଅମ ସାହିତ୍ୟର ଶ୍ରୀ ଯେ ବୃଦ୍ଧି କରିବ ଏଥିରେ ସନ୍ଦେହ ନାହିଁ। ଆମ୍ଭେମାନେ ଏହି କିଶୋର କବିଙ୍କୁ ଜଣେ ଭାବୀ ପ୍ରତିଭା ରୂପେ ଉଜ୍ଜ୍ୱଳ-ଭବିଷ୍ୟତ୍-ଶ୍ରୀ ସ୍ୱାଗତ କରୁଅଛୁଁ। ଆଶା କରୁ ଦିନେ ଏହାଙ୍କ ସାଧନା ଗୌରବରେ କବିତା କୁଞ୍ଜ ମହକି ଉଠିବ।

**ହୋମିଓପାଥିକ ଗୃହ ଚିକିତ୍ସା**—ଲେଖକ— ଡା: ଶ୍ରୀ ଦୀନବନ୍ଧୁ ରଥ ଏଲ୍, ଏମ୍, ପି।—ପୁସ୍ତକଟିରେ ରୋଗର ଲକ୍ଷଣ, ଚିକିତ୍ସା ପ୍ରଣାଳୀ ଏବଂ ଔଷଧମାନଙ୍କର ଲକ୍ଷଣ ବିଶେଷ ଭାବରେ ଆଲୋଚିତ ହୋଇଅଛି। ଏହା ଲେଖକଙ୍କର ବହୁଦର୍ଶିତାର ପ୍ରମାଣ। ହୋମିଓପାଥିରେ ଉପଯୁକ୍ତ ଔଷଧ ନିର୍ବାଚନ ଦୁଃସାଧ—ସାମାନ୍ୟ ପାର୍ଥକ୍ୟ ପ୍ରତି ଦୃଷ୍ଟି ନ ଦେଲେ ଔଷଧର ଅପବ୍ୟବହାର ହୋଇ-ଥାଏ। ଲେଖକ ଏ ପ୍ରସଙ୍ଗର ପ୍ରତି ଧ୍ୟାନ ଭାବରେ ବିଶେଷ ଦୃଷ୍ଟି ଦେଇଛନ୍ତି। ପୁସ୍ତକର ଭାଷା ସରଳ ହୋଇ-ଥିବାରୁ ସ୍ୱଭାବରେ ଏହା ପ୍ରତ୍ୟେକ ଓଡ଼ିଆ ଗୃହର ସଂପଦ।

ପୂର୍ବକାଳର ବୈଦ୍ୟମାନେ ସରଳ ପଦ୍ୟାକାରରେ ନିଦାନଗୁଡ଼ିକ ମୁଖସ୍ଥ କରୁଥିଲେ କାରଣ ଗଦ୍ୟ ଅପେକ୍ଷା ପଦ୍ୟ ସହଜରେ ମୁଖସ୍ଥ ହୁଏ। ତେଣୁ ଏ ଚିକିତ୍ସାର ବହୁଳ ପ୍ରଚାର ପାଇଁ ରୋଗର ଲକ୍ଷଣ ଔଷଧର ଲକ୍ଷଣ ଏବଂ ସେମାନଙ୍କର ତାରତମ୍ୟ ସମସ୍ତ ପଦ୍ୟାକାରରେ ହେବା ଉଚିତ। ବଙ୍ଗଳାରେ ଏପରି ପୁସ୍ତକ ଅଛି। ଆମ୍ଭମାନଙ୍କର ଆଶା ଦୀନବନ୍ଧୁ ବାବୁଙ୍କ ପରି ପ୍ରବୀଣ ଲୋକ ଏ ଦିଗରେ ଦୃଷ୍ଟି ଦେବେ।

**ଚାଷୀର ସଂକଳ୍ପ**—ଲେଖକ—ଦୋଲରାମ ନନ୍ଦ। "ଡାହକ" ପତ୍ରରୁ ପ୍ରକାଶିତ। ପୁସ୍ତକଟି ଗ୍ରାମ୍ୟ ଉତ୍କଳର ଏକଜୀବିକତାର ଦାବି ଉପସ୍ଥିତ କରୁଛି। ଅନେକ ଜ୍ଞାତବ୍ୟ ବିଷୟ ସମ୍ବଳିତ ପୁସ୍ତକଟି ଦେଶମିତ୍ରଣ ପଲ୍ଲୀ ଓ କର୍ମୀମାନଙ୍କର ବିଶେଷ ଉପକାରରେ ଲାଗିବ। ଆମର ମତ—ଏ ଦେଶରେ ପୁସ୍ତକ ଓ ଖବରକାଗଜ ପଢ଼ୁଥିବାରୁ ପଲ୍ଲୀ ଦେଶରେ ଲୋକସେବାର୍ଥେ ଏ ଦିଗରେ ବେଶୀ କାର୍ଯ୍ୟ କରି ପାରିବ।


## ଜଗତ ବିଖ୍ୟାତ ପେଟେଣ୍ଟ ମହୌଷଧ

**ଭ୍ରମରମାରୀ**—ଦେବଦୂତଙ୍କର ମୃତସଞ୍ଜୀବନୀ ତୁଲ୍ୟ ଅମର ଔଷଧ। ଏହା ଭାଗ୍ୟବଶତଃ ମିଳେ। ପୃଥିବୀର କୁଷ୍ଠରୋଗୀଙ୍କ ପୁନର୍ଜନ୍ମ ଦାନ କରିବାରେ ଏହା ଏକମାତ୍ର ଦେବଦତ୍ତ ବରପ୍ରସାଦ। ଏହାର ଅତ୍ୟର୍ଥ ଗୁଣ, ଅସମ୍ଭବ କ୍ରିୟା—ସଞ୍ଜୀବନୀ ମହିମା ଭୁବନ ବିଖ୍ୟାତ। ଏପରି ସଞ୍ଜୀବନୀ ମହୌଷଧ ଜଗତରେ ଅନ୍ୟତ୍ର ମିଳେନାହିଁ। ଶହ ଶହ ନିରାଶ ମୁମୂର୍ଷୁ କୁଷ୍ଠ ରୋଗୀଙ୍କର ପୁନର୍ଜନ୍ମ ପ୍ରଦାନ କରୁଅଛି। ଭ୍ରମରମାରୀ ଲେହ୍ୟ ଏକମାସ ବ୍ୟବହାର ଯୋଗ୍ୟ ଡାବି ୧୬ ତୋଳା ଓଜନ ୧୦୲। ଭ୍ରମରମାରୀ ବଟିକା ୪ ଆଉନ୍ସ ଶିଶି ୧୲ ମାତ୍ର। ଏହି ଦୁଇଟି ମହୌଷଧ ପ୍ରତ୍ୟେକ ରୋଗୀଙ୍କର ଆବଶ୍ୟକ। ଦୁଃସାଧ୍ୟ ଦୀର୍ଘ-କାଳର କୁଷ୍ଠରୋଗ ନିବାରଣାର୍ଥେ ଲେହ ଓ ତୈଳ ସଙ୍ଗେ ଭ୍ରମରମାରୀ ଅର୍କ ପଥ୍ୟ ବ୍ୟବହାର କରିବା ସର୍ବୋତ୍କୃଷ୍ଟ। ଏ ଅର୍କ ଅଉନ୍ସ ଶିଶି ୧୲, ଶ୍ୱେତ କୁଷ୍ଠ ଉଦ୍ଧ୍ୱସକ ଭ୍ରମରମାରୀ ଚୂର୍ଣ୍ଣ ୪ ତୋଳା ଶିଶି ୧୦୲ ମାତ୍ର। ଦୀର୍ଘକାଳର ଦୁଃସାଧ୍ୟ ଏକଜିମା ଚର୍ମକୁଷ୍ଠ ଗାଲୁ କୁଣ୍ଡିଆ କୁଷ୍ଠ ଘା ନିବାରଣ ପାଇଁ ଭ୍ରମର-ମାରୀ ମଲମ ୪ ତୋଳା ୧୲ ମାତ୍ର। କେବଳ ରକ୍ତ ଶୁଦ୍ଧି ପାଇଁ ଓ ପ୍ରଥମ କୁଷ୍ଠ ନିବାରଣ ପାଇଁ ଭ୍ରମର-ମାରୀ ବଟିକା ସର୍ବୋତ୍କୃଷ୍ଟ। ୬୪ ବଟିକାର ମୂଲ୍ୟ—୧୮ (ଅଠଅଣା) ମାତ୍ର। ଏହି ମହୌଷଧ ସମସ୍ତ କେବଳ ଅମୃତଠାରେ ମିଳେ।

**ରାଜବୈଦ୍ୟ ବି, ଏସ୍, ରାଓ**

ଗଞ୍ଜାମ ଆୟୁର୍ବେଦିକ୍ ଫାର୍ମାସୀ, ରଙ୍ଗପେଟ, ବ୍ରହ୍ମପୁର (ଗଞ୍ଜାମ)


Digitized by srujanika@gmail.com

# ଅଜା-ଆଈ ବାହାଘର

ଲେ:—ଲ: ମ:

ଅଜା ଯଉଥିଲେ ବର୍ମା ଲଢ଼ାଇକୁ
ରେଡ଼କ୍ରସ ଦଳେ ମିଶି,
ଡାକତର ହୋଇ ରୋଗୀ ସେବା କରି
ମାଲିକଙ୍କୁ କଲେ ଖୁସି ।
ବ୍ରିଟିସ ଫଉଜ ପଳାଇ ଅଇଲେ
ରେଙ୍ଗୁଣିରୁ ତମ୍ପଟାଇ,
ଅଜା ରହିଗଲେ ଲମ୍ବର ହେବୁ
ଅସିବା ବାଟ ନ ପାଇ ।



ଅଇ ନଜଣିଲେ ଅଚାଗଲେ କାହିଁ
କୁତ୍ତୁଣିରେ ଥାନ୍ତି ବର୍ଷ
ପୁଲିସି ସାହାବ ତାଙ୍କ ଅଗେ ଦିନେ
ପ୍ରବେଶ ହୋଇଲେ ଅସି ।
ବୋଇଲେ ସାହାବ ଶୁଣ ଅହେ ଲେଡ଼ି
ଅଣିଅଛୁ ସୃଟକେଟ,
ତୁମ୍ଭ ହଜବେଣ୍ଡ ଲେଫଟେନାଣ୍ଟ ଅଜା
ମରି ହେଲେ ଜଣେ Hero
ଅମ୍ଭହାତେ ଅଛି ଦେଖ ଦେଖ ଏହି
ତାଙ୍କ ମୃତ୍ୟୁ ପରୁଆନା,
ସରକାର ତାଙ୍କୁ ଦେଲେ ପୁରସ୍କାର
ଭିକ୍ଟୋରିଆ କ୍ରସ ଖାନା ।
ସେ ଜେଣୁ ନାହାନ୍ତି ତୁମ୍ଭେ ଏ ପଦକ
ଝୁଲାଇବ ଯଦାବେଳେ,
ତୁମ୍ଭ ପୁଅ ନାତି ମହତ ପାଇବେ
ଏହି ଦେଶର ତଳେ ।

ଶୁଣିଚ ହୋଇଲା ଅଜା କି କରିବ
ଗର୍ଜଣାରେ କାର୍ଯ୍ୟ ନାହିଁ ।
କାନ୍ତ ଯାଇଥିଲେ ସ୍ୱାଧୀନତା ବୋଲି
ଚଳନ୍ତି ଅଣିବା ପାଇଁ,
ତୁମ୍ଭେ ଯେ ଦେଉଛ ଏହି ପଦାର୍ଥଟି,
ଏହି ଦରବକ୍ସ ସେହି ?



ଏତେ କହି ଅଈ ମୁଣ୍ଡେ ହାତ ଦେଇ
ବାହୁନିଲେ ସହା ଧରି
ଅହେ ପ୍ରାଣନାଥ ଚାହିଁ ଛାଡ଼ି ଗଲ
ଅଭାଗୀକୁ ଏକାକରି ।
ଏତେକଥା ଯେବେ ଥିଲଟି ମନରେ
ନ କହିଲେ କଥାଁ ଅଗେ
ଯେଉଁ ଦିନ ଗଲ ଶଙ୍ଖା ମୁଠାକ ମୁଁ
କାଢ଼ିଥାନ୍ତି ସେଇଲଗେ ।
ଶଦେଶ ଭୂଇଁରେ ଜୀବହତ୍ୟାକରି
ମୋ ସଙ୍ଗେ ସଧିଲି ବାଦ,
ମୋ ଅଗରେ ଯଦି ମଇଥାନ୍ତ ସିନା
ପୂରିଥାନ୍ତା ମୋର ସାଧ ।
ଦେଖିଥାନ୍ତ ତୁମ୍ଭେ କହିଲି ମରଦ
କେତେ ମଚ୍ଚବାକୁ ମନ,
ଏକା ଖଡ଼ୁମୁଖା ମାରି ମହୁଡ଼କୁ
କାଢ଼ିଥାନ୍ତି ଠାଣପଣ ।
ଅଜ କିଏ ଏଠି ଫେରେମ କରିବ
ତୁମ୍ଭ ଖେଳ ରଙ୍ଗ ଦିନ,
ଶରଧାରେ ତାହା ଫାଲୁଅ ପାଟିରେ

Digitized by srujanika@gmail.com

କାହାର କଣରୁ ମାଗିଲି ବାଳ ମୁଁ
ଜୟ ପାଣ୍ଡୁରା କର ଚେଷ୍ଟା,
ଅଭିବ ମୋର ମୁଣ୍ଡ କୁଣ୍ଡାଇବ
ଲାଗୁଛ ବାସନା ତେଲ
ସବୁ ସୁଖ ମୋର ସରିଗଲା ଏବେ
ସ୍ନିଗ୍ଧ ଜନ୍ମ ଗଲା ସର
ତୁମେ ମଲ ମଲ ଏକା ଛାଡ଼ିଗଲ
ମୋତେ ଦେଇଗଲ ମାର ।
ଏହଭଳି କେତେ ବାହୁନଣ ଅଈ
ଶଙ୍ଖା ଭାଙ୍ଗି ଦେଲେ ଭୁଗ,
ମୃତ ଛଅ ରୂପେ ଉକ୍ରୋଧ ଜସ
ଅଣ୍ଟାରେ ଥାଅନ୍ତି ଟାଙ୍ଗି

× × +

ଲଢ଼େଇ ସରିଲା ଅଜା ତହୁଁ ଦିନେ
ଛାଡ଼ିଣି ମୁଲକ ଛାଡ଼.
ଭାରତ ଭୂଇଁରେ ପ୍ରବେଶ ହୋଇଲେ
ଜଙ୍ଗଲ ପର୍ବତ ମାଡ଼ି ।
ସୀମା ଉପୁଅଳ ଅଫିସର ଅସି
ରୋକିଲେ ଅଜାଙ୍କ ପଥ,
ବୋଇଲେ ହକାର କିଏ ତୁମ୍ଭେ କହ
ପରିଚୟ ଦିଅ ସତ ।
ଅଜା ବୋଲେ 'ଆମେ, ଲେଫ୍ଟନେଣ୍ଟ ଅଜା
ରେଡ୍—କ୍ରସ୍ ଡାକ୍ତର,
ଆମର ନାଆଁକୁ କିଏ ନ ଜାଣିଛି.
ଏପାଖ ଦୁନିଆ ସାରା ।
ଅଫିସର ବୋଲେ ତୁମ୍ଭେ ତ ମରିଛ
ତାଲିକାରେ ଅଛି ନାମ,

ଅଜା—ନାଇସେନ ଜୀଅନ୍ତା ଅଜାଦ ଫଉଜେ
କରୁଥିଲୁ ଆମେ କାମ ।
ଅଫିସର—ଅଜାଦ ଫଉଜ ଅଜାଦ ଫଉଜ
ତେବେ ତୁମେ ରାଜ ଦ୍ରୋହୀ ?
ଅରେଷ୍ଟ କଲି ମୁଁ— ଚାଲ ଲାଲକିଲା
ବିଚାର ହୋଇବ ତହିଁ ।

ଅଜା—ଦୋହାଇ ସାହେବ— ଏତିକି ମାଗୁଣି.
ନେଇ ଚାଲ ଥରେ ଘରେ,
ଜୟଇନ୍ଦ୍ ଆମର ଛଡ଼େଇ ବ୍ୟଥାରେ
ଗୃହିଣୀ ଥିବେ ସନ୍ତାପରେ ।
ଦୟାଳୁ ସାହେବ ଅଜାଙ୍କୁ ନେଇଣ
ଛୋଟାଇଲେ ଅଈ ପାଖ,
ଅଜା ଦେଖିକରି ତାଟକା ହୋଇଲେ
ଅଈଙ୍କର ରଙ୍ଗ ଢଙ୍ଗ ।
ଅଜାଙ୍କୁ ଦେଖିଣ ବୋଇଲେ ଯେ ଅଈ
"ତୋପାଲେ ଏଡ଼ିଟା ଜୀଏ ।
ଅଲଗେଇଷ ଏ ଭୂତ କିଲେ ଏଟା,
ମଲା ମଣିଷକି ଜୀଏ !"




ଅଜା—ଶୁଣଗୋ ପ୍ରେୟସି ଆରୁ ମଣିଷ ଯେ
ମରେ ସିନା ବାର ବାର,
ପରଖି ଥିଲି ମୁଁ ମରେ ଅଧେ ମର
କି ମଜା ଅଛିର ତାର ।

× + ×

ଏ ଉତ୍ତାରୁ ଅଜା ଅଫିସର ସାଥେ
ଚାଲିଗଲେ ଜେଲ ଖାନା,
ଅଜାଙ୍କ ଚାଲାରେ ଧାଇଁଗଲେ ଅଈ
ଛାଡ଼ି ଦେଇ ଖାନା ପିନା ।
ଦିନକରେ ଅଈ ସପନ ଦେଖିଲେ
ଅଜାଙ୍କ ବିଚାର ହେଲା.
ଦେଶଦ୍ରୋହୀ ବୋଲି ଅଜାଙ୍କୁ ହାକିମ
ଶୂଳିକି ହୁକୁମ ଦେଲା ।
ଶୂଳକାଠ ପରେ ଅଜାଙ୍କୁ ଚଢ଼ାନ୍ତେ
ଟେକି ନ ପାରନ୍ତି କେହି,
ଯଥାକଥା କରି ବହୁତ ମରଦ
ଚଢ଼ାଇଲେ ଶେଷେ ନେଇ ।

Digitized by srujanika@gmail.com

ଅଜାଙ୍କର ଭାଗ୍ୟ ସହ୍ୟ ନ ପାରିଲ
ଝୁଲକାଠ ଏତେ ବଡ଼.
ଅଧ ଗଣ୍ଡାଏକି ଭଙ୍ଗେ ସେ ଧଡ଼ିଲ
ହୋଇବରି କଡ ମଡ ।



ଛଟ୍‌କିନା ଅଜି ଚହିଁକି ପଡ଼ିଲେ
ଦୁଇ ହାତେ ଆଖି ଢାଙ୍କି,
ବୁଆଡେ ଗଲକି ଏଣେ ଅସ ବୋଲି
ବାହାରୁ କେ ଦେଲା ଡାକି
ଡାଙ୍କରି ଭୁଣ୍ଡି— ଖାଇଲା ଭୂତ ଲୋ
ବୋଲି ଅଜି ଧଡ଼ପଡ଼େ,
ଅସମ୍ଭାଳ ହୋଇ ଲୁଚିଲେ ଯାଇଣ
ଗମ୍ଭୀର ଜବାଠ କଡ଼େ ।

ତେଣୁ ଅଜା ଆସି ପରବେଶ ହୋଇଲେ
ହସ ହସ ମୁଖ ହୋଇ,
ପ୍ରିୟେ ପ୍ରିୟେ ବୋଲି ଅଜିଙ୍କ କାନ୍ଧରେ
ଶରଧାରେ ହାତ ଥୋଇ ।

ଅଜା—
ଡରନାହିଁ ସଖି ଅଗୋ ଚନ୍ଦ୍ରମୁଖୀ
ମାରିଦେଖ ଦେହେ ହାତ,
ଭୂତ ମୁଁ ନୁହଇ ଜାଅନ୍ତା ପଣିଷ,
ତୁମରଇ ପ୍ରାଣନାଥ ।
ସଂସାରରେ ମୁହିଁ ନିର୍ଦ୍ଦୋଷୀ ହୋଇଲି
ମୋତେ କିଏ ଦେବ ଦଣ୍ଡ ।
ଭୁସଂାରେ ଥାଇ ମଲି ବୋଲି ଶୁଣି
ତୁମେ ଯା ହୋଇଲ ରାଣ୍ଡ ।
ନୂଆ କାଚ ଶଙ୍ଖା ଅଣିଛୁ ମୁଁ ଦେଖ
ପିନ୍ଧିପକା ଏଇସାତେ,
କାଶ୍ମୀରାଲିଠେଁ କିଣି ଅଣିଛୁ ସିନ୍ଦୂର
ଲାଗି ଦେବ ତୁମ ମାଥେ ।

ଏହାକହି ଅଜା ଅଜି ହାତରେ
ଝାମୁଠା ଦେଲେ ନାଇ,
ଠାଙ୍ଗର ମୁଣ୍ଡର ସିନ୍ଥିର ଉପରେ
ସିନ୍ଦୁର ଦେଲେ ପିନ୍ଧାଇ ।

ଅଜି ହୋଇଗଲେ କସି କନିଅା ଲୋ
ଅଜା ହେଲେ ନୂଆ ବର,
ହରିବୋଲ ଅଛି ନାଚ—ନାଚୁଣିଏ
ଅଛି —ଅଜି ବାହାଘର



Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ତେମନ୍ତ ଚରିତ୍ର ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଜହର'ର ମଧ୍ୟସ୍ଥତାରେ ଏହି ଦେଶ ଓ ବାହାର ଶିଶୁମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କ ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ଆଧାରରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ନିମ୍ନ ବାଳକ ବାଳିକାମାନଙ୍କ ପାଇଁ)

ନେହୁର ନାଗ ଚମୁଛି ଏ.

ଅନେକ ଦିନ ପରେ ଅଜାଙ୍କ ଦେହ ଭାଙ୍ଗିଛି । ଅନେକ କଥା କହିବାର ଅଛି । ତଥାପି ସଂଖ୍ୟା ଉପର ଏମ ଅଜା ଦାନ୍ତ ସଂଖ୍ୟାର ବୋହିଲ ଦେଇ ଏଇ ଛୋଟ ଉଦଳାପଣ ଦେଖିବାକୁ ଆଣି ଦେଲ । ସେଥିପାଇଁ ଏତେ ଉତ୍ତମ ଭାଙ୍ଗି ଯାଉଛି । ପୁଣି ଏଥର ଅଜାଠାରୁ ଅନୁମତି କହିବା । ପ୍ରଶ୍ନ ଏତି ସବୁ ଏତେ ଜମା ହେଉଛି ଯେ ସେସବୁ ମୁଁ ଉତ୍ତର ଦେଇ ପାରୁନାହିଁ । ତେଣୁ ମୋ ନାତୁଣୀ, ମୋ ନାତିମାନେ ତମର ନେହୁର କରୁଛି ଏଣିକି ସମସ୍ତେ ନୂଆ କରି ଏତି ଲେଖ । ପ୍ରତି ସଂଖ୍ୟାରେ ନିଶ୍ଚିତ ଜବାବ୍ ପାଇବ ।

ତମର—ଅଜା

## ନାଗଙ୍କ କଲମରୁ :—

### ଅଜା-ଆଈ ନାଚ

ଆଈ ଯାଉଥିଲେ          ବାଇ ନାଚ ଦେଖି
ଅଜାଙ୍କ ସାଥିରେ ଦିନେ,
ନାଚେ ଭେଲ ହୋଇ          ଗାନ ଧରୁଥିଲେ
ଅଜା-ଆଈ ମନେ ମନେ ।
ନାଚ ଶେଷ ଯାଏ          ସମ୍ଭାଳ ନ ପାରି
ଉଠି ପଡ଼ି ଅଜା-ଆଈ,
ବାହୁଡ଼ବ ହୋଇ          ନାଚ ଆରମ୍ଭିଲେ
ଥେଇକ ତା ଥେଇ ଥେଇ ।
ଯେତେ ଥିଲେ ନାଚ          ନାଚୁଣୀ ଆସିଲେ
ଦେଖିବାପାଇଁ ଏ ନାଚ,
ନାଚ ଅଧିଗଲେ          ଝୁମୁ ଝୁମୁ ହୋଇ
ବାଜିଲ ଆଈଙ୍କ ବାଟ ।
ଦୁର୍ବ କ୍ଷୀଣ ଅଜା          ଆଈଙ୍କ ସାଥିରେ
ଦେଇ ନ ପାରିଲେ ତା'ଳ,
ଢଳିଲେ ଢଳିଲେ          ନେଇ ଦେଉଥାନ୍ତି
ଆଈ ଅଜାଙ୍କର ତାଳ ।
ପାନ ଚୋବାଇଣ          ପାତ୍ରଅ ପାଟିରୁ
ଅଜାଙ୍କ ବୋହିଲା ଲାଳ,
ଆଈଙ୍କ ଶରୀରୁ          ଅଜାଙ୍କ ଚେଟିରେ
ପଡ଼ିଲା ଉଦାହିତ ତାଳ ।
ପାନ ପିକ ଦୋହ—          ଅଜା ଆଈଙ୍କର
ବସନ ହେଲା ରଙ୍ଗେ,
ପଶୁ ଖେଳନ ଅବ          ମାଛଚନ୍ଦ୍ର ଅବା
ଶରଧା-ଯଶୋଦା ସୁତ ।
ନାଚ ନାଚ ବେଳେ          କ୍ଷୀଣ ଅଜା ଅମ
ପଡ଼ିଲେ ତଳେ କଷ୍ଟ,
ତାଳ ଭାଙ୍ଗିଗଲା,          ଆଈ ବ ପଡ଼ିଲେ
ଅଜା' ଉ'ପରେ ମୁହଁ ମାଡ଼ି ।
ଦେଖାଣି ଆଈଙ୍କ          ସେହି ସ୍ୱରୁ ସ୍ୱପ
ନେଲେକି ଅଜା ସମ୍ଭାଳି !
ଟେମପାଣେ ଏଣେ          ନାଚ ନାଚୁଣୀଏ
ମାରୁଥାନ୍ତି କରତାଳି ।

ଶ୍ରୀ ସତ୍ୟେନ୍ଦ୍ରନାଥ ପରିଡ଼ା

———

## ନୂଆ ଗ୍ରାହକଙ୍କ ନାମ

୬୮୫ । ଶ୍ରୀ ରଘୁନାଥ ଗୌଡ଼, (ସ୍ଥାୟୀ ସଭ୍ୟ) Class XI. Board H. E. School, Chatrapur Dt. Ganjam. ୬୮୬ । ଶ୍ରୀ ଭବାନୀ ନାରାୟଣ ମହାନ୍ତି, Class VII. Khaira H. E. School, P. O. Khaira, Dt. Balasore. । ୬୮୭ । ଶ୍ରୀ ଦୈତାରି ବେହେରା । ୬୮୮ । ଶ୍ରୀ ଗୋପୀନାଥ ଦାସ । ୬୮୯ । ଶ୍ରୀ ଚନ୍ଦ୍ରନାଥ ବାଜପେୟୀ । ୬୯୦ । ଶ୍ରୀ ସନାତନ ସାହୁ । ୬୯୧ । ଶ୍ରୀ ନାରାୟଣ ପଣ୍ଡା । ୬୯୨ । ଶ୍ରୀ ଦେବଧର ଦାସ । ୬୯୩ । ଶ୍ରୀ ବୃନ୍ଦାବନ ଦାସ । ୬୯୪ । ଶ୍ରୀ ଜଗବନ୍ଧୁ ପ୍ରସାଦ ଦାସ । ୬୯୫ । ଶ୍ରୀ ଚିନ୍ତାମଣି ପାତ୍ରୀ । ୬୯୬ । ଶ୍ରୀ ଚନ୍ଦ୍ରଶେଖର ପଲେଇ, ଅନନ୍ତପୁର ଏମ୍‌. ଇ. ସ୍କୁଲ, ୬ଷ୍ଠ ଶ୍ରେଣୀ (ଖ) ପୋଃ ଅନନ୍ତପୁର, ଜିଃ ବାଲେଶ୍ୱର । ୬୯୭ । ଶ୍ରୀ ଚାରୁ କୃଷ୍ଣ ବେହେରା, (B) କପ୍ତିପଦା ଏମ୍‌. ଇ. ସ୍କୁଲ, ପୋଃ କପ୍ତିପଦା, ମୟୂରଭଞ୍ଜ ଷ୍ଟେଟ୍‌ । ୬୯୮ । ଶ୍ରୀ ଜଗନ୍ନାଥ ଦାସ, Class—X, (B) ରେଭେନ୍ସା କଲେଜିଏଟ୍ ସ୍କୁଲ କଟକ । ୬୯୯ । ଶ୍ରୀ ଚନ୍ଦ୍ରଶେଖର ଦେ, ( ସ୍ଥାୟୀ ସଭ୍ୟ ) ବଲାଙ୍ଗୀ ରୋଡ୍‌, ପୋଃ ବାଲେଶ୍ୱର । ୭୦୦ । ଶ୍ରୀମତୀ ଯଶୋଦାମଣି ଦେଈ, C/o Sj. Sudarsan Das, Kothar M. E. School. Class VI P. O. Kothar. । ୭୦୧ । ଶ୍ରୀ ଅନନ୍ତ ଚରଣ ସ୍ୱାଇଁ, ଦଶମ ଶ୍ରେଣୀ ଛାତ୍ର, ଜମାପଡ଼ା ଜୁବିଲୀ ହାଇସ୍କୁଲ, ପୋଃ ଜମାପଡ଼ା, ଜିଲ୍ଲା ପୁରୀ । ୭୦୨ । ଶ୍ରୀ ଦେବେନ୍ଦ୍ରନାଥ ଶତପଥୀ, ୧୦ମ ଶ୍ରେଣୀ ଛାତ୍ର, ଜମାପଡ଼ା ଜୁବିଲୀ ହାଇସ୍କୁଲ, ପୋଃ ଜମାପଡ଼ା, ଜିଃ ପୁରୀ ।

Digitized by srujanika@gmail.com

# ଦାର୍ଜିଲିଂ ବ୍ୟାଙ୍କ ଲିମିଟେଡ

ହେଡ ଅଫିସ— ଭବାନୀପୁର, କଲିକତା

ଓଡ଼ିଶାର ଶାଖା ଅଫିସମାନ: —

କଟକ ମଙ୍ଗଳାବାଗ ଏବଂ ଚାନ୍ଦନୀଚୌକ, ଖୋର୍ଦ୍ଧା ରୋଡ଼, ଖୋର୍ଦ୍ଧା, ପୁରୀ, ବରହମପୁର (ଗଞ୍ଜାମ)




BANK'S OWN BUILDING AT CUTTACK.

# DARJEELING BANK Ltd.

Head Office:— Bhowanipur, CALCUTTA.

ORISSA BRANCHES:—

CUTTACK—MANGLABAG & CHANDNICHAWK PURI, KHURDA ROAD, KHURDA, BERHAMPUR (GANJAM)

OTHER BRANCHES:—

**IN ALL IMPORTANT TRADE CENTRES.**

*Tele—"Rainbow"— Cal.*
*Phone:—P. K. 2681*

**B. MUKHERJEE**
*Mg. Director*


Digitized by srujanika@gmail.com

# ସୁପ୍ରଭା ସ୍ନୋ

କମନୀୟ ଆନନର

ରମଣୀୟ ପ୍ରସାଧନ

ନିତ୍ୟ ବ୍ୟବହାର କଲେ
ବଦନ ମଣ୍ଡଳରେ ଅପୂର୍ବ
ଲାବଣ୍ୟଶ୍ରୀ ବିକଶିତ ହୁଏ ।

କୋଣାର୍କ କେମିକ୍ୟାଲ
ଏଣ୍ଡ ବ୍ୟୁଟି ପ୍ରଡକ୍ଟସ୍
( ଭଣ୍ଡିଆ )




ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—

ହେଡ଼ ଅଫିସ— କଲିକତା

**ଶାଖା ଅଫିସମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାଭୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଖଡ଼ଗବେଡ଼ା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ଜଙ୍ଗଦଲି, ନାଗପୁର ।   ସ୍ୱା ପି. ଏନ୍: ରାୟ ଚଉଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୲ ଜମା ଦେଲେ ବର୍ଷେ ପରେ ଓ ୫ମ ବର୍ଷ ଶେଷରେ ୫ ୨୭୦ ଙ୍କା ପାଇବେ ।


Printed & published by G. C. Mahapatra at the Gopinath Press, Bhadrak. 1946.

Digitized by srujanika@gmail.com

୯ମ ବର୍ଷ—୧୯ ଓ ୨୦ ସଂଖ୍ୟା

ଫାଲ୍‌ଗୁନ—ପ୍ରଥମ ଓ ଦ୍ୱିତୀୟାର୍ଦ୍ଧ




ଏ ସଂଖ୍ୟାରେ—

**ମଜାକଥା କହେ—**

'ପ୍ରେମର ଆଖୁ ବାଡ଼ିରେ'

**ମଜାକବିତା ଗାଏ,—**

ମନ୍ତ୍ରୀବଛା,

ଛାଛଡା,

ଜ୍ଞାନୋଦୟ ମିଠାକଡ଼ା— ମନୋନୟନ ହେଙ୍ଗଲା ପାଞ୍ଚି

କବିତା—**ବିଦ୍ରୋହୀ ଭାରତ** କାହାଣୀ—**ସୁନା ପିଞ୍ଜରା**

ଓଡିଆର ଧନ ଓଡିଆର ଶ୍ରମଦ୍ୱାରା ନିର୍ମିତ

ମେସାର୍ସ—'ଦାସ ଏଣ୍ଡ କୋ'

୪, ଫାଲ୍‌ଗୁନ ଦାସ ଲେନ୍‌,

କଲିକତା ଙ୍କର

'ଏଟେଲେଣ୍ଟା ଫେନ୍‌,

**"ATALANTA FAN"**

ବ୍ୟବହାର କରି ଦେଶରେ ଗୌରବ ବଢ଼ାନ୍ତୁ ।

ସୁନ୍ଦର—ଶସ୍ତା ଓ ଦୀର୍ଘକାଳ ସ୍ଥାୟୀ ।

ସୋଲ୍ ଡ଼ିଷ୍ଟ୍ରିବ୍ୟୁଟର

**Messrs W. C. Nayak. & Co.**

4, Falgoon Das Lane, Calcutta.

ବାର୍ଷିକ—ତିନଟଙ୍କା ଆଠଅଣା

ରାଜସଂସ୍କରଣ—ପାଞ୍ଚଟଙ୍କା

Digitized by srujanika@gmail.com

# ନାଲନ୍ଦା ଔଷଧାଳୟ

ଅଧ୍ୟକ୍ଷ—ରାଜବୈଦ୍ୟ ହୃଷିକେଶ ଶାସ୍ତ୍ରୀ

୩୩, କଲେଜ ରୋ, କଲିକତା




ପୃଥିବୀ ବିଖ୍ୟାତ ପଣ୍ଡିତ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରଧାନ ଶିକ୍ଷକ, ମାନନୀୟ ବ୍ରାହ୍ମଣପଣ୍ଡିତ, ଦେଶ ବରେଣ୍ୟ ନେତା, ମନ୍ତ୍ରୀ, ରାଜା ଓ ଚିକିତ୍ସକଗଣ **ନାଲନ୍ଦା ଔଷଧାଳୟର** ଭୂୟସୀ ପ୍ରଶଂସା କରନ୍ତି । ଆରୋଗ୍ୟ ଗ୍ୟାରେଣ୍ଟି ଦିଆଯାଏ ।

# Nalanda Ausadhalaya.

*Prop:*—**Rajvaidya Hrishi Kesh Sastri.**

**33, COLLEGE ROW, CALCUTTA.**

ସମ୍ପାଦକ— **ନିତ୍ୟାନନ୍ଦ ମହାପାତ୍ର;** ପରିଚାଳନା ସମ୍ପାଦକ—**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

ଡ଼ୁଗୁଡ଼ୁଗିଆ

# ବିଲୁଆ ବିଚାର

୯ମ ବର୍ଷ - ୧୯ ଓ ୨୦ ସଂଖ୍ୟା
ଫାଲ୍‌ଗୁନ ପ୍ରଥମ ଓ ଦ୍ୱିତୀୟାର୍ଦ୍ଧ

ମେଯୁକ୍ତ ଚର୍ଚ୍ଚିଲ ଓ ଷ୍ଟାଲିନଙ୍କ ବାଣୀ ପାଣି ଛେଚଣ ଲାଗିଗଲା । ଦିନ ଥିଲା ଯେତେବେଳେ ଏ ଦୁହେଁ ଏକାବେଳେ 'ଗଳଗଳି' ଭାବ—ବେଳେ ବୃଦ୍ଧ ଚର୍ଚ୍ଚିଲଙ୍କି ଚ୍ୟାଂଡ଼ାଇ ପିନ୍ଧେଣ ଷ୍ଟାଲିନ ଚର୍ଚ୍ଚିଲ—ତାଙ୍କୁ ଦୁହିଁଭାଇ ଜଗାଇ ମାଧାଇ ଅଥବା ଦୁହିଁଭାଇ ଶଙ୍କର ନଟାଇ ହୋଇ ଏଣେ ଅସ୍ତ୍ରୀ ହୁଣ୍ଡିଙ୍କି ଏଣେ ମୁହଁରେ ଜିଅ, ଏକ ଖାଟରେ ଶୋଇଶ ପାର୍କ ପଛ ଲିଖି ଯାଉଥିଲେ । ତାପରେ ଚ୍ୟାଂଡ଼ାଇଙ୍କୁ ଦୁହାଇ ଦେଇ ଜନଗଣ ଜନ୍ମୁଜନେ ଦ୍ୱିବେଣୀ ଧାଉଁଥିଲେ । ଛୁଦ୍ଧୀର ପାର୍ଟିରୁ କେଏ ଛାଟି, କେଏ ଯମୁନା ଓଉ କେଏ ସରସ୍ୱତୀ ଜାଣିବାର ଅଉ ଉପାୟ ନ ଥିଲା । ସମସ୍ତେ ଜନଅର ସ୍ୱାଧୀନତା ପାଇଁ ଲଢ଼ୁଥିଲେ । ସେତେବେଳେ ଟିକେ ଥିଲା—ଓ ।ର ଥାଉ ମୋର ଥାଉ, କାହାର କଥା କେହି ନକହୁ । ଭାରତରେ ଇଂରେଜ ସରକାରଙ୍କ କର୍ମକାଣ୍ଡରେ ରୁଷିଆ ଖୁସି । ପୋଲଣ୍ଡରେ ରୁଷିଆର କର୍ମକାଣ୍ଡରେ ଇଂଲଣ୍ଡ ଖୁସି । ପୁଣି ଗ୍ରୀସରେ ବାମପନ୍ଥୀ ଏଲାସ ଡାହାଣ ଉପରେ ଇଂରେଜ ଯେତେବେଳେ ନୁଷ୍ଟଙ୍କି ପନ୍ଥୀ କହି ଗୁଳି କଲେ ସେତେବେଳେ ଷ୍ଟାଲିନ ଚୁପ୍ ଥିଲେ ଯେତେବେଳେ ଷ୍ଟାଲିନ ନରମିଶ ପୋଲାଣ୍ଡ, ଛଲରେ ରୁମାନିଆ, ଯୁଗୋସ୍ଲାଭିଆ ବୁଲଗେରିଆରେ କମ୍ୟୁନିଷ୍ଟ ରାଜ୍ୟ ସ୍ଥାପନା କଲେ ସେତେବେଳେ ଚର୍ଚ୍ଚିଲ ଚୁପ୍—ବେଳ ବାଇପାଇଁ ଯୋଗାଇବା ! ନଟଭଙ୍ଗିମା! ଯୌବଣୀଙ୍କ ଭଟରି ମା ଗଙ୍ଗାଜଳଣୀ ଦୁହେଁ ସମାନ ।

କିନ୍ତୁ ସବୁ ଦିନେ କାହିଁ ଗୁହାରି ରହେ ନା ସବୁଦିନେ କାହିଁ ଶ୍ରୀତି ଟିକେ ? ଯେତେବେଳେ ଷ୍ଟାଲିନଙ୍କ ପାର୍ଲମେଣ୍ଟରେ ମଧ୍ୟ ପ୍ରେମି ଅରମ୍ଭ କଲେ ସେତେବେଳେ ଆଉ ଚର୍ଚ୍ଚିଲ ସମ୍ଭାଳି ରହି ପାରିଲେ ନାହିଁ । ଏଥର ଚର୍ଚ୍ଚିଲ ଲେଖି ଉଠିଲେ—ଅଟମ୍ବରବା ଇଂଲଣ୍ଡ ବନ୍ଧୁତା ଲେଖା । ଅଉ ରୁଷିଆକୁ ପାରି ହେବନାହିଁ । ବାଳ୍ପଡ଼ବାଲା—ବଦଳିଂର ଦେପା—ଅଉ ଆହିଲେ ବାପା—ଛନ ଜୋଗୀ ବାପା ।

ଯେଉଁ ମୁହଁ ଯେଉଁ କହି ଅଲ୍ଲ—ଅପଣା ସ୍ୱାର୍ଥକୁ ସମ୍ମୁଖ—ପର ଦେଖାଇ ଚୋପା ଦେବା—ଅପଣା ଦେଖିଲେ ବସ୍ତୁ ଦେବା । କଏ ଦେବେ ଛାଡ଼ି ନେବ । ଜଣେ ମାର ମେରି ଯଦି କଳିଯୁଗ ଅନ୍ୟ ଜଣେ ଅଉ ଠାଏ ମାରିବ ନ ଚ୍ଛେଲେ ପଃ ପଢ଼ବ ନେଇ । ସେଥିପାଇଁ—

ଶ୍ୟାମ ଦେବେ ଯମୁନା ଡଃମେ ସଙ୍ଗେ ଚାଲି ଗଲ,
ବଳରାମଙ୍କ କୌଣସି ଏକାଧାର ଏକ ସ୍ତ୍ରୀ ।

+ × × +

୨ ମାର୍ଚ୍ଚ ଭିତରେ ରୁଷିଆର ସୈନ୍ୟବଳ ପାରସ୍ୟରୁ ବେଲଜାଣ ଅସିବା କଥା । କିନ୍ତୁ ତେବେ ତେର ହୋଇଗଲା ପାଗ ବାନ୍ଧୁ ବାନ୍ଧୁ । ସେଥିପାଇଁ ଏବଂ ଖୋଲ ପର୍ବତ ମାର ମୂଷା ବାହିଁବ ! ସମସ୍ତେ କହିଲେ ଯୁଦ୍ଧ ହେବ—ଯୁଦ୍ଧ ହେବ । କିନ୍ତୁ ଷ୍ଟାଲିନ କହିଲେ—"ନା—ଅମ ସୈନ୍ୟ ଫେରୁ ଅଛିବ ।" କିନ୍ତୁ ଷ୍ଟାଲିନ ଏକଥା କହିଲେ ନାହିଁ ଯେ, ଜର୍ମାନଙ୍କ ବଶ ହିଁ ଛାଡ଼ି ଦେବ ତେବେ ଯାଇ ଅଇବେ—ବୋଇବେ—

କରିଲ ଭୃମଙ୍କ ପାରସ୍ୟ ଭଳ,
ପୃଣ୍ୟ ଦେବସ୍ୱନ ଯଶ ବତୁଳ ।

ତଥାପି କଣ ଶାନ୍ତି ପରେଦ୍ୱାରେ ଆରୁଣୀ କଥା ଉଠିବ ବୋଲି ଧାସ୍ ହୋଇ ଯାଉଛି । ଷ୍ଟାଲିନ ଛେଣେ ନଣ ଫୁଲିର କହୁଛନ୍ତି—ଦୁଇଟର ଦୁଇ ବ୍ରେଜା ଦେଖିବୁନବ—ଯାଞ୍ଚା ପଞ୍ଚାତେ କହିର ଗୁଞ୍ଜ—ତାକୁ କାହିଁ ପାଇଁ ଗର୍ଜ୍ଜ ?

+ + + +

ସାତ ସମୁଦ୍ର ତେର ନଦୀ ପାର ହୋଇ ଉଡ଼ ଉଡ଼ ଅସିଥିଲେ ବ୍ରିଟିଶ ମନ୍ତ୍ରୀ ସଭା । ସ୍ୱାଧୀନତା ପାଇଲ ଅସି ଦିଲ୍ଲୀରେ ଦାଦର ବର ଉଦେଇଛନ୍ତି । ତେବଲ ଭିଃ ପିଃ ଛଡ଼ଡ଼ର—ବନ୍ଦି ବା ଉସିଦ ଦେଖେଇଲେ ହେଲ ଗୁଣ୍ଡା । ଅଉ କଣ ଅଃଦବ ନାହିଁ । ସ୍ୱଗଜ ଖାଇ ପାଚିଦି ଦଃଷ୍ଟ—ଗୋଷ୍ଠୀ ଗାମ୍ଭିରେ ଚଲେ । ଅମ ଅନୁଯାୟୀର ଅମେ ପାରୁନାହିଁ—ନହେଲେ ବ୍ରିଟିଶ ସରକାର ଅମ ସୂଖ ଦୁଃଖ ବୁଝିବେ । ଶୁଣି ବଡ଼ ବଡ଼ ଭଲ ଭଳ କଥା କହୁଛନ୍ତି । ଅମ ନେତାମାନେ ଯଦିଓ ଯାଉଛନ୍ତି ବରଂ ସଙ୍ଗରେ କହେ— ଯାହା ନ ଦେଖିଲୁ ଦୁଇ ନୟନ, ପରେରେ ନ ଥିବୁ ଗୁରୁ ବଚନ ।

× × × ×

ଅଟଲି ସାହେବ ଇଂଲଣ୍ଡର ଦେଖାଦେଖି କଲେ ଏଥର ଅଙ୍ଗ ମସ୍ତ ତୋରୁ ଚୌହୁଣକୁ ଦାନ କରୁ ଅସିବୁ । ଭାରତକୁ ଜରଣା ଦାତରେ ସଅପି ଦେଇ ଅସିବୁ । କଲଣିପି ପ୍ରଂଗ୍ରୀଆନ୍ଦୋଳନ ଡଳ ଡାଆ ବୁଝିବଲ ଅପେକ୍ଷ ତାକୁ ମନରୁ ନାହିଁ । ଅମର କହିବ କଥା ଦେଇଦେବୁ । କିନ୍ତୁ ଦୟା ଥିବ ଲଟରିଲ ଏଠିବ ଅସି କହିଲେ—ମୁଷ୍ଟିମ ଲିଗ୍ ଜଣ ସଂଖ୍ୟା ନ୍ୟୂନ କି ? ତେଇ ତ ସଂଖ୍ୟା ଖୁବୁ କମ । ଲୋକେ କହୁଛନ୍ତି—ଡଟମ କହୁଥିଲ ଲାଇ ତଳର ଦାଗ—ଦାଗି ବେଳକୁ ତେଲ କଂସା ?—ବୋଧହୁଏ ନିଶ୍ଚେ କହିବେ—ଅମର ଏ ଦେବ ଭାଷା ।

+ + + +

ଏ ଥର ବନ୍ଦେ ମାତରମ ଗାନ ଗଜନାଥ । ନଦୀଷି ତହିଁ ଦ ଟୁଙ୍ଗାରୁ କହାଇଲେ ଯେ ପଣ୍ଡିତ ନିତଗାରୁ ସଙ୍ଗୀତ—ଭାରତ ପଥ

Digitized by srujanika@gmail.com

ଫସଲ । ମନ୍ତ୍ରୀ ପଣ୍ଡିତ ଯେ ତା' ଚାରି ଶୁଣି ସତର୍କରେ ପାଦ ପକାଉଛନ୍ତି । କଥାରେ କହନ୍ତି—୧ଶର ଥରକ ସ୍ୱଳ୍ପ ଚାଷ, ଏ ଉତ୍କଳରେ ବହୁତ ପାଞ୍ଚ—ଗୋଡ଼ ଗଳାଇଛନ୍ତି ! ତେଣୁ ଯେତେ ଖୁଣ୍ଟ ଖୁଣ୍ଟିଆ କଲେ ଅସିଥାଏ, ଏଟି ଆମର ଗୋଟିଏ ଶୀଘ୍ରଣ ବନ୍ଦଣ୍ଟ । ଏବେ କଳା ବାହାରିଲା । ପାକିସ୍ଥାନ ଲୋକଙ୍କ—ଛଡ ପୋଲୋଡ଼ଙ୍ଗ—କଣ୍ଟେଇ ହାତ୍ ନେ ସାଥେ ଲେଢ଼ଙ୍ଗେ—ମାତ୍ରିକା ମୋଟେ ବୋ ମୋଟେ ତେ । ଆଉ ସମସ୍ତେ ଚାହାନ୍ତି—ଏବେ କଳା ଚାହେଁ । ଯନ୍ତ୍ରରେ ପୁଅ—ମା କ'ଣ ଖାଇ ଜନମ କରିଥିଲା ବୋଲି—ନିଜେ ଗବେ-ଷଣା କରିବା ଦରକାର ।

କିନ୍ତୁ ଆମ ବ୍ରିଟିଶ ସରକାର କ'ଣ ଏତେ ବୋକା ! ସେ କ'ଣ ଜାଣ କଥା ବୁଝିନାହାନ୍ତି । କିନ୍ତୁ ଜନ କଥାରେ ଷଣ୍ଢ ଧୀଲା ନ ରଖିଲେ ସ୍ୱାର୍ଥ ପୂରଣ ନାହିଁ ଯେ । ତଥାପି କଥାରେ କା ଦାରିଦ୍ର୍ୟ । ସ୍ୱାଧୀନତା ଦେଇଦେବେ ନିଶ୍ଚୟ । ଏ ବ୍ରିଟିଶ ସରକାରଙ୍କ ଯେ ଚାହିଁ ନଥିବ, ସାର କାଗଜ ଚାହିଁବା ତା' ପକ୍ଷରେ କଷ୍ଟ । ଜେଉଁଟି ଶ୍ରମିକ ଦଳ, ଜେଉଁଠି ସ୍ୱରଣରକ୍ଷୀ ଦଳ, ଭାରତ ମଙ୍ଗଳ ପଣ୍ଡ ସବୁ—ଅଶେଷ ପ୍ରକାରେ ଉପଚ—ଦେଖାଣେ ଗୋବିନ୍ଦର ସନ୍ଥ—ଯଦୁମଣି କୃଷ୍ଣମୂର୍ତ୍ତି ଦେଖି କହି ନଥିଲେ ଯେ ଏଇ ଇଂରେଜ ମୂର୍ତ୍ତିକି ଦେଖି କହିଥିଲେ—

ଜେଉଁଠାରେ କଳା ଜନେ ନାହିଁ ପାଅ ଗାଧ,
ଜେଉଁଠାରେ ବୋଲୁଅଛ କରୁଣା ବାରିଧି ।

ମନେ ହେଉଛି ଶେଷରେ ଇଂରେଜ ହୁଡଙ୍କୁ ଭାରତବାସୀ କହିବେ— ଅଂଜ ଚରଣ ଯାଚର ଦେଇ—
ଯେଉଁ ବାଟେ ବାଟେ ଅସିଥିଲ କନ୍ତ୍ର ସେଇ ବାଟେ ଗାଟେ ଲେଉଟ ।

\+ + + +

କେବଳ ଅସେମ୍ବ୍ଲିରେ ସେଦିନ ମୁସ୍‌ଲିମ୍ ଲିଗ୍‌ର ସତ୍ୟ ରୂପ ପ୍ରକଟ ହୋଇଗଲା । ନାଲିବର୍ଣ୍ଣ ଶୃଗାଳ ଅଉ କେତେ ଦିନ ଲୋକଙ୍କୁ [illegible] କରିବ ? ପ୍ରକୃତ ତ ଟାଣିବ ନିଶ୍ଚୟ । ପୁଲିସବାଲଙ୍କ ଶୋଷଣ ଧାରେ ଡଙ୍ଗାରେ ଯେଉଁ କାଣ୍ଡ ହେଲା, ସେ ବିଷୟରେ କଂଗ୍ରେସ ପକ୍ଷ ମୁଲତବି ପ୍ରସ୍ତାବ ଆଣିବା ବେଳେ ଲିଗ୍ ସରକାରଙ୍କ ସମର୍ଥନ କଲେ । ତା ପରେ ପରେ ଅର୍ଥ ବିଲ୍‌ରେ ମଧ୍ୟ ଲିଗ ସରକାର ପକ୍ଷ ଅବଲମ୍ବନ କଲେ । ସେଦିନ କଳା ସାହେବ ଖାଲି ବୁଝା ଥିଲେ [illegible] ନାହିଁ ମୋର ବୁଢ଼ା ବରଷା । ଅଜ ଧୂର୍ତ୍ତ ସେଇ…ତା କହିଲେ— କଥାଏ ଘଟିଗଲା ।

× × × ×

ଭାରତ ସରକାରଙ୍କ କଳ୍ପିତ ଖାଦ୍ୟ କମିଟିରେ କଂଗ୍ରେସ ଯୋଗ ଦେବ ନାହିଁ ବୋଲି କାର୍ଯ୍ୟକାରୀ କମିଟି ନିର୍ଦ୍ଦେଶ ଦେଲେ । ସରକାର ଭାବିଥିଲେ, ଭାରତ କେହି ନ ହୋଇ କଂଗ୍ରେସ ନେପଥ୍ୟ ଚିନ୍ତାରେ କଥା କହିଲ ନ ଦେବାର କାମନା କରେ । ଏଣେ ଯାହା ଯାହା କରିବ ଖାଇଯାଏ ତେବେ ଦୋଷ ହେବ କଂଗ୍ରେସର । କଂଗ୍ରେସ ତେଣୁ ସାବଧାନ—ମାନେ ମାନେ ଓହରିଗଲେ । ବଡ଼ଲାଟ ଭାବୁଥିବେ—ଏମିତି ଗାନ୍ଧୀଙ୍କ ବଳରେ ଏ ଦେଶର ସତ୍ୟ ଯୁଗ ଫେରିବ ଆସିବ । କାରଣ କଥାରେ ଅଛି—

କଳିରେ— ଅନ୍ନମୟ ପିଣ୍ଡ
ଦ୍ୱାପରରେ—ରକ୍ତମୟ ପିଣ୍ଡ
ତ୍ରେତାରେ—ମାଂସମୟ ପିଣ୍ଡ
ଓ ସତ୍ୟରେ—ଅସ୍ଥିମୟ ପିଣ୍ଡ ।

ଲୋକେ ଅସ୍ଥିସାର ହେଲେ ସତ୍ୟଯୁଗ ନ ଫେରି ଯିବ କିଅଁ ।

× × × ×

ଜାପାନର ହିରୋସିମା ସହର—ଯେଉଁଠି ପରମାଣୁ ବୋମା ପଡ଼ି ଛାରଖାର କରିଥିଲା—ସେଠି ଏବେ ଏକ ଅଦ୍ଭୁତ ଦୃଶ୍ୟ ଦେଖା ଯାଉଛି । ବୋମା ପତନ କାଳର କୌଣସି କୌଣସି ଉଦ୍ଭିଦର ଦୃଶ୍ୟର ସମ୍ପୂର୍ଣ୍ଣ ଭୂଇଁରେ ପଡ଼ିଛି ଓ ତାହା ଲିଭୁନାହିଁ । ଏହାର ହେତୁ ବୈଜ୍ଞାନିକମାନଙ୍କୁ ବିଚଳିତ କରି ଦେଉଛି । ବୋଧହୁଏ ଏହାର କୌଣସି ଅଲୌକିକ କାରଣ ଥିବ, ଯାହା ଆମର ଅଗୋଚର ।

ପୁଣି ବୋମାଘାତ ପ୍ରାପ୍ତ ଜୀବିତ ବ୍ୟକ୍ତିଙ୍କ ଶରୀର ମଧ୍ୟ ଆଶ୍ଚର୍ଯ୍ୟ-ଜନକ ପରିବର୍ତ୍ତନ ଦେଖାଯାଉଛି । ମାନବ ଦେହର ସୂକ୍ଷ୍ମତମ ଅଣୁ ସବୁ ଏହି ଅଘାତ ଦ୍ୱାରା ବଦଳି ଯାଉଛି । ଏପରି ଯେ ବୁଢ଼ା ଟୋକା ହୋଇ ଯାଉଛନ୍ତି । ବନ୍ଧ୍ୟା ଫଳବତୀ ହେଉଛନ୍ତି । ସ୍ତ୍ରୀ ପୁରୁଷ ହେଉଛି କି ନାହିଁ ଜଣାନାହିଁ । ଏହା ଦେଖି ଆମର ଇଚ୍ଛା ହେଉଛି, ଆମ ଉପରେ କଣ ନିଅ ରକମ ଗୋଟିଏ ଅଧେ ଅଣୁ ବୋମା ପଡ଼ନ୍ତା କି ?

\+ + + +

ଓଡ଼ିଶା ଆସେମ୍ବ୍ଲି ଦରବାରରେ ଏଥର ଦାସ-ବଂଶ (Slave dynasty) ଖାସ ଜାହିର ହ ରହିଲେ ନାହିଁ । ଗଲଥର ଆସେମ୍ବ୍ଲିର ଯେଉଁ 'ଦାସ' ଗୋଷ୍ଠୀର ଏତେ ବୋଲବାଲା ଥିଲା, ଏଥର ତାଙ୍କର ପତନ ବ ପଡ଼ିଲ ନାହିଁ । ବିଶ୍ୱନାଥ ଦାସ ଥିଲେ ପ୍ରଧାନମନ୍ତ୍ରୀ ଓ ଦଳନେତା, ମୁକୁନ୍ଦ ଦାସ ଥିଲେ ସଭାପତି, ନନ୍ଦ ଦାସ ଥିଲେ ଉପପତି ଓ ବଟଶାଶନ ଦାସ ଉପନେତା ଓ କଚ୍ଛପ ମୁଖ୍ୟ ନେତା । ଏତେ ବଡ଼ ନାମିକା ଗୋଷ୍ଠୀର କାହିଁକି ପତନ ଘଟିଲା ତାହା ଅନେକେ ବୁଝି ପାରୁ ନାହାନ୍ତି । ଆମେ ଭାବୁଛୁ କି ଏ ମଉସୁମର ମତ୍ତଦାଗୀ ମନୋବୃତ୍ତି (hot mentality) ସହିତ ନରମା 'ଦାସ' ମନୋବୃତ୍ତି (slave mentality) ଖାପ ଖାଇଲା ନାହିଁ କି

\+ + + +

[illegible] ଭ କଳା ସାହେବଙ୍କ ନିଜ ରୂପ ବାହାରି ପଡ଼ିଛି । ଶୁଣାଯାଏ କଳା ସାହେବ ବ୍ରିଟିଶ ସରକାରଙ୍କ ସହିତ ଗୁପ୍ତ ଷଡ଼ଯନ୍ତ୍ର ଚଳାଉଛନ୍ତି । ପାକିସ୍ଥାନ ସେ ଦେଇଦେଲେ—ବ୍ରିଟିଶ ଛକ ସନ୍ଧା ଧରିଲେ ପାକିସ୍ଥାନ ଲହିବ ବୋଲି କଳା ସାହେବ କେମନ୍ତେ ଜବାବ ଦେଉଛନ୍ତି । ଗେରସ୍ତ ଯୋଗ ଭଲ ଲାଗିବ କିନ୍ତୁ କଳା ଲୋକଙ୍କ ହାତ ଅର୍ଣ୍ଣ ସାଗର କି ମିଠା ! ଇଣ୍ଟ୍ରିଗ୍ କା ପେଚେଇମ ।

କବି ଗାଇଲେ—

ଗୋର ଚମଡ଼ାର ପୀରତି । ରଖିଲ କନ୍ୟାଙ୍କ କୀରତି ॥
ଏ କଳିକାଳର ଗତି । ଜନମିଲେ କଳା ଧରତି ॥
ପହାଡ଼ ଲାବଣ୍ୟ ମୂରତି । ଦେଖି ଗଲ ଲୁଏ ବରତି ॥

Digitized by srujanika@gmail.com




ମଜାକଥା –

# ପ୍ରେମର ଆଖି ଫିଟିଲେ

ଲେଖକ: - ନିଃ ମଃ

ଅରୁଣ ସବୁ ସଂ, ଅଚ, ଡ଼,ଙ୍କ ଭଲ ସେ, ଅଚ, ଓ, ନୃତ୍ୟ । ମିଛକୁ ସଜ ଭବତାକୁ ସେ ଘୃଣା ମନେ କରେ କିନ୍ତୁ ସତକୁ ମିଛ ଭାବରେ ସେ ଆପତ୍ତି ଦେଖେ ନାହିଁ । ସେ କହେ, ସତ ଯେ ସତ, ସେ ଅଜ-ମଜ କେଉଁ ଜାଣେ-ନା । ମିଛ କେବଳ ସତର ଗୋଟାଏ ଆବରଣ । ସୂର୍ଯ୍ୟକୁ ମେଘ ଢାଙ୍କିଲା ପରି । କିନ୍ତୁ ମିଛକୁ ବା ଅନ୍ଧାରକୁ ସତ ବା ସୂର୍ଯ୍ୟ କହି ହେବନାହିଁ । ଯେ କରେ ସେ ସମ୍ଭାବକୁ ଠକାଏ ଅଜ ଲୋକଙ୍କୁ ମଧ ।

ଅରୁଣର ବି. ଏ. ରେ ଫିଲସଫି ଥିଲା ଗୋଟିଏ । କିନ୍ତୁ ତା ଜୀବନର ଫିଲସଫି ଅନ୍ୟାନ୍ୟ ପୋଥି ପଢ଼ା ଫିଲସଫିଠାରୁ ଭିନ୍ନ । ସେ କହେ—"ଫିଲସଫିଟା ସତ୍ୟ, ଜୀବନ୍ତ, ସ୍ଥାଣୁ ନୁହେଁ—ଗତିଶୀଳ ।"

କରୁଣ ତାରି ସାଙ୍ଗ । ସ୍ୱଭାବ ଅନ୍ତରଙ୍ଗର କେବେ କଣ ଭଲ । ଦୁଇ ଯୋଡ଼ି ହାତେ ଗୁଣ୍ଡିଆ ଏ ସେହାତେ ମଧ ଗୋଟାଏ ଜବରୁର ଝଗଡ଼ା ଲାଗି ଯାଏ । ସେ କହେ—"ମିଛ ଟୋକେ ବି ଭଲ ନାହିଁ । ସତର ଅଭିବ୍ୟକ୍ତ ମିଥ୍ୟା । ତେଣୁ ମିଥ୍ୟା କେହି ଚେଷ୍ଟା କରି କହେ ନାହିଁ କି ସେପରି କାର୍ଯ୍ୟ ଜାଣିଶୁଣି କରେ ନାହିଁ । ଯେଉଁ ପଦାର୍ଥ ଅଛି ତାହା ସମସ୍ତେ ନ କହିଲେ ମଧ ସତ୍ୟ ଅଛି, ଯାହା ନ କହିଲେ । ସେହି ନ କହିବା ଅପ୍ରୋକ୍ଷ ଗୋଟିଏ ସତ୍ୟର ପ୍ରକାଶ କରେ ଏ—ମିଥ୍ୟା । ମିଥ୍ୟାଟା ପ୍ରକୃତରେ ମିଥ୍ୟା ନୁହେଁ । ମିଥ୍ୟା ଭିତରୁହିଁ ସତ୍ୟର ଅଙ୍କୁର ମିଳେ । ଅନ୍ଧକାରକୁ ଛାଡ଼ି କେହି ସତ୍ୟ ପାଇଲ ନାହିଁ । ମହାପୁରୁଷମାନେ ମିଥ୍ୟା କହି ନାହାନ୍ତି କିନ୍ତୁ ଅନ୍ତରଙ୍ଗ ମିଥ୍ୟା ଦେଖି, ସତ୍ୟର ଆବିଷ୍କାର । ଯେଉଁ ସତ ଏ କଥା ସ୍ୱୀକାର କରେ ସେ ମିଥ୍ୟାବାଦୀ—ସତ୍ୟର ଅପଲାପ କାରୀ ।

ତାଙ୍କ ତରୁଣ । ସେ ଭଲ ଲୋକ । ବୟସ ୨୬ । ୨୮ ହେବ । ବି. ଏ. କ୍ଲାସରେ ପାଠ ପଢ଼ି ନାହିଁ । ସେ କହେ—ଜୀବନଟା କ୍ରିଡ଼ା । ଯୌବନକୁ ମଣିଷ କେବେଳ ବିଶି ଖେଳିଥାଏ ଗୋଟିଏ ରଙ୍ଗିଆ । ଯୌବନଟା ତେଣୁ ଖେଳ ଅଭିଜ୍ଞତା, ସେ ଭୁଲ୍‌ଟା କେହି ଧରଣା କେହି ତା ଉପରେ ଓ ସଜଣ କେହି । ମିଥ୍ୟା ସତ୍ୟ ଉଭୟ ସମାନ । ଉଭୟ ସତ୍ୟ । ସତ୍ୟ ବି ଅଛି, ମିଥ୍ୟା ବି ଅଛି । ଉଭୟେ ରହିଛନ୍ତି—ଏହି ମଣିଷକୁ ଅନ୍ଧ କରି ରଖିଛନ୍ତି । ତେଣୁ ଏଠି, ସତ୍ୟ ପଛରେ ଯିବା, ମିଛଟା ହେବ ଭୁଲ । ମିଥ୍ୟା ବାଟରେ ଯିବା ଅନ୍ୟାୟ । ତେଣୁ ଯେଉଁମାନେ ଭଲ ବାଟରେ ଯିବାକୁ ଚାହାନ୍ତି ସେମାନେ ମିଛ କହି ପାରନ୍ତି ନାହିଁ । ମିଛ କହି ଠକିବା ନିର୍ବୋଧମାନଙ୍କର କାର୍ଯ୍ୟ । କିନ୍ତୁ ସବୁବେଳେ ମିଛ କହିବାର ପ୍ରୟୋଜନ ନାହିଁ । ଦରକାର ବେଳରେ ମିଛ କହି ଦେଲେ ଯାଏ ନାହିଁ ।

ଏ ତିନିଙ୍କର କିନ୍ତୁ ଗୋଟିଏ କଥାରେ ମେଳ ଥିଲା । କରୁଣର ଗୋଟିଏ କରୁଣା, ଅରୁଣର ଗୋଟିଏ ଅରୁଣା ଓ ତରୁଣ ଗୋଟିଏ ତରୁଣୀ ବା ତରୁଣୀରେ ସନ୍ତୋଷ ହୁଏ ନାହିଁ । ଜଗତ ସାଗରେ ଚଢ଼ ଉଡ଼ିଲେ ପ୍ରେମଟା ଅନୁଭୂତି ପୋଡ଼ି ପୋଡ଼ି ହୋଇଯାଏ । ନୂଆ ପାଣି ପଡ଼ିବାରେ ନାହିଁ । ତେଣୁ ତୁଳିତ ବାଧାବନ୍ଧନ ସୃଷ୍ଟି କରେ ।

ଦୈବକ୍ରମେ ତିନୋଟି ନାନା ସ୍ଥାନରେ ପ୍ରେମ ସମୀକ୍ଷା କରୁଁ କରୁଁ ଏକଦା କଳ୍ପନା ଦେଖି ତିନିଙ୍କର ଲକ୍ଷ ବା ହାଁ'ରେ । କଳ୍ପନା ବି, ଏ, କ୍ଲାସରେ ପଢ଼େ । ବେଶ ଚଳନ୍ତି ବେଶ । ଫେଲା ଯୌବନ ଓ ଝାଉଁଳା ସୌନ୍ଦର୍ଯ୍ୟର ପ୍ରଭାବ ପାଇଲେ କେହି ଅବର୍ଣ୍ଣନୀୟ ହୁଏ କଳ୍ପନା ତାର ଗୋଟିଏ ଜୀବନ୍ତ ନମୁନା । ଏଠା ଆମ ଭଲ ଭଲ ସାଧାରଣୀୟ ଅଙ୍ଗରେ । କିନ୍ତୁ ଅରୁଣ କହେ, କଳ୍ପନାର ସୌନ୍ଦର୍ଯ୍ୟ ତାକୁ ଆକର୍ଷଣ କରିନାହିଁ କେବେ । ତାର ଦୁର୍ଭେଦ୍ୟ ଅନ୍ତରର ରହସ୍ୟ ଭେଦ କରିବାକୁ ଚାହିଁ ତାକୁ ଅଳ ଶ୍ରି-ଅଇ, ଡ଼, ଗୁଣର ଅଣି ଦେଇଛି । ସେଥିପାଇଁ ସେ କଳ୍ପନାଠାରେ ଋଣୀ ।

କରୁଣ କହେ—କେବଳ, ପରପାଟି ପ୍ରସାଦରେ ଲାଗି କହ କଥା କହନ୍ତି କେବଳତାର ସର୍ବ ଦ୍ୱାର ଖୋଲନ୍ତି, କମଳ ଅନୁଭବ କରିଛି ତାର ଅବର୍ଣ୍ଣ କଳ୍ପନା । ସାହିତ୍ୟଟା ତାର ସ୍ୱଭାବ ନାହିଁ । ତାର ଭିତରେ ସାହେବତା ଓ ପ୍ରସାଧନ ପଦ୍ଧତି ହୋଇ ରହିଥିବା ଅସ୍ୱରର ପ୍ରସାଧନ ମଧ ସୁନ୍ଦର ଲାଗେ ! ସେହି ପ୍ରସାଧନ ସାମଗ୍ରୀ ଖରଚଟା ଯାହାକୁ କଳ୍ପନାହିଁ ସଙ୍କୋଚିତ୍ତ ଅଭିଯୋଗ କରି ପୋଷ୍ଟର ବା କ୍ଷଣ-ବୃତ୍ତି ।

ଆଉ ତରୁଣ ? ସେ କହେ—କଳ୍ପନା—କଳ୍ପନା—ସେ ମୃତକ ବା ଜାଳିବା । ତାଛଡ଼ା ସେ ଉତ୍ତରେ ବି ଦେଖା ନାହିଁ କିମ୍ବା କହି ନାହିଁ । ଦରକାର ହେଲେ, ଉତ୍ତର ଦେଇ, ଯାଇ ମିଳେ । ବହୁବାର ନାହିଁ ତା ଷଡ଼ଯନ୍ତ୍ର । କିମ୍ବା ଯଦି ମିଳେପାଏ କେବେ କହି ଦେ ସେମାନେ ଦରକାରୁ ଥିଲେ । ମୋ ପୌରୁଷରେ ମୁଁ ପାଇବି । ଯଦି ନଥିଲେ ତେବେ ବିଜ୍ଞାପନ ଛପାଇ ଜଣାଇ ଦିଅ ଯେ ମୋର ସେ ବାଳିକାର ଦରକାର ନାହିଁ । ଅବର୍ଣ୍ଣନ କଳ୍ପନା ନୁହେଁ, ଜୀବନର ଯୌବନ । ସେ ଯୁବକଙ୍କ ପ୍ରିୟେ ଯୁବତୀ । ଅବର୍ଣ୍ଣନ ହୃଦ୍ଗତ । ତେଣୁ ସତ୍ୟ ।

Digitized by srujanika@gmail.com

ଆମର ପ୍ରବୃତ୍ତିଗୁଡ଼ିକ ପଶୁଙ୍କ ପରି ସହଜ ସରଳ ନାରୀକୁ ମଜାଇ ପକାଏ। ଗୋଟାଏ ସୌନ୍ଦର୍ଯ୍ୟ ଆକର୍ଷଣ ଦୃଷ୍ଟି ତାର ଥାଏ। ତାର ଛିନ୍ନା ଯେପରି ପଢ଼ନ୍ତି ଅମଳ ପ୍ରେମଟା ବି ସେହିପରି ପରସ୍ପର। ତେଣୁ ଏ ଆକର୍ଷଣ ବା ଯାଚନାରେ ଆକାଂକ୍ଷା।

ନଳିନୀ କିନ୍ତୁ ତାହାକୁ କେଉଁ ଅର୍ଥରେ ଦେଖେ ସେ କଥା କେବଳ ନ ଜାଣନ୍ତି ଦେବାଃ—କା ମନୁଷ୍ୟଃ। ଏଠାରେ ଏତିକି ଶୁଣା ଯାଉଛି ଯେ ଆଜିକାଲି ଯେଉଁମାନେ କହନ୍ତି—"ଆଧୁନିକ ନାରୀମାନେ ଗୋଟିଏ ଗୋଟିଏ ଲୁଣ୍ଠନ ଯେ ନ ଜାଣେ ପଶୁଣଟା ନେଇ 'ରୋମାନ୍ସ' ଖୋଜି ବୁଲନ୍ତି, ସେଥିପାଇଁ ସେ ବୋଲୁଥିବାର ଚେଷ୍ଟା କରନ୍ତି ନିଜ ଜୀବନରେ ସେ ଅଭିଜ୍ଞତା ସଂଗ୍ରହ କରିବା ପାଇଁ। ସେ ପ୍ରତିଜ୍ଞା କରନ୍ତି, ଯେଉଁଦିନ ତାଙ୍କର ଅଟଳ ମନ ବାସ୍ତବରେ ଏକାଧିକ ପ୍ରେମିକଙ୍କ ହାତ ଧରି ପାରିବ ସେଇଦିନ ସେ ଆପଣାକୁ ନିର୍ଭୟରେ ଏକାନ୍ତ ପ୍ରେମିକ ହାତରେ ସମର୍ପଣ କରିଦେବ। କିନ୍ତୁ ସବୁ ସ୍ୱପ୍ନ ଏପରି ଚମତ୍କାର ହୋଇଗଲା— ବରଷ ବାଇଶକୁ ଚଢ଼ି ପଡ଼ିଲା, ତଥାପି ହୋଇଲା ଭଲ ମନ କୋଣରେ ସାନ୍ତ୍ୱନାର ଏତିକି କଥା ପ୍ରତ୍ୟେକ ଦିନ ବାର ଅବକାଶ ମିଳିଲା ନାହିଁ। ବରଂ ଏକାଧିକ ପ୍ରେମିକ ଆସି ଗୋଟିଏ ଜ୍ୟୋତିଷ୍କ ନେଇ ବରଣ କରିବାର ଅଭିଜ୍ଞତା କ୍ରମେ କ୍ରମେ ପରିଷ୍କାର ହୋଇ ଉଠୁଛି। କିନ୍ତୁ ଅରୁଣ, କରୁଣ ଓ ତରୁଣ ତିନି ପ୍ରେମିକଙ୍କ ଭିତରୁ କେଉଁ ଜଣକୁ ସେ ନାହିଁ କରିଦେଇ ପାରୁନାହିଁ। ବରଂ ଗୋଟିଏ ରଜନୀ କଣ୍ଠରେ ଗୁଞ୍ଜଟା ସେଦିନ ପଡ଼ାଇ ଦେଲାପରେ ସେ ଆପଣାର ସଜ ବେଣୀକୁ ଫୁଲରେ ସଜାଇ ଯେତେବେଳେ ଆଇନା ପାଖରେ, ତା' ପଛପଟେ ତିନି ଜଣଙ୍କ, ସୁଦ୍ଧା ପଛରେ ଠିଆ ହେଲା ଭଳି ଦିଶନ୍ତି।

କରୁଣ ଆସି କବିତା ପଢ଼ନ୍ତି। ଦିନେ ଗୋଟିଏ ପର୍ବ ବାରୁ ପ୍ରିୟ କବିତା ଉଚ୍ଚାରଣ କରୁଥିଲେ।

ପ୍ରିୟ ହେ ପ୍ରିୟ, ପ୍ରିୟ,
ମୋର କଳିକା କୋରି ବେଦନା ଯେପରି ହାଥୀରେ ବୃନ୍ଦି ହଥ !

"ଏଟା କାହାକୁ ଲକ୍ଷ କରି ଲେଖିଛ ?" ନଳିନୀ ପଚାରିଲା।

"ହେଁ, ହେଁ, ତୁମେ ମଧ୍ୟ ଅବୁଝା ! ପର ଧାଡ଼ିରେ ଠିକ୍ ସେଇଆ ଲେଖିଛି—"

"ଭାଙ୍ଗିଛି ତୋମ ଅଭଣା ତନି ଗୁଁଡି ଚଉଡ଼ା ଅଟେ,
ବୁଝୁଛ ଅବୁଝା ହୋଇ କହୁ କିଛି ନାହିଁ;
ତମ ବୁଝିଲ ଓଠ 'କେଉଁନା' ଯେ କଥା
ତାହାର ତୁମ ଦଥ
ପ୍ରିୟ ହେ ମୋର ପ୍ରିୟ।

"ବାଃ ବେଶ୍ ହୋଇଛି ତ ! କିନ୍ତୁ ତୁମର ପ୍ରିୟ ପୁଣି କିଏ ?"

"ହେଁ—ହେଁ—ଏଟା ବୈଷ୍ଣବ ପ୍ରେମ ! ସଖୀ ଭାବ। ଯାହାକୁ ଭଲ ପାଇବ ସେ ସ୍ତ୍ରୀ ହେଉ ବା ପୁରୁଷ ହେଉ ତାର ସଖି, ପ୍ରେୟସୀ ଭାବରେ ଭାବ ପ୍ରେମ କରିବା ଉଚିତ। ତାହା ପ୍ରେମ। ଅନ୍ୟଥା କାମ। ତେବେ ତ ଚାରି ବୈଷ୍ଣବମାନେ ଶ୍ରୀକୃଷ୍ଣଙ୍କୁ ସ୍ୱାମୀ ଭାବି ପୂଜା କରନ୍ତି। ଶ୍ରୀକୃଷ୍ଣ କିଏ ? ଶ୍ରୀକୃଷ୍ଣଙ୍କର ପ୍ରେମରେ ଭୋଳି ହେବା, ସବୁ ଛାଡ଼ି ନାରୀରେ ମୋହିବା, ହାତରେ ଦଳି ଚାହିଁବେ ତାଙ୍କୁ, ପଛରେ ତାଙ୍କ ରହି ତାକୁ। ତଥାପି ସେ ପୁରୁଷ ଅଛି ବଳଦେବ ସହ୍ୟାସୀମାନେ ସ୍ତ୍ରୀ।"

"ସେଇଥିପାଇଁ ମୋର ନାଗରଙ୍ଗୀ ଅଟନ୍ତି। ତେଣୁ ଆଉ ନୂଆ ସଙ୍ଗୀ କରିବାର କାମନା ନାହିଁ।"

ନଳିନୀ କହିଲା—"ଆମର ଏ ନବଯୁଗରେ ନାରୀମାନଙ୍କର ଧର୍ମ ମଧ୍ୟ ବଦଳିଛି। ଅର୍ଥାତ୍ ନାରୀରୂପ ପ୍ରେମ ପଡ଼ିଛି ପୁରୁଷ ହେବାରେ।"

'ତାହେଲେ ତ ବେଶ୍। ଯଦି ମୁଁ ଆଉ ଥରେ ବାନ୍ଧି ହୁଏ ତେବେ ଆପଣଙ୍କ ପତ୍ନୀ ହେବ ବହୁ ପତି ଓ ଆମ ପତ୍ନୀ ହେବ କନ୍ୟା ପତି।"

"ଠିକ୍। କିନ୍ତୁ ଆପଣଙ୍କ ସ୍ତ୍ରୀ ବା ମାଉସୀ ହେବାକୁ ଯେତେ ସମୟ ଲାଗିବ ମୋତେ ପୁରୁଷ ବା ଅଣ୍ଡିଆ ହେବାକୁ ତହିଁରୁ ବେଶି ସମୟ ଲାଗିବ। ତେଣୁ ଅପେକ୍ଷା କରିବାକୁ ପଡ଼ିବ। ରାଜି ?"

କରୁଣ ମାରି ଚାଲି ଯାଆନ୍ତି। ଘରେ ଯାଇ କବିତା ଲେଖନ୍ତି—

'ସ୍ୱାହା ସ୍ୱାହା ଶକ୍ତିବାଃ ତୁମଃ......"

ତାପରେ ଆସନ୍ତି ତରୁଣ। ତରୁଣ କବି କରୁଣଙ୍କ ଅଭିସାର ଉପରେ ଆପତ୍ତି କରେ ନାହିଁ। କାରଣ ସେ ଜାଣେ କବିମାନେ କଳ୍ପନା ବିଳାସୀ। ବାସ୍ତବ ଜଗତରେ ତାଙ୍କର ଅଭିଜ୍ଞତା ନଥାଏ। କିନ୍ତୁ ଅରୁଣ ପ୍ରତି ତାର ଭାରି ଇର୍ଷା। ସେ ଅରୁଣଙ୍କ ଗତିବିଧି ଲକ୍ଷ କରେ, ନଳିନୀ ଆସରେ ବଟେ ସେଥିପାଇଁ, ମନ୍ଦେହ। ସେତେ ସତକୁ ସତ ନଳିନୀର ଭାବ ନେଇ ଦେଖାଇ ଦେଲା। ଗୋଟିଏ ମଦ ଦୋକାନରୁ ଅରୁଣ ଓ ଜଣେ ଅପରିଚିତା ଆଧୁନିକା ମହିଳା ନଳିନୀଙ୍କ ଭଳି ହାତ ଧରାଧରି ହୋଇ ବାହାରି ଆସୁଛନ୍ତି। ସେଦିନ ନଳିନୀ ଘରକୁ ଫେରି ତରୁଣକୁ ହିଆ ଉପରେ ଜବାବ ଦେଇଦେଲା—"ମୁଁ ତମକୁ ବାହା ହେବି ତରୁଣ ବାବୁ !" ପୁରୁଷ ଜୀବନରେ ଅଫସୋସ କଲ ଯେ ଏଇ ପ୍ରଥମ ଏବଂ ବୋଧହୁଏ ତାର ପ୍ରତିଦ୍ୱନ୍ଦ୍ୱୀ ନେତା ପାଇଁ ସେ ବାହାରେ ଠିକ୍ କଲେ—ଯେ କୌଣସି ଗୋଟିଏ ପୁରୁଷଙ୍କୁ।

ତହିଁ ଆରଦିନ। ନଳିନୀ ତରୁଣଙ୍କୁ ଆସିବା ପାଇଁ ଚିଠି ଲେଖିଦେଲା। ସାଙ୍ଗ ହୋଇ ସିନେମା ଯିବେ। ନଳିନୀ ଅପେକ୍ଷା କରି ବସିଛି। ଛଅଟାବେଳେ ଶୋ ଆରମ୍ଭ। ସାତଟା ବାଜିଲା। କିନ୍ତୁ ତରୁଣ କାହିଁ ? କଣ ହୁଏ ତାହାରେ ବାଧା ପଡ଼ିଥିବ। ନଳିନୀ ବାହାରିଗଲା। ତା' ପାଖରୁ ଡାକରା ଆସିଲା—'ତରୁଣ ବାବୁ !' ମନରେ ଆଶଙ୍କା ହେଲା—କୌଣସି ବିପଦ ହୋଇନି ତ ! କିନ୍ତୁ ଯେ ଆସିଲା, ସେ ତରୁଣ ନୁହେଁ ଅରୁଣ। ସେ ପଥର ପରି ଛିଡ଼ା ହୋଇଗଲା। ଅରୁଣ କହିଲା—"ତରୁଣଙ୍କୁ ଜେଲରୁ ପଠାଇ ଆସିଲି।"

'ମାନେ—?" ନଳିନୀ ପଚାରିଲା।

"ମାନେ ହେଉଛି, ତରୁଣ ଗୋଟିଏ ବଡ଼ ଗୁଣ୍ଡା—ରାଜନୈତିକ ଗୁଣ୍ଡା—ଡକାଏତ। ମୁଁ ତାକୁ ଧରିବା ପାଇଁ ଏତେଦିନ ତମ

Digitized by srujanika@gmail.com

ପାଖରେ ମୋ ପରିଚୟ ଲୁଚାଇଥିଲି । ମୁଁ ଜଣେ ସି, ଆଇ, ଡି, ଇନ୍‌ସପେକ୍ଟର । ଏହି ଥାନାର ଭାର ମୁଁ ସି, ଆଇ, ଡି, ସବ୍‌ଇନ୍‌ସ-ପେକ୍ଟର ହେଉଛନ୍ତି । ଧନ୍ୟବାଦ ।"

"ମିଛ କଥା । ତମେ ଜଣେ ଅରୁଣବାବୁ । ତମେ ବେଶ୍ୟାସକ୍ତ—ମଦ୍ୟପ ।"

"ମୁଁ ଜାଣେ । ତମେ ମୋତେ ଭେଟିବାବେଳେ ମେକଅପ୍‌ର ଆଡ଼ାଳରେ ଦେଖିଥିଲ । ତେଣୁ ସେ ସବୁ ଛଳନା । ସବୁ ଏ ଚୋରଙ୍କୁ ଧରିବାର ଫିକର ।"

"ସତ ! ଓଃ ମୋତେ କେତେ ଦିନରୁ ଲଜ୍ଜା ଦେଲ ଅରୁଣବାବୁ ! ମୁଁ ଆପଣଙ୍କ ଛଡ଼ା ଆଉ କାହାରି ହୋଇ ପାରିବି ନାହିଁ ।"

"ତେଣୁ ନଳିନୀ ଦେବୀ, ମୁଁ ବିବାହିତ । ଆପଣଙ୍କ ସହିତ ମୋର ଘନିଷ୍ଠତା କେବଳ ସ୍ୱାର୍ଥ ସାଧନ । ମୋର ସ୍ୱାର୍ଥ ସିଦ୍ଧି ହୋଇ ଯାଇଛି, ମୁଁ ଚାଲିଲି । ଧନ୍ୟବାଦ ।"

"ବାସ୍ତବରେ ପୁରୁଷଜାତି ବଡ଼ ଅବିଶ୍ୱାସୀ, ଏହାର ପ୍ରତିଶୋଧ ନେବା ପାଇଁ ବାସ୍ତବରେ ଏ ଯୁଗର ନାରୀମାନଙ୍କୁ ପୁରୁଷ ହେବାକୁ ପଡ଼ିବ । ଅନାଦି କାଳରୁ ପୁରୁଷମାନେ ନାରୀମାନଙ୍କୁ ଛଳି ଆସିଛନ୍ତି । ଏଣିକି ନାରୀମାନେ ପୁରୁଷଙ୍କୁ ଛଳି ଶିଖିବା ଉଚିତ । ପ୍ରତିଶୋଧ—ପ୍ରତିଶୋଧ ।"

ଏହିବେଳେ କବି ଅରୁଣ ଆସି ପହଞ୍ଚିଲେ ।

"ଦେଖନ୍ତୁ, ମୋର ଏ ନୂଆ କବିତା—

ପ୍ରତିଶୋଧ—ପ୍ରତିଶୋଧ—ପ୍ରତିଶୋଧ—
ପ୍ରତିଶୋଧ ନେବ ମୋର ବେଦନା
ସେ ବେଦନା ପାଇଁ ମୁଁ ଜନମ ଜନମରୁ
ନାରୀ ହେବା ପାଇଁ ଏହି ଯନ୍ତ୍ରଣା
ଅନ୍ତରେ ଏହି ଚେତନା ।

ନଳିନୀ କହିଲେ—"ନା—ନା କବି; ମୁଁ ତମ ସହିତ ଏକ ମତ ହୋଇ ପାରୁନାହିଁ । ନାରୀ ହେବା ଅପେକ୍ଷା ବଡ଼ କଷ୍ଟ ହୋଇ ନପାରେ ।"

କରୁଣ—"ତେବେ ତା' ର ଉତ୍ତର ଦିଅନ୍ତୁ' କହନ୍ତୁ ।"

"ସେଥିପାଇଁ ପୁରୁଷଙ୍କ ପାଖରେ ହୋଇଯାଅ । ତେଣୁ ଏଥର ସ୍ତ୍ରୀଙ୍କ ପକ୍ଷରେ ପୁରୁଷ ହେବାହିଁ ଭଗବାନଙ୍କ ଦେଇଥିବା ଉଚିତ । ସ୍ତ୍ରୀମାନେ ପୁରୁଷ ହୋଇ ପ୍ରତିଶୋଧ ନେବା ଉଚିତ ।"

ଅରୁଣ କହିଲେ—"ଥାଉ—ତେବେ ତ ଠିକ ହୋଇଗଲା । ଏଥର ସ୍ୱାମୀ ନଳିନୀ ଓ ସ୍ତ୍ରୀ ଅରୁଣଙ୍କର ବିବାହ ସମ୍ମତି ହେଲା ।"

କରୁଣ କହିଲେ—"ଅଭିନୟ ଦରକାର ନାହିଁ ଲୋ—
କବିତା ପଢ଼ାଯାଉ ଥରେ,
ହୃଦୟ ଭରିଗଲା ତୋର ଯାଉ
ପ୍ରିୟାର ପ୍ରେମ ଗୋଟିଏ ଥରେ ।

ନଳିନୀ କହିଲେ—"ବାସ୍ତବରେ ଆପଣ ଏ କବିତା ଲେଖନ୍ତୁ କରୁଣ ବାବୁ । ବୁଝିପାରୁ ନାହିଁ ମୁଁ ଆପଣଙ୍କ ପ୍ରେମରେ ଚଢ଼ିବ ଏ ଆପଣଙ୍କ କବିତାର ପ୍ରେମରେ ପଡ଼ିଛି ।"

---


# ଜଗତ ବିଖ୍ୟାତ ପେଟେଣ୍ଟ ମହୌଷଧ

ଭ୍ରମରମାରୀ – ଦେବଦୁର୍ଲ୍ଲଭ ମୃତସଞ୍ଜୀବନୀ ତୁଲ୍ୟ ଅମୃତ ଔଷଧ । ଏହା ଭାଗ୍ୟବଶତଃ ମିଳେ । ପୃଥିବୀରେ କୁଷ୍ଠରୋଗୀଙ୍କୁ ପୁନର୍ଜନ୍ମ ଦାନ କରିପାରିବ ଏହା ଏକମାତ୍ର ଦେବଦତ୍ତ ବରପ୍ରସାଦ । ଏହାର ଅଲୌକିକ ଗୁଣ, ଅଗାଧ ଶକ୍ତି—ସଞ୍ଜୀବନୀ ମହିମା ଭୁବନ ବିଖ୍ୟାତ । ଏପରି ସଞ୍ଜୀବନୀ ମହୌଷଧ ଜଗତରେ ଅନ୍ୟତ୍ର ମିଳନାହିଁ । ଶହ ଶହ ନିରାଶ ମୁମୂର୍ଷୁ କୁଷ୍ଠ ରୋଗୀଙ୍କର ପୁନର୍ଜନ୍ମ ପ୍ରଦାନ କରିଅଛି । ଭ୍ରମରମାରୀ ଲେପ ଏକମାସ ବ୍ୟବହାର କରିବା ପାଇଁ ୧୬ ତୋଳା ଦାମ ଟ ୧୦୲ । ଭ୍ରମରମାରୀ ତୈଳ ୪ ଆଉନ୍‌ସ ଶିଶି ଟ ୫୲ ମାତ୍ର । ଏହି ଦୁଇଟି ମହୌଷଧ ପ୍ରତ୍ୟେକ ରୋଗୀଙ୍କର ଆବଶ୍ୟକ । ଦୁଃସାଧ୍ୟ ବହୁ-କାଳର କୁଷ୍ଠରୋଗ ନିବାରଣାର୍ଥେ ଲେପ ଓ ତୈଳ ସଙ୍ଗେ ଭ୍ରମରମାରୀ ଅର୍କ ସେବନ ବ୍ୟବହାର କରିବା ସର୍ବୋତ୍କୃଷ୍ଟ । ଏ ଅର୍କ ଛ ଆଉନ୍‌ସ ଶିଶି ଟ ୧୫୲ । ଶ୍ୱେତ କୁଷ୍ଠ ଧ୍ୱଂସକ ଭ୍ରମରମାରୀ ଚୂର୍ଣ୍ଣ ୪ ତୋଳା ଶିଶି ଟ ୧୦୲ ମାତ୍ର । ବହୁକାଳର ଦୁରାରୋଗ୍ୟ ଏକଜିମା ଚର୍ମକୁଷ୍ଠ ଓ କୁଷ୍ଠ ଘା ନିବାରଣ ପାଇଁ ଭ୍ରମର-ମାରୀ ମଲମ ୪ ତୋଳା ଟ ୫୲ ମାତ୍ର । କେବଳ ରକ୍ତ ଶୁଦ୍ଧି ପାଇଁ ଓ ସବୁ ପ୍ରକାର କୁଷ୍ଠ ନିବାରଣ ପାଇଁ ଭ୍ରମର-ମାରୀ ବଟିକା ସର୍ବୋତ୍କୃଷ୍ଟ । ୬୪ ବଟିକାର ମୂଲ୍ୟ—ଟ ୮୲ (ଆଠଟଙ୍କା) ମାତ୍ର । ଏହି ମହୌଷଧ ସମସ୍ତ କେବଳ ଅମୃତାରେ ମିଳେ ।

ରାଜବୈଦ୍ୟ ବି, ଏସ୍‌, ରାଓ
ଗଞ୍ଜାମ ଆୟୁର୍ବେଦିକ୍ ଫାର୍ମାସୀ, ରଙ୍ଗମେଢ଼, ବ୍ରହ୍ମପୁର (ଗଞ୍ଜାମ)


Digitized by srujanika@gmail.com




# ସୁନା-ପିଂଜରା

ଲେଖକ:—
**ଶ୍ରୀ ନଟବର ପ୍ରଧାନ**

ଚାରିପଟେ ମେଘନାଦ ପାଚେରି। ସାଧାରଣ ଜଗତର କୋଳାହଳ ବାହାରେ ପୋଇଲି ଝିଅ ସ୍ୱର୍ଣ୍ଣ ଫୁଲର ମାଳ ଗୁନ୍ଥୁଛି। ମୁଖରେ ତାହାର ମନୋଯୋଗର ଚିହ୍ନ। ସୁନ୍ଦରୀ ଝିଅ—ଦେହସାରା ଗୋଟାଏ ନୂତନ ଢଙ୍ଗର ସମାବେଶ। ଘରଅଡ଼ ନୀରବ; ରାଜପ୍ରାସାଦର କୋଠରୀ ଏ ତା ପାଖରେ ଫୁଲ ଗୁନ୍ଥୁଛି ଯେମିତି ଏକ ଲକ୍ଷ୍ୟରେ। ସ୍ୱର୍ଣ୍ଣ ଚୁପ୍—ଏକାବାରେ ଗମ୍ଭୀର; କିନ୍ତୁ ମୁହଁର ଆଖିରେ ତା'ର ଅନେକ କଥା ·· ହଠାତ୍ ମାଳତୀ, ତା'ର ବନ୍ଧୁଘର ଝିଅ, କୋଠରୀ ଭିତରେ ପଶିଲା। ସ୍ୱର୍ଣ୍ଣ ମୁହଁ ସେମିତି ତଳକୁ କରି କହିଲା, 'କଣ ?'

"ଫୁଲ-ଗୁନ୍ଥା ଶେଷ ?"

"ପ୍ରାୟ ଶେଷ।"

"ସେଆଡ଼େ ବେଶ ପାଇଁ ବ୍ୟସ୍ତ ହେଲେଣି ଯେ !"

ସ୍ୱର୍ଣ୍ଣ ଫୁଲଗୁନ୍ଥା ଶେଷ କରି ମାଳତୀକୁ ଦେଲା। ମାଳତୀ ମାଳ ଧରି ଚାଲିଗଲା ପରେ ସ୍ୱର୍ଣ୍ଣ ଚିନ୍ତିତ ହେଲା। ମୁହଁଟା ତା'ର … ଚିନ୍ତାରେ ଫିକା ପଡ଼ିଗଲା !!

\+ + + +

ମହାରାଣୀଙ୍କର ଗଳାରେ ସ୍ୱର୍ଣ୍ଣର ଫୁଲହାର—ବେଶ୍ ମାନୁଛି। ରାଣୀ ସ୍ୱର୍ଣ୍ଣକୁ ଡାକି କହିଲେ "ସ୍ୱର୍ଣ୍ଣ, ତୋର ହାତର ଫୁଲ ଗୁନ୍ଥା ଖୁବ୍ ସୁନ୍ଦର। ସତରେ, ତୁ କେତେ ପରିଶ୍ରମ କରୁନୁ ?"

ସ୍ୱର୍ଣ୍ଣ ଏକେବାରେ ଚୁପ। ମୁହଁରେ କୌଣସି ପରିବର୍ତ୍ତନ ନାହିଁ।

"ସତେ, ତୁ ମୋ ପାଇଁ କେତେ ଶରଧାରେ ଫୁଲ ଗୁନ୍ଥୁଛୁ ?"

ସ୍ୱର୍ଣ୍ଣ ପୁଣି ନୀରବ। ତା'ର ମନ ଚମକିଲା। ରାଣୀ କଣ, ତାହାକୁ ଦେଇ ସେ ଏତେ ସୁନ୍ଦର ଫୁଲମାଳଟାଏ ଗୁନ୍ଥି ଦେଲା !!—ତାହାର ଉଦ୍ଦେଶ୍ୟରେ ହୃଦୟର ଶରଧା ଦେଇ !!! "ତୋତେ ମୁଁ ପୁରସ୍କାର ଦେବି; ଆଜିକୁ ମନ ନାହିଁ, ଦେବ କି······ ତୋର କଣ ଲୋଡ଼ା ?" ସ୍ୱର୍ଣ୍ଣ କହିଲା ତା'ର କିଛି ଲୋଡ଼ା ନାହିଁ !!

କମିତିକା ଟୋକୀଟାଏ ମ ! ସୁନା ମୁଦିଟାଏ ତ ମାଗିଥାନ୍ତା !!

\+ × +

ସେ ଦିନ ପୂର୍ଣ୍ଣିମା ପଡ଼ିଲା। ସ୍ୱର୍ଣ୍ଣ ବାପ ସ୍ୱର୍ଣ୍ଣକୁ ନେଇ ଚାଲିଗଲା ଏଠି ପେଟ ଦାଇଛି। ଏଠି ସେ ପୋଇଲି। ତା'ର ସବୁ କଥା ଚିହ୍ନ ମନେ ପଡ଼େ ନାହିଁ—ସବୁ ଝାପ୍ସା। ରାଜପ୍ରାସାଦ ଭିତରେ ତା'ର ଅଭାବ କ'ଣ, ଅସୁବିଧା କଣ ! ତଥାପି ସେ ଖୋଜିବୁଲେ ଅଳ ଜଣ ପାଇବାକୁ—ତାକୁ କଣ ପରେ ଯେପରି ତାର କିଛି ପ୍ରାପ୍ୟ ତା'ଠୁ ଛଡ଼ାଇ ନିଆ ହୋଇଛି—ରାଜ-ପ୍ରାସାଦର ଭିତର ତାକୁ ଶାନ୍ତି ଦେଇ ପାରେ ନାହିଁ—ମନଟା ତାର କୋଉଠିକି ଯାଇଁ ହୁଏ—ହୃଦୟର ମୁକ୍ତ ଅ… ଚାରିପାଖରେ ଖୋଜି ବୁଲିବାକୁ।

ନହାନ୍ତି ପଞ୍ଜରୀଟା—ଦ'ଟା ଖାଇବା, ଭଲ ପିନ୍ଧିବା କେବଳ ହେଲା !

ତଥାପି ସେ ଉଦାସିନ। ସେ ସ୍ୱପ୍ନ ଦେଖେ—ତାହା ଲାଗି ଫୁଲ ଗୁନ୍ଥୁଛି ! ମନେ ମନେ ଖାଲି ଭାବେ—ଏ ମେଘନାଦ ପାଚେରି ପଛ ପଟେ ଗୋଟାଏ ସବୁଜ ରାଜ୍ୟ !··· ଯଦି ଏ ମେଘ-ନାଦ ପାଚେରିର ଦରଜା ଖୋଲନ୍ତା !………

ଦିନେ ରାତିରେ—ଦେଖିଲା—ପାଚେରିର ଦରଜା ଖୋଲିଛି—ସେ ଗୋଟାଏ ଅଜଣା ସବୁଜରେ ବୁଲୁଛି—କେଉଁଠି ତାର ଅଭାବ କିଛି ନାହିଁ। ଫୁଲ ଗୁନ୍ଥାର ଯଥାର୍ଥ ପୁରସ୍କାର ସେ ପାଉଛି !! ସେ ହରିଣୀ ଭଳି କେଉଁ ବୁଲେ………

ମାଳତୀ ଡାକିଲା, ଖୋଲ ଦରଜାର ଝାପ୍ସା ଆଲୁଅରେ ସ୍ୱର୍ଣ୍ଣ ନିଦ ଭାଙ୍ଗିଲାରେ ଉଠି କହିଲା……'ଦୁଆର ଖୋଲିଛି ?''…… … ସ୍ୱରରେ ତା'ର ଅପୂର୍ବ ଆବେଗ ଓ ବ୍ୟାକୁଳତା ମାଳତୀ ବୁଝି ପାରିଲା ନାହିଁ କେଜାଣି !

ମେଘ ନାଦ ପାଚେରି ଯେମିତି ଥିଆ ହୋଇଥିଲା, ସେମିତି ଠିଆ ହୋଇଛି !!! ପ୍ରଭାତରୁ ହୋଇ ସ୍ୱର୍ଣ୍ଣ ତନ ଅଙ୍ଗୁଳ ବଡ଼ଲର ଗୋଟାଏ ନିଶ୍ୱାସ ପକାଇଲା··· ତା'ର ନିରାଶର ଦୁଆର ମେଲ ପଡ଼ିଛି !!!… ପୋଇଲି ଝିଅର ନିଶ୍ୱାସ ପାଚେରି ଭିତରେ କେତେ ବାୟୁମଣ୍ଡଳରେ ମିଳେଇ ଗଲା !!

—— ❊ ——

Digitized by srujanika@gmail.com



**କାବ୍ୟ ନାୟିକା**—ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ— ୩୦୦ପୃଷ୍ଠା, ମୂଲ୍ୟ—ତିନିଟଙ୍କା; ଉତ୍କଳ-ଗୌରବର ପ୍ରଥମ ଅବଦାନ—ପ୍ରକାଶକ—ଉତ୍କଳ ବୁକ୍ ଏଜେନ୍ସି, କଟକ।

ପୁସ୍ତକର ନାମକରଣ ଦେଖିଲେ ଏହା ଗୋଟିଏ ଅଳଙ୍କାର ଶାସ୍ତ୍ର ବୋଲି ମନେ ହୁଏ। ମାତ୍ର ତାହା ନୁହେଁ—ଏହା ଗୋଟିଏ କବିତା ଗ୍ରନ୍ଥ। ସଚ୍ଚିଦାନନ୍ଦ ... ପ୍ରସିଦ୍ଧ କବି। ନାନା ସାମ୍ୟିକ ପତ୍ରପତ୍ରିକାରେ କବିତା ଲେଖି ସେ ସୁଖ୍ୟାତି ଅର୍ଜନ କରିଛନ୍ତି। ଆଲୋଚ୍ୟ ପୁସ୍ତକଟି ସେହି ସମସ୍ତ ଖଣ୍ଡ କବିତାର ସଂଗ୍ରହ। ଏହା ତିନିଗୋଟି ସ୍ତବକରେ ବିଭକ୍ତ। ପ୍ରଥମ 'ଚୈତ୍ର'ରେ ନାନାବିଧ କବିତା, ଦ୍ୱିତୀୟ 'ଫାଲ୍ଗୁନ'ରେ ପୌରାଣିକ କଥା; ତୃତୀୟ 'ଅର୍ଘ୍ୟ'ରେ ଜଗବନ୍ଧୁ ବକ୍ସିଙ୍କ ଅବେଦନ।

ଭାଷା ସୁନ୍ଦର ... ଧୁର ଓ ଭାବ ଗଭୀର ବ୍ୟଞ୍ଜକ। କେବଳ କୌଣସି କୌଣସି ସ୍ଥାନରେ ଛନ୍ଦର ସାବଲୀଳତା କ୍ଷୁଣ୍ଣ ହେଲା ଭଳି ଲାଗେ। ଏହି ପୁସ୍ତକଟି ସାହିତ୍ୟାମୋଦୀମାନଙ୍କର ମନୋରଞ୍ଜନ କରିବ ଏଥିରେ ସନ୍ଦେହ ନାହିଁ। କବି ସର୍ବସାଧନ ଲାଭ କରି ଉତ୍କଳ ବାଣୀ ଭଣ୍ଡାରକୁ ସମୃଦ୍ଧ କରନ୍ତୁ ଏହାହିଁ ପ୍ରାର୍ଥନା।

ବିଖ୍ୟାତ ଶିଳ୍ପୀ ବର୍ମାଙ୍କ କୃତ ପ୍ରଚ୍ଛଦପଟଟି ଅତି ମନୋରମ ଓ କଳା କୌଶଳ ପୂର୍ଣ୍ଣ।

**ମଶାଣିର ଫୁଲ**—ଲେଖକ—ସଚ୍ଚି ରାଉତରାୟ। ଉତ୍କଳ ଭାରତୀର ଷଷ୍ଠ ଅବଦାନ। ମୂଲ୍ୟ—ବାରଅଣା—୭୪ ପୃଷ୍ଠା, ଡବଲ ୩୦ ପେଜ।

ସଚ୍ଚିବାବୁଙ୍କର କେତେଗୁଡିଏ ଗାଁଳି ଗପ। ଗାଁର ଛୋଟ ଛୋଟ ଘଟଣାକୁ ନେଇ କବି ସଚ୍ଚିବାବୁ—ଆମ କଟକତା ସହରର ସଚ୍ଚିବାବୁ ଗାଁଳି ପ୍ରାଣର ସନ୍ଧାନରେ ପାଠକଙ୍କୁ ଆମୋଦିତ କରିଛନ୍ତି। ପ୍ରଥମ ଗପଟି ଅତି ଚମତ୍କାର। ଅନ୍ୟ ଗଳ୍ପଗୁଡିକ ମଧ୍ୟ ଗ୍ରାମର ବିଭିନ୍ନ ପରିସ୍ଥିତି ନେଇ ଗୋଟାଏ ଗୋଟାଏ ସ୍ପଷ୍ଟ ଓ ସ୍ୱତନ୍ତ୍ର କରୁଣ ବାତାବରଣ ସୃଷ୍ଟି କରୁଛି। ଲେଖକଙ୍କର ଏ ସଂଗ୍ରହ ପାଇଁ ଧନ୍ୟବାଦ ଜଣାଉଛୁଁ।

ମାତ୍ର ଗୋଟାଏ କଥା। 'ମଶାଣିର ଫୁଲ' ନାମଟା ଓଡ଼ିଆ ଦୃଷ୍ଟିରେ ଏପରି ଅଶୁଦ୍ଧ ଲାଗୁଛି। ବ୍ୟାକରଣ ଦୋଷ ନଥିଲେ ମଧ୍ୟ ଓଡ଼ିଆରେ ଏପରି ପ୍ରୟୋଗ ସୁନ୍ଦର ନୁହେଁ। ଆଜିକାଲି ଅନେକ ଲେଖକ ବଙ୍ଗଳା ବା ହିନ୍ଦୀର ଅନୁକରଣରେ ଏପରି ପ୍ରୟୋଗ କରି ଯାଉଛନ୍ତି—ଯଥା 'ଭର୍ତ୍ତାର ଦୋଷ', 'ସଭ୍ୟତାର ପତନ'। ଆମେ ଅବଶ୍ୟ କେବଳ ଏ ନାମରେ ଆପତ୍ତି କରୁନାହୁଁ। କେତେ ମଧ୍ୟ ସ୍ଥାନରେ ଗୋଟିଏ ଗୋଟିଏ ସ୍ଥାନରେ ଏପରି ଷଷ୍ଠୀ ଉଚିତ ଅନୁଚିତ ଭାବରେ ବ୍ୟବହୃତ ହୋଇଛି। କିନ୍ତୁ ଅନ୍ୟ ସ୍ଥାନରେ ଅତି ବର୍ଜ୍ଜ୍ୟ ଲାଗୁଛି। ଯଥା 'ସଭ୍ୟତା ପତନ' ଠାରୁ 'ସଭ୍ୟତାର ପତନ' ଭଲ ଲାଗିବାରେ କାରଣ ଏହା ଯେ ତା ମଧ୍ୟରେ ଅଛି। ଭର୍ତ୍ତାର ଦୋଷ, ମଶାଣିର ଫୁଲ ଭଲ ଲାଗିବ ନାହିଁ। ବଙ୍ଗଳାରେ 'ଅକାଶେର ଚାନ୍ଦ', 'ଘାସେର ଫୁଲ' ହୁଏ କିନ୍ତୁ ଓଡ଼ିଆରେ 'ର'ର ଆବଶ୍ୟକତା ନାହିଁ। ଏହା ଓଡ଼ିଆ ଭାଷାର ସଂକ୍ଷିପ୍ତ ପ୍ରକାଶ। ତେଣୁ ସରଳ ଭାଷାର ପ୍ରମାଣ ଦେଉଛି। ଓଡ଼ିଆରେ ଘାସ ଫୁଲ—ଘାସର ଫୁଲ ନୁହେଁ—ସତ୍ତୁମାଠ, ସତ୍ତୁର ମାଠ ନୁହେଁ—ଗଛ ଡାଳ—ଗଛର ଡାଳ ନୁହେଁ।

**ମଳୟ ଚନ୍ଦ୍ରଜ୍ଞୀ**—ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି। ପୃ ୮୬ ପୃଷ୍ଠା—ଦଶଅଣା। ପ୍ରକାଶକ—ନାରାୟଣ ପୁସ୍ତକାଳୟ।

କବିତା ବହି ନୁହେଁ—କ୍ଷୁଦ୍ର ଗଳ୍ପର ସଂଗ୍ରହ। ଲକ୍ଷ୍ମୀନାରାୟଣ ବାବୁ ଛୋଟ ଗଳ୍ପ ଲେଖି ସୁନାମ ଅର୍ଜନ କରି ଅଛନ୍ତି। ଅନେକ ସାମୟିକ ପତ୍ରିକାରେ ଏହା ପ୍ରକାଶିତ ହୋଇ ପ୍ରଶଂସା ପାଇଛି। ପୁସ୍ତକାକାରରେ ସେସବୁ ପ୍ରକାଶିତ ହେବାର ଦେଖି ଆନନ୍ଦିତ ହେଲୁଁ।

ଏହି ଗଳ୍ପଗୁଡିକର ଅଧିକାଂଶ ପ୍ରେମ ବିଷୟକ ଥିବାରୁ ବୋଧହୁଏ ଏହିପରି ନାମକରଣ ହୋଇଛି। ପ୍ରଚ୍ଛଦପଟର ଚିତ୍ରଟି ଉକ୍ତ ଘଟଣା ମଧ୍ୟ ତାହାହିଁ ସୂଚିତ କରୁଛି। ନାମଟି ଯେ ନୂଆ ପେଲନର ଏଥିରେ ସନ୍ଦେହ ନାହିଁ। ତରୁଣ ପାଠକ ପାଠିକାଙ୍କ ଚିତ୍ତ ଆକର୍ଷଣ କରିବ ନିଶ୍ଚୟ।

ଅନ୍ତ ସାତ ଗଳ୍ପ ଭିତରେ ଅର୍ଦ୍ଧ ଦୁଇଟି ପାଇବା ଲକ୍ଷ୍ମୀନାରାୟଣ ବାବୁଙ୍କ ବିଶେଷତ୍ୱ। ଏତେ ଛୋଟ ଗଳ୍ପ ଆଉ କେହି ବୋଧହୁଏ ଲେଖି ନାହାନ୍ତି ଓଡ଼ିଆରେ। ଲେଖକଙ୍କ ଟେକ୍‌ନିକ ମଧ୍ୟ ନୂଆ।

ଆଶାକରୁଁ କ୍ରମାନ୍ ଏହି ଦିଗରେ ଉଦ୍ୟମ ପୋଷଣ କରି ସାହିତ୍ୟ କ୍ଷେତ୍ରରେ ଯଶ ଅର୍ଜନ କରିବେ।

**ଉଡ଼ନ୍ତା ବୋମା**—ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି। ପୃ ୧୪ ପୃଷ୍ଠା—ମୂଲ୍ୟ—ଚାରିଅଣା—ପ୍ରକାଶକ—ଅରୁଣୋଦୟ ପ୍ରେସ।

ନାମ ଦେଖିଲେ ଜଣାଯାଏ ଏହା ବର୍ତ୍ତମାନ ଉଡ଼ନ୍ତା ବୋମାର ବିବରଣୀ ହୋଇ। କିନ୍ତୁ ଏହା ଗୋଟିଏ କ୍ଷୁଦ୍ର ଗଳ୍ପର ସଂକଳନ। ଗଳ୍ପ ଗୁଡିକ ଉଡ଼ନ୍ତା ବୋମା ପରି ଅବସ୍ମିତ ଓ ଚମତ୍କାର। ଲକ୍ଷ୍ମୀନାରାୟଣ ବାବୁଙ୍କ ଗଳ୍ପର ଶୈଳୀ ଓ ଭଙ୍ଗୀ ସମ୍ପୂର୍ଣ୍ଣ ଅଭିନବ। ନବୀନ ସମାଜରେ ଏହାର ପ୍ରସାର କାମନା କରୁଁ।

**ମୁକ୍ତାମାଳା**—ଶ୍ରୀ ଜଗବନ୍ଧୁ ମହାପାତ୍ର—ପୃ ୭୩ ପୃଷ୍ଠା—ମୂଲ୍ୟ—ଚାରିଅଣା—ପ୍ରକାଶକ—ଉତ୍କଳ ବୁକ୍ ଏଜେନ୍ସି।

ଜଗବନ୍ଧୁ ବାବୁ ସୁସାହିତ୍ୟିକ ଓ ଅର୍ଥନୀତିବିତ୍ ବୋଲି ପ୍ରସିଦ୍ଧ। ତାଙ୍କର ଗୀତ ଗୋବିନ୍ଦ ଓ ତୁଳସୀ-ରାମାୟଣ ଓଡ଼ିଆ ପଦ୍ୟାନୁବାଦ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ଆଲୋଚ୍ୟ ପୁସ୍ତିକାଟି ତାଙ୍କରି ରଚିତ କେତେଗୁଡିଏ ଖଣ୍ଡ କବିତାର ସଂଗ୍ରହ। ଭାଷା ଯେପରି ସରଳ ସେହିପରି ସ୍ୱଚ୍ଛ ଓ ସତେଜ। କବିତା ଗୁଡିକରେ ଦୃଷ୍ଟି ପ୍ରତି ସମବେଦନା ଓ ଈଶ୍ୱରଙ୍କ ପ୍ରତି ବିଶ୍ୱାସ ପରିସ୍ଫୁଟ। କଳ୍ପନାର ଦୁଷ୍ପ୍ରାପ୍ୟ ରଚନା ବା ଭାଷାର ଆଡ଼ମ୍ବର ଜାଲ ବିସ୍ତାର ଏ କବିତା ଗୁଡିକରେ ନାହିଁ। ସିଧା, ସରଳ ଭାବରେ କବି ନିଜର ଭାବ ସାଗରର ସହିତ ପ୍ରକାଶ କରି ଅଛନ୍ତି। ଏଥିରହିଁ ଏହାର ବିଶିଷ୍ଟତା। ସ୍କୁଲପାଠ୍ୟରୂପେ ଏପରି ବହି ବହୁତ ହେବା ଉଚିତ।

Digitized by srujanika@gmail.com

# ମିଠା କଡ଼ା

ଏଇ ଦୃଷ୍ଟିଟା ଯେତେବେଳେ ଅଟମ୍ଭ ହେବ, ସେଇ ମୁହୂର୍ତ୍ତରେ ବିଧାତା ବା ଭଗବାନ ସ୍ୱୟଂ ମିଥ୍ୟାର ଆଶ୍ରୟ ନେବେ । ସୁତରାଂ ମିଥ୍ୟା ବା ମିଥ୍ୟାଶ୍ରୟଟାକୁ ଗୋଟାଏ ଦୋଷ ଧରିବା ଅନ୍ୟାୟ । ଭଗବାନ ଏ ଦୃଷ୍ଟିଟାକୁ ଉଧାର କଲେ ନିଜକୁ ମିଥ୍ୟାର ଆବରଣ ଭିତରେ ଢାଙ୍କିବା ପାଇଁ—ସେଇ ପରମାର୍ଥ ବସ୍ତୁ—ରଜ୍ଜୁ ଭୁଜଙ୍ଗମ ଭଳି ପ୍ରତିଭାସି ହେଉଁ ନେବ । ମାୟା—କେବଳ ମାୟା । ଶାସ୍ତ୍ରୀ ଶଙ୍କର ନିଜେ ଯା ଦେଖି ସବୁ ଜଗତଖଣ୍ଡ ମାୟେତ ସଂସ୍ଥିତା ହୋଇ ଅମରକୁ ଭୁଲାଇବାକୁ ଲାଗିଲେ । ବ୍ରହ୍ମ ସତ୍ୟ ଜଗତ ମିଥ୍ୟା ନ ଭାବି ଜଗତ୍ ସତ୍ୟ, ବ୍ରହ୍ମ ସତ୍ୟ ଓ ବ୍ରହ୍ମ ମିଥ୍ୟା ବୋଲି ଆମେ ଦେଖିଲେ । ତେବେ ଏଥିରେ ଅମର ଦୋଷ କେଉଁଠି ? ଭଗବାନ୍ ତ ଅମର ଦୃଷ୍ଟି କଲେ ମିଥ୍ୟାର ଆଶ୍ରୟ ନେବା ପାଇଁ । ବୈଷ୍ଣବ ମତରେ ଯୋଗ-ମାୟାଙ୍କ କୃପା ନ ହେଲେ ପ୍ରକୃତ ପ୍ରେମର ସ୍ୱରୂପ ଆମେ ଦେଖି ପାରିବା ନାହିଁ—ଆମେ ଯାହା କରୁ ସେ ପ୍ରେମ ନୁହେଁ କାମ । କିନ୍ତୁ ଯୋଗ ମାୟା କାହାନ୍ତି—ସେ ଯେ ଛଦ୍ମୋଗ ମାୟା । ଅଟେମ ଏଇ କାମ କରୁ କରୁ ତ ପ୍ରାଣ ବାହାରିଗଲା—ପ୍ରେମ କେବେ ଦେଖେ-ବେଲେ ?

ଅଜକାଲି ଯେଉଁ ଭୋଟ ଲୀଳା ଚାଲିଛି ସେଟା ସେଇଭଳି ଏକ ଭୋଟର ଅପଳାପ । କିନ୍ତୁ ଏଥିରେ ଦୁଃଖ କରିବାର କିଛି ନାହିଁ । ବୁଝ୍‌ରମ କେବଳ ସେଇଟାକୁ ଦର୍ଶାଇ ଦେବା ମାନସରେ ଲେଖୁଛି ।

ଏ ଭୋଟ ଲୀଳା ଏକାବେଳକେ ମିଥ୍ୟା । ଭୋଟ ଯୋଗ୍ୟ ମାନେ କେହି ରହିନାହାନ୍ତି ରହିବେ ନାହିଁ । ଭୋଟ ରଙ୍ଗ ଭୂମି ତଳେ—ସମସ୍ତେ ନିଜ ନିଜ ଅଭିନୟ ସାରି ବାସ୍ତବରେ ପାଞ୍ଚବର୍ଷ ବା ଛଅବର୍ଷ ପରେ ।

ତଥାପି ଏ ଲୀଳା ଚାଲିବ । ଏ ବ୍ୟାଧିର ଲୋକେ ଭାବ ଅସ୍ତ୍ର ଇଞ୍ଜେକ୍‌ଶନ ନେଇ ଜୀବ ବସାଇବେ । ରାଜନୈତିକ ଡାକ୍ତରମାନେ କହନ୍ତି—ଟାଇଫଏଡ଼ ଜୀବାଣୁ ଇଞ୍ଜେକ୍‌ସନ ଦେଇ ଉପଦଂଶ ଜନିତ ପକ୍ଷାଘାତ ଆରୋଗ୍ୟ କଲା ଭଳି ଏ ଭୋଟ ରୋଗର ସଂକ୍ରମଣ ରାଜନୀତି ବୁଦ୍ଧିହୀନ ବ୍ୟାଧିର ପରମ ମହୌଷଧି । ମିଥ୍ୟାର ଆଶ୍ରୟ ନେଇ ରାଜନୀତି ପ୍ରବେଶ ନିଷେଧ ବୋଲି ଅନେକାଳ ରାଜନୈତିକ ଅନୁଷ୍ଠାନ ମାନଙ୍କ ଅଫିସରେ ଯେତେ ମାରି ଦିଅ ଯାଉନ୍ତୁ ତେବେ ତହିଁର ସତ୍ୟର ସନ୍ଧାନ ପାଇବାର ଭୟ ରହି ଯାଉଛି—ତେଣୁ ସର୍ବ ମିଥ୍ୟା ଗ୍ରହର ନମୁନା ଦେବା ନିମନ୍ତେ ଭୋଟ ମୁଦ୍ରାର ସତୀ ନ୍ୟାୟ ଲୋକ ମତ ଜନବଳ ଉପରେ ନିର୍ଭର କରୁଛି ବୋଲି ସମସ୍ତେ ପ୍ରଚାର କରିଥାନ୍ତି । ଏପରିକି ସତ୍ୟାଗ୍ରହୀ କଂଗ୍ରେସବାଲା ବି ଲୋକଙ୍କୁ ଶିଖାନ୍ତି—ତମେ ତାଙ୍କଠୁଁ ପଇସା ନିଅ, ଖାଅ ପିଅ, ତାଙ୍କ ପାଖରେ ଚେଷ୍ଟି ବଗଡ ବେଳରେ ଚିହ୍ନ ବାମ କରି ଦେଇ ଖସିଯାଅ । ଅଧିକାଂଶ କମ୍ୟୁନିଷ୍ଟମାନେ ସେ ସୁଯୋଗର ସୁବିଧାଟାକୁ ଭଲ କରି ଶିଖି ନେଇଛନ୍ତି ।

ଏ ଭୋଟ ବ୍ୟାଧିଟା ଅନ୍ୟାନ୍ୟ ଅନେକ ରୋଗ ଭଳି ପୈତୃକ—Congenital । ସେଥିପାଇଁ ଭୋଟାଧିକାର ରାଜ୍ୟମାନଙ୍କରେ ଦେଖାଯାଏ ବଡ଼ ବଡ଼ ପାଗଳା ଗୁଣ୍ଡଙ୍କ ବେ, ତାଙ୍କ ବଂଶ ଭିତରେ ଅଛି । ଲୋକେ ହୁଏତ ଭାବନ୍ତି—ତାଙ୍କ ବାପ ଗୋସାପ ଭୋଟ ଲଢ଼ି ଆସୁଛନ୍ତି ।

ଅନ୍ୟାନ୍ୟ ସଂକ୍ରାମକ ବ୍ୟାଧି ପରି—ଏ ବ୍ୟାଧିର ଉପଶମ ବା ନିବାରଣ ପାଇଁ, ଠାକୁରାଣୀ ମାର୍ଜ୍ଜନା ବା ପ୍ରତିଷେଧକ ଟୀକାର ଉଦ୍ଭାବନ ହୁଏ ନାହିଁ । କାରଣ ସତ୍ୟ ବ୍ୟାଧିକୁ କରଗତ କରିବା ପାଇଁ ହୁଏତ ଏଭଳି ମିଥ୍ୟାଚାରର ଆବଶ୍ୟକତା ଥାଇପାରେ କିନ୍ତୁ ମିଥ୍ୟା ବା କଳ୍ପିତ ବ୍ୟାଧିକୁ କରଗତ କରିବା ପାଇଁ ମିଥ୍ୟାର କି ଆବଶ୍ୟକତା ?

ବର୍ତ୍ତମାନ କେହି କେହି ବୁଦ୍ଧିମାନ୍ ଲୋକ ବୁଝ୍‌ସମଝ୍ ପ୍ରଶ୍ନ କରି ପାରନ୍ତି—ଭୋଟଟା ତ ସତ୍ୟ, ଯେବେ—ଭୋଟ ପାଇଁ ଲୋକେ ମନ୍ତ୍ରୀ, ପାଟମନ୍ତ୍ରୀ ହେଉଛନ୍ତି—ତେବେ ଭୋଟଟା ମିଛ କେମିତି ହେଲା । ଆସେମ୍ବ୍ଲି ଯାଇ ଯଉଁ ମାସକୁ ମାସ ଦରମା ଗଣା ହେଉଛି ସେଟା କ'ଣ ମିଛ ?

ଯୁକ୍ତିଟା ବଡ଼ ଟାଣୁଆ । କିନ୍ତୁ ଟିକିଏ ତଳେଇ ଦେଖିଲେ ଭୋଟର ପ୍ରକୃତ ରୂପଟା ଦେଖାଯିବ । ଲୋକେ ଭୋଟ ବା ମତ ଦେଲେ ଧରାଯାଉ ସମସ୍ତେ ବୁଝି ଦିଟାଇ ଏଥି ନିମନ୍ତେ ଯେ ସର୍ବାଧିକ ଭୋଟ ପାଇଥିବା ଲୋକଙ୍କ ଉପରୁ ସର୍ବାଧିକ ଦଳ ତାଙ୍କୁ ଶାସନ କରିବ । କିନ୍ତୁ ବାସ୍ତବରେ ମୂଳରୁ ଚୂଳ ପର୍ଯ୍ୟନ୍ତ ଦେଖିଲେ ପ୍ରକୃତ ଲୋକମତ ନେଇ ଭୋଟ ହୁଏ ନାହିଁ କିମ୍ବା ଶାସନ ହୁଏନାହିଁ । ଦୃଷ୍ଟାନ୍ତ ଉଦାହରଣ ଦେଇ ବୁଝ୍‌ସମ ବୁଝାଇବାକୁ ପ୍ରସ୍ତୁତ । ଧରାଯାଉ ଗୋଟିଏ ଲୋକ ବାସ କରୁଥିବା ସ୍ଥାନରେ ସାବାଳକ ସାବାଳିକା-ମାନେ କେବଳ ଭୋଟ ଦେବେ । ସୁତରାଂ ନାବାଳକ ଓ ନାବାଳିକା ଅନ୍ତତଃ ଏକଚତୁର୍ଥାଂଶ ବାଦ ପଡ଼ିଗଲେ । ତା ସଙ୍ଗେ ସଙ୍ଗେ ଯୋଗ ଦେଲେ ବଙ୍କ ବଙ୍କା ପଙ୍ଗୁ ଅକ୍ଷମ, ରୁଗ୍‌ଣ, ପାଗଳ, ଅର୍ଦ୍ଧପାଗଳ ଇତ୍ୟାଦି । ଅତି ବୁଢ଼ା ବୁଢ଼ୀମାନଙ୍କ ସମ୍ଭବ ବୁଦ୍ଧି ଟିକିଏ ଶିଥିଳ ହେଉ ଥରେ ବୋଲି ତାଙ୍କର ଦ୍ୱିତୀୟ ଶୈଶବାବସ୍ଥାରେ ତାଙ୍କୁ ଭୋଟାଧିକାର ମିଳେ, କିନ୍ତୁ ପ୍ରଥମ ଶୈଶବାବସ୍ଥାରେ ମିଳେନାହିଁ । ଯେଉଁମାନେ ପଙ୍ଗୁ ଅକର୍ମଣ୍ୟ ସେମାନେ ସମାଜର ଗଳଗ୍ରହ ହୋଇ ମଧ୍ୟ ସମାଜ ପରିଚାଳନାରେ ସେମାନେ ମତ ଦେବେ । ଅବଶ୍ୟ ସେମାନେ ଉତ୍ପାଦକ ନହେଲେ ମଧ୍ୟ ଉପଭୋକ୍ତା ରୂପେ ଭୋଟାଧିକାରୀ ହୋଇ ପାରନ୍ତି । କିନ୍ତୁ ଦାୟିତ୍ୱ ରକ୍ଷଣରେ ଦାୟିତ୍ୱ ପୂର୍ଣ୍ଣ ଭୋଟାଧିକାର ପାଇବା ଉଚିତ କି ନୁହେଁ ତାହା ବିଚାର ଯୋଗ୍ୟ । ଏଥିରୁ ବୁଝା ପଡ଼ୁଛି ଯେ ଭୋଟାଧିକାର ନିୟମ ଗୋଟିଏ ପକ୍ଷର ବିଶେଷ ଭିତ୍ତିରେ ଠିକ । ବୁଦ୍ଧି ଓଜନ କରି ନାବାଳକମାନଙ୍କର ଅପରପକ୍ଷ ବୁଦ୍ଧି ହେବ ଭୋଟାଧିକାରକୁ ବଞ୍ଚିତ କରିଦିବା ସ୍ଥଳେ ସାବାଳକ-ମାନଙ୍କ ମଧ୍ୟରେ ଅଳ୍ପ ବୁଦ୍ଧି ଓ ବେଶୀ ବୁଦ୍ଧି ଲୋକଙ୍କ ଭିତରେ ବେଶୀ କମ ଭୋଟର ବ୍ୟବସ୍ଥା ନାହିଁ । ବୈଜ୍ଞାନିକମାନେ ସ୍ତ୍ରୀ ମସ୍ତିଷ୍କର ଓଜନ କମ୍ ପ୍ରମାଣ କରିଥିବା ସତ୍ତ୍ୱେ ସ୍ତ୍ରୀ ପୁରୁଷ ସମାନ, ଏବଂ କେଏ ସର୍ବଜନ ନାସ ଏକ ବା ତତୋଧିକ ମନୁଷ୍ୟର ମସ୍ତିଷ୍କ ଶରୀର

Digitized by srujanika@gmail.com

ଭିତରେ ଥାଇବା କଥା ସତ୍ତ୍ୱ ତାର ଏକାଧିକ ଭୋଟାଧିକାର ନାହିଁ । ଅର୍ଥାତ ଗଣତନ୍ତ୍ରରେ ଦେବତା ମାନେ ଯାହା ମୂଲ୍ୟ ଅସୁର ମୂଲ୍ୟ ସବୁ ସମାନ । ଏହି କଥାକୁ Carlyle କହୁଥିଲେ—No country can find eternal peace and comfort where the vote of Judas Iscariot is as good as the vote of the Saviour of man kind. ବିବେକନିଷ୍ଠ ମହାତ୍ମା ଗୋପବନ୍ଧୁ ଚୌଧୁରୀଙ୍କର ଯେଉଁ ଗୋଟିଏ ଏକ ଭୋଟ ସେହି ଦଲାଲ ମାରୁଆଡ଼ୀ ଓ ମଣିଷମାରୁ ଲୁଙ୍ଗବାରୁ ଭିଜିଟ୍‌ସପେକ୍ଟରଙ୍କର ମଧ୍ୟ ତହିଁରୁ ଟିକିଏ ବେଶୀ ନୁହେଁ ।

ଭୋଟ ଗଣା ହୁଏ । ଅଧିକ ଭୋଟ ଯାହାର ତାର ଜୟ । କିନ୍ତୁ ଏଇ ଯେ ଅଧିକ ଲୋକ ଭୋଟ ଦିଅନ୍ତି ସେ କ'ଣ ତାଙ୍କର ମତ ନା ପ୍ରଚାର, ଜବରଦସ୍ତି, ପ୍ରଲୋଭନ, ମୂର୍ଖ ମୂଲ୍ୟହୀନ ଭୋଟ । Horace କହୁଥିଲେ—I count not the votes of the fickle mobs —ଭୋଟ ପ୍ରକୃତରେ କିଛି ଜନତାର ଭୋଟରେ କି ମୂଲ୍ୟ । ବରଂ ଯଦି ଗୁଣି ଗୁଣିଙ୍କର ଭୋଟ ଗୁଣାଧିକ ଓଜନ ବେଶୀ ହୋଇଯାନ୍ତା ଓ ଟେକ୍ନମନ୍ତଙ୍କର ଭୋଟ ହାଲୁକା ହୋଇ ଯାଉଥାନ୍ତା ତେବେ H. Everettଙ୍କର ସେଇ କଥାର ମୂଲ୍ୟ ହୁଅନ୍ତା—If we could but weigh in place of counting votes । ବାସ୍ତବରେ ଭୋଟ ଯଦି ଓଜନ ହୁଅନ୍ତା ଗଣା ନ ହୋଇ ତାହେଲେ ତା ଗୋଟାଏ କଥା । କିନ୍ତୁ ସେତେବେଳେ ଯଦି ନିରପେକ୍ଷ ଲୋକଂକ ମସ୍ତିଷ୍କ, ପର କଥାରେ ପରାମର୍ଶ ସାଧାରଣ ମସ୍ତିଷ୍କଠାରୁ ହାଲୁକା ହୋଇଯାଏ ତେବେ ବିପଦର ଆଉ ସୀମା ନାହିଁ । Lowell କହୁଥିଲେ—The ballot in their society is less dangerous than a sense of wroung in their mind. ଏବଂ ଆମେ ଜାଣିତ ପ୍ରତି ଭୋଟରେ ସେ ଅଧିକ ବିପଦର ସମ୍ମୁଖୀନ ହେଉଛୁଁ । ଲୋକଙ୍କର ଭ୍ରାନ୍ତ ଭୋଟ ସାଙ୍ଗରେ ମିଶିବାରୁ ଆମର ଭୋଟର ଅତ୍ୟାଚାର ସଙ୍ଗେ ସଙ୍ଗେ ଲୋକଙ୍କର ଭ୍ରାନ୍ତିର ବୋଝିସବୁ ମଧ୍ୟ ସହ୍ୟ କରିବାକୁ ପଡ଼ୁଛି ।

ଲୋକମାନେ ପୁଣି ଯାହାକୁ ଭୋଟ ଦିଅନ୍ତି ତାର ଭୁଲ ବଡ଼େଇ ମତାମତ ଦେଖି ଭୋଟ ଦେବାର ସୁବିଧା ପାଆନ୍ତି ନାହିଁ । କଂଗ୍ରେସ ନାଁରେ ଲୋକ ବି ଭୋଟ ପାଏ । କଂଗ୍ରେସ ଟିକେଟ୍ ମନୋନୟନ କରି ପାରେ—ଭୁଲ ମନୋନୟନ ବି କରିପାରେ । କିନ୍ତୁ ସାଧାରଣ ଲୋକଙ୍କର ଭୋଟ ଅଧିକାରକୁ ଛଡ଼ାଇ ଅଳ୍ପ କେତେକ ମୁଷ୍ଟିମେୟ କଂଗ୍ରେସ ଲୋକଙ୍କ ହାତରେ ଦେବା ଅର୍ଥ ଲୋକଙ୍କର ଆସ୍ଥା ଓ ବିଶ୍ୱାସ ଉପରେ କୋଟିପୋତେ ବା premium ବସାଇବା ।

ଆଚ୍ଛା, ଧର କଥାପାଇଁ ଲୋକମାନେ ଟିକେ ଜାଗରଣ କଲେ । ଓଡ଼ିଶା ଆସେମ୍ବ୍ଲିକୁ ୭୦ ଜଣ ଲୋକ ଗଲେ । ଯଉଁ ଦଳ ୩୧ ହେବ ସେ ଦଳ ତହିଁର ଯୋଗ୍ୟ । ଏହି ୩୧ ଦଳ ଭିତରେ ପୁଣି ଅଧସ୍ତନ ଦଳ ଅଛନ୍ତି । ତେଣୁ ସେ ଦଳମାନଙ୍କରୁ ଯେଉଁ ଦଳରେ ୧୬ ଜଣ ସଭ୍ୟ ଥିବେ ବାସ୍ତବରେ ସେଇ ଅର୍ଥାତ ୧୪ ଜଣଙ୍କ ମତକୁ ଉପେକ୍ଷା କରି ଶାସନ କରି ବସିଯିବ । ଯାଉ ନା ଭୋଟାଧିକାର !

ତାକିବାକୁ ଦେଲେ ଭୋଟାଭୋଟ ଥିଲା କି ନାହିଁ ଜଣାନାହିଁ । କିନ୍ତୁ ମନେ ହୁଏ ଏହି ଭୋଟ ବିଷୟ ଦେଖି ସେ ଉପନିଷଦରେ ଠାଏ ଉଲ୍ଲେଖ କରିଥିଲେ—ଶକ୍ତର ମୂଢ଼ ପ୍ରତିଷ୍ଠାସି ମେଦ୍ଧଂ ।

ଭୁକ୍‌ସମ ସପଖାକୁ ଜଣେ reactionary ବା ପ୍ରତିକ୍ରିୟାଶୀଳ ଅଭ୍ୟାସରେ ଅଭ୍ୟାସ ହେବାର ଭୟ ଥିଲି ମଧ୍ୟ ଏହି ପ୍ରକାରର ଭୋଟକୁ କହିବ—ହେମି ଲାଗଣି ନଚ ଦ୍ରବ୍ୟାର୍ଦ୍ର—ନ ଶ୍ରୂଯତେ ବେଦ ପୁରାଣ ଗୀତ—ତଥାପି ହୃଷ୍ଟ୍ୟା ଜ୍ଞେୟନନ୍ଦନେନ—ରେଖିଲ ଷ୍ଟୁରେ କାପାରେ ।

ଆମ ଗୀତା ପନ୍ଥୀ କଂଗ୍ରେସ ଗୁରୁମାନଙ୍କ ସୁବିଧା ସଭାରେ ଭୁକ୍‌ସମ ସେମାନଙ୍କ ଗୀତାର ଧାଡ଼ିଏ ଶୁଣାଇ ଦେଉଛି । ଭଗବାନ ଶ୍ରୀକୃଷ୍ଣ ସମ୍ଭବତଃ ଏଇ ଭୋଟ ବା ମତ ଦାନ କଥାକୁ ଉଲ୍ଲେଖ କରି କହିଥିଲେ—"କର୍ତ୍ତବ୍ୟାନିତି ମେ ପାର୍ଥ ନିଶ୍ଚିତଂ ମତମୁତ୍ତମଂ ।" କାରଣ ଏ ଶ୍ଳୋକର ଆଉ ଧାଡ଼ିଟାକୁ ସର୍ବଦା ହୃଦୟରେ ରଖିହିଁ ଭୋଟ ମହାଭାରତ ସୃଷ୍ଟି ହୁଏ ଅର୍ଥାତ୍—ନିତାନ୍ତ ଅନାଶକ୍ତ ଭାବରେ ଏତାନ୍ୟପି ତୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଳାନିଚ । ଭୋଟଟା କେବଳ ଭୋଟ ପାଇଁ ଲଢ଼ାଯାଏ । ଫଳାଫଳ ଗୋବିନ୍ଦଙ୍କ ହାତରେ । ହାରିଲେ ବ୍ରାହ୍ମଣ ଭିକାରୀ—ଜିତିଲେ ପଞ୍ଚକ ପରଶୁରାମ ।

ତେବେ ଭୁକ୍‌ସମ ମୋଟ ଉପରେ ବା ମୂଳରେ ଏ ଧରଣର ଭୋଟ ବା ମତ ସଂଗ୍ରହକୁ ଶ୍ରୀଯୁକ୍ତ Shawଙ୍କ ଶବ୍ଦକୁ ନେଇ କରି ଏତିକି କହିପାରେ—ଶ୍ରୀଯୁକ୍ତ ଯେ କେହି (Mr. Anybody) ଶ୍ରୀଯୁକ୍ତ କେହି ନୁହେଁ (Mr. Nobody) ଙ୍କ ଭୋଟ ଦେଇ ଶ୍ରୀମାନ୍ ପ୍ରତ୍ୟେକ ବ୍ୟକ୍ତି (Mr. Everybody) ମାନେ ଶ୍ରୀଯୁକ୍ତ କେହି ନୁହେଁ (Mr. No body) ଙ୍କ ଦ୍ୱାରା ଶାସିତ ହେବାର ନାମ ଭୋଟାଧିକାର । ତା ନହେଲେ ଏ ଦେଶରେ ଶିକ୍ଷା ବିଭାଗ ପାଇଁ ମନ୍ତ୍ରୀ ସତରଞ୍ଚ ଖେଳାଳି, ଅର୍ଥ ମନ୍ତ୍ରୀତ୍ୱ ପାଇଁ ଘୋଡ଼ଦୌଡ଼ବାଜ୍ ପାଗଳଭଙ୍ଗା, ପବ୍ଲିକ୍ ୱାର୍କସ୍ ବା ଇଞ୍ଜିନିଅରିଂ ବିଭାଗ ପାଇଁ ଜମିଦାର ଜାନୋଗାଈ ଓ ସ୍ୱାସ୍ଥ୍ୟ ପାଇଁ ଓକିଲ ଦୋଷରାମ କିପରି ହୁଅନ୍ତେ ନାହିଁ । ବାସ୍ତବିକ ଆମେ ଭୋଟ କମିଟି ଦେବାକୁ ଦେବ ଓ କାହାକୁ ଦେବାକୁ ହେବ ନ ଜାଣି କେବଳ ମଫସଲ ଲୋକ ପୋଷ୍ଟ ବାକ୍ସରେ ପଇସା ପକେଇ ମୁଣ୍ଡିଆ ମାରିଲା ପରି ଭୋଟ ପକେଇ ଆସୁଁ ନାହିଁ କି ?

---

## 'ଡଗର' ଅକାଳବନ୍ଧ ପାଣ୍ଠି

ପୂର୍ବରୁ ଆଦାୟ … … … … ୪୧୨ ୯.୬/

ଶ୍ରୀମତୀ ଶକୁନ୍ତଳା ନନ୍ଦୀ, ଗ୍ରାମ—ଖୁଣ୍ଟା ବନ୍ତା

ଜି: ବାଲେଶ୍ୱର ୪ ୨୮

Digitized by srujanika@gmail.com



କଂଗ୍ରେସୀ ମନ୍ତ୍ରୀ ମଣ୍ଡଳ ଗଢ଼ା ହୋଇଛି । ବାଲେଶ୍ୱର ଏ ମନ୍ତ୍ରୀ ମଣ୍ଡଳ ଗଢ଼ିବାରେ ଅଗ୍ରଣୀ ହୋଇଛି । ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀ ଏ ଜିଲ୍ଲାରୁ ନିର୍ବାଚିତ ହୋଇଛନ୍ତି । ମହତାବଙ୍କୁ ଉପମନ୍ତ୍ରୀ ଯୋଗ ଓ ମହମ୍ମଦ ହନିଫଙ୍କୁ ମୁଖ୍ୟ ମନ୍ତ୍ରୀ ଯୋଗ ଦେଇଥିଲେ । ଗତ ପ୍ରଭାତର ଲୋକେ ମହମ୍ମଦ ହନିଫଙ୍କୁ ମହତାବଙ୍କ "ଶୋ ବୟ' ( Show Boy ) ଆଖ୍ୟା ଦେଇଥିଲେ । ସମସ୍ତ ଓଡ଼ିଆ ପତ୍ରିକାରୁ 'ସମ ଭାବ ଏବ' ପଦ ଉଠିଯାଇ "ଡବେଲପ୍ମେଣ୍ଟ-କମିଶନର୍ ୫୦ ପଦ ପ୍ରକାଶିତ ହୋଇଛି । ଉପରୋକ୍ତ ବାଟେ ପ୍ରଧାନ ମ ... ବାସ୍ତବିକ ଲୋକେ ମହତାବ ଜେନା ଓ ହରେକୃଷ୍ଣ ମହତାବ କରିବାରେ ଲାଗିଲେ । ଫଳ ଖୁବ୍ ଭଲ ମାଲୁମ ଯାଇ ହୋଇଛି ।

\+ \+ \+ \+

ଡ: ହରେକୃଷ୍ଣ ମହତାବଙ୍କ ଦ୍ୱାରା ବ୍ୟବସାୟ ମଣ୍ଡଳୀରୁ କଂଗ୍ରେସ ନିର୍ବାଚନ ପ୍ରାର୍ଥୀ ହେବାକୁ ବୀରହାଦ୍ ମଙ୍ଗଳରେ ଗୁଜବ ଉଠିଲା । କିନ୍ତୁ ସେ ଗୋଡ଼ ପଟ୍ଟନାୟକଙ୍କ ପ୍ରତି ଦ୍ୱାରୀ ଓ ପ୍ରଭାବ ଥିବାରୁ ଓ ଜନତା ତାଙ୍କ ବିଷୟ ମାଟେଡଲ ହେବାରୁ ଧାଙ୍କ ଯୋଗ୍ୟତା ଅଧିକ ବହେବନ୍ତ ହୋଇଲା । ଅନ୍ୟ ପ୍ରାର୍ଥୀମାନେ କଂଗ୍ରେସୀ ଟିକଟରୁ ବଞ୍ଚିତ ହେବେ ବୋଲି ପ୍ରାର୍ଥୀ ପଦ ଉଠାଇ ଦେଲେ । କେବଳ ସୁରଯମଲ ସାହା କଂଗ୍ରେସର ନ୍ୟାୟ ବିରୁଦ୍ଧରେ ଅନ୍ୟାୟ ବୋଲି ବହୁ ଜନତା ଉତ୍ତେଜିତ ଅନ୍ଧକାରମୟ କଲେ । ଯଥାସମୟରେ ଥିବା ଦ୍ୱାରା ପାସ ଦାବିରେ ଓ ସର୍ବୋପରି ପଟ୍ଟନାୟକଙ୍କ ପାଇଁ ଭଲ ହୋଇଲା ।

× × × ×

ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଶ୍ନ ବାହାର ପଡ଼ିବାରୁ କର୍ମଚାରୀମାନଙ୍କର ଯୋଗ୍ୟତାର ପରିଚୟ ମିଳିଲା । ଭବିଷ୍ୟତରେ ଗ୍ରିଣ୍ଡ-ଲେ ବାକ୍ସ, ସିନେଟ ବାକ୍ସ ଓ ଲକ ଖଣି ବାକ୍ସ ହେବାର ସୂଚନା ମିଳିଲା ।

× × × ×

ସରଳା ଦେବୀ ପ୍ରମୁଖ କେତେକ ଶିକ୍ଷିତ ମହିଳାମାନେ ବୈଦେଶିକ ଶିକ୍ଷା ପାଇଁ ମହିଳା ଶିକ୍ଷୟିତ୍ରୀ ନିର୍ବାଚନରେ ଡ: ପି: ଅଲ୍ଲାଙ୍କ ନ୍ୟାୟ ବିରୁଦ୍ଧ ଅନ୍ୟାୟ ବୋଲି ବହୁ ପତ୍ର ପତ୍ରିକାରେ ଆନ୍ଦୋଳନ ଚଳାଇଲେ ଓ ଲାଟ ଲାଟ ସାହେବଙ୍କଠାରେ ପ୍ରତିବାଦ ନେଇଗଲେ । ଏ ଆନ୍ଦୋଳନ ବୃଥା ହୋଇଛି । କାରଣ ନିର୍ବାଚିତା ଶିକ୍ଷୟିତ୍ରୀଙ୍କର ଉପଯୁକ୍ତ ଯୋଗ୍ୟତା ଉପାଧି ନଥିଲେ ମଧ୍ୟ ସେ ଶ୍ରୀ କ୍ଷେତ୍ରରେ ଶ୍ରୀ ଶ୍ୟାମସୁନ୍ଦରଙ୍କର ସେବାରେ ଅଧିକ ନିଯୋଗ କରିଥିବାରୁ ତାଙ୍କୁ ଏ ବର ପ୍ରାପ୍ତି ହୋଇଲା ।

\+ \+ \+ \+

ସ୍ୱସ୍ତିକପୁରରେ ମଧ୍ୟ ବନ୍ୟା ନିୟନ୍ତ୍ରଣ ଯୋଜନାର ଶୁଭ ଉଦ୍‌ଘାଟନ ୧୫ ତାରିଖ ମାର୍ଚ୍ଚରେ ଦେଲେ । ଜଳରାଶି ବଞ୍ଚିତ ହୋଇ ଓଡ଼ିଶା ସ୍ୱଚ୍ଛନ୍ଦ ପାଇବେ । ଏ ଯୋଜନା ଓଡ଼ିଶାର ଏକ ତୃତୀୟାଂଶ କୋଟି ଟଙ୍କା ବ୍ୟୟ ହେବ । ଉକ୍ତ ଯୋଜନାର କେତେକାଂଶ ବୈଦ୍ୟୁତିକ ଶକ୍ତି ଉତ୍ପାଦନ କରିବ । ଏହି ଶକ୍ତି ଭୂଗର୍ଭର ଭୁଲ ଖଣିର ସ୍ଥାନ ପୂରଣ କରିବ । ଏ ଯୋଜନା ସମ୍ପୂର୍ଣ୍ଣ ହୋଇଲେ ଦୁର୍ଗମର ବୈଦ୍ୟୁତିକ ଶକ୍ତି ଉତ୍ପାଦନ ହୋଇବ ଓ ସମଗ୍ର ଓଡ଼ିଶା ଅନ୍ଧକାର ମୁକ୍ତ ଅନେକ ହୋଇବ । ସମ୍ବଲପୁର ଓ ଖଡ଼ିଆଳବାସୀମାନେ ଉପକୂଳ ବାସୀଙ୍କଠାରୁ କ୍ରମଶଃ ମଧ୍ୟ ଉନ୍ନତ ଜୀବନ ପାଇବେ । ଓଡ଼ିଶାର 'ମହାଦେଶ' ନାମ ସାର୍ଥକ ହୋଇବ ।

× × × ×

କଂଗ୍ରେସ ମନ୍ତ୍ରୀଙ୍କ ବେତନ ପାଞ୍ଚ ଶହରୁ ବଢ଼ି ପନ୍ଦର ଶହରେ ଧାର୍ଯ୍ୟ ହୋଇଲା । ଅସେମ୍ବ୍ଲି ମେମ୍ବରମାନଙ୍କର ମଧ୍ୟ ଭତ୍ତା ଦୁଇ ଗୁଣ ବେତନ ବୃଦ୍ଧି ହେବାର ଦେଖିଲା । ଅର୍ଥାତ୍ ସଭ୍ୟମାନେ ଖର୍ଚ୍ଚ ଯାଆରେ ଦେଶକୁ ପାଇବାକୁ ବିଚାର ଅଛନ୍ତି । ଏଣିକି ଅସେମ୍ବ୍ଲି ସଭ୍ୟ ପଦ ପ୍ରତିନିଧି ମୂଳକ ନ ହୋଇ ବ୍ୟବସାୟ ମୂଳକ ହୋଇବ । ଏ ମହଙ୍ଗା ଯୁଗରେ ସଭ୍ୟ ଓ ମନ୍ତ୍ରୀମାନଙ୍କ ବେତନ ବୃଦ୍ଧି ଦେଶର ମଙ୍ଗଳକର ହେବ ଯେହେତୁ ଉଦ୍‌ବୃତ୍ତ ବେତନ ସରକାରଙ୍କର ସ୍ୱଳ୍ପ ସଞ୍ଚୟ ଯୋଜନାରେ ଲାଗିବ । ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ସ୍ୱ ସ୍ୱ ବେତନ ବୃଦ୍ଧି ସକାଶେ ଦାବୀ ଉପସ୍ଥାପିତ କରିବେ । ଫଳ ନ ହେଲେ ଧର୍ମଘଟ, ଅନଶନ, ସତ୍ୟାଗ୍ରହ ଓ ଅସହଯୋଗ କରିବେ । ଦେଶବାସୀମାନେ ପ୍ରତିବାଦ କଲେହେଲେ ବିପରୀତ ଫଳ ଫଳିବ ।

\+ \+ \+ \+

ଶ୍ରମିକ ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ଓ କମ୍ୟୁନିଷ୍ଟ ଦଳ ମଧ୍ୟରେ ସଂଗ୍ରାମର ଅଭ୍ୟୁଦୟ ପ୍ରବଳ ସମାରୋହ ଭାବରେ ଲାଗିଲା । ବ୍ରଜରାଜ ନଗର ଧର୍ମକ୍ଷେତ୍ର ସ୍ୱରୂପ କୁରୁକ୍ଷେତ୍ରରେ ପରିଣତ ହୋଇଲା । ଅସଲ ସଂଗ୍ରାମ ୪ ତାରିଖ ଏପ୍ରିଲରେ ହୋଇବ । କଂଗ୍ରେସର ନେତୃବୃନ୍ଦ ଓ କର୍ମୀମାନେ ବ୍ରଜରାଜ ନଗର ଯାଇଁ ବଡ଼ ବଡ଼ କଥାମାନ ଶୁଣିଲେ । ଶ୍ରମିକ ଭାଇମାନଙ୍କ ଦୁଃଖ ଦୁର୍ଦ୍ଦଶାରେ ଅସହ୍ୟ ଲାଜ ଗଢ଼ାଇ ତା'ର ଅଶ୍ରୁ ପୋଛିବାର କଂଗ୍ରେସୀ ମଣ୍ଡଳ କରି ଦେବେ ବୋଲି କଳ୍ପନା ତଳରେ ପ୍ରତିଶ୍ରୁତି ଦେଲେ । କମ୍ୟୁନିଷ୍ଟମାନେ ଅବଧୂତ ଧର୍ମଛଡ଼ା, ଜାତିଛଡ଼ା ହୋଇଥିବାରୁ ପ୍ରମାଦ ଗଣିଲେ । କମ୍ୟୁନିଷ୍ଟମାନେ ଯେଉଁ ବ୍ୟୂହ ରଚନା କରିଛନ୍ତି—ତାକୁ ଭେଦ କରିବା ପାଇଁ ମୁକ୍ତିମନ୍ତ୍ର ସ୍ୱରୂପ ଭାରତ ଖଣ୍ଡ ପ୍ରସ୍ତାବ ସର୍ବୋପରି ଜହରଲାଲଙ୍କ ବାଣୀ ବ୍ରହ୍ମାସ୍ତ୍ର ସ୍ୱରୂପ କାର୍ଯ୍ୟରେ ଲାଗିଲା । କିନ୍ତୁ କମ୍ୟୁନିଷ୍ଟ ବ୍ୟୂହ ସୁଦୃଢ଼ ଥିବାରୁ ତାହା ଭେଦ କରିବା କଷ୍ଟକର ହୋଇଲା । ଫଳାଫଳ ମିଶ୍ରଫଳ ହୋଇଲା ।

---


**କଟକରେ 'ଡଗର' ସୋଲ୍ ଏଜେଣ୍ଟ**

**ମଞ୍ଜୁ ପ୍ରସାଦ ବ୍ରଦର୍ସ**

ବୁକ୍ ସେଲର୍ସ ଏଣ୍ଡ ପବ୍ଲିଶର୍ସ

ଲାଲ ବାଗ, ପୋ: ଗୁହାଳିରୋଡ଼—କଟକ


Digitized by srujanika@gmail.com



ବାପ ତାଙ୍କର ସାନପୁଅ ବନକୁ ସାଙ୍ଗରେ ନେଇ ହାଟକୁ ଯାଉଥିଲେ। ଗୋରୁ ହାଟକୁ ଯାଇ ବନ କହିଲା, "ବାପା, ସେ ଲୋକଟା ସେଇ ଗୋରୁର ପିଠିରେ ଚାପୁଡ଼ୁଛି କାହିଁକି?"

ବାପା—ସେ ପରଖୁଛି ଗୋରୁଟା ଚର୍ବିଳିଆ କି ଖୁମା।

ବନ—କାହିଁକି ସେ ତା କରୁଛି?

ବାପା—ସେ ଗୋରୁ ତାକୁ କିଣିବ!

ବନ—ଓହୋ, କାଲିଠାରୁ ବାବୁଙ୍କ ପୁଅ ନବଭାଇ ଆମ ଟୁନା ଅପାକୁ କିଣିବ।

ବାପା—କଣ କହୁଛୁରେ?

ବନ—ସେ ପରା ଅପା ପିଠିକୁ ଚାପୁଡ଼ୁଥିଲା।

\+ + + +

ମୂଷିକ ଗଣ୍ଡେ ମାଳ କିଶୋରମୋହନ ଅଫିସ ଚଢ଼ ବାବୁଙ୍କ ଠାରେ ଦରଖାସ୍ତ ଦେଲା। ବାବୁ ପଚାରିଲେ, "ତୁମେ ବାହା ହୋଇଛ?"

"ଆଜ୍ଞା ହଁ।"

"ଛୁଆପିଲା କେତୋଟି?"

"ଆଜ୍ଞା ତିନୋଟି ପୁଅ, ଚାରୋଟି ଝିଅ ଆଜ୍ଞା।"

"ଆଁ! ଏତେବେଳକେ ସାତ!"

"ଆଜ୍ଞା ନାହିଁ, ଏତେବେଳେ ନୁହେଁ, ବର୍ଷକେ ଗୋଟିଏ ଲେଖା।"

\+ + + +

ଦଳେ ସିପାହି ମାର୍ଚ୍ଚ କରି ଯାଉଥିଲେ। ଦୁଇଜଣ ମଫସଲିଆ ଲୋକ ଛିଡ଼ା ହୋଇ ଦେଖୁଥାଆନ୍ତି। ଜଣେ ଆଉ ଜଣକୁ ପଚାରିଲା—"ଆଚ୍ଛା କହିଲୁ, ମଣିଷ ଉପର ଅଡ଼କୁ ବଢ଼େ ନା ତଳ ଅଡ଼କୁ ବଢ଼େ?"

୨ୟ ବ୍ୟକ୍ତି ଖୁବ ଭାବି କହିଲା—"ତଳ ଅଡ଼କୁ।"

୧ମ—କିପରି ଜାଣିଲୁ?

୨ୟ—ମୋ ପିଲାବେଳେ ଗୋଟାଏ ଜାମା ଥିଲା ଯେ, ସେଇଟା ଏବେ ତଳ ଅଣ୍ଟୁ ସାନ ହୋଇ ଗଲାଣି।

୧ମ—ଦୂର୍, ତୁ ଭୁଲ କହୁଛୁ। ମଣିଷ ଅଲବତ ମୁଣ୍ଡ ଅଡ଼କୁ ବଢ଼େ। ଏଇ ଦେଖ୍, ଏ ସିପେଇ ଗୁଡ଼ାକ ଯେ ଚାଲୁଛନ୍ତି—ତାଙ୍କ ଗୋଡ଼ଅଡ଼କୁ ସବୁ ସମାନ। କିନ୍ତୁ ଉପର ଅଡ଼କୁ କିଏ ବହୁତ ସାନବଡ଼।

\+ + + ×

---

# କସ ପୁଣି ଦେଖା ନ ଯାଏ........

ଶ୍ରୀ ବିକ୍ରମଦେବ ବର୍ମା

ରତ୍ନ ସିଂହାସନେ ଶ୍ୱାନକୁ ଯତନେ
ବସାଇ ଥିବାକା,
ଦେଲେ କି ଆପଣା ସ୍ୱଭାବରୁ ବଣା
ହେବ ମାନସ ତାହାର ?

ଉପର କଥିତ ସତ୍ୟକୁ ପଣ କରି ଗୋଟିଏ ମାତ୍ର ଦୃଷ୍ଟାନ୍ତ ଇତିହାସ ବର୍ଣ୍ଣିତ। ଗୋଟିଏ ଶ୍ୱାନ ଏକ ଦେଶର ଅଧିପତି ହୋଇ ପାଳନ କଲା ସମାଗ୍ରର ବିଶ୍ୱାସାନର୍ହ ହେଲେହେଁ, ସେ ଘଟଣା ନିହାତି ସତ।

ପ୍ରାୟ ଏକ ହଜାର ବର୍ଷ ପୂର୍ବେ ଅବସିନିଅ ଦେଶବାସୀମାନେ ଏକ ଶ୍ୱାନକୁ ରାଜାଧିପତି କରି, ତାହା ଦ୍ୱାରା ପରିଚାଳିତ ହୋଇଥିଲେ। ସେ ଶ୍ୱାନର ଅଙ୍ଗୀକାର ବିନା କୌଣସି କାର୍ଯ୍ୟ କରାଯାଉ ନ ଥିଲା। ପ୍ରଭୁତ୍ୱ ସମ୍ବନ୍ଧର କାଗଜମାନଙ୍କୁ ସେ ଶ୍ୱାନାଧିପ ସମ୍ମୁଖରେ ରଖନ୍ତି। ସେ ସେ କାଗଜମାନଙ୍କୁ ଦେଖି ଆପଣାର ଲାଞ୍ଜକୁ ହଲାଇଲେ, ସେମାନେ ରାଜାନୁମୋଦିତ ବୋଲି ଗ୍ରହଣ କରନ୍ତି। ଏବେ ଲାଞ୍ଜ ନ ହଲାଇଲେ, ରାଜ ତିରସ୍କୃତ ବୋଲି ନଷ୍ଟ କରି ସେ ସବୁ ଫିଙ୍ଗି ଦିଅନ୍ତି। ଅବିକଳ ଏସବୁ ଲାଞ୍ଜ ହଲିବା ପର୍ଯ୍ୟନ୍ତ ପରିବର୍ତ୍ତିତ ହେଉଥାଏ।

ଏପରି ଶ୍ୱାନାଧିପ ପରିଚାଳିତ ହୋଇ ସେ ଦେଶବାସୀଏ ସୁଖରେ କାଳାତିପାତ କରୁଥିଲେ। ଇତି।

Digitized by srujanika@gmail.com

କଳାକ୍ରମ—

# କାହାଣୀ କଳା

— ଶ୍ରୀ ରଜନୀକାନ୍ତ ଦାସ

**କାହାଣୀର ପ୍ରାରମ୍ଭ ଏବଂ ବିକାଶ—**

କାହାଣୀ ସାହିତ୍ୟରେ ପ୍ରାଚୀନତମ । ବେଦ, ଉପନିଷଦ, ଅଷ୍ଟାଦଶ ପୁରାଣ ଏବଂ ବୌଦ୍ଧ ଜାତକମାନଙ୍କରେ କାହାଣୀର ସମାବେଶ, ତାର ପ୍ରାଚୀନତାକୁ ପ୍ରମାଣିତ କରୁଛି । ଏ ଯୁଗ ସମ୍ବନ୍ଧରେ ସ୍ପଷ୍ଟ ଯେ କାହାଣୀ ସାହିତ୍ୟର ସମ୍ପୂର୍ଣ୍ଣ ବିକାଶ ଲାଭ କରିଛି । ତଥାପି କାହାଣୀର ଉଦ୍ଦେଶ୍ୟ ଏବଂ ତାର ଆକୃତି ଯେ ସମୟର ପରିବର୍ତ୍ତନ ସହିତ ନ ବଦଳିଛି, ଏପରି ନୁହେଁ । କିନ୍ତୁ ଏକଥା କହିପାରନ୍ତି ଯେ, କାହାଣୀ ଆଜିର ବୈଜ୍ଞାନିକ ଯୁଗରେ ବି ସେହିପରି ଆଦୃତ ଏବଂ ଲୋକପ୍ରିୟ ରହିଛି, ଯେପରି ପ୍ରାରମ୍ଭରେ ଥିଲା ।

**ଅଧୁନାତନ କାହାଣୀର ରୂପ —**

ଆଜିର କାହାଣୀ ସ୍ୱରୂପ ବିଗତ ୧୦୦ ବର୍ଷ ତଳର କାହାଣୀଠାରୁ ପୃଥକ । ତାର ବାହ୍ୟ ରୂପରେଖ ସଙ୍ଗ ସଙ୍ଗେ ଅନ୍ତର୍ଦେଶରେ ମଧ୍ୟ ପରିବର୍ତ୍ତନ ଆସିଛି । ପ୍ରାଚୀନ କାହାଣୀର ଲକ୍ଷ୍ୟ ଥିଲା ଉପଦେଶ ଏବଂ ଲୋକଶିକ୍ଷା । ସେଥିରେ ମନୋରଞ୍ଜନ କମ୍ ଥିଲା । କିନ୍ତୁ ଆଜିର କାହାଣୀ କଳାରେ ମନୋରଞ୍ଜନହିଁ ମୁଖ୍ୟ ସାଧନ ହୋଇଛି । ସେହି ଦୃଷ୍ଟିରୁ କାହାଣୀର ରଚନା ବି ସଂସାର ସାହିତ୍ୟରେ ନୂଆ ଢଙ୍ଗରେ ହୋଇ ଚାଲିଛି ।

**କାହାଣୀର ସଂଜ୍ଞା—**

ଯୁକ୍ତ ରାଷ୍ଟ୍ରର ପ୍ରସିଦ୍ଧ ସାହିତ୍ୟିକ ଜେମସ୍ ରିଡ଼ଙ୍କ ମତରେ କ୍ଷୁଦ୍ର ଗଳ୍ପ ( Short Story ) ପାତ୍ର ଜୀବନର କୌଣସି ଘଟଣା— ଯାହାର ପରିବର୍ତ୍ତକ (turning point) ସୂକ୍ଷ୍ମ ବା ଅନୁମେୟ ଭାବରେ ବର୍ଣ୍ଣିତ ହୋଇଥାଏ । ଉକ୍ତ ଉଦାହରଣରୁ ଏକଥା ସ୍ପଷ୍ଟ ଯେ କାହାଣୀରେ ପାତ୍ର ବିସ୍ତୃତତା ଆବଶ୍ୟକ ନାହିଁ । ସେଥିରେ କେବଳ ଗୋଟିଏ ପାତ୍ର ଜୀବନର ମହତ୍ତ୍ୱପୂର୍ଣ୍ଣ ଘଟଣା ସବୁ ବର୍ଣ୍ଣିତ ହୁଏ । ସେହି ଘଟଣାର ସମ୍ବନ୍ଧିତ ଅନ୍ୟ ଏବଂ ଭୂତ ଘଟଣାର ମଧ୍ୟ ବର୍ଣ୍ଣନା ଥାଏ । ଘଟଣାର ଶେଷ ଏପରି ଉପାୟରେ ହୁଏ, ତାହା ଯେପରି କିଛି ମନୁଷ୍ୟ ମନ ଉପରେ ପ୍ରଭାବ ପକାଏ ସେଥିରେ ଜୀବନର ପୂର୍ଣ୍ଣ ଏବଂ ସର୍ବାଙ୍ଗୀଣ ଚିତ୍ରଣ ଆବଶ୍ୟକତା ନାହିଁ । କେବଳ ଗୋଟିଏ ଘଟଣା ଚିତ୍ରଣ କେବଳ କାହାଣୀରେ ମିଳେ । କାହାଣୀର ସଫଳତା କେବଳ ବର୍ଣ୍ଣନା, ରଚନା ଏବଂ ଅନୁଭୂତି ଉପରେ ନିର୍ଭର କରେ ।

କାହାଣୀର ପାତ୍ରକୁ ଏକାନ୍ତ ରୂପରେ ଦେଖିବାକୁ ମିଳେ । ସେଥିରେ ତାର ପରିବାର ଗୋଷ୍ଠୀର ସଂବନ୍ଧ କିମ୍ବା ଦୂର ଇତିହାସର ଆବଶ୍ୟକତା ନାହିଁ । ସେଥିରେ ପାତ୍ର ବା ପାତ୍ରମାନଙ୍କର ପୂର୍ଣ୍ଣ ଜୀବନ ଚରିତ ବା ଚର୍ଚ୍ଚା ପ୍ରୟୋଜନ ନାହିଁ । ସେଥିରେ ତାର ପରିବାର, ଗୋଷ୍ଠୀ, ଶ୍ରେଣୀ କିମ୍ବା ପୂର୍ବ ଇତିହାସର ଏକ ସଙ୍କେତ ମାତ୍ର ଦିଆଯାଇଥାଏ । ଏହି ସଙ୍କେତର ସୂକ୍ଷ୍ମତା ଯେତିକି, ସେତିକି ତାହା କାହାଣୀ କଳାର ମୌଳିକ ବିଶେଷତାକୁ ପ୍ରମାଣିତ କରିଥାଏ । କାହାଣୀରେ ପାତ୍ର ସଂକ୍ଷିପ୍ତ ଅଧିକ ଜ୍ଞାନ ଚିତ୍ରିତ ହେଉଥିବାର ମିଳିଥାଏ । ଲେଖକ ତାପରୁ ସ୍ୱାଧୀନତା ପୂର୍ବକ ଆଲୋଚନା କରିବା କାହାଣୀ କଳାର ଲକ୍ଷଣ ନୁହେଁ । ସେଥିରେ କାହାଣୀର ସୌନ୍ଦର୍ଯ୍ୟ ନଷ୍ଟ ହୋଇଥାଏ ।

**କାହାଣୀର ବିଭିନ୍ନ ଅଙ୍ଗ —**

କାହାଣୀ ଯେଉଁମାନଙ୍କ ୪ ପ୍ରଧାନ ତତ୍ତ୍ୱରେ ଗଠିତ ଅଟେ ।

( କ ) କଥାବସ୍ତୁ ।

( ଖ ) ଚରିତ୍ର ଚିତ୍ରଣ ।

( ଗ ) କଥୋପକଥନ ।

( ଘ ) ଶୈଳୀ ।

(କ) କଥାବସ୍ତୁ:—କାହାଣୀରେ ପାତ୍ର ଜୀବନର ଯେଉଁ ଏକ ଘଟଣା ବା କାର୍ଯ୍ୟ ମୁଖ୍ୟ ରୂପରେ ଚିତ୍ରିତ ହେବାର ଦେଖିବାକୁ ମିଳେ, ସେହି ଘଟଣା ବା କାର୍ଯ୍ୟହିଁ କାହାଣୀର କଥାବସ୍ତୁ ଅଟେ । ତାହାରି ଆଧାର ଉପରେ କାହାଣୀ ମହଲ ଠିଆ ହୋଇଥାଏ । ଘଟଣା ଏବଂ ଚରିତ୍ର ପ୍ରଧାନ କାହାଣୀରେ plots ବା କଥାବସ୍ତୁ ଅନିବାର୍ଯ୍ୟ ହେବା ଉଚିତ । କିନ୍ତୁ ଆଜିକାଲି ଏପରି ମନୋବୈଜ୍ଞାନିକ କାହାଣୀ ବି ଦେଖିବାକୁ ମିଳୁଛି, ଯେଉଁଥିରେ ପାତ୍ରର ଚେଷ୍ଟା ଏବଂ ଅଭିବ୍ୟକ୍ତି ମିଳେ । କିନ୍ତୁ କଥାବସ୍ତୁ ଅଦୃଶ୍ୟ ହୁଏ । ତଥାପି କଥାବସ୍ତୁହିଁ କାହାଣୀର ପ୍ରାଣ ଅଟେ ।

କଥାବସ୍ତୁ ଯେଉଁଠାରେ ଭିତରେ ପ୍ରଧାନ ଲକ୍ଷ୍ୟ ହେଉଛି, ତାହା ଅତ୍ୟନ୍ତ ସରଳ ଏବଂ ସ୍ପଷ୍ଟ ହେବା ଉଚିତ । ଜଟିଳ କଥାବସ୍ତୁ କାହାଣୀର ରୁଚି ଏବଂ ସୌନ୍ଦର୍ଯ୍ୟ ଉପରେ ଆଘାତ ଆଣେ । କଥାବସ୍ତୁରେ ଲେଖକର ଗ୍ରହଣହିଁ ପ୍ରଧାନ ଅଟେ । ସେଥିରେ ମୌଳିକତା ଥିବା ସର୍ବାଦୌ ଉଚିତ । ଲେଖକକୁ plotsର ମୂଳ ଘଟଣା ଉପରେହିଁ ଦୃଷ୍ଟି କେନ୍ଦ୍ରିତ କରି ରଖିବାକୁ ହେବ । କାହାଣୀରେ ସ୍ଥାନ, ସମୟ ଏବଂ ଘଟଣା, ଏହି ତିନିର ସମନ୍ୱୟ ତା'ର ସମସ୍ତ କଳାର ଅନ୍ୟ ପ୍ରଧାନ ଲକ୍ଷଣ । କାହାଣୀର ସମାପ୍ତି ପାଇଁ କୌଣସି କାଳ ନିର୍ଦ୍ଦିଷ୍ଟ ରଖାଯାଇ ନ ପାରେ । କାହାଣୀର କଥାବସ୍ତୁରେ ମଧ୍ୟ କାଳର ଅଧିକ ବ୍ୟବଧାନ ଏବଂ ସମୟର ଦୀର୍ଘ କ୍ରମ ନ ରହିବା ଉଚିତ । କାହାଣୀରେ ଚିତ୍ରିତ ଘଟଣା ଯଥାସମ୍ଭବ କମ୍ ସମୟ ବା କାଳ ଭିତରେ ଘଟୁଥିବେ, ତାର ସ୍ୱାଭାବିକତା ରହେ । ୧୦ ବର୍ଷ ପରେ ବା ୧୦ ବର୍ଷର ଉପରାନ୍ତ ଏପରି ସର୍ତ୍ତ ଅନିର୍ଦ୍ଦିଷ୍ଟ କାଳ ପ୍ରୟୋଗ କଲେ, କଳାର ଶିଥିଳତା ଆସିଯାଏ । ସେହିପରି କାହାଣୀ ଭିତରେ ବିଭିନ୍ନ ସ୍ଥାନ ଏବଂ ଦୃଶ୍ୟ ପରିବର୍ତ୍ତନ ମଧ୍ୟ ନ ହେବା ଉଚିତ । ନହେଲେ କାହାଣୀ ଭିତରେ ଅନାବଶ୍ୟକ ଜଟିଳତା ଆସିଯାଏ ।

(କ୍ରମଶଃ)

Digitized by srujanika@gmail.com

ମଜାଳଧାର୍ଣ୍ଣ:



# ଭୋଟ ପାଲା

ଲେଖକ:— ନି: ମ:

ଶୁନ ଶୁନ ସଜ୍ଜନଗନ ଦଅଁ ମନକର୍ଣ୍ଣ,
ଭୋଟ ଭୂତ ପାଲା ହାଏ ବର୍ଣ୍ଣବା ଗାୟନ ।

ଭାରତର ଅସ୍ଥାନେ ଘୋଟିଗଲା ଭୋଟ,
ଲାଗିଗଲେଁ ଲୋକ ଗୁରୁଅବଜ୍ଞ ଧପାଧୋଟ ।

କାହିଁ ଲଣ୍ଡା କାହିଁ ପାଣ୍ଡା କାହିଁ ହରିଜନ,
ଭୋଟେ ଭୋଟ ନାମ ସକଳେ ଧରିଲ ଭଜନ ।

ଏ ଭୋଟ ପାଲାର ଠାକୁର୍ ବାବା ମିଥ୍ୟାପୀର,
ସତ୍ୟ ବାତ୍ ବୋଲିବ ଯେ ଉଡ଼ିଯିବ ଶିର ।

ତାର ଯାବେ ପିଠ ଫଟେ କାର ଯାବେ ଠାଙ୍ଗ୍,
କେବା ପଡ଼ଜ୍ ଫେଟାଇଣ କେବା ଚତୁପଟାଙ୍ଗ୍ ।

ତା ମାଥାରେ ସିଂଙ୍ଗ୍ ଉଠେ କାର୍ ଅଟା ପାଖୀ,
ସକଳେର ଭୁଲ ବାବା ମିଥ୍ୟାପୀର ସାକ୍ଷୀ ।

ଶୁନ ଶୁନ ସଜ୍ଜନ ଦଅଁ କାନେର୍ ମୂନ୍,
କା ଅବା ବର୍ଣ୍ଣିବ ଅମି ଅଶେଷ ତା ଗୁନ ।

ଭୋଟ ନାମେ ଛିଲ ଏକ ବେତାଯୁଗେ ନାରୀ,
ଲଙ୍କା ନଗରେ ବାସ ଛନ୍ଦେଥେ ନାପାର ।

ମାୟାବତୀ ଧରେ ସେହୁ କତ କତ ରୂପ,
ଛବି ଅବା ମହାବଲ ତବେ ସବ୍ସ୍ୱପ ।

କବେ ଇସ୍କୁଲ୍ ମେନେଜିଂ କମିଟିର ସଭ୍ୟ,
କବେ ଜିଲ୍ଲାବୋର୍ଡ଼ ଅସେମ୍ବ୍ଲିର ନବ୍ୟ ନବ୍ୟ ।

କବେ ହାମେ ପ୍ରେସିଡେଣ୍ଟ କବେ ମନ୍ତ୍ରୀ ଗାଦୀ,
ଏଭି କନ୍ୟା ଜନ୍ୟେ ପାଞ୍ଚସାତ ସ୍ୱତବାଦୀ ।

କାର୍ ଗଲେ ଭୋଟ ବାଲା ଦେବେ ଟରପାଲା,
କାହାର ବରନ୍ ଲୋସ୍ତ କାହାର ବା ଚାଲ ।

କାହାର ମାଥାରୁ ଟୋପି କାହାର ବା ଚୁଟି,
କାହା ଥୋଡ ବାଲ୍ ଚାଲ୍ ସବେ ଗଲେ ଛୁଟି ।

କେଉଁ ବଲେ ହାମେ ଅଣି ଦେବା ସ୍ୱାଧୀନତା,
ଅନେ ବୋଲେ ଭଣ୍ଡ ଏକେ ଶୁନ ହାମ କଥା

ସ୍ୱାଧୀନତା ମେଣ୍ଡ୍ରାଫଲ ଡାଳେ ଲଗଥ,
ନାତୋନଜ ଖାଇଲେ ବାତା ଭେଙ୍ଗେଯାବେ ଦାନ୍ତ

ଦୁଇଖାନା ଭାଙ୍ଗ ବାଟା ଅଖ ଅଧ ଖାଅ,
ନଇଲେ ସବଲେ ଏବେ ଦୋଜଖ୍‌କେ ଯାଅ ।

ଅବେ ବୋଲେ ହାମ ମୁଖେ କେଶ ବାଲୁବାଲୁ
ଅଧା ଖେଏ ନପାଇବ ତାର ଅଧା ଦେଲୁ ।

ଏମନ ଶୁନିଅ ବାବା ବୋଲେ ଭୋଟନାରୀ,
ଅମାଭେ ନାଚାଓ ବାବା ସହୁଡେ ନାଗାର ।

ହାମେ ହେଲୁ ପତ୍ନୁମର ଇଂରାଜୀ ଲଡ଼କୀ,
ହାମର ଇଜ୍ଜତ୍ ଉଟେମ କିଁ ଠାହର କି ?

ହାମ ନାମ ମଡାର୍ଣ୍ଣ ଡ୍ରୋପଦୀ ସାକ୍ଷାତା,
ସକଲଙ୍କୁ ହାମେ ଅଜ ସ୍ୱାମୀ କରନେବା ।

ତବେ ଯାଇ ଲାଭ ହବେ ସ୍ୱାଧୀନତା ବେଠା,
ଝୁଟ୍ ମୁଠ୍ କେନ ଅବ ମନ ଭର ମୋଠା ।

ଏବାର ସକଲେ ମିଶେ ବଲ ହର ହର,
ଏମନ କରଅଁ ଭୋଟ ପାଲା ଗେଲ ସର ।

Digitized by srujanika@gmail.com

# ମଂତ୍ରୀ ବନ୍ଦନା

ଲେଖକ—ଲ: ମୃ:

ହରେକୃଷ୍ଣ, ହରେକୃଷ୍ଣ, ଏ କସ କରଣ !
ମନ୍ତ୍ରୀତ୍ୱରୂପ ଅପେ ଚକ ସମରେ ଟେକିଲ ।
ଅଜବ କସ୍‌ରତ ବଳା ଜବୁଥିଲ ମଜା,
ଏବେ ଅପେ ପାଗ ବାନ୍ଧ ହୋଇଗଲ ରଜା ।
ଅଂଶୁ—ଉଜ୍ଜ୍ୱଳ କର, ଜୁଜୁମା ଉଦ୍ଧାର,
ନେଇବେ ସ୍ୱାଭ ଅଜୀଏଣ ଫଳବ ତୁମ୍ଭର ।

\+ + + +

ନବକୃଷ୍ଣ ଅଜ କଅଁ କର ନାହିଁ ନାହିଁ !
ଶିରୋପା ହେଲଣି ବୃଣା ତୁମ୍ଭ ମୁଣ୍ଡ ପାଇଁ ।
ଯତନେ ବାନ୍ଧେଇ ଧର ସାମ୍ୟବାଦ ଠେଙ୍ଗା,
ସମତଳ କରଦିଅ ମୁଣ୍ଡ ଡେଙ୍ଗା ଡେଙ୍ଗା ।
ଜଙ୍ଗଲକୁ ଦାରିଦ୍ର୍ୟକୁ କରଦିଅ ପାଠ,
ଦୁନିଅ ଦୁଆରେ ନୋହୁ ଓଡ଼ିଅ ଭିକାରି ।

\+ + + +

ସତ୍ୟାନନ୍ଦ ଅନନ୍ଦରେ ବସିଥାଅ ଗୃହି,
ତୁମ୍ଭର କପାଳେ ଶିକା ଛିଣ୍ଡୁଛି କି ନାହିଁ ।
ଅଣ୍ଟାର ଉଣିଛ ଯେଣୁ ଗଙ୍ଗାଧର ଗୃହ,
କାହା ସାଧ ଉଡାଇବ ତୁମ୍ଭ ହକ୍ ଦାବି !
ତୁମ୍ଭେ ତ ପୁରୁଣା ମୁହାଁ— ତୁମ୍ଭକୁ କି ଛାଡ଼
ନୂଆ ଲୋକଅ ପାଇବେ ଡାଲଭାତ ହାଡ଼ି ?

\+ + + +

Welcome charity boy ଲାଲୁ ଲୋଧଗ୍ରାମ,
କେତ୍ରା କଷ୍ଟ ଭୁଞ୍ଜି କଲ ଅମଣାର କାମ ।
ଧନ୍ୟ ନାହିଁ ହେଲପର ଫଳପ୍ରାପ୍ତି ଲାଭ,
କାଁଣ ଅଙ୍ଗର ଏବେ ନାହିଁ ଏବ ଠାବ ।
ଅସିଲାତ ଭଲ କଲ ନ କରିବ ଆଶା,
ନାହିଁ ଲାଗିଥିଲେ ପୁଣି ଲେଉଟିବ ପାଶା ।

× × × ×

ଅସିଛ ତ ପଙ୍କ ମନ୍ତ୍ରେ— ମିଠା ଭଲ କଥା,
କେଙ୍କେ ହୋଇ ଏକା ଗଡ଼ିଅ ନାହିଁ ମଥା ।
ପାଖେଇ ଉଡଲ ଜାଣ ଜାଇବାଠା ଭଲ,
ଟାଣ ଟାଣ ହେଲେ ତୋଟି ହେବ ଗଲଗଲ ।
ସବୁର ସବୁର ଭାଇ— ଚିନ୍ତା କର ନାହିଁ,
ସେକ୍ରେଟେରି ପଦ ଗୋଟେ ଥୁଅ ତୁମ୍ଭ ପାଇଁ ।

× × × ×

ଅସିବାର ଉମାକାନ୍ତ. ସ୍ୱାଗତ ସ୍ୱାଗତ,
ହୋଇଲଣି ତୁମ୍ଭେ ଏବେ ଭାର ହରକତ ।
ହେବନ, ସେକ୍ରେଟେରି ପଦ ପାଇଁକି ହେ ସତେ,
ପାରଲ practice ଛାଡ଼ ? କହିବ ପରତେ ।
ଦେଶ ପାଇଁ ଏତେ sacrifice କର.
ଅସିପାର ଯେବେ, ତେବେ ସେବା ଦୀର୍ଘ ଦୂର ।

\+ + + +

ଉତ୍କଳ ଭାଇନା ଅଛ ମିଶ୍ର ଜଙ୍ଗବାଜ,
କାହିଁ ରହିଥିଲ ଛପି, ଜହ୍ନାଡ 'ମଠାଳ' ?
ତୁମ୍ଭର ଚାନ୍ଦ ବଳ, ଶଦାଂ ବୁଦ୍ଧି ଅଗ୍ର,
ମନେନ୍ଦ୍ରିୟ ଅଲକ୍ଷିତ ଅସେମ୍ବ୍ଲି ଗାର୍ଡ ।
ଅକସ୍ମ କଲମ ପେଷି ବାହାରିଛ ମୁଣ୍ଡ,
ଏବେ ହିଁ ସ୍ପିକର ହୋଇ ତୋଳଯାଜ ଭୁଣ୍ଡ ।

× × × ×

ଅଜ ଏକ କୃଷ୍ଣ ତେଣେ ରହିଗଲେ ବାକି,
ତାଙ୍କର ଦାବାଟା ପୁଣି କିଏ ଦେବ ଫାଙ୍କି !
ତୁମ୍ଭେ କି ରହିବ ହୋଇ ତୁଚ୍ଛ ସଭାପଦ ?
ନାହିଁ ନାହିଁ—ସୃଷ୍ଟି ହେଉ ନୂଆ ମନ୍ତ୍ରୀପଦ ।
ଅଗଠାରୁ ବଢ଼ିଲଣି ବହୁଗୁଣ କାମ,
ଦୁର୍ଭିକ୍ଷ, ଚିଲିକା ପୁଣି ମହାନଦୀ dam.

\+ + + +

ଅଜେୟ ଶୀତଙ୍ଗ ଧନ ଧ୍ୱନି କିଏ ଜାଣେ,
ଅବାଠ ମୂଲକୁ ଧକେ ପ୍ରତିନିଧିପଣେ
ବହୁ କ୍ଲେଶ ଛନ୍ତି ସହି ବାଟ ଚଲି ଲଢ଼ି,
ଏଥିଲ ବ୍ୟକ୍ତିଙ୍କୁ କେବେ ହେବନାହିଁ ଛାଡ଼ି !
ସ୍ୱେଚ୍ଛାଙ୍କ ବିଦୁର ଏକା ହେଉ ଯାଙ୍କ ଲାଗି,
ଅଣ ଖେ ଯାଅନ୍ତୁ ପଛେ ତେଣେ ଭକ ମାଗି ।

× × × ×

ପଞ୍ଚମ ମନ୍ତ୍ରୀର ପଦ ରହିଥାଉ ଖାଲି,
ପୁରଚବା କାହାକୁ ଜଣେ ଜଲ୍ଦି ଟାଣି;
ଏପରି ଅନେକେ ଥିବେ କରିବେ ବେଦନ,
ଅଥବା ପଟକ ଦେବେ ବ୍ରତ ଅନଶନ ।
ସେବିକା କେତାଙ୍କ ଲାଗି ଗାନ୍ଧି ଗୋଟେ ଥାଉ,
ଖ୍ରୀଷ୍ଟିଅନ, ମୁସଲମାନ ଅଗ୍ନି ଲୋକ ପାଉ ।

Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ତେଣେ... ଶାରୀରିକ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା। ୨। 'ଜହ୍ନମାମୁଁ'ର ମଧ୍ୟ ଦେଇ ପତ୍ର ବିନିମୟ ଦ୍ୱାରା ଗ୍ରାହକମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ଓ ସାହସ ଅହିଂସା ଆଧାରରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

(୧୮ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

ସ୍ନେହର ନାତି ନାତୁଣୀଏ,

ମହାତ୍ମା ଗାନ୍ଧୀଙ୍କର ଶିଷ୍ୟ ମଣ୍ଡଳ ଆସିଚନ୍ତି। ଭାରତକୁ ସ୍ୱାଧୀନତା ଦେଇଯିବେ। ତମେ ସବୁ ଆଜାଦ ଦେଶର ବାଳକ ହେବ। ଏଜା ବୁଢ଼ା ଘାକୁଆ ପାଟିରେ ଅଜାଦୀ ମିଠା ଟିକିଏ ଟିକିଏ ଚାଖୁଚି ଲେଖି ଦେଲି ଆଶାରେ ବସିଛି। ଦେଶର ଭିନ୍ନ ଭିନ୍ନ ସ୍ଥାନରେ ହୁଣ୍ଡାହାଣ୍ଡିରେ ରକ୍ତ ବହିଚନ୍ତି। ତାଙ୍କୁ ସଲ ଦେଉଚନ୍ତି କମ୍ପଜନାଙ୍କ ଦଳ। ଯେ ଯାହାହେଉ, ଇଂରେଜ ଆମକୁ ସ୍ୱାଧୀନତା ଦେଉ ନ ଦେଉ ତମେ ସବୁ ଏଣିକି ନିଜକୁ ସ୍ୱାଧୀନ ଦେଶର ପିଲା ବୋଲି ଭାବିବ। ସବୁ ସ୍କୁଲରେ ଜୟହିନ୍ଦ୍ ବାହିନୀ ଗଢ଼ ଓ ନିଜ ଭିତରେ ଶୃଙ୍ଖଳା ରଖ। ଏଣିକି ପରସ୍ପର ନମସ୍କାର ନ କରି 'ଜୟହିନ୍ଦ୍' କରିବ।

'ଜୟହିନ୍ଦ'— ତମର ଅଜା

## ଜାଣ କି ?

ଚଳନ୍ତା ଗାଡ଼ିରୁ ଓହ୍ଲାଇବାବେଳେ ଅନେକ ପଡ଼ିଯାଆନ୍ତି କାହିଁକି ? ଓହ୍ଲାଇଲାବେଳେ ଦେହର ଗତି ଥାଏ, ଗୋଡ଼ ତଳେ ଲାଗିଲାକ୍ଷଣି ପଦର ଗତି ବନ୍ଦ ହୋଇଗଲେ ଦେହର ଗତି ବନ୍ଦ ହୁଏନାହିଁ। ସେଥିପାଇଁ ମଣିଷ ପଡ଼ିଯାଏ। ଚଳନ୍ତା ଗାଡ଼ିର ବିପରୀତ ଦିଗକୁ ଗଲେ ଗୋଡ଼ ଓ ଦେହର ବିପରୀତ ଗତି ଯୋଗୁ ମଣିଷ ପଡ଼ିଯିବ। ତେଣୁ ଓହ୍ଲାଇବା-ବେଳେ ଗାଡ଼ି ସଙ୍ଗରେ ଦୌଡ଼ି ଦେହ ଓ ଗୋଡ଼ର ଗତିକୁ ସମାନ ରଖିବାକୁ ପଡ଼େ।

ପ୍ରକୃତର ଓଢ଼ଣା—ଅଫ୍ରିକାରେ ଗୋଟିଏ ଜାତିର ଲୋକ ଅଛନ୍ତି—ସେମାନଙ୍କର ପୁରୁଷ ଓଢ଼ଣା ବା ନକାବ ପିନ୍ଧନ୍ତି। ଅଖି ବ୍ୟତୀତ ଛଡ଼ା ମୁହଁର ଅଉ କୌଣସି ଅଂଶ ଦେଖାଯାଏ ନାହିଁ। ସ୍ତ୍ରୀଲୋକମାନେ ସେଠି ବେପରଦା।

ପ୍ଲାଟୋଙ୍କ ସତର୍କ (alarm) ଘଣ୍ଟା—ଦୁଇ ହଜାର ବର୍ଷ ପୂର୍ବେ ଯୁନାନୀ (ଗ୍ରୀସୀୟ) ଦାର୍ଶନିକ ପ୍ଲାଟୋଙ୍କର ଗୋଟିଏ ସତର୍କ ଘଣ୍ଟା ଥିଲା। ଗୋଟିଏ ପାଣିଘଡ଼ିରେ ଗୋଟିଏ ନଳୀ ଲାଗିଥାଏ। ପାଣି ଯେତେବେଳେ ନଳର ମୁଣ୍ଡ ସମାନକୁ ଆସିଯାଏ ସେତେବେଳେ ହଠାତ୍ ପାଣିଯାକ ତଳେ ଥିବା ଅଉ ଏକ ପାତ୍ରକୁ ଗଳିଯାଏ। ଏଇ ଜଳ ପ୍ରବାହର ବେଗ ଏତେ ବେଶୀ ହୁଏ ଯେ ନଳ ଭିତରର ପବନ ଦବି ଯାଇ ଅଉ ଏକ ନଳୀ ବାଟେ ବାହାରି ପଳାଏ। ଫଳରେ ଗୋଟିଏ ସିଟି ବାଜିଉଠେ। ଶୋଇଲା ଲୋକଙ୍କ ନିଦ ଭାଙ୍ଗିଯାଏ। ସିଟି ବାଜିବାର ଛଅ ଘଣ୍ଟା ପୂର୍ବରୁ ଏ ଘଣ୍ଟା ପ୍ରସ୍ତୁତ କରିବାକୁ ପଡ଼େ।

ସବୁଠାରୁ ବଡ଼ ଲାଙ୍ଗୁଳ କାହାର ?—କ୍ଲାଉଡ଼ାଟ ଚିତା ବୋଲି କହୁଥିବା ଗୋଟିଏ ଜୀବର ଲାଙ୍ଗୁଳ ତା ନିଜ ଦେହଠାରୁ ଏବଂ ପୃଥିବୀର ଯେ କୌଣସି ଜୀବର ଲାଙ୍ଗୁଳଠାରୁ ଲମ୍ବା। ଲାଙ୍ଗୁଳଟି ସୁନ୍ଦର ମଧ୍ୟ। ଏ ଚିତା ମାଂସାଶୀ ହେଲେ ମଧ୍ୟ ମନୁଷ୍ୟର ଅନିଷ୍ଟ କରେନାହିଁ।

## ଅବସର ବିନୋଦନ



ଜଣେ ରାଜାଙ୍କର ଉପରେ ଥିବା ଦେଖାଇଥିବା ଚିତ୍ର ଅନୁସାରେ ମୋହରଟିଏ ଥିଲା। ଏଇ ମୋହର ମାର୍କା ନ ଦେଖାଇଲେ କେହି ଦରବାରକୁ ଆସି ପାରନ୍ତି ନାହିଁ। ଯିଏ ମୋହରର ଦେଖାଇ ଦରବାରକୁ ଆସେ, ରାଜା କହନ୍ତି, ଏ ମୋହର ଭିତରେ ବଡ଼ ସାନ ମିଶି ସମୁଦାୟ କେତୋଟି ତ୍ରିଭୁଜ ଅଛି ଯିଏ କହି ନପାରିବ ସେ ଦରବାରରୁ ବାହାରି ଯିବ। କେହି କହି ପାରନ୍ତି ନାହିଁ। ଫଳରେ ଦରବାରରୁ ତଡ଼ା ଖାଆନ୍ତି। ତୁମେ ଭିତରେ ନାତିନାତୁଣୀମାନେ ସେଠାକୁ ଗଲେ ତଡ଼ା ଖାଇବେ ନାହିଁ। କହିଲ କେତୋଟା ତ୍ରିଭୁଜ ?

Digitized by srujanika@gmail.com

## ନାଗକଲମରୁ
## ଟିକଟ ପରଫୋରେଶନ୍

ପ୍ରିୟ ନାଗବନ୍ଧୁ ଓ ଭଉଣୀ ମାନେ

ନମସ୍କାର

ଅନେକ ଶତାବ୍ଦୀ ପୂର୍ବର କଥା ମୁଁ କହୁଛି, ଯେତେବେଳେ କି ଟିକଟ ପ୍ରଥମେ ପ୍ରଥମେ ବାହାରି ଥିଲା । ସେତେବେଳେ ମଧ୍ୟ ଗୋଟିଏ ଫର୍ଦ୍ଦରେ ଆଜିକାଲି ଯେମିତି ହେଉଛି ସେମିତି ବହୁତ ଗୁଡ଼ିଏ ଟିକଟ ଛପା ହେଉଥିଲା । ସେହି ଫର୍ଦ୍ଦରୁ ଗୋଟିଏ ଟିକଟ ବାହାର କରିବା ଗୋଟାଏ ବଡ଼ ଜଟିଳ ବ୍ୟାପାର ଥିଲା । ପାଖରେ ଛୁରୀ କିମ୍ବା କଇଁଚି ନ ଥିଲେ, ଟିକଟ ଫର୍ଦ୍ଦରୁ ଟିକଟ ବାହାର କରି ହେଉ ନଥିଲା । ବର୍ତ୍ତମାନ ଟିକଟର ଚାରିପାର୍ଶ୍ୱରେ 'ପରଫୋରେଶନ୍' ବା ଛିଦ୍ରର ହେବାର ସୁବିଧା ପାଇଁ ଛିଦ୍ର ଅଛି ବୋଲି, ଯେଉଁମାନେ ବ୍ୟବହାର କରୁଛନ୍ତି, ସେମାନଙ୍କର କୌଣସି ଅସୁବିଧା ହେଉ ନାହିଁ । କିନ୍ତୁ ଏହି 'ପରଫୋରେଶନ୍' ବା 'ଟେପାଉ ଟେପ' ପଛରେ ଯେ, ଚମତ୍କାର ଇତିହାସ ରହିଛି ତାହାର ଖବର କେତେଜଣ ରଖନ୍ତି ?

ସେତେବେଳେ ଆଇରିସ ଫାଇଙ୍ଗର ନାମକ ଜଣେ ସାହେବ ଥିଲେ ଏବଂ ବେଳିପଥ ଦର୍ଶିବାକୁ ପ୍ରବନ୍ଧ ଲେଖି ସେ ତାଙ୍କର କାର୍ଯ୍ୟ ଆରମ୍ଭ କରୁଥିଲେ । ସେଥିପାଇଁ ଭାବରେ ତାଙ୍କୁ ପ୍ରତିଦିନ ବହୁତ ପ୍ରବନ୍ଧ ପଠେଇବାକୁ ହେଉଥିଲା ଓ ସେ ମଧ୍ୟ ପ୍ରତ୍ୟହ ଟିକଟ ବ୍ୟବହାର କରୁଥିଲେ । ଦିନେ ପ୍ରବନ୍ଧ ପଠାଇବା ପାଇଁ ଟିକଟ କାଟିବାକୁ ଯାଇ ଦେଖିଲେ ପାଖରେ ଛୁରୀ କିମ୍ବା କଇଁଚି ନାହିଁ । ସେତେବେଳେ ଟିକଟ କାଟିବାର ଯନ୍ତ୍ର ଏଥରେ ସେଥରେ ଖୋଜିବାକୁ ଯାଇ ହାତ ଅଗରେ ଗୋଟାଏ ପିନ୍ ପାଇଲେ ଏବଂ ତାହାର ଦ୍ୱାରା ଟିକଟର ଚାରିପାର୍ଶ୍ୱରେ ଛେଦକରି ଟିକଟ ଛିଣ୍ଡାଇ ନେଲେ । ସଙ୍ଗେ ସଙ୍ଗେ ଏ ସମ୍ବନ୍ଧରେ ପ୍ରଣାଳୀବଦ୍ଧ ପ୍ରବନ୍ଧ ପାଇଁ ମଧ୍ୟ ଲେଖି ଦେଲେ ।

ଉପଯୁକ୍ତ ସାହେବଙ୍କର ଯୁକ୍ତିକୁ ବାହାରିବାର ମଧ୍ୟ ସେ ଏହାର ସଦ୍ ବ୍ୟବହାର କରିପାରି ନାହାନ୍ତି ଏବଂ ସେଥିପାଇଁ ତାଙ୍କର ନାମ ଡାକଟିକଟର ଇତିହାସ ପୃଷ୍ଠାରୁ ଲିଭି ଯାଇଛି ।

ଆଇରିସ ପାର୍ଲିଆମେଣ୍ଟର ସଦସ୍ୟ ଥିବାବେଳେ ପିନ୍ ଦ୍ୱାରା ଛେଦକରି ଟିକଟ ପୃଷ୍ଠାରୁ କାଟି ନେଉଥିଲେ, ସେତିକିବେଳେ ହେନେରୀ ଆର୍ଚର ନାମକ ଆଉ ଜଣେ ସେଠାରେ ଉପସ୍ଥିତ ଥିଲେ । ସାହେବଙ୍କ ଏଥି ଉପରେ ଆର୍ଚରଙ୍କ ଦୃଷ୍ଟି ପଡ଼ିଗଲା ଏବଂ ସେ ଏ ବିଷୟରେ ଠିକ୍ ଭାବେ ଗବେଷଣା କରିବାକୁ ଲାଗିଲେ ।

କେତେଦିନ ପରେ ପରେ ଆର୍ଚର ଡାକ ବିଭାଗର କର୍ମଚାରୀଙ୍କ ସହିତ ସାକ୍ଷାତ କରି କହିଲେ—"ମୁଁ ଯାହାରେ ଫର୍ଦ୍ଦରୁ ଫର୍ଦ୍ଦ ଟିକଟ କାଟିବା ପାଇଁ ମୁଁ ଗୋଟିଏ ଯନ୍ତ୍ର ଆବିଷ୍କାର କରିଅଛି । ଯଦି ଅନୁମତି ଦିଅନ୍ତି ତେବେ ତାହା କାର୍ଯ୍ୟରେ ଲଗାଇପାରେ ।" ଆର୍ଚ-ରଙ୍କ ପ୍ରସ୍ତାବ ସମ୍ବନ୍ଧରେ ବିଚାର କରିବା ପାଇଁ ପାର୍ଲିଆମେଣ୍ଟ ଗୋଟିଏ କମିଟି ବସାଇଲେ ଏବଂ କମିଟିରେ ପ୍ରସ୍ତାବଟି ଗ୍ରାହ୍ୟ ହୋଇ ଯିବାରୁ ଆର୍ଚରଙ୍କୁ ଉପଯୁକ୍ତ ଦେଲେ । ସେମାନେ କହିଲେ ଯେ ଡାକଟିକଟର ଚାରିପାର୍ଶ୍ୱରେ 'ପରଫୋରେଶନ' ରହିଲେ ସାଧାରଣଙ୍କର ଖୁବ୍ ସୁବିଧା ହେବ । ତେଣୁ ଆର୍ଚରଙ୍କର ଏ ଉଦ୍ଭାବନ ପାଇଁ ଗଭର୍ଣ୍ଣମେଣ୍ଟ ତାହାଙ୍କୁ ପୁରସ୍କାର ଦେଇଥିଲେ ।

ଏହି ଘଟଣାଟିର ସତ୍ୟତାରୁ ଦୁଃଖର ବିଷୟ ଏହି ଯେ ଆଇରିସ ପାର୍ଲିଆମେଣ୍ଟର ଏ ସମ୍ବନ୍ଧରେ ଯେଉଁ ଲେଖାଟି ସମ୍ବାଦ ପତ୍ରରେ ପ୍ରକାଶ ପାଇଁ ପଠାଇ ଥିଲେ ସମ୍ବାଦ ଦୁଃଖର ସହିତ ତାହା ଫେରାଇ ଦେଇଥିଲେ । ପରେ ଏହି ଉଦ୍ଭାବନ ସମ୍ବାଦବାହର କଣ ହୋଇଥିଲା ତାହା ଜଣାଯାଏ ନାହିଁ ।

ଶ୍ରୀ ଚନ୍ଦ୍ରଶେଖର ଚରଣ ଦାଶ, ( ନଂ ୪୬୭ ନାଗ )

—*—

## ଗରିବ—

ଦେଖରେ ଗରିବର ଅବସ୍ଥା ଘର ଚାଳ ଘଉଁଶ ଗୁନ,
ମୁଣ୍ଡ ଗୁଞ୍ଜିବାକୁ ତାହାର ଯାଏ ଖାଇବା ଖାଲି ।
ହାଡ଼ ବେକର ଗଣ୍ଠି ମାଟିର ଦେହକୁ ଲାଗିଛି ତାର,
କେହି ଦିଟି ଏହା ଦେଖିଲେ ଅସ୍ଥି ଚରମ ସାର ।
ଖାଏ ଗଣ୍ଡିଏ ଦୁଇ ବେଳଟା ତାର ଅଙ୍ଗ ଭୂଷଣ,
ଲଙ୍ଗୋଟି ବେଳକୁ ରହିଛି ତା'ର ମହତ ଧନ ।
ପେଟ ଭୁଖଣ୍ଡର ପାଇଁ କି ବେଳେ ଜଞ୍ଜାଳ ସହେ,
ଦେଖରେ ଅନାଗତ ଆଶାକୁ ସେ ତ ଅନାଇ ରହେ ।
ହାଡ଼ଭଙ୍ଗା ଶ୍ରମ ଦିନରେ ଭୁକେଣ୍ଡ ମୁଣ୍ଡର ଝାଳ,
ଖାଲ ସଙ୍ଗେ ଯୁଝି ଯୁଝି ସେ ନେଲା ଆପଣା କାଳ ।
ଜନମିଲେ ଧନେ ମରଣ ଦେଖି ନପାରେ ଟାଳି,
"ଗରିବର ନାହିଁ ମରଣ" ଜନ ନୟନରେ ଭାଳି ।

ଶ୍ରୀ ନାରାୟଣ ଚନ୍ଦ୍ର ନାୟକ (୪୨୫ ନଂ ନାଗ)

—*—

## ନୂଆ ନାଗବନ୍ଧୁଙ୍କ ନାମ

୨୦୩ । ଶ୍ରୀ କେଦାରନାଥ ମହାନ୍ତି, ଭବାନୀପାଟଣା ହାଇସ୍କୁଲ, କଳାହାଣ୍ଡି ଷ୍ଟେଟ । ୨୦୪ । ଶ୍ରୀ ବନ୍ଧୁଣାଦର ସାହୁ । ୨୦୫ । ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ । ୨୦୬ । ଶ୍ରୀ ଜାନକୀ ଚରଣ ମହାନ୍ତି । ୨୦୭ । ଶ୍ରୀ ରମେଶଚନ୍ଦ୍ର ପଟ୍ଟନାୟକ । ୨୦୮ । ଶ୍ରୀ ଅଜୟକୃଷ୍ଣ ଦାସ, ଭବାନୀପାଟଣା ହାଇସ୍କୁଲ, ଶ୍ରେଣୀ—IX, କଳାହାଣ୍ଡି ଷ୍ଟେଟ । ୨୦୯ । ଶ୍ରୀମତୀ ପ୍ରେମଲତା ଦେବୀ, C/o ଶ୍ରୀ ବ୍ରଜେଶ୍ୱର ନନ୍ଦ, ସମ୍ବଲପୁର । ୨୧୦ । ଶ୍ରୀମତୀ ସାବିତ୍ରୀ ଦେବୀ, ରୁକ୍ମିଣୀପୁର ଶାସନ, ପୋଃ ଅଃ ବୋଠାର । ୨୧୧ । ଶ୍ରୀ କେଶବ ଚନ୍ଦ୍ର ସାମଲ; C/o ଶ୍ରୀ ନିଳକଣ୍ଠ ମହାନ୍ତି, ଜଗନ୍ନାଥ ବଲ୍ଲଭ ମଠ । ୨୧୨ । ଶ୍ରୀ ଉମାଶଙ୍କର ମିଶ୍ର, ଭବାନୀପାଟଣା ହାଇସ୍କୁଲ, ୯ମ ଶ୍ରେଣୀ ଛାତ୍ର; କଳାହାଣ୍ଡି ଷ୍ଟେଟ ।

Digitized by srujanika@gmail.com

# ଦାର୍ଜିଲିଂ ବ୍ୟାଙ୍କ ଲିମିଟେଡ

ହେଡ ଅଫିସ— ଭବାନପୁର, କଲିକତା

**ଓଡ଼ିଶାର ଶାଖା ଅଫିସମାନ:—**

କଟକ ମଙ୍ଗଳାବାଗ ଏବଂ ଚାନ୍ଦିନୀଚୌକ, ଖୋର୍ଦ୍ଧା ରୋଡ଼, ଖୋର୍ଦ୍ଧା, ପୁରୀ,
ବରହମପୁର ( ଗଞ୍ଜାମ )




**BANK'S OWN BUILDING AT CUTTACK.**

# DARJEELING BANK Ltd.

**Head Office:— Bhowanipur, CALCUTTA.**

**ORISSA BRANCHES:—**

CUTTACK—MANGLABAG & CHANDNICHAWK PURI,
KHURDA ROAD, KHURDA, BERHAMPUR (GANJAM)

**OTHER BRANCHES:—**

**IN ALL IMPORTANT TRADE CENTRES.**

*Tele*—"Rainbow"—Cal.
*Phone*:—P. K. 2681

**B. MUKHERJEE**
*Mg. Dircetor*

ସ୍ୱପ୍ରଭା ସ୍ନୋ

କମନୀୟ ଆନନର

ରମଣୀୟ ପ୍ରସାଧନ

ନିତ୍ୟ ବ୍ୟବହାର କଲେ
ବଦନ ମଣ୍ଡଳରେ ଅପୂର୍ବ
ଶୁଭଶ୍ରୀ ବିକଶିତ ହୁଏ ।

କୋଣାର୍କ କେମିକ୍ୟାଲ୍
ଏଣ୍ଡ୍ ଟଏଲେଟ୍ ପ୍ରଡକ୍ଟସ୍
( କଣ୍ଟିପୁ )




ବ୍ୟବସାୟ ଓ ସଞ୍ଚୟର ସୁଯୋଗ

**ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—**

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସମାନ—** ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲାପଡ଼ା, ନାରାୟଣଗଞ୍ଜ, ସାକୁରିଆ, ଇଣ୍ଟରଜି, ଜୟନଗର, ମଜଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନଳଦଣ୍ଡି, ନାଗପୁର ।

ସ୍ୱା ପି. ଏନ୍: ରାୟ ଚଉଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୯ ଜମା ଦେଲେ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୫ ୬୭୦ ଙ୍କା ପାଇବେ ।


Printed & published by G. C. Mahapatra at the Gopinath Press, Bhadrak. 1946.

Digitized by srujanika@gmail.com

୯ମ ବର୍ଷ—୨୧ ଓ ୨୨ ସଂଖ୍ୟା

ଚୈତ୍ର—ପ୍ରଥମ ଓ ଦ୍ୱିତୀୟାର୍ଦ୍ଧ

# ଡଗର

**Dagara**

Utkal's most popular Fortnightly of LIGHT, LEAD & LAUGHTER




ପୃଷ୍ଠା ଲେଉଟାଇଲେ ପାଇବେ—

**ମାଙ୍କଡ ହାତରେ—**

**'ବଡ଼ଗପ'**

**ସଜନା ଗଛମୂଳେ**

**'ମନ୍ତ୍ରୀ ବରଣୀ**

**ଓ**

**ରସ ଭରିଆ ହୁକା ହୁକା ହୁଆ ।**

ଓଡ଼ିଆର ଧନ ଓଡ଼ିଆର ଶ୍ରମଦ୍ୱାରା ନିର୍ମିତ

ମେସାର୍ସ—'ଦାସ ଏଣ୍ଡ କୋ'

୪, ଫାଲଗୁନ ଦାସ ଲେନ୍,
କଲିକତା [illegible]

'ଏଟେଲେଣ୍ଟା ଫେନ୍,

**"ATALANTA FAN"**

ବ୍ୟବହାର କର ଦେଖିବ [illegible] ।

ସୁନ୍ଦର—ଶସ୍ତା ଓ ଦୀର୍ଘକାଳ ସ୍ଥାୟୀ ।

ସୋଲ ଡିଷ୍ଟ୍ରିବ୍ୟୁଟର

**Messrs W. C. Nayak & Co.**
4, Falgoon Das Lane, Calcutta.

ବାର୍ଷିକ—ତିନଟଙ୍କା ଆଠଅଣା

ରାଜସଂସ୍କରଣ—ପାଞ୍ଚଟଙ୍କା

Digitized by srujanika@gmail.com

# ନାଳନ୍ଦା ଔଷଧାଳୟ

ଅଧ୍ୟକ୍ଷ—ରାଜବୈଦ୍ୟ ହୃଷିକେଶ ଶାସ୍ତ୍ରୀ

୩୩, କଲେଜ ରୋ, କଲିକତା




ପୃଥିବୀ ବିଖ୍ୟାତ ପଣ୍ଡିତ, ବିଶ୍ୱବିଦ୍ୟାଳୟର **ଅଧ୍ୟାପକ**, ପ୍ରଧାନ ଶିକ୍ଷକ, ମାନନୀୟ ବିଚାରପତି, ଦେଶ ବରେଣ୍ୟ ନେତା, ମନ୍ତ୍ରୀ, ରାଜା ଓ ରାଜପ୍ରମୁଖଗଣ **ନାଳନ୍ଦା ଔଷଧାଳୟର** ଭୂୟସୀ ପ୍ରଶଂସା କରନ୍ତି । ଅତଏବ ଗ୍ୟାରେଣ୍ଟି ଦିଆଯାଏ ।

## Nalanda Ausadhalaya.

*Prop:*—**Rajvaidya Hrishi Kesh Sastri.**

**33, COLLEGE ROW, CALCUTTA.**


ସମ୍ପାଦକ—ନିତ୍ୟାନନ୍ଦ ମହାପାତ୍ର; ପରିଚାଳନା ସମ୍ପାଦକ—ଶ୍ରୀ ବ୍ରଜମୋହନ ଦାସ

Digitized by srujanika@gmail.com

୯ମ ବର୍ଷ — ୧୧ ଓ ୧୨ ସଂଖ୍ୟା

ଚୈତ୍ର ପ୍ରଥମ ଓ ଦ୍ୱିତୀୟାର୍ଦ୍ଧ

# ବିଲୁଆ ବିଚାର

ଦିଲ୍ଲୀ ନଗରୀରେ ସ୍ୱାଧୀନତା ଦିବସରେ ଅଜସ୍ର ବାଜଣା ଧୂମାଧୂମ ଶୁଭିଲା । କୀର୍ତ୍ତନିଆମାନେ ଖୋଳ କରତାଳ ଧରି ତା ଥୈ ଥୈ—ତାଥୈ ତାଥୈ ନାଚିଲେ ନିତାଏ, ଗୌର, ଜଗାଏ ମଧାଏ—ଟେଳେଇଛନ୍ତି । ଏବେ ନଡ଼ାନ୍ତ ନଥଙ୍କ; ଅଶ୍ୱିନୀ ଲେବେ—ଗଛରୁ ନ ଦେଖିଲା ବ୍ୟକ୍ତି ପ୍ରାୟେ ଅଗଣ୍ୟା ବଣ୍ଡାଙ୍କୁ ଅଦେଇ ଉଡ଼ିଲେ—

ଲବଙ୍ଗ ଲତା, ଫୁଲ ଚହଟା ଫୁଲ ବର୍ଣ୍ଣ ଦନ ଫୁଟିବ,
ଅନାଇ ଅନାଇ ତଥର ଗଳ ସ୍ୱର୍ଗ ସଟଟକ ରେଇବ ?

+ + + +

କଂଗ୍ରେସ, ଲିଗ୍, ହିନ୍ଦୁ ମହାସଭା, କର୍ମନିଷ୍ଠୀ, ଶିଖ, ଗୋଇ, ବଳାଗୋର ବା ଅଙ୍ଗ୍ଲୋଇଣ୍ଡିଆନ, ଖ୍ରୀଷ୍ଟାନ୍, ପାରସି, ମହିଳା ଆଦି ସମସ୍ତେ ଯାଇଁ ବଡ଼ ଦେଉଳରେ ମହାପ୍ରସାଦ ପାରିଦ୍ୱଣ କରିବାରେ ଲାଗିଛନ୍ତି । ମହାପୁଣ୍ୟ ଅର୍ଜନ କରି ସ୍ୱର୍ଗ ଦ୍ୱାରକୁ ଯିବା ଲୋକ ସମାଜେ ସ୍ପଷ୍ଟ ଦେଖଉଛି । କିନ୍ତୁ ଲେଖ ସଙ୍ଗ ବିଷୟରେ ଏ କଳିକାଳରେ ଯୋଗ ସାଧନ ଅସମ୍ଭବ—ଏଠି ତ ଅନ୍ନ ବିହୁନେ ଧ୍ୱଂସ ହାନ, ଯୋଗ ସାଧିବ କାହା ପେଟ ? ଏଠି ହେବ ଭକ୍ତିମାର୍ଗ ଦରକାର । ଲୋକଙ୍କ ଗୁରୁ ବିର ହବଏ ଭକ୍ତିପଥ ଶିଖିଲେ ଭଲ ହୁଅନ୍ତା! ସମସ୍ତଙ୍କ ଅଷ୍ଟରେ । ତା ନହେଲେ—

ଜୋଗୀଏ ଯୋଗମାର୍ଗେ ଭ୍ରମି,
କେବଳ ହୋନ୍ତି ପରିଶ୍ରମି ।— ଏହାହିଁ ସାର ହେବ ।

× × × ×

ଜିନା ସାହେବ ବାହନେଇ ମିସନରୁ ଆସି ଗଦ ଗଦ ଭାବରେ ତାଙ୍କ ଲୀଗୀ ଭାଇମାନଙ୍କୁ ବଡ଼ ଅମୃତାତ୍ମା ହୋଇ କହିଲେ—କଥା-ବାର୍ତ୍ତା ଟେଣ୍ ହାର୍ଦ୍ଦିକ ଶୁଭିଛି । ଅଜ ଜଣେ ଲିଗ୍ ନେତା କହୁଁ କହୁଁ କହିଲେ—ପାକିସ୍ଥାନ ଜିନ୍ଦାବାଦ୍ । ପାକିସ୍ଥାନ ଆସି ମୁଣ୍ଡରେ ଲଦି-ଲାଣି । ମନ୍ତ୍ରୀ ପରିଷଦର ଏ ଲିଗ ପ୍ରୀତିକୁ ଦେଖି ଉପେନ୍ଦ୍ର ଭଞ୍ଜ ଥିଲେ ଏପରି ଲେଖିଥାନ୍ତେ—

ରଣୀ ରଚିଷ୍ଟ ଜାବଲୀ ଷ୍ଟାଫୋର୍ଡ ଓ୍ୟାଭେଲ ଘେନ
ବୋଲନ୍ତି ଲରେନ୍ସ ମୋହର ମାନସ ମଣ୍ଡାଇବ ରାଜଧାନୀ
ଖାଇବରରେ ଇନ୍ଦ୍ର,
ବମ୍ବୁ ନୃପ ପଦେ ଜିନା ଚନ୍ଦ୍ର ହେ ।

+ + + +

ବାଠ ବୋଇଲ ମୋତେ କଏ ହାଣୁଛି—ନା—ତୋର ଛାଇ ମୋ ଉଡରେ ପଡ଼ି ତୋତେ ହାଣୁଛି । ଜିନା ସାହେବ ସାଫ୍ ସାଫ୍ କହିଛନ୍ତି—ଅସାମ ଲୋକେ ଯାହା କହନ୍ତୁ—ସୀମାନ୍ତ ଲୋକେ ଯାହା କହନ୍ତୁ ପୋଲଣ୍ଡର୍ଙ୍କ ଯେମିତି ଖଡ଼୍ୟା ଦାଗିଲ ଆମକୁ ସେଇମିତି ଖଡ଼୍ୟା ଦିଅ । ନ୍ଦ୍ରେଏତ ଆମକୁ ପାକିସ୍ଥାନ ଦିଅ—ନଚେତ୍ ଯାବତ୍ ଚନ୍ଦ୍ରାର୍କ ଆମ ଭିତରେ ହାନମ ହୋଇ ରହୁ । ଯାଃ ତମେ ଆମ କଥା ନ ମାନ ଆଉ କାହାକୁ ଦେବଣ୍ଡ ଦିଅ ତେବେ ଭଲ କଥା ହେବନାହିଁ । ଏବେ ଟେମର ଜୀବନ୍ତ ଲୋକ—ମିଥ୍ୟାବାଦୀ ଛକା ଦେବେ ଯଥାସ୍ତବ ଉଳ କହନ୍ତୁ ! ତମେ ତୋର ଏମେ ବଳ—କିନ୍ତୁ ଧ୍ରୀତି ଅବଶ୍ୟ । ଆମକୁ ପାଟେଣାରିବ ନାହିଁ—

ଖଗଡ଼ ଗାଦିର କେଁ କରି ଅଙ୍ଗରେ ନଥାଇ ଚାଳ,
ବାଳ ଗୋଗ ଢଢ଼ି ଖାଯେଇ ଗଲେ ହୁଲାଦ ମାଇପା ବୋଳ ।
ସାଧୁଅ ତୋଠରେ ପଦାରେ ଚଡ଼ି ଘଷି ମାଜ ହେବେ ଦେହ,
ବାଳ ପସ୍ୱରଇ ଖୋଇଲେ; ମୋତେ ଷ୍ୟାଥୀ କଥା କହ !

× × × ×

ଯାହା ତ ହବାର ହବ । ଗାଁ ପଞ୍ଚଗୁଣ ବ୍ୟାଧା ଦୂରରୁ ଜଣା ପଡ଼ଗଲାଣି । କଂଗ୍ରେସ ଶେଷରେ ମଠ ଭୁନ୍ଥା କରି ଫେରିବେ । କେବଳେଃ ମିସନ ଯେ ବନ୍ଧ ଖଙ୍କୋଳିବାକୁ ଆସିଥିଲେ—ଶେଷରେ ସମସ୍ତେ ଦେଖିବେ—

ଚଡ଼ଥର ଅଣିଲ ଭଣ୍ଡାର,
ଟିକା ଲଗା ଥରେ ଓଃ ହି—
ସଭିଏ ଦେଖନ୍ତୁ— ମାଦ ମହୁତ ଖାଉଥାଇ ଗଲ ।

+ + + +

ଓଡ଼ିଶାର ଭୂଗୀ ପ୍ରଧାନ ମନ୍ତ୍ରୀ ମହାପିଷ ମହାତାପେ ତରଫ ନାଟାଲବ ଓଡ଼ିଶା କଂଗ୍ରେସ ଟୋହିଏ ଲିଖିତ ଟେକ୍ସ ବ୍ୟାଙ୍କନେଃ ମିସନ ଅଟେଗ ପେଶ୍ କରିଛନ୍ତି । ସେ ପେଶ୍ ପାଣ୍ ଦେଖି ଗଡ଼ଜାତ ରଜାମାନଙ୍କ ଦେହ ଟେଣ୍ଟରେଣ୍ ହେଲାଣି । ଲେଖ ସଭା ବିଷୟରେ ଓଡ଼ିଶାର ଧର୍ମସାକ୍ଷୀ ସଟେଜନ୍ମାନେ ଏଥର ଗ୍ରନ୍ଥଗଡେ ସଂକ୍ଷୋଧନ ତା କାଃ ପ୍ରସ୍ତାବମାନ ଆଣନ୍ତୁ । ନ ହେଲେ ଏ ଯାଇଁ ଚାଉଆ ବନ୍ଧୁ ଏଥରେ ଶିଳ ଶିଳପୁଅ ତ ସଟେନ ଭିଡ଼ିବେଣି ଖିମୁଳ ଭୁଲାଙ୍କ ଏବ ପଛରେ ? ଲେଖିଛିଏ କହୁଚନ୍ତି—

ସେ ବାଳ ପଗାଳ ଗଲାଣି,
ଗଜ ବଗାଳରେ ସିନ୍ଦୁର ନଥାଏ ଠାଏ ଠାଏ ଜପ ମଲାଣି ।

+ + + +

ପାରସୀରୁ ରୁଷ ସେନା ବାହୁଡ଼ା ବାଟ ଧରେ । କିନ୍ତୁ ମାନେ ମାନେ ନୁହେଁ । ଇଂଲଣ୍ଡ ଅମେରିକାଙ୍କ ରଣ୍ଡ ଧମକାଣରେ ନୁହେଁ । ପଥ ପୁଚ୍ଛି ଯାହା ପାଇବାର କଥା ତା ନେଇ ଫେରିବେ । ଏଣିକି ଅଡରି ଓ ବ୍ରୁମ୍ୟା ବସି ଘଟଣାଗ୍ରସ୍ତ ଘଟଣାଗ୍ରସ୍ତ ରଢୁଛନ୍ତି ।

Digitized by srujanika@gmail.com

ଉଡୁଅଛି ଉଡୁଅଛି ଉଡୁଅଛି ଉଇଁଟରେ,
ବେବେଠଠନ ଅଇ ତୋର ମାଗୁ ମସ୍ତ ଘଟରେ
ପାକିସ୍ତାନ ଲଟିଲଣି ସ୍ଥାନ ବଙ୍କ ଉଟରେ,
ଇଂଲଣ୍ଡ ଅମେରିକାର ମନ ଛଟପଟରେ
ଉଡୁଅଛି ଉଡୁଅଛି ଉଡୁଅଛି ଉଇଁଟରେ।

\+ + + +

ଦୁଷ୍ଟ ବଳାଲିଟ ଏ ଅନ୍ତଳ ଖଣ୍ଡରେ ଭୃପତି ହୋଇ ଅସିଲେ। ସେ ଅସିବା ବେଳରୁ ତାଙ୍କ ଅନେକ ଲୋକ ବଧାଇ ଜଣାଉଛନ୍ତି। ତାଙ୍କ ମୁଣ୍ଡରେ କ୍ଷିରପା ଲଗା ଭଳିବରେ ବନ୍ଧୁ ତୋପାମୋଦ ବର୍ଷଣ ହେଉଛି। କିନ୍ତୁ ଅମେ ବଲଥ ଦଳ ଦେଖୁଛୁଁ ଯେ ଟଣ୍ଡଲ ଇଂରେଜ ସରକାରଙ୍କର ଯେତେ ଯେତେ ସେବା କଲେ ତାର ଏ ଯେଉଁ ପୁରସ୍କାର, ଏ ତ ଯାହା ନ ଖାଇବେ କ୍ଷିଅ ତାଙ୍କ ଯୋଗ୍ୟ ପଡ଼ିଲେ ଦଥ ଭଳିଅ କଥା ହେଲା। ଓଡ଼ିଶାଟା ହିନସ୍ତା ପ୍ରଦେଶ ସେଥିପାଇଁ ଜଣେ ତଦ୍ଧିବ ଭଳନ ଲୋକ ବାଛି ଦେଲେ। ବଳାଲିଟ ଯେତେବେଳେ ତାଙ୍କୁ କେଉଁଠି ଥାପିବେ? ଏଥିରୁ ଅମ ବଳାଙ୍କ ପ୍ରତି ଗୋରା ଇଂରେଜଙ୍କ ପ୍ରୀତିଟା—

ଜଣା ପଡିଲା ମା'—
ମୋହନ ପ୍ରୀତି ଜଣା ପଡ଼ିଲା ମା—

\+ + + +

ଲଟ ସାହେବ—ନା—ଏକ୍ଷିବ ଲଟବାବୁ ବୋଲିବା—ଲଟବାବୁ ସ୍ୱଦ୍ ଲଲ ପହିଲୁ ବକ୍ତୃମାନରେ କହିଛନ୍ତି ଯେ ସେ ପ୍ରଦେଶର ପହିଲୁ ବା ପଦ୍ଧ ଅ ସେବକ। ଅମର ବିଶ୍ୱାସ ଲଟ ସାହେବଙ୍କ ଏକ୍ଷିବ ଭର୍ତ୍ତର ଏବସେଲନ୍ସି ସମ୍ବୋଧନ ନକରି Your Servantitude—ସମ୍ବୋଧନ କରିବା ପାଇଁ ଖୋଦ୍ ଲଟ ଅଡ଼ର ଦେବେ। ସେହି ପତ୍ରର ଭଳେ ମଧ୍ୟ—

× × × ×

ସୀମାନ୍ତ ସୀମାରେ ଖୋଦ୍ ଛୋଟଲଟ ଲିଗ୍ ବାନା ଧରି ପ୍ରଚାର ଅରମ୍ଭ କରିଦେଲେ। ଜଣେ କମିସନର ନିଜେ ଯାହା କରିବାର କଲେ ତାଙ୍କ କମିସନାସ ମଧ୍ୟ ନିଜର ହରମ୍ ଭିତରୁ ବାହାରି, ସମସ୍ତଙ୍କ 'ଉଟିମ' ହୋଇ ଶାଢ଼ୀ ମାଟିଲେ। ଅବଶ୍ୟ ଏ ଉଟିମା ଜଣକ ଏକ ମା'ର ଦୁଧଖିଅ ଉଗିମ ବୋଲି ଦାବି କରି ନ ଥିବେ। ତେଣୁ ମୁସଲମାନ ଦେଶରେ ଏ ଉଟିମା ହେବାର ସମ୍ପର୍କଟା ବହୁ ମଧୁର ହୋଇଥିବ ନିଶ୍ଚୟ। ଅମର ସନ୍ଦେହ ହେଉଛି, ଏଟା ମୁସଲିମ୍ ପ୍ରୀତି ନା ଅଉ କିଛି ତାହା କମିସନର ମହାଶୟଙ୍କ ଜୀବନ ଇତିହାସ ଗବେଷଣା କଲେ ବୁଝା ପଡ଼ନ୍ତା।

\+ + + +

ଜିନା ସାହେବ କହିଛନ୍ତି, ଖାଲି ପୂର୍ବ ପାକିସ୍ତାନ ଓ ପଶ୍ଚିମ ପାକିସ୍ତାନରେ ତାଙ୍କ ପେଟ ପୂରିବ ନାହିଁ। କଲିକତା ଓ କରାଚୀ ବନ୍ଦର ମଧ୍ୟ ସେ ନେବେ। ତା'ଛଡ଼ା ଏ ପୂର୍ବ ଓ ପଶ୍ଚିମକୁ ଯୋଗ କଲା ଭଳିଅ ଖଣ୍ଡେ ଜମି ହିନ୍ଦୁସ୍ଥାନର ବୁକ ଉପରେ ଚିରି ଦେଇ ଯିବେ। ତା ନହେଲେ ପୂର୍ବ ପାକିସ୍ତାନରୁ ପଶ୍ଚିମ ପାକିସ୍ତାନକୁ ଯାଅସ କରିବେ କିପରି! ଅମ ଲେଖ ସବୁ ଇଂରେଜ ସରକାରଙ୍କୁ ଅନୁରୋଧ କରୁଛି ସେମାନେ ଜିନା ସାହେବଙ୍କର ଏତିକ ଦାବୀ ପୂରଣ ସଙ୍ଗେ ସଙ୍ଗେ ଅଥବା ଗୋଟାଏ ବାଟ ବି ପରିଷ୍କାର କରି ଦେଇଥାନ୍ତୁ। ପାକିସ୍ଥାନରୁ ଜହନାମକୁ ଯିବା ପାଇଁ ମଧ୍ୟ ଗୋଟିଏ ବାଟ ବା 'କରିଡର' ଖୋଲି ଦେଇଥାନ୍ତୁ।

× × × ×

ଗତ ନିର୍ବାଚନରେ ମୁସଲିମ୍ ଲିଗ୍ ଓ କମ୍ୟୁନିଷ୍ଟ ଗୁଣ୍ଡାମାନେ ଯେଉଁ ସବୁ କାଣ୍ଡ କରିଛନ୍ତି ସେଗୁଡ଼ିକ ଅହିଂସା ଗାନ୍ଧିବାଦୀମାନେ ଧରିବା ଉଚିତ ନୁହେଁ। ପ୍ରହାରେଣ ଧନଞ୍ଜୟ ନୀତି ହିନ୍ଦୁଅରେ ସୃଷ୍ଟି ଅଛି ସ୍ୱଳ୍ପ। ସୁଧାର ଖାଇବ ବାଳୁଙ୍ଗ ମରେ। ସେଇଟା ସବୁ ନେତାରେ ହିନା ବାହାଦୁର। ଗୋଟାଏ କଥା। କଂଗ୍ରେସ ସହିତ ସତ୍ତ୍ୱେ ଏତେ କାଣ୍ଡ ସେ ତା ମୂଳରେ ଇଂରେଜ ସରକାରଙ୍କ ହାତ ଯେ ରହିଛି ଏଥିରେ ସନ୍ଦେହ ନାହିଁ। ଇଂରେଜ ସରକାର ମନ ଅନନ୍ଦରେ ଗାଉଥିବେ—

କର କସରତ ଥାଏଁ ମୁହିଁ
ମୋ କନ୍ ଅନ ଗନ୍ଧ ନାହିଁ।

ଲିଗ୍ କମ୍ୟୁନିଷ୍ଟ ହେବେ ଗାଉଥିବେ
ଯାହାକୁ ରଖିବେ ସର୍କାର,
କ କରେ କଂଗ୍ରେସ ତାହାର।

× × × ×

ଏଇ ଉଦ୍ଭବ ବାଲେଶ୍ୱରରେ ଅଲିଗଡ଼ରୁ ମୁସଲମାନ ଛାତ୍ର ଅସି ସିଧା ସରକାରଙ୍କ ଅଫିସରଙ୍କ ଅଖି ସାମନାରେ ମୁସଲମାନଙ୍କୁ ମାତେଇ ଦେଇଗଲେ—ପାକିସ୍ଥାନ ଯୁଦ୍ଧ ପାଇଁ ତିଆରି ହୋଇଯାଓ—ତ ଫଳରେ ହିନ୍ଦୁ ମୁସଲମାନ ଉଭୟେ ଉତ୍ତପ୍ତ। ହୁଏତ ଦେଖିବେ ବେଳେ ହାତାହାତି ହୋଇଯିବେ—ଅଉ ଏ ସରକାରୀ ଚଉକିଦାରଙ୍କ ମାନେ ପିସ୍ତଲ ହାତରେ ଧରି କହୁଥିବେ—'ଲଡ଼ିଯା'—ଯାଇଁ ଲଢ଼ିଯା'—"

\+ + + +

ଶ୍ରୀଯୁକ୍ତ ମହତାବ ଦିଲ୍ଲୀରୁ ଫେରିବା ଦିନଠାରୁ ଏକ ବିରାଟ ଘୋଷଣା କରିବେ ବୋଲି ଲୋକେ ଅବ ପାକ ଦେଇ ରହିଛନ୍ତି। ଅମର ଏତିକି ଅନୁରୋଧ, ମହତାବେ ଯାହା କହିବେ, ଯାହା କରିବେ ସେ ଏଇ ଓଡ଼ିଶା ଭୂଇଁରୁ ଅଧିକ ଖାଦ୍ୟ ଉପୁଜାଇ କହନ୍ତୁ ବା ନ କରନ୍ତୁ। କିନ୍ତୁ ସେ ଦିଲ୍ଲୀରୁ ଯାହା ଅଣନ୍ତି, ଅମର ଡର ହେଉଛି—ସେ ଦିଲ୍ଲୀ କଣ୍ଟକା—ଯୋ ଖାୟା ସୋ ଭି—ଅଉର ଯୋ ନହିଁ ଖାୟା ସୋ ଭି। ସେ ଅବସ୍ଥା ଯେପରି ଓଡ଼ିଶାବାସୀଏ ନ ହୁଅନ୍ତି। ସେକ୍ରେଟେରିଏଟ କିରାଣିଙ୍କ ଟେବୁଲ ବା ତରକା କରିବାକୁ ଯେତେ କଲେ କ'ଣ ହେବ? ଗଣ୍ଟି ତ ଗଧ ଗଣ୍ଟି। ଯୋଉ ଲୁଗାକୁ ଅଉ କେଉଁ ପଣ୍ଡୁ ଉଜନ ହେବେ! ଶାସନ ଭଲ କରିବାକୁ ହେଲେ ସେ ଗଧଙ୍କୁ ବାଛେଇ ନାହିଁ—ବଲ୍ ବ୍ଲଲ୍ ଏ ଧରଣର ଗୁଡ଼ଧାଡ଼ି ସେକ୍ରେଟେରିଏଟ ଉଠେଇ ଗାଁ ଗାଁରେ ସେକ୍ରେଟେରିଏଟ ନ କଲେ କିଛି ଫଳ ହେବ ନାହିଁ।—ଖାଲି—

ଦିନାଅକୁ ସାର,
ଧଉଳ ଫୁଲକୁ ନେଇଛ ବଢ଼।

Digitized by srujanika@gmail.com




ମଜାକଥା—

# ବଡ଼ ଗପ

ଲେଖକଃ- ନିଃ ମଃ

ପ୍ରିୟବର,

ତୁମର ଉପଦେଶ ମାନି, ଅଳ୍ପ ଯାକେ ଓଡ଼ିଆ ସାହିତ୍ୟରେ ମୁଁ ଛୋଟ ଗପ ଲେଖି ଆସିଲି। ମଝିରେ ମଝିରେ ପେଙ୍ଗୁଇନ ସ୍ପେଶାଲରୁ ଅଧିକାଂଶ ଗପର ଢଙ୍ଗ ସବୁ ମୁଁ ଦେଖେଁ। ସେଗୁଡ଼ିକ ତ ଛୋଟ ଗପ ନୁହେଁ, ଲମ୍ବାଟାକୁ ଗଲେ ଛୋଟ ବଡ଼ର କଥା ହେବ। ମାନେ, ପଢ଼ିବା ଛାଡ଼ିଲେ ଛାଡ଼ିଲି ଯାଉଥା—ଗପ ଶେଷ ପାଇବା ଯାଠିକର ପାଠ। ଖାଲି ପଦ୍ୟମୟ—ବା ଭାଷାମୟ। ଢୋଲର ଆରମ୍ଭ ଶେଷ ଗୋଟାଏ ଥିବ ହେବ, କିନ୍ତୁ ଏ ନୂଆ ଗପ ଯେ ଢୋଲର ଆକାର ପରି ପୂରାପୂରି ଗୋଲ—ଗୋଲାକାର ବା ଗୋଲଆଳୁ। ଆରମ୍ଭ ନାହିଁ କି ଶେଷ ନାହିଁ। ଅଲେଖ ପନ୍ଥୀଙ୍କ ଶୂନ୍ୟମଣ୍ଡଳ ପରି—ଯହିଁରୁ ଆରମ୍ଭ ସେଇଠି ଶେଷ।

ସେଦିନ କଥାଟା କି କ'ଣ ଅଳ୍ପ କଥାରେ ସେଇଥିପାଇଁ ନୁହେଁକି— 'ଅଖଣ୍ଡ ମଣ୍ଡଳାକାର—ବ୍ୟାପ୍ତଂ ଯେନ ଚରାଚର' ପଢ଼ିଛ? ନା, ଆଉ କ'ଣ? କିନ୍ତୁ ତୁମେ ମୋତେ ଗପ ଲେଖିବାକୁ କହି ପ୍ରେମ କରିବାକୁ ଶିଖେଇ ଦେଇ ନଥିଲ କାହିଁକି କହିଲ? ତୁମ ଉପଦେଶରେ ସେଇଠି ଥିଲା ଗଳଦ। ମୁଁ କହୁଛି କହୁଛି ଛୋଟ ଗପ ଲେଖିବାର ଟେକନିକ କହି ଆଣି ଟେକନିକ ପଢ଼ିଲିଣି। ଉପର ପରିସ୍ଥଳନା ସଂପାଦକଙ୍କ ଗପ ଲେଖକଙ୍କ ବୋଧନ ସଙ୍ଗେ ଶୋଧନ ବି ଶୁଣିଛନ୍ତି, କିନ୍ତୁ ସେ ସବୁ ତେଜରେ ଚଳୁ ନଥିବା। ଶେଷରେ ଏଇ ବାଟରେ ମୋଟ ଗଳ୍ପ ଲେଖକ ହୋଇ ଦେଇଛ। ଶିଳ୍ପୀ ମାନେ ଯୁଝନ୍ତି ଗୋଟିଏ ମଡେଲ। ଯିଏ ଯେଉଁ କଥା ବା ଗପ ଶିଳ୍ପୀ ସେ ତ ଗୋଟିଏ ମଡେଲ ବା ଆଦର୍ଶ ରଖି ତାର କଲମ ରେଖା ଅଙ୍କନ କରନ୍ତି ନାହିଁ; ତା ପାଇଁ ଅନେକ ମଡେଲ ଦରକାର। ଏ ଓଡ଼ିଆ ସଂପାଦକ ଗୁଡ଼ାକ ତ ପଇସା ଦେବେ ନାହିଁ, ଆଉ ଉପଦେଶ ଦେଇଦେଇ ପରେ ପଦର ଲେଖି ଭରିଦେବେ—ଗପ ପଢ଼ିଲେ ଅଳସ ବୋଧରେ ସଢ଼ିଲ ଦେବେ। ଗୋଟେ ଗୋଟେ ମଡେଲ ପାଇବାକୁ କେତେ ଶ୍ରମ, କେତେ ଚେଷ୍ଟା, କେତେ ଅର୍ଥ ବ୍ୟୟ ସେମାନେ କ'ଣ ବୁଝି ପାରିବେ ସେ କଥା? ବ୍ରାହ୍ମଣ ସଭାର ଯେମିତି ସିଃ ଅଭିଃ ଭଙ୍ଗ ଶ୍ରମ କଥା ବୁଝୁଛ ସେମିତି ଅଣ ମାଇପଙ୍କ ମା' ହବା ଶ୍ରମଟା ମିଶିପ ବୁଝିବେ ନା? ଆମ ଲେଖକ କଥା ସଂପାଦକେ ବା ବୁଝିବେ କାହିଁ।

'ହଁ, ଏଇ ମଡେଲ କଥା। ମୋର ପ୍ରଥମ ଗପ ଗୋଟିଏ ଗୋଟିଏ ମଡେଲକୁ ନେଇ ଗଢ଼ା। ମଡେଲ କିନ୍ତୁ ସବୁ ସମୟରେ ଭଲ ମିଳେ ନାହିଁ—ସେଇଠି ମଜା ମିଳେ। ମାନେ ଆଦର୍ଶ ବଦଳରେ ବିବର୍ଣ୍ଣ ମିଳେ। ଆଦର୍ଶ ମିଳେ ସହରରେ। ଆଉ ଏଇ ହାକିମ ହୁକୁମା, ଓକିଲ ଡାକ୍ତରଙ୍କ ଘରେ। 'ଯହିଁଠି ମା ସରସ୍ୱତୀ ହାରମୋନିୟମ ସଂଲଗ୍ନ ଭିତର ରଂଜିତ ହସ୍ତ ଶୋଭା ପାଆନ୍ତି ସେଇଠି। ମୋର ମଜା ହେଲା, ସରସ୍ୱତୀ ଏ ଯନ୍ତ୍ରଧାମରେ ଧରେ ଦଉଡ଼ିଲେ ମିଶିପ ମୁହଁରେ ବାଣୀ ଦେବାକୁ ନୁହେଁ—ସେଇ ଗପ ପାଇଁ ଆଦର୍ଶ ବା ମଡେଲ ଯୋଗାଇବାକୁ। ନୂଆ ଟୋକାମାନେ ମୋ ଗପର ଗୋଟାଏ ଦୋଷ ଦିଅନ୍ତି—Village bias—ମାନେ ଗାଉଁଲିଆ ଗନ୍ଧ ନାହିଁ—ଖାଲି ସହରିଆ ସହରିଆ ବିଶେଷତଃ କେବଳ ସହରିଆ ଗନ୍ଧ—ଉଃ! କିନ୍ତୁ ମୋର ଉପାୟ କ'ଣ! ମୁଁ ଜଣେ ସରସ୍ୱତୀ ଭକ୍ତ। ମା ସରସ୍ୱତୀ ତ ମଫସଲକୁ ଆସି ସହରରେ ରହିଲେ—ସହର ଛାଡ଼ି ମୁଁ ଏବେ ମଫସଲରେ ରହିବି କିପରି?

ତଥାପି ମଫସଲରେ ଯେ କହାଣି ଚେଷ୍ଟା ନ କରିଛି ତା ନୁହେଁ। ସେଇଟା ମୋ ନଷ୍ଟାମିରତା ଓ ଅଧ୍ୟବସାୟର ପରିଚୟ। ଶୁଣିବୁ ସେ କଥା? ମଣିଷ ନାହାକ ହିଁ। ତଥାପି ତାର ଖୋଜିପଡ଼ିର, ଅବାଞ୍ଛିତ ଦୁଷ୍ଟ ସମ୍ପର୍କ ପରି। ପୋଷାକ ତାର କଳାନେଳୀ—ଅଙ୍ଗ ତାର ଠିକ୍ ଚୋର ଅଙ୍ଗ ତ! ତାକୁ ମଡେଲ କରି କହିଲି। ଗଳ୍ପ ସୃଷ୍ଟି—ନେଣ୍ଡ—ଅଜା, ଜେଲ୍‌ଖାନା ସ୍ୱାମୀ—ସ୍ୱାମୀ କ'ଣ ସେ ଜାଣେନାହିଁ—ଜାଣିକରି ବି ଜାଣେ ନାହିଁ—ସୃଷ୍ଟି କରି ସେ ସୃଷ୍ଟି ନାହିଁ—ଏକାଏକା ସୃଷ୍ଟିଗଲ୍ପ ପଇସା କମେଇ ପଢ଼ିଲେ। ଆଉ ଆସିଲା ନାହିଁ। କୁଆ ଡୋଳାରେ ସରୁ ଫେରନ୍ତେ—କିନ୍ତୁ ସେ ଫେରିଲା ନାହିଁ।

ସେଇଦିନ ପୋଲିସ ଥାନାରେ ମକଦମା ଦେଖା ହେଲା। ମକଦମା ଚେଷ୍ଟା। ତାକୁ ଚାଲାଣ କରି ସୁହଁଥାଏ। ଉପର ହାକିମ ଯେମିତି ସଙ୍ଗାପାଣିରେ ଧୋଇ ଦେଇ ପଡ଼ିଲା। ଶୀତଳ ବୋଇରଲ ବି ଉତ୍ତମ ହେଲ ସେ ବୁଝି ପାରୁ ନଥାଏ।

ବୁଝିଲ ତ ଗୁରୁ, ଗପ ଲେଖିବାର ଏ ଧାରା ମୋତେ ଭଲ ଲାଗିଲା ନାହିଁ। ଟୋକା ଝିଅ ସାଙ୍ଗରେ ଟୋକାଟିଏ—ଜମିଦାର ଝିଅ ସାଙ୍ଗରେ ଜମିଦାର ପୁଅ, ସେ ଗାଆଁ ଝିଅ ସାଙ୍ଗରେ ଗାଆଁ ପୁଅ—ଏଗୁଡ଼ାକ ଛାଡ଼ି ଦେଇ ମୁଁ ସେ ଟୋକାଝିଅ ସାଙ୍ଗରେ ଛୋଟିଏ ସହରିଆ ପୁଅର ସମାବେଶ କରିବାକୁ ଚେଷ୍ଟା କଲି। ଲେଖକଟା ବଡ଼ ହେଉଥିଲା—

Digitized by srujanika@gmail.com

ଅନ୍ଧକାର ର ନାହିଁ । କ'ଣ କରନ୍ତି । ମୁଣ୍ଡି ଉପରେ ପଡ଼ିଲା । କହୁଛି ଅନ୍ଧକାର ହାସଲ କରିବା ପାଇଁ ଯେବେ ସବୁଠୁ ବାଟ ଅଟେ ଭୁଲି ଲି । ତେବେଲି ମଜା ଯାଉଛି ବୁଲିକି । ଭଲା ବସି ପର ଲଫୁଟ । ଅଙ୍କା ଟେକେଇ ମୁହଁର ଡଣ୍ଟୁଥାଏ । ସହରରେ ସେଠା ଭାପାନ ହାସଲ ଫୁଲ ଫୁଟେ ଏ ଯେ ସ୍ପ୍ରାକ୍ଟିକ ଫୁଲ—କଟାଳି ଦେଖିକି ? ମଜାହେଲା । ଚେଷ୍ଟା କର ଯାଇ ଭାବିଲି—ମଜା ସବୁ ନାହିଁ ତ—ଏକ୍ସଟ୍ରା ହୋଇଛି ସବୁ ତେବେତ । ଏମିତି ଉଠନ୍ତି ଏକ୍ସଟ୍ରା ଖଣ୍ଡ ଯାଆନ୍ତି ? ଏଏ ଦେଖିଲି ଯେ !

ତେଣୁ ଅଳପ ଜଣେ ଡ଼ଶି ଟେବୁ ଓଡ଼ଣା ଝାଣି ନେଲ । ତେଣେ ଘୁଷା ପଟେ । ଟିଟି ଫଟ୍ ଟେକ ହେଲଗଲ । ମୁଁ କହିଲି—ହୁଁ—ହୁଁ ିତଳ ପଡ଼ଡ଼ି ଭୁଟିଗଲି ଯେ !

ଟେଣୁ ଏହି ନଟବରିଙ୍କୁ ମୁଁ ଟିକଏ ଷ୍ଟାଡ଼ସ ପାଇ ତା ମୁଣ୍ଡ ଉପରୁ ଲଗାଟା କାଢ଼ି ନେଲି । ଏବେ ପର୍ଯ୍ୟନ୍ତ ଗଳ୍ପ ଲେଖା ହୋଇ ପାରନ୍ତା । ତେଣିକି ଜଗତର ମଜାକଥା ହେଉଥାଏ, ଗପ ହେବ ନାହିଁ ! ସେଥିରେ ମୋତେ ଅସି ପୋଷ୍ଟରର ଗାଥୋଇବାକୁ ଦେଲ । ଯିଏ ପଢ଼ିଲ, କହିଲ—ମୁଁ ଉପରକୁ ଅନେଇ ଭାବ ଭାବ ଅମୁଧିଲି ଘୋଡର ଡଢ଼ି ଅଟେ ପଡ଼ିଗଲି । ମୁଁ ତାଧେ କଡ଼ କଡ଼ା ? ଉତ୍ତାପ ଗାଇଁଲ ଗୁଣ୍ଡାବ କବ କ'ଣ ତା'କ ବୁଝିଲେ ନାହିଁ । କହିଲେ—ଭଟେପନ୍ ଖଞ୍ଜ—ଉବ ଯେତେ କବ ପଣେ ନ ଗଣେ କାହାକୁ ।

କଳ୍ପ କଟାଟା ଲଟଲ ନାହିଁ । ଗାଁରୁ ସେଇଦନ ସନ୍ଧରେ ଗଳେଇ ଅସିଛ । ଘାଁ ମୋତେ ତତ ଦେଲ । କଳ୍ପ ଏ ସହରର ସବୁ ଅଲଙ୍କାରରୁ ଏବେ ମୁଁ ବୁଝିଛି, ସ୍ତ୍ରୀ ଚରିତ୍ର ଠ ପ୍ରାପ୍ୟ ଗୁରୁଅଟେ ସମାନ—ହୁଏତ ସେଇଦନ ସେ ଘୋଡର ହାଂଭୁ ହାଳ ପ୍ରେମର ପ୍ରକାଶ କରିଥିଲ । ଏବେଯନ୍ତ୍ର ତା ପାଗରେ ନଥିଲ, ଅଭ କହନ୍ତା କ'ଣ ? ଧର ଯଦ୍ଧ ଗଡ଼ିବ ଥିବ, ତେବେ ସେଇଟାଇ ତ ଭଲ ପାଇ-ବାର ଚିହ୍ନ ଲକ୍ଷଣ । ଏଇ ପାଠ ପଢ଼ୀ ଟୋକୀକୁଡ଼ାଙ୍କୁ ଦେଖୁନା—ଯାହାଙ୍କୁ ସେ ଭଲ ପାଆନ୍ତି ତାଙ୍କୁଇ ସେ ଅସ ଗାଳି ଦଅନ୍ତି—ଯାଇଛା ତା କରନ୍ତି । ସେଇ ସ୍ୱଭାବର ଯିଏ ଭଳିବତା କର ଦଅନ୍ତା ତୋଲି ଦେନ ନଥନ୍ତି, ପାଠ ପଢ଼ୀ ଟୋକିଏ ତାଙ୍କର ସୁନ୍ଦର ହେଉ-ଯାନ୍ତି । ମୋର ଅକପର୍ଯ୍ୟାନ୍ତ ଦୁଃଖ ରହିଗଲ—ମଫସଲରେ ସେ ଅଭିଜ୍ଞତାଟା ହାସଲ କର ପାରିଲି ନାହିଁ ।

ଏବେତେବେଳଯାଏ ମୋର ଅସଲ କଂ—ଟେଟା କହିନାହିଁ । ମଟେଲ ଟେଗାକୁଥିଲି କଳ୍ପ ହେଉଗଲ ସନ୍ଧମତ ଗପ ।

ମୃଟେନ୍ଦ୍ର ଅସି ଯେବେ ମୋତେ କହିଲ—"ଭାଇ, ମୁଁ ଯଦ ବୁ କହୁଥାନ୍ତି—"

"କାହିଁ ତ ?" ପଚାରିଲି ।

"ତୋ ପରି ଗପ ଲେଖି ପାରୁ ଥାଆନ୍ତି ।"

"ତରେ ମୋ ଗପ ଲେଖାକୁ ତୋର ଏତେ ହିଂସା ?"

"ତୋ ଗପ ପଢ଼ି ଟୋକୀମାନେ ତ ତୋତେ ଦେବତା କହେଲେ ଣିଲଣି ।"

"ସତେ—ସତେ ? କଏଟେ ଟୋକୀ ତା କହିଲ ।"

"ଅରେ ଟୋପେ ଟୋକୀ କ'ଣ, ଶହ ଶହ, ହଜାର ହଜାର, ଲକ୍ଷ ଲକ୍ଷ, କୋଟି କୋଟି—ତେବେ ସବୁଠୁଁ ବେଶୀ ନାମ ତାରୁଙ୍କ କଥା ।"

"ସତେ—ସତେ ? ମୋତେ ଟିକଏ ତାଙ୍କ କଟେରେ ଦେଇ ପାରିବୁ ?"

"ନିଶ୍ଚୟ—ଆଜ ସ୍ଥାନ—ଏମଣ୍ଡି ଘର ।"

ମୁଁ ଭାବ ସାଗର ସାଗେ ଭଟିଲି । କାରଣ ଗୁରୁତ୍ୱ ଶୀଘ୍ର । କଲ୍ପ ତଣ ପଢ଼ଉଛ ଭାବ, ମଟେଲ ପାଇବା ଛଡ଼ା ମୋର ଅଉ କୌଣସି ଉଦ୍ଦେଶ୍ୟ ନଥିଲ—ଅଟି ଟୁଁ ।

ଭାବ ଯାଇଁ ପହଞ୍ଚିଲି ଲତା ପାଖରେ । ଫନ୍ଧୁଅର୍ଡ଼ ଗାର୍ଲ । ଗ୍ରାଜିଏଟ୍ କଲ । ତାପରେ ନାନା ଗପ । ସତକୁ ସତ ସେ ମୋ ଉପରୁ ଟେକାଟେକ କଲ ଲେଲୁ ସାଧାରଣ ଭାବରେ । ମୃଟେନ୍ଦ୍ର କହିଲ ପର ନୁହେଁ । ସେଟୁ ଅସି ମୃଟେନ୍ଦ୍ରକୁ କହିଲି—"ଉରେ, ନାହିଁ, ସେମିତି ହେଟେଟ କଥ ତ ମୁଗ୍ଧା ହେଲି ପରି ଲାଗୁନାହିଁ ।"

ମୃଟେନ୍ଦ୍ର କହିଲ—"ଅରେ, ତୋ ଅଗରେ ତୋତେ ଏତେ ଟେକବ କମିଛ । ମୁଁ ତ ଟହେଉ ଦେଲି ଏଥର ବୁ ତୋ କାଟ ଦେଖ ।"

ଭାଇ ମୋତେ ଅଉ କାଟ ଦେଖିବାକୁ ପଡ଼ିଲ ନାହିଁ । କାଟ ତାର ଅପେ ଅପେ ଖୋଲିଗଲ । ଗାଉ ତାର ଅପେ ଅପେ ପହଞ୍ଚି-ଗଲ । ତହିଁ ଅରଦନ ତାଙ୍କର ଚିଠି ଅଟି ପହଞ୍ଚିଲ—

ପ୍ରିୟ—

ଏ ଶୁଭ ମୁହୂର୍ତ୍ତରେ ତମେ ଅସିଥିଲ । ସ୍ୱଭଲ୍ଲଟେଇଁ ମୋର କ'ଣ ଯେ ହେଇଯାଉଛି ମୁଁ ବୁଝି ପାରୁନାହିଁ । ତମ ପଥକୁ ଗୁଡେଇ ପର ଉଚ୍ଚ୍ୟାବ, ଉତ୍ୟାବ—

ମୁଁ ସ୍ୱପ୍ନରେ କହ ଯାଉଛି । ତାର ସ୍ୱରର ଅସି ଚିଠି ଦେଲ । ଉତ୍ତର ପାଇଁ ଲଗି ବସିଲି । ସେ ସ୍ୱରର ବ ଖଲା ଏମିତି ହେବ ବୋଲି ମୁଁ କ'ଣ ଜାଣିଥିଲି !

ଅମର ନନ୍ଥ ନନ୍ଥ ଦେଖା ସ୍ୱଲ୍ପ—ଚିଠି ସ୍ୱଲ୍ପ । ଭାଇ ଏ କଥା ପ୍ରସଙ୍ଗରେ ତୋତେ ଓ ଯେ ଏ ଚିଠି ପଢ଼ିବ ତାକୁ ମୁଁ ଗୋଟାଏ କଥା ଟେଟେଇ ଦେଉ ଦେଉଥାଏ । ଯେ ଜବ ନଭକୁ ପ୍ରେମିକଗଣ, ମନେ ରଖିଥିବ, ପ୍ରେମଟା ଯେଉଁଠି ଖୁବ ଚଞ୍ଚଳ ଚଞ୍ଚଳ ଖାଲସଡ଼ା ପରି କଢ଼େ—ସେଠି ଜାଣିବ ବିପଦ ନିଶ୍ଚୟ ।

ତେବେ ଚିଠି ଅସିଲ ।

ପ୍ରିୟ—

ଅଜ ଅସିବ—କଶ୍ଚେ ଅସିବ—ମୋ ଭଣ ଅସିବ—ସରୁଣନ ଉଳ ନୁହେଁ—ଅଜ ତମେ ତମର ସେଇ ଲେଖକ ରୂପରେ ଅସିବ । ରାତି ୯ଟା 'ଶୋ'ରେ ବାପା ବୋଉ ଗୁଲୁଯିବେ । ମୁଁ ମୁଣ୍ଡବଥା ବାହାନାରେ ରହିବି । ତମେ ଅସିବ । କଶ୍ଚେ ଅସିବ, ମୋ ରଖ ଅହିବ—ଅହିବ—ଅସିବ—ଉତ୍ୟାଦ—ଉତ୍ୟାଦ୍ ।

ନ ଯାଇ ରହ ପାରିଲି ନାହିଁ । କ'ଣ ମୁଁ ଏତେ ସଂଯମ ଶାଠ

Digitized by srujanika@gmail.com

ସତ୍ୟି କି ଏତିକି ସଂଯମ କରି ପାରିବି ନାହିଁ ? ନା—ମୁଁ କେବେରେ ଶିଖିନାହିଁ ବୋଲି ଚଳାମାତ୍ର ବସିଲି । ନାକ ଟିପି ନିଶ୍ୱାସ ବନ୍ଦ କଲି—ନା ଶିଖିନାହିଁ—ମା—ମା—ମା—ମା—ଉଃ କଲି ସବୁ କ୍ଷୋଭର ଦୃଶ୍ୟ ମନରେ ଆସିଲି । ଭାଇ, ମନଟା ସତରେ ସତ ଖଣ୍ଡ ହେଉଥିଲା । ଗାଲ ଦୋ'ଟି ଉଜଣ୍ଟା ଲାଲ ହେଲା । ଆସନରେ ବସି ପାରିଲି ନାହିଁ । ଯାଇ ଦୁଆର କବାଟରେ ଲୁଚେଇ ହେଲି । ଉଠାଇ ହେଲନାହିଁ । ଗ୍ରସ୍ତ ଗୋଡ଼ରେ ଉଷୁଡ଼ିଲି ଉଠାଇ ହେଲନାହିଁ । ଝାଏ ବୋଉ ଲତା ଘରଆଡ଼େ ଗଲି ।

ଯାଇ ଦେଖେଁ ସେଠି ସେଠ ଘଣ୍ଟା ଯେଉଁଠା । ଲତା ଏକୁଟିଆ । ଆଉ କେହି ନାହାନ୍ତି । ଅଚାନକ ଏକ କଥାଭାଷା ଚାଲିଲା ।

"ବାସ୍ତବକ ଲତା ତମେ କେତେ ସୁନ୍ଦର !" ଏତ୍କା କହି ମୁଁ ତାକୁ ଲୁଚେଇ ପକାଇଲି । ବରସ୍ଥାନଙ୍କ ପରି କେଉଁ କରିବାକୁ ଯାଉନାହିଁ । ମୁଁ ଗାଲ ତାର ଉତ୍ତରଟା କ'ଣ ହୁଏ ଅପେକ୍ଷା କରିଥାଏ । ଉସଲକ ମୋର ଦରକାର । ଶର୍ଟ ଗପରେ ମୋର ଯେଉଁ ସ୍ୱାଭାବିକ ଇତର ହେବାର ମୋର ଉଦ୍ଦେଶ୍ୟ । ପାକଟରେ ଖାତା କଲମ ଥାଏ ।

କଳ୍ପ ହାସ୍ୟରେ ଭାଗ୍ୟ, ଯେଉଁବେଳେ ବାମବାବୁ ଓ ସୁରେନ୍ଦ୍ର ଆସି ଦୁଆର ମୁହଁରେ । ଲତା ଅଲଗା ହୋଇଗଲା । ବାମବାବୁ ଚାଲିଗଲେ ମିନିଟ ପରେ ପୁଣି ଆସିବାକୁ । ମୋ ଛାତି ଥରୁଥାଏ— ମୁଣ୍ଡ ଘୂରେଇ ହେଇ ଯାଉଥାଏ । ଡର ଲାଗୁଥାଏ ବାମବାବୁ ଛାଟ ଧରି ଅସୁ ନାହାନ୍ତି ତ !

କଳ୍ପ ଧୀର ଶାନ୍ତ ବାମବାବୁ କାଗଜ କଲମ ଧରି ଆସି ପହଞ୍ଚିଲେ । ସୁରେନ୍ଦ୍ର କଣ ନଜାଣିଲା ପରି ବଇଁଲପାଟିଆ ଭଳି କେବଳ ଚାହିଁ ଠିଆ ହୋଇଥାଏ ।

ବାମ କହିଲେ—"ବାବୁ, ଏ ଚଟି ସବୁ ତମର ?"

ମୁଁ ତ ଦେଖି ଥାବା । ଲୁଣ୍ଠିରୁ ଭାଷା ବାହାରିଲା ନାହିଁ । ବାମ ବାବୁର ସବୁକଥା କହିବାକୁ ଲାଗିଲେ—"ଯାହା ହବାର ହେଇ ସାରିଲାଣି—ମୁଁ ତାହାର ଦୋଷ ଦେଖୁନାହିଁ—ଯଦି ଦୋଷ ହେଉ-ଥାଏ ଭାଗ୍ୟର ଦୋଷ । ଏବେ ଏତିକି ମୋର ସନ୍ତୋଷ ତମେ ଜଣେ ଶିକ୍ଷିତ ଯୁବକ । ମୋର ଝିଅ ଲତା ତମକୁ ପାଇ ସୁଖୀ ହେବ । ଆସନ୍ତା ରବିବାର ବିବାହ । ଆପଣଙ୍କର ଆପତ୍ତି ନାହିଁ ତ ?"

"ମୋ—ମୋ—ମୋ—ର ?"

"ହଁ—ଏ କଳଙ୍କରୁ ରକ୍ଷା ପାଇବାର ଆଉ ତ ଉପାୟ ନାହିଁ ବାବୁ । ଯଦି ବିବାହ ନାହିଁ କର ତେବେ ଏ ଚଟି କଲରେ ଅଦାଲତ ଆଶ୍ରୟ କରିବାକୁ ହେବ । ଆଉ ଅଜର ଘଟଣା ତ ସୁରେନ୍ଦ୍ର ବାବୁ ଦେଖିଛନ୍ତି ।"

ପଛରେ ବୁଝିଲି—ଏ କାଣ୍ଡ ସୁରେନ୍ଦ୍ରର । ଲତାର ପ୍ରଥମ ପ୍ରେମିକ ସେଇ ସୁରେନ୍ଦ୍ର । ଅବଳାର ସର୍ବନାଶ କରି ଆଉ ଏକ ଅଭ୍ୟାନାଶ ଅଯୋଜନରେ ଲାଗିଛି ଅଛି । ମୋତେ ଏଠି ଫାନ୍ଦରେ ପକେଇ ଦେଲା । ସୁବିଧା ଦେଖି କଣ୍ଢା ଦେଇ ଚଟି ନେଇଗଲା । ଚଟି ସବୁ ନେଇ ଲତାର ବାପାଙ୍କ ଆଗରେ ଦେଖେଇଲା—ଲତା କେଉଁ ଭୁଲରୁ ଅଣିଛି ବୋଲି । ବାମବାବୁଙ୍କ ସିନେମା ନେଇଗଲା ମିଛରେ । ଏବେ ମୋତେ ଚଟି ଲେଖିବାର ଭାରି ଦାମରେ । ମୋତେ ସେଠି ଧରି କୁଟୁମ୍ବ ହେଲି । ଏବେଠାରେ ବାମବାବୁଙ୍କ ସାକ୍ଷୀ ହେଲି ।

କ'ଣ କହିବ ଭାଇ, ସେଇଦିନୁ ମୋର ଶର୍ଟ ଗପ ଲେଖିବା ଶେଷ । To make the short story long—ମାନେ—ଶର୍ଟ ଗପକୁ ବଡ଼ କରିବା ପାଇଁ ମୁଁ ବାଧ୍ୟ ହୋଇ ଗଳ୍ପ ବୈଶାଖରେ ବିବାହ କରି ପକାଇଲି, ତା ସହିତ ମୋର ପରିଚୟ ହେବାର ପରେ ଦଶ ଦିନରେ । ଆଜି ଅଣତିରିଶ ମାସ ମୁଁ ଗୋଟିଏ ସନ୍ତାନର ପିତା—ଜନକ ହୁଏଁ ବା ନ ହୁଏଁ । ବର୍ତ୍ତମାନ ଏକ ବଡ଼ ଗପର ପ୍ଲଟ୍ ଆରମ୍ଭ ।

ମୁଁ ଅନୁରୋଧ କରୁଛି, ସମସ୍ତଙ୍କ ବିଶେଷତଃ ଉପର ପରିଷ୍କାର ସମ୍ପାଦକଙ୍କୁ ଗପ ଲେଖିବା, ସେ ଯେପରି ଏବେ ଶର୍ଟ ଗପ ଲେଖାର ଟେକ୍‌ନିକ୍ ନ ବତାଇ ବଡ଼ ଗପ ଲେଖିବା ପାଇଁ ସମସ୍ତଙ୍କୁ କହନ୍ତୁ । ଶର୍ଟ ଗପ ଶେଷ କରି ବଡ଼ ଗପ ଲେଖିଲେ ସମ୍ଭବ ଅନେକ ପାପ କମିଯିବ ବୋଲି ମୋର ଦୃଢ଼ ମତ ।

———*———

## କୁତ୍‌କୁତ୍

କ୍ୟାପ୍ଟେନ—ତମେ ଦୁଇଜଣ ସେ ସ୍ତ୍ରୀଲୋକ ଉପରେ ଅତ୍ୟାଚାର କରିଥିଲ ?

୧ମ ସୈନିକ—ନା ହଜୁର—ମୁଁ ତାକୁ ସାମାନ୍ୟ ସୈନ୍ୟ ଦଳରେ ଗୌରବ ଲାଭ କରିଥିଲି ।

କ୍ୟାପ୍ଟେନ—(ଅନ୍ୟ ପ୍ରତି) ତମେ ?

୨ୟ ସୈନିକ—ମୁଁ ତାକୁ ଅନ୍ୟ ସୈନିକର ଅତ୍ୟାଚାରରୁ ରକ୍ଷା କରିଥିଲି । ସେ ମରିଯାଇଛି ।

× × × ×

"ଏ ଯୁଦ୍ଧର ନାମ କ'ଣ ?"

କମ୍ୟୁନିଷ୍ଟ—ଜନଯୁଦ୍ଧ (ଜନ ସୃଷ୍ଟି କରିବା ପାଇଁ ସଂଗ୍ରାମ)

ମୁନାଫାଖୋର—ଧନଯୁଦ୍ଧ (ଧନଲାଭ କରିବାପାଇଁ ସଂଗ୍ରାମ)

ଆଇ, ସି, ଏସ୍,—ମନଯୁଦ୍ଧ (ମନ ଅନୁସାରେ ସଂଗ୍ରାମ)

ସୈନ୍ୟ—ଧନଯୁଦ୍ଧ (ଜୋର ତଥା ଧନପଣ ଅନୁସାରେ)

\+ \+ \+ \+

ରୋଗୀ—ମୋର ଅଧରାତିରେ ପେଟକୁ ମାରୁଛି ।

ଡାକ୍ତର—ତମେ ଶୋଇବାବେଳେ କିଛି ଖାଇ ଶୋଇବ ।

ରୋଗୀ—ଆପଣ ମାସକ ଆଗରେ କହିଥିଲେ କି ଶୋଇବାବେଳେ ରାତିରେ କିଛି ଖାଇବନାହିଁ ବୋଲି !

ଡାକ୍ତର—ତା' କହିଥିବି । ମାତ୍ର ଜାଣିଛ, ବିଜ୍ଞାନ ଶାସ୍ତ୍ର ଦିନକୁ ଦିନ କେତେ ଆଗେଇ ଗଲାଣି । ମାସକ ଆଗେ ଯାହା ଥିଲା ଆଜି କଣ ସେଇଆ ରହିଛି !

Digitized by srujanika@gmail.com




# ଏ'ପିଠି, ସେପିଠି (ରୂପକ)

## ( ଭାଷାଚିତ୍ର )

ଲେଖିକା:—
**ଶ୍ରୀମତୀ ତରଙ୍ଗିଣୀ ମହାନ୍ତି**

କାଳର ସୂକ୍ଷ୍ମ ଦୃଷ୍ଟିରେ ପଡ଼ିଥିବା ଜୀବନଟା ହେଉଛି—ଦିବା-ରାତ୍ରିର ଖଣ୍ଡିଏ ଛାୟା ଛବି । ସାଧାରଣ ଦୃଷ୍ଟିରେ ମଧ୍ୟ ଜୀବନକୁ ଏହି ଦିବା ଓ ରାତ୍ରିର ରୂପାନ୍ତର ଯୌବନ ଓ ଜରାର ପର୍ଯ୍ୟାୟରେ ବିଭକ୍ତ କରାଯାଏ । ଦେହ ଓ ମନରେ ଅପାର ଶକ୍ତିର ପ୍ରାଚୁର୍ଯ୍ୟ, ରକ୍ତଧମନୀର ଉଷ୍ମତା ଆଉ ଯୌବନର ଉନ୍ମାଦନା ଅକ୍ଷୁର୍ଣ୍ଣ ଥିବାଯାଏଁ ମଧ୍ୟାହ୍ନର ସୂର୍ଯ୍ୟ ପରି ଆସେ ବିପୁଳ ପରାକ୍ରମ-ଭରା ବିସ୍ତାର କରେ ଯଶ । ମାତ୍ର, ପ୍ରକୃତିର ଶାଶ୍ୱତ ନିୟମାନୁଯାୟୀ ଦିନେ ଆସେ ରକ୍ତର ଗତି ଶିଥିଳ ହୋଇପଡ଼େ, ମୁଖ ଓ କପୋଳରେ କୁଞ୍ଚନ-ରେଖା ସ୍ପଷ୍ଟ ହୋଇଉଠେ, ଯୌବନର ଉଜ୍ଜ୍ୱଳ ବର୍ଣ୍ଣ ବିବର୍ଣ୍ଣ ଓ ବିପର୍ଯ୍ୟସ୍ତ ହୁଏ ଏବଂ ଏତିକିବେଳେ ନଇଁ ଆସେ ଜୀବନର ସଂଧ୍ୟା । ସଂଧ୍ୟା ଗାଢ଼ରୁ ଗାଢ଼ତର ହୋଇ ନିବିଡ଼ ତାମସୀ ରୂପେ ଆତ୍ମସମର୍ପଣ କରେ ବିଳୟର କୋଡ଼ରେ ଆଉ, ଜୀବନ ମ୍ଳାନରୁ ମ୍ଳାନତର ହୋଇ ନିଃଶେଷରେ ମିଳେଇଯାଏ ମୃତ୍ୟୁର ହିମ-ଶୀତଳ ବୁକୁରେ ।

—୧—

ଛକ୍ଷିପ୍ର ଚନ୍ଦ୍ରାବଳିରେ ତଉ ମୋର ଥାଏ ଭାସମାନ । ଉତ୍ତାଳ ଜଳ-ସ୍ରୋତର ଧକ୍କା ସମ୍ଭାଳି ଧୀରେ ଧୀରେ ଅଗ୍ରସର ହେଉଥାଏ । ସହସା ଅଦୂରରୁ ଭାସି ଆସୁଥିବା ମଧୁସ୍ରାବୀ କଣ୍ଠର ନିନାଦରେ ମନ ମୋର ସର୍ବ ଆକୃଷ୍ଟ ହୋଇ ପଡ଼ିଲା । ଉତ୍ସାରୁ ଓହ୍ଲାଇ ଘଟଣା ସ୍ଥଳରେ ଉପନୀତ ହେଲି ।

ଗୀତ ଗାଇ, ନାଚ ଭିକ୍ଷା କରୁଥିଲା ଗୋଟିଏ ତରୁଣୀ । ଆଖିର ମୌନ ଇଂଗିତ, ଅଧରର ରଙ୍ଗୀନ ହାସ୍ୟ ଓ ଚଳଚଞ୍ଚଳ ଲୀଳାୟିତ ଭଙ୍ଗୀରେ ଦର୍ଶକଙ୍କୁ ପ୍ରଲୁବ୍ଧ କରି ସେ ପ୍ରସାରିତ ପାଦଟିକ ଭରି ନେଉଥିଲା ଛୋଟ-ବଡ଼ ଅସଂଖ୍ୟ ମୁଦ୍ରାରେ । ଗାଉଥିଲା—

“ଯବ୍‌ସେ ଲଗୀ ତେରୀ ଅଁଖିୟାଁ,
ଦିଲ୍‌ ହୋ ଗୟା ଦିବାନା !”

—୨—

ବର୍ଷ-ଚକ୍ରର ନିଷ୍ପେଷଣରେ ପିଷ୍ଟ ହୋଇ ବିତିଗଲାଣି ଗୋଟି-ଗଣତା ଷୋହଳଟି ବସନ୍ତ । ବାର୍ଦ୍ଧକ୍ୟର ଛାପ ମୋ'ର ସାରା ଅଙ୍ଗରେ ଫୁଟି ଉଠିଲାଣି ।

ସେଦିନ, ଷୋହଳ ବର୍ଷ ପୂର୍ବର ସେଇ ପରିଚିତ ସ୍ଥାନରେ ପୁଣି ଉପନୀତ ହେଲି ଅକସ୍ମାତ୍ । ଏକ ବିଗତଯୌବନା, ଅସ୍ଥି-ଚର୍ମସାର, ବିବିଧ ବ୍ୟାଧିଗ୍ରସ୍ତା ରମଣୀ ମୋ ଆଡ଼କୁ ହସ୍ତ ପ୍ରସାରିତ କରି କାତର କଣ୍ଠରେ ଅଳି କଲା—“ଅଧଲେ ପଇସେ ଦେଇଯା' ମା', ଜଗନ୍ନାଥେ ତୁମର ମଙ୍ଗଳ କରିବେ ।” ସହସା ସ୍ମୃତିର ବହଳ ପୃଷ୍ଠା ଭେଦ କରି ମାନସ ପଥରେ ଉଦୟ ହେଲା ବିଗତ ଦିନର ସେଇ ନୃତ୍ୟ-ଚପଳା ହାସ୍ୟମୟୀ ତରୁଣୀର ରୂପ ! ବିଷାଦ-କ୍ଳିଷ୍ଟ ଅନ୍ତରରେ ବାକ୍ସରୁ ପଇସା ଟିଏ ଧରି ତା' କରରେ ନିକ୍ଷେପ କଲି ।

ଯେଉଁ ଲକ୍ଷ୍ମଲୁକ୍ତା ଗଛମୂଳ ଦିନେ ତାର ନୃତ୍ୟମଧୁର ଚରଣ ପାତରେ ଦୁଲୁଉଠୁଥିଲା ସେଇ ଗଛଆଡ଼କୁ ଅନାଇ ଦେଖିଲି, ଫୁଲ ନାହିଁ, ଭ୍ରମର ନାହିଁ—ରୁକ୍ଷ ଶାଖାରେ ବନ୍ଧ୍ୟାବସ୍ଥାର ଚିହ୍ନ ସ୍ପଷ୍ଟ ପ୍ରତୀୟମାନ ହେଉଛି ।

ସେଦିନର ଯୁବତୀ, ଆଜିର ଏଇ ବୁଢ଼ୀ । ସେଦିନର ଅପରୂପ ଲାବଣ୍ୟମୟୀ ତନୁଶ୍ରୀ ଆଉ, ଆଜିର ଏଇ ବ୍ୟାଧିଗ୍ରସ୍ତ ରୂପର ଭଗ୍ନିର ପରିବେଷ୍ଟନୀ ! ବକ୍ଷପଞ୍ଜର ଭେଦ କରି ଗୋଟାଏ ଦୀର୍ଘଶ୍ୱାସ ବାହାରି ପଡ଼ିଲା ।

ଦୁନିଆରେ ଯାହା ଦେଖି ଆସି ସେ ସବୁର ଏ'ପିଠି ସେପିଠିର ଛବି ହିଁ ନା ଏ !

—o—

Digitized by srujanika@gmail.com

କବିତା—

# ବିଦ୍ରୋହୀ ଭାରତ

—ସଚ୍ଚି ରାଉତରା

ଜଳମେଘ, ନୀଳ ରାତ
ମୁକ୍ତି-ମୁକ୍ତା ହାତରେ ଫଳାଇ ନାଚିଲଣି ନଭ ସ୍ୱାତ ।

ଶିଳାରେ ଶିଳାରେ ଝର୍ଣ୍ଣର ଖେଳ, ଅବିରଳ ଜଳ ଡାକ,
ଗହନ, ଗୋପନ, ଗମ୍ଭୀର ତନ୍ଦ୍ରା ଅନାପେକ୍ଷେ ଗଲା ଭାଙ୍ଗି ।
ଦୁନ୍ଦୁଭିରେ ଏ କି ଖେଳ !!
ପ୍ରାଣେ ପ୍ରାଣେ ଆଜ ଦେଇଯାଏ ଦୋଳା ମୁକ୍ତିର ହିନ୍ଦୋଳ !!

ଶୁଣ, ଶୁଣ ସାଥୀ ପଥର ଡାକରି ପ୍ରଭାତର ଏ ବିଗୁଲ୍,
ନୁହେ ନୁହେ ଏହା ଗୋଲାପବନର ଏସରାଜ୍, ବୁଲ୍‌ବୁଲ୍,
ସିଂହର ଏ ଯେ ରଡ଼ି......
ଗୁର୍ଖା ଯୁଅନ୍ ସଙ୍ଗିନ୍ ପର ପ୍ରତିରୋଧ ଦେବ ପୋଛ ।

କୁମାରିକାଠାରୁ ହିମାଚଳ ଯାଏ ସେଇ ଏକ ଅର୍ଘ୍ୟାଙ୍କ,
ଯୋଗୀ ଓ ଜିନ୍ନା, ନେହେରୁ ସଙ୍ଗେ ଡାକେ ଶାହ ନଓ୍ୱାଜ୍ ।
ଜାଗି ଉଠେ ଆଜ ବିଦ୍ରୋହୀ ଦେଶ ସିଂହଳୁ ହିମାଳୟ
ରକ୍ତ ପ୍ରଭାତ ଦେଇଯାଏ ସାଥୀ ତାହାରି ତ ପରିଚୟ ।
ବିଦ୍ରୋହୀ ଭୂମି ଜାଗେ......।
ସହର, ପଲ୍ଲି, ପାଦପ, ବଲ୍ଲି ଅପଣା ମୁକ୍ତି ମାଗେ ।

ଦୃପ୍ତ କଟରୀ ଟାଣେ ମାନ୍ଦ୍ରାଜ ଭଟେ କି ଗୁପ୍ତ କଥା,
ବମ୍ବେ ସହର କଲିଜା ଥରଇ ଡାକ ଘୁଡ଼େ କଲିକତା ।
ଜବ୍ବଲପୁର ପଥେ—
ବନ୍ଦୀ ସେନାର ଶିବିର ଅଟଳ ମୁକ୍ତିର ମନୋରଥେ !
ଜାଗ ବିଦ୍ରୋହୀ ଜାଗ
ଅପଣା ମୁକ୍ତି ମାଗ !

Digitized by srujanika@gmail.com

ଲୋକମ—

# କାହାଣୀ କଳା

— ଶ୍ରୀ ରଜନୀକାନ୍ତ ଦାସ

( ପୂର୍ବ ପ୍ରକାଶିତ ଅଂଶରୁ )

କାହାଣୀର ଆରମ୍ଭ ଏବଂ ଶେଷ ଯଥାସମ୍ଭବ ଚମତ୍କୃତ ଏବଂ କୌତୂହଳୋଦ୍ଦୀପକ ଭାବରେ ହେବା ଉଚିତ। ଯଦି ତାର ଆରମ୍ଭ ରୁଚିକର ନହୁଏ, ତେବେ ଶେଷ ପର୍ଯ୍ୟନ୍ତ ପଢ଼ିବାରେ ସନ୍ତୋଷ ପାଠକର ଆସିବ କାହିଁ? କାହାଣୀର ଆରମ୍ଭରେ ଏପରି ଆକର୍ଷଣ ଏବଂ ତାହା କାହାଣୀର plots ସହିତ ସମନ୍ୱୟ ରହିବା ଉଚିତ, ଯେପରି ତାହା ପାଠକର ମନକୁ ଶେଷ ପର୍ଯ୍ୟନ୍ତ ଟାଣି ରଖି ପାରିବ। କାହାଣୀର ଆରମ୍ଭ ଉପରେ ନିର୍ଭରକରେ, ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ନିୟମ ରଖାଯାଇ ନାହିଁ। ତଥାପି ଆରମ୍ଭ କାହାଣୀ, ଚରମ ଭାବ ଅଭିମୁଖ ବା Climaxର ନିକଟବର୍ତ୍ତୀ ଦୃଶ୍ୟ ବା କାରଣ ହେବା ଉଚିତ। ବ୍ୟର୍ଥ ଭୂମିକା ଏବଂ ପାତ୍ରମାନଙ୍କର ଅବାନ୍ତର ବାର୍ତ୍ତାଳାପ, କାହାଣୀକୁ ଉଦ୍ଦେଶ୍ୟହୀନ ଏବଂ ସୌନ୍ଦର୍ଯ୍ୟ ରହିତ କରିଦିଏ।

କାହାଣୀର ଶେଷ ତାର Climaxର ସାଥିରେହିଁ ଆସିବା ଉଚିତ। କାହାଣୀର ଯେଉଁ ଅଂଶରେ ପହଞ୍ଚିବା ପରେ ପାଠକର ତୃପ୍ତି ଉଦ୍‌ବୋଧନ ହୁଏ, ଅର୍ଥାତ୍ ଯେଉଁଠାରେ ପାଠକର ରୁଚି ଏବଂ ଉତ୍ସାହ ପୂର୍ଣ୍ଣତଃ ଶାନ୍ତିପ୍ରାପ୍ତ ହୁଏ, ସେଇଠାରେହିଁ କାହାଣୀର Climax ବା ପରିସମାପ୍ତି। ଅଧିକନ୍ତୁ ଲେଖକଙ୍କୁ କାହାଣୀ ଶେଷରେ ପରିଣାମର ଔଚିତ୍ୟ ସିଦ୍ଧ କରିବା ଲାଗି କୌଣସି ଟିପ୍ପଣୀର ପ୍ରୟୋଜନ ନାହିଁ। ଅନେକ କାହାଣୀରେ ନୀତି ଉପଦେଶର ସ୍ଥାନ ନାହିଁ। କାହାଣୀରେ ନୀତିତତ୍ତ୍ୱର ଆବଶ୍ୟକତା ଥିଲେହେଁ, ଲେଖକ ନିଜ କାହାଣୀର ଉପାଦାନ ଭିତରେ ତାହା ପାଠକର ହୃଦୟଙ୍ଗମ କରାଇବ, ତାର ବାହାରେ କୌଣସି ସ୍ୱତନ୍ତ୍ର ମନ୍ତବ୍ୟଦ୍ୱାରା ନୁହେଁ।

( ଖ ) ଚରିତ୍ର ଚିତ୍ରଣ:—ପାତ୍ର ଚରିତ୍ର ଚିତ୍ରଣ କାହାଣୀର ଅସ୍ୱାଭାବିକ ନହେଲେ ଯଥେଷ୍ଟ ହେବ। ଆଜିକାଲି କାହାଣୀରେ ମନୋବୈଜ୍ଞାନିକ ଭାବରେ ପାତ୍ରମାନଙ୍କର ଚରିତ୍ର ଚିତ୍ରଣହିଁ ଲେଖକର ଶ୍ରେଷ୍ଠକଳା ବୁଝାଉଛି। ଚରିତ୍ର ଚିତ୍ରଣର ସଫଳତା ଲାଗି ଲେଖକକୁ ମାନବ ଚରିତ୍ରର ବାହ୍ୟ ଏବଂ ଅନ୍ତର ପ୍ରତୀକ ଅଭିବ୍ୟଞ୍ଜନାକୁ ଗଭୀର ଦୃଷ୍ଟିରେ ଦେଖିବା ଉଚିତ।

କାହାଣୀରେ ଆଦର୍ଶ ଚରିତ୍ର ଚିତ୍ରଣ ଖୁବ୍ କମ୍ ମିଳେ। କାରଣ କାହାଣୀ ଜୀବନର ଖଣ୍ଡ ଅଂଶ। ସେଥିରେ ଜୀବନର ପୂର୍ଣ୍ଣ ଚିତ୍ର ନଥାଏ। ସୁତରାଂ ସେଥିରେ ଗୌଣ ଚରିତ୍ର ଏବଂ ବ୍ୟବହାରିକ ଚରିତ୍ରରହିଁ ବର୍ଣ୍ଣନା ଦେଖିବାକୁ ମିଳେ। ଯାହା ବାସ୍ତବ ଜୀବନ ସାଥିରେ ସମ୍ବନ୍ଧିତ।

କାହାଣୀରେ ସେଭଳି ପାତ୍ରମାନଙ୍କର ଚରିତ୍ର ଚିତ୍ରିତ ହେବା ଉଚିତ, ଯେଉଁଥିରେ ପରିବର୍ତ୍ତନର ବୈଚିତ୍ର୍ୟ ପରିଦୃଷ୍ଟ। ଯାହା ପ୍ରଥମେ ଯେପରି ଥିଲା, ଶେଷରେ ବି ସେହିପରି ମିଳେ ଏବଂ ଯେଉଁଥିରେ କୌଣସି ମନୋବୈଜ୍ଞାନିକ ପରିବର୍ତ୍ତନ ସମ୍ଭବ ନାହିଁ— ସେଭଳି ଚରିତ୍ର ଚିତ୍ରଣ ପାଠକ ଉପରେ କୌଣସି ପ୍ରଭାବ ଆଣେ ନାହିଁ।

କାହାଣୀର ଉପାଦାନ ଭିତରେ କେବଳ ମୁଖ୍ୟ ପାତ୍ରରହିଁ ଚରିତ୍ର ବିଶ୍ଳେଷଣ ଆବଶ୍ୟକ। ପାତ୍ର ଚରିତ୍ରର ସମସ୍ତ ମହତ୍ତ୍ୱକୁ ପ୍ରସ୍ଫୁଟିତ କରିବା ଲେଖକର ଅବକାଶ ନାହିଁ। ପାତ୍ରର ଚରିତ୍ରରେ ଯେଉଁ ତତ୍ତ୍ୱ ଏବଂ ଯେଉଁ ମହତ୍ତ୍ୱ କେବଳ କାହାଣୀର ମୂଳ ସୂତ୍ର ସହିତ ସମ୍ବନ୍ଧିତ, ଏବଂ ପ୍ରସଙ୍ଗାନୁକୂଳ, କେବଳ ସେହି ତତ୍ତ୍ୱ ଏବଂ ଚରିତ୍ରର ବିଶ୍ଳେଷଣ କାହାଣୀରେ ଆବଶ୍ୟକ।

(ଗ) କଥୋପକଥନ:—କାହାଣୀରେ କଥୋପକଥନର ବିଶିଷ୍ଟ ସ୍ଥାନ ଅଛି। ଏହାଦ୍ୱାରା ପାତ୍ର ଚରିତ୍ରର ବିକାଶ ସମ୍ବନ୍ଧରେ ପାଠକର ଜ୍ଞାନ ହୁଏ ଏବଂ କଥାବସ୍ତୁ ରଚନାର ମଧ୍ୟ ଅଗ୍ରଗତି ହୁଏ।

କାହାଣୀରେ କଥୋପକଥନର ଅନ୍ୟ ଏକ ବିଶେଷତ୍ୱ ଏହିଯେ, ଯଦି କାହାଣୀର କୌଣସି ସ୍ଥଳରେ ଶିଥିଳତା ଏବଂ ନିରୁତ୍ସାହ ଆସିଯାଏ, ତେବେ କେବଳ କଥୋପକଥନ ଦ୍ୱାରା ସେହି ସ୍ଥଳରେ ସଜୀବ ପ୍ରବାହ ଆଣି ଦିଆଯାଇପାରେ।

ପାତ୍ରଙ୍କ ଭିତରେ ବାର୍ତ୍ତାଳାପ ପୂର୍ଣ୍ଣତଃ ସ୍ୱାଭାବିକ ଏବଂ ବ୍ୟବହାରିକ ହେବା ଉଚିତ। କୌଣସି ପାତ୍ରକୁ ଏପରି କୌଣସି କଥା କହିବା ଉଚିତ ନୁହେଁ, ଯାହା ପ୍ରସଙ୍ଗରେ ଅନୁକୂଳ ଏବଂ ବ୍ୟବହାରିକ ନ ହେବ। ପାତ୍ରର କଥୋପକଥନ ଭାଷା ସରଳ ଏବଂ ଦେଶକାଳର ସ୍ଥିତି ଉପଯୋଗୀ ହେବା ଉଚିତ। କଥୋପକଥନ ସଂକ୍ଷିପ୍ତ ହେବ, ଯେଉଁଥିରେକି ପାତ୍ରର ବ୍ୟକ୍ତିତ୍ୱ ସ୍ପଷ୍ଟତର ହୋଇ ପଡ଼ିବ। ବାର୍ତ୍ତାଳାପ ସମ ଭାବାତ୍ମକ ନ ହେବା ଉଚିତ। କଥୋପକଥନରେ ଶିଷ୍ଟହାସ୍ୟ, ବିନୋଦ, ଏବଂ ବ୍ୟଙ୍ଗର ଅନୁସରଣ କଥାବସ୍ତୁକୁ ଅଧିକ ରୁଚିକର କରିଦିଏ। କୌଣସି ପାତ୍ରର ପ୍ରଶ୍ନୋତ୍ତରରେ ଖାଲି "ହଁ" "ନାହିଁ" ନ ହୋଇ ତାହା ଭାବର ସାଙ୍କେତିକ ହେବା ବିଧେୟ। ବାର୍ତ୍ତାଳାପରେ ପାତ୍ରର ମନୋଭାବନା ପୂର୍ଣ୍ଣତଃ ପ୍ରକଟିତ ହେବା ଶ୍ରେୟଃ।

(ଘ) ରଚନା ଶୈଳୀ:—ଶୈଳୀ ଲେଖକର ମନୋଭାବନା ଏବଂ ବିଷୟର ପରିଧାନ। ସାହିତ୍ୟରେ ଶୈଳୀ ନିମିତ୍ତ ଶ୍ରେୟଃ ଓ ପ୍ରେୟ ସ୍ଥାନ ରହିଛି। କାହାଣୀରେ ଶୈଳୀ ସରସ, ବୋଧଗମ୍ୟ, ପ୍ରାଞ୍ଜଳ ଏବଂ ଭାବ ଅଭିବ୍ୟକ୍ତିର ସ୍ପଷ୍ଟ ଉପାଦେୟ ହେବା ଉଚିତ।

କାହାଣୀରେ ରଚନା ଶୈଳୀର ବର୍ଣ୍ଣନାତ୍ମକ ପ୍ରଣାଳୀ ପ୍ରୟୋଗ କର, ଭାବାତ୍ମକ ପ୍ରଣାଳୀହିଁ ପ୍ରୟୋଗ ବିଧେୟ। କାହାଣୀରେ ସର୍ବ ଏବଂ ସାରହୀନ ବାକ୍ୟ ଅବାଞ୍ଛନୀୟ ଅଟେ।

( କ୍ରମଶଃ )

Digitized by srujanika@gmail.com

ମଜାଚଖଣା



# ମଂତ୍ରୀ ବରଣୀ

ଲେଖକ:—ଲ: ମ:

ସ୍ୱରାଜ୍ୟ ଅଳ୍ପ ମାଇଛୁ ମିଳ;
ପଡ଼ିଲେ ହେବ ମନ୍ତ୍ରୀ-ତଖ୍ତ,
ଭାବିଲ ହେଲ—ଅସରେ ଅସ,
ହୋଇଥିବ ଯେ ନାପଠ ସଭା।
ସ୍ୱାଧୀନ ଦେଶେ ମୁକ୍ତ ସବୁ;
ସବୁଠି ଫାଙ୍କା, ଧାହାଣ ମେଲ,
ନାଗୁଅ ଲେଖିଲ, ଯାଅରେ ପେଲ,
କିଣଠା ପାନ ଥିଲେବି ହେଲ।

ଯେତକ ଥିଲେ ନାରମିଶୀ,
ନାମଦାସ, ନବୈଲ ତ୍ୟାଗୀ,
ତାଙ୍କୁର ବେଧନ ବସିଲ୍ ସତ୍ତ୍ୱ
ମନ୍ତ୍ରୀ ତଖ୍ତ ଭରିବା ଲାଗି।
ଗୁରୁଅଡ଼ରୁ ହାଜର ହେଲେ
ଗୋଷ୍ଠୀକୁ ଗୋଷ୍ଠୀ ଢାଂଙ୍ଗଡେଠ୍,
ଶାଢ଼ୀ, ଶେର୍ପା ମିବଟି ମିଳ
ଯାହାବି ଥିବ ତାଜା ଫେଠ୍।

ପଢ଼ିଲେ ଜଣେ ପାକୃଅ ପାଠି
ଦାଖଲ କଲେ ଅପଣା କ୍ଲେମ୍,
"ଜଲର ମନ୍ତ୍ରୀ ଥିବାର ଏକ୍ରା
ଥାଉଛୁ ଅମର ଦେଶରେ ଫେମ୍।
ଜମିଦାରର ଦାନ୍ତ ଝାଡ଼ି
ଭଲିଛୁ ଅମେ ଶସ୍ତ୍ରପାତ୍,
ମହନ୍ତଙ୍କ ଆନ୍ତ୍ରଲ ପେଠ
ଫଠାଇ ଦେଲୁଁ ଅକସ୍ମାତ୍।
ବାରଣ କର ଅଫିମ, ମଦ
ଦେଶର କଲୁଁ ଉପକାର,
ବହନ ବାଣ୍ଟି, ଗୁଡ଼ିର ପେଟେ
ଭରଣି କଲୁଁ ଖାଦ୍ୟସାର୍।
ତଥାପି ଅମେ ଦେଶର ଲାଗି
ମୁରଛୁ ଦେଉଁ ଏ ପଦଖଣ୍ଡି,
ଦେଖିବ ଏବା ଯେପରି ଦେଖ
ନ ପଡେ ପଛେ ନେବାକୁ ଖଣ୍ଡି।"

ଧର୍ମ ଉତ୍ତାରୁ ଅଲଟେଲ ଜଣେ
ଶୁଭ୍ର କେଶ, ଶୁଭ୍ର ନଖ,
ବୋଇଲେ ଧୀରେ—"ଶଗୁର ଭର
ଅଗ୍ରଗଧ୍ୱଠା ଅପଠ କ୍ରମ!
ଦେଶର ସେବା କରିବା ଲାଗି
ଅପଣା ତଳ ଦେଇଛୁଁ ଘୁଞ୍ଚ,
ସର୍ବ-ତ୍ୟାଗୀ ହୋଇଛୁଁ ତେଣୁ
ପୁତ୍ର, ଦାର, ବିଷୟ, ବାଡ଼ି!
ପର ପାଇଁକି ଅସ୍ତବଳୀ
ଏବ ମହତ ଧର୍ମ୍ମ ପାଳି,
ଅପଣା ଦେଶ ଅନ-ଥାଳି
ପର ମୁଖରେ ଦେଇଛୁଁ ଢାଳି।
ତୁଷ୍ମନର ଚକେ ପଡ଼ି
ମନ୍ତ୍ରୀ ପଦୁଁ ଖାଇଲୁଁ ଉଡ଼ା,
ଏଇ ପଦକୁ ଯୋଗ୍ୟ ଏବା
ନୁହଇ କେହି ଅମ୍ଭ ଛଡ଼ା।"

ବୋଇଲେ ଜଣେ, ହଲର ଦାଢ଼ି
"ବୋଲ୍ଲାଇଁ ବଡ଼ ପଂଡ଼ିତ ଅମେ,
ଭେଂଡ଼ଅ ଧନୁଁ ଅଂଡ଼ଅ ଭଳି
ଚଢ଼ୁଛୁଁ ଲାଗି ଦେଶର ତାମେ।
ବୃହତ୍ କର୍ମ୍ମ ଗ୍ରେଧନାରେ
ଅମକୁ ନାହିଁ ଅବସର,
ଚଢ଼ି ଯାଉଛୁ ଦାଢ଼ିଟା ତେଣୁ
ଭଣ୍ଡାରଠାରୁ ନ ହୋଇ ଯାର।
ତେବେ ସିନା ଦେଖୁଛ ବୁଦ୍ଧି
ଅମର ଶୁଦ୍ଧ ନବ୍ୟ ଭାବ,
ନୂତନ ଭାରତ ଗଢ଼ିବା ପାଇଁ
ଘୁଞ୍ଚୁଁ ଅମେ ନୁମୂଳ ସବ।

Digitized by srujanika@gmail.com

ଆପଙ୍କୁ ଯଦି କରିବ ମନ୍ତ୍ରୀ,
　　ଦେଖିବ ତୁମେ ଗଡ଼ଜାଗତ,
ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ
　　ଜଳାଇ ଦେବୁଁ ରଙ୍ଗିନ୍ ବାତି !”
ଏଇପରିକା ଜଣିକୁ ଜଣ
　　ଆପଣା ଚାଟିଫିଟେଇ ଧରି,
ବାଢ଼ି ଯେ ଗଲେ ନିଜର ଦାବି
　　ଛଏ ପାଉବ ଉନଶି ଭରି !
ଆଖି ତାଉଁରେ ପଶିଲ ସଭ
　　ହୋଇଲେ ଯେତେକ ବନ୍ଧୁରପତି,
ତାହାଙ୍କୁ ଛାଡ଼ି ତାହାଙ୍କୁ ନେବା
　　ସମସ୍ୟାଟା ବିଷମ ଅତି ।
ମନ୍ତ୍ରୀ ମନ୍ତ୍ରୀ ହାଲିଆ ହେଲେ
　　ମନ୍ତ୍ରୀ-ଛାଣ୍ଡିରେ ପଗଡ଼-ଦହି,
ମନ୍ତ୍ରୀଙ୍କ ନାହିଁ ଲହୁଣୀ ତଳେ
　　ପାଣିଫାଟି ସେ ଟଳି ତ ବହି !
ଯାଁ ମୁହଁକୁ ଗୁହାଁରୁ ସଏ,
　　ତା ମୁହଁକୁ ଗୁହାଁରୁ ଇଏ,
ତାହାର ଅକଲ୍ ଖଟୁ ତ ନାହିଁ
　　କଥାଏ ଅବା ହେଉଛି କିଏ !
ସବେ ଦାଣ୍ଡେ ମୁହଁକୁ ପୋଛି
　　ରହିଲେ ଦେଇ ମୁଣ୍ଡେ ହାତ,
ପଥାଟେ ତହୁଁ ଚହ୍ଲିକି ଚଢ଼ି
　　ଉଠିଲେ ସବ ଅଚମ୍ବିତ ।
“ମିଳିଛି ଏବେ ! ମିଳିଛି ଏବେ !
　　ଚାଟିଟା ଦିଧା ପଢ଼ିଲ ଜଣା,
ପିଛରେ ଧେନା ପତାଙ୍ଗ ହୋଇ
　　ତେବରେ ହେଲ ହୋଲ୍ଲଶି ବଣା ।
ସଭଏଁ ତହୁଁ ଉଠିଟି ଅର୍ଦ୍ଧ
　　ଗୁଡ଼ଁଲେ ସଭା-ପତିଙ୍କ ଅଡ଼େ,
ଗମ୍ଭୀର ସେ ମୁହଁକୁ କରି
　　ମୁରୁକି ହସି ଭାଷିଲେ ଗାଢେ ।
“ଆପଙ୍କୁ ଏନ୍ତା ପଡ଼ୁଛି ଜଣା—
　　ସଭିଁଏ ଥରେ ଦେଖିଲ ଭାବି,
ଏତକୁ ଏକ ସରସ ଯନ୍ତ୍ର,
　　ନୃହଇ ଏଣା ତାହାର ଦାବି ।
ସଭିଁଏ ପୁଣି ବନ୍ଧୁ ଅପର
　　ତାହାଙ୍କୁ ଅବା କରିବା ପର,
ଜଣକୁ ଛାଡ଼, ଜଣକୁ ନେଇ
　　ଆପେ ବା କାହିଁ ଭାଙ୍ଗିବା ଘର ।
ମୋହର ଏହି ସିଦ୍ଧ ମତ—
　　ସବୁର ନାମ ଲେଖାଇ ଖାଲି,
ଆପେ ଯେତେକ ବନ୍ଧୁରପତି
　　ମନ୍ତ୍ରୀତ୍ୱକୁ ନେବାହେ ବାଣ୍ଟି ।
ଏତିକି ତ୍ୟାଗ କରିବା ଆପେ
　　ଦେଶର ଏଇ ସନ୍ଧିକାଳେ;
ମହତ ଏଡା ଦେଶର କାମ,
　　ଆମର ସ୍ୱାର୍ଥ ନାହିଁଟି ତାଳେ ।”
“ସାଧୁ, ସାଧୁ” ବୋଇଲେ ସବେ,
　　ବାଜିଲ ତୁରୀ, ମହୁରୀ, ଢୋଲ,
ମନ୍ତ୍ରୀ-ଚର୍ଚ୍ଚା ହୋଇଲ ଶେଷ
　　ସବେ ଏକବାର ହରିବୋଲ ।

---

## କୁତ୍‌କୁତ୍

“ତମକୁ କଉଁ ସୁରଟା ଭଲ ଲାଗେ ?”

କମ୍ପୋଜିଷ୍ଟ—“ପଞ୍ଚମ ବାହୁନା ସୁରଟି ।”

+ + + +

“ତମେ ଏ ଯୁଦ୍ଧ କପରି ଜିତିଲ ?”

“ଯଉଁ ଅଣିକି ଦେଖା ଯାଏନାହିଁ ସେଇ ଅଣିରେ ଦୂରବିନ୍ ଲଗେଇ ଯୁଦ୍ଧ ଜିତିଲି ।”

+ + + +

‘ଏ ଯୁଦ୍ଧରେ ମଲ କିଏ ?’
‘ଭୁକ୍‌କେଲ୍ ।’
‘ଜୀଇଲ୍ କିଏ ?’
‘ଜାଲବାଦ୍ ।’
‘ହାରିଲ୍ କିଏ ?’
‘ହିଟଲର ।’
‘ଭାଗିଲ କିଏ ?’
‘ଚର୍ଚ୍ଚିଲ ।’
‘ଠକିଲ କିଏ ?’
‘ଷ୍ଟାଲିନ ।’
‘ଶିଖିଲ୍ କିଏ ?’
‘ଭାରତ ।’

Digitized by srujanika@gmail.com

# ମିଠା କଥା

ବ୍ରଜରାମ ଟ୍ରେନରେ ବହୁଦୂରୁ ବାହାରିଥିବା ସଫର କରୁଛନ୍ତି। ଥାର୍ଡ଼ କ୍ଲାସ ଟିକଟ ନେଇ—ଇଣ୍ଟରରେ ଜାଗା ନାହିଁ—ସେକେଣ୍ଡ କ୍ଲାସରେ ଚଢ଼ିଲେ—ସେଠି ବି ଜାଗା ନଥାଏ। ଉପର ବାର୍ଥରେ ଜିନିଷ ରଖି ନେଇ ଉପରେ ଜିନିଷ ଉଠାଇ ବ୍ରଜରାମ ବ୍ରଜଙ୍କ ସାଙ୍ଗରେ ଗପସପ ହେଉଥିଲେ। ସେଠି ଓଡ଼ିଆ ବଙ୍ଗାଳୀ ସାହେବ ଇଂରାଜ ଓଡ଼ିଆ ବୋମ୍ବାଇ ବର୍ଣ୍ଣସଙ୍କର ଚଳାଚଳନ୍ତି—ସବୁମତ ନେଇ—ତା ଭିତରୁ ଜଣେ ବଣିଜବ୍ୟବସାୟୀର ଉଚ୍ଚପଦସ୍ଥ ବନ୍ଧୁ—ସେ କହୁଚନ୍ତି—number of ଗାଡ଼ି post-war ରେ ଏତେ increase ହେଲା, yet ତ rush କମିଲା ନାହିଁ। ବ୍ରଜରାମ ବ୍ରଜଙ୍କ ଭିତରୁ ମୁଣ୍ଡ ଉଠାଇ ପଚାରିଲେ—"ଆପଣ ଯୁଦ୍ଧ ବାବଦରେ କ'ଣ କହୁଛନ୍ତି?" ବଣିଜବ୍ୟବସାୟୀ ମଥା ହଲାଇ କହିଲେ—War—war—ଯୁଦ୍ଧ—ଯୁଦ୍ଧ—ଯୁଦ୍ଧ ମଣିଷକୁ active କରି ପକାଉଛି। ମୁଁ ପଚାରିଲି, ଯୁଦ୍ଧଟା କଣ ଲୋକର ଦରକାର? ଉତ୍ତର ଆସିଲା—ନିଶ୍ଚୟ! War educates the masses, calls into action the will, perfects the physical constitution—so says Emerson. ଆଉ ଜଣେ ଭଦ୍ରଲୋକ କହିଲେ—War is the science of destruction—says Abbot. ପ୍ରତ୍ୟୁତ୍ତର ହେଲା—Colton says—War also crushes bad peoples and tyrants and thus saves the society. ଦେଖ ଜାଣିଛ—You can not avoid war—Every creature lives in a state of war by nature, says Swift—There is strength and fierce instinct to bear up manhood with stormy joy when red swords meet in fighting. ଏଇଥି ବ୍ରଜରାମ ଏ ଉଦାହରଣମାନ ଶୁଣି ଚୋଖ ମୁହଁରେ ଲୁଣ ଦେଇ ବସିଥିଲେ। ତାପରେ ଦ୍ୱାରୀଗଣ୍ଡା ଗୀତାପାଠରୁ ଧାଡ଼ିଏ ବଚାଣି କେମିତି ମନେ ପଡ଼ିଗଲାରୁ ଉଚ୍ଚାରି କହିଲେ—"ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମୀଦୃଶମ୍।—ତଥାପି—ଯୁଦ୍ଧ କର ଯୁଦ୍ଧ କର ନୈତ ପାପ ମବାପ୍ସ୍ୟସି—ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ।" ଭଦ୍ରଲୋକ ମୁହଁ ଟେକି ଉଠିଲେ। ବ୍ରଜରାମ ହେଲେ ମରଦଙ୍କ—ଅତି ଅମଳର ଲୋକ ସଂସ୍କୃତ ଶାସ୍ତ୍ରଜ୍ଞ। ଆଉ ବେଦବେଦାଙ୍ଗ ସଂସ୍କୃତ ଶ୍ଲୋକ ବି ଯୁଦ୍ଧ ବିଷୟରେ ଥିଲା। ଶ୍ଲୋକାନ୍ତ ପ୍ରୟୋଗିତାରେ ଟିକିଏ ଗାଇଲେ। କେହି ମନେ ପକାଇ ନାହିଁ। କହ ଦେଉଥିଲେ ବୁଝିଥାନ୍ତେ ବ୍ରଜରାମ ହେଉଛନ୍ତି ବୁଝିଥିବା କେମିତି ସ୍ପଷ୍ଟବକ୍ତା ଲୋକ।

ତାପରେ ଷ୍ଟେସନରେ ଯାତ୍ରୀମାନେ ଓହ୍ଲାଇଗଲେ। ବ୍ରଜରାମ ସେ ଅପଦାର୍ଥ ଲୋକଙ୍କରେ ଭୁଲି ଭୁଲି ଭାବୁଛନ୍ତି—ଏ ଯୁଦ୍ଧଟା ସେତେ କ'ଣ ପ୍ରକୃତରେ କାମ୍ୟ? ଏ ଯୁଦ୍ଧଟା କ'ଣ ଅନିବାର୍ଯ୍ୟ? War hangs in the sky—ଏଠି ଜଣେ ଇଂରାଜ ମନୀଷୀ କହିଥିଲେ—ଯୁଦ୍ଧ ସରିବା ପରେ ବି ଯୁଦ୍ଧର ଆୟୋଜନ ଚାଲିଛି। ଯୁଦ୍ଧଟା କେବେ କ'ଣ ସରେନାହିଁ—ଯୁଦ୍ଧଟା ଲୋକଙ୍କ ଶୌନଶୌନିକ ବଣିକ ଧର୍ମ? ଆଉ ସବୁ ସବୁ କ'ଣ ଏ ଯୁଦ୍ଧ ନିବାରଣରେ ମନୁଷ୍ୟର ଉଦ୍ଭାବିତ ଅସମ୍ଭବ? ଏ ଉଦ୍ଭାବିତ ଯାହା କହିଲେ ତା କ'ଣ ସତ?

ତାପରେ ଚନ୍ଦ୍ରଧରସିଂହ ଯୁଦ୍ଧକୁ ଓଲଟ ଏଇ ଉଦ୍ଭାବିତଙ୍କ ଅନ୍ତର ଦାଢ଼ି ତ ହଜ ପଡ଼ିଲା। ଏ ପାଠ ଲୋକଙ୍କ କେବଳ ନେମା କରେନ ଯାଇ ନିୟମର ସବୁକଥା ଦେଖୁଛନ୍ତି। ଏମାନେ ଏକପ୍ରକାର ଖେଳ ଏ reference book—କଥାରୁ ଏତ ନାହିଁ; ମଣିଷଙ୍କ ଯେମିତି ବର୍ତ୍ତମାନ ସଂସାରରେ ଏଇ କଥାରୁ ପଢ଼ନ୍ତି ଭିତରେ ଯୁଦ୍ଧ ଗୁଡ଼ିକ। ବାହାରର ଯୁଦ୍ଧ ତା'ର ଅନ୍ତଃପ୍ରକାଶ। ଭିତରର ଯୁଦ୍ଧ ଗୁଡ଼ିକ—ଆଧ୍ୟାତ୍ମିକ ଜନ୍ମ ଆତ୍ମ ନିଜରୁଷ ଲୋପ—ଅତି ପ୍ରାକୃତିକ।

ପ୍ରକୃତରେ କ'ଣ ଆଜିର ଯୁଦ୍ଧଟା ଲୋକଙ୍କର କର୍ମଚଞ୍ଚଳତା ଜଣାଯାଉଛି—ଏବଂ ଯୁଦ୍ଧ ସେ କର୍ମଚଞ୍ଚଳତା ଆଣିଦେଉଛି? ତେବେ ମଣିଷରେ ପାଶବ ଅନ୍ତର ହେଲେ ତାଙ୍କ ଭିତରେ ଯଦି ଦରକାର ବା ସଂଗଠନ ଦେଖାଯାଏ ସେଇଟାକୁ କ'ଣ ଉନ୍ନତି କୁହାଯାଏ? ତଥା ସେତେବେଳେ ମେଳର ଅବନତିରେ, ଅନ୍ୟାୟ ଶୋଷଣର ଉଦ୍ଧାରରେ ଯଦି ଦେଉଥାନ୍ତି ମେଷଟାକୁ ଚେତାଇ କ'ଣ କହିବା? ଯୁଦ୍ଧ ମଣିଷକୁ ତାର ନିଜ ଜାଗାରୁ ଗଡ଼ାଇ ଦେଉଛି। ମଣିଷ ବୀଭତ୍ସତାକୁ ଲେଉଟ କରୁଛି—ଅଶ୍ଳୀଳ ହେଉଛି କେମିତି ସେ ସମାଜ ଭିତରେ ନିଜକୁ ଖାପ ଖୁଆଉ। ସେଇଟା ମୂର୍ଖ ଦମ୍ଭର ସର୍ବନାଶର ଅର୍ଥ। ଉଚ୍ଚକୋଟିର ଶାସ୍ତ୍ରମାନେ କେବଳ ବହି ପାଠ ଉଚ୍ଚାରଣ କରିପାରନ୍ତି, କିନ୍ତୁ ଲୋକଙ୍କର ପ୍ରକୃତ ଦୃଷ୍ଟି ଅଶ୍ଳୀଳ ଠାକୁର ପାଉନ୍ତି ନାହିଁ। ଲୋକଙ୍କ ସେ କେତେ ଛୋଟ।

ଦୁନିଆରେ ଯୁଦ୍ଧଟା ମଣିଷକୁ ଉଚ୍ଚ କେବେ ହୁଏନାହିଁ। ଏ କଥାଟା କେବଳ ସ୍ୱାର୍ଥପର ଶୋଷକମାନଙ୍କ ତୋଷା ଓ ଆମୋଦର ଉଚ୍ଛିଷ୍ଟ ଉତ୍ପ୍ରେରଣା। War is delightful to them who never experiened it. ଯୁଦ୍ଧଟା ମାର୍କସ ପନ୍ଥୀଙ୍କ ମତାନୁସାରେ ଦ୍ୱନ୍ଦ୍ୱାତ୍ମକ ସଂଘର୍ଷ ବି ନୁହେଁ। ଯୁଦ୍ଧଟା ସବୁଦିନେ ଶୋଷଣର ବାହନରୂପ। ପ୍ରତ୍ୟେକ ମାନସିକ ଅବସ୍ଥାର ବହିପ୍ରକାଶ ଅଛି। ଯୁଦ୍ଧଟା କେବେଳ ମନୁଷ୍ୟଙ୍କର ଶୋଷଣ ମାନସିକ ଅବସ୍ଥାର ରୂପରେଖ ମାତ୍ର। ଧର୍ମଯୁଦ୍ଧ ବୋଲି ଦୁନିଆରେ କେହି ନାହିଁ। ଯୁଦ୍ଧ ମାତ୍ରେ ଅଧର୍ମ। ସାମ୍ରାଜ୍ୟବାଦ ଗଢ଼ା ପ୍ରତିଷ୍ଠା ପାଇଁ ଯୁଦ୍ଧ ହେଲେ ମଧ୍ୟ ଫଳ ସେଇଆ ହେବ—where bleed the many to enrich the few ସେଠି ଯୁଦ୍ଧ ଅବଶ୍ୟମ୍ଭାବୀ।

ବ୍ରଜରାମ ଏହି ଶିକ୍ଷିତ ଲୋକଙ୍କ ଆଗରେ ଅଙ୍ଗୁଳି ଟେକି ଦେଖାଇଲେ କହିଲେ—ଏ ଯୁଦ୍ଧ, ଯୁଦ୍ଧ ନୁହେଁ—ଏ ଯୁଦ୍ଧ ମୂର୍ଖ—ପ୍ରକୃତ ଯୁଦ୍ଧ ହେଉଛି—war against five things—maladies of body, ingnorance of mind, passions of body,—sedition of the city & discord with family.—Pythagoras,

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ତେମନ୍ତ ଚରିତ୍ର ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନା କରିବା । ୨ । 'ନାଗ'ର ମାଧ୍ୟମରେ ପତ୍ର ବନ୍ଧୁତ୍ୱ ଦ୍ୱାରା ଉତ୍କଳମାନଙ୍କ ମଧ୍ୟରେ ପରସ୍ପରର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ)

ନାଗ ଭାଇଭଉଣୀଏ,

ଶୁଣିଲି, କେଉଁ କେଉଁ ସ୍କୁଲରେ ଉପସ୍ଥାନ ପଢ଼ିବାବେଳେ ପିଲାଏ 'ଉପସ୍ଥିତ' କହିବାରୁ ଶିକ୍ଷକମାନେ ଦଣ୍ଡ ଦେଇଛନ୍ତି ଓ ଅନୁପସ୍ଥିତ ଧରିଛନ୍ତି । ଏ କଥା ଯଦି ସତ ହୋଇଥାଏ ତେବେ ନାଗଙ୍କୁ ପ୍ରତିବାଦ କରିବା ଉଚିତ । ଏଣିକି ପ୍ରତ୍ୟେକ ନାଗଙ୍କୁ 'ଉପସ୍ଥିତ' ବା present sir ନ କହି 'ଉପସ୍ଥିତ' କହିବେ । ସେଥିପାଇଁ ଯେଉଁ ଶାସ୍ତି ମିଳିବ, ହସି ହସି ବରଣ କରିବେ ।

ମାସ'ର ଭିତରେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଢ଼ା ହେବ । ସମସ୍ତେ ପ୍ରାର୍ଥନା କର ଯେପରି ଦେଶର ମଙ୍ଗଳ ହେଉ ।

ତୁମର—ଅଜା

# ନାଗକଲମରୁ
## ସ୍ୱର୍ଗତ ଆନାତୋଲ ଫ୍ରାନ୍ସ

୧୮୪୪ ଖ୍ରୀଷ୍ଟାବ୍ଦ ଏପ୍ରିଲ ୪ ତାରିଖରେ ଅନାତୋଲ ଫ୍ରାନ୍ସ ପ୍ୟାରିସ ନଗରରେ ଜନ୍ମ ଥିଲେ । ତାଙ୍କର ପିତା ବ୍ୟବସାୟରେ ପୁସ୍ତକ ବିକ୍ରେତା ହେଲେ ମଧ୍ୟ ସାହିତ୍ୟ ରସିକ ଥିଲେ । ତାଙ୍କର ମାତା ଅତ୍ୟନ୍ତ ସୌନ୍ଦର୍ଯ୍ୟ ପ୍ରେମିକା ଥିଲେ । ଅନାତୋଲ ପିତାଙ୍କଠାରୁ ସାହିତ୍ୟ ରସିକର ଉତ୍ତରାଧିକାରୀ ହୋଇଥିଲେ । ସେ ପ୍ୟାରିସରେ ବାଲ୍ୟ-ଶିକ୍ଷା ଲାଭ କରି ଅତିଶୀଘ୍ର ଗ୍ରୀକ୍ ଓ ରୋମାନ୍ କାବ୍ୟ ପ୍ରତି ଆକୃଷ୍ଟ ହୋଇ ପଡ଼ିଲେ । ଛାତ୍ର ଜୀବନରେ ଅନାତୋଲ କେବେ ହେଲେ ଜଣେ ଉତ୍ତମ ଛାତ୍ର ହୋଇ ପାରି ନ ଥିଲେ କିମ୍ବା ବିଦ୍ୟାଳୟରେ ନିଜର ପ୍ରତିଭାର ପରିଚୟ ମଧ୍ୟ ଦେଇ ନ ଥିଲେ । କିନ୍ତୁ ସେ ସମୟରେ ତାଙ୍କର କାବ୍ୟ-ପ୍ରୀତି ଅତି ପ୍ରବଳ ଥିଲା । କଲେଜ ଶିକ୍ଷା ସମାପ୍ତ କରି ଅନାତୋଲ ଫରାସୀ ସରକାରଙ୍କ ଅଧୀନରେ ଚାକିରି ଅନ୍ୱେଷଣ କରିବାକୁ ଲାଗିଲେ । କିନ୍ତୁ କୌଣସିଠାରେ ତାଙ୍କୁ ଚାକିରି ମିଳିଲା ନାହିଁ । ହତାଶ ହୋଇ ଶେଷରେ ସେ ଶିକ୍ଷକତା କାର୍ଯ୍ୟରେ ନିଯୁକ୍ତ ହେଲେ । କିନ୍ତୁ ସେହି କାର୍ଯ୍ୟ ତାଙ୍କୁ ମୁଗ୍ଧ କରି ପାରିଲା ନାହିଁ । ତେଣୁ ସମ୍ବାଦ ପତ୍ରର ଲେଖକରୂପେ ସେ ନିଜର ଜୀବିକାର୍ଜ୍ଜନ କରିବାକୁ ଲାଗିଲେ । ସାହିତ୍ୟ ପ୍ରତି ତାଙ୍କର ଅଧିକ ଶ୍ରଦ୍ଧା ଜନ୍ମିଲା । ତେଣୁ ସେ ସାହିତ୍ୟ-ଚର୍ଚ୍ଚାରେ ସମସ୍ତ ସମୟ ନିୟୋଗ କରିବାକୁ ଲାଗିଲେ । ସେହିଦିନଠୁଁ ସାହିତ୍ୟ-ସେବା ହିଁ ତାଙ୍କର ଏକମାତ୍ର ସାଧନା ହେଲା ।

ଅନାତୋଲ ସାହିତ୍ୟିକ ଜୀବନର ପ୍ରାରମ୍ଭରେ କବିତା ରଚନା କରୁଥିଲେ । କିନ୍ତୁ ପରେ କବିତା ରଚନା ତ୍ୟାଗ କରି ଗଦ୍ୟ ରଚନାରେ ମନୋନିବେଶ କଲେ ଏବଂ ଏହି ଗଦ୍ୟ ରଚନାରେ ସୁଖ୍ୟାତିର ସାହିତ୍ୟ-ସେବୀମାନଙ୍କର ଶୀର୍ଷସ୍ଥାନରେ ଅଧିଷ୍ଠିତ ହୋଇଥିଲେ । ଅନାତୋଲ ଅନେକଗୁଡ଼ିଏ ନାଟକ, କବିତା, ଉପନ୍ୟାସ ଓ ସମାଲୋଚନା ଲେଖି ଯାଇଛନ୍ତି । ସେଥିମଧ୍ୟରୁ ଥେଇ, ରକ୍ତପିପାସୁ, ଜୀବନର ସୌନ୍ଦର୍ଯ୍ୟ, ଦେବତାର ବିଦ୍ରୋହ, ଗୌଇବର ଦ୍ୱୀପ, ସମସାମୟିକ ଇତିହାସ, ଫରାସୀ ସାହିତ୍ୟ, ଯୋଆନ ଅଫ୍ ଆର୍କଙ୍କ ଜୀବନ ଚରିତ ପ୍ରଧାନ ।

'ଥେଇ' ଖଣ୍ଡିଏ ବଡ଼ ଉପନ୍ୟାସ । ସେ ୧୮୯୦ ଖ୍ରୀ: ଅ:ରେ ଏହାକୁ ପ୍ରକାଶ କରିଥିଲେ । ତାଙ୍କର ଏହି ପୁସ୍ତକ ଲେଖାଯୋଗୁଁ ଅନେକ ସାହିତ୍ୟିକ ତାଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ଏବଂ ତାଙ୍କର ଯଶ ଜଗତରେ ପରିବ୍ୟାପ୍ତ ହୋଇଗଲା । ୧୯୨୧ ଖ୍ରୀଷ୍ଟାବ୍ଦରେ ସେ ସମଗ୍ର ବିଶ୍ୱର ସାହିତ୍ୟ ପ୍ରେମିକମାନଙ୍କର ଶ୍ରଦ୍ଧାଞ୍ଜଳୀ ସ୍ୱରୂପ "ନୋବେଲ ପୁରସ୍କାର" ପ୍ରାପ୍ତ ହୋଇଥିଲେ । ସେ ଏହି ପୁରସ୍କାର ପାଇବା ସମୟରେ ରୁଷିଆରେ ଘୋର ଦୁର୍ଭିକ୍ଷ ହୋଇଥିଲା । ଅନାହାର ଓ ବସ୍ତ୍ରାଭାବ ହେତୁରୁ ସହସ୍ର, ସହସ୍ର, ନରନାରୀ ମୃତ୍ୟୁ ମୁଖରେ ପତିତ ହେଉଥିଲେ । ଦରିଦ୍ର, କ୍ଷୁଧା ପିପାସିତ ରୁଷ ନରନାରୀଙ୍କ ଦୁଃଖରେ ଅନାତୋଲଙ୍କ ହୃଦୟ ବିଗଳିତ ହେଲା । ତେଣୁ ସେ ପୁରସ୍କାର ଲବ୍ଧ ସମସ୍ତ ଅର୍ଥ ଦୁର୍ଭିକ୍ଷ ପ୍ରପୀଡ଼ିତମାନଙ୍କ ସାହାଯ୍ୟାର୍ଥେ ଅକାତରେ ଦାନ କଲେ । ସେ ପୁରୋହିତ ସଂପ୍ରଦାୟର ବିରୋଧୀ ଥିଲେ ।

ଅନାତୋଲ ଜାତିଧର୍ମ ନିର୍ବିଶେଷରେ ମାନବର ହିତକାମୀ ଥିଲେ । ସେ ସଂଗ୍ରାମର ବିରୁଦ୍ଧରେ ମତ ପ୍ରକାଶ କରି ଅଛନ୍ତି । ସେ ସଂଗ୍ରାମର ବିରୋଧୀ ହୋଇ ସୁଦ୍ଧା ଇଉରୋପୀୟ ମହାସମରର ସମୟରେ ୭୦ ବର୍ଷରେ ଅସ୍ତ୍ର ଧାରଣ କରି ମାତୃଭୂମିର ଉଦ୍ଧାର ପାଇଁ ଯୁଦ୍ଧ କ୍ଷେତ୍ରରେ ଦଣ୍ଡାୟମାନ ହୋଇଥିଲେ । ବାର୍ଦ୍ଧକ୍ୟ ହେତୁରୁ ତାଙ୍କର ସୈନିକ ଜୀବନ ଦୀର୍ଘକାଳ ସ୍ଥାୟୀ ହୋଇନାହିଁ । ଇଉରୋପୀୟ ମହାସମର ପରେ ଅନାତୋଲ ଦେଖିଲେ ଯୁଦ୍ଧ ଶେଷ ହୋଇଅଛି ସତ୍ୟ କିନ୍ତୁ ଯୁଦ୍ଧ ଲିପ୍ସା କାହାରି ହୃଦୟରୁ ଯାଇନାହିଁ । ସେ ନିଜର ଦେଶବାସୀଙ୍କୁ ସମ୍ବୋଧନ କରି କହିଲେ ସଂଗ୍ରାମ ଗୋଟିଏ ହେୟ କାର୍ଯ୍ୟ । ଏହାକୁ ଶୀଘ୍ର ତ୍ୟାଗ କରି ଦେଶବାସୀଙ୍କୁ ଶିକ୍ଷା ଦେବାକୁ ହେବ । ତେବେ ଆମେ ଉନ୍ନତି ପଥର ପଥିକ ହୋଇ ପାରିବା ।

ତାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ସେ ଅତ୍ୟନ୍ତ ଦୁର୍ବଳ ଓ ଜୀର୍ଣ୍ଣଶୀର୍ଣ୍ଣ ହୋଇ ପଡ଼ିଲେ । ତାଙ୍କର ଶାନ୍ତିମୟ ଦେହ ତ୍ୟାଗରୁ ଜଣାପଡ଼େ । ସେ ମୃତ୍ୟୁକୁ ବରଣ କରିବାକୁ କୁଣ୍ଠା ବୋଧ କରୁ ନ ଥିଲେ ।

ଶ୍ରୀ ରାମପ୍ରସାଦ ଧୂରନ୍ଧର (୬୭୨ ନଂ ନାଗ)

——*——

Digitized by srujanika@gmail.com

# ଦାର୍ଜିଲିଂ ବ୍ୟାଙ୍କ ଲିମିଟେଡ

ହେଡ ଅଫିସ— ଭବାନୀପୁର, କଲିକତା

**ଓଡ଼ିଶାର ଶାଖା ଅଫିସମାନ:—**

କଟକ, ମଙ୍ଗଳାବାଗ ଏବଂ ଚାନ୍ଦନୀଚୌକ, ଖୋର୍ଦ୍ଧା ରୋଡ଼, ଖୋର୍ଦ୍ଧା, ପୁରୀ,
ବରହମପୁର ( ଗଞ୍ଜାମ )




**BANK'S OWN BUILDING AT CUTTACK.**

# DARJEELING BANK Ltd.

## Head Office:— Bhowanipur, CALCUTTA.

**ORISSA BRANCHES:—**

CUTTACK—MANGLABAG & CHANDNICHAWK PURI,
KHURDA ROAD, KHURDA, BERHAMPUR (GANJAM)

**OTHER BRANCHES:-**

**IN ALL IMPORTANT TRADE CENTRES.**

*Tele*—"**Rainbow**"—**Cal.**
*Phone*:—**P. K. 2681**

**B. MUKHERJEE**
*Mg. Director.*

Digitized by srujanika@gmail.com

୯ମ ବର୍ଷ—୨୩ ସଂଖ୍ୟା

ବୈଶାଖ—ପ୍ରଥମାର୍ଦ୍ଧ




# ନିବେଦନ

ଆସନ୍ତା ସଂଖ୍ୟାରେ 'ଡଗର'ର ୯ମ ବର୍ଷ ଶେଷହେବ । ଗତ କେତେବର୍ଷ ଧରି 'ଡଗର' ଯେଉଁ ସାହାସ ଓ ନିର୍ଭିକତାର ସହିତ ବିପରୀତ ପରିସ୍ଥିତିର ସମ୍ମୁଖୀନ ହୋଇ ଆସିଛି ତାହା କେବଳ ସମ୍ଭବ ହୋଇ ପାରିଛି ଦେଶବାସୀଙ୍କର ସାହାଯ୍ୟ ଓ ସହାନୁଭୂତି ଲାଭକରି । ସେଥିପାଇଁ ଆମେ ଦେଶବାସୀଙ୍କ ଠାରେ କୃତଜ୍ଞ ।

ନବ ବର୍ଷରେ 'ଡଗର'ର ଶ୍ରୀବୃଦ୍ଧି କରିବାର କଳ୍ପନା ରହିଛି । କାଗଜ ଯଦିଓ ବର୍ତ୍ତମାନ ଦୁଷ୍ପ୍ରାପ୍ୟ ନୁହେଁ କିନ୍ତୁ ଦର ଚଢ଼ା ହେଉଛି । ଏପରି ଅବସ୍ଥାରେ 'ଡଗର' ତା'ର ଗ୍ରାହକ, ଗ୍ରାହିକା ଓ ପାଠକ ପାଠିକାମାନଙ୍କର ସେବାପାଇଁ ସମସ୍ତ ଶକ୍ତି ନିୟୋଗ କରିବ ।

ଯେଉଁମାନଙ୍କର ଦେୟକାଳ ଆସନ୍ତା ସଂଖ୍ୟାରେ ପୂରି ଯାଉଛି ସେମାନେ ସେମାନଙ୍କର ଦେୟ ପଠାଇ ଅଯଥା ଭି: ପି: ଖର୍ଚ୍ଚାରୁ ରକ୍ଷାଇ ବାଧିତ କରିବା ହେବେ ।

ପରିଚାଳନା—

ବାର୍ଷିକ—ତିନିଟଙ୍କା ଆଠଅଣା

ରାଜସଂସ୍କରଣ—ପାଞ୍ଚଟଙ୍କା

Digitized by srujanika@gmail.com




**ଭୂତପୂର୍ବ ପ୍ରଧାନ ମନ୍ତ୍ରୀଙ୍କର**
# ଉଚ୍ଚ ପ୍ରଶଂସା

ଶ୍ରୀ ମଦ୍‌ଚରଣ ପଟ୍ଟଜା (ପାଟ୍ଟା-ଗମ) ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼କ୍ଟସ୍‌** ପରିଦର୍ଶନ କରି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥ-ପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

କୋଣାର୍କ କେମିକ୍ୟାଲ
ଏଣ୍ଡ ବିଉଟି ପ୍ରଡକ୍ଟସ୍
( କଣ୍ଡିପା )

---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

# ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଦି, ଜୟନଗର, ମଜଲପୁର, ମୈତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ଜଗଦଳି, ନାଗପୁର । ସ୍ୱା ପି. ଏନ୍: ରାୟ ଚଉଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୯ ଜମା ଦେଲେ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୫ ୨୭୦ ଙ୍କା ପାଇବେ ।

Printed & published by G. C. Mahapatra at the Gopinath Press, Bhadrak. 1946.

Digitized by srujanika@gmail.com

# ନାଳନ୍ଦା ଔଷଧାଳୟ

ଅଧ୍ୟକ୍ଷ—ରାଜବୈଦ୍ୟ ହୃଷିକେଶ ଶାସ୍ତ୍ରୀ

**୩୩, କଲେଜ ରୋ, କଲିକତା**




ପୃଥିବୀ ବିଖ୍ୟାତ ପଣ୍ଡିତ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରଧାନ ଶିକ୍ଷକ, ମାନନୀୟ ବାରିଷ୍ଟର, ଦେଶ ବରେଣ୍ୟ ନେତା, ମନ୍ତ୍ରୀ, ରାଜା ଓ ଜମିଦାରମାନେ **ନାଳନ୍ଦା ଔଷଧାଳୟର** ଭୂୟସୀ ପ୍ରଶଂସା କରନ୍ତି । ଆରୋଗ୍ୟ ଗ୍ୟାରେଣ୍ଟି ଦିଆଯାଏ ।

# Nalanda Ausadhalaya.

*Prop:*—**Rajvaidya Hrishi Kesh Sastri.**

**33, COLLEGE ROW, CALCUTTA.**


ସମ୍ପାଦକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର; ପରିଚାଳନା ସମ୍ପାଦକ—ଶ୍ରୀ ବ୍ରଜମୋହନ ଦାସ

Digitized by srujanika@gmail.com




# ବିଲୁଆ ବିଚାର

୯ମ ବର୍ଷ — ୨୦। ସଂଖ୍ୟା

ନବବୈଶାଖ ପ୍ରଥମାର୍ଦ୍ଧ

ଆମ ସ୍ଥାୟୀ ସଂପାଦକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର "ଦୈନିକ ଆଶା"ର ସଂପାଦକ ହୋଇ ଆମକୁ ଛାଡ଼ି ଚାଲିଗଲେ । ତାଙ୍କର ଅଭାବ 'ଡଗର' ପତ୍ରିକାରେ ଅନୁଭବ କରୁଥିବା । ସେ ଡଗର ଆଶା ଓ ଆକାଂକ୍ଷା ଘେନି 'ଦୈନିକ ଆଶା'ରେ ଯୋଗ ଦେଇଛନ୍ତି ତାହା ସଫଳ୍ୟ ମଣ୍ଡିତ ହେଉ ଏବଂ ତାଙ୍କର ଭବିଷ୍ୟତ ଜୀବନର ଉତ୍ତରୋତ୍ତର ଉନ୍ନତି କରୁ ଏହାହିଁ କାମନା ।

ପଞ୍ଚ, ପଞ୍ଚାମୃତ, ପଞ୍ଚପାଣ୍ଡବ, ପଞ୍ଚ ଦେବତା, ପଞ୍ଚଭୂତ, ପଞ୍ଚଗବ୍ୟ, ପଞ୍ଚତନ୍ତ୍ର, ପଞ୍ଚ ସ୍ଥାୟୀ ଶେଷରେ ହୋଇ ହୋଇ ପଞ୍ଚାନନ ମେଳାରେ ଭଞ୍ଜ ଭଞ୍ଜର ବେସବା ଏ ଭଜନଧାମରେ ଫୁଟି ଉଠିଲା । ଅତଏବ ଓଡ଼ିଶାରେ ପଞ୍ଚମନ୍ତ୍ରୀ ହେବାଟା ଅତି ସ୍ୱାଭାବିକ । ତେବେ ଭୟ ହେଉଛି ପଞ୍ଚ ଅଂଗୁଳିଯାକ ତ ସମାନ ନୁହନ୍ତି— ବେଢେଇବେ କିଏ । ଯଦି ପାଞ୍ଚଜଣଙ୍କର ଜୁଟି ପୁଣି ଏକାଠି ହୁଏ ତେବେ ମୁଣ୍ଡ ଫାଟିବା ସାର ହେବ ଯେ !

× × × ×

ହରେକୃଷ୍ଣ, ନବକୃଷ୍ଣ, ରାଧାକୃଷ୍ଣ ତିନି କୃଷ୍ଣଙ୍କ ମେଳ ହେଲେ ୪୮ ହଜାର ଗୋପବାଳା ହେବା ଦରକାର । ଓଡ଼ିଶାରେ କେତେ ସରକାରୀ ଅମଲା ଅଛନ୍ତି ହିସାବ କଲେ ଜଣା ପଡ଼ିବ । ଆଉ ନିତ୍ୟାନନ୍ଦ ତ ନଟେ ଗୋପୀଭାବ ବଢେଇ । ଜଗନ୍ନାଥ ମହାପ୍ରଭୁଙ୍କ ନାମଟା ଏ ମନ୍ତ୍ରୀମଣ୍ଡଳରେ କେମିତି ଅଦ୍ଭୁତ ଅଦ୍ଭୁତ ଲାଗୁଛି । ଓଡ଼ିଶା ବାହାରେ ଯଦି କେହି ଏ ଶବ୍ଦର ଅର୍ଥ କରି ବସେ ତେବେ ହୁଏତ ଅଶ୍ଲୀଳ ହୋଇ ପଡ଼ିବ । ଜୟ ଯାହାହେଉ ଆମ ଓଡ଼ିଶା ଅଖଣ୍ଡଳଙ୍କ ମନ୍ତ୍ରୀମଣ୍ଡଳ ବେଶ ଖାପ ଖାଉଛି ।

\+ + + +

ହରେକୃଷ୍ଣ ହରେକୃଷ୍ଣ ଭଜିଲେ ଲୋକେ ଧନ ଜନ ଗୋପଲକ୍ଷ୍ମୀ ସକଳ ସଂପଦ ପାଇବେ । କାରଣ ଅର୍ଥ ବିଭାଗ ଥିବାରୁ ଧନ, ଗୃହ ବିଭାଗ ଥିବାରୁ ଲକ୍ଷ୍ମୀ ଓ ସ୍ଥାନୀୟ ବା ଯୋଜନା ବିଭାଗ ଥିବାରୁ ଜନ ମିଳିବ । ତେଣୁ ଓଡ଼ିଶାବାସୀ ଅବ୍ୟାହତ ଓଁ ହରେକୃଷ୍ଣାୟ ନମଃ ଭଜିବେ ।

\+ + + +

ତାପରେ ଭଜିବେ ନବକୃଷ୍ଣ । କୃଷ୍ଣଙ୍କର କଳିଯୁଗିଆ ମୂର୍ତ୍ତି । ହାତରେ ବଇଁଶି ନଥାଇ ହାତୁଡ଼ି ଦାଆ । ତେଣୁ ଏ ମୂର୍ତ୍ତି ଆରାଧନା କଲେ ପେଟକୁ ଦାନା ମିଳିବ, ଦେହକୁ କନା ମିଳିବ, ଘରକୁ ଘରଣୀ ମିଳିବ, ସରକାରଙ୍କୁ ଗାଳି ମିଳିବ ।

\+ + + +

ତାପରେ ନିତ୍ୟାନନ୍ଦ । କଲୋନି ଡାଇରେକ୍ଟ ଡାଇରେକ୍ଟ ଆଶିର କଥା ! ଡେଭଲପମେଣ୍ଟ ଏବଂ ପାୱାର ଅନ୍ୟ ହାତରେ ଅଛି— କାହାର ସାଙ୍ଗରେ କାହାର ଗାଣ୍ଠି ଖାଉନାହିଁ । ଆଶା କରୁଯାଏ ଅଭିନବ ଡେଭଲପମେଣ୍ଟ ସଙ୍ଗେ ସଙ୍ଗେ ଡେଭଲପମେଣ୍ଟରେ ବି ତୋଟାଏ ଅଭିନୟଗତ ନ୍ୟାୟ ରହିବ । × × ×

ପଣ୍ଡିତ ହୋଇ ମଧ୍ୟ ଇଂରାଜୀ ପାଠୁଆ ବର୍ତ୍ତମାନ ହୋଇ ମଧ୍ୟ ସେବକଗ୍ରସ୍ତ, ବ୍ରାହ୍ମଣ ହୋଇ ମଧ୍ୟ ତ୍ୟାଗୀ କାରୁକାରୀ; କାରବାରୀ ହୋଇ ମଧ୍ୟ ଅତି ମନ୍ତ୍ରୀ, ଲକ୍ଷପତି ହୋଇ ମଧ୍ୟ ମନୁଷ୍ୟ । ମାନବସ୍ଥାନ ମନୁଷ୍ୟ ଭଦ୍ର କୋମଳ । ତେବେଣ ଦେଶର ହିଂସା ଓ ଦ୍ୱେଷ ତାଙ୍କ ଉପରେ ମାନହାନି ଅସମ୍ମାନଜନକ ଦଣ୍ଡ ଲଦିଲେ ।

× × × ×

ଶୋଷଣ ରହିବାରୁ ଶୋଷଣମୁକ୍ତ । ଆମ ଘର ହାଉ କଥା ସେ ଘରରେ ନ ପଚାରୁ । ତଥାପି କଲେ ସେ Plunder without danger ବିଭାଗଟାକୁ ଛିଣ୍ଡାଇ ଦେବେ । କାରଣ ଦେଶର ଶୋଷଣ ପାଇଁ ସେ ।

\+ + + +

ପ୍ରଧାନ ମନ୍ତ୍ରୀ ମହତାବେ ଅଭି କାହା ଉପରେ ଅଭିନ ଭାର ଦେବା ପୂର୍ବରୁ ନିଜ ଉପରେ ଅଭିନ ଭାର କରନ୍ତି । ଏ ଅଭିନ ଯଦି ଏପାଖ ସେପାଖ ହୁଏ ତେବେ ଲୋକେ ହସିବେ । ତେବେ ଉଲ୍ଲୁ ସବୁ ବୋଲିଲ ବନା ଅର୍ଥରେ ଯଦି ନିଜ ଉଣ୍ଣା ଅସମ୍ଭବ— ସେ କାହିଁ ଅନ୍ୟକୁ ରଖିବ ? ଜୟ ଯାହାହେଉ ଅମର ଏ ମନ୍ତ୍ରିମଣ୍ଡଳ ମହତାବ ମନ୍ତ୍ରୀ ମହାତ୍ମାଙ୍କ ମାନସ ଏକା ।

× × × ×

ଶ୍ରୀ ନବରଙ୍ଗ ଶ୍ରୀ ଅଖଣ୍ଡ ନୁଆ ମନ୍ତ୍ରୀ ହେବେ ମୁଣ୍ଡ ଅଣ୍ଡା କରି ପୁଣି ଦଲ୍ଲୀରେ କାଣ୍ଡ ଆରମ୍ଭ କରି ଦେଲେଣି । ଏ ସରଗରେ ଜଣ୍ଡ ଭଣ୍ଡ ହୋଇ ଖଣ୍ଡ ଖଣ୍ଡ ହିମାଳୟ । ମୁଣ୍ଡ ଉପରେ ବସି ଭାରତର ଖଣ୍ଡ ଖଣ୍ଡ କରିବାର ଯୋଜନା ଖଣ୍ଡ ଖଣ୍ଡ କରେ ଚୋରା ସାଣ୍ଡ ଅଖଣ୍ଡ ପ୍ରଚଣ୍ଡ ଭାବରେ କରୁଛନ୍ତି । ଆମ ବିଲୁଆ ସଙ୍ଗୀମାନେ ତା ଦେଖି ବୋବାଉଛନ୍ତି । ଏବେ ଚୋରର ସାଙ୍ଗ ହୁକାହୁକା କାଣ୍ଡ ଆ ଚୋପାଉଛନ୍ତି । ଭାରତର ଭାଇ ଏବେ ଯୁଗରେ ବସିଥିଲେ ଲେଖିଥାନ୍ତେ—

Digitized by srujanika@gmail.com

ହେନାଥ ତୋର ମାୟା ବଳେ,
ମୋହିତ ଜନ ଏ ଜଗତେ
ଅନର୍ଥ ଅର୍ଥ ଧର୍ମ ମରଣ,
ଜନଙ୍କ ତୋହର ଚରଣେ ।
ଅଧମ ବୁଝେ ମତ ସବ,
ଯେତୁ ସେ ସବ ଜନେ ଜବ ।
ଦୁଃଖେ ପଡ଼ନ୍ତେ ମୃଣ ଅନ୍ତେ,
ତନ୍ତ୍ର ମନ୍ତ୍ରୀ ମୋକ୍ଷ ପାଇଁ ।

× × ×

ପାକିସ୍ତାନ ବି ହେଲା । ହିନ୍ଦୁସ୍ଥାନ ହେଲା—ହମ୍ ଯୋ କହତା ଏ ଭି ଠିକ୍, ଓ ଯୋ କହତା ସୋ ଭି ଠିକ୍ । ଢେଟେଢ ଶଏ ! ନେଟେଦ୍ରା ହେତେଲ ଇଂରେଜମାନଙ୍କର ଶାସନ ଛୋଡ଼ି—ଦେଶେ ନିର୍ଗୁଣ ଭକ୍ତ, ଦରେ ଅନ୍ଧ—ମୁକ୍ତି ଲଭିଏ ଜନଗଣ ।

\+ + +

ପାକା କହେ ମୁସଲିମ୍ ଲିଗ୍ ନ ମାନେ । ଇଂରେଜ ସରକାର ଭୁଲିଥିବେ ଉଦ୍‌ବେଗ ପୋଡ଼ିଛ ଜଳ ତୋଳିଦେଲେ ତୋଲି ଯେତେ ଅନ୍ତ ପାଣ୍ଡି ହୋଇ ଭାରତ ସାଗରେ ମିଳାମିଶା କରିବାକୁ ସର୍ବ ଚିନ୍ତା ସେତେବେ ଅନ୍ତ ମୁସଲିମ୍ ନାହିଁ । କେବେ ହେଉଥାଏ ବଂଶ—ବଂଶ ବନ୍ଧ୍ୟାପି ଉମ୍ମତ୍ୟ ହ୍ରସ୍ୱଂ ଗଚ୍ଛନ୍ତି ମହାମ୍ବୁଧିମ୍ ।

ସାର ଫିରୋଜ ଖାଁ ନୁନ୍ କହନ୍ତି ଭାରତର ଯାହା ଉର ଉର ନବର ହେବେ ମୁସଲମାନମାନେ ଏମିତି ରକ୍ତପାତ କରିବେ ଯେ ଚେଙ୍ଗିଜ୍ ଖାଁଙ୍କ ଅତ୍ୟାଚାରକୁ ଲୋକେ ଭୁଲି ଯିବେ । ଉଚିତ, ଉଚିତ । ସନ୍ଥେ ବୋଲନ୍ତେ—

ଯଦସ୍ୟ ଯମନ୍ତ୍ରବଳ,
ସାର୍ଥ କି ନାହିଁ ତାର୍ଥ ଗୁଣା ମାରିଥ ପଡେବଳ ।

\+ + ×

ଶୁଣାଯାଏ ମନ୍ତ୍ରୀ ନିଶନ ଭାରତକୁ ଦଣ୍ଡ କର ପୁଣି ତାକୁ ଯେଉଁ ଦୁଇ ସନ୍ତୁଳୀଙ୍କ ହାତରେ ଛାଡ଼ି ଦେଇଯିବେ । ଏ ଯୋଡ଼ାରେ ବଳଷ ମାଇପ ଟୁହି । ଦେଇ ମାଇପ ଠ ବଣମାସ ପେଟରେ ଧରିଥିଲି, ବଳଷ ମାଉପର ନ ଯାଏ । ସବୁଠୁ ପଚେ ମରୁ ସନ୍ତୁଳୀ ରଣ୍ଡ ହେବା ନିଶ୍ଚ ହେଲ ବଳଷଙ୍କ ଗୋଷ୍ଠି ବଥା । ହିନ୍ଦୁସ୍ଥାନ ମୁସ୍‌ଲିମ୍ ସ୍ଥାନ ସବୁ ସ୍ଥାନ ହେଲ ପରେ ଅଭ ପ୍ରାଣ ଅବଶ !

\+ × +

ଅମେରିକାର ଭୂତ ସଙ୍ଗପତି ହ୍ବଭର ସାହେବ ଭାରତ ଦେଖି ଆସିଥିଲେ । ଭାରତରେ ସମସ୍ତେ ଭୂତ—ଭବିଷ୍ୟତ୍ ନାହିଁ ବା ବର୍ତ୍ତମାନ ନାହିଁ । ତେଣୁ ଭୂତ କଙ୍କାଳ ମାନଙ୍କ ନର୍ତ୍ତନ ଦେଖି ସେ 'ଅନନ୍ଦ' ହୋଇ ଫେରିଥିବେ ନିଶ୍ଚୟ ।

× + ×

ଆସାମ ନଗରରେ ଚତୁର୍ଦ୍ଦଶ ମୂର୍ତ୍ତି ଖର ଉଡ଼ାଇ ବୈଦେଶିକ ମନ୍ତ୍ରୀ ସ୍ୱରକବ୍ୟା କାସର ଦର ବସ୍ୱର ବସିଛନ୍ତି ପ୍ରଥମରେ ଜସ୍ୱର ଉତାଳିଧ ସ୍ୱସ୍ୟ ନେଇ । ଡାକ୍ତର ମାଉନା କର ଦେଖୁଛନ୍ତି ଉତାଳିର ଦେହେ ରକ୍ତ ଅଛ—ଦେହେ ମିଳ ଦନ, ଦେହେ ରଣ ହତ । ଉତାଳିର ଉଠାନରେଣ ଗୁଡ଼ାକ ଅମିଷ ପଦାର୍ଥ ତେଣୁ ଗୋପଙ୍କ ଧର୍ମଗ୍ରନ୍ଥ ଉତାଳିରେ ଜାଗ ସ୍ଥାନ ନାହିଁ । ତାକୁ ଉତାଳି ଭଜନ କର ପାରବ ନାହିଁ । ମିଳନ୍ତ ଭାକ୍ତର ଚକ୍ଷୁବଧାନରେ ତାର ଉହଡ଼ା ଉଚିତ ।

\+ + +

ମନ୍ତ୍ରୀମାନଙ୍କ ବରମା ଅବୁ ବଢ଼ି ଯାଉଛି । ଗାନ୍ଧିଏ ବୋଲିଲେ ବାଗ୍ମୀ ହଜାଏ ଟଙ୍କା ଗାଉବ । ଅହମ ସବୁ ହେଲୁ ପିମ୍ପୁଡ଼ି । ମନ୍ତ୍ରୀ ହେଲେ ଗଜ । ଗଜ ନସ୍ୟରେ ଗାନ୍ଧିଜୀଙ୍କର ଏ 'ରଖା ବଲ୍ କୋଲ୍' ବୋଇଡାବୁ ଅମେ କଣ୍ଠଭରି ରହିଲୁ । ଅମ ପିମ୍ପୁଡ଼ିମାନଙ୍କର ଏ ଉତ୍ତରର ଦେଇ ନାହିଁ । ବାରଣ ଗୀତ ବୋଲିଛି—

ହାତୀ ଗୋଟିଏ ଗଲେ ପିମ୍ପୁଡ଼ି ନ ମରେ
ଦେଖିବ ତେ ଅପ ଯାଇ,
ମନ୍ତ୍ରୀଙ୍କ ପଦତ ତଳରେ ଉଦ୍‌ଘାଟ
ସରେଗକୁ ଯିବା ପାଇଁ ।

\+ + +

ମନ୍ତ୍ରୀ, ଉପମନ୍ତ୍ରୀ ବା ପାର୍ଲିଅମେଣ୍ଟସ ସେକ୍ରେଟେରି ସଭାଧ୍ୟକ୍ଷ ବା ଉପସଭାଧ୍ୟକ୍ଷ ନିର୍ବାଚନରେ କେମନ୍ତେ ଟଙ୍କା ଟଙ୍କା ତାଙ୍କୁ ଦସି ବସିର ହେଉଛି । ଅମ ଲେଖ ରାଜଧାନୀ କଟକରର ମଣ୍ଡଳରେ ରହିବ ନବର ବାସୀ ଏବଂ ମାଧ୍ୟ ବାରଣ ପଲ ପ୍ରଧାନ ମନ୍ତ୍ରୀ ହରେକୃଷ୍ଣ ମହତାବ । ବାଲେଶ୍ୱରର ଅଭ ହୌଶରି ଅଟ୍ୟା କରିବା ଉଚିତ ନୁହେଁ—ବାରଣ—

ଏକଶୁନ୍ଦ୍ ସୁମେମାନନ୍ତ
ନଚ ତାର ଗଣପତି ଜଦ୍ୱ ।

\+ + +

ଶୁଣାଯାଏ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ହେବା ପୂର୍ବରୁ ଜଣେ ବହସ୍ତ ଧର୍ମନୂଷ କଂଗ୍ରେସବାଲଙ୍କ ସ୍ୱପ୍ନରେ ଦେବେତ ବାଉଡ଼ ପଦ ଲକ୍ଷୀ ନେଇ ସେଠାରେ ଯମୁନା ଜଳରେ ଲକ୍ଷାଇ ଦେଇ ଅଛିଲେ । ଅତ କାଳରେ ସଙ୍ଗାସ୍ତି କରୁଥିଲେ ବନ୍ଧୁ ଏ ଶଲବାହକ ହିନ୍ଦୁ ନହୋଇ ଥିବାରୁ ଯମୁନାସ୍ତି କଲେ । ଏ ପୁଣ୍ୟର ଫଳ ଶେଷ ବର୍ଷଭ ଦଳକୁ ମୁଲତଙ୍ଗି ନରଙ୍କ ତାଙ୍କୁ ଶୀଘ୍ର ଏକ ବଡ଼ ଅସନ ମିଳିବ ବୋଲି ଅଶା କରଯାଉଥିଲା । ଅକାଳରେ ମନ୍ତ୍ରୀମଣ୍ଡଳ ଅସି ହଜାଏ ଅକ୍ଟ୍ର ବାଢ଼ି ଥିବାର ଶୁଣାଯାଏ । ବନ୍ଧୁ ଅକ୍ଟ୍ର କରିବାର ଦଇ ନାହିଁ । କାରଣ ଏବା ଶଚୀ ଚରିତ—ଦେବେତ ଉଦ୍ ଯାଇଛନ୍ତି । ତଥାପି ଶଚୀ ସତୀ ଶିରୋମଣି ।

---

## ଆସନ୍ତା ସଂଖ୍ୟାରେ—

## 'ପଞ୍ଚଦେବତା ଆବାହନ'

Digitized by srujanika@gmail.com

# ନାଗରିକ ଅଭିନନ୍ଦନ



## ମାନ୍ୟବର ଶ୍ରୀ ହରେକୃଷ୍ଣ ମହତାବ

ଆପଣ ଉତ୍କଳ ଜନନୀର ବରପୁତ୍ର । ଆପଣଙ୍କର ଦେଶସେବା, ତ୍ୟାଗ ହିଁ ଆପଣଙ୍କୁ ଉଚ୍ଚ ଆସନ ଦେଇଛି । ଆପଣ ଜଣେ ବିଜ୍ଞ ରାଜନୀତିଜ୍ଞ । ଆପଣଙ୍କର ରାଜନୈତିକ ପ୍ରତିଭା, ବୁଦ୍ଧି ଓ ବିଚକ୍ଷଣତା ଆପଣଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ଅଧିନାୟକ ପଦରେ ପ୍ରତିଷ୍ଠିତ କରିଛି ଓ ଓଡ଼ିଶା ବାହାରେ ବଡ଼ କରି ତୋଳିଛି । ଆପଣଙ୍କୁ ପ୍ରଧାନ ମନ୍ତ୍ରୀ ପଦରେ ଅଭିଷିକ୍ତ କରି ଓଡ଼ିଶା ଆଜି ଯେତେ ଗୌରବ ଅନୁଭବ କରୁଛି, କେନ୍ଦ୍ରୀୟ କଂଗ୍ରେସର କାର୍ଯ୍ୟକାରୀ ସଭାରୁ ଆପଣଙ୍କୁ ହରାଇ ସେତିକି ଦୁଃଖିତ । ଆପଣ ଓଡ଼ିଶାର 'ପ୍ରଥମ ସେବକ' ରୂପେ 'ଡଗର'ର ଅଭିନନ୍ଦନ ଗ୍ରହଣ କରନ୍ତୁ । ଆପଣଙ୍କ ଅଧିନାୟକତ୍ୱରେ ଉତ୍କଳ ମୂର୍ତ୍ତିମାନ ହୋଇ ତା'ର ଦୁଃଖ ଦାରିଦ୍ର୍ୟ, ରୋଗ ଶୋକ ଏବଂ ଅଜ୍ଞତା ପଞ୍ଝାରୁ ମୁକ୍ତି ଲାଭ କରୁ ଏହାହିଁ କାମନା ।

---



## ମାନ୍ୟବର ଶ୍ରୀ ନବକୃଷ୍ଣ ଚୌଧୁରୀ

ଆପଣ କଂଗ୍ରେସର ବାମପନ୍ଥୀ ସମାଜତନ୍ତ୍ରୀ ଦଳର ଅନ୍ୟତମ ନେତା ହିସାବରେ ଉତ୍କଳ ବିଖ୍ୟାତ । ଆପଣଙ୍କର ସମାଜତନ୍ତ୍ରବାଦ ଓଡ଼ିଶାର ଯୁବକ ମହଲରେ ଜାଗରଣ ଆଣିଛି । ଆପଣଙ୍କ ନିଷ୍ଠାପରତା ଚରିତ୍ରବଳ ଓ ରାଜନୈତିକ ପ୍ରତିଭାରେ ସମଗ୍ର ଓଡ଼ିଶା ମୁଗ୍ଧ । 'ଡଗର' ଆପଣଙ୍କୁ ଏହି ଶୁଭ ତିଥିରେ ଅଭିନନ୍ଦନ କରି ଆପଣଙ୍କର ଦୀର୍ଘାୟୁ କାମନା କରୁଛି ।

---

Digitized by srujanika@gmail.com



**ମାନ୍ୟବର ପଣ୍ଡିତ ଶ୍ରୀ ଲିଙ୍ଗରାଜ ମିଶ୍ର**

ଆପଣ ଜଣେ ପ୍ରତିଭାଶାଳୀ ବିଦ୍ୟାନୁରାଗୀ ବ୍ୟକ୍ତି, ପଣ୍ଡିତ ଓ ସାମ୍ବାଦିକ । 'ସମାଜ' ସମ୍ପାଦକରୂପେ ଆପଣଙ୍କ ଯଶ ଓଡ଼ିଶାରେ ବିସ୍ତୃତ । ଆପଣଙ୍କୁ ଚତୁର୍ଥ ରାଷ୍ଟ୍ରର ପ୍ରତିନିଧି ଭାବରେ 'ଡଗର' ତାର ସର୍ବଶ୍ରେଷ୍ଠ ଅଭିନନ୍ଦନ ଜଣାଉଛି ଓ ଶ୍ରଦ୍ଧା ନିବେଦନ କରୁଛି ।



**ମାନ୍ୟବର ଶ୍ରୀ ନିତ୍ୟାନନ୍ଦ କାନୁନଗୋ**

ଆପଣ ପ୍ରିୟଦର୍ଶୀ; ଆପଣ ଏକ ଦକ୍ଷ ମନ୍ତ୍ରୀ—ମଣ୍ଡଳର ବରିଷ୍ଠ ସଭ୍ୟ । ଆପଣଙ୍କର ସୌମ୍ୟ ସୁନ୍ଦର କାନ୍ତି, ସୁଚରିତ୍ର, ସ୍ମିତାନନ ମୂର୍ତ୍ତି ମନ୍ତ୍ରାନୁଭବତା ଓ ଶୂନ୍ୟତାର ପରିଚୟ ଦିଏ । 'ଡଗର' ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଆପଣଙ୍କର ସୁନ୍ଦର ଭକ୍ତି ଅଭିଜ୍ଞତା ଓ ଅନୁଭୂତି ଏ ଦେଶ ପାଇଁ ଦୀର୍ଘାୟୁ ହେଉ ଏହାହିଁ କାମନା ।



**ମାନ୍ୟବର ଶ୍ରୀ ରାଧାକୃଷ୍ଣ ବିଶ୍ୱାସରାୟ**

ଆପଣ ଉତ୍କଳ ପ୍ରାଦେଶିକ କଂଗ୍ରେସର କମିଟିର କର୍ଣ୍ଣଧାର ହୋଇ ନିଜର ଯୋଗ୍ୟତାର ପରାକାଷ୍ଠା ପରିଚୟ ଦେଇଛନ୍ତି । ନିଷ୍ଠାପରତା, କର୍ମନିଷ୍ଠତା ଆପଣଙ୍କ ଜୀବନର ବ୍ରତ । 'ଡଗର' ଆପଣଙ୍କୁ ଶ୍ରଦ୍ଧା ନିବେଦନ କରି ଅଭିନନ୍ଦନ ଜଣାଉଛି ।

Digitized by srujanika@gmail.com

ମଜାକଥା—




# ରାୟ ବାହାଦୁର

ଲେଖକଃ — କିଃ ମଃ

ରାୟ ବାହାଦୁର ରମେଶଚନ୍ଦ୍ର ସର୍ବାଧିକାରୀଙ୍କ ନାମ ଆପଣ ଶୁଣିଥିବେ, ଆଜିକାଲି ସିନା ଓଡ଼ିଶାରେ ରାୟ ବାହାଦୁର, ରାୟ ସାହେବ ବୋଇଲେ ବଲେଇ କୁକୁର ନାକ ମୋଡ଼ି ହୋଇ ଯାଉଛନ୍ତି, ସେତେବେଳେ ସେମିତି ନଥିଲା। ୧୯୨୦ ମସିହାର ଆଗେ। ସେତେବେଳେ ରଜା ମହାରାଜାଙ୍କ ଆସନ ସଙ୍ଗେ ସମାନ ରାୟ ସାହେବ ରାୟ ବାହାଦୁର। ଖଣ୍ଡେ ଦୂରରୁ ଦଣ୍ଡବତ୍। ହେଇ ରାୟ ବାହାଦୁର ଆଇଲେଣି ବୋଲି ଟେଁଣୀ ଚାଣ୍ଡି ବାଟ ଛାଡ଼ି ଦେଉଥିଲା। ଏବେ ଏଣିକି କେବଳ ସେଇ ରାୟ ସାହେବମାନଙ୍କ ଟେଁଣୀ ସାହେବ-ମାନେ ନିଜ ନିଜ ଭିତରେ ଇଏ ତା' ଟେକନ୍ତୁ ସିଏ ତା' ଟେକନ୍ତୁ, ପ୍ରକାରାନ୍ତରେ ଗୋଟାଏ ସାଲିସ୍‌ନାମା ଉପରେ ପରସ୍ପର ସମ୍ମାନଦାତା ସମାଜ ଗଢ଼ି ଉଦ୍ଘାଟନ କରିଛନ୍ତି ବୋଲି ସଠିକ ସମ୍ବାଦ ମିଳୁଛି।

୧୯୨୦ରେ ଦେଶୀ ଲୁଗାର ଗୋଟାଏ ଦୋକାନ ଆରମ୍ଭ କରି ରାୟସାହେବ ପଦ କିଣିଥିଲେ। ୧୯୩୦ରେ ଗୋଟାଏ ସମାଚାର ପତ୍ରରେ କଂଗ୍ରେସ ଓ ଗାନ୍ଧିଙ୍କି ଗାଳି ଦେଇ ରାୟ ବାହାଦୁର ହେଲେ। ୧୯୩୦ରେ ନ୍ୟାଶନାଲ ୱାର ଫଣ୍ଡ, ଏଣ୍ଟିଫ୍ୟାସିଷ୍ଟ ଆସୋସିଏସନର ନେତା ତଥା କମ୍ୟୁନିଷ୍ଟ ଦଳର ପୃଷ୍ଠପୋଷକରୂପେ ଗୋଟାଏ 'ଓ: ବି: ଇ:' ବା ଏମ୍, ବି, ଇ, କିଛି ପାଇବା ଆଶାରେ ଅଛନ୍ତି ବୋଲି ଆମେ ଶୁଣିଛୁଁ। ଆମର କିନ୍ତୁ ଏ ଗଳ୍ପଟା ୧୯୩୭ ପରେ—୧୯୪୧ ଆଗରୁ—ଅର୍ଥାତ୍ ରମେଶବାବୁ ରାୟ ବାହାଦୁର ହେବା ପରେ।

ବିଷ୍ଣୁବାବୁଙ୍କ ଘର ରମେଶବାବୁଙ୍କ ଘରକୁ ଲାଗି। ତାହାଙ୍କ ଘରୁ ବାହାରି ପଡ଼ିଲେ ରାସ୍ତା। ବାଣ୍ଡ ଅଗଣା ନାହିଁ। ସହର ବଜାରରେ ବହୁ ଝିଅ ଚଳିବାକୁ ବଡ଼ ଅସୁବିଧା। ସେଥିପାଇଁ ବାହାଦୁରାଣୀଙ୍କର ସବୁଦିନେ ଚଳେ ବାହାଦୁରଙ୍କ ସାଙ୍ଗରେ।

ଲୋକେ କହନ୍ତି। ଆମେ ସଠିକ ଖବର ଜାଣୁନାହିଁ, ଯେ ବାହାଦୁରାଣୀଙ୍କ ବୁଦ୍ଧିରୁ ରମେଶବାବୁଙ୍କର ସୁନାମ, ସୁବନ୍ଦୋବସ୍ତ ସବୁ। ଏମିତିକି ଉପାଧି ମଧ୍ୟ ହାସଲ ହୋଇ ନଥାନ୍ତା ତାଙ୍କର ବୁଦ୍ଧି ଅକଲ ଘଟ ନ ଥିଲେ।

ରାୟ ବାହାଦୁରାଣୀଙ୍କର ଆଉ ଗୋଟାଏ ଶ୍ରେଷ୍ଠ ବିଶେଷଣ ଅଛି। ଇନ୍ଦ୍ରଲୋକଙ୍କ ସ୍ତ୍ରୀ। କହିବାକୁ ଲାଜ। ନ କହିଲେ ଏ କଥା ରହିଯାଉଛି। ତେଣୁ କହିବାକୁ ବାଧ୍ୟ ହେଲୁଁ ଯେ ରାୟବାହାଦୁରାଣୀ ଜଣେ 'ହରରେଜ' ଅର୍ଥାତ୍ ଅଳ୍ପ କଥାକୁ ବଡ଼ କରି କହନ୍ତି, ଅଳ୍ପ ଜିନିଷକୁ ବଡ଼ ବୋଲି ଦେଖନ୍ତି। ଲୁଅ ଉଡ଼ିଗଲେ ଝୁଅ ଉଡ଼ିଯାଏ। ଛଳ ପଡ଼ିଲେ ତାଳ ପଡ଼ିଯାଏ।

ସେଦିନ ମାଛ ମିଳିଲା ନାହିଁ। ରାୟବାହାଦୁର ହାକିମ ହୁକୁମାଙ୍କ ତେଲ ମାଲିସ୍ ମାରି ଆସି ଘରେ ପହଞ୍ଚି ଦେଖନ୍ତି ଦିନ ବାରଟା ଯାଏଁ ଅରନ୍ଧା ଅବାଢ଼। ରାୟବାହାଦୁରାଣୀ କହିଲେ—ଘରେ ପରିବା ନାହିଁ। ବଜାରରେ ମାଛ ମିଳୁନାହିଁ। ସବୁରି ବାବୁର ଗୁଡ଼ାକ ଠକ—ଜଳସୂଅ। ମୋର ଅଛି ଜଣେ ଯେ ବଜାରରୁ ଆଣିଦେବ।"

ରାୟ ବାହାଦୁର ସଙ୍ଗେ ସଙ୍ଗେ ଜବାବ ଦେଇ କହିଲେ—"ନାହିଁ ତ ମୁଁ କଣ ମରିଛି କି? ତମେ ଟୁକି ରହିଯାଅ, ବନ୍ଦା ଚାଲିଲେ ଯାହା ଯାହା ଦରକାର ସବୁ ଆଣିବ।"

ଗୃହିଣୀ ହସି ହସି କହିଲେ—"ଅହା, ଏତେ ଦିନ ହେଲାଣି, ତମେ କଷ୍ଟ କରି ସଉଦା କରିବ, ମନ୍ଦ ଲାଗୁଛ ନାହିଁ? ତମେ ଯା ତ, ଖାଲି ମାଛଟିଏ କିଣି ଆସିବ। ଆଉ ମାନଶ ଚଳିବ।"

ରାୟ ବାହାଦୁର କଥାଟା ଏତେବେଳେ ଯାଇଁ ବୁଝିଲେ। ଅଗତ୍ୟା ଛତା ଖଣ୍ଡେ ଧରି, ବାହାରି ପଡ଼ିଲେ ବଜାର ଅଭିମୁଖେ। ଦିନ ବାରଟାବେଳେ ବଜାରରେ ମାଛ କାହିଁ? ବଜାରରୁ ବେଲଟ ସାହି ପର୍ଯ୍ୟନ୍ତ ଯିବାକୁ ପଡ଼ିଲା। ନହେଲେ ଅଶୁଭ ଅଶୁଦ୍ଧ—ନିର୍ଜଳା ଏକାଦଶୀ ଯେ!

ବହୁତ ଡେରି ହେଇଗଲା। ବାହାଦୁରାଣୀ ବାରଣ୍ଡାର ଦୁଆର ମୁହଁରେ ଯାଇଁ ଉଙ୍କି ମାରନ୍ତି। ରାୟ ବାହାଦୁର କାହାନ୍ତି। ହଠାତ୍ ବାହାରେ ବିଷ୍ଣୁବାବୁଙ୍କ ଘରଆଡ଼ୁ ପାଟି ଶୁଭିଲା—"ଆମ ବାହାଦୁରଙ୍କୁ ମାରି ପକାଉଛନ୍ତି ହୋ—ମୁଁ କଣ କରିବି!"

ଏକଥା ଶୁଣି ରାୟ ବାହାଦୁରାଣୀ ସାଙ୍ଗେ ସାଙ୍ଗେ ମୁଣ୍ଡ ବୋଡ଼ି ହେଇ ଖଟ ତଳେ ପଡ଼ି କାନ୍ଦିବା ବସିଲେ—"ମୋ କେବାଳ ଏଏ ଭୁଲେଇ ଦେଲ ଲୋ—ମୁଁ କେଉଁ ଦୁଃଖୀ କାହିଁକି ତାକୁ ଦିନ ଦୁ' ପହରେ ପଠେଇ ଦେଇ ଲୋ—ମୋ ମା' ମାଉସୀ, ନୂଆବୋଉ, ପିଉସୀ, ନଣନ୍ଦ, ସୁନାଫୁଲ, ଚମ୍ପାଫୁଲମାନେ—"

ସେତିକିବେଳେ ରାୟ ବାହାଦୁର ଶୁଖୁଆ ଖଣ୍ଡେ କାଗଜରେ ଗୁଡ଼େଇ ହାତ ତଳେ ଲୁଚେଇ ଆସି ପହଞ୍ଚିଲେ। "ଏହୋ—କଣ

(ଅବଶିଷ୍ଟାଂଶ ୫ମ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com



# ବିରହ

ଲେଖକ:—
ଶ୍ରୀ ଦେବ ମହାପାତ୍ର

ଶ୍ରୀନାଥ ହେଉଚି ଜ୍ୟୋତିବାବୁଙ୍କର ଗୁମାସ୍ତା । ଖାଲି ଗୁମାସ୍ତା କହିଲେ ଠିକ ହବନି । ଜ୍ୟୋତିବାବୁଙ୍କର ଗୁମାସ୍ତା, ସରକାର, ଖାନସାମା, ବାବୁର୍ଚ୍ଚି, ବେହେରା, ମାଳି ସବୁ କୁହାଏ ସେଇ ଶ୍ରୀନାଥକୁ । ଘରଝଡ଼ାଠୁଁ ବଜାର ସଉଦାଠୁଁ, ଚାସନପକା ପର୍ଯ୍ୟନ୍ତ ସବୁ କାମ କରେ ସେଇ ଶ୍ରୀନାଥ । ଏକୋଇଶି ବାଇଶି ବର୍ଷର ଜୁଆନ ଭେଣ୍ଡିଆ ଶ୍ରୀନାଥ ଖାଇପିଇ ଗୋଲଗାଲ ହେଇଚି—ମୁଣ୍ଡଯାକ ତେଲ ଗରଗର, ଦେହଯାକ ତେଲ ସର-ସର । ବେହେରାଟା ଟିକିଏ କାଳିଆ ହେଲେ କଣ ହବ ଯିଏ ଦେଖିବ ଘଡ଼ିଏ ଅନେଇବ । ମୁଁ ବି ଅନେଇ-ଥିଲି—ବେଶ ଘଡ଼ିଏ ଘଡ଼ିଏ ଅନେଇଥିଲି । ଅଜିକାଲି ଅନେଇଲାବେଳକୁ ଦେଖୁଚି ଯିମିତି ଶ୍ରୀନାଥ ସେଇ ଆଗ ଶ୍ରୀନାଥ ହେଇ ନାହିଁ—ସେ ଯେମିତି ଗୋଟାପୁରା ବଦଳି ଯାଇଚି । ତାର ଯେମିତି କଣ ହେଇଚି—ମୁହଁଟା ଶୁଖି ଯାଇଚି—ବାଳଗୁଡ଼ା ନୁଖୁରା ହୋଇ ଫୁର୍‌ଫୁର୍ ଉଡ଼ୁଚି—ଦେହଯାକ ନୁଖୁରା । ସିଏ ନା କଣ ଭାବୁଚି । ତା ମୁହଁରେ ସେ ଫୁର୍ତ୍ତି ନାହିଁ, ସେ ଗୀତ ନାହିଁ, ସେ ହସ ନାହିଁ । ସେ ଯେମିତି କଣ ଖୋଜୁଚି—ତାର ପ୍ରାଣ ଯେମିତି କାହାପାଇଁ ହାହାକାର କରି ଉଠୁଚି, ତାର ମନ ଯେମିତି କହି ଉଠୁଚି—

ତାର ମନ କଣ କହି ଉଠୁଚି ଆଉ ତାର ପ୍ରାଣ କାହାପାଇଁ ହାହାକାର କରି ଉଠୁଚି ଆପଣ ଜାଣିପାରିବେନି ସିନା, ମୁଁ ଜାଣେ—ଝୁମୁରି ପାଇଁ, ତାର ଅଦରର ଝୁମୁରି ପାଇଁ ।

ଝୁମୁରି ହେଉଚି ଉଦୟବାବୁଙ୍କ ଚାକରାଣୀ । ଜ୍ୟୋତିବାବୁଙ୍କ ବାସାଘର ଆଉ ଉଦୟବାବୁଙ୍କ ବାସାଘର ଏକାଠି ଲଗିଚି । ମଝିରେ ବାଡ଼ ଦିଆ ହେଇନି । ସକାଳୁ ଦାନ୍ତ ଘଷିଲାବେଳେ ନିତି ଦେଖେ ସେ ଦୁହିଙ୍କି, ମୋ ଦାଣ୍ଡ ଅଗଣାଟା ତାଙ୍କ ବାସାଘର ପଛରେ କିନା ! ଜ୍ୟୋତିବାବୁଙ୍କ ବାଡ଼ିର ଝଙ୍କା ସଜନା ଗଛଟାରେ ପହିଲେ ପଡ଼େ ଖରା—ତୁଷ, ବଣି ଚଢ଼େଇ ଆଉ ଚୂନାକବାଙ୍କର ସେଇଟି ଘରଲେ ଅଡ୍ଡା । ଆଉ ଗଛମୂଳରେ ଶ୍ରୀନାଥ ଆଉ ଝୁମୁରିଙ୍କର ଘରଲେ ଯୋଗାଡ଼ଟାବି ଅଟେ କହୁଁ ପ୍ରେମ । ଶ୍ରୀନାଥ ସକାଳୁ ଉଠି ଗୋଟିଏ ପାଣି ଫଚାଇ ଦୁଆର ପହଁରେ, ଘର ଓଳାଏ । ବାବୁଙ୍କ ପାଇଁ ଦାନ୍ତ ଘଷିବା ପାଇଁ ପାଣିଲୋଟା ଦାନ୍ତକାଠି ରଖିଦିଏ—ଅଇଁଠା ବାସନ ସବୁ ବାଡ଼ ଅଡ଼କୁ ନେଇଆସେ । ଜୁଇଁ ସଫା କରି ପାଉଁଶ ଗୁଣ୍ଡା ଆଣି ବାଡ଼ଅଡ଼ୁ ଲଢ଼େଇ ଦିଏ ଆଉ ବାସନ ମାଜି ବସେ । ଝୁମୁରି ସେତିକିବେଳକୁ ତାର ଘରଓଳା ସାରି ଦେଇ ବାସନ ଧରି ହାଜର ହେଇଯାଏ ସେଇଠି । ଶ୍ରୀନାଥ ଖୁସି ହେଇଯାଏ ଝୁମୁରିକି ଦେଖି । ତାପରେ ବାସନ ମଜା ସଙ୍ଗେ ସଙ୍ଗେ ଦୁହିଁଙ୍କର ଚାଲେ ହସ, ଖୁସି ଗପ, ପାଣି ଫୋପଡ଼ା ଫୋପଡ଼ି, ପାଉଁଶ ବୋଳାବୋଳି ଥଟ୍ଟା, ତାମସା କେତେ କଣ । ତାଙ୍କ ଆନନ୍ଦ ଦେଖି ସଜନା ଗଛ ଉପରୁ ଚଢ଼େଇସବୁଡ଼ା ଖରେ ମିଠେ କରି ଗାଇ ଉଠନ୍ତି କେତେ ଗୀତ ଆନନ୍ଦରେ ।

ଝୁମୁରିର ବୟସ ହବ ଷୋଳ କି ସତର । କଳାଝିଙ୍କ ଟିକିଟା—ଗୋରା ଦେହଟି—ବସ୍ତା ଶାଢ଼ୀ ଖଣ୍ଡେ ଗୁଡ଼େଇ କରି ପିନ୍ଧେ—ମୁଣ୍ଡରେ ତ ବାଳ ବେଶି ନାହିଁ ଅଳସ ବଳସ ହୋଇ ତାଳ ବାନ୍ଧ ଯାକେ ପଡ଼ିଥାଏ—ଶ୍ରୀନାଥକୁ ବେଶ ଲାଗେ ଝୁମୁରିକି । ଶ୍ରୀନାଥ କେବେ କେବେ କହେ—"ମୁଣ୍ଡଟା ଏମିତି ଝାମ୍ପୁଡ଼ା କାହିଁକି କରିଚୁଲୋ ଝାମ୍ପୁଡ଼ି ମୁଣ୍ଡି" ଆଉ ଝୁମୁରିର ବାଳ ଧରିଦିଏ ଓଟାରି ଦିଏ । ଝୁମୁରି କହେ—"ତୋ'ର କଣ ଗଲାକରେ କେହିଥା, ଛାଡ଼ କହୁଚି ।" ଆଉ ଶ୍ରୀନାଥକୁ ଦିଏ ଖଣ୍ଡିଏ ଖୁମ୍ପା—ଶ୍ରୀନାଥ ଛାଡ଼ିଦିଏ । ଦିନେ କଥା କଲେ ଝୁମୁରି ଖୁବ ଶରମେ—କାଳଟା, କେହି ଥ କହି ଖୁବ୍ ଶରମେ ଶ୍ରୀନାଥକୁ, ଶ୍ରୀନାଥ—କିଛି କହି ପାରେନି, ଖାଲି ସତରେ କେହିଥିଲେ ପରି ଦାନ୍ତ ଦେଖେଇ ହସେ । ମୁଁ ସେ ଦୁହିଁଙ୍କି ରୋଜ ଦେଖୁଥିଲି—ଏପାଖରେ ଥାଇ ସେ ଦୁହିଁଙ୍କର ନାଟ ଦେଖିବାରେ ମତେ ବି ବେଶ ଆନନ୍ଦ ଲାଗୁଥିଲା ।

ଝୁମୁରି—ଝୁମୁରି ତ ଆଉ ସବୁଦିନେ ଚିଲ ନଥିବ ସିଏ ବଡ଼ ହେଇଗଲା—ତା ମାଆ ତା ପେଇଁ ବରଘର ଠିକ୍ କଲା । ଝୁମୁରି କାନରେ ପଡ଼ିଲା ସେକଥା । ଦିନେ ସକାଳେ ଝୁମୁରି କହିଲା—"ଶ୍ରୀନାଥରେ, ବୋଉ ମୋର ଏଠେ ସାଙ୍ଗ ହେଉଚି, ମୁଁ ଯଦି ଶ୍ୱଶୁରଘରକୁ ଚାଲିଯିବି ତୋ ମନ କଣ କଷ୍ଟ ହବନି ?"

ଶ୍ରୀନାଥ ଜାଣେ ଝୁମୁରି ନ ଥିଲେ ତା ମନ ଭାରି ଖାଁ ଖାଁ ହବ । ଝୁମୁରିକୁ ଦିନେ ନ ଦେଖିଲେ ତା ମନ କଣ ହେଇଯାଏ । ସିଏ

Digitized by srujanika@gmail.com

ଝୁମୁରର ସତ ବନ୍ଧୁ ଉଦ୍ଧ ପାରିବ କେମିତି ! ଶଙ୍କର ବନ୍ଧୁ ମୁହଁ ତାଲିକି ଦେଖେଇ କହିଲା—"ଯାଉନ୍ତୁ ଅବଳା, ମୋର ଗରଜ ପଡ଼ିଚି ତୋ କଥା ଶୁଣିବ, ତୁ କା ମୋର କିଏ ?"

ଝୁମୁରର ମୁହଁଟା ଶୁଖିଗଲା । ଶଙ୍କରଟା କେଡ଼େ ଦୁଷ୍ଟ, ତା ଛାତିଟା ଯେମିତି ପଥରରେ ଗଢ଼ା ।

ତାପରେ ଯେଉଁ ଦିନ ସ୍କୁଲରେ ଝୁମୁରର ମାଆ ଆସି ଝୁମୁରକୁ ନେଇଗଲା ତାହାଘର ପାଇଁ, ଝୁମୁର ଦେଖିଥିଲା ଶଙ୍କର ବହି-ଖାତା ଯାଉଛି ବୋଲି, ପୁଣି କଣ ଭାବିଲା ତେଣୁଣି କିଛି କହିଲାନି । ଶଙ୍କର ଝିଅ ଦାନ୍ତେ ଉଦୟବାବୁଙ୍କୁ ମେଲଣି ନେଇ ବାହାର ଗଲେ ଖଂଜ ରାତି ଅନ୍ଧାରରେ ।

ତହିଁ ପରଦିନ ସକାଳେ ଶଙ୍କର ସବୁଦିନପରି ଘରତଳେ ଓଳ ଖାଇ, ଚୂଲିରୁ ପାଉଁଶ ନେଇ ବାଡ଼ିଅଡ଼େ ବାସନ ମାଜି ବସିଲା କିନ୍ତୁ ଝୁମୁରର ଦେଖାନାହିଁ—ସେ ଥାଳି ବେଲ ମାଜି ସାରିଲା କିନ୍ତୁ ଝୁମୁରର ଦେଖାନାହିଁ । ସେ କଂସା ଗିନା ମାଜି ସାରିଲା କିନ୍ତୁ ଝୁମୁରର ଦେଖାନାହିଁ । ସେ କଟୋରି, ତେକେଇ, କଡ଼ୁଚୁଲି, ପିଠା-ଖପୁରି ମାଜି ସାରିଲା ତେବେ ବି ଝୁମୁରର ଦେଖାନାହିଁ । ଝୁମୁର କୁଆଡ଼େ ଗଲା ? ଝୁମୁର କଣ ଆଉ ଅଭିମାନ କରିଚି କି ? ଝୁମୁର କଣ ଶଙ୍କର ଉପରେ ରାଗିଚି ? ସିଏ ପୂରେଇ ଭୁଲେଇ ଝୁମୁର କଥା ଭାବିଲା କିନ୍ତୁ ଝୁମୁର ନାହିଁ—ଝୁମୁର କଣ ଉଦୟବାବୁଙ୍କ ଘରେ ଅଛି ଯେ ଆସିବ ! ସିଏ କୁଆଡ଼େ ଗଲା ଶଙ୍କର ଜାଣେନା—ଶଙ୍କର ମୁହଁଟା କଳା ପଡ଼ିଗଲା ।

ତହିଁ ପରଦିନ ବି ଝୁମୁର ନାହିଁ ।

ପୁଣି ତା ପରଦିନ ଝୁମୁର ନାହିଁ । ଶଙ୍କର ଭାବିଲା ସିଏ ତ ଝୁମୁରକୁ କେବେ ଶ୍ରଦ୍ଧା କରେ, ଝୁମୁର ତାହିଁ କି ରାଗିଲା ତା ଉପରେ ? ଯଦି ରାଗିଥିବ ପୁଣି ରାଗ ଭାଙ୍ଗିଗଲେ ଆସିବ ଯେ ! କିନ୍ତୁ ଝୁମୁର ଆସିଲାନାହିଁ । ଏପର୍ଯ୍ୟନ୍ତ ଆସୁନାହିଁ—କେଜାଣି କେତେଦିନ ଦିନ କ୍ଷୀଣ ହେବାକୁ ବସିଲା । ତା ମୁହଁରେ ହର୍ଷ ନାହିଁ—ସେ ଖାଲି ଅନମନା ହୋଇ ଭାବୁଚି ଆଉ ଭାବୁଚି । କେଉଁ ଦୁଃଖ ଭୋଗୁଚି । ଝୁମୁରର କିନ୍ତୁ ଦେଖାନାହିଁ । ଏଣ୍ଣ ଦିନ ସକାଳେ ପାଉଁଶ ନେଇ ବାଡ଼ିଅଡ଼େ ସଜନାଗଛ ମୂଳେ ବସିଥିଲାବେଳେ ଶଙ୍କର ସେଠି ହୁଏ ଟିକେ ହୋଇ କଣ ଭାବେ ଉଦୟବାବୁଙ୍କ ଘରଆଡ଼େ କରୁଣ ଦୃଷ୍ଟି ପକାଏ ।

——*——

(ମଳାଙ୍କଥା ୨ମ ପୃଷ୍ଠା ଜତ୍ତାରୁ)

କ'ଣ ?" ବୋଲି ଯାଉଁ ରଘୁବାହାଦୁର ତୁହାଇ ଦଉଡ଼ିଲେ କେବଳ ତୁହୀ ହାଉଳି ଖାଇ ବାଉଁରୁଡ଼ ଉଦଗ୍ର ହୋଇ ଟିକେ ଚେଇଁ ଗଲେ । —"ଉଠେ ମା ଭୂତ ।"

"ନା—ନା—ମୁଁ ମରିଗଲି ନଅନ୍ତା ମରିଛି ।"

ରଘୁ ବାହାଦୁର ଯେତେ କହିଲେ ବାହାଦୁରଣୀ ନ ମାନିଲେ । ନାକରେ ହାତ ଦେଇ କହିଲେ—"ନାହିଁ ମତା ଗନ୍ଧ ଖାଇ ଏଠି ଉଠ ପଶି ଆସିଲା ଲୋ ମା—ଯାଉଁ ଠକ୍ ନ କା ସାଥ ପଡ଼ିଚାଏ—ମୋତେ ଭୂତ ମଙ୍ଗ ବସିଛି ହୋ ମା' ମାଉସୀ ମୁଁ ମରିଗଲି ମୋତେ ।"

ବଜାରଯାକେ କଲାବ ରଘୁ ବାହାଦୁରଙ୍କ ଦାଣ୍ଡରେ ଭିଡ଼; କଥା କ'ଣ ?

କେଷ୍ଟ ବାବୁଙ୍କ ଘରଣୀ ଘଟଣାଟାକୁ ପଛି ଆସି ରଘୁବାହାଦୁରଣୀଙ୍କୁ ସାନ୍ତ୍ୱନା କଲେ । ରଘୁବାହାଦୁରଣୀଙ୍କି ଭୂତ ଲାଗିଥିଲା ଏ କଥା ବାଉନ୍ଥି ଦେଖିଥିଲା ବୋଲି ବହୁ ଲୋକେ ବାନ୍ଧିଗଲେ । ଛାଡ଼ି ଦୁଇଜଣ ପୁଣି ଆଣିବାକୁ ଗଲେ । କେଏ ଗୁଣିଆ, କେଏ ଡାକ୍ତର ଡାକିବାକୁ ବାହାରିଲେ ।

ରଘୁ ବାହାଦୁରଣୀଙ୍କ ହୋସ ହେବାରୁ କେଷ୍ଟ ବାବୁଙ୍କ ସ୍ତ୍ରୀ ପଚାରିଲେ—"କେମିତି କାହିଁକି ହୋଇଥିଲା ?"

ବାହାଦୁରଣୀ କହିଲେ—"ଆମ ଘରଆଡ଼ୁ ଶବ୍ଦ ହେଲା—ଆମ ବାବୁଙ୍କୁ କିଏ ମାରି ପକାଇଲା ବୋଲି । ସେଇ କଥା ଶୁଣି ମୁଁ ଆସିଚି !"

କେଷ୍ଟ ବାବୁ ସ୍ତ୍ରୀ କହିଲେ—"ଆଉ କ'ଣ ବାହାଦୁର ହୁଅନ୍ତିର କେହି ନାହାନ୍ତି ନା ?—ଏବା ତମର କିଏସ୍ତ ରଘୁବାହାଦୁର ହୋଇଛନ୍ତି ।"

"ଏଁ—ଆଉର କି ମୋ ଘେରସ୍ତ ପରି କେଏ ବାବୁ ଅଛନ୍ତି ?"

"ହୋଇଟି ମୋ ରଘୁରଟାକୁ କେଏ ବାଡ଼େଇ ଶେଷ କରି ଦେଇଛି । ସେ କ'ଣ ଆଉ ବଞ୍ଚିବ ?"

"ହେଲେ, ମୋ ଘେରସ୍ତ ପରି ଆଉ ଏମିତି ବାହାଦୁର କେଏ ଅଛି କହିଲ ?"

"ମୋର ସେଇ ରଘୁର ନାଁ ଦେଇଥିଲି ରଘୁ ବାହାଦୁର !"

——*——

## କୁଟ୍‌କୁଟି

କମଳା—ମୁଁ ଭଲକି ଜାଣେ ବ୍ରଜବାବୁଙ୍କ ହୃଦୟରେ ମୋ ପାଇଁ ସ୍ଥାନ ଅଛି ।

ବିମଳା—ତୁ ଏକଥା କେମିତି ଜାଣିଲୁ ?

କମଳା—ଚାହିଁ କି ସେ କହନ୍ତି ସବୁବେଳେ ବସି ମୋ କଥା ଭାବନ୍ତି ।

ବିମଳା—ଏଥିରୁ ତାଙ୍କ ହୃଦୟରେ ସ୍ଥାନ ପାଇଛୁ ବୋଲି ଜାଣିଲୁ

କେମିତି—ମଣିଷ ମୁଣ୍ଡରେ ଚିନ୍ତା କରେ—ସ୍ୱା' ହେଇପାରେ ତୁ ତାଙ୍କ ମୁଣ୍ଡରେ ସ୍ଥାନ ପାଇଛୁ । × × ×

ଏକ ହାସପାତାଳରେ ଜଣେ ମେଡ଼ିକାଲ ଛାତ୍ର ଗୋଟିଏ ପ୍ରସୂତୀର ପ୍ରସବ କରୁଥିଲା । ପିଲାଟି ଜନ୍ମ ହେବା କ୍ଷଣି ଛାତ୍ର-ଡାକ୍ତର, ହାତରେ ସଦ୍ୟଜାତ ଶିଶୁକୁ ଟେକି ଧରିଲା । ମାତ୍ର ତା ଦେହରେ ଲାଳ ଲାଗିଥିବାରୁ ପିଲାଟା ଖସିଯାଇ ତଳେ ପଡ଼ିଗଲା । କପାଳକୁ ସେଠି କମ୍ବଳ ଗୁଡ଼ାଏ ଥିବାରୁ ପିଲାର କିଛି ଅସାର ହେଲାନାହିଁ ।

ତାହା ଦେଖି ସେଠାରେ ଉପସ୍ଥିତ ଥିବା ପ୍ରସୂତୀର ମାତା ସେ ଡାକ୍ତର ଛାତ୍ରଟିକୁ 'ଅସାବଧାନ' ବୋଲି ଗାଳି ଦେଲେ । ଛାତ୍ର ତତ୍‌କ୍ଷଣାତ୍ ଉତ୍ତର ଦେଲା—"ତୁମେ କଣ ଜାଣିଛ କହୁଛ କଥା ! ଆମ ଡାକ୍ତରରେ ଅଛି ପିଲା ଜନ୍ମ ହେବା ମାତ୍ରେ ତାକୁ ଏହିପରି ଥରେ କଚାଡ଼ ଦେବାକୁ ହୁଏ । ତାହା କଲେ ପିଲାର ଶ୍ୱାସକ୍ରିୟା ଆରମ୍ଭ ହୁଏ ।

Digitized by srujanika@gmail.com

## — ଅଛୁଆଁ —

**ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ୍**

ଟାଁ ଗୁହଶାଳୀ କ୍ଷାଳଦେ ଉପଢ଼ିଛୁ
ଅଛୁଁଆ ଦାସୀଅ ଚାଉଳ ନାଇଁ,
ହାତୁଁ ଯା ଶ୍ରୀଫଳ ଛୋଲା ନେଇଥିଲେ
କେ ଦେଉଳରେ ଅରକ୍ଷ-ନାହା ।

ଅହା କେତେ ହୀନମାନିଅ ତା' ଜାତି
ସବୁଙ୍କେ ସମାନେ ନାହିଁ ତା ଥାନ,
ଜାତି ଥିଲୁ କେବ ଦେଉଳେ ଦେବତା;
ତାଙ୍କ ପୁଣି କାହିଁ ତା' ଭଗବାନ ?

ଦେବତା କେବଳ ମଣିଷ ଜାତର
ଅଛୁତର ପୁଣି ଦେବତା ପ୍ରୀତ,
ତାର ଦୁଃଖ, ଅଶ୍ରୁ, ବେଦନାର କଥା
ଦେବତା ଶୁଣିବେ ଏ କେଉଁ ରୀତ ?

ଭାଗବତେ ଯେତେ ପଢ଼ନ୍ତି ଶୁଣନ୍ତି
ମଣିଷ ସାକ୍ଷାତେ ଅଛନ୍ତି ଦେବତା,
ତେବେ କି ସେମାନେ ମଣିଷ ନୁହନ୍ତି !
ସତରେ ଅଛୁଆଁ ପାପୀ ଜାତିଟା ?

ଷା ଉଇଥାଭରେ ପୂଜନ୍ତି ସଭିଏ
ପୂଜାର ବଳାର ଦେବତା-ପାଦେ,
ପୂଜା ନୁହେଁ ଖାଲି ସେ ରୀତ ମାତର
ଭକ୍ତି ଥାଏ ଭୋଗ ଥାଳୀର ପାଖେ ।

ମାଗି ଯାଚୁ ଖିଅ ଅଟେ ଦେବତା
ଭୋଗରେ ଥାଳାରୁ ଯାଉଁ ଟି ନେବ,
ଅଛୁଆଁ ଜାତର ଦାସୀଅ ଭୋଗର
ଶ୍ରୀଫଳକୁ କେତେ ଫେରାଇ ଦେବ ?

ଦେବତାର କ୍ଷୁଧା ମେଣ୍ଟାଇବା ଲାଗି
ଶତ ଭୋଗ ଥାଳା ଦୁଆରେ ତଡ଼ା,
ମନର କ୍ଷୁଧା ସେ ବୁଝିବ କେଉଁଠି ?
ନୁହେଁ କିଏ କଥ ମନର ଗଢ଼ା ?

କୁଆଁ ଅଛୁଆଁ ଏ ମଣିଷ ଜାତର
ଦେବତା ବୁଝିବ କିପରି କହ ?
ପାଷାଣ ଦେଉଳେ ଅଟଳେ ନ ପାଇ
ଅନ୍ତରେ ସତରେ ସେ ଅହରହ !

—※—

## ଜୀବନର ପୁଣ୍ୟ ପୀଠେ

**— ଶୈଳବାଳା**

ଜୀବନର ପୁଣ୍ୟ-ପଥେ ଚଳୁ
ଅହରହ ବିକଳ୍ପ ପତାକା,
ହେ ପଥିକ, ବିପଦ-ଭଣ୍ଟଲେ
ଗୃହ କର୍ପା ହୋଇଯାଅ ଥକ୍କା ?

ସତତନେ ସତ୍ୟ-ପ୍ରଦୀପଟି
ଜଳେ ଏକା ଅହରହ ଶିର,
ଉଜ୍ଜ୍ୱଳନ, ପ୍ରଫୁଲ୍ଲତା ସଦା
ସାଧନାର ପ୍ରିୟ ସହଚର ।

ଶତ ବାଧା ହେବ ଚୂର୍ଣ୍ଣିଭୂତ
ଯିବ ହଳି ଜୀବନୀ ଅନ୍ତର —
ପୁଣ୍ୟାନନ୍ଦେ ଜୀବନ ସୁନ୍ଦର
ନୁହେଁ ତାହା ବୃଥା ହା-ହା କାର ।

ଅଣୁ ଧନ—ଅସୁ ଗତ—ଅସୁ—
ମଧୁଋତୁ ପୁଣି ମହାରୌଦ୍ର,
ଗୀତ କମ୍ପ. ଉତ୍ସାହ-ପ୍ରସ୍ତରେ
ଖୋଲ ଖୋ' ଜୀବନ-ପୁଣ୍ୟ-ସୌଧ ।

Digitized by srujanika@gmail.com

# ମିଠା କଡ଼ା

ଆମ ଓଡ଼ିଶାରେ କ ଦେଶୀୟ ପ୍ରଥା ଅନୁସାରେ ନାମ ଧରିବା ବାରଣ ଥିଲା —ରଜା ଲୋକଙ୍କୁ ମୟୂରଭଞ୍ଜ ରଜା କୁହନ୍ତି ନାହିଁ। କିନ୍ତୁ ମୟୂରଭଞ୍ଜ ରଜାଙ୍କ ପ୍ରଥା ତାହା ହେଉନାହାନ୍ତି। ତେଣୁ ତାଙ୍କର ବଡ଼ ଅଡ଼ୁଆ। ପ୍ରଶ୍ନ ଉଠି ନପାରେ। ଯଦି କେହି ତ୍ରୁଟି ବୁଝେ ବୁଦ୍ଧିମ ଆଗରୁ ମାଫି ମାଗି ନେଉଛି।

କଥା ହେଲା କ'ଣ ଓ ରଜାଙ୍କର ତଳେ ନବାଏଟା ଯାଇ ଥିଲେ ସେଇ ଅନ୍ଦର କଟେ—ମାନେ bath roomକୁ। ଅଶ୍ଳୀଳ ହେବା ଭୟରେ ବୁଦ୍ଧିମ ଇଂରାଜୀରେ କହିଦେଲି। ଯଥା—ସ୍ତ୍ରୀ କହିବାଟା ଅଜକାଲି ଅଶ୍ଳୀଳ ତେଣୁ ସଭ୍ୟ ଲୋକେ wife କହନ୍ତି— ବାପ ନ କହି father କହନ୍ତି। ମା'ଟା ଅଶ୍ଳୀଳ ବୋଲି mother କହନ୍ତି। ମାନେ ଓଡ଼ିଆରେ ବାପ ମା'ଟା ନିତାନ୍ତ ଅଶ୍ଳୀଳ କଥା। ଏଥିପାଇଁ ପୁତ୍ର କନ୍ୟାମାନଙ୍କର ଲେଖା ନାହିଁ। ପ୍ରତ୍ୟେକ ମନୁଷ୍ୟ ସନ୍ତାନ ମା'ଙ୍କର ବାପ ମା' ଅଛନ୍ତି ଅଶ୍ଳୀଳତାମୂଳକ ବ୍ୟାପାର। ତେବେ ଲକ୍ଷ୍ମୀନାରାୟଣ ସାହୁ ହେମ୍ଲେଟ ସାହିତ୍ୟ ସମାଜରେ ବକ୍ତୃତା ଦେଇ କହିଥିଲେ ଯେ ଅଜ ଯାହାଟା ଅଶ୍ଳୀଳ କାଲି ସେ ଶ୍ଳୀଳରେ ପରିଣତ ହେଉଛି। ସେଥିପାଇଁ ନୈତିକ ସତ୍ୟ, ଏଇ ବାପ ମା' ଓ ସନ୍ତାନଙ୍କ ସମ୍ବନ୍ଧର ପୁରୁଣା ଅଶ୍ଳୀଳତାକୁ ଶ୍ଳୀଳ କରିବା ପାଇଁ ଇଂରାଜୀ ଶବ୍ଦ ପ୍ରୟୋଗ କରିବା ମଧ୍ୟ ସେଇଥିରେ ସତ୍ୟ। ବୁଦ୍ଧିମ କହେ, କେବଳ ସମସ୍ତ ସଭ୍ୟତା ଓ ରୁଚି ଅଶ୍ଳୀଳକୁ ଶ୍ଳୀଳ କରେନାହିଁ—ମଣିଷର ପାଖଲ ପ୍ରିୟଜଣର ଦକ୍ଷତା ମଧ୍ୟ ଅଶ୍ଳୀଳକୁ ଶ୍ଳୀଳ କରେ।

ତୁ କଥାଟା ଖଣ୍ଡିଆ ହେଲା। ରଜାଙ୍କର ତଳ। ଯାଇ ତ ଥିଲେ ଏବେ ଗୋଟାଏ ଅପକର୍ମ କରିବାକୁ। ହଗି ବସୁ ହଗି ବସୁ—ଅଜ ଗୋଟାଏ ଘଟଣା ହେଇଗଲା। ତାଙ୍କ ଅଙ୍ଗ ଲଗି ପରିସ୍ରବ, କେବଳ କରର କ'ଣ। ସେ ଅଶ୍ଳୀଳ ଘଟଣାଟିକୁ ରାଣୀଙ୍କ ପାଖରେ ଅସି କହିଲ। ମା' ରାଣୀ—ଯାହା ହବାର ତ ହେଲାଣି—ଏକଥା ଯେମିତି ବୋଲୁ ନ ପଡ଼େ। ମା ରାଣୀ କହିଲେ ଉଚିତ କଥା—ଯାହା ହବାର ତ ହେଲାଣି—ସେ ତେଣୁ ଦରବାରରେ ରଜାଙ୍କୁ ଯାଇ କହିଲେ—ଏକ। ବାହାର ପାଖରେ କହିବ ନାହିଁ। ରଜା ବଡ଼ ସାବଧାନ—ଜାଣେ କେ କାହାର ପାଖରେ କହିଦବ! ସେଇ ଭୟରେ ସେ ଆଗରୁ ମନ୍ତ୍ରୀଙ୍କୁ କହିଦେଲେ—ଦେଖ ମନ୍ତ୍ରୀ ଏକଥା ଯେମିତି କେହି ନ ଶୁଣେ। ବୁଦ୍ଧିମାନ ମନ୍ତ୍ରୀ ତହିଁ ଢେଙ୍ଗୁରା ଦେଇ ଦେଇ ରାଜ୍ୟରେ ଘୋଷଣା କରିଦେଲେ ଯେ ରଜାଙ୍କ ବସ୍ତ୍ର ହଗି ବସୁ ବସୁ ପାଡ଼ି ପଡ଼ିଗଲା ଏକଥା କେହି କାହା ଆଗରେ କହିବ ନାହିଁ। ଅତଏବ ଅଶ୍ଳୀଳ କଥା ସଭା ପରିବାରର ଜବରଦସ୍ତିତାରୁ ହେଉ ବା ମନ୍ତ୍ରୀଙ୍କ ବୁଦ୍ଧିରୁ ହେଉ ସ୍ୱରୂପରେ ପ୍ରସାରିତ ହୋଇ ଶ୍ଳୀଳରେ ପରିଣତ ହୋଇଗଲା। ଜଣେ ମନୀଷୀ କହିଥିଲେ— Success will popularize the grossest vulgarity— କିନ୍ତୁ ବାସ୍ତବରେ ଦେଖାଯାଏ—popularizing the grossest vulgarity is success. ସେଇ ଦୃଷ୍ଟିରୁ ସ୍ୱତନ୍ତ୍ର ଦେଉଳ-

ମାନଙ୍କରେ ଚନ୍ଦ୍ରଶ୍ରୀମାନଙ୍କରେ ଅଶ୍ଳୀଳ ମୂର୍ତ୍ତିର ସମାବେଶ। ସ୍ଥାନ କାଳ ପାତ୍ର ଭେଦରେ ଶ୍ଳୀଳ ଅଶ୍ଳୀଳ ଓ ଅଶ୍ଳୀଳ ଶ୍ଳୀଳ ହୋଇଯାଏ ଯାଉଛି, ଏହା ତ ସମସ୍ତେ ଦେଖୁଛନ୍ତି କିନ୍ତୁ ଦୃଷ୍ଟି କଣ ସେଥିପାଇଁ ଦୁର୍ବଳ ଅମର? ଦୃଷ୍ଟି ଘୁରିଛି ଅନ୍ୟ ଦିଗରେ। ଏବେ ସ୍ଥାନକାଳପାତ୍ର ଥାଇ ମଧ୍ୟ ଅତିବାଦୀ ଭାବରେ ଯୁଗ ଉପଯୋଗୀ ଉପାୟ ବାହାର କରିଛି ଅଶ୍ଳୀଳକୁ ଶ୍ଳୀଳ କରିବା ପାଇଁ। ଉପମାଠ ମନ୍ଦିରର ଅଶ୍ଳୀଳତାକୁ ସହ୍ୟ କରି ହୁଏନାହିଁ—ଉପେନ୍ଦ୍ର ଭଞ୍ଜଙ୍କ କବିତା ସହ୍ୟ କରି ହୁଏନାହିଁ। ଏ ଶିକ୍ଷିତ ଯୁଗରେ କିନ୍ତୁ ପ୍ରେମ କରିବାର ଅଶ୍ଳୀଳତାକୁ love କରିବାରେ, ଚୁମା ଖାଇବାର ଅଶ୍ଳୀଳତାକୁ kiss କରିବାରେ ତଥା ଉପସ୍ଥ ସ୍ଥାନମାନଙ୍କର ଓଡ଼ିଆ ନାମ ପରିବର୍ତ୍ତେ penis, testis, scrotum, anus ଇତ୍ୟାଦି ଅଶ୍ଳୀଳତାକୁ ଅବକ୍ଷରରେ ଅନାୟାସରେ ବାପ ମା ପୁଅ ଝିଅ ଭାଇ ଭଉଣୀ ସକଳେ ସକଳ ସମକ୍ଷରେ ପ୍ରକାଶ କରିବାରେ ଶ୍ଳୀଳତାର ମର୍ଯ୍ୟାଦା ରକ୍ଷା କରିବାର ଯେଉଁ ପ୍ରୟାସ ଏହାକୁ କ'ଣ କୁହାଯିବ, ତାହା ଗବେଷଣା କରିବା ଉଚିତ।

ଇଂରାଜୀରେ ଗୋଟାଏ କଥା ଅଛି—to give the dog a bad name and hang it—କିନ୍ତୁ ସେଇ କଥାଟାକୁ ଦୂରେଇ ଅଜକାଲି କହିବାକୁ ହବ to give the dog a good name and eat it. କୁକୁର ମାଂସ ଖାଇବାର ନୁହେଁ, କିନ୍ତୁ କୁକୁରକୁ କଣ ଭଲ ନାମ ଦିଆଯାଇ ଖାଇ ନପିବ କି? ଯେଉଁଟାକୁ ଆମେ ଅଶ୍ଳୀଳତା ବୋଲି କହୁଛୁ, ସେଇଟାକୁ ଆମେ ରାଧାକୃଷ୍ଣଙ୍କ ଉପରେ ଆରୋପ କରିଦେଇ ବାପ ପୁଅ, ମା ଝିଅ ଏକାଠି ବସି ଯେତେବେଳେ ଗାଇବେ—ପୀନ ପୟୋଧର ଉରସର ମର୍ଦ୍ଦନ ଚୁମ୍ବନ କଇଁଶୁକ ଶାଳୀ—ବା ମାଝ ଯାଅନି କୁଞ୍ଜ ଘଟରେ ସେତେବେଳେ କେବଳ ଅଶ୍ଳୀଳ ଶ୍ଳୀଳ ହୁଏନାହିଁ ଟାପଟା ପୁଣ୍ୟ ବି ହେଇଯାଏ। ସୃଷ୍ଟିର ମୂଳ ସଂଯୋଗଟାକୁ ଅଶ୍ଳୀଳ ବୋଲି କୁହାଯାଏ। ପୁଣି ତାକୁ ଶ୍ଳୀଳ କରିବା ପାଇଁ ବାଜା ବଜେଇ [illegible] ସାମନାରେ ଶ୍ଳୋକ ପଢ଼ି ବା ଗିର୍ଜାରେ କେମିତି ଅଗରେ ସବୁ କସ୍ତୁରୀ କରିଦେଲେ ଶ୍ଳୀଳ ହେଇଯାଏ। ତାହା ଭିତରେ କ'ଣ ପ୍ରକୃତ ଶ୍ଳୀଳତା ଅଶ୍ଳୀଳତା କେଉଁଠି? ମା' ଭିତରେ ମଣିଷର ଅନ୍ତଃକରଣର ଭାବ ପୁଞ୍ଜ ଅଛି। ମନେ ଯେତିକି ଶ୍ଳୀଳ ଅଶ୍ଳୀଳ ତୁଲ ଉଠେଇ ଉଠେଇ ଚାହିଁବ ସେତିକି ନିଜକୁ ଅଶ୍ଳୀଳ କରି ଚାଲିବ। As to the pure all things are pure ବୋଲି George Macdonald କହିଛନ୍ତି ତାଙ୍କ କଥାରେ Vulgarityର ସ୍ଥାନ ନାହିଁ ମଣିଷ ସମାଜରେ? ଅଶ୍ଳୀଳ ମନହିଁ ଅଶ୍ଳୀଳତା ଦେଖେ।

Rushkin କହିଥିଲେ— Disorder in a drawing room is vulgar, in an antiquary's study, it is not, the black battle-stain on a soldiers face is not

( ଅବଶିଷ୍ଟାଂଶ ୧୮ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com




ଏ ବର୍ଷର ପ୍ରବେଶ ହୁଅନ୍ତେ ମେଷ ମାସରେ ହଠାତ୍ ଲାଗିଲା ଜୋର୍ ପବନ ଲଗାଣ ହୋଇଲା । ଅଣଓସାର ଝଡ଼ ପବନ ବୋହିଲା! ମେଘମାଳରେ ଆକାଶ ଘୋଟିଲା । ନଦୀମାନ ବଢ଼ିଲେ । ବେଳକୂଳ ବୁଡ଼ିଲେ । ପୃଥ୍ୱୀ ଜଳମଗ୍ନ ହୋଇଲା । ଏମନ୍ତ ଅଦ୍ଭୁତ କେବେ ଦେଖା ନଥିଲା ।

ଦେଶରେ ମାରିଭୟ ମଡ଼କ ମାଡ଼ି ଆସୁଅଛଇ । ଏମନ୍ତ କାଳରେ ଉପଦ୍ରବ ଘଟିବାରୁ ସୂଚନା ମିଳଇ କି ମେଷ ରାଶିରେ ପଞ୍ଚଗ୍ରହ ଯୋଗ ହୋଇ ଥିବାରୁ ଓଡ଼ିଶା ମୁଲକକୁ ଶୁଭଯୋଗ ହୋଇଲା । ଅତଏବ ଶ୍ରୀବେଦ ବ୍ରାହ୍ମଣ ହାତରେ କହିଲେ । ଏଥିକୁ ଫଳ ସଂଗ୍ରାମ, ଉପଦ୍ରବ, ମାରିଭୟ, ଦୁର୍ଭିକ୍ଷ, ଅନାଟନ ଲେଖିଲା । ଏଅନ୍ତେ ଦେଶରେ ଦୁଧ, ମହୁ, ଶର୍କରାଦି ପଞ୍ଚାମୃତ ବରଷିବ । ଯେଉଁମାନେ ବଞ୍ଚିବେ ସେହି-ମାନେ ଏହା ପାନ କରି ଅମର ହୋଇବେ ।

+ + +

ଏ ବର୍ଷରେ ରାଜା ହୋଇଲେ ମହାତାପୀ ଅର୍କି-ରେ ମଙ୍ଗଳ । ମନ୍ତ୍ରୀ ହୋଇଲେ ଚତୁର୍ଦ୍ଦିଗ ଶୁକ୍ର । ପୁରୋହିତ ହୋଇଲେ ପଣ୍ଡିତ ବୃହସ୍ପତି, ଗୁପ୍ତଚର, ଭାନୁନନ୍ଦନ ବୁଧ ଓ ପରିଘ ହୋଇଲେ ବଣ୍ଣାଧୀ ଶନି ।

ଶୁକ୍ର ମନ୍ତ୍ରୀଙ୍କ ନୀତି କୌଶଳରେ ସଂଗ୍ରାମରେ ବିଜୟ ହୋଇବ । ବୃହସ୍ପତି ସୁଦୃଷ୍ଟିରେ ଲୋକେ ବିଦ୍ୟାବନ୍ତ ଓ ସୁସ୍ଥ ହୋଇବେ । ବୁଧଙ୍କ କରୁଣାରେ ଦେଶ ବୁଦ୍ଧିମନ୍ତ ହୋଇବ । ଶନିଙ୍କ ତେଜ ଦୃଷ୍ଟିରେ ଦୁଷ୍ଟଗଣ ତପ୍ତ ହୋଇବେ । ଗୀତାଙ୍କ ପ୍ରଥମ ତ୍ରୟୋଦଶ ଅଧ୍ୟାୟରେ ଏମନ୍ତ ପ୍ରମାଣ ହୋଇଲା । ତହୁଁ ବଣ୍ଣିବ କର ଅଗ୍ରେ ଏମନ୍ତ ପ୍ରକାଶ କଲିଁକି ଏଥିରେ ଅମ୍ବର ଖଣ୍ଡ ଖଣ୍ଡ ଘୋର ହୋଇଗଲା । ସତ୍ୟ ମିଥ୍ୟା ପ୍ରତ୍ୟକ୍ଷରେ ଜ୍ଞାତ ହୋଇବ ।

ଶୁକ୍ର ମନ୍ତ୍ରୀ ଓ ପୁରୋହିତ ଗୁରୁ ଥିବା ହେତୁ ଯେଉଁ ନୀତି ବୈରାଗ୍ୟ ଭାବ ପ୍ରକଟ ହୁଅଇ ତାହା ମଙ୍ଗଳଙ୍କ ସ୍ୱଗୃହରେ ଓ ମଙ୍ଗଳ ସହଯୋଗରେ ଏକତ୍ର ଅବସ୍ଥିତ ଯୋଗୁଁ ଭଙ୍ଗ ହୋଇବ । ମଙ୍ଗଳଙ୍କ ନବାଂଶ-ରେ ପୂର୍ଣ୍ଣ ବଳ ହେତୁ ସାମାନ୍ୟ କଳହ ମଧ୍ୟ ଉପସ୍ଥିତ ତାହାଙ୍କ ଦୃଷ୍ଟି ଫଳରେ ହୋଇବ । ବୁଧ ଦୋଷଯୁକ୍ତ ଥିବାରୁ ପ୍ରଚଣ୍ଡ ବୋଲାଇବେ । ରାହୁଙ୍କ ଅବସ୍ଥିତ ଗୋଷ୍ଠିଗତ ଭେଦ ନୀତିର କାରଣ ହୋଇବ । କେବଳ ସେ ମଙ୍ଗଳଙ୍କର ମନୋଗ୍ରହ ଥିବା କାରଣ ଉପଚୁଂଚିତ ହେବାର ଭୟ ନ ରହିବ । ରବିଙ୍କର ତୀର୍ଯ୍ୟକ ଅବସ୍ଥିତ ଯୋଗୁ କେବଳ ଅନୁନ୍ନତ ଓ ପାଳ ଅଞ୍ଚଳରେ ପ୍ରଭାବ ବିସ୍ତାର କରିବେ ।

ଏ ପଞ୍ଚଗ୍ରହ ଓ ଜନ୍ମଗ୍ରହ ସମନ୍ୱୟରେ ଯେଉଁ ବ୍ୟବସ୍ଥା ସଭାର ଆହ୍ୱାନ ହୋଇବ ତହିଁର ଗ୍ରହପତି ଓ ଉପମନ୍ତ୍ରୀ ନିର୍ବାଚନରେ ଗୋଳଯୋଗ ଲେଖୁଛି । ଗ୍ରହ-ପତିର ଆସନ ମନ୍ତ୍ରୀ ଗ୍ରହଣ କରିବାକୁ ସମ୍ବଲପୁର ବାସୀ ବୋଧହୁଏ ଅଗ୍ରାହ୍ୟ କରିବେ ତାହା ଏକ ସ୍ୱର୍ଗତ ତାହା ଉପଲକ୍ଷ ମାନ କଂଗ୍ରେସୀ, ଭୂତମନ୍ତ୍ରୀ ବିଶ୍ୱନାଥ ବିଶ୍ୱାସୀ, ଯିଶୁ ପ୍ରେମୀଙ୍କ ଭାଗ୍ୟରେ ପ୍ରାପ୍ୟ ବୋଲି ଲେଖିଲା ।

ବି: ଦ୍ର:—ଏ ଗ୍ରହ ମଣ୍ଡଳଙ୍କର ଆଲୋଚନା ଓ ବିଶଦ ଫଳାଫଳ ଅନ୍ୟ ସଂଖ୍ୟା ମାନଙ୍କରେ ପ୍ରକାଶ ପାଇବ ।




Digitized by srujanika@gmail.com



ମଜାକଥା

# ବୋମା ଓ ବାମା

ଲେଖକ:—ଶ୍ରୀ କୁବେର ଦଲାଇ ବି: ଏ:

ସେଦିନ ଦ୍ୱନ୍ଦ୍ୱର ଝଗଡ଼ାଟାବେଳେ— କେବଳ ଉଠିଥିଲା ଠେକ,
ବିଷୟଟା ଥିଲା "ବୋମା ଅବା ବାମା କିଏ ଭଲ କିଏ ପାଜି।"

ଅକ୍ଷୟ କହିଲା, "ବିଷୟ ବଦଳା, ନ ହେଲେ ପିଟିବି ମୁଣ୍ଡ,
ହାୟରେ ବିଧାତା! ଶୁଣାଇଲୁ ଏହା ଜୀଅନ୍ତା ଥାଉଁ ଏ ପିଣ୍ଡ।
ଯାହା ପାଦ-ଧୂଳି ପୂଜିବ ବୋଲି ଏ ଜୀବନ କରିଛି ପଣ,
ଆଜି ଏ କହିଲେ ଯୋଗ ଦେଇ ମୋର ପ୍ରାଣ ହେବ ଅକାରଣ।"

ଆଖି ଡୋଳା ଟେକି ବଡ଼ା ମୁହେଁ କହେ ମୋହନ ଫୁଲର ନାଶ,
"ବୋମା ପର ଅଉ ରହିଛି କାହାଠି କହ ଏତେ ଶକ୍ତି-ରସ?"
"ବାମା ଛଅଟଇ ବଇଷ ବୋମାରେ ଅଇବର ଛୁଟେଡ଼ ଚେକ,"
"ଶାନ୍ତ ଅଣିବାରେ ବୋମାର ମହିମା ମୁଖେ ମୁଖେ ଘୋଟେ ଡାକ।"

କଟମଟ କରି ଆଖି ଟୁଙ୍କି ପଡ଼ି ଅକ୍ଷୟ ଦାଅର ବଣ୍ଡ,
"ପ୍ରିୟା କରି ଯିଏ ବୋମାକୁ ରଖିବ ପାଞ୍ଚଟଙ୍କା ଯିବ ଗଡ଼ି।"

ଖୁଣ୍ଟକୁ ଅଉଜି ଉଲଟ ଉଲଟ ଟଙ୍କା କଥା ଶୁଣି କାନେ,
ଲାଲ ଗାଲ ସ୍ୱାମୀ ଚହଟି ଉଠିଲେ, "ଥାଉ ତାଙ୍କ କଥା ତେଣେ।
ଟଙ୍କା ଥୁଅ ଆଗ, ପ୍ରିୟା ବନାଇବା ଭାଇଦା ସବୁ ମୁଁ ଜାଣେ।"

ଟୋ' କରି ଦେଲା ମୋହନଟା ହସି, ଅକ୍ଷୟ ଉଠିଲା ଠେକି,
"ବାମା ନୁହେଁ, ସ୍ୱାମୀ! ପାଉଚ କି କହ ପ୍ରିୟା ରୂପେ ବୋମା ସାଜି।"

କଥାର ମତଲବ ସମଝି କହେ ସେ "ଘାଡ଼ ମୋର ଧୁଡ଼ୁଧୁଡ଼ୁ
ନୂଆ ପ୍ରିୟା କଥା ପୁରୁଣା ଶୁଣିଲେ ପିଠିରେ ଜଡ଼ିବ ଝାଡ଼ୁ।
ବୋମାକୁ ତ ମୋର ଡର ନାହିଁ ବାମା ବଡ଼ା ଗୃହିଣୀଙ୍କ ଡର,
ବୋମା ମାଡ଼େ ଥରେ ମଲେ ମୁକୁଳନ୍ତି ନ ମରନ୍ତି ଥର ଥର।"

Digitized by srujanika@gmail.com

ଚଳାବମ—

# କାହାଣୀ କଳା

( ପୂର୍ବପ୍ରକାଶିତ ଉତ୍ତାରୁ )

—ଶ୍ରୀ ରଜନୀକାନ୍ତ ଦାସ

କାହାଣୀ ରଚନାର ତତ୍ତ୍ୱଗତ—ଲେଖକର ମସ୍ତିଷ୍କ ଗତାରେ କୌଣସି ବିଶେଷ ସ୍ଥିତର କୌଣସି କଳ୍ପିତ ବା ଅନୁଭୂତ ଘଟଣାର ଯେଉଁ ପ୍ରଭାବ ପଡ଼େ, ତହିଁରେ କଥାବସ୍ତୁର ବୀଜ ନିହିତ ଥାଏ। ତେଣୁ କଥାବସ୍ତୁ ଲାଗି ଅନୁଭୂତ ପରିମାପଣୀୟ ଅଟେ। ଯେଉଁ ଲେଖକର ଅନୁଭୂତି ଯେତିକି ତୀବ୍ର, ତାହାର ରଚନାର ବାସ୍ତବିକତା ଏବଂ ସ୍ୱାଭାବିକତା ସେତିକି ବେଶୀ। Detective କାହାଣୀରେ plotsର ମହତ୍ତ୍ୱ ସବୁଠାରୁ ବେଶୀ। ଏଥିରେ plots ଉପରେ ସ୍ଥିତର କଳ୍ପନା ଅଙ୍କାଯାଏ ଏବଂ ତାର କାରଣମାନ ଅନୁସନ୍ଧାନ କରାହୁଏ।

ସୁତରାଂ ବୁଝିବାକୁ ଗଲେ, ଲେଖକର ମନୋଭାବ ଏବଂ ଭାବ କାହାଣୀ ମାଧ୍ୟମରେ ମିଶି, କାହାଣୀ ଦ୍ୱାରା ତାହା ରୂପାନ୍ତରିତ ହୁଏ। ମୂଳତଃ ପ୍ରେମ, ସାହସ, ତ୍ୟାଗ, ଗୌରବ, ସହାନୁଭୂତି, ଦୟା, ଉଦାରତା ଆଦି ବିଭିନ୍ନ ମନୋଭାବ କାହାଣୀ ଜଗତର ପ୍ରେରକ ଶକ୍ତି।

କୌଣସି ଦେଶ, କାଳ ଏବଂ ସ୍ଥିତର ଅଭିବ୍ୟଞ୍ଜନା ବି ଲେଖକକୁ କାହାଣୀ ଲେଖିବାର ବିଶିଷ୍ଟ ଉପକରଣ ପ୍ରଦାନ କରେ।

Plotsର ମୁଖ୍ୟ ଅର୍ଥ ହେଉଛି ଯୋଜନା। ତେଣୁ କାହାଣୀରେ କଥାବସ୍ତୁର ଯୋଗ୍ୟତମ ଯୋଜନା ଉପରେ ସଫଳତା ନିର୍ଭର କରେ। ଅର୍ଥାତ୍ କାହାଣୀରେ ଯେଉଁ ଘଟଣା ବା କାର୍ଯ୍ୟ ବର୍ଣ୍ଣିତ ହୁଏ, ତାହାକୁ ବିଷୟର କ୍ରମ ଅନୁସାରେ ଏବଂ ଭିନ୍ନ ପାତ୍ର ପାତ୍ରୀଙ୍କ ଯୋଗ୍ୟତା ଅନୁସାରେ ଲେଖକ ସ୍ଥାପନ କରିବା ଉଚିତ। କାହାଣୀରେ ବର୍ଣ୍ଣିତ ଘଟଣାକୁ ଏକ ଏକର କ୍ରମରେ ସଜ୍ଜିତ ରଖିବାକୁ ହେବ, ଯେଉଁଥିରେ ଘଟଣାର ପ୍ରତ୍ୟେକ ଅବୟବ ଭିତରେ ସାଦୃଶ୍ୟ ଏବଂ ବାସ୍ତବିକତା ଥିବ।

କାହାଣୀର କଥାବସ୍ତୁର ସଫଳତା ପାଇଁ ତହିଁ ବର୍ଣ୍ଣିତ ପାତ୍ରର କାର୍ଯ୍ୟ ଏବଂ ଚରିତ୍ର ନିରୁଦ୍ଦେଶ୍ୟ ଏବଂ ଘଟଣାର ଅବାନ୍ତର ନହେବା ଉଚିତ।

କାହାଣୀର ଯେଉଁ ସ୍ଥଳରେ ପାଠକର ପୂର୍ଣ୍ଣମାତ୍ରାରେ ଉଦ୍‌ବୋଧନ ହୁଏ, ତାହାହିଁ କଥାବସ୍ତୁର Climax ବା ଚରମସ୍ଥଳ। ଯେତେବେଳେ କାହାଣୀ ତାର ଅନ୍ତର୍ନିହିତ ଉଦ୍ଦେଶ୍ୟର ଏଭଳି ଗଭୀର ଏବଂ ଚରମସ୍ଥଳୀରେ ଉପନୀତ ହୁଏ, ତେବେ କାହାଣୀର ସେଇଠାରେହିଁ ଶେଷ ହୋଇଯିବା ଉଚିତ। Climaxର ଅନୁଭବ ପରେ ପାଠକର ବର୍ଣ୍ଣନା ଭିତରେ ଆଉ ଅଧିକ ଦୂର ଯିବାର ଇଚ୍ଛା ରହେନାହିଁ। ସୁତରାଂ କାହାଣୀର Climax ପରେ ଲେଖକର ପାଠକ ପାଖରେ ଆଉ କଲମର କସରତ୍ ଦେଖାଇବା ଏକ ସ୍ୱଳ୍ପତର କଳା ଅନଭିଜ୍ଞତା ଏବଂ ଅଯୋଗ୍ୟତା।

ଯଦି କାହାଣୀ ଲେଖକର ଏତିକି ଶକ୍ତି ଅଛି ଯେ, ସେ ନିଜ କାହାଣୀ ଶେଷରେ ପାଠକକୁ ଅଭିଭୂତ ଏବଂ କୌତୂହଳାନ୍ୱିତ କରି ପାରିବ, ତେବେ ବୁଝିବାକୁ ହେବ ତାହାହିଁ ବାସ୍ତବରେ ଲେଖକର ସର୍ବଶ୍ରେଷ୍ଠ ଯୋଗ୍ୟତା ଏବଂ କଳା। ତଥାପି 'ଶ୍ରେଷ୍ଠ କାହାଣୀମାନଙ୍କରେ କଳାର ବିକାଶ, 'କେବଳ ଏଭଳି କୌତୂହଳ ଉପରେ ନିର୍ଭର କରେନାହିଁ।

ତେଣୁ କାହାଣୀର ଆରମ୍ଭରୁ ବିଷୟ ବର୍ଣ୍ଣନା ଏପରି କ୍ରମରେ ରହିବା ଉଚିତ, ଯେଉଁଥିରେ କି ପାଠକର ରୁଚି କ୍ରମଶଃ ବଢ଼ି ବଢ଼ି ଯିବ। କାହାଣୀର ମୂଳ ବିଷୟ ଶୁଷ୍କ କିମ୍ବା ଅବାନ୍ତର ହେଲେ, ପାଠକ Climax ପର୍ଯ୍ୟନ୍ତ ଅଗ୍ରସର ହେବାକୁ ଉତ୍ସାହିତ ହୋଇ ପାରେ ନାହିଁ।

## କାହାଣୀର ରଚନା ପ୍ରଣାଳୀ—

କାହାଣୀ ରଚନା ଅନ୍ୟୂନ ନିମ୍ନଲିଖିତ ୪ ପ୍ରଧାନ ଲୋକପ୍ରିୟ ପଥରେ ପ୍ରଚଳିତ:—

( ୧ ) ଐତିହାସିକ ପଦ୍ଧତି।
( ୨ ) ଆତ୍ମ-କଥା ପଦ୍ଧତି।
( ୩ ) କଥୋପକଥନ ପଦ୍ଧତି।
( ୪ ) ପତ୍ରାତ୍ମକ ପଦ୍ଧତି।

( ୧ ) ଐତିହାସିକ ପଦ୍ଧତି:—ଏହି ପଦ୍ଧତିରେ ଲେଖକ ପାତ୍ରମାନଙ୍କୁ ପାଠକ ସମ୍ମୁଖରେ ଆଣି ଠିଆ କରାଇଦିଏ, କିନ୍ତୁ ସେ ନିଜେ ନିରପେକ୍ଷ ରହେ ଏବଂ ପାତ୍ରମାନଙ୍କ ବିଷୟ ଏକ ଇତିହାସକାର ପରି ବର୍ଣ୍ଣିତ କରିଯାଏ। ଏହି ପ୍ରଣାଳୀ ସଂସାରରେ କାହାଣୀ ଜଗତର ସବୁଠାରୁ ଅଧିକ ପ୍ରଚଳିତ ଏବଂ ଅଭ୍ୟସ୍ତ ପଦ୍ଧତି। ଏହି ପ୍ରଣାଳୀର ଅନ୍ତର୍ଗତ ଲେଖକକୁ ଯଥେଷ୍ଟ ସ୍ୱାତନ୍ତ୍ର୍ୟ ମିଳେ। ଲେଖକ ବହୁତ ସ୍ୱତନ୍ତ୍ରତା ପୂର୍ବକ ଘଟଣା ଚିତ୍ର ଅଙ୍କି ପାରେ।

( ୨ ) ଆତ୍ମକଥା ପଦ୍ଧତି:—ଏହି ପଦ୍ଧତି ଅନୁସାରେ ଲେଖକ ସ୍ୱୟଂ ପାତ୍ରର ସ୍ଥାନ ଗ୍ରହଣ କରି ୧ମ ପୁରୁଷରେ ଲେଖେ। ଏହା ଏକ ପ୍ରକାର ଜୀବନ ଚରିତ ହୁଏ। ଏହି ପ୍ରଣାଳୀର ଅନ୍ତର୍ଗତ ଲେଖକ ସ୍ୱତନ୍ତ୍ରତା ପୂର୍ବକ ବର୍ଣ୍ଣନା କରିପାରେ ନାହିଁ। ତାହାକୁ ଆତ୍ମ କଥାରେ ବର୍ଣ୍ଣନା ଭିତରେ ନିଜର ରଚନା ରଖିବାକୁ ପଡ଼େ।

( ୩ ) କଥୋପକଥନ ପଦ୍ଧତି:—ଏହି ପଦ୍ଧତିର ଅନ୍ତର୍ଗତ ଲେଖକ କଥୋପକଥନ ଦ୍ୱାରା ନିଜର କାହାଣୀ ଆରମ୍ଭ କରେ। ସେ କଥୋପକଥନ ମାଧ୍ୟମରେ ଘଟଣାର plots ଯୋଜନା କରି କାହାଣୀ ବିକଶିତ କରାଏ। ଏହି ପ୍ରଣାଳୀର ଅନ୍ତର୍ଗତ ପାତ୍ର ଆପଣାର ପରିଚୟ ସ୍ୱୟଂ ଦିଏ, କିମ୍ବା ମଧ୍ୟେ ମଧ୍ୟେ ଲେଖକ ଦ୍ୱାରା ଦିଆଯାଏ।

( ୪ ) ପତ୍ର ପ୍ରଣାଳୀ:—ଲେଖକ ପତ୍ର ରୂପରେ ନିଜେ ପାତ୍ର ହିସାବରେ ବା ପାତ୍ରଦ୍ୱାରା କାହାଣୀ ବର୍ଣ୍ଣନା କରେ। ଏଥିରେ ଘଟଣାର ପୂର୍ଣ୍ଣ ବର୍ଣ୍ଣନା କିମ୍ବା ଚରିତ୍ର ଚିତ୍ରଣ ନିଃଶେଷ (Exhausted) ଭାବରେ ହୋଇ ପାରିବା ଅସମ୍ଭବ। ଏହାଦ୍ୱାରା ଲେଖକର ରଚନା ସ୍ୱାତନ୍ତ୍ର୍ୟ ରହେନାହିଁ। ଏହା କାହାଣୀ ଜଗତର ସବୁଠାରୁ ଅପ୍ରଚଳିତ ପଦ୍ଧତି।

Digitized by srujanika@gmail.com

vulgar but the dirty face of a house maid is. ସୁତରାଂ ଯେଉଁ ଗୁଣଗୁଡ଼ିକ ସ୍ଥାନକାଳପାତ୍ରର ତାରତମ୍ୟରେ ନିଜର ନିଜତ୍ୱ ରକ୍ଷିପାରେ ନାହିଁ । ତାକୁ ଅଟଳ ନିର୍ଣ୍ଣୟ ନ କହିବା କାହିଁକି ? ଅଶ୍ଳୀଳତାର ରୂପ ନାହିଁ କିମ୍ବା ସେଟା କାହାର ଗୁଣ ମଧ୍ୟ ନୁହେଁ—ସେଟା ହୁଏତ ମନର ଭୂତ ।

ଆମ ହିନ୍ଦୁ ସଭ୍ୟତାର ଅଶ୍ଳୀଳତା ସମ୍ବନ୍ଧରେ ଦେଖିବାକୁ ଗଲେ କାବ୍ୟ ପ୍ରକାଶରେ ଦିଆ ଅଶ୍ଳୀଳଂ—ଦ୍ୱିଧେତି ବ୍ରୀଡ଼ାଜୁଗୁପ୍ସାମଙ୍ଗଳବ୍ୟଞ୍ଜକତ୍ୱାତ୍—ସାହିତ୍ୟ ଦର୍ପଣରେ ମଧ୍ୟ—ସାଧନ, (ପୁଂଲିଙ୍ଗ) ବାୟୁ (ଅପାନ) ଓ ବିନାଶ (ସ୍ତ୍ରୀଲିଙ୍ଗ ଅର୍ଥ)କୁ ଅଶ୍ଳୀଳ ଧରାଯାଇଛି । ନବରସ ମାନଙ୍କରୁ ଶ୍ରେଷ୍ଠ ଅଟେ ଶୃଙ୍ଗାର ଯଦି ଅଶ୍ଳୀଳତାର ପର୍ଯ୍ୟାୟ ଭିତରେ ଧରାଯାଏ ତେବେ ହୁଏତ କାବ୍ୟର ଏକ ଧାରା ସୃଷ୍ଟି କରିବାକୁ ପଡ଼ିବ । ତାଛଡ଼ା କେହି ଶୃଙ୍ଗାରକୁ ଅଶ୍ଳୀଳ ବୋଲି ନ କହି ସୁନ୍ଦର ବୋଲି କହିବା କି ଠିକ୍ ନୁହେଁ ? ପ୍ରତିଦିନ ସମ୍ଭୋଗର ବର୍ଣ୍ଣନା ଭଲ କୁହାଯାଇ ଅଶ୍ଳୀଳ ବୋଲି କହିବା କିପରି । ବାପୁ ନିର୍ମଳ ହାସ୍ୟରସରେ ଗ୍ରହଣ କଲେ କ୍ଷତି କଣ ?

ଅତଏବ ଅଶ୍ଳୀଳତା ସମ୍ବନ୍ଧରେ ଯେତେ ଅଧିକ ଗବେଷଣା କରାଯିବ, ଦେଖାଯିବ ଯେ ଅଶ୍ଳୀଳତାଟା ସେତିକି ଜଟିଳ ସେତିକି ତାର ମିଥ୍ୟାରୂପ ଗଢ଼ି ଉଠୁଛି ଆଉ ଯେଉଁଠି ତାକୁ ଧରି ହେଲା ଯାଉଥିବା ସେତିକି ସେ ଟିକେ ଟିକେ ସୂକ୍ଷ୍ମ ହୋଇଯାଏ ! ତେବେ ପ୍ରକୃତ ଅଶ୍ଳୀଳତା କ'ଣ—ତାର ରୂପ କିପରି ଓ ସେ କେଉଁଠି ଥାଏ ? କହି ହେବ ନାହିଁ ।

Carlyle କହନ୍ତି— The vulgarity of inanimate things requires time to get accustomed to, but living, breathing, bustling, plotting, planning, human vulgarity is a species of moral ipecacuanha, enough to destroy any Comfort.

ବାସ୍ତବରେ ମଣିଷ ଆଜିକାଲି ଅଶ୍ଳୀଳତାକୁ ଯେତିକି ଦୃଷ୍ଟି ଦେଉଛି ସେତିକି ଉପେକ୍ଷା କରି ଯାଉଛି ଭିତରର ଅଶ୍ଳୀଳତାକୁ । ଭିତରର ଅଶ୍ଳୀଳତାଟା ପ୍ରକାଶ ପାଏ ବାହାରର ଅଶ୍ଳୀଳତାରେ । ବାହାରର ଅଶ୍ଳୀଳତାକୁ ଦେଖାଇ ଭିତରର ଅଶ୍ଳୀଳତାକୁ ଲୁଚେଇ ରଖିବାର ଅର୍ଥ ଆତ୍ମ ପ୍ରତାରଣା ।

କୌଣସି ଗୋଟାଏ ଶବ୍ଦ ଅଶ୍ଳୀଳ ହୋଇପାରେ, ନ ହୋଇ ବି ପାରେ । କିନ୍ତୁ ଅଶ୍ଳୀଳ ବୋଲି ଗ୍ରହଣ କରି ତାକୁ ଅନ୍ୟ ଏକ ଶ୍ଳୀଳ ଶବ୍ଦ ଭିତରେ ଚାପି ଦେଇ ସେ ଅଶ୍ଳୀଳତାକୁ ଶ୍ଳୀଳତାରେ ପରିଣତ କରିବାର ଅର୍ଥ ନିର୍ଭେଜାଲ ଆତ୍ମ ପ୍ରବଞ୍ଚନା । ତଦ୍ୱାରା ଜାତିର ଅଶ୍ଳୀଳ ମନୋଭାବକୁ ଲୁଚାଇ ରଖିହୁଏ, ନିଜର ସଂସ୍କୃତ ମନୋଭାବ ଓ ନୀଚତା ଗ୍ରନ୍ଥି ( inferiority complex )କୁ ମଧ୍ୟ ଲୁଚାଇବାର ଅଯଥା ଚେଷ୍ଟା କରାଯାଏ କେବଳ ହାସ୍ୟାସ୍ପଦ ହେବାପାଇଁ ।

ତେଣୁ ଅଶ୍ଳୀଳତା ପ୍ରକୃତ ଅଶ୍ଳୀଳତାଠାରୁ ବିଶେଷ ଅସଭ୍ୟ ହୋଇ ନାହିଁ ଯେ ଅସଭ୍ୟ ହେଉଛି ଅଶ୍ଳୀଳକୁ ଶ୍ଳୀଳ ସାଜସଜ୍ଜା କରିବାର ଛଳ କୌଶଳ—ଯାହା ସଭ୍ୟତାର ବାଧକ ସାଜେ ।

ସମାଜର ଏଇଟାହିଁ ହୀନ ମନୋବୃତ୍ତି—ଏଇଟାହିଁ ଯୁଗଯୁଗର ମୌଳିକ ଅସଭ୍ୟତା, ଅଶ୍ଳୀଳତା ।


## ଜଗତ ବିଖ୍ୟାତ ପେଟେଣ୍ଟ ମହୌଷଧ

ଭ୍ରମରମାରୀ—ଦେବଦୁର୍ଲ୍ଲଭ ମୃତସଞ୍ଜୀବନୀ ତୁଲ୍ୟ ଅମର ଔଷଧ । ଏହା ଭାଗ୍ୟବଶତଃ ମିଳେ । ପୃଥିବୀରେ କୁଷ୍ଠରୋଗୀଙ୍କୁ ପୁନର୍ଜନ୍ମ ଦାନ କରିବାରେ ଏହା ଏକମାତ୍ର ଦେବଦତ୍ତ ବରପ୍ରସାଦ । ଏହାର ଅବ୍ୟର୍ଥ ଗୁଣ, ଅମୋଘ ଶକ୍ତି—ସଞ୍ଜୀବନୀ ମହିମା ଭୁବନ ବିଖ୍ୟାତ । ଏପରି ସଞ୍ଜୀବନୀ ମହୌଷଧ ଜଗତରେ ଅନ୍ୟତ୍ର ମିଳେ ନାହିଁ । ଶହ ଶହ ନିରାଶ ମୁମୂର୍ଷୁ କୁଷ୍ଠ ରୋଗୀଙ୍କର ପୁନର୍ଜନ୍ମ ପ୍ରଦାନ କରିଅଛି । ଭ୍ରମରମାରୀ ଲେହ୍ୟ ଏକମାସ ବ୍ୟବହାର କରିବା ପାଇଁ ୧୬ ତୋଳା ଶିଶି ଟ ୧୦୲ । ଭ୍ରମରମାରୀ ତୈଳ ୪ ଆଉନସ ଶିଶି ଟ ୫୲ ମାତ୍ର । ଏହି ଦୁଇଟି ମହୌଷଧ ପ୍ରତ୍ୟେକ ରୋଗୀଙ୍କର ଆବଶ୍ୟକ । ଦୁଃସାଧ୍ୟ ବହୁକାଳର କୁଷ୍ଠରୋଗ ନିବାରଣାର୍ଥେ ଲେହ୍ୟ ଓ ତୈଳ ସଙ୍ଗେ ଭ୍ରମରମାରୀ ଅର୍କ ମଧ୍ୟ ବ୍ୟବହାର କରିବା ସର୍ବୋତ୍କୃଷ୍ଟ । ଏ ଅର୍କ ୪ ଆଉନସ ଶିଶି ଟ ୧୫୲ । ଶ୍ୱେତ କୁଷ୍ଠ ବିଧ୍ୱଂସକ ଭ୍ରମରମାରୀ ଚୂର୍ଣ୍ଣ ୪ ତୋଳା ଶିଶି ଟ ୧୦୲ ମାତ୍ର । ବହୁକାଳର ଦୁଃସାଧ୍ୟ ଏକଜିମା ଚର୍ମକୁଷ୍ଠ ଖାଜୁ କୁଣ୍ଡିଆ କୁଷ୍ଠ ଘା ନିବାରଣ ପାଇଁ ଭ୍ରମରମାରୀ ମଲମ ୪ ତୋଳା ଟ ୫୲ ମାତ୍ର । କେବଳ ରକ୍ତ ଶୁଦ୍ଧି ପାଇଁ ଓ ସନ୍ଦେହ କୁଷ୍ଠ ନିବାରଣ ପାଇଁ ଭ୍ରମରମାରୀ ବଟିକା ସର୍ବୋତ୍କୃଷ୍ଟ । ୬୪ ବଟିକାର ମୂଲ୍ୟ—ଟ ୮ (ଅଠଟଙ୍କା ମାତ୍ର । ଏହି ମହୌଷଧ ସମସ୍ତ କେବଳ ଆମ୍ଭଠାରେ ମିଳେ ।

ରାଜବୈଦ୍ୟ ବି, ଏସ୍, ରାଓ

ଗଞ୍ଜାମ ଆୟୁର୍ବେଦିକ୍ ଫାର୍ମେସୀ, ରଙ୍ଗପେଠ, ବ୍ରହ୍ମପୁର (ଗଞ୍ଜାମ)


Digitized by srujanika@gmail.com



( ଏହି ଖବର ଗୁଡ଼ିକ ଦେଶ ସ୍ୱାଧୀନ ହେବା ପୂର୍ବରୁ ସଂଗୃହୀତ ହୋଇ ଯୋଜନା ନାମକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏହାର ଜନ୍ମ ହାଓ୍ୱାରେ ହୋଇଥିବାରୁ ପାଠକଗଣ ଏହାକୁ ହାଲୁକା ଭାବରେ ନେଇ ହାସ୍ୟରସ ଭାବେ ଆସ୍ୱାଦନ କରିବେ । )

ବୋମ୍ବେର କୌଣସି ଫିଲ୍ମ କମ୍ପାନୀ ଓଡ଼ିଶାର କେନ୍ଦ୍ର ଅସେମ୍ବ୍ଲି ମେମ୍ବର ଦୁଇଜଣଙ୍କୁ ନାୟକ ରୂପରେ ଅଭିନୟ କରିବାକୁ ଡାକିଛନ୍ତି ।

\+ + +

ଏକ ଗଣନା ଦ୍ୱାରା ଜଣା ପଡ଼ିଛି ଯେ ବାଲେଶ୍ୱରରେ ନଳିନୀବାବୁ କଲେକ୍ଟର ହେବା ଦିନରୁ ଏ ଜିଲ୍ଲାର ବୃଦ୍ଧି ସଂଖ୍ୟା କମି ଯାଇଛି ।

× × ×

ଅଧିକ-ଖାଦ୍ୟ ଉତ୍ପାଦନ କର (Grow-more-food) ଗଣନା ଅନୁସାରେ ଓଡ଼ିଶାର କ୍ଷେତ୍ରଫଳ ବଢ଼ି ଯାଇଛି ।

\+ + +

ବାଲେଶ୍ୱର ଜିଲ୍ଲାବୋର୍ଡ କର୍ମଚାରୀମାନେ ଚେୟାରମ୍ୟାନ ହନିଫ ମିଆଁଙ୍କର ସ୍ଥାୟିତ୍ୱ ପାଇଁ ପୀରଙ୍କ ପାଖରେ ଶିରିଣୀ ଭୋଗ କରିଥିଲେ । ଫଳରେ ନିର୍ବାଚନରେ ସେ ହାରିଲେ ।

× + ×

ମାନ୍ୟବର ମହତାବ ନିଃସନ୍ତାନ ଥିବାରୁ କୌଣସି ଓଡ଼ିଶୀ ରଜା ତାଙ୍କର ରାଜ୍ୟ ଓ କନ୍ୟା ଉଭୟ ଦେବାକୁ ପ୍ରସ୍ତାବ ଦେଇଛନ୍ତି । ଅନ୍ୟାନ୍ୟ ରଜାମାନେ ତାହା ସମର୍ଥନ କରିଛନ୍ତି । କିନ୍ତୁ ମହତାବ ବାଗ୍‌ଦତ୍ତ' ନଥିବାରୁ ସେ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିଛନ୍ତି ।

\+ + +

ମନ୍ତ୍ରୀ ମହାଶୟ ନବକୃଷ୍ଣ ଚୌଧୁରୀ ଛ'ମାସ ଭିତରେ ଜମିଦାରୀ ଉଠାଇ ଦେବେ ବୋଲି ଯେଉଁ ଧମକ ଦେଇଛନ୍ତି—ଏହା ଫଳରେ ଜମିଦାର ମହାଶୟାମାନେ ମନ୍ତ୍ରୀ ମଣ୍ଡଳଙ୍କ ପାଖରେ ଆବେଦନ କରିଛନ୍ତି କି ଜମିଦାରୀ ଲୋପ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାମୀମାନଙ୍କୁ ସପ୍ଲାଇ ଡିପାର୍ଟମେଣ୍ଟରେ ଚାକିରି ଦିଆଯାଉ ଓ କେତେଜଣ ବଡ଼ ଜମିଦାରଙ୍କ ମହାଶୟା ସେମାନଙ୍କ ସ୍ୱାମୀ ଶିକ୍ଷିତ ଅନୁପଯୁକ୍ତ ଲାଗି ଓଡ଼ିଶା ଟେକ୍ସଟାଇଲ ମିଲର ଡିରେକ୍ଟରମାନଙ୍କୁ ଦ୍ୱିତୀୟ ପତିରୂପେ ବରଣ କରିବା ଲାଗି ଦାବି କରିଛନ୍ତି । ମହତାବ ଏ ଆବେଦନରେ ବିବ୍ରତ ହୋଇ ପଡ଼ିଛନ୍ତି ।

\+ + +

ଭୂତ ସ୍ପିକର ମୁକୁନ୍ଦ ପ୍ରସାଦ ଦାସ ଧର୍ମର ଗ୍ରନ୍ଥ କରିବାରେ ମନ ଦେଇଛନ୍ତି । ସେ ୫ଟି ଉତ୍କୃଷ୍ଟ ଧର୍ମର ନାଟକରେ ଲାଟ ସାହେବଙ୍କୁ ଉପଢୌକନ ସ୍ୱରୂପ ଦେବେ ବୋଲି ସ୍ଥିର କରିଛନ୍ତି ।

\+ + +

ଦାନଗୋଇ ଡେଭଲପମେଣ୍ଟ ବିଭାଗର ମନ୍ତ୍ରୀ ହେବାରୁ ଓଡ଼ିଶାରେ ଚରୁଣି ଶିଳ୍ପର ପ୍ରସାର ଘଟିବ । ଏବଂ ତାହା ବଡ଼ଦାଣକୁ ପ୍ରସାରିତ ହେବ ବୋଲି ଶୁଣାଯାଏ ।

\+ + +

ପରିଜା ସାହେବଙ୍କ କାମ କମ ଓ ଦରମା ନଅଣ୍ଟ ହେବାରୁ ଓଡ଼ିଶା ସରକାର ତାଙ୍କୁ ଇଉନିଭରସିଟି ଟ୍ରେନିଂ କୋରରେ କମାଣ୍ଡାଣ୍ଟ ନିଯୁକ୍ତ କରିବେ ବୋଲି ବିଚାରୁଛନ୍ତି । ସେ ଦୁଇଥର ଘରେ ରାଇଫଲ ଡ୍ରିଲ କରି ଏବେ ହାତ ଠିକ୍ କରିବା ଲାଗି କନିକା ଜଙ୍ଗଲକୁ ଶିକାର କରିବା ଲାଗି ଯାଇଥିଲେ ।

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜୀବନ ପଥରେ ଚଳାଇବା ଚରିତ୍ରଗଠନ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଭରଭ'ର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

## ପଙ୍ଗୁର ଗିରି ଲଂଘନ ।

ଭଗବାନଙ୍କ କୃପାରେ ମୂକ ବାଚାଳ ହୁଏ ଏବଂ ପଙ୍ଗୁ ମଧ୍ୟ ଗିରି ଲଂଘନ କରେ ବୋଲି ଶାସ୍ତ୍ରରେ ଯାହା ଲେଖା ଅଛି, ତାହା ପ୍ରକୃତ ସତ୍ୟ । ମୁଁ ଆଜି ଗୋଟିଏ ପଙ୍ଗୁର ସଂକ୍ଷେପ କାହାଣୀ କହିବି ।

ଲର୍ଡ଼ ବଡ଼େନ ପାଓଏଲଙ୍କ ଦ୍ୱାରା 'ବୟସ୍କାଉଟ୍ ଆନ୍ଦୋଳନ' ହେବା ପୂର୍ବରୁ ଆମେରିକାରେ 'ସ୍କାଉଟିଂ' ଶବ୍ଦର ପ୍ରଚଳନ ଥିଲା । ବର୍ତ୍ତମାନ ସ୍କାଉଟ୍ କହିଲେ ଏକ ଶ୍ରେଣୀର ସ୍ୱେଚ୍ଛାସେବକ ବୁଝାଏ । ଏହି ମହାସମରରେ ବୟସ୍କାଉଟ୍ ଶ୍ରେଣୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ସୃଷ୍ଟି କରିଅଛି । ଯାହାଙ୍କ କଥା କହୁଛି ସେ ଜଣେ ପଙ୍ଗୁ ହୋଇ ମଧ୍ୟ ତାଙ୍କର ଅପୂର୍ବ କୃତିତ୍ୱ, ଅଧ୍ୟବସାୟ ସଂଗଠନ ଓ ପରିଚାଳନା ଶକ୍ତି ବଳରେ ସେହି ବିଶାଳ ଦେଶର ସ୍କାଉଟ୍ ଦଳର ନେତା ହୋଇ ଯାଇଛନ୍ତି । ଯୁକ୍ତରାଜ୍ୟର ସ୍କାଉଟ୍ ସଂଖ୍ୟା ଦଶଲକ୍ଷରୁ କମ୍ ନୁହେଁ । ଏହି ଦଶଲକ୍ଷ ବାଳକ ବା ଲୋକଙ୍କ ଉପରେ ନେତୃତ୍ୱ ମଧ୍ୟ କମ୍ କଥା ନୁହେଁ । ୩୫ ବର୍ଷ ପୂର୍ବେ ସେ ଦେଶର ସ୍କାଉଟ ୧୨ଟିରୁ ବେଶୀ ବାଳକ ନଥିଲେ । ଗୋଟିଏ ଅବାଲ୍ୟ ପଙ୍ଗୁର ଉଦ୍ୟମରେ ସେହି ଦଳର ସଦସ୍ୟ ଆଜି ଦଶଲକ୍ଷ ।

ତାଙ୍କ ନାମ ଜେମସ୍ ଉଏଷ୍ଟ । ଜେମସ୍‌ଙ୍କ ଜନ୍ମ ପୂର୍ବରୁ ପିତା ମୃତ । ବିଧବା ମା' ସିଲେଇ କାମ କରି ଉଭୟଙ୍କର ଭରଣ ପୋଷଣ କଲେ । ଛ' ବର୍ଷ ବୟସରେ ମା'ଙ୍କର ମଧ୍ୟ ମୃତ୍ୟୁ ହୋଇଲା । ଜଣେ ପିତୃ ମାତୃହୀନ ଅସହାୟ ଛ' ବର୍ଷର ବାଳକର ବର୍ତ୍ତମାନ ଅବସ୍ଥା କଳ୍ପନା କରାଯାଇ ପାରେ । ତେବେ, ଏପର୍ଯ୍ୟନ୍ତ ଜେମସ୍ ସୁସ୍ଥଥିଲେ, ପଙ୍ଗୁ ବା ବିକଳାଙ୍ଗ ହୋଇ ନଥିଲେ । ଅବଶେଷରେ ଵାଶିଂଟନ ସହରର ଏକ ଅନାଥ ଆଶ୍ରମ ତାଙ୍କୁ ଆଶ୍ରୟ ଦେଲା । ଅଳ୍ପକାଳପରେ ସେ ଖୋଟେଇ ଖୋଟେଇ ଚାଲିଲେ । ଆଶ୍ରମ କର୍ତ୍ତୃପକ୍ଷ ଭାବିଲେ ଭଲ ବ୍ୟବହାର ପାଇବା ଆଶାରେ ସେ ପଙ୍ଗୁତାର ଛଳନା କରୁଅଛନ୍ତି । ତେଣୁ କର୍ତ୍ତବ୍ୟ କର୍ତ୍ତୃପକ୍ଷ ବେତ୍ରାଘାତର ବ୍ୟବସ୍ଥା କଲେ । କିନ୍ତୁ କିଛି ଉପକାର ନ ହେବାରୁ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଇଲେ । ଚିକିତ୍ସକ କହିଲେ ଯକ୍ଷ୍ମା ରୋଗାକ୍ରାନ୍ତ ଜାନୁଗଣ୍ଠି ଏପରି ହୋଇଅଛି । ତେଣୁ ତିନି ବର୍ଷ ପର୍ଯ୍ୟନ୍ତ ଚିକିତ୍ସା ପାଇଁ ହସ୍‌ପିଟାଲରେ ରଖାଗଲା । କିନ୍ତୁ ଚିକିତ୍ସକମାନେ ଏ ପଙ୍ଗୁତା ଅସାଧ୍ୟ ବୋଲି ଜଣାଇ ଅନାଥାଶ୍ରମକୁ ନେଇ ନେବାପାଇଁ ଖବର ଦେଲେ । ଅନାଥାଶ୍ରମ ସେବାକୁ ଅସ୍ୱୀକାର କଲେ । ତେଣୁ କାହାକୁ କିଛି ନକହି ହସ୍‌ପିଟାଲର ଲୋକ ତାଙ୍କୁ ଆଶ୍ରମର ଦ୍ୱାରଦେଶରେ ଅସହାୟ ଭାବରେ ଛାଡ଼ିଦେଇ ଆସିଲେ । ଅବଶେଷରେ ଏକାନ୍ତ ଅନିଚ୍ଛା ସତ୍ତ୍ୱେ ଆଶ୍ରମ ତାଙ୍କୁ ଗ୍ରହଣ କରିବାକୁ ବାଧ୍ୟ ହେଲା । ବେଶୀ ପଙ୍ଗୁ ହୋଇ ଯାଇଥିବାରୁ ତାଙ୍କର କର୍ତ୍ତବ୍ୟ ବାଳକମାନଙ୍କ ମଧ୍ୟରେ କରିପାରିଲେ ନାହିଁ । ତେଣୁ ତାଙ୍କୁ ଅନାଥା ବାଳିକା ମାନଙ୍କ ମଧ୍ୟରେ ରଖାଗଲା । ଏହି ସମୟରେ ଜେମସ୍‌ଙ୍କ ସ୍ୱର୍ଗୀୟା ମାତାଙ୍କର ଜଣେ ବନ୍ଧୁ ମିସେସ୍ ମ୍ରିୟର ତାଙ୍କର ଶୋଚନୀୟ ଅବସ୍ଥା ଦେଖି ତାଙ୍କୁ ନିଜ ଗୃହକୁ ନେଇଗଲେ । ସେ ଛୋଟ ପିଲାମାନଙ୍କ ପାଇଁ ଖଣ୍ଡେ ଗଳ୍ପ ପୁସ୍ତକ ଲେଖିଥିଲେ । ଜେମସ୍‌ଙ୍କ ମତାମତ ଜାଣିବାକୁ ସେ ସେଖଣ୍ଡି ତାଙ୍କୁ ଉପହାର ଦେଲେ । ଜଣେ ବିକୃତାଙ୍ଗ ଅନାଥର ସ୍ୱାଧୀନ ମତାମତର ମୂଲ୍ୟ ଅଛି ବୋଲି ଜେମସ୍ ସେହିଦିନ ବୁଝିପାରିଲେ ।

ବୟସ୍କ ଥିବାରୁ ତାଙ୍କୁ ଅନେକ କାର୍ଯ୍ୟ କରିବାକୁ ଦିଆଯାଉଥିଲା । ଅନାଥାଶ୍ରମର ଅଧ୍ୟକ୍ଷାଙ୍କୁ ସାହାଯ୍ୟ କରିବାକୁ ତାଙ୍କୁ କିଛି ବେତନ ଦିଆଗଲା । ଆଶ୍ରମରେ ଯେଉଁ ଗ୍ରନ୍ଥାଗାର ଥିଲା ତାହା ବ୍ୟବହାର କରିବାକୁ ଆଦେଶ ନଥିଲା । ତେଣୁ ତାହାର ପଢ଼ିବାର ଆଗ୍ରହ ମଧ୍ୟ ନଥିଲା । ଜେମସ୍ ସନ୍ଧ୍ୟା ସମୟରେ ଘଣ୍ଟାଏ ଲେଖା ପଢ଼ି ଶୁଣାଇବେ ବୋଲି ଅନୁମତି ମାଗିଲେ । ତାଙ୍କର ଏପରି ଅଦମ୍ୟ ଚେଷ୍ଟାରେ ଅଳ୍ପକାଳ ମଧ୍ୟରେ ସମସ୍ତେ ଆଗ୍ରହରେ ପଢ଼ିଲେ । ତତ୍ପରେ ଆଶ୍ରମର ଶିକ୍ଷାର ସୁବିଧା ନଦେଖି ସେ ଆଶ୍ରମର ପ୍ରାୟ ୨୪ଜଣ ଅନାଥ ବାଳକ ବାଳିକାଙ୍କୁ ନେଇ ପଢ଼ିବାକୁ ଆରମ୍ଭ କଲେ । ଏ ପଢ଼ା ଶେଷକରି ଉଚ୍ଚ ଶିକ୍ଷା ପାଇଁ ଅନୁମତି ମାଗିଲେ । ଆଶ୍ରମରେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ ହୋଇ ନପାରିବାରୁ

Digitized by srujanika@gmail.com



( ଏହି ଶୀର୍ଷରେ ଗୁଜବ ଦେବାର ଦୃଷ୍ଟିରେ କାହାରୁ ସଂଗୃହୀତ ହୋଇ ଯୋଗାନ ନିମନ୍ତେ ପରିବେଷିତ ହେଲ । ଏହାର କିନ୍ତୁ ହାସ୍ୟାରେ ହୋଇଥିବାରୁ ପାଠକଗଣ ଏହାକୁ ହାଲୁକା ଭାବରେ ନେଇ ହାସ୍ୟରସ ଭାବେ ଆସ୍ୱାଦନ କରିବେ । )

ବୋମ୍ବେର କୌଣସି ଫିଲ୍ମ କଂପାନୀ ଓଡ଼ିଶାର କେନ୍ଦ୍ର ଅସେମ୍ବ୍ଲି ମେମ୍ବର ଦୁଇଜଣଙ୍କୁ ନିବାକ୍ ଚିତ୍ରରେ ଅଭିନୟ କରିବାକୁ ଡାକିଛନ୍ତି ।

\+ \+ \+

ଏକ ଗଣନା ଦ୍ୱାରା ଜଣା ପଡ଼ିଛି ଯେ ବାଲେଶ୍ୱରରେ ନଳିନୀବାବୁ କଲେକ୍ଟର ହେବା ଦିନରୁ ଏ ଜିଲ୍ଲାର ବୃଦ୍ଧି ସଂଖ୍ୟା କମି ଯାଇଛି ।

× × ×

ଅଧିକ-ଖାଦ୍ୟ ଉତ୍ପାଦନ କର (Grow-more-food) ଗଣନା ଅନୁସାରେ ଓଡ଼ିଶାର କ୍ଷେତ୍ରଫଳ ବଢ଼ି ଯାଇଛି ।

\+ \+ \+

ବାଲେଶ୍ୱର ଜିଲ୍ଲାବୋର୍ଡ଼ କର୍ମଗୁରୁମାନେ ଚେୟାରମାନ ହନିଫ୍ ମିଅଁଙ୍କର ସ୍ଥାୟିତ୍ୱ ପାଇଁ ପୀରଙ୍କ ପାଖରେ ଶିରଣୀ ଭୋଗ କରିଥିଲେ । ଫଳରେ ନିର୍ବାଚନରେ ସେ ହାରିଲେ ।

× \+ ×

ମାନ୍ୟବର ମହତାବ ନିଃସନ୍ତାନ ଥିବାରୁ କୌଣସି ଓଡ଼ିଶୀ ରଜା ତାଙ୍କର ରାଜ୍ୟ ଓ କନ୍ୟା ଉଭୟ ଦେବାକୁ ପ୍ରସ୍ତାବ ବାଢ଼ିଛନ୍ତି । ଅନ୍ୟାନ୍ୟ ରଜାମାନେ ତାହା ସମର୍ଥନ କରିଛନ୍ତି । କିନ୍ତୁ ମହତାବ ବୀତସ୍ପୃହ ଜନ୍ମି ଥିବାରୁ ସେ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିଛନ୍ତି ।

\+ \+ \+

ମନ୍ତ୍ରୀ ମହିଷୀ ମାଳତୀ ଚୌଧୁରୀ ଛ'ମାସ ଭିତରେ ଜମିଦାରୀ ଉଠାଇ ଦେବେ ବୋଲି ଯେଉଁ ଧମକ ଦେଇଛନ୍ତି—ତାହା ଫଳରେ ଜମିଦାର ମହିଷୀମାନେ ମନ୍ତ୍ରୀ ମଣ୍ଡଳଙ୍କ ପାଖରେ ଆବେଦନ କରିଛନ୍ତି କି ଜମିଦାରୀ ଖାସ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାମୀମାନଙ୍କୁ ସପ୍ଲାଇ ଡିପାର୍ଟମେଣ୍ଟରେ ଚାକିରି ଦିଆଯାଉ ଓ କେତେଜଣ ବଡ଼ ଜମୀଦାରଙ୍କ ମହିଷୀ ସେମାନଙ୍କ ସ୍ୱାମୀ ବିଚ୍ଛେଦ ଅନୁମତି ପାଇଁ ଓଡ଼ିଶା ଟେକ୍ସଟାଇଲ ମିଲର ଡିରେକ୍ଟର ମାନଙ୍କୁ ଦ୍ୱିତୀୟ ପତିରୂପେ ବରଣ କରିବା ଲାଗି ଦାବୀ କରିଛନ୍ତି । ମହତାବ ଏ ଆବେଦନରେ ବିବ୍ରତ ହୋଇ ପଡ଼ିଛନ୍ତି ।

\+ \+ \+

ଭୂତ ସ୍ପିକର ମୁକୁନ୍ଦ ପ୍ରସାଦ ଦାସ ଘୁଷୁରି ଚାଷ କରିବାରେ ମନ ଦେଇଛନ୍ତି । ସେ ୫ଟି ଉତ୍କୃଷ୍ଟ ଘୁଷୁରି ନିକଟରେ ଲାଟ ସାହେବଙ୍କୁ ଉପଢୌକନ ସ୍ୱରୂପ ଦେବେ ବୋଲି ସ୍ଥିର କରିଛନ୍ତି ।

\+ \+ \+

ଦାନଗୋଇ ଡେଭଲପ୍‌ମେଣ୍ଟ ବିଭାଗର ମନ୍ତ୍ରୀ ହେବାରୁ ଓଡ଼ିଶାରେ ଚିରୁଣି ଶିଳ୍ପର ପ୍ରସାର ଘଟିବ । ଏବଂ ତାହା ବିଦେଶକୁ ରପ୍ତାନି ହେବ ବୋଲି ଶୁଣାଯାଏ ।

\+ \+ \+

ପରିଜା ସାହେବଙ୍କ କାମ କମ ଓ ଦରମା ନଅଣ୍ଟ ହେବାରୁ ଓଡ଼ିଶା ସରକାର ତାଙ୍କୁ ଇଉନିଭରସିଟି ଟ୍ରେନିଂ କୋରରେ କମାଣ୍ଡାଣ୍ଟ ନିଯୁକ୍ତ କରିବେ ବୋଲି ବିଚାରୁଛନ୍ତି । ସେ ଦୁଇତାଲା ଘରେ ରାଇଫଲ୍ ଡ୍ରିଲ କରି ଏବେ ହାତ ଠିକ୍ କରିବା ଲାଗି କନିକା ଜଙ୍ଗଲକୁ ଶିକାର କରିବା ଲାଗି ଯାଇଥିଲେ ।

Digitized by srujanika@gmail.com

ଅଟଙ୍କା କାଇ କର୍ତ୍ତୃପକ୍ଷ ଅନୁମତି ଦେଲେ ନାହିଁ । କିନ୍ତୁ ଏହି ୧୬ ବର୍ଷର ପଙ୍ଗୁ ବ୍ୟବସାୟୀ ଦୃଢ଼ ସଙ୍କଳ୍ପ ଭାବରେ ବିଦ୍ୟାଳୟ ଓ ଆଶ୍ରମର କର୍ତ୍ତବ୍ୟ ଏପରି ଭାବରେ କଲେ ଯେ କର୍ତ୍ତୃପକ୍ଷ କୌଣସି ବାଧା ଦେଇ ପାରିଲେ ନାହିଁ । ୧୯ ବର୍ଷ ବୟସରେ ସେ ସେଠାରେ ଗ୍ରାଜୁଏଟ ବୋଲି ଗଣ୍ୟ ହେଲେ । ପଙ୍ଗୁ ହେବା ସତ୍ତ୍ୱେ ଜେମସ୍ ଆଶ୍ରମର କର୍ତ୍ତବ୍ୟ ସମ୍ପାଦନ କରି ବିଦ୍ୟାଳୟର ପତ୍ରିକା ସମ୍ପାଦନ, ଫୁଟବଲ କ୍ରୀଡ଼ାର ସଭାପତି କାର୍ଯ୍ୟ, ବିଦ୍ୟାଳୟର ଲାଇବ୍ରେରିଅନ୍ ପଦ ମଧ୍ୟ ପାଇ ପାରିଲେ ।

ଶିକ୍ଷା ଶେଷ କରି ସେ ଏକ ସାଇକେଲ ଦୋକାନରେ ଚାକିରି କଲେ । କିନ୍ତୁ ସାଇକେଲ ଚଢ଼ା ନ ଶିଖିଲେ ଚାକିରି ମିଳିବ ନାହିଁ । ଆଶ୍ଚର୍ଯ୍ୟର କଥା, ଦାରୁଣ କଷ୍ଟ ସହି ସେ ସାଇକେଲ ମଧ୍ୟ ଚଢ଼ି ପାରିଲେ । ପଙ୍ଗୁ ପକ୍ଷରେ କେବଳ ଯଷ୍ଟି ହିଁ ଏକମାତ୍ର ସହାୟ । କିନ୍ତୁ ବ୍ୟବସାୟୀ ଜେମସ୍ ବିନା ଯଷ୍ଟିରେ ଚାଲି ପାରିଲେ । ଆଶ୍ରମକୁ ସୁନ୍ଦର କରିବାକୁ ନିଜେ ରଙ୍ଗ ନେଇ ରଙ୍ଗାଇ ଦେଲେ । ମୂଷାମାନଙ୍କ ଉପଦ୍ରବକୁ ରୋକିଲେ । ଅନାଥମାନଙ୍କର ଖାଦ୍ୟ ଅଭାବ ଦେଖି କର୍ତ୍ତୃପକ୍ଷଙ୍କୁ ପ୍ରତିକାର କରିବାକୁ ବାଧ୍ୟ କଲେ । ତାପରେ ସେ Y. M. C. Aର (ୟଂ ମେନ୍ସ୍ କ୍ରିଶ୍ଚିଆନ ଏସୋସିଏସନର) ସମ୍ପାଦକ ହେଲେ । ଏହି ଅନୁଷ୍ଠାନର ନୈଶ ବିଦ୍ୟାଳୟଟି ଅକସ୍ମାତ ପୋଡ଼ି ଯିବାରୁ କର୍ତ୍ତୃପକ୍ଷ ଅର୍ଥାଭାବରୁ ପୁନର୍ନିର୍ମାଣ କରିପାରିଲେ ନାହିଁ ! ଜେମସ୍ ଅନୁମତି ନେଇ ନିଜ ଚେଷ୍ଟାରେ ସ୍କୁଲଟି ଚଳାଇଲେ ଓ ଚାନ୍ଦା ସଂଗ୍ରହ କଲେ । କାରିଗର ଓ ଶିକ୍ଷକମାନଙ୍କୁ ବିନା ବେତନ ବା ଅଳ୍ପ ବେତନ ନେବାକୁ ବିନୀତ ପ୍ରାର୍ଥନା କଲେ । ଶେଷରେ ତାଙ୍କର ପ୍ରାଣପଣ ଚେଷ୍ଟାରେ ନୈଶ ବିଦ୍ୟାଳୟଟି ଖୋଲି ପୂର୍ବାପେକ୍ଷା ଅଧିକ ଶିକ୍ଷାର୍ଥୀଙ୍କୁ ଆଶ୍ରୟ ଦେଲା ।

ଜେମସ୍ ୨୫ ବର୍ଷ ବୟସରେ ଆଇନ ପାଶ କରି 'ବୋର୍ଡ ଅଫ୍ ପେନ୍ସ' ଓ 'ଡିପାର୍ଟମେଣ୍ଟ ଅଫ୍ ଇଣ୍ଟେରିୟର'ର ଏଟର୍ଣ୍ଣି ଚାକିରି ପାଇଲେ । ତାଙ୍କର ଚେଷ୍ଟାରେ ବାଳକ ବାଳିକାମାନେ ସହରର ପାର୍କ ପଥରେ ଭ୍ରମଣ କରି ପାରିଲେ । ସେ ବାଳକ ବାଳିକାଙ୍କ ପାଇଁ "ବିଶେଷ ବସ୍ତ୍ର ଭବନ" ପ୍ରତିଷ୍ଠା କଲେ । ବୟସ୍କାଉଟ ଆନ୍ଦୋଳନର ଉପଯୁକ୍ତ ନେତୃତ୍ୱ ଅଭାବରୁ ଜେମସଙ୍କୁ ଅନୁରୋଧ କରାଗଲା । ସେ ଅସ୍ଥାୟୀ ଭାବରେ ଉକ୍ତ ଦଳର ନେତା ହେବାକୁ ସ୍ୱୀକୃତ ହେଲେ । ସେ ସର୍ବପ୍ରଥମ ଏ ସଂଘରୁ ସାମ୍ପ୍ରଦାୟିକ ଦୋଷ ଧ୍ୱଂସ କରି ଅଳ୍ପକାଳ ମଧ୍ୟରେ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ସହଯୋଗ ଗ୍ରହଣ କଲେ ଓ ଅକ୍ଳାନ୍ତ ପରିଶ୍ରମ କରି ନିଜେ ଏକ ମୂଲ୍ୟବାନ ସ୍କାଉଟ ପୁସ୍ତକ ପ୍ରଣୟନ କଲେ । ପ୍ରଥମେ ମାତ୍ର ୫ ହଜାର ଛପା ହୋଇ ବଣ୍ଟନ କରାଗଲା । ତାପରେ ସଂଶୋଧିତ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୭୦ ଲକ୍ଷରୁ ଅଧିକ ସଂଖ୍ୟକ ପୁସ୍ତକ ବିକ୍ରି ହୋଇଅଛି ।

ପୁରାଣର "ପଙ୍ଗୁ ଲଂଘୟତେ ଗିରି" ସହିତ ଉକ୍ତ କାହାଣୀର ସମାନ ନୁହେଁ କି ? ଦେଇ. ଏକ ଜବାବ :*

ଶ୍ରୀମତୀ କମଳକୁମାରୀ ଦେବୀ
୭।୯ ଦାସ

ଲେଖା ସମ୍ବନ୍ଧରେ

## ନାଗ ଭାଇମାନଙ୍କୁ କେତୋଟି କଥା

ପ୍ରିୟ ନାଗ ଭାଇମାନେ,

ତୁମ୍ଭମାନଙ୍କର ସରଳ ହୃଦୟରୁ ବାହାରେ ଯେତେ ରଚନାର ପରିଚୟ ମିଳିଥାଏ । ଏହାର କାରଣ ଅବଶ୍ୟ ଅନୁଭବ ମାତ୍ରେ ହୃଦୟଙ୍ଗମ କରି ପାରିବ । ନିଜର ଶକ୍ତି, ନିଜର ଶିକ୍ଷା ଏବଂ ନିଜର ସୀମା ଜାଣି ଆମ୍ଭମାନଙ୍କୁ ନିୟମାବଳୀରେ ରହି ଚଳିବାକୁ ହିଁ ପଡ଼ିବ । ତା ନ ହେଲେ, ଆମ୍ଭମାନଙ୍କର ଭବିଷ୍ୟତ ଜୀବନ ଅନ୍ଧକାର । ଆଜି ସେକ୍ସପିଅର କବି, ଶେଲି କବି, ବଙ୍ଗଳାର ରବୀନ୍ଦ୍ରନାଥ କବି, ବଙ୍କିମଚନ୍ଦ୍ର କବି, ଏମାନଙ୍କ ସମସ୍ତଙ୍କ ଜୀବନ ଆମ୍ଭମାନଙ୍କ ପାଇଁ ସେଥିରୁ ବଡ଼ ହୋଇଛି । ପିଲାବେଳେ ମାନବ ଯାହା ଶିକ୍ଷା କରି ପାରିବ ତାହା ବଡ଼ ଅବସ୍ଥାରେ ହେବା କଠିନ । ଏଣୁ ନାଗ ସଙ୍ଘର ନିୟମାନୁଯାୟୀ ନିଜକୁ ନିଜେ ପ୍ରସ୍ତୁତ ହେବା ପ୍ରୟୋଜନ । ଲେଖକ ମାଆ ପେଟରୁ ପଡ଼ି ଦେଶ ବିଦେଶରେ ପରିଚିତ ହୋଇ ନଥାଏ । କବି ହେବାକୁ ହେଲେ, ଲେଖକ ହେବାକୁ ହେଲେ, ଏକମାତ୍ର ଲେଖା ସାଧନା । ବିନା ସାଧନାରେ ଅନ୍ୟ କବିଙ୍କର ଲେଖା ନକଲ କରି 'ଡଗର'ରେ ପ୍ରକାଶ କରି ନାମଟା କାଢ଼ିଲେ ଆମେ ଯେ କବି ବା ଲେଖକ ହୋଇଗଲେ, ଏହା ଅତି ହାସ୍ୟାସ୍ପଦର ବିଷୟ । କଥାରେ କହନ୍ତି ମାଗି ଆଣିଲ ଝୁଅଁଣ ସଜବାଏ ଏହା ବାସ୍ତବରେ ନିର୍ଘାତ ସତ ।

ଏଣୁ ଆଜି ମୁଁ ପ୍ରତ୍ୟେକ ନାଗ ଭାଇ ଓ ଭଉଣୀମାନଙ୍କୁ କହେଁ ଲେଖିବାକୁ ଚେଷ୍ଟା କରିବା ମାନେ ସାଧନା । ତାହା ପ୍ରଥମରୁ ଆରମ୍ଭ କରିବା ଦରକାର । ଅନ୍ୟ ସାହିତ୍ୟ ପଢ଼ିବ, ଅନ୍ୟ ଲେଖା ପଢ଼ିବ, ତାକୁ ରୂପ ଦେଇ ଭାଷା ଦେଇ ନିଜ ପ୍ରଣାଳୀରେ ଲେଖିବ । ସେତେବେଳେ ସିନା ନିଜର ବାହାଦୁରୀ । ମାତ୍ର ତାହା ନକଲ ଭ୍ରାନ୍ତ ଧାରଣା କଦାପି କର ନାହିଁ । ନାଗବନ୍ଧୁ ମହଲରେ ନିଜର ମର୍ଯ୍ୟାଦା ନଷ୍ଟ କରିବା ସଙ୍ଗେ ସଙ୍ଗେ ସଭିଙ୍କର ମର୍ଯ୍ୟାଦା ନଷ୍ଟ କରିବା ପାଇଁ ପ୍ରୟାସ କରିଲେ । ଦେଶ ବିଦେଶରେ ଅପଦସ୍ଥ ହେବାକୁ ହିଁ ପଡ଼ିବ ।

'ଡଗର'ରେ ଦେଖୁଥିବ କୁମାରୀ ଶୈଳବାଳା ବେହେରା ମୂଳର ଗପ ଏବଂ କବିତା ଲେଖି ପାରୁଛନ୍ତି । ତାଙ୍କର ଅନୁକରଣରେ ଲେଖିବାକୁ ଶିଖ ।

ଏତିକି ମୋର କହିବାର କଥା ।

ତୁମ୍ଭମାନଙ୍କର
ବଇବଡା ନାଗଭାଇ
ଶ୍ରୀ ଗୋପୀନାଥ ବେହେରା ।

——*——

*ସମ୍ପାଦକେ ମତ ।

Digitized by srujanika@gmail.com

# ଦାର୍ଜିଲିଂ ବ୍ୟାଙ୍କ ଲିମିଟେଡ

ହେଡ ଅଫିସ— ଭବାନୀପୁର, କଲିକତା

ଓଡ଼ିଶାର ଶାଖା ଅଫିସମାନ:—

କଟକ (ମଙ୍ଗଳାବାଗ ଏବଂ ଚାନ୍ଦିନୀଚୌକ, ଖୋର୍ଦ୍ଧା ରୋଡ଼, ଖୋର୍ଦ୍ଧା, ପୁରୀ, ବ୍ରହ୍ମପୁର (ଗଞ୍ଜାମ)




**BANK'S OWN BUILDING AT CUTTACK.**

# DARJEELING BANK Ltd.

**Head Office:— Bhowanipur, CALCUTTA.**

**ORISSA BRANCHES:—**

CUTTACK—MANGLABAG & CHANDNICHAWK PURI, KHURDA ROAD, KHURDA, BERHAMPUR (GANJAM)

**OTHER BRANCHES:**

**IN ALL IMPORTANT TRADE CENTRES.**

*Tele*—"Rainbow"—Cal.
*Phone*:—P. K. 2681

**B. MUKHERJEE**
*Mg. Director*

Digitized by srujanika@gmail.com

**ଭୂତପୂର୍ବ ପ୍ରଧାନ ମନ୍ତ୍ରୀଙ୍କର**

**ଉଚ୍ଚ ପ୍ରଶଂସା**

ଶ୍ରୀ ପଦ୍ମଚରଣ ପଟ୍ଟନାୟକ (ପାର୍ଥି-ରାମ) ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼କ୍ଟସ୍** ପରିଦର୍ଶନ କଲି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ସନ୍ତୋଷ ଲାଭ କଲି । କାରଣ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥ-ପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

କୋଣାର୍କ କେମିକ୍ୟାଲ

ଏଣ୍ଡ ବିଉଟି ପ୍ରଡକ୍ଟ

(ଓଡ଼ିଶା)




---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମୈତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ଜଜଦଣ୍ଡି, ନାଗପୁର ।

**ସ୍ୱା ପି. ଏନ୍: ରାୟ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୧ ଜମା ଦେଲେ ୪ର୍ଥ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।


Digitized by srujanika@gmail.com

୯ମ ବର୍ଷ— ୨୪ ସଂଖ୍ୟା

ବୈଶାଖ—ଦ୍ୱିତୀୟାଙ୍କ




## ନିବେଦନ

ଏହି ସଂଖ୍ୟାରେ 'ଡଗର'ର ୯ମ ବର୍ଷ ଶେଷ ହେଲା । ଗଲା ନଅବର୍ଷ ଧରି 'ଡଗର' ଯେଉଁ ସାହାସ ଓ ନିର୍ଭିକତାର ସହିତ ବିପରୀତ ପରିସ୍ଥିତିର ସମ୍ମୁଖୀନ ହୋଇ ଆସିଛି ତାହା କେବଳ ସମ୍ଭବ ହୋଇ ପାରିଛି ଦେଶବାସୀଙ୍କର ସାହାଯ୍ୟ ଓ ସହାନୁଭୂତି ଲାଭକରି । ସେଥିପାଇଁ ଆମେ ଦେଶବାସୀଙ୍କଠାରେ କୃତଜ୍ଞ ।

ନବ ବର୍ଷରେ 'ଡଗର'ର ଶ୍ରୀବୃଦ୍ଧି କରିବାର କଳ୍ପନା ରହିଛି । କାଗଜ ଯଦିଓ ବର୍ତ୍ତମାନ ଦୁଷ୍ପ୍ରାପ୍ୟ ନୁହେଁ କିନ୍ତୁ ଦର ବଢ଼ା ହେଉଛି । ଏପରି ଅବସ୍ଥାରେ 'ଡଗର' ତା'ର ଗ୍ରାହକ, ଗ୍ରାହିକା ଓ ପାଠକ ପାଠିକାମାନଙ୍କର ସେବାପାଇଁ ସମସ୍ତ ଶକ୍ତି ନିୟୋଗ କରିବ ।

ଯେଉଁମାନଙ୍କର ଦେୟକାଳ ଏହି ସଂଖ୍ୟାରେ ପୂରି ଯାଉଛି ସେମାନେ ସେମାନଙ୍କର ଦେୟ ପଠାଇ ଅଯଥା ଭି: ପି: ଖର୍ଚ୍ଚାରୁ ବଞ୍ଚାଇ ବାଧିତ କରିବା ହେବେ ।

ପରିଚାଳନା—

ବାର୍ଷିକ—ତିନିଟଙ୍କା ଆଠଅଣା

ରାଜସଂସ୍କରଣ—ପାଞ୍ଚଟଙ୍କା

Digitized by srujanika@gmail.com

# ନାଲନ୍ଦା ଔଷଧାଳୟ

ଅଧ୍ୟକ୍ଷ—ରାଜବୈଦ୍ୟ ହୃଷିକେଶ ଶାସ୍ତ୍ରୀ

୩୩, କଲେଜ ରୋ, କଲିକତା ।




ପୃଥିବୀ ବିଖ୍ୟାତ ପଣ୍ଡିତ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରଧାନ ଶିକ୍ଷକ, ମାନନୀୟ ବିଚାରପତି, ଦେଶ ବରେଣ୍ୟ ନେତା, ମନ୍ତ୍ରୀ, ରାଜା ଓ ଜମିଦାରଗଣ **ନାଲନ୍ଦା ଔଷଧାଳୟର** ଭୂୟସୀ ପ୍ରଶଂସା କରନ୍ତି । ଆରୋଗ୍ୟ ଗ୍ୟାରେଣ୍ଟି ଦିଆଯାଏ ।

# Nalanda Ausadhalaya.

*Prop:*—**Rajvaidya Hrishi Kesh Sastri.**

**33, COLLEGE ROW, CALCUTTA.**


ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର; ପରିଚାଳନା ସମ୍ପାଦକ—ଶ୍ରୀ ରାଇମୋହନ ଦାସ

Digitized by srujanika@gmail.com



# ବିଲୁଆ ବିଚାର

୯ମ ବର୍ଷ — ୨୪ ସଂଖ୍ୟା

୧ବୈଶାଖ ଦ୍ୱିତୀୟାର୍ଦ୍ଧ

ବନ୍ଧୁ ପାଠକ ପାଠିକାମାନଙ୍କଠାରୁ ଅନୁରୋଧ ପାଇ ଆମ୍ଭେମାନେ ଶ୍ରୀ ନିତ୍ୟାନନ୍ଦଙ୍କୁ ମହାପାତ୍ର 'ଡଗର' ସଂପାଦନା କରିବାକୁ ଖଞ୍ଜି କରିଛୁଁ। ସେ କଟକରେ ରହି 'ଦୈନିକ ଆଶା' ଓ 'ଡଗର' ଉଭୟର ସଂପାଦନା କରିବେ। ଲେଖା, ପ୍ରବନ୍ଧ, ଗଳ୍ପ ଇତ୍ୟାଦି ସମସ୍ତ ତାଙ୍କ ଠିକଣାରେ ପଠାଇବାକୁ ଅନୁରୋଧ।

—ସଃ ସଂପାଦକ

ଇଂରେଜ ଏଥର ଭାରତର ସବୁ ଅମଳ ଶୋକ ସାଗରରେ ଭସେଇ ଦେଇ ଖସିଗଲେ। ମନ୍ତ୍ରୀ ମିଶନ ଏକଥା ସାର କରି କହି ଦେଇ ଯାଇଛନ୍ତି। କହୁଛନ୍ତି—

ଲଭିଲ ବ୍ରହ୍ମହ୍ ଏ ରଘୁକୁଳ,
ପୁଣ୍ୟ ଅଯୋଧ୍ୟାର ଯଶ ବିପୁଳ।
ଲଭିଲ ବ୍ରହ୍ମଣ୍ଡ ନୂତନ୍ ଲଭ,
ରଜା ରଜୁଭାଙ୍କ—

ଚର୍ଚ୍ଚିଲ ଟେଙ୍କା ଟେଙ୍କେ ଟେଲେଇ ଉଠୁଛନ୍ତି। ତାଙ୍କର ବୁକୁରେ ଅସୁମ୍ଭ ବେଶୀ ଲାଗୁଛି। ସେ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟର ଶ୍ରାଦ୍ଧ ମୁଁ କରିବ ନାହିଁ। ଏଥର ସାମ୍ରାଜ୍ୟର ପିଣ୍ଡ ଉଦ୍ୟାନେ ଦିଆଯାଏ ତାଙ୍କର ଆଉ ରକ୍ଷା ନାହିଁ। ଏ କୂଳରୁ ଗଲେ ସେ କୂଳରୁ ଗଲେ—କେବଳ କର୍ଷୁଷ୍ଟିତୋ ହେମଘଟ ତରୁଣ୍ୟାଃ, ସୋପାନମାସାଦ୍ୟ ଚକାରଶବ୍ଦଂ—

"ଠଂଠଂ ଠଠଂଠଂ ଠଠଠଂ ଠଠଂଠଃ"

\+ + + +

ପାକିସ୍ଥାନ ତ କୁଅଟେ ଗାଧୋଇ ଗଲା। ଏଥର ଜିନା ସାହେବ ମୁଖ କମ୍ପା ଟା ଦେଖିବାକୁ ରହିଲା। ପାକିସ୍ଥାନର ସୋଟାଏ ଭୂତ ଅଛି ଜଣ୍ଡୁଛି। କିନ୍ତୁ ସେ ୩୨ କଳାର ଭୂତ ହେଲେ ଅସାମ, ସୀମାନ୍ତ ଲେଉଟି କଳାର ଭୁଣିଆ ହେଇ ଠିଆ ହେଉଛନ୍ତି। ଏଥର ଜେଲା ମନ—ମିଛ ମାମ୍ଲାରେ ପଡି ହେଉ ନିତ୍ୟ କଷ୍ଟ—ନିତ୍ୟ ବଡ଼ରେ—ଶୁଖ ଗଢ଼ ଜଡ଼। ଏ ପାଳ ଲମ୍ବାକଠ ଖାଁ ଧରିବେ ଓ ଜିନା ମିଆଁ ଗାଇବେ—

ବାଲ୍ଲବନ୍ଧ ପରପ୍ରୀତିରେ ଗଙ୍ଗାଧ ବାଲ୍ଲବନ୍ଧ ପରପ୍ରୀତି,
ହୁଟେହ୍ଁ ଏବାମତି ସିନାରେ ଗଙ୍ଗାତ ହୁଟେହ୍ଁଦାବ ଏବାମତି।

× + + ×

ଗାନ୍ଧି ମହାତ୍ମା କେତେଣେ କହିଲେଣି ସ୍ୱାଧୀନ ଭାରତରେ ସ୍ୱରାଜ୍ୟର ମୁକ୍ତି ଅଛି। ଏବେ ନେବ ଧାଇଁ ଆସ। କୂଳ କରିବ, ମଞ୍ଜି ବୁଣିବ, ବେଳସଣ ଉଲ ହାତେ କଲେ ଫଳ ଫଳିବ ସୁନା। ଯଦ୍ୟପି ପ୍ରୟାଣ ମନୁଷ୍ୟର ବିପଦ ଅଛି, ଦାନ ଧ୍ୟାନ ଧର୍ମ କଲେ ସେ ସବୁ ଏକ ଖସିଗଲେ ମାଟିରେ ସୁନା ଫଳିବ। ଅତଏବ ଏ ମନ୍ତ୍ରୀ ମିଶନଙ୍କ ଦାନକୁ ହସ୍ତପାତି ଗ୍ରହଣ କର।

ଭୁଲିଲ ପଛକେ ଅଧିଆ ହେଇ
ଟଙ୍କା ଦେଉ ବାଟଳାଅ,
ସରତା ପଛକେ ସନ୍ତୁଷ୍ଟ ହୋଇ
ଲଗା ଦଉ ଉଠିଆଅ।

\+ + + +

ଆମ ଦେଶ ସବୁ ମନ୍ତ୍ରୀ ମିଶନଙ୍କ ଉପରକୁ ଚନ୍ଦ୍ରିତ ଅଣ୍ଡା ଗ୍ରହଣ କରୁଛନ୍ତି। କହି ପାରି ଦ୍ୱାରକା ଯାଉଛି ଦେଖିବା ମାତ୍ରରେ। ସମୁଦ୍ର ମନ୍ଥନରୁ ବିଷ ବାହାରୁଛି ଓ ଅମୃତ ବାହାରୁଛି ଦେଖାଯାଉ। ଉଭୟେ ବାହାରିଲେ ଉଭୟକୁ ନେବା ପାଇଁ ଲୋକ ଦରକାର। ବିଷ ପାନ ପାଇଁ ମହାଦେବ ବାହାରିବେ। କିନ୍ତୁ ଅମୃତ ପାନ ପାଇଁ ଦେବ ଦାନବ କଳି ହେବ ଏଥିରେ ସନ୍ଦେହ ନାହିଁ। ତଥାପି ଆମେ ଆପଣା କରମରେ ଯାହା ପାଉଛୁଁ ତାକୁ ଧରି ଆମେ ବାହୁଡ଼ି ଦେବୁଁ।

ତୃଷ୍ଣ ଧରିଲି ନ ଗ୍ରଳ ଧରିଲି,
କଟାଳ ଧନକୁ ପୁଅ ଦେଲି।"

\+ + + +

ମନ୍ତ୍ରୀ ମିଶନ ଆଶା ଗୋଟିଛନ୍ତି, ଭାରତବାସୀ ସ୍ୱାଧୀନ ହୋଇ ବ୍ରିଟିଶ ସମସ୍ୱାର୍ଥ ମଣ୍ଡଳୀ ଭିତରେ ରହିବେ। ସେ ଆଶାଟା ଆମେ ଦୈନିକ ଆଶା ଓ ସାପ୍ତାହିକ ଆଶା କହି ହେଉନାହିଁ। ଚଳିଆ ସବୁ ଇଂରେଜ ଚାକିରୀରେ ଲାଗିଛି—କାରଣ ସେ ଅଜଣ୍ଟ ଯାହାବା ଅତ୍ୟାଚାର କରିଥିଲେ ସେସବୁ ଏ ଅବସ୍ଥା ହେଉଅଛି ଭାରତବାସୀ ନାବାଳକଙ୍କୁ ମଣ କରି ମଣିଷ କରିବା ପାଇଁ। ତାଙ୍କର ସେଥିରେ ଟୋପାଏ, କେଡାଏ ସ୍ୱାର୍ଥ ନଥିଲା। ଗାନ୍ଧିଙ୍କ ଓ ବର୍ତ୍ତମାନ ବ୍ରିଟିଶ ଜାତିର ଗୁଣ ଗାଇ ବଢ଼ିଲେଣି। ଆମ ବଲିଆ ସବୁ ବ ଗାଉଛି—ଅବଧଙ୍କ ବୋଲିବା ଭଙ୍ଗୀରେ ମଧ୍ୟ—

Digitized by srujanika@gmail.com

ଷଣ୍ଢ ଷଣ୍ଢେ ମାତର ଦାନ୍ତି ଢଙ୍ଗରେ ନଚାଏ ଲଣ,
ଯାବତ ଏ ମସ୍ତ ଦୃଷ୍ଟିରେ ସତ୍ତା ଗାଉଥିବୁଁ ବୁମ ଗୁଣ;
ଦେଖ ସଖା—

× × × ×

ଓଡ଼ିଶା ରାଜନୀତି ଉଡ଼ାଏ ସିମେଳ ବୁଲା ଭଳି ମୋଟେ ରଙ୍ଗ ମୋଟେ ରଙ୍ଗ ଦେଖାଉଛନ୍ତି। ଚୌକି ରଙ୍ଗ ସାହେବ ସୌଧ ଉପରୁ ଦେଖ ଭୂତନାଂ ବସ୍ମାର ଦେଖର ଗଜଦନ୍ତ ଚିନ୍ତା କରିବା ପାଇଁ ବହୁତ ଗଳଗାଳଛନ୍ତି ଯେ ସେମାନେ ରଜା, ଜମିଦାର ନୁହନ୍ତି। ଅଟମ ଢଙ୍ଗ ଉପରେ ବସ୍ଥନ୍ତି। ସେମାନେ କେବଳ ରଜା ନୁହନ୍ତି— ସେମାନେ "ମନ୍ତ୍ରୀ ଦେବତା ହ୍ୟୋ—" ତେଣୁ ତାଙ୍କର ସ୍ଥାନ ଏ ମର୍ତ୍ତ୍ୟରେ ନୁହେଁ।

\+ \+ \+ \+

ଇଂରେଜ ସରକାର ତ ବଡ଼ଲ ଦେଲେ—କ୍ୟାବିନେଟ ମିଶନ ବହୁଦେଇଗଲେ, ସଂଯୁକ୍ତ ଭାରତ ଗଠିତ ହେଲେ ଇଂରେଜ ସରକାରଙ୍କ ଛପ ଶକ୍ତି ଅପସାରିତ ହୋଇଯିବ। ତେବେ ଅନ୍ତେ ରେଜିଙ୍କ ଚାମଚ କେବଳ ନାମକୁ ଟେକି ଯିବ। ଜନ୍ମ ନାମକୁ ବଡ଼ଙ୍କ ସଙ୍ଗେ ଚାସଙ୍ଗ ପଡ଼ିବ କି ନାହିଁ। କାଶି କଉଡ଼ିର କମତି ହବ କି ନାହିଁ। ଏତେବେଳେ ଅଣ ହୋଇ ନ ବସି—ମା ମଙ୍ଗଳା ତଗ ବୋଲି ତାଳ ଉଦ୍ବେଳିତ ହୋଇଯିବା ଭଲ! ରାଜାରଜୁଡ଼ା ଯୁଗ ଗ୍ଲିଗଲା।—

ନବାଣଷ୍ଟେପ କଂଟେଲିବାଦଂ
ଚୌରଙ୍ଗଟେ ବା କମ୍ପୁ ସାବଧାନଂ
ଉଦ୍ଧୋଗଟେ ଙ୍ଗଂ ଉଜଟା ବିଳାସଃ
ଚନ୍ଦ୍ରୋଗଟେ କଂ ଗଜୁ ସେବୁବଜଃ ?

\+ \+ \+ \+

ଓଡ଼ିଶାରେ କେତେ କଥା ହଉ—ସୁଧା ନାଟକ—ଟିଅଁରାଳ ବାଳକ ବୋଲି ଶଯୁକ୍ତି ମନ୍ତ୍ରୀଙ୍କ କଟେଇଛନ୍ତି। ଅନ୍ୟମାନେ ଅଣାରେ ବୁହିଁ ବସିଛନ୍ତି। ମନ୍ତ୍ରୀମାନେ ଅଗରପଡ଼ାର ରାଜକୁ ଛାଡ଼ି ସାରି ଓଡ଼ିଶାର ସ୍ୱତନ୍ତ୍ର ନେଇଛନ୍ତି। ରଜାପଦ ଯାଉଁ ମନ୍ତ୍ରୀପଦ ଚରଣ କରିଛନ୍ତି। ଓଡ଼ିଶାର ଭାଗ୍ୟଳ ବୁଲିପଦ ହେଲେ ଯାଇ ଅଛ ଗୋଟାଏ ଚାରୁ ପାରୁ ଜଣ ପଦ ହେଉ ଉଠେ।

× × × ×

ଅନେ ଜନ୍ମ ମନ୍ତ୍ରୀଙ୍କୁ ସାବଧାନ କରେଇ ଦେଉଛୁଁ—ଏ ବଡ଼ ବିପଦ ଯାଗା। ଏଠି ନାନା ଲୋକ ନାନା ରୂପ ଧରି ଅସିବେ। ସମସ୍ତଙ୍କୁ ଉଚିତ ଦାମ କରିବେ। ଓଡ଼ିଶା ମୂଳକର ସେ ଦାର ଦେଖି ଶସରେବ ଉଚନ ଗାଉଥିଲେ—

ଲଣ୍ଡିତାଟେ ଗୁଲୁଚ ଗାଡ,
ମୁଗଡାଟେ ମଜ ମୂଷ ସ୍ତରଚ
ପଚିଶ ବାଳୁସ ଢଙ୍ଗ ଲାଗିଥିଛ
ଗାଇ ସଙ୍ଗେ ଭେଟ ବୁଷଭ ନାହିଁ

ଚକୁଟ ଯେ ଅସିଂହା ଗାଇ
ବାଳୁସ ଡା ସ୍ୱନ ପିଥଇ
ବୃଷଭ ଗୋଟିଏ ଭୂଆଁ ହେଉଥିବ
ଜନା ଦୁଧରେ ଯେ ମନ୍ତ୍ରୀ ଦହି।
ଉଜ୍ଜମନ କଳାବନ୍ଧାଡ,
ଦୁଃଖକଷ୍ଟ ଉଚିତରେ ଭୋଗ।

× × × ×

ଓଡ଼ିଆ ଲୋକେ ବୁଲି ନଥିବେ ଏଭଳି ବା ଏଥି ଭଳି ଅନେକ କଥା ହୋଇଥାନ୍ତି। କଥା ମାନ କହ ବଗଡ ଦାସ ମହାଁବଳ କେବଳ ବୁଝନ୍ତି 'କବ୍ଲା' କର କର ବନ୍ଧୁସ ହୋଇ ଦେଲେ। ଲୋକଙ୍କ ଦାନା, କନା, ବେଶ, ପାଠ ଏବଂ ବିଷୟମାନଙ୍କ ପଛରେ ପଡ଼ାଇ ମାରଣ ଜାରଣ କାମରେ ଧ୍ୟାନ ଦେଇଗଲେ। ତା ଫଳରେ ତାର ହେଲା ଅଠମାସିଆ ଦରକୋ ଶିଶୁ—ପ୍ରଜାଙ୍କୁ ସଂଶୋଧନ, ମହାଜନ ବଶୋଧନ ଓ ମଠମନ୍ଦିର ନସୁଦନ। ଏ ଛଟେନାଟଯାଇ ଅପୂର୍ଣ୍ଣ ଅଇନ ଦେଶରେ କି ବିଶୃଙ୍ଖଳ ବିସମ୍ବାଦ ସୃଷ୍ଟି କରିଗଲା ତାହା କାହାରିକୁ ଅଜଣା ନାହିଁ। ମନ୍ତ୍ରୀମାନେ ଅତଏବ ପୁଣି ସେ ଫାନ୍ଦରେ ନ ପଡ଼ନ୍ତୁ, ଏତିକି ଚଟାଥିଙ୍କଠାରେ ଗୁହାରି।

\+ \+ \+ \+

ଅଶୂଚାଉରେ ପଣି କାହାକୁ ଖାଇବ କାହାକୁ ଖାଇବ କରୁଁ କରୁଁ ଯେପରି ବେଳ ବୁଡ଼ିଯାଏ ଓ ଶେଷକୁ ଉଜବରରେ ଶୁଖିଲା ଭାଗ ହେଉବାଇବାକୁ ପଡ଼େ, ସେ ଦଶା ଅମ ମନ୍ତ୍ରୀଙ୍କୁ ନ ପଡ଼ୁ। ସବୁ ଏକା ସାଥିରେ କରିବାକୁ ଗଲେ ଏପରି ଘଟିବା ସ୍ୱାଭାବିକ। ଅତଏବ—"ବୁଝି ବିଚାରି କାର୍ଯ୍ୟ କଲେ, ପ୍ରମାଦ ନ ପଡ଼ଇ ଭଲେ।" ଏହି ମହାବାକ୍ୟକୁ ଅନୁସରି ଅଗ ଚେଷ୍ଟା କରିବା, ତାକୁ ଜାବୁଡ଼ି ଧରନ୍ତୁ ଓ ତାକୁ ସାରି ଅନ୍ୟଟାରେ ହାତ ଲଗାନ୍ତୁ। ଅମ ବିଚାରରେ ପ୍ରଥମେ ଦାନା, ଦ୍ୱିତୀୟରେ କନା, ତୃତୀୟରେ ସତ ମିଛ, ଚତୁର୍ଥରେ ରୋଗ ବାଧକ, ପଞ୍ଚମେ ପାଠ। ତେଣିକି ଅଉ ଯେତେ ମାଲ କରୁଥା, ଦେଖିବୁ ଭଲ।

\+ \+ \+ \+

ଗରିବ ବଗଣୀଙ୍କ କଥା ଓଡ଼ିଶା ସରକାର ଟିକେ ବିଚାର କରିବେ—ଦେଖାଯାଉ। ସମସ୍ତେ ଉଦ୍‌ଗ୍ରୀବ ହୋଇ ରହିଛନ୍ତି। ବଗଣୀଙ୍କ ଦୁଃଖ ଘୁଞ୍ଚିବ। ଅମର ବିଶ୍ୱାସ ବଗଣୀଙ୍କର ଚାହାର ବା ଅଫିସ ମାଲିକ ସ୍ୱରକାର କେବଳ ଦୟା କଲେ ବଗଣୀଙ୍କ ଦୁଃଖ ଯିବ ନାହିଁ। ବଗଣୀଙ୍କ ଉପର ବା ଡୋମେଷ୍ଟିକ୍ ମାଲିକ ମଧ୍ୟ ଟିକିଏ ଦୟା ନକଲେ ତ ଚଳେ। ଗୁଡ଼ା ଦର ଶତେବଣ ତ ଶାଢ଼ୀ ଦର ପାଞ୍ଚ ପଚାଶ। ଏଥିକୁ ବିଚାର ନକଲେ—କେବଳ ଟଙ୍କରେଲଙ୍କୁ ନଟବଟ୍ଟ, ଗଧାଲଙ୍କୁ ଭଜନରେ ଲମ୍ବା ଧନ୍ୟବାଦ କରି ଗୋଲ ଚଟାଇଲେ ନବୁଡ଼ା ବଙ୍ଗାଳଙ୍କ ପାଇଁ ଘର୍ଷଣ କଲେ କିଛି ଫଳ ଫଳିବ ନାହିଁ। ଗାଁ ଦେବତାଙ୍କୁ ବକ୍ତୃତା ଦେଇ ନ ମାନିଲେ—ଫଳ କି ଫଳେ।

Digitized by srujanika@gmail.com




# ପ୍ରଥମ ଭୁଲ୍

ଲେଖକ:—
ଶ୍ରୀ ଦୁର୍ଗାମାଧବ ମିଶ୍ର

—ଏକ—

—ମୃଦୁ...... ...

ମୋ'ର ଅନେକ ଥର ଅଜ ମିନତିଭରା କଣ୍ଠରେ ଡାକିଲି।

ମୃଦୁର ଘରୁ ଜବାବ୍ ପାଇଲି—

—ଯାଃ, ସେ ସବୁ ପୁରୁଣା କଥାଗୁଡ଼ାକ ଆଉ ତାହା ଆଗରେ କହିବ। ଏତେ ବଡ଼ ପ୍ରଥମାଷ୍ଟମୀଟାରେ ନିଜେ ବାଧ ବାଧ ସ୍କୁଲକୁ ଗଲ—ନୂଆ ଲୁଗା ଖଣ୍ଡେ ନାହିଁ ବୋଲି। ତମ ଦେହର ଓ ମଇଳାକଣ୍ଡା ଲେଙ୍ଗୁଟିର ନାହିଁ—ସେ ତ୍ରିକୁଟ କପେରଟ ଗୋଟାଏ ଯାଇ ଲୁଗା ଚାହିଁ ବସି ଥିଲ ବୋଲି—ଏମିତି ମଣିଷଙ୍କୁ ଭାବ ନା ମାଇପେଙ୍କର? ଚାର ଟଙ୍କାଏ ନାହିଁ ବୋଲି ନିଜର ଧାଗୁଟିକ ଛାଅବ ହୋଇ ପାରୁନ—ଜରରେ ତା' ଦେହ ଖଇ ପୁଡ଼ୁଛି—ଟିକିଏ ଡାକ୍ତର ଡାକିବା ନାହିଁ—ଅଉ ଲେଖା ଚାଲିଛି କଣନା ଅଦ୍ୟ ଅଷାଢ଼ର ସ୍ୱାଗତ ଗୀତ—ବନ୍ଧୁ ରାଜଙ୍କର ବିଜୟ ମଙ୍ଗଳ—ଲଜ ମାଡ଼ୁନି—ତାହା ଝିଅର ନାକଟା ଫୁଲଫୁଲ ପରି ଦେଖାଯାଉ—ତାହା କବାଟର ଗାଲଗୁଡ଼ିକ ସୁନା ଦରପଣି ପରି ଉଜ୍ଜଳ। ସେଥିରେ ପୁଣି ଗୋଲାପ ଉଙ୍କୁଚେ। ତାହା ନାକୁଣୀର ଦାନ୍ତ ଦାଉଣ୍ଡ ଟାହାଡ଼ା ହୋଇଥାଉ ପଟେଛ ଡାଳିମ୍ବ ମଞ୍ଜି ପରି ଦିଶେ—ଏବଂ ସବୁ ଦାନ୍ତରାଜି ଭାବ ଭାବ ନାକ ରୂପ ଜୁଡ଼ିଛ ହେଲଣି ଦେଖୁଛୁଟି !

ମୃଦୁଳାଠାରୁ ଏତେବଡ଼ ନିଷ୍ଠୁର କଥା ଶୁଣିବ ବୋଲି ଆଶା କରି ନଥିଲି। ଅବଶ୍ୟ ମ୍ବା' ପୂର୍ବରୁ ସେ ନାନାପ୍ରକାର ଇଙ୍ଗିତରେ ତା' ଅସନ୍ତୋଷର ଚିହ୍ନ ଫୁଟାଇଛି। ମୁଁ ତାହା ଦେଖି ବୁଝି ନ ବୁଝିଲା ପରି ରହୁଥିଲି। କିନ୍ତୁ ତାଠାରୁ ଏପରି ଉତ୍ତର ଶୁଣି ମନଟା ଦମିଗଲା। ପୁଣି ଥରେ ଗୋଟାଏ ମସ୍ତ ବେଦୀ ପରି କଣ୍ଠ ଥରାଇ ଡାକିଲି—"ମୃଦୁ ଶୁଣୁଛନ୍ତ?"

"ଖବରଦାର, ତୁମେ ମତେ ସେପରି ଭାବରେ ଡାକନା। କୁହାଟାରେ କାହା'ରେ କଅଁ ତୁମ ବୋଲୁଛ କହିଲ? ତୁମର ସ୍ତ୍ରୀ ଯେଉଁ କଷ୍ଟ କଷ୍ଟ ବ ଧର୍ମ ଡାଉଁଶ କରିବାକୁ ନେଇ କଥା-ବାର୍ତ୍ତା କର। ମୋ'ଠାରେ କି ଲେଡ଼ା? ତୁମର ସରସ ପଦ୍ୟମୟ ଜୀବନ ସହ ମୋ'ର ନୀରସ ଗଦ୍ୟମୟ ଜୀବନ ବାନ୍ଧ ମିଳାଇ ଚାଲି ପାରିବନି—ଯେତିକି ବାଟ ଚାଲିଲ ସେତିକି......"

ମୃଦୁଳାର କଣ୍ଠରେ ଅଶ୍ରୁ ଝଡ଼ ଓ ଧୂମକେତୁର ସୂଚନା।

ଉଃ, କି ଯନ୍ତ୍ରଣାପ୍ରଦ ସେ ଉତ୍ତର। ମନେହେଲା ସତେ ଯେମିତି କିଏ ଗୋଟାଏ ଚିନ୍ କଣ୍ଟା ଧରି ମୋ'ର କଲିଜାଟାକୁ ଫୋଡ଼ି ରକ୍ତ ଶୋଷଣ କରି ପକାଉଛି।

ସେଇ ମୃଦୁ ଏ। ଦେଖେ ମ୍ବା'ର ଏତେ ପରିବର୍ତ୍ତନ କାହିଁକି? ଏଇ କଅଁ ତା'ର ଶାନ୍ତ ସ୍ନିଗ୍ଧ ଛନ୍ଦରେ ପିଣ୍ଡାରେ ଅବଗାହ, ସ୍ୱପ୍ନଳହରୀ କଣ୍ଠ ତା'ର ତାମସ ଭାବ ଧୂଇଠାରୁ ବର୍ଷଣ। ଶୁଣ ପାଉଛନ। ମୃଣ୍ମୟୀ ଶରତ୍ ରେ ପରି ଧରିବାକୁ ଲାଗିଲି। ଗୋଟାଏ କବିତା ଅଥା ରହିଗଲା ଉପାଦାନ ଅଭାବରୁ—ଭାବିଥିଲି ମୃଦୁଳା ଆସି ସେଟିକୁ ପୂର୍ଣ୍ଣ କରିଦେବ ବୋଲି।

× + +

—ଦୁଇ—

ରାଉଁ ଟୋକିସର ଥିଏଟର ହାଇସ୍କୁଲ ଷଷ୍ଠ କ୍ଲାସରେ ହେଉଥାଏ—ପାଞ୍ଚ ବର୍ଷରେ—ଯୌବନର ପ୍ରଥମ ପଦଶ ଉନ୍ନତିକୁ ତାଙ୍କ କଣ୍ଠ ରହୁଥାଏ। ମଇଳା ଗଦଢ଼, ଲମ୍ବାର ସ୍ଥାନ ନେଇଥାଏ ସବୁ ମଲ୍ଲିକାଇଜ୍ ଧୋତି। ସାନ ସାନ ବାଳଗୁଡ଼ାକ କ୍ୟାଚ୍ କ୍ରିଂ ଦ୍ୱାରା ପଛାରୁ ଦଶର ମୁକ୍ତିଲାଭ କଲେ। ଅବଶ୍ୟ ସେଗୁଡ଼ା ପ୍ରଥମେ ଦର୍ଶନଶୀଳଙ୍କ ଉତ୍ସାହ ତାଙ୍କର ପୁରୁଣା ସ୍ଥାନ ଛାଡ଼ି ଯିବାକୁ ମୁହଁ କରିବାକୁ ନାରାଜ ହେଲେ। କିନ୍ତୁ ପରେ ନିଜ ମଙ୍ଗଳର ଶ୍ରେଷ୍ଠତା-ଲୋଚନରେ ପୋଷ ମାନିଗଲେ। ଏହିପରି ଭାବରେ "ବଳେଜ୍ ଉପବନେ ପ୍ରଜାପତି ପରି" ବୁଲୁଥାଏ ମନ ଖୁସିରେ—ସାଥୀମାନଙ୍କ ମେଳରେ।

କ୍ଲାସରେ ବସିବାର ମୁଁ ପ୍ରଥମ ବେଞ୍ଚରେ ବସେ—ଉଦ୍ଦେଶ୍ୟ ଦ୍ୱିବିଧ—ମୁଖ୍ୟତଃ ମୋ'ର ସହପାଠିନୀମାନଙ୍କର ସୁକୋମଳ ମୁଖ ଦର୍ଶନ, ଗୌଣତଃ ପ୍ରଫେସର ମାନଙ୍କର ଲେକ୍ଚର ସବୁ ଭଲକରି ଶୁଣିବାର ବାହାନା—

Digitized by srujanika@gmail.com

ସେଇଠାରେ ମୋ'ର ମୃଦୁ ସହିତ ପ୍ରଥମ ସାକ୍ଷାତ୍ । ତା'ର କଳଙ୍କମିଶା ଗୋରା ଦେହରେ ସେ ଯେଉଁ ଦିନ ଗୋଟିଏ ନୀଳମେଘି ଶାଢ଼ୀ ପିନ୍ଧି କ୍ଲାସରେ ବସିଥିଲା—ତା'ର ସୌନ୍ଦର୍ଯ୍ୟର ନିଖୁଣ ରୂପ ପ୍ରଭାରେ ଝଲସାଇ ଦେଇ, ସେଦିନ ମୋ'ର ଆଖି ଦୁ'ଟା ବଡ଼ ଅମାନିଆ ହୋଇ ତା'ର ମୁହଁ ଆଡ଼କୁ ଚାହିଁ ରହିଗଲା । ଫୁଲର ଜୀବନରେ ତା'ର କଳି ଅବସ୍ଥା ଓ ପୁରାପୁରି ଫୁଟିଯିବାର ଅବସ୍ଥା—ଏଇ ଦୁଇ ଅବସ୍ଥାର ମଝି ସମୟରେ ଫୁଲର ଯେଉଁ ମଦାଳିଆ ସୌନ୍ଦର୍ଯ୍ୟ, ସେଇ ସୌନ୍ଦର୍ଯ୍ୟ ମୃଦୁର ମୁହଁ ଉପରେ ଖେଳୁଥିଲା । ତା'ର ସେହି ସଦ୍ୟ ଫୁଟନ୍ତ ମୁଖରୁ ମୁହଁ ଫେରାଇ ଆଣି ପାରିଲିନି । ପ୍ରଫେସରଙ୍କର ଲେକଚରରୁ ଏ କାନରେ ପଶି ସେ କାନରେ ବାହାରି-ଗଲା । ଖାଲି ତା'ର ସ୍ୱଚ୍ଛ ମସୃଣ ଚିବୁକରେ ମୋ'ର ଅଧରର ପ୍ରତି-ବିମ୍ବ ଦେଖିବାର ବାସନା ବଳବତୀ ହୋଇ ଉଠିଲା ।

ସେଇଦିନୁ, ମୋ' ହୃଦୟରେ ପ୍ରଥମ କରି କବିତ୍ୱର ଅଂକୁର ଫୁଟି ଉଠିଲା । ମୃଦୁଳାହିଁ ତାର ଏକ ସ୍ୱରୂପ । ମୃଦୁକୁ ଦେଖି, କେଜାଣି କେତେ ଅନେକ ପ୍ରେରଣା ନେଇ, ମୋ'ର କବିତା-ଖାତା ଭରିବାରେ ଲାଗିଗଲି । ମିଶ୍ରଙ୍କର Logic ଉପରେ ଲେକଚରରେ ମନ ନ ଦେଇ ମାନସିଂହଙ୍କ 'ଧୂପ' ଅଧ୍ୟୟନରେ ଲାଗିଗଲି । ଅର୍ଥଶାସ୍ତ୍ର ପରିବର୍ତ୍ତେ ପ୍ରେମକାବ୍ୟ ହେଲା ମୋ'ର ପ୍ରଧାନ ଅଧ୍ୟୟନ ବିଷୟ । ଦୁନିଆଟାକୁ ଖାଲି ସୁନ୍ଦର ରଙ୍ଗରେ ରଙ୍ଗେଇ ଦେଖିବାର ଚେଷ୍ଟାରେ ଓମାର-ଖୈୟାମ୍ ରୁବାଇୟାତ୍ ଦିନରାତି ଘୋଷିଲି । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମନକୁ ସେତେ ଆକର୍ଷଣ ନ କଲେ ବି, ମନକୁ ଆକୃଷ୍ଟ ହେବା ପାଇଁ ଜୋର ଚେଷ୍ଟା କରିବାକୁ ପଡ଼ିଲା । ରାତି ରାତି ଉଜାଗର ରହି ହଷ୍ଟେଲ୍ ବଲ୍କୋନିରେ ସ୍ୱପ୍ନପୁର ଜ୍ୟୋତ୍ସ୍ନାପାନ କରିବାରେ ଲାଗିଗଲି । ମୃଦୁର ଗତି ନିରୀକ୍ଷଣ କରି, ତା'ର ପ୍ରତିଦିନର ବେଶ ଭୂଷା ଚାଲି ଚଳନକୁ ଲକ୍ଷ୍ୟ କରି କବିତା ଲେଖିବାରେ ଲାଗିଗଲି । ମୋର ଏପରି ହାବଭାବ ଦେଖି ରମେଶ କହେ—

"କିରେ, ତତେ କି ରୋଗ ଧରିଛି କି ?"

କଣ କହିବି କିଛି ବୁଝିହୁଏ ନାହିଁ । ରମେଶ କଥଣ ବୁଝେ କି ନ ବୁଝେ ତା' ତାକୁ ଜଣା ।

ଯାହାହେଉ ଯେତେବେଳେ ହଷ୍ଟେଲର anuual Compitition ରେ ମୁଁ କବିତା ଲେଖାରେ ପ୍ରଥମ ପୁରସ୍କାର ପାଏଁ, ସେତେବେଳେ ମୋ'ର ସବୁ ସାଥୀମାନେ ଆଶ୍ଚର୍ଯ୍ୟ । ଅବଶ୍ୟ Competitionକୁ ଗୋଟିଏ କବିତା ଯାଇଥିଲା । ତା ବୋଲି ମୋ'ର ଯେ ବାହାଦୁରି ନଥିଲା ଏକଥା ନୁହେଁ ।

ସେଇଦିନୁ କଲେଜରେ ଚାରିଆଡ଼ୁ ସେଇଃପାଏଁ ସମସ୍ତେ ମତେ ଡାକନ୍ତି 'କବି' ବୋଲି । ଆନନ୍ଦରେ ମୋର ଛାତି ଫୁଲିଉଠେ—ଗର୍ବରେ ମୋ'ର ଶିର ନଇଁ ପଡ଼େ......।

ସେଦିନ ଘଟଣାକୁ ଆଜିଯାଏଁ ଭୁଲିନି—ଭୁଲିବି ବା କିପରି ? ଜୀବନର ଉତ୍‌ଥାନ୍ ପତନ୍ ଭିତରେ ସେ ଯେ ଗୋଟିଏ ସ୍ମରଣୀୟ ଦିବସ । ସେଦିନ କେଜାଣି କାହିଁକି ଗୋଟାଏ ଅଣୀକ ଉତ୍ତେଜନାରେ କାଗଜ ପେନ୍‌ସିଲ୍ ଧରି ଲେଖୁ ଲେଖୁ କବିତା ଗୁଡ଼ାଏ କ'ଣ ଲେଖି ପକାଇଲି । ଜୀବନର ସମସ୍ତ ଅନୁଭୂତିର Colour boxରୁ ରଙ୍ଗ ନେଇ ମୋର କଳ୍ପନା-ତୂଳୀ ସାହାଯ୍ୟରେ ଗୋଟିଏ ସର୍ବାଙ୍ଗସୁନ୍ଦର କବିତା ଲେଖି ଡାକରେ ପଠାଇ ଦେଲି ମୃଦୁଳା ପାଖରେ—ଅଥଚ ଭବିଷ୍ୟତ୍ ଆପଦକୁ ଖାତିର ନକରି । ଯେତେବେଳେ ମୋ'ର ହୋସ୍ ଆସିଲା, ସେତେବେଳେ ମୋ'ର ନିଜର ଭୁଲ୍ ବୁଝି ପାରିଲି ।

ଅନ୍ୟ ଆଉ କେହି ମାନୁ କି ନ ମାନୁ ମୁଁ ଭାଗ୍ୟକୁ ସବୁଠାରୁ ବଳି ବୋଲି ମାନେ । ମୁଁ ଯେତେବେଳେ ମୋ'ର ଏପ୍ରକାର ଅର୍ବାଚୀନ-ତାର କୌଣସି ଅଶୁ ଅମଙ୍ଗଳ ପାଇଁ ବସିଥାଏ, ସେତେବେଳେ ଗୋଟାଏ ଚିଠି ଆସି ପହଞ୍ଚିଲା । ଉପରେ ସ୍ତ୍ରୀ ସୁଲଭ ହସ୍ତାକ୍ଷର । ସେତେବେଳେ ମନ ଭିତରେ ଯେଉଁ ସ୍ପନ୍ଦନ ଖେଳିଗଲା ତାକୁ ଅନୁଭବୀ ଛଡ଼ା ଆଉ ବୁଝିବାକୁ ସାଧ୍ୟ କାହାର ? ଚିଠିଟା ପଢ଼ି ତାକୁ ଚିହ୍ନି ପାରିଲିନି । ସେଥିରେ ଥିଲା ଗୋଟିଏ ଛୋଟ ଗୀତ ଓ ତା ତଳେ ମୋର ଚିର ପରିଚିତ ନାଁ'ଟି—ମୃଦୁଳା । ଗୀତଟି ଆଜିଯାଏ ମୋ ଛାତିରେ ଅଙ୍କା ରହିଛି । ସେ ଲେଖିଥିଲା—

> ସୋହାଗିଆ ଗଗ ପରଶେ ପ୍ରିୟ ହେ କମଳ ଉଠିଛି ଜାଗି,
> ସିନ୍ଦୂର ଫାଗୁନ—ଉଷାର ଅଜିନ ଓଠ-ମଧୁ ନାହିଁ ମାଗି
> ଶିଶିର ସିକ୍ତ ସବୁଜ ଏ ଧରା ଅଶ୍ରୁଳା,
> ପ୍ରଭାତ ନଳିନୀ ଲେହିତ ଅରୁଣେ ଗାଉଛି ଯଥା ଗାଉଛି 'ମୃଦୁଳା'.

ଏଇ ଗୀତଧାଡ଼ିରେ ସେ ସତେ ଯେପରି ଜୀବନର ସବୁ ଲଜ୍ଜା ଏକାଟି ତୁଳି କରି ରଖି ଦେଇଥିଲା । ଯେତେ ପଢ଼ିଲେ ବି ମୋର ଅବସାଦ ଆସିଲାନି ;

ତା'ପରେ ପ୍ରଣୟର ଆନୁଷଙ୍ଗିକ ମହଡ଼ାଗୁଡ଼ିକ—ଚିଠି ପତ୍ରର ଗୋପନ ଆଦାନପ୍ରଦାନ—ବନ୍ଧୁମାନଙ୍କର ଶତ ବିଦ୍ରୂପ ସତ୍ତ୍ୱେ କ୍ଲାସରେ ପ୍ରଥମ ବେଞ୍ଚରେ ବସେ—ମୃଦୁଳାର ଉଚ୍ଛଳ ସୌନ୍ଦର୍ଯ୍ୟ ଦୂରରୁ ଉପଭୋଗ କରିବାକୁ । କେତେବେଳେ କମିତି ସେ ମୋ ଆଡ଼େ ଚାହିଁ ଦେଲାବେଳେ ଚାରି ଚକ୍ଷୁର ମିଳନ ହୋଇଯାଏ ଓ ମୃଦୁଳାର ମାଂସଳ ଗାଲରେ ଲଜ୍ଜାର ଅବିର୍ଭାବ ହୁଏ—ଫେରାଇ ନିଏ ମୁହଁ ତା'ର ଧୀରେ ନିପଟ ଲଜ୍ଜାର ଗଭୀର କଷାଘାତରେ ।

ତା'ପରେ ମାସ ଛଅ ଘଣ୍ଟା ଭଳି କଟିଗଲା ପରି ଗଲିଗଲା । ବାପାଙ୍କର ଗୋଟିଏ ପୁଅ ମୁଁ ଓ ମୃଦୁ ତାଙ୍କ ବାପାମାଙ୍କର ଗୋଟିଏ ଝିଅ । ଉଭୟ ଧନୀ ପରିବାର । ଉଭୟଙ୍କର ମଧ୍ୟରେ ବନ୍ଧୁତା ଗାଢ଼ତର ହୋଇଗଲା ବିବାହ—ଦୁହିଙ୍କ ଜୀବନର ଚିର ବାଞ୍ଛିତ ପରିସମାପ୍ତି । ଯାହା ଶୁଣି କେତେକ ଶିକ୍ଷିତ କଲେଜ ଯୁବକ ମନେ ଈର୍ଷା କରୁଥିଲେ । ପ୍ରକୃତରେ ଏମିତି ସ୍ୱର୍ଣ୍ଣ ସୁଯୋଗ କେଉଁ ଜଣଙ୍କ ଭାଗ୍ୟରେ ଜୁଟେ ?

ଯାହାହେଉ, ଏଣିକି ମୃଦୁର ଦେହ ଓ ମନ ଉପରେ ମୋ'ର ଏକଚ୍ଛତ୍ର ପ୍ରଭାବ ।

—ତିନି—

ମୃଦୁ ଓ ମୁଁ ଗୋଟିଏ ଘରକରା ନେଇ ଥାଉଁ । ମୃଦୁର ଯୌବନର ଢଳଢଳ ଲାବଣ୍ୟ ଦର୍ପଣ ଦେଖି, ଜୀବନର ସବୁ ଶୋଷ ମେଣ୍ଟେ

Digitized by srujanika@gmail.com

ଫୁଟି ଯାଉଥାଏ । କଲମ ମେସିନରୁ ଗୋଟିଏ ଗୋଟିଏ ହୋଇ ବେରେଇ ଯେ ଅସୁମାରି କବିତା ତାହାରେ ତା'ର ସୀମା ନାହିଁ । କିନ୍ତୁ ଅଜି ସମ୍ପାଦକଗୁଡ଼ା ମୋ' ଲେଖାର ମୂଲ୍ୟ ନିର୍ଦ୍ଧାରଣ କରି ପାରନ୍ତିନି । ଜଣେ ସମ୍ପାଦକ ଲେଖିଲେ—

''——ଆପଣଙ୍କର ଲେଖା ଅତ୍ୟନ୍ତ କଦର୍ଯ୍ୟ ଓ ନଗ୍ନ । ଭାଷା ପ୍ରତି ଆପଣ କିଛି ବେଶୀ ନଜର ଦିଅନ୍ତୁ । ଅଶ୍ଳୀଳତା ଦୋଷ ତ ଲେଖାର ପ୍ରତି ଧାଡ଼ିରେ ଫୁଟି ଉଠୁଛି । ଆପଣ ନିଜର ଅନୁଭୂତିକୁ ଟିକିଏ ଆବରଣ ଦେଇ ଲେଖନ୍ତୁ । ଠାଏ ଠାଏ ଆପଣ ଏକାଥରେ ଭାଷାର ଏମିତି ଅଯଥା ବ୍ୟବହାର କରନ୍ତି ଯେ, ତାହା ଶ୍ରୁତିକଟୁ ଓ ଅର୍ଥହୀନ ହୋଇପଡ଼େ । ଆପଣଙ୍କର ଭାବ ଥାଇପାରେ । କିନ୍ତୁ ସ୍ଥାନେ ସ୍ଥାନେ ଆପଣ ଅଶ୍ଳୀଳ ଶବ୍ଦ ପକାଇ ସହଜରେ ପାଠକ ମନରେ ବିକାର ଜନ୍ମାଇଥାନ୍ତି । ଆପଣଙ୍କର ଲେଖା ବୋଧହୁଏ ସର୍ବଜନ ଲାଭ କରିବନି । ଏପରି ଲେଖିବା ଦ୍ୱାରା ଭାଷାର ତ ଯାହା ଅପବ୍ୟବହାର କରୁଛନ୍ତି, ତା' ସଙ୍ଗେ ଅନ୍ୟ ପ୍ରଦେଶରୁ ଏମିତି ଗୁଡ଼ିଏ ଶବ୍ଦ ଆମଦାନୀ କରି ଆମ ଭାଷାକୁ ଅଯଥା କ୍ଲିଷ୍ଟ କରୁଛନ୍ତି ସିନା—!''

ମୁଁ ରାଗରେ ଅଗ୍ନିଶର୍ମା ହୋଇଗଲି । ଉତ୍ତରରେ କେବଳ ଏତିକି ଲେଖିଲି—

"ଯଦି ମୋର ଲେଖା କଦର୍ଯ୍ୟ ବୋଲି ବିବେଚିତ ହୁଏ, ତେବେ ଦୋଷ ମୋର ନୁହେଁ—ଦୋଷ ଏଇ କଦର୍ଯ୍ୟ ଓଡ଼ିଶା ପ୍ରଦେଶର—ଯହିଁରେ କବିର ଗୌରବ କେହି ଜାଣନ୍ତି ।"

ଯାହାହେଉ, କେହି ନ ଛପାଇବାରୁ, ମୋ' ବହି ମୁଁ ନିଜେ ଛପାଇଲି । କିନ୍ତୁ ଲୋକେ ବି ଉଦ୍ଭଟ—ସେଇ ରକ୍ଷଣଶୀଳ ମନୋବୃତ୍ତି—ଆମ ଭାଷା କ୍ଲିଷ୍ଟ ହୋଇଯିବ । ତେଣୁ ବହିଯାକ ମୋ'ର ଛପା ହୋଇ ବହି ଦୋକାନମାନଙ୍କର ଗୋଦାମରେ ଥାକ ମାରି ହୋଇ ରହିଲା ।

ତଥାପି କହେ ମୁଁ—ଦୁନିଆଁର ଲୋକେ ପଢ଼ନ୍ତୁ ନ ପଢ଼ନ୍ତୁ ମୋର ସେଥିରେ ଯାଏ କେତେ ଆସେ କେତେ ? ମୁଁ ଲେଖିବା କଥା, ଲେଖିବ । ଲୋକେ ସିନା ଆଜି ଚିହ୍ନିବେ ନାହିଁ—ଆଉ ପଚାଶବର୍ଷ ଗଲେ ତ ବଳେ ଚିହ୍ନିବେ । ସେକ୍ସପିୟର ପୁଣି ତ ଏକା ଦିନକେ ବଡ଼ ହୋଇ ନଥିଲେ । ତାଙ୍କୁ କଣ ତାଙ୍କ ସମୟରେ ଏମିତି ସମ୍ମାନ ମିଳୁଥିଲା ? ସେଇମିତି ମୋ' ବହି ଛପା ଥାଉ—ପରେ ଲୋକେ ଚିହ୍ନିବେ ।

ମୃଦୁ ଦରଦର ମୋ'ର କାବ୍ୟମୟ ଜୀବନ ସହିତ ତାଳ ଦେଇ ଯାଉଥାଏ । ମୋ'ର ସମସ୍ତ କବିତାର ପ୍ରେରଣାର ଉତ୍ସ ସେ । କିନ୍ତୁ ମୋ' ଭିତରେ ସେ କେଉଁ ଟିକିଏ ଲୁପ୍ତ ହୋଇ ପଡ଼ିଛି । ନିଜ ଓ ନିଜର ସେ ଯେତେ ପ୍ରାଣଭରି ଚେଷ୍ଟା କରୁଛି ମତେ ସେତେ ଭଲ ପାଇ ପାରୁନାହିଁ । ମୋ' ପ୍ରତି ତା'ର ଟିକିଏ ବିତୃଷ୍ଣା ଜାଗିଲା ଭଳିଆ ଲାଗୁଛି । ଆଜ କାଲିର ଟିକିଏ ଜ୍ୱର ହୋଇଛି ନା କଅଣ, ସେଥିପାଇଁ ସେ ଭାରି ବ୍ୟାକୁଳ ଓ ତା'ର କଣ୍ଠସ୍ୱର ଏବେ ରୁକ୍ଷ ।

—ଦୁଇ—

''—ବୁଝିଲ ମୃଦୁ, ସଂସାରରେ ସୁଖ ଶାନ୍ତି ବୋଲି କାହାର ଓ କେବେ ଥିଲା ? ଏ ସଂସାରରେ ସବୁ ଅସତ୍ୟ—କେବଳ ମୁଁ ଅଛି ଏହାହିଁ ସତ୍ୟ । ଆମେ ଦୁଇଜଣ ଯେତେଦିନ ଅଛୁଁ—ସତ୍ୟ ଅଛି । ତମେ ପ୍ରକୃତି—ମୁଁ ପୁରୁଷ । ଆମେ ପ୍ରତ୍ୟେକେ ପ୍ରତ୍ୟେକର ସତ୍ତା ଅନୁଭବ କରୁଛେଁ । ଦୁନିଆ ଭାସିଯାଉ, ସେଥିରେ ଆମର ଯାଏ କେତେ ? ତୁମର ଏଇ ରୂପଶିଖାରେ ମୁଁ ମୋର ସମସ୍ତ ସତ୍ତା ଲୋପ କରିଦେବାକୁ ଇଚ୍ଛା ବୋଧ କରୁଛି । ଚିରଦିନ ପାଇଁ ତୁମର ସରଳ ଅଙ୍ଗଲତାକୁ ମୁଁ ମୋର କଳ୍ପନା ଭିତରେ ବାନ୍ଧି ରଖିଦେବି । ଆଜ ଦିନ ଟାଇପଯନ୍ତ୍ରର ଗୁଞ୍ଜନ—ତାଳି ହୁଏତ ନାହିଁ........''

ବହୁ ଯତ୍ନେ ଗୋଟାଏ ବଡ଼ ହଳଦିଆ ଗେଣ୍ଡୁଫୁଲ ତା'ର ରୁକ୍ଷ କବରୀରେ ଖୋସି ଦେଲି । ତାକୁ ମୋ'ର ଅତି ନିକଟ ଆଣି ବେଣୀ ଗନ୍ଧିର ମହୁର ଗନ୍ଧ ଆଘ୍ରାଣ କରୁ କରୁ ତା'ର ଅଧରରୁ ମୋ' ଓଷ୍ଠ ପାଖରେ ଲଜ୍ଜା ଚୋରି କରିବାକୁ ଯାଉଛି, ହଠାତ୍ ସେ ମୋତେ ମୋ'ର କଥା ଶେଷ କରିବାକୁ ନଦେଇ ମୋ ମୁହଁରେ ତା'ର କହୁଣୀ ପରି କର୍କଶ ଓ ଶିଥିଳ ହାତଟିକୁ ମାଡ଼ି ଧରିଲା । ତା ସଂଗେ ସଂଗେ, ନଈକୂଳ ଭାଙ୍ଗିଗଲେ ଯିମିତି ପାଣି ବହି ଆସେ ସିମିତି ଢଳ ଢଳ ଆଖିରୁ ତା'ର ଲୁହ ବହି ମୋ ଛାତି ଓଦା କରିଦେଲା । ଅଶ୍ରୁଳ କଣ୍ଠରେ ଓ ଉଚ୍ଚ-ସ୍ୱରରେ କହିଲା—

''—ତୁମେ ଏତେ ହୃଦୟହୀନ—ଏତେ ନିର୍ମମ । କେଉଁ ଉପାଦାନରେ ତୁମେ ଗଢ଼ା ହୋଇଛ ? ଅଣଦେଖାକୁ ତ ଗୋଟିଏ ଗଲା ଅରଟର ମଧ୍ୟ ଥିବ ଟଙ୍କା ପାଇଁ ଛ । ଧିକ୍ ତୁମ କବିତାକୁ—ଶତଧିକ ତୁମ କବିତ୍ୱକୁ—ଲାଜ ମାଡ଼ୁନି । ବାସ୍ତବିକ ତୁମେ ମଣିଷ ନୁହଁ ପଶୁ ।''

ଏତିକି କହି ସେ ମୋତେ ବନ୍ଧନମୁକ୍ତ ହୋଇ ଟେବୁଲ ଉପରେ ପଡ଼ିଥିବା ମୋର କବିତା ଖାତାଟିକୁ ଓ କଲମ ଦୁଆତ ନେଇ ଚାଲି-ଗଲା ଘର ବାହାରକୁ । ମୁଁ ନିର୍ବାକ ହୋଇ ବସି ରହିଲି । ଭାବିଲି ସିନେମା ଦେଖୁନି ତ !

କିଛି ସମୟପରେ ନିଜ ନାଲି ଓଠରେ ସୌଦାମିନୀ ପରି ଗୋଟିଏ କ୍ଷୀଣ ହାସ ଫୁଟାଇ ପୁଣି ଝଡ଼ ବେଗରେ ଘରକୁ ପଶି ଆସିଲା । ମୁହଁରେ ତାର ଅବ୍ୟକ୍ତ ତୃପ୍ତି ଓ ଆନନ୍ଦ । ହାତରେ ଥିବା ପୋଡ଼ା କାଗଜର ଦଶ ପାଞ୍ଚ ଖଣ୍ଡ ଭଙ୍ଗା କାଚ ଓ ଗୋଟାଏ ଭଙ୍ଗା ନିବ୍ ଟେବୁଲ ଉପରେ ଥୋଇଦେଇ କହିଲା—

—ଏଇ ନିଅ ତୁମର କବିତା ଓ କବିତ୍ୱର ଉପହାର ।

—(*)—

Digitized by srujanika@gmail.com

ମଜାକଥା—




# ମର୍କଟସ୍ଥାନ

ଲେଖକଃ— ଶ୍ରୀ ପଦ୍ମଚରଣ ଦଲାଇ

ପାଣୁ ମର୍ଦ୍ଦରାଜଙ୍କୁ କେହି କେହି ପାଣୁ ମର୍କଟରାଜ ବୋଲି ଡାକନ୍ତି । ତାଙ୍କର ଚେହେରା ଓ ସ୍ୱଭାବ ଅନେକ ମାଙ୍କଡ ସାଙ୍ଗରେ ମିଳିଯାଏ । ଗାଁ ପିଲାଏ ତାଙ୍କୁ ଦେଖିଲେ କେହି 'ମର୍କଟରାଜ', 'ମାଙ୍କଡ଼ରାଜ' ବୋଲି ଡାକନ୍ତି । ସେଥିରେ ସେ ଟିକିଏ ବିଚଳିତ ହୁଅନ୍ତି ନାହିଁ । ଓଲଟି ପିଲାଙ୍କୁ ବୁଝାଇ କହନ୍ତି ଯେ, "ଆମ ପୂର୍ବପୁରୁଷ ଥିଲେ ମାଙ୍କଡ଼ । ପାଠୁଆ ଲୋକଙ୍କୁ ପଚାର ସେମାନେ କ'ଣ କହୁଚନ୍ତି ? ଯୁଗ କ୍ରମେ ଆମର ଲାଙ୍ଗୁଳଟା କେବଳ ଲୋପ ହୋଇ ମୁଣ୍ଡି ହୋଇ ଯାଇଛି । ତା' ନ ହେଲେ ଆମର ମାଙ୍କଡ଼ଙ୍କର ତଫାତ୍ କଣ ? ସେଇଯୋଗୁ ଆମ ଧର୍ମରେ ମାଙ୍କଡ ମାରିବା ମନା ।" ପିଲାଏ ହୋ ହୋ ହସି ଉଠନ୍ତି ; ମର୍କଟରାଜ ଓ ମାଙ୍କଡ଼ରାଜ କହି ଖେଳାଇ ହୁଅନ୍ତି ।

ପାଣୁ ମର୍ଦ୍ଦରାଜ ଓରଫ ପାଣୁ ମର୍କଟରାଜ ଫେରୁଥିଲେ ଧବଳେଶ୍ୱରରୁ । ବାଟରେ ମାଙ୍କଡ଼ମାନ ଦେଖି ମନରେ ବଡ଼ ଦୁଃଖ ହେଲା । ବାଟରେ ଗୋଟିଏ ଗଛ ମୂଳେ ବସିପଡିଲେ । ବାଟ ଚାଲି ଥକ୍କା, ଏଣେ ଗୁଳି ମାଡ଼ରେ ଗଛରୁ ପଡିଯିବା, ମାଙ୍କଡ଼ଙ୍କର ଛଟପଟ ହୋଇ ମରିବା ଦେଖି ତାଙ୍କ ମନରେ ଦୁଃଖ ଆସିଲା । ସେ ଚିନ୍ତା କରୁ କରୁ ଦେହ ଢଳିଲା, ଉଦ୍‌ବେଗ ଓ ଜଡ଼ତା ପଶିଥିବା ଅଳସୁଆ ଦେହକୁ ଗାମୁଛା ପାରି ଟିକିଏ ଶୋଇ ପଡିଲେ ।

ହଠାତ୍ ନିଦ୍ରାରେ ମର୍କଟରାଜ ସ୍ୱପ୍ନ ଦେଖିଲେ ଯେ—କାଠଯୋଡ଼ି ବାଲିରେ ମର୍କଟମାନଙ୍କର ଗୋଟିଏ ବିରାଟ ସଭା ବସିଛି—ଏବଂ ସ୍ୱୟଂ ପାଣୁବାବୁ ସଭାପତିର ଆସନ ଅଳଙ୍କୃତ କରିଛନ୍ତି । ଯଥାବିଧି ସଭା କାର୍ଯ୍ୟ ଆରମ୍ଭ ପରେ ନୃସିଂହ ନାମରେ ଜଣେ ମର୍କଟ ଉଠି ସଭାର ଉଦ୍ଦେଶ୍ୟ ବୁଝାଇ କହିଲେ—

ଭ୍ରାତୃମାନେ, ଆପଣମାନେ ଜାଣନ୍ତି ଆଜି ମର୍କଟ ଜାତି କି ବିପଦର ସମ୍ମୁଖୀନ ହୋଇଛି । ଅଦମବାସୀମାନେ ଆମ୍ଭମାନଙ୍କୁ ସମୂଳେ ନାଶ କରିବାକୁ ବସିଛନ୍ତି । ରାମଚନ୍ଦ୍ର ମହାପ୍ରଭୁ କିଷ୍କିନ୍ଧ୍ୟାରେ ବାସ କରିବା ପାଇଁ ଚିରସ୍ଥାୟୀ ପଟ୍ଟା କରିଦେଇ ଯାଇଥିଲେ । କିନ୍ତୁ କିଷ୍କିନ୍ଧ୍ୟାର ଅଧିବାସୀମାନେ ଆମର ବଂଶଜ ହୋଇ ଆଜି ଆମକୁ ହତାଦର ଓ ଅନାଦର କରୁଛନ୍ତି । ଓଡ଼ିଆ ଜାତିଟା ନିରହ ବୋଲି ଆମେ ତାଙ୍କ ଦେଶରେ ଫଳମୂଳ ଖାଇ ବେଶ ଆନନ୍ଦରେ ରହୁଥିଲୁ । ତାଙ୍କ ଦେଶ ତୀର୍ଥଭୂମି ଗୁଣେଶ୍ୱରରେ ନିରାପଦରେ ରହୁଥିଲୁ—କେହି ଟୁପ ଛୁଇଁ ନଥିଲେ । କିନ୍ତୁ ସରକାରଙ୍କ ଅଧିକ ଖାଦ୍ୟ ଉତ୍ପାଦନ ଯୋଜନା ଅନୁସାରେ ମାଙ୍କଡ଼ ମାରିବାକୁ ପୁରସ୍କାର ଘୋଷଣା କରିଯାଇ ଆମ ଜାତିକୁ ଧ୍ୱଂସ କରାଯାଉଛି । ଲକ୍ଷାଧିକ ମାଙ୍କଡ଼ ମଲେଣି । ଆଜିର ସଭାପତି ଆମ୍ଭର ସ୍ୱଜାତି, ନହେଲେ ତାଙ୍କର ଆମ୍ଭ ଜାତିପ୍ରତି ବିଶେଷ ଅନୁରାଗ ଓ ସହାନୁଭୂତି ଅଛି । ସେ ମଧ୍ୟ ନିଜ ଜୀବନରେ ମର୍କଟରାଜ ଉପାଧି ପାଇଛନ୍ତି । ସେ କେବଳ ଆମ୍ଭର ବିପଦ ବେଳରେ ଉପଯୁକ୍ତ ନିର୍ଦ୍ଦେଶ ଦେଇ ପାରିବେ । ବର୍ତ୍ତମାନ ମୁଁ ସଭାପତିଙ୍କୁ ଆହ୍ୱାନ କରୁଛି ସେ ଏ ବିଷୟରେ ଆମ୍ଭମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ଓ ନେତୃତ୍ୱ ଗ୍ରହଣ କରନ୍ତୁ । (କରତାଳି ଧ୍ୱନି)

ସଭାପତି ନିଜେ ଉଠି ଆରମ୍ଭ କଲେ—

ଉପସ୍ଥିତ ମର୍କଟବୃନ୍ଦ,

ଆଜି ଆପଣମାନେ ଏକଯୁଟ ହୋଇ ମୋ ପରି ନଗଣ୍ୟ ବ୍ୟକ୍ତିକୁ ସଭାପତି ପଦରେ ଯେଉଁ ସମ୍ମାନ ଦେଇଛନ୍ତି—ସେଥିପାଇଁ ମୁଁ ଆପଣମାନଙ୍କୁ ଶତ ଧନ୍ୟବାଦ ଦେଉଛି । ଯଦି ମୋଦ୍ୱାରା ଆପଣମାନଙ୍କର କିଛି ଉପକାର ହୁଏ ତେବେ ନିଜକୁ ଖୁବ୍ ଭାଗ୍ୟବାନ ମନେ କରିବି—ବର୍ତ୍ତମାନ ଦଳପତି ନୃସିଂହ ହନୁ ଯାହା କହିଲେ ସେଥିରେ ମୋର ଆପଣମାନଙ୍କୁ ଦେଖାଇ ଦେବା ଉଚିତ ଯେ, ଆପଣମାନଙ୍କ ପ୍ରତି ଭୀଷଣ ବିପଦ ପଡ଼ିଛି । ଯଦି ବୁଝନ୍ତି କୌଣସି ପ୍ରତିକାର କରି ନ ଯାଏ ତେବେ—ଆପଣମାନଙ୍କ ପାଇଁ କିଷ୍କିନ୍ଧ୍ୟା କିମ୍ବା ମାନବ ରାଜ୍ୟ କୌଣସି ଯାଗାରେ ସ୍ଥାନ ନାହିଁ । ସଭା ମଧ୍ୟରୁ (ଅଲବତ୍ ଅଲବତ୍ ଶବ୍ଦ ଶୁଣାଗଲା) ବର୍ତ୍ତମାନ ଆମ୍ଭମାନଙ୍କର ପ୍ରଥମ କର୍ତ୍ତବ୍ୟ ଯେ, ଗୋଟିଏ ଦଳ ବା ଲିଗ ଗଢ଼ି ପ୍ରଥମେ ଭଗବାନଙ୍କ ପ୍ରତିନିଧିଙ୍କୁ ଭେଟିବା—ତାପରେ ଖୋସାମଦ, ଦଲାଲ ବା ଯେ କୌଣସି ପ୍ରକାରେ ହେଉ ନିଜ କାର୍ଯ୍ୟ ହାସଲ କରିବା । ଆପଣମାନଙ୍କ ମଧ୍ୟରୁ ଜଣକୁ ଦଳପତି ବାଛିବାକୁ ହେବ—ତା ସାଙ୍ଗରେ ଆଉ କେତେଜଣ ନେତୃସ୍ଥାନୀୟ ହନୁଙ୍କୁ ନେଇ ସ୍ୱତନ୍ତ୍ର 'ମର୍କଟ ସ୍ଥାନ' ପାଇଁ ଦାବି କରିବା, ଯାହାଦ୍ୱାରା କି ଏଠାକାର ବାସିନ୍ଦାମାନେ ଭଗବାନଙ୍କଠାରେ ସୁପାରିଶ ହେବେ ଏବଂ ଆଉ ବିଚ୍ଛେଦନ ପଛା କରିବେ । ସେହି ସୁବିଧା ନେଇ ଆପଣମାନେ ଟିକିଏ ଭଗବାନଙ୍କୁ ଖୋସାମଦ, ଦରମତ କରିଦେଲେ କାର୍ଯ୍ୟଟା ହାସଲ ହୋଇଯିବ । ବର୍ତ୍ତମାନ ପ୍ରଧାନ ଦଳପତି ଓ କାର୍ଯ୍ୟକାରୀ କମିଟି ମେମ୍ବର ନିର୍ବାଚନ କରାଯାଉ ।

ସଭାସ୍ଥ ସମସ୍ତ ମର୍କଟମାନେ ଏକସ୍ୱରରେ କହିଲେ—"ଆପଣଙ୍କ

Digitized by srujanika@gmail.com

ବ୍ୟକ୍ତିଗତ ଚରିତ୍ର ଗୋସ୍ୱାମୀଙ୍କ, ଅଛି କେହି ତାହାନ୍ତି। ଅପଣଙ୍କ ପ୍ରଧାନ ଦଳପତି ହେଉଛନ୍ତି ଓ ନୃସିଂହ, ଅଙ୍ଗଦ, ବାଳୀ, ସୁଗ୍ରୀବ ପ୍ରଭୃତି ଦଳପତି ହୋଇଥିଲେ।'

ସଭାପତି—(ଧୀର ସ୍ୱରରେ ନରଦ ପ୍ରତି)—ଯଦି ମୋତେ ଏଠାରୁ ଘର ଦେବାକୁ ଯାଉଛନ୍ତି ତେବେ ମୋର ଗୋଟିଏ ଅନୁରୋଧ ରକ୍ଷା କରିବାକୁ ହେବ।

ସମସ୍ତେ—କହନ୍ତୁ—କହନ୍ତୁ—

ସଭାପତି—ମୁଁ ଅପଣମାନଙ୍କ ସେବା ପାଇଁ ଜୀବନ ଉତ୍ସର୍ଗ କରି ଦେଇଛି ଧନ୍ୟ ମଣିବ। ତେବେ ମୋତେ ଅପଣମାନେ ଦେଇଥିବା ଯାଏ ସମର୍ଥନ କରୁଥିବେ ଏବଂ ଯଥେଷ୍ଟ ରକମର ଅର୍ଥ ସାହାଯ୍ୟ ଦେଉଥିବେ। କାରଣ ଅପଣମାନଙ୍କ ସେବା କଲେ ନିଜର ବ୍ୟବସାୟ ଚଳେଇବାକୁ ଅଉ ସୁବିଧା ନଥିବ।

ସମସ୍ତେ—ହାଁ କହନ୍ତୁ—ଯାହା କହିବେ, ତାହା କରିବୁ।

ତା'ପରେ ମର୍କଟ ଦଳରୁ କ୍ଲବ୍‌ର ପ୍ରେସିଡେଣ୍ଟରୂପେ ସର୍ବସମ୍ମତି କ୍ରମେ ମନୋନୀତ କରାଗଲା।

ଶେଷରେ ପ୍ରସ୍ତାବ ହେଲା—କ୍ଲବ ତରଫରୁ ଗୋଟିଏ ସ୍ୱତନ୍ତ୍ର ଖବର କାଗଜ ପ୍ରକାଶ କରି ସେଥିରେ ମର୍କଟ ସ୍ଥାନର ଦାବୀ ଉପସ୍ଥିତ ଓ ଅଧମ ସ୍ଥାନର ନିନ୍ଦା କରାଯିବ। ଯଦି ମର୍କଟ ସ୍ଥାନର କେହି ବିରୋଧ କରେ ତେବେ ମୌନ ବେଶ ମାତ୍ର ଦେବା—ଦଳପତି ଭଗବାନଙ୍କ ପାଖକୁ ଯାଇ ନିଜ ଦଳର ମତ ଜଣେଇବା—ଅମ୍ଭେମାନେ ଧର୍ମର ଦୋହାଇ ଦେଇ ନିଜର ଦାବୀ ସମର୍ଥନ କରିବା। ଶେଷରେ ସଭାପତିଙ୍କୁ ଧନ୍ୟବାଦ ଦେଇ ସଭାଭଙ୍ଗ ହେଲା।

ପରଦିନ ପାଣୁ ମର୍କଟରାଜ ମର୍କଟ କ୍ଲବ୍‌ର ପ୍ରେସିଡେଣ୍ଟ ହିସାବରେ ଭଗବାନଙ୍କ ସେକ୍ରେଟାରୀଙ୍କ ଜରିଆରେ ଭେଟ ଦେଇ ଭଗବାନଙ୍କୁ ଦେଖା କଲେ। ପ୍ରଥମେ ଗୋଟିଏ ଡାଲିରେ କିଛି ଭେଟି ଦେଇ ତାପରେ ନିଜର କ୍ଲବ୍‌ର ଉଦ୍ଦେଶ୍ୟ ବଖାଣ କଲେ।

ଭଗବାନ—ତୁମ୍ଭ କ୍ଲବ୍‌ର ଉଦ୍ଦେଶ୍ୟଟା ଭଲ ଭାବରେ ବୁଝାଇଦିଅ।

ପାଣୁ—ପ୍ରକୃତରେ ଦେଖିବାକୁ ଗଲେ ଅମ୍ଭ ଭଳି କେହି ଏଠାକାର ବାସିନ୍ଦା ନୋହୁଁ। ଭୂତେ ବିଦେଶୀ ବା ଉଡ଼ାକାଇ। ତେବେ ଯଦି ଅପଣ ଅମ୍ଭମାନଙ୍କର ମର୍କଟ କଟୋରି ମାନି ନଥାନ୍ତି ତେବେ ଅମ୍ଭର ଯଥେଷ୍ଟ କ୍ଷତି ହେବ ଏବଂ ଅଧମ ଜାତିଏ ଅମ୍ଭଙ୍କୁ କାହାଡ଼ି ପକା କରିବେ। ଦରକାର ହେଲେ ଅମ୍ଭେମାନେ ସେମାନଙ୍କ ସଙ୍ଗେ ମାରପିଟ କରି ଧରଣୀ ସାହାଯ୍ୟ ନେଉଛୁ। ତଦ୍ୱାରା ଅନ୍ତତଃ ଅଉ ଦୁଇଶହ ବର୍ଷ ଅପଣ ରାଜତ୍ୱ କରି ପାରିବେ।

ଭଗବାନ—ଅଚ୍ଛା! ମନ୍ଦ ନୁହେଁ—କିନ୍ତୁ ତୁମେ ଯେ, ଏ ଦେଶରେ ରହ, ଏ ଦେଶର ଅନ୍ନ ଖାଇ ତାଙ୍କ ପ୍ରତି କେମାନ ବା ନିମକ ହାରାମି କରିବ ତାର ପ୍ରମାଣ କଣ?

ପାଣୁ—କାରଣ, ଉଭୟ ଏ ଦେଶରେ ବହୁତ ଦିନ ରହି ସେମାନଙ୍କ ଦୁର୍ବଳତାର ସୁବିଧା ଉଠାଇ ଖୁବ୍ ଖାଇଲେଣି। ଏବେ ସେମାନଙ୍କର ଅଖି ଖୋଲିଲାଣି। ଅମ୍ଭମାନଙ୍କର କୁଅସ୍ୱେର ଧରି ସାରିଲେଣି। ଏପରିସ୍ଥଳେ ଅମ୍ଭ ଭଳିଙ୍କର ଗଛର ସାହାଯ୍ୟ ନଥିବା ଦରକାର—ସେଥିରେ ଅବଶ୍ୟ ଅମର କାରଣ ବଳ ରହି ନପାରେ।

ଭଗବାନ—ବାସ୍ତବିକ ତୁମେ କଦେ ସମୟରେ ପ୍ରକୃତ ପତିବ୍ରତା ସ୍ତ୍ରୀ ପରି ଉପଦେଶ ଏବଂ ବାସ୍ତବ ଦେଉଛ। ବର୍ତ୍ତମାନ କି ଉପାୟ ସ୍ଥିର କରିଛ?

ପାଣୁ—ଅମ୍ଭେ ମର୍କଟମାନଙ୍କ ତରଫରୁ ପ୍ରେସିଡେଣ୍ଟ ହିସାବରେ ସେମାନଙ୍କଠାରୁ କଥାର କଥାର ନେଉଛୁଁ ଯେ, ନିମକ ହାରାମି ଭାଙ୍ଗିବ ପରି ପ୍ରେସିଡେଣ୍ଟହିସ ଷାଗ୍ ଉପର ଭେଟ କରିବୁଁ। ସେମାନେ ମଧ୍ୟ ଏତେ ମୂର୍ଖ ଯେ, ମୋତେ ବାଲଠାରୁ ଜଣେ ମହାତ୍ମା ବୋଲି ଭାବନ୍ତି। ମୁଁ ମର୍କଟସ୍ଥାନ ଦାବୀ ସାଧାରଣରେ ଜଣାଇବା ପାଇଁ ଗୋଟିଏ ପତ୍ରିକା ପ୍ରକାଶ କରିବ। ସେଥିରେ ମର୍କଟ ସ୍ଥାନର ଦାବୀ ଓ ଅଧମ ସ୍ଥାନର ନିନ୍ଦା କରିବ। ଲକ୍ଷାଧିକ କରିବ। ସେଥିରେ ଯଦି କେହି ବିରୋଧ କରେ ତେବେ ଅପଣଙ୍କ ସ୍ୱାମୀତ୍ୱରେ ଦଙ୍ଗା କରିବ।

ଭଗବାନ—ତେବେ ଯାଅ—ମୁଁ ଅଶୀର୍ବାଦ କରୁଛି ଏବଂ ନିଜ ତରଫରୁ ତୁମ ନିମକ ହାରାମୀର ପୁରସ୍କାର ସ୍ୱରୂପ ମାହିକ ଛଅ ହଜାର ଟଙ୍କା ଜଣ୍ଡା କରି ଦେଉଛି। ତାହାଠାରୁ ନିଜ କାର୍ଯ୍ୟରେ ଲାଗିପଡ଼—ଅଉ ବିଦାୟ—

ହଠାତ୍ ପାଣୁର ନିଦ ଗୋଟିଏ ବିକଟାଳ ଶବ୍ଦରେ ଭାଙ୍ଗିଗଲା। ସେ ଦେଖିଲା ଯେ, ଦୁଇଟା ହନୁ ତାର ହାତରେ ଥିବା ଚଣାଚୋବା ନେଇ କଦଳୀ ଓ କଣ୍ଟାଳ ଖାଇ ସାରିଲେଣି। ତାର ଉତ୍କଣ୍ଠା ଗଲାଣି। ଅନେକ ଛାଡ଼ ବ୍ୟବହାରର ଅନୁପଯୁକ୍ତ। ଘଉଡ଼େଇବାକୁ ଚେଷ୍ଟା କଲାରୁ—ମାଙ୍କଡ଼ସବୁ ହେଁ ହେଁ କରି ଗୋଡ଼ାଇ ଅସିଲେ। ପାଣୁଙ୍କର ମର୍କଟ ସ୍ଥାନର ପ୍ରେସିଡେଣ୍ଟ ହେବାର ସ୍ୱପ୍ନ କେବଳ ସ୍ୱପ୍ନରେହିଁ ରହିଗଲା! ସେ କାନମୁଣ୍ଡ ଅଉଁଠି ଘରକୁ ଫେରିଲେ।

—※—

## "ଜୟହିନ୍ଦ ଡଗର"

ଆଜାଦ ହିନ୍ଦ୍ ଫୌଜ ସମ୍ବନ୍ଧରେ କିଛି ଜାଣିବାକୁ ଚାହାନ୍ତି ତ 'ଡଗର' ଜୟହିନ୍ଦ୍ ସଂଖ୍ୟା ପଢ଼ନ୍ତୁ। ଏପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯାହା କିଛି ଆଜାଦ୍ ହିନ୍ଦ୍ ଫୌଜ ସଂକ୍ରାନ୍ତୀୟ ଲେଖା ବାହାରିଛି 'ଡଗର' ସମସ୍ତଙ୍କୁ ଟପି ଯାଇଛି। ଟଙ୍କାଟିଏ ପଠେଇଲେ ଅମେ ଅପଣଙ୍କୁ ରେଜେଷ୍ଟ୍ରି କରି ଜୟହିନ୍ଦ୍ ସଂଖ୍ୟା ଖଣ୍ଡିଏ ପଠାଇ ଦେବୁଁ।

'ଡଗର' ଅଫିସ,
ପୋଃ ଭଦ୍ରକ।

Digitized by srujanika@gmail.com

# ମିଠା କଡ଼ା

ଚରିତ୍ରର ସାଧୁତା ଲୋକେ ମଧ୍ୟ ବେଶ ବେଶି କହୁଥାନ୍ତି । କିନ୍ତୁ ଏଇ ଚରିତ୍ର, ସାଧୁତା Character, honesty ର ଭଳି ପଦାର୍ଥ କେଉଁ ଅର୍ଥରେ ଦେଖୁଛନ୍ତି ! ଏ ବସ୍ତୁବାଦ ଯୁଗରେ କେବଳ ବସ୍ତୁର ଅର୍ଥ ଅଛି ବସ୍ତୁର ଚରିତ୍ର ଲୁପ୍ତ ନଷ୍ଟ ହୋଇ ଗଲାଣି । ଚରିତ୍ର ବା ନଷ୍ଟ ହୁଅନ୍ତା କିପରି । ଯାହା ନାହିଁ—ସେ ପୁଣି ନଷ୍ଟ ହେବ କିପରି ?

ଚରିତ୍ରଟା ଯଦି ଥାଏ ତେବେ ସେଇଟା ହୋଇଥାଏ ମେଘପରି । ଦେଖୁର ଯେପରି ଭଳି ସେଇଟା ହୋଇଥାଏ କଥାର, ବୀଭତ୍ସାରିକ ପର୍ବତ ବା ପର୍ବତର ଯେପରି । ସେଇଟା ever changable—ଷ୍ଟ୍ରେଞ୍ଜତା ପରିବର୍ତ୍ତନଶୀଳ । ବହୁରୂପୀ ଏଣ୍ଡୁଅ ପରି ଫିଙ୍ଗୁଲ୍ ଦଣ୍ଡ ଏଇ ଚରିତ୍ରର ରୂପ ବଦଳୁଥାଏ ।

ସୁତରାଂ ଯାହାର ରୂପ ବଦଳେ ତା ଉପରେ ଭରସା କରି କରି ହେବ କିପରି ! ଏ ରୂପ ବଦଳିବାର ତ କୌଣସି ନିୟମ ନାହିଁ । ଯେତେବେଳେ ଯେପରି ଦରକାର ପଡ଼ିବ ଚରିତ୍ରଟାକୁ ଆମେ ସେହିପରି ବଦଳାଇ ନ ନେବା କାହିଁକି ?

ବାଇବେଲରେ ମଧ୍ୟ incest ବା ଏକ ପରିବାର ମଧ୍ୟରେ ସଂଗମଟାକୁ ଉଲ୍ଲେଖ କରିବାରେ ଚରିତ୍ରହୀନତା ଦେଖାଯାଇ ନାହିଁ । ପୁରାଣରେ ଉଦାହରଣର ଦୁର୍ଭିକ୍ଷ ନାହିଁ । ରାଧାନାଥ ବ ଶ୍ରେଷ୍ଠରେ ଯାହା ଲେଖିଗଲେ । ଶାସ୍ତ୍ରରେ ଯେଉଁ ପଞ୍ଚସତୀ ଅଛନ୍ତି ସେମାନେ ଯଦି ଏ ବିଂଶ ଶତାବ୍ଦୀର ପାଶ୍ଚାତ୍ୟ ସଭ୍ୟତା ଆସିବା ପୂର୍ବରୁ ଜନ୍ମ ନେଇଥାନ୍ତେ ତେବେ ତାଙ୍କର ଅବସ୍ଥା ଯେ କ'ଣ ହୋଇଥାନ୍ତା କହି ହେବ ନାହିଁ । ସୁତରାଂ ଏଇ ଚରିତ୍ରଟା ନେଇ ଏତେ ତୋଡ଼ପାଡ଼ ଖୋଳି ପର୍ବତ ମାରି ମୂଷା କାହିଁକି ? ବ୍ରାହ୍ମଣ ବ୍ୟାସ କୁରୁକୁଳ ରକ୍ଷା କଲେ । ଅତଏବ ଧୃତରାଷ୍ଟ୍ର ଓ ପାଣ୍ଡୁ ସହିତ ଲୋକମାନଙ୍କୁ ଯାହା କଲେ ତ କଲେ ମାଇଁ ସେଥିଟାକୁ ଯଦି ଇତିହାସରୁ ବାଦ ଦେଇ ଥାଆନ୍ତେ ତେବେ ତାଙ୍କ ଭକ୍ତମାନଙ୍କର ଇଂଜି ଖାଇବାରେ କେଉଁ ଅସୁବିଧାଟା ହୋଇ ଥାଆନ୍ତା ଭଲା !

ଏଥି ପାଇଁ ସେଇ ଯୌନଚରିତ୍ର କଥା । ଆମେ ଚରିତ୍ର ବୋଲି କହି ଏଇ ଯୌନ ଚରିତ୍ରଟାକୁ ହିଁ ବୁଝୁ । ଜଣେ ଚୋର ଡାକୁ, ବଦମାସ୍ ଯଦି ନପୁଂସକ ହୋଇଥାଏ ତେବେ ଆମ ଦେଶରେ ସେ ଜଣେ ଚରିତ୍ରବାନ୍ ।

ଧରିଯାଉ ସେଇଟାଇ ଚରିତ୍ର ହେଲା । ଦେଖାଗଲା ଯେ ସେ ଯୌନ ଚରିତ୍ରର ମୋଟାଏ ମାନ ନାହିଁ । ମାତ୍ର ଓ ମାନ ତାର ବଦଳି ଆସିଛି ଯୁଗେ—ଯୁଗେ । ଆମେ ବା ନ ବଦଳାଇବା କାହିଁକି ? ଆଜିକାଲି ନବଯୁଗ ପ୍ରସଙ୍ଗରେ ଯୌନ ସମ୍ପର୍କଟାକୁ ବୈଜ୍ଞାନିକ କାରଣ ଦେଇ ମୋଟାଏ ଅପରିହାର୍ଯ୍ୟ ଅଙ୍ଗ ଭାବରେ ଲୋକ ଜବରଦସ୍ତ ଦେଉଛନ୍ତି । ଶୋଷ ଲାଗିଲେ ପାଣି ପିଅ । ସୁନା ଗିଲାସରେ ପିଅ ବା କାଚ ଗିଲାସରେ ପିଅ—ଏକା କଥା ।

ରାଣୀଙ୍କୁ ଦେଖି ଧୋବା ଜଣେ ପ୍ରେମରେ ମଜଗୁଲ ହୋଇଗଲା । ରାଣୀ ଜଣେ ଧୋବାର ପ୍ରେମିକା ଲୁଗା ସଫାରେ ତୃପ୍ତ ହେଉଥିଲେ । ପ୍ରେମ ପୁଣି ମନ ଲୁଗାକୁ ଏମିତି ସଫା କରିଦେଇ ଲୋକ ଜାଣିଥିଲେ କବିର ତ୍ରିବେଦୀ 'ସନଲାଇଟ' ସାବୁନରେ ବ ଟିକିଏ ଟିକିଏ ପ୍ରେମ ଫୋମ୍ ବା ଫେଣ ମିଶାଇବାର ବୈଜ୍ଞାନିକ ଉଦ୍ଭାବନ କାହିଁକି ପାଇଁ ପୁରସ୍କାର ଘୋଷଣା କରି ସାରନ୍ତେଣି । ସେ ଯାହାହେଉ ଧୋବା ଯେ ରାଣୀଙ୍କ ପ୍ରେମରେ ପଡ଼ି—ତା ଓ ମଉଅଙ୍କ 'ମନ୍ ମନ୍' ପ୍ରେମ କରି ତାଙ୍କ ଲୁଗାକୁ ଖୁବ ମନ ଦେଇ ସଫା କରିବା ଫଳରେ ରାଣୀଙ୍କ ନଜରରେ ପଡ଼ିଲା ଏଥିରେ ସନ୍ଦେହ କରିବାର କିଛି ନାହିଁ । ରାଣୀ କହିଲେ—"ଧୋବା ତୁ କଣ ମାଗୁଛୁ ମାଗ—ତୁ ଯାହା ମାଗିବୁ ମୁଁ ତା ଦେବି ।" ଧୋବା କହିଲା—ମା' ରାଣୀ, ମୁଣ୍ଡ ରହିବ ତ କହିବି । ମୁଣ୍ଡ ରଖିବାକୁ ରାଣୀମା କଥା ଦେଲେ । ଧୋବା କହିଲା—ରାଣୀମା ଟିକିଏ ତମ ପ୍ରେମ ! ରାଣୀମା ତ ଜବାବ୍ ଦେଇଛନ୍ତି—ନାହିଁ କହିବେ କିପରି ? ତେଣୁ ଲୋକ କହି ଧୋବାକୁ ପୁରକୁ ନେଇ ସଫା ସୁନ୍ଦର ଲୁଗା ପିନ୍ଧାଇ, ଦାମି ପୀତାମ୍ବର ଦେଇ ଆସ ପାଖକୁ ଡାକିଲେ । ଦୁଇଟି ଗିନା—ଗୋଟିଏ ସୁନାର, ଗୋଟିଏ ପଥୁରି—ମୁଗୁନି ପଥରର । ଦୁଇଟିରେ ଖିରି ଥାଏ—ଏକା ସମାନ । ଧୋବା ପଥୁରିରୁ ନେଇ ଖାଇଲା । ରାଣୀ ପଚାରିଲେ—କେଉଁ ଖିରି ଭଲ ଲାଗୁଛି ? ଧୋବା କହିଲା—ଏକା ସମାନ ।

ରାଣୀ କହିଲେ—ଦେଖିଲୁ ? ତୁ ମୋଠୁଁ ଯେଉଁ ପ୍ରେମ ଆଶା କରୁଛୁ, ଧୋବଣୀଠାରେ ବି ସେଇ ପ୍ରେମ ! ତୋର ସୁନା ଓ ପଥୁରି ବାଟିର ଫରକ ।

ଧୋବା ସଙ୍ଗେ ସଙ୍ଗେ ଧୋବଣୀ ପାଖକୁ ଦଉଡ଼ି ଯାଉ ନ ଯାଉ ଆଧୁନିକ ସୋଫାବାଲାମାନେ ଏଇ ଧୋବା ରାଣୀ ଗପଟାକୁ ମାନି ନେଇ ପିଏ ଯେଉଁ ଗିଲାସରେ ପାଣି ସେଇ ଗିଲାସରେ ପିଇ ମୋଟାଏ 'glass of water' ଥିଓରୀ ସୃଷ୍ଟି କରୁଛନ୍ତି । ପାଣି ପିଇବା ଦରକାର—ଯେଉଁଠି ପାଣିର ସେଇଠି ପିଇଲେ କ୍ଷତି କଣ ?

ଆଉ ଏକ ସଂପ୍ରଦାୟ ଅଛନ୍ତି ସେମାନେ ଏଇ ଘଟଣାକୁ ଆଉ ମୋଟାଏ ଦୃଷ୍ଟିରୁ ଦେଖନ୍ତି । ଗୋଟିଏ ମୋଟ ଗପରେ ରୂପକ ଥାଇ ତାର ମୂଳତତ୍ତ୍ୱକୁ ଦେଖାଇ ଦେବାକୁ ଚାହେଁ । ମେଟ୍ ସାହେବ ଅନ୍ୟ ଅନେକ ସାହେବଙ୍କ ସାଙ୍ଗରେ ବାହାରିଯାନ୍ତି । କଣ କେତେବେଳେ ଦେଖି ଦେଖି ତାକୁ ଆଉ ସହ୍ୟ ହେଲାନାହିଁ । ସେ

( ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com



**ସଭ୍ୟତାର ତଳେ**—ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା—ପୃ ୧୨୦ ପୃ—ମୂଲ୍ୟ—ଟ ୧ । ଉତ୍କଳ ଭାରତୀର ଦ୍ୱିତୀୟ ଅବଦାନ । ପ୍ରକାଶକ—ଉତ୍କଳ ବୁକ୍ ଏଜେନ୍ସି ।

ଉଚ୍ଚ ସରକାରୀ ଚାକିରି କରି ମଧ୍ୟ ଯେଉଁ କେତେଜଣ ଶିକ୍ଷିତ ଓଡ଼ିଆ ସାହିତ୍ୟ ସେବାରେ ମନ ବଳାଇ ଅଛନ୍ତି, ଅନନ୍ତବାବୁ ସେମାନଙ୍କ ମଧ୍ୟରେ ଅନ୍ୟତମ ।

ଆଲୋଚ୍ୟ ପୁସ୍ତକଟିରେ ତାଙ୍କର ଲେଖନୀ ପ୍ରସୂତ କେତୋଟି ଗଳ୍ପ ଓ କ୍ଷୁଦ୍ର ଗଳ୍ପ ସନ୍ନିବେଶିତ । କେତେଗୁଡ଼ିଏ ଦୀନ, ନିପୀଡ଼ିତ ଜୀବନର କରୁଣ କାହାଣୀ ଏଥିରେ ଥିବାରୁ ଏହାର ନାମ 'ସଭ୍ୟତାର ତଳେ' ରଖାଯାଇଛି ବୋଲି ଲେଖକ କହନ୍ତି । ସେହି ଭାବର ଯେଉଁ ଗଳ୍ପଗୁଡ଼ିକ ଅଛି, ପ୍ରକୃତରେ ତାହା ଲେଖକଙ୍କ କରୁଣ କବି ପ୍ରାଣର ପରିଚୟ ଦେଉଛି ଓ ରଚନା କୌଶଳରେ ପାଠକ ହୃଦୟରେ ମଧ୍ୟ କରୁଣ ରସର ସଞ୍ଚାର କରୁଛି । ମାତ୍ର "ନୂଆ ନା ପୁରୁଣା", "ରଙ୍ଗୀନ ସଂସାର" ପ୍ରଭୃତି ଆଉ କେତୋଟି ଗଳ୍ପ ବଡ଼ ବେଖାପା ଲାଗୁଛି । ଏ ସଂକଳନରେ ସେଗୁଡ଼ିକ ନଥିଲେ ଭଲ ହୋଇ ଥାଆନ୍ତା ।

ବହିଟିରେ କେତେଗୁଡ଼ିଏ ମୁଦ୍ରାଦୋଷ ରହିଯାଇଛି । ଆଶାକରୁଁ ଅନନ୍ତବାବୁଙ୍କ ସାହିତ୍ୟ ସାଧନା ଅନ୍ୟମାନଙ୍କ ପରି ଅଳ୍ପ ହୋଇ ନ ଯାଇ ଆମ ସାହିତ୍ୟ ଭଣ୍ଡାର ପୂର୍ଣ୍ଣ କରୁ ।

---

( ମିଠା କଡ଼ା )

ଉଠନ ତା ସାହେବଙ୍କୁ କହିଲା—ଏଟା ଭଲ କଥା ନୁହେଁ—ମେମ୍ ସାହେବ ଯାହା ସାଙ୍ଗରେ ପାରି ତା ସାଙ୍ଗରେ କ୍ଲବ ବାହାରି ଯାଉଛନ୍ତି ଏଟେ ଖଣ୍ଡିଆଏଁ । ସାହେବ ବେହେରାକୁ ହାତ୍ ଠୁମ୍କି ଡାକି ନେଇ ଟଙ୍କା ବଟୁଆଟା ଦେଖାଇ କହିଲେ—ଏଇ ଦେଖ୍, ଏଟା ବଟୁଆ—ଏଠି ଟଙ୍କା ମୁଁ ଜମିଥିଲି ଆଜ ଟଙ୍କା ହୋଇ ସାଲିଶି । ତୁ ଗଣି ପାରୁ । ପୁଣି ଟଙ୍କା ଜମ ମୁଁ ଜମିବ । ତୋ ପେଟ ସାଫ୍ ହେବ ତୁ ବି ଯେଉଁଠି ଆନନ୍ଦ ପାଉ, ମୋ ପେଟ ସାଫ୍ ହେବ ମୁଁ ବି ସେଇଠି ଆନନ୍ଦ ପାଇବି । ଲେକିନ ଏହା ବଟୁଆ !—ଟ୍ରେମିଙ୍କ ତୋର ମେମ୍ ସାହେବର ପ୍ରେମ । ସମଝା ?

ମାଲିକଙ୍କ ପ୍ରାଇଭେଟ ପ୍ରପଟି ବ୍ୟକ୍ତିଗତ ସମ୍ପତ୍ତି ହେବା ଉଚିତ ଯୁଗ ଆଉ ନାହିଁ । ସେଟା ଅତି ପୁରାତନ ପ୍ରଥା । ସମ୍ପତ୍ତି, ସ୍ତ୍ରୀ ବା ସନ୍ତାନ ଆଜ ଗୋଟାଏ ମନର ପାଗଳାମି । ଚରିତ୍ର ନଷ୍ଟ ହେବାର ଜିନିଷ ନୁହେଁ । ଚୋରିଯିବାର ଜିନିଷ ନୁହେଁ । ଉଦାରତାବୋଧର ଭିତ୍ତି—ଚରିତ୍ର ଏବଂ ଚରିତ୍ର ଯାହାର ଉଦାର ତାର ବସୁଧାଯାକ କୁଟୁମ୍ବ । ବସୁଧାଯାକ ସ୍ତ୍ରୀ ତାର ସ୍ତ୍ରୀ ମଧ୍ୟ ହୋଇପାରନ୍ତି । କ୍ଷତି କଅଣ ? କ୍ଷତି କେଉଁଠି ।

ଡି Disraeli କହୁଥିଲେ—"ଚରିତ୍ର ବଦଳେ ନାହିଁ—never change—Voltaire କହୁଥିଲେ—morality is everywhere the same—becanse it comes from God—ସବୁଠି ଚରିତ୍ର ନୈତିକତା ସମାନ—କିନ୍ତୁ ଏସବୁ ସେଇ ସବୁ ଯୁଗର କଥା—ଯେତେବେଳେ ଧର୍ମ ଥିଲା ଗୋଟାଏ ନିଶାର (opium)ର ସରଞ୍ଜାମ ଥିଲା ଲୋକ ଶୋଷଣ ଓ ଅନ୍ୟକୁ ପ୍ରତାରଣା କରିବାପାଇଁ, ସେତେବେଳେ କହୁଥିଲେ—morality must always proceed & accompany religion—ଚରିତ୍ର ବା ନୈତିକତାଟା Vestiblue of religion ତେଣୁ ଧର୍ମେଣହୀନାଃ ପଶୁଭିଃ ସମାନାଃ—

କିନ୍ତୁ ଆଜିକାଲି ଜନଧର୍ମ ଠାରୁ ବଳି ଶ୍ରେଷ୍ଠ ଓ ସ୍ୱର୍ଗ ସତ୍ୟ । କଠା ଧର୍ମରେହିଁ ମନୁଷ୍ୟ ମନୁଷ୍ୟ । ତେଣୁ ନୈତିକତା ଚରିତ୍ର ଏସବୁ ବଡ଼ଲୋକ କଥା । ତାଛଡ଼ା Youngଙ୍କ କଥାରେ—The man that makes a character makes foes—ଚରିତ୍ର ରକ୍ଷା ଅର୍ଥ ଶତ୍ରୁତା ସୃଷ୍ଟି । ଚରିତ୍ରକୁ କଡ଼ାମ ଧରି ଦେଇ କରି ଅଭାବରେ କାଟାଇବେ—କଠ ଚରିତ୍ର କରି କେଉଁ କରିବେ ।

ସ୍ତ୍ରୀର ଚରିତ୍ର, ସତୀତ୍ୱ ଇତ୍ୟାଦି କଥାଟା ଯାହା ପୁରୁଷ ପକ୍ଷୋରେ ଚଳାନ୍ତି, ତେଣୁ କେତେ ଅସ୍ୱାଧୀନତା, କେତେ ଅତ୍ୟାଚାର ମଦକମା, କେତେ ହୃଦୟ ଜ୍ୱଳନ, ଗାର୍ହସ୍ଥ୍ୟ ଜୀବନର ଅଶାନ୍ତି ଲୋପ ପାଆନ୍ତା ଏ ପୃଥିବୀରୁ । ଆମ ସମାଜରେ ପୁରୁଷ ଚରିତ୍ରକୁ ନାରୀମାନେ ଯେଉଁଳି ସହ୍ୟ କରନ୍ତି ପୁରୁଷମାନେ ନାରୀମାନଙ୍କ ସେଇଭଳି ସହ୍ୟ କରି ପାରିବେ ଚରିତ୍ର ଭଳିଆ ଗୋଟାଏ ଛିଦ୍ର ରହନ୍ତା ନାହିଁ ପାଳ କୋଉଠି ।

ପୁରୁଷ ପକ୍ଷରେ ଯାହା ସତ୍ୟ ନାରୀ ପକ୍ଷରେ ତା ନ ହେବ କାହିଁକି ? ପୁରୁଷ ଚରିତ୍ର ଭ୍ରଷ୍ଟ କରି ଯଦି ସମାଜ ରହେ, ନାରୀ ଚରିତ୍ର ଭ୍ରଷ୍ଟ କରି ସମାଜ ନରହିବ କାହିଁକି ? ସମାଜର ଗୋଟାଏ ଅଙ୍ଗ ଯଦି ପକ୍ଷାଘାତ ହୁଏ ଅନ୍ୟ ଅଙ୍ଗ ପକ୍ଷାଘାତ ନ ହେବ ବା କାହିଁକି !

ଜଗତ—ଜଗତ । ସାଧୁ ସାଧୁ, ଜଗତ—ଚୁକ୍ ଚୁକ୍ ସମଃ ।

Digitized by srujanika@gmail.com

# ଲକ୍ଷ୍ମଣ ନାୟକ

ଶ୍ରୀ ପରଶୁରାମ ପଟ୍ଟନାୟକ

ଅଗଣନ୍ତି ଯେ ସେଦିନ ଶତ ଶତ ମୁକ୍ତି ସେନା—
ଉନ୍ମୁକ୍ତ ଏ ପାଷାଣ ପ୍ରାଚୀର ଲୌହଦ୍ୱାର ଭେଦ,
ଚଳେ-ପଣା ସର୍କାରର ସେ ଯେ ପଥ ବିପ୍ଳବୀ ଓ ବନ୍ଦୀ ।
ଦର୍ପ ନୃବର୍ତ୍ତେ ଚଳେ,
ଦଳେ ଦଳେ,
ରାଜଦ୍ରୋହୀ, ଦେଶକର୍ମୀ ଦଳ—
ଥିଲେ ଲୁଚି ଗଭୀର ଭୂଇଁର ତଳେ,
ଭାରତୀକୁ ତାରୁ ଏଡ଼ି ଫିରିଙ୍ଗିର ଦୁଃଶାସନ ଛଳ ।
ବିଦେଶୀର କୁଟ ଷଡ଼ଯନ୍ତ୍ର—
ଶୃଙ୍ଖଳାର ମୁଖା ପିନ୍ଧି ମୁଖେ,
ଶୃଙ୍ଖଳ ସେ ଦେଇଥିଲା ହାତେ,
ବେୟୋନେଟ୍ ଭୁଷିଥିଲା ବୁକେ ।
ଆଜ ବନ୍ଧୁ, ଆସ ସାଥୀ, ଆସହେ ବିଦ୍ରୋହୀ ।
ତୁମ ଭାଲେ ଗୌରବର ଟୀକା ଦେବା ପାଇଁ,
କାରଦ୍ୱାରେ ଉଭା ଆଜି ବିରାଟ ଜନତା—
ତୁମର ସ୍ୱାଗତ ଲାଗି କୋରାପୁଟ ମାଟି—
—ଫାଟି ପଡ଼ି କହେ ଆଜି କଥା ।

ସହସ୍ରାକ୍ଷି ଖୋଜି ବୁଲେ କାହିଁ ତା ନାୟକ !
କାହିଁ ତାର ବୀର ସାଥୀ "ଲକ୍ଷ୍ମଣ ନାୟକ ?"
ଜୟପୁର ଉଦାତ୍ତ ଆକାଶେ
ଡାକେ କେ "ଲକ୍ଷ୍ମଣର ଜୟ"
ବ୍ରହ୍ମପୁର ଫାସି କାଠ ଗାଏ
ଶତାବ୍ଦୀର କୁତ୍ସିତ ଅନ୍ୟାୟ ।
ଅହିଂସାର ସେ ଜନ-ନାୟକ !

"କନ୍ଧ, କୋହ୍ଲ, ପରଜା"ର ଅସଂଖ୍ୟ ଜନକ
ନଇଁ ଥିଲା ଯାହାର ଭକ୍ତିରେ—
ମୂଢ଼ ରାଜନୀତି ତାରେ ଦେଲା ଫାସି ନିର୍ବିଚାର ଶବ୍ଦେ ।
"ମଥିଲୀ"ର ଅଜାଣ ବତାସ ଖୋଜେ ବୀର ତୁମର ପରଶ
କୋରାପୁଟ ଅଧିବାସୀ ମାଗେ ନେତା,—ତୁମର ଆଦେଶ ।

Digitized by srujanika@gmail.com

ଅଗଷ୍ଟ ନ' ତାରିଖ କାନେ କାନେ କହୁଛି ଭାରତୀ
"ମର ଅବା ମାର"—ବିପ୍ଳବୀର ଜୀବନରେ କାହିଁ ଗୌରବତା ?
କାଙ୍ଗାଳିନୀ ହୋଇ ଆଜି ଉଚ୍ଛଳ ପାତୁଛି ହାତ
ମଥିଳୀ ଗୋ ! ଦାନ କର ଏକ ବିନ୍ଦୁ ରକ୍ତ
ଲକ୍ଷ୍ମଣର ରକ୍ତ ଆଜି ଉଦପ୍ଟନେ କରେ ଉପହାସ,
ଲକ୍ଷ୍ମଣର ଶେଷ ଶ୍ୱାସ ଦେଶ ଘ୍ଲଇ ଅଣୁ ଅଣୁଗୃଷ୍ଟ ।
ମଥିଳୀର ଧୂଳି ମାଟି ରଚ ବନ୍ୟା

ତାଳି ଲକ୍ଷ, ଲକ୍ଷ
ଭାରତ ମାଗିଛି ଭିକ୍ଷା, "ଦିଅଗୋ ମଥିଳୀ
ଦିଅ ଅସ୍ଥି ଦିଅ ।"
ଦଧିଚିର ଅସ୍ଥି ନେଇ ଗଢ଼ା ହେବ ବଜ୍ର ସୁକଠିନ
ତା' ଆଘାତେ ହେବ ଚୂର୍ଣ୍ଣୀଭୂତ
ଭାରତର ଦାସତ୍ୱ ବନ୍ଧନ ।

---

# କୁତ୍‌କୁତ୍

ନବବିବାହିତା—( ଦୁଃଖପୂର୍ଣ୍ଣ ସ୍ୱରରେ ) ସେ ଆଉ ମୋତେ ପୂର୍ବପରି ଭଲ ପାଉ ନାହାନ୍ତି ।

ବାନ୍ଧବୀ—କେମିତି ଜାଣିଲ ?

ନବବିବାହିତା—ସେ ମୋତେ "ଶହେ ଜଣରେ ଜଣେ ସୁନ୍ଦରୀ" ବୋଲି କହୁଛନ୍ତି ।

ବାନ୍ଧବୀ—ତେବେ ତ ଭଲକଥା—ସେ କେଡ଼େ ଭଲ ପାଆନ୍ତି ବୁଝୁନ ?

ନବବିବାହିତା—ନା, ବାହାହବା ଆଗରୁ ମୋତେ ହଜାରରେ ଜଣେ ସୁନ୍ଦରୀ ବୋଲି କହୁଥିଲେ ।

\+ + + +

ମାଜିଷ୍ଟ୍ରେଟ—( ବନ୍ଦୁଆ ଅସାମୀ ପ୍ରତି ) ତମର କିଛି କହିବାର ଅଛି ;

ଅସାମୀ—ହଜୁର, ବହୁତ କହିବାର ଅଛି । ଧର୍ମାବତାର, ସମୟ ମିଳିଲେ ତ ?

ମାଜିଷ୍ଟ୍ରେଟ—ଅଚ୍ଛା ଛ'ମାସ କାରାବାସ—ଯଥେଷ୍ଟ ସମୟ । + + +

ଅଇ: ଜି: ସାହେବ ଜେଲ ପରିଦର୍ଶନ କରୁଥିଲା ବେଳେ ବନ୍ଦୀମାନଙ୍କୁ ସମ୍ବୋଧନ କରି କହିଲେ—"ତମମାନଙ୍କ ଭିତରୁ ୧୭ ନଂ ବନ୍ଦୀ ଭଲ ବ୍ୟବହାର କରିଥିବାରୁ ତାଙ୍କ ୩ ବର୍ଷ କାରାଦଣ୍ଡରୁ ବହୁତ କମ ହୋଇଛି ।"

୧୭ ନଂ ବନ୍ଦୀ—ହଜୁର ଧର୍ମାବତାର, ଏକଥା କାହିଁକି କଲେ, ମୁଁ ଯେ ୩ ବର୍ଷ ପାଇଁ ମୋ ଘର ଭଡ଼ା ଦେଇ ଆସିଛି ।

\+ + + +

ଜଣେ ଧର୍ମ ଯାଜକ ଧର୍ମୋପଦେଶ ଦେଉଁ ଦେଉଁ କହିଲେ—"ଭାଇମାନେ, ଆପଣମାନେ ବର୍ଷା ହେବା ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିବା ପାଇଁ କହୁଛନ୍ତି । କିନ୍ତୁ ମୁଁ ଦେଖୁଛି ଆପଣମାନଙ୍କ ଭିତରୁ କେହି ଛତା ଆଣି ନାହାନ୍ତି ।

× × × ×

Digitized by srujanika@gmail.com

# ପଞ୍ଚଦେବତା ଆବାହନ

ହରେକୃଷ୍ଣଃ ହରେକୃଷ୍ଣଃ ନବକୃଷ୍ଣ ସ୍ତଥୈବଚ
ନିତ୍ୟାନନ୍ଦୋ ପଞ୍ଚୈତେ ଭାଗ୍ୟ ଦେବତା ।



ଅସହେ ଘରେ ଅଯ,
ଆଦ୍ୟ ଦେବତା ହେ, ଆଦ୍ୟ ଦେବତା ହେ,
ମୂଷିକ ବାହନେ ଛାଡ଼ି ପ୍ରବାସ ।
କୃଷ୍ଣ ନୀତି ଧରି ଦେଖୁଥିଲ ନାଟ
ଆନଙ୍କୁ କରାଇ ରଜା,
ଏବେ ନିଜେ ଗାଦି ମାଡ଼ିବସିଲେ
ବୁଝିବ ବୋଲକି କେବେ ମଜା ହେ ।
ଆପଣା ରାଜ୍ୟେ ରଜା ହୋଇ ପର
ଛାଡ଼ିଅଛ ରାଜପଣ,
ଓଡ଼ିଶାରେ ପାଠ ପାଗ ବାନ୍ଧିବାକୁ
ଏବେ କିସ ଲାଗି ବଳିଲା ମନ ହେ ।
ଯେବେକି ହୋଇଲ ଆଦ୍ୟ ଦେବ,
ନେବେ ଗଜମୁଣ୍ଡ କର ଯୋଖା,
ସେତିକି ନ କଲେ ଓଡ଼ିଆ ଜାତିଟା
ବୋଲିବ ତୁମ୍ଭଙ୍କୁ ଅସଲ ବୋକା ହେ ।
ନୂତନ ଯୋଜନା ବାଢ଼ିବାକୁ ଗଲେ
ପ୍ରସ୍ତରଟି ଲୋଡ଼ା ଆଗ,
ଥୋଡ଼ ପାହାଡ଼ରେ ଶଙ୍ଖ ବଜାଇଣ
ପ୍ରସ୍ତର କରିବା ଅଟଇ ବାଗ ହେ ।

ଓଡ଼ିଆଙ୍କ 'ଘର' ସମ୍ଭାଳିବ ଯେବେ
ହେଲିଅ ମୂଷାଙ୍କୁ ତଡ଼ି,
ଅପଣା ବାହନ ହେଲେ ଦେହଉପଛେ,
ଯାଆନ୍ତି ରେଜିଣ ବାହାର ପଡ଼ି ହେ ।
ଅତପ କେଶରୀ ପୁଣି ରଜା ହୋଇ ତୁମ୍ଭେ
କରୁଛ କି ମନ୍ଦ କର୍ମ !
ପର୍ଶୁରାମ ଭଳି କ୍ଷତ୍ରିୟ ସଂହାର !
ରଜାଙ୍କୁ ମାରିବା ଏ କେଉଁ ଧର୍ମ ହେ ?
ଗଦା ଗଦା ଅସ୍ତ୍ର ବଧାଇ ଦେଉଛୁ,
'ତୁମ୍ଭ ଯଶ ଅୟୁ ବଢ଼ୁ',
'ଭାତ ଡାଲି' ନୁହେଁ—'ମାଛ ରୋଟି'
ଓଡ଼ିଆଙ୍କୁ ଖୁଆ ଗଟେଣ ଲଡ଼ୁ ହେ ।

---



ଅସିଲେଣି ମନ୍ତ୍ରୀବର,
ଜୟ ହରେକୃଷ୍ଣ ନାମକୁ ଧର ହେ;
ଦେବ ଭାସ୍କରେ ସ୍ୱାଗତ କର ଓଡ଼ିଆରେ । ୧ ।

Digitized by srujanika@gmail.com

ବଡ଼ ବିଶ୍ୱାସୀ ଏ ଜନ,
ନିର୍ମଳ ଅଟନ୍ତି ଯାଙ୍କ ଅନ୍ତଃକରଣ ହେ,
ତେଣୁ ବାଦାଡ଼ ସରେଣ୍ଟି ପଣି ଉଡ଼ଅଟରେ । ୨ ।

ବେପାର ବଣିଜ ଯେତେ,
ବାରିକ ମିସ୍ତ୍ରିର ଯାଙ୍କର ହାତେ ନିଦ୍ୱ,
ଲଞ୍ଜ କୁଡ଼ୁ ଚୁଡ଼ୁ ଯାହା ସାଟେ ଉଡ଼ଅଟରେ । ୩ ।

ମନକର୍ଣ୍ଣ ଦେଇ ଶୁଣ,
କାମରେ ନାମଟି ଦେଖିବା ଗୁଣରେ,
ପୁଣି ନଦେଖାଯିବ ଠାଣି ପଣି ଓଡ଼ଅଟରେ । ୪ ।



ତିନି ଜଣ ମଧ୍ୟେ ତୁମେ ଅଟ ନମ୍ବର three
କାୟ ମନୋବାକ୍ୟେ ପୁଣି ବିଲ୍‌କୁଲ୍ free

ପଞ୍ଚ ଦେବତାରେ ବିଷ୍ଣୁ ତୃତୀୟ ଦେବତା,
ଛପନା କୋଟି ଜୀବର ହେତୁ ପାଳନଦାତା;

ତେଣୁ ତୁମ୍ଭ ହାତେ ଗଲା 'ଯୋଗାଣ'ର ବାନା,
କଣ୍ଟ୍ରୋଲେ ବହିଲ ତବ ଉଡ଼ଅଙ୍କ ଦାନା ।

ଜମିଜମା ଅନେକଙ୍କୁ ବାନ୍ଧ ଭାଣ୍ଡ୍ରେ ରେ,
ଜମିଦାର ବଂଶ ଧ୍ୱଂସ କର ଏଥର ।

ସମାଜ ଭୂଇଁରେ ଅଛି ଉଞ୍ଚ ଖାଲ ଜହିଁ,
ସମାନ level କର ବୁଲଡୋଜର ମଇ ।



ଚତୁର୍ଥ ଦେବତା ଅଟନ୍ତି ଭୋଳା ମହେଶ ଶିବ,
ଲିଙ୍ଗରାଜ ବିନା ଆନକେ ସେହୁ ଥାନେ ବସିବ !

କିମ୍ବା ପାଇ ଲେଡ଼ା ସହଜେ ଶାସ୍ତ୍ରି ପଣ୍ଡିତ ଜଣେ,
କାହିଁକି ରହସ୍ୟ ପଢ଼ନ୍ତି ହେ ଲଟ 'ସମାଜ' କଣେ !

ପାଇଅଛ ତୁମ୍ଭେ ନନା ହେ ସ୍ଥୂଳ ଶରୀରଟି ଏ,
ତୁମ୍ଭଛଡ଼ା 'ସ୍ୱାସ୍ଥ୍ୟ' ଶାଢ଼ାଠା ଅତ ବାଉନ୍ତା କିଏ !

ଏ ଦୁଇ ବିଭାଗ ମୂଳକୁ ଖାଇ ଗଲେଣି ଘୁଣ୍ଟି,
ସୁଧାରି ପାରିବ ଯେବେଠି, ଡେଙ୍କେ ପାଇବୁଁ ଗୁଣି ।

ଏହୁ ଭରସାରେ ରହିଲୁଁ ତୁମ୍ଭ ମୁହଁକୁ ଚାହିଁ,
ଆଜ ଶୁଭଦିନେ ପଣ୍ଡିତେ ଦେଉ ଆମ୍ଭ ବଧାଇ ।

Digitized by srujanika@gmail.com



ପଞ୍ଚମ ଦେବତା ଦୁର୍ଗାଙ୍କୁ କହ୍ନ,
ସର୍ବ ସିଦ୍ଧିଦାତ୍ରୀ ଶକ୍ତିମୟୀ,
ପୂର୍ବ ଆତଯାତ କରନ୍ତୁ ନେତାଜୀ,
ନିତ୍ୟାନନ୍ଦ ରୁଦ୍ରେ ହୋଇଲେ ରତ୍ନେଶ,

ଏଣ୍ଟାଙ୍କୁ ଆଜହେ,
ଘିଙ୍ଖାଳି ନୈବେଦ୍ୟ ମିଠାଇ ପାଗ ହେ ।

ଦେଶକୁ 'ପୋଷଣ' କରିବେ ଏହୁ,
ବରଷାର ଦେଇ ଦୁଧ ଓ ମହୁ,
ତ୍ରିନାଥ ମେଳାରେ ଥାଇ ଏ ଅଟେ,
ଘାଲନ୍ତି ଅଙ୍ଗନ୍ତ୍ର କାନୁନ୍ ବାଟେ,

(ଟେଣ୍ଡୁ) ଆନନ୍ଦ ଦେଇ,
ନିତ୍ୟନ୍ତି ପାଳିବେ ଦେଶକୁ ଏହି ।

ଢୋଲ୍ ପିଠି ଏବେ ବଜା ବଧାଇ,
ଜପ୍ତ ବେଦରେ ମନ୍ତ୍ର କମାଇ;
କହଣିକି ଯାଙ୍କ ଭରଣି କାଠୁ,
ବନ୍ଧୁଙ୍କ କୃପାରେ ଏତକ ଘଠୁ,

ଅଥବା କରେ,
ଅଟେମ ଯେ ଭୂମିରେ ସେହି ଭୂମିରେ ।


ମ୍ୟାଲେରିୟା, ପ୍ଲୀହା ଓ ପାଲାଜ୍ୱରର ଧନ୍ୱନ୍ତରୀ

# ଘାଉରୋଲା

୨୪ ଘଣ୍ଟା ଭିତରେ ମ୍ୟାଲେରିୟା ଓ ପାଲାଜ୍ୱର ଆରୋଗ୍ୟ କରେ

**୨ ଶିଶି ବ୍ୟବହାର କଲେ ଅତିକାୟ ପ୍ଲୀହା ଦୂର ହୁଏ**

ପ୍ରତି ବଡ ଶିଶି ଟ ୨।୵, ପ୍ରତି ଛୋଟ ଶିଶି ଟ ୨୯, ମାସୁଲ ସ୍ୱତନ୍ତ୍ର

ମେସାର୍ସ ବହୁବଜାର ଫର୍ମାସୀ, ୧୧୫, ବହୁବଜାର ଷ୍ଟ୍ରୀଟ, କଲିକତା ।


Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜାତୀୟ ପରମ୍ପରା ବଢ଼ାଇବା ସେମାନଙ୍କ ବିକାଶ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନା କରିବା । ୨ । 'ଜହ୍ନମାମୁଁ'ର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ପାଠକମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାମ୍ୟର ଅହିଂସା ଆଧାରରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

# ଭୂଲାଭାଇ ଦେଶାଇ

ସ୍ନେହର ଭାଇ ଓ ଭଉଣୀମାନେ,

ନମସ୍ତେ । ସ୍ୱର୍ଗତଃ ଭୂଲାଭାଇ ଦେଶାଇଙ୍କ ଯଶ ଭାରତ ବିଦିତ । ସେ କର୍ମୀ, ଦେଶସେବୀ, ତ୍ୟାଗୀ ଓ ନେତା ଥିଲେ । ତାଙ୍କର ତିରୋଧାନରେ ଭାରତର ରାଜନୈତିକ ଗଗନରୁ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ଅନ୍ତର୍ହିତ ହୋଇଛି ।

୧୮୭୭ ସାଲ ୧୩ ତାରିଖ ଅକ୍ଟୋବର ସୁରଟ ଜିଲ୍ଲାର ବୁଲସାର ସହରରେ ଭୂଲାଭାଇ ଜୀବନଜୀ ଦେଶାଇ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ସରକାରୀ ଓକିଲ ଥିଲେ । ସେ ଭୂଲାଭାଇଙ୍କୁ ଉଚ୍ଚ ଶିକ୍ଷା ଦେବାରେ ତ୍ରୁଟି କରି ନଥିଲେ । ଭୂଲାଭାଇ ସଚ୍ଚରିତ୍ର ସରଳ ପ୍ରକୃତିର ବାଳକ ଥିଲେ । ସେ ଚରିତ୍ର ବଳରେ ନିଜର ଭବିଷ୍ୟତ ଜୀବନ ଗଢ଼ି ପାରିଥିଲେ ।



ସୁରଟରେ ପ୍ରାଥମିକ ଶିକ୍ଷା ଶେଷ କରି ବୋମ୍ବେର ଏଲଫିନ୍‌ଷ୍ଟୋନ କଲେଜରେ ଭର୍ତ୍ତି ହେଲେ । ସେଠାରେ ବି: ଏ:ରେ ପ୍ରଥମ ଶ୍ରେଣୀର ଅନର୍ସ ଲାଭ କଲେ । ବି: ଏ: ପାଶ କରି ସାରିଲା ପରେ ସେ ଭାରତ ସରକାରଙ୍କଠାରୁ ବିଲାତରେ I. C. S. ପଢ଼ିବା ପାଇଁ ଗୋଟିଏ ବୃତ୍ତି ପାଇଥିଲେ । କିନ୍ତୁ ସେ ତାହା ଗ୍ରହଣ କଲେ ନାହିଁ । ସେ ଏମ୍: ଏ: ପାଶ କରି ଅହମେଦାବାଦ ଗୁଜରାଟ କଲେଜରେ ଇତିହାସ ଓ ଅର୍ଥନୀତିର ଅଧ୍ୟାପକ ପଦ ଗ୍ରହଣ କଲେ । ଆଇ, ସି, ଏସ୍, ହେବା ସେତେବେଳେ ଭାରତର ପ୍ରତ୍ୟେକ ମେଧାବୀ ଛାତ୍ରର କାମ୍ୟ ଥିଲା । କିନ୍ତୁ ସେ ପ୍ରଲୋଭନ ତ୍ୟାଗ କରି ନିଜର ଭବିଷ୍ୟତ ଜୀବନ ଗଢ଼ିବେ ତାହା ଠିକ୍ କରି ନେଇଥିଲେ । ତାପରେ ସେ ଏମ୍, ଏ, ପାଶ କରିସାରି ଅଧ୍ୟାପକ ପଦ ତ୍ୟାଗ କରି ୧୯୦୫ ସାଲ ଏଡ଼ଭୋକେଟ୍‌ସିପ୍ ପରୀକ୍ଷା ଉତ୍ତୀର୍ଣ୍ଣ ହେଲେ ଏବଂ ଆଇନ ବ୍ୟବସାୟୀଙ୍କୁ ସେ ଜୀବନର ଉପଜୀବିକା ରୂପେ ଗ୍ରହଣ କଲେ । ସେତେବେଳେ ବମ୍ବେ ହାଇକୋର୍ଟରେ ଆଇନ ବ୍ୟବସାୟ ଇଉରୋପୀୟ ବାରିଷ୍ଟରମାନଙ୍କର ଏକଚାଟିଆ ଥିଲା । କିନ୍ତୁ ଭୂଲାଭାଇ ଅଳ୍ପ ସମୟ ଭିତରେ ନିଜର ପ୍ରତିଭାର ପରିଚୟ ଦେଇ ପ୍ରଥମ ଶ୍ରେଣୀର ଆଇନଜୀବୀ ରୂପେ ନିଜକୁ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ ଏବଂ ପରେ ଉକ୍ତ ହାଇକୋର୍ଟରେ ଶ୍ରେଷ୍ଠତମ ଓ ଭାରତର ବିଶିଷ୍ଟ ଆଇନଜୀବୀମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ ।

ଧନ ଓ ଖ୍ୟାତି ଅର୍ଜନ ସଙ୍ଗେ ସଙ୍ଗେ ଭୂଲାଭାଇଙ୍କୁ ବମ୍ବେ ସରକାରରୁ ଆମନ୍ତ୍ରଣ ଆସିଲା ଶାସନ ପରିଷଦର ପ୍ରତିନିଧିର ଭାର ନେବାକୁ । କିନ୍ତୁ ସେ ବିଦେଶୀ ଶାସକ ପ୍ରଦତ୍ତ ସମ୍ମାନ ଓ କ୍ଷମତା ଗ୍ରହଣ କରିବାକୁ ରାଜି ହେଲେ ନାହିଁ । ଏଥିରୁବେଶ ଅନୁମିତ ହୁଏ ସେ କ୍ଷମତାଲୋଭୀ ନଥିଲେ । ୧୯୨୬ ସାଲରେ ସେ ଏଡଭୋକେଟ ଜେନେରାଲ ପଦ ଗ୍ରହଣ କରିଥିଲେ କିନ୍ତୁ ସାମୟିକ ଓ ଅସ୍ଥାୟୀ ଭାବରେ ।

ରାଜନୀତି କ୍ଷେତ୍ରରେ ତାଙ୍କର ପ୍ରଥମ ପ୍ରବେଶ ହେଉଛି ୨୯୨୫ ସାଲରେ । ତା ପୂର୍ବରୁ ହୋମରୁଲ ଲିଗ୍‌ର ସଭ୍ୟ ଥିଲେ କିନ୍ତୁ ସେ ଲିଗ୍ ସହିତ ସମସ୍ତ ସମ୍ବନ୍ଧ ଛିନ୍ନ କରିଥିଲେ ୧୯୧୯ ସାଲରେ । ୧୯୨୫ ସାଲର ବର୍ଦ୍ଦୋଲିର କୃଷକ ଆନ୍ଦୋଳନ ପରେ ବ୍ରୁମ୍‌ଫିଲ୍‌ଡ କମିଟି ନାମକ ଏ ତଦନ୍ତ କମିଟି ଗଠିତ ହୁଏ । ଏହି ତଦନ୍ତ କମିଟି ପାଖରେ କୃଷକମାନଙ୍କ ତରଫରୁ ଭୂଲାଭାଇ ଓକିଲ ନିଯୁକ୍ତ ହୋଇଥିଲେ । ଯଦିଓ ଓକିଲ ଭାବରେ ସେ କୃଷକମାନଙ୍କର ମକଦ୍ଦମା ଲଢ଼ୁଥିଲେ କିନ୍ତୁ ଦେଶର ତତ୍କାଳୀନ ଅବସ୍ଥା, ସମସ୍ୟା ଓ ଦେଶକର୍ମୀମାନଙ୍କ ସହିତ ପରିଚିତ ହେବାର ସୁଯୋଗ ପାଇଥିଲେ । ୧୯୩୧ ସାଲରେ ଗାନ୍ଧି—ଅରଉଇନ ଚୁକ୍ତି ପରେ ବର୍ଦ୍ଦୋଲି ତଦନ୍ତ କମିଟି ସମ୍ମୁଖରେ କଂଗ୍ରେସ ତରଫରୁ ଉପସ୍ଥିତ ହୋଇଥିଲେ ।

୧୯୩୨ ସାଲରେ ପଣ୍ଡିତ ମୋତିଲାଲଙ୍କ ବିୟୋଗ ପରେ ତାଙ୍କୁ ତ୍ରୁଟିତ ନେତୃତ୍ୱ ଗ୍ରହଣ କରିବାକୁ ଆହ୍ୱାନ ଆସିଲା—ଭୂଲାଭାଇ ଏହା ଭିତରେ ରାଜନୀତି କ୍ଷେତ୍ରରେ

Digitized by srujanika@gmail.com

ପଣିତାଙ୍କ ଦେହ ଓ ମନ ଉପରେ ବନ୍ଧ କରିଦେଇଥିଲେ । ୧୯୩୨ ସାଲ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇ ୧ ବର୍ଷ ଜେଲଦଣ୍ଡ ଭୋଗିଲେ ଏବଂ ୧୦ ହଜାର ଟଙ୍କା ଜରିମାନା ଦେବାକୁ ବାଧ୍ୟ ହୋଇଥିଲେ । ଜେଲରେ ତାଙ୍କର ସ୍ୱାସ୍ଥ୍ୟହାନି ଘଟିବାରୁ ସରକାର ତାଙ୍କୁ ନିର୍ଦ୍ଧାରିତ ସମୟ ହେବା ପୂର୍ବରୁ ଛାଡ଼ିଦେଲେ । ପରେ ସେ ହୋଇ ସ୍ୱାସ୍ଥ୍ୟଲାଭ ପାଇଁ ସେ ୟୁରୋପ ଯାତ୍ରା କଲେ । ସେଠାରେ ଲେବର ସମ୍ମିଳନୀର ଜେନେଭାରେ ଏକ ଅନ୍ତର୍ଜାତିକ ସମ୍ମିଳନୀରେ ଭାରତବର୍ଷର ପ୍ରତିନିଧି ଭାବରେ ଯୋଗ ଦେବାର ସୁଯୋଗ ପାଇଥିଲେ । ଇଂଲଣ୍ଡରୁ ଫେରି ପୁଣି ସକ୍ରିୟ ରାଜନୀତିରେ ଯୋଗ ଦେଲେ । କଂଗ୍ରେସ କର୍ମୀମାନଙ୍କର ବାସ୍ତବରେ, ତତ୍କାଳୀନ ଭାଇସରାୟ ଲର୍ଡ ଲିନ୍‌ଲିଥ୍‌ଗୋଙ୍କର କଂଗ୍ରେସକୁ ନିଷ୍କ୍ରିୟ କରିବାର ଯେଉଁ ନୀତିହେତୁ ଦେଶରେ ଅଚଳ ଅବସ୍ଥାର ସୃଷ୍ଟି ହୋଇଥିଲା, ଭୁଲାଭାଇ ତାହାକୁ ପାର୍ଲିଆମେଣ୍ଟର ଦୃଷ୍ଟି ଆକର୍ଷଣ କରିବା ପାଇଁ ସଚେତ ହୋଇ ଅବସ୍ଥାର ପରିବର୍ତ୍ତନ ଆଣି ପାରିଥିଲେ । କଂଗ୍ରେସ ପାର୍ଲିଆମେଣ୍ଟାରୀ ପାର୍ଟିର ମୂଳ ସଭାପତି ଓ ଭୁଲାଭାଇ ଏହି ପାର୍ଟିର ଜେନେରାଲ ସେକ୍ରେଟାରୀ ନିର୍ବାଚିତ ହେଲେ । ପରେ ଏହାର ସଭାପତି ହେଲେ ।

କେନ୍ଦ୍ରୀୟ ପରିଷଦରେ କଂଗ୍ରେସ ପାର୍ଟି ଓ ସ୍ୱତନ୍ତ୍ର ଦଳର ନେତା ହିସାବରେ ଭୁଲାଭାଇ ସର୍ବଜନବିଦିତ । ଏହି ପରିଷଦ ଭାଙ୍ଗି ଯିବା ପର୍ଯ୍ୟନ୍ତ ସେ ଦକ୍ଷତାର ସହିତ କଂଗ୍ରେସ ଦଳର ନେତୃତ୍ୱ କରି ଯାଇଛନ୍ତି । ବର୍ତ୍ତମାନ ତାଙ୍କ ସ୍ଥାନରେ ଶ୍ରୀଯୁକ୍ତ ଶରତଚନ୍ଦ୍ର ବୋଷ ଅଧିଷ୍ଠିତ ହୋଇଛନ୍ତି ।

୧୯୪୨ ସାଲ ଅଗଷ୍ଟ ଆନ୍ଦୋଳନ ଭାରତ ଇତିହାସରେ ଏକ ବିଶିଷ୍ଟ ଅଧ୍ୟାୟ । ଦୁର୍ଭିକ୍ଷ, ଶାସକବର୍ଗଙ୍କର ଦମନ ନୀତି ଦେଶରେ ଯେତେବେଳେ ଅଚଳ ଅବସ୍ଥା ସୃଷ୍ଟି କରିଥିଲା, ସେତେବେଳେ ଦେଶାଇ ଲୀଗ ସେକ୍ରେଟେରୀ ଲିୟାକତ ଅଲିଙ୍କ ସାଙ୍ଗରେ ଚୁକ୍ତିବଦ୍ଧ ହୋଇ ବଡ଼ଲାଟ ୱାଭେଲଙ୍କ ସାଙ୍ଗରେ ମୀମାଂସା ପାଇଁ ସାକ୍ଷାତ କରିଥିଲେ । ଗତବର୍ଷ ସିମଳା ବୈଠକ ତାଙ୍କର ଚେଷ୍ଟାର ଫଳ—କିନ୍ତୁ ତାହା ବିଫଳ ହୁଏ । ଦେଶାଇଙ୍କର ଦୂରଦୃଷ୍ଟି ଯୋଗୁଁ ଫଳରୁ ସିମଳା ବୈଠକ ସମ୍ଭବ ହୋଇ ପାରିଥିଲା ।

ଭୁଲାଭାଇଙ୍କ ଜୀବନରେ ଶ୍ରେଷ୍ଠ କୀର୍ତ୍ତି ହେଉଛି ଆଜାଦ୍ ହିନ୍ଦ୍ ଫୌଜର ମକଦ୍ଦମାରେ ଓକିଲ ଭାବରେ ପ୍ରଧାନ ଅଂଶ ଗ୍ରହଣ କରିବା । ସମଗ୍ର ଭାରତ ଭୁଲାଭାଇଙ୍କ ମାମଲା ପରିଚାଳନାରେ ମୁଗ୍ଧ ହୋଇଥିଲା । ସେତେବେଳକୁ ତାଙ୍କର ଜୀବନ ପ୍ରଦୀପ ଅସ୍ତ ଅସ୍ତ ହୋଇ ଆସୁଥାଏ । ତାଙ୍କର ଶାରୀରିକ ଅବସ୍ଥା ଭଲ ନଥିଲେ ମଧ୍ୟ ସେ ପ୍ରାଣପଣ ଚେଷ୍ଟା କରି ଆଜାଦ୍ ହିନ୍ଦ୍ ଫୌଜର ପ୍ରଥମ କେସ୍‌ରେ ନେତା ସାହାନୱାଜ୍, ସେଗଲ, ଧିଲନଙ୍କର ମୁକ୍ତି ଆଣି ପାରିଥିଲେ । ତାଙ୍କର ଏହି କୀର୍ତ୍ତି ଇତିହାସରେ ଚିରସ୍ମରଣୀୟ ହୋଇ ରହିବ ।

ସେ ଏହି କେସର ପରେ ପରେ ମୃତ୍ୟୁର ଭାବରେ ପୀଡ଼ିତ ହୋଇ ପଡ଼ିଲେ । ଗତ ୨୨ ତାରିଖ ବୈଶାଖରେ ତାଙ୍କର ପରଲୋକପ୍ରାପ୍ତି ଘଟିଗଲା । ତାଙ୍କର ମୃତ୍ୟୁରେ ସମଗ୍ର ଭାରତବର୍ଷ ମୁହ୍ୟମାନ । ସେ ଲବ୍ଧପ୍ରତିଷ୍ଠ ଆଇନଜ୍ଞ, ମନସ୍ୱୀ, ବାଗ୍ମୀ ଏବଂ ସୂକ୍ଷ୍ମଦର୍ଶୀ ରାଜନୀତିକ ନେତା ହିସାବରେ ସର୍ବତ୍ର ସୁପରିଚିତ । ଏହି ମହାପୁରୁଷଙ୍କର ଆତ୍ମାର ସଦ୍‌ଗତି କାମନା କରୁ ରହିଲୁ ।

—ଶ୍ରୀମାନ୍ ଲଳିତେନ୍ଦୁ

## ଅବସର ବିନୋଦନ ଉତ୍ତର

୧୯ । ୨୦ ସଂଖ୍ୟା 'ଉଗର'ରେ ବାହାରିଥିବା ଅବସର ବିନୋଦନର ଉତ୍ତର— ୭୫ ଡିଗ୍ରୀ ।

ନାଗ ନଂ ୩୭୪, ୪୮୫, ୫୧୨ ଉତ୍ତର ଠିକ୍ ଦେଇଛନ୍ତି ।

## ଆଜାଙ୍କ ଜବାବ

ରଘୁନାଥ ଗୌଡ଼—(୭୮୫)—ତମେ ନାଗ ସଂଖ୍ୟା ବଢୁଛି ଜାଣି ଖୁସି ହେଲି । ତମେ ସବୁ ନାଗ ମିଳି ଯେଉଁଠା ଯାଗାରେ ଗୋଟିଏ ଗୋଟିଏ ସ୍ଥାନୀୟ ନାଗସଂଘ ଗଢ଼ ।

ରାମଚନ୍ଦ୍ର—(୫୧୨)—ନାଗ ସମ୍ମିଳନୀ ଶୀଘ୍ର ଗଢ଼ା ହୋଇ ନ ପାରିବାର ଯେଉଁ କାରଣ ଦେଖାଇଛ ତାହା ଅତି ଯୁକ୍ତ—ଛୋଟପିଲାମାନେ ସମ୍ମିଳନୀ କରିବା ଦାଇ ନାହାନ୍ତି କହିବା ତମ ପକ୍ଷରେ ଅପମାନକର ନୁହେଁ କି ?

ପରଶୁରାମ (୫୫୫)—ବଲାଙ୍ଗିରରେ ନାଗ ସମ୍ମିଳନୀ ପାଇଁ ଯେଉଁ ପ୍ରସ୍ତାବ ଦେଇଛ ତମର ସେଥିରେ କିଛି ଆପତ୍ତି ନାହିଁ । ସ୍ଥାନୀୟ ନାଗ ସଂଘମାନ ଗଢ଼ି ବଲାଙ୍ଗିରରେ କେନ୍ଦ୍ର ସଂଘଟିଏ ଗଢ଼ । ସମ୍ମିଳନୀ କରିବାର କଥା ତମମାନଙ୍କର, ମୋତେ ଯେଉଁଠିକି ଡାକିବ ମୁଁ ଯିବି ।

ନନ୍ଦକିଶୋର—(ଲେଡ଼ା)—'ଚନ୍ଦ୍ରଶେଖର' କବିତା ପ୍ରତିଯୋଗିତା ପାଇଁ ଯଥେଷ୍ଟ କବିତା ମିଳିନାହିଁ—ତମର ଗୋଟିଏ ଓ ଅନ୍ୟଟି ଶୈଳବାଳାଙ୍କର । ତେଣୁ ପ୍ରତିଯୋଗିତା ଉଠାଇ ଦିଆଗଲା—ତମ ଉଭୟରେ ତ ଉତ୍ସାହ ନାହିଁ । ମୁଁ ତମକୁ କେବେ ଭେଟିବି । ରାମଚନ୍ଦ୍ର ପାଢ଼ୀଙ୍କଠାରୁ ନିର୍ଦ୍ଦେଶ ପାଇଲେ 'ଉଗର'ର ନୂଆ ବର୍ଷରେ ପ୍ରତିଯୋଗିତା ପୁଣି ଆରମ୍ଭ କରିବ ।

## ନୂଆନାଗବରାଙ୍କ ନାମ

୭୧୩ । ଶ୍ରୀ ଲକ୍ଷ୍ମୀନିଧି ବେହେରା, ଭବାନୀପାଟଣା ହାଇସ୍କୁଲ, ୮ମ ଶ୍ରେଣୀ, କଳାହାଣ୍ଡି ଷ୍ଟେଟ । ୭୧୪ । ଶ୍ରୀ ଅଖିଳଚନ୍ଦ୍ର ଠାକୁର, ଭବାନୀପାଟଣା ହାଇସ୍କୁଲ, ୮ମ ଶ୍ରେଣୀ, କଳାହାଣ୍ଡି ଷ୍ଟେଟ । ୭୧୫ । ଶ୍ରୀ ସର୍ବେଶ୍ୱର ପଟ୍ଟନାୟକ ( ଅଗ୍ରଜ ) ନଳବନ ସରଞ୍ଜାମ କାର୍ଯ୍ୟାଳୟ, ପୋଃ ନଳବନ ଭାୟା ଓ୍ୟାର୍ବୀ । ୭୧୬ । ଶ୍ରୀ ଗିରିଜାଭୂଷଣ ପଟ୍ଟନାୟକ (ଅଗ୍ରଜ) C/o S. B. Patnaik, Forest Range Officer, P. O, Rangali, Dt. Sambalpur. । ୭୧୭ । ଶ୍ରୀ ଜଗତରାମ ପଟେଲ (ଅଗ୍ରଜ) ହାଇସ୍କୁଲ ଘେଣ୍ଟ, ପୋଃ ଅଃ ଗରସର, ଜିଃ ସମ୍ବଲପୁର ।

Digitized by srujanika@gmail.com

# ଦାର୍ଜିଲିଂ ବ୍ୟାଙ୍କ ଲିମିଟେଡ

ହେଡ ଅଫିସ—ଭବାନପୁର, କଲିକତା

**ଓଡ଼ିଶାର ଶାଖା ଅଫିସମାନ:—**

କଟକ-ମଙ୍ଗଳାବାଗ ଏବଂ ଚାନ୍ଦିନୀଚୌକ, ଖୋର୍ଦ୍ଧା ରୋଡ଼, ଖୋର୍ଦ୍ଧା, ପୁରୀ,
ବ୍ରହ୍ମପୁର ( ଗଞ୍ଜାମ )



**BANK'S OWN BUILDING AT CUTTACK.**

# DARJEELING BANK Ltd.

## Head Office:— Bhowanipur, CALCUTTA.

**ORISSA BRANCHES:—**

CUTTACK—MANGLABAG & CHANDNICHAWK PURI,
KHURDA ROAD, KHURDA, BERHAMPUR (GANJAM)

**OTHER BRANCHES:—**

**IN ALL IMPORTANT TRADE CENTRES.**

*Tele*—"**Rainbow**"— **Cal.**
*Phone*:—**P. K. 2681**

**B. MUKHERJEE**
*Mg. Director*


Digitized by srujanika@gmail.com

REG. No. P. 441

DAGARO—16-5-46.

**ଭୂତପୂର୍ବ ପ୍ରଧାନ ମନ୍ତ୍ରୀଙ୍କର**

**ଉଚ୍ଚ ପ୍ରଶଂସା**

ଶ୍ରୀ ପଦ୍ମଚରଣ ପଣ୍ଡା (ପାଞ୍ଚା-ଗମ) ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼କ୍ଟସ୍** ପରିଦର୍ଶନ କରି ମୁଁ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ **ଓଡ଼ିଆ** ଭଦ୍ରଲୋକଙ୍କର ଏ ପଥ-ପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

କୋଣାର୍କ କେମିକ୍ୟାଲ
ଏଣ୍ଡ ବିଉଟି ପ୍ରଡକ୍ଟସ୍
( କଣ୍ଡିସ୍ଥା )




---

ବ୍ୟବହାର୍ଯ୍ୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମୈତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

**ନବଦ୍ୱୀପ, ନାଗପୁର ।** **ସ୍ୱା ପି. ଏନ୍: ରାୟ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ **ଡିପୋଜିଟ୍**—ମାସକୁ ୫୲ ଜମା ଦେଲେ ୫ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୫ ୨୨୦ ଙ୍କା ପାଇବେ ।

Printed & published by G. C. Mahapatra at the Gopinath Press, Bhadrak. 1946.

Digitized by srujanika@gmail.com